A CONCISE

# ORIYA DICTIONARY

BY


**RAI MADHUSUDAN RAO, BAHADUR,**

*Retired Inspector of Schools*


# ସୁଖ-ବୋଧ ଅଭିଧାନ


ଓଡ଼ିଶା ସ୍କୁଲସମୂହର ଭୂତପୂର୍ବ ଇନ୍‌ସ୍ପେକ୍ଟର

ରାୟ୍ ମଧୁସୂଦନ ରାଓ ବାହାଦୁର-ସଙ୍କଳିତ



ପଞ୍ଚମ ସଂସ୍କରଣ

CUTTACK:

PRINTED AND PUBLISHED AT THE ORISSA MISSION PRESS,

BY S. F. ROBINSON,

1929

# ବିଜ୍ଞାପନ ।

ଛାତ୍ର, ଛାତ୍ରୀ ଓ ଅପର ପାଠକ-ପାଠିକାମାନଙ୍କର ଉପଯୋଗୀ ଏବଂ ମୂଲ୍ୟ ବିଷୟରେ ସୁଲଭ ଗୋଟିଏ ଓଡ଼ିଆ ଅଭିଧାନର ଅଭାବ-ପୂରଣାର୍ଥ ଏହି "ସୁଗମ-ବୋଧ ଅଭିଧାନ" ପ୍ରକାଶିତ ହେଲା । ଏଥିରେ ଅଧୁନାତନ ଓଡ଼ିଆ ସାହିତ୍ୟରେ ପ୍ରଚଳିତ ବା ପ୍ରଚଳନ-ଯୋଗ୍ୟ ପ୍ରାୟ ସମୁଦାୟ ଶବ୍ଦ ସନ୍ନିବେଶିତ ହୋଇଅଛି । ବିଶେଷ୍ୟ-କ୍ରିୟା-ପ୍ରଭୃତି ରୂପରେ ଶବ୍ଦମାନଙ୍କର ବର୍ଗୀକରଣ, ସଂସ୍କୃତ ଶବ୍ଦମାନଙ୍କର ଧାତୁ-ପ୍ରତ୍ୟୟାଦି-ନିର୍ଦ୍ଦେଶ, ତଦ୍ଭବ ଶବ୍ଦମାନଙ୍କର ମୂଳ-ନିରୂପଣ, ଏସବୁ ବିଷୟ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଅଛି । ମୁଁ ଏହି କ୍ଷୁଦ୍ରାବୟବ ଅଭିଧାନ ଖଣ୍ଡିକୁ ସର୍ବସାଧାରଣଙ୍କ ପକ୍ଷରେ ସୁଗମବୋଧ୍ୟ ଓ ଉପଯୋଗୀ କରିବାପାଇଁ ଚେଷ୍ଟା କରି, ଯେତେଦୂର କୃତକାର୍ଯ୍ୟ ହୋଇଅଛି, ତାହା ସାହିତ୍ୟ-ସେବୀ ସୁଧୀବର୍ଗଙ୍କର ବିବେଚ୍ୟ ।

ଉପସଂହାରରେ ବକ୍ତବ୍ୟ ଏହି ଯେ ପୁରୀ-ଜିଲ୍ଲା-ଅନ୍ତର୍ଗତ ଶ୍ରୀ ରାମଚନ୍ଦ୍ରପୁର ଶାସନ-ନିବାସୀ ଶ୍ରୀଯୁକ୍ତ ପଣ୍ଡିତ ଅର୍ତ୍ତତ୍ରାଣ ଦାସ ମହାଶୟ ଏହି ଅଭିଧାନର ସଂକଳନ ବିଷୟରେ ମୋର ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ମୁଁ ତନ୍ନିମିତ୍ତ ତାହାଙ୍କଠାରେ ଚିର-କୃତଜ୍ଞ ରହିଲି ।

କଟକ,
୮–୮–୧୯୧୬ ଖ୍ରୀଷ୍ଟାବ୍ଦ ।

ଶ୍ରୀ ମଧୁସୂଦନ ରାଓ ।

---

## ସାଙ୍କେତିକ ଚିହ୍ନ ।

| | |
|---|---|
| ବି. | ... ... ... ବିଶେଷ୍ୟ । |
| ବିଂ. | ... ... ... ବିଶେଷଣ । |
| ସଂ. | ... ... ... ସର୍ବନାମ । |
| କ୍ରି. | ... ... ... କ୍ରିୟା । |
| ଅଂ. | ... ... ... ଅବ୍ୟୟ । |
| କ୍ରି. ବିଂ. | ... ... ... କ୍ରିୟାବିଶେଷଣ । |

# ସୁଖବୋଧ ଅଭିଧାନ

**ଅ** ଆଦ୍ୟସ୍ୱର, ଶବ୍ଦ ପୂର୍ବରେ ବ୍ୟବହୃତ ହେଲେ, ନାହିଁ କିମ୍ବା ବିପରୀତ ଅର୍ଥ ପ୍ରକାଶ କରେ ।

ଅଁଳା, ଅଏଁଳା — ବି. ବୃକ୍ଷବିଶେଷ ଓ ତାହାର ଫଳ ।

ଅଁଇଠା, ଅଇଣ୍ଠା — ବି. ଉଚ୍ଛିଷ୍ଟ ।

ଅଁସାଳ-ବି. ଘାଅରେ ଥିବା ପଚ୍ଦ୍ରବ୍ୟରେ ପଡ଼ିଥିବା ପୋକ ।

ଅଇନା-ବି. ଦର୍ପଣ ।

ଅଇଣ୍ଡ୍ରିଆ-ବି. କ୍ଷୁଦ୍ର ଶିଶୁର ରୋଗବିଶେଷ ।

ଅଇର-ବି. ଅରି, ଶତ୍ରୁ ।

ଅଂଘ୍ରି-ବି. ଚରଣ ।

ଅଂଶ-ବି. ଭାଗ ।

ଅଂଶତଃ-କ୍ରି. ବିଂ. କିୟଦଂଶରେ ।

ଅଂଶୀ-ବିଂ. (ଅଂଶ-ଇନ୍) ଭାଗୀ ।

ଅଂଶୁ-ବି. କିରଣ, ସୂତ୍ର ।

ଅଂଶୁକ-ବି. ସୂକ୍ଷ୍ମ ବସ୍ତ୍ର ।

ଅଂଶୁମାନ୍-ବି. (ଅଂଶୁ-ମତୁ) ସୂର୍ଯ୍ୟ ।

ଅଂଶୁମାଳୀ-ବି. (ଅଂଶୁ-ମାଳା-ଇନ୍) ସୂର୍ଯ୍ୟ ।

ଅଂସ-ବି. ସ୍କନ୍ଧ ।

ଅକଣ୍ଟକ-ବିଂ. କଣ୍ଟକଶୂନ୍ୟ, ନିର୍ବିଘ୍ନ ।

ଅକଣ୍ଡ଼ା-ବିଂ. ଯାହା କଣ୍ଡ଼ା ହୋଇ ନାହିଁ ।

ଅକଥନୀୟ-ବିଂ. (ଅ-କଥ୍ + ଅନୀୟ) ଅକଥ୍ୟ ।

ଅକପଟ-ବିଂ. ସରଳ ।

ଅକର୍ମକ-ବିଂ. (ବ୍ୟାକରଣରେ) ଯାହାର କର୍ମ ନାହିଁ ।

ଅକର୍ମଣ୍ୟ-ବିଂ. (ଅ-କର୍ମନ୍-ଯ) ଅକର୍ମା, ନିକମା ।

ଅକରକରା-ବି. ଏକପ୍ରକାର ଗୁଳ୍ମ ।

ଅକରାନ୍ତି-ବି. ଏକପ୍ରକାର ଗୁଳ୍ମ ।

ଅକଲ୍-ବି. ବୁଦ୍ଧି ।

ଅକାଳ-ବି. କଠିନ ଅବସ୍ଥା ।

ଅକଳଙ୍କ-ବିଂ. ନିର୍ମଳ ।

ଅକଳନୀୟ, ଅକଳିତ — ବିଂ. ଯାହା କଳନା କରାଯାଇ ନ ପାରେ ।

ଅକସ-ବି. ଅଦ୍ୱେଷ, ବାଦ ।

ଅକସ୍ମାତ୍-ଅ. (ଅ-କସ୍ମାତ୍) ହଠାତ୍ ।

ଅକାଠ } ବି. ଯେଉଁ ଔଷଧ ଖାଇଲେ ବା
ଅକାଟ୍ଟ } ଧାରଣ କଲେ ଅସ୍ତ୍ରାଘାତ କାଟେ ନାହିଁ ।

ଅକାଣ୍ଡେ-କ୍ରି.ବିଂ.(ଅ-କାଣ୍ଡ=ସମୟ)ଅକସ୍ମାତ୍ ।

ଅକାଟ୍ୟ-ବିଂ. ଅଖଣ୍ଡନୀୟ ।

ଅକାନବିନ୍ଦି-ବି. ଫୁଲବିଶେଷ ।

ଅକାତ } ଯାହା କାଟିହୋଇ ମିପାଯାଇ
ଅକାତକାତ } ନ ପାରେ ।

ଅକାଲ ବି. ଦୁଃସମୟ, ଦୁର୍ଭିକ୍ଷ ।

ଅକାଲକୁଷ୍ମାଣ୍ଡ-ବି. ଅକର୍ମଣ୍ୟ (ବ୍ୟକ୍ତି ସମ୍ବନ୍ଧରେ) ।

ଅକିଞ୍ଚନ-ବିଂ. (ଅ-କିଞ୍ଚନ) ଦରିଦ୍ର, ନିର୍ଧନ ।

ଅକିଞ୍ଚିତ୍କର-ବିଂ. (ଅ-କିଞ୍ଚିତ୍-କର) ସାମାନ୍ୟ, ତୁଚ୍ଛ ।

ଅକୀର୍ତ୍ତି-ବି. ନିନ୍ଦା, ଦୁର୍ନାମ ।

ଅକୁତୋଭୟ-ବିଂ.(ଅ-କୁତଃ-ଭୟ) ନିର୍ଭୟ ।

ଅକୁଣ୍ଠିତ-ବିଂ. (ଅ-କୁଣ୍ଠ-ତ) ଅବ୍ୟାହତ, ଅସଂକୁଚିତ ।

ଅକୂଳ-ବିଂ. ଅପାର ।

ଅକୂପାର-ବି. ସମୁଦ୍ର ।

ଅକୃତଜ୍ଞ-ବିଂ. (ଅ-କୃତ-ଜ୍ଞା-ଅ) ଯେ ଉପକାର ମାନେ ନାହିଁ; ନିମକ୍‌ହାରାମ୍ ।

ଅକୃତ୍ରିମ-ବିଂ. (ଅ + କୃ + ତ୍ରିମ) ବିଶୁଦ୍ଧ ।

ଅକ୍ତ-ବିଂ. (ଅଞ୍ଜ୍ + ତ) ଲିପ୍ତ ।

ଅକ୍ଲେଶ-ବି. ଅନାୟାସ ।

ଅକ୍ଷ-ବି. ପଶା; ଗ୍ରହଭ୍ରମଣପଥ ।

ଅକ୍ଷତ-ବିଂ. (ଅ-କ୍ଷତ) ଆଘାତଶୂନ୍ୟ; ଅଖଣ୍ଡିତ;
ବି. ଅଭଗ୍ନ ଉଅଙ୍କୁଳ ।

ଅକ୍ଷଦଣ୍ଡ-ବି. ମେରୁଦଣ୍ଡ ।

ଅକ୍ଷମ-ବିଂ (ଅ-କ୍ଷମ) ଶକ୍ତିହୀନ ।

ଅକ୍ଷମାଳା-ବି. ଜପମାଳା ।

ଅକ୍ଷୟ-ବିଂ. (ଅ-କ୍ଷୟ) ଚିରସ୍ଥାୟୀ ।

ଅକ୍ଷର-ବି. ଅ, ଆ ପ୍ରଭୃତି ବର୍ଣ୍ଣ ; ବିଂ. ଅଚ୍ୟୁତ ।

ଅକ୍ଷରେଖା-ବି. ଭୂଗୋଲକ ଉପରେ କଳ୍ପିତ ମଣ୍ଡଳାକାର ରେଖାବିଶେଷ ।

ଅକ୍ଷାଂଶ-ବି. ବିଷୁବରେଖାର ଉତ୍ତର ଦକ୍ଷିଣରେ ପୂର୍ବ ପଶ୍ଚିମକୁ ୯୦ ସମାନ ଅଂଶରେ ବିଭକ୍ତ କରାଯାଏ; ସେହି ଏକ ଏକ ଅଂଶର ନାମ ଅକ୍ଷାଂଶ ।

ଅକ୍ଷି-ବି. ଚକ୍ଷୁ ।

ଅକ୍ଷୁଣ୍ଣ-ବିଂ. ପୂର୍ଣ୍ଣ, ଅଖଣ୍ଡିତ ।

ଅଖ-ବି. (ଅକ୍ଷଶବ୍ଦଜ) ଗାଡ଼ିର ଦୁଇ ଚକ ମଧ୍ୟରେ ଥିବା କାଷ୍ଠଦଣ୍ଡ; ଅଭ୍ୟାସ ।

ଅଖଞ୍ଜ-ଅସ୍ବୁବିଧା ।

ଅଖଣ୍ଡ-ବିଂ. (ଅ-ଖଣ୍ଡ) ସମଗ୍ର, ପୂର୍ଣ୍ଣ ।

ଅଖା-ବି. ଝୋଟନିର୍ମିତ ବସ୍ତ୍ର ।

ଅଖାଡ଼ୁଆ-ବିଂ. ବିବେଚନାଶୂନ୍ୟ (ଲୋକ) ।

ଅଖାତ-ବି. (ଅ + ଖନ୍-ତ) (ଭୂଗୋଳରେ) ଉପସାଗର ।

ଅଖିଆ-ବିଂ. ଯେ ଖାଇ ନ ଥାଏ

ଅଖିଳ-ବିଂ. ସମସ୍ତ ।

ଅଖୁଣ-ବିଂ. ଯାହାର ଖୁଣ ନାହିଁ ।

ଅଖ୍ୟାତି-ବି. ନିନ୍ଦା ।

ଅଗ-ବି. (ଅଗ୍ରଶବ୍ଦଜ) ଅଗ୍ରଭାଗ ।

ଅଗଣନ-ବିଂ. (ଅ-ଗଣ୍+ଅନ) ଅସଂଖ୍ୟ ।

ଅଗଣା-ବି. (ଅଙ୍ଗନଶବ୍ଦଜ) ଗୃହମଧ୍ୟରେ ଥିବା ମୁକ୍ତଭୂମି ।

ଅଗଣା-ବିଂ. (ଗଣ୍ଧାତୁରୁ) ଅସଂଖ୍ୟ ।

ଅଗଣ୍ୟ-ବିଂ (ଅ-ଗଣ୍-ଯ) ଅସଂଖ୍ୟ ।

ଅଗନା।ଅଗନି-ବିଂ. ଅଗମ୍ୟ ।

ଅଗତି-ବିଂ. ନିରୁପାୟ ।

ଅଗତ୍ୟା-ଅଂ. ଅନ୍ୟ ଗତି ନ ଥିବାରୁ ।

ଅଗମ୍ୟ-ବିଂ. (ଅ+ଗମ୍-ଯ) ଯାହା ଗମନର ଅଶକ୍ୟ ବା ଅଯୋଗ୍ୟ ।

ଅଗର-ବି. (ଅଗୁରୁ ଶବ୍ଦରୁ) କୃଷ୍ଣଚନ୍ଦନ ।

ଅଗବଥୁ-ବି. ବୃକ୍ଷବିଶେଷ ।

ଅଗାଡ଼ି-ବି. ଯେଉଁ ଧାନରେ ଚାଉଳ ନ ଥାଏ, ଅସାର ।

ଅଗାଧ-ବିଂ. ଅତଳସ୍ପର୍ଶ ; ଅତି ଗଭୀର ।

ଅଗାଧୁଆ-ବିଂ. ଯେ ଗାଧୋଇ ନାହିଁ ।

ଅଗାର-ବି. ଗୃହ ।

ଅଗୁରୁ-ବି. କୃଷ୍ଣଚନ୍ଦନ ।

ଅଗୋଚର-ବିଂ. ଅଜ୍ଞାତ ।

ଅଗ୍ନି-ବି. ନିଆଁ, ଅନଳ ।

ଅଗ୍ନିଶର୍ମା-ବିଂ. (ଅଗ୍ନି-ଶର୍ମନ୍) ମହାକ୍ରୋଧୀ ।

ଅଗ୍ନିଷ୍ଟୋମ-ବି. (ଅଗ୍ନି+ସ୍ତୁ+ମ) ଯାଗବିଶେଷ ।

ଅଗ୍ନିହୋତ୍ର-ବି. (ଅଗ୍ନି+ହୁ+ତ୍ର) ଦୈନିକ ହୋମ ।

ଅଗ୍ର-ବି. ଶିଖର ।

ଅଗ୍ରଜ-ବି. (ଅଗ୍ର-ଜନ୍-ଅ) ଜ୍ୟେଷ୍ଠ ।

ଅଗ୍ରଣୀ-ବି. (ଅଗ୍ର+ନୀ) ନେତା, ସେନାପତି ।

ଅଗ୍ରତେ-ଅଂ. ସମ୍ମୁଖରେ ।

ଅଗ୍ରହାୟଣ-ବି. ମାର୍ଗଶୀର୍ଷମାସ ।

ଅଗ୍ରିମ-ବିଂ. (ଅଗ୍ର-ଇମ) ଆଗରୁଆ ।

ଅଘ-ବି. ପାପ ।

ଅଘଟନ-ବିଂ. (ଅ+ଘଟ୍+ଅନ) ଅସୁନ୍ଦର, ଅସମ୍ଭବ ।

ଅଙ୍କ-ବି. (ଅନ୍କ୍+ଅ) ଚିହ୍ନ, ସଂଖ୍ୟା, କଳଙ୍କ, କୋଡ଼ ।

ଅଙ୍କନ-ବି. (ଅନ୍କ୍+ଅନ) ଚିହ୍ନକରଣ, ରେଖା ପ୍ରଭୃତି ଦ୍ୱାରା ଚିହ୍ନ କରିବା ।

ଅଙ୍କଶାସ୍ତ୍ର-ବି. ପାଟୀଗଣିତ ।

ଅଙ୍କିତ-ବିଂ. (ଅନ୍କ୍+ତ) ଚିହ୍ନିତ ।

ଅଙ୍କୁର-ବି. ଗଜା ।

ଅଙ୍କୁଶ-ବି. ହସ୍ତିତାଡ଼ନ ଦଣ୍ଡ ।

ଅଙ୍ଗ-ବି. ହସ୍ତ ପଦାଦି; ଦେହର ଅଂଶ ।

ଅଙ୍ଗଦ-ବି. ବାଜୁ ।

ଅଙ୍ଗନ-ବି. ଅଗଣା ।

ଅଙ୍ଗନା-ବି. ସ୍ତ୍ରୀ ।

ଅଙ୍ଗରାଗ-ବି. ଚନ୍ଦନପ୍ରଭୃତି ଗାତ୍ରଲେପନ ଦ୍ରବ୍ୟ ।

ଅଙ୍ଗରଖା-ବି. (ଅଙ୍ଗ-ରକ୍ଷା) ଏକପ୍ରକାର କୁର୍ତ୍ତା ।

ଅଙ୍ଗା-ବ. ଘରର ଏକପଟ ।

ଅଙ୍ଗାରକାମ୍ଳ-ବ. ଦୂଷିତ ବାଷ୍ପବିଶେଷ ।

ଅଙ୍ଗୀକାର-ବ. (ଅଙ୍ଗ-ଈ+କୃ+ଅ) ସ୍ୱୀକାର, ସମ୍ମତ ।

ଅଙ୍ଗୀକୃତ-ବି. ସ୍ୱୀକୃତ ।

ଅଙ୍ଗୁଛ-ବ. ଗାମୁଛ ।

ଅଙ୍ଗୁର-ବ. ଦ୍ରାକ୍ଷାଫଳ ।

ଅଙ୍ଗୁରୀୟ-ବ. ମୁଦ ।

ଅଙ୍ଗୁଳି-ବ. ଅଙ୍ଗୁଳି ।

ଅଙ୍ଗୁଷ୍ଠ-ବ. ବୁଢ଼ାଅଙ୍ଗୁଳି ।

ଅଚର-ବି. (ଅ-ଚର୍-ଅ) ସ୍ଥାବର ।

ଅଚଳ ବି. (ଅ-ଚଳ୍-ଅ) ଗତିହୀନ, ବ. ପର୍ବତ ।

ଅଚାନକ-ବ. ହଠାତ୍ ଉପସ୍ଥିତ ମାସ୍ତଭସ୍ ।

ଅଚିନ୍ତ୍ୟ-ବି. ଯାହା ଚିନ୍ତାର ଅଗତ ।

ଅଚିହ୍ନା-ବି. ଅପରିଚିତ ।

ଅଚିର-ବି. କ୍ଷଣିକ; ଚଞ୍ଚଳ ।

ଅଚିରାତ୍-ଅ. ଅବିଳମ୍ବେ; ଶୀଘ୍ର ।

ଅଚେତନ-ବି. ଚେତନାଶୂନ୍ୟ; ଜଡ଼ ।

ଅଚ୍ଛବ / ଅଚ୍ଛୁଆଁ } ବି. ଅସ୍ପୃଶ୍ୟ (ଜାତକାଣ୍ଡ) ।

ଅଛି-କ୍ରି. (ଅସ୍ତିଶବ୍ଦରୁ) ହେବା ବା ରହିବା ଅର୍ଥରେ ।

ଅଚ୍ଛ-ବି. ନିର୍ମଳ ।

ଅଚ୍ଛେଦ୍ୟ-ବି. (ଅ+ଛିଦ୍+ଯ) ଯାହା ଛେଦନ କରିବାର ନୁହେଁ ।

ଅଜ-ବି. ଜନ୍ମରହିତ; ବ. ଛେଳି ।

ଅଜଗର-ବ. ବୃହତ୍ ସର୍ପ ।

ଅଜଡ଼ା-ବି. ଚଳା ।

ଅଜଣା-ବି. ଅଜ୍ଞ; ଅଜ୍ଞାତ ।

ଅଜପା-ବି. ଯାହା ମୁଖରେ ଜପାଯାଏ ନାହିଁ ।

ଅଜମ୍ବର-ବି. (ଅଜରାମର ଶବ୍ଦରୁ) ଯେ ବୃଦ୍ଧ ହୁଏ ନାହିଁ ନ ମରେ ନାହିଁ ।

ଅଜର-ବି. (ଅ+ଜୃ+ଅ) ଜରାରହିତ । ବ. ଦେବତା ।

ଅଜସ୍ର-ବି. ଅବିରତ ।

ଅଜା-ବ. (ଅଜ-ଆ) ମାଈଛେଳି ।

ଅଜା-ବ. (ଆର୍ଯ୍ୟଶବ୍ଦରୁ) ମାତାମହ ବା ପିତାମହ ।

ଅଜାଡ଼ିପଡ଼ିବା-କ୍ରି. ଶୀଘ୍ର ଜମାହୋଇ ପଡ଼ିବା ।

ଅଜାଡ଼ିବା-କ୍ରି. ଢାଳିବା ।

ଅଜାଶୁର-ବ. (ଆର୍ଯ୍ୟଶ୍ୱଶୁର) ସ୍ୱାମୀର ବା ପତ୍ନୀର ପିତାମହ ବା ମାତାମହ ।

ଅଜିନ-ବ. ମୃଗଚର୍ମ ।

ଅଜିର-ବ. ଅଗଣା ।

ଅଜୀର୍ଣ୍ଣ-ବ. (ଅ-ଜୃ+ତ) ଉଦରାମୟ ରୋଗ ।

ଅଜେୟ-ବି. (ଅ+ଜି+ଯ) ଯାହାକୁ ଜିଣାଯାଏ ନାହିଁ ।

ଅଜ୍ଞ-ବି. (ଅ-ଜ୍ଞା-ଅ) ଅଜ୍ଞାନ, ମୂର୍ଖ ।

ଅଜ୍ଞତା-ବ. ମୂର୍ଖତା ।

ଅଜ୍ଞେୟ-ବି. (ଅ-ଜ୍ଞା+ଯ) ଜ୍ଞାନାତୀତ ।

ଅଞ୍ଚଳ-ବି. ଶାଢୀର ପଣତ ; ପ୍ରଦେଶ ।

ଅଞ୍ଜନ-ବି. (ଅନ୍‌ଜ୍‌+ଅନ) କଜ୍ଜଳ ।

ଅଟକ-ବି. ବାଧା, ବନ୍ଦ ।

ଅଟକଳ-ବି. ଅନୁମାନ ; ଅନ୍ଦାଜ ।

ଅଟକାଳି-ବି. ଯାଉ ।

ଅଟନ-ବି. (ଅଟ୍+ଅନ) ଭ୍ରମଣ ।

ଅଟଳ ବିଂ. ସ୍ଥିର ।

ଅଟବୀ-ବି. ବନ ।

ଅଟା-ବି. ଗହମ ଓ ଚାଉଳାଦିର ଚୂନା ।

ଅଟ୍ଟହାସ-ବି. ଉଚ୍ଚହାସ ।

ଅଟ୍ଟାଳୀ, ଅଟ୍ଟାଳିକା } ବି. କୋଠାଘର ।

ଅଟେଇ-ବି. ଗୋରୁଖୁଅଡ଼ ।

ଅଠଚାଳିଶ-ବିଂ. ୪୮ ।

ଅଠତିରିଶ-ବିଂ. ୩୮ ।

ଅଠର-ବିଂ. (ଅଷ୍ଟାଦଶଶବ୍ଦଜ) ୧୮ ସଂଖ୍ୟା ।

ଅଠଷଠି-ବିଂ. ୬୮ ।

ଅଠସ୍ତରି-ବିଂ. ୭୮ ।

ଅଠା-ବି. ଯୋଡିବାପାଇଁ ନିର୍ଯ୍ୟାସ ବା ଲେହ ।

ଅଠାଇଶ-ବିଂ. ୨୮ ।

ଅଠାକାଠି, ଅଠାକାଣ୍ଡିଆ } ବି. ପକ୍ଷୀ ଧରିବାର ଏକପ୍ରକାର କଳ ।

ଅଠାନବେ-ବିଂ. ୯୮ ।

ଅଠାବନ-ବିଂ. ୫୮ ।

ଅଠାଳିଆ-ବିଂ. ଅଠାଯୋଗୁଁ ଚଟଚଟିଆ ।

ଅଠାଶୀ-ବିଂ ୮୮ ।

ଅଡ଼ଙ୍ଗ-ବି. ଜନଙ୍କ ଦ୍ରବ୍ୟ ବା ଜୁଣର ଉପୁରୁ ସ୍ଥାନ ।

ଅଡ଼ା-ବି. ଧାନ୍ୟାଦି ମାପିବାର ମାଣ ; ପୋଷା ଶୁଆ ରଖିବାର ଲୌହନିର୍ମିତ ଆଧାର ।

ଅଡ଼ାଇବା-କ୍ରି. ଚଳାଇବା । (ପଶୁମାନଙ୍କୁ) ।

ଅଡ଼ିବା-କ୍ରି. ଉଚ୍ଛୃଙ୍ଖଳ ହେବା ; ଅବାଧ୍ୟ ହେବା ।

ଅଡୁଆ-ବିଂ. ଜଟିଳ ; ଗୋଳମାଳିଆ ; ଅଶାନ୍ତ ।

ଅଢ଼ଙ୍ଗ-ବି. (ଦେଶଜ) ସାନପିଣ୍ଡା ।

ଅଢ଼ପା-ବିଂ. (ଅ-ଢପ୍+ଆ) ଅସୁନ୍ଦର ।

ଅଢ଼େଇ-ବି. ଦୁଇ ଓ ଏକର ଅର୍ଦ୍ଧ ।

ଅଢ଼େଇଆ-ବି. ଅଢେଇସେରିଆ ମାଣ, ଅଢ଼େଇଗୁଣ ।

ଅଢ଼େଇଦିନିଆ-ବିଂ. ଅଳ୍ପକାଳସ୍ଥାୟୀ ।

ଅଣ-ବି. ବ୍ୟଞ୍ଜନର ରସ ।

ଅଣକ-ବି. ଢଙ୍କା ।

ଅଣଖିଲା-ବି. ଗାଡିଚକ ଅଟକାଇବାର ଖିଲ ।

ଅଣଖୁଆ-ବି. (ଅନକ୍ଷୁଶବ୍ଦଜ) ତୃଣବିଶେଷ ।

ଅଣଚାଶ-ବିଂ. ୪୯ ।

ଅଣନବେ-ବିଂ. ୮୯ ।

ଅଣନାଡି-ବି. ନାଭିର ପୁଅ ।

ଅଣପୁରୁଷା-ବିଂ. ନପୁଂସକ ।

ଅଣବାବୁଆ-ବିଂ. ଜାରଜ ।

ଅଣସର-(ଅନବସରଶବ୍ଦରୁ) ସ୍ନାନ ରଥଯାତ୍ରାର ପୂର୍ବ ଏକପକ୍ଷକାଳ ।

ଅଣା-ବି. ଟଙ୍କାର ଷୋଳଭାଗର ଭାଗେ ।

ଅଣାଅଣି-ବିଂ. ୭୧ ।

ଅଣି-ବି. ଏକପଣାମୂଲ୍ୟର ମୁଦ୍ରା ।

ଅଣୁ-ବି. ସୂକ୍ଷ୍ମକଣିକା ।

ଅଣୁବୀକ୍ଷଣ-ବି. (ଅଣୁ-ବି-ଈକ୍ଷ୍-ଅନ) ଚକ୍ଷୁର ଅଗୋଚର କ୍ଷୁଦ୍ର ପଦାର୍ଥ ଦର୍ଶନାର୍ଥ ଯନ୍ତ୍ର ।

ଅଣେଇବା-କ୍ରି. ଏକଅଡ଼କୁ ଢଳେଇବା ।

ଅଣ୍ଟା-ବି. କଟିଦେଶ ।

ଅଣ୍ଟାଖୋସା-ବି. ଗଞ୍ଜ ।

ଅଣ୍ଟି-ବି. ପିନ୍ଧିବା ବସ୍ତ୍ରର ଗାଣ୍ଠୀକୃତ ସମ୍ମୁଖାଂଶ ।

ଅଣ୍ଟିଧନ-ବି. ଅଣ୍ଟିରେ ରକ୍ଷିତ ଧନ ।

ଅଣ୍ଟିବା-କ୍ରି. ଯଥେଷ୍ଟ ହେବା ।

ଅଣ୍ଟେଇବା-କ୍ରି. ଅଣ୍ଟାରେ ଟେକିବା ।

ଅଣ୍ଡ }
ଅଣ୍ଡା } ବି. (ଅମ୍+ଡ) ଡିମ୍ବ ।

ଅଣ୍ଡଜ-ବିଂ. (ଅଣ୍ଡ-ଜନ୍-ଅ) ଡିମ୍ବରୁ ଜାତ ଜନ୍ତୁ ।

ଅଣ୍ଡାଳିବା-କ୍ରି. ଦସ୍ତ୍ରିବା ।

ଅଣ୍ଡିରା-ବିଂ. (ଅଣ୍ଡ+ଈର) ପୁଂସ ବା ପୁରୁଷ-ଜାତୀୟ ଜନ୍ତୁ ।

ଅଣ୍ଡିରାଚଣ୍ଡୀ-ବି. ଲଜ୍ଜାହୀନା ନାରୀ ।

ଅତଏବ-ଅଂ. (ଅତଃ-ଏବ) ଏହିହେତୁରୁ ।

ଅଡ଼ଡ଼ା-ବି. (ଅଡ୍ଡାଶବ୍ଦଜ) ଜମାଭଟ ।

ଅତଣ୍ଡି-ବି. (ଦେଶଜ) ଶୈତପଦ ଲତାବିଶେଷ ।

ଅତର-ବି. ଗୋଲାପାଦି ଫୁଲରୁ ପ୍ରସ୍ତୁତ ତରଳ ସୁଗନ୍ଧଦ୍ରବ୍ୟ ।

ଅତୁରା-ବି. କର୍ଣ୍ଣବାଧକ ଶବ୍ଦ ।

ଅତର୍କିତ-ବିଂ. (ଅ-ତର୍କିତ) ଅଲକ୍ଷିତ, ହଠାତ୍ ।

ଅତର୍ଚ୍ଛ-(ଅତି+ତର୍ଚ୍ଛ) ମହାଭୟ ।

ଅତଳ-ବିଂ. ଅଗାଧ ।

ଅତଳସ୍ପର୍ଶ-ବିଂ. (ଅତଳ-ସ୍ପୃଶ୍-ଅ) ଅଗାଧ ; ଅତିଗମ୍ଭୀର ।

ଅତସୀ-ବି. ପୁଷ୍ପବୃକ୍ଷ ।

ଅତି-ଅତ୍ୟନ୍ତ-ବାଚକ ଉପସର୍ଗ । ଅଂ. ଅତ୍ୟନ୍ତ ।

ଅତିକ୍ରମ-ବି. (ଅତି-କ୍ରମ୍-ଅ) ଲଙ୍ଘନ ।

ଅତିକ୍ରାନ୍ତ-ବିଂ. (ଅତି-କ୍ରମ୍-ତ) ଅତୀତ, ଲଙ୍ଘିତ ।

ଅତିଥି-ବି. ଅଭ୍ୟାଗତ ।

ଅତିପାତ-ବି. (ଅତି-ପତ୍-ଅ) ଯାପନ ।

ଅତିବଡ଼ୀ-ବି. ଓଡ଼ିଶାର ଜଗନ୍ନାଥ ଦାସଙ୍କ ପ୍ରତିଷ୍ଠିତ ବୈଷ୍ଣବ ସମ୍ପ୍ରଦାୟ ।

ଅତିବାଦ-ବି. ଅତ୍ୟୁକ୍ତି ।

ଅତିମାନୁଷ-ବିଂ ଅଲୌକିକ ।

ଅତିରିକ୍ତ-ବିଂ ଅଧିକ ।

ଅତିରେକ-ବି. (ଅତି-ରିଚ୍-ଅ) ଆଧିକ୍ୟ ।

ଅତିବାହିତ-ବିଂ. ଯାପିତ ।

ଅତିଶୟ-ବି. (ଅତି-ଶୀ-ଅ) ଅତିରେକ ; ବିଂ. ଅତିରିକ୍ତ ।

ଅତିଶୟୋକ୍ତି-ବି. ଅତ୍ୟୁକ୍ତି, ଅର୍ଥାଲଙ୍କାର-ବିଶେଷ ।

ଅତିସାର-ବି. ଉଦରାମୟ ।

ଅତୀତ-ବିଂ. ଭୂତ, ବିଗତ ।

ଅତୀନ୍ଦ୍ରିୟ-ବିଂ. ଇନ୍ଦ୍ରିୟର ଅଗୋଚର, ଅପ୍ରତ୍ୟକ୍ଷ ।

ଅତୀବ-ବିଂ. (ଅତି-ଇବ) ଅତ୍ୟନ୍ତ ।

ଅତୁଲ, ଅତୁଲ୍ୟ-ବିଂ. ଅନୁପମ ।

ଅତ୍ୟନ୍ତ-ବିଂ. (ଅତି-ଅନ୍ତ) ଅଧିକ ।

ଅତ୍ୟୟ-ବି. (ଅତି-ଇ-ଅ) ଅତିକ୍ରମ ।

ଅତ୍ୟାଚାର-ବି. (ଅତି-ଆ-ଚର୍-ଅ) ଉତ୍ପୀଡ଼ନ ।

ଅତ୍ୟାହିତ-ବି. (ଅତି-ଆ-ଧା-ତ) ଅତ୍ୟନ୍ତ ଭୟ ।

ଅତ୍ୟୁକ୍ତି-ବି. (ଅତି-ବଚ୍-ତି) ଅଧିକ ଉକ୍ତି ; ବଢ଼ାଇ କହିବା ।

ଅତ୍ର-ଅଂ. (ଇଦମ୍-ତ୍ର) ଏଠାରେ ।

ଅତ୍ରତ୍ୟ-ବିଂ. ଏତତ୍‌ସ୍ଥାନୀୟ ।

ଅତ୍ରି-ବି. ଋଷିବିଶେଷ ।

ଅଥ-ଅଂ. ଅନନ୍ତର ।

ଅଥଚ-ଅଂ. ତଥାପି ।

ଅଥର୍ବ-ବି. ଚତୁର୍ଥ ବେଦ ।

ଅଥବା-ଅଂ. କିମ୍ବା ; ଅବା ।

ଅଥୟ-ବିଂ. ଅସ୍ଥିର ; ଚଞ୍ଚଳ ।

ଅଥର୍ପା-ବିଂ. (ଅସ୍ଥିରପାଦ ଶବ୍ଦରୁ) ଅଶାନ୍ତୁଆ ।

ଅଥଳ-ବିଂ. (ଅ-ସ୍ଥଳ) ଗଭୀର ।

ଅଥାଉ-ପିଠାସିଝାଇବା ପାତ୍ର ।

ଅଦା-ବି. (ଆର୍ଦ୍ରକ ଶବ୍ଦଜ). ଗୁଳ୍ମବିଶେଷ ଓ ତାହାର କନ୍ଦା ।

ଅଦାଉତି-ବି. ଅହିତ ।

ଅଦାଲତ-ବି. ବିଚାରାଳୟ ।

ଅଦିତି-ବି. ଦେବମାତା ।

ଅଦୂର-ବିଂ. ନିକଟ ।

ଅଦୃଷ୍ଟ-ବି. (ଅ-ଦୃଶ୍‌+ତ) ଭାଗ୍ୟ ; ବିଂ. ଅଦେଖା ।

ଅଦ୍ୟ-ଅଂ. ଆଜି ।

ଅଦ୍ୟତନ-ବିଂ. (ଅଦ୍ୟ-ତନ) ଆଜିର ।

ଅଦ୍ୟାବଧି-ଅଂ. (ଅଦ୍ୟ-ଅବଧି) ଆଜି-ପର୍ଯ୍ୟନ୍ତ ।

ଅଦ୍ୱିତୀୟ-ବିଂ. (ଅ-ଦ୍ୱି-ତୀୟ) ଯାହାର ଦ୍ୱିତୀୟ ନାହିଁ ।

ଅଦ୍ୱୈତ-ବି. (ଅ-ଦ୍ୱୈତ) ଯହିଁରେ ଦ୍ୱୈତ ବା ଭେଦ ନାହିଁ ।

ଅଦ୍ୱୈତବାଦୀ-ବିଂ. (ଅଦ୍ୱୈତ-ବଦ୍-ଇନ୍) ଯେଉଁମାନେ କହନ୍ତି ଈଶ୍ୱରଙ୍କ ଅନ୍ୟ ପଦାର୍ଥ ନାହିଁ ।

ଅଦ୍ଭୁତ-ବିଂ. ବିସ୍ମୟଜନକ ।

ଅଦ୍ରି-ବି. ପର୍ବତ ।

ଅଧ, ଅଧା, ଅଧେ-ବି. (ଅର୍ଦ୍ଧଶବ୍ଦଜ) ଅର୍ଦ୍ଧ ।

ଅଧଃ-ଅଂ. ନିମ୍ନ ; ତଳ ପ୍ରଦେଶ ।

ଅଧଃପାତ-ବି. ତଳକୁ ପଡ଼ିବା ; ଉତ୍ସନ୍ନ ହେବା ।

ଅଧମ-ବିଂ. ନୀଚ, ଅପକୃଷ୍ଟ ।

ଅଧମର୍ଣ୍ଣ-ବିଂ. (ଅଧମ-ଋଣ) ଧାରୁଆ ।

ଅଧମାଙ୍ଗ-ବି. (ଅଧମ-ଅଙ୍ଗ) ପାଦ ; ଚରଣ ।

ଅଧର-ବି. ନିମ୍ନ ଓଷ୍ଠ ।

ଅଧର୍ମ-ବି. ପାପ ; ଦୁଷ୍କୃତ ।

ଅଧଲ-ବି. ପଇସାର ଅର୍ଦ୍ଧ ।

ଅଧଲିକିଆ-ବିଂ. (ଅଧଲାଶବ୍ଦରୁ) ଯାହାର ମୂଲ୍ୟ ଅଧଲାଏ ।

ଅଧସ୍ତନ-ବିଂ. (ଅଧଃ-ତନ) ନିମ୍ନସ୍ଥ; ଅଧୀନସ୍ଥ ।

ଅଧି-ଅଂ. ଆଧିକ୍ୟ ବା ପ୍ରାଧାନ୍ୟବୋଧକ ଉପସର୍ଗ ।

ଅଧିକ-ବିଂ. (ଅଧି-କ) ବେଶୀ ।

ଅଧିକନ୍ତୁ-ଅଂ. (ଅଧିକଂ-ତୁ) ଅହୁରିମଧ୍ୟ ।

ଅଧିକରଣ-ବି. (ଅଧି-କୃ-ଅନ) ଆଧାର, ବ୍ୟାକରଣ-କାରକବିଶେଷ ।

ଅଧିକାର-ବି. (ଅଧି-କୃ-ଅ) ସ୍ୱତ୍ୱ, ପ୍ରଭୁତ୍ୱ ।

ଅଧିକାରୀ-ବିଂ. (ଅଧି-କୃ-ଇନ୍) ପ୍ରଭୁ ।

ଅଧିକୃତ-ବିଂ. ଅଧୀନ ।

ଅଧିଗତ-ବିଂ. (ଅଧି-ଗମ୍-ତ) ପ୍ରାପ୍ତ, ଜ୍ଞାତ ।

ଅଧିଗମ୍ୟ-ବିଂ. (ଅଧି-ଗମ୍-ଯ) ସୁଗମ୍ୟ ।

ଅଧିତ୍ୟକା-ବି. (ଅଧି-ତ୍ୟକ-ଅ) ପର୍ବତର ଉପରିସ୍ଥ ସମତଳ ଭୂମି ।

ଅଧିନାୟକ-ବି. (ଅଧି-ନୀ-ଅକ) ପ୍ରଧାନ ନେତା, ଅଧ୍ୟକ୍ଷ ।

ଅଧିପ-ବି. (ଅଧି-ପା-ଅ) ରାଜା, ପ୍ରଭୁ ।

ଅଧିମାସ-ବି. (ଅଧି=ଅଧିକ-ମାସ) ମଳମାସ ।

ଅଧିରୂଢ଼-(ଅଧି-ରୁହ୍-ତ) ଉପରେସ୍ଥିତ, ଆରୂଢ଼ ।

ଅଧିରୋହଣ-ବି. (ଅଧି-ରୁହ୍-ଅନ) ଆରୋହଣ ।

ଅଧିବାସ-ବିଂ. (ଅଧି-ବସ୍-ଅ) ନିବାସ ; ଯଜ୍ଞାରମ୍ଭର ପୂର୍ବଦିନର କର୍ମ ।

ଅଧିବାସୀ-ବିଂ. (ଅଧି-ବସ୍-ଇନ୍) ନିବାସୀ ।

ଅଧିବେଶନ-ବି. (ଅଧି-ବିଶ୍-ଅନ) ବୈଠକ ।

ଅଧିଷ୍ଠାତ୍ରୀ-ବିଂ. (ଅଧି-ସ୍ଥା-ତୃ+ଈ) ସର୍ବୋପରି ସ୍ଥିତକାରିଣୀ ।

ଅଧିଷ୍ଠାନ-ବି. (ଅଧି-ସ୍ଥା-ଅନ) ସ୍ଥିତି ।

ଅଧୀତ-ବିଂ. (ଅଧି-ଇ-ତ) ପଠିତ ।

ଅଧୀନ-ବିଂ. (ଅଧି-ଇନ) ବଶୀଭୂତ ; ଆଶ୍ରିତ ।

ଅଧୀର-ବିଂ. (ଅ-ଧୀର) ଅସ୍ଥିର ; ଅସହିଷ୍ଣୁ ।

ଅଧୀଶ୍ୱର-ବି. (ଅଧି-ଈଶ୍-ବର) ସମ୍ରାଟ୍ ।

ଅଧୁନା-ଅଂ. ଏବେ ; ସମ୍ପ୍ରତି ।

ଅଧୁନାତନ-ବିଂ. (ଅଧୁନା-ତନ) ଆଧୁନିକ ।

ଅଧୁଲି-ବି. ଏକଟଙ୍କାର ଅର୍ଦ୍ଧ ।

ଅଧୈର୍ଯ୍ୟ-ବି. (ଅ-ଧୀର-ଯ) ଚଞ୍ଚଳତା; ବିଂ. କାତର ।

ଅଧୋଗତି-ବି. (ଅଧଃ-ଗତି) ଅବନତି ।

ଅଧୋଢ଼ା-ବିଂ. ଅଧବୁଢ଼ା ।

ଅଧୋବାୟୁ-ବି. ଅପାନବାୟୁ ।

ଅଧୋଭୁବନ-ବି. (ଅଧଃ-ଭୁବନ) ପାତାଳ ।

ଅଧୋମୁଖ-ବିଂ. (ଅଧଃ-ମୁଖ) ନତମୁଖ ।

ଅଧୋକ୍ଷଜ-ବି. (ଅଧଃ-ଅକ୍ଷ-ଜନ୍-ଅ) ଅତୀନ୍ଦ୍ରିୟ; ପରମେଶ୍ୱର ।

ଅଧ୍ୟକ୍ଷ-ବି.(ଅଧି-ଅକ୍ଷ) ତତ୍ତ୍ୱାବଧାୟକ ।

ଅଧ୍ୟୟନ-ବି. (ଅଧି-ଇ-ଅନ) ପାଠାଭ୍ୟାସ କରିବା ।

ଅଧ୍ୟବସାୟ-ବି. (ଅଧି-ଅବ-ସୋ-ଅ) ଅବିଶ୍ରାନ୍ତ ଉଦ୍ୟୋଗ ।

ଅଧ୍ୟା-ବି. ଦେବତା ନିକଟରେ ଅଭୀଷ୍ଟଲାଭାର୍ଥ ଉପବାସାଦି କରି ଜାଗ୍ରତ ରହିବା ।

ଅଧ୍ୟାପକ-ବି. ( ଅଧି-ଇ- (ଣିଜନ୍ତ )-ଅକ ) ଶିକ୍ଷକ । [ଶିକ୍ଷାଦାନ ।

ଅଧ୍ୟାପନା-ବି. ( ଅଧି-ଇ-(ଣିଜନ୍ତ)-ଅନ-ଆ)

ଅଧ୍ୟାୟ-ବି. (ଅଧି-ଇ-ଅ) ଗ୍ରନ୍ଥର ଅଂଶ ।

ଅଧ୍ୟାସ-ବି. (ଅଧି-ଅସ୍-ଅ) ଆକ୍ଷେପ, ଏକ ବସ୍ତୁରେ ଅନ୍ୟ ବସ୍ତୁର ବୋଧ ।

ଅଧ୍ୟାହାର-ବି. ( ଅଧି-ଆ-ହୃ-ଅ ) ଅପୂର୍ଣ୍ଣ ବାକ୍ୟର ପୂରଣ ।

ଅଧ୍ୟେତା-ବି. (ଅଧି-ଇ-ତୃ) ଛାତ୍ର ।

ଅଧ୍ରୁବ-ବିଂ. ଅନିଶ୍ଚିତ ।

ଅଧ୍ୱ-ବି. ମାର୍ଗ ; ଉପାୟ ।

ଅଧ୍ୱଗ-ବିଂ. (ଅଧ୍ୱ-ଗମ୍-ଅ) ପଥିକ ।

ଅଧ୍ୱର-ବି. ଯଜ୍ଞ ।

ଅଧ୍ୱର୍ଯ୍ୟୁ-ବି. ଯଜୁର୍ବେଦଜ୍ଞ ବ୍ରାହ୍ମଣ । [ମୂର୍ଖ ।

ଅନକ୍ଷର-ବିଂ. (ଅନ୍-ଅକ୍ଷର) ବର୍ଣ୍ଣଜ୍ଞାନହୀନ ;

ଅନଘ-ବିଂ. (ଅନ୍-ଅଘ) ନିଷ୍ପାପ ।

ଅନଙ୍ଗ-ବି. (ଅନ୍-ଅଙ୍ଗ) କାମଦେବ ।

ଅନଟନ-ବି. ଅଭାବ ।

ଅନଡ୍ୱାନ୍-ବି. ବୃଷ ; ବଳଦ ।

ଅନତିଦୂର-ବି. (ଅନ୍-ଅତି-ଦୂର) ଅଧିକ ଦୂର ନୁହେଁ ।

ଅନଧିକ-ବିଂ. (ଅନ୍-ଅଧିକ) ଅଧିକ ନୁହେଁ ।

ଅନଧିକାରଚର୍ଚ୍ଚା-ବି. ଅଧିକାର ବହିର୍ଭୂତ ବିଷୟର ଚର୍ଚ୍ଚା ।

ଅନନ୍ତ-ବିଂ. (ଅନ୍-ଅନ୍ତ) ଅସୀମ ; ବି. ପରମେଶ୍ୱର, ବାସୁକି ।

ଅନନ୍ତର-କ୍ରିଂ. ବିଂ. (ଅନ୍-ଅନ୍ତର) ଅବ୍ୟବହିତ ପରେ ।

ଅନନ୍ତବିଜୟ-ବି. ଯୁଧିଷ୍ଠିରଙ୍କ ଶଙ୍ଖ ।

ଅନନ୍ତବ୍ରତ-ଭାଦ୍ର ଶୁକ୍ଳଚତୁର୍ଦ୍ଦଶୀ ଦିନ ଅଚରିତ ବ୍ରତ ।

ଅନନ୍ୟଗତି-ବିଂ. (ଅନ୍-ଅନ୍ୟ-ଗତି) ଯାହାର ଅନ୍ୟ ଉପାୟ ନାହିଁ । [ଚିତ୍ତ ।

ଅନନ୍ୟମନା-ବିଂ. (ଅନ୍-ଅନ୍ୟ-ମନଃ) ଏକାଗ୍ର-

ଅନନ୍ୟସାଧାରଣ-ବିଂ. ଅଲୋକସାମାନ୍ୟ ।

ଅନପତ୍ୟ-ବିଂ. (ଅନ୍-ଅପତ୍ୟ) ସନ୍ତାନହୀନ ।

ଅନପେତ-ବିଂ. (ଅନ୍-ଅପ-ଇ-ତ) ଯୁକ୍ତ ।

ଅନଭିଜ୍ଞ-ବିଂ. (ଅନ୍-ଅଭି-ଜ୍ଞା-ଅ) ଅଜ୍ଞ ।

ଅନଭିମତ-ବିଂ. (ଅନ୍-ଅଭି-ମନ୍-ତ) ଅନଭିପ୍ରେତ ; ମତବିରୁଦ୍ଧ ।

ଅନମ୍ବର-ବି. (ଅନ୍-ଅମ୍ବର) ଉଲଗ୍ନ ।

ଅନର୍ଗଳ-ବିଂ. (ଅନ୍-ଅର୍ଗଳ) ଅବାଧ ।

ଅନର୍ଥ-ବି. (ଅନ୍-ଅର୍ଥ) ଅନିଷ୍ଟ, କଳହ ।

ଅନର୍ଥକ-ବିଂ. (ଅନ୍-ଅର୍ଥ-କ) ନିରର୍ଥକ, ଅକାରଣ ।

ଅନଘୀପ—ବିଂ. ଅପରିମିତ ।

ଅନର୍ହ—ବିଂ. (ଅନ୍-ଅର୍ହ) ଅଯୋଗ୍ୟ ।

ଅନଲ—ବି. ଅଗ୍ନି ।

ଅନଳ୍ପ—ବିଂ. (ଅନ୍-ଅଳ୍ପ) ଅଧିକ ; ମହତ୍ ।

ଅନବଦ୍ୟ—ବିଂ. (ଅନ୍-ଅବଦ୍ୟ) ଅନିନ୍ଦନୀୟ ।

ଅନବଧାନତା—ବି. (ଅନ୍-ଅବ-ଧା-ଅନ-ତା) ଅମନୋଯୋଗ ।

ଅନବରତ—କ୍ରିଂ. ବିଂ. (ଅନ୍-ଅବ-ରମ୍-ତ) ସର୍ବଦା, ନିରନ୍ତର ।

ଅନବସର—ବି. (ଅନ୍-ଅବସର) ଅନବକାଶ ।

ଅନବସ୍ଥିତ—ବିଂ. (ଅନ୍-ଅବ-ସ୍ଥା-ତ) ଅସ୍ଥିର ।

ଅନଶନ—ବି. (ଅନ୍-ଅଶ୍-ଅନ) ଉପବାସ ।

ଅନଶ୍ୱର—ବିଂ. (ଅ-ନଶ୍-ବର) ଅକ୍ଷୟ ; ଅବିନାଶୀ ।

ଅନସୂୟା—ବିଂ. (ଅନ୍-ଅସୂୟା) ଦ୍ୱେଷରହିତା ; ବି. ଅତ୍ରିଋଷିଙ୍କର ପତ୍ନୀ ।

ଅନାଇବା—କ୍ରି. ଚାହିଁବା ।

ଅନାଉଣି—ବି. ଚାହାଣି ; କଟାକ୍ଷ ।

ଅନାଗତ—ବିଂ. (ଅନ୍-ଆ-ଗମ୍-ତ) ଯାହା ଆସି ନାହିଁ ; ଭବିଷ୍ୟତ୍ । [ଅପର ।

ଅନାଚାର—ବି. (ଅନ୍ ଆ-ଚର୍-ଅ) ଗର୍ହିତ

ଅନାଜ—ବି. ପରିବା ।

ଅନାଡ଼ି—ବିଂ. ନିର୍ବୋଧ ।

ଅନାତପ—ବି. (ଅନ୍-ଆତପ) ଛାୟା ।

ଅନାଥ—ବିଂ. (ଅ-ନାଥ) ନିରାଶ୍ରୟ ।

ଅନାଦର—ବି.(ଅନ୍-ଆ-ଦୃ-ଅ) ଅଯତ୍ନ; ଅବଜ୍ଞା ।

ଅନାଦି—ବିଂ. (ଅନ୍-ଆଦି) ଆଦିରହିତ ; ବି. ପରମେଶ୍ୱର ।

ଅନାଦୃତ—ବିଂ. (ଅନ୍-ଆ-ଦୃ-ତ) ଅବଜ୍ଞାତ ।

ଅନାମୟ—ବିଂ. ( ଅନ୍-ଆମୟ ) ରୋଗହୀନ ; ବି. ଆରୋଗ୍ୟ ।

ଅନାମିକା—ବି. (ଅ-ନାମନ୍-ଇକ୍-ଆ) କନିଷ୍ଠାଙ୍ଗୁଳିର ନିକଟସ୍ଥ ଅଙ୍ଗୁଳି । [ନୁହେ ।

ଅନାୟତ୍ତ—ବିଂ. (ଅନ୍-ଆୟତ୍ତ) ଯାହା ଆୟତ୍ତ

ଅନାୟାସ—ବିଂ. (ଅନ୍-ଆୟାସ) ଅକ୍ଲେଶ ।

ଅନାରସ—ବି. ସପୁରିପଣସ ।

ଅନାର୍ଯ୍ୟ—ବିଂ. (ଅନ୍-ଋ-ଯ) ଅସଭ୍ୟ ; ନୀଚ ।

ଅନାବିଳ—ବିଂ. (ଅନ୍-ଆବିଲ) ନିର୍ମଳ ।

ଅନାବୃତ—ବିଂ. ( ଅନ୍-ଆ-ବୃ-ତ ) ଖୋଲା ; ଆବରଣଶୂନ୍ୟ । [ଅଭାବ ।

ଅନାବୃଷ୍ଟି—ବି. ( ଅନ୍-ଆ-ବୃଷ୍-ତି ) ବୃଷ୍ଟିର

ଅନାସ୍ଥା—ବି. ଅଯତ୍ନ ; ଅନାଦର । [ବାସ ।

ଅନାହାର—ବି. (ଅନ୍-ଆହାର) ଅନଶନ, ଉପ-

ଅନାହୂତ—ବିଂ. (ଅନ୍-ଆ-ହ୍ୱେ ତ) ଅନିମନ୍ତ୍ରିତ ।

ଅନିଚ୍ଛା—ବି. (ଅନ୍-ଇଚ୍ଛା) ଇଚ୍ଛାର ଅଭାବ ; ଅନଭିଳାଷ ।

ଅନିତ୍ୟ—ବିଂ. (ଅ-ନିତ୍ୟ) ନଶ୍ୱର ।

ଅନିନ୍ଦ୍ୟ—ବିଂ. (ଅ-ନିନ୍ଦ୍-ଯ) ଦୋଷଶୂନ୍ୟ ।

ଅନିମିଷ, ଅନିମେଷ—ବିଂ. ପଲକଶୂନ୍ୟ ।

ଅନିୟତ—ବିଂ. (ଅ-ନି-ଯମ୍-ତ) ଅସ୍ଥିର ; ଅନିଶ୍ଚିତ । [ବିରନାଗତ ।

ଅନିର୍ବଚନୀୟ—ବିଂ ( ଅ-ନିର୍ ବଚ୍-ଅନୀୟ )

ଅନଲ-ବ. (ଅନ୍-ଅଲ) ପବନ ।

ଅନବାର୍ଯ୍ୟ-ବି. (ଅ-ନି-ବୃ-ଯ) ଯାହାର ନିବାରଣ ଅଶକ୍ୟ ।

ଅନିଷ୍ଟ-ବ. (ଅନ୍-ଇଷ୍-ତ) ଅପକାର ; ହାନି ।

ଅନୀକିନୀ-ବ. ସୈନ୍ୟଦଳ ।

ଅନୀତ-ବ. (ଅ-ନୀ-ତ) ଦୁର୍ନୀତ ; ଅନାଚାର ।

ଅନୁ-ଅ. ପଶ୍ଚାଦ୍‌ବୋଧକ ଉପସର୍ଗ ।

ଅନୁକମ୍ପା-ବ. (ଅନୁ-କମ୍ପ୍-ଅ) ଦୟା ।

ଅନୁକରଣ-ବ. (ଅନୁ-କୃ-ଅନ) ଅନ୍ୟପରି କରିବା ।

ଅନୁକଳ୍ପ-ବ. ଗୌଣବିଧି ।

ଅନୁକୂଳ-ବି. ସପକ୍ଷ ; ସଦୟ ।

ଅନୁକ୍ରମ-ବ. (ଅନୁ-କ୍ରମ୍-ଅ) ପର୍ଯ୍ୟାୟ ।

ଅନୁକ୍ରମଣିକା-ବ. ଭୂମିକା ।

ଅନୁକ୍ରୋଶ-ବ, (ଅନୁ-କ୍ରୁଶ୍-ଅ) ଦୟା ।

ଅନୁକ୍ଷଣ-କ୍ରି. ବି. (ଅନୁ-କ୍ଷଣ) ସର୍ବଦା ।

ଅନୁଗତ-ବି. (ଅନୁ-ଗମ୍-ତ) ଅଧୀନ ।

ଅନୁଗାମୀ-ବି. (ଅନୁ-ଗମ୍-ଇନ୍) ପଶ୍ଚାଦ୍‌ଗାମୀ ।

ଅନୁଗ୍ରହ-ବ. (ଅନୁ-ଗ୍ରହ୍-ଅ) ଦୟା ; ପ୍ରସାଦ ।

ଅନୁଗୃହୀତ-ବି. ଅନୁଗ୍ରହପ୍ରାପ୍ତ ।

ଅନୁଚର-ବି. (ଅନୁ-ଚର୍-ଅ) ଅନୁବର୍ତ୍ତୀ, ସଙ୍ଗୀ ।

ଅନୁଚିକୀର୍ଷା-ବ. (ଅନୁ-କୃ-ସନ୍-ଅ) ଅନ୍ୟପରି କରିବାର ଇଚ୍ଛା ।

ଅନୁଚିତ-ବି. (ଅନ୍-ଉଚିତ) ଅବିହିତ ।

ଅନୁଜ-ବ. (ଅନୁ-ଜନ୍-ଅ) ସାନଭାଇ ।

ଅନୁଜା-ବ. ସାନଭଉଣୀ ।

ଅନୁଜୀବୀ-ବି. ସେବାକାରୀ ।

ଅନୁଜ୍ଞା-ବ. (ଅନୁ-ଜ୍ଞା-ଅ) ଆଜ୍ଞା ।

ଅନୁଜ୍ଞାତ-ବି. ଆଦିଷ୍ଟ ।

ଅନୁତପ୍ତ-ବି. (ଅନୁ-ତପ୍-ତ) ଅପରାଧନିମିତ୍ତ [ସନ୍ତପ୍ତ ।

ଅନୁତାପ-ବ. ପଶ୍ଚାତ୍ତାପ ।

ଅନୁତ୍ତମ-ବି. ଯାହା ଅପେକ୍ଷା ଉତ୍ତମ ନାହିଁ ।

ଅନୁଦାର-ବି. (ଅନ୍-ଉଦାର) ନୀଚାଶୟ ।

ଅନୁଦିନ-କ୍ରି.ବି. ପ୍ରତିଦିନ ।

ଅନୁଦ୍ବେଗ-ବି. ଯାହାର ଉଦ୍ବେଗ ନାହିଁ ।

ଅନୁଧାବନ-ବ. (ଅନୁ-ଧାବ୍-ଅନ) ପଶ୍ଚାଦ୍‌ଗମନ, ଅନୁସନ୍ଧାନ ।

ଅନୁନୟ-ବ. (ଅନୁ-ନୀ-ଅ) ବିନୟ ।

ଅନୁନାସିକ-ବି. (ଅନୁ-ନାସିକା-ଅ) ନାସିକା ଦ୍ୱାରା ଉଚ୍ଚାରିତ ।

ଅନୁପମ-ବି. (ଅନ୍-ଉପମା) ଉପମାରହିତ ; [ଅତୁଲ୍ୟ ।

ଅନୁପଯୁକ୍ତ-ବି. (ଅନ୍-ଉପ-ଯୁଜ୍-ତ), ଅଯୋଗ୍ୟ ।

ଅନୁପାତ-ବ. (ଅନୁ-ପତ୍-ଅ) ଗଣିତରେ ଏକ ରାଶିସହ ଅନ୍ୟ ରାଶିର ସମ୍ବନ୍ଧ ।

ଅନୁପାନ-ବ. (ଅନୁ-ପା-ଅନ) ଔଷଧ ସେବନ ସଙ୍ଗରେ ପାନୀୟ ବା ସେବ୍ୟ ଦ୍ରବ୍ୟ ।

ଅନୁପ୍ରସ୍ଥ-ବି. ପ୍ରସ୍ଥାନୁସାରୀ ।

ଅନୁପ୍ରାସ-ବ. (ଅନୁ-ପ୍ର-ଅସ୍-ଅ) ଅକ୍ଷର-ସାମ୍ୟଘଟିତ କାବ୍ୟାଲଙ୍କାର । [ବର୍ତ୍ତୀ ।

ଅନୁବର୍ତ୍ତୀ-ବି. (ଅନୁ-ବୃତ୍-ଇନ୍) ପଶ୍ଚାଦ୍-

ଅନୁବାଦ-ବ. (ଅନୁ-ବଦ୍-ଅ) ତର୍ଜମା ।

ଅନୁଭବ-ବ. (ଅନୁ-ଭୂ-ଅ) ବୋଧ, ଉପଲବ୍ଧି ।

ଅନୁଭବୀ-ବି. (ଅନୁଭବ-ଇନ୍) ଯେ ଅନୁଭବ କରେ ।

ଅନୁଭାବ-ବ. (ଅନୁ-ଭୂ-ଘଞ୍) ପ୍ରଭାବ ; ଅଳଙ୍କାରଶାସ୍ତ୍ରରେ ଭାବବ୍ୟଞ୍ଜକ ଭ୍ରୂଭଙ୍ଗାଦି ।

ଅନୁଭୂତ-ବି. (ଅନୁ-ଭୂ-ତ) ଉପଲବ୍ଧ ।

ଅନୁଭୂତି-ବ. (ଅନୁ-ଭୂ-ତି) ଅନୁଭବ ।

ଅନୁମତ-ବି. (ଅନୁ-ମନ୍-ତ) ଅନୁମୋଦିତ ।

ଅନୁମତି-ବ. (ଅନୁ-ମନ୍-ତି) ଅନୁଜ୍ଞା ; ମଞ୍ଜୁର ।

ଅନୁମାନ-ବ. (ଅନୁ-ମା-ଅନ) ହେତୁଦ୍ୱାରା ତଥ୍ୟନିର୍ଣ୍ଣୟ ।

ଅନୁମିତ-ବି. (ଅନୁ-ମା-ତ) ହେତୁ ବା ତର୍କଦ୍ୱାରା କଳ୍ପିତ ।

ଅନୁମିତି-ବ. (ଅନୁ-ମା-ତି) ଅନୁମାନ ।

ଅନୁମେୟ-ବି. (ଅନୁ-ମା-ଯ) ଅନୁମାନ-ଯୋଗ୍ୟ । [ଦାନ ।

ଅନୁମୋଦନ-ବ. (ଅନୁ-ମୁଦ୍-ଅନ) ସମ୍ମତି-

ଅନୁଯାୟୀ-ବି. (ଅନୁ-ଯା-ଇନ୍) ଅନୁଗାମୀ ; ସଦୃଶ ।

ଅନୁଯୋଗ-ବ. (ଅନୁ-ଯୁଜ୍-ଅ) ଅଭିଯୋଗ ।

ଅନୁରକ୍ତ-ବି. (ଅନୁ-ରଞ୍ଜ୍-ତ) ସ୍ନେହୀ, ଆସକ୍ତ ।

ଅନୁରକ୍ତି-ବ. (ଅନୁ-ରଞ୍ଜ୍-ତି) ସ୍ନେହ, ଆସକ୍ତି ।

ଅନୁରାଗ-ବ. (ଅନୁ-ରଞ୍ଜ୍-ଅ) ସ୍ନେହ, ପ୍ରୀତି ।

ଅନୁରାଗୀ-ବି. (ଅନୁ-ରଞ୍ଜ୍-ଇନ୍) ସ୍ନେହୀ ।

ଅନୁରାଧା-ବ. ନକ୍ଷତ୍ରବିଶେଷ । [ଅଛି ।

ଅନୁରୁଦ୍ଧ-ବି. ଯାହାକୁ ଅନୁରୋଧ କରାଯାଇ-

ଅନୁରୂପ-ବି. ସଦୃଶ ; ତୁଲ୍ୟ ।

ଅନୁରୋଧ-ବ. (ଅନୁ-ରୁଧ୍-ଅ) ଉପରୋଧ, ସୁପାରସ୍ ।

ଅନୁଲୋମ-ବି. ଲୋମବତ୍ କ୍ରମାନୁସାରେ ।

ଅନୁଶୟ-ବ. (ଅନୁ-ଶୀ-ଅ) ଅନୁତାପ ।

ଅନୁଶାସନ-ବ. (ଅନୁ-ଶାସ୍-ଅନ) ଆଜ୍ଞା ; ଉପଦେଶ ।

ଅନୁଶିଷ୍ୟ-ବ. ଶିଷ୍ୟର ଶିଷ୍ୟ । [ଅଭ୍ୟାସ ।

ଅନୁଶୀଳନ-ବ, (ଅନୁ-ଶୀଲ୍-ଅନ) ଆଲୋଚନା ;

ଅନୁଶୋଚନା-ବ. (ଅନୁ-ଶୁଚ୍-ଅନ-ଆ) ଗତ ବିଷୟପାଇଁ ଖେଦ ।

ଅନୁଷଙ୍ଗ-ବ. ସମ୍ପର୍କ ; ପଦମାନଙ୍କର ଅନ୍ୱୟ ।

ଅନୁଷ୍ଠାନ-ବ. (ଅନୁ-ସ୍ଥା-ଅନ) ଧର୍ମକର୍ମ ।

ଅନୁଷ୍ଠିତ-ବି. (ଅନୁ-ସ୍ଥା-ତ) ଆରବ୍ଧ, ସମ୍ପାଦିତ ।

ଅନୁସନ୍ଧାନ-ବ. (ଅନୁ-ସମ୍-ଧା-ଅନ) ଅନ୍ୱେଷଣ ।

ଅନୁସରଣ-ବ. (ଅନୁ-ସୃ-ଅନ) ପଶ୍ଚାଦ୍‌ଗମନ ।

ଅନୁସାରୀ-ବି. (ଅନୁ-ସୃ-ଇନ୍) ଅନୁଗାମୀ ।

ଅନୁସାରେ-କ୍ରି. ବି. ଅନୁକ୍ରମେ

ଅନୁସ୍ୱାର-ବ. ଅନୁନାସିକ ବର୍ଣ୍ଣ ।

ଅନୂଢ଼—ବି. (ଅନ୍-ବହ୍-ତ) ଅବିବାହିତ ।
ଅନୂନ—ବି. (ଅନ୍-ଊନ) ପୂର୍ଣ୍ଣ ।
ଅନୂପ—ବି. (ଅନ୍-ଅପ୍) ଜଳପ୍ରାୟ ସ୍ଥାନ ।
ଅନୂରୁ—ବି. (ଅନ୍-ଊରୁ) ଅରୁଣ, ସୂର୍ଯ୍ୟ ସାରଥି ।
ଅନୃଣୀ—ବି. (ଅନ୍-ଋଣ-ଇନ୍) ଯାହାର ଋଣ ନାହିଁ ।
ଅନୃତ—ବି. ମିଥ୍ୟା ; ଅସତ୍ୟ ।
ଅନେକ—ସଂ. (ଅନ୍-ଏକ) ଏକରୁ ଅଧିକ ।
ଅନୈକ୍ୟ—ବି. (ଅନ୍-ଏକ-ଯ) ଐକ୍ୟର ଅଭାବ ।
ଅନୋକହ—ବି. ବୃକ୍ଷ । [ଭାବ ।
ଅନୌଚିତ୍ୟ—ବି. (ଅନ୍-ଉଚିତ-ଯ) ଅନୁଚିତ
ଅନ୍ତ—ବି. ଶେଷ ; ସୀମା ।
ଅନ୍ତକ—ବି. (ଅନ୍ତ-କ) ଯମ ।
ଅନ୍ତବୁଜୁଳା—ବି. ଅନ୍ତ୍ରସମୂହ ।
ଅନ୍ତର୍, ଅନ୍ତଃ—ଅ. ଭିତରେ । [ମନ ।
ଅନ୍ତଃକରଣ—ବି. (ଅନ୍ତଃ-କରଣ) ହୃଦୟ,
ଅନ୍ତତଃ—ଅ. (ଅନ୍ତ-ତସ୍) ନିତାନ୍ତପକ୍ଷେ ।
ଅନ୍ତଃପାତି—ବି. (ଅନ୍ତଃ-ପତ୍-ଇନ୍) ଅନ୍ତର୍ଗତ ।
ଅନ୍ତଃପୁର—ବି. (ଅନ୍ତଃ-ପୁର) ଅନ୍ତରମହଲ ।
ଅନ୍ତର—ବି. (ଅନ୍ତ-ରା-ଅ) ପ୍ରଭେଦ ; ବ୍ୟବଧାନ ।
ଅନ୍ତରଙ୍ଗ—ବି. (ଅନ୍ତର୍-ଗମ୍-ଅ) ଆତ୍ମୀୟ ।
ଅନ୍ତରାୟ—ବି. (ଅନ୍ତର୍-ଇ-ଅ) ପ୍ରତିବନ୍ଧକ, ବିଘ୍ନ । [ଉହାଡ଼ ।
ଅନ୍ତରାଳ—ବି. (ଅନ୍ତର-ଲା-ଅ) ଅଭ୍ୟନ୍ତର,
ଅନ୍ତରିତ—ବି. (ଅନ୍ତର୍-ଇତ) ହୂସ୍ପଭୂତ ; ଅପହୃତ ।
ଅନ୍ତରୀକ୍ଷ—ବି. (ଅନ୍ତର୍-ଈକ୍ଷ୍-ଅ) ମଧ୍ୟ ଆକାଶ ।
ଅନ୍ତରୀପ—ବି. (ଅନ୍ତର୍-ଅପ୍-ଅ) ଯେଉଁ ସ୍ଥଳଭାଗ କ୍ରମେ ସୂକ୍ଷ୍ମ ହୋଇ ଜଳମଧ୍ୟକୁ ଯାଇଥାଏ ।
ଅନ୍ତର୍ଗତ—ବି. (ଅନ୍ତଃ-ଗମ୍-ତ) ମଧ୍ୟଗତ ।
ଅନ୍ତର୍ଦ୍ଧାନ—ବି. (ଅନ୍ତର୍-ଧା-ଅନ) ତିରୋଧାନ ।
ଅନ୍ତର୍ବତ୍ନୀ—ବି. ଗର୍ଭବତୀ ।
ଅନ୍ତର୍ଭୂତ—ବି. (ଅନ୍ତର୍-ଭୂ-ତ) ଅନ୍ତର୍ଗତ ।
ଅନ୍ତର୍ଯାମୀ—ବି. (ଅନ୍ତର୍-ଯମ୍-ଇନ୍) ଯେ ମନକଥା ଜାଣେ, ବି. ପରମେଶ୍ୱର ।
ଅନ୍ତର୍ହିତ—ବି. (ଅନ୍ତର୍-ଧା-ତ) ତିରୋହିତ ।
ଅନ୍ତିକ—ବି. ସନ୍ନିଧାନ ।
ଅନ୍ତିମ—ବି. (ଅନ୍ତ-ଇମ) ଶେଷ, ଚରମ ।
ଅନ୍ତୁଡ଼ିଶାଳ—ବି. ସୂତିକାଗୃହ ।
ଅନ୍ତେବାସୀ—ବି. (ଅନ୍ତେ-ବସ୍-ଇନ୍) ଶିଷ୍ୟ ।
ଅନ୍ତ୍ୟ—ବି. (ଅନ୍ତ-ଯ) ଶେଷ ; ନୀଚ ।
ଅନ୍ତ୍ୟଜ—ବି. (ଅନ୍ତ୍ୟ-ଜନ୍-ଅ) ନୀଚଜାତୀୟ ଲୋକ । [କାର୍ଯ୍ୟ ।
ଅନ୍ତ୍ୟେଷ୍ଟି—ବି. (ଅନ୍ତ୍ୟ-ଯଜ୍-ତି) ଶବଦାହାଦି
ଅନ୍ତ୍ର—ବି. ଉଦରସ୍ଥ ନାଡ଼ୀ ।
ଅନ୍ଦାଜ—ବି. ଅନୁମାନ ।
ଅନ୍ଦେଶା—ବି. ଅପେକ୍ଷା ।
ଅନ୍ଧ—ବି. ଦୃଷ୍ଟିହୀନ ; ଅନ୍ଧକ ରମୟ ।

ଅନ୍ଧକାର-ବ. (ଅନ୍ଧ-କୃ-ଅ) ଅନ୍ଧାର ।
ଅନ୍ଧପୁଟୁଳି-ଅକ୍ଷି ଉପରେ ବନ୍ଧା ପଟୀ ।
ଅନ୍ଧାରକଣା-ବି. ରାତିରେ ଯାହାକୁ ଦିଶେ ନାହିଁ ।
ଅନ୍ଧାରପକ୍ଷ-ବ. କୃଷ୍ଣପକ୍ଷ ।
ଅନ୍ଧୁଣୀ-ବି. ଯେଉଁ ସ୍ତ୍ରୀ ଅନ୍ଧ ।
ଅନ୍ନ-ବ. (ଅଦ୍-ତ) ଭାତ ; ଖାଦ୍ୟ ।
ଅନ୍ନଦା-ବ. (ଅନ୍ନ-ଦା-ଅ) ଅନ୍ନଦାୟିନୀ, ଦୁର୍ଗା ।
ଅନ୍ନପ୍ରାଶନ-ବ. ଶିଶୁର ପ୍ରଥମ ଅନ୍ନଭକ୍ଷଣ ।
ଅନ୍ନମୟକୋଷ-ବ. ସ୍ଥୂଳଶରୀର ।
ଅନ୍ୟ-ସ. ଭିନ୍ନ, ଅପର ।
ଅନ୍ୟତମ-ବି. ଅନେକଙ୍କ ମଧ୍ୟରେ ଜଣେ ।
ଅନ୍ୟତର-ବି. ଦୁଇଜଣଙ୍କ ମଧ୍ୟରେ ଜଣେ ।
ଅନ୍ୟତ୍ର-ଅ. (ଅନ୍ୟ-ତ୍ର) ଅନ୍ୟଠାରେ ।
ଅନ୍ୟଥା-ଅ (ଅନ୍ୟ-ଥା) ଅନ୍ୟ ପ୍ରକାରେ ।
ଅନ୍ୟଦା-ଅ. ଅନ୍ୟ ସମୟରେ ।
ଅନ୍ୟମନସ୍କ-ବି. (ଅନ୍ୟ-ମନସ୍-କ) ଅନ୍ୟମନା ।
ଅନ୍ୟାନ୍ୟ-ବି. (ଅନ୍ୟ-ଅନ୍ୟ) ଅଉ ଅଉ ।
ଅନ୍ୟାୟ-ବ. ଅବିଚାର ।
ଅନ୍ୟାଯ୍ୟ-ବି. ଅନୁଚିତ ; ଅଯୋଗ୍ୟ ।
ଅନ୍ୟୂନ-ବି. ନ୍ୟୂନ ନୁହେ ; ସମଗ୍ର ।
ଅନ୍ୟୋନ୍ୟ-ବି. (ଅନ୍ୟ-ଅନ୍ୟ), ପରସ୍ପର ।
ଅନ୍ୱୟ-ବ. (ଅନୁ-ଇ-ଅ) ବଂଶ ; ବାକ୍ୟରେ ପଦମାନଙ୍କର ସମ୍ବନ୍ଧ ।
ଅନ୍ୱିତ-ବି. (ଅନୁ-ଇ-ତ) ଯୁକ୍ତ ।
ଅନ୍ୱେଷଣ-ବ. (ଅନୁ-ଇଷ୍-ଅନ) ଅନୁସନ୍ଧାନ ।
ଅନ୍ୱେଷ୍ଟବ୍ୟ-ବି. ଅନୁସନ୍ଧେୟ ।
ଅପ-ଅ. (ଉପସର୍ଗ) ଅପକୃଷ୍ଟ ।
ଅପକର୍ମ-ବ. ନୀଚ ବା ମନ୍ଦ କର୍ମ ।
ଅପକର୍ଷ-ବ. (ଅପ-କୃଷ୍-ଅ) ନିକୃଷ୍ଟତା ।
ଅପକାର-ବ. (ଅପ-କୃ-ଅ) ଅନିଷ୍ଟ ।
ଅପକାରୀ-ବି. (ଅପ-କୃ-ଇନ୍) ଅନିଷ୍ଟକାରୀ ।
ଅପକୀର୍ତ୍ତି-ବ. (ଅପ-କୀର୍ତ୍ତି) ଅପଯଶ ।
ଅପକୃଷ୍ଟ-ବି. (ଅପ-କୃଷ୍-ତ) ନିକୃଷ୍ଟ ; ହୀନ ।
ଅପକ୍ୱ-ବି. କଞ୍ଚା, ଅପରିଣତ ।
ଅପଘନ-ବ. ଶରୀର, ଅଙ୍ଗ ।
ଅପଘାତ-ବ. (ଅପ-ହନ୍-ଅ) ରୋଗ ବ୍ୟତୀତ ମୃତ୍ୟୁର ଅନ୍ୟ କାରଣ ।
ଅପଚୟ-ବ. (ଅପ-ଚି-ଅ) କ୍ଷତି ।
ଅପଚାର-ବ. (ଅପ-ଚର୍-ଅ) ଅପଥ୍ୟଗ୍ରହଣ ।
ଅପଚିତ-ବି. ନଷ୍ଟ ।
ଅପଟୁ-ବି. ଅକ୍ଷମ ।
ଅପଢ଼-ବ. ବରେଧ ।
ଅପତ୍ୟ-ବ. ପୁତ୍ରକନ୍ୟା, ସନ୍ତାନ ।
ଅପଥ୍ୟ-ବି. (ଅ-ପଥ୍ୟ) ରୋଗୀର ଅଭୋଜ୍ୟ ।
ଅପଦସ୍ଥ-ବି. (ଅ-ପଦ-ସ୍ଥା-ଅ) କର୍ମଚ୍ୟୁତ ; ଅପମାନିତ ।
ଅପଦାର୍ଥ-ବି. ଅସାର ।
ଅପଦେଶ-ବ. ଛଳ ।
ଅପନୟନ-ବ. (ଅପ-ନୀ-ଅନ) ଦୂରୀକରଣ ।

ଅପନୀତ—ବଂ. ଦୂରୀକୃତ ।
ଅପନୋଦନ—ବ.(ଅପ-ନୁଦ୍-ଅନ) ଦୂରୀକରଣ ।
ଅପନ୍ତରା—ବ. ଜନ-ସଞ୍ଚାର-ଶୂନ୍ୟ ବିସ୍ତୃତ ସ୍ଥାନ ।
ଅପଭ୍ରଂଶ—ବ. ମୂଳ ଶବ୍ଦର ପରିବର୍ତ୍ତନ ।
ଅପମାନ—ବ. (ଅପ-ମା-ଅନ) ଅବଜ୍ଞା, ଅନାଦର । [ମୃତ୍ୟୁ ।
ଅପମୃତ୍ୟୁ—ବ. ( ଅପ-ମୃତ୍ୟୁ ) ବିନାରୋଗରେ
ଅପଯଶଃ—ବ. ନିନ୍ଦା ।
ଅପର—ବଂ. ଅନ୍ୟ, ଭିନ୍ନ ।
ଅପରାଜିତ—ବଂ. (ଅ-ପରା-ଜି-ତ) ଅଜିଣା, ଅପ୍ରତିହତ ।
ଅପରାଧ—ବ. (ଅପ-ରାଧ୍-ଅ) ଦୋଷ ।
ଅପରାଦ୍ଧ—ବଂ. (ଅପ-ରାଧ୍-ତ) ଅପରାଧୀ ।
ଅପରାହ୍ଣ—ବ. (ଅପର-ଅହନ୍-ଅ) ଦିନର ଶେଷ-ଭାଗ ।
ଅପରିଚ୍ଛନ୍ନ—ବଂ. (ଅ-ପରି-ଛଦ୍-ତ) ମଳିନ ।
ଅପରିଚ୍ଛିନ୍ନ—ବଂ. (ଅ-ପରି-ଛିଦ୍-ତ) ଅସୀମ ।
ଅପରିଣତ—ବଂ. (ଅ-ପରି-ନମ୍-ତ) ଅପକ୍ୱ ।
ଅପରିମିତ—ବଂ. (ଅ-ପରି-ମା-ତ) ପରିମାଣ-ରହିତ । [ବଢ଼ିବା ଅସାଧ୍ୟ ।
ଅପରିହାର୍ଯ୍ୟ—ବଂ. (ଅ-ପରି-ହୃ-ଯ) ଯାହାକୁ
ଅପରୂପ—ବଂ. ଆଶ୍ଚର୍ଯ୍ୟ ।
ଅପରୋକ୍ଷ—ବଂ. ପ୍ରତ୍ୟକ୍ଷ ।
ଅପର୍ତ୍ତିଆଣି—ବ. ବହୁ ସନ୍ତାନ ମଲାପରେ ବଞ୍ଚିଥିବା ସନ୍ତାନ ।

ଅପର୍ଯ୍ୟାପ୍ତ—ବ. (ଅ-ପରି-ଆପ୍-ତ) ଅପରିମିତ ।
ଅପଲାପ—ବ. (ଅପ-ଲପ୍-ଅ) ଅସ୍ୱୀକାର ।
ଅପବର୍ଗ—ବ. ମୋକ୍ଷ ।
ଅପବାଦ—ବ. (ଅପ-ବଦ୍-ଅ) ନିନ୍ଦା ।
ଅପବ୍ୟୟ—ବ. (ଅପ-ବି-ଇ-ଅ) ବୃଥା ଖରଚ ।
ଅପସରିବା—କ୍ରି. ଘୁଞ୍ଚିଯିବା ।
ଅପସାରିତ—ବଂ. (ଅପ-ସୃ-ଣିଚ୍-ତ) ଦୂରୀକୃତ ।
ଅପସୃତ—ବଂ. (ଅପ-ସୃ-ତ) ଅପଗତ ।
ଅପସ୍ମାର—ବ. ମୂର୍ଚ୍ଛାରୋଗ ।
ଅପହତ—ବଂ. (ଅପ-ହନ୍-ତ) ବିନଷ୍ଟ ।
ଅପହରଣ—ବ. (ଅପ-ହୃ-ଅନ) ଚୋରି ।
ଅପହାରକ—ବ. (ଅପ-ହୃ-ଅକ) ଚୋର ।
ଅପହ୍ନବ } (ଅପ-ହ୍ନୁ-ଅ, ତି) ଅପଲାପ ।
ଅପହ୍ନୁତି }
ଅପା—ଜ୍ୟେଷ୍ଠା ଭଗିନୀ ।
ଅପାଙ୍ଗ—ବ. (ଅପ-ଅଙ୍ଗ) ଚକ୍ଷୁର ପ୍ରାନ୍ତଭାଗ; କଟାକ୍ଷ ।
ଅପାତ୍ର—ବଂ. ଅଯୋଗ୍ୟ ବ୍ୟକ୍ତି ।
ଅପାଦାନ—ବ. (ଅପ-ଆ-ଦା-ଅନ) କାରକ-ବିଶେଷ ।
ଅପାମାର୍ଗ—ବ. ଅପାମାରଙ୍ଗ ଗୁଳ୍ମ ।
ଅପାୟ—ବ. (ଅପ-ଇ-ଅ) ବିନାଶ ; କ୍ଷତି ।
ଅପାର—ବଂ. ଅସୀମ ।
ଅପାଳକ—ବ. ଅନାବୃଷ୍ଟି । [କାହିଁ ।
ଅପାଲ୍ଟେ—ବଂ. ଯେ କାନ୍ଧି ନ ପାରି ବାହୁଡ଼େ

ଅପିତ } ଅ°. (ଅପି-ତ,ଗୁ) ଅନ୍ତର; କଲୁ ।
ଅପିଗୁ }

ଅପିଧାନ–ବ. (ଅପି-ଧା-ଅନ) ଆଚ୍ଛାଦନ ।

ଅପିହିତ–ବ°. (ଅପି-ଧା-ତ)ଆଚ୍ଛାଦିତ ।

ଅପୁତ୍ରକ–ବ°. ପୁତ୍ରହୀନ ।

ଅପୂର୍ଣ୍ଣ–ବ°. ଅସମାପ୍ତ, ଆଂଶିକ ।

ଅପୂର୍ବ–ବ°. ଅଦୃଷ୍ଟପୂର୍ବ, ଆଶ୍ଚର୍ଯ୍ୟଜନକ ।

ଅପେକ୍ଷା–ବ. (ଅପ-ଇକ୍ଷ୍-ଅ) ଅନାଇ ରହିବା; ତୁଳନା ; ଆକାଂକ୍ଷା ।

ଅପେକ୍ଷିତ–ବ°. (ଅପ ଇକ୍ଷ୍-ତ) ଆକାଂକ୍ଷିତ ।

ଅପେୟ–ବ°. (ଅ-ପା-ଯ) ପାନର ଅଯୋଗ୍ୟ ।

ଅପୋଗଣ୍ଡ–ବ. ଶିଶୁ । [ନୁହେ ।

ଅପୌରୁଷେୟ–ବ°. ଯାହା ମନୁଷ୍ୟ-ରଚିତ

ଅପ୍ରକଟ–ବ°. ଅପ୍ରକାଶ ।

ଅପ୍ରକୃତ–ବ°. କଳ୍ପିତ ; ଅଯଥାର୍ଥ ।

ଅପ୍ରତିଭ୍–ବ°. ( ଅ-ପ୍ରତି-ଭା-ଅ ) ହତବୁଦ୍ଧି, ଲଜ୍ଜିତ ।

ଅପ୍ରତିମ–ବ°. (ଅ-ପ୍ରତିମା) ନିରୁପମ, ଅତୁଲ୍ୟ ।

ଅପ୍ରତିହତ–ବ°. (ଅ-ପ୍ରତି-ହନ୍-ତ) ପ୍ରତିବନ୍ଧକ-ରହିତ ।

ଅପ୍ରତୁଳ–ବ°. ଅଭାବ । [ଅତୀତ ।

ଅପ୍ରମେୟ–ବ°. ( ଅ-ପ୍ର-ମା-ଯ ) ପ୍ରମାଣର

ଅପ୍ରସ୍ତୁତ–ବ°. ଅନୁଷ୍ଠିତ ; ଲଜ୍ଜିତ ।

ଅପ୍ରାକୃତ–ବ°. ଅସାଧାରଣ ।

ଅପ୍ରାପ୍ତବୟସ୍କ } ବ°. ନାବାଳକ ।
ଅପ୍ରାପ୍ତବ୍ୟବହାର }

ଅପ୍ସରା–ବ. (ଅପ୍-ସୃ-ଅସ୍)ସ୍ୱର୍ଗବେଶ୍ୟା ।

ଅଫିମ–ବ. ଅଫୁ ।

ଅବ–ଅ°. (ଉପସର୍ଗ) ବିସ୍ତାର, ଅଲମ୍ବନ ।

ଅବକାଶ–ବ. (ଅବ-କାଶ୍-ଅ) ଅବସର, ଛୁଟି ।

ଅବଖୁରା- ବ. କ୍ଷୁଦ୍ର ଜଳପାତ୍ରବିଶେଷ ।

ଅବଗତ–ବ°. (ଅବ-ଗମ୍-ତ) ଜ୍ଞାତ ।

ଅବଗତି–ବ. (ଅବ-ଗମ୍-ତି) ଜାଣିବା ।

ଅବଗାହ–ବ. (ଅବ-ଗାହ୍-ଅ) ଅନ୍ତଃପ୍ରବେଶ ।

ଅବଗାହନ–ବ. ଜଳରେ ବୁଡ଼ି ସ୍ନାନ ।

ଅବଗୁଣ୍ଠନ–ବ. (ଅବ-ଗୁଣ୍ଠ-ଅନ) ଓଢ଼ଣା, ଆଚ୍ଛାଦନ ।

ଅବଗୁଣ୍ଠିତ–ବ°. ଆଚ୍ଛାଦିତ ।

ଅବଚ୍ଛିନ୍ନ–ବ°. (ଅବ-ଛିଦ୍-ତ) ସୀମାବଦ୍ଧ ।

ଅବଚ୍ଛେଦ–ବ. ( ଅବ-ଛିଦ୍-ଅ ) ସୀମା ; ବିଚ୍ଛେଦ ।

ଅବଜ୍ଞା–ବ. (ଅବ-ଜ୍ଞା-ଅ) ଅନାଦର, ଅପମାନ ।

ଅବଜ୍ଞାତ–ବ°. ଅନାଦୃତ ।

ଅବଜ୍ଞେୟ–ବ°. (ଅବ-ଜ୍ଞା-ଯ) ଅନାଦରଣୀୟ ।

ଅବଢ଼ା–ପୁରୀ ବଡ଼ଦେଉଳର ଅନ୍ନ ।

ଅବତଂସ–ବ. କର୍ଣ୍ଣଭୂଷଣ ; ଶିରୋଭୂଷଣ ।

ଅବତରଣ–ବ. (ଅବ-ତୃ-ଅନ) ଅବରୋହଣ ।

ଅବତରଣିକା–ବ. ଭୂମିକା ।

ଅବତାର-ବି. (ଅବ-ତୃ-ଅ) ଦେବତାର ଦେହପରିଗ୍ରହ ।
ଅବତାରଣା-ବି. ପ୍ରସ୍ତାବନା ।
ଅବତୀର୍ଣ୍ଣ-ବି. (ଅବ-ତୃ-ତ) ନିମ୍ନକୁ ଆଗତ ।
ଅବଦାତ-ବି. ନିର୍ମଳ ; ପବିତ୍ର ।
ଅବଦାନ-ବି. ପୁଣ୍ୟକର୍ମ ।
ଅବଦ୍ୟ-ବି. ନିନ୍ଦନୀୟ ।
ଅବଧାନ-ବି. (ଅବ-ଧା-ଅନ) ମନୋଯୋଗ ; ଚଟଶାଳୀର ଶିକ୍ଷକ ।
ଅବଧାରଣ-ବି. (ଅବ-ଧୃ-ଇ-ଅ) ସ୍ଥିରୀକରଣ ।
ଅବଧାରିତ-ବି. ସ୍ଥିରୀକୃତ ।
ଅବଧି-ବି. (ଅବ-ଧା-ଇ) ସୀମା, ପର୍ଯ୍ୟନ୍ତ ।
ଅବଧୀରଣା-ବି. ଅବଜ୍ଞା ।
ଅବଧୀରିତ-ବି. ଅବଜ୍ଞାତ ।
ଅବଧୂତ-ବି. ଏକପ୍ରକାର ସନ୍ନ୍ୟାସୀ ।
ଅବଧ୍ୟ-ବି. (ଅବ-ବଧ୍-ଯ) ବଧର ଅଯୋଗ୍ୟ, ଯାହାକୁ ବଧ କରିବା ଉଚିତ ନୁହେ ।
ଅବନତ-ବି. (ଅବ-ନମ୍-ତ) ନଇଁଥିବା ; ପ୍ରଣତ, ଅଧୋଗତ । [ଗତି ।
ଅବନତି-ବି. (ଅବ-ନମ୍-ତି) ପ୍ରଣତି, ଅଧୋ-
ଅବନୀ-ବି. ପୃଥିବୀ ।
ଅବନ୍ତୀ-ବି. ମାଳବଦେଶ ।
ଅବବୋଧ-ବି. ସମ୍ୟକ୍ ଜ୍ଞାନ ।
ଅବଭାସ-ବି. ପ୍ରକାଶ ; ଭ୍ରମ ।
ଅବଭୃଥ-ବି. ଯଜ୍ଞାନ୍ତେ ସ୍ନାନ । [ମାନ ।
ଅବମାନନା-ବି. (ଅବ-ମାନ୍-ଅନ-ଆ) ଅପ-
ଅବମାନିତ-ବି. ଅପମାନିତ ।
ଅବୟବ-ବି. (ଅବ-ଯୁ-ଅ) ଅଙ୍ଗ ; ଶରୀର ।
ଅବର-ବି. (ଅ-ବର) ନିକୃଷ୍ଟ, କନିଷ୍ଠ ।
ଅବରୁଦ୍ଧ-ବି. (ଅବ-ରୁଧ୍-ତ) ବଦ୍ଧ ।
ଅବରୋଧ-ବି. (ଅବ-ରୁଧ୍-ଅ) ଅନ୍ତଃପୁର, ବେଷ୍ଟନଦ୍ୱାରା ରୋଧ ।
ଅବରୋହ-ବି. (ଅବ-ରୁହ୍-ଅ) ଅବତରଣ ; ଓହ୍ଲା ।
ଅବରୋହଣ-ବି. ଓହ୍ଲାଇବା ।
ଅବର୍ଯ୍ୟା-ବି. କୁତ୍ସିତ । [ଗ୍ରହଣ ।
ଅବଲମ୍ବନ-ବି. (ଅବ-ଲମ୍ବ୍-ଅନ) ଆଶ୍ରୟ ;
ଅବଳା-ବି. (ଅ-ବଳ-ଆ) ସ୍ତ୍ରୀ ; ନାରୀ ।
ଅବଲୀଳା-ବି. (ଅବ-ଲୀଳା) ଅନାୟାସ ।
ଅବଲେହ-ବି. (ଅବ-ଲିହ୍-ଅ) ଚାଟିଖାଇବାର ଔଷଧ ।
ଅବଲୋକନ-ବି. (ଅବ-ଲୁକ୍-ଅନ) ଦର୍ଶନ ।
ଅବଲୋକିତ-ବି. ଦୃଷ୍ଟ ।
ଅବଶ-ବି. ଅନାୟତ୍ତ ।
ଅବଶିଷ୍ଟ-ବି. (ଅବ-ଶିଷ୍-ତ) ବାକି ।
ଅବଶେଷ-ବି. (ଅବ-ଶିଷ୍-ଅ) ପରିଶେଷ ; ଶେଷ ।
ଅବଶ୍ୟ-ଅ. ଅନିବାର୍ଯ୍ୟରୂପେ ।
ଅବଶ୍ୟମ୍ଭାବୀ-ବି. (ଅବଶ୍ୟ-ଭୂ-ଣିନ୍-ଇନ୍) ଅନିବାର୍ଯ୍ୟ ।
ଅବଷ୍ଟମ୍ଭ-(ଅବ-ସ୍ତମ୍ଭ୍-ଅ) ସ୍ତବ୍ଧଭାବ ।
ଅବସନ୍ନ-ବି. (ଅବ-ସଦ୍-ତ) ଶ୍ରାନ୍ତ ; କ୍ଳାନ୍ତ ।

ଅବସର-ବି. (ଅବ-ସୃ-ଅ) ଅବକାଶ ।
ଅବସାଦ-ବି. (ଅବ-ସଦ୍-ଅ) କ୍ଲାନ୍ତି ।
ଅବସାନ-ବି. (ଅବ-ସୋ-ଅନ) ଶେଷ ।
ଅବସିତ-ବିଂ. (ଅବ-ସୋ-ତ) ସମାପ୍ତ ।
ଅବସ୍ଥା-ବି. (ଅବ-ସ୍ଥା-ଅ) ଦଶା ।
ଅବସ୍ଥାନ-ବି. (ଅବ-ସ୍ଥା-ଅନ) ସ୍ଥିତି ।
ଅବସ୍ଥିତ-ବିଂ. (ଅବ-ସ୍ଥା-ତ) ସ୍ଥିତ ।
ଅବହିତ-ବିଂ. (ଅବ-ଧା-ତ) ମନୋଯୋଗୀ ।
ଅବହେଳା-ବି. ଅଧିକ ହେଳା ।
ଅବା-ଅଂ. ଅବା ।
ଅବାକ୍-ବିଂ. ବାକ୍ୟହୀନ ।
ଅବାଙ୍ମୁଖ-ବିଂ. ଅଧୋମୁଖ ।
ଅବାଚୀ-ବି. ଦକ୍ଷିଣଦିଗ୍ ।
ଅବାଚ୍ୟ-ବିଂ. (ଅ-ବଚ୍-ଯ) ଅକଥ୍ୟ ।
ଅବାଟ-ବି. ଅମଡ଼ା ପଥ ।
ଅବାଧ-ବିଂ. ବାଧାରହିତ ।
ଅବାଧ୍ୟ-ବିଂ. (ଅ-ବାଧ୍-ଯ) ଅବଶୀଭୂତ ।
ଅବାନ୍ତର-ବିଂ. ( ଅବ-ଅନ୍ତର ) ପ୍ରଧାନର ଅନ୍ତର୍ଗତ ।
ଅବାରିତ-ବିଂ. (ଅ-ବୃ-ଣିଚ୍-ତ) ଅରୁଦ୍ଧ ।
ଅବିକଳ-ବିଂ. ଠିକ୍, ଅବିକୃତ ।
ଅବିଗୁଣ-ବି. ଦୋଷ ।
ଅବିଚଳିତ-ବିଂ. ସ୍ଥିର, ଦୃଢ଼ ।
ଅବିଚାର-ବି. ଅନ୍ୟାୟ ବିଚାର ।
ଅବିତଥ-ବିଂ. ଯଥାର୍ଥ, ସତ୍ୟ ।
ଅବିଦିତ-ବିଂ. ଅଜ୍ଞାତ ।
ଅବିଦ୍ୟା-ଅଜ୍ଞାନ, ମାୟା ।
ଅବିଧି-ବି. ଅନିୟମ ।
ଅବିନୟ-ବି. ଧୃଷ୍ଟତା, ଅଶିଷ୍ଟତା ।
ଅବିନଶ୍ୱର-ବିଂ. (ଅ-ବିନଶ୍ୱର) ନିତ୍ୟସ୍ଥାୟୀ ।
ଅବିନୀତ-ବିଂ. (ଅ-ବିନୀତ) ଉଦ୍ଧତ ; ଗର୍ବୀ ।
ଅବିମୃଷ୍ୟକାରୀ-ବିଂ. (ଅ-ବି-ମୃଷ୍-ଯ-କୃ-ଇନ୍) ଯେ ବିଚାର ନ କରି କର୍ମ କରେ ।
ଅବିର-ବି. ଫଗୁ ।
ଅବିରତ-ବିଂ. ( ଅ-ବି-ରମ୍-ତ) ଅନବରତ ।
ଅବିରଳ-ବିଂ. ନିବିଡ଼, ଘନ ।
ଅବିରାମ-ବିଂ. ଅବିଶ୍ରାନ୍ତ ।     [ଶୂନ୍ୟ ।
ଅବିବେକୀ-ବିଂ. (ଅ-ବିବେକ-ଇନ୍) ବିବେକ-
ଅବିଶ୍ରାନ୍ତ-ବିଂ. (ଅ-ବି-ଶ୍ରମ୍-ତ) ଅନବରତ ।
ଅବିହିତ-ବିଂ. (ଅ-ବି-ଧା-ତ) ଅନୁଚିତ ।
ଅବୀରା-ବିଂ. ପତିପୁତ୍ରହୀନା ।
ଅବୁଝ-ବିଂ. ଯେ ବୁଝେ ନାହିଁ ।
ଅବେକ୍ଷଣ-ବି. (ଅବ-ଈକ୍ଷ୍-ଅନ) ଦେଖିବା ।
ଅବୈତନିକ-ବିଂ. ( ଅ-ବେତନ-ଇକ ) ଯେ ବେତନଭୋଗୀ ନୁହେ ।     [କ୍ରିକ ।
ଅବୈଧ-ବିଂ. (ଅ-ବିଧି-ଅ) ଅସଙ୍ଗତ ; ଅଯୌ-
ଅବୋଧ-ବିଂ. (ଅ-ବୋଧ) ଅଜ୍ଞାନ ।
ଅବ୍ୟକ୍ତ-ବିଂ. ଅପ୍ରକାଶିତ ।
ଅବ୍ୟୟ-ବି. (ଅ-ବି-ଇ-ଅ) ଯେଉଁ ଶବ୍ଦର ବିଭକ୍ତି ନ ଥାଏ । ବିଂ. ଅକ୍ଷୟ ; ଅବିନାଶୀ ।
ଅବ୍ୟର୍ଥ-ବିଂ. (ଅ-ବ୍ୟର୍ଥ) ସଫଳ ।

ଅବ୍ୟବସ୍ଥିତ-ବିଂ. (ଅ-ବି-ଅବ-ସ୍ଥା-ତ) ଅସ୍ଥିର ।

ଅବ୍ୟବହିତ-ବିଂ. (ଅ-ବି-ଅବ-ଧା-ତ) ବ୍ୟବଧାନଶୂନ୍ୟ, ସନ୍ନିହିତ । [ରହିତ ।

ଅବ୍ୟାହତ-ବିଂ. (ଅ-ବି-ଆ-ହନ୍-ତ) ବ୍ୟାଘାତ-

ଅବ୍ୟାହୃତି-ବି. (ଅ-ବି-ଆ-ହୃ-ତି) ନିସ୍ତାର, ପରିତ୍ରାଣ ।

ଅବ୍ଜ-ବି. (ଅପ୍-ଜନ୍-ଅ) ଶଙ୍ଖ ; ପଦ୍ମ ।

ଅବ୍ଦ-ବି. ବର୍ଷ ।

ଅବ୍ଧି-ବି. (ଅପ୍-ଧା-ଇ) ସମୁଦ୍ର ।

ଅଭକ୍ତି-ବି. (ଅ-ଭକ୍ତି) ଘୃଣା ; ଅଶ୍ରଦ୍ଧା ।

ଅଭୟ-ବିଂ. (ଅ-ଭୀ-ଅ) ଭୟଶୂନ୍ୟ, ବି. ଆଶ୍ୱାସ ।

ଅଭାଗା-ବିଂ. ହତଭାଗ୍ୟ ।

ଅଭାଗ୍ୟ-ବି. ମନ୍ଦଭାଗ୍ୟ ।

ଅଭାଜନ-ବିଂ. ଅପାତ୍ର, ଅଯୋଗ୍ୟ ।

ଅଭାବ-ବି. ହୀନତା, ପ୍ରୟୋଜନ ।

ଅଭାବନୀୟ-ବିଂ. (ଅ-ଭୂ-ଅନୀୟ) ଅଚିନ୍ତନୀୟ ।

ଅଭି-ଅଂ. (ଉପସର୍ଗ) ନୈକଟ୍ୟ, ସର୍ବତୋଭାବ ।

ଅଭିଖ୍ୟା-ବି. ନାମ ; ଶୋଭା ।

ଅଭିଗମନ-ବି. ଅଭିମୁଖେ ଗମନ ।

ଅଭିଘାତ-ବି.(ଅଭି-ହନ୍-ତ) ଆଘାତ, ହତ୍ୟା ।

ଅଭିଜାତ-ବିଂ. (ଅଭି-ଜନ୍-ତ) କୁଳୀନ, ଉଚ୍ଚବଂଶୀୟ ।

ଅଭିଜ୍ଞ-ବିଂ. (ଅଭି-ଜ୍ଞା-ଅ) ଜ୍ଞାନବାନ୍ ।

ଅଭିଜ୍ଞତା-ବି. (ଅଭିଜ୍ଞ-ତା) ସମ୍ୟକ୍ ଜ୍ଞାନ ।

ଅଭିଜ୍ଞାନ-(ଅଭି-ଜ୍ଞା-ଅନ) ଚିହ୍ନ, ସ୍ମାରକବସ୍ତୁ ।

ଅଭିଧା-ବି. ନାମ, ଅର୍ଥ । [କୋଷ ।

ଅଭିଧାନ-ବି. (ଅଭି-ଧା-ଅନ) ନାମ ; ଶବ୍ଦ-

ଅଭିଧେୟ-ବିଂ. (ଅଭି-ଧା-ଯ) ବାଚ୍ୟ ।

ଅଭିନନ୍ଦନ-ବି. (ଅଭି-ନନ୍ଦ୍-ଅନ) ପ୍ରଶଂସା, ସାଦର ଅଭ୍ୟର୍ଥନା ।

ଅଭିନୟ-ବି. (ଅଭି-ନୀ-ଅ) ନାଟକପ୍ରଦର୍ଶନ ।

ଅଭିନବ-ବିଂ. (ଅଭି-ନୂ-ଅ) ନୂତନ ।

ଅଭିନିବିଷ୍ଟ-ବିଂ. (ଅଭି-ନି-ବିଶ୍-ତ) ମନୋଯୋଗୀ ।

ଅଭିନିବେଶ-ବି. (ଅଭି + ନି + ବିଶ୍-ଅ) ଏକାନ୍ତ ମନୋଯୋଗ । [ପ୍ରଦର୍ଶିତ ।

ଅଭିନୀତ-ବିଂ. (ଅଭି-ନୀ-ତ) ରଙ୍ଗଭୂମିରେ

ଅଭିନେତା-ବି. (ଅଭି-ନୀ-ତୃ) ଅଭିନୟକାରୀ ।

ଅଭିନ୍ନ-ବିଂ. (ଅ-ଭିଦ୍-ତ) ଭେଦରହିତ ।

ଅଭିପ୍ରାୟ-ବି. (ଅଭି-ପ୍ର-ଇ-ଅ) ଆଶୟ, ଭାବ । [ସମ୍ମତ ।

ଅଭିପ୍ରେତ-ବିଂ. (ଅଭି-ପ୍ର-ଇ-ତ) ବାଞ୍ଛିତ ।

ଅଭିଭାବକ-ବି. (ଅଭି-ଭୂ-ଅକ) ରକ୍ଷକ ।

ଅଭିଭୂତ-ବିଂ. ଆଚ୍ଛନ୍ନ, ଅବସନ୍ନ ।

ଅଭିମତ-ବି. (ଅଭି-ମନ୍-ତ) ମତ ; ବିଂ. ଅଭୀଷ୍ଟ ।

ଅଭିମନ୍ୟୁ-ବି. ଅର୍ଜୁନଙ୍କ ପୁତ୍ର । [କାର ।

ଅଭିମାନ-ବି. (ଅଭି-ମା-ଅନ) ଗର୍ବ ; ଅହଂ-

ଅଭିମୁଖ-ବି. (ଅଭି-ମୁଖ) ସମ୍ମୁଖ ।

ଅଭିଯାନ-ବି. (ଅଭି-ଯା-ଅନ) ଆକ୍ରମଣ, ଯୁଦ୍ଧଯାତ୍ରା ।

ଅଭିଯୁକ୍ତ-ବି°. (ଅଭି-ଯୁଜ୍-ତ) ଆକ୍ରାନ୍ତ ;
ପ୍ରତିବାଦୀ । [କାରୀ ; ବାଦୀ ।
ଅଭିଯୋକ୍ତା-ବି.(ଅଭି-ଯୁଜ୍-ତୃ) ଅଭିଯୋଗ-
ଅଭିଯୋଗ-ବି. (ଅଭି-ଯୁଜ୍-ଅ) ନାଲିଶ ।
ଅଭିରାମ-ବି°. (ଅଭି-ରମ୍-ଅ) ସୁନ୍ଦର; ପ୍ରିୟ ।
ଅଭିରୁଚି-ବି. (ଅଭି-ରୁଚ୍-ଇ) ସ୍ପୃହା, ଇଚ୍ଛା ।
ଅଭିଲଷିତ-ବି°. (ଅଭି-ଲଷ୍-ତ) ବାଞ୍ଛିତ,
ଇଷ୍ଟ ।
ଅଭିଲାଷ-ବି. (ଅଭି-ଲଷ୍-ଅ) ସ୍ପୃହା, ବାଞ୍ଛା ।
ଅଭିବାଦନ-ବି. (ଅଭି-ବଦ୍-ଣିଚ୍-ଅନ) ବନ୍ଦନ,
ପ୍ରଣାମ ।
ଅଭିବ୍ୟକ୍ତ-ବି°. (ଅଭି-ବି-ଅଞ୍ଜ୍-ତ) ପ୍ରକାଶିତ ।
ଅଭିଶପ୍ତ-ବି°. (ଅଭି-ଶପ୍-ତ) ଶାପଗ୍ରସ୍ତ ।
ଅଭିଶାପ-ବି. (ଅଭି-ଶପ୍-ଅ) ଶାପ, ଅଭି-
ସମ୍ପାତ ।
ଅଭିଷବ-ବି. ଯଜ୍ଞସ୍ନାନ ।
ଅଭିଷିକ୍ତ-ବି°. (ଅଭି-ସିଚ୍-ତ) ସ୍ନାତ, ଉଚ୍ଚ-
ପଦରେ ପ୍ରତିଷ୍ଠିତ ।
ଅଭିଷେକ-ବି. (ଅଭି-ସିଚ୍-ଅ) ମନ୍ତ୍ରଜଳ ସେଚ-
ନପୂର୍ବକ ସିଂହାସନରେ ସ୍ଥାପନ ।
ଅଭିସନ୍ଧି-ବି. (ଅଭି-ସମ୍-ଧା-ଇ) ଗୁପ୍ତ ଅଭି-
ପ୍ରାୟ । [ଶାପ ।
ଅଭିସମ୍ପାତ-ବି. (ଅଭି-ସମ୍-ପତ୍-ଅ) ଅଭି-
ଅଭିସାର-ବି. (ଅଭି-ସୃ-ଅ) ସଙ୍କେତସ୍ଥାନକୁ
ଗମନ । [ସଙ୍କେତସ୍ଥାନଗାମିନୀ ।
ଅଭିସାରିକା-ବି. (ଅଭି-ସୃ-ଅକ-ସ୍ତ୍ରୀ-ଆ)

ଅଭିହିତ-ବି°. (ଅଭି-ଧା-ତ) କଥିତ ।
ଅଭୀଷ୍ଟ-ବି°. (ଅଭି-ଇଷ୍-ତ) ବାଞ୍ଛିତ ।
ଅଭୁକ୍ତ-ବି°. (ଅ-ଭୁଜ୍-ତ) ଯେ ଭୋଜନ କରି-
ନାହିଁ ।
ଅଭୂତପୂର୍ବ-ବି°. ଅଘଟିତପୂର୍ବ । [ହୀନ ।
ଅଭେକା-ବି°.(ଅ-ବେଶଶବ୍ଦରୁ ଭେକ) ବସ୍ତ୍ର-
ଅଭେଦ୍ୟ-ବି°.(ଅ-ଭିଦ୍-ଯ) ଭେଦର ଅଶକ୍ୟ ।
ଅଭ୍ୟଙ୍ଗ-ବି. (ଅଭି-ଅଞ୍ଜ୍-ଅ) ତୈଳମର୍ଦ୍ଦନ ।
ଅଭ୍ୟନ୍ତର-ବି. (ଅଭି-ଅନ୍ତର) ମଧ୍ୟ ।
ଅଭ୍ୟର୍ଥନା-ବି. (ଅଭି-ଅର୍ଥ-ଅନ-ଆ) ଭଦ୍ର
ଅତିଥି ପ୍ରତି ସମାଦର । [ଶିକ୍ଷିତ ।
ଅଭ୍ୟସ୍ତ-ବି°. (ଅଭି-ଅସ୍-ତ) ଅଭ୍ୟାସଦ୍ୱାରା
ଅଭ୍ୟାଗତ-ବି. (ଅଭି-ଆ-ଗମ୍-ତ) ଅତିଥି ।
ଅଭ୍ୟାସ-ବି. (ଅଭି-ଅସ୍-ଅ) ପୁନଃ ପୁନଃ ଅନୁ-
ଶୀଳନ । [ସେଚନ ।
ଅଭ୍ୟୁକ୍ଷଣ-ବି. (ଅଭି-ଉକ୍ଷ୍-ଅନ) ଜଳ-
ଅଭ୍ୟୁତ୍ଥାନ-ବି. (ଅଭି-ଉତ୍-ସ୍ଥା-ଅନ) ଅଭ୍ୟୁ-
ଦୟ ।
ଅଭ୍ୟୁଦୟ-ବି. (ଅଭି-ଉତ୍-ଇ-ଅ) ଉନ୍ନତି ।
ଅଭ୍ର-ବି. ଆକାଶ ; ମେଘ ; ମେଘନାଳଧାତୁ ।
ଅଭ୍ରଙ୍କଷ-ବି°. ଆକାଶସ୍ପର୍ଶୀ, ମେଘସ୍ପର୍ଶୀ ।
ଅଭ୍ରାନ୍ତ-ବି°. (ଅ-ଭ୍ରମ୍-ତ) ଭ୍ରମଶୂନ୍ୟ ।
ଅମଙ୍ଗ-ବି°. ଅସମ୍ମତ । [ଅଶୁଭ ।
ଅମଙ୍ଗଳ-ବି. (ଅ-ମଙ୍ଗଳ) ମଙ୍ଗଳଶୂନ୍ୟ,
ଅମଡ଼ା-ବି°. (ଅ-ମର୍ଦ୍ଦଧାତୁରୁ) ଯାହା କେହି
ମାଡ଼ି ନାହିଁ ।

ଅମତ-ବିଂ. (ଅ-ମନ୍-ତ) ଅସମ୍ମତ ।

ଅମପା-ବିଂ. (ଅ-ମା ଧାତୁରୁ) ଯାହା ମପା ହୋଇ ନାହିଁ ।

ଅମର-ବି. (ଅ-ମୃ-ଅ) ଦେବତା, ବିଂ. ମରଣ-ଶୂନ୍ୟ ।

ଅମରପୋର୍-ବି. ଉଦ୍ଭିଦବିଶେଷ ।

ଅମରାବତୀ-ବି. ଇନ୍ଦ୍ରନଗରୀ ।

ଅମଳ-ବିଂ. (ଅ-ମଳ) ନିର୍ମଳ ।

ଅମଲ-ବି. ମାଦକର ଅଭ୍ୟାସ ।

ଅମଲ-ବି. ଅଧିକାର ।

ଅମା-ଅଂ. (ଅ-ମା) ଅମାବାସ୍ୟା ।

ଅମାତ୍ୟ-ବି. ମନ୍ତ୍ରୀ ।

ଅମାନତି-ଫା. ବିଂ. ଅର୍ପିତ ।

ଅମାନିଆ-ବିଂ. ଯେ ମାନେ ନାହିଁ ।

ଅମାପ-ବିଂ. (ଅ-ମା ଧାତୁରୁ) ଅପରିମିତ ।

ଅମାବସ୍ୟା / ଅମାବାସ୍ୟା / ଅମାସ୍ୟା } ବି. (ଅମା-ବସ୍-ଯ) କୃଷ୍ଣପକ୍ଷର ଶେଷତିଥି ।

ଅମାୟିକ-ବିଂ. (ଅ-ମାୟା-ଇକ) ଅକପଟ ।

ଅମାର-ବି. ଶସ୍ୟାଗାର, କୋଠି ।

ଅମାରି-ହିଂ. ହାତୀଉପରସ୍ଥ ହାଉଦା ।

ଅମାଲୁ-ବି. ପିଷ୍ଟକବିଶେଷ ।

ଅମିତ-ବିଂ. (ଅ-ମା-ତ) ଅପରିମିତ ।

ଅମିନ-ଫା. ବି. ଭୂମିପରିମାପକ କର୍ମଚାରୀ ।

ଅମିୟ-ବି. (ଅମୃତଶବ୍ଦରୁ) ଅମୃତ ।

ଅମିଶ୍ର-ବିଂ. (ଅ-ମିଶ୍ର) ନିରେଖା ।

ଅମୀର୍-ବିଂ. ଧନୀ ।

ଅମୁକ / ଅମୁକେଇ } (ଅମୁକଶବ୍ଦରୁ) ଅନିର୍ଦ୍ଦିଷ୍ଟ ବ୍ୟକ୍ତି ।

ଅମୂଳକ-ବିଂ. (ଅ-ମୂଳ-କ) ମୂଳଶୂନ୍ୟ ; ମିଥ୍ୟା ।

ଅମୂଲ୍ୟ-ବିଂ. (ଅ-ମୂଲ୍ୟ) ଯାହାକୁ କେହି ମୂଲ୍ୟ-ହ୍ରାସ କରି ନ ପାରେ । [ଅବିନାଶୀ ।

ଅମୃତ-ବି. (ଅ-ମୃ-ତ) ସୁଧା, ସୁସ୍ୱାଦୁ ବସ୍ତୁ, ବିଂ.

ଅମୃତମଣୋହି-ଜଗନ୍ନାଥଠାକୁର ଉଦ୍ଦେଶରେ ଅର୍ପିତ ।

ଅମେଧ୍ୟ-ବିଂ. (ଅ-ମେଧ୍ୟ) ଅପବିତ୍ର ।

ଅମେୟ-ବିଂ. (ଅ-ମା-ଯ) ଅପରିମେୟ ।

ଅମେଲ-ବି. ପ୍ରଭେଦ ।

ଅମୋଘ-ବିଂ. (ଅ-ମୋଘ) ଅବ୍ୟର୍ଥ ।

ଅମ୍ବକ-ବି. ଚକ୍ଷୁ, ନେତ୍ର ।

ଅମ୍ବର-ବି. ଆକାଶ; ବସ୍ତ୍ର ।

ଅମ୍ବା-ବି. ମାତା, ଦୁର୍ଗା ।

ଅମ୍ବିକା-ବି. ଜଗନ୍ମାତା, ଦୁର୍ଗା ।

ଅମ୍ବୁ-ବି. ଜଳ ।

ଅମ୍ବୁଜ-ବି. (ଅମ୍ବୁ-ଜନ୍-ଅ) ପଦ୍ମ ।

ଅମ୍ବୁଦ-ବି. (ଅମ୍ବୁ-ଦା-ଅ) ମେଘ ।

ଅମ୍ବୁଧି-ବି. (ଅମ୍ବୁ-ଧା-ଇ) ସମୁଦ୍ର ।

ଅମ୍ବୁରାଶି-ବି. (ଅମ୍ବୁ-ରାଶି) ସମୁଦ୍ର ।

ଅମ୍ଭଃ-ବି. ଜଳ ।

ଅମ୍ଭୋଜ-ବି. (ଅମ୍ଭଃ-ଜନ୍-ଅ) ପଦ୍ମ ।

ଅମ୍ଭୋଦାମୀ-ବି. ଜଳପରି ଧନକୁ ଯେ ଢାଳି ଦିଏ, ବଡ଼ ଦାତା ।

ଅମ୍ଳ-ବ. ଖଟା ।
ଅମ୍ଳ ଣ୍ଡିଆ-ବ°. ଠାକୁରଙ୍କ ନିମିତ୍ତ ନୈବେଦ୍ୟ ।
ଅଯତ୍ନ-ବ. ଅନାଦର, ଅନାସ୍ଥା ।
ଅଯଥାର୍ଥ-ବ°. (ଅ-ଯଥା-ଅର୍ଥ) ଅପ୍ରକୃତ ।
ଅୟନ-ବ. ପଥ, ଗତି ।
ଅଯଶଃ-ବ. (ଅ-ଯଶଃ) ଅଖ୍ୟାତି ।
ଅୟସ୍-ବ. ଲୌହ ।
ଅୟସ୍କାନ୍ତ-ବ. ଚୁମ୍ବକ ।
ଅଯାଚିତ-ବ°. (ଅ-ଯାଚ୍-ତ) ଅପ୍ରାର୍ଥିତ ।
ଅଯୁକ୍ତ-ବ°. (ଅ-ଯୁଜ୍-ତ) ଅସଙ୍ଗତ ।
ଅଯୁଗ୍ମ-ବ°. (ଅ-ଯୁଗ୍ମ) ବିଷମ ।
ଅୟୁତ-ବ°. ଦଶସହସ୍ର ।
ଅୟି, ଅୟେ } କୋମଳ ସମ୍ବୋଧନପଦ ।
ଅଯୌକ୍ତିକ-ବ°. (ଅ-ଯୁକ୍ତି-କ) ଯୁକ୍ତିବିରୁଦ୍ଧ ।
ଅର-ବ. ଚକର ନାଭି ଓ ନେମିରେ ସଂଯୋଜିତ କାଷ୍ଠ ।
ଅରକ୍ଷିତ-ବ°. (ଅ-ରକ୍ଷ୍-ତ) ନିରାଶ୍ରୟ ।
ଅରଖ-ବ. ନିର୍ଯ୍ୟାସ ।
ଅରଗଳ-ବ. କିଳିଣୀ ।
ଅରଘଟ୍ଟ-ବ. ଅରଯୁକ୍ତ ଜଳ କାଢ଼ିବା ଯନ୍ତ୍ର ।
ଅରଜ-ବ. ନିବେଦନ ; ଦରଖାସ୍ତ ।
ଅରଟ-ବ. (ଅରଘଟ୍ଟଶବ୍ଦଜ) ସୂତା କାଟିବାର ଯନ୍ତ୍ର ।
ଅରଣା-ବ°. (ଅରଣ୍ୟଶବ୍ଦଜ) ବନ୍ୟ ।

ଅରଣି-ବ. ଘର୍ଷଣଦ୍ୱାରା ଅଗ୍ନି ବାହାର କରିବାର କାଷ୍ଠ ।
ଅରଣ୍ୟ-ବ. ବନ ।
ଅରଣ୍ୟାନୀ-ବ. ମହାରଣ୍ୟ ।
ଅରବିନ୍ଦ-ବ. ପଦ୍ମ ।
ଅରମା-ବ°. ଅପରିଷ୍କୃତ ।
ଅରାଜକ-ବ°. (ଅ-ରାଜନ୍-କ) ରାଜଶୂନ୍ୟ ।
ଅରାତି-ବ. ଶତ୍ରୁ ।
ଅରି-ବ. ଶତ୍ରୁ ।
ଅରିନ୍ଦମ-ବ°. (ଅରିଂ-ଦମ୍-ଅ) ଶତ୍ରୁଦମନକାରୀ ।
ଅରିଷ୍ଟ-ବ. ମଙ୍ଗଳ ; ରିଷ୍ଟ ।
ଅରୁଆ-ତ. ( ବୈଦିକ ଅରୁତ=ଅଭଙ୍ଗା ) ଅତପତଣ୍ଡୁଲ ।
ଅରୁଚି-ବ. ଅଶ୍ରଦ୍ଧା ।
ଅରୁଣ-ବ. ସୂର୍ଯ୍ୟସାରଥି ; ବ°. ଲୋହିତ ।
ଅରୁଣିମା-ବ. (ଅରୁଣ-ଇମନ୍) ରକ୍ତିମା ।
ଅରୁନ୍ଧତୀ-ବ. ବଶିଷ୍ଠପତ୍ନୀ, ତାରାବିଶେଷ ।
ଅର୍କ-ବ. ସୂର୍ଯ୍ୟ ; ବୃକ୍ଷବିଶେଷ ।
ଅର୍ଗଳ-ବ. କବାଟର କିଳିଣୀ ।
ଅର୍ଘ-ବ. ମୂଲ୍ୟ ।
ଅର୍ଘ୍ୟ-ବ°. (ଅର୍ଘ-ଯ) ପୂଜାର ସାମଗ୍ରୀ ।
ଅର୍ଚ୍ଚନା-ବ. (ଅର୍ଚ୍ଚ-ଅନ-ଆ) ପୂଜା ।
ଅର୍ଚ୍ଚିତ-ବ°. (ଅର୍ଚ୍ଚ-ତ) ପୂଜିତ ।
ଅର୍ଚ୍ଚିଃ-ବ. ଦୀପ୍ତି ; ଜ୍ୱାଳା ।
ଅର୍ଜ୍ଜନ-ବ. (ଅର୍ଜ୍-ଅନ) ଉପାର୍ଜ୍ଜନ ।
ଅର୍ଣ୍ଣବ-ବ. ସମୁଦ୍ର ।
ଅର୍ଥ-ବ. ଧନ ; ତାତ୍ପର୍ଯ୍ୟ ; ଉଦ୍ଦେଶ୍ୟ ।

ଅର୍ଥକରୀ-ବି. (ଅର୍ଥ-କୃ-ଅ-ଈ) ଯଦ୍ୱାରା ଧନ-ଲାଭ ହୁଏ ।

ଅର୍ଥାନ୍ତର-ବି. (ଅର୍ଥ-ଅନ୍ତର) ଅନ୍ୟଅର୍ଥ ।

ଅର୍ଥୀ-ବି. (ଅର୍ଥ୍-ଇନ୍) ପ୍ରାର୍ଥୀ ।

ଅର୍ଦ୍ଦିତ-ବି. (ଅର୍ଦ୍-ତ) ପୀଡ଼ିତ ।

ଅର୍ଦ୍ଧ-ବି. ଦୁଇ ସମାଂଶର ଏକ ଅଂଶ ।

ଅର୍ଦ୍ଧଚନ୍ଦ୍ର-ବି. ଖଣ୍ଡଚନ୍ଦ୍ର ; ଧକ୍କା ।

ଅର୍ଦ୍ଧାଙ୍ଗୀ-ବି. ଶରୀରର ଅର୍ଦ୍ଧ, ପତ୍ନୀ ।

ଅର୍ପଣ-ବି. (ଋ-ଣିଚ୍-ଅନ) ସମର୍ପଣ ।

ଅର୍ପିତ-ବି. (ଋ-ଣିଚ୍-ତ) ଦତ୍ତ ।

ଅର୍ଭକ-ବି. (ଅର୍ଭ-କ) ବାଳକ, ଶିଶୁ ।

ଅର୍ଯ୍ୟମା-ବି. ସୂର୍ଯ୍ୟ ।

ଅର୍ବାଚୀନ-ବି. ନୂତନ ; ଅଧମ ।

ଅର୍ବୁଦ-ବି. ଦଶକୋଟି ସଂଖ୍ୟା ।

ଅର୍ଶ-ବି. ରୋଗବିଶେଷ ।

ଅର୍ହ-ବି. (ଅର୍ହ୍-ଅ) ଉପଯୁକ୍ତ, ଯୋଗ୍ୟ ।

ଅଳକ-ବି. ଚୂର୍ଣ୍ଣକୁନ୍ତଳ ।

ଅଳକା-ବି. କୁବେରପୁରୀ ।

ଅଳକ୍ତ-ବି. ଲାକ୍ଷାରସ ।

ଅଲକ୍ଷଣ-ବି. (ଅ-ଲକ୍ଷ୍-ଅନ) ମନ୍ଦଲକ୍ଷଣ ।

ଅଲକ୍ଷିତ-କ୍ରି. ବି. ଅଦୃଶ୍ୟଭାବରେ ।

ଅଲକ୍ଷ୍ୟ, ଅଲଖ } ବି. (ଅ-ଲକ୍ଷ୍-ଯ) ଅଦୃଶ୍ୟ ।

ଅଳଙ୍କାର-ବି. (ଅଲମ୍-କୃ-ଅ) ଭୂଷଣ ।

ଅଳଙ୍କୃତ-ବି. (ଅଲମ୍-କୃ-ତ) ଭୂଷିତ ।

ଅଲଗା-ବି. (ଅଲଗ୍ନଶବ୍ଦରୁ) ପୃଥକ୍ ।

ଅଲଗୁଣି-ବି. ବସ୍ତ୍ର ରଖିବାନିମିତ୍ତ ରଜ୍ଜୁ ବା ଦଣ୍ଡ ।

ଅଲଙ୍ଘ୍ୟ-ବି. (ଅ-ଲଙ୍ଘ୍-ଯ) ଅନତିକ୍ରମଣୀୟ ।

ଅଲଣା-ବି. (ଅଲବଣଶବ୍ଦଜ) ଲବଣଶୂନ୍ୟ ।

ଅଳତା-ବି. (ଅଳକ୍ତଶବ୍ଦରୁ) ଲାକ୍ଷାରସ ।

ଅଳନ୍ଧୁ-ବି. (ଅଳଂ-ଧୂମଶବ୍ଦରୁ) ଧୂଆଁଘଟିତ ଝୁଲ ।

ଅଳସ-ବି. (ଅ-ଲସ୍-ଅ) ଅଳସୁଆ ।

ଅଳି-ବି. ଭ୍ରମର ।

ଅଲ୍ପଯୂ-ବି. ଝାଟିଆ ।

ଅଲଭ୍ୟ-ବି. (ଅ-ଲଭ୍-ଯ) ଅପ୍ରାପ୍ୟ ।

ଅଲାବୁ-ବି. ଲାଉ ।

ଅଲିନ୍ଦ-ବି. ବାରନ୍ଦା ।

ଅଲୀକ-ବି. ମିଥ୍ୟା ।

ଅଲୌକିକ-ବି.(ଅ-ଲୋକ-ଇକ)ଅସାମାନ୍ୟ ।

ଅଳ୍ପ-ବି. ଈଷତ୍ ; କମ୍ ।

ଅଲ୍ୟଳି-ବି. ଟେଣ୍ଟା ।

ଅଶକ୍ତ-ବି. (ଅ-ଶକ୍-ତ) ଅସମର୍ଥ ।

ଅଶନ-ବି. (ଅଶ୍-ଅନ) ଭୋଜନ ।

ଅଶନି-ବି. ବଜ୍ର ।

ଅଶରଣ-ବି. ନିରାଶ୍ରୟ ।

ଅଶରୀରୀ-ବି. ଶରୀରହୀନ ।

ଅଶାନ୍ତି-ବି. (ଅ-ଶମ୍-ତି) ସନ୍ତାପ ।

ଅଶାସ୍ତ୍ରୀୟ-ବି. ଶାସ୍ତ୍ରବିରୁଦ୍ଧ ।

ଅଶିଷ୍ଟ-ବି. (ଅ-ଶିଷ୍ଟ) ଅଭଦ୍ର ।

ଅଶୀତି-ବିଂ. ଅଶୀ ।

ଅଶୁଚି-ବିଂ. ଅପବିତ୍ର ।

ଅଶେଷ-ବିଂ. ଅନନ୍ତ ।

ଅଶୋକ-ବି. ବୃକ୍ଷବିଶେଷ; ବିଂ. ଶୋକଶୂନ୍ୟ ।

ଅଶୌଚ-ବି. (ଅ-ଶୌଚ) ଅଶୁଦ୍ଧି ।

ଅଶ୍ମ-ବି. ପ୍ରସ୍ତର ।

ଅଶ୍ରଦ୍ଧା-ବି. ଅଭକ୍ତି ।

ଅଶ୍ରୁ-ବି. ଲୋତକ, ଲୁହ ।

ଅଶ୍ଳୀଳ-ବିଂ. (ଅ-ଶ୍ରୀ-ଲ) ଜଘନ୍ୟ, ଅଭଦ୍ର ।

ଅଶ୍ଳେଷା-ବି. ନକ୍ଷତ୍ରବିଶେଷ ।

ଅଶ୍ୱ-ବି. ଘୋଟକ ।

ଅଶ୍ୱତର-ବି. ଖଚର ।

ଅଶ୍ୱତ୍ଥ-ବି. ଓସ୍ତଗଛ ।

ଅଶ୍ୱତ୍ଥାମା-ବି. ଦ୍ରୋଣଙ୍କର ପୁତ୍ର ।

ଅଶ୍ୱମେଧ-ବି. (ଅଶ୍ୱ-ମେଧ) ଅଶ୍ୱବଳିଘଟିତ ଯଜ୍ଞ ।

ଅଶ୍ୱିନୀ-ବି. ନକ୍ଷତ୍ରବିଶେଷ ।

ଅଷ୍ଟ-ବିଂ. ଆଠ ।

ଅଷ୍ଟକ-ବି. ଅଷ୍ଟଶ୍ଳୋକବିଶିଷ୍ଟ ରଚନା । ଆଠ ଶ୍ଳୋକ ।

ଅଷ୍ଟଦିକ୍-ବି. ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣଦିକ୍ ଓ ଅଗ୍ନି, ନୈଋତ, ବାୟୁ, ଈଶାନକୋଣ ।

ଅଷ୍ଟଧା-ଅଂ. ଆଠପ୍ରକାର ।

ଅଷ୍ଟମ-ବିଂ. ଆଠର ପୂରଣ ।

ଅଷ୍ଟମୀ ବି. ତିଥିବିଶେଷ ।

ଅଷ୍ଟାଦଶ-ବିଂ. ଅଠର ।

ଅଷ୍ଟାବକ୍ର-ବି. ଋଷିବିଶେଷ ।

ଅଷ୍ଟାବିଂଶତି-ବିଂ. ଅଠାଇଶ ।

ଅଷ୍ଠି, ଅଷ୍ଠୀ-ବି. ଟାକୁଆ ।

ଅଷ୍ଠୀବତ୍-ବି. ଆଣ୍ଠୁ ।

ଅସଂଖ୍ୟ-ବିଂ. (ଅ-ସମ୍-ଖ୍ୟା-ଅ) ଅଗଣ୍ୟ ।

ଅସଙ୍ଗତ-ବିଂ. (ଅ-ସମ-ଗମ୍-ତ) ଅଯୁକ୍ତ ।

ଅସନ୍ନ-ବିଂ. ଅସୁବିଧା ।

ଅସତ୍-ବିଂ. (ଅ-ସତ୍) ଅସାଧୁ, ଅବିଦ୍ୟମାନ ।

ଅସତୀ-ବି. କୁଳଟା ।

ଅସତ୍ୟ-ବିଂ. (ଅ-ସତ୍ୟ) ମିଥ୍ୟା ।

ଅସନା-ବିଂ. ଅପରିଷ୍କୃତ ।

ଅସଭ୍ୟ-ବିଂ. ଅଭଦ୍ର ।

ଅସମସାହସିକ-ବିଂ. ଦୁଃସାହସୀ ।

ଅସମ୍ବଦ୍ଧ-ବିଂ. (ଅ-ସଂ-ବନ୍ଧ୍-ତ) ଅସଙ୍ଗତ ।

ଅସମ୍ଭବ-ବିଂ. (ଅ-ସମ୍-ଭୂ-ଅ) ଯାହା ହୋଇ ନ ପାରେ ।

ଅସମ୍ଭାଳି-ବିଂ. ଅସ୍ତବ୍ୟସ୍ତ ।

ଅସରପା-ବି. (ଅସ୍ରୁପଶବ୍ଦଜ) ପତଙ୍ଗବିଶେଷ ।

ଅସରନ୍ତି-ବିଂ. ଅଶେଷ ।

ଅସର୍ଫି-ବି. ସ୍ୱର୍ଣ୍ଣମୁଦ୍ରା ।

ଅସରା-ବି. (ଆସାରଶବ୍ଦଜ) ଧାରବୃଷ୍ଟି ।

ଅସଲ୍-ବିଂ. ମୂଳ, ମୂଳଧନ ।

ଅସବର୍ଣ୍ଣ-ବିଂ. ଭିନ୍ନବର୍ଣ୍ଣ ଘଟିତ ।

ଅସାଧାରଣ-ବିଂ. ଅସାମାନ୍ୟ ।

ଅସାଧ୍ୟ-ବିଂ. (ଅ-ସାଧ୍-ଯ) ସାଧନର ଅଶକ୍ୟ ।

ଅସାର-ବିଂ. ସାରଶୂନ୍ୟ ।

ଅସି-ବି. କରବାଳ, ଖଡ୍ଗ ।

ଅସିତ-ବିଂ. (ଅ-ସିତ) କୃଷ୍ଣବର୍ଣ୍ଣ ।

ଅସୀମ-ବି. (ଅ-ସିମନ୍-ଅ) ସୀମାରହିତ ।

ଅସୁର-ବି. ରାକ୍ଷସ, ଦୈତ୍ୟ ।

ଅସୁରୁଣୀ-ବି. ଅସୁରୀ ।

ଅସୁଲ୍-ବି. ଅଦାୟ ।

ଅସୂସାର-ବି. (ଅ-ସୃ-ସୃ-ଅ) ଅନୁବଧା ।

ଅସୂର୍ଯ୍ୟଂପଶ୍ୟା-ବି. ଯେଉଁ ସ୍ତ୍ରୀକୁ ସୂର୍ଯ୍ୟ ସୁଦ୍ଧା ଦେଖି ନାହିଁ ।

ଅସୂୟା-ବି. (ଅ-ସୂ-ଅ) ଦ୍ୱେଷ ; କ୍ରୋଧ ।

ଅସୃକ୍-ବି. ରକ୍ତ ।

ଅସ୍ତ-ବି. (ଅସ୍-ତ) ନିକ୍ଷିପ୍ତ ; ବି. ଅସ୍ତଗମନ ।

ଅସ୍ତାବଲ-ବି. (ଇଂ-ଷ୍ଟେବ୍‌ଲ) ଘୋଡ଼ାଶାଳ ।

ଅସ୍ତମିତ-ବି. (ଅସ୍ତଂ-ଇ-ତ) ଅସ୍ତଗତ; ନଷ୍ଟ ।

ଅସ୍ତାଚଳ-ବି. (ଅସ୍ତ-ଅଚଳ) କଳ୍ପିତ ପଶ୍ଚିମ ପର୍ବତ ।

ଅସ୍ତିତ୍ୱ-ବି. (ଅସ୍ତି-ତ୍ୱ) ବର୍ତ୍ତମାନତା ।

ଅସ୍ତୁ-କ୍ରି. ହେଉ ।

ଅସ୍ମଦୀୟ-ବି. ଅମ୍ଭମାନଙ୍କ ସମ୍ବନ୍ଧୀୟ ।

ଅସ୍ତ୍ର-ବି. ଶସ୍ତ୍ର । [ପାଦ ।

ଅ-ସ୍ଥାନ-ବି. (ଅ-ସ୍ଥାନ) ମନ୍ଦସ୍ଥାନ, ଅଯୋଗ୍ୟ

ଅ-ସ୍ଥାବର-ବି. ଚଳନ୍ତ ।

ଅସ୍ଥି-ବି. ହାଡ଼ ।

ଅ-ସ୍ଥିର-ବି. ଚଞ୍ଚଳ ।

ଅ-ସ୍ପୃଶ୍ୟ-ବି. ସ୍ପର୍ଶର ଅଯୋଗ୍ୟ ।

ଅସ୍ପଷ୍ଟ-ବି. ଅପ୍ରକାଶିତ, କ୍ଷୀଣ ।

ଅସ୍ମିତା-ବି. (ଅସ୍ମି-ତା) ମୁଁ ଅଛି ଏହି ଜ୍ଞାନ ।

ଅସ୍ର-ବି. ଅଶ୍ରୁ ; କୋଣ ।

ଅହଙ୍କାର-ବି. (ଅହଂ-କୃ-ଅ) ଗର୍ବ; ଦମ୍ଭ ।

ଅହଃ-ବି. ଦିନ ; ଦିବସ ।

ଅହନ୍ତା-ବି. (ଅହଂ-ତା) ଅହଙ୍କାର; ଗର୍ବ ।

ଅହର୍ନିଶ-କ୍ରି. ବି. (ଅହଃ-ନିଶା-ଅ) ସର୍ବଦା ; ନିରନ୍ତର ।

ଅହରହ-କ୍ରି ବି. (ଅହଃ-ଅହଃ) ପ୍ରତିଦିନ ।

ଅହିଂସ-ବି. ସଧବା ।

ଅହି-ବି. ସର୍ପ ।

ଅହି-ତୁଣ୍ଡିକ-ବି. ସାପୁଆକେଳା ।

ଅ-ହିଂସା-ବି. ପରପୀଡ଼ାବର୍ଜନ; ଦୟା ।

ଅ-ହିତ-ବି. ଅମଙ୍ଗଳ, ଅପକାର ।

ଅହି ନକୁଳତା-ବି. ସ୍ୱାଭାବିକ ଶତ୍ରୁତା ।

ଅହି-ଫେନ-ବି. ଅଫିମ ।

ଅହୀର-ବି. ଗଉଡ଼ ।

ଅ-ହେତୁକ }
ଅ-ହୈତୁକ } ବି. ହେତୁଶୂନ୍ୟ ।
[ଧନ ।

ଅହୋ-ଅ. ଆଶ୍ଚର୍ଯ୍ୟବୋଧକ ଅବ୍ୟୟ ; ସମ୍ବୋ-

ଅହୋରାତ୍ର-ବି. (ଅହଃ-ରାତ୍ରି) ଦିବାରାତ୍ର ।

---

# ଆ

ଦ୍ୱିତୀୟ ସ୍ୱରବର୍ଣ୍ଣ ।

ଆ-ଅ. ଈଷତ୍-ସୀମା-ବ୍ୟାପ୍ତି-ବୈପରୀତ୍ୟ-ବାଚକ ଅବ୍ୟୟ ।

ଆଃ-ଅ. ସୁଖ ଓ ଦୁଃଖସୂଚକ ସ୍ୱର ।

ଆଂଶିକ-ବି. (ଅଂଶ-ଇକ) ଅପୂର୍ଣ୍ଣ ।

ଆଁଶୁ—ବି. (ଅଂଶୁ ଶବ୍ଦଜ) ସୂକ୍ଷ୍ମସୂତ୍ର ।

ଆଇନ—ବି. ରାଜନିୟମ ; ବ୍ୟବସ୍ଥାଶାସ୍ତ୍ର ।

ଆଇଁଷ—ବି. (ଆମିଷ ଶବ୍ଦଜ) ମାଛ ମାଂସାଦି ।

ଆଉଁସିବା—କ୍ରି. (ଆମର୍ଷଣ ଶବ୍ଦଜ) ଦେହରେ ହାତ ବୁଲାଇବା ।

ଆଈ—ବି. (ଆର୍ଯ୍ୟା ଶବ୍ଦଜ) ମାତାମହୀ; ପିତାମହୀ ।

ଆଉଜିବା—କ୍ରି. ଏକଆଡ଼କୁ ଢଳିବା ।

ଆଉ—ଅ. ପୁଣି; ଅନନ୍ତର ; ଅନ୍ୟ ।

ଆଉଟିବା—କ୍ରି. (ଆ-ବୃତ୍ ଧାତୁରୁ) ତରଳକରିବା, ତାପଦ୍ୱାରା ଘନ କରିବା ।

ଆଙ୍କୁଡ଼ି } ବି. (ଅଙ୍କୁଶ ବା ଆକର୍ଷଣୀଶବ୍ଦରୁ)
ଆଙ୍କୁଶୀ } ଫଳାଦି ତୋଳିବାର ଲଗୀ ।

ଆକଟ—ବି. ଶାସନ ; ତାଡ଼ନା ।

ଆକର—ବି. (ଆ-କୃ-ଅ) ଖଣି ।

ଆ-କର୍ଣ୍ଣ—ଅ. କର୍ଣ୍ଣପର୍ଯ୍ୟନ୍ତ ।

ଆକର୍ଣ୍ଣନ—ବି. ଶ୍ରବଣ ।

ଆକର୍ଷଣ—ବି. (ଆ-କୃଷ୍-ଅନ) ଟାଣିବା ।

ଆକସ୍ମିକ—ବିଂ. (ଅକସ୍ମାତ୍-ଇକ) ହଠାତ୍ ଉତ୍ପନ୍ନ ।

ଆକାଙ୍କ୍ଷା—ବି. (ଆ-କାଙ୍କ୍ଷ୍-ଅ) ଅଭିଳାଷ ।

ଆକାର—ବି. (ଆ-କୃ-ଅ) ଆକୃତି ; ମୂର୍ତ୍ତି ।

ଆକାଶ—ବି. (ଆ-କାଶ୍-ଅ) ଗଗନ ; ଶୂନ୍ୟସ୍ଥାନ ।

ଆକାଶ-କୁସୁମ—ବି ଅଳୀକ ବା ମିଥ୍ୟା ବିଷୟ ।

ଆକାଶବାଣୀ—ବି. ଶୂନ୍ୟୋଚ୍ଚାରିତ ଦୈବବାଣୀ ।

ଆକୀର୍ଣ୍ଣ—ବିଂ. (ଆ-କୃ-ତ) ବିକ୍ଷିପ୍ତ ; ବ୍ୟାପ୍ତ ।

ଆକୁଞ୍ଚନ—ବି. (ଆ-କୁଞ୍ଚ୍-ଅନ) ସଙ୍କୋଚ ।

ଆକୁଞ୍ଚିତ—ବିଂ. ସଂକୁଚିତ, ଈଷତ୍ ବକ୍ରୀଭୂତ ।

ଆ-କୁଳ—ବିଂ. ବ୍ୟଗ୍ର ; ଉଦ୍‌ବିଗ୍ନ ।

ଆ-କୃତି—ବି. ଆକାର ।

ଆ-କୃଷ୍ଟ ବିଂ. (ଆ-କୃଷ୍-ତ) ଆକର୍ଷିତ; ମୁଗ୍ଧ ।

ଆକ୍ରନ୍ଦିତ—ବି. (ଆ-କ୍ରନ୍ଦ୍-ତ) କ୍ରନ୍ଦନ ।

ଆ-କ୍ରମଣ—ବି. (ଆ-କ୍ରମ୍-ଅନ) ଚଢ଼ାଉ; ଅସେ-ହଣ ।

ଆକ୍ରାନ୍ତ—ବିଂ. (ଆ-କ୍ରମ୍-ତ) ଅଧିକୃତ ; ଅଭି-ଭୂତ ।

ଆକ୍ରାନ୍ତି—ବି. (ଆ-କ୍ରମ୍-ତି) ବ୍ୟାପ୍ତି ।

ଆକ୍ରୋଶ ବି. (ଆ-କ୍ରୁଶ୍-ଅ) କ୍ରୋଧ ; ଭର୍ତ୍ସନା ।

ଆକ୍ଷେପ—ବି. (ଆ-କ୍ଷିପ୍-ଅ) ଖେଦ ; ଆକର୍ଷଣ ।

ଆଖଣ୍ଡଳ—ବି. (ଆ-ଖଣ୍ଡ-ଅଳ) ଇନ୍ଦ୍ର ।

ଆଖର—ବିଂ. ଶେଷ ।

ଆଖଡ଼ା—ବି. (ଅକ୍ଷୀଡ଼ ଶବ୍ଦଜ) ବ୍ୟାୟାମ ବା ନୃତ୍ୟ ଗୀତାଦି ଅଭ୍ୟାସ କରିବାର ସ୍ଥାନ ।

ଆଖି—ବି. (ଅକ୍ଷିଶବ୍ଦଜ) ନେତ୍ର ।

ଆଖିପତା—ବି. (ଅକ୍ଷିପତ୍ର ଶବ୍ଦଜ) ନେତ୍ରାବରଣ ।

ଆଖିପିଛୁଡ଼ା—ବି. ପଲକ ।

ଆଖିଫୁଟା—ବି. ଅନ୍ଧ ।

ଆଖୁ—ବି. ମୂଷିକ ।

ଆଖୁ—ବି. (ଇକ୍ଷୁ ଶବ୍ଦଜ) ଇକ୍ଷୁବୃକ୍ଷ ।

ଆଖେଟ—ବି. ମୃଗୟା ।

ଆଖ୍ୟା—ବି. (ଆ-ଖ୍ୟା-ଅ) ନାମ ।

ଆଖ୍ୟାତ—ବିଂ. (ଆ-ଖ୍ୟା-ତ) କଥିତ ।

ଆଖ୍ୟାନ—ବି. (ଆ-ଖ୍ୟା-ଅନ) କଥା; ବିବରଣ ।

ଆଖ୍ୟାୟିକା-ବ.(ଆ-ଖ୍ୟା-ଅକ-ଆ) ଇତିହାସ ।
ଆଗ-ବ. (ଅଗ୍ରଶବ୍ଦରୁ)ସମ୍ମୁଖ ; ପୂର୍ବବର୍ତ୍ତୀ ସମୟ ।
ଆଗତ-ବିଂ. (ଆ-ଗମ୍-ତ) ଉପସ୍ଥିତ ; ପ୍ରାପ୍ତ ।
ଆଗନ୍ତୁକ-ବ. (ଆ-ଗମ୍-ତୁ-କ) ଅଭ୍ୟାଗତ ; ଅତିଥି ।
ଆଗକୁହା-ବିଂ. ଯେ ସମୟ-ପୂର୍ବରୁ କହେ ।
ଆଗତୁରା-କ୍ରିଂ. ବିଂ. (ଅଗ୍ର-ତ୍ୱରା) ଅଗ୍ରୀମ ।
ଆଗଭର / ଆଗବଢ଼ି } କ୍ରିଂ. ଅଗ୍ରସର ହୋଇ ।
ଆଗମ-ବ. (ଆ-ଗମ୍-ଅ) ବେଦାଦି ଶାସ୍ତ୍ର ।
ଆଗହୁଁ-କ୍ରିଂ. ବିଂ. ପୂର୍ବରୁ ।    ସ୍ଥିତ ।
ଆଗମନ-ବ. (ଆ-ଗମ୍-ଅନ) ଆସିବା ; ଉପ-
ଆଗାମୀ-ବିଂ. ( ଆ-ଗମ୍-ଇନ୍ ) ଭବିଷ୍ୟତ୍ ; ଭାବୀ ।    [ପଟେ ଦାବେ ।
ଆଗୁଳା-ବ. (ଅର୍ଗଳ ଶବ୍ଦଜ) ଯେ ଅଗୁଳେ ବା
ଆଗୁସାର-ବିଂ. (ଅଗ୍ରସର ଶବ୍ଦଜ) ଅଗ୍ରସର ।
ଆଗେ-କ୍ରିଂ. ବିଂ ଅଗ୍ରେ ; ପୂର୍ବେ ।
ଅଗୋ-ଅଂ. ସ୍ତ୍ରୀ ସମ୍ବୋଧନେ ।
ଆଗ୍ନେୟ-ବିଂ. (ଅଗ୍ନି-ଏୟ) ଅଗ୍ନି ସମ୍ବନ୍ଧୀୟ ।
ଆଗ୍ରହ-ବ. (ଆ-ଗ୍ରହ୍-ଅ) ବ୍ୟଗ୍ରତା ।
ଆଘାତ-ବ. (ଆ-ହନ୍-ଅ) ପ୍ରହାର ; ବଧ ।
ଆଘ୍ରାଣ-ବ. ( ଆ-ଘ୍ରା-ଅନ ) ଗନ୍ଧଗ୍ରହଣ ; ଶୁଙ୍ଘିବା ।
ଆଘ୍ରାତ-ବିଂ. ଶୁଙ୍ଘା ହୋଇଥିବା ।
ଆଙ୍କିବା-(ଅଙ୍କ୍ ଧାତୁରୁ) ଅଙ୍କନ କରିବା ।
ଆଙ୍ଗୁଠି-ବ. (ଅଙ୍ଗୁଷ୍ଠ ଶବ୍ଦଜ) ଅଙ୍ଗୁଳି ।

ଆଙ୍ଗୁଳ-ବ. (ଅଙ୍ଗୁଳି ଶବ୍ଦଜ) ଅଙ୍ଗୁଳିପ୍ରସ୍ଥ ପରିମାଣ ।
ଆଙ୍ଗୁଳି-ବ. (ଅଙ୍ଗୁଳି ଶବ୍ଦଜ) ଅଙ୍ଗୁଳି ।
ଆଚମନ-ବ. (ଆ-ଚମ୍-ଅନ) ମୁଖପ୍ରକ୍ଷାଳନ ।
ଆଚମ୍ବିତ-ବିଂ. ଚକିତ ।
ଆଚମ୍ବିତେ-କ୍ରିଂ. ବିଂ. ହଠାତ୍, ଚକିତଭାବରେ ।
ଆଚରଣ-ବ. (ଆ-ଚର୍-ଅନ-ଅ) ଅନୁଷ୍ଠାନ ; ବ୍ୟବହାର ।
ଆଚରିତ-ବିଂ. (ଆ-ଚର୍-ତ) ଅନୁଷ୍ଠିତ, କୃତ ।
ଆଚାର-ବ. (ଆ-ଚର୍-ଅ) ବ୍ୟବହାର; ପ୍ରସ୍ତୁତ ଅମ୍ଳଦ୍ରବ୍ୟ ।    [ହିତ ।
ଆଚାର୍ଯ୍ୟ-ବ. (ଆ-ଚର୍-ଯ) ଶିକ୍ଷାଗୁରୁ ; ପୁରୋ-
ଆଚ୍ଛନ୍ନ-ବ. (ଆ-ଛଦ୍-ତ) ଆବୃତ; ଅଭିଭୂତ ।
ଆଚ୍ଛା / ଅଚ୍ଛା } ବିଂ. (ଅଚ୍ଛଶବ୍ଦଜ) ଭଲ ; ଅଂ. ହଉ ।
ଆଚ୍ଛାଦିତ-ବିଂ. (ଆ-ଛଦ୍-ଣିଚ୍-ତ) ଆବୃତ ।
ଆଛୁ-ବ. ବୃକ୍ଷବିଶେଷ ।
ଅଜ, ଅଜି-କ୍ରି. ବିଂ. (ଅଦ୍ୟଶବ୍ଦଜ) ଅଦ୍ୟ ।
ଆଜିକାଲି-କ୍ରିଂ. ବିଂ. ଅଧୁନା ।
ଆଜହୁଁ-କ୍ରିଂ. ବିଂ. ଅଜଠାରୁ ।    [କ୍ରୀବନ ।
ଆଜନ୍ମ-କ୍ରିଂ. ବିଂ. (ଆ-ଜନ୍ମ) ଜନ୍ମାବଧି ; ଯାବ-
ଆଜାନୁ-କ୍ରିଂ. ବିଂ. (ଆ-ଜାନୁ) ଜାନୁପର୍ଯ୍ୟନ୍ତ ।
ଆ-ଜୀବ-ବ. ଜୀବନ ।
ଆଞ୍ଜି-(ଅଞ୍ଜ୍ ଧାତୁରୁ) କଜଳ ।
ଆଞ୍ଜିବା-କ୍ରିଂ. କଜଳ ଲଗାଇବା ; କଜଳ କରିବା ।
ଆଜ୍ଞପ୍ତ-ବିଂ. (ଆ-ଜ୍ଞା-ଣିଚ୍-ତ) ଆଦିଷ୍ଟ ।

ଆଜ୍ଞା—ବ. (ଆ-ଜ୍ଞା-ଅ) ଆଦେଶ ।
ଆଟିକା—ବ. ଛୋଟ ହାଣ୍ଡି ।
ଆଟୁଘର—ବ. (ଅଟ୍ଟଶବ୍ଦଜ) ମାଟିକୋଠା ।
ଆଟୋପ—ବ. ଆଡ଼ମ୍ବର ।
ଆଠ—ବଂ. (ଅଷ୍ଟଶବ୍ଦଜ) ୮ ସଂଖ୍ୟା ।
ଆଠକାଳବାରମାସି— (ଅଷ୍ଟକାଳ, ଦ୍ୱାଦଶ-ମାସ) ବର୍ଷଯାକ ।
ଆଠମଙ୍ଗଳା—ବ. ବିବାହର ଅଷ୍ଟମଦିନ ।
ଆଡ଼—ସଂ. (ଅର=କୋଣ, ଜକଠ) ଦିଗ ; ଓସାର ; ବଂ. ବଙ୍କ ।
ଆଡ଼କେ—କ୍ରି° ବଂ. ଏକଅଡ଼େ ।
ଆଡ଼ମ୍ବର—ବ. ଜାକ୍ଜମକ ।
ଆଡ଼ଣୀ—ବ. ରଜାଙ୍କ ପାର୍ଶ୍ୱରେ ଚଳୁଥିବା ବସ୍ତ୍ର-ନିର୍ମିତ ପଙ୍ଖା ।
ଆଡ଼ରୁଷା—ବ. ଅଳ୍ପ ରୁଷିବା ।
ଆଡ଼ୀ—ବ. ମୃଗୟାର୍ଥ ପ୍ରସ୍ତୁତ ସ୍ଥାନ ।
ଆଡ଼େଇବା—କ୍ରି°. ଏକଅଡ଼କୁ କରିଦେବା ।
ଆଢ୍ୟ—ବଂ. ଧନୀ ; ସମ୍ପନ୍ନ ।
ଆଢୁଆଲ—ବ. ଅନ୍ତରାଳ ।
ଆଣି—ବ. ଗଙ୍ଗ ; ଟେକ ।
ଆଣିବା—କ. (ଆ-ନୀ ଧାତୁରୁ) ଆନୟନ କରିବା ।
ଆଣ୍ଠା—ବଂ. ଦୃଢ଼ । ବ. ଗଣ୍ଠି ।
ଆଣ୍ଠେ—କ୍ରି. ବଂ. ଦୃଢ଼ରୂପେ ।
ଆଣ୍ଠୁ—ବ. (ଅଷ୍ଠିବତ୍ଶବ୍ଦଜ) ଜାନୁସନ୍ଧି ।
ଆଣ୍ଠୁଆ—ବ. ଆଣ୍ଠୁର ମାଡ଼ ।

ଆଣ୍ଠିଏ } ବ. ଆଣ୍ଠୁପର୍ଯ୍ୟନ୍ତ ଗଭୀର ।
ଆଣ୍ଠୁଆଣି }
ଆଣ୍ଠୁକୁଡ଼ା—ବଂ. ଅପୁତ୍ରକ, ନିଃସନ୍ତାନ ।
ଆଣ୍ଠେଇବା—କ୍ରି°. ଆଣ୍ଠୁ ମାଡ଼ି ବସିବା ।
ଆଣ୍ଡିଆ—ବଂ. ଏକବାଗିଆ । [ଳିବା ।
ଆଣ୍ଡୋଳିବା—କ୍ରି°. (ଆନ୍ଦୋଳନଶବ୍ଦଜ) ଅଣ୍ଡା-
ଆତଙ୍କ—ବ. (ଆ-ତନ୍କ୍-ଅ) ଭୟ ; ଶଙ୍କା ।
ଆତଙ୍ଗ—ବ. (ଆତଙ୍କଶବ୍ଦଜ) ଭୟ ।
ଆତ—ବ. ସ୍ୱନାମଖ୍ୟାତ ବୃକ୍ଷ ଓ ଫଳ ।
ଆତତାୟୀ—ବଂ. ବ. ହତ୍ୟାକାରୀ ।
ଆତପ—ବ. (ଆ-ତପ୍-ଅ) ରୌଦ୍ର; ବଂ. ଅରୁଆ ।
ଆତପତ୍ର—ବ. (ଆତପ-ତ୍ରୈ-ଅ) ଛତ୍ର ।
ଆତଯାତ—ବ. ଯାତାୟାତ ।
ଆତସବାଜି—ବ. ଅଗ୍ନିକ୍ରୀଡ଼ା । [ପରାୟଣ ।
ଆତିଥେୟ—ବଂ. (ଅତିଥି-ଏୟ) ଅତିଥିସେବା-
ଆତିଥ୍ୟ—ବ. (ଅତିଥି-ଯ) ଅତିଥିସେବା ।
ଆତିଶଯ୍ୟ—ବ.(ଅତିଶୟ-ଯ)ଆଧିକ୍ୟ; ପ୍ରାବଲ୍ୟ ।
ଆତୁର—ବଂ. କାତର; ଅଧୀର । [ବାଦ୍ୟ ।
ଆତୋଦ୍ୟ—ବ. (ଆ-ତୁଦ୍-ଯ) ବୀଣା ପ୍ରଭୃତି
ଆତ୍ମଗତ—କ୍ରି°. ବଂ. (ଆତ୍ମନ୍-ଗମ୍-ତ) ସ୍ୱଗତ ; ମନେ୨ । [ଯୋଗ୍ୟ ବିଷାଦ ।
ଆତ୍ମଗ୍ଲାନି—ବ. (ଆତ୍ମନ୍-ଗ୍ଲୈ-ନି) ନିଜ ଅପରାଧ-
ଆତ୍ମଘାତୀ—ବଂ. (ଆତ୍ମନ୍-ଘାତ-ଇନ୍) ଆତ୍ମ-ହତ୍ୟାକାରୀ ।
ଆତ୍ମଜ—ବ. (ଆତ୍ମନ୍-ଜନ୍-ଅ) ପୁତ୍ର ।
ଆତ୍ମଜା—ବ. ଦୁହିତା ।

ଆତ୍ମଜ୍ଞାନ—ବ. (ଆତ୍ମନ୍-ଜ୍ଞା-ଅନ) ନିଜ ବା ଆତ୍ମ-
  ବିଷୟକ ଜ୍ଞାନ । [ପ୍ରସନ୍ନତା ।

ଆତ୍ମପ୍ରସାଦ—ବ. ( ଆତ୍ମନ୍-ପ୍ରସାଦ ) ଆତ୍ମାର

ଆତ୍ମବୋଧ—ବ. (ଆତ୍ମନ୍-ବୁଧ୍-କ୍ୱିପ୍) ଆତ୍ମଜ୍ଞାନ ।

ଆତ୍ମମ୍ଭରି—ବି. (ଆତ୍ମନ୍-ଭୃ-ଇନ୍) ସ୍ୱାର୍ଥପର ;
  ପେଟୁ । [ଆତ୍ମୀୟ ।

ଆତ୍ମସାତ୍—ଅ. ( ଆତ୍ମନ୍-ସାତ୍ ) ଆପଣାର

ଆତ୍ମା—ବ. ଜୀବାତ୍ମା ; ଆପେ ।

ଆତ୍ମୀୟ—ବି. (ଆତ୍ମନ୍-ଈୟ) ଆତ୍ମସମ୍ପର୍କୀୟ ;
  କୁଟୁମ୍ବ ; ବନ୍ଧୁ ।

ଆତ୍ମୀୟତା—ବ. ବନ୍ଧୁତା ।

ଆଦର—ବ. (ଆ-ଦୃ-ଅ) ସମ୍ମାନ ।

ଆଦରିବା—କ୍ରି. ଆଦରସହ ଗ୍ରହଣ କରିବା ।

ଆଦର୍ଶ—ବ. (ଆ-ଦୃଶ୍-ଅ) ଦର୍ପଣ ; ଅନୁକରଣୀୟ
  ଦୃଷ୍ଟାନ୍ତ ।

ଆଦାନ—ବ. (ଆ-ଦା-ଅନ) ଗ୍ରହଣ ।

ଆଦାୟ—ବ. (ଆ-ଦା-ଯ) ଗ୍ରହଣ ।

ଆଦି—ବ. ପ୍ରଥମ ; ମୂଳ ।

ଆଦିକବି—ବ. ବାଲ୍ମୀକି ; ସ୍ରଷ୍ଟା ।

ଆଦିତ୍ୟ—ବ. (ଅଦିତି-ଯ) ରବି ; ଦେବତା ।

ଆଦିପୁରୁଷ—ବ. ବଂଶର ପ୍ରଥମ ପୁରୁଷ ।

ଆଦିମ—ବି. (ଆଦି-ମ) ପ୍ରଥମ ; ଆଦ୍ୟ ।

ଆଦିଷ୍ଟ—ବି. (ଆ-ଦିଶ୍-ତ) ଆଦେଶପ୍ରାପ୍ତ ।

ଆଦୃତ—ବି. (ଆ-ଦୃ-ତ) ଆଦରପ୍ରାପ୍ତ ; ସମ୍ମାନିତ ।

ଆଦେଶ—ବ. (ଆ-ଦିଶ୍-ଅ) ଆଜ୍ଞା ; ହୁକୁମ ।

ଆଦୌ—କ୍ରି. ବି. (ଆଦିଶବ୍ଦରୁ) ପ୍ରଥମରେ ।

ଆଦ୍ୟ—ବି. (ଆଦି-ଯ) ପ୍ରଥମ ; ଆଦିମ ।

ଆଦ୍ୟନ୍ତ—ବି. (ଆଦି-ଅନ୍ତ) ଆରମ୍ଭ ଓ ଶେଷ

ଆଦ୍ୟୋପାନ୍ତ—ବି. (ଆଦି-ଉପ-ଅନ୍ତ) ପ୍ରଥମରୁ
  ଶେଷଯାଏ ।

ଆଧାନ—ବ. (ଆ-ଧା-ଅନ) ସମ୍ପାଦନ ; କରଣ ।

ଆଧାର—ବ. (ଆ-ଧୃ-ଅ) ପାତ୍ର ; ଆଶ୍ରୟ ।

ଆଧି—ବ. (ଆ-ଧା-ଇ) ମନଃପୀଡ଼ା ; ଗଚ୍ଛିତସମ୍ପତ୍ତି ।

ଆଧିକ୍ୟ—ବ. (ଅଧିକ-ଯ) ଶ୍ରେଷ୍ଠତା ।

ଆଧିଦୈବିକ—ବି. (ଅଧିଦେବ-ଇକ) ଦୈବ-
  ଜାତ ।

ଆଧିପତ୍ୟ—ବ. (ଅଧିପତି-ଯ) ପ୍ରଭୁତ୍ୱ ; ସ୍ୱାମିତ୍ୱ ।

ଆଧିଭୌତିକ—ବି. (ଅଧିଭୂତ-ଇକ) ଭୂତ-
  ମାନଙ୍କରୁ ଜାତ । [ପ୍ରାକ୍କାଳର ।

ଆଧୁନିକ—ବି. (ଅଧୁନା-ଇକ) ଇଦାନୀନ୍ତନ ;

ଆଧେୟ—ବି. (ଆ-ଧା-ଯ) ଆଧାରରେ ରକ୍ଷ-
  ଣୀୟ ।

ଆଧୋରଣ—ବ. ହାତୀର ମହୁନ୍ତ ।

ଆଧ୍ମାତ—ବି. (ଆ-ଧ୍ମା-ତ) ସ୍ଫୀତ, ଗର୍ବିତ ।

ଆଧ୍ମାନ—ବ. (ଆ-ଧ୍ମା-ଅନ) ବାୟୁଦ୍ୱାରା ପୂରଣ ;
  ଫୁଲିବା ।

ଆଧ୍ୟାତ୍ମିକ—ବି. ( ଅଧି-ଆତ୍ମନ୍-ଇକ ) ଆତ୍ମ-
  ସମ୍ବନ୍ଧୀୟ ।

ଆନ—ବି. (ଅନ୍ୟଶବ୍ଦରୁ) ଅନ୍ୟ ।

ଆନତ—ବି. (ଆ-ନମ୍-ତ) ଅବନତ ।

ଆନଦ୍ଧ—ବି. (ଆ-ନହ୍-ତ) ବଦ୍ଧ ।

ଆନନ—ବ. (ଆ-ଅନ୍-ଅନ) ବଦନ ; ମୁଖ ।

ଆନନ୍ଦ—ବ. (ଆ-ନନ୍ଦ୍-ଅ) ଆହ୍ଲାଦ ; ହର୍ଷ ।

ଆନନ୍ଦିତ-ବି. ଅହ୍ଲାଦିତ ।
ଆନୟନ-ବି. (ଆ-ନୀ-ଅନ) ଅଣିବାର ।
ଆନୀତ-ବିଂ. (ଆ-ନୀ-ତ-) ଅଣାଯାଇଥିବା ।
ଆନୁକୂଲ୍ୟ-ବି. (ଅନୁ-କୂଳ-ଯ) ସାହାଯ୍ୟ ।
ଆନୁଗତ୍ୟ-ବି. (ଅନୁଗତ-ଯ) ଅନୁଗତଭାବ ।
ଆନୁପୂର୍ବିକ-ବିଂ.(ଅନୁ-ପୂର୍ବ-ଇକ) କ୍ରମାନୁସାରେ ।
ଆନୁମାନିକ-ବିଂ. (ଅନୁମାନ-ଇକ) ସମ୍ଭାବ୍ୟ ।
ଆନୁଷଙ୍ଗିକ-ବିଂ. (ଅନୁଷଙ୍ଗ-ଇକ) ଅନ୍ୟ ସଙ୍ଗରେ ସଂଲଗ୍ନ ।
ଆନ୍ତରିକ-ବିଂ. (ଅନ୍ତର-ଇକ) ମନୋଗତ ।
ଆନ୍ଦୋଳନ-ବି. (ଆ-ଦୋଲ୍-ଅନ) କମ୍ପନ ; ଆଲୋଚନା ।
ଆନ୍ୱୀକ୍ଷିକୀ-ସ୍ତ୍ରୀ. ବି. ତର୍କଶାସ୍ତ୍ର ।
ଆପଠ-ବି. ଅବରଣ ।
ଆପଟ୍ଟ-ବିଂ. (ଅପ୍ତଶବ୍ଦରୁ) ବଣ୍ଟସ୍ତ ।
ଆ-ପଣ-ବି. ବିକ୍ରୟସ୍ଥାନ ; ହାଟ ।
-ଆପଣ-ସର୍ବଂ (ଆତ୍ମନ୍ଶବ୍ଦଜ) ଭବାନ୍ ବା ତୁମ୍ଭେ ।
ଆପତ୍ତି-ବି. (ଆ-ପଦ୍-ତି) ବିରୁଦ୍ଧଯୁକ୍ତି ; ବାଧା ।
ଆପଦ୍-ବି. (ଆ-ପଦ୍) ବିପଦ ; ଦୁଃଖ ।
ଆପନ୍ନ-ବିଂ. (ଆ-ପଦ୍-ତ) ବିପଦ୍ଗ୍ରସ୍ତ ; ପ୍ରାପ୍ତ ।
ଆପାତତଃ-ଅଂ. (ଆପାତ-ତସ୍) ସମ୍ପ୍ରତି : ଇଦାନୀଂ ।
ଆ-ପାମର-ବିଂ. ମୂର୍ଖଲୋକପର୍ଯ୍ୟନ୍ତ ।
ଆପିଲ, ଅପିଲ୍-ବି. (ଇଂ) ପୁନର୍ବିଚାରର ପ୍ରାର୍ଥନା ।

ଆପୀନ-ବି. ଗାଭୀର ସ୍ତନ, ପହ୍ନା ।
ଆପୁ-ବି. ଅଫିମ୍ ।
ଆପେ-ସର୍ବ. (ଆତ୍ମନ୍ଶବ୍ଦଜ) ସ୍ୱୟଂ ; ନିଜେ ।
ଆପେକ୍ଷିକ-ବିଂ. (ଅପେକ୍ଷା-ଇକ) ଅପେକ୍ଷା-ଘଟିତ ।
ଆପ୍ତ-ବିଂ. (ଆପ୍-ତ) ଅଭ୍ରାନ୍ତ ; ଆତ୍ମୀୟ ; ହିତ ।
ଆପ୍ୟାୟିତ-ବିଂ.(ଆ-ପ୍ୟାୟ୍-ତ) ତୃପ୍ତ ; ସନ୍ତୁଷ୍ଟ ।
ଆପ୍ଲୁତ-ବିଂ. (ଆ-ପ୍ଲୁ-ତ) ସ୍ନାତ ; ମଗ୍ନ ।
ଆବଦ୍ଧ-ବିଂ. (ଆ-ବନ୍ଧ୍-ତ) ବ୍ୟାପୃତ ।
ଆଭରଣ-ବି. (ଆ-ଭୃ ଅନ) ଅଳଙ୍କାର ।
ଆଭା-ବି. (ଆ-ଭା-ଅ) ଦୀପ୍ତି । [ଦୀପ୍ତି ।
ଆଭାସ-ବି. (ଆ-ଭାସ୍-ଅ) ସୂଚନା ; ସାଦୃଶ୍ୟ ;
ଆଭିଜାତ୍ୟ-ବି. (ଅଭିଜାତ-ଯ) କୌଳିନ୍ୟ, ବଂଶମର୍ଯ୍ୟାଦା ।
ଆଭିମୁଖ୍ୟ-ବି. (ଅଭିମୁଖ-ଯ) ସମ୍ମୁଖୀନତ୍ୱ ।
ଆଭୀର-ବି. ଗଉଡ଼ ; ଗୋପାଳ ।
ଆଭୋଗ-ବି. (ଆ-ଭୁଜ୍-ଅ) ବିସ୍ତାର ।
ଆମ-ସ୍ୱଂ. ବିଂ. ଅପକ୍ୱ ; ବି. ପେଟରୁ ପଡ଼ିବା ଝାଳ । [ଅନୟନ ।
ଆମଦାନି-ବି. ଅୟ ; ଦେଶାନ୍ତରରୁ ଦ୍ରବ୍ୟାଦିର
ଆମନ୍ତ୍ରଣ-(ଆ-ମନ୍ତ୍ର-ଅନ)ସମ୍ବୋଧନ ; ନିମନ୍ତ୍ରଣ ।
ଆମୟ-ବି. ରୋଗ, ବ୍ୟାଧି ।
ଆମଳକ-ବି. ଅଁଳା ।
ଆମଲା-ବି. ବେତନଭୋଗୀ କର୍ମଚାରୀ ।
ଆମାଶୟ-ବି. (ଆମ-ଆଶୟ) ପାକାଶୟ ; ରୋଗବିଶେଷ ।
ଆମିଷ-ବି. ମାଂସ ଓ ମତ୍ସ୍ୟାଦି ।

ଆମୂଳଚୂଳ- କ୍ରି. ବିଂ. ମୂଳରୁ ଶେଷପର୍ଯ୍ୟନ୍ତ ।

ଆମୋଦ–ବି. (ଆ-ମୁଦ୍-ଅ) ହର୍ଷ ; ସୁଗନ୍ଧ ।

ଆମ୍ର–ସଂ. ବି. ଅମ୍ବ ।

ଆମ୍ବ–ବି. (ଆମ୍ରଶବ୍ଦଜ) ଅମ୍ର ।

ଆମ୍ବଡ଼ା–ବି. ବୃକ୍ଷବିଶେଷ ଓ ତାହାର ଫଳ ।

ଆମ୍ବିଳ–ବିଂ. (ଅମ୍ଳଶବ୍ଦଜ) ଅମ୍ଳ । ବି. ଅମ୍ଳରସ-ଯୁକ୍ତ ବ୍ୟଞ୍ଜନ ।

ଆୟ–ବି. (ଆ-ଯା-ଅ) ଲାଭ ; ଧନାଗମ ।

ଆୟତ–ବି. (ଆ-ଯମ୍-ତ) ସମକୋଣୀ ସମାନ୍ତ-ରାଳ କ୍ଷେତ୍ର ; ବିଂ. ବିସ୍ତୃତ ।

ଆୟତନ–ବି.(ଆ-ଯତ୍-ଅନ) ପରିସର; ମନ୍ଦିର ।

ଆୟତ୍ତ–ବିଂ. (ଆ-ଯତ୍-ତ) ଅଧୀନ ।

ଆୟସୀ–ବି. (ଅୟସ୍-ଅ-ଈ) ଲୌହମୟୀ ।

ଆୟା–ବି. ଧାତ୍ରୀ ; ଦାସୀ ।

ଆୟାତ–ବି.(ଆ-ଯା-ତ) ଆଗମନ; ବିଂ. ଆଗତ ।

ଆୟାସ–ବି. (ଆ-ଯସ୍-ଅ) ପରିଶ୍ରମ, କ୍ଲାନ୍ତି ।

ଆୟୁଃ–ବି. ଜୀବନ ; ପରମାୟୁ ।

ଆୟୁଧ–ବି. (ଆ-ଯୁଧ୍-ଅ) ଅସ୍ତ୍ର-ଶସ୍ତ୍ର ।

ଆୟୁର୍ବେଦ–ବି. (ଆୟୁଃ-ବିଦ୍-ଅ) ଚିକିତ୍ସାଶାସ୍ତ୍ର ।

ଆୟୁଷ୍ମାନ୍–ବିଂ. (ଆୟୁଷ୍-ମତ୍) ଦୀର୍ଘାୟୁ ।

ଆୟୋଜନ–ବି. (ଆ-ଯୁଜ୍-ଅନ) ସଂଗ୍ରହ, ଆହରଣ ।

ଆରକ୍ତ–ବିଂ. (ଆ-ରନ୍ଜ୍-ତ) ଈଷତ୍ ରକ୍ତବର୍ଣ୍ଣ ।

ଆରଣ୍ୟ–ବିଂ. (ଅରଣ୍ୟ-ଅ) ଅରଣ୍ୟସମ୍ବନ୍ଧୀୟ ।

ଆରଣ୍ୟକ–ବି. (ଅରଣ୍ୟ-କ) ବନବାସୀ ।

ଆରତି–ବି. (ଆ-ରମ୍-ତି) ନିବୃତ୍ତି ; ଆଳତି ।

ଆରବ୍ଧ–ବିଂ. (ଆ-ରଭ୍-ତ) ଯାହା ଆରମ୍ଭ କରା-ହୋଇଅଛି ।

ଆରମ୍ଭ–ବି. (ଆ-ରଭ୍-ଅ) ଉପକ୍ରମ ।

ଆରବ, ଆରାବ–ବି. (ଆ-ରୁ-ଅ) ଶବ୍ଦ ।

ଆରଶି–(ଆଦର୍ଶ ଶବ୍ଦରୁ) ଦର୍ପଣ ; ଆଦର୍ଶ ।

ଆରାଧନା–ବି. (ଆ-ରାଧ୍-ଅନ-ଆ) ଉପାସନା ।

ଆରାଧ୍ୟ–ବିଂ. (ଆ-ରାଧ୍-ଯ) ଉପାସ୍ୟ ।

ଆରାମ–ବି. (ଆ-ରମ୍-ଅ) ଉପବନ ।

ଆରାମ–ବି. ସୁସ୍ଥତା ।

ଆରୁଷା–ବି. ଦେଶୀ୍ବଜ୍ଞବିଶେଷ ।

ଆରୂଢ଼–ବିଂ. (ଆ-ରୁହ୍-ତ) ଅଧିରୂଢ଼ ।

ଆରେ–ଅବଜ୍ଞାସୂଚକ ସମ୍ବୋଧନ ଶବ୍ଦ ।

ଆରେକ–ବିଂ. ଅନ୍ୟଜଣେ ।

ଆରୋଗ୍ୟ–ବି. (ଅରୋଗ-ଯ) ସ୍ୱାସ୍ଥ୍ୟ । [ଭଲ]ବା ।

ଆରୋପ–ବି. (ଆ-ରୋପି-ଅ) କଳ୍ପନା ; ଲଗା-

ଆରୋହ–ବି. (ଆ-ରୁହ୍-ଅ) ଆରୋହଣ ।

ଆରୋହଣ–ବି. (ଆ-ରୁହ୍-ଅନ) ଚଢ଼ିବା ।

ଆରୋହଣୀ–ବି. (ଆ-ରୁହ୍-ଇନ୍-ଈ) ସୋପାନ ।

ଆରୋହୀ–ବିଂ.(ଆ-ରୁହ୍-ଇନ୍) ଆରୋହଣକାରୀ ।

ଆର୍ଜ୍ଜବ, ଆର୍ଜବ–ବି. (ଋଜୁ-ଅ) ସରଳତା ।

ଆର୍ତ୍ତ–ବିଂ. (ଆ-ଋ-ତ) ପୀଡ଼ିତ ; ବ୍ୟାକୁଳ ।

ଆର୍ତ୍ତି–ବି. (ଆ-ଋ-ତି) ପୀଡ଼ା ।

ଆର୍ଦ୍ର–ବିଂ. (ଅର୍ଦ୍-ର) ଓଦା ; ଦ୍ରବୀଭୂତ ।

ଆର୍ଦ୍ରକ–ବି. (ଆର୍ଦ୍ର-କ) ଅଦା ।

ଆର୍ଦ୍ରା–ବି. ନକ୍ଷତ୍ରବିଶେଷ ।

ଆର୍ଯ୍ୟ-ବିଂ. (ଆ-ଋ-ଯ) ସଭ୍ୟ; ପୂଜ୍ୟ; ଶ୍ରେଷ୍ଠ । ବି. ଆର୍ଯ୍ୟଜାତି ।

ଆର୍ଯ୍ୟାବର୍ତ୍ତ-ବି. (ଆର୍ଯ୍ୟ-ଆବର୍ତ୍ତ) ହିମାଳୟ ଓ ବିନ୍ଧ୍ୟପର୍ବତର ମଧ୍ୟବର୍ତ୍ତୀ ସ୍ଥାନ ।

ଆଲଟେ-ବି. (ଦେଶଜ) ସ୍ୱଜବ୍ୟଜନ ବା ପଙ୍ଖା ।

ଆଲତ-ବି. (ଅଲକ୍ତ ଶବ୍ଦଜ) ମାସଜକା ।

ଆଲମ୍ବ-ବି. (ଆ-ଲମ୍ବ୍-ଅ) ଆଶ୍ରୟ ।

ଆଲମ୍ବନ-ବି. (ଆ-ଲମ୍ବ୍-ଅନ) ଅବଲମ୍ବନ; ଆଶ୍ରୟ ।

ଆଲୟ-ବି. (ଆ-ଲୀ-ଅ) ଗୃହ ।

ଆଲବାଲ-ବି. ଗଛର ମଣା ।

ଆଲସ୍ୟ-ବି. (ଅଲସ-ଯ) ଅଲସୁଆପଣ; ମାନ୍ଦ୍ୟ । [କଥାବାର୍ତ୍ତା ।

ଆଲାପ-ବି. (ଆ-ଲପ୍-ଅ) କଥୋପକଥନ;

ଆଳି, ଆଲୀ-ବି. ସଖୀ; ଶ୍ରେଣୀ ।

ଆଲିଙ୍ଗନ-ବି. (ଆ-ଲିଙ୍ଗ୍-ଅନ) ଆଶ୍ଳେଷ, ପରସ୍ପର ବକ୍ଷମିଳନ ।

ଆଲିଢ଼-ବିଂ. (ଆ-ଲିହ୍-ତ) ଭକ୍ଷିତ; ଆସ୍ୱାଦିତ ।

ଆଳୁ-ବି. ବୃକ୍ଷ ବିଶେଷ ଓ ତାହାର ମୂଳ ।

ଆଲୁଅ-ବି. (ଆଲୋକ ଶବ୍ଦଜ) ଆଲୋକ; ପ୍ରକାଶ ।

ଆଲେଖ୍ୟ-ବି. (ଆ-ଲିଖ୍-ଯ) ଚିତ୍ର; ଛବି ।

ଆଲୋ-ଅ. ନାରୀ ସ୍ତ୍ରୀ ସମ୍ବୋଧନ ।

ଆଲୋକ-ବି. (ଆ-ଲୋକ୍-ଅ) ଦର୍ଶନ; ଆଲୁଅ ।

ଆଲୋକନ-ବି. (ଆ-ଲୋକ୍-ଅନ) ଦର୍ଶନ ।

ଆଲୋଚନା-ବି. (ଆ-ଲୁଚ୍-ଅନ-ଆ) ଆନ୍ଦୋଳନ; ଚର୍ଚ୍ଚା ।

ଆଲୋଡ଼ନ-ବି. (ଆ-ଲୁଡ୍-ଅନ) ମନ୍ଥନ; ଆନ୍ଦୋଳନ ।

ଆଲୋଡ଼ିତ-ବିଂ. (ଆ-ଲୁଡ୍-ତ) ଆନ୍ଦୋଳିତ ।

ଆବର-ଅ. ଅପର, ପୁଣି । [ଆଦରବା ।

ଆବରିବା-(ଆ-ବୃଧାତୁରୁ) ମୋର ବୋଲି

ଆବରଣ-ବି. (ଆ-ବୃ-ଅନ) ଆଚ୍ଛାଦନ ।

ଆବର୍ଜ୍ଜନା-ବି. (ଆ-ବୃଜ୍-ଅନ-ଆ) ଝାଡ଼ୁଆ ।

ଆବର୍ତ୍ତ-ବି. (ଆ-ବୃତ୍-ଅ) ଜଳଭଉଁରି; ଘୂର୍ଣ୍ଣନ ।

ଆବର୍ତ୍ତନ-ବି. (ଆ-ବୃତ୍-ଅନ) ଫେରାଇବା; ଘୂର୍ଣ୍ଣନ ।

ଆବଳି, ଆବଳୀ-ବି. ଶ୍ରେଣୀ; ପଂକ୍ତି ।

ଆବଶ୍ୟକ-ବିଂ. (ଅବଶ୍ୟ-କ) ପ୍ରୟୋଜନୀୟ ।

ଆବସଥ-ବି. (ଆ-ବସ୍-ଅଥ) ଆବାସ ।

ଆବହ-ବିଂ. (ଆ-ବହ୍-ଅ) ବହନକାରୀ । ବି. ବାୟୁବିଶେଷ ।

ଆବହମାନ-ବିଂ. ଚିର ପ୍ରଚଳିତ; କ୍ରମାଗତ ।

ଆବାସ-ବି. (ଆ-ବସ୍-ଅ) ଗୃହ । [ଆହ୍ୱାନ ।

ଆବାହନ-ବି. (ଆ-ବହ୍-ଇ-ଅନ) ନିମନ୍ତ୍ରଣ;

ଆବିର୍ଭାବ-ବି. (ଆବିସ୍-ଭୂ-ଅ) ପ୍ରକାଶ; ଉଦୟ ।

ଆବିର୍ଭୂତ-ବିଂ. (ଆବିସ୍-ଭୂ-ତ) ପ୍ରକାଶିତ; ଉଦିତ ।

ଆବିଷ୍କାର-ବି. (ଆବିସ୍-କୃ-ଅ) ନୂତନ ପ୍ରକାଶ ।

ଆବିଷ୍କୃତ-ବିଂ. (ଆବିସ୍-କୃ-ତ) ନୂତନ ପ୍ରକାଶିତ ।

ଆବିଷ୍କ୍ରିୟା-ବି. (ଆବିସ୍-କ୍ରିୟା) ନୂତନ ପ୍ରକାଶ ।

ଆବିଷ୍ଟ-ବିଂ. (ଆ-ବିଶ୍-ତ) ନିବିଷ୍ଟ ।

ଆବୁ-ବ. ଅସ୍ଥିମାଂସ ; ରୋଗବିଶେଷ ।

ଆବୃତ-ବ. (ଆ-ବୃ-ତ) ଆଚ୍ଛାଦିତ ।

ଆବୃତ୍ତ-ବି. (ଆ-ବୃତ୍-ତ) ଅଭ୍ୟସ୍ତ; ପୁନରାଗତ ।

ଆବୃତ୍ତି-ବି. (ଆ-ବୃତ୍-ତି) ପଠନ ; ଅଭ୍ୟାସ ।

ଆବେଗ-ବ. (ଆ-ବିଜ୍-ଅ) ମନର ବେଗ ; ଭାବର ପ୍ରାବଲ୍ୟ ।

ଆବେଦନ-ବ. (ଆ-ବିଦ୍-ଇ-ଅନ) ନିବେଦନ ।

ଆବେଶ-ବ. (ଆ-ବିଶ୍-ଅ) ଅଧିଷ୍ଠାନ ; ମନୋ-ଯୋଗ ।

ଆଶ-ବ. (ଆଶା ଶବ୍ଦଜ) ଆଶା ।

ଆଶଙ୍କା-ବ. (ଆ-ଶଙ୍କ୍-ଅ) ସନ୍ଦେହ ; ଭୟ ।

ଆଶୟ-ବ. (ଆ-ଶୀ-ଅ) ଅଭିପ୍ରାୟ ; ଆଶ୍ରୟ ।

ଆଶା-ବ. ଆକାଂକ୍ଷା ; ଦିଗ ।

ଆଶିସ୍-(ଆଶୀଃ) ଶୁଭକାମନା । [ପ୍ରାର୍ଥନା ।

ଆଶୀର୍ବାଦ-ବ. ( ଆଶିସ୍-ବଦ୍-ଅ ) ମଙ୍ଗଳ-

ଆଶୀବିଷ-ବ. ସର୍ପ ।

ଆଶୁ-କ୍ରି. ବି. ଶୀଘ୍ର ।

ଆଶୁଗ-ବ. (ଆଶୁ-ଗମ୍-ଅ) ଶର ।

ଆଶୁ-ତୋଷ-ବ. ମହାଦେବ । [ଜନକ ।

ଆଶ୍ଚର୍ଯ୍ୟ-ବ. (ଆ-ଚର୍-ଯ) ବିସ୍ମୟ ; ବି. ବିସ୍ମୟ-

ଆଶ୍ଚର୍ଯ୍ୟାନ୍ୱିତ-ବି. ( ଆଶ୍ଚର୍ଯ୍ୟ-ଅନୁ-ଇ-ତ ) ଆଶ୍ଚର୍ଯ୍ୟଯୁକ୍ତ ; ବିସ୍ମିତ । [ସ୍ଥାନ ।

ଆଶ୍ରମ-ବ. (ଆ-ଶ୍ରମ୍-ଅ) ମୁନିମାନଙ୍କର ବାସ-

ଆଶ୍ରୟ-ବ. (ଆ-ଶ୍ରି-ଅ) ରକ୍ଷାର ସ୍ଥାନ ।

ଆଶ୍ରା-ବ. (ଆଶ୍ରୟଶବ୍ଦଜ) ଆଶ୍ରୟ ।

ଆଶ୍ରିତ-ବି. (ଆ-ଶ୍ରି-ତ) ଶରଣାଗତ ।

ଆଶ୍ଳିଷ୍ଟ-ବି. (ଆ-ଶ୍ଳିଷ୍-ତ) ଆଲିଙ୍ଗିତ ।

ଆଶ୍ଳେଷ-ବ. (ଆ-ଶ୍ଳିଷ୍-ଅ) ଆଲିଙ୍ଗନ ।

ଆଶ୍ୱାସ-ବ.(ଆ-ଶ୍ୱସ୍-ଅ) ଆଶାଦାନ; ସାନ୍ତ୍ୱନା ।

ଆଶ୍ୱିନ-ବ. ମାସବିଶେଷ ।

ଆଷାଢ଼-ବ. ମାସବିଶେଷ ।

ଆସକ୍ତ-ବି. (ଆ-ସନ୍ଜ୍-ତ) ଅନୁରକ୍ତ ।

ଆସକ୍ତି-ବ. ପ୍ରବଳ ଅନୁରାଗ ।

ଆସନ-ବ. (ଆସ୍-ଅନ) ବସିବାସ୍ଥାନ ।

ଆସନ୍ତା-ବି. ଆଗାମୀ । [ବର୍ତ୍ତୀ ।

ଆସନ୍ନ-ବି. ( ଆ-ସଦ୍-ତ ) ଉପସ୍ଥିତ ; ନିକଟ-

ଆସବ-ବ. ମଦ୍ୟ ।

ଆସାଦିତ-ବି. (ଆ-ସଦ୍-ଣିଚ୍-ତ) ପ୍ରାପ୍ତ ।

ଆସାମୀ-ବ. ପ୍ରତିବାଦୀ ।

ଆସାର-ବ. (ଆ-ସୃ-ଅ) ବୃଷ୍ଟିପତନ ।

ଆସିବା-କ୍ରି. ଆଗମନ କରିବା ।

ଆସୀନ-ବି. (ଆସ୍-ଈନ) ଉପବିଷ୍ଟ ; ସ୍ଥିତ ।

ଆସୁରିକ-ବି. (ଅସୁର-ଇକ) ଅସୁରଯୋଗ୍ୟ ।

ଆସ୍କନ୍ଦିତ-ଅଶ୍ୱର ଗତିବିଶେଷ ।

ଆସ୍ତରଣ-ବ. (ଆ-ସ୍ତୃ-ଅ-ଅନ) ଶଯ୍ୟା ।

ଆସ୍ତିକ-ବି. (ଅସ୍ତି-ଇକ) ଈଶ୍ୱରବାଦୀ ।

ଆସ୍ତୀର୍ଣ୍ଣ-ବି. (ଆ-ସ୍ତୃ-ତ) ବିସ୍ତୃତ ।

ଆସ୍ଥା-ବ. (ଆ-ସ୍ଥା-ଅ) ଯତ୍ନ, ଆଦର ।

ଆସ୍ଥାନ-ବ. (ଆ-ସ୍ଥା-ଅନ) ସଭା ; ବଡ ମସ୍ଥାବ ।

ଆସ୍ପଦ-ବ. (ଆ-ପଦ୍-ଅ) ସ୍ଥାନ ; ପାତ୍ର ।

ଆସ୍ଫର୍ଦ୍ଧା-ବ. ଗର୍ବ ; ଅସ୍ଫାଳନ ।

ଆସ୍ଫାଳନ-ବି. ଗର୍ବ ପ୍ରକାଶ ।

ଆସ୍ୟ-ବି. (ଅସ୍-ଯ) ମୁଖ ; ଅନନ ।

ଆସ୍ୱାଦ-ବି. (ଆ-ସ୍ୱଦ୍-ଅ) ମଧୁସ୍ୱଦ ରସ ।

ଆସ୍ୱାଦନ-ବି. (ଆ-ସ୍ୱଦ୍-ଇ-ଅନ) ସ୍ୱାଦଗ୍ରହଣ ।

ଆହତ-ବିଂ. (ଆ-ହନ୍-ତ) ଅଘାତପ୍ରାପ୍ତ ।

ଆହରଣ-ବି. (ଆ-ହୃ-ଅନ) ସଂଗ୍ରହ ।

ଆହବ-ବି. (ଆ-ହ୍ୱେ-ଅ) ଯୁଦ୍ଧ ; ଯଜ୍ଞ ।

ଆହା-ଅଂ. ଖେଦସୂଚକ ଅବ୍ୟୟ ।

ଆହାର-ବି. (ଆ-ହୃ-ଅ) ଭୋଜନ ; ଖାଦ୍ୟ ।

ଆହାର୍ଯ୍ୟ-ବିଂ. (ଆ-ହୃ-ଯ) ଆହାରୀୟ ; ଭକ୍ଷ୍ୟ ।

ଆହୁତି-ବି. (ଆ-ହୁ-ତି) ଯଜ୍ଞାଗ୍ନିରେ ଘୃତକ୍ଷେପ ।

ଆହୁରି-ଅଂ. ପୁଣି, ଅଉ ।

ଆହୁଲା-ବି. କ୍ଷେପଣୀ, ନୌକାଚାଳକ ଦଣ୍ଡ ।

ଆହୂତ-ବିଂ. (ଆ-ହ୍ୱେ-ତ) ଆମନ୍ତ୍ରିତ ।

ଆହ୍ନିକ-ବିଂ. ( ଅହନ୍-ଇକ ) ଦୈନିକ । ବି. ସନ୍ଧ୍ୟାବନ୍ଦନାଦି ।

ଆହ୍ଲାଦ-ବି. (ଆ-ହ୍ଲାଦ୍-ଅ) ହର୍ଷ ।

ଆହ୍ୱାନ-ବି. (ଆ-ହ୍ୱେ-ଅନ) ସମ୍ବୋଧନ; ଅହ୍ୱା-ହ୍ୱନ ।

---

# ଇ

ବି. ତୃତୀୟ ସ୍ୱରବର୍ଣ୍ଣ ।

ଇଃ-ଅଂ. ଖେଦ ଓ ଘୃଣା ବା ବିରକ୍ତିସୂଚକ ଅବ୍ୟୟ ।

ଇକ୍ଷୁ-ସଂ. ବି. ଆଖୁଗଛ ।

ଇକଡ଼-ବି. (ସଂ. ଇକ୍ଷ୍ୱଟଶବ୍ଦରୁ) ଇକ୍ଷୁଜାତୀୟ ଗୁଳ୍ମବିଶେଷ ।

ଇଙ୍ଗିତ-ବି. (ଇନ୍ଗ୍-ତ) ସଙ୍କେତ ; ଠାର ; ଥଠା ।

ଇଙ୍ଗୁଦୀ-ସଂ. ବି. ବୃକ୍ଷବିଶେଷ ।

ଇଚଡ଼ି-ବି. ଜକ୍ଷିପଣସ ।

ଇଚ୍ଛା-ବି. (ଇଷ୍-ଅ) ବାଞ୍ଛା ; ସ୍ପୃହା ।

ଇଚ୍ଛୁ, ଇଚ୍ଛୁକ-ବିଂ. (ଇଷ୍-ଉ) ଇଚ୍ଛାଯୁକ୍ତ ।

ଇଜ୍ଜତ-ବି. ମର୍ଯ୍ୟାଦା ।

ଇଜରା-ବି. ଜମିର ଆଦାୟକରିବା କ୍ଷମତା ।

ଇଜାହାର-ବି. ଅଭିଯୋଗ ବର୍ଣ୍ଣନ ।

ଇଜ୍ୟା-ବି. (ଯଜ୍-ଯ-ଆ) ଯଜ୍ଞ ; ପୂଜା ।

ଇଟା-ବି. (ଇଷ୍ଟକଶବ୍ଦରୁ) ପୋଡ଼ା ମାଟିଖଣ୍ଡ ।

ଇଡ଼ା-ସଂ. ବି. ଶରୀରର ନାଡ଼ୀବିଶେଷ ।

ଇଡ଼ିବା-କ୍ରି. (ଇଡ଼୍ଧାତୁରୁ) ଟାଳିବା ।

ଇତ-ବିଂ. (ଇ-ତ) ଗତ, ପ୍ରାପ୍ତ ।

ଇତର-ସଂ. ବିଂ. ଅନ୍ୟ, ନୀଚ ।

ଇତରେତର-ବିଂ. (ଇତର-ଇତର) ପରସ୍ପର ।

ଇତସ୍ତତଃ-ଅଂ. (ଇତଃ-ତତଃ) ଏଣେତେଣେ ।

ଇତି-ଅଂ. (ଇ-ତି) ସମାପ୍ତି ।

ଇତିକର୍ତ୍ତବ୍ୟତା-ବି. ଏହାର ଔଚିତ୍ୟ ।

ଇତିମଧ୍ୟେ-କ୍ରି. ବିଂ. ଏଥିମଧ୍ୟେ ।

ଇତିବୃତ୍ତ-ବି. (ଇତି-ବୃତ୍-ତ) ଇତିହାସ ।

ଇତିହାସ-ବି. (ଇତିହ-ଅସ୍-ଅ) ପୂର୍ବବୃତ୍ତାନ୍ତ ।

ଇତ୍ୟାଦି-ଅଂ. (ଇତି-ଆଦି) ପ୍ରଭୃତି ।

ଇଦାନୀଂ-ଅଂ. (ଇଦମ୍-ଦାନୀଂ) ଅଧୁନା ।

ଇଦାନୀନ୍ତନ-ବିଂ. ଆଧୁନିକ ।

ଇନାମ୍-ବି. ପୁରସ୍କାର ।

ଇନ୍ଦିରା-ବି. (ଇନ୍ଦ୍ ଧାତୁ) ଲକ୍ଷ୍ମୀ ।
ଇନ୍ଦୀବର-ବି. ନୀଳକଇଁ, ନୀଳପଦ୍ମ ।
ଇନ୍ଦୁ-ବି. (ଇନ୍ଦ୍-ଉ) ଚନ୍ଦ୍ର ।
ଇନ୍ଦୁମତୀ-ବି. (ଇନ୍ଦୁ-ମତୁ-ଈ) ପୂର୍ଣ୍ଣିମା ; ଅଜ-ରାଜାଙ୍କର ପତ୍ନୀ ।
ଇନ୍ଦୁର-ବି. ମୂଷିକ ।
ଇନ୍ଦୁଲେଖା-ବି. ଚନ୍ଦ୍ରକଳା ।
ଇନ୍ଦ୍ର-ବି. (ଇନ୍ଦ୍-ର) ଦେବରାଜ । ବିଂ. ଶ୍ରେଷ୍ଠ ।
ଇନ୍ଦ୍ର-ଜାଲ-ବି. ଭେଳକିବାଜି ; କୁହୁକ ।
ଇନ୍ଦ୍ରଜାଲିକ-ବି. ବାଜିକର ।
ଇନ୍ଦ୍ରଜିତ୍-ବି. (ଇନ୍ଦ୍ର-ଜି-କ୍ୱିପ୍) ରାବଣପୁତ୍ର ।
ଇନ୍ଦ୍ର-ଧନୁ-ବି. ମେଘଦେହରେ ପତିତ ବିବର୍ଣ୍ଣ ଧନୁ ।
ଇନ୍ଦ୍ରନୀଳମଣି-ବି. ମଣିବିଶେଷ ।
ଇନ୍ଦ୍ର-ପ୍ରସ୍ଥ-ବି. ପ୍ରାଚୀନ ଦିଲ୍ଲୀ ।
ଇନ୍ଦ୍ର-ଯବ-ବି. (ଇନ୍ଦ୍ର-ଯବ) ଯବାକୃତି ଉକ୍ତ ବୀଜ-[ବିଶେଷ ।
ଇନ୍ଦ୍ରଲୁପ୍ତ-ବି. ଚନ୍ଦାପଡ଼ିବା ରୋଗ ।
ଇନ୍ଦ୍ରାଣୀ-ବି. ଇନ୍ଦ୍ରପତ୍ନୀ, ଶଚୀ ।
ଇନ୍ଦ୍ରାୟୁଧ-ବି. (ଇନ୍ଦ୍ର-ଆୟୁଧ) ଇନ୍ଦ୍ରଧନୁ ।
ଇନ୍ଦ୍ରିୟ-ବି. (ଇନ୍ଦ୍ର-ଇୟ) ଦର୍ଶନ ଶ୍ରବଣାଦି ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ହସ୍ତ ପଦାଦି ପଞ୍ଚ କର୍ମେନ୍ଦ୍ରିୟ ।
ଇନ୍ଧନ-ବି. (ଇନ୍ଧ୍-ଅନ) ଜଳିବାର କାଷ୍ଠାଦି ।
ଇଭ-ବି. ହସ୍ତୀ ।
ଇୟତ୍ତା-ବି. (ଇୟତ୍-ତା) ସୀମା ।
ଇରମ୍ମଦ-ବି. ବଜ୍ରାଗ୍ନି ।
ଇରାବତୀ-ବି. ନଦୀବିଶେଷ ।
ଇଳା-ବି. ପୃଥିବୀ ; ମନୁଙ୍କ କନ୍ୟା ।
ଇଲାକା-ବି. ଅଧିକାରଭୁକ୍ତ ସ୍ଥାନ ।
ଇଶାଦୀ-ବିଂ. ସାକ୍ଷୀ ।
ଇଶାରା-ବି. ସଙ୍କେତ ।
ଇଷୁ-ବି. ବାଣ, ଶର ।
ଇଷ୍ଟ-ବିଂ. ( ଇଷ୍-ତ ) ବାଞ୍ଛିତ ; ପ୍ରିୟ । ବି. [ବାଞ୍ଛା ।
ଇଷ୍ଟକ-ସ୍ତ୍ରୀ. ବି. ଇଟା ।
ଇଷ୍ଟି-ବି. (ଯଜ୍-ତି) ଯଜ୍ଞାଦିକର୍ମ ।
ଇସ୍-ଅଂ. ଘୃଣାବୋଧକ ଅବ୍ୟୟ ।
ଇସ୍ତିହାର-ବି. ଘୋଷଣା ।
ଇସ୍ପାତ-ବି. ପରିଷ୍କୃତ ଲୌହ ।
ଇହକାଳ-ବି. ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ସମୟ ।
ଇହଲୋକ-ବି. ଏହି ସଂସାର ।

---

# ଈ

ବି. ଚତୁର୍ଥ ସ୍ୱରବର୍ଣ୍ଣ ।

ଈଃ-ଅଂ. ଯନ୍ତ୍ରଣା-ଘୃଣା-ବୋଧକ ଶବ୍ଦ ।
ଈକ୍ଷଣ-ବି. (ଈକ୍ଷ୍-ଅନ) ଚକ୍ଷୁ ; ଦର୍ଶନ ।
ଈକ୍ଷିତ-ବିଂ. (ଈକ୍ଷ୍-ତ) ଦୃଷ୍ଟ ।
ଈତି-ବି. (ଇ-ତି) ଅତିବୃଷ୍ଟି, ଅନାବୃଷ୍ଟି ପ୍ରଭୃତି [ବିପଦ୍ ।
ଈଦୃଶ-(ଇଦମ୍-ଦୃଶ୍-ଅ) ଏପ୍ରକାର ।
ଈପ୍ସା-ବି. (ଆପ୍-ସନ୍-ଅ) ବାଞ୍ଛା ।
ଈର୍ଷା, ଈର୍ଷ୍ୟା-ବି. ପରଶ୍ରୀକାତରତା ; ହିଂସା ।
ଈଶ-ବି. (ଈଶ୍-ଅ) ଈଶ୍ୱର ; ପ୍ରଭୁ ।

ଈଶାନ–ବି. (ଈଶ୍-ଅନ) ମହେଶ୍ୱର ; ଉତ୍ତର-ପୂର୍ବ କୋଣ ।

ଈଶାନୀ–ବି. (ଈଶ୍-ଅନୀ) ଦୁର୍ଗା ।

ଈଶ୍ୱର–ବି. (ଈଶ୍-ବର) ମହାଦେବ ; ପରମେଶ୍ୱର ; ପ୍ରଭୁ ।

ଈଷତ୍–ସଂ. ବି. ଅଳ୍ପ, କିଞ୍ଚିତ୍ । [ଈଷ ।

ଈଷା–ସଂ. ବି. ଲାଙ୍ଗଳ ଦଣ୍ଡ ; ଲଙ୍ଗଳର

ଈହା–ବି. (ଈହ୍-ଅ) ଚେଷ୍ଟା ; ଯତ୍ନ ; ଇଚ୍ଛା ।

---

**ଉ** ବି. ପଞ୍ଚମ ସ୍ୱର, ସମ୍ବୋଧନ-ଭୟ ବିସ୍ମୟସୂଚକ ଅବ୍ୟୟ ।

ଉଃ–ଅ. କ୍ରୋଧ ବା କ୍ଲେଶବୋଧକ ଅବ୍ୟୟ ।

ଉଆ–ଅରୁଆ ।

ଉଆସ–ବି. (ଆବାସ ଶବ୍ଦଜ) ରାଜବାଟୀ ; ନଅର ।

ଉଁଆସ–(ଅମାବାସ୍ୟା ଶବ୍ଦରୁ) ଅମାବାସ୍ୟା ।

ଉଇ–ବି. ପିପୀଲିକାବିଶେଷ ।

ଉଇଁବା–କ୍ରି (ଉଦୟ ଶବ୍ଦରୁ) ଉଦିତ ହେବା ।

ଉକୁଣୀ–ବି. (ଉତ୍କୁଣ ଶବ୍ଦରୁ) କେଶକୀଟ ।

ଉକୁଟେଇବା–କ୍ରି. ଲଟକାଇବା ।

ଉକ୍ତ–ବିଂ. (ବଚ୍-ତ) କଥିତ ।

ଉକ୍ତି–ବି. (ବଚ୍-ତି) କଥା ; ବଚନ ।

ଉକ୍ଷା–ବି. ବଳଦ ବା ଷଣ୍ଢ ।

ଉଖୁଡ଼ା–ବି. ଗୁଡ଼ମିଶ୍ରିତ ଖଇ ।

ଉଗ୍ର–ବିଂ. ତୀବ୍ର ; ପ୍ରଚଣ୍ଡ ।

ଉଗ୍ରଚଣ୍ଡା–ବି. ଚଣ୍ଡିକା ଦେବୀ ।

ଉଗ୍ରତା–ବି. ପ୍ରଚଣ୍ଡସ୍ୱଭାବ ।

ଉଗ୍ରସେନ–ବି. କଂସର ପିତା । [ଦେବା ।

ଉଘେଇବା–କ୍ରି. ଦୋଷ ଉଲ୍ଲେଖ କରି ଗାଳି-

ଉଚିତ–ବିଂ. (ଉଚ୍-ଇତ) ନ୍ୟାଯ୍ୟ ; ଯୋଗ୍ୟ ।

ଉଚ୍ଚ–ବିଂ. ଉନ୍ନତ ।

ଉଚ୍ଚରିତ–ବିଂ. (ଉତ୍-ଚର୍-ତ) ଶବ୍ଦ ଯୁକ୍ତ ; କଥିତ ।

ଉଚ୍ଚଳିତ–ବିଂ. (ଉତ୍-ଚଳ୍-ତ) ନିର୍ଗତ ; ପ୍ରସ୍ଥିତ ।

ଉଚ୍ଚାଟ–ବି. ଚଞ୍ଚଳତା ; ଉଦବେଗ ।

ଉଚ୍ଚାଟନ–ବି. ଚଞ୍ଚଳକରଣ ; ଉଦ୍‌ବେଗ ।

ଉଚ୍ଚାବଚ–ବିଂ. ଉଚ୍ଚନୀଚ ।

ଉଚ୍ଚାରଣ–ବି. (ଉତ୍-ଚର୍-ଣିଚ୍-ଅନ) କଥନ ; ଶବ୍ଦକରଣ ।

ଉଚ୍ଚୈଃ–ଅ. ଉଚ୍ଚ, ଉଚ୍ଚସ୍ୱରରେ ।

ଉଚ୍ଚୈଃଶ୍ରବା–ବି. (ଉଚ୍ଚୈଃ-ଶ୍ରବସ୍) ଇନ୍ଦ୍ରଙ୍କର ଘୋଟକ ; ବି. ବଧିର । (ପ୍ରୟୋଗ) ।

ଉଚ୍ଛୁଣି–ଅ. ଏକ୍ଷଣି ; ବର୍ତ୍ତମାନ (ଗ୍ରାମ୍ୟ

ଉଚ୍ଛୁର–ବି. ବିଳମ୍ବ, ଡେରି । [ଉଠିବା ।

ଉଚ୍ଛୁଳିବା–କ୍ରି. ତରଳପଦାର୍ଥ ଉପରକୁ

ଉଚ୍ଛନ୍ନ–(ଉତ୍-ଛଦ୍-ତ) ବ୍ୟସ୍ତ ; ଚଞ୍ଚଳ ।

ଉଚ୍ଛଳିତ–ବିଂ. (ଉତ୍-ଶଳ୍-ତ) ସବେଗେ ଉତ୍ଥିତ ।

ଉଚ୍ଛିନ୍ନ–ବିଂ. (ଉତ୍-ଛିଦ୍-ତ) ବିନଷ୍ଟ ; ଉନ୍ମୂଳିତ ।

ଉଚ୍ଛିଷ୍ଟ–ବିଂ. (ଉତ୍-ଶିଷ୍-ତ) ଭୁକ୍ତାବଶିଷ୍ଟ ; ଅଇଣ୍ଠା ।

ଉଚ୍ଛୃଙ୍ଖଳ–ବିଂ. (ଉତ୍-ଶୃଙ୍ଖଳ) ଉଦ୍ଦାମ ; ସ୍ୱେଚ୍ଛାଚାରୀ । [ଳନ ।

ଉଚ୍ଛେଦ–ବି. (ଉତ୍-ଛିଦ୍-ଅ) ବିନାଶ ; ଉନ୍ମୂ-

ଉଚ୍ଛ୍ୱସିତ–ବି. (ଉତ୍-ଶ୍ୱସ୍-ତ) ଊର୍ଦ୍ଧ୍ୱକୁ ଶ୍ୱସିତ ; ବହିର୍ବ୍ୟକ୍ତ ।

ଉଚ୍ଛ୍ୱାସ–ବି. (ଉତ୍-ଶ୍ୱସ୍-ଅ) ନିଃଶ୍ୱାସ; ଅଶ୍ୱାସ; ଭାବପ୍ରକାଶ ; ଅଧ୍ୟାୟ ।

ଉଜ୍ଜୟିନୀ–ବି. ଅବନ୍ତୀପ୍ରଦେଶର ରାଜଧାନୀ ।

ଉଜ୍ଜ୍ୱଳ–ବି.(ଉତ୍-ଜ୍ୱଳ) ତେଜୋମୟ ; ନିର୍ମଳ ।

ଉଜାଣି–କ୍ରି. ବି. (ଉଦ୍ୟାନ ଶବ୍ଦରୁ) ସ୍ରୋତର ବିପରୀତ ଦିଗରେ ।

ଉଜିର–ବି. ମନ୍ତ୍ରୀ ।

ଉଜୁଡ଼ିବା–କ୍ରି. ନଷ୍ଟ ହେବା ।

ଉଜ୍ଜୃମ୍ଭଣ–ବି. (ଉତ୍-ଜୃମ୍ଭ-ଅନ) ହାଇମାରିବା ।

ଉଝାଳିବା–କ୍ରି. (ଉଜ୍ଜ୍ୱଳଶବ୍ଦଜ) ପରିଷ୍କାର କରିବା ।

ଉଟେଇ–ବି. ଅକାରଣ (ଗ୍ରାମ୍ୟ ପ୍ରୟୋଗ) ।

ଉଞ୍ଚ–ବି. ଉଚ୍ଚ ।

ଉଟେଇବା–କ୍ରି. ଅପାତାର୍ଥ ଟେକିବା ।

ଉଞ୍ଛ–ବି. ଧାନ୍ୟାଦି ଗୁଣ୍ଡିନେବା ।

ଉଟଜ–ବି. ପର୍ଣ୍ଣଶାଳା ।

ଉଠିଆ–ବି. (ଉତ୍ଥିତଶବ୍ଦଜ) ଅବାଧ୍ୟ ।

ଉଠିବା–କ୍ରି. ଉତ୍ଥିତ ହେବା ; ଦଣ୍ଡାୟମାନ ହେବା ।

ଉଡୁ–ବି. ତାରା ।

ଉଡୁପ–ବି. ତାରାନାଥ ; ଚନ୍ଦ୍ର ; ଭେଳା ।

ଉଡ୍ଡୟନ–ବି. (ଉତ୍-ଡୀ-ଅନ) ଉଡ଼ିବା ।

ଉଡ୍ଡୀନ–ବି. (ଉତ୍-ଡୀ-ତ) ଉତ୍ପତିତ ; ଯେ ଉଡ଼େ ।

ଉଡ୍ଡୀୟମାନ–ବି. (ଉତ୍-ଡୀ-ଯ-ଅନ) ଉଡ଼ନ୍ତା ।

ଉଣ୍ଡିବା–କ୍ରି. ଖୋଜିବା ; ଠଉରାଇବା ।

ଉତ୍–ଅ. ଉଚ୍ଚତା ଓ ଅତିରେକ ବୋଧକ ଉପସର୍ଗ ।

ଉତ୍କଟ–ବି. ଅତିଶୟିତ ; ଗର୍ବିତ । [ବେଗ ।

ଉତ୍କଣ୍ଠା–ବି. (ଉତ୍-କଣ୍ଠ-ଅ) ଭାବନା ; ଉଦ୍-

ଉତ୍କଣ୍ଠିତ–ବି. ଉଦ୍‌ବିଗ୍ନ; ଚିନ୍ତିତ ।

ଉତ୍କର୍ଷ–ବି. (ଉତ୍-କୃଷ୍-ଅ) ଶ୍ରେଷ୍ଠତା ।

ଉତ୍କଳ–ବି. ଓଡ଼ିଶା ପ୍ରଦେଶ ।

ଉତ୍କଳିକା–ବି. ଉତ୍କଣ୍ଠା ।

ଉତ୍କୀର୍ଣ୍ଣ–ବି. (ଉତ୍-କୃ-ତ) ଖୋଦିତ ।

ଉତ୍କୃଷ୍ଟ–ବି. (ଉତ୍-କୃଷ୍-ତ) ଶ୍ରେଷ୍ଠ ; ପ୍ରଧାନ ।

ଉତ୍କୋଚ–ସଂ.ବି. ଲାଞ୍ଚ ; ଉପବଳ । [କ୍ରାନ୍ତ ।

ଉତ୍କ୍ରାନ୍ତ–ବି. (ଉତ୍-କ୍ରମ୍-ତ) ଉଦ୍ଗତ, ଅତି-

ଉତ୍କ୍ଷିପ୍ତ ବି. (ଉତ୍-କ୍ଷିପ୍-ତ) ଊର୍ଦ୍ଧ୍ୱକୁ ନିକ୍ଷିପ୍ତ ।

ଉତ୍କ୍ଷେପ–ବି.(ଉତ୍-କ୍ଷିପ୍-ଅ) ଊର୍ଦ୍ଧ୍ୱକୁ ନିକ୍ଷେପ ।

ଉତ୍ଖାତ–ବି. (ଉତ୍-ଖନ୍-ତ) ଉନ୍ମୂଳିତ ।

ଉତ୍ତପ୍ତ–ବି. (ଉତ୍-ତପ୍-ତ) ଉଷ୍ଣ ; ସଂତପ୍ତ ।

ଉତ୍ତମ–ବି. (ଉତ୍-ତମ୍-ଅ) ଶ୍ରେଷ୍ଠ ।

ଉତ୍ତମର୍ଣ୍ଣ–ବି. (ଉତ୍ତମ-ଋଣ) ଋଣଦାତା ।

ଉତ୍ତମାଙ୍ଗ–ବି. (ଉତ୍ତମ-ଅଙ୍ଗ) ମସ୍ତକ; ଶିର ।

ଉତ୍ତର–ବି. (ଉତ୍-ତର) ଉତ୍ତରଦିଗ ; ପ୍ରତି-ବଚନ ; ପରବର୍ତ୍ତୀ ; ଅଧିକ ।

ଉତ୍ତରକାଳ–ବି. ଭବିଷ୍ୟତ ସମୟ ।

ଉତ୍ତରଣ–ବି. (ଉତ୍-ତରଣ) ନଦ୍ୟାଦି ପାର ହେବା ।

ଉତ୍ତରାଧିକାରୀ-ବି. (ଉତ୍ତର ଅଧିକାର-ଇନ୍) ଦାୟାଦ; ପରେ ଅଧିକାରୀ ।

ଉତ୍ତରାୟଣ-ବି. (ଉତ୍ତର-ଅୟନ) ସୂର୍ଯ୍ୟର ଉତ୍ତରଅଡ଼କୁ ଗତି ।

ଉତ୍ତରାଷାଢ଼ା-ବି. ନକ୍ଷତ୍ରବିଶେଷ ।

ଉତ୍ତରୀୟ-ବି. (ଉତ୍ତର-ଈୟ) ଚାଦର; ଆଚ୍ଛାଦନବସ୍ତ୍ର ।

ଉତ୍ତରୋତ୍ତର-କ୍ରି ବି. (ଉତ୍ତର-ଉତ୍ତର) ପରେ ପରେ; କ୍ରମେ କ୍ରମେ ।

ଉତ୍ତାନ-ବି. (ଉତ୍-ତନ୍-ଅ) ଊର୍ଦ୍ଧ୍ୱମୁଖ ; ଚିତ୍ ।

ଉତ୍ତାପ-ବି. (ଉତ୍-ତପ୍-ଅ) ତାପ; ଉଷ୍ଣତା ।

ଉତ୍ତାରେ-ଅ. (ଉତ୍ତରଶବ୍ଦଜ) ପରେ ।

ଉତ୍ତାଳ-ବି. (ଉତ୍-ତଲ-ଅ) ଉନ୍ନତ ; ଅତି-ଉଚ୍ଚ ; ଭୀଷଣ । [କାର୍ଯ୍ୟ ।

ଉତ୍ତୀର୍ଣ୍ଣ-ବି. (ଉତ୍-ତୃ-ତ) ପାରଗତ;କୃତ-

ଉତ୍ତୁଙ୍ଗ-ବି. (ଉତ୍-ତୁଙ୍ଗ) ଅତିଉଚ୍ଚ ।

ଉତ୍ତେଜକ-ବି. ଉଦ୍ଦୀପକ ; ଉତ୍ସାହପ୍ରଦ ।

ଉତ୍ତେଜନା-ବି. (ଉତ୍-ତିଜ୍-ଅନ-ଆ) ଉଦ୍ଦୀପନା ; ପ୍ରବର୍ତ୍ତନା ।

ଉତ୍ତେଜିତ-ବି. ଉଦ୍ଦୀପିତ । [ଟେକିବା ।

ଉତ୍ତୋଳନ-ବି. (ଉତ୍-ତୁଲ-ଅନ) ଉତ୍ଥାପନ ;

ଉତ୍ଥାନ-ବି.(ଉତ୍-ସ୍ଥା-ଅନ)ଉଠିବା; ଉଦ୍ୟମ।

ଉତ୍ଥାପନ-ବି. (ଉତ୍-ସ୍ଥା-ଇ-ଅନ) ଉତ୍ତୋଳନ; ଉଠାଇବା ।

ଉତ୍ଥାପିତ-ବି. ପ୍ରସ୍ତାବିତ ।

ଉତ୍ଥିତ-ବି. (ଉତ୍-ସ୍ଥା-ତ) ଉତ୍ପନ୍ନ; ଉନ୍ନତ ।

ଉତ୍ପତ୍ତି-ବି. (ଉତ୍-ପଦ୍-ତି) ଉଦ୍ଭବ ; ଜନ୍ମ ।

ଉତ୍ପନ୍ନ-ବି. (ଉତ୍-ପଦ୍-ତ) ଉଦ୍ଭୂତ ; ଜାତ ।

ଉତ୍ପଳ-ବି. ପଦ୍ମ । [ଉତ୍ତୋଳନ ।

ଉତ୍ପାଟନ-ବି. (ଉତ୍-ପାଟି-ଅନ) ଉନ୍ମୂଳନ ;

ଉତ୍ପାତ-ବି. (ଉତ୍-ପତ୍-ଅ) ଉପଦ୍ରବ ; ଦୌରାତ୍ମ୍ୟ ।

ଉତ୍ପାଦନ-ବି. (ଉତ୍-ପାଦି-ଅନ) ଜନ୍ମାଇବା ।

ଉତ୍ପାଦକ-ବି. ଉତ୍ପତ୍ତିକର୍ତ୍ତା; ଯେ ଜନ୍ମାଏ ।

ଉତ୍ପୀଡ଼ନ-ବି. (ଉତ୍-ପୀଡ଼୍-ଅନ) ପୀଡ଼ାଦେବା; ଅତ୍ୟାଚାର ।

ଉତ୍ପ୍ରେକ୍ଷା-ବି. (ଉତ୍-ପ୍ର-ଈକ୍ଷ୍-ଅ) ଅର୍ଥାଲଙ୍କାରବିଶେଷ; ବିତର୍କ । [ସିତ ।

ଉତ୍ଫୁଲ୍ଲ-ବି. (ଉତ୍-ଫୁଲ୍ଲ-ଅ) ପ୍ରଫୁଲ୍ଲ ; ବିକ-

ଉତ୍ସ-ବି. (ଉଦ୍-ସ) ପ୍ରସ୍ରବଣ ; ଝର ।

ଉତ୍ସଙ୍ଗ ବି. (ଉତ୍-ସଞ୍ଜ୍-ଅ) କୋଳ ।

ଉତ୍ସନ୍ନ-ବି. (ଉତ୍-ସଦ୍-ତ) ନଷ୍ଟ ।

ଉତ୍ସର୍ଗ-ବି. (ଉତ୍-ସୃଜ୍-ଅ) ପରିତ୍ୟାଗ; ଦାନ ।

ଉତ୍ସବ-ବି. (ଉତ୍-ସୁ-ଅ) ଆନନ୍ଦାନୁଷ୍ଠାନ ।

ଉତ୍ସାରିତ-ବି. (ଉତ୍-ସୃ-ଣିଚ୍-ତ) ଊର୍ଦ୍ଧ୍ୱକୁ ଚାଳିତ ।

ଉତ୍ସାହ-ବି.(ଉତ୍-ସହ-ଅ)ଆଶାପୂର୍ଣ୍ଣ ବ୍ୟଗ୍ରତା।

ଉତ୍ସାହିତ-ବି.(ଉତ୍-ସହ-ଇ-ତ) ଉତ୍ତେଜିତ ।

ଉତ୍ସୁକ-ବି. (ଉତ୍-ସୁ-କ) ବ୍ୟଗ୍ର । [ଦତ୍ତ ।

ଉତ୍ସୃଷ୍ଟ-ବି. (ଉତ୍-ସୃଜ୍-ତ) ତ୍ୟକ୍ତ; ବିସୃଷ୍ଟ ;

ଉତ୍ସେଧ-ବି. (ଉତ୍-ସିଧ୍-ଅ) ଉଚ୍ଚତା ।

ଉଦ, ଉଦକ-ବି. ଜଳ ।

ଉଦଗ୍ର-ବିଂ. (ଉତ୍-ଅଗ୍ର) ଉନ୍ନତ, ଉଦ୍ଧତ ।
ଉଦଧି-ବି. (ଉଦ-ଧି) ସମୁଦ୍ର ।
ଉଦନ୍ତ-ବି. (ଉତ୍-ଅନ୍ତ) ବାର୍ତ୍ତା ; ସମ୍ବାଦ ।
ଉଦୟ-ବି. (ଉତ୍-ଇ-ଅ-) ଉତ୍ଥାନ; ପ୍ରକାଶ; ବୃଦ୍ଧି ।
ଉଦର-ବି. ପେଟ ।
ଉଦାତ୍ତ-ବିଂ. (ଉତ୍-ଆ-ଦା-ତ) ଉଚ୍ଚ; ମହତ୍; ବଦାନ୍ୟ । [ତ୍ୟାଗୀ; ଅସ୍ଥାଶୂନ୍ୟ ।
ଉଦାନ-ବି. ଶରୀରର ବାୟୁବିଶେଷ ।
ଉଦାର-ବିଂ. ( ଉତ୍-ଆ-ର୍-ଅ ) ମହତ୍, ବଦାନ୍ୟ । [ତ୍ୟାଗୀ; ଅସ୍ଥାଶୂନ୍ୟ ।
ଉଦାସୀନ-ବିଂ. (ଉତ୍-ଆସ୍-ଈନ) ସଂସାର-
ଉଦାହରଣ-ବି. (ଉତ୍-ଆ-ହୃ-ଅନ) ଦୃଷ୍ଟାନ୍ତ ; ନିଦର୍ଶନ ।
ଉଦାହୃତ-ବିଂ. ଦୃଷ୍ଟାନ୍ତରୂପେ ପ୍ରଯୁକ୍ତ ।
ଉଦିତ-ବିଂ. ଉତ୍ଥିତ ; ପ୍ରକାଶିତ ।
ଉଦୀଚୀ-ବି. ଉତ୍ତରଦିଗ ।
ଉଦୀରଣ-ବି. (ଉତ୍-ଈର୍-ଅନ) ଉଚ୍ଚାରଣ ।
ଉଦୀରିତ-ବିଂ. ଉଚ୍ଚାରିତ ।
ଉଦୁମ୍ବର-ବି. ବୃକ୍ଷବିଶେଷ ଓ ତାହାର ଫଳ ।
ଉଦୂଖଳ-ବି. ଧାନ୍ୟାଦି କାଣ୍ଡିବାର ପାତ୍ର ।
ଉଦ୍ଗତ-ବିଂ. (ଉତ୍-ଗମ୍-ତ) ଉତ୍ପନ୍ନ; ଉତ୍ଥିତ ।
ଉଦ୍ଗମ-ବି. (ଉତ୍-ଗମ୍-ଅ) ଉତ୍ପତ୍ତି ।
ଉଦ୍ଗାତା-ବିଂ.(ଉତ୍-ଗୈ-ତୃ) ସାମବେଦଗାୟକ ।
ଉଦ୍ଗାର } ବି. ( ଉତ୍-ଗୃ-ଅ, ଅନ ) ବମନ ;
ଉଦ୍ଗିରଣ } ନିଃସରଣ ।

ଉଦ୍ଗୀର୍ଣ୍ଣ ବିଂ. (ଉତ୍-ଗୃ-ତ) ବମିତ ।
ଉଦ୍ଗ୍ରୀବ-ବିଂ. (ଉତ୍-ଗ୍ରୀବା-ଅ) ଊର୍ଦ୍ଧ୍ୱଗ୍ରୀବ ; ଉନ୍ମୁଖ । [ରତ ।
ଉଦ୍‌ଘାଟନ-ବି. (ଉତ୍-ଘାଟି-ଅନ) ଉନ୍ମୋ-
ଉଦ୍ଦାମ-ବିଂ. (ଉ-ଦାମ୍-ଅ) ଉଚ୍ଛୃଙ୍ଖଳ ।
ଉଦ୍ଦିଷ୍ଟ-ବିଂ. (ଉତ୍-ଦିଶ୍-ତ) ଅଭିପ୍ରେତ ।
ଉଦ୍ଦୀପନ-ବି. (ଉତ୍-ଦୀପ୍-ଅନ) ଉତ୍ତେଜନ ।
ଉଦ୍ଦେଶ-ବି. (ଉତ୍-ଦିଶ୍-ଅ) ଲକ୍ଷ୍ୟ ; ଅନୁସନ୍ଧାନ ।
ଉଦ୍ଦେଶ୍ୟ-ବିଂ. (ଉତ୍-ଦିଶ-ଯ) ଲକ୍ଷ୍ୟ ।
ଉଦ୍ଧତ-ବିଂ. (ଉତ୍-ହନ-ତ) ଧୃଷ୍ଟ ; ଅବନୀତ ।
ଉଦ୍ଧବ-ବି. କୃଷ୍ଣଙ୍କର ସଖା ।
ଉଦ୍ଧାର-ବି.(ଉତ୍-ହୃ-ଅ)ମୋଚନ; ପରିତ୍ରାଣ ।
ଉଦ୍ଧାରକ-ବି. ଯେ ଉଦ୍ଧାର କରେ ।
ଉଦ୍ଧୃତ-ବିଂ.(ଉତ୍-ହୃ-ତ)ମୋଚିତ; ଉତ୍ତୋଳିତ ।
ଉଦ୍ବନ୍ଧନ-ବି. (ଉଦ୍-ବନ୍ଧନ) ଗଳାରେ ଦଉଡ଼ି ଦେଇ ମରିବା ।
ଉଦ୍‌ବୋଧନ-ବି. ( ଉତ୍-ବୁଧ୍-ଅନ ) ଜାଗରିତ-କରଣ ; ଜ୍ଞାନୋତ୍ପାଦନ ।
ଉଦ୍ଭବ-ବି. (ଉତ୍-ଭୂ-ଅ) ଜନ୍ମ, ଉତ୍ପତ୍ତି ।
ଉଦ୍ଭାବନ-ବି. (ଉତ୍-ଭୂ-ଣିଚ୍-ଅନ) ନୂତନ ବିଷୟ ପ୍ରକାଶ ; ନୂତନ କଳ୍ପନା ।
ଉଦ୍ଭାସିତ-ବିଂ. ( ଉତ୍-ଭାସ୍-ତ ) ଦୀପ୍ତ ; ଶୋଭିତ ।
ଉଦ୍ଭିଜ୍ଜ-ବିଂ. (ଉତ୍-ଭିଦ୍-ଜନ୍-ଅ)ତରୁଲତାଦି ।
ଉଦ୍ଭିଦ-ବି. (ଉତ୍-ଭିଦ୍-କ୍ୱିପ୍) ମାଟି ଭେଦି ଯେ ଉଠେ ; ବୃକ୍ଷାଦି ।
ଉଦ୍ଭୂତ-ବିଂ. (ଉତ୍-ଭୂ-ତ) ଜାତ, ଉତ୍ପନ୍ନ ।

ଉଦ୍ୟତ-ବିଂ. (ଉତ୍-ଯମ୍-ତ) ପ୍ରବୃତ୍ତ; ଉଦ୍ଯୁକ୍ତ ।
ଉଦ୍ୟମ-ବି.(ଉତ୍-ଯମ୍-ଅ) ଉଦ୍ଯୋଗ; ଚେଷ୍ଟା ।
ଉଦ୍ୟାନ-ବି. (ଉତ୍-ଯା-ଅନ) ଉପବନ ।
ଉଦ୍ଯାପନ-ବି. (ଉତ୍-ଯା-ଣିଚ୍-ଅନ) ବ୍ରତାଦି ସମାପନ ।
ଉଦ୍ଯାପିତ-ବିଂ. ସମାପିତ । [ଯତ୍ନ ।
ଉଦ୍ଯୋଗ-ବି. (ଉତ୍-ଯୁଜ୍-ଅ) ଉଦ୍ୟମ ;
ଉଦ୍ଯୋଗୀ-ବିଂ ଯତ୍ନଶୀଳ, ଉଦ୍ୟମୀ ।
ଉଦ୍ରିକ୍ତ-ବିଂ. ଉତ୍ତେଜିତ । [ଜନ ।
ଉଦ୍ରେକ-ବି. (ଉତ୍-ରିଚ୍-ଅ) ବୃଦ୍ଧି; ଉତ୍ତେ-
ଉଦ୍ବାହ-ବି. (ଉତ୍-ବହ୍-ଅ) ବିବାହ ।
ଉଦ୍ବିଗ୍ନ-ବିଂ. (ଉତ୍-ବିଜ୍-ତ) ଚଞ୍ଚଳ, ଉତ୍କଣ୍ଠିତ ।
ଉଦ୍ବାହୁ-ବିଂ. ଊର୍ଦ୍ଧ୍ୱବାହୁ ।
ଉଦ୍ବୁଦ୍ଧ-ବିଂ. (ଉତ୍ ବୁଧ୍-ତ) ଜାଗରିତ ।
ଉଦ୍ବୃତ୍ତ-ବିଂ. (ଉତ୍ ବୃତ୍-ତ) ଅତିରିକ୍ତ ; ବଳକା । [ଭୟ ।
ଉଦ୍ବେଗ-ବି. (ଉତ୍-ବିଜ୍-ଅ) ଉତ୍କଣ୍ଠା ;
ଉଦ୍ବେଳ, ଉଦ୍ବେଳିତ } ବିଂ. (ଉତ୍-ବେଳା) ଉଚ୍ଛଳିତ, ସୀମାତିକ୍ରାନ୍ତ ।
ଉଧଃ-ବି. ଗୋସ୍ତନ ।
ଉଧାର-ବି. ଋଣ । [ଉତ୍ଥିତ ।
ଉନ୍ନତ-ବିଂ. (ଉତ୍-ନମ-ତ) ଉଚ୍ଚ ; ଉପରକୁ
ଉନ୍ନତି-ବି. (ଉତ୍-ନମ୍-ତି) ଉପରକୁ ଉଠିବା; ଶ୍ରୀବୃଦ୍ଧି । [ସ୍ଥାନ ।
ଉନ୍ନିଦ୍ର-ବିଂ.(ଉତ୍-ନିଦ୍ରା-ଅ) ଜାଗରିତ; ନିଦ୍ରା-

ଉନ୍ନୀତ-ବିଂ. (ଉତ୍-ନୀ-ତ) ଉନ୍ନତିପ୍ରାପ୍ତ ।
ଉନ୍ମଜ୍ଜନ-ବି. (ଉତ୍-ମସ୍ଜ୍-ଅନ) ଜଳରୁ ଉତ୍ଥାନ । [ପାଗଳ ।
ଉନ୍ମତ୍ତ-ବିଂ. (ଉତ୍-ମଦ୍-ତ) ଉନ୍ମାଦଗ୍ରସ୍ତ ;
ଉନ୍ମନା-ବିଂ. ଉତ୍କଣ୍ଠିତ ; ଅନ୍ୟମନସ୍କ ।
ଉନ୍ମାଦ-ବି. (ଉତ୍-ମଦ୍-ଅ) ଚିତ୍ତବିଭ୍ରମ ।
ଉନ୍ମାର୍ଗ-ବି. କୁପଥ । [ଉନ୍ମେଷ ।
ଉନ୍ମୀଳନ-ବି. (ଉତ୍-ମିଲ୍-ଅନ) ବିକାଶ ;
ଉନ୍ମୁକ୍ତ-ବିଂ. (ଉତ୍-ମୁଚ୍-ତ) ମୁକ୍ତ ।
ଉନ୍ମୁଖ-ବିଂ. (ଉତ୍-ମୁଖ) ଊର୍ଦ୍ଧ୍ୱମୁଖ; ଉତ୍ସୁକ ।
ଉନ୍ମୂଳନ-ବି. (ଉତ୍-ମୂଳି-ଅନ) ଉତ୍ପାଟନ ।
ଉନ୍ମୂଳିତ-ବିଂ. ଉତ୍ପାଟିତ ।
ଉନ୍ମେଷ-ବି (ଉତ୍-ମିଷ୍-ଅ) ଉନ୍ମୀଳନ ।
ଉନ୍ମୋଚନ-ବି. (ଉତ୍-ମୁଚ୍-ଅନ) ଫିଟାଇଦେବା । [ଉପସର୍ଗ ।
ଉପ-ଅ. ସାମୀପ୍ୟ-ହୀନତା-ସାଦୃଶ୍ୟ-ବୋଧକ
ଉପକଣ୍ଠ-ବିଂ. ନିକଟ ସ୍ଥାନ ।
ଉପକଥା-ବି. (ଉପ-କଥା) କାହାଣି ।
ଉପକରଣ-ବି. (ଉପ-କୃ-ଅନ) ଉପାଦାନ ; ସାମଗ୍ରୀ ।
ଉପକାର-ବି. (ଉପ-କୃ-ଅ) ହିତ; ମଙ୍ଗଳ ।
ଉପକାରୀ-ବିଂ. ହିତକାରକ ।
ଉପକୂଳ-ବି. ସମୁଦ୍ରତୀର ।
ଉପକୃତ-ବିଂ. (ଉପ-କୃ-ତ) ଉପକାରପ୍ରାପ୍ତ ।
ଉପକ୍ରମ-ବି. (ଉପ-କ୍ରମ୍-ଅ) ଆରମ୍ଭ ।
ଉପକ୍ରମଣିକା-ବି. ପ୍ରସ୍ତାବନା ; ଆରମ୍ଭଯୋଗ୍ୟ ଶିକ୍ଷା ।

ଉପଗତ–ବି. (ଉପ-ଗମ୍-ତ) ଉପସ୍ଥିତ ।
ଉପଗ୍ରନ୍ଥ–ବି. (ଉପ-ଗ୍ରନ୍ଥ) କ୍ଷୁଦ୍ରଗ୍ରନ୍ଥ ।
ଉପଚୟ–ବି. (ଉପ-ଚି-ଅ) ବୃଦ୍ଧି ; ପୁଷ୍ଟି ।
ଉପଚାର–ବି.(ଉପ-ଚର୍-ଅ) ଶୁଶ୍ରୂଷା; ସେବା; ଚାଟୁବାକ୍ୟ । [କରିବାର ଇଚ୍ଛା ।
ଉପଚିକୀର୍ଷା–ବି. (ଉପ-କୃ-ସନ୍-ଅ) ଉପକାର
ଉପଚିତ–ବିଂ. ବୃଦ୍ଧିପ୍ରାପ୍ତ ।
ଉପଜୀବିକା–ବି. ଜୀବନୋପାୟ ; ବୃତ୍ତି ।
ଉପଜୀବୀ–ବିଂ. (ଉପ-ଜୀବ୍-ଇନ୍) ଆଶ୍ରୟକାରୀ ।
ଉପଜୀବ୍ୟ–ବିଂ. ଜୀବିକାପ୍ରଦ । [ହାର ।
ଉପଢୌକନ–ବି. (ଉପ-ଢୌକ୍-ଅନ) ଉପ-
ଉପ-ତ୍ୟକା–ବି. ପର୍ବତର ନିକଟ ନିମ୍ନଭୂମି ।
ଉପଦଂଶ–ବି.(ଉପ-ଦନ୍ଶ୍-ଅ) କୁତ୍ସିତ ରୋଗ-ବିଶେଷ ।
ଉପଦିଷ୍ଟ–ବିଂ. (ଉପ-ଦିଶ୍-ତ) ଶିକ୍ଷିତ, ଆଦିଷ୍ଟ ।
ଉପଦେଶ–ବି. (ଉପ-ଦିଶ୍-ଅ) ଶିକ୍ଷାଦାନ ।
ଉପଦେଶକ, ଉପଦେଷ୍ଟା–ବି. (ଉପ-ଦିଶ୍-ଅକ, ତୃ) ଶିକ୍ଷାଦାତା ।
ଉପଦ୍ରବ–ବି. (ଉପ-ଦ୍ରୁ-ଅ) ଉତ୍ପାତ ।
ଉପଦ୍ରୁତ–ବିଂ. ଉତ୍ପୀଡ଼ିତ ।
ଉପଦ୍ୱୀପ–ବି. ପ୍ରାୟ ଦ୍ୱୀପ ।
ଉପଧର୍ମ–ବି. (ଉପ-ଧୃ-ମ) କାଳ୍ପନିକଧର୍ମ ।
ଉପଧା–ବି. (ଉପ-ଧା-ଅ) ଅନ୍ତ୍ୟବର୍ଣ୍ଣର ପୂର୍ବ-ବର୍ଣ୍ଣ ।
ଉପଧାନ–ବି. ତକିଆ ।

ଉପନୟନ–ବି. ( ଉପ-ନୀ-ଅନ ) ଯଜ୍ଞସୂତ୍ର-ଧାରଣ ସଂସ୍କାର ।
ଉପନିବେଶ–ବି. (ଉପ-ନି-ବିଶ୍-ଅ) ଦେଶା-ନ୍ତରନିବାସ ।
ଉପନିଷତ୍–ବି. ବେଦର ଅନ୍ତଭାଗ ।
ଉପନୀତ–ବିଂ. (ଉପ-ନୀ-ତ) ଉପସ୍ଥିତ ।
ଉପନ୍ୟାସ–ବି. (ଉପ-ନି-ଅସ୍-ଅ) ଉପକଥା ; କଥାନ୍ୟାସ ।
ଉପପତି–ବି. ଗୁପ୍ତପତି ; ଜାର ।
ଉପପତ୍ତି–ବି. (ଉପ-ପଦ୍-ତି) ଯୁକ୍ତି; ମୀମାଂସା ।
ଉପ-ପତ୍ନୀ–ବି. (ଉପ-ପତ୍ନୀ) ରକ୍ଷିତା ସ୍ତ୍ରୀ ।
ଉପପାଦ୍ୟ–ବିଂ. (ଉପ-ପଦ୍-ଯ) ଯୁକ୍ତିଦ୍ୱାରା ମୀମାଂସ୍ୟ ।
ଉପଭୋଗ–ବି.(ଉପ-ଭୁଜ୍-ଅ) ସୁଖାଦି ଭୋଗ ।
ଉପମା–ବି.(ଉପ-ମା) ଅର୍ଥାଲଙ୍କାର; ତୁଳନା ।
ଉପମାନ–ବି. (ଉପ-ମା-ଅନ) ଯାହାସହିତ ଉପମା ଦିଆଯାଏ ।
ଉପମିତ–ବିଂ. (ଉପ-ମା-ତ) ତୁଳିତ ।
ଉପମେୟ–ବିଂ. (ଉପ-ମା-ଯ) ତୁଳନୀୟ ।
ଉପଯୁକ୍ତ–ବିଂ. ଉପ-ଯୁଜ୍-ତ)ଯୋଗ୍ୟ; ସମର୍ଥ; ଉଚିତ । [ପ୍ରୟୋଜନ ।
ଉପଯୋଗ–ବି. (ଉପ-ଯୁଜ୍-ଅ) ବ୍ୟବହାର,
ଉପଯୋଗୀ–ବିଂ.(ଉପ-ଯୁଜ୍-ଇନ୍)ଉପଯୁକ୍ତ ।
ଉପରତି–ବି. (ଉପ-ରମ୍-ତି) ନିବୃତ୍ତି ।
ଉପରାଗ–ବି. (ଉପ-ରନ୍ଜ୍-ଅ) ଚନ୍ଦ୍ର ଓ ସୂର୍ଯ୍ୟର ଗ୍ରହଣ ।
ଉପରୋଧ–ବି. (ଉପ-ରୁଧ୍-ଅ) ଅନୁରୋଧ ।

ଉପର୍ଯ୍ୟୁପରି–ଅ°. (ଉପରି-ଉପରି) ପୁନଃ୨ ; ଗୋଟିକ ଉପରେ ଗୋଟିଏ ।

ଉପଲ–ବି. ପ୍ରସ୍ତର; ପାଷାଣ ।

ଉପଲକ୍ଷ୍ୟ–ବି. (ଉପ-ଲକ୍ଷ-ଅ-ଯ) ଉଦ୍ଦେଶ୍ୟ ।

ଉପଲକ୍ଷିତ–ବି°. ସୂଚିତ । [ପ୍ରାପ୍ତ ।

ଉପଲବ୍ଧ–ବି°.(ଉପ-ଲଭ୍-ତ) ଜ୍ଞାତ; ଅନୁଭୂତ;

ଉପବନ–ବି. ଉଦ୍ୟାନ । [ଉପାୟ ।

ଉପବାସ–ବି. (ଉପ-ବସ୍-ଅ) ଅନାହାର;

ଉପବିଷ୍ଟ–ବି°. (ଉପ-ବିଶ୍-ତ) ଆସୀନ ।

ଉପବୀତ–ବି. (ଉପ-ବ-ଇ-ତ) ଯଜ୍ଞସୂତ୍ର ।

ଉପବେଶନ–ବି. (ଉପ-ବିଶ୍-ଅନ) ଆସନ-ଗ୍ରହଣ ।

ଉପଶମ–ବି. (ଉପ-ଶମ୍-ଅ) ଶାନ୍ତି; ନିବୃତ୍ତି ।

ଉପସଂହାର–ବି. (ଉପ-ସମ୍-ହୃ-ଅ) ନାଶ ; ସମାପ୍ତି ।

ଉପସର୍ଗ–ବି. (ଉପ-ସର୍ଗ) ଉପଦ୍ରବ; ରୋଗ-ବିକାର ; ଅବ୍ୟୟ ଶବ୍ଦବିଶେଷ ।

ଉପସ୍ଥ–ବି. (ଉପ-ସ୍ଥା-ଅ) ପୁଂଚିହ୍ନ ।

ଉପସ୍ଥାନ–ବି. (ଉପ-ସ୍ଥା-ଅନ) ଉପସ୍ଥିତି ।

ଉପସ୍ଥିତ–ବି°. (ଉପ-ସ୍ଥା-ତ) ସମୀପେ ସ୍ଥିତ ; ଆଗତ ।

ଉପସ୍ୱତ୍ୱ–ବି. (ଉପ-ସ୍ୱତ୍ୱ) ଆୟ ; ଲାଭ ।

ଉପହାର–ବି. (ଉପ-ହୃ-ଅ) ଉପଢୌକନ ।

ଉପହାସ–ବି. ( ଉପ-ହସ୍-ଅ ) ଅବଜ୍ଞାଯୁକ୍ତ ପରିହାସ । [ୟିକା ।

ଉପାଖ୍ୟାନ–ବି. (ଉପ-ଆ-ଖ୍ୟା-ଅନ) ଆଖ୍ୟା-

ଉପାଡ଼ିବା–କ୍ରି. (ଉତ୍ପାଟନଶବ୍ଦଜ) ଉଖାଡ଼ିବା ।

ଉପାତ୍ତ–ବି°. (ଉପ-ଆ-ଦା-ତ) ଗୃହୀତ; ଲବ୍ଧ ।

ଉପାଦାନ–ବି.(ଉପ-ଆ-ଦା-ଅନ)ଉପକରଣ ।

ଉପାଦେୟ–ବି°. (ଉପ-ଆ-ଦା-ଯ) ଉତ୍ତମ ; ଗ୍ରାହ୍ୟ ।

ଉପାଧାନ–ବି. (ଉପ-ଆ-ଧା-ଅନ) ତକିଆ ।

ଉପାଧି–ବି. ( ଉପ-ଆ-ଧା-ଇ ) ଉପନାମ ; ପଦବୀ ।

ଉପାଧ୍ୟାୟ–ବି.(ଉପ-ଅଧି-ଇ-ଅ)ଅଧ୍ୟାପକ ।

ଉପାନହ–ବି. (ଉପ-ଆ-ନହ୍) ଜୋତା ।

ଉପାନ୍ତ–ବି. ନିକଟ ସ୍ଥାନ ।

ଉପାୟ–ବି. (ଉପ-ଇ-ଅ) କାର୍ଯ୍ୟସାଧନ ପନ୍ଥା ।

ଉପାୟନ–ବି. ଉପହାର ।

ଉପାର୍ଜନ–ବି. (ଉପ-ଅର୍ଜନ) ଅର୍ଜନ ।

ଉପାଲମ୍ଭ–ବି. (ଉପ-ଆ-ଲଭ୍-ଅ) ତିରସ୍କାର ।

ଉପାସକ–ବି°. (ଉପ-ଅସ୍-ଅକ) ପୂଜକ ।

ଉପାସନା–ବି. (ଉପ-ଅସ୍-ଅନ-ଆ) ପୂଜା ; ସେବା ।

ଉପାସ୍ୟ–ବି. (ଉପ-ଅସ୍-ଯ) ପୂଜ୍ୟ ; ସେବ୍ୟ ।

ଉପୁଜିବା–କ୍ରି°. (ଉପଜାତଶବ୍ଦଜ) ଜନ୍ମିବା ।

ଉପୁଡ଼ିବା–କ୍ରି°. ଉଖୁଡ଼ିପଡ଼ିବା । [ଦାଗ ।

ଉପେକ୍ଷା–ବି. ( ଉପ-ଈକ୍ଷ୍-ଅ ) ଅନାଦର ;

ଉପେତ–ବି°. (ଉପ-ଇ-ତ) ଯୁକ୍ତ ।

ଉପେନ୍ଦ୍ର–ବି. ବିଷ୍ଣୁ ।

ଉପୋଷିତ–ବି°. (ଉପ-ବସ୍-ତ) ଉପବାସୀ ।

ଉପୋଦ୍ଘାତ–ବି. ଉପକ୍ରମ ।

ଉପ୍ତ–ବି°. (ବପ୍-ତ) ବୁଣା (ବୀଜସମ୍ବନ୍ଧରେ) ।

ଉଭ, ଉଭୟ—ବ°. ଦୁଇ, ଦ୍ୱୟ ।

ଉଭା—ବ°. ଠିଆ ।

ଉଭେଇଯିବା—କ୍ରି°. ଅଦୃଶ୍ୟ ହେବା ।

ଉମର—ବ. ବୟସ ।

ଉମା—ବ. (ଉ-ମା) ପାର୍ବତୀ ।

ଉରଃ—ବ. ବକ୍ଷସ୍ଥଳ ; ହୃଦୟ ।

ଉରଗ—ବ. (ଉରସ୍-ଗମ୍-ଅ) ସର୍ପ ।

ଉରଜ, ଉରସିଜ—ବ.(ଉରସ୍-ଜନ୍-ଅ) ସ୍ତନ ।

ଉରୁ—ବ. ଜଂଘ ।

ଉରୁ—ବ°. ବିଶାଳ ।

ଉର୍ଣ୍ଣ-ନାଭ—ସଂ. ମାକଡ଼ସା ।

ଉର୍ଣ୍ଣା—ବ. ମେଷଲୋମ ।

ଉର୍ବ୍ବରା—ବ°. ଫଳୋତ୍ପାଦକ ।

ଉର୍ବ୍ବଶୀ—ବ. ଅପ୍ସରାବିଶେଷ ।

ଉର୍ବ୍ବୀ—ବ. ପୃଥିବୀ ।

ଉଲଟ—ବ°. ବିପରୀତ ।

ଉଲାଖ—ବ. (ଉଲ୍ଲେଖଶବ୍ଦଜ) ଦୃଷ୍ଟାନ୍ତ ।

ଉଲୁଗୁଣା—ବ. ଦୃଷ୍ଟାନ୍ତ ସହ ତିରସ୍କାର ।

ଉଲୂକ—ବ. ପେଚା ।

ଉଲ୍କା—ବ. ଆକାଶରୁ ପତିତ ଅଗ୍ନିମୟ ପିଣ୍ଡ ।

ଉଲ୍ଲଙ୍ଘନ—ବ. (ଉତ୍-ଲଙ୍ଘ୍-ଅନ) ଅତିକ୍ରମ ।

ଉଲ୍ଲଙ୍ଘିତ—ବ°. ଅତିକ୍ରାନ୍ତ ।

ଉଲ୍ଲମ୍ଫନ—ବ. (ଉତ୍-ଲମ୍ଫ୍-ଅନ) କୁଦିବା ।

ଉଲ୍ଲସିତ—ବ°. (ଉତ୍-ଲସ୍-ତ) ଆନନ୍ଦିତ ।

ଉଲ୍ଲାସ—ବ. (ଉତ୍-ଲସ୍-ଅ) ଆନନ୍ଦ ; ଗ୍ରନ୍ଥର ଅଧ୍ୟାୟ ।

ଉଲ୍ଲିଖିତ—ବ°.(ଉତ୍-ଲିଖ୍-ତ)ଉପରେ ଲିଖିତ; ପୂର୍ବ କଥିତ ।

ଉଲ୍ଲେଖ—ବ. (ଉତ୍-ଲିଖ୍-ଅ) ପ୍ରସଙ୍ଗ ।

ଉଲ୍ଲୋଳ—ବ°. (ଉତ୍-ଲୋଳ) ଅତି ଆଲୋଡ଼ନ-ମୟ ।

ଉଶନା—ବ. ଶୁକ୍ରାଚାର୍ଯ୍ୟ ।

ଉଶୀର—ବ. ବେଣା ମୂଳ ।

ଉଷତ—ବ°. ଆନନ୍ଦିତ, ।

ଉଷା—ବ. ପ୍ରଭାତକାଳ ।

ଉଷିତ—ବ°. ବାସି ।

ଉଷୁନା—ବ°. (ଉଷ୍ଣ ଶବ୍ଦଜ) ସିଦ୍ଧ ।

ଉଷ୍ଟ୍ର—ବ. ଓଟ ।

ଉଷ୍ଣ—ବ°. ତପ୍ତ ।

ଉଷ୍ଣୀଷ—ବ. ପଗଡ଼ି ; ପାଗ ।

ଉସ୍ୱାସ—ବ°. ଲଘୁ ; ହାଲୁକା ।

ଉସ୍କେଇବା—କ୍ରି°. ତେଜିବା ; ଉତ୍ତେଜିତ କରିବା ; ଉତ୍ସାହିତ କରିବା ।

ଉହା—ବ. କୁମ୍ଭାର ଚଲ୍ଲୀ ।

ଉହାଡ଼—ବ. ଅନ୍ତରାଳ ; ଆବରଣ ।

---

## ଊ

ବ. ଷଷ୍ଠ ସ୍ୱରବର୍ଣ୍ଣ, ।

ଊଢ଼—ବ°. (ବହ୍-ତ) ବିବାହିତ ।

ଊଣା—ବ°. (ଊନଶବ୍ଦଜ) ଅଳ୍ପ ; କମ୍ ।

ଊଧଃ—ସଂ. ବ. ପଶୁର ସ୍ତନ ।

ଊନ—ବ°. ଅଳ୍ପ ; କମ୍ ।

ଊରୁ-ବ. (ଊର୍ଣ୍ଣ+ଉ) ଜାନୁର ଉପରଭାଗ ।

ଊର୍ଜସ୍ୱଲ-ବଂ. (ଊର୍ଜସ୍-ବଲ) ଅତିତେଜସ୍ୱୀ ।

ଊର୍ଦ୍ଧ୍ୱ-ବଂ. ଉତ୍ତୋଳିତ; ବ. ଉପରଅଡ଼ ।

ଊର୍ଣ୍ଣନାଭ-ବଂ. (ଊର୍ଣ୍ଣା-ନାଭି) ମାକଡ଼ସା ।

ଊର୍ମ୍ମି-ବ. ତରଙ୍ଗ; ଲହରୀ ।

ଊର୍ମ୍ମିଳା-ବଂ. (ଊର୍ମ୍ମି-ଲ-ଆ) ଊର୍ମ୍ମିଯୁକ୍ତ ; ବ. ଲକ୍ଷ୍ମଣଙ୍କ ପତ୍ନୀ ।

ଊଷର-ବଂ. ଲବଣାକ୍ତ; ବ. ଲବଣାକ୍ତ ଭୂମି ।

ଊହ-ବ. (ଊହ୍-ଅ) ବିତର୍କ ।

ଊହ୍ୟ-ବଂ. (ଊହ୍-ଯ) ତର୍କଣୀୟ; ପ୍ରଯୋଜ୍ୟ ।

---

## ଋ

ବ. ସପ୍ତମ ସ୍ୱରବର୍ଣ୍ଣ ।

ଋକ୍-ବ. ଋଗ୍ବେଦ; ବେଦମନ୍ତ୍ର ।

ଋକ୍ଷ-ବ. ଭଲ୍ଲୁକ; ନକ୍ଷତ୍ର ।

ଋଜୁ-ବଂ. ସରଳ; ସଳଖ ।

ଋଣ-ବ. (ଋ-ତ) କରଜ; ଉଧାର ।

ଋଣୀ-ବ. (ଋଣ-ଇନ୍) ଖାତକ ।

ଋତ-ବଂ. ସତ୍ୟ; ପୀଡିତ ।

ଋତୁ-ବ. ମାସଦ୍ୱୟବ୍ୟାପୀ କାଲ, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶିଶିର ଓ ବସନ୍ତ ; ସ୍ତ୍ରୀରଜ ।

ଋତୁମତୀ-ବଂ. (ଋତୁ-ମତ୍-ଈ) ରଜସ୍ୱଲା ।

ଋତୁରାଜ-ବ. ବସନ୍ତକାଳ ।

ଋତ୍ୱିକ୍-ବ. (ଋତୁ-ଯଜ୍-କ୍ୱିପ୍) ପୁରୋହିତ ।

ଋଦ୍ଧି-ବ. (ଋଧ୍-ତି) ସମ୍ପଦ୍ ; ଭବ ।

ଋଷଭ-ବ. ବୃଷଭ; ସଙ୍ଗୀତ ବିଦ୍ୟାର ସପ୍ତସ୍ୱର ମଧ୍ୟରେ ଦ୍ୱିତୀୟ ।

ଋଷି-ବ. (ଋଷ୍-ଇ) ମୁନି ।

ଋଷିକୁଲ୍ୟା-ବ. ନଦୀବିଶେଷ ।

ଋଷ୍ୟ-ବ. ମୃଗବିଶେଷ ।

ଋଷ୍ୟମୂକ-ବ. ପର୍ବତବିଶେଷ ।

ଋଷ୍ୟଶୃଙ୍ଗ-ବ. ମୁନିବିଶେଷ ।

---

## ଏ

ବ. ଅଷ୍ଟମ ସ୍ୱରବର୍ଣ୍ଣ; ସର୍ବ.-ଏହି, ଏହା ।

ଏଇ-ସର୍ବ. (ଏତତ୍‌ଶବ୍ଦଜ) ଅପଭ୍ରଷ୍ଟ ।

ଏକ-ବ. ଅଙ୍କସଂଖ୍ୟା ; ବଂ. ଅଦ୍ୱିତୀୟ ।

ଏକକ-ବଂ. (ଏକ-କ) ଏକାକୀ; ବ. ଅଙ୍କସଂଖ୍ୟା ।

ଏକକାଳୀନ-ବଂ. ଏକ କାଳରେ ଯେ ଘଟେ ।

ଏକଚର୍ଯ୍ୟା-ବଂ. ସମାନଚରିତ୍ର ।

ଏକଚିତ୍ତୀୟା-ବଂ. ଏକାଯତ୍ତ ।

ଏକଚ୍ଛଣ-ବଂ. ୪୧ । [ପକ୍ଷରେ ।

ଏକତଃ-ଅଂ. (ଏକ-ତସ୍) ଏକଦିଗରେ; ଏକ-

ଏକତନ୍ତ୍ରୀ } ବ. ଏକତନ୍ତ୍ରୀଯୁକ୍ତ ବାଦ୍ୟ ।
ଏକତାରା }

ଏକତମ-ବଂ. ଅନେକ ମଧ୍ୟରେ ଏକ ।

ଏକତର-ବଂ. ଦୁଇ ମଧ୍ୟରେ ଏକ ।

ଏକତା-ବ. ଐକ୍ୟ; ସାମ୍ୟ । [ଏକାଗ୍ର ।

ଏକତାନ-ବ. ଏକତ୍ର ମିଳିତ ସ୍ୱର; ବଂ.

ଏକତ୍ରଣ-ବଂ. ୩୧ ।

ଏକତ୍ର–କ୍ରି. ବି. ଏକ ସ୍ଥାନରେ ।

ଏକତ୍ୱ–ବି. ଐକ୍ୟ ; ଅଭେଦ ।

ଏକଦା–କ୍ରି. ବି. ଏକ ସମୟରେ ।

ଏକଦେଶ–ବି. କୌଣସି ଅଂଶ ।

ଏକଧା–ଅ. ଏକପ୍ରକାରେ ।

ଏକବାଗିଆ–ବି. ଅବାଧ୍ୟ ।

ଏକଲା–ବି. (ଏକଲ ଶବ୍ଦରୁ) ଏକାକୀ ।

ଏକଷଠି–ବି. ୬୧ ।

ଏକସ୍ତରି–ବି. ୭୧ ।

ଏକା–ବି. (ଏକ ଶବ୍ଦରୁ) ଏକଲ ।

ଏକାକୀ–ବି. ଏକକ ; ଅସହାୟ ।

ଏକାଗ୍ର–ବି. (ଏକ-ଅଗ୍ର) ଏକ ବିଷୟରେ ନିବଦ୍ଧ ।

ଏକାଗ୍ରତା–ବି. ଏକ ବିଷୟରେ ଅଭିନିବେଶ ।

ଏକାତ୍ମା–ବି. (ଏକ-ଆତ୍ମା) ଏକପ୍ରାଣ ।

ଏକାଦଶୀ–ବି. ତିଥିବିଶେଷ ।

ଏକାନବେ–ବି. ୯୧ ।

ଏକାନ୍ତ–ବି. (ଏକ-ଅନ୍ତ) ଅତ୍ୟନ୍ତ ; ନିର୍ଜନ ।

ଏକାନ୍ନ–ବି. (ଏକ-ଅନ୍ନ) ଏକତ୍ର ପାକ ।

ଏକାନ୍ନବର୍ତ୍ତୀ–ବି. (ଏକ-ଅନ୍ନ-ବୃତ୍-ଇନ୍) ଯେଉଁମାନେ ଏକ ପାକରେ ଖାଆନ୍ତି ।

ଏକାବନ–ବି. ୫୧ ।

ଏକାମ୍ରକାନନ–ବି. (ଏକ-ଆମ୍ର-କାନନ) ଭୁବନେଶ୍ୱରତୀର୍ଥ ।

ଏକାଶୀ–ବି. ୮୧ ।

ଏକୀକରଣ–ବି. (ଏକ-ଈ-କୃ-ଅନ) ଏକତ୍ର [ସ୍ଥାପନ ।

ଏକୁଟିଆ–ବି. ଏକାକୀ ।

ଏକୁନି–ବି. ମୋଟ ।

ଏକୁଆ<br>ଏକୋଇ } ବି. ଦିନଛଡା ଜ୍ୱର ।

ଏକୋଇଶ–ବି. ୨୧ ।

ଏକୋଦର–ବି. (ଏକ-ଉଦର) ସହୋଦର ।

ଏକୋଦ୍ଦିଷ୍ଟ–ବି. ଏକ ବ୍ୟକ୍ତିର ଉଦ୍ଦେଶରେ ଅନୁଷ୍ଠିତ ।

ଏକ୍ଷଣି–କ୍ରି. ବି. (ଏତଦ୍-କ୍ଷଣ) ଏହିକ୍ଷଣରେ ।

ଏଠାରେ–କ୍ରି. ବି. ଏ ସ୍ଥାନରେ ।

ଏଡ଼ିବା–କ୍ରି. ଲଙ୍ଘିବା ; ଅତିକ୍ରମ କରିବା ।

ଏଡେ–କ୍ରି. ବି. ଏ ପରିମାଣରେ ।

ଏଣ–ବି ମୃଗ ।

ଏଣିକି–କ୍ରି. ବି. ଏ ଆଡ଼କୁ ।

ଏଣୀ–ବି. (ଏଣ-ଈ) ମୃଗୀ ।

ଏଣୁ–ଅ. ଏହି ହେତୁରୁ ।

ଏଣେ–ଅ. ଏଆଡ଼େ ।

ଏଣେତେଣେ–ଅ. ଏଆଡ଼େ ସେଆଡ଼େ ।

ଏଣ୍ଡୁଅ–ବି. ସରୀସୃପବିଶେଷ, କୃକଳାସ ।

ଏଣ୍ଡୁରି–ବି. ପିଷ୍ଟକବିଶେଷ ।

ଏତାଦୃଶ–ବି. (ଏତଦ୍-ଦୃଶ୍) ଏପ୍ରକାର ।

ଏତାବତ୍–ବି. (ଏତଦ୍-ବତ୍) ଏତଦ୍ ପରିମାଣ ; ଏତେ ।

ଏତେ–କ୍ରି. ବି. ଏ ସଂଖ୍ୟାରେ ।

ଏମନ୍ତ–ବି. ଏପ୍ରକାର ।

ଏରଣ୍ଡ–ବି. ଜଡ଼ଗଛ ।

ଏରୁଣ୍ଡି-ବି. ଦ୍ୱାରବନ୍ଧ ।
ଏଲା-ବି. ଅଳେଇଚ ।
ଏବଂ-ଅ. ଏହି ପ୍ରକାରେ ; ଅଧିକ ।
ଏବଂ-ବିଧ-ବି. ଏହିପ୍ରକାରେ ।
ଏବେ-ଅ. ବର୍ତ୍ତମାନ, ସଂପ୍ରତି ।
ଏଷଣା-ବି. (ଇଷ୍-ଅନ୍-ଆ) ଅନ୍ୱେଷଣ ।
ଏସ୍ରାର-ବି. ସେତାର ସଦୃଶ ବାଦ୍ୟଯନ୍ତ୍ର ।

---

## ଐ

ଐ ନବମ ସ୍ୱରବର୍ଣ୍ଣ ।

ଐକମତ୍ୟ-ବି. (ଏକ-ମତ-ଯ) ଏକମତ ହେବାର ଭାବ ।
ଐକାନ୍ତିକ-ବି. (ଏକାନ୍ତ-ଇକ) ପ୍ରଗାଢ଼; ଦୃଢ଼ ।
ଐକାହିକ-ବି. (ଏକ-ଅହନ୍-ଇକ) ଏକଦିନ ସମ୍ବନ୍ଧୀୟ ।
ଐକ୍ୟ-ବି. (ଏକ-ଯ) ଏକତା ।
ଐଚ୍ଛିକ-ବି. (ଇଚ୍ଛା-ଇକ) ଇଚ୍ଛା ସମ୍ବନ୍ଧୀୟ ।
ଐତିହାସିକ-ବି. (ଇତିହାସ-ଇକ) ଇତିହାସ-ସଂକ୍ରାନ୍ତ ।
ଐତିହ୍ୟ-ବି. (ଇତି-ହ-ଯ) ପ୍ରବାଦ ।
ଐନ୍ଦବ-ବି. (ଇନ୍ଦୁ-ଅ) ଚନ୍ଦ୍ର ସମ୍ବନ୍ଧୀୟ ।
ଐନ୍ଦ୍ରଜାଲିକ-ବି. (ଇନ୍ଦ୍ର-ଜାଲ୍-ଇକ) କୁହୁକୀ, ବାଜୀକର ।
ଐରାବତ-ବି. (ଇରା-ବତ-ଅ) ଇନ୍ଦ୍ରହସ୍ତୀ ।
ଐଶ-ବି. (ଈଶ-ଅ) ଈଶ୍ୱରସମ୍ବନ୍ଧୀୟ ।
ଐଶ୍ୱର୍ଯ୍ୟ-ବି. (ଈଶ୍ୱର-ଯ) ପ୍ରଭୁତ୍ୱ; ବିଭବ ।
ଐହିକ-ବି. (ଇହ-ଇକ) ଇହକାଳସମ୍ବନ୍ଧୀୟ ।

## ଓ

ଓ ଦଶମ ସ୍ୱରବର୍ଣ୍ଣ, ବି. ବ୍ରହ୍ମା ; ଅ. ସମ୍ବୋଧନ ।

ଓଁ-ଅ. ପ୍ରଣବ; ଓଙ୍କାର ।
ଓଉ-ବି. ଅମ୍ଳଫଳବିଶେଷ ।
ଓକର-ବି. ଗୋଇ ; ଗୃହଛିଦ୍ର ।
ଓଗାଳିବା-କ୍ରି. (ଅର୍ଗଳଶବ୍ଦରୁ) ଅଟକାଇବା ।
ଓଘ-ବି. ପ୍ରବାହ ; ତରଙ୍ଗ ।
ଓଜଃ-ବି. ତେଜ; ବଳ ।
ଓଜନ-ବି. ତୌଲ ।
ଓଜର-ବି. ହେତୁ ; ଛଳ ।
ଓଜସ୍ୱୀ-ବି. (ଓଜସ୍-ବିନ୍) ତେଜସ୍ୱୀ; ବଳବାନ୍ ।
ଓଝ-ବି. ବର୍ଗମୂଳ ବାହାର କରିବା ।
ଓଝା-ବି. (ଉପାଧ୍ୟାୟ ଶବ୍ଦରୁ) ଶିକ୍ଷକ ; ଗଣିଭଙ୍ଗ ।
ଓଟାରିବା-କ୍ରି. ଆକର୍ଷଣ କରିବା; ଟାଣିବା ।
ଓଡ଼ାଙ୍କ-ବି. ନିର୍ଦ୍ଦିଷ୍ଟ ପ୍ରଣାଳୀରେ ମିଶାଣ ।
ଓଡ଼ିଆ-ବି. (ଓଡ୍ରଶବ୍ଦରୁ) ଉତ୍କଳୀୟ ।
ଓଡ୍ର, ଓଢ୍ର-ବି. ଉତ୍କଳଦେଶ ।
ଓଢ଼ଣା-ବି. ସ୍ତ୍ରୀଲୋକଙ୍କର ମୁଖ ଛାଦନ ବସ୍ତ୍ର ।
ଓତପ୍ରୋତ-ବି. ସବୁଆଡ଼େ ବ୍ୟାପ୍ତ । [ବିସ୍ତ ।
ଓତା-ବି. (ଉତ୍ସାହଶବ୍ଦଜ) ତତ୍ପର; ଉତ୍ସାହ-
ଓଦନ-ବି, ଭାତ ।
ଓଲଟା-ବି. ବିପରୀତ ।
ଓଲଣ-ବି. ମିସ୍ତ୍ରିମାନଙ୍କର ମାପିବା ଦଉଡ଼ି ।
ଓଲ୍ଲ-ବି. ବୁଦ୍ଧିହୀନ ।
ଓଲ୍ଲଉଠା-ବି. ବସୁଧସେଉ ।

ଓଳି-ବି. ଛପରର ଶେଷଭାଗ; ଦଣ୍ଡାର୍ଦ୍ଧ; ମୃତ୍ତିକା-
ପାତ୍ରବିଶେଷ । [ନିର୍ମିତ ଚୁଲ୍ଲା ।

ଓଳିଆ-ବି. ଶସ୍ୟାଦି ବାନ୍ଧି ରଖିବାପାଇଁ ପାଳ-

ଓଷଧି-ବି. ଜ୍ୟୋତିର୍ଲତା; ଔଷଧ ।

ଓଷଧୀଶ-ବି. (ଓଷଧି-ଈଶ) ଚନ୍ଦ୍ର ।

ଓଷ୍ଠ-ବି. ଓଠ ।

ଓଷ୍ଠ୍ୟ-ବିଂ. (ଓଷ୍ଠ-ଯ) ଓଷ୍ଠଦ୍ୱାରା ଉଚ୍ଚାରିତ ।

ଓସା-ବି. (ଉପବାସଶବ୍ଦଜ) ଉପବାସ; ବ୍ରତ ।

ଓସାର-ବି. ପ୍ରସ୍ଥ ; ଚୌଡ଼ା ।

ଓହଳ-ବି. ( ଅବରୋହ ଶବ୍ଦଜ ) ବରଗଛରୁ ତଳକୁ ଯେଉଁ ଅଂଶ ବାହାରେ ।

ଓହଳିବା-କ୍ରିଂ. ତଳକୁ ଖସିବା; ଝୁଲିବା ।

ଓହ୍ଲାଇବା-କ୍ରିଂ. (ଅବରୋହ ଶବ୍ଦରୁ) ଅବତରଣ କରିବା ।

---

## ଔ ଚତୁର୍ଦ୍ଦଶ ସ୍ୱରବର୍ଣ୍ଣ ।

ଔଚିତ୍ୟ-ବି. (ଉଚିତ-ଯ) କର୍ତ୍ତବ୍ୟତା ।

ଔତ୍ସୁକ୍ୟ-ବି. (ଉତ୍ସୁକ-ଯ) ଉତ୍କଣ୍ଠା; ଆଗ୍ରହ ।

ଔଦରିକ-ବିଂ. (ଉଦର-ଇକ) ଉଦରମ୍ଭରି; ପେଟୁ । [ବଦାନ୍ୟତା ।

ଔଦାର୍ଯ୍ୟ-ବି (ଉଦାର-ଯ) ଉଦାରତା;

ଔଦାସ୍ୟ } ବି. (ଉଦାସ-ଉଦାସୀନ-ଯ)
ଔଦାସୀନ୍ୟ } ବୈରାଗ୍ୟ; ଅନାସ୍ଥା ।

ଔପନିବେଶିକ-ବିଂ. (ଉପନିବେଶ-ଇକ) ଉପନିବେଶସମ୍ବନ୍ଧୀୟ । [ନିର୍ମିତ ଆସନ ।

ଔରଭ୍ର-ବି. (ଉରଭ୍ର=ମେଷ+ଅ) ଲୋମ-

ଔରସ-ବିଂ. (ଉରସ୍-ଅ) ସ୍ୱୟଂ ଉତ୍ପାଦିତ; ଧର୍ମପତ୍ନୀଜାତ ।

ଔର୍ଦ୍ଧ୍ୱଦୈହିକ-ବିଂ.(ଊର୍ଦ୍ଧ୍ୱ-ଦେହ-ଇକ) ମୃତର ସତ୍କାର ସମ୍ବନ୍ଧୀୟ ।

ଔଷଧ-ବି. ଭେଷଜ; ରୋଗନାଶକ ବସ୍ତୁ ।

ଔଷ୍ଠ୍ୟ-ବି. (ଓଷ୍ଠ-ଯ) ଓଷ୍ଠଦ୍ୱାରା ଉଚ୍ଚାର୍ଯ୍ୟ ବର୍ଣ୍ଣ ।

---

## କ ପ୍ରଥମ ହଲ୍‌ବର୍ଣ୍ଣ; ବି. ଜଳ; ବ୍ରହ୍ମା ।

କଅଣ, କଣ-ସର୍ବ. (କିଂଶବ୍ଦଜ) କିସ ।

କଅଁଳ-ବିଂ. (କୋମଳଶବ୍ଦଜ) ମୃଦୁ; ନରମ ।

କଇଁ-ବି. (କୁମୁଦଶବ୍ଦଜ) ଜଳଜ ପୁଷ୍ପବିଶେଷ ।

କଇଁଅ-ବି. ଛନୁଲୀ ।

କଇଁଥା-ବିଂ. ଦରସିଝା; ଅପକ୍ୱ ।

କଇଁଛ, କଇଞ୍ଛ-ବି. କଚ୍ଛପ ।

କଇତି-ବି. ବେତନିର୍ମିତ ଧାନ୍ୟାଧାର ।

କଉ-ବି. (କବୟୀଶବ୍ଦଜ) ମତ୍ସ୍ୟବିଶେଷ ।

କଉଡ଼ି-ବି (କପର୍ଦ୍ଦଶବ୍ଦଜ) ବରାଟକ ।

କଏଦ-ବି. ଅବରୋଧ; ବନ୍ଦ ।

କଏଦୀ-ବି. ବନ୍ଦୀ ।

କଂସ-ବି. କଂସ ନାମକ ଅସୁର ।

କକୁଦ୍-ବି. ବୃଷଭର ଚୂଳ ।

କକୁଦ୍ମାନ୍-ବି. ମତ୍ତବୃଷ ।

କକୁଭ୍-ବି. ଦିଗ । [ପଥ ।
କକ୍ଷ-ବି. କାଖ ; ପ୍ରକୋଷ୍ଠ ; ଗ୍ରହର ଭ୍ରମଣ
କଙ୍କ-ବି. ଏକପ୍ରକାର ପକ୍ଷୀ ।
କଙ୍କୀ-ବି. ପତଙ୍ଗ ବିଶେଷ ।
କଙ୍କଣ-ବି. କରଭୂଷଣ ବିଶେଷ ।
କଙ୍କତିକା-ବି. ପାନିଅଁ ।
କଙ୍କାଳ-ବି. ଅସ୍ଥି-ପଞ୍ଜର । [ବିଶେଷ ।
କଖାରୁ-ବି. (କର୍କାରୁଶବ୍ଦଜ) ଲତା ଓ ଫଳ-
କଙ୍ଗାଳ, କାଙ୍ଗାଳ-ବି. ଭିକ୍ଷୁକ ।
କଚ-ବି କେଶ ; ବୃହସ୍ପତିର ପୁତ୍ର ।
କଚଟି-ବି. ମଣିବନ୍ଧ ।
କଚଡା-ବି. ମୂଳରୁ କଟା ଧାନଗଛର ବିଡା
ବିଡା; ସବଳରେ ତଳେ ନିକ୍ଷେପ ବା ପତନ ।
କଚରି-ବି. ଅଳିଅ ।
କଚ୍ଡିବା-କ୍ରି. ସବଳେ ତଳେ ନିକ୍ଷେପକରିବା ।
କଚୁ-ବି. ସାରୁଗଛ ।
କଚୁରି-ବି. ପେଷ୍ଟକ ବିଶେଷ ।
କଚେରି-ବି. ବିଚାରାଳୟ ; କାର୍ଯ୍ୟାଳୟ ।
କଚା-ବି. ଅପକ୍ୱ ; ଅସ୍ଥାୟୀ ।
କଛୁ-ବି. (କଚ୍ଛପଶବ୍ଦଜ) ମାଛ ।
କଛା-ବି. (କକ୍ଷଶବ୍ଦଜ) ପରିଧେୟ ବସ୍ତ୍ରର ପଶ୍ଚାଦ୍ଭୂ
ଅଂଶ ।
କଚ୍ଛ-ବି. ଜଳମୟ ଦେଶ ; କଛ ।
କଚ୍ଛପ-ବି. (କଚ୍ଛ-ପା-ଅ) କୂର୍ମ୍ମ, କଇଁଛ ।
କଚ୍ଛୁ-ବି. କାଛୁ ।
କଜ୍ଜଳ-ବି. ଅଞ୍ଜନ ; ବିଂ. କୃଷ୍ଣବର୍ଣ୍ଣ ।

କଞ୍ଚା-ବିଂ. ଅପକ୍ୱ ; ଅସିଦ୍ଧ ।
କଞ୍ଚି-ବି. (କୁଞ୍ଚୀଶବ୍ଦଜ) କୋଲପକାଠି ।
କଞ୍ଚୁକ-ବି. ସାପର କାତି ; ବସ୍ତ୍ର ।
କଞ୍ଚୁକୀ-ବି. (କଞ୍ଚୁକ-ଇନ୍) ଅନ୍ତଃପୁରର କ୍ଳୀବ-
ରକ୍ଷକ ; ସର୍ପ ।
କଞ୍ଜ-ବି. (କଂ-ଜନ୍-ଅ) ପଦ୍ମ ।
କଟ-ବି. ହସ୍ତୀର ଗଣ୍ଡଦେଶ ।
କଟକ-ବି. (କଟ୍-ଅକ) ପର୍ବତର ସାନୁବଳୟ ;
ରାଜଧାନୀ ; ପାଦଭୂଷଣ ; ଶିବିର ।
କଟକଣା-ବି. ବନ୍ଦୋବସ୍ତ; ଅଟକ ।
କଟରି-ବି. ଭାଟିଅ; ଚିନା ।
କଟା-ବିଂ. (କର୍ତ୍ତନଶବ୍ଦଜ) ଛେଦିତ ।
କଟାକଟି-ବି. ହଣାହଣି । [ଚାହାଣି ।
କଟାକ୍ଷ-ବି. (କଟ-ଅକ୍ଷି) ଅପାଙ୍ଗଦୃଷ୍ଟି; ଅଡ଼-
କଟାର, କଟାରି-ବି. ଶସ୍ତ୍ରବିଶେଷ ।
କଟାଳି-ବି. ଓଜନ ପରିମାଣ; ଭଦ୍ ।
କଟାଶ-ବି. ବନ୍ୟ ବିଡାଳ ।
କଟାହ-ବି. ଲୌହକରେଇ ।
କଟି-ବି. ଅଣ୍ଟା ।
କଟିବନ୍ଧ-ବି. (କଟି-ବନ୍ଧ) କମରବନ୍ଧ ।
କଟୁ-ବିଂ. କଡୁଆ; କର୍କଶ । [ରକ୍ଷକ ।
କଟୁଆଳ-ବି. (କୋଷ୍ଠପାଳଶବ୍ଦରୁ) ନଗର-
କଟୁକୀ-ବି. ଔଷଧବିଶେଷ ।
କଟୁରି-ବି. (କଟାରଶବ୍ଦଜ) ଶସ୍ତ୍ରବିଶେଷ ।
କଠ-ବି. ମୁନିବିଶେଷ; ଉପନିଷଦ୍ବିଶେଷ ।
କଠାଉ-ବି. କାଷ୍ଠପାଦୁକା ; ଖଡମ ।
କଠିନ-ବିଂ. ଦୃଢ; ଶକ୍ତ; ନିର୍ଦ୍ଦୟ; ଦୁଃସହ ।

କଠିନୀ-ବ. ଖଡ଼ୀ ।
କଠୋର-ବଂ. (କଠ-ଓର) କଠିନ; ଦୁଷ୍କର ।
କଡ଼ମଡ଼-କ୍ରି. ବଂ. କଠିନଦ୍ରବ୍ୟର ଚର୍ବଣଶବ୍ଦ ।
କଡ଼ା-ବ. କଉଡ଼ି; ଧାତୁନିର୍ମିତ ବଳୟ; ବଂ. କଠୋର ।
କଡ଼ି-ବ. କଡ଼ିକାଠ ।
କଢ଼ୁଆ-ବଂ. (କଟୁଶବ୍ଦଜ) କଟୁ ।
କଢ଼ାଇବା-କ୍ରି. ବାହାରକରିବା ।
କଢ଼ି, କଢ଼-ବ. (କଳିଶବ୍ଦଜ) ପୁଷ୍ପକଳି ।
କଣ, କଣା-ବ. ଅଣୁ; ଅତିସୂକ୍ଷ୍ମ ଅଂଶ ।
କଣା-ବ. (କାଣଶବ୍ଦଜ) ଏକଚକ୍ଷୁହୀନ; ଛିଦ୍ର ।
କଣାଦ-ବ. (କଣ-ଅଦ) ଅଣୁବିଷୟକ ଦର୍ଶନର ପ୍ରଣେତା ମୁନି । [କ୍ଷୁଦ୍ରାଂଶ ।
କଣି-ବ. ବାଉଁଶର ଶାଖା; ବଡ଼ ମୁଗ ପ୍ରଭୃତିର
କଣିକା-ବ. (କଣ-ଅକ-ଆ) କ୍ଷୁଦ୍ରଅଂଶ; ଏକକଣା ।
କଣ୍ଟା-ବ. ସମୟ ନିର୍ଦ୍ଦେଶ; ମାପ ।
କଣ୍ଟକ-ବ. କଣ୍ଟା; ଶତ୍ରୁ । [କଯୁକ୍ତ ।
କଣ୍ଟକିତ-ବ. (କଣ୍ଟକ-ଇତ) ରୋମାଞ୍ଚିତ; କଣ୍ଟ-
କଣ୍ଟି-ବ. ଲଙ୍ଗଳସ୍ଥ କାଷ୍ଠଖଣ୍ଡବିଶେଷ ।
କଣ୍ଠ-ବ. ଗଳଦେଶ; ଗଳା
କଣ୍ଠନାଳୀ-ବ. ଗଳାର ନାଳୀ ।
କଣ୍ଠସ୍ଥ-ବଂ. (କଣ୍ଠସ୍ଥା-ଅ) ମୁଖସ୍ଥ ।
କଣ୍ଠୀ-ବ. କଣ୍ଠର ମାଳା ।
କଣ୍ଠ୍ୟ-ବଂ (କଣ୍ଠ-ଯ) କଣ୍ଠୋଚ୍ଚାରିତ ।
କଣ୍ଡରା-ବ. (କନସ୍ତଶବ୍ଦଜ) ଜାତିବିଶେଷ ।
କଣ୍ଡୁ-ବ. କୁଣ୍ଡିଆ; କୁଣ୍ଡେଇହେବା ।
କଣ୍ୱ-ବ. ମୁନିବିଶେଷ ।
କତରା-ବ. ଛିଣ୍ଡା ମସିଣା ।
କତି-ବ. (କିମ୍-ଅତି) କେତେକ ।
କତି-ବଂ. ନିକଟ; ବ. ପାଖ ।
କତିପୟ-ବଂ. କେତେକ ।
କଥଞ୍ଚିତ-ଅଂ. କୌଣସିପ୍ରକାରେ ।
କଥନ-ବ. (କଥ୍-ଅନ) ଉକ୍ତି; କହିବା ।
କଥନୀୟ-ବଂ. (କଥ୍-ଅନୀୟ) ବକ୍ତବ୍ୟ; କହିବାର ଯୋଗ୍ୟ ।
କଥା-ବ. (କଥ୍-ଆ) ଉକ୍ତି; ଗଳ୍ପ; ଉପାଖ୍ୟାନ ।
କଥିତ-ବଂ. (କଥ୍-ତ) ବ୍ୟକ୍ତ; ବର୍ଣ୍ଣିତ ।
କଥୋପକଥନ-ବ. (କଥା-ଉପକଥନ) କଥାବାର୍ତ୍ତା ।
କଥ୍ୟ-ବଂ. (କଥ୍-ଯ) ବକ୍ତବ୍ୟ ।
କଦକ୍ଷର-ବ. (କୁ-ଅକ୍ଷର) କୁତ୍ସିତ ଅକ୍ଷର ।
କଦନ-ବ. (କଦ୍-ଅନ) ପୀଡ଼ନ; ବିନାଶ; ପାପ ।
କଦନ୍ନ-ବ. (କୁ-ଅନ୍ନ) ଦୂଷିତ ଅନ୍ନ ।
କଦମ୍ବ-ବ. ନୀପବୃକ୍ଷ ।
କଦର-ବ. ସୁବିଧା; ଉପାୟ ।
କଦର୍ଯ୍ୟ-ବଂ. କୁତ୍ସିତ; ନୀଚ ।
କଦଳୀ-ବ. ରମ୍ଭାବୃକ୍ଷ ଓ ଫଳ ।
କଦା-ଅଂ. (କିମ୍-ଦା) କେବେ ।
କଦାକାର-ବଂ. (କୁ-ଆକାର) ବିଶ୍ରୀ ।
କଦାଚ, କଦାଚନ, କଦାଚିତ୍-ଅଂ. କୌଣସି ସମୟରେ, ଅତି ବିରଳଭାବରେ ।
କଦାକ୍ଷର-ବ. କୁତ୍ସିତ ଅକ୍ଷର ।

କଦାପି-ଅ°, (କଦା-ଅପି) କେବେହେଁ ।

କଦୁଷ୍ଣ-ବି°. ଅଳ୍ପଉଷ୍ଣ ।

କଦ୍ରୁ-ବି. କଶ୍ୟପଋଷିଙ୍କ ଭାର୍ଯ୍ୟା ।

କନକ-ବି. ସୁବର୍ଣ୍ଣ ।

କନିଷ୍ଠ-ବି°.(କନ୍=କ୍ଷୁଦ୍ର-ଇଷ୍ଠ) ବୟସରେ ସାନ ।

କନିଷ୍ଠା-ବି°. ବୟସରେ କ୍ଷୁଦ୍ରା । ବି. କାଣି-ଅଙ୍ଗୁଳି ।

କନୀନିକା-ବି. ଚକ୍ଷୁର ତାରା ।

କନୀୟସୀ-ବି°. କନିଷ୍ଠା ।

କନୀୟାନ୍-ବି°.(କନ୍-ଇୟସ୍) କନିଷ୍ଠ; କ୍ଷୁଦ୍ର ।

କନ୍ଥା-ବି. ଜୀର୍ଣ୍ଣବସ୍ତ୍ରରଚିତ ଆସ୍ତରଣ ବା ଆଚ୍ଛାଦନ ।

କନ୍ଦ-ବି. ଅଳ୍ପପ୍ରଭୃତ ଭକ୍ଷଣୀୟ ମୂଳ ।

କନ୍ଦର, କନ୍ଦରା-ବି. ପର୍ବତଗୁହା ।

କନ୍ଦର୍ପ-ବି. (କଂ-ଦୃପ୍-ଅ) କାମ; ମଦନ ।

କନ୍ଦଳ-ବି. ନୂତନାଙ୍କୁର; କଳହ ।

କନ୍ଦୁକ-ବି. ବର୍ତ୍ତୁଳାକାର ଖେଳନା ।

କନ୍ଧର-ବି. (କଂ-ଧୃ-ଅ) ଗ୍ରୀବା; କାନ୍ଧ ।

କନ୍ୟା-ବି. ପୁତ୍ରୀ; ଅବିବାହିତା ସ୍ତ୍ରୀ; ସ୍ୱନାମ-ପ୍ରସିଦ୍ଧ ନକ୍ଷତ୍ରପୁଞ୍ଜ ବା ରାଶି ।

କପଟ-ବି. ଛଳ; ଶଠତା ।

କପଟୀ-ବି°. (କପଟ-ଇନ୍) କପଟଯୁକ୍ତ ।

କପର୍ଦ୍ଦ }
କପର୍ଦ୍ଦକ } ବି. କଉଡ଼ି; ଶିବଙ୍କ ଜଟା ।

କପାଟ, କବାଟ-ବି. ଦ୍ୱାରର ଆବରଣ ।

କପାଳ-ବି. ଲଲାଟ; ଭାଗ୍ୟ; ଖପର ।

କପାଳିଆ-ବି°. ଭାଗ୍ୟବନ୍ତ ।

କପି-ବି. ବାନର; ମାଙ୍କଡ଼ ।

କପିକଳ-ବି. ଭାରିଦ୍ରବ୍ୟ ଉଠାଇବାର କଳ ।

କପିତ୍ଥ-ବି. କଇଥଗଛ ଓ ଫଳ ।

କପିଳ-ବି°. ପିଙ୍ଗଳ । ବି. ମୁନିବିଶେଷ ।

କପିଶ-ବି°. ମାଟିଆରଙ୍ଗ ।

କପୋତ-ବି. କାପ୍ତାପକ୍ଷୀ ।

କପୋଳ-ବି. ଗଣ୍ଡଦେଶ ।

କପୋଳ-କଳ୍ପିତ-ବି°. ମନଗଢ଼ା ଅଲୀକ କଥା ।

କଫ-ବି, ଶ୍ଳେଷ୍ମ ।

କଫୋଣି-ବି. କହୁଣି ।

କବନ୍ଧ-ବି. ମସ୍ତକଶୂନ୍ୟ ଦେହ ।

କବାବଚିନି-ବି. ମଶାଲାବିଶେଷ ।

କବାଲା-ବି. ଭୂମି ବିକ୍ରୟ କରିବାର ପତ୍ର ।

କବୁଲ୍-ବି. ସ୍ୱୀକାର ।

କବୁଲିୟତି-ବି. ସ୍ୱୀକାରପତ୍ର । [କଳ ।

କବ୍ଜା-ବି. କବାଟ ସଂଯୋଜକ ଲୌହାଦି ନିର୍ମିତ

କମ-ବି°. ସୁନ୍ଦର ବି. ସୁନ୍ଦର ଶିଳ୍ପକର୍ମ ।

କମ୍ ବି°. ଅଳ୍ପ ।

କମଠ-ବି. କୂର୍ମ; କଚ୍ଛପ । [ପାତ୍ର ।

କମଣ୍ଡଳୁ-ବି. ସନ୍ନ୍ୟାସୀଙ୍କର କାଷ୍ଠ ନିର୍ମିତ ଜଳ-

କମନୀୟ-ବି°. (କମ୍-ଅନୀୟ) ସୁନ୍ଦର; ମନୋହର ।

କମରି-ବି. କଟି; ଅଣ୍ଟା ।

କମଳ-ବି. ପଦ୍ମ; ଜଳ ।

କମଳା-ବି. ଲକ୍ଷ୍ମୀ ।

କମଳା–ବି. ଲେମ୍ବୁବିଶେଷ ।

କମଳାକର–ବି. (କମଳ-ଆକର) ଯେଉଁ ପୁଷ୍କରିଣୀରେ ଅନେକ ପଦ୍ମ ଥାଏ ।

କମଳାସନ–ବି. ପଦ୍ମାସନ ; ବ୍ରହ୍ମା । [ଲତା ।

କମଳିନୀ–ବି. (କମଳ-ଇନ୍-ଈ) ପଦ୍ମିନୀ ; ପଦ୍ମ-

କମ୍ପ, କମ୍ପନ }–ବି. (କମ୍ପ-ଅ, ଅନ) କମ୍ପିବା; ଥରିବା ।

କମ୍ପମାନ–ବିଂ. କମ୍ପଯୁକ୍ତ ।

କମ୍ପିତ–ବିଂ. (କମ୍ପ୍-ତ) କମ୍ପଯୁକ୍ତ ।

କମ୍ବଳ–ବି. ମେଷଲୋମନିର୍ମିତ ବସ୍ତ୍ର ।

କମ୍ବୁ–ବି. ଶଙ୍ଖ । [ଗଳଦେଶ ।

କମ୍ବୁ-ଗ୍ରୀବା–ବି. ଶଙ୍ଖପରି ରେଖାତ୍ରୟଯୁକ୍ତ

କର–ବି. (କୃ-ଅ) ହସ୍ତ ; କିରଣ; ହସ୍ତିଶୁଣ୍ଢ ; ଖଜଣା ।

କରକଚ–ବି. ଆତପ ତାପଦ୍ୱାରା ପ୍ରସ୍ତୁତ ଲବଣ ।

କରକଣ୍ଟ–ବି. ଇଟା ବା ପଥରଗୁଣ୍ଡି ।

କରକା–ବି. କୁଆପଥର ।

କର-କୋଷ୍ଠୀ–ବି. ଭାଗ୍ୟସୂଚକ ହସ୍ତଚିହ୍ନ ।

କରଙ୍କ–ବି. ଡବା ।

କରଚୁଲି–ବି. ଧାତୁନିର୍ମିତ ଡଙ୍କା ।

କରଜ–ବି. (କର-ଜନ୍-ଅ) ନଖ ।

କରଞ୍ଜ–ବି. କରଞ୍ଜଗଛ ।

କରଟକ–ବି କାକ ।

କରଡ଼ା–ବିଂ. ଦୃଢ ; ଶକ୍ତ ; ବି. ବୃକ୍ଷବିଶେଷ ।

କରଢ଼ି–ବି. (କଷ୍ଟରଶବ୍ଦଜ) ବାଉଁଶ ଗଜା ।

କରଣ–ବି. (କୃ-ଅନ) ଇନ୍ଦ୍ରିୟ; କାରକବିଶେଷ; ଜାତିବିଶେଷ ।

କରଣୀ–ବି. (କୃଧାତୁରୁ) ମାହାତ୍ମ୍ୟ; ସଜମିସ୍ତ୍ରିମାନଙ୍କର ଲୋହନିର୍ମିତ ଶସ୍ତ୍ର । [ଉଚିତ ।

କରଣୀୟ–ବିଂ. (କୃ-ଅନୀୟ) ଯାହା କରିବା

କରଣ୍ଡ–ବି. ପେଟରା । [କରପତ୍ର ।

କରତ–ବି. (କରପତ୍ରଶବ୍ଦରୁ) କାଠଚିରିବା ଶସ୍ତ୍ର;

କରତଳ–ବି. (କର-ତଳ) ହସ୍ତର ତଳ ।

କରତାଳ–ବି. ଝାଞ୍ଜ ।

କରତାଳି–ବି. ହାତତାଳି ।

କରଦ–ବିଂ. (କର-ଦା-ଅ) କରପ୍ରଦ ।

କର-ପତ୍ର–ବି. ହସ୍ତତଳ; କରତ ।

କର-ପୁଟ–ବି. ଯୋଡ଼ହାତ, ବଦ୍ଧାଞ୍ଜଳି ।

କରବାଳ–ବି. ଖଡ୍ଗ, ତରବାରି ।

କରବୀର–ବି. ପୁଷ୍ପବୃକ୍ଷବିଶେଷ ।

କରଭ, କଲଭ }–ବି. ହସ୍ତି-ଶାବକ; ଉଷ୍ଟ୍ର-ଶାବକ ।

କରମାଳା–ବି. ଜପମାଳା ।

କର-ରୁହ–ବି. ନଖ; ଅଙ୍ଗୁଳି । [ବିଶେଷ ।

କରଲା-ବି. ( କାରବେଲ୍ଲଶବ୍ଦରୁ ) ତିକ୍ତଫଳ-

କରାଟ–ବି. ପିତ୍ତଳ ବା କଂସାନିର୍ମିତ ଗୋଲାକାର ପରୁଆ ।

କରାର–ବି. ସ୍ୱୀକାର ।

କରାଳ–ବିଂ. ଭୟାନକ; ବୃହତ !

କରିଣୀ–ବି. ହସ୍ତିନୀ । [ର୍ଥାଂଶ ।

କରିଷ–ବି. (କର୍ଷଶବ୍ଦଜ) ଏକ ପଲର ଚତୁ-

କରୀ-ବି. (କର-ଇନ୍) ହସ୍ତୀ ।

କରୀର-ବି. ବଂଶାଙ୍କୁର, ବାଉଁଶଗଜା ।

କରୁଣ-ବିଂ. ( କୃ-ଉନ ) ଶୋକୋଦ୍ଦୀପକ ; ଦୟାର୍ଦ୍ର ।

କରୁଣା-ବି. ଦୟା ।

କରେଣୁ-ବି. ହସ୍ତିନୀ ।

କରୋଟି-ବି. ମସ୍ତକର ଅସ୍ଥି; ମୁଣ୍ଡର ଖପୁରି ।

କର୍କଟ-ବି. କଙ୍କଡ଼ା; କର୍କଟରାଶି ।

କର୍କଟକ୍ରାନ୍ତି-ବି. ଭୂଗୋଳଶାସ୍ତ୍ରରେ ନିରକ୍ଷବୃତ୍ତଠାରୁ ୨୩½ ଅଂଶ ଉତ୍ତରରେ ଯେଉଁ ଅକ୍ଷରେଖା ଅଛି ।

କର୍କଟୀ }
କର୍କଟିକା } ବି. କାକୁଡ଼ି; କଙ୍କଡ଼ା ।

କର୍କନ୍ଧୁ-ବି. ବରକୋଳି ଗଛ ଓ ଫଳ ।

କର୍କର-ବି. ଗୋଡ଼ି ।

କର୍କଶ-ବିଂ. କଠିନ; ନିର୍ଦ୍ଦୟ; ଛୁଉକଟୁ; ଖରସ୍ପର୍ଶ ।

କର୍କାରୁ-ବି. କଖାରୁ ।

କର୍ଜ-ବି. ଋଣ ।

କର୍ଣ୍ଣ-ବି. (କର୍ଣ୍ଣ-ଅ) ଶ୍ରବଣେନ୍ଦ୍ରିୟ; ଜଣେ ବୀରର ନାମ; ସମ୍ମୁଖସ୍ଥ କୋଣସଂଯୋଜକ ରେଖା ।

କର୍ଣ୍ଣ-କୁହର-ବି. କର୍ଣ୍ଣର ଛିଦ୍ର ।

କର୍ଣ୍ଣ-ଗୂଥ-ବି. କାନର ମଇଳା ।

କର୍ଣ୍ଣ-ଧାର-ବି. ନାବିକ; ମାଝି ।

କର୍ଣ୍ଣ-ପୂର-ବି. କର୍ଣ୍ଣଭୂଷଣ ।

କର୍ଣ୍ଣବେଧ-ବି. କାନଫୋଡ଼ା ; କର୍ଣ୍ଣଦ୍ୱୟରେ ଛିଦ୍ର କରିବାର ସଂସ୍କାରବିଶେଷ ।

କର୍ଣ୍ଣାଟ-ବି. ଦେଶବିଶେଷ; ରାଗିଣୀବିଶେଷ ।

କର୍ଣ୍ଣିକା-ବି. କର୍ଣ୍ଣଭୂଷଣ ।

କର୍ଣ୍ଣିକାର-ବି. କନିଅରଗଛ ।

କର୍ଣ୍ଣୀରଥ-ବି. କ୍ଷୁଦ୍ରରଥ ।

କର୍ଣ୍ଣେ-ଜପ-ବିଂ. କାନକୁହା; ଗୋଇନ୍ଦା ।

କର୍ତ୍ତନ-ବି. (କୃତ-ଅନ) ଛେଦନ ।

କର୍ତ୍ତରୀ-ବି. (କୃତ-ଅର-ଈ) କଟୁରୀ ; କତୁରୀ ।

କର୍ତ୍ତବ୍ୟ-ବିଂ. (କୃ-ତବ୍ୟ) କରଣୀୟ ।

କର୍ତ୍ତା-ବି. (କୃ-ତୃ) କାର୍ଯ୍ୟକାରକ; ବିଧାତା ।

କର୍ତ୍ତିତ-ବିଂ. (କୃତ-ତ) ଛେଦିତ ।

କର୍ତ୍ତୃତ୍ୱ-ବି. (କର୍ତ୍ତୃ-ତ୍ୱ) ଅଧିକାର; ପ୍ରଭୁତ୍ୱ ।

କର୍ଦ୍ଦମ-ବି. କାଦୁଅ; ପଙ୍କ ।

କର୍ପଟ-ବି. ଛିଣ୍ଡାଲୁଗା ।

କର୍ପୂର-ବି. ଶୁଭ୍ରବର୍ଣ୍ଣ ଗନ୍ଧଦ୍ରବ୍ୟ ବିଶେଷ ।

କର୍ପୂର-ରସ-ବି. ପାରଦ ।

କର୍ବୁର-ବିଂ. ବିଚିତ୍ରବର୍ଣ୍ଣ; ବି. ରାକ୍ଷସ ।

କର୍ବୁରିତ-ବିଂ. ନାନାବର୍ଣ୍ଣରେ ରଞ୍ଜିତ ।

କର୍ମ୍ମ-ବି. (କୃ-ମନ୍) କାର୍ଯ୍ୟ; ଶ୍ରାଦ୍ଧାଦି କର୍ମ୍ମ ; ବ୍ୟାକରଣରେ କାରକବିଶେଷ ।

କର୍ମ୍ମ-କ୍ଷେତ୍ର-ବି. କାର୍ଯ୍ୟାନୁଷ୍ଠାନର ସ୍ଥାନ ।

କର୍ମ୍ମକରୀ-ବିଂ. (କର୍ମ୍ମନ୍-କର୍-ଇନ୍) ଯେ ବେତନ ଗ୍ରହଣ କରି ଅନ୍ୟର କର୍ମ୍ମ କରେ ।

କର୍ମ୍ମଠ-ବିଂ. (କର୍ମ୍ମନ୍-ଠ) କର୍ମ୍ମଦକ୍ଷ; ପାରଗ ।

କର୍ମ୍ମଣ୍ୟ-ବିଂ. (କର୍ମ୍ମନ୍-ଯ) କର୍ମ୍ମଯୋଗ୍ୟ ।

କର୍ମ୍ମଧାରୟ-ବି. ସମାସବିଶେଷ ।

କର୍ମ୍ମାନ୍ତର-ବି. (କର୍ମ୍ମ-ଅନ୍ତର) ଅନ୍ୟକର୍ମ୍ମ ।

କର୍ମାର—ବି. (କର୍ମନ୍-ଋ-ଅ) କମାର ।
କର୍ମିଷ୍ଠ—ବିଂ. (କର୍ମନ୍-ଇଷ୍ଠ) କର୍ମକୁଶଳ ।
କର୍ମୀ—ବି. (କର୍ମନ୍-ଇନ୍) କର୍ମକାରୀ ।
କର୍ମେନ୍ଦ୍ରିୟ—ବି. (କର୍ମ-ଇନ୍ଦ୍ରିୟ) ହସ୍ତପଦ ପ୍ରଭୃତି କର୍ମନିର୍ବାହକ ଇନ୍ଦ୍ରିୟ । [ମାଣ ।
କର୍ଷ—ବି. (କୃଷ୍-ଅ) କର୍ଷଣ; କରଷନାମକ ପରି-
କର୍ଷକ—ବି. (କୃଷ୍-ଅକ) କୃଷିଜୀବୀ; ଚଷା ।
କର୍ଷଣ—ବି. (କୃଷ୍-ଅନ) ଚଷକାମ; ଆକର୍ଷଣ ।
କର୍ଷିତ—ବିଂ. (କୃଷ୍-ଣିଚ୍-ତ) ଚଷ କରାଯାଇଥିବା ।
କଳ—ବି. (କଲ୍-ଅ) ମଧୁର ଅସ୍ଫୁଟ ଧ୍ୱନି ।
କଳ—ବି. ଯନ୍ତ୍ର ।
କଳକଣ୍ଠ—ବିଂ. ସୁସ୍ୱରବାନ୍ । ବି. କୋକିଳ ।
କଳକଳ—ବି. (କଲ-କଲ) କୋଳାହଳ ।
କଳଙ୍କ—ବି. ମଇଳାଦାଗ; ଅପଯଶ ।
କଳଙ୍କିତ—ବିଂ. (କଳଙ୍କ-ଇତ) କଳଙ୍କଯୁକ୍ତ ।
କଳଙ୍କୀ, କଳଙ୍କିନୀ—ବିଂ. (କଳଙ୍କ-ଇନ୍, ଈ. ସ୍ତ୍ରୀ) ଦୁର୍ନାମ ଅଛି ଯାହାର ।
କଳତ୍ର—ବି. ଭାର୍ଯ୍ୟା; ସ୍ତ୍ରୀ ।
କଳଧୌତ—ବି. ସ୍ୱର୍ଣ୍ଣ ।
କଳନା—ବି. (କଲ୍-ଅନ-ଆ) ଧାରଣା; ଗଣନା ।
କଳମ—ବି. ଧାନ୍ୟବିଶେଷ; ଲେଖନୀ; ବୃକ୍ଷଶାଖାରୁ ଉପାୟଦ୍ୱାରା ଉତ୍ପନ୍ନ ଛୋଟ ଛୋଟ ବୃକ୍ଷ ।
କଳମ୍ବ—ବି. ଶର ।
କଳବଳ—ବିଂ. ଯନ୍ତ୍ରଣାରେ ଅସ୍ଥିର ।
କଳଶ, କଳସ—ବି. (କ-ଲସ୍-ଅ) ଘଟ, ଗରା ।
କଳହ—ବି. କଳିଆ; ବିବାଦ ।
କଳହଂସ—ବି. ରାଜହଂସ ।
କଳା—ବି. (କଲ୍-ଅ) ଚନ୍ଦ୍ରର ଷୋଡ଼ଶଭାଗ; ନୃତ୍ୟ ଗୀତ ଚିତ୍ରାଦି ବିଦ୍ୟା; କାଳର ଅଂଶବିଶେଷ ।
କଳା—ବିଂ. (କାଳଶବ୍ଦରୁ) କୃଷ୍ଣବର୍ଣ୍ଣ ।
କଳାନିଧି—ବି. ଚନ୍ଦ୍ର ।
କଳାପ—ବି. ସମୂହ; ମୟୂରପୁଚ୍ଛ ।
କଳାପୀ—ବି. (କଳାପ-ଇନ୍) ମୟୂର; କୋକିଳ ।
କଳାବାନ୍—ବିଂ. (କଳା-ବତ୍) ଗୀତାଦି କଳାବିଦ୍ୟାରେ ନିପୁଣ ।
କଳି—ବି. ୪ର୍ଥ ଯୁଗ; କଳହ; ପୁଷ୍ପକଳି ।
କଳିଅଠ—ବି. ହାତଗଡ଼ୁ ।
କଳିକା—ବି. କୋରକ; କଢ଼ ।
କଳିଙ୍ଗ—ବି. ଦେଶବିଶେଷ ।
କଳିଜା—ବି. ହୃତ୍ପିଣ୍ଡ ।
କଳିତ—ବିଂ. (କଲ୍-ତ) ଧୃତ; ଗଣିତ ।
କଳିନ୍ଦ—ବି. ପର୍ବତବିଶେଷ ।
କଳିନ୍ଦନନ୍ଦିନୀ—ବି. ଯମୁନାନଦୀ; କାଳିନ୍ଦୀ ।
କଳୁଷ—ବି. ଦୋଷ; ପାପ ।
କଳୁଷିତ—ବିଂ. ଦୂଷିତ; ପାପଯୁକ୍ତ ।
କଳେବର—ବି. ଶରୀର; ଗାତ୍ର ।
କଳ୍କ—ବି. ତୈଳାଦି ପାକରେ ଦେୟ ଔଷଧଦ୍ରବ୍ୟ ।
କଳ୍କୀ—ବି. ବିଷ୍ଣୁଙ୍କର ଦଶମ ଅବତାର ।

କଳ୍ପ-ବି. (କୃ-ପ୍-ଅ) ବେଦାଙ୍ଗ ଗ୍ରନ୍ଥବିଶେଷ; ଏକସହସ୍ର ଯୁଗ; ଅଭିପ୍ରାୟ; ଶବ୍ଦାନ୍ତେ ତୁଲ୍ୟ-ବାଚକ ।

କଳ୍ପତରୁ-ବି. ଅଭୀଷ୍ଟ ଫଳପ୍ରଦ ସ୍ୱର୍ଗୀୟ ବୃକ୍ଷ ।

କଳ୍ପନା-ବି. ( କୃପ୍-ଅନ-ଆ ) ଉଦ୍ଭାବନା; ଉଦ୍ଭାବନାଶକ୍ତି । [କାଳ ।

କଳ୍ପାନ୍ତ-ବି. (କଳ୍ପ-ଅନ୍ତ) ଯୁଗାନ୍ତ; ପ୍ରଳୟ-

କଳ୍ପିତ-ବିଂ. (କୃପ୍-ତ) ଉଦ୍ଭାବିତ; ରଚିତ; ମନଗଢ଼ା ।

କଳୁଷ-ବି. ପାପ । [ବିଂ. ଉତ୍ତମ ।

କଲ୍ୟ-ବି. ପ୍ରାତଃକାଳ; ଗତଦିନ; ଆଗାମୀଦିନ;

କଲ୍ୟାଣ-ବି. (କଲ୍ୟ-ଅଣ୍-ଅ) ମଙ୍ଗଳ ।

କଲ୍ଲୋଳ-ବି. ମହାତରଙ୍ଗ; ଆନନ୍ଦ ।

କଲ୍ଲୋଳିନୀ-ବି. ତରଙ୍ଗିଣୀ; ନଦୀ ।

କବଚ-ବି. ସାଞ୍ଜୁ, ବର୍ମ୍ମ; ମନ୍ତ୍ରବିଶେଷ ।

କବର-ବି. ଭୂଗର୍ଭରେ ମୃତଦେହର ନିଧାନ ।

କବରୀ-ବି. କେଶପାଶ, ଜୁଡ଼ା ।

କବଳ-ବି. ଗ୍ରାସ ।

କବଳିତ-ବିଂ. ଗ୍ରସ୍ତ; ଭକ୍ଷିତ ।

କବି-ବି. (କବ୍-ଇ) କାବ୍ୟକର୍ତ୍ତା; ଶୁକ୍ରାଚାର୍ଯ୍ୟ ।

କବି-ତା-ବି. କବିତ୍ୱ ।

କବୋଷ୍ଣ-ବିଂ. (କୁ-ଉଷ୍ଣ) ଈଷତ୍ ଉଷ୍ଣ ।

କବ୍ୟ-ବି. ପିତୃଲୋକୋଦ୍ଦେଶେ ଦେୟ ଖାଦ୍ୟ ।

କଶା-ବି. ଚାବୁକ ।

କଶେରୁ-ବି. ପୃଷ୍ଠର ଅସ୍ଥି ।

କଶ୍ୟପ-ବି. ମୁନିବିଶେଷ ।

କଷ-ବି. (କଷ୍-ଅ) କଷ୍ଟିପଥର; ଦାଗ ।

କଷଣ-ବି. (କଷ୍-ଅନ) ଘର୍ଷଣ; ଦୁଃଖ ।

କଷା-ବି. (କଷାୟ ଶବ୍ଦରୁ) କଷାରସ ।

କଷାୟ-ବି. ରସବିଶେଷ; ସୁଗନ୍ଧ ନିର୍ଯ୍ୟାସ । ବିଂ. ଅନୁଜ୍ଜ୍ୱଳ ରକ୍ତବର୍ଣ୍ଣ; ସୁଗନ୍ଧ ।

କଷାୟିତ-ବିଂ. (କଷାୟ-ତ) ଲୋହିତୀକୃତ ।

କଷିତ-ବିଂ. ପରୀକ୍ଷିତ । [ଠାଣିବା ।

କଷିବା-କ୍ରିଂ. ପରୀକ୍ଷା କରିବା; ଦୃଢ଼ରୂପେ

କଷ୍ଟ-ବି. (କଷ୍-ତ) କ୍ଳେଶ; ବିଂ. ଦୁଃଖଜନକ ।

କଷ୍ଟି-ବି. (କଷ୍-ତି) କଷ୍ଟିପଥର ।

କସ୍ତୁରୀ-ବି. ମୃଗନାଭି । [ଯୋଗସ୍ଥଳ ।

କହୁଣି-ବି. (କଫୋଣି ଶବ୍ଦଜ) ବାହୁ ଓ ହସ୍ତର

କହ୍ଲାର-ବି. ଶ୍ୱେତପଦ୍ମ ।

କାଂସ୍ୟ-ବି. କଂସା (ତମ୍ବା ଓ ରଙ୍ଗମିଶ୍ରିତ ଧାତୁ) ।

କାକ, କୁଆ-ବି. କାଉ, ବାୟସ ।

କାକତାଳୀୟ-ବିଂ. ଅକସ୍ମାତ୍ ଘଟିତ ।

କାକପକ୍ଷ-ବି. କ୍ଷତ୍ରିୟ ବାଳକର ମୁଣ୍ଡର ଦୁଇ-ପାଖରେ ଥିବା କେଶ ।

କାକବନ୍ଧ୍ୟା-ବି. (କାକ-ବନ୍ଧ୍ୟା) ଯେ ସ୍ତ୍ରୀ କାକ-ପରି ଏକମାତ୍ର ସନ୍ତାନ ପ୍ରସବ କରେ ।

କାକର-ବି. ଶିଶିର । [ମଧୁରଧ୍ୱନି ।

କାକଳି-ବି. (କୁ-କଲ୍-ଇ) ପକ୍ଷୀମାନଙ୍କର

କାକତୁଆ-ବି. ପକ୍ଷିବିଶେଷ ।

କାକୁ-ବି. ବିକୃତ କଣ୍ଠଧ୍ୱନି; ବକ୍ରୋକ୍ତି ।

କାକୁତ୍ସ୍ଥ-ବି. (କକୁତ୍-ସ୍ଥା-ଅ) ରାମଚନ୍ଦ୍ର ପ୍ରଭୃତି ସୂର୍ଯ୍ୟବଂଶୀୟ ରାଜା ।

କାକୋଦର-ବି. ସର୍ପ ।
କାଙ୍କି-ବି. ମାଟି ଖୋଳିବାର ଶସ୍ତ୍ର ।
କାଙ୍କ୍ଷା-ବି. (କାଙ୍କ୍ଷ୍-ଅ) ଅଭିଳାଷ; ବାଞ୍ଛା ।
କାଙ୍କ୍ଷିତ-ବିଂ. (କାଙ୍କ୍ଷ୍-ତ) ଅଭିଳଷିତ ।
କାଗଜ-ବି. ତୃଣାଦି ନିର୍ମିତ ପଦାର୍ଥ ଯାହା ଉପରେ କାଳିରେ ଲେଖାଯାଏ ।
କାଗଜି-ବି. ଏକଜାତୀୟ ଲେମ୍ବୁ ।
କାଙ୍ଗାଳ, କାଙ୍ଗାଳୀ-ବି. ଭିକ୍ଷୁକ ।
କାଚ-ବି. ସ୍ୱଚ୍ଛ ଉଜ୍ଜ୍ୱଳ ଭଙ୍ଗପ୍ରବଣ ପଦାର୍ଥ ।
କାଚିବା-କ୍ରି. ଧୋଇବା ।
କାଞ୍ଚନ-ବି. (କନ୍ଚ୍-ଅନ) ସୁବର୍ଣ୍ଣ ; ପୁଷ୍ପବିଶେଷ ।
କାଞ୍ଚୀ-ବି. ମେଖଳା, କଟିଭୂଷଣ ।
କାଜୀ-ବି. ମୁସଲମାନ ବିଚାରକ ।
କାଞ୍ଜୀ-ବି ପର୍ଯ୍ୟୁଷିତ ଅନ୍ନର ଅମ୍ଳଜଳ ।
କାଟିବା-କ୍ରି. କର୍ତ୍ତନ କରିବା ।
କାଠ-ବି. (କାଷ୍ଠଶବ୍ଦରୁ) ଦାରୁ; ଇନ୍ଧନ ।
କାଣ-ବିଂ. ଏକଚକ୍ଷୁହୀନ ।
କାଣ୍ଡ-ବି. ଗଛର ଗଣ୍ଡି ; ପୁସ୍ତକର ଅଧ୍ୟାୟ ; ବ୍ୟାପାର ; ଶର ।
କାଣ୍ଡ-ଜ୍ଞାନ-ବି. ସ୍ଥୂଳଜ୍ଞାନ ; ପ୍ରକରଣବୋଧ ।
କାତର-ବିଂ. ବ୍ୟାକୁଳ; ଦୁଃଖିତ; ଭୀତ ।
କାତର୍ଯ୍ୟ-ବି. କାତରତା ।
କାତି-ବି. ମତ୍ସ୍ୟର ବା ସର୍ପର ଶଲ୍କ ; କ୍ଷୁର ।
କାତ୍ୟାୟନୀ-ବି. ଦୁର୍ଗା ।
କାଦମ୍ବ-ବି. ଏକପ୍ରକାର ହଂସ ; କାଅମ ପକ୍ଷୀ ।
କାଦମ୍ବିନୀ-ବି. ମେଘମାଳା ।
କାଦୁଅ-ବି. (କର୍ଦ୍ଦମଶବ୍ଦଜ) ପଙ୍କ ।
କାନ-ବି (କର୍ଣ୍ଣଶବ୍ଦଜ) ଶ୍ରବଣେନ୍ଦ୍ରିୟ ।
କାନନ-ବି. ବନ ।
କାନୀନ-ବିଂ. ( କନ୍ୟା-ଈନ ) କୁମାରୀଗର୍ଭରୁ [ଜାତ ।
କାନ୍ତ-ବିଂ. (କମ୍-ତ) ମନୋରମ; ପ୍ରିୟ ; ବି. ସ୍ୱାମୀ ।
କାନ୍ତା-ବି. ପ୍ରିୟା, ଭାର୍ଯ୍ୟା ।
କାନ୍ତାର-ବି. ଗହନବନ ।
କାନ୍ତି-ବି. (କମ୍-ତି) ଦୀପ୍ତି; ଶୋଭା ।
କାନ୍ୟକୁବ୍ଜ-ବି. କନାଉଜ ପ୍ରଦେଶ ।
କାନ୍ଦିବା-କ୍ରି. (କ୍ରନ୍ଦ୍ଧାତୁରୁ) କ୍ରନ୍ଦନ କରିବା ।
କାପ-ବି. କର୍ଣ୍ଣାଭରଣବିଶେଷ ।
କାପଟ୍ୟ-ବି. (କପଟ-ଯ) କପଟତା ।
କାପଡ଼-ବି. (କର୍ପଟଶବ୍ଦଜ) ବସ୍ତ୍ର; ଲୁଗା ।
କାପୁରୁଷ-ବି. (କୁ-ପୁରୁଷ) ନିନ୍ଦନୀୟ ଲୋକ ; ଭୀରୁ ଲୋକ ।
କାପେଡ଼ୀ-ବି. ଲୁଗାବ୍ୟବସାୟୀ ।
କାମ-ବି. କନ୍ଦର୍ପ ; କାମନା ।
କାମଚାରୀ-ବିଂ. (କାମ-ଚର୍-ଇନ୍) ସ୍ୱେଚ୍ଛାଚାରୀ ।
କାମଦୁଘା-ବି. (କାମ-ଦୁହ୍-ଅ) କାମଧେନୁ ।
କାମଧେନୁ-ବି. ଅଭୀଷ୍ଟଦାୟିନୀ ଧେନୁ ।
କାମପାଳ-ବି. ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମ ।
କାମ-ରୂପ-ବି. ଦେଶବିଶେଷ ।
କାମ-ରୂପ, କାମ-ରୂପୀ-ବିଂ. ଯଥେଚ୍ଛାରୂପ ଧାରଣକାରୀ ।

କାମଳ-ବି. ରୋଗବିଶେଷ ।
କାମିନୀ-ବି. (କମ୍-ଇନ୍-ଈ) ନାରୀ ।
କାମୀ-ବିଂ. (କାମ-ଇନ୍) କାମୁକ ।
କାମୁକ-ବିଂ. (କମ୍-ଉକ) କାମାତୁର ।
କାମ୍ପି-ବିଂ. କୃପଣ (ଗ୍ରାମ୍ୟପ୍ରୟୋଗ) ।
କାମ୍ବୋଜ-ବି. ଦେଶ ବିଶେଷ ।
କାମ୍ୟ-ବିଂ. (କମ୍-ଯ) ଅଭିଲଷଣୀୟ ।
କାୟ-ବି. ଦେହ ।
କାୟା-ବି. (କାୟଶବ୍ଦଜ) ଦେହ ।
କାୟସ୍ଥ-ବି. (କାୟ-ସ୍ଥା-ଅ) ଜାତିବିଶେଷ ।
କାୟିକ-ବିଂ. (କାୟ-ଇକ) ଦୈହିକ ।
କାରକ-ବିଂ. (କୃ-ଅକ) କର୍ମ-କର୍ତ୍ତା ; ବ୍ୟାକରଣର କର୍ତ୍ତାଦି କାରକ ।
କାରଣ-ବି. (କୃ-ଣିଚ୍-ଅନ) ହେତୁ; ନିମିତ୍ତ ।
କାରଣ୍ଡବ-ବି. ହଂସବିଶେଷ । [କରାଏ ।
କାରୟିତା-ବି. (କୃ-ଣିଚ୍-ତୃ) ଯେ ଅନ୍ୟଦ୍ୱାରା
କାରବାର-ବି. (ଫାର୍ସୀ) ବ୍ୟବସାୟ ।
କାରା-ବି. ବନ୍ଦୀଶାଳା ।
କାରାଗାର-ବି. (କାରା-ଅଗାର) ବନ୍ଦୀଗୃହ ।
କାର }
କାରୀ } ବିଂ. ଯେ କରେ ।
କାରିଗର-ବି. (କାର୍‌କରଶବ୍ଦଜ) ଶିଳ୍ପୀ ।
କାରୁ-ବି. (କୃ-ଉ) ଶିଳ୍ପୀ ।
କାରୁଣିକ-ବିଂ. (କରୁଣା-ଇକ) ଦୟାଳୁ ।
କାରୁଣ୍ୟ-ବି. (କରୁଣା-ଯ) ଦୟା; କରୁଣା ।
କାର୍କଶ୍ୟ-ବି. (କର୍କଶ-ଯ) କଠିନତା ।
କାର୍ତ୍ତିକ-ବି. (କୃତ୍ତିକା-ଯ) କାର୍ତ୍ତିକେୟ ; ମାସ ବିଶେଷ । [ପତି ।
କାର୍ତ୍ତିକେୟ-ବି. (କୃତ୍ତିକା-ଏୟ) ଦେବ ସେନା-
କାର୍ପଣ୍ୟ-ବି.(କୃପଣ-ଯ)କୃପଣତା; ଦରିଦ୍ରତା ।
କାର୍ପାସ-ବି. କପା; ତୁଳା ।
କାର୍ମ୍ମୁକ-ବି. (କର୍ମ୍ମନ୍-ଉକ) ଧନୁ ।
କାର୍ଯୀ-ବି. (କାର୍ଯ୍ୟ ଶବ୍ଦରୁ) କର୍ମଗୃହୀ ।
କାର୍ଯ୍ୟ-ବି. (କୃ-ଯ) କର୍ମ୍ମ; ପ୍ରୟୋଜନ । ବିଂ. କର୍ତ୍ତବ୍ୟ ।
କାର୍ଯ୍ୟାଳୟ-ବି. କର୍ମସ୍ଥାନ ।
କାର୍ଶ୍ୟ-ବି. (କୃଶ-ଯ) କୃଶତା; କ୍ଷୀଣତା ।
କାର୍ଷାପଣ-ବି. କାହାଣ । [ବର୍ଣ୍ଣ ।
କାଳ-ବି. (କଳ-ଅ) ସମୟ ; ମୃତ୍ୟୁ । ବିଂ. କୃଷ୍ଣ-
କାଳ-କୂଟ-ବି. ଗରଳ ; ବିଷ ।
କାଳ-କ୍ଷେପ-ବି. ସମୟ ଯାପନ ।
କାଳ-ଗ୍ରାସ-ବି. ମୃତ୍ୟୁ ।
କାଳ-ଚକ୍ର-ବି. ବାରମାସଜ୍ଞାପକ ବର୍ଷଚକ୍ର ।
କାଳ-ପୁରୁଷ-ବି. ଯମଦୂତ; ପୁରୁଷାକୃତି ନକ୍ଷତ୍ରପୁଞ୍ଜ ।
କାଳ-ବେଳା-ବି. ଦିନର ଅଶୁଭଅଂଶ ।
କାଲି }
କାଲ୍ଲି } ବି. (କଲ୍ୟଶବ୍ଦଜ) ବସ୍ଥର, ବିଂ. ଅତି ଶୀତଳ ।
କାଳାନ୍ତର-ବି. (କାଳ-ଅନ୍ତର) ସମୟାନ୍ତର ; ଅନ୍ୟସମୟ ।
କାଳି-ବି. (କାଳଶବ୍ଦଜ) ମସୀ; କଜ୍ଜଳ ।

କାଳିକା-ବି. ଚଣ୍ଡୀଦେବୀ; ମେଘାବଳୀ ।
କାଳିନ୍ଦୀ-ବି. (କଳିନ୍ଦ-ଅ-ଈ) ଯମୁନାନଦୀ ।
କାଳିମା-ବି.(କାଳ-ଇମନ୍) କୃଷ୍ଣତା; ମଳିନତା ।
କାଳୀ-ବି. କାଳିକା ଦେବୀ ।
କାଳୀୟ-ବି. (କାଳ-ଈୟ) ସର୍ପବିଶେଷ ।
କାଲୁଣୀ-ବି. (କାଲ-ଉଣୀ) ବୟସ୍ଥ ସ୍ତ୍ରୀ ।
କାଲେ-ଅ. ଯଦି; କୌଣସି ସମୟରେ ।
କାଳ୍ପନିକ-ବି. ( କଳ୍ପନା-ଇକ ) କଳ୍ପନାରୁ ଉତ୍ପନ୍ନ; ଅବାସ୍ତବ ।
କାବା-ବି. ହତବୁଦ୍ଧି ।
କାବେରୀ-ବି. ନଦୀବିଶେଷ । [ଶୁଦ୍ଧତାସ ।
କାବ୍ୟ-ବି. (କବି-ଯ) କବିତା ; ଶୁଦ୍ଧାଭିପ୍ରାୟ ;
କାଶ-ବି. ରୋଗବିଶେଷ; ତୃଣବିଶେଷ ।
କାଶୀ-ବି. (କାଶ-ଈ) ବାରାଣସି ।
କାଶ୍ମୀର-ବି. ଦେଶବିଶେଷ ।
କାଶ୍ମୀରଜ-ବି. କୁଙ୍କୁମ ।
କାଶ୍ୟପ-ବି. ମୁନିବିଶେଷ ।
କାଷାୟ-ବି. (କଷାୟ-ଅ) କଷାୟରଞ୍ଜିତ ବସ୍ତ୍ର ।
କାଷ୍ଠ-ବି. କାଠ ।
କାଷ୍ଠା-ବି. ସୀମା; ସମୟର ସୂକ୍ଷ୍ମ ଅଂଶ ।
କାସାର-ବି. (କ-ଆ-ସୃ-ଅ) ବୃହତ ସରୋବର ।
କାହା-ସର୍ବ.(କିମ୍ଶବ୍ଦଜ)କେଉଁ; କସ; କାହାର ।
କାହାଣ-ବି. (କାର୍ଷାପଣଶବ୍ଦଜ) ଷୋଡ଼ଶପଣ ।
କାହାଣି-ବି. (କଥନଶବ୍ଦଜ) ଗଳ୍ପ ।
କାହାର
କାହାରି } ସର୍ବ. (କିମ୍ଶବ୍ଦଜ) କେଉଁ ବ୍ୟକ୍ତିର ।

କାହାରିକି-ସର୍ବ. (କିମ୍ଶବ୍ଦଜ) କାହାକୁ ।
କାହାଳି-ବି. ବାଦ୍ୟବିଶେଷ ।
କାହିଁ-ଅ. (କିମ୍ଶବ୍ଦଜ) କେଉଁଠାରେ ।
କାହିଁକି-ଅ. କହେତୁରୁ ।
କାହୁଁ-ଅ. କେଉଁଠାରୁ ।
କାହ୍ନୁ-ବି. (କୃଷ୍ଣଶବ୍ଦଜ) ଶ୍ରୀକୃଷ୍ଣ ।
କି-ସର୍ବ. (କିମ୍ଶବ୍ଦଜ) କଅଣ; ଅ. କିମ୍ବା ।
କିଅଁ-ସର୍ବ. (କିମ୍ଶବ୍ଦଜ) କାହିଁକି ।
କିଆ-ବି. ( କେତକଶବ୍ଦଜ ) ବୃକ୍ଷବିଶେଷ ଓ ଓ ତାହାର ଫଳ ।
କିଆରି-ବି. (କେଦାରଶବ୍ଦଜ) ଧାନ୍ୟକ୍ଷେତ୍ର ।
କିଏ-ସର୍ବ (କିମ୍ଶବ୍ଦଜ) କେଉଁ ବ୍ୟକ୍ତି ।
କିଛି-ସର୍ବ. (କିଞ୍ଚିତ ଶବ୍ଦରୁ) କିଞ୍ଚିତ ।
କିତା-ବି. ଜମିର ଏକଖଣ୍ଡ ।
କିତାପ-ବି. ପୁସ୍ତକ ।
କିନାରା-ବି. ତୀର; ପାର୍ଶ୍ୱ; ବସ୍ତ୍ରର ଧଡି ।
କିଙ୍କର-ବି. (କିଂ-କୃ-ଅ) ଭୃତ୍ୟ ।
କିଙ୍କିଣୀ-ବି. ଘୁଙ୍ଗୁର; କଟିଭୂଷଣ ।
କିଞ୍ଚିତ-ସର୍ବ. (କିଂ-ଚିତ) କିଛି ।
କିନ୍ତୁ-ଅ. (କିଂ-ତୁ) ପରନ୍ତୁ ।
କିନ୍ନର-ବି. (କିଂ-ନର) କାପୁରୁଷ ; ସ୍ୱର୍ଗର ଗାୟକ ।
କିପରି-ଅ. କେମନ୍ତେ ।
କିପାଇଁ
କିପାଁ } ଅ. କହେତୁରୁ ।

କିମିଆ-ବ. ମନ୍ତ୍ରଯନ୍ତ୍ର ।
କିମ୍ବଦନ୍ତୀ-ବ. (କିମ୍-ବଦ୍-ଶତୃ-ଈ) ଜନରବ ।
କିମ୍ବା-ଅଂ. (କିମ୍-ବା) ଅଥବା ।
କିମ୍ଭୂତ-ବଂ. (କିମ୍-ଭୂ-କ୍ତ) କୀଦୃଶ; କିପ୍ରକାର ।
କିମ୍ଭିର-ବ. (କୁମ୍ଭୀରଶବ୍ଦଜ) କୁମ୍ଭୀର ।
କିଂଶୁକ-ବ. ପଳାଶବୃକ୍ଷ ।
କିୟତ୍-ବଂ., ଅଂ. ( କିମ୍-ଯତୁ ) କିଛି; [କେତେକ ।
କିରଣ-ବ. (କୃ-ଅନ) ଅଂଶୁ ।
କିରଣମାଳୀ-ବ. (କିରଣ-ମାଳା-ଇନ୍) ସୂର୍ଯ୍ୟ ।
କିରାତ-ବ. ବ୍ୟାଧ; ଚିରେଇତା ।
କିରାନି-ବ. ଯେ ଇଂରାଜୀ ପତ୍ରାଦି ନକଲ କରେ ।
କିରୀଟ-ବ. ମୁକୁଟ ।
କିଲା-ବ. (କୀଲଶବ୍ଦଜ) ଖୁଣ୍ଟି; କାଠି ।
କିଳିବା-କ୍ରିଂ. (କୀଲଶବ୍ଦଜ) ବନ୍ଦ କରିବା ।
କିଳଣି-ବ. କବାଟ ବନ୍ଦ କରିବାର ହୁଡୁକା ।
କିଲ୍ବିଷ-ବ. ପାପ ।
କିଲ୍ଲା-ବ. ଗଡ଼ ।
କିଶଳୟ-ବ. ନବପଲ୍ଲବ ।
କିଶୋର-ବଂ. ବାଲ୍ୟସମ୍ବନ୍ଧୀୟ । ବ. ବାଳକ ।
କିସ-ସର୍ବ. (କିମ୍‌ଶବ୍ଦଜ) କଅଣ ।
କିସ୍ତି-ବ. ନିର୍ଦ୍ଧାରିତ ସମୟ; ନୌକା ।
କୀଚକ-ବ. ବାଉଁଶ; ଦ୍ରୁପଦରାଜାଙ୍କର ଶଳା ।
କୀଟ-ବ. (କୀଟ୍-ଅ) କୃମି; ପୋକ ।
କୀଟାଣୁ-ବ (କୀଟ-ଅଣୁ) ଚକ୍ଷୁର ଅଗୋଚର ଅତି କ୍ଷୁଦ୍ର କୀଟ ।

କୀଦୃକ୍ } ବଂ. (କିମ୍-ଦୃଶ୍-କ୍ୱିପ୍, ଅ) କିପ୍ରକାର ।
କୀଦୃଶ }
କୀର-ବ. ଶୁକପକ୍ଷୀ ।
କୀର୍ଣ୍ଣ-ବଂ. (କୃ-କ୍ତ) ବିକ୍ଷିପ୍ତ; ବ୍ୟାପ୍ତ ।
କୀର୍ତ୍ତନ-ବ. (କୃତ୍-ଅନ) ବର୍ଣ୍ଣନ; କଥନ ।
କୀର୍ତ୍ତି-ବ. (କୃତ୍-କ୍ତି) ଯଶଃ; ସୁଖ୍ୟାତି ।
କୀର୍ତ୍ତିତ-ବଂ. (କୃତ୍-କ୍ତ) ବର୍ଣ୍ଣିତ; କଥିତ ।
କୀଲନ-ବ. (କୀଲ୍-ଅନ) ଦୃଢ଼ୀକରଣ; ସ୍ଥିରୀ-କରଣ ।
କୁ-ଅଂ. ମନ୍ଦ; ବ. ପୃଥିବୀ ।
କୁଆଁ-ଧ୍ୱଂ.ବ. ସଦ୍ୟୋଜାତ ଶିଶୁର କ୍ରନ୍ଦନଧ୍ୱନି ।
କୁଆ-ବ. (କାକଶବ୍ଦଜ) କାକ ।
କୁଆ-ତାରା-ବ. (କାକ-ତାରା) ଶୁକ୍ରତାରା ।
କୁଆପଥର-ବ. (ଗ୍ରା) କରକା ।
କୁଆବୁଆ-ବଂ. ଅସ୍ଥିର; ବ୍ୟତିବ୍ୟସ୍ତ ।
କୁକୁଡ଼ା-ବ. (କୁକ୍କୁଟଶବ୍ଦଜ) କୁକ୍କୁଟ ।
କୁକୁର-ବ. (କୁକ୍କୁରଶବ୍ଦଜ) ଶ୍ୱାନ; କୁତ୍ତା ।
କୁକ୍କୁଟ-ବ. କୁକୁଡ଼ା ।
କୁକ୍ଷି-ବ. ଗର୍ଭ; ଉଦରଗହ୍ୱର ।
କୁଙ୍କୁଡ଼ିବା-କ୍ରି. (କୁଞ୍ଚ୍ ବା କୁଣ୍ଠ୍ ଧାତୁ) ସଙ୍କୁଚିତ ହେବା ।
କୁଙ୍କୁମ-ବ. ଗନ୍ଧଦ୍ରବ୍ୟବିଶେଷ ।
କୁଚ-ବ.(କୁଚ୍-ଅ) ଯୁବତୀର ସ୍ତନ; ପୟୋଧର
କୁଚକ୍ର-ବ. (କୁ-ଚକ୍ର) ଚକ୍ରାନ୍ତ, କୁମନ୍ତ୍ରଣା ।
କୁଜ-ବ. (କୁ-ଜନ୍-ଅ) ମଙ୍ଗଳ ଗ୍ରହ ।

କୁବ୍ଜ–ବି. (କୁବ୍ଜ ଶବ୍ଦଜ) ବକ୍ରପୃଷ୍ଠ । [ବକ୍ର ।

କୁବ୍ଜା–ବିଂ. (କୁବ୍ଜଶବ୍ଦଜ) ବକ୍ର; ଯାହାର ପୃଷ୍ଠ

କୁଞ୍ଜି–ବିଂ. ସ୍ଥାନ (ଯଥା କୁଞ୍ଜହଂସ) ।

କୁଜ୍ଝଟି }
କୁଜ୍ଝଟିକା } ବି. (କୁ-ଝଟ୍-ଇ-ଇକ୍-ଅ) କୁହୁଡ଼ି ।

କୁଞ୍ଚ–ବି. (କୁଞ୍ଚ୍ ଧାତୁର) ବସ୍ତ୍ରର ଫେର ।

କୁଞ୍ଚକୁଞ୍ଚିଆ–ବିଂ. କୁଞ୍ଚିତ ।

କୁଞ୍ଚା–ବି. ମାପିବାର ପାତ୍ରବିଶେଷ ।

କୁଞ୍ଚାଇବା–କ୍ରି. କୁଞ୍ଚିତ କରିବା ।

କୁଞ୍ଚିତ–ବିଂ. (କୁଞ୍ଚ୍-ତ) ବକ୍ରୀକୃତ; ନମ୍ରୀକୃତ ।

କୁଞ୍ଚିବା–କ୍ରି. ବସ୍ତ୍ରର ଫେର ସଜାଡ଼ିବା ।

କୁଞ୍ଚୀ–ବି. ଗୁବ ; କୋଲପକାଠି ।

କୁଞ୍ଜ–ବି. ଲତାଗୃହ ।

କୁଞ୍ଜର–ବି. ହସ୍ତୀ ।

କୁଟ–ବି. ଦୁର୍ଗ; ପର୍ବତ ।

କୁଟଜ–ବି. ଗିରିମଲ୍ଲିକା, ପିତାକୋରୁଅ ।

କୁଟା–ବି. ଶୁଖିଲା ନଡ଼ା । ବିଂ. ଛେଚା ।

କୁଟିବା–କ୍ରି. ପ୍ରହାର କରିବା; ଛେଚିବା ।

କୁଟିଳ–ବିଂ. ବକ୍ର; କପଟଯୁକ୍ତ ।

କୁଟୀର–ବି. ପର୍ଣ୍ଣଶାଳା; ସାନଘରଲଘର ।

କୁଟ୍ଟନୀ–ବି. (କୁଟ୍ଟନ ଶବ୍ଦଜ) ସ୍ତ୍ରୀ ପୁରୁଷଙ୍କର
ବ୍ୟଭିଚାରର ସହାୟ ପୁରୁଷ । [ସ୍ତ୍ରୀ ।

କୁଟ୍ଟିଣୀ–ବି. ସ୍ତ୍ରୀ ପୁରୁଷଙ୍କର ବ୍ୟଭିଚାରର ସହାୟ।

କୁଟୁମ୍ବିନୀ–ବି. ଯେ ସ୍ତ୍ରୀ ଧାନ କୁଟେ ।

କୁଟୁମ୍ବ–ବି. ପରିବାରବର୍ଗ ।

କୁଟ୍ମଳ–ବି. ମୁକୁଳ; ଫୁଲକଢ଼ି ।

କୁଠାର–ବି. କୁରାଢ଼ୀ; ଟାଙ୍ଗିଆ ।

କୁଡ଼ିଆ–ବି. (କୁଟୀର ଶବ୍ଦଜ) ସାନଘରଲଘର ।

କୁଡ଼ି–ବିଂ. (କୁଷ୍ଠଶବ୍ଦଜ) ଔଷଧବିଶେଷ; ଘଣି
ବା ଗଦା ।

କୁଡ଼ାଇବା–କ୍ରି. ଗଦା କରିବା ।

କୁଣିଆ–ବି ଅତିଥି, ବନ୍ଧୁ ।

କୁଣ୍ଠ, କୁଣ୍ଠିତ–ବିଂ. ସଙ୍କୁଚିତ; ଜଡ଼ ।

କୁଣ୍ଡ–ବି. ଜଳପାତ୍ର ।

କୁଣ୍ଡଳ–ବି. ଗୋଲାକାର ବେଷ୍ଟନ; କର୍ଣ୍ଣଭୂଷଣ ।

କୁଣ୍ଡିଆ–ବି. କଣ୍ଡୁରୋଗ ।

କୁଣ୍ଡେଇବା–କ୍ରି. (କଣ୍ଡୁୟନ ଶବ୍ଦଜ) ନଖରେ
ଆଁଚୁଡ଼ିବା ; ପାନିଆରେ କେଶ ପ୍ରସାଧନ
କରିବା ।

କୁଣ୍ଢେ–ବି. ବିସ୍ତାରିତ ବାହୁଦ୍ୱୟର ପରିମାଣ ।

କୁଣ୍ଢାଇବା–କ୍ରି. ଆଲିଙ୍ଗନ କରିବା ।

କୁତ–ବି. ଅନୁମାନିକ ମୂଲ୍ୟ ନିରୂପଣ ।

କୁତ୍ରାପି–ଅ. (କୁତ୍ର-ଅପି) କୌଣସିଠାରେ ।

କୁତ୍ସା–ବି. (କୁତ୍ସ୍-ଅ) ନିନ୍ଦା; ଗ୍ଳାନି; ଭର୍ତ୍ସନା ।

କୁତ୍ସିତ–ବି. (କୁତ୍ସ୍-ତ) କଦର୍ଯ୍ୟ; ଜଘନ୍ୟ ।

କୁଦ–ବି. (କୁର୍ଦ୍ଦ ଧାତୁରୁ) ଡେଇଁ; ଡିଆଁ ।

କୁଦିବା–କ୍ରି. ଡେଇଁବା ।

କୁଦାଳ–ବି. କୋଦା; କୋଡ଼ି ।

କୁନ୍ତ–ବି. ଭଲ୍ଲ; ବର୍ଚ୍ଛା ।

କୁନ୍ତଳ–ବି କେଶ ।

କୁନ୍ତୀ–ବି. ପାଣ୍ଡବମାନଙ୍କର ଜନନୀ ।

କୁନ୍ଥାଇବା-କ୍ରି. (କୁନ୍ଥନ ଶବ୍ଦଜ) କୁନ୍ଥନ କରିବା ।

କୁନ୍ଦ-ବି. ପୁଷ୍ପ ବିଶେଷ ।

କୁନ୍ଦନ } ବି. ଚିକ୍କଣ କରିବା ଯନ୍ତ୍ର; ସ୍ୱର୍ଣ୍ଣ ଅଳଙ୍କାରରେ ହୀରକାଦି ବସାଇବା କାମ ।
କୁନ୍ଦ }

କୁନ୍ଦିବା-କ୍ରି. ଯନ୍ତ୍ରରେ ଚିକ୍କଣ କରିବା ।

କୁପିତ-ବିଂ. (କୁପ୍-ତ) କ୍ରୋଧାନ୍ୱିତ ।

କୁବଳୟ-ବି. ନୀଳପଦ୍ମ ।

କୁବେର-ବି. ଯକ୍ଷପତି ।

କୁବ୍ଜ-ବିଂ. ବକ୍ରପୃଷ୍ଠ; କୁଜା ।

କୁମର-ବି. (କୁମାରଶବ୍ଦଜ) ପୁତ୍ର ।

କୁମାର-ବି. କାର୍ତ୍ତିକେୟ; ବାଳକ ।

କୁମୁଦ-ବି. କଇଁଫୁଲ ।

କୁମୁଦିନୀ-ବି. ( କୁମୁଦ-ଇନ୍-ଈ ) କୁମୁଦପୁଷ୍କରିଣୀ; କୁମୁଦଲତା ।

କୁମେରୁ-ବି. ପୃଥିବୀର ଦକ୍ଷିଣ କେନ୍ଦ୍ର ।

କୁମ୍ପା-ବି. ତେଲ ରଖିବାର ପାତ୍ର ।

କୁମ୍ଭ-ବି. (କ-ଉମ୍ଭ୍-ଅ) ଗଜକୁମ୍ଭ; ଘଟ ।

କୁମ୍ଭକ-ବି. ଯୋଗସାଧନ ବିଶେଷ ।

କୁମ୍ଭକର୍ଣ୍ଣ-ବି. ରାବଣାନୁଜ ରାକ୍ଷସ ।

କୁମ୍ଭକାର-ବି. (କୁମ୍ଭ-କୃ-ଅ) ଜାତିବିଶେଷ; [କୁମ୍ଭାର ।

କୁମ୍ଭାଟୁଆ-ବି. ପକ୍ଷୀବିଶେଷ ।

କୁମ୍ଭାର } ବି. (କୁମ୍ଭକାର ଶବ୍ଦଜ) କୁମ୍ଭକାରଜାତି ।
କୁମ୍ହାର }

କୁମ୍ଭୀପାକ-ବି. ନରକବିଶେଷ ।

କୁମ୍ଭୀର-ବି. କୁମ୍ଭିର ।

କୁରଙ୍ଗ-ବି. (କୁ-ରଙ୍ଗ୍-ଅ) ହରିଣ; ମୃଗ ।

କୁରାଡି-ବି. (କୁଠାରଶବ୍ଦଜ) କୁଠାର; ଟାଙ୍ଗିଆ ।

କୁରୁ-ବି. ଦେଶବିଶେଷ; ରାଜବଂଶବିଶେଷ ।

କୁରୁଡିବା } କ୍ରି. ହର୍ଷରେ ଧ୍ୱନି କରିବା ।
କୁରୁଳିବା }

କୁରୁବକ-ବି. ବୃକ୍ଷବିଶେଷ ।

କୁରୁବିନ୍ଦ-ବି. (କୁରୁ-ବିନ୍ଦ୍-ଅ) ପଦ୍ମରାଗମଣି ।

କୁର୍ତ୍ତି-ବି. ଅଙ୍ଗରଖା ।

କୁଳ-ବି. ବଂଶ; ସମୂହ ।

କୁଳ-ବୁଡା-ବିଂ. କୁଳଗୌରବ ଲୋପକାରୀ ।

କୁଳଟା-ବି. (କୁଳ-ଅଟ୍-ଅ) ଅସତୀ ସ୍ତ୍ରୀ; ଭ୍ରଷ୍ଟା ।

କୁଲ୍ଲୀ-ବି. (କୁଲ୍ୟଶବ୍ଦଜ) ଧାନ୍ୟାଦି ପାଛୁଡିବାର ପାତ୍ର ।

କୁଳାଙ୍ଗାର-ବିଂ. ( କୁଳ-ଅଙ୍ଗାର ) ବଂଶର [ଅଙ୍ଗାର ବା ଅଧମ ।

କୁଳାଚାର-ବି. (କୁଳ-ଆଚାର) କୁଳଧର୍ମ ।

କୁଳାୟ-ବି. ନୀଡ଼; ପକ୍ଷୀର ବସା ।

କୁଲାଳ-ବି. କୁମ୍ଭକାର ।

କୁଳି } ବି. ତୁଣ୍ଡରେ ପାଣି ନେଇ କଲକଲ କରି ନିକ୍ଷେପ ।
କୁଳୁକୁଞ୍ଚା }

କୁଳି-ବି. ମୂଲିଆ ।

କୁଳିଶ-ବି. (କୁଳି-ଶ) ଇନ୍ଦ୍ରର ବଜ୍ର ।

କୁଳୀନ-ବିଂ. (କୁଳ-ଈନ୍) ଉତ୍ତମ କୁଳୋଦ୍ଭବ ।

କୁଳୀର-ବି. କଙ୍କଡ଼ା ।

କୁଶ-ବି. ତୃଣବିଶେଷ ।

କୁଶଳ-ବି. ମଙ୍ଗଳ; କଲ୍ୟାଣ; ନିପୁଣ ।

କୁଶଳୀ-ବଂ. (କୁଶଳ-ଇନ୍) କୁଶଳଯୁକ୍ତ ; କଲ୍ୟାଣବଶିଷ୍ଟ ।

କୁଶୀଲବ-ବ. ନଟ ; ନର୍ତ୍ତକ ।

କୁଷ୍ଠ-ବ. ମହାବ୍ୟାଧି ।

କୁଷ୍ମାଣ୍ଡ-ବ. ପାଣିକଖାରୁ ।

କୁଷୀଦ, କୁସୀଦ-ବ. (କୁ-ସଦ୍-ଅ) ସୁଧ ।

କୁସୁମ-ବ. ପୁଷ୍ପ ।

କୁସୁମିତ-ବଂ. (କୁସୁମ-ଇତ) ପୁଷ୍ପିତ ।

କୁସୁମେଷୁ-ବ. (କୁସୁମ-ଇଷୁ) କନ୍ଦର୍ପ ।

କୁହକ, କୁହୁକ-ବ. ଇନ୍ଦ୍ରଜାଲ; ଭେଲ୍କୀ ।

କୁହର-ବ. (କୁ-ହୃ-ଅ) ଗହ୍ୱର; କୁହୁଧ୍ୱନି ।

କୁହରିବା-କ୍ରିଂ. କୁହୁକୁହୁଧ୍ୱନି କରିବା ।

କୁହାଟ-ବ. ଉଚ୍ଚଡାକ ।

କୁହାଟିବା-କ୍ରିଂ. ଉଚ୍ଚଡାକ ଦେବା ।

କୁହୁ-ବ. ଅମାବାସ୍ୟା; କୋକିଳଧ୍ୱନି ।

କୁହୁଳିବା-କ୍ରି. ଅଗ୍ନିଯୋଗେ ପ୍ରଧୂମିତ ହେବା ।

କୁହେଳି-ବ. କୁଜ୍ଝଟୀ ।

କୂଅ-ବ. (କୂପଶବ୍ଦଜ) କୂପ ।

କୂଜନ-ବ. (କୂଜ୍-ଅନ) ଅବ୍ୟକ୍ତ ଧ୍ୱନି ।

କୂଜିତ-ବ. (କୂଜ୍-ତ) ପକ୍ଷୀର ଧ୍ୱନି ।

କୂଟ-ବ. (କୂଟ୍-ଅ) ପର୍ବତର ଶୃଙ୍ଗ ; ମାୟା ; କପଟ ।

କୂଟସ୍ଥ-ବଂ. ଉଦାସୀନ ।

କୂପ-ବ. କୂଅ; ଗର୍ତ୍ତ ।

କୂପ-ମଣ୍ଡୂକ-ବ. ଅଳ୍ପଜ୍ଞ ।

କୂର୍ଚ୍ଚିକା-ବ. ତୁଳି ।

କୂର୍ପର-ବ. କହୁଣି; ଅଣ୍ଟୁ ।

କୂର୍ମ୍ମ-ବ. କଚ୍ଛପ ।

କୂଳ-ବ. ତୀର ।

କୃକଳାସ-ବ ଏଣ୍ଡୁଅ ।

କୃଚ୍ଛ୍ର-ବ. କଷ୍ଟ ।

କୃତ-ବଂ. (କୃ-ତ) ସମ୍ପାଦିତ ।

କୃତକ-ବଂ. କୃତ୍ରିମ ।

କୃତ-କୃତ୍ୟ-ବଂ. କୃତାର୍ଥ ।

କୃତଘ୍ନ-ବଂ. (କୃତ-ହନ୍-ଅ) ଉପକାରୀର ଅପକାରୀ ।

କୃତଜ୍ଞ-ବଂ. (କୃତ-ଜ୍ଞା-ଅ) ଉପକାର ସ୍ମରଣକାରୀ ।

କୃତ-ଦାର-ବଂ. ବିବାହିତ (ପୁରୁଷ) ।

କୃତାଞ୍ଜଳି-ବଂ. (କୃତ-ଅଞ୍ଜଳି) ବଦ୍ଧାଞ୍ଜଳି ।

କୃତାନ୍ତ-ବ. (କୃତ-ଅନ୍ତ) ଯମ ।

କୃତାର୍ଥ-ବଂ. (କୃତ-ଅର୍ଥ) କୃତକାର୍ଯ୍ୟ ।

କୃତି-ବ. (କୃ-ତି) କାର୍ଯ୍ୟ; ରଚନା ।

କୃତିତ୍ୱ-ବ. କୃତକାର୍ଯ୍ୟତା ।

କୃତୀ-ବଂ. (କୃତ-ଇନ୍) କର୍ମକୁଶଳ ।

କୃତ୍ତି-ବ. (କୃତ୍-ତି) ଚର୍ମ ।

କୃତ୍ତିକା-ବ. ତୃତୀୟ ନକ୍ଷତ୍ର ।

କୃତ୍ତି-ବାସ-ବ. ଚର୍ମଧାରୀ; ମହାଦେବ ।

କୃତ୍ରିମ-ବଂ. (କୃ-ତ୍ରିମ) ମନୁଷ୍ୟକୃତ; କଳ୍ପିତ ।

କୃତ୍ସ୍ନ-ବଂ. ସକଳ ।

କୃନ୍ତନ-ବ. (କୃତ୍-ଅନ) ଛେଦନ ।

କୃପଣ-ବଂ. (କୃପ୍-ଅନ୍) ବ୍ୟୟକୁଣ୍ଠ; ନୀଚ ।

କୃପା-ବ. (କୃପ୍-ଅ) ଦୟା ।
କୃପାଣ-ବ. ଖଡ୍ଗ ।
କୃପାଳୁ-ବି. (କୃପା-ଆଳୁ) ଦୟାଳୁ ।
କୃମି-ବ. କୀଟ ।
କୃଶ-ବି. କ୍ଷୀଣ ।
କୃଶାନୁ-ବ. ଅଗ୍ନି ।
କୃଷକ-ବ. ଚଷା ।
କୃଷି-ବ. (କୃଷ୍-ଇ) ଚଷବାସ ।
କୃଷୀବଳ-ବ. (କୃଷି-ବଳ) କୃଷକ ।
କୃଷ୍ଟ-ବି. (କୃଷ୍-ତ) ଚଷା ଯାଇଥିବା
କୃଷ୍ଣ-ବ. (କୃଷ୍-ନ) ଶ୍ରୀକୃଷ୍ଣ; ବି. କଳା; ନୀଳ- [ବର୍ଣ୍ଣ ।
କୃଷ୍ଣ-ସାର-ବ. ମୃଗ ବିଶେଷ ।
କୃଷ୍ୟ-ବି. (କୃଷ୍-ଯ) କର୍ଷଣଯୋଗ୍ୟ ।
କେଉଟ-ବ. (କୈବର୍ତ୍ତଶବ୍ଦଜ) ଜାତିବିଶେଷ ।
କେଉଁ, କେଉଁଣସି, କେବଣ } (କିମ୍-ଶବ୍ଦଜ) କଏ; କଣ ।
କେକା-ବ. ମୟୂରଧ୍ୱନି ।
କେକୀ-ବ. (କେକା-ଇନ୍) ମୟୂର ।
କେଞ୍ଚୁବା-କ୍ରି. ଭୁଷିଦେବା ।
କେଣେ-ଅ. (କିମ୍ଶବ୍ଦଜ) କେଉଁଆଡ଼େ ।
କେଣ୍ଡା-ବ. ଶସ୍ୟଗୁଚ୍ଛ ।
କେତକୀ-ବ. ବୃକ୍ଷବିଶେଷ ଓ ତାହାର ଫୁଲ ।
କେତନ-ବ. ଧ୍ୱଜ; ପତାକା; ଚିହ୍ନ; ସ୍ଥାନ ।
କେତୁ-ବ. ଗ୍ରହବିଶେଷ; ପତାକା ।
କେତେ-ଅ. (କତିଶବ୍ଦଜ) କିପରିମାଣ ।

କେଦାର-ବ. କିଆର ।
କେନ୍ଦରା-ବ. ବାଦ୍ୟବିଶେଷ ।
କେନ୍ଦୁ-ବ. ବୃକ୍ଷ ଓ ଫଳ ବିଶେଷ ।
କେନ୍ଦୁଆ-ବ. ଏକ ପ୍ରକାର କ୍ଷୁଦ୍ର ବ୍ୟାଘ୍ର ।
କେନ୍ଦୁଳି-ବ. (କନ୍ଦଳୀ ଶବ୍ଦଜ) କହାଥିବା ଏକ ପ୍ରକାର ବୃକ୍ଷ ଓ ତାହାର ଫୁଲ ।
କେନ୍ଦ୍ର-ବ. ଗୋଲକ୍ଷେତ୍ରର ବା ବସ୍ତୁର ମଧ୍ୟବିନ୍ଦୁ ।
କେମନ୍ତ-ଅ. (କିଂ ଓ ମତଶବ୍ଦରୁ) କିପ୍ରକାର ।
କେମ୍ପା-ବି. ହସ୍ତ ଯାହାର ବଙ୍କ ।
କେୟୂର-ବ. ବାହୁଭୂଷଣ; ବାଜୁ; ତାଡ ।
କେରା-ବ. ତୃଣାଦିର କ୍ଷୁଦ୍ର ଗୁଚ୍ଛ ।
କେଳା-ବ. ଜାତିବିଶେଷ ।
କେଳି-ବ. କ୍ରୀଡ଼ା; କୌତୁକ ।
କେଳିଗୃହ-ବ. (କେଳି-ଗୃହ) କ୍ରୀଡ଼ାଗାର ।
କେବଳ-ବି. ଏକମାତ୍ର; ଖାଲି ।
କେଶ-ବ. ବାଳ ।
କେଶ-ପାଶ-ବ. କେଶଗୁଚ୍ଛ ।
କେଶର, କେସର } ବ. ପୁଷ୍ପକିଞ୍ଜଳ୍କ; ସିଂହାଦିର ଗ୍ରୀବା-ଦେଶର ବାଳ ।
କେଶରୀ-ବ. (କେଶର-ଇନ୍) ସିଂହ ।
କେଶବ-ବ. ବିଷ୍ଣୁ ।
କେଶବ-ବ. (କ-ଈଶ-ବ) ବା (କେଶ-ବ) [କୃଷ୍ଣ; ବିଷ୍ଣୁ ।
କେସନ-ଅ. କିପରି ।
କେହି, କେହୁ } ସର୍ବ. କୌଣସି ବ୍ୟକ୍ତି ।

କେମନ୍ତେ–କ୍ରି. ବି. କିପ୍ରକାରେ ।
କୈଟଭାରି–ବି.(କୈଟଭ-ଅରି)ନାରାୟଣ; ବିଷ୍ଣୁ ।
କୈତବ–ବି. (କିତବ-ଅ) ଛଳ; କପଟ ।
କୈରବ–ବି. କଇଁଫୁଲ ।
କୈଳାସ–ବି. ପର୍ବତବିଶେଷ ।
କୈବର୍ତ୍ତ–ବି. କେଉଟ ।
କୈବଲ୍ୟ–ବି. (କେବଳ-ଯ) ମୋକ୍ଷ ।
କୈଶୋର–ବି. (କିଶୋର-ଅ) ବାଲ୍ୟକାଳ ।
କୋଇ–ବି. ସୁବର୍ଣ୍ଣାଦି ଅଉଟିବା ପାତ୍ର ।
କୋଇଲା–ବି.(ଇଂରାଜୀ କୋଲ୍ ଶବ୍ଦଜ)ଅଙ୍ଗାର ।
କୋଇଲି–ବି. (କୋକିଳଶବ୍ଦଜ) କୋକିଳ ।
କୋକ–ବି. ଚକ୍ରବାକ ।
କୋକନଦ–ବି. ରକ୍ତପଦ୍ମ; ନାଲିକଇଁ ।
କୋକିଳ–ବି. କୋଇଲି; ପିକ ।
କୋଚିଲା–ବି. ବୃକ୍ଷବିଶେଷ ଓ ତାହାର ଫଳ ।
କୋଟର–ବି. ବୃକ୍ଷସ୍ଥ ଗହ୍ୱର ।
କୋଟି–ବି. ଅଗ୍ରଭାଗ; ଶତଲକ୍ଷ ।
କୋଠ-ଭଣ୍ଡାର–ବି. ( କୋଷ୍ଠ-ଭାଣ୍ଡାଗାର ) ଭିତରର ଭଣ୍ଡାର ।
କୋଠରି–ବି. ପ୍ରକୋଷ୍ଠ ।
କୋଠା–ବି. ଅଟ୍ଟାଳିକା । [ଗାର ।
କୋଠି–ବି. (କୋଷ୍ଠଶବ୍ଦଜ) ଅମାର; ଶସ୍ୟା-
କୋଡ଼ି–ବି. ମାଟି ଖୋଳିବା ଯନ୍ତ୍ର ।
କୋଡ଼ିବା–କ୍ରି. ମାଟି ଖୋଳିବା ।
କୋଢ଼ି–ବି. (କୁଷ୍ଠୀଶବ୍ଦଜ) କୁଷ୍ଠରୋଗୀ ।
କୋଣ–ବି. ଗୃହାଦିର କଦକ୍; ଦୁଇରେଖାର ସନ୍ଧିସ୍ଥଳ ।

କୋତରା–ବିଂ. ମଳିନ ।
କୋଥଳି–ବି. ମୁଣି ।
କୋଦଣ୍ଡ–ବି. ଧନୁ ।
କୋଦା–ବିଂ. ମୋଟା ।
କୋପ–ବି. (କୁପ୍-ଅ) କ୍ରୋଧ ।
କୋପନ–ବିଂ. (କୁପ୍-ଅନ) କ୍ରୁଦ୍ଧ ।
କୋମଳ–ବିଂ. କଅଁଳ; ସୁକୁମାର ।
କୋୟୂର–ବି. ସେବକ ।
କୋରକ–ବି. କଢ଼ି; ମୁକୁଳ । [କୋଟର ।
କୋରଡ଼–ବି. ( କୋଟରଶବ୍ଦଜ ) ବୃକ୍ଷର
କୋରଡା–ବି. ଚାବୁକ ।
କୋଳି–ବି. କୋଡ଼ । [ଧ୍ୱନି; ଗୋଳମାଳ ।
କୋଳାହଳ–ବି.(କୋଳ-ଆ-ହଲ୍-ଅ)କଳକଳ
କୋବିଦ–ବିଂ. ପଣ୍ଡିତ; ଜ୍ଞାନୀ ।
କୋଶ–ବି. ଖଡ୍ଗର ଖାପ; ପଣସପ୍ରଭୃତିର ପୁଟ ।
କୋଶ–ବି. (କ୍ରୋଶଶବ୍ଦଜ)୮୦୦୦ ହାତ ପରିମାଣ ।
କୋଷ–ବି. ଭଣ୍ଡାର; ଅଭିଧାନ ।
କୋଷ୍ଠ–ବି. ଉଦର; ଅନ୍ତଃପୁର ।
କୋଷ୍ଠୀ–ବି. ଜନ୍ମପତ୍ରିକା ।
କୋଷ୍ଣ–ବିଂ. (କୁ-ଉଷ୍ଣ) ଈଷଦୁଷ୍ଣ ।
କୋହ–ବି. (କୋପଶବ୍ଦଜ) ମନର ବିକଳଭାବ ।
କୋହଳ–ବିଂ. (କୋମଳଶବ୍ଦଜ) ନରମ ।
କୌତୁକ–ବି.(କୁତୁକ-ଅ) କୁତୂହଳ; ଦର୍ପ ।
କୌତୂହଳ–ବି. (କୁତୂହଳ-ଅ) ଔତ୍ସୁକ୍ୟ ।
କୌପୀନ–ବି. କୌପୁନି, ଲେଙ୍ଗୁଟି ।

କୌମାର-ବି. (କୁମାର-ଅ) ବାଲ୍ୟକାଳ ।

କୌମୁଦୀ-ବି. ( କୁମୁଦ-ଅ-ଈ ) ଚନ୍ଦ୍ରିକା ; ଜ୍ୟୋତ୍ସ୍ନା ।

କୌମୋଦକୀ-ବି. ବିଷ୍ଣୁଗଦା ।

କୌରବ-ବି°. (କୁରୁ-ଅ) କୁରୁବଂଶୀୟ ।

କୌଳିକ-ବି°. (କୁଳ-ଇକ) କୁଳସମ୍ବନ୍ଧୀୟ ।

କୌଶଳ-ବି. (କୁଶଳ-ଅ) ନୈପୁଣ୍ୟ ।

କୌଶଲ୍ୟା-ବି. ଦଶରଥପତ୍ନୀ, ରାମମାତା ।

କୌଷେୟ-ବି. (କୋଷ-ଏୟ) ରେଶମୀ ବସ୍ତ୍ର ।

କୌସ୍ତୁଭ-ବି. ବିଷ୍ଣୁବକ୍ଷମଣି ।

କ୍ରକଚ-ବି. କରତ ।

କ୍ରତୁ-ବି. ଯଜ୍ଞ ।

କ୍ରନ୍ଦନ-ବି. (କ୍ରନ୍ଦ୍-ଅନ) ରୋଦନ ।

କ୍ରମ-ବି. ପର୍ଯ୍ୟାୟ; ନିୟମ; ପାଦକ୍ଷେପ ।

କ୍ରମଶଃ-କ୍ରି. ବି°. (କ୍ରମ-ଶସ୍) କ୍ରମେ କ୍ରମେ ।

କ୍ରମିକ-ବି°. (କ୍ରମ-ଇକ) କ୍ରମାଗତ ।

କ୍ରମେଲକ-ବି. ଉଷ୍ଟ୍ର ।

କ୍ରୟ-ବି. (କ୍ରୀ-ଅ) କିଣିବା ।

କ୍ରବ୍ୟ-ବି. ମାଂସ ।

କ୍ରାନ୍ତ-ବି°. (କ୍ରମ୍-ତ) ଅତିକ୍ରାନ୍ତ ।

କ୍ରାନ୍ତି-ବି. (କ୍ରମ୍-ତି) ଅତିକ୍ରମଣ; କଳ୍ପିତ ରେଖା; କକ୍ଷାକର ଦୃଶ୍ୟାଂଶ । [ସ୍ଥାନ ।

କ୍ରିୟା-ବି. (କୃ-ଯ-ଆ) କର୍ମ ; ଶାସ୍ତ୍ରାଦିର ଅନୁ-

କ୍ରୀଡ଼ନକ-ବି. ଖେଳନା ।

କ୍ରୀଡ଼ା-ବି. (କ୍ରୀଡ଼୍-ଅ) ଖେଳ ।

କ୍ରୀତ-ବି°. (କ୍ରୀ-ତ) କିଣାଯାଇଥିବା ।

କ୍ରୁଦ୍ଧ-ବି°. (କ୍ରୁଧ୍-ତ) କୁପିତ ।

କ୍ରୂର-ବି°. ନିର୍ଦ୍ଦୟ ।

କ୍ରେତବ୍ୟ-ବି°. (କ୍ରୀ-ତବ୍ୟ) କ୍ରୟଯୋଗ୍ୟ ।

କ୍ରେତା-ବି. (କ୍ରୀ-ତୃ) କ୍ରୟକର୍ତ୍ତା ।

କ୍ରେୟ-ବି°. (କ୍ରୀ-ଯ) କ୍ରୟଯୋଗ୍ୟ ।

କ୍ରୋଡ଼-ବି. କୋଳ ।

କ୍ରୋଡ଼ପତ୍ର-ବି. ପୁସ୍ତକର ଅତିରିକ୍ତ ପତ୍ର ।

କ୍ରୋଧ-ବି. (କ୍ରୁଧ୍-ଅ) କୋପ । [କୋପନ ।

କ୍ରୋଧୀ-ବି°. ( କ୍ରୋଧ-ଇନ୍ ) କ୍ରୋଧଯୁକ୍ତ ;

କ୍ରୋଶ-ବି. (କ୍ରୁଶ୍-ଅ) ୮୦୦୦ ହାତ ପରିମାଣ ।

କ୍ରୌଞ୍ଚ-ବି. ବକଜାତୀୟ ପକ୍ଷିବିଶେଷ ।

କ୍ଲମ-ବି. ଶ୍ରମ ।

କ୍ଲାନ୍ତ-ବି°. (କ୍ଲମ୍-ତ) ଶ୍ରାନ୍ତ ।

କ୍ଲାନ୍ତି-ବି. (କ୍ଲମ୍-ତି) ଶ୍ରାନ୍ତି; ଶ୍ରମର କଷ୍ଟ ।

କ୍ଲିନ୍ନ-ବି°. (କ୍ଲିଦ୍-ତ) କ୍ଲେଦଯୁକ୍ତ ।

କ୍ଲିଷ୍ଟ-ବି°. (କ୍ଲିଶ୍-ତ) କ୍ଲେଶପ୍ରାପ୍ତ ।

କ୍ଲୀବ-ବି°. (କ୍ଲୀବ୍-ଅ) ନପୁଂସକ; ଅକ୍ଷମ ।

କ୍ଲେଦ-ବି. (କ୍ଲିଦ୍-ଅ) ପୂଯ ଆଦି ମଳଯୁକ୍ତ ଜଳ ।

କ୍ଲେଶ-ବି. (କ୍ଲିଶ୍-ଅ) କଷ୍ଟ ।

କ୍ୱଚିତ୍-ଅ°. କେଉଁସ୍ଥାନରେ; କୌଣସିଠାରେ ।

କ୍ୱଣନ, କ୍ୱଣିତ-ବି. (କ୍ୱଣ୍-ଅନ,ତ) ବୀଣାଦିର ଧ୍ୱନି ।

କ୍ୱାଥ-ବି. (କ୍ୱଥ୍-ଅ) ସିଦ୍ଧବସ୍ତୁର ରସ ।

କ୍ଷଣ-ବି. (କ୍ଷଣ୍-ଅ) ଅତିସୂକ୍ଷ୍ମ କାଳ; ଶୁଭକ୍ଷଣ ।

କ୍ଷଣଦା-ବି. ରାତ୍ରି ।

କ୍ଷଣ-ପ୍ରଭା-ବ. ବିଦ୍ୟୁତ୍ ।

କ୍ଷଣିକ-ବ°. (କ୍ଷଣ-ଇକ) କ୍ଷଣମାତ୍ରସ୍ଥାୟୀ ।

କ୍ଷତ-ବ. (କ୍ଷଣ୍-ତ) ବ୍ରଣ; ଘା । ବ°. ବିଦ୍ଧ; ବିଦୀର୍ଣ୍ଣ ।

କ୍ଷତି-ବ. (କ୍ଷଣ୍-ତି) ହାନି, କ୍ଷୟ ।

କ୍ଷତ୍ର, କ୍ଷତ୍ରିୟ-ବ. (କ୍ଷତ-ତ୍ରୈ-ଅ-ଇୟ) ରାଜନ୍ୟ-ଜାତି ।

କ୍ଷନ୍ତବ୍ୟ-ବ°. (କ୍ଷମ୍-ତବ୍ୟ) କ୍ଷମାର ଯୋଗ୍ୟ ।

କ୍ଷପଣକ-ବ. ବୌଦ୍ଧ ସନ୍ନ୍ୟାସୀ ।

କ୍ଷପା-ବ. ରାତ୍ରି ।

କ୍ଷପିତ-ବ°. (କ୍ଷପ-ଣିଚ୍-ତ) ଯାପିତ; ନାଶିତ ।

କ୍ଷମ-ବ°. (କ୍ଷମ୍-ଅ) ସମର୍ଥ ।

କ୍ଷମତା-ବ. ସାମର୍ଥ୍ୟ ।

କ୍ଷମା-ବ. (କ୍ଷମ୍-ଆ) ଦୋଷମାର୍ଜ୍ଜନା ।

କ୍ଷୟ-ବ. (କ୍ଷି-ଅ) ହ୍ରାସ; ନାଶ; ରୋଗବିଶେଷ ।

କ୍ଷୟିତ-ବ. (କ୍ଷି-ଣିଚ୍-ତ) ହ୍ରାସିତ ।

କ୍ଷର-ବ°. ନଶ୍ୱର ।

କ୍ଷରଣ-ବ. (କ୍ଷର୍-ଅନ) ସ୍ରବିବା ।

କ୍ଷରିତ-ବ°. ନିଃସୃତ ।

କ୍ଷବଥୁ-ବ. ଛିଙ୍କ ।

କ୍ଷାତ୍ର-ବ°. (କ୍ଷତ୍ର-ଅ) କ୍ଷତ୍ରିୟସମ୍ବନ୍ଧୀୟ ।

କ୍ଷାନ୍ତ-ବ°. (କ୍ଷମ୍-ତ) କ୍ଷମାଶୀଳ; ନିବୃତ୍ତ ।

କ୍ଷାନ୍ତି-ବ. (କ୍ଷମ୍-ତି) ନିବୃତ୍ତି; କ୍ଷମା ।

କ୍ଷାମ-ବ. (କ୍ଷୈ-ତ) କ୍ଷୀଣ ।

କ୍ଷାର-ବ. (କ୍ଷର୍-ଅ) ଲବଣରସ; ଖାର ।

କ୍ଷାଳନ-ବ. (କ୍ଷାଲ୍-ଅନ) ଧୋଇପକାଇବା ।

କ୍ଷାଳିତ-ବ°. ଧୌତ; ପରିଷ୍କୃତ ।

କ୍ଷିତି-ବ. (କ୍ଷି-ତି) ପୃଥିବୀ । [ଗ୍ରହ ।

କ୍ଷିତିଜ-ବ. (କ୍ଷିତି-ଜନ୍-ଅ) ଚକ୍ରବାଳ; ମଙ୍ଗଳ-

କ୍ଷିପ୍ତ-ବ°. (କ୍ଷିପ୍-ତ) ନିକ୍ଷିପ୍ତ; ବିକୀର୍ଣ୍ଣ; ଉନ୍ମତ୍ତ ।

କ୍ଷିପ୍ର-ବ°. ଶୀଘ୍ର; ଦ୍ରୁତ ।

କ୍ଷୀଣ-ବ°. (କ୍ଷୀ-ନ) କୃଶ ।

କ୍ଷୀର-ବ. ଜଳ; ଦୁଗ୍ଧ; ଅଠା ।

କ୍ଷୀରି-ବ. (କ୍ଷୀରଶବ୍ଦଜ) ପାୟସ ।

କ୍ଷୁଣ୍ଣ-ବ°. ( କ୍ଷୁଦ୍-ତ ) ଚୂର୍ଣ୍ଣୀକୃତ ; ଅହତ ;

କ୍ଷୁତ୍-ବ. କ୍ଷୁଧା । [ଦୁଃଖିତ ।

କ୍ଷୁତ-ବ. ଛିଙ୍କ ।

କ୍ଷୁଦ୍ର-ବ°. (କ୍ଷୁଦ୍-ର) ଛୋଟ; କ୍ଷୁଦ୍ରାଶୟ ।

କ୍ଷୁଧା-ବ. (କ୍ଷୁଧ୍-ଆ) ଭୋକ ।

କ୍ଷୁବ୍ଧ-ବ°. (କ୍ଷୁଭ୍-ତ) କ୍ଷୋଭପ୍ରାପ୍ତ; ବିଚଳିତ ।

କ୍ଷୁର-ବ. (କ୍ଷୁର୍-ଅ) ନାପିତର ଖୁର ।

କ୍ଷେତ୍ର-ବ. କ୍ଷେତ; ତୀର୍ଥ; ଅଙ୍ଗ; ତ୍ରିକୋଣାଦି ।

କ୍ଷେତ୍ରଜ୍ଞ-ବ°. (କ୍ଷେତ୍ର-ଜ୍ଞା-ଅ) ଜୀବାତ୍ମା; କୃଷକ ।

କ୍ଷେପ, କ୍ଷେପଣ-ବ. (କ୍ଷିପ୍-ଅ, ଅନ) ନିକ୍ଷେପ; ଯାପନ ।

କ୍ଷେପଣୀ-ବ. (କ୍ଷିପ୍-ଅନ-ଈ) ଅହୁଲ ।

କ୍ଷେମ-ବ. (କ୍ଷି-ମ) କଲ୍ୟାଣ, ଶୁଭ ।

କ୍ଷୋଦ-ବ. (କ୍ଷୁଦ୍-ଅ) ଖୁଦ; ଚୂର୍ଣ୍ଣ ।

କ୍ଷୋଦିତ-ବ°. (କ୍ଷୁଦ୍-ତ) ଅଙ୍କିତ; ଚୂର୍ଣ୍ଣୀକୃତ ।

କ୍ଷୋଭ-ବ. (କ୍ଷୁଭ୍-ଅ) ଚଞ୍ଚଳ୍ୟ; ଉଦ୍‌ବେଗ;
କ୍ଷୋମ-ବ. ପଟ୍ଟବସ୍ତ୍ର । [ଅନ୍ଦୋଳନ ।
କ୍ଷୌଣୀ-ବ. ପୃଥିବୀ; ଅକ୍ଷୌହିଣୀ ।
କ୍ଷୌଦ୍ର-ବ. (କ୍ଷୁଦ୍ରା-ଅ) ମଧୁ ।
କ୍ଷୌମ-ବ. ପଟ୍ଟବସ୍ତ୍ର ।
କ୍ଷୌର-ବ. (କ୍ଷୁର-ଅ) ମୁଣ୍ଡନ; କ୍ଷୌରକର୍ମ୍ମ ।
କ୍ଷ୍ମା-ବ. (କ୍ଷମ୍-ଅ) ସର୍ବଂସହା; ପୃଥିବୀ ।
କ୍ଷ୍ୱେଡ଼ିତ-ବ. ବୀରମାନଙ୍କର ସିଂହନାଦ ।

---

ଖ ଦ୍ୱିତୀୟ ବ୍ୟଞ୍ଜନବର୍ଣ୍ଣ ବ. ଆକାଶ; ଶୂନ୍ୟ ।

ଖଇ-ବ. (ପ୍ରା: ଖଦକାଶବଜ) ଲିଆ ।
ଖଇଗ୍-ବଂ. ଦରପକ୍ୱଇଅ ।
ଖଇର୍ଷ୍ଣି-ବ. (ଦେଶଜ) ଖଇକୁ ନିଃତ ମସ୍ତ୍ୟ ଅଇବାର ଯନ୍ତ୍ର । [ବୃକ୍ଷର ଅଠା ।
ଖଇର-ବ. (ପ୍ରା. ଖଦରଶବଦଜ) ସ୍ୱନାମ ଖ୍ୟାତ
ଖଗ-ବ. (ଖ-ଗମ୍-ଅ) ପକ୍ଷୀ ।
ଖଗପତି-ବ. ବିଷ୍ଣୁବାହନ; ଗରୁଡ ।
ଖଗୋଲ-ବ. ଆକାଶମଣ୍ଡଳ ।
ଖଙ୍କାର-ବ. କଫ ମିଶ୍ରିତ ଛେପ ।
ଖଚ-ବ. ମିଛ; ଲୁଗୁଲ୍; ସମନବା ।
ଖଚିତ-ବଂ. (ଖଚ୍-ତ) ଅନୁବଦ୍ଧ; ଭୂଷିତ ।
ଖଚୁଅ-ବ. ଲୁଗୁଲ୍ୟ ।
ଖଜଣା-ବ. କର ।
ଖଜା-ବ. ପକ୍ୱ ମିଷ୍ଟାନ୍ନ ବିଶେଷ ।
ଖଜାଞ୍ଚି-ବ. କୋଷାଧ୍ୟକ୍ଷ ।
ଖଞ୍ଜ-ବଂ. (ଖଜ୍-ଅ) ଲେଙ୍ଗଡ଼ା ।
ଖଞ୍ଜନ / ଖଞ୍ଜରୀଟ } କ୍ଷୁଦ୍ର ପକ୍ଷିବିଶେଷ ।
ଖଞ୍ଜଣୀ-ବ. କ୍ଷୁଦ୍ର ବାଦ୍ୟବିଶେଷ ।
ଖଞ୍ଜା-ବ. ପ୍ରାଚୀରବେଷ୍ଟିତ ଗୃହ । ବଂ. ସଜଡ଼ା; ଗଚ୍ଛିତ ।
ଖଞ୍ଜିବା-କ୍ରି. ସଜାଡ଼ି ଥୋଇବା ।
ଖଟା-ବ. ଅମ୍ଳ ।
ଖଟିଆ-ବ. ଦୋଳା; ଯାନବିଶେଷ ।
ଖଟିବା-କ୍ରି. ପରିଶ୍ରମ କରିବା; ସେବାକରିବା ।
ଖଟେଇ-ବ. ଅମ୍ଳପଦାର୍ଥ ।
ଖଟ୍ୱା-ବ. ଖଟ ।
ଖଡଖଡି-ବ. ଶିବିକା; ପାଲିଙ୍କି ।
ଖଡ଼ମ-ବ. କାଷ୍ଠପାଦୁକା ।
ଖଡ଼ା-ବ. ଶାଗବିଶେଷ ।
ଖଡ଼ିକା-ବ. ସରୁ କାଠି । [ବ୍ୟବହୃତ) ।
ଖଡ଼ୀ-ବ. ଧଳା-ମୃତ୍ତିକାବିଶେଷ (ଲେଖିବାରେ
ଖଡ଼ୁ-ବ. ହାତର ବଳା ।
ଖଡ୍ଗ-ବ. ଗଣ୍ଡାର ଶୃଙ୍ଗ; ଖଣ୍ଡା, ତରବାରି ।
ଖଡ୍ଗୀ-ବଂ.(ଖଡ୍ଗ-ଇନ୍) ଖଡ୍ଗଧାରୀ; ବ. ଗଣ୍ଡାର ।
ଖଣତି-ବ. (ଖନ୍‌ଧାତୁଜ) ମାଟି ଖୋଳିବାର
ଖଣି-ବ. (ଖନ୍-ଧାତୁରୁ) ଆକର । [ଅସ୍ତ୍ର ।
ଖଣ୍ଣା-ବ. ଦସ୍ୟୁ ।
ଖଣ୍ଡ-ବ. (ଖଣ୍ଡ୍-ଅ) ଅଂଶ; ଖଣ୍ଡଗୁଡ଼ ।

ଖଣ୍ଡନ-ବ. (ଖଣ୍ଡ୍-ଅନ) ଛେଦନ ।
ଖଣ୍ଡା-ବ. ତରବାରି ।
ଖଣ୍ଡିଆ-ବଂ. (ଖଣ୍ଡଶବ୍ଦଜ) କ୍ଷତଯୁକ୍ତ ।
ଖଣ୍ଡିତ-ବଂ. (ଖଣ୍ଡ୍-ତ) ଛିନ୍ନ ।
ଖଣ୍ଡୁଆ-ବ. ରଞ୍ଜିତ ବସ୍ତ୍ର ବିଶେଷ ।
ଖତ-ବ. ପଶୁ ଗୋବର ପ୍ରଭୃତି; ସାର ।
ଖତମାଳ-ବ. (ଖ-ତମାଲ) ମେଘ ।
ଖତିୟାନ୍-ବ. ଜମି ଜମାର ହିସାବ କାଗଜ ।
ଖତେଇ ହେବା-କ୍ରି. ବକ୍ରିତ ମୁଖଭଙ୍ଗୀସହ
ଖଦଡ଼ା-ବଂ. ଅଚିକ୍କଣ । [ଚିଡ଼େଇବା ।
ଖଦି-ବ. ଶ୍ରେଷ୍ଠ ଯୋଦ୍ଧା ।
ଖଦର-ବ. ଖଇର ।
ଖଦ୍ୟୋତ-ବ. ଜୁଳୁଜୁଳିଆ ପୋକ ।
ଖନନ-ବ. (ଖନ୍-ଅନ) ଖୋଳିବା ।
ଖନା-ବଂ. ଯେ ନାସିକାଯୋଗେ କଥା କହେ ।
ଖନିତ୍ର-ବ. (ଖନ୍-ଇତ୍ର) ଖଣତି ।
ଖପରି-ବ. (ଖର୍ପରଶବ୍ଦଜ) ଭଙ୍ଗାହାଣ୍ଡିର ଖଣ୍ଡ ।
ଖ-ପୁଷ୍ପ-ବ. ଅବାସ୍ତବ ବିଷୟ ।
ଖପୁରି-ବ. (ଖର୍ପରିଶବ୍ଦଜ) ମୁଣ୍ଡର ଖୋଲପା ।
ଖ-ମଣି-ବ. ସୂର୍ଯ୍ୟ ।
ଖମା, ଖଣା } ବ. ଖାଲ ।
ଖମାର-ବ. ଧାନ୍ୟାଦି ରଖିବାର ଘର ।
ଖମ୍ବ, ଖୁମ୍ବ } ବ. ଖୁଣ୍ଟ; ଖମ୍ବ ।

ଖୟରାତି-ବ. ଦାନ, ବିତରଣ ।
ଖର-ବ. ଗର୍ଦ୍ଦଭ; ଅଶ୍ୱତର; ବଂ. ଉଗ୍ର; ତୀକ୍ଷ୍ଣ ।
ଖରକିବା-କ୍ରି. ଓଲେଇବା ।
ଖରଚ-ବ. ବ୍ୟୟ ।
ଖରଡ଼ା-ବ. ଗାଲିଗ୍ । [ଅୟ ।
ଖରଡ଼ାପଣି-ବ. ଜମିଦାରମାନଙ୍କର ବାକେ-
ଖରଡ଼ିବା-କ୍ରି. ଭାଜିବା ।
ଖରା-ବ. (ଖରର ଅପଭ୍ରଂଶ) ସୂର୍ଯ୍ୟାତପ ।
ଖରାପ-ବଂ. ମନ୍ଦ; ଦୁଷ୍ଟ; ନଷ୍ଟ ।
ଖରିଦ୍-(ଫାର୍ଶୀ) ବ. କ୍ରୟ ।
ଖର୍ଜ୍ଜୁର-ବ. ଖଜୁରି ।
ଖର୍ପର-ବ. ଖପରା; ମୁଣ୍ଡର ଖୋଲପା ।
ଖର୍ବ-ବ. ସଂଖ୍ୟାବିଶେଷ; ବଂ. ବାମନ; ଶ୍ରେଷ୍ଠ ।
ଖଳ-ବଂ. ଶଠ ।
ଖଲ୍-ବ. (ଖଲ୍ଲଶବ୍ଦଜ) ଔଷଧ ମର୍ଦ୍ଦନପାତ୍ର ।
ଖଳା-ବ. ଧାନ ଅମଳ କରିବାର ସ୍ଥାନ ।
ଖଲାସ-ବ. ମୁକ୍ତିପ୍ରାପ୍ତ ।
ଖଳିଆ-ବଂ. ଲେଙ୍ଗଡ଼ା ।
ଖଲୀନ-ବ. ଲଗାମ ।
ଖବର-ବ. ସମ୍ବାଦ; ବାର୍ତ୍ତା ।
ଖସଡ଼ା-ବଂ. ପିଚ୍ଛିଳ ।
ଖସା-ବ. ଛଲ । [ଯିବା ।
ଖସିବା-କ୍ରି. ତଳକୁ ପଡ଼ିବା; ଅଲକ୍ଷିତେ ଚାଲି-
ଖାଇ-ବ. (ଖନ୍ଧାତୁଜ) ଗଡ଼ର ଚତୁର୍ଦ୍ଦିଗସ୍ଥ ଜଳାଶୟ ।

ଖାଇ୍-ବି. (ଖାଦ୍ ଧାତୁଜ) କପାପିଞ୍ଜିବା ଯନ୍ତ୍ର ।
ଖାଇବା-କ୍ରି. (ଖାଦ୍ ଧାତୁଜ) ଭୋଜନ କରିବା ।
ଖାଉନ୍ଦ-ବି. (ଫାର୍ଶି ଖାମିଦ୍ ଶବ୍ଦଜ) ପ୍ରଭୁ ।
ଖାଣ୍ଡବ-ବି. ବନବିଶେଷ ।
ଖାତ-ବି. (ଖନ୍-ତ) ଗର୍ତ୍ତ ।
ଖାତକ-ବି. ଋଣୀ ।
ଖାତର୍-ବି. ସମ୍ମାନ ।
ଖାତା-ବି. ଲେଖିବା ବହି ।
ଖାଦ-ବି. ଅସାର ଅଂଶ ।
ଖାଦକ-ବିଂ. (ଖାଦ୍-ଅକ) ଭକ୍ଷକ ।
ଖାଦ୍ୟ-ବିଂ.(ଖାଦ୍-ଯ) ଭକ୍ଷଣୀୟ । ବି. ଭୋଜନ
ଖାପ-ବି. ଅସିକୋଷ । [ଦ୍ରବ୍ୟ ।
ଖାର-ବି. କ୍ଷାର ।
ଖାଣ୍ଟି-ବିଂ. ଠିକ୍; ଅମିଶ୍ର; ସତ ।
ଖାରିଆ-ବିଂ. କ୍ଷାରଯୁକ୍ତ; ଲବଣାକ୍ତ ।
ଖାଲ-ବି. ଗହ୍ୱର ଜମି ।
ଖାଲି-ବିଂ. ଶୂନ୍ୟ; କେବଳ ।
ଖାସା-ବିଂ. ଉତ୍ତମ । [ଯାଉ ।
ଖାସୁ-ବିଂ. ଯାହାର କୋଷ କଟିତ ହୋଇ-
ଖିଆଲ-ବି. ଝୁଙ୍କ ।
ଖିଡ଼କି-ବି. ଜଳାକବାଟି; ଝରକା ।
ଖିଦ୍ୟମାନ-ବିଂ. (ଖିଦ୍ + ଅନ) ଖେଦଯୁକ୍ତ ।
ଖିନ୍ନ-ବିଂ. (ଖିଦ୍-ତ) କ୍ଲାନ୍ତ; ଦୁଃଖିତ ।
ଖିଲ-ବି. ଘୋଟକାଠି; ପାନବଡଅ ।
ଖିଲାନ-ବି. ତୋରଣାକାର ନିର୍ମାଣ ।

ଖୁଆ-ବି. ଦୁଗ୍ଧରୁ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ; ଦଧି-
ମନ୍ଥନ ଦଣ୍ଡ; ବାହୁମୂଳ ।
ଖୁଜୁଲି-ବି. କାଛୁ; କୁଣ୍ଡିଆ ।
ଖୁଡ଼ିଆ-ବି. କଳିହୁଡ଼ା ।
ଖୁଣୀ-ବିଂ. ହତ୍ୟାକାରୀ ।
ଖୁଣ୍ଟ-ବି. ସ୍ତମ୍ଭ ।
ଖୁଣ୍ଟା-ବି. ମେଖ; ଉଲୁଗୁଣା । [ବିଶେଷ ।
ଖୁଣ୍ଟିଆ-ବି. କର୍ଣ୍ଣଭୂଷଣ ବିଶେଷ ; ଉପାଧି-
ଖୁଣ୍ଟିବା-କ୍ରି. ଠୋକିବା ।
ଖୁଡୁତା-ବି (ଖୁଲ୍ଲତାତ ଶବ୍ଦଜ) ପିତୃବ୍ୟ; ଦାଦ ।
ଖୁଡ଼ୀ-ବି. ପିତୃବ୍ୟ ପତ୍ନୀ ।
ଖୁଦ-ବି. (କ୍ଷୋଦ ଶବ୍ଦଜ) ତଣ୍ଡୁଳ କଣା ।
ଖୁନ୍ଦା-ବି. ମୁଖରେ ମୁଷ୍ଟ୍ୟାଘାତ । [ଖୁର ।
ଖୁର-ବି. କ୍ଷୌର କରିବା ଶସ୍ତ୍ର ; ଅଶ୍ୱାଦିଜନ୍ତୁର
ଖୁରିଣ୍ଟି-ବି. ମୃଗବିଶେଷ; ମତ୍ସ୍ୟବିଶେଷ ।
ଖୁରୁଡ଼ି-ବି. ଶୁଖିଲା ନଡିଆ ।
ଖୁଲ୍ଲ-ବିଂ. କ୍ଷୁଦ୍ର ।
ଖୁଲ୍ଲତାତ-ବି. ପିତୃବ୍ୟ ।
ଖୁସି-ବି. ଇଚ୍ଛା । ବିଂ ଆନନ୍ଦିତ ।
ଖେଚର-ବି. (ଖେ-ଚର) ଆକାଶଗାମୀ ପକ୍ଷୀ ।
ଖେଚେଡ଼ୀ-ବି. ଡାଲିଚାଉଳ ମିଶା ପକ୍ୱାନ୍ନ ।
ଖେଟ-ବି. ଗ୍ରାମ ; ମୃଗୟା ।
ଖେଦ-ବି. (ଖିଦ୍-ଅ) ଶୋକ; ଦୁଃଖ ; ଶ୍ରମ ।
ଖେପ-ବି. (କ୍ଷେପଶବ୍ଦଜ) ନିକ୍ଷେପ; ଥର ।
ଖେପା-ବି. (କ୍ଷିପ୍ଧାତୁଜ) କ୍ରୁଦ୍ଧ ।
ଖେଳା-ବି. କ୍ରୀଡ଼ା ।

ଖେସାରି-ବି. ଶସ୍ୟବିଶେଷ ।

ଖୋଇ-ବି. ଅଭ୍ୟାସ ; ସ୍ୱଭାବ ।

ଖୋଜ-ବି. ଅଶ୍ୱାଦିର ପାଦଚିହ୍ନ ।

ଖୋଜିବା-କ୍ରି. ଅନ୍ୱେଷଣ କରିବା ।

ଖୋଦ୍-ବି. ଆପେ ; ନିଜେ ।

ଖୋଦିତ-ବିଂ. ଖୋଦିତ ; ଉତ୍କୀର୍ଣ୍ଣ ।

ଖୋପ-ବି. ବୃକ୍ଷାଦିର କୋଟର; ପାରାଘର ।

ଖୋଲ୍-ବି. ଗୁହା; ଗର୍ତ୍ତ ।

ଖୋଲା-ବିଂ. ମେଲା ; ଅନାବୃତ ।

ଖୋସଣୀ-ବି. କଟିସ୍ଥ ବସ୍ତ୍ରବନ୍ଧନୀ ।

ଖୋସା }
ଖୋଷା } ବି. (କୋଶ ଶବ୍ଦଜ) ଥୁଲ ; ପଣସର ଘୁଟ ; ଜୁଡ଼ା ।

ଖୋସିବା-କ୍ରି. ଗୁଞ୍ଜିବା ।

ଖ୍ୟାତ-ବିଂ. (ଖ୍ୟା-ତ) ପ୍ରସିଦ୍ଧ ।

ଖ୍ୟାତି-ବି. (ଖ୍ୟା-ତି) ପ୍ରସିଦ୍ଧି ; ଯଶ ।

ଖ୍ୟାପନ-ବି. ପ୍ରଚାର କରିବା ।

---

**ଗ** ବ୍ୟଞ୍ଜନ ବର୍ଣ୍ଣର ତୃତୀୟ ବର୍ଣ୍ଣ ।

ଗ-ବିଂ. (ଶବ୍ଦର ଶେଷରେ) ଗାମୀ ।

ଗଁଗଁ-ବି. କଷ୍ଟସୂଚକ ଶବ୍ଦ ।

ଗଉଡ଼-ବି. ଜାତିବିଶେଷ; ଗୋପାଳ ।

ଗଉଡୁଣୀ-ବି. ଗୋପାଳୁଣୀ ।

ଗଉଣୀ-ବି.(ଗୋଣୀଶବ୍ଦଜ) ଧାନ୍ୟାଦି ମାପିବାର ପରିମାଣ ଯନ୍ତ୍ର ।

ଗଗନ-ବି. ଆକାଶ; ଶୂନ୍ୟ ।

ଗଙ୍ଗଶିଉଳି-ବି. (ଗଙ୍ଗାଶେଫାଳୀ) ପୁଷ୍ପବୃକ୍ଷ-[ବିଶେଷ ।

ଗଙ୍ଗା-ବି. ସ୍ୱନାମପ୍ରସିଦ୍ଧ ନଦୀ; ଜାହ୍ନବୀ ।

ଗଙ୍ଗାଧର-ବି. (ଗଙ୍ଗା-ଧୃ-ଅ) ଶିବ ।

ଗଙ୍ଗାପ୍ରାପ୍ତି-ବି. ଗଙ୍ଗାତୀରରେ ମୃତ୍ୟୁ ।

ଗଛ-ବି. (ଗଚ୍ଛଶବ୍ଦଜ) ବୃକ୍ଷ ।

ଗଛିବା-କ୍ରି. ତୁଳନା କରିବା ।

ଗଚ୍ଛିତ-ବିଂ. ନ୍ୟସ୍ତ; ଜମାହୋଇଥିବା ।

ଗଜ-ବି. ହସ୍ତୀ; ଦ୍ୱିହସ୍ତ ପରିମାଣ ।

ଗଜରିବା-କ୍ରି. ଅଙ୍କୁରିତ ହେବା ।

ଗଜା-ବି. ଅଙ୍କୁର; ମିଷ୍ଟାନ୍ନବିଶେଷ ।

ଗଜାନନ-ବି. (ଗଜ-ଆନନ) ଗଣେଶ ।

ଗଞ୍ଜି-ବି. ଶସ୍ୟର ବସ୍ତୁବନ୍ଧ ସ୍ଥାନ ।

ଗଞ୍ଜନ-ବିଂ. (ଗଂଜ୍-ଅନ) ତୁଚ୍ଛକାରୀ ।

ଗଞ୍ଜନା-ବି. (ଗଞ୍ଜ୍-ଅନ-ଆ) ଲାଞ୍ଛନା; ଯାତନା ।

ଗଞ୍ଜା-ବି. ପୁଂକୁକ୍କୁଟ; ପତ୍ରଗଛ ଓ ତାହାର ମାଦକ ଜଟା ।

ଗଞ୍ଜିବା-କ୍ରି. ଲାଞ୍ଛନା କରିବା ।

ଗଠନ-ବି. ଆକୃତି; ନିର୍ମ୍ମାଣ ।

ଗଠିତ-ବି. ନିର୍ମିତ; ରଚିତ ।

ଗଡ଼-ବି. (ଗଡ୍-ଅ) ପରିଖା ; ଦୁର୍ଗ ।

ଗଡ଼ଧାଳି-ଅସମାପିକା-କ୍ରି. ସାଷ୍ଟାଙ୍ଗ ଭଳେ ପଡ଼ିଯାଇ ।

ଗଡ଼ନ୍ତ }
ଗଡ଼ନ୍ତିଆ } ବି. (ଗଡ୍ ଧାତୁଜ) ଗମନାଗମ ସ୍ଥାନ ।

ଗଡବଡ-ବି. ଗୋଳମାଳ ।

ଗଡ଼ିଆ-ବି. କ୍ଷୁଦ୍ର ପୁଷ୍କରିଣୀ ।

ଗଡ଼ିବା-କ୍ରି. (ଗ୍ରା) ଘୋଟିବା; ନିମ୍ନଗାମୀ ହେବା ।

ଗଡୁ-ବି. ପିତ୍ତଳନିର୍ମିତ ଜଳପାତ୍ର ।

ଗଡ୍ଡଳିକା-ବି. (ଗଡ୍ଡୁରଶବ୍ଦଜ) ମେଷଶ୍ରେଣୀ ।

ଗଡ୍ଡଳିକା ପ୍ରବାହ-ବି. ଏକମେଷାନୁଗାମିନୀ ମେଷଶ୍ରେଣୀର ଗମନ; ମୂର୍ଖଦ୍ୱାରା ଅନୁକରଣ ।

ଗଢଣି-ବି. (ଗଠନଶବ୍ଦଜ) ନିର୍ମାଣ ।

ଗଢ଼ିବା-କ୍ରି. (ଗଠନଶବ୍ଦଜ) ନିର୍ମାଣ କରିବା ।

ଗଣ-ବି. (ଗଣ୍-ଅ) ଦଳ; ସମୂହ ।

ଗଣକ-ବି. (ଗଣ୍-ଅକ) ଗଣନାକାରୀ; ଦୈବଜ୍ଞ ।

ଗଣତି-ବି. ଗଣନା ।

ଗଣନ, ଗଣନା } ବି. (ଗଣ୍-ଅନ-ଆ) ଗଣିବା କାର୍ଯ୍ୟ ।

ଗଣନୀୟ-ବିଂ. (ଗଣ୍-ଅନୀୟ) ଗଣ୍ୟ; ଯୋଗ୍ୟ ।

ଗଣିକା-ବି. (ଗଣଶବ୍ଦଜ) ବେଶ୍ୟା ।

ଗଣିତ-ବି. (ଗଣ୍-ତ) ଅଙ୍କଶାସ୍ତ୍ର । ବିଂ. ଗଣା ।

ଗଣିବା-କ୍ରି. (ଗଣ୍ ଧାତୁରୁ) ସଂଖ୍ୟା କରିବା ।

ଗଣେଶ-ବି. (ଗଣ-ଈଶ) ଶିବପୁତ୍ର, ଗଜାନନ ।

ଗଣ୍ଠି-ବି. (ଗ୍ରନ୍ଥିଶବ୍ଦଜ) ଅଙ୍ଗସନ୍ଧି; ବାଉଁଶର ସନ୍ଧି; ବସ୍ତ୍ରକ ନର ବନ୍ଧନ; ପଣ ବା ପ୍ରତିଜ୍ଞା ।

ଗଣ୍ଠିଆ-ବିଂ. ଗଣ୍ଠିଯୁକ୍ତ; କୁଟିଳ ।

ଗଣ୍ଠିଧନ-ବି. ଯତ୍ନରକ୍ଷିତ ଧନ ।

ଗଣ୍ଠିରି-ବି. ବୋଚକ୍ । [ମୋଟକ ।

ଗଣ୍ଡ-ବି. (ଗଣ୍ଡ୍-ଅ) କପୋଳ; ଗଳଗ୍ରନ୍ଥି;

ଗଣ୍ଡଗୋଳ-ବି. ଅଧିକ କୋଳାହଳ; ବିବାଦ ।

ଗଣ୍ଡମୂର୍ଖ-ବିଂ. ଘୋରମୂର୍ଖ ।

ଗଣ୍ଡଗ୍ରାମ-ବି. ପ୍ରଧାନ ଗ୍ରାମ ।

ଗଣ୍ଡମାଳା-ବି. ଗଳାର ଅବୁ ସମୂହ ।

ଗଣ୍ଡଶୈଳ-ବି. (ଗଣ୍ଡ-ଶୈଳ) କ୍ଷୁଦ୍ରପର୍ବତ ।

ଗଣ୍ଡା-ବି. ଘଡ଼କଡ଼ା; ଗଣ୍ଡାରନାମକ ଜନ୍ତୁ ।

ଗଣ୍ଡି-ବି. ଗଳାଠାରୁ କଟି ପର୍ଯ୍ୟନ୍ତ ଦେହ; ଗଛର କାଣ୍ଡ ।

ଗଣ୍ଡିରି-ବି. ଗଣ୍ଠିରି; ବୋଚକ୍ ।

ଗଣ୍ଡୂଷ-ବି. ତଳେ ପାଣି ।

ଗଣ୍ୟ-ବିଂ. (ଗଣ୍-ଯ) ଗଣନୀୟ ।

ଗତ-ବିଂ. (ଗମ୍-ତ) ପ୍ରସ୍ଥିତ; ମୃତ; ପ୍ରାପ୍ତ; ଅତୀତ ।

ଗତି-ବି. (ଗମ୍-ତି) ଗମନ; ଉପାୟ; ଅବସ୍ଥା; ଆଶ୍ରୟ । [ଉପାୟାନ୍ତର ।

ଗତ୍ୟନ୍ତର-ବି. (ଗତି-ଅନ୍ତର) ଅନ୍ୟଗତି;

ଗଦ-ବି. (ଗଦ୍-ଅ) ରୋଗ ।

ଗଦ-ବି. ସର୍ପ ବିଷର ଔଷଧ ।

ଗଦା-ବି. (ଗଦ୍-ଅ) ମୁଦ୍ଗର; ସ୍ତୂପ ।

ଗଦାଇବା-କ୍ରି. ଜମାକରିବା ।

ଗଦି-ବି. ସିଂହାସନ; ମୋଟଶେଜ ।

ଗଦିତ-ବିଂ. (ଗଦ୍-ତ) କଥିତ; ବି. ବାକ୍ୟ ।

ଗଦ୍‌ଗଦ-ବି. ଜଳପତନ ଶବ୍ଦ; ହର୍ଷାଦିଜନିତ ଅସ୍ପଷ୍ଟ ଶବ୍ଦ ।

ଗଦ୍ୟ-ବି. (ଗଦ୍-ଯ) ଛନ୍ଦୋବନ୍ଧହୀନ ବାକ୍ୟ; କଥା । ବାର୍ତ୍ତିର ବାଗୁଲୀ ।

ଗଧ-ବି. (ଗର୍ଦ୍ଦଭଶବ୍ଦଜ) ଗର୍ଦ୍ଦଭ ।

ଗଧିଆ-ବିଂ. ଅଳସୁଆ; ବି. ବ୍ୟାଘ୍ରଜାତୀୟ ଜନ୍ତୁବିଶେଷ ।

ଗନ୍ତବ୍ୟ–ବଂ. (ଗମ୍-ତବ୍ୟ) ଗମ୍ୟ, ପ୍ରାପ୍ୟ ।
ଗନ୍ତା–ବି. ଅଙ୍ଗରଖା ।
ଗନ୍ତାଇତ–ବି. ଭଣ୍ଡାର ରକ୍ଷକ ।
ଗନ୍ତାଘର–ବି. ଭଣ୍ଡାରଘର ।
ଗନ୍ଧ–ବି. ( ଗନ୍ଧ୍-ଅ ) ଘ୍ରାଣେନ୍ଦ୍ରିୟର ଗ୍ରାହ୍ୟ-ପଦାର୍ଥ; ବାସନା ।
ଗନ୍ଧକ–ବି. (ଗନ୍ଧ୍-କ) ଉପଧାତୁବିଶେଷ ।
ଗନ୍ଧକାଷ୍ଠ–ବି. ( ଗନ୍ଧ-କାଷ୍ଠ ) ଅଗୁରୁକାଠ; ଚନ୍ଦନକାଠ ।
ଗନ୍ଧମାଦନ–ବି. ପର୍ବତବିଶେଷ ।
ଗନ୍ଧମାର୍ଜାର–ବି. ମୃଗନାଭିପ୍ରିୟ ଜନ୍ତୁବିଶେଷ ।
ଗନ୍ଧମୃଗ–ବି. କସ୍ତୁରିକାମୃଗ ।
ଗନ୍ଧର୍ବ–ବି. ସ୍ୱର୍ଗଗାୟକ ।
ଗନ୍ଧବହ–ବି. (ଗନ୍ଧ-ବହ୍-ଅ) ବାୟୁ ।
ଗପ–ବି. (ଗଳ୍ପଶବ୍ଦଜ) କଥା; କାହାଣି ।
ଗପିବା–କ୍ରି. ବେଶି କହିବା । ।
ଗବ–ବି. ଏରଣ୍ଡଗଛ, ଜଡ଼ାଗଛ ।
ଗବୀ–ବି. (ଗୋ-ଈ) ଗାଭୀ, ଗାଈ ।
ଗବ୍ୟ–ବଂ. (ଗୋ-ଯ) ଗୋସମ୍ବନ୍ଧୀୟ ।
ଗଭସ୍ତି–ବି. କିରଣ । [ଦେଖାଯାଏ ।
ଗଭସ୍ତିମାନ୍–ବି. (ଗଭସ୍ତି-ମତ୍) ସୂର୍ଯ୍ୟ; ବଂ.
ଗଭା–ବି. ଜୁଡ଼ାରେ ଖୋସା ପୁଷ୍ପଗୁଚ୍ଛ ।
ଗଭୀର } ଗମ୍ଭୀର } ବଂ. ଅଗାଧ; ପ୍ରଗାଢ଼; ଉଦାର ।
ଗମନ–ବି. (ଗମ୍-ଅନ) ଗତି ।

ଗମିବା–କ୍ରି. ( ଗମ୍‌ଧାତୁଜ ) ଗମନକରିବା; ପ୍ରବେଶକରିବା ।
ଗମ୍ଭୀରସାମନ୍ତ } ଗମ୍ଭୀରସାଆନ୍ତ } ବି. ଯୁବରାଜ; ରାଜପୁତ୍ର ।
ଗମ୍ଭୀରି–ବି. ଘରର କୋଠରି ।
ଗମ୍ୟ–ବଂ. (ଗମ୍-ଯ) ଭୋଗ୍ୟ; ପ୍ରାପ୍ୟ; ଗମନ-
ଗୟଲ–ବି. ଜନ୍ତୁବିଶେଷ । [ଯୋଗ୍ୟ ।
ଗୟା–ବି. (ଗୟ-ଅ) ପ୍ରସିଦ୍ଧ ତୀର୍ଥ ।
ଗର–ବି. (ଗୃ-ଅ) ବିଷ ।
ଗର–ବି. ମୁଣ୍ଡିକାଠ; କାଠଅଂଶ । [ବିଶେଷ ।
ଗରଗଡ଼–ବି. ଧାନ୍ୟକ୍ଷେତ୍ରଜାତ ଅକର୍ମଣ୍ୟ ଘାସ
ଗରଜ୍–ବି. ପ୍ରୟୋଜନ ।
ଗରଗର–ବଂ. ସଗାନନ୍ଦ; ଜଡ଼ିତ ।
ଗରଦ–ବଂ. (ଗର-ଦା-ଅ) ବିଷପ୍ରୟୋକ୍ତା ।
ଗରମ–ବଂ. (ଘର୍ମଶବ୍ଦଜ) ତପ୍ତ ।
ଗରଳ–ବି. (ଗୃ-ଅଲ) ବିଷ ।
ଗରା } ଗଗରା } ବି. (ଗର୍ଗରୀଶବ୍ଦଜ) ପିତ୍ତଳ କଳସୀ ।
ଗରିମା–ବି. (ଗୁରୁ-ଇମନ୍) ଗୁରୁତ୍ୱ ।
ଗରିବ–ବଂ. ଦରିଦ୍ର ।
ଗରିଷ୍ଠ } ଗରୀୟାନ୍ } ବଂ. ( ଗୁରୁ-ଇଷ୍ଠ, ଈୟସ୍ ) ଗୁରୁତର ।
ଗରୁ–ବଂ. (ଗୁରୁଶବ୍ଦଜ) ଭାରି । [ବାହନ ।
ଗରୁଡ଼–ବି. (ଗରୁତ୍-ଡୀ-ଅ) ପକ୍ଷିରାଜ; ବିଷ୍ଣୁ-
ଗରୁଡ଼ି–ବି. ପକ୍ଷୀର ଡେଣା ।

ଗରୁତ୍ମାନ୍–ବ. (ଗରୁତ୍-ମତ୍) ଗରୁଡ଼ ।

ଗର୍ଗରୀ–ବ. ପିତ୍ତଳ ନିର୍ମିତ ଘଟ ।

ଗର୍ଜନ–ବ. (ଗର୍ଜ୍-ଅନ) ସିଂହାଦିର ଶବ୍ଦବିଶେଷ, କ୍ରୋଧରେ ଉଚ୍ଚାରିତ ଉଚ୍ଚଶବ୍ଦ ।

ଗର୍ତ୍ତ–ବ. (ଗୃ-ତ) ଗହ୍ୱର ।

ଗର୍ଦ୍ଦଭ–ବ. (ଗର୍ଦ୍-ଅଭ) ଗଧ ; ମଠୁଆ ।

ଗର୍ଭ–ବ. (ଗୃ-ଭ) ଜରାୟୁ ; ଭ୍ରୂଣ ; ଅଭ୍ୟନ୍ତର ।

ଗର୍ଭକ–ବ. (ଗର୍ଭ-କ) ଜୁଡ଼ା ମଧ୍ୟସ୍ଥ ପୁଷ୍ପମାଳା ।

ଗର୍ଭକେଶର–ବ. ପୁଷ୍ପର ମଧ୍ୟ କେଶର ।

ଗର୍ଭଣା–ବ. (ପ୍ରା) କନ୍ୟାସଂକ୍ରାନ୍ତି ।

ଗର୍ଭପାତ–ବ. (ଗର୍ଭ-ପାତ) ଗର୍ଭସ୍ରାବ ।

ଗର୍ଭବତୀ–ବଂ. (ଗର୍ଭ ବତ୍-ଈ) ଗର୍ଭିଣୀ ।

ଗର୍ଭାଗାର–ବ. (ଗର୍ଭ-ଅଗାର) ଗମ୍ଭୀର ଘର ।

ଗର୍ଭାଙ୍କ–ବ. (ଗର୍ଭ-ଅଙ୍କ) ନାଟକର ଅଙ୍କମଧ୍ୟରେ କ୍ଷୁଦ୍ରଅଙ୍କ ।

ଗର୍ଭାଧାନ–ବ. ଗର୍ଭଧାରଣର ସଂସ୍କାର ବିଶେଷ ।

ଗର୍ଭିଣୀ–ବଂ. ( ଗର୍ଭ-ଇନ୍-ଈ ) ଗର୍ଭବତୀ, ଅନ୍ତଃସତ୍ତ୍ୱା ।

ଗର୍ଭିତ–ବଂ. (ଗର୍ଭ-ଇତ) ଅନ୍ତର୍ଭୁକ୍ତ ।

ଗର୍ବ–ବ. (ଗର୍ବ୍-ଅ) ଦର୍ପ ; ଅହଂକାର ।

ଗର୍ବୀ }
ଗର୍ବିତ } ବଂ. ଗର୍ବକାରୀ ; ଅହଂକୃତ ।

ଗର୍ହଣ–ବ. (ଗର୍ହ୍-ଅନ) ନିନ୍ଦା ।

ଗର୍ହିତ–ବଂ. (ଗର୍ହ-ତ) ନିନ୍ଦିତ ; ମନ୍ଦ ।

ଗଳ }
ଗଳା } ବ. କଣ୍ଠ, ଗ୍ରୀବା ।

ଗଲ୍‌ଗଲ୍–କ୍ରି. ବଂ. କ୍ରୁଦ୍ଧ ହେବା ; ସଲ୍‌ସଲ

ଗଲଗାଜି–କ୍ରି. ଗଲଗର୍ଜନ କରିବା ।

ଗଳି–ବ. ଅପ୍ରଶସ୍ତ ପଥ ।

ଗଳିତ–ବଂ. (ଗଲ୍-ତ) କ୍ଷରିତ ; ପକ୍ୱ ।

ଗଳିବା–କ୍ରି. (ଗଲ୍ଧାତୁଜ) ପ୍ରବିଷ୍ଟ ହେବା ; ତରଳିତ ହେବା ।

ଗଳୁ–ବ. କଣ୍ଡୁ ।

ଗଳ୍ପ–ବ. କଥା ; ଉପାଖ୍ୟାନ ।

ଗବୟ–ବ. (ଗୋ-ଅୟ) ଗୋସଦୃଶ ପଶୁ ।

ଗବାକ୍ଷ–ବ. ( ଗୋ-ଅକ୍ଷ ) ଗୋନେତ୍ରାକାର ଝିଡ଼କି ।

ଗହଣି–ବ. ରଜାଙ୍କ ସଙ୍ଗ ।

ଗହଣା–ବ. ଅଳଙ୍କାର ।

ଗହନ–ବ. ବନ ; ବଂ. ଦୁର୍ଗମ ; ଦୁର୍ବୋଧ୍ୟ ।

ଗହମ–ବ. (ଗୋଧୂମଶବ୍ଦଜ) ଶସ୍ୟବିଶେଷ ।

ଗହଳ–ବ. ଭେଳଭେଡ଼ ; ଗୋଳମାଳ ।

ଗହିର–ବଂ. (ଗଭୀରଶବ୍ଦଜ) ଗଭୀର ।

ଗହ୍ମାପୂର୍ଣ୍ଣିମା–ସ୍ତ୍ରୀ. ଶ୍ରାବଣ ପୌର୍ଣ୍ଣମାସୀ ।

ଗହ୍ୱର–ବ. ଗର୍ତ୍ତ ; ଗୁହା ।

ଗାଁ–ବ. (ଗ୍ରାମଶବ୍ଦଜ) ଗ୍ରାମ ।

ଗାଈ–(ଗବୀଶବ୍ଦଜ) ମାଈଗୋରୁ ।

ଗାଇବା–କ୍ରି. (ଗୈଧାତୁଜ) ଗାନକରିବା ।

ଗାଙ୍ଗ–ବ. (ଗଙ୍ଗାଶବ୍ଦଜ) ବୃହତ୍ ସରୋବର ।

ଗାଙ୍ଗେୟ–ବ. (ଗଙ୍ଗା-ଏୟ) ଭୀଷ୍ମ; କାର୍ତ୍ତିକେୟ ।

ଗାଞ୍ଜିଅ–ବ. ଟଙ୍କା ଗୁଞ୍ଜିରଖିବାର ଥଳୀ ।

ଗାଡ଼–ବ. (ଗର୍ତ୍ତଶବ୍ଦଜ) ଗର୍ତ୍ତ ।

ଗାଡ଼ି–ବ. ଶକଟ ।

ଗାଢ଼-ବିଂ. (ଗାହ୍-ତ) ଦୃଢ଼; ଘନ ।
ଗାଡ଼-ବି. (ଗର୍ତ୍ତଶବ୍ଦଜ) ରନ୍ଧ୍ର; ଛିଦ୍ର ।
ଗାତ୍ର-ବି. ଦେହ; ଅଙ୍ଗ ।
ଗାତ୍ରମାର୍ଜ୍ଜନୀ-ବି. ଗାମୁଛା ।
ଗାଥା-ବି. (ଗୈ-ଥ-ଅ) ଶ୍ଳୋକ; ଗୀତ ।
ଗାଦ-ବି. କାଣ୍ଟି, ମଇଳା ।
ଗାଦି-ବି. ସିଂହାସନ; ସମାଧି ।
ଗାଧ-ବି. (ଗାଧ୍-ଅ) ଜଳସ୍ପର୍ଶ । [କରିବା ।
ଗାଧୋଇବା-କ୍ରି. ଗାତ୍ର ଧୌତ କରିବା; ସ୍ନାନ-
ଗାନ-ବି. (ଗୈ-ଅନ) ସଂଗୀତ ।
ଗାନ୍ଥନୀ-ବି. (ଗ୍ରନ୍ଥନଶବ୍ଦଜ) ମମଲଦ୍ୱାରା ଇଷ୍ଟ-କାଦି ବସାଇବା ।
ଗାନ୍ଧର୍ବ-ବିଂ. (ଗନ୍ଧର୍ବ-ଅ) ଗନ୍ଧର୍ବସମ୍ବନ୍ଧୀୟ ।
ଗାନ୍ଧାର-ବି. ସ୍ୱରବିଶେଷ; ଦେଶବିଶେଷ ।
ଗାନ୍ଧାରୀ-ବି. ଧୃତରାଷ୍ଟ୍ର ପତ୍ନୀ ।
ଗାଭୀ-ବି. ଗାଈ ।
ଗାମୁଛା-ବି. ଗାତ୍ରମାର୍ଜନୀ । [ଅଚଞ୍ଚଲ୍ୟ ।
ଗାମ୍ଭୀର୍ଯ୍ୟ-ବି. ( ଗମ୍ଭୀର-ଯ ) ଗମ୍ଭୀରତା,
ଗାୟକ-ବି. (ଗୈ-ଅକ) ଗାନକର୍ତ୍ତା ।
ଗାୟନ-ବି. (ଗୈ-ଅନ) ଗାଇବା ।
ଗାୟତ୍ରୀ-ବିଂ. (ଗାୟତ୍-ତ୍ରୈ-ଅ-ଈ) ଗାୟକର ତ୍ରାଣକାରୀ; ବି. ମନ୍ତ୍ରବିଶେଷ ।
ଗାର-ବି. ରେଖା ।
ଗାରଡ଼-ବି. ଅଣ୍ଡିର ମେଣ୍ଢା ।
ଗାରୁଡ଼ିଆ-ବିଂ. ( ଗରୁଡ଼ଶବ୍ଦଜ ) ସର୍ପବିଷ-ନାଶକ ମନ୍ତ୍ରଜ୍ଞ ।

ଗାର୍ହସ୍ଥ୍ୟ-ବିଂ. (ଗୃହସ୍ଥ-ଯ) ଗୃହସ୍ଥସମ୍ବନ୍ଧୀୟ ।
ଗାଲ-ବି. (ଗଲ୍ଲଶବ୍ଦଜ) ଗଣ୍ଡସ୍ଥଳ ।
ଗାଳି-ବି. କଟୂକ୍ତି ।
ଗାଳିବା-କ୍ରି. (ଗଲ୍‌ଧାତୁଜ) ନଗାଡ଼ିବା ।
ଗାଲିଚ୍-ବି. ମେଷଲୋମନିର୍ମିତ ଆସନ ।
ଗାଲୁ-ବି. ମିଛ ।
ଗାଲୁଆ-ବିଂ. ମିଛୁଆ; ଭଣ୍ଡ ।
ଗିର-ବି. (ଗୃ-ଅ) ବଚନ ।
ଗିରା-ବି. ଚାର; ଗଜର ୧୬ ଭାଗର ଭାଗେ ।
ଗିରି-ବି. (ଗୃ-ଇ) ପର୍ବତ; କେତେକ ସନ୍ନ୍ୟା-ସୀଙ୍କ ଉପାଧି ।
ଗିରିଜା-ବି. (ଗିରି-ଜନ୍-ଅ) ପାର୍ବତୀ ।
ଗିରିଶ-ବି. (ଗିରି-ଶୀ-ଅ) ଶିବ ।
ଗିଲ୍-ବି. ଫଳବିଶେଷ ।
ଗିଳିବା-କ୍ରି. ବି. ଗ୍ରାସକରିବା; ଗଳାଧଃକରଣ ।
ଗୀତ-ବି. ( ଗୈ-ତ ) ଗାନ; ବିଂ. ଗାନରେ ବର୍ଣ୍ଣିତ । [ବିଶେଷ ।
ଗୀତା-ବି. ( ଗୈ-ତ-ଅ ) ଉପଦେଶ-ଶାସ୍ତ୍ର-
ଗୀତି-ବି. (ଗୈ-ତି) ଗାନ ।
ଗୀର୍ବାଣ-ବି. (ଗୀଃ-ବାଣ) ଦେବତା ।
ଗୀଷ୍ପତି-ବି.(ଗୀଃ-ପତି) ବାଚସ୍ପତି; ମହାପଣ୍ଡିତ ।
ଗୁଆ-ବି. (ଗୁବାକ ଶବ୍ଦଜ) ଗୁବାକ ।
ଗୁଆଁର-ବିଂ. ନିର୍ବୋଧ ।
ଗୁଆଳୀ-ବି. ଗୌଡୁଣୀ ।
ଗୁଗ୍ଗୁଳ-ବି. ଗନ୍ଧନିର୍ଯ୍ୟାସବିଶେଷ ।
ଗୁଚ୍ଛ-ବି. ଗୋଛା; ଫୁଲତୋଡ଼ା; ପେଣ୍ଡା ।

ଗୁଞ୍ଜି }
ଗୁଞ୍ଜା } ବ. କାଇଁଚ ।

ଗୁଞ୍ଜନ-ବ. (ଗୁଞ୍ଜ୍-ଅନ) ଗୁଣ୍‌ଗୁଣ୍ ଧ୍ୱନି ।

ଗୁଞ୍ଜିବା-କ୍ରି. ଖୋସିବା ।

ଗୁଡ଼-ବ. ଇକ୍ଷୁ ରସାଦରୁ ଜାତ ଶର୍କରା ।

ଗୁଡ଼ତ୍ୱକ୍-ବ. ଦାରୁଚିନି ।

ଗୁଡ଼ା, ଗୁଡ଼ାକ, ଗୁଡ଼ାଏ, ଗୁଡ଼, ଗୁଡ଼କ, ଗୁଡ଼ଏ-(ଗୁଟି ଶବ୍ଦଜ) ସମୂହ ।

ଗୁଡ଼ାଇବା-କ୍ରି. ବ. ବେଢ଼ାଇବା ।

ଗୁଡ଼ାଖୁ-ବ. ଗୁଡ଼ତମାଖୁ ।

ଗୁଡ଼ିଆ-ବ. ଗୁଡ଼ଦ୍ରବ୍ୟ ପ୍ରସ୍ତୁତକାରୀ ।

ଗୁଡୁଚ }
ଗୁଳୁଚ } ଲତାବିଶେଷ ।

ଗୁଣ-ବ. (ଗୁଣ୍-ଅ) ଉତ୍କର୍ଷ; ସତ୍ତ୍ୱ-ରଜଃ-ତମ ପ୍ରକୃତିର ଏହି ତିନି ଗୁଣ; ଧନୁର ଜ୍ୟା; ସୂତ୍ର ।

ଗୁଣକ-ବ. (ଗୁଣ୍-ଅକ) ଯାହାଦ୍ୱାରା ଗୁଣନ କରାଯାଏ ।

ଗୁଣା-ବ. ନାକର ଅଳଂକାରବିଶେଷ ।

ଗୁଣିଆ-ବି. (ଗୁଣୀଶବ୍ଦଜ) ଐନ୍ଦ୍ରଜାଲିକ ।

ଗୁଣିତ-ବି. (ଗୁଣ୍-ତ) ପୂରିତ । [କରିବା ।

ଗୁଣିବା-କ୍ରି. ବ. ସ୍ମରଣକରିବା; ଅଙ୍କ ଗୁଣନ

ଗୁଣୀ-ବି. (ଗୁଣ୍-ଇନ୍) ଗୁଣବାନ୍; ଯେ ମନ୍ତ୍ର-ଯନ୍ତ୍ର ଜାଣେ ।

ଗୁଣ୍ଠ-ବ. ଏକମାଣ ଭୂମିର ଚତୁର୍ଥାଂଶ ।

ଗୁଣ୍ଡ }
ଗୁଣ୍ଡି } ବ. (ଗୁଣ୍ଡ ଧାତୁରୁ) ଚୂନା; ତମାଖୁଚୂର୍ଣ୍ଣ ।

ଗୁଣ୍ଡା-ବ. ଖଳର ଘାସ; ବି. ଚୂର୍ଣ୍ଣୀକୃତ ।

ଗୁଣ୍ଡିଚ୍-ପୁରୀ ରଥଯାତ୍ରା ।

ଗୁଣ୍ଡୁଚମୂଷା-ବ. ମୂଷିକବିଶେଷ ।

ଗୁପ୍ତ-ବି. (ଗୁପ୍-ତ) ରକ୍ଷିତ; ଗୂଢ଼ ।

ଗୁପ୍ତି-ବ. (ଗୁପ୍-ତି) ଗୋପନ; ଅସ୍ତ୍ରବିଶେଷ ।

ଗୁମର-ବ. ଟେକ; ଗର୍ବ ।

ଗୁମାନ-ବ. ଦମ୍ଭ; ଗର୍ବ ।

ଗୁମାସ୍ତା-ବ. ହିସାବରକ୍ଷକ; ମୋହରର ।

ଗୁମ୍ଫ-ବ. (ଗୁମ୍ଫ୍-ଅ) ମୁଞ୍ଛ ।

ଗୁମ୍ଫନ-ବ. (ଗୁମ୍ଫ୍-ଅନ) ଗୁନ୍ଥିବା ।

ଗୁମ୍ଫା-ବ. ଗୁହା; ଗର୍ତ୍ତ ।

ଗୁମ୍ଫିତ-ବି. (ଗୁମ୍ଫ୍-ତ) ଗ୍ରଥିତ ।

ଗୁରୁ-ବ. (ଗୁ-ଉ) ଅଧ୍ୟାପକ; ଧର୍ମୋପଦେଷ୍ଟା; ବୃହସ୍ପତି ।

ଗୁରୁଣ୍ଡିବା-କ୍ରି. ବ. ଶିଶୁର ଅଣ୍ଟରେ ଚାଲିବା ।

ଗୁରୁତ୍ୱ }
ଗୁରୁତା } ବ. ମହତ୍ତ୍ୱ; ଓଜନ ।

ଗୁରୁ-ପାକ-ବି. ଯାହା ସହଜରେ ଜୀର୍ଣ୍ଣ ନ ହୁଏ ।

ଗୁର୍ଜ୍ଜର-ବ. ଗୁଜରାଟ ଦେଶ । [ବିଶେଷ ।

ଗୁର୍ଜ୍ଜରୀ-ବ. ଗୁଜରାଟ ଦେଶୀୟା ସ୍ତ୍ରୀ; ରାଗିଣୀ-

ଗୁର୍ବ୍ବୀ-ବି. (ଗୁରୁ-ଈ) ଗର୍ଭିଣୀ; ଗୌରବବତୀ ।

ଗୁଳା-ବ. ଶଗଡ଼ ଯିବା ବାଟ; ଘୋଳକାର; ମେଞ୍ଚାଏ । [ଗୋଟି ।

ଗୁଳି-ବ. ଗୁଳିବା ଶବ୍ଦଜ, ସୀସାର ବର୍ତ୍ତୁଳ

ଗୁଳ୍ମ-ବ. କ୍ଷୁଦ୍ରବୃକ୍ଷ; ଉଦରର ରୋଗ ବିଶେଷ ।

ଗୁବାକ-ବ. ଗୁଆଗଛ ; ଗୁଆ ।
ଗୁହ୍ମ-ବ. (ଗୁଥଶବ୍ଦଜ) ବିଷ୍ଠା ।
ଗୁହ-ବ. (ଗୁହ୍-ଅ) କାର୍ତ୍ତିକେୟ ।
ଗୁହା-ବ. (ଗୁହ୍-ଅ) ଗହ୍ୱର ।
ଗୁହା-ବ. ସାକ୍ଷୀ ।
ଗୁହାରି-ବ. ଦୁଃଖ ଜଣାଣ ; ଅଭିଯୋଗ ।
ଗୁହାଳ-ବ. (ଗୋ-ଆଲୟ) ଗୋରୁ ରହିବାର ଗୃହ । [ଦ୍ୱାର ।
ଗୁହ୍ୟ-ବି. (ଗୁହ୍-ଯ) ଗୋପନୀୟ ; ବ. ମଳ-
ଗୁହ୍ୟକ-ବ. (ଗୁହ୍ୟ-କ) କୁବେରଙ୍କ ଅନୁଚର ।
ଗୂଢ-ବି. (ଗୁହ୍-ତ) ଗୁପ୍ତ ; ଗହନ ।
ଗୃଧ୍ନୁ-ବି. ( ଗୃଧ୍-ନୁ ) ଲୁବ୍ଧ ; ଲୋଭୀ ।
ଗୃଧ୍ର-ବ. (ଗୃଧ୍-ର) ଶାଗୁଣା ।
ଗୃହ-ବ. (ଗ୍ରହ୍-ଅ) ଘର ; ନିକେତନ ।
ଗୃହସ୍ଥ-ବି. (ଗୃହ-ସ୍ଥା-ଅ) ଗୃହୀ ।
ଗୃହିଣୀ-ବ. (ଗୃହ-ଇନ୍-ଈ) ପତ୍ନୀ ; ଘରଣୀ ।
ଗୃହୀତ-ବି. (ଗ୍ରହ୍-ତ) ଧୃତ ; ଲବ୍ଧ ; ସ୍ୱୀକୃତ ।
ଗୃହ୍ୟ-ବି. (ଗ୍ରହ୍-ଯ) ଅଧୀନ ; ଗୃହୋତ୍ପନ୍ନ ।
ଗେଙ୍ଗୁଟି-ବ. ଚୂନ; ପଥରବିଶେଷ ।
ଗେଞ୍ଚିବା-କ୍ରି. ଠେସିବା ।
ଗେଞ୍ଚାଗେଞ୍ଚି-କ୍ରି. ବି. ଜକାଜକ ।
ଗେଣ୍ଡା-ବ. ଶାମୁକାଜାତୀୟ ଜନ୍ତୁବିଶେଷ ।
ଗେଣ୍ଡାଳିଆ-ବ. ପକ୍ଷିବିଶେଷ ।
ଗେଣ୍ଡୁ-ବ ଶତାବର୍ଗଫଳ ।
ଗେୟ-ବି. (ଗୈ-ଯ) ଗାଇବାର ଯୋଗ୍ୟ ।
ଗେରସ୍ତ-ବ. (ଗୃହସ୍ଥଶବ୍ଦଜ) ପତ୍ନୀର ପତି ।

ଗେରୁ-ବ. (ଗୈରିକଶବ୍ଦଜ) ଗୈରିକ
ଗେଲ-ବ. ସୁଆଗ; ସ୍ନେହ ପରିହାସ ।
ଗେହ-ବ. ଗୃହ ।
ଗେହ୍ଲା-ବି. ଅତ୍ୟନ୍ତ ଆଦରପ୍ରାପ୍ତ; ସ୍ୱେରନ୍ତ ।
ଗୈରିକ-ବ.(ଗିରି-ଇକ) ଗିରିମାଟି; ବି. ଗେରୁ-ମାଟିରେ ରଞ୍ଜିତ ।
ଗୋ-ବ. ଗୋରୁ ; ବୃଷ; ପୃଥିବୀ; ସ୍ୱର୍ଗ ।
ଗୋଇ-ବ. (ଗୋପ୍ୟଶବ୍ଦଜ) ଅପ୍ରକାଶ୍ୟ ବିଷୟ; ମର୍ମକଥା ।
ଗୋଈ-ବ. (ଗୋପୀଶବ୍ଦଜ) ଗଉଡ଼ୁଣୀ ।
ଗୋଇଠା-ବ. ଗୋଇଠିଦ୍ୱାରା ଆଘାତ ।
ଗୋଇଠି-ବ. ପାଦମୂଳ ।
ଗୋଇନ୍ଦା-ବ. ସନ୍ଧାନକାରୀ ।
ଗୋକୁଳ-ବ.(ଗୋ କୁଳ)ଗୋଷ୍ଠ; ଗୋସମୂହ ।
ଗୋଖର-ବ. ସର୍ପବିଶେଷ; କର୍ଣ୍ଣଭୂଷଣବିଶେଷ ।
ଗୋଖରୁ-ବ. ଔଷଧ ବୃକ୍ଷବିଶେଷ ।
ଗୋଖା-ବ. ଜାତିବିଶେଷ । [ଗୋଚରଣସ୍ଥାନ ।
ଗୋଚର-ବି. (ଗୋ-ଚର) ଇନ୍ଦ୍ରିୟଗ୍ରାହ୍ୟ;
ଗୋଚ୍ଛ-ବ. (ଗୁଚ୍ଛଶବ୍ଦଜ) ବଡ଼ା ।
ଗୋଜ-ବି. ମୁନିଆଁ ।
ଗୋଜଣା-ବ. ନିଆଁଖୁଣ୍ଟା ।
ଗୋଟା-ବି. ଅଖଣ୍ଡ ।
ଗୋଟାଏ / ଗୋଟିଏ } ବ. ଏକଗୋଟା; ଏକଗୋଟି ।
ଗୋଟି-ବ. ( ଗୁଟିଶବ୍ଦଜ ) କ୍ଷୁଦ୍ରଗୋଲକ ; ରେଶମପୋକର ଗୋଟି ।

ଗୋଠ—ବ. (ଗୋଷ୍ଠଶବ୍ଦଜ) ଗୁହାଳ ; ଦଳ; କଟିଭୂଷଣ ।

ଗୋଠିଆ—ବଂ. ଗୋଠରେ ଥିବା ଗାଈ ପ୍ରଭୃତି ।

ଗୋଡ଼—ବ. ପାଦ ; ମୂଳ ।

ଗୋଡ଼ାଇବା—କ୍ରି. ଅନୁଧାବନ କରିବା ।

ଗୋଡ଼ି—ବ. ସ୍ୱାନ ଶପର୍ଷ ।

ଗୋତମ—ବ. ନ୍ୟାୟଶାସ୍ତ୍ରପ୍ରଣେତା ମୁନି ।

ଗୋତ୍ର—ବ. କୁଳର ଆଦ୍ୟପୁରୁଷ; ପର୍ବତ ।

ଗୋଦର—ବ. ଶ୍ଲୀପଦରୋଗ ।

ଗୋଦାବରୀ—ବ. ନଦୀବିଶେଷ ।

ଗୋଦାମ—ବ. ଗଞ୍ଜ; ନାନାଦ୍ରବ୍ୟର ଭଣ୍ଡାର ।

ଗୋଧନ—ବ. ଗୋରୁସମୂହ ।

ଗୋଧା / ଗୋଧିକା } ବ. ଗୋଧିସାପ ।

ଗୋଧୂମ—ବ. ଗହମ ।

ଗୋଧୂଳି—ବ. (ଗୋ-ଧୂଳି) ସାୟଂକାଳ ।

ଗୋପ—ବ. (ଗୋ-ପା-ଅ) ଗଉଡ଼ ।

ଗୋପନ—ବ. (ଗୁପ୍-ଅନ) ଲୁଚାଇବା; ରକ୍ଷଣ ।

ଗୋପନୀୟ—ବଂ. (ଗୁପ୍-ଅନୀୟ) ଗୁହ୍ୟ; ଅପ୍ରକାଶ୍ୟ ।

ଗୋପାଳ—ବ. (ଗୋ-ପାଳ) ଗଉଡ଼; କୃଷ୍ଣ ।

ଗୋପିକା / ଗୋପୀ } ବ.(ଗୋପ-ଈ)ଗଉଡୁଣୀ; ଗୋପପୁର ସ୍ତ୍ରୀ ।

ଗୋପୀଚନ୍ଦନ—ବ. ଧଳାମାଟି ।

ଗୋପୀନାଥ—ବ. କୃଷ୍ଣ, ନନ୍ଦସୁତ ।

ଗୋପୁର—ବ. ପୁରଦ୍ୱାର ।

ଗୋପ୍ତା—ବଂ. (ଗୁପ୍-ତୃ) ରକ୍ଷକ ।

ଗୋପ୍ୟ—ବଂ.(ଗୁପ୍-ଯ) ରକ୍ଷଣୀୟ; ଗୋପନୀୟ ।

ଗୋବର—ବ. ଗୋମୟ ।

ଗୋବର୍ଦ୍ଧନ—ବ. ସ୍ୱନାମପ୍ରସିଦ୍ଧ ପର୍ବତ ।

ଗୋମତୀ—ବ. (ଗୋ-ମତ୍-ଈ) ନଦୀବିଶେଷ ।

ଗୋମୟ—ବ. (ଗୋ-ମୟ) ଗୋବର ।

ଗୋମାୟୁ—ବ. (ଗୋ-ମା-ଉ) ଶୃଗାଳ ।

ଗୋମୁଖୀ—ବ. ଗଙ୍ଗାନଦୀର ଆଦିଗୁହା ।

ଗୋରଡ଼ା—ବ. ଗୋରୁଖୁଆଡ଼; ଅଠେଇ ।

ଗୋରସ—ବ. (ଗୋ-ରସ), ଗବ୍ୟ ଦୁଗ୍ଧ; ଦଧି ।

ଗୋରା—ବଂ. (ଗୌରଶବ୍ଦଜ) ଶୁଭ୍ର ।

ଗୋରୀ—ବଂ. ଗୌରବର୍ଣ୍ଣା ।

ଗୋରୁ—ବ. (ଗୋଶବ୍ଦଜ) ବୃଷ; ଗାଈ ।

ଗୋରୋଚନା—ବ. (ଗୋ-ରୁଚ୍-ଅନ-ଆ) ଗୋମସ୍ତକର ଉଜ୍ଜ୍ୱଳ ପୀତବର୍ଣ୍ଣ ଦ୍ରବ୍ୟବିଶେଷ ।

ଗୋଳ—ବ. ପଣ୍ଡଗୋଳ: ଚହଳ ।

ଗୋଲ / ଗୋଲକ } ବ. ବର୍ତ୍ତୁଳାକାର ପଦାର୍ଥ; ଭୂମଣ୍ଡଳର ପ୍ରତିକୃତି ।

ଗୋଳମାଳ—ବ. ଚହଳ; ଗୋଳ ।

ଗୋଲା—ବ. ଧାନ୍ୟାଦିର ଅଗାର; ଗୋଲାକାର ଲୌହପିଣ୍ଡ ।

ଗୋଲାପ୍—ବ. ପୁଷ୍ପବିଶେଷ ।

ଗୋଲାମ୍—ବ. ଦାସ ।

ଗୋଳିଆ—ବଂ. ପଙ୍କିଳ ।

ଗୋଳିବା—କ୍ରି. ତରଳ ଦ୍ରବ୍ୟରେ ମିଶାଇବା ।

ଗୋଲୋକ-ବି. (ଗୋ-ଲୋକ) ସ୍ୱର୍ଗ; ବୈକୁଣ୍ଠ ।

ଗୋବିନ୍ଦ-ବି. (ଗୋ-ବିନ୍ଦ୍-ଅ) କୃଷ୍ଣ; ବିଷ୍ଣୁ ।

ଗୋଷ୍ଠ-ବି. (ଗୋ-ସ୍ଥା) ଗୋଠ ।

ଗୋଷ୍ଠୀ-ବି. ସଭା; ପରିବାର; କୁଟୁମ୍ବ ।

ଗୋଷ୍ପଦ-ବି. ( ଗୋ-ପଦ ) ଗୋକ୍ଷୁରଖନିତ ଗର୍ତ୍ତ ।

ଗୋସ୍ୱାମୀ-ବି. ( ଗୋ-ସ୍ୱାମିନ୍ ) ଗୋସାଇଁ ; ଧର୍ମୋପଦେଷ୍ଟା; ଗୋସମୂହର ଅଧିକାରୀ ।

ଗୋହିରି-ବି. ଅପ୍ରଶସ୍ତ ପଥ ।

ଗୌଡ଼-ବି. ଦେଶ ବିଶେଷ; ଗୋପାଳଜାତି ।

ଗୌଡ଼ୀ-ବି. କାବ୍ୟର ରୀତିବିଶେଷ; ଗୁଡ଼ଜାତ ସୁରା ।

ଗୌଣ-ବିଂ. (ଗୁଣ୍-ଅ) ଅପ୍ରଧାନ ।

ଗୌତମ-ବି. ( ଗୌତମ-ଅ ) ଋଷିବିଶେଷ; ବୁଦ୍ଧଦେବ ।

ଗୌର-ବିଂ. ଶ୍ୱେତ; ଗୋରା ।

ଗୌରବ-ବି. (ଗୁରୁ-ଅ) ଗୁରୁତ୍ୱ; ସମ୍ମାନ ।

ଗୌରାଙ୍ଗ-ବି. (ଗୌର-ଅଙ୍ଗ) ଚୈତନ୍ୟଦେବ ; ସୁନ୍ଦରକାୟ ।

ଗୌରୀ-ବି. ପାର୍ବତୀ ; ,ଅଷ୍ଟବର୍ଷୀୟା କନ୍ୟା ; ଗୌରବର୍ଣ୍ଣା ସ୍ତ୍ରୀ ।

ଗ୍ରଥିତ-ବିଂ. (ଗ୍ରନ୍ଥ୍-ତ) ଗନ୍ଥା; ଗୁମ୍ଫିତ ।

ଗ୍ରନ୍ଥ-ବି. (ଗ୍ରନ୍ଥ୍-ଅ) ପୁସ୍ତକ ।

ଗ୍ରନ୍ଥନ-ବି. (ଗ୍ରନ୍ଥ୍-ଅନ) ଗୁନ୍ଥିବା; ରଚନା ।

ଗ୍ରନ୍ଥି-ବି. (ଗ୍ରନ୍ଥ୍-ଇ) ବଂଶାଦିର ସନ୍ଧି ; ଶରୀରର ସନ୍ଧି ; ଗଣ୍ଠି ।

ଗ୍ରନ୍ଥିଳ-ବିଂ. (ଗ୍ରନ୍ଥି-ଲ) ଗ୍ରନ୍ଥିଯୁକ୍ତ ।

ଗ୍ରସନ-ବି. (ଗ୍ରସ୍-ଅନ) ଗ୍ରାସ ।

ଗ୍ରସ୍ତ-ବିଂ. (ଗ୍ରସ୍-ତ) ଗିଳିତ; ଆକ୍ରାନ୍ତ ।

ଗ୍ରହ-ବି. (ଗ୍ରହ୍-ଅ) ସୂର୍ଯ୍ୟାଦି ନବଗ୍ରହ; ଗ୍ରହଣ ।

ଗ୍ରହଣ-ବି. (ଗ୍ରହ୍-ଅନ) ନେବା ; ସ୍ୱୀକାର ; ସୂର୍ଯ୍ୟଚନ୍ଦ୍ରର ଗ୍ରାସ ।

ଗ୍ରହଣୀ-ବି. ରୋଗବିଶେଷ ।

ଗ୍ରହଣୀୟ-ବିଂ. (ଗ୍ରହ୍-ଅନୀୟ) ଗ୍ରହଣଯୋଗ୍ୟ । ଗ୍ରାହ୍ୟ ।

ଗ୍ରହରାଜ-ବି. (ଗ୍ରହ-ରାଜା) ସୂର୍ଯ୍ୟ ।

ଗ୍ରହୀତା-ବିଂ. (ଗ୍ରହ୍-ତୃ) ଗ୍ରହଣକର୍ତ୍ତା ।

ଗ୍ରାମ-ବି. ବଡ଼ ବା ଛୋଟ ପଲ୍ଲୀ; ଗାଁ ।

ଗ୍ରାମଣୀ-ବି. (ଗ୍ରାମ-ନୀ) ଗ୍ରାମର ପ୍ରଧାନବ୍ୟକ୍ତି ।

ଗ୍ରାମ୍ୟ-ବିଂ. ( ଗ୍ରାମ-ଯ ) ଗ୍ରାମଜାତ ; ନୀଚ; ଇତର ।

ଗ୍ରାସ-ବି. (ଗ୍ରସ୍-ଅ) କବଳ; ଭୋଜନ ।

ଗ୍ରାହ-ବି. (ଗ୍ରହ୍-ଅ) ଗ୍ରହଣ; କୁମ୍ଭୀର ।

ଗ୍ରାହକ, ଗ୍ରାହୀ } ବିଂ. (ଗ୍ରହ୍-ଅକ, ଇନ୍) ଗ୍ରହଣକର୍ତ୍ତା ।

ଗ୍ରାହ୍ୟ-ବିଂ. (ଗ୍ରହ୍-ଯ) ଗ୍ରହଣଯୋଗ୍ୟ; ଉପା-

ଗ୍ରୀବା-ବି. କଣ୍ଠ । [ଦେୟ ।

ଗ୍ରୀଷ୍ମ-ବି. ନିଦାଘ; ଉତ୍ତାପ ।

ଗ୍ରୈବେୟକ-ବି. ( ଗ୍ରୀବା-ଏୟ୍-କ ) ଗ୍ରୀବାର ଅଳଙ୍କାର । [ସାଦିତ ।

ଗ୍ଲପିତ-ବିଂ. (ଗ୍ଲୈ-ଣିଚ୍-ତ) ମ୍ଳାନୀକୃତ ; ଅବ-

ଗ୍ଲାନି-ବି. (ଗ୍ଲୈ-ନି) ମ୍ଳାନଭାବ ; ଅସୁସ୍ଥତା ; ଅବସାଦ ।

**ଘ** ବ୍ୟଞ୍ଜନର ଚତୁର୍ଥ ବର୍ଣ୍ଣ ବିଶେଷ ।

ଘଇତା–ବ (ଗୃହୀତୃଶବ୍ଦଜ) ସ୍ତ୍ରୀର ପତି (ଗ୍ରାମ୍ୟ ପ୍ରୟୋଗ) ।

ଘଉଡ଼ିବା–କ୍ରି. ତଡ଼ିଦେବା ।

ଘଞ୍ଚ–ବିଂ. (ଘନ ଶବ୍ଦଜ) ଗହଳିଆ; ଲଗାଲଗି ।

ଘଟ–ବି. (ଘଟ୍-ଅ) କଳସ; ଶରୀର ।

ଘଟକ–ବିଂ. (ଘଟ୍-ଅକ) ଯେ ଘଟାଏ ।

ଘଟଣ–ବି. (ଗଠନଶବ୍ଦଜ) ସୁଗଠନ; ସୁନ୍ଦର ।

ଘଟନା–ବି. (ଘଟ୍-ଅନ-ଆ) ବୃତ୍ତାନ୍ତ; ବ୍ୟାପାର । ଯୋଜନା ।

ଘଟା–ବି. (ଘଟ୍-ଆ) ଆଡ଼ମ୍ବର; ସମୂହ ।

ଘଟାଇବା–କ୍ରି. (ଘଟ୍ଧାତୁଜ) ସାଧିବା ।

ଘଟାଟୋପ–ବି.. ( ଘଟ-ଆଟୋପ ) ପାଲିଙ୍କି ପ୍ରଭୃତିର ଆଚ୍ଛାଦନ ।

ଘଟୀ / ଘଟିକା–ବି. ( ଘଟଶବ୍ଦଜ ) କାଳପରିମାଣାର୍ଥ ଜଳରେ ସ୍ଥାପିତ ସଚ୍ଛିଦ୍ର କ୍ଷୁଦ୍ର ଘଟ; ଦ୍ୱିଦଣ୍ଡ କାଳ; ଘଡ଼ିଏ ସମୟ ।

ଘଟିତ–ବିଂ. (ଘଟ୍-ତ) ଗଠିତ; ଉପକରଣଯୁକ୍ତ ।

ଘଟିବା–କ୍ରି. (ଘଟ୍ଧାତୁଜ) ଉପାଗତ ହେବା; (ଘଟନାସମ୍ବନ୍ଧେ) ।

ଘଟ୍ଟ–ବି. ନଦୀପ୍ରଭୃତିର ଘାଟ ।

ଘଡ଼ଘଡ଼ୀ–ବି. ବଜ୍ରଶବ୍ଦ ।

ଘଡ଼ୀ–ବି. (ଘଟୀଶବ୍ଦଜ) ସମୟବୋଧକ ଯନ୍ତ୍ର; ଦୁଇଦଣ୍ଡ ପରିମିତ କାଳ; କ୍ଷୁଦ୍ରଖଣ୍ଡ ।

ଘଣା–ବି. ସୋରଷ ପ୍ରଭୃତି ତେଲ ବାହାର-କରିବାର ଯନ୍ତ୍ର ।

ଘଣ୍ଟ / ଘଣ୍ଟା–ବି. କାଂସ୍ୟନିର୍ମିତ ବାଦ୍ୟଯନ୍ତ୍ର ।

ଘଣ୍ଟା–ବି. ୨½ଦଣ୍ଡ କାଳ (ଇଂରାଜୀ ୬୦ ମିନଟ)

ଘଣ୍ଟାପଥ–ବି. ରାଜମାର୍ଗ ।

ଘଣ୍ଟି–ବି. କ୍ଷୁଦ୍ର ଘଣ୍ଟି; ଘୁଙ୍ଗୁର ।

ଘଣ୍ଟିକା–ବି. କ୍ଷୁଦ୍ରଘଣ୍ଟା; ଉପଜିହ୍ୱା ।

ଘତ–ବି. କୌଶଳ; ସୂତ୍ର ।

ଘନ–ବିଂ. ବହୁଳ; ଲଗାଲଗି; ପୂର୍ଣ୍ଣ । ବି. ମେଘ; ଲୌହମୁଦ୍ଗର; ଗଣିତରେ ରାଶିର ତ୍ରିଘାତ, ଯଥା:—୪ର ଘନ = ୪ × ୪ × ୪ ।

ଘନ-କାଳ–ବି. ବର୍ଷାସମୟ ।

ଘନକ୍ଷେତ୍ର–ବି. ଦୈର୍ଘ୍ୟ, ପ୍ରସ୍ଥ ଓ ବେଧବିଶିଷ୍ଟ କ୍ଷେତ୍ର ।

ଘନ-ଘନ–କ୍ରି. ବିଂ. ଅନବରତ; ଶୀଘ୍ରଶୀଘ୍ର ।

ଘନଫଳ–ବି. ଗଣିତରେ ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାର ଗୁଣଫଳ ।

ଘନମୂଳ–ବି. ଘନୀକୃତ ରାଶିର ମୂଳରାଶି; ଯଥା- ୬୪ର ଘନମୂଳ ୪ ।

ଘନ-ରସ–ବି. ଜଳ; କର୍ପୂର ।

ଘନ-ସାର–ବି. କର୍ପୂର ।

ଘନାଘନ–ବି. ଇନ୍ଦ୍ର; ମେଘ; ମତ୍ତହସ୍ତୀ; ସଂଘର୍ଷଣ ।

ଘନିଷ୍ଠ–ବିଂ. ( ଘନ-ଇଷ୍ଠ ) ଅତିଶୟ ଘନ; ନିକଟସ୍ଥ ।

ଘମାଘୋଟ–ବି. ପ୍ରମତ୍ତଭାବ (ଗ୍ରାମ୍ୟପ୍ରୟୋଗ) ।

ଘର–ବି. ଗୃହ ।

ଘରକରଣା–ବି. ଗୃହବ୍ୟାପାର ।

ଘରଚଟିଆ–ବି. ଚଟକପକ୍ଷୀ ।

ଘରଣି -ବି. ଗୃହିଣୀ ।

ଘରି-ବି. ଖାଞ୍ଜ; ଛିଦ୍ର ।

ଘର୍ଘର-ବି. ଚକର ଶବ୍ଦ; ଅସ୍ପଷ୍ଟ ଶବ୍ଦ ।

ଘର୍ଘରିକା-ବି. ଘାଗୁଡ଼ି ।

ଘର୍ମ୍ମ-ବି. (ଘୃ-ମ) ଗ୍ରୀଷ୍ମ; ଝାଳ । ବିଂ. ଗରମ ।

ଘର୍ଷଣ-ବି. (ଘୃଷ୍-ଅନ) ମାର୍ଜନ; ଘଷିବା ।

ଘଷି-ବି. ଶୁଷ୍କଗୋମୟ ।

ଘଷା-ବି. ଅଙ୍ଗ ସଂବାହନ । ବିଂ. ଘର୍ଷିତ ।

ଘଷିବା-କ୍ରି. (ଘର୍ଷଣଶବ୍ଦଜ) ଘର୍ଷଣ କରିବା ।

ଘସ୍ର-ବି. ସୂର୍ଯ୍ୟ; ଦିବସ ।

ଘା-ବି. (ଘାତଶବ୍ଦଜ) କ୍ଷତ; ବ୍ରଣ ।

ଘାଇ-ବି. ବନ୍ୟାଯୋଗୁଁ ନଦୀବନ୍ଧ ଭଙ୍ଗଜନିତ ସଂକୀର୍ଣ୍ଣ ଜଳପଥ ।

ଘାଉଡ଼ି-ବି. ସର୍ପାଦି ଦଂଶନ ।

ଘାଗରି-ବି. ପରିଧେୟ ବସ୍ତ୍ରବିଶେଷ ।

ଘାଗୁଡ଼ି-ବି.(ଘର୍ଘରିଶବ୍ଦଜ,କ୍ଷୁଦ୍ରଘଣ୍ଟିକା; ଘୁଙ୍ଗୁର ।

ଘାଟ-ବି. ତୁଠ; ନଦୀ ପାରହେବା ସ୍ଥାନ, ମାସୁଲ ଆଦାୟ କରିବା ସ୍ଥାନ ।

ଘାଟି-ବି. ଗିରିସଙ୍କଟ; ଦୁର୍ଗ ପାର୍ବତ୍ୟ ପଥ ।

ଘାଟିଆ-ବିଂ. ଘାଟଜଗୁଆଳି ।

ଘାଣ୍ଟିଆ-ବି. ତରକାରିବିଶେଷ ।

ଘାଣ୍ଟିବା-କ୍ରି. ଗୋଳାଇବା ।

ଘାତ-ବି. (ହନ୍-ଅ) ପ୍ରହାର; ବଧ; ଗଣିତରେ କୌଣସି ରାଶିର ସେହି ରାଶିଦ୍ୱାରା ଗୁଣନ ।

ଘାତକ ବିଂ. ବା ବି. (ହନ୍-ଅକ-ଇନ୍) ହନନ-
ଘାତୀ        କର୍ତ୍ତା । ବଧକାରୀ ।

ଘାତୁକ-ବିଂ. ବା ବି. (ଘାତ-ଉକ) ବଧକାରୀ, ନିଷ୍ଠୁର ।

ଘାରି-ବିଂ. (ଘୂର୍ଣ୍ଣି ଧାତୁରୁ) ଘୂର୍ଣ୍ଣିତ; ଅଭିଭୂତ ।

ଘାରିବା-କ୍ରି. (ଘୂର୍ଣ୍ଣି ଧାତୁରୁ) ଘୂର୍ଣ୍ଣିତ କରିବା ।

ଘାନି-ବି. କପଟ ନିଦ୍ରା ।

ଘାସ-ବି. (ଘସ୍-ଅ) ତୃଣ ।

ଘିଅ-ବି. (ଘୃତଶବ୍ଦଜ) ଘୃତ ।

ଘିକଆଁଟି-ବି. ଘୃତକୁମାରୀ ଗୁଳ୍ମ ।

ଘିନ୍-ବି. (ଘୃଣାଶବ୍ଦଜ) ଘୃଣା ।

ଘିମିଚି-ବି. (ଘର୍ମ୍ମଶବ୍ଦଜ) ଘର୍ମ୍ମବିଚର୍ଚ୍ଚିକା ।

ଘୁଙ୍ଗୁଡ଼ି-ବି. ସୁପ୍ତଲୋକର ଶ୍ୱାସଧ୍ୱନି ।

ଘୁଙ୍ଗୁର-ବି. ଘଣ୍ଟି; କଟିଅଳଙ୍କାରବିଶେଷ ।

ଘୁଞ୍ଚିବା-କ୍ରି. ଅପସରିଯିବା ।

ଘୁଞ୍ଚାଇବା-କ୍ରି. ଚଳାଇବା ।

ଘୁଡ଼ି-ବି. ଶୂନ୍ୟରେ ଉଡ଼ାଇବାପାଇଁ କାଗଜ-

ଘୁଣ-ବି. କାଷ୍ଠକୀଟ ।          [ନିର୍ମିତ ଚକ୍ର ।

ଘୁମ-ବି. ମାଟିର ଧାନ୍ୟାଧାର ।

ଘୁମିବା-କ୍ରି. ବୁଲିବା; ଘୂରିବା ।

ଘୁମାଇବା-କ୍ରି. ବୁଲାଇବା ।

ଘୁମୁରିବା-କ୍ରି. ଏକପ୍ରକାର ଅବ୍ୟକ୍ତ ଶବ୍ଦ କରିବା ।

ଘୁରିବା-କ୍ରି. (ଘୂର୍ଣ୍ଣନଶବ୍ଦଜ) ବୁଲିବା ।

ଘୁସ୍-ବି. ଲାଞ୍ଚ ।

ଘୁସୁରି-ବି. (ଘୃଷ୍ଟିଶବ୍ଦଜ) ଶୂକର; ବରାହ ।

ଘୁସୁରିଆ-ବିଂ. ଶୂକରରକ୍ଷକ ।

ଘୁଷୁରିବା-କ୍ରି. ଭୂମିରେ ଲୁଣ୍ଠିତ ହେବା ।

ଘୂର୍ଣ୍ଣନ-ବ. (ଘୂର୍ଣ୍ଣ୍-ଅନ) ମଣ୍ଡଳାକାରେ ଭ୍ରମଣ; ଘୂରିବା ।

ଘୂର୍ଣ୍ଣିତ-ବଂ. (ଘୂର୍ଣ୍ଣ୍-ତ) ପରିଭ୍ରମିତ ।

ଘୃଣା-ବ. (ଘୃଣ୍-ଅ) ଅଶ୍ରଦ୍ଧା; ଅବଜ୍ଞା; ଦୟା ।

ଘୃଣିତ-ବଂ. (ଘୃଣ୍-ତ) ଜୁଗୁପ୍ସିତ; ଅବଜ୍ଞାତ ।

ଘୃଣୀ-ବଂ. ଘୃଣାଯୁକ୍ତ ।

ଘୃତ-ବ. (ଘୃ-ତ) ଘିଅ ।

ଘୃଷ୍ଟ-ବଂ. (ଘୃଷ୍-ତ) ଘଷାହୋଇଥିବା ।

ଘେନା-ବଂ. ଗୃହୀତ ।

ଘେନିବା-କ୍ରି. ନେବା; ଗ୍ରହଣ କରିବା ।

ଘେନାଇବା-କ୍ରି. ମନାଇବା; ବୁଝାଇବା ।

ଘେର-ବ. ବେଢ଼; ବେଢ଼ଣ; ପ୍ରାଚୀର ।

ଘେରି-ବଂ. ଅବୃତ; ବ. ବେଢା ।

ଘେରିବା-କ୍ରି. ବେଢିବା ।

ଘୋଘା-ବ. ଗୋଳମାଳ ଶବ୍ଦ ।

ଘୋଟକ-ବ. ଘୋଡା ।

ଘୋଟିବା-କ୍ରି. ଢାଙ୍କିବା; ଅଚ୍ଛାଦନ କରିବା ।

ଘୋଡ-ବ. ଅଚ୍ଛାଦନ ।

ଘୋଡଣୀ-ବ. (ଦେଶଜ) ଅଚ୍ଛାଦନ ।

ଘୋଡ଼ାଇବା-କ୍ରି. ଢାଙ୍କିବା; ଅଚ୍ଛାଦନ କରିବା ।

ଘୋଡହେବା-କ୍ରି. ଅଚ୍ଛାଦିତ ହେବା ।

ଘୋଡା-ବ. (ଘୋଟକଶବ୍ଦଜ) ଗାଈ ଘୋଡା ।

ଘୋଣା-ବ. ଅଣ୍ଡ ବା ଶୂକରର ନାକ ।

ଘୋର-ବଂ. (ଘୁର୍-ଅ) ଗମ୍ଭୀର; ଭୟଙ୍କର; ଦାରୁଣ ।

ଘୋରିବା-କ୍ରି. ଘଷି ଘଷି ଛଣ୍ଡାଇବା ।

ଘୋଲଦହି-ବ. ତକ୍ର, ନବନୀତ ବର୍ଜିତ ଦଧି ।

ଘୋଲାବିନ୍ଧା-ବ. ବେଦନାବିଶେଷ ।

ଘୋଷ-ବ. (ଘୁଷ୍-ଅ) ଶବ୍ଦ; ଗଉଡବସ୍ତି ।

ଘୋଷଣା-ବ. (ଘୁଷ୍-ଅନ-ଅ) ସର୍ବସାଧାରଣଙ୍କୁ ଜଣାଇବା; ପ୍ରଚାର ।

ଘୋଷିତ-ବଂ. (ଘୁଷ୍-ତ) ପ୍ରଚାରିତ ।

ଘୋଷିବା-କ୍ରି. (ଘୁଷ୍ଧାତୁଜ) ପାଠାଭ୍ୟାସ କରିବା; ପ୍ରଚାର କରିବା ।

ଘୋସାରିବା-କ୍ରି. ଭୂମିରେ ଘଷାଇ ଟାଣିବା ।

ଘ୍ନ-ବଂ. (ହନ୍ ଧାତୁରୁ) ନାଶକ; (ଶବ୍ଦାନ୍ତେ ପ୍ରୟୋଗ) ।

ଘ୍ରାଣ-ବ. (ଘ୍ରା-ଅନ) ଗନ୍ଧଗ୍ରହଣ; ନାସିକା ।

ଘ୍ରାତ-ବଂ. (ଘ୍ରା-ତ) ଯାହା ଘ୍ରାଣ କରାଯାଇ-ଅଛି ।

ଘ୍ରେୟ-ବଂ. (ଘ୍ରା-ଯ) ଘ୍ରାତବ୍ୟ, ଘ୍ରାଣଯୋଗ୍ୟ ।

---

ଙ-ବ୍ୟଞ୍ଜନର ପଞ୍ଚମ ବର୍ଣ୍ଣ; ଏ ବର୍ଣ୍ଣ କୌଣସି ପ୍ରଚଳିତ ଶବ୍ଦର ଅଦ୍ୟରେ ଥିବାର ଦେଖାଯାଏ ନାହିଁ ।

---

ଚ-ବ୍ୟଞ୍ଜନର ଷଷ୍ଠ ବର୍ଣ୍ଣ; ଅଂ. ସୂଚ୍ୟା ଅର୍ଥରେ ତଥା ଓ କଦା ଶବ୍ଦର ଅନ୍ତେ ଯୁକ୍ତ ହୁଏ ।

ଚଅଁର-ବ. (ଚାମରଶବ୍ଦଜ) ଚମରୀ-ପୁଚ୍ଛନିର୍ମିତ ବ୍ୟଜନବିଶେଷ ।

ଚଇତ-ବ. ଚୈତ୍ରମାସ ।

ଚଉ, ଚୌ-ବି. (ଚତୁଃଶବ୍ଦଜ) ଚାରି (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହାର୍ଯ୍ୟ) ।

ଚଉକ-ବି.(ଚତୁଷ୍କଶବ୍ଦରୁ)ଚୁଆଚୁଣ; ବଜାର ।

ଚଉଦୋଳ-ବି. (ଚତୁର୍ଦ୍ଦୋଳଶବ୍ଦଜ) ଚାରିଜଣ ମନୁଷ୍ୟଦ୍ୱାରା ବହନୀୟ ଶିବିକାବିଶେଷ ।

ଚଉଦ-ବି. ଚତୁର୍ଦ୍ଦଶ ।

ଚଉରା-ବି. (ଚତୁରସ୍ର ଶବ୍ଦଜ) ମୃତ୍ତିକାନିର୍ମିତ ବେଦି; ତୁଳସୀବୃକ୍ଷର ବେଦି ।

ଚଉରାଳିଶ-ବି. ଚତୁଶ୍ଚତ୍ୱାରିଂଶ, ୪୪ ।

ଚଉଁରୀ-ବି. (ଚାମରଶବ୍ଦଜ) କେଶ ନିର୍ମିତ ଚାମର ।

ଚକ୍‌ଚକ୍-ବି. ଉଜ୍ଜ୍ୱଳ ।

ଚକ-ବି. (ଚକ୍ରଶବ୍ଦଜ) ଚକ୍ର; ଚକ୍ରର ଏକ ଆବର୍ତ୍ତନ ପରିମିତ ସ୍ଥାନ ।

ଚକଟା-ବି. ଦୁଗ୍ଧ ପାଚିଲାକଦଳୀ ଓ ଶର୍କରା ମିଶ୍ରିତ ଖାଦ୍ୟ ।

ଚକଟିବା-କ୍ରି. ମିଶାଇବା; ମନ୍ଥିବା ।

ଚକଡ଼ା-ବି. ପ୍ରସ୍ତର ନିର୍ମିତ ବଡ଼ଚଟାଣ; ସ୍ଥାନ;

ଚକମକି-ବି. ଅଗ୍ନ୍ୟୁତ୍ପାଦକ ପ୍ରସ୍ତର । [ମଣ୍ଡଳ ।

ଚକା-ବି. (ଚକ୍ରଶବ୍ଦଜ) ଗୋଲ ।

ଚକି-ବି. (ଚକ୍ରଶବ୍ଦଜ) ଶସ୍ୟପେଷଣ ଯନ୍ତ୍ର ।

ଚକିତ-ବି. (ଚକ୍-ତ) ଭୟରେ କମ୍ପିତ; ବିସ୍ମିତ ।

ଚକିତେ-କ୍ରି. ବି. ବିସ୍ମିତ ଭାବରେ; ସହସା ।

ଚକୁଳି-ବି. ପିଷ୍ଟକବିଶେଷ ।

ଚକୁଳିଆପଣ୍ଡା-ବି. ଏକପ୍ରକାର ଉତ୍କଳ ବ୍ରାହ୍ମଣ ।

ଚକୋର-ବି. (ଚକ୍-ଓର) ଜ୍ୟୋତ୍ସ୍ନାପ୍ରିୟ ପକ୍ଷିବିଶେଷ ।

ଚକ୍କର-ବି. (ଚକ୍ରଶବ୍ଦଜ) ଚକ୍ରାକାର ଭ୍ରମଣ ।

ଚକ୍ରି-ବି. କ୍ଷୁଦ୍ର କ୍ଷୁଦ୍ର ଗୋଲାକାର ଖଣ୍ଡ ।

ଚକ୍ର-ବି. (ଚକ୍-ର) ଚକ; ଚକ୍ରାକାର ଅସ୍ତ୍ର; ପ୍ରଦେଶ; କୁମ୍ଭକାରଯନ୍ତ୍ର; ସମୂହ; ମଣ୍ଡଳ ।

ଚକ୍ରଧର-ବି. (ଚକ୍ର-ଧୃ-ଅ) ସୁଦର୍ଶନ ଚକ୍ରଧାରୀ ବିଷ୍ଣୁ; ସର୍ପ ।

ଚକ୍ରପାଣି-ବି. (ଚକ୍ର-ପାଣି) ବିଷ୍ଣୁ ।

ଚକ୍ରବର୍ତ୍ତୀ-ବି.(ଚକ୍ର-ବୃତ-ଇନ୍) ସମ୍ରାଟ୍; ସାର୍ବଭୌମ ରାଜା ।

ଚକ୍ରବାକ<br>ଚକ୍ରବାକୀ } ବି. ଚକୁଆ ଚକୁଇ ପକ୍ଷୀ ।

ଚକ୍ରବାଳ-ବି.(ଚକ୍ର-ବଳ୍-ଅ) ମଣ୍ଡଳ; ଦିଙ୍ମଣ୍ଡଳ ।

ଚକ୍ରବୃଦ୍ଧି-ବି. ସୁଧର ସୁଧ ।

ଚକ୍ରାଙ୍ଗ-ବି. (ଚକ୍ର-ଅଙ୍ଗ) ରଥ; ହଂସ ।

ଚକ୍ରାନ୍ତ-ବି. (ଚକ୍ର-ଅନ୍ତ) ଷଡ଼ଯନ୍ତ୍ର ।

ଚକ୍ରୀ-ବି. (ଚକ୍ର-ଇନ୍) ଷଡ଼ଯନ୍ତ୍ରକାରୀ; ବିଷ୍ଣୁ ।

ଚକ୍ଷୁଃ<br>ଚକ୍ଷୁ } ବି. (ଚକ୍ଷ୍-ଉସ୍) ଆଖି; ଦୃଷ୍ଟି ।

ଚକ୍ଷୁଃଶ୍ରବା-ବି. ( ଚକ୍ଷୁଃଶ୍ରବସ୍ ) ସର୍ପ; (ସର୍ପ ଆଖିରେ ଶୁଣେ ବୋଲି ପ୍ରବାଦ) ।

ଚକ୍ଷୁଷ୍ମାନ୍-ବି. (ଚକ୍ଷୁଃମତ୍) ଉତ୍ତମ ଦୃଷ୍ଟିସମ୍ପନ୍ନ ।

ଚଗଲା-ବି. (ଚପଲଶବ୍ଦ) ଅସ୍ଥିରଚିତ୍ତ; ଧୂର୍ତ୍ତ ।

ଚଦବା<br>ଚଜବା } କ୍ରି. (ତର୍ଜଧାତୁରୁ) ଭୟ ଦେଖାଇବା ।

ଚଙ୍କ୍ରମଣ-ବି. (କ୍ରମ୍-ଯଙ୍-ଅନ) ପୁନଃ ପୁନଃ ଭ୍ରମଣ । [କ୍ରି. ବି. ଶୀଘ୍ର ।

ଚଞ୍ଚଳ-ବି. (ଚଲ୍-ଯଙ୍-ଅ) ଅସ୍ଥିର; ଚପଳ;

ଚଞ୍ଚଳା-ବି. ଲକ୍ଷ୍ମୀ; ବିଦ୍ୟୁତ୍ ।

ଚଞ୍ଚୁ-ବି. ପକ୍ଷୀର ଥଣ୍ଟ ।

ଚଟକ-ବି. (ଚଟ୍-ଅକ) ଘରଚଟିଆ ।

ଚଟକଣା-ବି. ଚାପୁଡ଼ା ।

ଚଟକା-ବିଂ. ଚେପ୍ଟା ।

ଚଟାଣ-ବି. ଗୃହତଳ; ବିସ୍ତୃତ ସମତଳ ଭୂମି ।

ଚଟି-ବି. ପଥିକମାନଙ୍କର ନିବାସ ।

ଚଟୁ-ବି. କାଠର ହତା ।

ଚଟୁଆ-ବି. ଫଡ଼ିଙ୍ଗା ।

ଚଟୁଣି-ବି. ଅମ୍ଳମିଶ୍ର ମୁଖରୋଚକ ଦ୍ରବ୍ୟ ।

ଚଟୁଳ-ବିଂ. (ଚଟ୍-ଉଳ) ଚଞ୍ଚଳ; ଚାରୁ ।

ଚଟାଇ, ଚଟେଇ-ବି. ମସିଣା ।

ଚଡ଼କ-ବି. ବଜ୍ର ।

ଚଡ଼କିବା-କ୍ରି. ଅଳ୍ପ ଫାଟିବା ।

ଚଡ଼ା-ବି. ନଦୀମଧ୍ୟରେ ପଟୁମାଟିର ଢିପ ।

ଚଢ଼େଇ, ଚଢ଼େଇ-ବି. ପକ୍ଷୀ ।

ଚଢ଼ାଇବା-କ୍ରି. ଆରୂଢ଼ କରାଇବା ।

ଚଢ଼ାଉ-ବି. ଆକ୍ରମଣ ।

ଚଢ଼ିବା-କ୍ରି. ଆରୋହଣ କରିବା ।

ଚଣକ-ବି. ଚଣା; ବୁଟ ।

ଚଣ୍ଡ-ବିଂ. ଭୟଙ୍କର; ପ୍ରଖର; ଅସ୍ଥିରମତି ।

ଚଣ୍ଡାଳ, ଚାଣ୍ଡାଳ-ବି. (ଚଣ୍ଡ-ଅଳ-ଅ) କ୍ରୂରକର୍ମୀଲୋକ; ଘୃଣିତ ପତିତଜାତିର ଲୋକ ।

ଚଣ୍ଡିକା, ଚଣ୍ଡୀ-ବି. (ଚଣ୍ଡ-ଇକ-ଅ, ଈ) ଦୁର୍ଗା; ଅତି କୋପନା ସ୍ତ୍ରୀ ।

ଚଉତରା-ବି. (ଚତୁରସ୍ରଶବ୍ଦଜ) ଚତୁଷ୍କୋଣାକୃତି ବେଦି ।

ଚତୁର-ବିଂ. କାର୍ଯ୍ୟଦକ୍ଷ; ବୁଦ୍ଧିମାନ୍; ନିପୁଣ; ଧୂର୍ତ୍ତ ।

ଚତୁରଙ୍ଗ-ବିଂ. (ଚତୁଃ-ଅଙ୍ଗ) ହସ୍ତୀ, ଅଶ୍ୱ, ରଥ, ପଦାତି ଏହି ଚାରିଅଙ୍ଗବିଶିଷ୍ଟ (ସେନା) ।

ଚତୁରଶୀତି-ବିଂ. (ଚତୁର୍-ଅଶୀତି) ୮୪ ସଂଖ୍ୟା ।

ଚତୁରସ୍ର-ବି. (ଚତୁର୍-ଅସ୍ର) ଚତୁଷ୍କୋଣ ।

ଚତୁରାନନ-ବି. (ଚତୁଃ-ଆନନ) ବ୍ରହ୍ମା ।

ଚତୁର୍ଥ-ବିଂ. (ଚତୁଃ-ଥ) ଚାରି ସଂଖ୍ୟାର ପୂରକ ।

ଚତୁର୍ଥୀ-ବି. (ଚତୁର୍ଥ-ଈ) ତିଥିବିଶେଷ; ବ୍ୟାକରଣରେ ବିଭକ୍ତିବିଶେଷ ।

ଚତୁର୍ଦ୍ଦଶ-ବିଂ. (ଚତୁର୍-ଦଶନ୍) ୧୪ ସଂଖ୍ୟା ।

ଚତୁର୍ଦ୍ଦଶୀ-ବି. ପୂର୍ଣ୍ଣିମା ବା ଅମାବାସ୍ୟାର ପୂର୍ବ ତିଥି ।

ଚତୁର୍ଦ୍ଧା-ଅଂ. (ଚତୁଃ-ଧା) ଚାରିପ୍ରକାରରେ ।

ଚତୁର୍ଯୁଗ-ବି. (ଚତୁଃ-ଯୁଗ) ସତ୍ୟ, ତ୍ରେତା, ଦ୍ୱାପର ଓ କଳି ।

ଚତୁର୍ବର୍ଣ୍ଣ-ବି. (ଚତୁଃ-ବର୍ଣ୍ଣ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ।

ଚତୁର୍ବିଂଶତି-ବି. (ଚତୁଃ-ବିଂଶତି) ଚବିଶ ୨୪ ।

ଚତୁର୍ବିଧ-ବିଂ. (ଚତୁଃ-ବିଧ) ଚାରିପ୍ରକାର ।

ଚତୁର୍ବେଦ-ବି. (ଚତୁଃ-ବେଦ) ଋକ୍, ଯଜୁ, ସାମ ଓ ଅଥର୍ବ ।

ଚତୁଷ୍କ-ବି. (ଚତୁଃ-କ) ଚତୁଃସ୍ତମ୍ଭଯୁକ୍ତ ମଣ୍ଡପ ।

ଚକ୍ଷୁଷ୍ମତ୍—ବିଂ. (ଚକ୍ଷୁଃ-ମତ୍) ଦୃଷ୍ଟିଯୁକ୍ତ ।

ଚତ୍ୱର—ବି. ଅଙ୍ଗନ; ଅଗଣା ।

ଚତ୍ୱାରିଂଶତ୍—ବି.(ଚତୁର୍-ଦଶନ୍) ୪୦ ସଂଖ୍ୟା ।

ଚନ୍ଦନ—ବି. (ଚନ୍ଦ୍-ଅନ) ସ୍ୱନାମପ୍ରସିଦ୍ଧ ବୃକ୍ଷ; [ଚନ୍ଦନକାଠ ।

ଚନ୍ଦା—ବିଂ. ଟାଙ୍ଗସ ।

ଚନ୍ଦ୍ର—ବି. (ଚନ୍ଦ୍-ର) ଚନ୍ଦ୍ରମା, ବିଧୁ, ଇନ୍ଦୁ, ଶଶୀ ।

ଚନ୍ଦ୍ରକ—ବି. ମୟୂରପୁଚ୍ଛର ଚନ୍ଦ୍ରାକାର ଚିହ୍ନ ।

ଚନ୍ଦ୍ର-କଳା—ବି. ଚନ୍ଦ୍ରର କଳା; ଚନ୍ଦ୍ରମଣ୍ଡଳର ଷୋଡ଼ଶ ଭାଗ ।

ଚନ୍ଦ୍ରକାନ୍ତ—ବି. (ଚନ୍ଦ୍ର-କାନ୍ତ) ମଣିବିଶେଷ ।

ଚନ୍ଦ୍ରଚୂଡ଼—ବି. (ଚନ୍ଦ୍ର-ଚୂଡ଼ା) ମହାଦେବ ।

ଚନ୍ଦ୍ରଭାଗା—ବି. ନଦୀବିଶେଷ ।

ଚନ୍ଦ୍ରମା—ବି. (ଚନ୍ଦ୍ରମସ୍ ଶବ୍ଦରୁ) ଚନ୍ଦ୍ର ।

ଚନ୍ଦ୍ର-ଶାଳା—ବି. ରଥ କିମ୍ବା ପ୍ରାସାଦର ଶିରୋ- [ଗୃହ ।

ଚନ୍ଦ୍ର-ଶେଖର—ବି. ଶିବ ।

ଚନ୍ଦ୍ର-ହାର—ବି. କଟିର ଅଳଙ୍କାର ବିଶେଷ ।

ଚନ୍ଦ୍ରହାସ—ବି. ଖଡ୍ଗ; ରୌପ୍ୟ ।

ଚନ୍ଦ୍ରାତପ—ବି.(ଚନ୍ଦ୍ର-ଆତପ)ଜ୍ୟୋତ୍ସ୍ନା; ଚାନ୍ଦୁଆ ।

ଚନ୍ଦ୍ରିକା—ବି. (ଚନ୍ଦ୍ର-ଇକ-ଆ) ଜ୍ୟୋତ୍ସ୍ନା; ମୟୂରପୁଚ୍ଛର ଚନ୍ଦ୍ରକ ।

ଚପ୍‌କନ୍—ବି. ଅଙ୍ଗରଖା ବିଶେଷ ।

ଚପଟ—ବି. ପୀଡ଼ା; ଅଘାତ । [କାରୀ ।

ଚପ୍ରାସୀ—ବି. ପିଅଦା; ହାକିମମାନଙ୍କର ଅଜ୍ଞା-

ଚପଳ—ବିଂ. (ଚପ୍-ଅଳ) ଅସ୍ଥିର; ଚଞ୍ଚଳ ।

ଚପଳା—ବି. (ଚପଳ-ଆ) ଲକ୍ଷ୍ମୀ; ବିଦ୍ୟୁତ୍ । ବିଂ. ଅସ୍ଥିରା ।

ଚପେଟ, ଚପେଟିକା—ବି. ଚାପୁଡ଼ା ।

ଚମ, ଚମଡ଼ା—ବି.(ଚର୍ମଶବ୍ଦଜ) ଦେହର ଖୋଲ ।

ଚମକ—ବି. ଭୟରେ ଚିହିଁକିବା ।

ଚମତ୍କାର—ବି. (ଚମତ୍-କୃ-ଅ) ଆଶ୍ଚର୍ଯ୍ୟ; [ବିସ୍ମୟ ।

ଚମତ୍କୃତ—ବିଂ. ଆଶ୍ଚର୍ଯ୍ୟାନ୍ୱିତ ।

ଚମର, ଚମରୀ—ବି. ମୃଗବିଶେଷ ।

ଚମାର—ବି. (ଚର୍ମକାରଶବ୍ଦଜ) ନୀଚଜାତି- [ବିଶେଷ ।

ଚମୂ—ବି. ସେନା; ସୈନ୍ୟ ।

ଚମୂପତି—ବି. ସେନାପତି ।

ଚମୂରୁ—ବି. ମୃଗବିଶେଷ ।

ଚମ୍ପକ—ବି. (ଚମ୍ପ୍-ଅକ) ଚମ୍ପାଗଛ; ଚମ୍ପାଫୁଲ ।

ଚମ୍ପଟ—ବି. ପ୍ରସ୍ଥାନ; ପଳାୟନ ।

ଚମ୍ପା—ବି. ଚମ୍ପକବୃକ୍ଷ; ଚମ୍ପାଫୁଲ ।

ଚମ୍ପୂ—ବି. ଗଦ୍ୟ ପଦ୍ୟମୟ କାବ୍ୟଗ୍ରନ୍ଥ ।

ଚମ୍ପେରନେଉଳ—ବି. ଘୋଷ୍କାବିଶେଷ ।

ଚୟ—ବି. ସମୂହ, ରାଶି ।

ଚୟନ—ବି. (ଚି-ଅନ) ସଂଗ୍ରହ, ତୋଳିବା ।

ଚର—ବି. (ଚର୍-ଅ) ଗୁପ୍ତ ଦୂତ । ବିଂ. ଜଙ୍ଗମ ।

ଚରକ—ବି. ବୈଦ୍ୟଗ୍ରନ୍ଥ ପ୍ରଣେତା ମୁନିବିଶେଷ ।

ଚରଖା—ବି. (ଚକ୍ରଶବ୍ଦଜ) ସୂତାକାଟିବା ଯନ୍ତ୍ର ।

ଚରଣ—ବି. (ଚର୍-ଅନ) ପାଦ; ଶ୍ଳୋକର ଚତୁର୍ଥାଂଶ, ପଦ୍ୟର ଏକଅଂଶ ।

ଚରଣାୟୁଧ—ବି. (ଚରଣ-ଆୟୁଧ) କୁକ୍କୁଟ ।

ଚରମ—ବିଂ. (ଚର୍-ଅମ) ଅନ୍ତିମ । ବି. ପିଠି ।

ଚରମାଚଳ—ବି. (ଚରମ-ଅଚଳ) ଅସ୍ତ ପର୍ବତ ।

ଚରସ୍-ବି. ମାଦକ ଦ୍ରବ୍ୟ ବିଶେଷ ।
ଚରାଇବା-କ୍ରି. (ଚର୍ଧାତୁଜ) ପଶୁଙ୍କୁ ବୁଲାଇ ଖୁଆଇବା ।
ଚରାଚର-ବିଂ. ( ଚର-ଅଚର ) ଜଙ୍ଗମ ଓ ସ୍ଥାବର ।
ଚରିତ-ବି. (ଚର୍-ତ) ଆଚରଣ; ଜୀବନ ବୃତ୍ତାନ୍ତ ।
ଚରିତାର୍ଥ-ବିଂ. କୃତାର୍ଥ ।
ଚରିତ୍ର-ବି. (ଚର-ଇତ୍ର) ଆଚରଣ; ସ୍ୱଭାବ ।
ଚରିବା-କ୍ରି. (ଚର୍ଧାତୁଜ) ପଶୁମାନଙ୍କର ବୁଲି ଖାଇବା ।
ଚରିଷ୍ଣୁ-ବିଂ. (ଚର୍-ଇଷ୍ଣୁ) ଗମନଶୀଳ; ଜଙ୍ଗମ ।
ଚରୁ-ବି. (ଚର୍-ଉ) ଯଜ୍ଞୀୟ ପାୟସାନ୍ନ ।
ଚର୍ଖା-ବି. (ଚକ୍ରଶବ୍ଦଜ) ଚରଖା ।
ଚର୍ଚ୍ଚରୀ-ବି. ଗୀତ ବାଦ୍ୟଯୁକ୍ତ ଉତ୍ସବବିଶେଷ ।
ଚର୍ଚ୍ଚା-ବି. (ଚର୍ଚ୍ଚ୍-ଅ) ଅନୁଶୀଳନ ; ବିଚାର ; ଲେପନ ।
ଚର୍ଚ୍ଚିତ-ବିଂ. (ଚର୍ଚ୍ଚ୍-ତ) ଚନ୍ଦନଦ୍ୱାରା ଲେପିତ ।
ଚର୍ଯ୍ୟା-ବି. (ଚର୍-ଯ-ଆ) ଅନୁଷ୍ଠାନ ।
ଚର୍ବଣ-ବି. (ଚର୍ବ୍-ଅନ) ଚୋବାଇବା ।
ଚର୍ବ୍ୟ-ବିଂ. (ଚର୍ବ୍-ଯ) ଚର୍ବଣଯୋଗ୍ୟ ।
ଚର୍ବୀ-ବି. ଦେହସ୍ଥ ବସା ।
ଚର୍ମ୍ମ-ବି. ଚମଡ଼ା; ଛାଲ ।
ଚଳ / ଚଳନ୍ତ } ବିଂ. (ଚଳ୍-ଅତ, ଅ) ଚଞ୍ଚଳ; ଗମନଶୀଳ ।
ଚଳନ-ବି. (ଚଳ୍-ଅନ) ଗମନ; ଭ୍ରମଣ; କମ୍ପନ ।
ଚଳାକ-ବିଂ. କ୍ଷିପ୍ରକାରୀ; ବୁଦ୍ଧିମାନ୍ ।
ଚଳାଣ-ବି. ଛୁଡ଼ଚିଠି; ପ୍ରେରଣ ।

ଚଳିତ-ବିଂ. (ଚଳ୍-ତ) ପ୍ରସ୍ଥିତ; ଚଳୁଥିବା ।
ଚଳିବା-କ୍ରି.ବି. (ଚଳ୍ ଧାତୁଜ) ଗମନ କରିବା; ସରିବା ।
ଚଳିଷ୍ଣୁ-ବିଂ. (ଚଳ୍-ଇଷ୍ଣୁ) ଗମନଶୀଳ; ଜଙ୍ଗମ ।
ଚଳୁ-ବି. (ଚଳ୍-ଉ) ଗଣ୍ଡୁଷ ।
ଚଳେଇ-ବି. (ଚଳୁଶବ୍ଦଜ) ଏକଗଣ୍ଡୁଷ ।
ଚଶମା-ବି. ପ୍ରଚକ୍ଷୁ ।
ଚଷକ-ବି. ମଦ୍ୟପାନ ପାତ୍ର ।
ଚଷା-ବି. (କର୍ଷକଶବ୍ଦଜ) କୃଷକ ।
ଚଷାପୁଅ-ବି. ପକ୍ଷୀବିଶେଷ ।
ଚଷିବା-କ୍ରି. ହଳ ବୁଲାଇବା ।
ଚହଟିବା-କ୍ରି. ସୁଗନ୍ଧ ପ୍ରକାଶ କରିବା ।
ଚହଳ-ବି. କୋଳାହଳ ।
ଚହଲିବା-କ୍ରି. ହଲିବାଦ୍ୱାରା ପାତ୍ରରୁ ତରଳ-ପଦାର୍ଥ ବାହାରି ପଡ଼ିବା ।
ଚା-ବି. ପତ୍ରବିଶେଷ (ଫାଣ୍ଟରୂପେ ପାନୀୟ) ।
ଚାଉଳ-ବି. ତଣ୍ଡୁଳ ।
ଚାକଚକ୍ୟ-ବି. ଦୀପ୍ତି; ଉଜ୍ଜ୍ୱଳତା ।
ଚାକର-ବି. ଭୃତ୍ୟ; କର୍ମ୍ମଚାରୀ ।
ଚାକରାଣୀ-ବି. ଦାସୀ ।
ଚାକରୀ-ବି. ଭୃତ୍ୟର କର୍ମ୍ମ ।
ଚାକୁ-ବି. କ୍ଷୁଦ୍ରଛୁରୀ ।
ଚାକୁଣ୍ଡା-ବି. କ୍ଷୁଦ୍ର ଗୁଳ୍ମବିଶେଷ ।
ଚାକ୍ଷୁଷ-ବିଂ. ଚକ୍ଷୁଗୋଚର; ପ୍ରତ୍ୟକ୍ଷ ।
ଚାଖଣ୍ଡ-ବି. ଦ୍ୱାଦଶଅଙ୍ଗୁଳି ପରିମାଣ ।
ଚାଙ୍ଗି-ବି. ବାଉଁଗି; ଗଞ୍ଜ ।

ଚାଖିବା—କ୍ରି. (ଚକ୍ଷ୍ ଧାତୁଜ) ଆସ୍ୱାଦନ କରିବା ।

ଚାଙ୍ଗୁ—ବି. ବାଦ୍ୟବିଶେଷ ।

ଚାଙ୍ଗୁଡ଼ି—ବି. ଡାଲା; ପାତ୍ରବିଶେଷ ।

ଚାଚେରୀ—ବି. (ଚର୍ଚ୍ଚରୀଶବ୍ଦଜ) ଦୋଳଯାତ୍ରାର ଉତ୍ସବ । [ପଥର ଛପା ।

ଚାଞ୍ଚ—ବି. ତାଳବୃକ୍ଷପତ୍ରନିର୍ମିତ ଆସନ, ନଡିଆ-

ଚାଞ୍ଚଲ୍ୟ—ବି. (ଚଞ୍ଚଳ-ଯ) ଚଞ୍ଚଳତା ।

ଚାଞ୍ଛିବା—କ୍ରି. ଶସ୍ତ୍ରଦ୍ୱାରା ଛେଲିବା ।

ଚାଟ—ବି. (ଚଟ୍ଟଶବ୍ଦଜ) ଛାତ୍ର ।

ଚାଟଶାଳୀ—ବି. ଛାତ୍ରଶାଳା, ପାଠଶାଳା ।

ଚାଟିବା—କ୍ରି. ଲେହନ କରିବା ।

ଚାଟୁ—ବି. (ଚଟ୍-ଉ) ସ୍ତୁତିବାକ୍ୟ; ଖୋସାମୋଦ ।

ଚାଟୁକାର—ବିଂ. (ଚାଟୁ-କୃ-ଅ) ସ୍ତାବକ, ଖୋସାମୋଦିଆ ।

ଚାଣକ୍ୟ—ବି. ନୀତିଶାସ୍ତ୍ରକାରବିଶେଷ ।

ଚାଣ୍ଡାଳ—ବି. ଦୂଷିତ ପତିତ ଜାତିର ଲୋକ ।

ଚାଣ୍ଡେ—କ୍ରି. ବିଂ. ଶୀଘ୍ର ଶୀଘ୍ର; ବେଗେ ।

ଚାତକ—ବି. ମେଘଜଳ ପ୍ରାର୍ଥୀ ପକ୍ଷୀ ।

ଚାତର—ବି. ଗର୍ବ । [କୌଶଳ; ଛଳ ।

ଚାତୁରୀ—ବି. (ଚତୁର-ଅ-ଈ) ଚତୁରତା;

ଚାତୁର୍ଯ୍ୟ—ବି. (ଚତୁର-ଯ) ଚତୁରତା ।

ଚାତୁର୍ବର୍ଣ୍ଣ୍ୟ—ବି. (ଚତୁର୍ବର୍ଣ୍ଣ-ଯ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଏହି ଜାତି ବର୍ଗ ।

ଚାଦର—ବି. ଉତ୍ତରୀୟ ବସ୍ତ୍ର, ଓଢ଼ଣା ।

ଚାନ୍ଦନୀ—ବି. ଛାତ; ଜ୍ୟୋତ୍ସ୍ନା; ପକ୍କା ଅଗଣା ବା ଚଉତରା ।

ଚାନ୍ଦା—ବି. ଚେଡା ।

ଚାନ୍ଦୁଆ—ବି. ଚନ୍ଦ୍ରାତପ ।

ଚାନ୍ଦ୍ର—ବିଂ. (ଚନ୍ଦ୍ର-ଅ) ଚନ୍ଦ୍ର ସମ୍ବନ୍ଧୀୟ ।

ଚାନ୍ଦ୍ରାୟଣ—ବି. (ଚନ୍ଦ୍ର-ଅୟନ) ଚନ୍ଦ୍ରର ବୃଦ୍ଧି ଓ କ୍ଷୟ ଅନୁସାରେ ପାଳିତ କଠିନ ବ୍ରତବିଶେଷ ।

ଚାପ—ବି. (ଚପ୍-ଅ) ଧନୁ; ଚାପିବାର ଭାର ।

ଚାପଡ଼ା / ଚାପୁଡ଼ା } ବି. (ଚପେଟଶବ୍ଦଜ) ଚପେଟାଘାତ ।

ଚାପଲ୍ୟ—ବି. (ଚପଳ-ଯ) ଚାଞ୍ଚଲ୍ୟ ।

ଚାପିବା—କ୍ରି. ଭାରଦ୍ୱାରା ମାଡିବା ।

ଚାମଚ—ବି. (ଚମସଶବ୍ଦଜ) ଡଙ୍କି ।

ଚାମର—ବି. (ଚମର-ଅ) ବାଳବ୍ୟଜନ, ଚଅଁର ।

ଚାମୀକର—ବି. ସୁବର୍ଣ୍ଣ ।

ଚାମୁଣ୍ଡା—ବି. (ଚଣ୍ଡ-ମୁଣ୍ଡ-ଅ) ଦୁର୍ଗା ।

ଚାର—ବି. (ଚରଶବ୍ଦଜ) ଗୁପ୍ତଚର; ଦେଉଳ ଉପରକୁ ଚଢି ଯିବାପାଇଁ ବନ୍ଧା ସୋପାନ ।

ଚାରଣ—ବି. (ଚର୍-ଣିଚ୍-ଅନ) ଭାଟ; ପଶୁ-ଚରାଇବା ।

ଚାରା—ବି. ଉପାୟ ।

ଚାରାଗଛ—ବି. ବୀଜୋତ୍ପନ୍ନ ନୂଆଗଛ, ତଳି ।

ଚାରି—ବିଂ. (ଚତୁରଶବ୍ଦଜ) ୪ ସଂଖ୍ୟା ।

ଚାର୍ବ—ବି. (ଚର୍ବ-ଅ) ଚର୍ବ; ସାଧୁତ୍ୱ ।

ଚାରୁ—ବିଂ. (ଚର୍-ଉ) ସୁନ୍ଦର; ମନୋହର ।

ଚାଲ—ବି. (ଚଲ-ଅ) ଗୃହର ଆଚ୍ଛାଦନ ।

ଚାଳକ—ବିଂ. (ଚଲ-ଣିଚ୍-ଅକ) ଚାଳନକ ।

ଚାଳନା-ବି. ଚଳାଇବା; ପ୍ରେରଣ ।

ଚାଲି-ବି. ଚାଲିବା ଢଙ୍ଗ; ବ୍ୟବହାର ।

ଚାଲିବା-କ୍ରି. (ଚଲ୍ ଧାତୁଜ) ଗମନ କରିବା ।

ଚାଳିଶ-ବିଂ. (ଚତ୍ୱାରିଂଶତ୍ ଶବ୍ଦଜ) ୪୦ ସଂଖ୍ୟା ।

ଚାଳିଶା-ବି. ଚାଳିଶ ବର୍ଷ ବୟସରେ ନେତ୍ରର ବିକାର ।

ଚାଲୁଣୀ-ବି. (ଚାଳନୀଶବ୍ଦଜ) ଶସ୍ୟାଦି ଚଳାଇବା ପାଇଁ ଛିଦ୍ରଯୁକ୍ତ ପାତ୍ର ।

ଚାବୁକ-ବି. କୋରଡ଼ା ।

ଚାଷ-ବି. (ଚଷ୍-ଅ) କୃଷିକର୍ମ; ଭୂମିକର୍ଷଣ ।

ଚାହାଣି-ବି. ଅନାଇବା ।

ଚାହିଁବା-କ୍ରି. ଅନାଇବା ।

ଚିଅଁ-ବି. ତପ୍ତ ଲୌହଦ୍ୱାରା ଦାଗିବା ।

ଚିକ୍‌ଚିକ୍-ବିଂ. ଦୀପ୍ତିଯୁକ୍ତ ।

ଚିକ୍‌ଟା-ବିଂ. (ଚିକ୍କଲଶବ୍ଦଜ) କର୍ଦ୍ଦମିତ; ଅଠାଳିଆ ।

ଚିକଣ-ବିଂ. (ଚିକ୍କଣଶବ୍ଦଜ) ମସୃଣ; ସ୍ନିଗ୍ଧ ।

ଚିକିତ୍ସକ-ବି. (କିତ୍-ସନ୍-ଅକ) ବୈଦ୍ୟ ।

ଚିକିତ୍ସା-ବି. (କିତ୍-ସନ୍-ଅ) ରୋଗର ପ୍ରତୀକାର ।

ଚିକିତ୍ସିତ-ବିଂ. ଯାହାକୁ ଚିକିତ୍ସା କରା ହୋଇଅଛି ।

ଚିକୀର୍ଷା-ବି. (କୃ-ସନ୍-ଅ) କରିବାର ଇଚ୍ଛା ।

ଚିକୀର୍ଷୁ-ବିଂ. (କୃ-ସନ୍-ଉ) କରିବାକୁ ଇଚ୍ଛୁକ ।

ଚିକୁର-ବି. କେଶ ।

ଚିକ୍କଣ-ବିଂ. ସ୍ନିଗ୍ଧ; ମସୃଣ ।

ଚିଙ୍ଗୁଡ଼ି, ଚୁଙ୍ଗୁଡ଼ି-ବି ମତ୍ସ୍ୟବିଶେଷ ।

ଚିଞ୍ଚା-ବି. ତେନ୍ତୁଳି ।

ଚିଟାଉ-ବି. ଚିଠି, ପତ୍ର ।

ଚିଠା-ବି. ଖସଡ଼ା ।

ଚିଠି-ବି. ପତ୍ର; ଲିପି ।

ଚିଡ଼ିବା-କ୍ରି. କ୍ରୋଧ କରିବା; ବିରକ୍ତି ପ୍ରକାଶ କରିବା ।

ଚିତ୍-ବି. (ଚିତ୍-କ୍ୱିପ୍) ଚୈତନ୍ୟ; ଜ୍ଞାନ ।

ଚିତ୍-ଅ. ଉତ୍ତାନ ।

ଚିତ୍କାର, ଚୀତ୍କାର-ବି. ଉଚ୍ଚଶବ୍ଦ ।

ଚିତଡାଉ-ବି. ପକ୍ଷୀବିଶେଷ ।

ଚିତା-ବି. (ଚି-ତ-ଆ) ଶବଦାହ ଚୁଲ୍ଲୀ ।

ଚିତା-ବି. (ଚିହ୍ନଶବ୍ଦଜ) ତିଳକ ।

ଚିତ୍ତ-ବି. (ଚିତ୍-ତ) ଅନ୍ତଃକରଣ ।

ଚିତ୍ର-ବିଂ. ( ଚି-ତ୍ରି-ଅ ) ରଞ୍ଜିତ; ବିଚିତ୍ର; ଆଶ୍ଚର୍ଯ୍ୟଜନକ । ବି. ଆଲେଖ୍ୟ; ଛବି; ନକ୍ସା ।

ଚିତ୍ରକ-ବି. (ଚିତ୍ର-କ) ବୃକ୍ଷବିଶେଷ, ବ୍ୟାଘ୍ରବିଶେଷ ।

ଚିତ୍ରଭାନୁ-ବି. ସୂର୍ଯ୍ୟ; ଅଗ୍ନି ।

ଚିତ୍ରରଥ-ବି. ଗନ୍ଧର୍ବବିଶେଷ ।

ଚିତ୍ରା-ବି. (ଚିତ୍ର-ଆ) ନକ୍ଷତ୍ର ବିଶେଷ ।

ଚିନି-ବି. ଶୋଧିତ ଗୁଡ଼ଚୂର୍ଣ୍ଣ ।

ଚିନା-ବି. ସ୍ୱର୍ଣ୍ଣ ରୌପ୍ୟାଦିର ଓଜନ ବିଶେଷ; ଶସ୍ୟବିଶେଷ ।

ଚିନ୍ତନୀୟ, ଚିନ୍ତ୍ୟ-ବିଂ. ଚିନ୍ତାର ଯୋଗ୍ୟ ।

ଚିନ୍ତା-ବି. (ଚିନ୍ତ୍-ଅ) ଭାବନା, ସ୍ମରଣ; ଆଲୋଚନା ।

ଚିନ୍ତିତ-ବିଂ. (ଚିନ୍ତ୍-ତ) ଭାବିତ; ଆଲୋଚିତ ।

ଚିନ୍ମୟ-ବିଂ. (ଚିତ୍-ମୟ) ଜ୍ଞାନମୟ ।

ଚିପିଟ } ବି. ଚୂଡ଼ାନାମକ ଖାଦ୍ୟ ।
ଚିପିଟକ }

ଚିପା—ବିଂ. କୃପଣ ।

ଚିପୁଡ଼ିବା } କ୍ରି. ହସ୍ତପୀଡ଼ନଦ୍ୱାରା ଜଳ ବା ରସ
ଚୁପୁଡ଼ିବା } ବାହାର କରିବା ।

ଚିମୁଟା—ବି. ଅଗ୍ନି ଧରିବାର ଲୌହଯନ୍ତ୍ର ।

ଚିମୁଟିବା } କ୍ରି. ଦୁଇନଖଦ୍ୱାରା ପୀଡ଼ିବା ।
ଚୁମୁଟିବା }

ଚିର—କ୍ରି.ବିଂ. ଦୀର୍ଘକାଳ; ବହୁକାଳ । [ବିଶିଷ୍ଟ ।

ଚିରଞ୍ଜୀବ—ବିଂ. ( ଚିରଂ-ଜୀବ୍-ଅ ) ଦୀର୍ଘାୟୁ-

ଚିରନ୍ତନ—ବିଂ. (ଚିରଂ-ତନ) ଚିରକାଳୀନ ।

ଚିରା—ବିଂ. (ଚିରଶବ୍ଦଜ) ଛିଣ୍ଡା ।

ଚିରାୟୁଃ—ବି.(ଚିର-ଆୟୁଃ)ଚିରଜୀବୀ; ଦେବତା ।

ଚିରାଲ—ବି. ପତାକା ।

ଚିରିବା—କ୍ରି. ଛିଣ୍ଡାଇବା, ଫାଡ଼ିବା ।

ଚିରେତା—ବି. ଚିରତିକ୍ତ ବୃକ୍ଷ ବା ତାହାର ଡାଙ୍ଗ । [ବିଶେଷ ।

ଚିଲ—ବି. ( ଚିଲ୍ଲଶବ୍ଦଜ ) ସ୍ୱନାମପ୍ରସିଦ୍ଧ ପକ୍ଷୀ-

ଚିଲମ—ବି. ଧୂମପାନର ଯନ୍ତ୍ରବିଶେଷ ।

ଚିବୁକ—ବି. ଓଷ୍ଠ, ଓଠ ।

ଚିହିଁକିବା—କ୍ରି. ଚମକିବା ।

ଚିହ୍ନ—ବି. (ଚିହ୍ନ୍-ଅ) ଦାଗ; ଲକ୍ଷଣ ।

ଚିହ୍ନା—ବିଂ. (ଚିହ୍ନିତଶବ୍ଦଜ) ପରିଚିତ ।

ଚିହ୍ନିତ—ବି. ( ଚିହ୍ନ୍-ତ ) ଚିହ୍ନଯୁକ୍ତ; ଚିହ୍ନଦ୍ୱାରା

ଚୀନ୍—ବି. ଦେଶବିଶେଷ । [ଅଙ୍କିତ ।

ଚୀନା—ବି. (ଦେଶଜ) ଶସ୍ୟବିଶେଷ ।

ଚୀର—ବି. ବସ୍ତ୍ରଖଣ୍ଡ; ଚିରକନା ।

ଚୀବର—ବି. (ଚି-ବର) ଖର; କୌପୀନ ।

ଚୁଆ—ବି. ସୁଗନ୍ଧି ତୈଳବିଶେଷ ।

ଚୁଆଇବା—କ୍ରି. (ଚ୍ୟୁଧାତୁରୁ) କ୍ଷରିତ କରାଇବା ।

ଚୁକ୍ତି—ବି. ନିୟମ; ନିଷ୍ପତ୍ତି ।

ଚୁଚୁନ୍ଦା—ବି. (ଛୁଛୁନ୍ଦର ଶବ୍ଦଜ) ଗନ୍ଧମୂଷିକ ।

ଚୁଚୁନ୍ଦ୍ରୀ—ବି. ବାଣବିଶେଷ; ରୋଗବିଶେଷ ।

ଚୁଙ୍ଗା, ଚୁଙ୍ଗୀ—ବି. ନଳ ।

ଚୁଟି—ବି. (ଚୂଡ଼ାଶବ୍ଦଜ) ମୁଣ୍ଡର ବନ୍ଧାବାଳ ।

ଚୁଡ଼ା—ବି. (ଚିପିଟଶବ୍ଦଜ) ଖାଦ୍ୟବିଶେଷ ।

ଚୁନ—ବି. (ଚୂର୍ଣ୍ଣଶବ୍ଦଜ) ଶମ୍ବୁକାଦି ଭସ୍ମ ।

ଚୁନା—ବି. ଗୁଣ୍ଡା; ବିଂ. ଚୂର୍ଣ୍ଣିତ ।

ଚୁଡ଼ି—ବି. ସ୍ତ୍ରୀ ହସ୍ତାଭରଣବିଶେଷ ।

ଚୁପ୍—ବିଂ. ନିଃଶବ୍ଦ ।

ଚୁମା—ବି. (ଚୁମ୍ବ୍ଧାତୁରୁ) ଚୁମ୍ବନ ।

ଚୁମ୍ବ } ବି. (ଚୁମ୍ବ୍-ଅ, ଅନ) ଓଷ୍ଠଦ୍ୱାରା ସସ୍ନେହ
ଚୁମ୍ବନ } ସ୍ପର୍ଶ ।

ଚୁମ୍ବିତ—ବିଂ. ଓଷ୍ଠଦ୍ୱାରା ସ୍ପୃଷ୍ଟ; ସ୍ପୃଷ୍ଟ ।

ଚୁମ୍ବକ—ବି. ଅୟସ୍କାନ୍ତ ମଣି; ସଂକ୍ଷିପ୍ତ ସାର ।

ଚୁରିବା—କ୍ରି. (ଚୂର୍ଣ୍ଣ୍ଧାତୁରୁ) ଚୂର୍ଣ୍ଣ କରିବା ।

ଚୁଲ୍ଲୀ—ବି. ରନ୍ଧନାର୍ଥ ଅଗ୍ନିକୁଣ୍ଡ ।

ଚୂଡ଼ା—ବି. ଶିଖା; ଶିଖର; ଶିରୋଭୂଷଣ ।

ଚୂଡ଼ାକରଣ—ବି. ବାଳକର କେଶ ସଂସ୍କାର ବିଶେଷ ।

ଚୂଡାନ୍ତ-ବି. (ଚୂଡା-ଅନ୍ତ) ଶେଷ ।

ଚୂଡା-ମଣି-ବି. ଶିରୋରତ୍ନ; ବି. ଶ୍ରେଷ୍ଠ ।

ଚୂତ-ବି. (ଚୂଷ୍-ତ) ଆମ୍ବଗଛ; ଆମ୍ବ ।

ଚୂର୍ଣ୍ଣ } ବି. (ଚୂର୍ଣ୍ଣ-ଅ, ଅକ) ଗୁଣ୍ଡା; ଚୂନା ।
ଚୂର୍ଣ୍ଣକ }

ଚୂର୍ଣ୍ଣକୁନ୍ତଳ-ବି. ଅଳକ ।

ଚୂଳ-ବି. କେଶ; ଚୂଡା ।

ଚେଇଁବା-କ୍ରି. (ଚେତନାଶବ୍ଦରୁ) ଜାଗିବା ।

ଚେକା-ବି. ଘାସ ସଂଲଗ୍ନ ଚକାକାର ମୃତ୍ତିକା-

ଚେଙ୍ଗ-ବି. ଦଣ୍ଡ । [ଖଣ୍ଡ ।

ଚେଙ୍ଗ-ବି. ମତ୍ସ୍ୟବିଶେଷ ।

ଚେଟ-ବି. ଦାସ ।

ଚେଟୀ-ବି. ଚେର୍ଣ୍ଣ; ଦାସୀ ।

ଚେତଃ-ବି. (ଚିତ୍-ଅସ୍) ଅନ୍ତଃ; ଚିତ୍ତ ।

ଚେତନ-ବିଂ. ( ଚିତ୍-ଅନ ) ଚେତନାଯୁକ୍ତ;
ଜୀବନ୍ତ; ଚେତନା ।

ଚେତନା-ବି.(ଚିତ୍-ଅନ-ଆ)ସଂଜ୍ଞା; ଚୈତନ୍ୟ ।

ଚେତିବା-କ୍ରି. (ଚେତନଶବ୍ଦଜ) ହେତିବା ।

ଚେତାଇବା-କ୍ରି. ହେଜାଇବା; ସତର୍କ କରା-

ଚେପ୍ଟା-ବିଂ. ଚେପା; ଝୋଳ । [ଇବା ।

ଚେମଡା-ବିଂ. ଯାହା ସହଜରେ ଛିଡେ ନାହିଁ ।

ଚେର-ବି. ମୂଳ ।

ଚେଳ-ବି. ବସ୍ତ୍ର; ପଟ୍ଟବସ୍ତ୍ର ।

ଚେଲା-ବି. ବୈରାଗୀମାନଙ୍କର ଶିଷ୍ୟ ।

ଚେଷ୍ଟା-ବି. (ଚେଷ୍ଟ୍-ଆ) କାର୍ଯ୍ୟରେ ପ୍ରବୃତ୍ତି;
କ୍ରିୟା; ଯତ୍ନ । [ବି. ଅଙ୍ଗଭଙ୍ଗୀ କ୍ରିୟା ।

ଚେଷ୍ଟିତ-ବିଂ. ( ଚେଷ୍ଟ୍-ତ ) ଚେଷ୍ଟାଯୁକ୍ତ;

ଚେହେରା-ବି. ମୁଖର ଆକୃତି ।

ଚୈତନ୍ୟ-ବି. ( ଚେତନ-ଯ ) ଚେତନା;
ଗୌରାଙ୍ଗନାମକ ଧର୍ମପ୍ରଚାରକ ।

ଚୈତ୍ୟ-ବି. ପ୍ରସ୍ତରସ୍ତୂପ; ସମାଧିସ୍ଥାନ; ବୌଦ୍ଧ-
ମାନଙ୍କର ପୂଜାସ୍ଥାନ; ପୂଜିତବୃକ୍ଷ ।

ଚୈତ୍ର-ବି. (ଚିତ୍ରା-ଅ) ଚୈତ୍ରମାସ; ମଧୁମାସ ।

ଚୈତ୍ରରଥ-ବି. କୁବେରର ଉଦ୍ୟାନ ।

ଚୋଖା-ବି. (ଚୋକ୍ଷଶବ୍ଦଜ) ପରୀକ୍ଷାରେ ବିଶୁଦ୍ଧ

ଚୋଚମିବା-କ୍ରି. ଚୁଷିବା । [ପ୍ରମାଣିତ ।

ଚୋଟ-ବି. ଅସ୍ତ୍ରର ଆଘାତ ।

ଚୋଠା-ବିଂ. ପାଜି; ପ୍ରବଞ୍ଚକ । [ପ୍ରବର୍ତ୍ତକ ।

ଚୋଦୟିତା-ବିଂ. ( ଚୁଦ୍-ଇ-ତୃ ) ପ୍ରେରକ;

ଚୋଦିତ-ବିଂ.(ଚୁଦ୍-ତ) ପ୍ରେରିତ; ନିଯୋଜିତ ।

ଚୋପ-ବି. ଚର୍ମ; ଅକ୍ରିଅରନାମ ।

ଚୋପା-ବି. ପରିବା ପ୍ରଭୃତିର ଛାଲ ।

ଚୋବାଇବା-କ୍ରି.(ଚର୍ବ୍‌ଧାତୁରୁ) ଚର୍ବଣକରିବା ।

ଚୋର-ବି. ପରଦ୍ରବ୍ୟାପହାରୀ ।

ଚୋରା-ବିଂ. ଅପହୃତ; ଗୁପ୍ତ ।

ଚୋରାବାଲି-ବି. ଧସାବାଲି ।

ଚୋରି-ବି. ଚୌର୍ଯ୍ୟ; ଅପହରଣ ।

ଚୋଳି-ବି. କାଞ୍ଚୁଲି; (ସ୍ତ୍ରୀ ପରିଧେୟ) ।

ଚୋଷିବା-କ୍ରି. (ଚୂଷ୍‌ଧାତୁରୁ) ଚୂଷଣ; ଯେତିମି
ରସ ପିଇବା ।

ଚୋଷ୍ୟ–ବି. (ଚୁଷ୍-ଯ) ଚୁଷଣର ଯୋଗ୍ୟ ।
ଚୌକସ–ବି. ଚାରିଅଡ଼କୁ ନଜର ଯାହାର ।
ଚୌକା–ବି. ରନ୍ଧନସ୍ଥାନର ମାର୍ଜନ ।
ଚୌକାଠ–ବି. (ଚତୁଃ-କାଷ୍ଠ) ଦ୍ୱାରବନ୍ଧ ।
ଚୌକି–ବି. (ଚତୁଷ୍କୀଶବ୍ଦଜ) କାଷ୍ଠାସନ; ପହରା ।
ଚୌକିଅ, ଚୌକିଦାର } ବି. ପ୍ରହରୀ; ଜଗୁଆଳୀ ।
ଚୌଠ, ଚୌଥ } ବି. (ଚତୁର୍ଥଶବ୍ଦଜ) ଚାରିଭାଗର ଏକ-ଭାଗ ।
ଚୌଠୀ–ବି. (ଚତୁର୍ଥୀଶବ୍ଦଜ) ଉତ୍ସବବିଶେଷ; ବିବାହର ଚତୁର୍ଥଦିନ ।
ଚୌଡ଼ା–ବି. ପ୍ରସ୍ଥପରିମାଣ; ପରିସର; ଓସାର ।
ଚୌଧୁରୀ–ବି. (ଚତୁର୍ଦ୍ଧୁରୀଣଶବ୍ଦଜ) ଉପାଧି-ବିଶେଷ; ଯେ ସବୁ କର୍ମରେ ଧୁରନ୍ଧର ।
ଚୌପଟ–ବି. ଚାରିଗୁଣ ।
ଚୌପଦୀ–ବି. ଚାରିପଦରେ ସମାପ୍ତ ଗୀତ ।
ଚୌପାଢ଼ୀ–ବି. (ଚତୁଷ୍ପାଠୀଶବ୍ଦଜ) ସଂସ୍କୃତ ପାଠଶାଳା; ବୈଠକଖାନା ।
ଚୌର–ବି. (ଚୁର-ଅ) ଚୋର ।
ଚୌରସ–ବି. (ଚତୁରସ୍ରଶବ୍ଦଜ) ଚାରିଆଡ଼େ [ସମାନ ।
ଚୌରାନବେ–ବି. ଚତୁର୍ନବତି; ୯୪ ।
ଚୌରାଶୀ–ବି. ଚତୁରଶୀତି; ୮୪ ।
ଚୌର୍ଯ୍ୟ–ବି. (ଚୋର-ଯ) ଚୋରକର୍ମ ।
ଚୌସାର–ବି. (ଚତୁଃସାରଶବ୍ଦଜ) ଖେଳା-ବିଶେଷ ।
ଚୌସ୍ତରି–ବି. ଚତୁଃସପ୍ତତି; ୭୪ ।
ଚ୍ୟବନ–ବି. (ଚ୍ୟୁ-ଅନ) କ୍ଷରଣ ।
ଚ୍ୟୁତ–ବି. (ଚ୍ୟୁ-ତ) କ୍ଷରିତ; ଭ୍ରଷ୍ଟ; ପତିତ ।
ଚ୍ୟୁତି–ବି. (ଚ୍ୟୁ-ତି) ପତନ; ନାଶ ।

---

## ଛ

ବ୍ୟଞ୍ଜନର ସପ୍ତମ ବର୍ଣ୍ଣ ।

ଛଅ–ବି. (ଷଟ୍‌ଶବ୍ଦରୁ) ୬ ସଂଖ୍ୟା ।
ଛଅର–ବି. (କ୍ଷୌରଶବ୍ଦଜ) କେଶମୁଣ୍ଡନ ।
ଛଇ–ବି. (ଛବିଶବ୍ଦଜ) ଲୋକର ବହିର୍ଦୃଶ୍ୟ; କେଶବିନ୍ୟାସ ।
ଛଇଲ–ବି. (ଛବିଲଶବ୍ଦଜ) କେଶବିନ୍ୟାସ ଦ୍ୱାରା [ସୁନ୍ଦର ।
ଛଉ–ବି. ଖେଳବିଶେଷ ।
ଛକ–ବି. ଚତୁଷ୍ପଥ-ମିଳନ-ସ୍ଥାନ ।
ଛକିବା–କ୍ରି. ଗୁପ୍ତଭାବରେ ଜଗିବା ।
ଛଞ୍ଚାଣ–ବି. ଶ୍ୟେନପକ୍ଷୀ, ବାଜ ।
ଛଟକ–ବି. ଚଞ୍ଚଳ; ଦୁଷ୍ଟଭାବ ।
ଛଟପଟ–ବି. ଯନ୍ତ୍ରଣାପ୍ରାପ୍ତ, କଲବଲ ।
ଛଟା–ବି. କିରଣଗୁଚ୍ଛ; କାନ୍ତି; ଭଙ୍ଗୀ; କପଟ ।
ଛଟାଙ୍କି–ବି. ସେରର ଷୋଡ଼ଶାଂଶ ।
ଛଡ଼ା–ବି. ମାଇବାଛୁରି ।
ଛଡ଼ାଇବା–କ୍ରି. ତ୍ୟାଗ କରାଇବା; ବଳପୂର୍ବକ [ନେବା ।
ଛଡ଼ି–ବି. ହାତବାଡ଼ି ।
ଛଣ–ବି. (ଛଦ୍-ଧାତୁରୁ) ଘରଛପରିବା ଶୁଷ୍କତୃଣ ।
ଛଣା–ବି. ଛାଣିବା ଦ୍ୱାରା ପରିଷ୍କୃତ ।
ଛଣି–ବି. (ଶଣଶବ୍ଦଜ) ଛଣପଟନିର୍ମିତ ରଜ୍ଜୁ ।

ଛଡା—ବି. (ଛତ୍ରଶବ୍ଦଜ) ଛତା ।
ଛଡାଉଣ୍ଡି—ବି. (ଶତାବରୀଶବ୍ଦଜ) ବୃକ୍ଷବିଶେଷ ।
ଛଡଆ—ବି. ଦାନ୍ତ ଓ ଜିଭର ମଳି ।
ଛତିଶ—ବିଂ. ଷଟ୍‌ତ୍ରିଂଶତ୍; ୩୬ ।
ଛତୁ—ବି. (ଶକ୍ତୁଶବ୍ଦଜ) ଯବାଦି ଚୂର୍ଣ୍ଣ ।
ଛତୁ—ବି. (ଛତ୍ରାକଶବ୍ଦଜ) ଉଦ୍ଭିଦ ବିଶେଷ ।
ଛତ୍ର—ବି. (ଛଦ୍-ତ୍ର) ଛତା; ରାଜଚିହ୍ନବିଶେଷ; ଅନ୍ନାଦି ବିତରଣର ସ୍ଥାନ ।
ଛତ୍ର-ପତି—ବି. ରାଜା । [କତା ।
ଛତ୍ର-ଭଙ୍ଗ—ବି. (ଛତ୍ର-ଭଙ୍ଗ) ନିପାକାଶ; ଅରାଜ-
ଛତ୍ରୀ—ବିଂ. (କ୍ଷତ୍ରିୟଶବ୍ଦଜ) କ୍ଷତ୍ରିୟ ।
ଛଦ, ଛଦନ } ବି. (ଛଦ୍-ଅ,ଅନ) ଆଚ୍ଛାଦନ ।
ଛଦ୍ମ—ବି. (ଛଦ୍-ମନ୍) କପଟ; ଛଳ ।
ଛନକା—ବି. ଧକା, ଭୟ ।
ଛନଛନ—ବିଂ. ଅତି ଚଞ୍ଚଳ; ଉଦ୍‌ବିଗ୍ନ ।
ଛନ୍ଦ—ବି. ଅଭିଲାଷ; କପଟ; ସନ୍ନିପାତବେଗ; ବନ୍ଧନ ରଜ୍ଜୁ ।
ଛନ୍ଦଃ—ବିଂ. (ଛନ୍ଦ୍-ଅସ୍) ପଦର ବୃତ୍ତ; ବେଦ ।
ଛନ୍ନ—ବିଂ. (ଛଦ୍-ତ) ଗୁପ୍ତ; ଆଚ୍ଛାଦିତ ।
ଛପର—ବି. ଘରର ଚାଳ ।
ଛପନ—ବିଂ. ଷଟ୍‌ପଞ୍ଚାଶତ୍; ୫୬ ସଂଖ୍ୟା ।
ଛପିବା—କ୍ରି. ଲୁଚିବା ।
ଛବିଶ—ବିଂ. ଷଡ୍‌ବିଂଶ; ୨୬ ସଂଖ୍ୟା ।
ଛୟାଅଶୀ—ବିଂ. ଷଟ୍‌ଅଶୀତି; ୮୬ ସଂଖ୍ୟା ।
ଛୟାନବେ—ବିଂ. ଷଟ୍‌ନବତି; ୯୬ ସଂଖ୍ୟା ।
ଛୟାଳିଶ—ବିଂ. ଷଟ୍‌ଚତ୍ୱାରିଂଶ; ୪୬ ସଂଖ୍ୟା ।
ଛଳ—ବି. କପଟ; ଚାତୁରୀ; ଅଭିମାନ ।
ଛଳନା—ବି. (ଛଳ୍-ଅନ-ଆ) ପ୍ରତାରଣା ।
ଛଳିବା—କ୍ରି. ପ୍ରତାରିତ କରିବା ।
ଛବି—ବି. ପ୍ରତିରୂପ; ଦୀପ୍ତି; କାନ୍ତି ।
ଛଷଠୀ—ବିଂ. ଷଟ୍‌ଷଷ୍ଟି; ୬୬ ସଂଖ୍ୟା ।
ଛସ୍ତରି—ବିଂ. ଷଟ୍-ସପ୍ତତି; ୭୬ ସଂଖ୍ୟା ।
ଛାଇ—ବି. (ଛାୟାଶବ୍ଦଜ) ଛାୟା ।
ଛାଇବା—କ୍ରି. (ଛଦ୍-ଧାତୁଜ) ଆଚ୍ଛାଦିତ କରିବା ।
ଛାଉଣି—ବି. ଛପରବନ୍ଧ; ସୈନ୍ୟଶିବିର ।
ଛାଗ, ଛାଗଳ—ବି. ଛେଳି ।
ଛାଚ—ବି. କଳ, ନବାତ ।
ଛାଟ, ଛାଟଣି—ବି. ଚାବୁକ ।
ଛାଞ୍ଚ—ବି. ଠସା; ଅକୃତ ।
ଛାଞ୍ଚୁଣୀ—ବି. ଝାଡୁ ।
ଛାଡ଼—ବି. ତ୍ୟାଗ; ଅନୁମତି ।
ଛାଡ଼ିବା—କ୍ରି. ତ୍ୟାଗ କରିବା । [କରିବା ।
ଛାଣିବା—କ୍ରି. ବସ୍ତ୍ରାଦି ଦ୍ୱାରା ସାରାଂଶ ବାହାର
ଛାତ—ବି. (ଛଦଶବ୍ଦଜ) କୋଠାଘରର ଆଚ୍ଛାଦନ ।
ଛାତ୍ର—ବି. (ଛତ୍ର-ଅ) ଶିଷ୍ୟ; ପଡୁଆ ।
ଛାଦନ—ବି. (ଛଦ୍-ଣିଚ୍-ଅନ)ଆଚ୍ଛାଦନ; ଢାଙ୍କିବା ।
ଛାଦିତ—ବିଂ.(ଛଦ୍-ଇ-ତ) ଆଚ୍ଛାଦିତ; ଆବୃତ ।
ଛାନୟା—ବିଂ. ଅବସ୍ଥିକ ଉପରେ ବସ୍ତ୍ର ।
ଛାନ୍ଦ—ବି. (ଛନ୍ଦଃଶବ୍ଦଜ) ପଦ୍ୟ; ପଦ୍ୟଗ୍ରନ୍ଥର ପରିଚ୍ଛେଦ ବିଶେଷ ।
ଛାନ୍ଦସ—ବିଂ. (ଛନ୍ଦସ୍-ଅ) ବେଦସମ୍ବନ୍ଧୀୟ ।

ଛପ—ବି. (ଛପ୍‌ଧାତୁଜ) ମୁଦ୍ରାଚିହ୍ନ ।

ଛପା—ବି. ମୁଦ୍ରାଙ୍କନ ।

ଛପାଖାନା—ବି. ମୁଦ୍ରାଯନ୍ତ୍ରାଳୟ ।

ଛମୁ—ବି. (ସମ୍ମୁଖଶବ୍ଦଜ) ସମ୍ମୁଖ; ରାଜାଙ୍କ ପ୍ରତି ସମ୍ମାନ-ସୂଚକ ପଦ । [ପେଷ୍କାର ।

ଛମୁକରଣ—ବି. ରାଜା ବା ଜମିଦାରଙ୍କର

ଛମୁଣ୍ଡିୟା—ବି. ଛାୟାମଣ୍ଡପ । [ସୁଙ୍ଘିପେଢ଼ୀ ।

ଛାୟା—ବି. (ଛୋ-ଯ-ଅ) ଛାଇ; କାନ୍ତି; ପ୍ରତିବିମ୍ବ;

ଛାୟାପଥ—ବି. ଆକାଶର ଜ୍ୟୋତିର୍ମୟ ପଥ; ଦେବଦାଣ୍ଡ ।

ଛାର—ବିଂ. (କ୍ଷାରଶବ୍ଦଜ) ମନ୍ଦ; ଅଗ୍ରାହ୍ୟ; ନୀଚ ।

ଛାରଖାର—ବିଂ. (କ୍ଷାରଶବ୍ଦଜ) ବିନଷ୍ଟ ।

ଛାରପୋକ—ବି. ଓଡ଼ଶପୋକ ।

ଛାଲ—ବି. ବକ୍କଳ; ପଶୁଚର୍ମ ।

ଛି—ଅଂ. ଘୃଣାସୂଚକ ଶବ୍ଦ ।

ଛିଙ୍କ—ବି. ନାକଦ୍ୱାର ସଶବ୍ଦ ଶ୍ଳେଷ୍ମନିର୍ଗମନ ।

ଛିଞ୍ଚିବା—କ୍ରି. (ସିଞ୍ଚନଶବ୍ଦଜ) ସେଚନ କରିବା ।

ଛିଟ—ବି. (ଚିହ୍ନଶବ୍ଦଜ) ଚିହ୍ନବସ୍ତ୍ର ।

ଛିଟା—ବି. ବିନ୍ଦୁ; କଣା ।

ଛିଡ଼ା—ବି. ଠିଆ ।

ଛିଡ଼ିକିବା—କ୍ରି. ଟିକ୍‌ର ପଡ଼ିବା ।

ଛିଡ଼ିବା } କ୍ରି. (ଛିଦ୍‌ଧାତୁରୁ) ଛିନ୍ନ ହେବା ।
ଛିଣ୍ଡିବା }

ଛିଣ୍ଡା—ବିଂ. (ଛିନ୍ନଶବ୍ଦଜ) ଛିନ୍ନ ।

ଛିଣ୍ଡାଇବା—କ୍ରି. ଛିନ୍ନ କରିବା; ନଷ୍ଟ କରିବା ।

ଛିଣ୍ଡାଳି—ବି. କୁଳଟା ସ୍ତ୍ରୀ ।

ଛିଦ୍ର—ବି. (ଛିଦ୍-ର) କ୍ଷୁଦ୍ରଗର୍ତ୍ତ; ରନ୍ଧ୍ର; ଦୋଷ ।

ଛିନ୍ନ—ବିଂ. (ଛିଦ୍-ତ) ଖଣ୍ଡିତ; ଛିଣ୍ଡା ।

ଛୁଆ—ବି. ପଶୁଶାବକ; ପିଲା ।

ଛୁଇଁ—ବି. ଲମ୍ବା ଲମ୍ବା ଫଳବିଶେଷ ।

ଛୁଇଁବା—କ୍ରି. ସ୍ପର୍ଶକରିବା ।

ଛୁଞ୍ଚି—ବି. (ସୂଚୀଶବ୍ଦଜ) ସୂଚୀ ।

ଛୁରିଅନା—ବି. ପୁଷ୍ପବିଶେଷ ।

ଛୁରିକା } ବି. (ଛୁର୍-ଇକ-ଅ, ଈ) ଅସ୍ତ୍ରବିଶେଷ ।
ଛୁରୀ }

ଛୁରିତ—ବିଂ. (ଛୁର୍-ତ) ଲିପ୍ତ ।

ଛେଉଣ୍ଡ—ବିଂ. (ଛେମଣ୍ଡଶବ୍ଦଜ) ପିତୃମାତୃହୀନ ପିଲା । [ବିହନ ।

ଛେକ—ବି. ବାର; ଠାକୁର ନିମିତ୍ତ ଭୋଗ-ଭାର-

ଛେଙ୍କା—ବି. ତପ୍ତ ଲୌହର ଦାଗ ।

ଛେଚିବା—କ୍ରି. କୁଟିବା ।

ଛେତ୍ତବ୍ୟ—ବିଂ. (ଛିଦ୍-ତବ୍ୟ) ଛେଦନଯୋଗ୍ୟ ।

ଛେଦ—ବି. (ଛିଦ୍-ଅ) ଖଣ୍ଡ; ଭାଗ; ଛେଦନ ।

ଛେଦକ—ବିଂ. (ଛିଦ୍-ଅକ) ଛେଦନକାରୀ ।

ଛେଦନ—ବି. (ଛିଦ୍-ଅନ) କର୍ତ୍ତନ ।

ଛେଦା—ବି. ଧଡ଼ିରହିତ ବସ୍ତ୍ର; ଏକପ୍ରକାର ଦହି ।

ଛେଦିତ—ବିଂ. (ଛିଦ୍-ଇ (ଣିଚ୍)-ତ) କର୍ତ୍ତିତ ।

ଛେନା—ବି. ଦୁଗ୍ଧଜାତ ଏକପ୍ରକାର ଖାଦ୍ୟ ।

ଛେପ—ବି. (କ୍ଷିପ୍‌ଧାତୁଜ) ନିଷ୍ଠୀବନ; ଥୁକାର ।

ଛେରିବା—କ୍ରି. ତରଳ ମଳ ନିଃସାରଣ କରିବା ।

ଛେଳନ୍ତ-ବି. ପରମାଣୁବିଶେଷ।

ଛେଳିବା-କ୍ରି. ଏଞ୍ଚିବା।

ଛେଳି-ବି. ଛାଗଳ।

ଛେଳ-ବି. ଛାଗ; ବକଳ।

ଛୋକାର-ବି.(ଶିକାରଶବ୍ଦଜ)ଉପପତ୍ନୀର ଘର; ବେଶ୍ୟାର ଘର; ଭଡ଼ୁଆ।

ଛୋଟ-ବିଂ. (କ୍ଷୁଦ୍ରଶବ୍ଦଜ) ସାନ; କନିଷ୍ଠ; ଅଧମ।

ଛୋଟା-ବିଂ. ଲେଙ୍ଗଡ଼ା।

ଛୋଟୀ-ବିଂ. ଲେଙ୍ଗଡ଼ି।

---

## ଜ

ବ୍ୟଞ୍ଜନବର୍ଣ୍ଣର ଅଷ୍ଟମ ଅକ୍ଷର।

ଜି-ଜାତ (ଶବ୍ଦର ଶେଷରେ ପ୍ରଯୁକ୍ତ)

ଜଉ-ବି. (ଜତୁଶବ୍ଦଜ) ଲାଖ।

ଜକଜକ-ବିଂ. ଉଜ୍ଜ୍ୱଳ।

ଜକାଜକି-କ୍ରି. ଲଗାଲଗି।

ଜଖ-ବି. (ଯକ୍ଷଶବ୍ଦର ଅପଭ୍ରଂଶ) ପ୍ରବାଦ ଅଛି ଯେ କୌଣସି ସ୍ଥଳରେ ସୁନା ଅନେକ ଦିନ-ଯାଏ ପୋତା ରହିଲେ ତାହା ଜନ୍ତୁ ପାଲଟି-ଯାଇ ଭ୍ରମଣଶୀଳ ହୁଏ; ସେହି ସ୍ୱର୍ଣ୍ଣସର୍ପଙ୍କୁ ଜଖ କହନ୍ତି।

ଜଗଝମ୍ପ-ବି. ବାଦ୍ୟଯନ୍ତ୍ରବିଶେଷ।

ଜଗତ୍-ବି. (ଗମ୍-ଅତ୍) ସଂସାର।

ଜଗତୀ-ବି. (ଜଗତ୍-ଈ) ପୃଥିବୀ।

ଜଗଚ୍ଚକ୍ଷୁଃ-ବି. (ଜଗତ୍-ଚକ୍ଷୁଃ) ସୂର୍ଯ୍ୟ।

ଜଗତ୍ପିତା-ବି. ବ୍ରହ୍ମାଣ୍ଡରକ୍ଷକ।

ଜଗତ୍ପ୍ରାଣ-ବି. ବାୟୁ; ପବନ।

ଜଗଦମ୍ବା-ବି.(ଜଗତ୍-ଅମ୍ବା)ଜଗନ୍ମାତା; ଦୁର୍ଗା।

ଜଗଦୀଶ-ବି. (ଜଗତ୍-ଈଶ) ଜଗନ୍ନାଥ।

ଜଗଦ୍ଧାତ୍ରୀ-ବି. (ଜଗତ୍-ଧାତ୍ରୀ) ଦୁର୍ଗା।

ଜଗନ୍ନାଥ-ବି. (ଜଗତ୍-ନାଥ) ବ୍ରହ୍ମାଣ୍ଡର ପ୍ରଭୁ; ପୁରୀର ପ୍ରସିଦ୍ଧ ଠାକୁର।

ଜଘନ-ବି. (ହନ୍-ଯଙ୍-ଅନ) କଟି।

ଜଘନ୍ୟ-ବିଂ. (ଜଘନ-ଯ) ନୀଚ; ହେୟ।

ଜଙ୍ଗମ-ବିଂ. (ଗମ୍-ଅ) ଗମନଶୀଳ; ଅସ୍ଥାବର।

ଜଙ୍ଗଲ-ବି. ଅରଣ୍ୟ; ପଡ଼ିଆଜମି।

ଜଙ୍ଗଲୀ-ବିଂ. ଅସଭ୍ୟ।

ଜଂଘ-ବି. (ଜଙ୍ଘାଶବ୍ଦଜ) ଊରୁ।

ଜଂଘା-ବି. (ଜଙ୍ଘ୍-ଆ) କଟିଠାରୁ ଅଣ୍ଟୁପର୍ଯ୍ୟନ୍ତ; ଜାନୁ।

ଜଂଘିହରଡ଼ା-ବି. କ୍ଷୁଦ୍ର ହରଲଙ୍କା।

ଜଂଘିଆ-ବି. ଜାନୁ-ଆଚ୍ଛାଦକ ବସ୍ତ୍ର।

ଜଗିର-ବି. ଘର ବୁଝିବା।

ଜଞ୍ଜାଳ-ବି. ଅବର୍ଜନା; ଉତ୍ପାତ।

ଜଟ-ବି. (ଜଟାଶବ୍ଦଜ) ଜଟା; ଜଡ଼ିତ କେଶ।

ଜଟାଜୂଟ-ବି. ଏକତ୍ରିତ ଜଟାସମୂହ।

ଜଟାମାଂସୀ-ବି.(ଜଟା-ମାଂସୀ)ଔଷଧିବିଶେଷ।

ଜଟିଆ-ବିଂ. ଜଟାଯୁକ୍ତ।

ଜଟିଳ-ବିଂ. (ଜଟା-ଇଲ) ଜଟାଧାରୀ; ଦୁର୍ବୋଧ୍ୟ।

ଜଟୁଳି-ବି. ଦେହରେ ଥିବା କଳାଦାଗ ବା ଚିହ୍ନ।

ଜଠର-ବି. ଉଦର; ଗର୍ଭ।

ଜଠର-ଜ୍ୱାଳା-ବି. ଅତ୍ୟନ୍ତ କ୍ଷୁଧା।

ଜଡ଼-ବିଂ. (ଜଲ୍-ଅ) ଅଚେତନ; ବୁଦ୍ଧିହୀନ; ନିଶ୍ଚେଷ୍ଟ ।

ଜଡ଼ତା-ବି. ନିଶ୍ଚେଷ୍ଟତା; ସ୍ତବ୍ଧଭାବ ।

ଜଡ଼ା-ବି. ଗବଗଛ । ବିଂ. କାଲ ।

ଜଡ଼ି-ବି. ଔଷଧବୃକ୍ଷର ମୂଳ ।

ଜଡ଼ିତ-ବିଂ. ଲିପ୍ତ; ଅବେଷ୍ଟିତ ।

ଜଡ଼ିବା-କ୍ରି. ମିଶିବା; ଯୁକ୍ତ ହେବା ।

ଜଡ଼ିମା-ବି. (ଜଡ୍-ଇମନ୍) ଜଡ଼ଭାବ; ଜାଡ୍ୟ ।

ଜଡ଼ୋଇ-ବିଂ. ମଣିଖଚିତ ।

ଜଣ-ବି. (ଜନଶବ୍ଦଜ) ଲୋକ; ମନୁଷ୍ୟ ।

ଜଣା-ବିଂ. (ଜ୍ଞାଧାତୁରୁ) ଜ୍ଞାତ ।

ଜଣାଣ-ବି. (ଜ୍ଞାଧାତୁଜ) ପ୍ରାର୍ଥନା ।

ଜତୁ-ବି. ଜଉ; ଲାକ୍ଷା ।

ଜତ୍ରୁ-ବି. ଗ୍ରୀବାସ୍ଥି ।

ଜନ-ବି. (ଜନ୍-ଅ) ମନୁଷ୍ୟ ।

ଜନକ-ବି. (ଜନ୍-ଅକ) ପିତା; ରାଜର୍ଷିବିଶେଷ ।

ଜନତା-ବି. (ଜନ-ତା) ଜନସମୂହ; ଭିଡ଼ ।

ଜନନ-ବି. (ଜନ୍-ଅନ) ଉତ୍ପତ୍ତି ।

ଜନନୀ-ବି. (ଜନ୍-ଅନ-ଈ) ମାତା ।

ଜନପଦ-ବି. ଦେଶ; ଲୋକାଳୟ ।

ଜନୟିତା-ବି. (ଜନ୍-ଇ-ତୃ) ପିତା ।

ଜନୟିତ୍ରୀ-ବି. (ଜନ୍-ଇ-ତୃ-ଈ) ମାତା । ବିଂ. ଉତ୍ପାଦିକା ।

ଜନରବ / ଜନ-ଶ୍ରୁତି } ବି. କିମ୍ବଦନ୍ତୀ; ଶୁଣାକଥା ।

ଜନସ୍ଥାନ-ବି. ଦଣ୍ଡକାରଣ୍ୟ ମଧ୍ୟସ୍ଥ ସ୍ଥାନବିଶେଷ ।

ଜନାନା-ବି. ସ୍ତ୍ରୀମହଲ ।

ଜନାନ୍ତିକ-ବିଂ. (ଜନ-ଅନ୍ତିକ) ଗୋପନ ।

ଜନାର୍ଦ୍ଦନ-ବି. (ଜନ-ଅର୍ଦ୍-ଅନ) କୃଷ୍ଣ ।

ଜନି-ବି. (ଜନ୍-ଇ) ସ୍ତ୍ରୀ ।

ଜନିତ-ବିଂ. (ଜନ୍-ତ) ଉତ୍ପାଦିତ ।

ଜନୀନ-ବିଂ (ଜନ୍-ଈନ) ଜନସମ୍ବନ୍ଧୀୟ ।

ଜନ୍ତା-ବି. (ଯନ୍ତ୍ରଶବ୍ଦଜ) ପାଣି ବୁହାଇବାଁ କୋଷା ।

ଜନ୍ତୁ-ବି. (ଜନ୍-ତୁ) ପ୍ରାଣୀ; ଜୀବ ।

ଜନ୍ଦା-ବି. ପିପୀଲିକା ବିଶେଷ ।

ଜନ୍ମ-ବି. (ଜନ୍-ମନ୍) ଉତ୍ପତ୍ତି ।

ଜନ୍ମାନ୍ତର-ବି. (ଜନ୍ମ-ଅନ୍ତର) ଅନ୍ୟ ଜନ୍ମ ।

ଜନ୍ମପତ୍ରିକା-ବି. କୋଷ୍ଠୀ; ଜାତକପତ୍ର ।

ଜନ୍ମାଷ୍ଟମୀ-ବି. ଭାଦ୍ରମାସର କୃଷ୍ଣାଷ୍ଟମୀ ।

ଜପ-ବି.(ଜପ୍-ଅ) ମନ୍ତ୍ରର ବାରମ୍ବାର ଉଚ୍ଚାରଣ ।

ଜପମାଳା-ବି. ଅକ୍ଷମାଳା ।

ଜବା-ବି. ପୁଷ୍ପବିଶେଷ ।

ଜବାବ-ବି. ପ୍ରତ୍ୟୁତ୍ତର ।

ଜମା-ବି. ଆୟ; ସଞ୍ଚୟ ।

ଜମାଇବା-କ୍ରି. ସଞ୍ଚୟ କରିବା ।

ଜମାଉତ-ବି. ସିପାହୀଦଳ ।

ଜମି-ବି. ଭୂମି; କ୍ଷେତ୍ର ।

ଜମିଦାର-ବି. ଭୂମ୍ୟଧିକାରୀ ।

ଜମ୍ବାଲ-ବି. ଶୈବାଳ ।

ଜମ୍ବାଲିନୀ-ବି. ନଦୀ ।

ଜମ୍ବୀର-ବି. ଏକପ୍ରକାର ବଡ଼ ଲେମ୍ବୁ ।

ଜମ୍ବୁ-ବି. ଜାମୁଗଛ; ଜମ୍ବୁଦ୍ୱୀପ ।

ଜମ୍ବୁନଦ-ବି. ସୁବର୍ଣ୍ଣ ।

ଜମ୍ବୁକ-ବି. ଶୃଗାଳ; ଧୂର୍ତ୍ତବ୍ୟକ୍ତି ।

ଜମ୍ଭାରି-ବି. (ଜମ୍ଭ-ଅରି) ଇନ୍ଦ୍ର ।

ଜୟ-ବି. (ଜି-ଅ) ଶତ୍ରୁଦମନ ।

ଜୟନ୍ତ-ବି. (ଜି-ଅନ୍ତ) ଇନ୍ଦ୍ର-ପୁତ୍ର ।

ଜୟନ୍ତୀ-ବି. (ଜି-ଅନ୍ତୀ) ଦୁର୍ଗା; ବୃକ୍ଷବିଶେଷ ।

ଜୟପାଳ-ବି. ସାରକ ଔଷଧବିଶେଷ ।

ଜୟୀ-ବିଂ. (ଜୟ-ଇନ୍) ଜୟଶୀଳ; ଜୟଯୁକ୍ତ ।

ଜରଠ-ବିଂ. (ଜୃ-ଅଠ) ବୃଦ୍ଧ; ଜୀର୍ଣ୍ଣ ।

ଜରତ୍-ବିଂ. (ଜୃ-ଅତ୍) ବୃଦ୍ଧ; ଜୀର୍ଣ୍ଣ ।

ଜରତୀ-ବିଂ. ବୃଦ୍ଧା ।

ଜରଦ୍ଗବ-ବି. (ଜରତ୍-ଗୋ) ବୃଦ୍ଧ ବୃଷ ।

ଜରା-ବି. (ଜୃ-ଅ) ବାର୍ଦ୍ଧକ୍ୟ; ଜୀର୍ଣ୍ଣତା ।

ଜରାୟୁ-ବି. ଗର୍ଭାଶୟ । [ଜାତ ।

ଜରାୟୁଜ-ବିଂ. (ଜରାୟୁ-ଜନ୍-ଅ) ଜରାୟୁରୁ

ଜର୍ଜ୍ଜର, ଜର୍ଜ୍ଜରିତ } ବିଂ. (ଜୃ-ଯଙ୍-ଅ,ତ) ଜୀର୍ଣ୍ଣ; ପରି-ଭୂତ ।

ଜଳ-ବି. (ଜଳ୍-ଅ) ପାଣି; ବାରି ।

ଜଳକା-ବିଂ. ଯେ ରହିଁଥିଲେ ସୁଦ୍ଧା ଦେଖି-ପାରେ ନାହିଁ ।

ଜଳ-କର-ବି. ଜଳରୁ ଉତ୍ପନ୍ନ ରାଜସ୍ୱ ।

ଜଳ-ଚର-ବି. ଜଳଜନ୍ତୁ । ବିଂ. ଜଳଚର ।

ଜଳଜ-ବି. (ଜଳ-ଜନ୍-ଅ) ପଦ୍ମ । ବିଂ. ଜଳ-

ଜଳଦ-ବି. (ଜଳ-ଦା-ଅ) ମେଘ । [ଜାତ ।

ଜଳଧର-ବି. (ଜଳ-ଧୃ-ଅ) ମେଘ ।

ଜଳଧି-ବି. (ଜଳ-ଧା-ଇ) ସମୁଦ୍ର ।

ଜଳନିଧି-ବି. (ଜଳ-ନି-ଧା-ଇ) ସମୁଦ୍ର ।

ଜଳପାନ-ବି. ଜଳପାନ କରିବା; ଜଳଖିଆ; ଭୁଜା ବା ପିଷ୍ଟକାଦି ଦ୍ରବ୍ୟ ।

ଜଳ-ପ୍ରପାତ-ବି. ନିର୍ଝର, ଝରଣା । [ଯନ୍ତ୍ର ।

ଜଳଯନ୍ତ୍ର-ବି. ଧାରାଯନ୍ତ୍ର; ଜଳ ପରିଷ୍କୃତ କରିବାର

ଜଳା-ବି. ରନ୍ଧ୍ର; କଣା ।

ଜଳାକବାଟୀ-ବି. ଝରକା; ବାତାୟନ

ଜଳାଞ୍ଜଳି-ବି. (ଜଳ-ଅଞ୍ଜଳି) ଜଳର ଅଞ୍ଜଳି; ବିସର୍ଜନ ।

ଜଳାଶୟ-ବି. (ଜଳ-ଆଶୟ) ଜଳର ଆଧାର ।

ଜଳୋଚ୍ଛ୍ୱାସ-ବି. (ଜଳ-ଉଚ୍ଛ୍ୱାସ) ଜଳର ସ୍ଫୀତତା; ଜୁଆର ।

ଜଳୌକା-ବି. (ଜଳ-ଓକଃ) ଜୋକ ।

ଜଳ୍ପ, ଜଳ୍ପନା } ବି. (ଜଳ୍ପ-ଅ,-ଅନ-ଆ) କଥନ; ଗଳ୍ପ ।

ଜଳ୍ପିତ-ବିଂ. କଥିତ ।

ଜଲ୍ଦି-କ୍ରି. ବିଂ. ଶୀଘ୍ର । [ଜଳପଡି ।

ଜଳସ୍ତମ୍ଭ-ବି. ମେଘରୁ ସ୍ତମ୍ଭାକାରରେ ପଡ଼ନ୍ତ

ଜହର-ବି. ବିଷ; ଗରଳ । [ଚନ୍ଦ୍ର ।

ଜହ୍ନ-ବି. (ଜ୍ୟୋତ୍ସ୍ନାର ଅପଭ୍ରଂଶ) ଜ୍ୟୋତ୍ସ୍ନା;

ଜହ୍ନୀ-ବି. (ଜ୍ୟୋତ୍ସ୍ନୀଶବ୍ଦଜ) ଫଳବିଶେଷ ।

ଜହ୍ନୁ-ବି. ଋଷିବିଶେଷ ।

ଜହ୍ନୁ-କନ୍ୟା-ବି. ଗଙ୍ଗାଦେବୀ ।

ଜାଈ-ବ. (ଜାତିଶବ୍ଦଜ) ଜାତିଫୁଲ; କଣ୍ଠାମୁଗ୍ଧ-ଡାଳ; ଦେହର ଚିହ୍ନବିଶେଷ।

ଜାଉ-ବ. (ଜବାଗୁଶବ୍ଦଜ) ଅଳ୍ପମଣ୍ଡ।

ଜାକି-ବଂ. ସଂକୀର୍ଣ୍ଣ।

ଜାକିବା-କ୍ରି. ଭିଡ଼ିବା।

ଜାଗର-ବ. (ଜାଗୃ-ଅ) ଅନିଦ୍ରା; ଶିବରାତ୍ରି।

ଜାଗରଣ-ବ. (ଜାଗୃ-ଅନ) ନିଦ୍ରାରୁ ଉତ୍ଥାନ।

ଜାଗରିତ-ବଂ. (ଜାଗୃ-ତ) ନିଦ୍ରୋତ୍ଥିତ।

ଜାଗରୂକ-ବଂ. (ଜାଗୃ-ଊକ) ଜାଗରଣଶୀଳ;

ଜାଗା-ବ. ସ୍ଥାନ। [ଜାଗ୍ରତ।

ଜାଗିର-ବ. ସନନ୍ଦଦତ୍ତ ଭୂଖଣ୍ଡ।

ଜାଗ୍ରତ୍-ବଂ. (ଜାଗୃ-ଅତ୍) ନିଦ୍ରୋତ୍ଥିତ; ସଚେତନ।

ଜାଙ୍ଗଲିକ-ବ. (ଜାଙ୍ଗଲ-ଇକ) ବିଷବୈଦ୍ୟ।

ଜାଜ୍ୱଲ୍ୟମାନ-ବଂ. (ଜ୍ୱଲ୍-ଯଙ୍-ଅନ) ଦେଦୀପ୍ୟମାନ।

ଜାଡ଼-ବ. (ଜଡ଼ଶବ୍ଦଜ) ହିମ; ଶୀତ।

ଜାଡ୍ୟ-ବ. (ଜଡ଼-ଯ) ଜଡ଼ତା; ନିଶ୍ଚେଷ୍ଟଭାବ।

ଜାତ-ବଂ. (ଜନ୍-ତ) ଉତ୍ପନ୍ନ।

ଜାତକ-ବ. (ଜାତ-କ) ଜନ୍ମପତ୍ରିକା।

ଜାତକର୍ମ-ବ. (ଜାତ-କର୍ମ) ଜନ୍ମସଂସ୍କାରବିଶେଷ।

ଜାତବେଦାଃ-ବ. (ଜାତ-ବିଦ୍-ଅସ୍) ଅଗ୍ନି।

ଜାତି-ବ. (ଜନ୍-ତି) ଜନ୍ମଗତଶ୍ରେଣୀ; ବଂଶ; ପ୍ରକାର; ଜାଇଫୁଲ।

ଜାତିପାଠକ-ବ. ଜାତିବର୍ଗ।

ଜାତୀଫଳ-ବ. (ଜାତି-ଫଳ) ଜାଇଫଳ।

ଜାତୀୟ-ବଂ. (ଜାତି-ଈୟ) ଜାତିସମ୍ବନ୍ଧୀୟ।

ଜାତୁଧାନ-ବ. ରାକ୍ଷସ।

ଜାତ୍ୟ-ବଂ. (ଜାତି-ଯ) କୁଳୀନ; ଶ୍ରେଷ୍ଠ।

ଜାଦୁ-ବ. (ଯାଦୁଶବ୍ଦଜ) ଚର୍ମସ୍ୱେଗର୍ବିଶେଷ; କୁହୁକ; ମାୟା।

ଜାନକୀ-ବ. (ଜନକ-ଈ) ଜନକକନ୍ୟା; ସୀତା।

ଜାନପଦ-ବ. (ଜନପଦ-ଅ) ଜନପଦବାସୀ।

ଜାନୁ-ବ. (ଜନ୍-ଉ) ଊରୁସନ୍ଧି; ଆଣ୍ଠୁ।

ଜାଫ୍ରାନ୍-ବ. କୁଙ୍କୁମ। [ପରଶୁରାମ।

ଜାମଦଗ୍ନ୍ୟ-ବ. (ଜମଦଗ୍ନି-ଯ) ଜମଦଗ୍ନିପୁତ୍ର,

ଜାମା-ବ. କୁର୍ତ୍ତା; ଅଙ୍ଗରଖା। [ଜ୍ୱାଇଁ।

ଜାମାତା-ବ. (ଜା-ମା-ତୃ) କନ୍ୟାର ପତି;

ଜାମି-ବ. (ଜମ୍-ମି) କନ୍ୟା; ଭଗିନୀ।

ଜାମିନ୍-ବ. ବନ୍ଧକ; ପ୍ରତିଭୂ।

ଜାମ୍ବବାନ୍-ବ. (ଜାମ୍ବ-ବତ୍) ଭଲ୍ଲୁକରାଜ

ଜାମ୍ବୁନଦ-ବ. ସ୍ୱର୍ଣ୍ଣ।

ଜାୟୁ-ବ. ଔଷଧ।

ଜାୟା-ବ. (ଜନ୍-ଯ-ଆ) ପତ୍ନୀ। [ଦମ୍ପତି।

ଜାୟାପତି-ବ. (ଜାୟା ଓ ପତି) ସ୍ତ୍ରୀପୁରୁଷ;

ଜାର-ବ. (ଜୃ-ଅ) ଉପପତି।

ଜାରକ-ବଂ. ଯାହା ଜୀର୍ଣ୍ଣ କରାଏ; ପାଚକ।

ଜାରଜ-ବ. (ଜାର-ଜନ୍-ଅ) ଉପପତିଜାତ ସନ୍ତାନ।

ଜାରଣ-ବ. (ଜୃ-ଅନ) ଭସ୍ମୀକରଣ।

ଜାଲ-ବ. (ଜଲ୍-ଅ) ସମୂହ।

ଜାଳ-ବ. (ଜ୍ୱଲ୍‌ଧାତୁରୁ) ଜାଳିବା କାଠ ।

ଜାଲ-ବ. (ଜଲ୍-ଅ) ମତ୍ସ୍ୟ ବା ପଶୁପକ୍ଷୀ ପ୍ରଭୃତି ବନ୍ଧନାର୍ଥ ସୂକ୍ଷ୍ମ ନିର୍ମିତ ଯନ୍ତ୍ର ।

ଜାଲ-ବିଂ. ମିଥ୍ୟା; କପଟ; କୃତ୍ରିମ ।

ଜାଲ-ପାଦ-ବ. ହଂସ ।

ଜାଲଜାଲୁଆ-ବିଂ. ଅସ୍ପଷ୍ଟ । [ପ୍ରବଞ୍ଚକ ।

ଜାଲିକ-ବିଂ. (ଜାଲ-ଇକ) ବ୍ୟାଧ; ଧୀବର;

ଜାଲିଚଟୁ-ବ. ଛିଦ୍ରବିଶିଷ୍ଟ ଲୌହଯନ୍ତ୍ର; ତପ୍ତ-ଘୃତରୁ ପିଠା ଉଠାଇବାର ଯନ୍ତ୍ରବିଶେଷ ।

ଜାଲି-ବ. ଜାଲପରି ଅସଂଖ୍ୟ ଛିଦ୍ରବିଶିଷ୍ଟ ପ୍ରସ୍ତର ଶିଳ୍ପ ।

ଜାବୁଡ଼ା-ବ. ଘପୁଡ଼ା ।

ଜାହାଜ-ବ. ଅର୍ଣ୍ଣବଯାନ; ବୋଇତ ।

ଜାହାଲା-ବ. ପାଣି ରଖିବାର ବୃହତ୍‌ପାତ୍ର ।

ଜାହ୍ନବୀ-ବ. (ଜହ୍ନୁ-ଅ-ଈ) ଗଙ୍ଗା ।

ଜିଅ-ବ. କାଣ୍ଡବିଶେଷ; ଜିଅନାଳ ।

ଜିଗମିଷା-ବ. (ଗମ୍-ସନ୍-ଅ)) ଗମନେଚ୍ଛା ।

ଜିଗର-ବ. ଜିଦ୍ ।

ଜିଗୀଷା-ବ. ( ଜି-ସନ୍-ଅ ) ଜୟ କରିବାର ଇଚ୍ଛା ।

ଜିଗୀଷୁ-ବିଂ. ଜୟେଚ୍ଛୁ ।

ଜିଘାଂସା-ବ. (ହନ୍-ସନ୍-ଅ) ହନନେଚ୍ଛା ।

ଜିଘାଂସୁ-ବିଂ. (ହନ୍-ସନ୍-ଉ) ହନନେଚ୍ଛୁ; ଶତ୍ରୁ ।

ଜିଘୃକ୍ଷା-ବଃ (ଗ୍ରହ୍-ସନ୍-ଅ) ଗ୍ରହଣେଚ୍ଛା ।

ଜିଜୀବିଷା-ବ. (ଜୀବ୍-ସନ୍-ଅ) ବଞ୍ଚିବାର ଇଚ୍ଛା ।

ଜିଜ୍ଞାସା-ବ. (ଜ୍ଞା-ସନ୍-ଅ) ଜାଣିବାର ଇଚ୍ଛା । ; ପ୍ରଶ୍ନ ।

ଜିଜ୍ଞାସିତ-ବିଂ. (ଜ୍ଞା-ସନ୍-ତ) ଯେଉଁ ବିଷୟରେ ବା ଯାହାକୁ ଜିଜ୍ଞାସା କରାଯାଏ ।

ଜିଜ୍ଞାସୁ-ବିଂ. (ଜ୍ଞା-ସନ୍-ଉ) ଜାଣିବାକୁ ଇଚ୍ଛୁକ ।

ଜିଜ୍ଞାସ୍ୟ-ବିଂ. (ଜ୍ଞା-ସନ୍-ଯ) ଜିଜ୍ଞାସାଯୋଗ୍ୟ ।

ଜିଣିବା-କ୍ରି. (ଜିଧାତୁରୁ) ଜୟ କରିବା ।

ଜିତ୍-ବିଂ. (ଜି-କ୍ୱିପ୍) ଜୟକାରୀ (ଶବ୍ଦାନ୍ତେ ପ୍ରଯୁକ୍ତ) ।

ଜିତ-ବିଂ. (ଜି-ତ) ପରାଜିତ ।

ଜିତେନ୍ଦ୍ରିୟ-ବିଂ. ଇନ୍ଦ୍ରିୟ ଜୟକାରୀ; ତପସ୍ୱୀ ।

ଜିତ୍ୱର-ବିଂ. (ଜି-ବର) ଜୟଶୀଳ ।

ଜିନ-ବ. ( ଜି-ନ ) ତପସ୍ୟାଦ୍ୱାରା ଜୟକାରୀ; ମୁନିବିଶେଷ ।

ଜିନିଷ-ବ. ଦ୍ରବ୍ୟ ।

ଜିଭ-ବ. (ଜିହ୍ୱାଶବ୍ଦଜ) ଜିହ୍ୱା ।

ଜିଲ୍ଲା-ବ. ଦେଶର ବିଭାଗ ।

ଜିଷ୍ଣୁ-ବ. (ଜି-ଷ୍ଣୁ) ଇନ୍ଦ୍ର; ବିଷ୍ଣୁ; ଜୟକାରୀ ।

ଜିହୀର୍ଷା-ବ. (ହୃ-ସନ୍-ଅ) ହରଣେଚ୍ଛା ।

ଜିହ୍ମ-ବିଂ. ବକ୍ର ।

ଜିହ୍ୱା-ବ. ଜିଭ, ରସନେନ୍ଦ୍ରିୟ ।

ଜୀଇବା-କ୍ରି. (ଜୀବ୍‌ଧାତୁରୁ) ବଞ୍ଚିବା ।

ଜୀମୂତ-ବ. (ଜି-ମୂ-ତ) ମେଘ ।

ଜୀମୂତ-ବାହନ-ବ. ଇନ୍ଦ୍ର ।

ଜୀୟନ୍ତା-ବିଂ. ଜୀବନ୍ତ ।

ଜୀର<br>ଜୀରକ } ବ. (ଜୃ-ଅ,-କ) ଜୀରା ।

ଜୀର୍ଣ୍ଣ-ବିଂ. (ଜୃ-ତ) ପୁରାତନ; ବୃଦ୍ଧ; ପରିପକ୍ୱ ।

ଜୀର୍ଣ୍ଣ-ସଂସ୍କାର-ବି. ମରାମତି ।

ଜୀର୍ଣ୍ଣୋଦ୍ଧାର-ବି. (ଜୀର୍ଣ୍ଣ-ଉଦ୍ଧାର) ମରାମତି; ସଂସ୍କରଣ ।

ଜୀବ-ବି. (ଜୀବ୍-ଅ) ଜୀବାତ୍ମା; ପ୍ରାଣୀ; ଜୀବନ ।

ଜୀବଦ୍ଦଶା-ବି. (ଜୀବତ୍-ଦଶା) ଜୀବନକାଳ ।

ଜୀବନ-ବି. (ଜୀବ୍-ଅନ) ପ୍ରାଣ; ଜୀବିକା; ଜଳ; ମଜ୍ଜା; ବାୟୁ ।

ଜୀବନ୍ତ-ବିଂ. (ଜୀବ୍-ଅନ୍ତ) ଜୀଅନ୍ତା; ଜୀବିତ ।

ଜୀବନ୍ମୁକ୍ତ-ବିଂ. (ଜୀବତ୍-ମୁକ୍ତ) ଜୀବଦ୍ଦଶାରେ ସଂସାରବନ୍ଧନରୁ ମୁକ୍ତ । [ପ୍ରାୟ ।

ଜୀବନ୍ମୃତ-ବିଂ. (ଜୀବତ୍-ମୃତ) ଜୀବଦ୍ଦଶାରେ ମୃତ-

ଜୀବଲୋକ-ବି. ମର୍ତ୍ତ୍ୟଲୋକ ।

ଜୀବାତୁ-ବି. ଜୀବିକା ।

ଜୀବାତ୍ମା-ବି. (ଜୀବ-ଆତ୍ମା) ଶରୀର-ବଦ୍ଧ ଆତ୍ମା ।

ଜୀବିକା-ବି. (ଜୀବ୍-ଅକ-ଆ) ଜୀବନୋପାୟ; ବୃତ୍ତି । [ପ୍ରାଣ ।

ଜୀବିତ-ବିଂ. (ଜୀବ୍-ତ) ଜୀବନଯୁକ୍ତ; ବି. ଜୀବନ;

ଜୀବିତେଶ-ବି. (ଜୀବିତ-ଈଶ) ପ୍ରାଣେଶ୍ୱର ।

ଜୀବୀ-ବିଂ. (ଜୀବ୍-ଇନ୍) ଜୀବନବିଶିଷ୍ଟ (ଅନ୍ୟ ଶବ୍ଦପରେ ପ୍ରଯୁକ୍ତ) ।

ଜୁଆ-ବି. (ଦ୍ୟୂତଶବ୍ଦଜ) ଏକପ୍ରକାର ପଶାଖେଳ ।

ଜୁଆଁଇ-ବି. (ଜାମାତୃଶବ୍ଦଜ) ଜାମାତା ।

ଜୁଆଣି-ବି. ମସଲାବିଶେଷ ।

ଜୁଆର-ବି. ସମୁଦ୍ରରୁ ଆଗତ ଜଳୋଚ୍ଛ୍ୱାସ ।

ଜୁଆଳି-ବି. (ଯୁଗଳଶବ୍ଦଜ) ଯୋଚି ଗୋରୁ କାନ୍ଧର କାଠ ।

ଜୁଇ-ବି. (ଯୂଥୀଶବ୍ଦଜ) ପୁଷ୍ପବିଶେଷ ।

ଜୁଗୁପ୍ସା-ବି. (ଗୁପ୍-ସନ୍-ଅ) ନିନ୍ଦା; ଘୃଣା ।

ଜୁଗୁପ୍ସିତ-ବିଂ. ନିନ୍ଦିତ; ଘୃଣିତ ।

ଜୁଗୋପିଷା-ବି. (ଗୁପ୍-ସନ୍-ଅ) ଗୋପନ କରିବାର ଇଚ୍ଛା ।

ଜୁଡ଼ା-ବି. (ଚୂଡ଼ାଶବ୍ଦଜ) କେଶବିନ୍ୟାସ ବିଶେଷ ।

ଜୁଣି-ବି. ତୃଣବିଶେଷ ।

ଜୁତା-ବି. ଜୋତା; ପାଣ୍ଡୋଇ; ଚର୍ମପାଦୁକା ।

ଜୁଲାବ-ବି. ସାରକ ଔଷଧ ।

ଜୁଳୁଜୁଳା ପୋକ-ବି. ଖଦ୍ୟୋତ ।

ଜୁହାର-ବି. ବିନୀତଭାବରେ ହାତ ଯୋଡ଼ି ଦଣ୍ଡବତ କରିବା ।

ଜୁଷ୍ଟ-ବିଂ. (ଜୁଷ୍-ତ) ସେବିତ ।

ଜୂଟ-ବି. (ଜୁଟ୍-ଅ) ସମୂହ ।

ଜୂର-ବିଂ. (ଜ୍ୱରଧାତୁରୁ) ନଷ୍ଟ; ଉଜାଡ଼ ।

ଜୂଷ-ବି. (ଜୂଷ୍-ଅ) କ୍ୱାଥ; ଝୋଲ ।

ଜୃମ୍ଭକ-ବିଂ. (ଜୃମ୍ଭ୍-ଅକ) ଜୃମ୍ଭଣକାରୀ; ନିଦ୍ରାକାରକ ।

ଜୃମ୍ଭା, ଜୃମ୍ଭଣ-ବି. (ଜୃମ୍ଭ୍-ଅ-ଆ,ଅନ) ହାଇ-ପ୍ରକାଶ ।

ଜେଉଟି-ବି. ଫଳବିଶେଷ ।

ଜେଠା-ବି. ଜ୍ୟେଷ୍ଠଭାଇ; ପିତାର ଜ୍ୟେଷ୍ଠଭ୍ରାତା ।

ଜେଠାଇ-ବି. ଜ୍ୟେଷ୍ଠଭାଇର ସ୍ତ୍ରୀ ।

ଜେଠୁତା-ବି. ଜ୍ୟେଷ୍ଠଭାଇ; ଜେଠାପା ।

ଜେତା-ବିଂ. (ଜି-ତୃ) ଜୟକର୍ତ୍ତା ।

ଜେନାମଣି ବ. ସଜପୁତ୍ର ।

ଜେମନ-ବ. (ଜମ୍-ଅନ) ଭୋଜନ ।

ଜେମା-ବ. (ଜାମିଶବ୍ଦଜ) ସଜକନ୍ୟା ।

ଜେୟ-ବି. (ଜି-ଯ) ଜେତବ୍ୟ; ଜୟ କରିବାର [ଯୋଗ୍ୟ ।

ଜୈତ୍ର-ବି. (ଜି-ତ୍ର) ଜୟଶୀଳ ।

ଜୈନ-ବ. (ଜିନ-ଅ) ଧର୍ମମତବିଶେଷ; ଜିନ-ମତାବଲମ୍ବୀ ।

ଜୈମିନି-ବ. ମୀମାଂସାଦର୍ଶନ-ପ୍ରଣେତା ମୁନି ।

ଜୋକ-ବ. ଜଳୌକା ।

ଜୋଗାଡ଼-ବ. ଉଦ୍‌ଯୋଗ ।

ଜୋଗାଡ଼ିବା-କ୍ରି. ରନ୍ଧନ କରିବ ନାନାବିଧ ପଦାର୍ଥ ଅୟୋଜନ କରିବା ।

ଜ୍ଞ-ବି. (ଜ୍ଞା-ଅ) ଜ୍ଞାତା; (ଶବ୍ଦାନ୍ତେପ୍ରଯୁକ୍ତ) ।

ଜ୍ଞାତ-ବି. (ଜ୍ଞା-ତ) ବିଦିତ; ଜଣା ।

ଜ୍ଞାତବ୍ୟ-ବି. ଜାଣିବାର ଯୋଗ୍ୟ; ଜ୍ଞେୟ ।

ଜ୍ଞାତା-ବି. (ଜ୍ଞା-ତୃ) ଜାଣିବା ବ୍ୟକ୍ତି ।

ଜ୍ଞାତି-ବ. (ଜ୍ଞା-ତି) ସଗୋତ୍ର; ସପିଣ୍ଡ; କୁଟୁମ୍ବ ।

ଜ୍ଞାନ-ବ. (ଜ୍ଞା-ଅନ) ବୋଧ; ତତ୍ତ୍ୱବୋଧ ।

ଜ୍ଞାନୀ-ବି. ( ଜ୍ଞାନ-ଇନ୍ ) ଜ୍ଞାନବାନ୍; ବିଜ୍ଞ; ତତ୍ତ୍ୱଜ୍ଞ । [ନାସିକା, ଜିହ୍ୱା, ତ୍ୱକ୍ ଏବଂ ମନଃ ।

ଜ୍ଞାନେନ୍ଦ୍ରିୟ-ବ. (ଜ୍ଞାନ-ଇନ୍ଦ୍ରିୟ) ଚକ୍ଷୁ, କର୍ଣ୍ଣ,

ଜ୍ଞାପନ-ବ. (ଜ୍ଞା-ଣିଚ୍-ଅନ) ବିଜ୍ଞାପନ, ଜଣାଇବା ।

ଜ୍ଞେୟ-ବି. (ଜ୍ଞା-ଯ) ବୋଧଗମ୍ୟ; ଜ୍ଞାତବ୍ୟ ।

ଜ୍ୟା-ବ. (ଜ୍ୟା-କ୍ୱିପ୍) ପୃଥିବୀ; ଧନୁର୍ଗୁଣ; ବୃତ୍ତ-ମଧ୍ୟସ୍ଥ ରେଖା । [ଜ୍ୟେଷ୍ଠ; ଶ୍ରେଷ୍ଠ ।

ଜ୍ୟାୟାନ୍-ବି. ( ବୃଦ୍ଧସ୍ଥାନେ ଜ୍ୟା-ଇୟସ୍ )

ଜ୍ୟେଷ୍ଠ-ବି. (ବୃଦ୍ଧ-ଇଷ୍ଠ) ଅଗ୍ରଜ; ବଡ଼ ।

ଜ୍ୟେଷ୍ଠା-ବି. ଅଗ୍ରଜା । ବ. ନକ୍ଷତ୍ରବିଶେଷ ।

ଜ୍ୟୋତିଃ-ବ. (ଦ୍ୟୁତ-ଇସ୍) ତେଜଃ; ଦୀପ୍ତି; ଆଲୋକ; ନକ୍ଷତ୍ର ।

ଜ୍ୟୋତିରିଙ୍ଗଣ-ବ. (ଜ୍ୟୋତିସ୍-ଇଙ୍ଗ୍-ଅନ) ଖଦ୍ୟୋତ; ଜୁଳୁଜୁଳିଆ ପୋକ ।

ଜ୍ୟୋତିର୍ବିଦ୍ } ବି. (ଜ୍ୟୋତିଃ-ବିଦ୍-କ୍ୱିପ୍,
ଜ୍ୟୋତିର୍ବେତ୍ତା } ତୃ) ଜ୍ୟୋତିଃଶାସ୍ତ୍ରଜ୍ଞ ।

ଜ୍ୟୋତିଃଶାସ୍ତ୍ର-ବ. ଆକାଶସ୍ଥ ଗ୍ରହନକ୍ଷତ୍ରାଦିଙ୍କର ଆକାର ଓ ଗତି ପ୍ରଭୃତି ନିରୂପକଶାସ୍ତ୍ର ।

ଜ୍ୟୋତିଷ-ବ. (ଜ୍ୟୋତିସ୍-ଅ) ଜ୍ୟୋତିଃଶାସ୍ତ୍ର ।

ଜ୍ୟୋତିଷିକ-ବି. (ଜ୍ୟୋତିସ୍-ଇକ) ଜ୍ୟୋତିଷ-ସମ୍ବନ୍ଧୀୟ ।

ଜ୍ୟୋତିଷ୍କ-ବ. (ଜ୍ୟୋତିସ୍-କ) ଗ୍ରହନକ୍ଷତ୍ରାଦି ଜ୍ୟୋତିର୍ମୟ ପଦାର୍ଥ । [ଜ୍ୟୋତିଷ୍ମତୀ) ।

ଜ୍ୟୋତିଷ୍ମାନ୍-ବି. ଦୀପ୍ତିମାନ୍ ( ସ୍ତ୍ରୀଲିଙ୍ଗେ

ଜ୍ୟୋତ୍ସ୍ନା-ବ. ( ଜ୍ୟୋତିସ୍-ନ-ଆ ) ଚନ୍ଦ୍ରିକା; ଚନ୍ଦ୍ରକିରଣ ।

ଜ୍ୱର-ବ. (ଜ୍ୱର୍-ଅ) ଗାତ୍ରତାପରୋଗ; ପୀଡ଼ା ।

ଜ୍ୱରଘ୍ନ ବି. (ଜ୍ୱର-ହନ୍-ଅ) ଜ୍ୱରନାଶକ ।

ଜ୍ୱରିତ-ବି. ଜ୍ୱରଯୁକ୍ତ ।

ଜ୍ୱଳନ-ବ. (ଜ୍ୱଳ୍-ଅନ) ଦୀପନ; ଜ୍ୱାଳା; ଅଗ୍ନି ।

ଜ୍ୱଳନ୍ତ-ବି. ପ୍ରଜ୍ୱଳିତ ।

ଜ୍ୱାଳା-ବ. (ଜ୍ୱଳ୍-ଅ) ଅଗ୍ନିଶିଖା; ଦାହ ।

ଜ୍ୱାଳାମୁଖୀ-ବ. ମୃତ୍ତିକା ଗର୍ଭରୁ ଉତ୍ଥିତ ପ୍ର-ଜ୍ୱଳିତ ବହ୍ନିମୟ ସ୍ଥଳୀ ।

# ଝ ବ୍ୟଞ୍ଜନ ବର୍ଣ୍ଣର ନବମ ବର୍ଣ୍ଣ ।

ଝଜମକ-ବ. ଅଗ୍ନି ଉତ୍ପାଦକ ପ୍ରସ୍ତର ବିଶେଷ ।
ଝକ୍ମାରି–ବ. ଅପରାଧ; ଦଣ୍ଡ ।
ଝଙ୍କାର–ବ. (ଝମ୍-କୃ-ଅ) ଗମ୍ଭୀରଧ୍ୱନି ।
ଝଗଡ଼ା–ବ. ବିବାଦ ।
ଝଗଡ଼ିହେବାର–କ୍ରି. ବି. ବକଟୁହେବାର ।
ଝଂଝଟ୍–ବ. (ଝଙ୍-ଝଟ୍-ଅ) ବ୍ୟସ୍ତତା; ଜଞ୍ଜାଳ ।
ଝଞ୍ଜା–ବ. ଚଣ୍ଡପବନ; ଝଡ ।
ଝଟ୍–କ୍ରି. ବି. (ଝଟିତିଶବ୍ଦର ଅପଭ୍ରଂଶ) ଶୀଘ୍ର, ଅବିଳମ୍ବେ ।
ଝଟକ–ବ. କାନ୍ତି; ଶୋଭା ।
ଝଟକିବା–କ୍ରି. ଜାଜ୍ଜ୍ୱଲ୍ୟମାନ ହେବା ।
ଝଟା, ଝାଟି–ବ. ବୃକ୍ଷ ଗୁଳ୍ମାଦିର ସରୁ ସରୁ ଶାଖା ।
ଝଟିକା–ବ. ତୋଫାନ; ବାତ୍ୟା ।
ଝଟିତି–କ୍ରି. ବି. ଶୀଘ୍ର; ବେଗେ ।
ଝଡ଼ି–ବ. ଅବିଶ୍ରାନ୍ତ ବୃଷ୍ଟିପାତ ।
ଝଡ଼ିପୋକ–ବ. ବୃଷ୍ଟିସୂଚକ ପୋକବିଶେଷ; ପକ୍ଷଯୁକ୍ତ ଉଇପିମ୍ପୁଡ଼ି ।
ଝଡ଼ିବା–କ୍ରି. ବୃକ୍ଷରୁ ପତ୍ରାଦିର ଖସିପଡ଼ିବା ।
ଝଣଝଣ, ଝଣତ୍କାର–ବ. ଧାତୁନିର୍ମିତ ଦ୍ରବ୍ୟର ଝନ୍ଝନ୍ ଶବ୍ଦ ।
ଝପଟ–ବ. ଦୌଡ଼ ।
ଝପଟିବା–କ୍ରି. ଦୌଡ଼ିବା ।
ଝମ୍ପ–ବ. କୁଦା ।
ଝର [illegible]
ଝରଣା [illegible] (ଝୃ-ଅନ-ଅ) ଉତ୍ସ; ନିର୍ଝର ।
ଝରକା–ବ. ବାତାୟନ; [illegible]
ଝରଝର–ବ. ଜଳାଦିର ପତନଶବ୍ଦ ।
ଝରା–ବ. ପୁଷ୍ପଗୁଚ୍ଛ; ବସ୍ତ୍ରରୁ ନିର୍ଗତ ସୂତ୍ରବିଶେଷ ।
ଝରାଇବା–କ୍ରି. କ୍ଷରଣ କରାଇବା ।
ଝରି–ବ. ଗଡ଼ୁ ।
ଝରିବା–କ୍ରି. କ୍ଷରିବା ।
ଝଲକିବା–କ୍ରି. ଝଲମଲ କରିବା; ଚମକିବା ।
ଝଲମଲ–କ୍ରି. ବି. ଚକଚକ ।
ଝଳ–ବ. ଦୀପ୍ତି; କାନ୍ତି ।
ଝଳିବା–କ୍ରି. ଶୋଭାପାଇବା; (ଧାତୁସମ୍ବନ୍ଧେ) ମିଶିବା ।
ଝଲକ–ବ. କାଂସ୍ୟ ନିର୍ମିତ ବାଦ୍ୟବିଶେଷ ।
ଝଷ–ବ. (ଝଷ୍-ଅ) ମତ୍ସ୍ୟ ।
ଝଷକେତନ–ବ. କନ୍ଦର୍ପ ।
ଝାଉଁ–ବ. ବୃକ୍ଷବିଶେଷ ।
ଝାଉଁଳିବା–କ୍ରି. ମଉଳିଯିବା ।
ଝାଙ୍କ–ବ. ଦମ୍ଭ; ମତ୍ତତା ।
ଝାଙ୍କିବା–କ୍ରି. ଲୁଚି ଅନାଇବା ।
ଝାଞ୍ଜ–ବ. କରତାଳ ।
ଝାଞ୍ଜି–ବ. ଚଣ୍ଡପବନ ।
ଝାଟିଆ–ବ. ଅବର୍ଜନା; ଅଳିଆ ।
ଝାଡ଼ି–ବ. ଜଙ୍ଗଲ; କାଚନିର୍ମିତ ଆଲୋକପାତ୍ର ।
ଝାଡ଼ା–ବ. ମଳନିଃସରଣ ।
ଝାଡ଼ାକଢ଼–ବ. ଝାଡ଼ାବାନ୍ତି; ଓଳଉଠା ।

ଝାଡ଼ିବା-କ୍ରି. ପୁରସ୍କାର କରିବା; ମନ୍ତ୍ର ପାଠ କରି
ଝାଡ଼ୁ-ବି. ପଅଁସ; ପ୍ରଞ୍ଛଣୀ । [ପୁଙ୍ଖିବା ।
ଝାମ୍ପି-ବି. ପତ୍ରନିର୍ମିତ ମସ୍ତକାବରଣ ।
ଝାମ୍ପିବା-କ୍ରି. ( ଝାମ୍ପଶବ୍ଦଜ ) ଉପରୁ ହଠାତ ଅକ୍ରମଣ ।
ଝାମ-ବି. (ଝମ୍‌ଧାତୁଜ) ଅଗ୍ନିପୂର୍ଣ୍ଣ ଗର୍ତ୍ତ; ମୂର୍ଚ୍ଛା ।
ଝାଳ-ବି. ଘର୍ମ୍ମ; ସ୍ୱେଦ ।
ଝାଲର-ବି. ମଶାରି ପ୍ରଭୃତିରେ ଝୁଲୁଥିବା ବସ୍ତ୍ର ।
ଝାଳିବା-କ୍ରି. ଧାତୁନିର୍ମିତ ପାତ୍ର ଓ ଅଳଙ୍କାରାଦି ମସୃଣ କରିବା; ନିର୍ମଳ କରିବା ।
ଝାସ-ବି. ଆତ୍ମହତ୍ୟା ଉଦ୍ଦେଶ୍ୟରେ ଜଳରେ ବା ଅଗ୍ନିରେ ପ୍ରବେଶ ।
ଝିଅ-ବି. ଦୁହିତା ।
ଝିଆରୀ-ବି. ଘରର ଝିଅ ।
ଝିଙ୍କି-ବି. କ୍ଷୁଦ୍ର ପଶୁବିଶେଷ ।
ଝିଙ୍କର-ବି. ବଡ ଘୋଡା; ଖପର ।
ଝିଙ୍କା-ବି. ଚୁଲ୍ଲୀ ଉପରେ ହାଣ୍ଡି ରଖିବାର ମୃତ୍ତିକାସ୍ତୂପ ।
ଝିଙ୍କାଝିଙ୍କି-କ୍ରି. ବି. ଓଟରାଓଟରି ।
ଝିଙ୍କିବା-କ୍ରି. ଓଟାରିବା ।
ଝିଙ୍କାରୀ-ବି. ଝିଲ୍ଲୀପୋକ ।
ଝିଞ୍ଜାରଦେବା-କ୍ରି. ଘୃଣା ଲାଗି ଅସାର କରିବା ।
ଝିଟିପିଟି-ବି. ଏକପ୍ରକାର କ୍ଷୁଦ୍ର ସରୀସୃପ ।
ଝିଣ୍ଟିକା-ବି. ପତଙ୍ଗବିଶେଷ ।
ଝିନ-ବିଂ. ସରୁ (ବସ୍ତ୍ରସମ୍ବନ୍ଧରେ) ।

ଝିପ୍‌ଝିପ୍-ଅ. (ଅନୁକରଣଅବ୍ୟୟ) ମନ୍ଦମନ୍ଦ ବୃଷ୍ଟି ।
ଝିମିଟ-ବି. ମୁହୂର୍ତ୍ତ; ଅଳ୍ପ ସମୟ ।
ଝିମିଟିଖେଳ, ଝିମାଣିଖେଳ } ବି. ଡୁଡୁଖେଳ; ବାଗୁଡିଖେଳ ।
ଝିଲ୍-ବି. ଜୋର; କାଳୀ ।
ଝିଲ୍ଲିକା, ଝିଲ୍ଲୀ } ବି. ଝିଙ୍କାରୀ ।
ଝୁଙ୍କିବା-କ୍ରି. ଏକ ଅଡ଼କୁ ବାଙ୍କିବା ।
ଝୁଣା-ବି. (ଧୂନାଶବ୍ଦରୁ) ଶାଳଗଛର ନିର୍ଯ୍ୟାସ ।
ଝୁଣିବା-କ୍ରି. ରକ୍ତଶୋଷଣପୂର୍ବକ କାମୁଡ଼ିବା ।
ଝୁଣ୍ଟା-ବି. ଭୂମି ବିବାଦରେ ଅଟକସ୍ଥାପକ ।
ଝୁଣ୍ଟିଆ-ବି. ପଦାଙ୍ଗୁଳିର ଅଳଙ୍କାରବିଶେଷ ।
ଝୁଣ୍ଟିବା-କ୍ରି. ଚାଲିବାବେଳେ ପଦାଙ୍ଗୁଳିରେ ଅଘାତ ପାଇବା । [ବିଶେଷ ।
ଝୁମୁକା-ବି. ଖେଳନାବିଶେଷ; କର୍ଣ୍ଣାଳଙ୍କାର-
ଝୁମ୍‌ଝୁମ୍-ଅ. (ଅନୁକରଣ) ଅଳଙ୍କାରାଦିର ଶବ୍ଦ ।
ଝୁମ୍ପା-ବି. ଫୁଲ୍ଲି; ଗୁଚ୍ଛ ।
ଝୁମ୍ପୁଡ଼ି-ବି. ଗୁଳ୍ମବିଶେଷ ଓ ତାହାର ଶାକ ।
ଝୁରିବା-କ୍ରି. ଶୋକ କରିବା ।
ଝୁଲି-ବି. ଅଲକ୍ଷ୍ମ; ଅଗ୍ନିକଣା । [ଉତ୍ସବ ।
ଝୁଲଣ-ବି. (ଦୋଳଶବ୍ଦଜ) କୃଷ୍ଣଙ୍କର ଝୁଲିବାର
ଝୁଲଣା-ବି. (ଦୋଳନଶବ୍ଦଜ) ଦୋଳୀ ।
ଝୁଲି-ବି. (ଝୁଲଧାତୁରୁ) ମୁଣି; କୋଥଲି ।
ଝୁଲିବା-କ୍ରି. (ଝୁଲ୍‌ଧାତୁଜ) ଦୋଳି ଖେଳିବା ।

ଝୋଟ—ବ. ନଳିତା ପ୍ରଭୃତି ଗଛର ଛାଲରୁ ବାହାରିବା ସୂତା ।

ଝୋଳ—ବ. ଅଣ; ବ୍ୟଞ୍ଜନର ରସ ।

ଝୋଲ୍ଲି—ବ. ମୂର୍ଚ୍ଛା ।

ଝୋଲ୍ଲି ମାରିବା—କ୍ରି. ଅଚେତନ ହେବା; ମୂର୍ଚ୍ଛିତ ହେବା ।

---

**ଞ** ବ୍ୟଞ୍ଜନବର୍ଣ୍ଣର ଦଶମବର୍ଣ୍ଣ; ଏ ବର୍ଣ୍ଣ କୌଣସି ପ୍ରଚଳିତ ଶବ୍ଦର ଆଦ୍ୟରେ ଥିବାର ଦେଖାଯାଏ ନାହିଁ ।

---

**ଟ** ବ୍ୟଞ୍ଜନ ବର୍ଣ୍ଣର ଏକାଦଶ ବର୍ଣ୍ଣ ।

ଟକି—ବ. ଖାଇବା ଲାଳସା ।

ଟକ୍କର—ବ. ପ୍ରତିଯୋଗିତା; ସମକକ୍ଷତା ।

ଟଗର—ବ. ବୃକ୍ଷବିଶେଷ ଓ ତାହାର ପୁଷ୍ପ ।

ଟଙ୍କ—ବ. ପର୍ବତର ନିମ୍ନଭୂମି; ଟାଙ୍ଗି; ଟାଙ୍ଗିଅ; ମୁଦ୍ରା ।

ଟଙ୍କଧର—ବ. (ଟଙ୍କ-ଧୃ-ଅ) ମହାଦେବ ।

ଟଙ୍କଶାଳା—ବ. ଯେଉଁ ଗୃହରେ ଟଙ୍କା ମୁଦ୍ରିତ ହୁଏ ।

ଟଙ୍କା—ବ. (ଟଙ୍କଶବ୍ଦଜ) ରୌପ୍ୟମୁଦ୍ରା ।

ଟଙ୍କାର—ବ. (ଟଂ-କୃ-ଅ) ଧନୁର ଜ୍ୟାଶବ୍ଦ ।

ଟଙ୍କି—ବ. ସଜନର ବିଶେଷ ।

ଟଙ୍କିତ—ବି. (ଟଙ୍କ୍-ତ) ଖୋଦିତ; ଉଲ୍ଲିଖିତ ।

ଟଙ୍କିଳ—ବି. (ଟଙ୍କ-ଇଲ) ପ୍ରସ୍ତରମୟ ।

ଟଙ୍ଗାଇବା—କ୍ରି. ଲଟକାଇବା ।

ଟଣକା—ବ. ଟାଣିଧରିବା ରଜ୍ଜୁ ।

ଟଣାଟଣି—କ୍ରି. ବି. ଓଟରଓଟରି ।

ଟପଟପ—କ୍ରି. ବି. ବୃଷ୍ଟିଜଳର ପତନଶବ୍ଦ ।

ଟପିବା—କ୍ରି. ବଳିବା; ଅତିକ୍ରମ କରିବା ।

ଟଭା—ବ. ଲେମ୍ବୁବିଶେଷ ।

ଟମକ—ବ. ଡେଙ୍ଗୁର; ଘୋଷଣା ।

ଟଳଟଳ—ବି. ଅସ୍ଥିର; ଚଞ୍ଚଳ ।

ଟଳିବା—କ୍ରି. (ଟଲ୍‌ଧାତୁଜ) ବିଚଳିତ ହେବା; ଦୋହଲିବା ।

ଟହଟହ—ବି. ଅତି ଧଳ ।

ଟହଲ—ବ. ଧୀରେ ଧୀରେ ଭ୍ରମଣ ।

ଟହଲିଆ—ବ. ଆଜ୍ଞାକାରୀ ଭୃତ୍ୟ ।

ଟହଲିବା—କ୍ରି. ଧୀରେ ଧୀରେ ଭ୍ରମଣ କରିବା ।

ଟା—ଲୋକ ଓ ପଦାର୍ଥର ନାମାନ୍ତେ ଅବଜ୍ଞାଭାବରେ ପ୍ରଯୁକ୍ତ ।

ଟାକର—ବ. ଅଙ୍ଗୁଳି ଗଣ୍ଠିଦ୍ୱାରା ମସ୍ତକରେ ଆଘାତ ।

ଟାକରା—ବ. ଭାଲୁ ।

ଟାକିବା—କ୍ରି. ଅପେକ୍ଷା କରି ରହିବା ।

ଟାକୁଆ—ବ. ଆମ୍ବଫଳର ଅଣ୍ଠି; ଟାକୁଡ଼ି ।

ଟାଙ୍କିବା—କ୍ରି. ସିଲାଇ ଦ୍ୱାରା ଯୋଡିବା ।

ଟାଙ୍କୁରିବା—କ୍ରି. ରୋମାଞ୍ଚିତ ହେବା; ଗଜରିବା ।

ଟାଙ୍ଗଣା—ବ. (ଟଙ୍ଗନଶବ୍ଦଜ) ସୋହାଗା ।

ଟାଙ୍ଗର—ବ. ପ୍ରସ୍ତରମୟ ପ୍ରଦେଶ ।

ଟାଙ୍ଗରା—ବି. କେଶଶୂନ୍ୟ ।

ଟାଙ୍ଗିଆ, ଟାଙ୍ଗି } ବ. କ୍ଷୁଦ୍ର କୁଠାର ।

ଟାଙ୍ଗିବା-କ୍ରି. ଲଟକାଇବା ।

ଟାଣ-ବିଂ. ଶକ୍ତ; କଠିନ ।

ଟାଣିବା-କ୍ରି. ଓଟାରିବା ।

ଟାପରା-ବି. ଥଟ୍ଟା ।

ଟାପୁ-ବି. ଦ୍ୱୀପ; ପଶୁମାନଙ୍କର ପାଦଚିହ୍ନ ।

ଟାଲଟୁଲ-ବି. ଠକାଠକି ।

ଟାଳିବା-କ୍ରି. ଭାଜିବା; ପ୍ରତାରଣାପୂର୍ବକ କାଳ କାଟିବା; ଅମାନ୍ୟ କରିବା ।

ଟାଁସା-ବିଂ. କର୍କଶ ।

ଟାହି-ବି. ଉପହାସମିଶ୍ରିତ ଥଟ୍ଟା ।

ଟାହୁଲି-ବି. ଥଟ୍ଟା; ପରିହାସ ।

ଟି-ଲୋକ ଓ ପଦାର୍ଥର ନାମାନ୍ତେ ଦୟାଭାବରେ ବା କ୍ଷୁଦ୍ରତା ବୁଝାଇବା ପାଇଁ ପ୍ରଯୁକ୍ତ ।

ଟିଆ ବି. ଶୁଆ ।

ଟିକର-ବି. କୁଦ; ଉଚ୍ଚସ୍ଥାନ ।

ଟିକା-ବି. ତିଳକ; ବସନ୍ତରୋଗ ନିବାରଣାର୍ଥ ହସ୍ତରେ କ୍ଷତ କରି ବସନ୍ତବୀଜ ଗ୍ରହଣ ।

ଟିକାଇତ, ଟିକାଏତ } ବି. ଯୁବରାଜ ।

ଟିକିଏ-କ୍ରି. ବି. କ୍ଷଣେ ।

ଟିକିଟିକି-ବିଂ. (ଅନୁକରଣ) ଖଣ୍ଡ ଖଣ୍ଡ; କ୍ଷୁଦ୍ର କ୍ଷୁଦ୍ର; ଛୋଟ ଛୋଟ ।

ଟିକିଏ-ବିଂ. ଅଳ୍ପ । [ଅଳଂକାର ।

ଟିକିଲି-ବି. ସ୍ତ୍ରୀମାନଙ୍କର ଭ୍ରୂଦ୍ୱୟର ମଧ୍ୟସ୍ଥ

ଟିକ୍ରି-ବି. ବାଦ୍ୟବିଶେଷ ।

ଟିଙ୍କି-ବି. ଗୋରୁମାନଙ୍କ ଦେହର କୀଟ ବିଶେଷ ।

ଟିଟ୍ଟିଭ-ବି. ଟେଁଟେଁୟାଁ ପକ୍ଷୀ ।

ଟିନ-ବି. ଧାତୁବିଶେଷ । [ପରିମାଣ ।

ଟିପ-ବି. ଚିହ୍ନ; ଅଙ୍ଗୁଳିଦ୍ୱୟର ଅଗ୍ରଗୃହୀତ

ଟିପଣା-ବି. (ଟିପ୍ପଣୀଶବ୍ଦଜ) ସ୍ମରଣାର୍ଥ ଲେଖା; ଜାତକ । [ଟେକି ଧରିବା କାଠ ।

ଟିପାଇ-ବି. (ତ୍ରିପାଦଶବ୍ଦଜ) ଶଗଡ଼ ଟୁସମୁଣ୍ଡି

ଟିପିଦେବା-କ୍ରି. (ଟିପ୍‌ଧାତୁଜ) ଠାରିଦେବା ।

ଟିପିବା-କ୍ରି. (ଟିପ୍ପଣୀଶବ୍ଦଜ) ସ୍ମରଣାର୍ଥ କୌଣସି ବିଷୟ ଲେଖିବା ।

ଟିମା-ବିଂ. ଗେଡା; ବାଙ୍ଗର; ଖର୍ବ ।

ଟୀକା-ବି. ବିବୃତ୍ତି; ବ୍ୟାଖ୍ୟା ।

ଟୀକାକାର-ବି. (ଟୀକା-କୃ-ଅ) ବ୍ୟାଖ୍ୟାକର୍ତ୍ତା ।

ଟେକ-ବି. ଉଚ୍ଚତା; ଗୌରବ; ମାନ ।

ଟେକା-ବି. ଲୋଷ୍ଟ୍ର; ଖପର ।

ଟେକାଟେକି-କ୍ରି. ବି. ଘେନାଘେନି; ଧରାଧରି ।

ଟେକିବା-କ୍ରି. ଉଠାଇବା ।

ଟେରା-ବିଂ. ବକ୍ରଦୃଷ୍ଟି ।

ଟେଲା-ବି. ମୃତ୍ତିକାଖଣ୍ଡ । [ପ୍ରବର୍ତ୍ତାଇବା ।

ଟେହିବା-କ୍ରି. ଉତ୍ତେଜିତ କରିବା; ମନକାର୍ଯ୍ୟରେ

ଟୋକା-ବି. (ତୋକଶବ୍ଦଜ) ପିଲା ।

ଟୋକିବା-କ୍ରି. ଖାଦ୍ୟକୁ ଖୁଣ୍ଟିନେଇ ଖାଇବା ।

ଟୋକୀ, ଟୋକଣୀ } ବି. ବାଳିକା ।

ଟୋକେଇ-ବି. ବେତା; ବେଗୁଲ୍ ।

ଟୋପ-ବି. ଖାଲ ।

ଟୋପର-ବି. ମୁକୁଟ; ମସ୍ତକାବରଣ ବିଶେଷ ।

ଟୋପା-ବ. ବିନ୍ଦୁ ।
ଟୋପି-ବ. ମସ୍ତକାବରଣ ବିଶେଷ ।
ଟୋଲ-ବ. ସଂସ୍କୃତ ପାଠଶାଳା ।
ଟୋର୍ଣ୍ଣି-ବିଂ. ଚେପା ।

---

## ଠ ବ୍ୟଞ୍ଜନବର୍ଣ୍ଣର ଦ୍ୱାଦଶ ବର୍ଣ୍ଣ ।

ଠଉର-ବ. ନିର୍ଣ୍ଣୟ; ଚିହ୍ନ ।
ଠଉରାଇବା-କ୍ରି. ( ସ୍ଥାଧାତୁଜ ) ଚିହ୍ନ ସ୍ଥିର କରିବା ।
ଠଉରିବା-କ୍ରି. ସ୍ଥିର ରହିବା ।
ଠକ-ବିଂ. ପ୍ରତାରକ ।
ଠକାଠକି-କ୍ରି. ବି. (ଠକଶବ୍ଦଜ) ଭଣ୍ଡାଭଣ୍ଡି ।
ଠକିବା-କ୍ରି. ପ୍ରତାରିତ କରିବା ।
ଠଣ-ବିଂ. ସୁନ୍ଦର । ବି. ଶୋଭା ।
ଠଣ୍ଠଣ୍-ଅ. (ଅନୁକରଣ) ଶବ୍ଦବିଶେଷ ।
ଠଣା-ବ. ଭାବ; କାନ୍ତିଶୋଭା ।
ଠର୍ଠର-କ୍ରି. ବି. ପରସ୍ପର ପ୍ରତି ଠାରିବା ।
ଠସା-ବ. ଗୁଚ୍ଛ ।
ଠା-ବ. (ସ୍ଥାଧାତୁରୁ) ସ୍ଥାନ; ଜାଗା ।
ଠାକୁର-ବ. ( ଠକ୍କୁରଶବ୍ଦଜ ) ଦେବପ୍ରତିମା; ପ୍ରଭୁ ।
ଠାକୁରାଣୀ-ବ. (ଠାକୁର-ଆନୀ) ଦେବୀ; ରାଣୀ ।
ଠାଣି-ବ. ଢଙ୍ଗ; ଭଙ୍ଗୀ ।
ଠାପୁଆ-ବିଂ. ମଠୁଆ ।
ଠାବ-ବ. (ସ୍ଥାଧାତୁଜ) ସ୍ଥାନ; ସ୍ଥାନନିରୂପଣ ।
ଠାର-ବ. ସଂକେତ ।
ଠିଆ-ବିଂ. (ସ୍ଥିତଶବ୍ଦଜ) ଛିଡ଼ା; ଉଭା ।
ଠିକ୍-ବିଂ. ଯଥାର୍ଥ ।
ଠିକଣା-ବ. ସ୍ଥାନ; ସ୍ଥାନନିର୍ଣ୍ଣୟ ।
ଠିକା-ବିଂ. ଅଳ୍ପ ସମୟ ଲାଗି ନିଯୁକ୍ତ; ଗୋଟାଏ କର୍ମ କରିଦେବା ଲାଗି ମୋଟ ପ୍ରାପ୍ୟ ।
ଠିକେ-କ୍ରି. ବିଂ. ସଂକ୍ଷେପରେ; ସ୍ଥୂଳରେ ।
ଠୁକ୍ଠୁକ୍-ଅ. (ଅନୁକରଣ) ଶବ୍ଦବିଶେଷ ।
ଠୁଣ୍ଟ-ବିଂ. ବାଙ୍କର; ଶଙ୍କାକୃତ ।
ଠୁଳ-ବିଂ. (ସ୍ଥୂଳଶବ୍ଦଜ) ଏକତ୍ର; ରୁଣ୍ଡ ।
ଠେକ-ବ. ଅବଲମ୍ବନ; ଆଶ୍ରୟ ।
ଠେକା-ବ. ପାଗପ୍ରାପ୍ତ ମୁଣ୍ଡରେ ବନ୍ଧା ଲୁଗା ।
ଠେକି-ବ. ମୃତ୍ତିକାପାତ୍ରବିଶେଷ ।
ଠେକୁଆ-ବ. ଶଶକ ।
ଠେଙ୍ଗ-ବ. ଜଳିଘୋଡ଼ା; ଉଚ୍ଚଭୂମି ।
ଠେଙ୍ଗା-ବ. ବଡ଼ବାଡ଼ି; ଯଷ୍ଟି ।
ଠେଲ୍ଠେଲ-କ୍ରି. ବି. ପେଲାପେଲି ।
ଠେଲିବା-କ୍ରି. ପେଲିଦେବା ।
ଠୋକର-ବ. ଅଘାତ ।
ଠୋଠୋ-ଅ. ହାସ୍ୟବିଶେଷ ।
ଠୋଲି-ବ. ପତ୍ରନିର୍ମିତ ପାତ୍ର ।
ଠୌର-ବ. ଠିକଣା ।

---

## ଡ ବ୍ୟଞ୍ଜନବର୍ଣ୍ଣର ତ୍ରୟୋଦଶ ବର୍ଣ୍ଣ ।

ଡକା-ବ. ଚିତ୍କାର; କ୍ରନ୍ଦନ; ଗହଳ ।
ଡକାଇତ-ବ. ଗଣ୍ଡ; ହତ୍ୟାକାରୀ ଚୋର ।

ଡକାଇବା—କ୍ରି. ଶୋକଦ୍ୱାରା ଡାକିବା ।

ଡକାଡକି—କ୍ରି. ବି. ପରସ୍ପର ଆହ୍ୱାନ ।

ଡଗଡଗ—କ୍ରି. ବି॰. ଶୀଘ୍ର ଶୀଘ୍ର ।

ଡଗର—ବି. ଦୂତ; ଚର । [ନିଯୁକ୍ତ ଲୋକ ।

ଡଗରା—ବି. ରଜାଙ୍କ ଘୋଷଣା କରିବାପାଇଁ

ଡଙ୍କ—ବି. ଲତାର ଅଗ ।

ଡଙ୍କା—ବି. ଅଣକ ।

ଡଙ୍କାରି—ବି. ବୃକ୍ଷବିଶେଷ ।

ଡଙ୍କି—ବି. ଧାତୁନିର୍ମିତ ସ୍ନାନହଣ୍ଡା ।

ଡଙ୍କୁଣୀ—ବି. (ଡାକିନୀଶବ୍ଦଜ) ଡାଆଁଣୀ ।

ଡଙ୍ଗୀ—ବି. କ୍ଷୁଦ୍ର ନୌକା ।

ଡଜନ—ବି॰. (ଇଂରାଜୀ) ବାରଗୋଟା ପରିମିତ ।

ଡମ }
ଡୋମ } ବି. ନୀଚ ଜାତିବିଶେଷ ।
[ଲୌହଯନ୍ତ୍ର ।

ଡମଣି—ବି. ଗୋଡ଼ାଠରେ କବାଟ ଝୁଲାଇବାର

ଡମର—ବି. ଦଙ୍ଗା; ଆକ୍ରମଣ ।

ଡମରୁ—ବି. (ଡମ୍-ଋ-ଉ) କ୍ଷୁଦ୍ର ଚର୍ମାଚ୍ଛାଦନଯୁକ୍ତ

ଡମ୍ଫା—ବି॰. ଧୃଷ୍ଟ; ଉଦ୍ଧତ । [ବାଦ୍ୟବିଶେଷ ।

ଡମ୍ବର—ବି. ଆଡ଼ମ୍ବର ।

ଡର—ବି. (ଦରଶବ୍ଦଜ) ଭୟ ।

ଡରକୁଳା }
ଡରୁଆ } ବି॰. ଭୟାଳୁ ।

ଡହକ—ବି. (ଦାହଶବ୍ଦଜ) କ୍ଷିପ୍ର ।

ଡହଡ଼—ବି॰. (ଦହ୍ଧାତୁଜ) ଉତ୍ତପ୍ତ ।

ଡହର—ବି. ଜନ୍ମଭୂମି ।

ଡାଆଣା—ବି॰. ରଙ୍କ; ଆହାରଲୋଭୀ

ଡାଆଣୀ—ବି. (ଡାକିନୀଶବ୍ଦଜ) ଡାକୁଣୀ; ପିଶାଚୀ ।

ଡାଁଶ—ବି. (ଦଂଶଶବ୍ଦଜ) ପଶୁଦଂଶକ ମକ୍ଷିକା ।

ଡାକ—ବି॰. ପ୍ରସିଦ୍ଧ । ବି. ଆହ୍ୱାନଶବ୍ଦ; ସାଧାରଣଙ୍କର ଚିଠିପ୍ରଭୃତି ବହନ ।

ଡାକରା—ବି. ଆହ୍ୱାନ ।

ଡାକିବା—କ୍ରି. ଆହ୍ୱାନ କରିବା ।

ଡାକୁ—ବି. ଡକାଇତ ।

ଡାକୁଆ—ବି॰. ଆହ୍ୱାନକାରୀ ।

ଡାଗରା—ବି. ବଡ଼ ଡଙ୍କୁଣୀ ।

ଡାଙ୍ଗ—ବି. ବାଡ଼ି; ଯଷ୍ଟି । [ଭୟଙ୍କର ।

ଡାମର—ବି. (ଡମ୍-ଅର) କୋଲାହଳ । ବି॰.

ଡାମରାକୁଆ—ବି. ବଡ଼ ବଡ଼ କାଉ ।

ଡାମ୍ଫଣି—ବି. ବଡ଼ଛୁଞ୍ଚି ।

ଡାଳ—ବି. ଶାଖା ।

ଡାଲଚିନି—ବି. (ଦାରୁଚିନି) ଗୁଡ଼ତ୍ୱକ ।

ଡାଲା—ବି. ବେତ ବା ବାଉଁଶରେ ନିର୍ମିତ ପାତ୍ର ।

ଡାଲିମ }
ଡାଲିମ୍ବ } ବି. ଦାଡ଼ିମ୍ବଗଛ ବା ତାହାର ଫଳ ।

ଡାଲି—ବି. ଭଙ୍ଗା ମୁଗ ହରଡ ପ୍ରଭୃତିର ସୂପ ।

ଡାଲୁଅ—ବି. ଧାନ୍ୟବିଶେଷ ।

ଡାବ—ବି. ଔଷଧଡାଳିକା ।

ଡାହାଣ—ବି. (ଦକ୍ଷିଣଶବ୍ଦଜ) ଦକ୍ଷିଣ ।

ଡାହୁକ—ବି. (ଦାତ୍ୟୂହଶବ୍ଦଜ) ପକ୍ଷିବିଶେଷ ।

ଡିଆଁ—କ୍ରି. ବି. (ଡୀଧାତୁଜ) କୁଦା ।

ଡଙ୍ଗୀ—ବି. କ୍ଷୁଦ୍ର ନୌକା ।

ଡଣ୍ଡିମ—ବି. ଢୋଲବାଦ୍ୟ ।

ଡବା } ବି. କରଣ୍ଡ, ବଟା ।
ଡବିଆ }

ଡବିଡବି—ବି. ଡଣ୍ଡିମଧ୍ୱନି ।

ଡମ୍ବିରି—ବି. ବୃକ୍ଷବିଶେଷ ଓ ତାହାର ଫଳ ।

ଡିମ୍ବ—ବି. ଅଣ୍ଡା ।

ଡିମ୍ବଜ—ବି. (ଡିମ୍ବ-ଜନ୍-ଅ) ପକ୍ଷୀ ।

ଡିମ୍ଭ—ବି. ଶିଶୁ ।

ଡିହ—ବି. ବାସ୍ତୁଭୂମି ।

ଡୁଣ୍ଡୁଭ୍—ବି. ଧଣ୍ଡସର୍ପ ।

ଡୁବିବା—କ୍ରି. ବୁଡ଼ିବା ।

ଡେଇଁବା—କ୍ରି. (ଡୀ ଧାତୁଜ) କୁଦିବା ।

ଡେଉଁରିଆ—ବି. ଅଳଙ୍କାରବିଶେଷ; ଶରୀରରେ ଧାରଣାର୍ଥ ଧାତୁନିର୍ମିତ କ୍ଷୁଦ୍ର ଔଷଧାଧାର ।

ଡେଙ୍ଗା—ବିଂ. ଲମ୍ବା ।

ଡେଙ୍ଗୀ—ବିଂ. ଦୀର୍ଘାକୃତି (ସ୍ତ୍ରୀ) ।

ଡେଙ୍ଗୁରା—ବି. ନାଗରା; ନାଗରାଦ୍ୱାରା ଘୋଷଣା ।

ଡେଣା—ବି. (ଡୀ ଧାତୁଜ) ପକ୍ଷ ।

ଡେଣୁଆ—ବି. (ଦେଶଜ) ପଥରଢେଲା; ଟେକା ।

ଡେମ୍ଫ—ବି. ଫଳ ଓ ଫୁଲର ନାଡ଼ ।

ଡେରା—ବି. ବସ୍ତ୍ରନିର୍ମିତ ଗୃହ, ତମ୍ବୁ ।

ଡେରିବା—କ୍ରି. ଲଗାଇ ଥୋଇବା; ପାତିବା (କର୍ଣ୍ଣସମ୍ବନ୍ଧରେ) ।

ଡେବିରି—ବିଂ. ବାମ, ବାଁ ।

ଡୋର } ବି. ରଜ୍ଜୁ; ଦଉଡ଼ି ।
ଡୋରି }

ଡୋରିଆ—ବି. ଗାରଗାରିକିଆ ରେଖାରଞ୍ଜିତ ବସ୍ତ୍ରବିଶେଷ ।

ଡୋଳା—ବି. ଅକ୍ଷିର ଧଂଗୁଲି ।

ଡୋଲ୍ଲ—ବି. (ଡୁଲ୍ ଧାତୁଜ) ଖଟିଆ ।

ଡୋଲି—ବି. ଖଟିଆ; ଧାନ୍ୟାଧାର ।

ଡୌଲ—ବି. ଢଙ୍ଗ; ଗଢ଼; ଆକୃତି । ବିଂ. ସୁନ୍ଦର ।

---

## ଢ

ବ୍ୟଞ୍ଜନବର୍ଣ୍ଣର ଚତୁର୍ଦ୍ଦଶ ବର୍ଣ୍ଣ ।

ଢକ୍କା—ବି. ବଡ଼ ଢୋଲ ।

ଢକ୍କାର—ବି. ହାକୁଟି ।

ଢଗ—ବି. ପ୍ରବାଦ; ସ୍ତ୍ରୀଲୋକ-ପ୍ରଚଳିତ ପ୍ରବାଦ ।

ଢଙ୍ଗ—ବି. ଗଢ଼; ଆଚରଣ ।

ଢପ—ବି. ଛଳଚରଣ ।

ଢମ—ବି. ଆଡମ୍ବର; ଗର୍ବ । [ପାତ୍ର ।

ଢମା—ବି. ଗୋରୁ ଖୁଆଇବାର ବାଂଶନିର୍ମିତ

ଢମାଳି—ବି. ଉପମେଶା ନାନା କଥା ।

ଢଳଢଳ—କ୍ରି. ବିଂ. (ଜଳ ସମ୍ବନ୍ଧରେ) ଟଳ୍‌ଟଳ୍; ଝଲଝଲ୍; ଅସ୍ଥିର ।

ଢଳା—ବିଂ. ତରଳ ଧାତୁନିର୍ମିତ ।

ଢଳିବା—କ୍ରି. ଏକ ଆଡକୁ ଟଳିବା ।

ଢାଇ—ବି. ମୁଣ୍ଡ ଲଢେଇ ।

ଢାଉଁଢାଉଁ—ବି. ବାଦ୍ୟଧ୍ୱନିବିଶେଷ ।

ଢାଉ—ବ. ଗେରୁପର ଲୌହମୟ ଶଳା ।

ଢାଙ୍କିବା—କ୍ରି. ଆଚ୍ଛାଦନ କରିବା; ଘୋଡେଇ ରଖିବା ।

ଢାଙ୍କୁଣୀ—ବ. ଆଚ୍ଛାଦନ ।

ଢାଲ—ବ. ଚର୍ମନିର୍ମିତ ଫଳକ ।

ଢାଳ—ବ. ଧାତୁନିର୍ମିତ ଜଳପାତ୍ରବିଶେଷ ।

ଢାଳିବା—କ୍ରି. ଗଡ଼ିବା; ଅଜାଡ଼ିବା ।

ଢାଳୁ—ବି. ଗଡ଼ାଣିଆ ।

ଢାଳେ—କ୍ରି. ବି. ବାରେ; ଥରେ ।

ଢିଙ୍କି<br>ଢେଙ୍କି } ବ. ଧାନ କୁଟିବାର ଯନ୍ତ୍ର ।

ଢିପ—ବ. ଉଚ୍ଚସ୍ଥାନ; କୂଦ ।

ଢିମା—ବ. ଡେଲା ।

ଢିଲା—ବି. ଢୁଗୁଲା; ଶିଥିଳ ।

ଢୁଳା—ବ. ନିଦ୍ରାର ଆବେଶ । [ପଡ଼ିବା ।

ଢୁଳାଇବା—କ୍ରି. ଢୁଲେଇବା; ନିଦରେ ଢଳି-

ଢେଉ—ବ. ଲହରୀ ।

ଢେଙ୍କା—ବ. ଢିମା ।

ଢେମଣା—ବ. ଜାର; ଉପପତି; ସର୍ପବିଶେଷ ।

ଢେର୍—ବି. ବହୁତ ।

ଢେଲା—ବ. ଟେକା; ମୃତ୍ତିକାଖଣ୍ଡ । [ବସ୍ତୁ ।

ଢୋକ—ବ. ଏକାଥରକେ ଗିଳିବାର ଜଳୀୟ

ଢୋକିବା—କ୍ରି. ଢୋକେ ପିଇବା ।

ଢୋଲ<br>ଢୋଲକ } ବ. ବାଦ୍ୟଯନ୍ତ୍ରବିଶେଷ ।

ଢୋଲି—ବି. (ଢୋଲଶବ୍ଦଜ) ଫମ୍ପା ।

ଢୋଲିଆ—ବ. ଢୋଲବାଦ୍ୟକାରୀ । [ଘୁଷ ।

ଢୌକନ—ବ. (ଢୌକ୍-ଅନ) ଉପହାର; ଭେଟି;

---

## ଣ ବ୍ୟଞ୍ଜନବର୍ଣ୍ଣର ପଞ୍ଚଦଶ ବର୍ଣ୍ଣ ।

---

## ତ ବ୍ୟଞ୍ଜନବର୍ଣ୍ଣର ଷୋଡ଼ଶ ବର୍ଣ୍ଣ ।

ତଅଁର—ବ. ରଞ୍ଜିତ ସୂତ୍ରବିଶେଷ ।

ତଅଁରା—ବ. ରଞ୍ଜିତ ସୂତ୍ରରେ ଲୁଗା ବୁଣିବା ତନ୍ତୀ ।

ତଉଁରା—ବ. ରଞ୍ଜିତ ସୂତ୍ରରେ ବୁଣା ଲୁଗା ।

ତକରାର—ବ. କଳହ; କଜିଆ ।

ତକିଆ—ବ. ମାଣ୍ଡି ।

ତକ୍ତା—ବ. କାଠପଟା ।

ତକ୍ତପୋଷ—ବ. କାଠପଟାର ଖଟ ।

ତକ୍ର—ବ. ଘୋଳଦହି । [କର୍ମ୍ମା; ବଢ଼େଇ ।

ତକ୍ଷକ—ବ. (ତକ୍ଷ୍-ଅକ) ନାଗବିଶେଷ; ବର୍ଦ୍ଧ-

ତକ୍ଷଣ—ବ. (ତକ୍ଷ୍-ଅନ) ବଢ଼େଇର କାମ ।

ତଗର—ବ. ଟଗର ଫୁଲ ବା ଗଛ ।

ତଙ୍କ—ବ. (ତଙ୍କ୍-ଅ) ପଥର କାଟିବାର ଅସ୍ତ୍ର-
ବିଶେଷ ।

ତଜବୀଜ—ବ. (ଆରବୀ) ବିଚାର ।

ତଞ୍ଚକ—ବ. (ବଞ୍ଚକଶବ୍ଦଜ) ପ୍ରବଞ୍ଚକ; ପ୍ରତାରକ ।

ତଞ୍ଚକତା—ବ ପ୍ରବଞ୍ଚନା; ଶଠତା ।

ତଟ—ବି. (ତଟ୍-ଅ) କୂଳ; ତୀର ।
ତଟ୍କା—ବି. ସଜ । [ଲୁଚ ।
ତଟସ୍ଥ—ବି. (ତଟ-ସ୍ଥା-ଅ) ତୀରସ୍ଥ; ସ୍ତବ୍ଧ; ରମ-
ତଟିନୀ—ବି. (ତଟ-ଇନ୍-ଈ) ନଦୀ ।
ତଡ଼ାଗ—ବି. (ତଟ୍-ଅକ) ବୃହତ୍ ପୁଷ୍କରଣୀ ।
ତଡ଼ିତ୍—ବି. (ତଡ୍-ଇତ୍) ବିଦ୍ୟୁତ୍; ବିଜୁଳି ।
ତଡ଼ିତ୍ୱାନ୍—ବି. (ତଡ଼ିତ୍-ବତ୍) ବିଦ୍ୟୁଦ୍ୟୁକ୍ତ ।
 ବି. ମେଘ । [ଦୂର କରଦେବା ।
ତଡ଼ିବା-କ୍ରି. (ଦେଶଜ) ବାହାର କରଦେବା ;
ତଣ୍ଟା—ବି. ଅଡୁଆ; ଆପଦ୍ ।
ତଣ୍ଟି
ଘୁଣ୍ଟି } ବି. (ଘୋଟିଶବ୍ଦଜ) ଗଳଦେଶ; ବେକ ।
ତଣ୍ଟିଆ—ବି. ଗଳାରେ ଧକା ।
ତଣ୍ଡ—ବି. (ଦଣ୍ଡଶବ୍ଦଜ) ବୃଥା ଅର୍ଥଦଣ୍ଡ ।
ତଣ୍ଡି—ବି. ତୃଣବିଶେଷ ।
ତଣ୍ଡୁଳ—ବି. ଚାଉଳ ।
ତତ—ବି. (ତନ୍-ତ) ବିସ୍ତୃତ ।
ତତଲା—ବି. (ତପ୍ତଶବ୍ଦଜ) ଉଷ୍ଣ ।
ତତେଇବା—କ୍ରି. (ତପ୍ତଶବ୍ଦଜ) ଉତ୍ତପ୍ତ କରିବା ।
ତତ୍—ସ. ସେ; ସେହି ।
ତତ୍କାଳ—ବି. ସେହି ସମୟ; କ୍ରି. ବି. ଶୀଘ୍ର ।
ତତ୍କ୍ଷଣାତ୍—ଅ. ସେହିକ୍ଷଣି; ଅବିଳମ୍ବେ ।
ତତ୍ତ୍ୱ—ବି. (ତଦ୍-ତ୍ୱ) ମୂଳସତ୍ୟ; ଯଥାର୍ଥଭାବ ;
 ତଥ୍ୟ ।
ତତ୍ତ୍ୱଜ୍ଞାନୀ—ବି. (ତତ୍ତ୍ୱ-ଜ୍ଞାନ-ଇନ୍) ବ୍ରହ୍ମଜ୍ଞାନୀ ।

ତତ୍ତ୍ୱତଃ—କ୍ରି. ବି. ବସ୍ତୁତଃ । [ପଥଦର୍ଶକ ।
ତତ୍ତ୍ୱାବଧାନ—ବି. (ତତ୍ତ୍ୱ-ଅବ-ଧା-ଅନ) କାର୍ଯ୍ୟ-
ତତ୍ତ୍ୱାବଧାୟକ—ବି. (ତତ୍ତ୍ୱ-ଅବ-ଧୈ-ଅକ) ତତ୍ତ୍ୱ-
 ନିରୂପଣକାରୀ; ପଥଦର୍ଶକ ।
ତତ୍ତ୍ୱାବଧାରଣ—ବି. (ତତ୍ତ୍ୱ-ଅବ-ଧୃ-ଣିଚ୍-ଅନ)
 ତତ୍ତ୍ୱନିରୂପଣ । [ବ୍ୟଗ୍ର ।
ତତ୍ପର—ବି. (ତତ୍-ପର) ନିବିଷ୍ଟ; ସଚେଷ୍ଟ ;
ତତ୍ପୁରୁଷ—ବି. ସମାସବିଶେଷ ।
ତତ୍ର—ଅ. (ତଦ୍-ତ୍ର) ସେଠାରେ ।
ତତ୍ରତ୍ୟ—ବି. (ତତ୍ର-ତ୍ୟ) ସେହି ସ୍ଥାନରେ ସ୍ଥିତ ।
ତତ୍ରାପି—ଅ. (ତତ୍ର-ଅପି) ତଥାଚ; ତେବେହେଁ ।
ତଥା—ଅ. (ତଦ୍-ଥା) ସେହି ପ୍ରକାର ।
ତଥାଚ
ତଥାପି } ଅ. (ତଥା-ଚ, ଅପି) ତେବେହେଁ ।
ତଥାସ୍ତୁ—ଅ. (ତଥା-ଅସ୍ତୁ) ତାହା ହେଉ ।
ତଥି—ସ. (ତତ୍ଶବ୍ଦଜ) ତହିଁରେ; ସେଠାରେ ।
ତଥ୍ୟ—ବି. (ତଥା-ଯ) ପ୍ରକୃତ କଥା; ସତ୍ୟ ।
ତଦ୍—ସ. (ତନ୍-ଅଦ୍) ସେହି । [ଉତ୍ତରୁ ।
ତଦନନ୍ତର—କ୍ରି. ବି. (ତଦ୍-ଅନନ୍ତର) ତହିଁ-
ତଦର୍ଥ—କ୍ରି. ବି. (ତଦ୍-ଅର୍ଥ) ସେଥିପାଇଁ ।
ତଦନ୍ତ—ବି. (ତଦ୍-ଅନ୍ତ) ତଥ୍ୟନିର୍ଣ୍ଣୟ; ଅନୁ-
 ସନ୍ଧାନ ।
ତଦବଧି—କ୍ରି. ବି. (ତଦ୍-ଅବଧି) ସେହି ସମୟରୁ ।
ତଦବସ୍ଥ—ବି. (ତଦ୍-ଅବସ୍ଥା) ସେହି ଅବସ୍ଥାରେ
 ସ୍ଥିତ ।
ତଦା—କ୍ରି ବି. (ତଦ୍-ଦା) ସେହି ସମୟରେ ।

ତଦାନୀଂ-ଅ. (ତଦ୍-ଦାନୀଂ) ସେତେବେଳେ ।

ତଦାନୀନ୍ତନ-ବି. (ତଦାନୀଂ-ତନ) ତତ୍କାଳୀନ ।

ତଦୀୟ-ବି. (ତଦ୍-ଈୟ) ତତ୍ସମ୍ବନ୍ଧୀୟ ।

ତଦ୍ଗତ-ବି. (ତଦ୍-ଗତ) ତନ୍ନିଷ୍ଠ; ସେଥିରେ ନିବିଷ୍ଟ ।

ତଦ୍ଦଣ୍ଡ-କ୍ରି. ବି. (ତଦ୍-ଦଣ୍ଡ) ସେହିକ୍ଷଣି ।

ତଦ୍ଧିତ-ବି. (ତଦ୍-ହିତ) ଶବ୍ଦରୁ ଉତ୍ତର ପ୍ରତ୍ୟୟ ।

ତଦ୍ବତ୍-ବି. (ତଦ୍-ବତ୍) ତତ୍ତୁଲ୍ୟ; ସେହିପରି ।

ତଦ୍ବ୍ୟତିରିକ୍ତ-ବି. (ତଦ୍-ବ୍ୟତିରିକ୍ତ) ତାହା- [ଛଡ଼ା ।

ତନ୍ଖା-ବି. ବେତନ ।

ତନୟ-ବି. (ତନ୍-ଅୟ) ପୁତ୍ର ।

ତନୟା-ବି. (ତନୟ-ଆ) କନ୍ୟା; ଝିଅ ।

ତନିମା-ବି. (ତନୁ-ଇମନ୍) କୃଶତା; ସୂକ୍ଷ୍ମତା ।

ତନୁ-ବି. (ତନ୍-ଉ) ଶରୀର; ମୂର୍ତ୍ତି; ବି. ଅଳ୍ପ; [କୃଶ; ସୂକ୍ଷ୍ମ ।

ତନୁ-ଛଦ-ବି. ବର୍ମ; କବଚ ।

ତନୁଜ-ବି. (ତନୁ-ଜ) ପୁତ୍ର ।

ତନୁଜା-ବି. (ତନୁ ଜା) କନ୍ୟା; ଝିଅ ।

ତନୁ-ତ୍ୟାଗ-ବି. ଦେହତ୍ୟାଗ; ମରଣ ।

ତନ୍ତ-ବି. (ତନ୍ଥାଗୁନ) ଲୁଗାବୁଣିବାର କଳ ।

ତନ୍ତ୍ରୀ-ବି. ତନ୍ତୁବାୟ ।

ତନ୍ତୁ-ବି. (ତନ୍-ତୁ) ସୂତ୍ର; ତାର; ସନ୍ତାନ ।

ତନ୍ତୁବାୟ-ବି. (ତନ୍ତୁ-ବେ-ଅ) ତନ୍ତ୍ରୀ ।

ତନ୍ତ୍ର-ବି. (ତନ୍-ତ୍ର) ଅଧୀନ; ବି. ସଜ୍ୟଶାସନ;

ତନ୍ତ୍ରୀ-ବି. (ତନ୍ତ୍ର-ଈ) ବୀଣା; ରଜ୍ଜୁ । [ସୂତ୍ର ।

ତନ୍ଦ୍ରା-ବି. (ତନ୍ଦ୍ର-ଆ) ଅଳ୍ପନିଦ୍ରା; ନିଦ୍ରାବେଶ ।

ତନ୍ଦ୍ରାଳୁ
ତନ୍ଦ୍ରିତ
ବି. (ତନ୍ଦ୍ରା-ଅଳୁ, ଇତ) ନିଦ୍ରାଳୁ; ଅଳସ ।

ତନ୍ନତନ୍ନ-କ୍ରି. ବି. (ତଦ୍-ନ, ତଦ୍-ନ) ତାହା ନୁହେଁ ତାହା ନୁହେଁ, ପୁଙ୍ଖାନୁପୁଙ୍ଖରୂପେ; ସୂକ୍ଷ୍ମାନୁସୂକ୍ଷ୍ମରୂପେ । [ତଦାତ୍ମକ ।

ତନ୍ମୟ-ବି. (ତଦ୍-ମୟ) ସେଥିରେ ନିମଗ୍ନ;

ତନ୍ୱୀ-ବି. (ତନୁ-ଈ) କୃଶାଙ୍ଗୀ ।

ତପଃ-ବି. (ତପ୍-ଅସ୍) ତପସ୍ୟା ।

ତପ-ବି. (ତପସ୍ ଶବ୍ଦରୁ) ତପସ୍ୟା ।

ତପଶ୍ଚରଣ-ବି. (ତପଃ-ଚରଣ) ତପଃସାଧନ ।

ତପନ-ବି. (ତପ୍-ଅନ) ସୂର୍ଯ୍ୟ ।

ତପନତନୟ-ବି. (ତପନ-ତନୟ) ଯମ ।

ତପନତନୟା-ବି. ଯମୁନାନଦୀ ।

ତପସ୍ୟା-ବି. (ତପସ୍-ଯ-ଆ) ତପଃ; ବ୍ରତଚର୍ଯ୍ୟା; ଧର୍ମସାଧନ । [ଲୋକ; ମୁନି; ତାପସ ।

ତପସ୍ୱୀ-ବି. (ତପସ୍-ବିନ୍) ତପସ୍ୟାରେ ନିରତ

ତପୋଧନ-(ତପଃ ଧନ ଯାହାର) ତପସ୍ୱୀ ।

ତପୋବନ-ବି. (ତପଃ-ବନ) ମୁନିମାନଙ୍କର ଆଶ୍ରମ । [ସନ୍ତପ୍ତ ।

ତପ୍ତ-ବି. (ତପ୍-ତ) ତାପଯୁକ୍ତ; ଅଗ୍ନିଦ୍ୱାରା

ତବ-ଷ. (ତ୍ୱଦ୍ ଶବ୍ଦଜ) ତୁମ୍ଭର ।

ତମଃ-ବି. (ତମ୍-ଅସ୍) ଅନ୍ଧକାର; କାମକ୍ରୋଧାଦି ଉତ୍ତେଜକ ଗୁଣ ।

ତମ-ଅନେକ ମଧ୍ୟରେ ଏକର ଉତ୍କର୍ଷ ବା ଅପକର୍ଷବୋଧକ ପ୍ରତ୍ୟୟ; ଅନ୍ଧକାର; ସକ୍ରୁ ।

ତମସ୍ସୁକ-ବି. ଋଣଗ୍ରହଣର ଦସ୍ତାବିଜ ।
ତମସ୍ୱିନୀ-ବି. (ତମସ୍-ବିନ୍-ଈ) ରାତି ।
ତମା-ବି. (ତମ-ଆ) ରାତି; ତମାଳ ବୃକ୍ଷ ।
ତମାଖୁ-ବି. (ତାମ୍ରକୁଟଶବ୍ଦଜ) ଧୂଆଁପତ୍ର ।
ତମାଦି-ବି°. ନିର୍ଦ୍ଦିଷ୍ଟ ସମୟାତୀତ ।
ତମାଳ-ବି. ବୃକ୍ଷବିଶେଷ ।
ତମିସ୍ର-ବି. (ତମସ୍-ର) ଅନ୍ଧକାର ।
ତମୋମୟ-ବି°. (ତମଃ-ମୟ) ଅନ୍ଧକାରଚ୍ଛନ୍ନ ।
ତମ୍ପ-ବି. ବିଷଧର ସର୍ପ ବିଶେଷ ।
ତମ୍ବା-ବି. (ତାମ୍ରଶବ୍ଦଜ) ଧାତୁବିଶେଷ ।
ତମ୍ବି-ବି. ଧମକ-ଚମକ ।
ତମ୍ବୁ-ବି. ପଟୁଡି; ଶିବିର ।
ତର-ବି. ଦୁଇମଧ୍ୟରେ ଏକର ଉତ୍କର୍ଷ ବା ଅପ-କର୍ଷ-ବୋଧକ ପ୍ରତ୍ୟୟ ।
ତର-ବି. ଅବସର ।
ତରକାରି-ବି. ତିଅଣ; ବ୍ୟଞ୍ଜନ ।
ତରକିବା-କ୍ରି. ସାବଧାନ ହେବା ।
ତରକ୍ଷୁ-ବି. ହେଟାବାଘ ।
ତରଙ୍ଗ-ବି. (ତୃ-ଅଙ୍ଗ) ଲହରୀ ।
ତରଙ୍ଗିଣୀ-ବି. (ତରଙ୍ଗ-ଇନ୍-ଈ) ନଦୀ ।
ତରଣ-ବି. (ତୃ-ଅଣ) ପାରଗମନ ।
ତରଣି-ବି. (ତୃ-ଅନ-ଇ) ନୌକା; ସୂର୍ଯ୍ୟ ।
ତରଣୀ-ବି. (ତୃ-ଅନ-ଈ) ନୌକା ।
ତରତର-କ୍ରି. ବି°. (ତରସ୍=ବେଗ) ଚଞ୍ଚଳ; ଶୀଘ୍ର । [ମାସୁଲ ।
ତରପଣ୍ୟ-ବି. (ତର-ପଣ୍ୟ) ନଦୀପାର ହେବାର
ତରଭୁଜ-ବି. ଲତାବିଶେଷ ବା ତାହାର ଫଳ ।
ତର୍ଜ୍ଜମା-ବି. ଭାଷାନ୍ତର ।
ତରଳ-ବି°. (ତୃ-ଅଳ) ଦ୍ରବ; ଚଞ୍ଚଳ ।
ତରଳିବା-କ୍ରି. ଦ୍ରବହେବା ।
ତରବାରି-ବି. (ତର-ବୃ-ଅ-ଇ) ଖଣ୍ଡା ।
ତରସ୍ୱୀ-ବି°. (ତରସ୍-ବିନ୍) ବେଗବାନ୍; ଦ୍ରୁତ-ଗାମୀ ।
ତରାଜୁ-ବି. ଓଜନ କରିବାର ଯନ୍ତ୍ର ।
ତରାଟ-ବି. ପୁଷ୍ପବିଶେଷ । [କରି ରହିବା ।
ତରାଟିଚାହିଁବା-କ୍ରି. କ୍ରୋଧରେ ଚକ୍ଷୁ ବଡ଼ ଓ ବିସ୍ତୃତ
ତରି-ବି. (ତୃ-ଇ-ଈ) ନୌକା; ଭେଳା ।
ତରୁ-ବି. (ତୃ-ଉ) ବୃକ୍ଷ ।
ତରୁଣ-ବି°. (ତୃ-ଉନ) ଯୁବା; ନୂତନ ।
ତରୁଣୀ-ବି. (ତରୁଣ-ଈ) ଯୁବତୀ ।
ତରୁରୁହ-ବି. (ତରୁ-ରୁହ) ବୃକ୍ଷଉପରେ ଜାତ ବୃକ୍ଷ; ମଇଁଳ । [ନ୍ୟାୟଶାସ୍ତ୍ର ।
ତର୍କ-ବି. (ତର୍କ୍-ଅ) ଯୁକ୍ତି; ବାଦାନୁବାଦ; ବିଚାର;
ତର୍କିତ-ବି°. (ତର୍କ୍-ତ) ସମ୍ଭାବିତ; ଅନୁମିତ ।
ତର୍ଜ୍ଜନ-ବି. (ତର୍ଜ୍ଜ୍-ଅନ) ଭୟପ୍ରଦର୍ଶନ; କ୍ରୋଧ; ଭର୍ତ୍ସନା । [ଅଙ୍ଗୁଳି ।
ତର୍ଜ୍ଜନୀ-ବି. (ତର୍ଜ୍ଜ୍-ଅନ-ଈ) ବୃଦ୍ଧାଙ୍ଗୁଳିର ନିକଟସ୍ଥ
ତର୍ଜ୍ଜିତ-ବି°. (ତର୍ଜ୍ଜ୍-ତ) ଭର୍ତ୍ସିତ; ତାଡ଼ିତ ।
ତର୍ପଣ-ବି. (ତୃପ୍-ଅନ) ପିତୃଲୋକ ପ୍ରୀତ୍ୟର୍ଥେ ଜଳଦାନ; ପ୍ରୀଣନ ।
ତଳ-ବି. (ତଳ୍-ଅ) ଅଧୋଭାଗ; ପାତାଳ; ମୂଳର ଚତୁଃପାର୍ଶ୍ୱବର୍ତ୍ତୀ ସ୍ଥାନ; ମହଲ ।

ତଲବ୍—ବି. ତନଖା ।      ମଧ୍ୟରୁ ଶୋଷିଥାଏ ।
ତଲାତଲ—ବି. (ତଲ-ଅତଲ) ସପ୍ତପାତାଳ
ତଲାସ—ବି. (ଆରବୀ) ଅନୁସନ୍ଧାନ ।
ତଳ୍ପ—ବି. ଶଯ୍ୟା ।
ତଲି—ବି. ଧାନ ପ୍ରଭୃତିର ଗଦାତଳ ।
ତଲପା—ବି. ପାଦତଳ ।
ତବତ—ବି°. (ତପ୍ତଶବ୍ଦଜ) ତତଉଆ ।
ତସା—ବି. ରଷା ।
ତସୁ—ବି. (ତୁଷଶବ୍ଦଜ) ଧାନର ଚୋପା ।
ତସ୍କର—ବି. ଚୋର; ଅପହାରକ ।
ତହି—ବି. ଲୁଗାର ଭାଙ୍ଗ ।
ତହବିଲ୍—ବି. ସେକଡ଼; ପାଣ୍ଠି ।
ତହିଁ—ଅ. ସେଠାରେ ।
ତହୁଁ—ଅ. ସେଥିରୁ ।
ତାକ—ବି. ଠଣା ।      [ଯନ୍ତ୍ର ।
ତାକୁଡ଼ି—ବି. (ତର୍କୁଟୀଶବ୍ଦଜ) ସୂତା କାଟିବାର
ତାଚ୍ଛୀଲ୍ୟ—ବି. (ତଦ୍-ଶୀଲ-ଯ) ପୂର୍ବସ୍ୱଭାବତା; ଅଯତ୍ନ; ଅବଜ୍ଞା ।
ତାଠେ—ବି. ତାଙ୍କ; ତାଠି ।
ତାଟଙ୍କ—ବି. କର୍ଣ୍ଣଭୂଷଣ ବିଶେଷ ।
ତାଟଙ୍କା—ବି°. ହସ୍ତ; ଗ୍ରୀବ ।
ତାଟି—ବି. ବାଁଶ ବା ତାଳପତ୍ର ନିର୍ମିତ ପର୍ଦ୍ଦା ।
ତାଟିଆ—ବି. ଧାତୁନିର୍ମିତ ପାତ୍ରବିଶେଷ ।
ତାଡ଼—ବି. ବାହୁଭୂଷଣ; ମାଟିପାତ୍ର; ମାଟିପାତ୍ରରେ ମଣ୍ଡଲଗାଇବା ।
ତାଡ଼କା—ବି. ରାକ୍ଷସୀବିଶେଷ ।

ତାଡ଼ନ, ତାଡ଼ନା—ବି. (ତଡ଼୍-ଣିଚ୍-ଅନ-ଆ) କଠୋରଶାସନ; ଭର୍ତ୍ସନା; ପ୍ରହାର ।
ତାଡ଼ିତ—ବି°. (ତଡ୍-ଣିଚ୍-ତ) ଆହତ; ତିରସ୍କୃତ ।
ତାଡ଼ିତ—ବି°. (ତଡ଼ିତ୍-ଅ) ତଡ଼ିତ୍ ସମ୍ବନ୍ଧୀୟ ।
ତାଡ଼ିବା—କ୍ରି. ଅସ୍ତ୍ରଦ୍ୱାରା ଖୋଳି ଉପାଡ଼ିବା ।
ତାଡ଼ି—ବି. (ତାଳଶବ୍ଦଜ) ତାଳ ବା ଖର୍ଜୁର ରସ ।
ତାଡ୍ୟ—ବି°. (ତଡ୍-ଣିଚ୍-ଯ) ଦଣ୍ଡନୀୟ ।
ତାଣ୍ଡବ—ବି. (ତଣ୍ଡୁ-ଅ) ନୃତ୍ୟ; ଉଦ୍ଧତନୃତ୍ୟ ।
ତାତ—ବି. ପିତା; ପୂଜ୍ୟବ୍ୟକ୍ତି; ସ୍ନେହର ପାତ୍ର; ବତ୍ସ ।
ତାତି—ବି. ତପ୍ତି; ଉଷ୍ଣତା ।      [ଜାତ ।
ତାତ୍କାଳିକ—ବି°. (ତତ୍କାଳ-ଇକ) ସେହିକାଳ
ତାତ୍ପର୍ଯ୍ୟ—ବି. (ତତ୍ପର-ଯ) ଅଭିପ୍ରାୟ; ମର୍ମ ।
ତାଦାତ୍ମ୍ୟ—ବି. (ତଦାତ୍ମ-ଯ) ତତ୍ସ୍ୱରୂପତା; ଅଭେଦ ।
ତାଦୃକ୍, ତାଦୃଶ—(ତଦ୍-ଦୃଶ) ସେହିପ୍ରକାର ।
ତାନ—ବି. (ତନ୍-ଅ) ସଂଗୀତରେ ସ୍ୱରବିସ୍ତାର ।
ତାନପୁରା—ବି. (ତାନ-ପୁରା) ବୀଣାକାର ବାଦ୍ୟଯନ୍ତ୍ର ବିଶେଷ ।
ତାନ୍ତବ—ବି°. (ତନ୍ତୁ-ଅ) ତନ୍ତୁନିର୍ମିତ ।
ତାନ୍ତବତା—ବି. ଯେଉଁ ଗୁଣଯୋଗୁଁ ଟାଣିବା ଦ୍ୱାରା ତନ୍ତୁ ବା ତାର ନିର୍ମିତ ହୁଏ ।
ତାପ—ବି. (ତପ୍-ଅ) ଉଷ୍ଣତା; ଜ୍ୱର; ସନ୍ତାପ ।
ତାପସ—ବି°. (ତପସ୍-ଅ) ତପସ୍ୱୀ; ମୁନି ।

ତାପସ୍ୟ-ବି. (ତାପସ-ଯ) ତାପସର ଧର୍ମ; ତପସ୍ୱୀର ଆଚରଣ ।

ତାପିଚ୍ଛ-ବି. ତମାଳବୃକ୍ଷ ।

ତାପିତ-ବିଂ. (ତପ୍-ଣିଚ୍-ତ) ଦୁଃଖିତ; ଖେଦାନ୍ୱିତ; ତାପଯୁକ୍ତ ।

ତାମରସ-ବି. ପଦ୍ମ ।

ତାମସ-ବିଂ. (ତମସ୍-ଅ) ଅନ୍ଧକାରାଚ୍ଛନ୍ନ; ତମୋ-

ତାମ୍‌ସା-ବି. କୌତୁକ ।  [ଗୁଣାନ୍ୱିତ ।

ତାମସିକ-ବିଂ. (ତାମସ-ଇକ) ତମୋଗୁଣାନ୍ୱିତ; କଲୁଷମୟ ।

ତାମସୀ-ବି. (ତାମସ-ଈ) ଅନ୍ଧକାର ସନ୍ଧି ।

ତାମିସ୍ର-ବି. (ତମିସ୍ରା-ଅ) କୃଷ୍ଣପକ୍ଷ ।

ତାମ୍ର-ବି. (ତମ୍-ର) ତମ୍ବା; ଧାତୁବିଶେଷ ।

ତାମ୍ରକୂଟ-ବି. (ତାମ୍ର-କୂଟ) ଧୂଅଁପତ୍ର; ତମାଖୁ ।

ତାମ୍ରଚୂଡ଼-ବି. (ତାମ୍ର-ଚୂଡ଼ା) କୁକ୍କୁଟ ।

ତାମ୍ବୁ-ବି. ବସ୍ତ୍ରଗୃହ ।

ତାମ୍ବୁଲ-ବି. ଲତାବିଶେଷ ବା ତାହାର ପତ୍ର (ଅଧିକାଂଶରେ ଚୂନ ଗୁଆ ଖଇର ଓ ମସଲା ସଙ୍ଗେ ଚର୍ବିତ) ।

ତାମ୍ବୁଲ-କରଙ୍କ-ବି. ପାନବଟା ; ପାନଡବା ।

ତାମ୍ବୁଲୀ-ବି. (ତାମ୍ବୁଲ-ଇନ୍) ତାମ୍ବୁଲବ୍ୟବସାୟୀ; ତାମ୍ବୁଲି ଜାତି ।

ତାର-ବିଂ. (ତୃ-ଅ) ଅତ୍ୟୁଚ୍ଚ (ଶବ୍ଦସମ୍ବନ୍ଧରେ); ଉଜ୍ଜ୍ୱଳ । ବି. ଧାତୁନିର୍ମିତ ତନ୍ତୁ; ମୁକ୍ତା ।

ତାରକ
ତାରକା } ବି. (ତୃ-ଅ-କ,ଆ) ନକ୍ଷତ୍ର ।

ତାରକ-ବିଂ. ଉଦ୍ଧାରକ ।

ତାରକିତ-ବିଂ. (ତାରକା-ଇତ) ତାରକାଯୁକ୍ତ ।

ତାରଣ-ବି. (ତୃ-ଣିଚ୍-ଅନ) ଉଦ୍ଧାର । ବିଂ. ଉଦ୍ଧାରକର୍ତ୍ତା ।

ତାରତମ୍ୟ-ବି. (ତରତମ-ଯ) ନ୍ୟୂନତା ବା ଆଧିକ୍ୟ; ଇତରବିଶେଷ ।  [ଲତା ।

ତାରଲ୍ୟ-ବି. (ତରଳ-ଯ) ତରଳତା; ଚଞ୍ଚ-

ତାରା-ବି. (ତୃ-ଅ) ନକ୍ଷତ୍ର; ସଂସାର ଦୁଃଖନିସ୍ତାରକାରିଣୀ ଦେବୀ ।

ତାରା-ପତି-ବି. (ତାରା-ପତି) ଚନ୍ଦ୍ର ।

ତାରିଖ-ବି. (ଆରବୀ) ଦିବସ; ଦିନ ।

ତାରିଣୀ-ବିଂ. (ତୃ-ଣିଚ୍-ଇନ୍-ଈ) ନିସ୍ତାର-

ତାରିଫ୍-ବି. ପ୍ରଶଂସା ।  [କାରିଣୀ ।

ତାରୁଣ୍ୟ-ବି. (ତରୁଣ-ଯ) ଯୌବନାବସ୍ଥା ।

ତାର୍କିକ-ବିଂ. (ତର୍କ-ଇକ) ତର୍କଶାସ୍ତ୍ରଜ୍ଞ ।

ତାର୍କ୍ଷ୍ୟ-ବି. ଗରୁଡ ପକ୍ଷୀ ।

ତାଳ-ବି. (ତଲ୍-ଅ) ତାଳଗଛ; ଗୀତ ବାଦ୍ୟ ବିଷୟରେ କାଳ ଓ କ୍ରିୟାର ପରିମାଣ ।

ତାଳ-ବୃନ୍ତ-ବି. ତାଳପତ୍ରର ବିଞ୍ଚଣା ।

ତାଳବେତାଳ-ବି. ଉପଦେବତା ବିଶେଷ ।

ତାଳବ୍ୟ-ବିଂ. (ତାଳୁ-ଯ) ତାଳୁସମ୍ବନ୍ଧୀୟ; ତାଳୁଦ୍ୱାରା ଉଚ୍ଚାରିତ ।

ତାଳସଜ-ବି. ତାଳଫଳର କୋମଳ ଶସ୍ୟ ।

ତାଲ୍ଲା-ବି. କୋଲପ ।

ତାଳି-ବି. (ତାଳଶବ୍ଦଜ) ଦୁଇ କରତଳ ଦ୍ୱାରା

ତାଲିମ-ବିଂ. (ଆରବୀ) ଶିକ୍ଷିତ ।  [ଆଘାତ ।

ତାଳୀ-ବି. (ତାଳ-ଈ) ତାଳଜାତୀୟ ବୃକ୍ଷ ।
ତାଳୁ-ବି. (ତୃ-ଉ) ଜିହ୍ୱାର ଉପରସ୍ଥ ସ୍ଥାନ ।
ତାଲୁକ-ବି. (ଆରବୀଶବ୍ଦ) ଜମିଦାରୀ ।
ତାଲେବର-ବିଂ. ଧନାଢ୍ୟ ।
ତାବତ୍-ଅଂ. (ତଦ୍-ପରିମାଣାର୍ଥେ-ବତୁ) ସେହି ପରିମାଣର, ତେତେକ ।
ତାବିଜ-ବି. (ଆରବୀ) ମନ୍ତ୍ରକବଚ; କଣ୍ଠଭୂଷଣ-[ବିଶେଷ ।
ତାସ୍-ବି. କ୍ରୀଡ଼ାର୍ଥ ଚିହ୍ନିତ କ୍ଷୁଦ୍ର ପତ୍ର ।
ତାହା-ସ. (ତଦ୍ଶବ୍ଦଜ) ସେହି ।
ତାହିବା } କ୍ରି. ଉତ୍ତେଜିତ କରିବା ।
ତାଇବା }
ତିଅଣ-ବି. (ତେମନଶବ୍ଦଜ) ତରକାରି ।
ତିକ୍ତ-ବିଂ. (ତିଜ୍-ତ) କଟୁ; ପିତା ।
ତିଗ୍ମ-ବିଂ. (ତିଜ୍-ମ) ତୀକ୍ଷ୍ଣ ।
ତିଗ୍ମରଶ୍ମି-ବି. ସୂର୍ଯ୍ୟ ।
ତିତିକ୍ଷା-ବି. (ତିଜ୍-ସନ୍-ଅ) ସହିଷ୍ଣୁତା ।
ତିତିକ୍ଷୁ-ବିଂ. (ତିଜ୍-ସନ୍-ଉ) ସହିଷ୍ଣୁ ।
ତିତୀର୍ଷୁ-ବିଂ. (ତୃ-ସନ୍-ଉ) ତରଣେଚ୍ଛୁ ।
ତିତିର-ବି. ପକ୍ଷୀବିଶେଷ ।
ତିଥି-ବି. (ଅତ୍-ଇଥି) ଚନ୍ଦ୍ରକଳାର ହ୍ରାସ ବୃଦ୍ଧି-ଅନୁସାରେ ପ୍ରତିପଦ୍ ଦ୍ୱିତୀୟାଦି ଦିନ-ପରିମିତ-କାଳ ।
ତିନି-ବିଂ. (ତ୍ରିଶବ୍ଦଜ) ୩ ସଂଖ୍ୟା ।
ତିନ୍ତିଡ଼ି-ବି. ତେନ୍ତୁଳୀଗଛ ଓ ତାହାର ଫଳ ।
ତିନ୍ତିବା-କ୍ରି. (ତିମ୍ଧାତୁଜ) ଆର୍ଦ୍ର ହେବା ।
ତିନ୍ଦୁ } ବି. କେନ୍ଦୁ ।
ତିନ୍ଦୁକ }

ତିମି-ବି. ପ୍ରକାଣ୍ଡ ମତ୍ସ୍ୟବିଶେଷ ।
ତିମିଙ୍ଗିଳ-ବି. (ତିମିଂ-ଗିଲ) ତିମିକୁ ଗିଳେ ଯେ ରାଘବମତ୍ସ୍ୟ ।
ତିମିର-ବି. (ତିମ୍-ଇର) ଅନ୍ଧକାର ।
ତିରଶ୍ଚୀନ-ବିଂ. (ତିର୍ଯ୍ୟକ୍-ଈନ୍) ତେର୍ଚ୍ଛା; ବକ୍ର ।
ତିରସ୍କରଣୀ-ବି. (ତିରସ୍-କୃ-ଅନ୍-ଈ) ପର୍ଦ୍ଦା;
ତିରସ୍କାର-ବି. (ତିରସ୍-କୃ-ଅ) ଭର୍ତ୍ସନା ।
ତିରସ୍କୃତ-ବିଂ. (ତିରସ୍-କୃ-ତ) ଭର୍ତ୍ସିତ ।
ତିରୋଧାନ-ବି. (ତିରସ୍-ଧା-ଅନ) ଅଦର୍ଶନ; ଅନ୍ତର୍ଦ୍ଧାନ; ଆଚ୍ଛାଦନ; ବ୍ୟବଧାନ ।
ତିରୋଭାବ-ବି. (ତିରସ୍-ଭୂ-ଅ) ଅଦର୍ଶନ ।
ତିରୋଭୂତ-ବିଂ. (ତିରସ୍-ଭୂ-ତ) ଅନ୍ତର୍ହିତ ।
ତିରୋହିତ-ବିଂ. (ତିରସ୍-ଧା-ତ) ଅନ୍ତର୍ହିତ ।
ତିର୍ଯ୍ୟକ୍-ବିଂ.(ତିରସ୍-ଅନ୍ଚ୍-କ୍ୱିପ୍) ବକ୍ର; ତେର୍ଚ୍ଛା ।
ତିର୍ଯ୍ୟକ୍ଯୋନି-ବି. ପଶୁପକ୍ଷୀ ।
ତିଳ-ବି. (ତିଲ-ଅ) ଶସ୍ୟ; ତିଳବତ୍ ଦେହସ୍ଥ ଚିହ୍ନ; ସୂକ୍ଷ୍ମକଳା; ଅତ୍ୟଳ୍ପ ।
ତିଳକ-ବି. (ତିଳ-ଅକ) ଲଲାଟରେ ଚନ୍ଦନାଦି-ଫୋଟା; ଗାଛ ତିଳକ; ଶ୍ରେଷ୍ଠ ପୁରୁଷ ।
ତିଳୋତ୍ତମା-ବି. ( ତିଳ-ଉତ୍ତମା ) ଅପ୍ସରା ବିଶେଷ ।
ତିଷ୍ୟ-ବି. ପୁଷ୍ୟାନକ୍ଷତ୍ର; ପୌଷମାସ ।
ତୀଖ-ବିଂ. (ତୀକ୍ଷ୍ଣଶବ୍ଦଜ) ଉଗ୍ର ।
ତୀକ୍ଷ୍ଣ-ବିଂ. ମୁନିଆ; ଶାଣିତ; ଉଗ୍ର ।

ତୀର-ବି. (ତିର୍-ଅ) ନଦୀକୂଳ; ବାଣ ।

ତୀରନ୍ଦାଜ-ବି. (ପାର୍ଶୀଶବ୍ଦ) ତୀରକ୍ଷେପକ ।

ତୀର୍ଣ୍ଣ-ବିଂ. (ତୃ-ତ) ଉତ୍ତୀର୍ଣ୍ଣ ।

ତୀର୍ଥ-ବି. (ତୃ-ଥ) ପୁଣ୍ୟସ୍ଥାନ ।

ତୀର୍ଥଙ୍କର-ବି. ଜୈନଧର୍ମର ପ୍ରବର୍ତ୍ତକ ୨୪ ଜଣ ମୁନି ତୀର୍ଥଙ୍କର ବା ପବିତ୍ର ମହାପୁରୁଷ ବୋଲି ପ୍ରସିଦ୍ଧ ।

ତୀବ୍ର-ବିଂ. (ତିବ୍-ର) ତୀକ୍ଷ୍ଣ; କଟୁ; ଦୁଃସହ ।

ତୁ, ତୁହି-ସଂ. ତୁମ୍ଭେ ଶବ୍ଦର ନୀଚ ପ୍ରୟୋଗ ।

ତୁଙ୍ଗ-ବିଂ. ଉନ୍ନତ; ଉଚ୍ଚ ।

ତୁଚ୍ଛ-ବିଂ. ଅସାର; ହେୟ; ଶୂନ୍ୟ ।

ତୁଣ୍ଠି-ବିଂ. (ତୁଷ୍ଣୀଶବ୍ଦଜ) ଶୂନ୍ୟ; ଖାଲି; କେବଳ ।

ତୁଟା-ବିଂ. (ତ୍ରୁଟ୍ଧାତୁରୁ) ଭଙ୍ଗା ।

ତୁଟି-ବି. (ତ୍ରୁଟିଶବ୍ଦଜ) ହାନି; ଦୋଷ ।

ତୁଟିବା-କ୍ରି. (ତ୍ରୁଟ୍ଧାତୁରୁ) ଭାଙ୍ଗିବା ।

ତୁଠ-ବି. ନଦୀ ବା ପୁଷ୍କରଣୀରେ ସ୍ନାନ କରିବାର ସ୍ଥାନ ।

ତୁଣ୍ଡ-ବି. ମୁଖବିବର; ଓଷ୍ଠାଧର ।

ତୁଣ୍ଡପୋଡା-ବି. କଣ୍ଟକବୃକ୍ଷବିଶେଷ ।

ତୁଣ୍ଡି-ବି. ଗାଈ ଦୁହିବା କାଳର ତୁଣ୍ଡବନ୍ଧନ ।

ତୁତ-ବି. ବୃକ୍ଷବିଶେଷ; (ଏଥିରେ କୋଷକୀଟ ପାଳିତ ହୁଅନ୍ତି) ।

ତୁତିଆ-ବି. (ତୁତ୍ଥକଶବ୍ଦଜ) ମୟୂରଗ୍ରୀବ ।

ତୁନି-ବିଂ. (ତୂଷ୍ଣୀମ୍ଶବ୍ଦଜ) ନୀରବ; ଚୁପ୍ ।

ତୁନ୍ଦ-ବି. ପେଟ ।

ତୁନ୍ଦିଲ-ବିଂ. (ତୁନ୍ଦ-ଇଲ) ସ୍ଥୂଳୋଦର ।

ତୁନ୍ନ-ବିଂ. (ତୁଦ୍-ତ) ବ୍ୟଥିତ ।

ତୁମୂଳ, ତୁମୁଳ-ବିଂ. ଘୋର; ଉତ୍କଟ; ଭୟଙ୍କର ।

ତୁମ୍ବ, ତୁମ୍ବୀ-ବି. ଲାଉଖୋଳ; ବୀଣାଦି ବାଦ୍ୟଯନ୍ତ୍ରର ଦାଣ୍ଡି ବା ଆଧାର ।

ତୁମେ, ତୁମ୍ଭେ-ସଂ. (ଯୁଷ୍ମଦ୍ଶବ୍ଦରୁ) ମଧ୍ୟମ ପୁରୁଷ ।

ତୁରଗ, ତୁରଙ୍ଗ, ତୁରଙ୍ଗମ-ବି. (ତୁର-ଗମ୍-ଅ) ଅଶ୍ୱ ।

ତୁରିତ-କ୍ରି. ବିଂ. (ତ୍ୱରିତଶବ୍ଦଜ) ଶୀଘ୍ର; ଚଞ୍ଚଳ ।

ତୁରୀ-ବି. ତୂରୀ; ମୁଖବାଦ୍ୟ ବିଶେଷ ।

ତୁରୀୟ-ବିଂ. ( ଚତୁର୍-ଈୟ ) ଚତୁର୍ଥ । ବି. ପରବ୍ରହ୍ମ ।

ତୁର୍ଯ୍ୟ, ତୂର୍ଯ୍ୟ-ବି. (ଚତୁର୍-ଯ) ଚତୁର୍ଥ ।

ତୁଳ, ତୁଲ-ବି. (ତୁଲ-ଧାତୁରୁ) ତସର; କସା । ବିଂ. ସମତୁଲ ।

ତୁଳନା-ବି. (ତୁଲ୍-ଅନ-ଆ) ସାମ୍ୟବୈଷମ୍ୟ-ନିରୂପଣ ।

ତୁଳସୀ-ବି. ସ୍ୱନାମପ୍ରସିଦ୍ଧ ବୃକ୍ଷ । [ରାଶି ।

ତୁଳା-ବି. (ତୁଲ୍-ଅ) ତଉଲିବାର ନକ୍ତି; ସପ୍ତମ

ତୁଳା-ବି. (ତୂଲଶବ୍ଦଜ) ମଞ୍ଜିଛଡ଼ା କପା; ଶିମିଳି ଗଛର ତୁଳା ।

ତୁଳାଦଣ୍ଡ-ବି. ପରିମାଣଦଣ୍ଡ; ନକ୍ତି ।

ତୁଲା-ଦାନ-ବି. ତୁଲାପୁରୁଷ; ନିଜ ଦେହର ଭାର ପରିମାଣ ସ୍ୱର୍ଣ୍ଣାଦିଦାନ ।

ତୁଲାମାନ-ବି. ତୁଲାଦଣ୍ଡ ଦ୍ୱାରା ପରିମାଣ ।

ତୁଲାଭଣା-ବି. ତୁଲା ପିଞ୍ଜିବା ଲୋକ ।

ତୁଳି, ତୁଳିକା } ବି. (ତୁଲ୍‌ଧାତୁରୁ) ଚିତ୍ରକରର ବର୍ତ୍ତିକା ।

ତୁଳିତ-ବିଂ. (ତୁଲ୍‌-ତ) ପରିମିତ; ଉପମିତ; ଉତ୍କ୍ଷିପ୍ତ ।

ତୁଳିବା-କ୍ରି. ତୁଳନା କରିବା; ତୌଲ କରିବା ।

ତୁଳୀ-ବି. (ତୁଲାଶବ୍ଦରୁ) ତୁଲାନିର୍ମିତ ଶେଯ ।

ତୁଲ୍ୟ-ବିଂ. (ତୁଲ୍‌-ଯ) ସଦୃଶ; ସମାନ ।

ତୁଷ-ବି. (ତୁଷ୍‌-ଅ) ଧାନ୍ୟାଦିର ଚୋପା ।

ତୁଷାନଳ-ବି. (ତୁଷ୍‌-ଅନଳ) ତୁଷାଗ୍ନିରେ ଦେହଦାହରୂପ ପ୍ରାୟଶ୍ଚିତ୍ତ ।

ତୁଷାର-ବି. (ତୁଷ୍‌-ଅର) ନୀହାର; ବରଫ ।

ତୁଷାର-ଗିରି-ବି. ହିମାଳୟ ।

ତୁଷ୍ଟ-ବିଂ. (ତୁଷ୍‌-ତ) ତୃପ୍ତ; ଆହ୍ଲାଦିତ ।

ତୁଷ୍ଟି-ବି. (ତୁଷ୍‌-ତି) ସନ୍ତୋଷ; ତୃପ୍ତି ।

ତୁହିନ-ବି. ହିମ । ବିଂ. ଶୀତଳ ।

ତୁହିନାଂଶୁ-ବି. (ତୁହିନ-ଅଂଶୁ) ଚନ୍ଦ୍ର ।

ତୂଣ, ତୂଣୀ, ତୂଣୀର } ବି. ଶର ରଖିବାର ତୁଙ୍ଗା; ବାଣାଧାର ।

ତୂର, ତୂରୀ } ବି. (ତୂର-ଅ-ଇ) କ୍ଷୁଦ୍ରଭେରୀ ।

ତୂର୍ଣ୍ଣ-କ୍ରି. ବିଂ. (ତୂର-ତ) ଶୀଘ୍ର ।

ତୂର୍ଯ୍ୟ-ବି. (ତୂର-ଯ) ବିବିଧ ବାଦ୍ୟଯନ୍ତ୍ର ।

ତୂଳି, ତୂଳିକା } ବି. ଚିତ୍ରକରର ବର୍ଣ୍ଣ ଲେଖନୀ ।

ତୂଷ୍ଣୀଂଭାବ-ବି. (ତୂଷ୍ଣୀଂ=ନୀରବ+ଭାବ) ମୌନାବଲମ୍ବନ ।

ତୃଣ-ବି. (ତୃହ୍‌-ଣ) ଘାସ; କୁଟା ପ୍ରଭୃତି ।

ତୃଣଜୀବୀ-ବିଂ. ତୃଣଭକ୍ଷଣ ଦ୍ୱାରା ପ୍ରାଣଧାରଣକାରୀ ପ୍ରାଣୀ ।

ତୃଣଧାନ୍ୟ-ବି. ବାଲୁଙ୍ଗା ଧାନ ।

ତୃତୀୟ-ବିଂ. (ତ୍ରି-ତୀୟ) ତିନର ପୂରକ ।

ତୃତୀୟା-ବି. ତିଥିବିଶେଷ ।

ତୃତୀୟାଶ୍ରମ-ବି. (ତୃତୀୟ-ଆଶ୍ରମ) ବାନପ୍ରସ୍ଥାଶ୍ରମ ।

ତୃପ୍ତ-ବିଂ. (ତୃପ୍‌-ତ) ସନ୍ତୁଷ୍ଟ; ଆହ୍ଲାଦିତ ।

ତୃପ୍ତି-ବି. (ତୃପ୍‌-ତି) ସନ୍ତୋଷ; ଆହ୍ଲାଦ ।

ତୃଷା, ତୃଷ୍ଣା } ବି. (ତୃଷ୍‌-ଅ) ପିପାସା; ଆକାଂକ୍ଷା; ଲୋଭ ।

ତୃଷ୍ଣାଳୁ-ବିଂ. (ତୃଷ୍ଣା-ଆଳୁ) ପିପାସୁ ।

ତୃଷିତ-ବିଂ. (ତୃଷ୍‌-ତ) ତୃଷାଯୁକ୍ତ ।

ତେରଶ-ବିଂ. ଦଶ୍‌ବଂଶ, ୧୩ ସଂଖ୍ୟା ।

ତେଜଃ-ବି. (ତିଜ୍‌-ଅସ୍‌) ଦୀପ୍ତି; ପ୍ରତାପ; ସ୍ୱର୍ଣ୍ଣାଦି ଧାତୁ ।

ତେଜପତ୍ର-ବି. ଦାରୁଚିନି ପତ୍ର ।

ତେଜସ୍କର-ବିଂ. (ତେଜସ୍‌-କୃ-ଅ) ତେଜୋବୃଦ୍ଧିକାରକ; ଶକ୍ତିକାରକ ।

ତେଜସ୍ୱାନ୍‌, ତେଜସ୍ୱୀ } ବିଂ. (ତେଜସ୍‌-ବତ୍‌-ବିନ୍‌) ପ୍ରଭାବଶାଳୀ; ବଳବାନ୍‌; ତେଜୋବିଶିଷ୍ଟ ।

ତେଜିତ-ବି. (ତିଜ୍-ଣିଚ୍-ତ) ଶାଣିତ; ଉତ୍ତେଜିତ । [ତେଜସ୍ୱୀ ।

ତେଜୀୟାନ୍-ବି. ( ତେଜସ୍-ଈୟସ୍ ) ଅତି

ତେଜୋମୟ-ବି. (ତେଜସ୍-ମୟ) ଜ୍ୟୋତିର୍ମୟ; ତେଜଃପୂର୍ଣ୍ଣ ।

ତେଢ଼ା-ବି. (ତିର୍ଯ୍ୟକ୍ ଶବ୍ଦଜ) ବଙ୍କା ।

ତେଣିକି-କ୍ରି. ବି. ସେହି ଦିଗକୁ ।

ତେଣେ-କ୍ରି. ବି. ସେ ଦିଗରେ ।

ତେଣ୍ଟା-ବି. ମତ୍ସ୍ୟାଦି ଭେଦନ କରିବାର ଶସ୍ତ୍ରବିଶେଷ; ଜଞ୍ଜ ଲ ।

ତେଟେଣ୍ଟାର୍-ବି. (ଟିଟ୍ଟିଭ ଶବ୍ଦଜ) ପକ୍ଷୀବିଶେଷ ।

ତେଣ୍ଡା-ବି. ଜଳ ଉଠାଇବାର ଯନ୍ତ୍ରବିଶେଷ ।

ତେତାଲି-ବି. (ହିନ୍ତାଳଶବ୍ଦଜ) ଜନମହଲା ।

ତେତିଶ-ବି. (ତ୍ରୟସ୍ତ୍ରିଂଶତ୍ ଶବ୍ଦଜ) ୩୩ ସଂଖ୍ୟା ।

ତେତିକି-ବି. ସେପର୍ଯ୍ୟନ୍ତ ।

ତେତେ-ବି. ସେତେ; ତତ୍ପରିମିତ ।

ତେତେବେଳେ-ସଂ. ସେହିସମୟରେ ।

ତେନ୍ତୁଳି-ବି. ( ତିନ୍ତିଡ଼ୀଶବ୍ଦଜ ) ଚିଞ୍ଚାବୃକ୍ଷ ବା ତାହାର ଅମ୍ଳଫଳ ।

ତେପନ-ବି. ୫୩ ସଂଖ୍ୟା ।

ତେମନ୍ତ-ବି. ସେହିପରି ।

ତେର-ବି. ୧୩ ସଂଖ୍ୟା ।

ତେଲ-ବି. (ତୈଲଶବ୍ଦଜ)ମାଲପା; ମଥାଦହ ।

ତେଲଙ୍ଗା-ବି. ତୈଲଙ୍ଗ ପ୍ରଦେଶରି ଲୋକ ।

ତେଲଉଣି-ବି. ପଲମ ।

ତେଲୀ-ବି. (ତୈଳିକଶବ୍ଦଜ) ତୈଳବ୍ୟବସାୟୀ ।

ତେଲୁଣୀ-ବି. ତେଲୀଜାତୀୟ ସ୍ତ୍ରୀ ।

ତେସନ-କ୍ରି. ବି. ସେହିପ୍ରକାରେ ।

ତେହ୍ନେ-କ୍ରି. ବି. ସେହିପ୍ରକାରେ । [(ପାତ୍ର) ।

ତୈଜସ-ବି. ( ତେଜସ୍-ଅ ) ଧାତୁନିର୍ମିତ

ତୈଳ-ବି. (ତିଲ୍-ଅ) ତିଳାଦିର ତେଲ ।

ତୈଲଙ୍ଗ-ବି. ଦେଶବିଶେଷ; ତୈଲଙ୍ଗ ପ୍ରଦେଶର ଲୋକ ।

ତୈଳପା } ବି. (ତୈଳ-ପା-ଅ, ଅକ-ଆ)
ତୈଳପାୟିକା } ତେଲପୋକ; ଅସରପା ।

ତୋ-ସଂ. (ତ୍ୱତ୍ ଶବ୍ଦଜ) ତୋର ।

ତୋଟକ-ବି. ଛନ୍ଦୋବିଶେଷ ।

ତୋଟା-ବି. ବଡ଼ ବଗିଚ୍ଚ ।

ତୋଡ଼-ବି. ବେଗ; ସ୍ରୋତର ବେଗ ।

ତୋଡ଼ା-ବି. ଟଙ୍କାର ଥଳୀ ।

ତୋଡ଼ି-ବି. ମତ୍ସ୍ୟବିଶେଷ ।

ତୋତା-ବି. ଶୁକପକ୍ଷୀ ।

ତୋପ-ବି. କମାଣ ।

ତୋୟ-ବି. (ତୁ-ୟ) ଜଳ ।

ତୋୟଧି } ବି. (ତୋୟ-ଧି, ନିଧି) ସମୁଦ୍ର;
ତୋୟନିଧି } ସାଗର ।

ତୋରଣ-ବି. ବହିର୍ଦ୍ୱାର; ଫାଟକ ।

ତୋଷ୍ୟ-ବି. ସୁନ୍ଦର; ମନୋହର ।

ତୋରାଣି-ବି. ପଖାଳ ଭାତର ଜଳ ।

ତୋଳକ-ବି.(ତୁଲ୍-ଅ-କ)ତୋଳା; ଏକଭରି ।

ତୋଳନ-ବି. (ତୁଲ୍-ଅନ) ଉତ୍ତୋଳନ; ଓଜନ ।

ତୋଳା-ବି. (ତୋଳକଶବ୍ଦଜ) ଭର, ୧୦ ମଣା ଓଜନ ।

ତୋଳିବା-କ୍ରି. ( ତୁଲ୍‌ଧାତୁଜ ) ଉଠେଇବା; ଚୟନ କରିବା; ନିର୍ମାଣ କରିବା ।

ତୋଶକ-ବି. ବିଛଣା; ଗଦି ।

ତୋଷ-ବି. ( ତୁଷ୍-ଅ ) ସନ୍ତୋଷ; ହର୍ଷ; ଆହ୍ଲାଦ ।

ତୋଷଣ-ବି. (ତୁଷ୍-ଅନ) ସନ୍ତୁଷ୍ଟକରଣ ।

ତୋଷାମୋଦ-ବି. (ଯାବନିକ) ଚାଟୁବଚନ; ଖୋସାମୋଦ୍ ।

ତୋଷାଖାନା-ବି. ( ପାର୍ଶିଶବ୍ଦ ) ବସ୍ତ୍ରାଦିର ଭଣ୍ଡାର ।

ତୋଷିତ-ବିଂ. (ତୁଷ୍-ଇତ) ସନ୍ତୋଷଯୁକ୍ତ ।

ତୋଷିବା-କ୍ରି. (ତୁଷ୍‌ଧାତୁଜ) ସନ୍ତୁଷ୍ଟ କରିବା ।

ତୌଜି-ବି. ଜମି ଜମାଦିର ହିସାବପତ୍ର ।

ତୌର୍ଯ୍ୟ-ବି. (ତୂର୍ଯ୍ୟ-ଅ) ବାଦ୍ୟ ।

ତୌର୍ଯ୍ୟତ୍ରିକ-ବି. (ତୌର୍ଯ୍ୟ-ତ୍ରିକ) ନୃତ୍ୟ, ଗୀତ ଓ ବାଦ୍ୟ ଏହି ତିନୟ ।

ତୌଲ୍-ବି. ତୁଲାଯନ୍ତ୍ର ।

ତୌଲିବା-କ୍ରି. ଓଜନ କରିବା ।

ତ୍ୟକ୍ତ-ବିଂ. (ତ୍ୟଜ୍-ତ) ବର୍ଜିତ; ବିସୃଷ୍ଟ ।

ତ୍ୟଜନ-ବି. (ତ୍ୟଜ୍-ଅନ) ତ୍ୟାଗ ।

ତ୍ୟାଗ-ବି. (ତ୍ୟଜ୍-ଅ) ବର୍ଜନ; ବିସର୍ଜନ; ଦାନ; ବୈରାଗ୍ୟ ।

ତ୍ୟାଗୀ-ବିଂ. (ତ୍ୟାଗ-ଇନ୍) ବୈରାଗୀ ।

ତ୍ୟାଜ୍ୟ-ବିଂ. (ତ୍ୟଜ୍-ଯ) ତ୍ୟାଗର ଯୋଗ୍ୟ; ବର୍ଜନୀୟ ।

ତ୍ରପା-ବି. (ତ୍ରପ୍-ଅ) ଲଜ୍ଜା ।

ତ୍ରପିତ-ବିଂ. (ତ୍ରପ୍-ତ) ଲଜ୍ଜିତ ।

ତ୍ରୟ-ବି. (ତ୍ରି-ଅୟ) ୩ ସଂଖ୍ୟା; (ସ୍ତ୍ରୀଲିଙ୍ଗରେ ତ୍ରୟୀ) ।

ତ୍ରୟସ୍ତ୍ରିଂଶତ୍-ବିଂ. ୩୩ ସଂଖ୍ୟା ।

ତ୍ରୟୋଦଶ-ବିଂ. ( ତ୍ରି-ଦଶନ୍-ଅ ) ତେର ସଂଖ୍ୟାର ପୂରଣବାଚକ । [ବିଶେଷ ।

ତ୍ରୟୋଦଶୀ-ବି. ( ତ୍ରି-ଦଶନ୍-ଅ-ଈ ) ତିଥି-

ତ୍ରସ୍ତ-ବିଂ. (ତ୍ରସ୍-ତ) ତ୍ରାସଯୁକ୍ତ; ଭୀତ; ଚକିତ ।

ତ୍ରାଣ-ବି.(ତ୍ରୈ-ଅନ) ବିପଦରୁ ଉଦ୍ଧାର; ରକ୍ଷା ।

ତ୍ରାତା-ବିଂ. (ତ୍ରୈ-ତୃ) ରକ୍ଷାକର୍ତ୍ତା ।

ତ୍ରାସ-ବି. (ତ୍ରସ୍-ଅ) ଭୟ ।

ତ୍ରାସିତ- ବିଂ. (ତ୍ରସ୍-ଣିଚ୍-ତ) ବିଭୀଷିତ ।

ତ୍ରାହି-କ୍ରି. (ତ୍ରୈ-ହି) ରକ୍ଷାକର; ବି. ରକ୍ଷା ।

ତ୍ରି-ବିଂ. ୩ ସଂଖ୍ୟା ।

ତ୍ରିଂଶ / ତ୍ରିଂଶତ୍ } ବିଂ. ୩୦ ସଂଖ୍ୟା ।

ତ୍ରିକ-ବି. (ତ୍ରି-କ) ମେରୁଦଣ୍ଡର ନିମ୍ନଭାଗ; କଟି; ୩ ସଂଖ୍ୟା ।

ତ୍ରି-କଟୁ-ବି. ଶୁଣ୍ଠି, ପିପ୍ପଳି ଓ ଗୋଲମରିଚ ।

ତ୍ରି-କାଳ-ବି. ପ୍ରାତଃ, ମଧ୍ୟାହ୍ନ ଓ ସନ୍ଧ୍ୟା; ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ।

ତ୍ରି-କାଳଜ୍ଞ-ବିଂ. (ତ୍ରିକାଳ-ଜ୍ଞା-ଅ) କାଳତ୍ରୟ-ବୃତ୍ତାନ୍ତଜ୍ଞାତା ।

ତ୍ରି-କୂଟ-ବି. ତିନିଶୃଙ୍ଗବିଶିଷ୍ଟ ପର୍ବତ ।

ତ୍ରିକୋଣ-ବି. ତିନିକୋଣ; ତ୍ରିଭୁଜକ୍ଷେତ୍ର ।

ତ୍ରିକୋଣମଣ୍ଡଳ ଭୂମି-ବି. ନଦୀମୁହାଣ ନିକଟରେ ଥିବା ତ୍ରିକୋଣ ଭୂଖଣ୍ଡ । [ତମଃ ।
ତ୍ରିଗୁଣ-ବି. (ତ୍ରି-ଗୁଣ) ତିନିଗୁଣ; ସତ୍ତ୍ୱ, ରଜଃ ଓ
ତ୍ରିଜାତକ-ବି. ଜାଇଫଳ, ଅଳାଇଚ ଓ ତେଜପତ୍ର ।
ତ୍ରି-ତନ୍ତ୍ରି-ବି. ସେତାର ନାମକ ବାଦ୍ୟଯନ୍ତ୍ର ।
ତ୍ରି-ତୟ-ବିଂ. ତିନିଗୋଟି; ତ୍ରୟ ।
ତ୍ରି-ତାପ-ବି. (ତ୍ରି-ତାପ) ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ଏହି ତ୍ରିବିଧ ସନ୍ତାପ ।
ତ୍ରି-ଦଣ୍ଡ-ବି. ବାକ୍‌ଦଣ୍ଡ, ମନୋଦଣ୍ଡ, ଓ କାୟଦଣ୍ଡ ।
ତ୍ରିଦଣ୍ଡୀ-ବିଂ. (ତ୍ରି-ଦଣ୍ଡ-ଇନ୍) ସନ୍ନ୍ୟାସୀ ।
ତ୍ରିଦଶ-ବି. ଦେବତା । ବିଂ. ତ୍ରିଂଶ ସଂଖ୍ୟକ ।
ତ୍ରିଦଶାରି-ବି.(ତ୍ରିଦଶ-ଅରି)ଦେବଶତ୍ରୁ; ଅସୁର ।
ତ୍ରିଦିବ-ବି. (ତ୍ରି-ଦିବ୍-ଅ) ସ୍ୱର୍ଗ; ଆକାଶ ।
ତ୍ରିଦିବେଶ-ବି. (ତ୍ରିଦିବ-ଈଶ) ଇନ୍ଦ୍ର ।
ତ୍ରିଦୋଷ-ବି. (ତ୍ରି-ଦୋଷ) ବାତ, ପିତ୍ତ ଓ କଫର ଦୋଷ ।
ତ୍ରିଧା, ତ୍ରିବିଧ } ଅ. (ତ୍ରି-ଧା-ବିଧ) ତିନିପ୍ରକାର ।
ତ୍ରି-ନବତି-ବିଂ. ୯୩ ସଂଖ୍ୟା ।
ତ୍ରି-ନୟନ-ବି. ଶିବ; ମହାଦେବ ।
ତ୍ରିପଞ୍ଚାଶତ୍-ବିଂ. ୫୩ ସଂଖ୍ୟା ।
ତ୍ରି-ପତ୍ର-ବି. ବେଲଗଛ ।
ତ୍ରିପଥଗା-ବି. (ତ୍ରିପଥ-ଗମ୍-ଅ-ଆ) ତ୍ରିପଥଗାମିନୀ; ଗଙ୍ଗା । [ତେପାୟା ।
ତ୍ରିପଦୀ-ବି. (ତ୍ରି-ପଦ୍-ଈ) ଛନ୍ଦୋବିଶେଷ;

ତ୍ରିପାଦ-ବି. ତ୍ରିବିକ୍ରମ; ବିଷ୍ଣୁ; ବିଂ. ତ୍ରିପାଦବିଶିଷ୍ଟ ।
ତ୍ରିପିଷ୍ଟପ, ତ୍ରିବିଷ୍ଟପ } ବି. (ତ୍ରି-ପିଷ୍ଟପ,-ବିଷ୍ଟପ) ତ୍ରିଭୁବନ; ସ୍ୱର୍ଗ ।
ତ୍ରିପୁଣ୍ଡ୍ର-ବି. ଲଲାଟରେ ଭସ୍ମାଦିରଚିତ ତିନୋଟି ରେଖା । [ହର୍ତ୍ତା; ମହାଦେବ ।
ତ୍ରିପୁରାରି-ବି. (ତ୍ରି-ପୁର-ଅରି) ତ୍ରିପୁର ରାକ୍ଷସର-
ତ୍ରିଫଳା-ବି. ହରିଡ଼ା, ବାହାଡ଼ା ଓ ଅଁଳା ।
ତ୍ରି-ବଳି-ବି. ଉଦରରେ ମାଂସର ସଂକୋଚ ଜନିତ ରେଖାତ୍ରୟ ।
ତ୍ରିଭୁଜ-ବି. ତ୍ରିକୋଣ କ୍ଷେତ୍ର ।
ତ୍ରି-ଭୁବନ-ବି. ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।
ତ୍ରିମୂର୍ତ୍ତି-ବି. (ତ୍ରି-ମୂର୍ତ୍ତି) ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ।
ତ୍ର୍ୟମ୍ବକ-ବି. (ତ୍ରି-ଅମ୍ବକ=ନେତ୍ର) ଶିବ; ମହାଦେବ ।
ତ୍ରିଯାମା-ବି. (ତ୍ରି-ଯାମା) ରଜନୀ ।
ତ୍ରିଲୋକୀ-ବି. (ତ୍ରି-ଲୋକ-ଈ) ତ୍ରିଲୋକ; ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।
ତ୍ରି-ବର୍ଗ-ବି. ଧର୍ମ, ଅର୍ଥ ଓ କାମ ।
ତ୍ରିବିକ୍ରମ-ବି. (ତ୍ରି-ବିକ୍ରମ) ତ୍ରିପଦଦ୍ୱାରା ତ୍ରିଲୋକବ୍ୟାପୀ ବାମନରୂପୀ ବିଷ୍ଣୁ ।
ତ୍ରିବୃତ୍-ବି. ତେଉଡ଼ି ଲତା ।
ତ୍ରି-ବୃତ୍-ବିଂ. ତ୍ରିଗୁଣିତ ।
ତ୍ରିବେଣୀ-ବି. (ତ୍ରି-ବେଣୀ) ଯେଉଁଠାରେ ଗଙ୍ଗା, ଯମୁନା ଓ ସରସ୍ୱତୀର ଯୋଗ ।
ତ୍ରିବେଦୀ ବିଂ. (ତ୍ରି-ବେଦ-ଇନ୍) ଋକ୍, ଯଜୁଃ, ସାମ ଏହି ତିନିବେଦର ଜ୍ଞାତା (ବ୍ରାହ୍ମଣ) ।

ତ୍ରିଶତ—ବିଂ. ତିନିଶ, ୩୦୦ ।

ତ୍ରି-ଶୂଳ—ବି. ତ୍ରିଫଳକଯୁକ୍ତ ଅସ୍ତ୍ର, ଶିବାସ୍ତ୍ର ।

ତ୍ରିଶୂଳୀ—ବି. (ତ୍ରିଶୂଳ-ଇନ୍) ଶିବ ।

ତ୍ରି-ସନ୍ଧ୍ୟା—ବି. ପ୍ରାତଃ, ମଧ୍ୟାହ୍ନ ଓ ସାୟାହ୍ନ ।

ତ୍ରି-ସପ୍ତ—ବିଂ. ସାତର ତିନିଗୁଣ, ୨୧ ସଂଖ୍ୟା ।

ତ୍ରିସପ୍ତତି—ବିଂ. ୭୩ ସଂଖ୍ୟା ।

ତ୍ରୁଟି—ବି. (ତ୍ରୁଟ୍-ଇ) ନ୍ୟୂନତା; କ୍ଷତି; ଦୋଷ ।

ତ୍ରୁଟିତ—ବିଂ. (ତ୍ରୁଟ୍-ତ) ଛିନ୍ନ; ଭଗ୍ନ ।

ତ୍ରେତା—ବି. (ତ୍ରି-ଇତ-ଅ) ଦ୍ୱିତୀୟ ଯୁଗ ।

ତ୍ରେଧା—କ୍ରି. ବିଂ. ତିନିପ୍ରକାରେ ।

ତ୍ରୈଗୁଣ୍ୟ—ବି. ସତ୍ତ୍ୱ, ରଜଃ ଓ ତମଃ ଏହି ଗୁଣତ୍ରୟର ସମଷ୍ଟି । [ସମ୍ବନ୍ଧୀୟ ।

ତ୍ରୈମାସିକ—ବିଂ. (ତ୍ରିମାସ-ଇକ) ମାସତ୍ରୟ-

ତ୍ରୈରାଶିକ—ବି. (ତ୍ରିରାଶି-ଇକ) ତିନିରାଶି ଜଣାଥିଲେ ଚତୁର୍ଥ ରାଶି ବାହାର କରିବାର ଗଣିତର ନିୟମବିଶେଷ । [ପାତାଳ ।

ତ୍ରୈଲୋକ୍ୟ—ବି. (ତ୍ରିଲୋକ-ଯ) ସ୍ୱର୍ଗ, ମର୍ତ୍ତ୍ୟ ଓ

ତ୍ରୋଟକ—ବିଂ. (ତ୍ରୁଟ୍-ଅକ) ଯାହାଦ୍ୱାରା ଛେଦନ କରାଯାଏ । ବି. ଏକପ୍ରକାର ନାଟ୍ୟଗ୍ରନ୍ଥବିଶେଷ ।

ତ୍ରୋଟି—ବି. ଚଞ୍ଚୁ; ପକ୍ଷୀର ଥଣ୍ଟ ।

ତ୍ର୍ୟଂଶ—ବି. (ତ୍ରି-ଅଂଶ) ତୃତୀୟାଂଶ ।

ତ୍ର୍ୟହସ୍ପର୍ଶ—ବି. (ତ୍ରି-ଅହନ୍-ସ୍ପର୍ଶ) ଏକଦିନରେ ତିନି ତିଥିର ମିଳନ ।

ତ୍ୱକ୍—ବି. (ତ୍ୱଚ୍-କ୍ୱିପ୍) ବଲ୍କଲ; ଚର୍ମ; ସ୍ପର୍ଶେନ୍ଦ୍ରିୟ ।

ତ୍ୱଇ—ସର୍ବ. ତୁମ୍ଭେ ।

ତ୍ୱଦୀୟ—ବିଂ. (ତ୍ୱଦ୍-ଈୟ) ତୁମ୍ଭ ସମ୍ବନ୍ଧୀୟ ।

ତ୍ୱରା—ବି. (ତ୍ୱର୍-ଅ) ବେଗ; ଶୀଘ୍ରତା ।

ତ୍ୱରିତ—ବିଂ. (ତ୍ୱର-ଇତ) ସତ୍ୱର ।

ତ୍ୱଷ୍ଟା—ବି. (ତ୍ୱକ୍ଷ୍-ତୃ) ବିଶ୍ୱକର୍ମା; ବଢ଼େଇ ।

ତ୍ୱାଦୃଶ—ବିଂ. (ତ୍ୱଦ୍-ଦୃଶ) ତୁମ୍ଭସଦୃଶ ।

ତ୍ୱିଷାମ୍ପତି—ବି. (ତ୍ୱିଷାଂ=ତେଜମ କିରଣର + ପତି) ସୂର୍ଯ୍ୟ ।

---

## ଥ ବ୍ୟଞ୍ଜନବର୍ଣ୍ଣର ସପ୍ତଦଶ ବର୍ଣ୍ଣ ।

ଥକା—ବି. (ସ୍ଥଗ୍ ଧାତୁରୁ) କ୍ଳାନ୍ତ; ଶ୍ରାନ୍ତ ।

ଥକାମରା—ବିଂ. (ସ୍ଥଗ୍ ଓ ମୃ ଧାତୁରୁ) କ୍ଳାନ୍ତିରେ ମ୍ରିୟମାଣ ।

ଥକିବା—କ୍ରି. (ସ୍ଥଗ୍ ଧାତୁରୁ) ଅବସନ୍ନ ହେବା ।

ଥଙ୍ଗଥଙ୍ଗ—ବିଂ. ଅସ୍ଥିର; ଅନିଶ୍ଚିତ ।

ଥଟା, ଥଟ୍ଟା—ବି. ପରିହାସ ।

ଥଟାରି—ବି. କଂସା ପିତ୍ତଳ ପାତ୍ରନିର୍ମାତା ।

ଥଣ୍ଟ—ବି. ଚଞ୍ଚୁ ।

ଥଣ୍ଡା—ବିଂ. ଶୀତଳ; ଉତ୍ତାପହୀନ ।

ଥନ—ବି. (ସ୍ତନଶବ୍ଦରୁ) ସ୍ତନ ।

ଥନଥନ—ବିଂ. ଅସମ୍ପୂର୍ଣ୍ଣ ।

ଥନହରା—ବି. ସ୍ତନରୋଗବିଶେଷ ।

ଥନ୍ତରା—ବିଂ. ଯାହାର ମୁହଁ ବା ଦାନ୍ତ ନାହିଁ ।

ଥନ୍ତଲ୍-ବିଂ. ଫଁପା; ମୋଟା । [ପଦଜଶବ୍ଦ ।

ଥପ୍‌ଥପ୍-ଅଂ. ଜଳୀୟ ଦ୍ରବ୍ୟର ଟୋପା ଟୋପା

ଥବିର-ବିଂ. (ସ୍ଥବିରଶବ୍ଦଜ) ବୃଦ୍ଧ ।

ଥମ୍ଭିବା-କ୍ରି.(ସ୍ତମ୍ଭଶବ୍ଦଜ)ଅଟକିଯିବା; ରହିଯିବା ।

ଥୟ-ବିଂ. (ସ୍ଥାଧାତୁଜ) ସ୍ଥିର ।

ଥର-ବି. (ସ୍ତରଶବ୍ଦଜ) ବାର ।

ଥରକୁଥର-କ୍ରି. ବିଂ. ବାରମ୍ବାର ।

ଥର୍‌ଥର-ବିଂ. କମ୍ପିତ ।

ଥରିବା-କ୍ରି. କମ୍ପିବା; କମ୍ପିତ ହେବା ।

ଥଳ-ବି. (ସ୍ଥଳଶବ୍ଦଜ) ଭୂମି; ନଦୀରେ ପଶିଯିବା ଭଳି ସ୍ଥାନ ।

ଥଳୀ-ବି. (ସ୍ଥଳୀଶବ୍ଦଜ) ମୃଣୀ; ସ୍ଥଳୀ ।

ଥାକିବା-କ୍ରି. (ସ୍ଥାଧାତୁରୁ) ରହିବା ।

ଥାକୁଲ୍ଲା-ବିଂ. ଅତି ମୋଟ ।

ଥାଟ-ବି. ସୈନ୍ୟ ।

ଥାତି-ବି. ସଞ୍ଚିତ ଧନ ।

ଥାନ-ବି. (ସ୍ଥାଧାତୁଜ) ଭୂମି ।

ଥାନମୁଦ୍ରା-ବି. ଗଣ୍ଡସ୍ଥଳର ଉପରଭାଗ ।

ଥାନା-ବି. (ସ୍ଥାଧାତୁଜ) ଜଗିବା ସ୍ଥାନ ।

ଥାମି-ବିଂ. (ସ୍ଥାମୀଶବ୍ଦଜ) ସ୍ଥାୟୀ ।

ଥାପିବା-କ୍ରି.(ଣିଜନ୍ତ ସ୍ଥାଧାତୁରୁ)ସ୍ଥାପନ କରିବା ।

ଥାଳ-ବି. ଘଉଗୋଲରେ ନିର୍ମିତ ଭକ୍ଷାପାତ୍ର ।

ଥାଳିଆ-ବି. ( ସ୍ଥାଳୀଶବ୍ଦଜ ) ଶ୍ରେଷ୍ଠଥାଳୀ; ରେକାବି । [ବିଶେଷ ।

ଥାଳୀ-ବି. (ସ୍ଥାଳୀଶବ୍ଦଜ) ଧାତୁ ନିର୍ମିତ ପାତ୍ର-

ଥିବା-କ୍ରି. (ସ୍ଥାଧାତୁରୁ) ରହିବା ।

ଥୁଆ-ବିଂ. ସ୍ଥିତ; ରକ୍ଷିତ ।

ଥୁଆଥୋଇ-ବି. ବିଧବା ସ୍ତ୍ରୀର ପୁନର୍ବିବାହ; ବିଭିନ୍ନ ପଦାର୍ଥମାନ ଯଥାସ୍ଥାନରେ ରଖିବା ।

ଥୁକ-ବି. ଛେପ ।

ଥୁଣ୍ଟା-ବିଂ. ଶାଖାହୀନ; ମୁଣ୍ଡା ।

ଥୁତ୍କାର-ବି. ଛେପ ପକାଇବା ।

ଥେଣ୍ଟା-ବିଂ. ଅମାନିଆ; ଅବାଧ୍ୟ ।

ଥୋଇଲ୍ଲି-ବି. ଦାସୀ; ରକ୍ଷିତା ସ୍ତ୍ରୀ ।

ଥୋଇବା-କ୍ରି. (ସ୍ଥାଧାତୁଜ) ରଖିବା ।

ଥୋକେ<br>ଥୋକାଏ } ବିଂ. କେତେକ; କେତେଗୁଡ଼ିଏ ।

ଥୋଡ଼-ବି. ଧାନର ଶିଂଷା; କଦଳୀଗଛରେ ନବୋତ୍ପନ୍ନ କାନ୍ଦି ।

ଥୋଡ଼ା-ବିଂ. ଅଳ୍ପ ।

ଥୋଡ଼ିଆ<br>ଥୋରିଆ } ବି. ଯେ ବଳଦଦ୍ୱାରା ଭାର ବହନ କରେ ।

ଥୋପ-ବି. ବନଶିରେ ମାଛ ଧରିବାପାଇଁ ଯେଉଁ ଆହାର ଦିଆଯାଏ ।

ଥୋପା-ବି. ଗୁଚ୍ଛ ।

ଥୋପିପଡ଼ିବା-କ୍ରି. ବୋହିପଡ଼ିବା ।

ଥୋମଣି-ବି. ପଶୁମାନଙ୍କର ଓଷ୍ଠ ।

ଥୋବରା-ବିଂ. ନିର୍ଲ୍ଲଜ; ଥକିଯିବା ।

ଥୋର<br>ଥୋରପାହାର } ବି. ହସ୍ତିଶୁଣ୍ଡ ।

ଦ ବ୍ୟଞ୍ଜନବର୍ଣ୍ଣର ଅଷ୍ଟାଦଶ ବର୍ଣ୍ଣ; ଶବ୍ଦାନ୍ତେ ଦାତା ଅର୍ଥରେ ପ୍ରଯୁକ୍ତ ।

ଦଅଣା—ବି. ପୁଷ୍ପବିଶେଷ । [କରିବା ।

ଦଇମା କରିବା—କ୍ରି. (ଦେଶୀଶବ୍ଦଜ) କଂପିତ

ଦଉଡ଼ି—ବି. (ଦୋରଶବ୍ଦଜ) ରଜ୍ଜୁ ।

ଦଉଡ଼ିବା—କ୍ରି. (ଦ୍ରୁ ଧାତୁରୁ) ଧାଇଁବା ।

ଦଂଶ—ବି. (ଦନ୍ଶ-ଅ) ଦଂଶନ; ଡାଂଶ ।

ଦଂଶକ—ବି. (ଦନ୍ଶ୍-ଅକ) ଯେ ଦଂଶନ କରେ ।

ଦଂଶନ—ବି. (ଦନ୍ଶ୍-ଅନ) ଦନ୍ତ ବା ଜାନୁତ୍ର ଦ୍ୱାରା ଆଘାତ ।

ଦଂଶିତ—ବିଂ. ଦନ୍ତାଦି ଦ୍ୱାରା ଆହତ ।

ଦଂଷ୍ଟ୍ରା—ବି. (ଦନ୍ଶ୍-ଷ୍ଟ୍ର-ଅ) ବନ୍ୟପଶୁର ବଡ଼ ଦାନ୍ତ ।

ଦକ }
ଦକା } ବି. ଭୟ; ଚିନ୍ତା ।

ଦକ୍ଷ—ବିଂ. (ଦକ୍ଷ୍-ଅ) ସମର୍ଥ; ନିପୁଣ । ବି. ପୁରାଣୋକ୍ତ ପ୍ରଜାପତି ବିଶେଷ ।

ଦକ୍ଷତା—ବି. (ଦକ୍ଷ-ତା) ସାମର୍ଥ୍ୟ; ପଟୁତା ।

ଦକ୍ଷିଣ—ବିଂ. (ଦକ୍ଷ-ଇନ) ଡାହାଣ, ବାମେତର; ଉତ୍ତରର ବିପରୀତ (ଦିକ୍) । ବି. ଦକ୍ଷିଣଦେଶ ।

ଦକ୍ଷିଣା—ବି. ଗୁରୁ ବା ପୁରୋହିତଙ୍କୁ ଦତ୍ତଧନ; ଦକ୍ଷିଣଦିକ୍ ।

ଦକ୍ଷିଣାନିଳ—ବି. (ଦକ୍ଷିଣ-ଅନିଳ) ମଲୟପବନ ।

ଦକ୍ଷିଣା-ପଥ—ବି. ଦକ୍ଷିଣଦେଶ; ଦାକ୍ଷିଣାତ୍ୟ ।

ଦକ୍ଷିଣାୟନ—ବି. ( ଦକ୍ଷିଣ-ଅୟନ ) ବିଷୁବରେଖାର ଦକ୍ଷିଣବର୍ତ୍ତୀ ସୂର୍ଯ୍ୟମାର୍ଗ ।

ଦକ୍ଷିଣାବର୍ତ୍ତ—ବି. ( ଦକ୍ଷିଣ-ଆବର୍ତ୍ତ ) ଦକ୍ଷିଣ ଅଙ୍ଗକୁ ଆବର୍ତ୍ତନ ।

ଦଖଲ—ବି. ଅଧିକାର ।

ଦଖଲ—ବିଂ. କର୍ଦ୍ଦମମୟ ।

ଦଗା—ବି. ପ୍ରବଞ୍ଚନା; ଚେଷ୍ଟା ।

ଦଗାଦିଆ }
ଦଗାଦାର } ବିଂ. ପ୍ରବଞ୍ଚକ ।

ଦଙ୍ଗା—ବି. କଳହ ।

ଦଗ୍ଧ—ବିଂ. (ଦହ୍-ତ) ଜ୍ୱଳିତ; ଭସ୍ମୀକୃତ ।

ଦଢ଼—ବିଂ. (ଦୃଢ଼ଶବ୍ଦଜ) ଶକ୍ତ; ମଜ୍‌ବୁତ ।

ଦଣ୍ଡ—ବି. (ଦଣ୍ଡ୍-ଅ) ଯଷ୍ଟି; ଶାସନ; ଶିକ୍ଷା; ୬୦ ପଳ ପରିମିତ ସମୟ ।

ଦଣ୍ଡକାକ—ବି. ଡାମରକୁଆ । [ବିଶେଷ ।

ଦଣ୍ଡକାରଣ୍ୟ—ବି. ରାମାୟଣ ବର୍ଣ୍ଣିତ ମହାରଣ୍ୟ-

ଦଣ୍ଡ-ଗ୍ରହଣ—ବି. ସନ୍ନ୍ୟାସାଶ୍ରମ ଅବଲମ୍ବନ (ଦଣ୍ଡୀ ସନ୍ନ୍ୟାସୀମାନେ ହସ୍ତରେ ଦଣ୍ଡ ଧାରଣ କରନ୍ତି) ।

ଦଣ୍ଡଧର—ବି. (ଦଣ୍ଡ-ଧୃ-ଅ) ଯେ ଦଣ୍ଡ ଧାରଣ କରେ; ରଜା; ଯମ; ଦଣ୍ଡଧାରୀ ।

ଦଣ୍ଡନ—ବି. ଶାସନ ।

ଦଣ୍ଡନୀତି—ବି. ରାଜନୀତି ।

ଦଣ୍ଡନୀୟ—ବିଂ. (ଦଣ୍ଡ-ଅନୀୟ) ଦଣ୍ଡାର୍ହ, ଦଣ୍ଡ ପାଇବାର ଯୋଗ୍ୟ ।

ଦଣ୍ଡବତ—ବି. (ଦଣ୍ଡ-ବତ) ଦଣ୍ଡପ୍ରାୟ ଭୂମିଷ୍ଠ ପ୍ରଣାମ । [ବିଧାନ ।

ଦଣ୍ଡବିଧି—ବି. (ଦଣ୍ଡ-ବିଧି) ଅପରାଧୀର ଦଣ୍ଡ-

ଦଣ୍ଡା–ବ. (ଦଣ୍ଡଶବ୍ଦଜ) ଶଗଡ଼ ଧଣ୍ଡା; ଘୋଡ୍ର ଷିବାର ବାଡ଼ ।

ଦଣ୍ଡାୟମାନ–ବଂ. (ଦଣ୍ଡ-ଅୟ୍-ଶାନଚ୍) ଦଣ୍ଡପ୍ରାୟ୍ ସିଧାଭାବରେ ଠିଆ ।

ଦଣ୍ଡାରି–ବ. (ଦଣ୍ଡ-ଋ-ଅ) କୁମ୍ଭକାରଚକ୍ର ।

ଦଣ୍ଡି–ବ. ହାତିବାର ଅଭରଣବିଶେଷ; କଣ୍ଟି ।

ଦଣ୍ଡିତ–ବଂ. (ଦଣ୍ଡ-ତ) ଦଣ୍ଡପ୍ରାପ୍ତ ।

ଦଣ୍ଡିଦାର–ବ. ଯେ ଶୃଙ୍ଖଳ ଇତ୍ୟାଦ ଓଜନ କରେ ।

ଦଣ୍ଡୀ–ବ. (ଦଣ୍ଡ-ଇନ) ସନ୍ନ୍ୟାସୀ; ଭୁଲାଦଣ୍ଡ ।

ଦଣ୍ଡୁଆସି–ବ. (ଦଣ୍ଡପାଣିଶବ୍ଦଜ) ଚୌକିଆ; ରମ୍ଭୁଟା ।

ଦଣ୍ଡ୍ୟ–ବଂ. (ଦଣ୍ଡ-ଯ) ଦଣ୍ଡନୀୟ ।

ଦତ୍ତ–ବଂ. (ଦା-ତ) ଦାନକୃତ; ଉତ୍ପୃଷ୍ଟ ।

ଦତ୍ତକପୁତ୍ର–ବ. ପୋଷ୍ୟ ପୁତ୍ର ।

ଦତ୍ତାପହାରୀ–ବଂ. (ଦତ୍ତ-ଅପ-ହୃ-ଇନ୍) ଦତ୍ତ ପଦାର୍ଥ ଯେ ଫେରନେଏ ।

ଦଦଗ୍ରୁ–ବଂ. ଦରଭଙ୍ଗା; ଫଟା ।

ଦଦ୍ରୁ–ବ. ଦାଦୁ; ଚର୍ମରୋଗ ।

ଦଧି–ବ. (ଧା-ଇ) ଦହି । [ଦଣ୍ଡ;

ଦଧିଚ୍ଚର–ବ. (ଦଧି-ଚର) ଦଧିମନ୍ଥନ ଦଣ୍ଡ;

ଦଧିବାମନ–ବ. ବିଷ୍ଣୁ ।

ଦନା–ବ. ଠୋଲା ।

ଦନୁ–ବ. (ଦନ୍-ଉ) କଶ୍ୟପପତ୍ନୀ; ରାକ୍ଷସମାତା ।

ଦନୁଜ–ବ. (ଦନୁ-ଜନ୍-ଅ) ରାକ୍ଷସ; ଦାନବ ।

ଦନ୍ତ–ବ. (ଦମ୍-ତ) ଦଶନ; ଦାନ୍ତ ।

ଦନ୍ତ-ଚ୍ଛଦ–ବ. ଓଷ୍ଠ । [ଘଷିବା ।

ଦନ୍ତଧାବନ–ବ. ( ଦନ୍ତ-ଧାବ୍-ଅନ ) ଦାନ୍ତ

ଦନ୍ତାବଳ–ବ. (ଦନ୍ତ-ବଳ) ଦୀର୍ଘଦନ୍ତ ହସ୍ତୀ ।

ଦନ୍ତୀ–ବ. (ଦନ୍ତ-ଇନ୍) ହସ୍ତୀ; ପର୍ବତ । ବଂ. ଦନ୍ତଯୁକ୍ତ ।

ଦନ୍ତୁର–ବଂ. (ଦନ୍ତ-ଉର) ବହିର୍ଗତ ଦନ୍ତବିଶିଷ୍ଟ ।

ଦନ୍ତୁରିତ–ବଂ. କରତଦାନ୍ତପରି ଉଚ୍ଚନୀଚ ।

ଦନ୍ତ୍ୟ–ବଂ. (ଦନ୍ତ-ଯ) ଦନ୍ତଦ୍ୱାରା ଉଚ୍ଚାରିତ ।

ଦଂଦଶୂକ–ବଂ. (ଦନଶ୍-ଯଙ୍-ଊକ) ଦଂଶନଶୀଳ । ବ. ସର୍ପ; ରାକ୍ଷସ ।

ଦପ୍ତର–ବ. (ଅରବୀଭାଷା) ହିସାବ ବହି ।

ଦପ୍ତରୀ–ବ. ଯେ ଖାତାବହିମାନ ସଜାଡ଼ି ରଖେ; ଯେ ବହି ବାନ୍ଧେ ।

ଦଫା–ବ. (ଅରବୀଭାଷା) ପରିଚ୍ଛେଦ; ନିୟମ ।

ଦମ–ବ. (ଦମ୍-ଅ) ଦମନ; ଇନ୍ଦ୍ରିୟନିଗ୍ରହ ।

ଦମ୍–ବ. ନିଶ୍ୱାସ; ବଞ୍ଚନା; ଜୀବନ ।

ଦମନ–ବ. (ଦମ୍-ଅନ) ଶାସନ; ବଶୀକରଣ; ନିବାରଣ ।

ଦମନୀୟ–ବଂ. (ଦମ୍-ଅନୀୟ) ଦମନଯୋଗ୍ୟ ।

ଦମୟନ୍ତୀ–ବ. (ଦମ୍-ଇ-ଅନ୍ତ-ଈ) ନଳରାଜାଙ୍କ ମହିଷୀ ।

ଦମ୍ପତି–ବ. ଜାୟା ଓ ପତି; ପତି-ପତ୍ନୀ ।

ଦମ୍ଭ–ବ. (ଦମ୍ଭ୍-ଅ) ଗର୍ବ; ପ୍ରବଞ୍ଚନା ।

ଦମ୍ଭୀ–ବଂ. (ଦମ୍ଭ-ଇନ୍) ଗର୍ବୀ; ପ୍ରବଞ୍ଚକ ।

ଦମ୍ଭୋଳି–ବ. (ଦମ୍ଭ-ଲୀ-କ୍ୱପ୍) ବଜ୍ର ।

ଦମ୍ୟ–ବଂ. (ଦମ୍-ଯ) ଦମନ ଯୋଗ୍ୟ ।

ଦୟା–ବି. (ଦୟ୍-ଅ) କୃପା; ପରଦୁଃଖ-ହର-
ଣେଚ୍ଛା । [ଦାନ କରେ ।
ଦୟାବୀର–ବି. ପରଦୁଃଖ-ହରଣାର୍ଥ ଯେ ପ୍ରାଣ
ଦୟାଳୁ–ବିଂ. (ଦୟା-ଅଳୁ) ଦୟାବାନ୍ ।
ଦୟିତ–ବିଂ. ପ୍ରିୟ । ବି. ପ୍ରଣୟୀ ।
ଦୟିତା–ବିଂ. ପ୍ରେୟା । ବି. ପ୍ରଣୟିନୀ ।
ଦର–ବିଂ. ଅଳ୍ପ । ବି. ଭୟ; ଖାଲ; ମୂଲ୍ୟ ।
ଦରଜୀ–ବି. (ପାର୍ଶୀ) ବସ୍ତ୍ରସୀବନକାରୀ ।
ଦରଦ୍–ବି. ବ୍ୟଥା; ଦୁଃଖ; ବେଦନା ।
ଦରବାର୍–ବି. (ପାର୍ଶୀ) ସଭା ।
ଦରମାହା–ବି. (ପାର୍ଶୀ) ବେତନ ।
ଦରାଣ୍ଡିବା–କ୍ରି. ଅଣ୍ଡାଳିବା; ଖୋଜିବା ।
ଦରୀ–ବି. (ଦୃ-ଇ) ଗିରିକନ୍ଦର; ପର୍ବତଗୁହା ।
ଦରିଦ୍ର–ବିଂ. (ଦରିଦ୍ରା-ଅ) ନିର୍ଦ୍ଧନ ।
ଦରିଦ୍ରିତ–ବିଂ. ନିର୍ଦ୍ଧନୀକୃତ ।
ଦରୋଟି–ବିଂ. ଅର୍ଦ୍ଧପକ୍ୱ; ଅର୍ଦ୍ଧଶୁଷ୍କ ।
ଦର୍‌ଉଆନ୍–ବି. (ପାର୍ଶୀ) ଦ୍ୱାରବାନ୍ ।
ଦର୍ଦ୍ଦୁର–ବି. (ଦୃ-ଉର) ଭେକ; ମେଘ ।
ଦର୍ପ–ବି. (ଦୃପ୍-ଅ) ଗର୍ବ, ଅହଙ୍କାର ।
ଦର୍ପକ–ବି. (ଦୃପ୍-ଅକ) କନ୍ଦର୍ପ; ସିନ୍ଦୂର । ବିଂ.
ଉତ୍ତେଜକ ।
ଦର୍ପଣ–ବି (ଦୃପ୍-ଅନ) ମୁକୁର, ଅର୍ଶି ।
ଦର୍ପହା–ବି. (ଦର୍ପ-ହନ୍-ଠ) କୃଷ୍ଣ । ବିଂ. ଦର୍ପ-
ହାରୀ ।
ଦର୍ପୀ–ବିଂ. (ଦର୍ପ-ଇନ୍) ଦାମ୍ଭିକ; ଅହଙ୍କାରୀ ।
ଦର୍ବୀ–ବି. କରଚ୍ଛୁଲ ।
ଦର୍ଭ–ବି ତୃଣ ।

ଦର୍ଶ–ବି. (ଦୃଶ୍-ଅ) ଅମାବାସ୍ୟା; ଦର୍ଶନ ।
ଦର୍ଶକ–ବିଂ. (ଦୃଶ୍-ଅକ) ଯେ ଦେଖେ ।
ଦର୍ଶନ–ବି.(ଦୃଶ୍-ଅନ) ଅବଲୋକନ; ତତ୍ତ୍ୱବିଦ୍ୟା ।
ଦର୍ଶନୀୟ–ବିଂ. (ଦୃଶ୍-ଅନୀୟ) ଦର୍ଶନଯୋଗ୍ୟ;
ସୁନ୍ଦର । [ଦେଖାଇ ଦିଏ ।
ଦର୍ଶୟିତା–ବି. (ଦୃଶ୍-ଇ-ତୃ) ପ୍ରଦର୍ଶକ, ଯେ
ଦର୍ଶିତ–ବିଂ. (ଦୃଶ୍-ଇ-ତ) ପ୍ରକାଶିତ ।
ଦର୍ଶୀ–ବିଂ. ଯେ ଦେଖେ (ଅନ୍ୟ ଶବ୍ଦଶେଷରେ
ପ୍ରଯୁକ୍ତ) । [ଜଳଜାତ ଘାସ ।
ଦଳ–ବି. (ଦଳ୍-ଅ) ପତ୍ର; ପାଖୁଡ଼ା; ସମୂହ;
ଦଳନ–ବି. (ଦଳ୍-ଅନ) ମର୍ଦ୍ଦନ; ନିଷ୍ପୀଡ଼ନ ।
ଦଳ-ପତି–ବି. ସେନାପତି; ଗୋଷ୍ଠୀପତି ।
ଦଲ୍‌ମ–ବି. ଗୃହ ନିର୍ମାଣର ଉପକରଣ ।
ଦଳବେହେରା–ବି. ଦଳପତି; ପାଇକ ସର୍ଦ୍ଦାର ।
ଦଲାଲ–ବି. କ୍ରୟ ବିକ୍ରୟରେ ମଧ୍ୟସ୍ଥ ।
ଦଳିତ–ବିଂ. (ଦଳ୍-ତ) ମର୍ଦ୍ଦିତ; ପଣ୍ଡ ।
ଦଳିବା–କ୍ରି. ଦଳନ କରିବା ।
ଦବ }
ଦାବ } ବି. ବନାଗ୍ନି ; ବନ ।
ଦବିଷ୍ଠ–ବିଂ. (ଦୂ-ଇଷ୍ଠ) ଅତି ଦୂରବର୍ତ୍ତୀ ।
ଦଶ–ବିଂ. ୧୦ ସଂଖ୍ୟା ।
ଦଶକ–ବିଂ.(ଦଶନ୍-କ) ଗଣିତରେ ଦଶସ୍ଥାନୀୟ ।
ଦଶ-କର୍ମ–ବି. ଗର୍ଭାଧାନାଦି ଦଶବିଧ ସଂସ୍କାର ।
ଦଶଦିକ୍–ବି. ଅଠଦିଗ ଓ ଊର୍ଦ୍ଧ୍ୱ ଓ ଅଧଃ ।
ଦଶଭୁଜା–ବି. (ଦଶ ଭୁଜ) ଦୁର୍ଗା ।

ଦଶମ-ବି. (ଦଶନ୍-ମ) ୧୦ ସଂଖ୍ୟାର ପୂରକ ।
ଦଶମିକ-ବି. ( ଦଶମ-ଇକ ) ଯାହା ଦ୍ୱାରା କୌଣସି ଅଖଣ୍ଡ ସଂଖ୍ୟାର ଦଶାଂଶର ଏକାଂଶ ବ୍ୟକ୍ତ କରାଯାଏ ।
ଦଶମୀ-ବି. (ଦଶମ-ଈ) ତିଥିବିଶେଷ ।
ଦଶମୂଳ-ବି. ପାଚନବିଶେଷ ।
ଦଶରଥ-ବି. ଯାହାଙ୍କର ରଥ ଦଶଦିଗକୁ ଯାଏ; ରାମଚନ୍ଦ୍ରଙ୍କର ପିତା ।
ଦଶହରା-ବି. ଜ୍ୟେଷ୍ଠ ଶୁକ୍ଳଦଶମୀ ; ଆଶ୍ୱିନ ଶୁକ୍ଳଦଶମୀ ।
ଦଶା-ବି. (ଦନ୍‌ଶ୍-ଆ) ଅବସ୍ଥା; ବସ୍ତ୍ରର ପ୍ରାନ୍ତ; ଦୀପର ବତି; ଗ୍ରହାବସ୍ଥାନସହିତ ଲୋକର ଭାଗ୍ୟ ।
ଦଶାବତାର-ବି. ( ଦଶ-ଅବତାର ) ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମଚନ୍ଦ୍ର, କୃଷ୍ଣ, ବୁଦ୍ଧ ଓ କଳ୍କୀ, ପୁରାଣୋକ୍ତ ଏହି ଦଶ ଅବତାର ।
ଦଶା-ବିପର୍ଯ୍ୟୟ-ବି. ଦୁର୍ଦ୍ଦଶା ।
ଦଶି-ବି. ବସ୍ତ୍ରର ପ୍ରାନ୍ତସୂତ୍ର ।
ଦଶିଆ-ବି. ମୋଟା ବସ୍ତ୍ରବିଶେଷ ।
ଦଶେରକ-ବି. ମରୁଭୂମି ।
ଦସ୍ତଖତ-ବି. (ପାର୍ଶୀ) ସ୍ୱାକ୍ଷର ।
ଦସ୍ତା-ବି. ଧାତୁବିଶେଷ ।
ଦସ୍ତାବିଜ-ବି. (ପାର୍ଶୀ) ଦଲିଲ । [ବିଶେଷ ।
ଦସ୍ତି-ବି. (ଦେଶଜ) ଭୂମି ମାପିବାର ପରିମାଣ-
ଦସ୍ତୁର-ବି. (ପାର୍ଶୀ) ପ୍ରଚଳିତ ଧାରା ।
ଦସ୍ୟୁ-ବି.(ଦସ୍-ଯୁ) ତସ୍କର; ଉତ୍ପୀଡ଼ନକାରୀ ।

ଦହ-ବି. ହ୍ରଦ; ଜଳସ୍ଥାନ ।
ଦହନ-ବି. (ଦହ୍-ଅନ) ଜ୍ୱଳନ; ଅଗ୍ନି ।
ଦହଲ-ବି. କାତୁଆ ।
ଦହମାନ-ବି. (ଦହ୍-ଅମାନ) ଜ୍ୱଳମାନ ।
ଦହି-ବି. (ଦଧିଶବ୍ଦଜ) ଦଧି; ଦୁଗ୍ଧର ଅମ୍ଳ-ଘଟିତ ବିକାର । [ହୋଇଥାଏ ।
ଦହ୍ୟମାନ-ବି. (ଦହ୍-ଯ-ଅନ) ଯାହା ଦଗ୍ଧ
ଦା-ବି. (ଦାବଶବ୍ଦଜ) ଧାନ କାଟିବାର ଶସ୍ତ୍ର-ବିଶେଷ ।
ଦାଉ-ବି. ବୈରଭାବ; ଉତ୍ପୀଡନ ।
ଦାଉଦାଉ-ବି. ଜଳଜଳ ।
ଦାଉଣୀ-ବି.(ଦାମନ୍‌ଶବ୍ଦଜ) ଅନେକ ଗୋରୁଙ୍କୁ ଏକତ୍ର ବାନ୍ଧିବାର ଦଉଡ଼ି ।
ଦାକ୍ଷିଣାତ୍ୟ-ବି. ( ଦକ୍ଷିଣ-ତ୍ୟ ) ବିନ୍ଧ୍ୟଗିରିର ଦକ୍ଷିଣସ୍ଥ ଦେଶ ।
ଦାକ୍ଷିଣ୍ୟ-ବି.(ଦକ୍ଷିଣ-ଯ) ଅନୁକୂଳ; ସୌଜନ୍ୟ ।
ଦାଖଲ-ବି. (ପାର୍ଶୀ) ପ୍ରବେଶ କରିବା; ଅର୍ପଣ କରିବା; ଉପସ୍ଥିତ ହେବା ।
ଦାଗ-ବି. ଚିହ୍ନ; ଅଙ୍କ; କଳଙ୍କ ।
ଦାଗୀ-ବି. ଚିହ୍ନିତ; ଅପରାଧୀ ବୋଲି ଚିହ୍ନିତ ।
ଦାଡ଼ିମ-ବି. ଡାଳିମ୍ବ ।
ଦାଢ଼-ବି. (ଧାରଶବ୍ଦଜ) ଅସ୍ତ୍ରାଦିର ଧାର ।
ଦାଢ଼ି-ବି. ଶ୍ମଶ୍ରୁ ।
ଦାଣ୍ଡିବା-କ୍ରି. ଦମନ କରିବା; ଅଟକ କରିବା ।
ଦାଣ୍ଡ-ବି. (ଦଣ୍ଡଶବ୍ଦଜ) ପଥ; ବାଟ ।
ଦାତବ୍ୟ-ବି. ( ଦା-ତବ୍ୟ ) ଦାନଯୋଗ୍ୟ; ଦେୟ ।

ଦାତା–ବି°. (ଦା-ତୃ) ଦାନକର୍ତ୍ତା ।
ଦାତ୍ୟୂହ–ବି. ଡାହୁକ ପକ୍ଷୀ ।
ଦାତ୍ର–ବି. (ଦୋ-ତ୍ର) ତୃଣାଦି ଛେଦନ କରିବାର
ଅସ୍ତ୍ରବିଶେଷ ।
ଦାଦନ–ବି. (ପାର୍ଶୀ) ବଇନା ।
ଦାଦା–ବି. ବଡ଼ଭାଇ; ପିତୃବ୍ୟ; ପିତାମହ ।
ଦାଦି–ବି. ପିତୃବ୍ୟ ।   [ହସ୍ତୀର ମଦଜଳ ।
ଦାନ–ବି. (ଦା-ଅନ); (ଦୋ-ଅନ) ବିତରଣ;
ଦାନପତ୍ର–ବି. ଦାନର ଦଲିଲ ବା ଲିପି ।
ଦାନବ–ବି. (ଦନୁ-ଅ) ଦୈତ୍ୟ; ଅସୁର ।
ଦାନବାରି–ବି. (ଦାନବ-ଅରି) ଦେବତା ।
ଦାନ-ବାରି–ବି. ହସ୍ତୀର ମଦଜଳ ।
ଦାନ-ବୀର–ବି. ଦାନ ବିଷୟରେ ସର୍ବତ୍ୟାଗୀ ।
ଦାନ-ଶୀଳ–ବି°. ବଦାନ୍ୟସ୍ୱଭାବ ବିଶିଷ୍ଟ ।
ଦାନା–ବି. ଶସ୍ୟାଦିର ବୀଜ ।
ଦାନୀ–ବି°. (ଦାନ-ଇନ୍) ଦାତା ।
ଦାନ୍ତ–ବି°. (ଦମ୍-ତ) ଯେ ଇନ୍ଦ୍ରିୟ ଦମନକର;
ଜିତେନ୍ଦ୍ରିୟ ।
ଦାନ୍ତ–ବି. (ଦନ୍ତଶବ୍ଦଜ) ଦନ୍ତ ।   [କାଠି ।
ଦାନ୍ତକାଠି–ବି. ଦାନ୍ତ ପରିଷ୍କାର କରିବାର
ଦାନ୍ତଖୁଣ୍ଟା–ବି. ଦାନ୍ତ ଖୁଣ୍ଟିବାର କାଠି ।
ଦାନ୍ତୁଡ଼ା } ବି°. (ଦନ୍ତୁରଶବ୍ଦଜ) ଯାହାର ବଡ଼
ଦାନ୍ତୁରା } ବଡ଼ ଦାନ୍ତ ଅଛି ।
ଦାନ୍ତୁଣୀ–ବି. ଦନ୍ତୁର ସ୍ତ୍ରୀ ।
ଦାମ–ବି. ମୂଲ୍ୟ ।
ଦାମ–ବି. (ଦାମନ୍‌ଶବ୍ଦଜ) ରଜ୍ଜୁ; ମାଳା ।

ଦାମୁଡ଼ି–ବି. ଅଳ୍ପବୟସ୍କ ବଳଦ ।
ଦାମୋଦର–ବି. (ଦାମନ୍-ଉଦର) ଶ୍ରୀକୃଷ୍ଣ ।
ଦାମ୍ପତ୍ୟ–ବି°. (ଦମ୍ପତି-ଯ) ଦମ୍ପତି ସମ୍ବନ୍ଧୀୟ ।
ଦାମ୍ଭିକ–ବି°. (ଦମ୍ଭ-ଇକ) ଅହଙ୍କାରୀ; ଦର୍ପୀ ।
ଦାୟ–ବି. (ଦା-ଅ) ପୈତୃକ ଧନ; ସ୍ୱତ୍ୱ ।
ଦାୟକ–ବି. ଦାତା; (ଶବ୍ଦାନ୍ତେ ପ୍ରଯୁକ୍ତ) ।
ଦାୟାଦ–ବି. (ଦାୟ-ଆ-ଦା-ଅ) ଉତ୍ତରାଧିକାରୀ ।
ଦାୟୀ–ବି°. (ଦା-ଇନ୍) ଦାତା (ଶବ୍ଦାନ୍ତେ);
ଦାର–ବି. (ଦୃ-ଅ) ପତ୍ନୀ ।   [ଦାୟିଗ୍ରସ୍ତ ।
ଦାରକ–ବି. (ଦୃ-ଅକ) ପୁତ୍ର ।
ଦାରକର୍ମ–ବି. (ଦାର-କର୍ମନ୍) ବିବାହ ।
ଦାରଗ୍ରହଣ–ବି. (ଦାର-ଗ୍ରହଣ) ପତ୍ନୀଗ୍ରହଣ;
ବିବାହ ।   [ରକ ।
ଦାରଣ–ବି. (ଦୃ-ଅନ) ବିଦାରଣ; ବି°. ବିଦା-
ଦାରିକା–ବି. କନ୍ୟା; ବେଶ୍ୟା ।
ଦାରିତ–ବି. (ଦୃ-ଣିଚ୍-ତ) ବିଦାରିତ; ଭେଦିତ ।
ଦାରିଦ୍ର୍ୟ–ବି. (ଦରିଦ୍ର-ଯ) ନିର୍ଦ୍ଧନତା ।
ଦାରୀ–ବି. (ଦାରିକାଶବ୍ଦଜ) ବେଶ୍ୟା ।
ଦାରୁ–ବି. (ଦୃ-ଉ) କାଷ୍ଠ; ବୃକ୍ଷବିଶେଷ ।
ଦାରୁଣ–ବି°. (ଦୃ-ଉନ) କଠୋର; ଭୟଙ୍କର;
ଦାରୁହରିଦ୍ରା–ବି. ଦାରୁହଳଦୀ ।   [ଦୁଃସହ ।
ଦାର୍ଢ୍ୟ–ବି. (ଦୃଢ-ଯ) ଦୃଢତା ।
ଦାର୍ବଟ–ବି. (ଦାରୁ-ଅଟ୍-ଅ) ମନ୍ତ୍ରଣାଗୃହ ।
ଦାର୍ଶନିକ–ବି°. (ଦର୍ଶନ-ଇକ) ଦର୍ଶନଶାସ୍ତ୍ର ସମ୍ବ-
ନ୍ଧୀୟ; ବି. ଦର୍ଶନଶାସ୍ତ୍ର ବେତ୍ତା ।

ଦାଳି-ବି. (ଦଳଶବ୍ଦଜ) ମୁଗ ପ୍ରଭୃତିର ଡାଲି ।
ଦାବ-ବି. ବନ; ବନାଗ୍ନି ।
ଦାବାଗ୍ନି } ବି. (ଦାବ-ଅଗ୍ନି, ଅନଳ)
ଦାବାନଳ } ବନୋଦ୍ଭବ ଅଗ୍ନି ।
ଦାବି-ବି. ଅଧିକାର; ସ୍ୱତ୍ୱ ।
ଦାବିବା-କ୍ରି. ଚାପିବା. [ରାମଚନ୍ଦ୍ର ।
ଦାଶରଥି-ବି. (ଦଶରଥ-ଇ) ଦଶରଥର ପୁତ୍ର;
ଦାଶେରକ-ବିଂ. ( ଦଶେରକ-ଅ ) ମରୁଭୂମି ସମ୍ବନ୍ଧୀୟ; ବି. ଉଷ୍ଟ୍ର ।
ଦାସ-ବି. (ଦାସ୍-ଅ) ସେବକ; ଭୃତ୍ୟ ।
ଦାସକେରଣ୍ଡା-ବି. ପକ୍ଷୀବିଶେଷ ।
ଦାସତ୍ୱ-ବି. ଭୃତ୍ୟର ଅବସ୍ଥା ।
ଦାସୀ-ବି. (ଦାସ୍-ଈ) ଚାକରାଣୀ ।
ଦାସ୍ୟ-ବି. (ଦାସ-ଯ) ଦାସତ୍ୱ; ସେବାଜୀବିକା ।
ଦାହ-ବି. (ଦହ୍-ଅ) ଦହନ; ଜ୍ୱାଳା ।
ଦାହକ-ବିଂ. (ଦହ୍-ଅକ) ଦାହକାରୀ ।
ଦାହନ-ବି. (ଦହ-ଣିଚ୍-ଅନ) ପୋଡ଼ିବା ।
ଦାହ୍ୟ-ବିଂ. (ଦହ୍-ଯ) ଦହନଯୋଗ୍ୟ ।
ଦିଅଁ-ବି. (ଦେବଶବ୍ଦଜ) ଦେବତା ।
ଦିଅର-ବି. (ଦେବର ଶବ୍ଦଜ) ପତିର କନିଷ୍ଠ-ଭ୍ରାତା । [ଶୂନ୍ୟ ।
ଦିକ୍-ବି. (ଦିଶ୍-କ୍ୱିପ୍) ପୂର୍ବାଦିଦିଗ; ଦେଶ;
ଦିକ୍‌ପାଳ-ବି. ( ଦିକ୍-ପାଳ ) ପୂର୍ବାଦିଦିଗର ପୁରାଣୋକ୍ତ ଅଧିଷ୍ଠାତା; ଇନ୍ଦ୍ରାଗ୍ନି ଯମପ୍ରଭୃତି ।
ଦିଗନ୍ତ-ବି. (ଦିକ୍-ଅନ୍ତ) ଦିକ୍‌ସମୂହର ଶେଷ ଭାଗ ।
ଦିଗନ୍ତର-ବି. (ଦିକ୍-ଅନ୍ତର) ବିଦିକ୍; ଅନ୍ୟଦିଗ ।
ଦିଗମ୍ବର-ବିଂ. (ଦିକ୍-ଅମ୍ବର) ବିବସ୍ତ୍ର; ବି. ଶିବ ।
ଦିଗ୍‌ଗଜ-ବି. (ଦିକ୍-ଗଜ) ପୂର୍ବାଦି ଅଠଦିଗର ଐରାବତାଦି ପୁରାଣୋକ୍ତ ଅଠ ହସ୍ତୀ ।
ଦିଗ୍‌ଦର୍ଶନଯନ୍ତ୍ର-ବି. ଦିକ୍ ନିରୂପଣକରିବାର ଯନ୍ତ୍ର
ଦିଗ୍ଧ-ବିଂ. (ଦିହ-ତ) ଲିପ୍ତ ।
ଦିଗ୍‌ବିଜୟ-ବି. (ଦିକ୍-ବି-ଜି-ଅ) ବିଦ୍ୟା ବା ଯୁଦ୍ଧଦ୍ୱାରା ନାନାଦିଗରେ ଜୟ ।
ଦିଗ୍ୱିଦିକ୍-ବି. (ଦିକ୍-ବିଦିକ୍) ପ୍ରଧାନ ଦିକ୍ ୪ ଓ ମଧ୍ୟବର୍ତ୍ତୀ ବିଦିକ୍ ୪, ଏପରି ୮ ।
ଦିଙ୍ମଣ୍ଡଳ-ବି. (ଦିକ୍-ମଣ୍ଡଳ) ଚକ୍ରବାଳ ।
ଦିତି-ବି. (ଦା-ତି) ଦୈତ୍ୟମାତା ।
ଦିତ୍ସା-ବି. (ଦା-ସନ୍-ଅ) ଦାନେଚ୍ଛା ।
ଦିଦି-ବି. ବଡ ଭଉଣୀ ।
ଦିଦୃକ୍ଷା-ବି. (ଦୃଶ୍-ସନ୍-ଅ) ଦର୍ଶନେଚ୍ଛା ।
ଦିନ-ବି. (ଦୋ-ଇନ) ଦିବସ ।
ଦିନକର } ବି. ସୂର୍ଯ୍ୟ ।
ଦିନମଣି }
ଦିନକିଆ-ବିଂ. ଦୈନିକ; ପ୍ରାତ୍ୟହିକ ।
ଦିନପାତ-ବି. (ଦିନ-ପାତ) ଦିନଯାପନ ।
ଦିନମାନ-ବି. ସୂର୍ଯ୍ୟ-ଦର୍ଶନରୁ ସୂର୍ଯ୍ୟ-ଦର୍ଶନ ପର୍ଯ୍ୟନ୍ତ କାଳ ପରିମାଣ ।
ଦିନ-ଯୌବନ-ବି. ମଧ୍ୟାହ୍ନ ।
ଦିନାନ୍ତ-ବି. (ଦିନ-ଅନ୍ତ) ସାୟଂକାଳ ।
ଦିବ୍-ବି. (ଦିବ୍‌ଧାତୁରୁ) ସ୍ୱର୍ଗ; ଆକାଶ ।
ଦିବସ-ବି. (ଦିବ-ଅସ) ଦିନ ।

ଦିବା-ବି. ଦିନ ।

ଦିବାକର-ବି. (ଦିବା-କୃ-ଅ) ସୂର୍ଯ୍ୟ ।

ଦିବ୍ୟ-ବିଂ. (ଦିବ-ଯ) ସ୍ୱର୍ଗୀୟ; ପବିତ୍ର; ସୁନ୍ଦର ।

ଦିବ୍ୟଚକ୍ଷୁ-ବି. ଅତୀନ୍ଦ୍ରିୟ ପଦାର୍ଥ ଉପଲବ୍ଧି କରିବାର ଶକ୍ତି ।

ଦିଶ-ବି. ଖଣ୍ଡ; ବୃତ୍ତ ।

ଦିଶିବା-କ୍ରି. (ଦୃଶ୍ ଧାତୁଜ) ଦେଖାଯିବା ।

ଦିଶିଦିଶି-କ୍ରି. ଦିଶେ ଦିଶେ ।

ଦିଷ୍ଟ-ବିଂ. (ଦିଶ୍-ତ) ଆଦିଷ୍ଟ; ଉପଦିଷ୍ଟ; ପ୍ରଦର୍ଶିତ ।

ଦିସ୍ତା-ବିଂ. ସୂତା ସହସର ଯିବା (ବସ୍ତ୍ରସମ୍ବନ୍ଧରେ); ବି. ୨୪ ଫର୍ଦ୍ଦ କାଗଜ ।

ଦିହୁଡ଼ି-ବି. ମଶାଲ ।

ଦୀକ୍ଷା-ବି. (ଦୀକ୍ଷ-ଅ) ଉପଦେଶ; ଦିବ୍ୟଜ୍ଞାନ ପ୍ରଦାନ; ଯଜ୍ଞାଦି କର୍ମରେ ସ୍ଥିତ ।

ଦୀକ୍ଷାଗୁରୁ-ବି. ମନ୍ତ୍ରଦାତା; ଉପଦେଷ୍ଟା ।

ଦୀକ୍ଷିତ-ବିଂ. (ଦୀକ୍ଷ୍-ତ) ଉପଦିଷ୍ଟ; ଯଜ୍ଞାଦିକର୍ମରେ ପ୍ରବୃତ୍ତ ।

ଦୀଘୀ-ବି. (ଦୀର୍ଘିକା ଶବ୍ଦଜ) ଦୀର୍ଘ ଜଳାଶୟ ।

ଦୀଧିତି-ବି. (ଦୀଧୀ-ତି) କିରଣ; ଅଘେକ ।

ଦୀନ-ବିଂ. (ଦୀ-ତ) ଦରିଦ୍ର; କାତର; ନମ୍ର ।

ଦୀନତା-ବି. ଦାରିଦ୍ର୍ୟ; କାତରତା; ନମ୍ରତା ।

ଦୀନାର-ବି. ସ୍ୱର୍ଣ୍ଣମୁଦ୍ରା ।

ଦୀପ-ବି. (ଦୀପ୍-ଅ) ପ୍ରଦୀପ ।

ଦୀପକ-ବିଂ. (ଦୀପ୍-ଅକ) ଦୀପ୍ତିକାରକ; ପ୍ରକାଶକ; ବି. ସଙ୍ଗୀତର ରାଗବିଶେଷ । [ବିଶେଷ ।

ଦୀପ-ଦଣ୍ଡି-ବି. ପୁଷ୍କରିଣୀର ମଧ୍ୟସ୍ଥ ଦେଉଳ-

ଦୀପନ-ବି. (ଦୀପ୍-ଅନ) ଉତ୍ତେଜକ; ବିଂ. ଉତ୍ତେ-

ଦୀପ-ବୃକ୍ଷ-ବି. ଦୀପାଧାର । [ଜକ ।

ଦୀପ-ଶଳାକା-ବି. ଦିଅଶଲେଇ ।

ଦୀପାଳୀ-ବି. (ଦୀପ-ଆଳୀ) ଦୀପମାଳା; ଦୀପାଳୀ ଅମାବାସ୍ୟା ।

ଦୀପିକା-ବିଂ. ପ୍ରକାଶିକା; ବି. ଜ୍ୟୋତ୍ସ୍ନା ।

ଦୀପିତ-ବିଂ. (ଦୀପ୍-ତ) ଜ୍ୱଳିତ ।

ଦୀପ୍ତ-ବିଂ. (ଦୀପ୍-ତ) ଜ୍ୱଳିତ; ଉଜ୍ଜ୍ୱଳ ।

ଦୀପ୍ତି ବି. (ଦୀପ୍-ତି) ପ୍ରଭା; ଦ୍ୟୁତି । [ମାନ୍ ।

ଦୀପ୍ତିମାନ୍-ବିଂ. (ଦୀପ୍ତି-ମତ୍) ପ୍ରଭାବିଶିଷ୍ଟ; ଦ୍ୟୁତି-

ଦୀପ୍ୟମାନ-ବିଂ. (ଦୀପ୍-ଯ-ଆନ) ଯାହା ଦୀପ୍ତି ପାଉଅଛି ।

ଦୀପ୍ର-ବିଂ. (ଦୀପ୍-ର) ଦୀପ୍ତିଶାଳୀ ।

ଦୀୟମାନ-ବିଂ. (ଦା-ଯ-ଆନ) ଯାହା ଦିଆଯାଉଅଛି । [ଦ୍ୱିମାତ୍ରାଯୁକ୍ତ (ସ୍ୱରବର୍ଣ୍ଣ) ।

ଦୀର୍ଘ-ବିଂ. (ଦ୍ରାଘ୍-ଅ) ଲମ୍ବା; ଅଧିକ; ବି. ଦୈର୍ଘ୍ୟ;

ଦୀର୍ଘ-ଜିହ୍ୱ-ବିଂ. ଦୀର୍ଘ ଜିହ୍ୱା ଯାହାର; ବି. ସର୍ପ ।

ଦୀର୍ଘଜୀବୀ-ବିଂ. (ଦୀର୍ଘ-ଜୀବ୍-ଇନ୍) ଯେ ଅଧିକ କାଳ ବଞ୍ଚେ । [କାର୍ଯ୍ୟକାରୀ ।

ଦୀର୍ଘ-ସୂତ୍ର-ବି. ଲମ୍ବା ସୂତା; ବିଂ. ଅତିବିଳମ୍ବରେ

ଦୀର୍ଘସୂତ୍ରତା-ବି. ବିଳମ୍ବଶୀଳତା ।

ଦୀର୍ଘସୂତ୍ରୀ-ବିଂ. ଯେ ଅତିବିଳମ୍ବରେ କାର୍ଯ୍ୟ କରେ ।

ଦୀର୍ଘାୟୁଃ-ବିଂ. (ଦୀର୍ଘ-ଆୟୁସ୍) ଚିରଜୀବୀ ।

ଦୀର୍ଘିକା-ବି. (ଦୀର୍ଘ-କ-ଆ) ବୃହତ୍ ପୁଷ୍କରିଣୀ ।

ଦୀର୍ଣ୍ଣ-ବିଂ. (ଦୃ-ତ) ବିଦାରିତ; ଭଗ୍ନ ।

ଦୁଇ-୨ ସଂଖ୍ୟା ।

ଦୁଃଖ–ବ. (ଦୁଃଖ୍-ଅ) କ୍ଲେଶ; ଖେଦ; ମନ-
ସ୍ତାପ; ଦାରିଦ୍ର୍ୟ । [ବ ଭର ।
ଦୁଃଖାର୍ତ୍ତ–ବଂ. ( ଦୁଃଖ-ଅର୍ତ୍ତ ) ଦୁଃଖରେ
ଦୁଃଖିତ–ବଂ. (ଦୁଃଖ-ତ) ଦୁଃଖଯୁକ୍ତ ।
ଦୁଃଖୀ–ବଂ. (ଦୁଃଖ-ଇନ୍) ଦୁଃଖିତ; ଦରିଦ୍ର ।
ଦୁଃଶାସନ–ବଂ. (ଦୁର୍-ଶାସ୍-ଅନ) ଦୁର୍ବୃତ୍ତ ।
ବ. ଦୁର୍ଯ୍ୟୋଧନର ମଧ୍ୟମ ଭ୍ରାତା ।
ଦୁଃଶୀଳ–ବଂ. (ଦୁର୍-ଶୀଳ) ମନ୍ଦସ୍ୱଭାବ-ବଶିଷ୍ଟ ।
ଦୁଃଶ୍ରାବ୍ୟ–ବଂ. (ଦୁର୍-ଶ୍ରୁ-ଅ) ଅଶ୍ରାବ୍ୟ ।
ଦୁଃସମୟ–ବ. (ଦୁର୍-ସମୟ) ମନ୍ଦ ସମୟ;
ଅକାଳ, ଦୁର୍ଭିକ୍ଷ । [ଦାୟକ ।
ଦୁଃସହ–ବଂ. (ଦୁର୍-ସହ୍-ଅ) ଅତି କ୍ଲେଶ-
ଦୁଃସାଧ୍ୟ–ବଂ. (ଦୁର୍-ସାଧ୍-ଯ) ଦୁଷ୍କର; ଅତି-
କଷ୍ଟସାଧ୍ୟ । [ସାହସ ।
ଦୁଃସାହସ-ବ. ( ଦୁର୍-ସାହସ ) ଅନୁଚିତ
ଦୁଃସାହସିକ–ବଂ. (ଦୁର୍-ସାହସ-ଇକ) ଅସୀମ-
ସାହସିକ । [ପନ୍ନ ।
ଦୁଃସ୍ଥ–ବଂ. (ଦୁର୍-ସ୍ଥା-ଅ) ଦରିଦ୍ର; ଦୁରବସ୍ଥା-
ଦୁଃସ୍ଥିତ–ବଂ. (ଦୁର୍-ସ୍ଥା-ତ) ଦୁଃଖରେ ଅବସ୍ଥିତ ।
ଦୁଃସ୍ଥିତ–ବ. (ଦୁର୍-ସ୍ଥା-ତ) ଦୁଃଖରେ ଅବସ୍ଥିତ ।
ଦୁଃସ୍ୱପ୍ନ–ବ. (ଦୁର୍-ସ୍ୱପ୍ନ) ଅଶୁଭ ସ୍ୱପ୍ନ ।
ଦୁକ୍ଦୁକ୍-କ୍ରି. ବଂ. ହୃତପିଣ୍ଡର କମ୍ପନ ।
ଦୁକୂଳ–ବ. ରେଶମୀ ଲୁଗା; ଶୁଭ୍ରବସ୍ତ୍ର ।
ଦୁଗ୍ଧ–ବ. (ଦୁହ୍-ତ) ଦୁଧ ।
ଦୁଗ୍ଧ-ପୋଷ୍ୟ–ବଂ. ଶିଶୁ ।
ଦୁନ୍ଦୁଭି–ବ. (ଦୁନ୍ଦୁ-ଭ-ଇ) ବୃହତ ଢକ୍କା ।

ଦୁଦୁରା-ବ. ଧୁତୁରା ।
ଦୁଧ-ବ. (ଦୁଗ୍ଧଶବ୍ଦଜ) ପୟଃ, କ୍ଷୀର ।
ଦୁନ୍ଦୁଭି–ବ. (ଦୁନ୍ଦୁ-ଭ-ଇ) ବୃହତ ଢକ୍କା ।
ଦୁବ–ବ. (ଦୂର୍ବାଶବ୍ଦଜ) ଘାସବିଶେଷ ।
ଦୁରତିକ୍ରମ–ବଂ. (ଦୁର୍-ଅତି-କ୍ରମ୍-ଅ) ଯାହା
ଲଙ୍ଘିବା ଦୁଃସାଧ୍ୟ ।
ଦୁରଦୃଷ୍ଟ–ବ. (ଦୁର୍-ଅଦୃଷ୍ଟ) ଦୁର୍ଭାଗ୍ୟ ।
ଦୁରନ୍ତ–ବଂ. ( ଦୁର୍-ଅନ୍ତ ) ପରିଣାମରେ
କ୍ଲେଶକର ।
ଦୁରପନେୟ–ବଂ. (ଦୁର୍-ଅପ-ନୀ-ଯ) ଯାହା
ଅପନୟନ କରିବା କଠିନ ।
ଦୁରବଗାହ–ବଂ. (ଦୁର୍-ଅବ-ଗାହ୍-ଅ) ଦୁଷ୍ପ୍ର-
ବେଶ୍ୟ, ଜଟିଳ ।
ଦୁରବସ୍ଥ–ବଂ. (ଦୁର୍-ଅବସ୍ଥା) ଦୁର୍ଦ୍ଦଶାପନ୍ନ ।
ଦୁରବସ୍ଥା–ବ. ଦୁର୍ଦ୍ଦଶା ।
ଦୁରାକାଙ୍କ୍ଷା–ବ.(ଦୁର୍-ଆକାଙ୍କ୍ଷା) ଦୁଷ୍ଟ ଆକାଂକ୍ଷା;
ଦୁଷ୍ପ୍ରାପ୍ୟ ବିଷୟରେ ଅଭିଳାଷ ।
ଦୁରାଗ୍ରହ–ବ. (ଦୁର୍-ଆଗ୍ରହ) ଦୁଶ୍ଚେଷ୍ଟା ।
ଦୁରାଚାର–ବ. (ଦୁର୍-ଆଚାର) କୁବ୍ୟବହାର ।
ବଂ. ଦୁର୍ବୃତ୍ତ । [ନିର୍ଦ୍ଦୟ ।
ଦୁରାତ୍ମା–ବଂ. (ଦୁର୍-ଆତ୍ମନ୍) ଦୁଷ୍ଟ; ପାପାତ୍ମା;
ଦୁରାଧର୍ଷ–ବଂ. (ଦୁର୍-ଆ-ଧୃଷ୍-ଅ) ଦୁର୍ଦ୍ଧର୍ଷଣୀୟ ।
ଦୁରାରୋହ–ବଂ. (ଦୁର୍-ଆ-ରୁହ୍-ଅ) ଅତି କଷ୍ଟେ
ଆରୋହଣୀୟ; ଅଭ୍ରଂଳ ।
ଦୁରାଶୟ–ବଂ. (ଦୁର-ଆଶୟ) ଯାହାର ଅଭି-
ପ୍ରାୟ ଦୁଷ୍ଟ ।
ଦୁରାଶା–ବ. (ଦୁର୍-ଆଶା) ଅନୁଚିତ ଆଶା ।

ଦୁରାସଦ-ବିଂ. (ଦୁର୍-ଆ-ସଦ୍-ଅ) ଦୁର୍ଲଭ ।

ଦୁରିତ-ବି. (ଦୁର୍-ଇତ) ପାପ; ଅନିଷ୍ଟ ।

ଦୁରୁକ୍ତି-ବି. (ଦୁର୍-ଉକ୍ତି) ଦୁର୍ବାକ୍ୟ ।

ଦୁରୂହ-ବିଂ. (ଦୁର୍-ଊହ-ଅ) ଦୁର୍ବୋଧ ।

ଦୁରୋଦର-ବି.(ଦୁର୍-ଆ-ଉଦର) ଦ୍ୟୂତକ୍ରୀଡ଼ା ।

ଦୁର୍ଗ-ବି. (ଦୁର୍-ଗମ୍-ଅ) ଗଡ଼ ।

ଦୁର୍ଗତ-ବିଂ. (ଦୁର୍-ଗତ) ଦୁର୍ଦ୍ଦଶାଗ୍ରସ୍ତ; ଦରିଦ୍ର ।

ଦୁର୍ଗତି-ବି. ( ଦୁର୍-ଗମ୍-ତି ) ଦୁରବସ୍ଥା; ଦାରିଦ୍ର୍ୟ । [ବିଂ. ମନ୍ଦ ଗନ୍ଧବିଶିଷ୍ଟ ।

ଦୁର୍ଗନ୍ଧ-ବି. (ଦୁର୍-ଗନ୍ଧ) ମନ୍ଦଗନ୍ଧ; ପୂତିଗନ୍ଧ ।

ଦୁର୍ଗମ-ବିଂ. ( ଦୁର୍-ଗମ୍-ଅ ) ଅତି କଷ୍ଟରେ ଗମନୀୟ; କଠିନ; କଷ୍ଟକର ।

ଦୁର୍ଗା-ବି. (ଦୁର୍ ଗମ୍-ଅ-ଆ) ଶିବପତ୍ନୀ ।

ଦୁର୍ଗ୍ରହ-ବିଂ. (ଦୁର୍-ଗ୍ରହ) ଅତିକଷ୍ଟରେ ଗ୍ରହଣୀୟ; ଦୁର୍ବୋଧ୍ୟ; ବି. ମନ୍ଦଗ୍ରହ ।

ଦୁର୍ଘଟ-ବିଂ. (ଦୁର୍-ଘଟ) ଯାହା ଅତିକଷ୍ଟରେ ଘଟେ; ଦୁଃସାଧ୍ୟ । [ଘଟନା; ବିପଦ ।

ଦୁର୍ଘଟନା-ବି. (ଦୁର୍-ଘଟ୍-ଅନ-ଆ) ଅଶୁଭ

ଦୁର୍ଜ୍ଜନ-ବି. (ଦୁର୍-ଜନ) ଦୁଷ୍ଟଲୋକ ।

ଦୁର୍ଜ୍ଜେୟ-ବିଂ. (ଦୁର୍-ଜି-ଅ) ଯାହା ଅତିକଷ୍ଟରେ ଜିଣାଯାଏ ।

ଦୁର୍ଜ୍ଞେୟ-ବିଂ. (ଦୁର୍-ଜ୍ଞା-ଯ) ଦୁର୍ବୋଧ୍ୟ ।

ଦୁର୍ଦ୍ଦମ-ବିଂ. (ଦୁର୍-ଦମ୍-ଅ) ଦୁର୍ଦ୍ଦମନୀୟ ।

ଦୁର୍ଦ୍ଦଶା-ବି. (ଦୁର୍-ଦଶା) ଦୁରବସ୍ଥା ।

ଦୁର୍ଦ୍ଦର୍ଶ-ବିଂ.(ଦୁର୍-ଦୃଶ୍-ଅ) ଯାହା ଅତିକଷ୍ଟରେ ଦେଖାଯାଏ ।

ଦୁର୍ଦ୍ଦାନ୍ତ-ବିଂ. (ଦୁର୍-ଦମ୍-ତ) ଯାହାକୁ ଦମନ କରିବା ଦୁଃସାଧ୍ୟ; ଦୁଷ୍ଟ । [ଦୁଃସମୟ ।

ଦୁର୍ଦ୍ଦିନ-ବି. (ଦୁର୍-ଦିନ) ମେଘାଚ୍ଛନ୍ନ ଦିବସ;

ଦୁର୍ଦ୍ଦୈବ-ବି. (ଦୁର୍-ଦୈବ) ମନ୍ଦଭାଗ୍ୟ ।

ଦୁର୍ଦ୍ଧର୍ଷ-ବିଂ. ( ଦୁର୍-ଧୃଷ୍-ଅ ) ଅତିପ୍ରଭାବୀ; ଦୁଃସହ ।

ଦୁର୍ନୟ-ବି. (ଦୁର୍-ନୟ) ଦୁଷ୍ଟନୀତି; ଉପଦ୍ରବ ।

ଦୁର୍ନାମ-ବି. (ଦୁର୍-ନାମନ୍) ନିନ୍ଦା; ଅଖ୍ୟାତି ।

ଦୁର୍ନିମିତ୍ତ-ବି. (ଦୁର୍-ନିମିତ୍ତ) ଅମଙ୍ଗଳ ଚିହ୍ନ ।

ଦୁର୍ନିବାର-ବିଂ. (ଦୁର୍-ନିବାର) ଅତି କଷ୍ଟରେ ନିବାରଣୀୟ ।

ଦୁର୍ନିରୀକ୍ଷ-ବିଂ. (ଦୁର୍-ନିର୍-ଈକ୍ଷ୍-ଯ) ଦୁର୍ଦ୍ଦର୍ଶ ।

ଦୁର୍ନୀତି-ବି. (ଦୁର୍-ନୀ-ତି) ମନ୍ଦନୀତି ।

ଦୁର୍ବା-ବି. ଘାସବିଶେଷ; ଦୁବ ।

ଦୁର୍ବାର-ବିଂ. (ଦୁର୍-ବୃ-ଅ) ଅତି କଷ୍ଟରେ ନିବାରଣୀୟ ।

ଦୁର୍ବଳ-ବିଂ. (ଦୁର୍-ବଳ) ବଳହୀନ; କ୍ଷୀଣ ।

ଦୁର୍ବୁଦ୍ଧି-ବିଂ. (ଦୁର୍-ବୁଦ୍ଧି) ଦୁର୍ମ୍ମତି ।

ଦୁର୍ବୋଧ, ଦୁର୍ବୋଧ୍ୟ } ବିଂ. ସହଜରେ ଅବୋଧ୍ୟ; କଠିନ ।

ଦୁର୍ଭାଗ୍ୟ-ବି. (ଦୁର୍-ଭାଗ୍ୟ) ମନ୍ଦଭାଗ୍ୟ ।

ଦୁର୍ଭାବନା-ବି. ( ଦୁର୍-ଭାବନା ) ଉତ୍କଣ୍ଠା; ଉଦ୍‌ବେଗ ।

ଦୁର୍ଭିକ୍ଷ-ବି. (ଦୁର୍-ଭିକ୍ଷା) ଅକାଳ; ଯେଉଁ ସମୟରେ ଖାଦ୍ୟାଭାବ ଯୋଗୁ ଭିକ ନ ମିଳେ ।

ଦୁର୍ଭେଦ୍ୟ-ବି. (ଦୁର୍-ଭିଦ୍-ଯ) ଅତି କଷ୍ଟରେ ଭେଦ୍ୟ । [(ଶ୍ଳେଷ) ।

ଦୁର୍ମ୍ମତି-ବି. (ଦୁର୍-ମତି) ଦୁର୍ବୁଦ୍ଧି; ମନ୍ଦବୁଦ୍ଧି

ଦୁର୍ମ୍ମଦ-ବି. (ଦୁର୍-ମଦ) ଉନ୍ମତ୍ତ ।

ଦୁର୍ମ୍ମନା-ବି. (ଦୁର୍-ମନଃ) ଉଦ୍‌ବିଗ୍ନ; ଚିନ୍ତିତ ।

ଦୁର୍ମ୍ମନାୟମାନ-ବି. (ଦୁର୍-ମନ-ଅନ) ଉଦ୍‌ବିଗ୍ନ; ଚିନ୍ତିତ ।

ଦୁର୍ମ୍ମୁଖ-ବି. (ଦୁର୍-ମୁଖ) କର୍କଶଭାଷୀ ।

ଦୁର୍ମ୍ମୂଲ୍ୟ-ବି. (ଦୁର୍-ମୂଲ୍ୟ) ମହାର୍ଘ ।

ଦୁର୍ଯୋଗ-ବି. (ଦୁର୍-ଯୋଗ) ଦୁର୍ଦ୍ଦିନ; ଦୁଃସମୟ ।

ଦୁର୍ଯ୍ୟୋଧନ-ବି. (ଦୁର୍-ଯୁଧ୍-ଅନ) ମନ୍ଦ-ଯୋଦ୍ଧା; ଧୃତରାଷ୍ଟ୍ରଙ୍କର ଜ୍ୟେଷ୍ଠପୁତ୍ର ।

ଦୁର୍ଲଣା-ବି. ଅତ୍ୟନ୍ତ ଅଦୃତା (କନ୍ୟା) ।

ଦୁର୍ଲ୍ଲାଳ-ବି. ଅତ୍ୟନ୍ତ ଆଦୃତ ପୁତ୍ର । [ଗ୍ରାମ୍ୟ ।

ଦୁର୍ଲକ୍ଷ୍ୟ-ବି. (ଦୁର୍-ଲକ୍ଷ୍-ଯ) ଅତିକଷ୍ଟେ ଦୃଷ୍ଟି

ଦୁର୍ଲଙ୍ଘ୍ୟ-ବି. (ଦୁର୍-ଲଙ୍ଘ୍-ଯ) ଅତିକଷ୍ଟେ ଲଙ୍ଘନୀୟ ।

ଦୁର୍ଲ୍ଲଭ-ବି. (ଦୁର୍-ଲଭ-ଅ) ଦୁଷ୍ପ୍ରାପ୍ୟ; ବିରଳ ।

ଦୁର୍ଲଳିତ-ବି. (ଦୁର୍-ଲଳିତ) ଅତି ଗେହ୍ଲା ।

ଦୁର୍ବ୍ବହ-ବି. (ଦୁର୍-ବହ) କଷ୍ଟରେ ବହନୀୟ ।

ଦୁର୍ବ୍ବାକ୍ୟ-ବି. (ଦୁର୍-ବାକ୍ୟ) କଟୁବାକ୍ୟ; ଗାଳି ।

ଦୁର୍ବ୍ବିନୀତ-ବି. (ଦୁର୍-ବି-ନୀ-ତ) ଅହଙ୍କାରୀ, ଅଶିଷ୍ଟ । ଦୁର୍ଘଟନା ।

ଦୁର୍ବ୍ବିପାକ-ବି. (ଦୁର୍-ବିପାକ) ମନ୍ଦପରିଣାମ;

ଦୁର୍ବ୍ବିଷହ-ବି. (ଦୁର୍-ବି-ସହ୍-ଅ) ଅତି କଷ୍ଟରେ ସହନୀୟ ।

ଦୁର୍ବୃତ୍ତ-ବି. (ଦୁର୍-ବୃତ୍-ତ) ଦୁଶ୍ଚରିତ୍ର; ଦୁର୍ଜନ ।

ଦୁଶ୍ଚେଷ୍ଟିତ-ବି. (ଦୁର୍-ଚେଷ୍ଟିତ) ମନ୍ଦଚେଷ୍ଟା ।

ଦୁଷ୍କର-ବି. (ଦୁର୍-କୃ-ଅ) ଯାହା ଅତି କଷ୍ଟରେ କରଯାଏ; ଦୁଃଖସାଧ୍ୟ ।

ଦୁଷ୍କର୍ମ୍ମ-ବି. (ଦୁର୍-କର୍ମନ୍) ମନ୍ଦକର୍ମ ।

ଦୁଷ୍କର୍ମୀ-ବି. ଦୁଷ୍କର୍ମକାରୀ ।

ଦୁଷ୍କାଳ-ବି. (ଦୁର୍-କାଳ) ମନ୍ଦକାଳ; ଦୁର୍ଭିକ୍ଷ ।

ଦୁଷ୍କୁଳ-ବି. ଦୁର୍-କୁଳ) ମନ୍ଦବଂଶ ।

ଦୁଷ୍କୃତ-ବି. (ଦୁର୍-କୃତ) ଦୁଷ୍କର୍ମ ।

ଦୁଷ୍କୃତି-ବି. (ଦୁର୍-କୃ-ତି) ଦୁଷ୍କର୍ମ ।

ଦୁଷ୍କୃତୀ-ବି. (ଦୁର୍-କୃତ-ଇନ୍) ଦୁଷ୍କୃତକାରୀ ।

ଦୁଷ୍ଟ-ବି. (ଦୁଷ୍-ତ) ଦୋଷଯୁକ୍ତ; ଅଧାର୍ମିକ; ଦୁର୍ଜ୍ଜନ । [ଅତି ପ୍ରତାପୀ ।

ଦୁଷ୍ପ୍ରଧର୍ଷ-ବି. (ଦୁର୍-ପ୍ର-ଧୃଷ୍-ଅ) ଦୁର୍ଦ୍ଧର୍ଷ;

ଦୁଷ୍ପ୍ରବୃତ୍ତି-ବି. (ଦୁର୍-ପ୍ର-ବୃତ୍-ତି) ମନ୍ଦପ୍ରବୃତ୍ତି ।

ଦୁଷ୍ପ୍ରବେଶ-ବି. (ଦୁର୍-ପ୍ରବେଶ) ଦୁର୍ଗମ ।

ଦୁଷ୍ପ୍ରମେୟ-ବି. (ଦୁର୍-ପ୍ରମେୟ) ଯାହାର ପରିମାଣ କରିବା କଠିନ ।

ଦୁଷ୍ପ୍ରାପ୍ୟ-ବି. (ଦୁର୍-ପ୍ରାପ୍ୟ) ଦୁର୍ଲ୍ଲଭ ।

ଦୁସ୍ତର-ବି. (ଦୁର୍-ତୃ-ଅ) ଦୁରତିକ୍ରମ, ଯାହା ପାରହେବା କଠିନ ।

ଦୁସ୍‌ମନ୍-ବି. (ପାର୍ଶୀଭାଷା) ଶତ୍ରୁ ।

ଦୁହିତା-ବି. (ଦୁହ୍-ତୃ) କନ୍ୟା । (ପୂର୍ବ କାଳରେ କନ୍ୟାମାନେ ଗୋ ଦୋହନ କରୁଥିଲେ ।)

ଦୁହିଁବା-କ୍ରି. (ଦୁହ୍‌ଧାତୁରୁ) ଦୋହନ କରିବା ।

ଦୁହ୍ୟମାନ–ବି. ( ଦୁହ୍-ଯ-ଅନ ) ଯାହାକୁ ଦୋହନ କରଯାଉଅଛି ।

ଦୂତ–ବି.( ଦୁ-ତ ) ବାର୍ତ୍ତାବହ; ରାଜାଙ୍କ ସନ୍ଦେଶବାହୀ ।

ଦୂତିକା }
ଦୂତୀ } ବି. ବାର୍ତ୍ତା-ବାହନୀ ।

ଦୂତ୍ୟ–ବି. (ଦୂତ-ଯ) ଦୂତର କାର୍ଯ୍ୟ; ଦୂତରଧର୍ମ ।

ଦୂର–ବି. ବହୁଅନ୍ତରରେ ସ୍ଥିତ; ବି. ଅନ୍ତର ।

ଦୂରଦର୍ଶୀ–ବି. (ଦୂର-ଦୃଶ୍-ଇନ୍ ) ଅନେକ ଦୂର ପର୍ଯ୍ୟନ୍ତ ଯେ ଦେଖିପାରେ ; ପରିଣାମଦର୍ଶୀ ; ବିଜ୍ଞ ।

ଦୂରବର୍ତ୍ତୀ–ବି. ( ଦୂର-ବୃତ୍-ଇନ୍) ଦୂରସ୍ଥିତ ।

ଦୂରବୀକ୍ଷଣ–ବି. ( ଦୂର-ବି-ଈକ୍ଷ୍-ଅନ) ଅତିଦୂରସ୍ଥ ବସ୍ତୁ ଦେଖିବାର ଯନ୍ତ୍ର ।

ଦୂରସ୍ଥ–ବି. (ଦୂର-ସ୍ଥା-ଅ) ଦୂରବର୍ତ୍ତୀ ।

ଦୂରୀକୃତ–ବି. ( ଦୂର-ଈ-କୃ-ତ ) ତାଡ଼ିତ ; ବହିଷ୍କୃତ । [ ସାରିତ ।

ଦୂରୀଭୂତ–ବି. ( ଦୂର-ଭୂ-ତ ) ଦୂରକୁ ଅପ-

ଦୂର୍ବା–ବି. ( ଦୂର୍ବ-ଅ-ଆ ) ଦୁବଘାସ ।

ଦୂଷକ–ବି. (ଦୂଷ-ଅକ) ଯେ ଦୋଷଦିଏ ।

ଦୂଷଣ–ବି. (ଦୂଷ-ଅନ) ଦୋଷ ।

ଦୂଷିତ–ବି. ( ଦୂଷ୍-ତ ) ଦୋଷଯୁକ୍ତ ; ନିନ୍ଦିତ ।

ଦୂଷ୍ୟ–ବି. (ଦୂଷ-ଯ) ଦୂଷଣୀୟ ; ନିନ୍ଦନୀୟ ।

ଦୃକ୍–ବି. ( ଦୃଶ୍-• ) ଚକ୍ଷୁ ।

ଦୃକ୍‌ପାତ–ବି. ଦୃଷ୍ଟିନିକ୍ଷେପ ; ଦୃକ୍‌କ୍ଷେପ ।

ଦୃଢ଼–ବି. (ଦୃହ୍-ତ) କଠିନ ; ସମର୍ଥ ; ସ୍ଥିର ।

ଦୃଢ଼ତା–ବି. (ଦୃଢ-ତା ) କାଠିନ୍ୟ ସ୍ଥିରତା ; ଅଟଳିତଭାବ ।

ଦୃଢ଼ନିଶ୍ଚୟ–ବି. ଦୃଢ଼ପ୍ରତିଜ୍ଞ ; ସ୍ଥିରସଂକଳ୍ପ ।

ଦୃଢ଼ବ୍ରତ–ବି. କାର୍ଯ୍ୟସାଧନରେ ଦୃଢ଼ସଂକଳ୍ପ ।

ଦୃତି–ବି. ( ଦୃ-ତି ) ଭସ୍ତ୍ରା, ଚର୍ମ ।

ଦୃପ୍ତ–ବି. ( ଦୃପ୍-ତ ) ଗର୍ବିତ ।

ଦୃଷଦ୍–ବି. ବସ୍ତୁଟିଶିଳା ; ପ୍ରସ୍ତର । [ ବସ୍ତୁ ।

ଦୃଶ୍ୟ–ବି. (ଦୃଶ୍-ଯ) ଦର୍ଶନୀୟ; ବି. ଦର୍ଶନୀୟ-

ଦୃଶ୍ୟକାବ୍ୟ–ବି. ନାଟକ ( ରଙ୍ଗଭୂମିରେ ଅଭିନୀତ । )

ଦୃଷ୍ଟ–ବି. ( ଦୃଶ୍-ତ ) ଅବଲୋକିତ; ଜ୍ଞାତ ।

ଦୃଷ୍ଟାନ୍ତ–ବି. (ଦୃଷ୍ଟ-ଅନ୍ତ ) ଉଦାହରଣ ।

ଦୃଷ୍ଟି–ବି. (ଦୃଶ୍-ତି) ଚକ୍ଷୁ ; ଦର୍ଶନ; ଜ୍ଞାନ ।

ଦୃଷ୍ଟି-ଗୋଚର–ବି. ଚକ୍ଷୁଦ୍ୱାରା ଯାହା ଦେଖାଯାଏ । [ ବଦ୍ୟା ।

ଦୃଷ୍ଟିବିଜ୍ଞାନ–ବି. ଆଲୋକ ଓ ଦର୍ଶନବିଷୟକ

ଦେଇ–ବି. ( ଦେବୀଶବ୍ଦଜ ) ରାଜକନ୍ୟା ; ଉଚ୍ଚକୁଳର ସ୍ତ୍ରୀମାନଙ୍କର ସଂଜ୍ଞା ।

ଦେଉଳ–ବି. (ଦେବକୁଳଶବ୍ଦଜ) ଦେବାଳୟ ।

ଦେଉଳିଆ–ବି. ଋଣପରିଶୋଧ କରିବାକୁ ଅକ୍ଷମ ; ଦେଉଳର ସେବାପୂଜାଦି କାର୍ଯ୍ୟନିର୍ବାହକ ।

ଦେଖଣାହାରୀ–ବି. ଦେଖିବା ଲୋକ ; ଦର୍ଶକ ।

ଦେଖିବା–କ୍ରି. (ଦୃଶ୍‌ଧାତୁଜ) ଦର୍ଶନ କରିବା ।

ଦେଢ଼ଶୁର–ବି. ପତିର ଜ୍ୟେଷ୍ଠଭ୍ରାତ ।

ଦେଢ଼ଶାଶୁ–ବି. ପତ୍ନୀର ଜ୍ୟେଷ୍ଠ ଭଗିନୀ ।

ଦେଢ଼ }
ଦେଢ଼ା } ବି. ସାର୍ଦ୍ଧ ଏକ ।

ଦେଣା–ବ. ଋଣ । [ମାନ୍ଦ ।

ଦେଦୀପ୍ୟମାନ–ବଂ.(ଦୀପ୍-ଯଙ-ଅନ) ଜାଜ୍ୱଲ୍ଲ-

ଦେୟ–ବଂ. (ଦା-ଯ) ଯାହା ଦେବା ଉଚିତ ।

ଦେସ୍ତି–ବ. (ଫାର୍ସୀ) କଲମ ।

ଦେବ–ବ. (ଦିବ୍-ଅ) ସୁର; ଦେବତା; ରଜା; ଶ୍ରେଷ୍ଠଲୋକ ।

ଦେବକୀ–ବ. ଶ୍ରୀକୃଷ୍ଣଜନନୀ ।

ଦେବଗୁରୁ–ବ. (ଦେବ-ଗୁରୁ) ବୃହସ୍ପତି ।

ଦେବତା–ବ. (ଦେବ-ତା) ଦେବ; ଅମର ।

ଦେବତ୍ର–ବଂ.(ଦେବ-ତ୍ରୈ-ଅ) ଦେବତାସେବାନିମିତ୍ତ ପ୍ରଦତ୍ତ ।

ଦେବତ୍ୱ–ବ. (ଦେବ-ତ୍ୱ) ଦେବତାର ଗୁଣ ।

ଦେବ-ଦାରୁ–ବ. ବୃହତ୍ ବୃକ୍ଷବିଶେଷ ।

ଦେବ-ଦେବ–ବ. ଦେବଶ୍ରେଷ୍ଠ; ମହାଦେବ ।

ଦେବ-ପୁରୀ–ବ. ଇନ୍ଦ୍ରପୁରୀ; ଅମରାବତୀ ।

ଦେବଭୂତି–ବି. (ଦେବ-ଭୂତି) ମନ୍ଦାକିନୀ; ସ୍ୱର୍ଗ-

ଦେବ-ମଣି–ବ. କୌସ୍ତୁଭମଣି । [ଗଙ୍ଗା ।

ଦେବ-ମାତା–ବ. ଅଦିତି; କଶ୍ୟପପତ୍ନୀ ।

ଦେବମାତୃକ–ବଂ. (ଦେବ-ମାତୃ-କ) ବୃଷ୍ଟିଜଳୋତ୍ପନ୍ନ ଶସ୍ୟଦ୍ୱାରା ପାଳିତ ।

ଦେବ-ଯୋନି–ବ. ଉପଦେବତା; ଭୂତ ପ୍ରେତ ।

ଦେବର–ବ. (ଦିବ-ଅର) ପତିର କନିଷ୍ଠଭ୍ରାତା ।

ଦେବରାଜ–ବ. (ଦେବ-ରାଜନ୍) ଇନ୍ଦ୍ର ।

ଦେବର୍ଷି–ବ. (ଦେବ-ଋଷି) ଦେବତା ଅଥଚ ଋଷି; ନାରଦାଦମୁନି ।

ଦେବଳ–ବ. ଦେବତା-ପୂଜାଦ୍ୱାରା ଜୀବିକାନିର୍ବାହକାରୀ ବ୍ରାହ୍ମଣ ।

ଦେବଶର୍ମୀ–ବ. ବ୍ରାହ୍ମଣଜାତିର ଉପାଧି ।

ଦେବ-ଶିଳ୍ପୀ–ବ. ବିଶ୍ୱକର୍ମା । [ଧନ ।

ଦେବ-ସ୍ୱ–ବ. ଦେବସେବାନିମିତ୍ତ ଅର୍ପିତ ବସ୍ତୁ ବା

ଦେବା–କ୍ରି. ଦାନ କରିବା ।

ଦେବାଳୟ–ବ. ଦେଉଳ; ମନ୍ଦିର ।

ଦେବୀ–ବ.(ଦିବ୍-ଅ-ଈ) ଦେବତା; ଠାକୁରାଣୀ; ମାନନୀୟା ସ୍ତ୍ରୀ ।

ଦେବୋତ୍ତର–ବଂ. (ଦେବ-ଉତ୍ତର) ଦେବସେବାନିମିତ୍ତ ଅର୍ପିତ । [ସ୍ଥାନ ।

ଦେଶ–ବ. (ଦିଶ୍-ଅ) ପୃଥିବୀର ଅଂଶବିଶେଷ;

ଦେଶକାଳଜ୍ଞ–ବଂ.(ଦେଶ-କାଳ-ଜ୍ଞା-ଅ) ଯେଉଁ ବ୍ୟକ୍ତି ଦେଶ ଓ କାଳ ବୁଝି କାର୍ଯ୍ୟ କରେ ।

ଦେଶାଚାର–ବ. (ଦେଶ-ଆଚାର) ଦେଶୀୟ ରୀତି; ଦେଶର ବ୍ୟବହାର । [ଦୂରଦେଶ ।

ଦେଶାନ୍ତର–ବ. (ଦେଶ-ଅନ୍ତର) ଅନ୍ୟଦେଶ;

ଦେଶୀ–ବଂ. (ଦେଶ-ଈୟ ପରବର୍ତ୍ତେ-ଈ) ସ୍ୱଦେଶସମ୍ବନ୍ଧୀୟ ।

ଦେଶୀୟ–ବଂ. (ଦେଶ-ଈୟ) ଦେଶସମ୍ବନ୍ଧୀୟ ।

ଦେହ–ବ. (ଦିହ୍-ଅ) ଅଙ୍ଗ; ଶରୀର ।

ଦେହଳି, ଦେହଳୀ–ବ. ଦ୍ୱାରସମୀପସ୍ଥ ସ୍ଥାନ; ଦ୍ୱାରର ତଳ ବା ଉପର କାଠ ।

ଦେହୀ–ବଂ. (ଦେହ-ଇନ୍) ଦେହଧାରୀ; ପ୍ରାଣୀ; ଆତ୍ମା ।

ଦୈତ୍ୟ–ବ. (ଦିତି-ଯ) ଦିତିସୁତ; ଅସୁର ।

ଦୈତ୍ୟ-ଗୁରୁ–ବ. ଶୁକ୍ରାଚାର୍ଯ୍ୟ ।

ଦୈତ୍ୟାରି–ବ. (ଦୈତ୍ୟ-ଅରି) କୃଷ୍ଣ; ବିଷ୍ଣୁ; ଦେବତା ।

ଦୈନନ୍ଦିନ-ବି. (ଦିନ-ଦିନ-ଅ) ପ୍ରତି ଦିବସୀୟ ।

ଦୈନିକ-ବି. (ଦିନ-ଇକ) ପ୍ରାତ୍ୟହିକ ।

ଦୈନ୍ୟ-ବି. (ଦୀନ-ଯ) ଦୀନତା ; ଦାରିଦ୍ର୍ୟ ।

ଦୈର୍ଘ୍ୟ-ବି. (ଦୀର୍ଘ-ଯ) ଦୀର୍ଘତା; ଲମ୍ବପରିମାଣ ।

ଦୈବ-ବି. (ଦେବ-ଅ) ଦେବସମ୍ବନ୍ଧୀୟ ; ବି.- ଧାତୃ-ବିହିତ ; ବି. ବିଧାତା ।

ଦୈବଜ୍ଞ-ବି. (ଦୈବ-ଜ୍ଞା-ଅ) ଗଣକ ବି. ଯେ ଭାଗ୍ୟ ଗଣନା କରେ ।

ଦୈବ-ବାଣୀ-ବି. ଦେବତାର ବାଣୀ ।

ଦୈବ-ବିଡ଼ମ୍ବନା-ବି. ଦୈବର ପ୍ରତିକୂଳତା ; କର୍ମବିଡ଼ମ୍ବନା ।

ଦୈବଯୋଗ-ବି. ଦୈବଘଟନା ।

ଦୈବାତ୍-ଅ. (ଦୈବ-ଅତ୍) ଦୈବବଶତଃ ; ଅକସ୍ମାତ୍ ; ହଠାତ୍ । [ଅଧୀନ ।

ଦୈବାୟତ୍ତ-ବି. (ଦୈବ-ଆୟତ୍ତ) କର୍ମବିଧାନର

ଦୈବିକ-ବି. (ଦେବ-ଇକ) ଦେବସମ୍ବନ୍ଧୀୟ ; ଦୈବଘଟିତ । [ସାରଣୀ ।

ଦୈବୀ-ବି. (ଦେବ-ଅ-ଈ) କର୍ମବିଧାନର ଅନୁ-

ଦୈଶିକ-ବି. (ଦେଶ-ଇକ) ଦେଶସମ୍ବନ୍ଧୀୟ ; ଦେଶଜାତ ।

ଦୈହିକ-ବି. (ଦେହ-ଇକ) ଦେହସମ୍ବନ୍ଧୀୟ ।

ଦୋକାନ-ବି. (ଫାର୍ଶୀ) ପଣ୍ୟଶାଳା ।

ଦୋଗ୍ଧା-ବି. (ଦୁହ୍-ତୃ) ଦୋହନକର୍ତ୍ତା ।

ଦୋଦୁଲ୍ୟମାନ-ବି. (ଦୁଲ୍-ଯଙ-ଅନ) ପୁନଃ ପୁନଃ ଦୋଲାୟମାନ । [କରେ ।

ଦୋଭାଷୀ-ବି. (ଦ୍ୱି-ଭାଷା) ଦୁଇ ଭାଷା ଯେ

ଦୋରୁଅ-ବି. ଅଙ୍ଗୁରସ । [ଦଣ୍ଡ ।

ଦୋର୍ଦଣ୍ଡ-ବି. (ଦୋର-ଦଣ୍ଡ) ବାହୁଦଣ୍ଡ ; ଭୁଜ-

ଦୋଳ-ବି. (ଦୁଲ୍-ଅ) ଦୋଳନ ; ଦୋଳ ; ଝୁଲଣ । [ଦୋହଲୁଥିବା ।

ଦୋଳାୟମାନ-ବି. (ଦୋଲ-ଯ-ଅନ) ଯାହା

ଦୋଳାୟିତ-ବି. (ଦୋଲ-ଯ-ତ) ଇତସ୍ତତଃ ଅନ୍ଦୋଳିତ ।

ଦୋଳୀ-ବି. ଝୁଲଣ ; ଡୋଲି । [କଳଙ୍କ ।

ଦୋଷ-ବି. (ଦୁଷ୍-ଅ) ଅପରାଧ ; ନିୟମଭଙ୍ଗ ;

ଦୋଷଗ୍ରାହୀ-ବି. (ଦୋଷ-ଗ୍ରହ୍-ଇନ୍) ଯେ

ଦୋଷା-ବି. ରାତ୍ରି । [ଦୋଷ ଗ୍ରହଣ କରେ ।

ଦୋଷା-ତନ-ବି. ରାତ୍ରିକାଳୀନ ।

ଦୋଷାବହ-ବି (ଦୋଷ-ଆବହ) ଦୋଷଯୁକ୍ତ ।

ଦୋଷୀ-ବି. ଅପରାଧୀ ।

ଦୋଷୈକଦର୍ଶୀ-ବି. (ଦୋଷ-ଏକ-ଦୃଶ୍-ଇନ୍) ଯେ କେବଳ ଦୋଷ ଦେଖେ ।

ଦୋସର-ବି. (ଦ୍ୱି-ସର) ଦ୍ୱିତୀୟ ; ସଙ୍ଗୀ ।

ଦୋସରି-ବି. ଦ୍ୱିତୀୟ ; ଅନ୍ୟ ।

ଦୋହ-ବି. (ଦୁହ-ଅ) ଦୋହନ ।

ଦୋହଦ-ବି. (ଦୋହ-ଦ) ଗର୍ଭିଣୀର ଅଭି-ଳାଷ ; ଗର୍ଭଚିହ୍ନ ।

ଦୋହଦବତୀ-ବି. (ଦୋହଦ-ମତ୍-ଈ) ଗର୍ଭିଣୀ ।

ଦୋହନ-ବି. (ଦୁହ୍-ଅନ) ଦୁହିଁବା ; ସଂଗ୍ରହ-କରଣ ।

ଦୋହରା }
ଦୋହର } ବି. ଦ୍ୱିତୀୟବାର ।

ଦୋହଲିବା–କ୍ରି. ଝୁଲିବା ; ହଲିବା ।

ଦୋହଦ
ଦୋହାଇ } ବି. ଶପଥପୂର୍ବକ ସୁବର୍ତ୍ତର ପ୍ରାର୍ଥନା ।

ଦୌଡ଼ିବା–କ୍ରି.(ଦ୍ରୁ ଧାତୁରୁ)ଶୀଘ୍ର ଗମନକରିବା ।

ଦୌତ୍ୟ–ବି. (ଦୂତ-ଯ) ଦୂତର କର୍ମ ।

ଦୌରାତ୍ମ୍ୟ–ବି. (ଦୁରାତ୍ମନ୍-ଯ) ଦୁର୍ବ୍ୟବହାର, ଅତ୍ୟାଚାର ।

ଦୌର୍ବଲ୍ୟ–ବି. (ଦୁର୍ବଳ-ଯ) ଦୁର୍ବଳତା ।

ଦୌର୍ହୃଦ–ବି. (ଦୁର୍-ହୃଦ୍-ଅ) ଗର୍ଭ; ଗର୍ଭିଣୀର ସ୍ପୃହା ।

ଦୌଲତ–ବି. (ଆରବୀ) ଧନ । [ପାଳ ।

ଦୌବାରିକ–ବି. (ଦ୍ୱାର-ଇକ) ଦ୍ୱାଃସ୍ଥ; ଦ୍ୱାର-

ଦୌହିତ୍ର–ବି. (ଦୁହିତୃ-ଅ) ଦୁହିତାର ପୁତ୍ର ; ନାତି । [କନ୍ୟା; ନାତୁଣୀ ।

ଦୌହିତ୍ରୀ–ବି. ( ଦୁହିତୃ-ଅ-ଈ ) ଦୁହିତାର

ଦ୍ୟାବାପୃଥିବୀ–ବି. (ଦ୍ୟୌ-ପୃଥିବୀ) ଆକାଶ ଓ ପୃଥିବୀ ।

ଦ୍ୟୁ–ବି. (ଦିବ୍-କ୍ୱିପ) ସ୍ୱର୍ଗ ; ଆକାଶ ; ଦିନ ।

ଦ୍ୟୁତି–ବି. (ଦ୍ୟୁତ୍-ଇ) ଦୀପ୍ତି; ପ୍ରକାଶ; ଶୋଭା ।

ଦ୍ୟୁତିକର–ବିଂ. (ଦ୍ୟୁତି-କୃ-ଅ) ଦୀପ୍ତିକାରକ ।

ଦ୍ୟୁତିମାନ୍–ବିଂ. (ଦ୍ୟୁତି-ମତୁ) ଦୀପ୍ତିମାନ୍ ।

ଦ୍ୟୁ ମଣି–ବି ସୂର୍ଯ୍ୟ ।

ଦ୍ୟୁମ୍ନ–ବି. (ଦ୍ୟୁ-ମ୍ନା-ଅ) ଧନ; ସୁବର୍ଣ୍ଣ; ସାମର୍ଥ୍ୟ ।

ଦ୍ୟୁଲୋକ–ବି. (ଦ୍ୟୁ-ଲୋକ) ସ୍ୱର୍ଗଲୋକ ।

ଦ୍ୟୂତ–ବି. (ଦିବ୍-ତ) ଜୁଆଖେଳ ।

ଦ୍ୟୋତକ–ବିଂ. (ଦ୍ୟୁତ୍-ଅକ) ପ୍ରକାଶକ ।

ଦ୍ୟୋତନ–ବି. (ଦ୍ୟୁତ୍-ଅନ) ପ୍ରକାଶନ ।

ଦ୍ୟୋତମାନ–ବିଂ. (ଦ୍ୟୁତ୍-ଅନ) ଦୀପ୍ତିମାନ୍ ।

ଦ୍ୟୌ–ବି. ଆକାଶ; ସ୍ୱର୍ଗ ।

ଦ୍ରଢ଼ିମା–ବି. (ଦୃଢ଼-ଇମନ୍) ଦୃଢ଼ତା ।

ଦ୍ରଢ଼ିଷ୍ଠ–ବିଂ. (ଦୃଢ଼-ଇଷ୍ଠ) ଅତିଦୃଢ଼ ।

ଦ୍ରବ–ବିଂ. (ଦ୍ରୁ-ଅ) ତରଳ ।

ଦ୍ରବତ୍ୱ–ବି. ତରଳତ୍ୱ ।

ଦ୍ରବିଣ–ବି. (ଦ୍ରୁ-ଇନ) ଧନ ।

ଦ୍ରବୀକରଣ–ବି. (ଦ୍ରବ-ଈଅଗମ-କରଣ) ଦ୍ରବ କରିବା ; ତରଳ କରିବା ।

ଦ୍ରବୀଭୂତ–ବିଂ. (ଦ୍ରବ-ଈ-ଭୂତ) ତରଳିତ ।

ଦ୍ରବ୍ୟ–ବି. (ଦ୍ରୁ-ଯ) ପଦାର୍ଥ ; ସାମଗ୍ରୀ ।

ଦ୍ରଷ୍ଟବ୍ୟ–ବିଂ. (ଦୃଶ୍-ତବ୍ୟ) ଦର୍ଶନୀୟ ; ଦର୍ଶନ-ଯୋଗ୍ୟ ।

ଦ୍ରଷ୍ଟା–ବିଂ. (ଦୃଶ୍-ତୃ) ଦର୍ଶକ ; ସାକ୍ଷୀ ।

ଦ୍ରାକ୍ଷା–ବି. କସ୍ମିସ୍ ; ଅଙ୍ଗୁର ।

ଦ୍ରାଘିମା–ବି. (ଦୀର୍ଘ-ଇମନ୍) ଦୈର୍ଘ୍ୟ; ଭୂଗୋଳ-ଶାସ୍ତ୍ରରେ ଉଭୟମେରୁ-ଭେଦୀ କଳ୍ପିତ ମଣ୍ଡ-ଳାକାର ରେଖା ।

ଦ୍ରାଘିମାନ୍ତର–ବି. (ଦ୍ରାଘିମା-ଅନ୍ତର) ଏକ ଦ୍ରାଘି-ମାଂଶଠାରୁ ଅନ୍ୟ ଦ୍ରାଘିମାଂଶ ପର୍ଯ୍ୟନ୍ତ ଦୂରତ୍ୱ ।

ଦ୍ରାଘିଷ୍ଠ–ବିଂ. (ଦୀର୍ଘ-ଇଷ୍ଠ) ଅତିଶୟ ଦୀର୍ଘ ।

ଦ୍ରାବକ–ବିଂ. (ଦ୍ରୁ-ଅକ) ଦ୍ରବକାରକ ।

ଦ୍ରାବଣ–ବି. (ଦ୍ରୁ-ଣିଚ୍-ଅନ) ଦ୍ରବୀକରଣ ।

ଦ୍ରାବିଡ଼–ବି. ପ୍ରଦେଶବିଶେଷ ; ବିଂ. ଦ୍ରାବିଡ଼-ଦେଶୀୟ ।

ଦ୍ରାବିତ-ବିଂ. (ଦ୍ରୁ-ଣିଚ୍-ତ) ତାଡ଼ିତ; ଦ୍ରବୀଭୂତ ।
ଦ୍ରାବ୍ୟ-ବିଂ. (ଦ୍ରବ-ଯ) ତାପ ସଂଯୋଗେ ଦ୍ରବ-
ଦ୍ରୁଘଣ-ବି. ଲୌହ ମୁଦ୍ଗର । [ଣୀୟ ।
ଦ୍ରୁତ-ବିଂ. (ଦ୍ରୁ-ତ) ଶୀଘ୍ର ।
ଦ୍ରୁମ-ବି. (ଦ୍ରୁ-ମ) ବୃକ୍ଷ ।
ଦ୍ରୋଣ-ବି. (ଦ୍ରୁ-ନ) ତାମ୍ରପାତ୍ର; ବୃହତ୍‌ଜଳାଶୟ; ମେଘବିଶେଷ; ଗଇଶପୂଲ; ମହାଭାରତର ଦ୍ରୋଣାଚାର୍ଯ୍ୟ ।
ଦ୍ରୋଣି-ବି. (ଦ୍ରୁ-ନି) ଜଳସେଚନୀ; ଜଳକୁଣ୍ଡ ।
ଦ୍ରୋହ-ବି. (ଦ୍ରୁହ୍-ଅ) ବିରୁଦ୍ଧାଚରଣ; ହିଂସା ।
ଦ୍ରୋହୀ-ବିଂ. (ଦ୍ରୁହ୍-ଇନ୍) ଅନିଷ୍ଟକାରୀ; ଦ୍ୱେଷୀ ।
ଦ୍ରୌପଦୀ-ବି. (ଦ୍ରୁପଦ-ଅ-ଈ) ପାଣ୍ଡବମାନଙ୍କର ସ୍ତ୍ରୀ, ଦ୍ରୁପଦ ରାଜାଙ୍କ କନ୍ୟା ।
ଦ୍ୱନ୍ଦ୍ୱ-ବି. (ଦ୍ୱିଶବ୍ଦଜ) ଯୋଡ଼ା; କଳହ; ଯୁଦ୍ଧ; ସମାସ ବିଶେଷ । [ସଂଖ୍ୟା ।
ଦ୍ୱାଚତ୍ୱାରିଂଶତ୍-ବିଂ. (ଦ୍ୱି ଚତ୍ୱାରିଂଶତ୍) ୪୨
ଦ୍ୱାତ୍ରିଂଶତ୍-ବିଂ. (ଦ୍ୱି-ତ୍ରିଂଶତ୍) ୩୨ ସଂଖ୍ୟା ।
ଦ୍ୱାଦଶ-ବିଂ. (ଦ୍ୱି-ଦଶନ୍) ୧୨ ସଂଖ୍ୟା ।
ଦ୍ୱାଦଶୀ-ବିଂ. ତିଥିବିଶେଷ ।
ଦ୍ୱାପର-ବି. (ଦ୍ୱି-ପର) ହିନ୍ଦୁଶାସ୍ତ୍ରର ତୃତୀୟ ଯୁଗ ।
ଦ୍ୱାର-ବି. (ଦ୍ୱାର୍-ଅ) ଦୁଆର; କବାଟ; ଉପାୟ ।
ଦ୍ୱାରକା, ଦ୍ୱାରକ୍ୟା } ବି. (ଦ୍ୱାର-କ-ଅ) ହିନ୍ଦୁତୀର୍ଥ ବିଶେଷ ।
ଦ୍ୱାର-ପାଳ-ବି. ଦୌବାରିକ; ଦ୍ୱାରରକ୍ଷକ ।
ଦ୍ୱାରା-ଅଂ. (ଦ୍ୱାର-ଆ) କର୍ତ୍ତୃକ; ସାହାଯ୍ୟରେ ।
ଦ୍ୱାବିଂଶତି-ବିଂ. (ଦ୍ୱି-ବିଂଶତି) ୨୨ ସଂଖ୍ୟା ।
ଦ୍ୱାଷଷ୍ଟି-ବିଂ. (ଦ୍ୱି-ଷଷ୍ଟି) ୬୨ ସଂଖ୍ୟା ।
ଦ୍ୱାସପ୍ତତି-ବିଂ. (ଦ୍ୱି-ସପ୍ତତି) ୭୨ ସଂଖ୍ୟା ।
ଦ୍ୱି ବିଂ. ଦୁଇ ସଂଖ୍ୟା ।
ଦ୍ୱିଗର୍ଭ-ବି. ଯେଉଁ ଜନ୍ତୁର ଦେହରେ ଅପତ୍ୟ ଜନ୍ମିବା ଦୁଇଟି ଗର୍ଭ ବା ଆଧାର ଥାଏ; ଯଥା, କାଙ୍ଗାରୁ ।
ଦ୍ୱିଗୁ-ବି. ବ୍ୟାକରଣରେ ସମାସ ବିଶେଷ ।
ଦ୍ୱିଜ-ବି. (ଦ୍ୱି-ଜା-ଅ) ଦେହର ଜନ୍ମ ଓ ଧର୍ମ ସଂସ୍କାରର ଅଧ୍ୟାତ୍ମ ଜନ୍ମ, ଉଭୟ ଯାହାର ଅଛି; ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ, ପକ୍ଷୀ; ଦନ୍ତ ।
ଦ୍ୱିଜରାଜ-ବି. (ଦ୍ୱିଜ-ରାଜନ୍) ଚନ୍ଦ୍ର; ଗରୁଡ଼ ।
ଦ୍ୱିଜିହ୍ୱ-ବି. (ଦ୍ୱି-ଜିହ୍ୱା) ସର୍ପ ।
ଦ୍ୱିତୟ-ବି. (ଦ୍ୱି-ତୟ) ଯୁଗ୍ମ; ଦ୍ୱୟ ।
ଦ୍ୱିତଳ-ବି. (ଦ୍ୱି-ତଳ) ଦୋମହଲା ।
ଦ୍ୱିତୀୟ-ବି. (ଦ୍ୱି-ତୀୟ) ୨ ସଂଖ୍ୟାର ପୂରକ ।
ଦ୍ୱିତୀୟା-ବି. ତିଥିବିଶେଷ ।
ଦ୍ୱିଦଳ-ବି. ଦ୍ୱିଦଳବିଶିଷ୍ଟ ଶସ୍ୟ (ମୁଗପ୍ରଭୃତି) ।
ଦ୍ୱିଧା-କ୍ରି. ବିଂ. ଅଂ. (ଦ୍ୱି-ଧା) ଦୁଇ ପ୍ରକାର; ବି'
ଦ୍ୱିପ-ବି. (ଦ୍ୱି-ପା-ଅ) ହସ୍ତୀ । [ସନ୍ଦେହ ।
ଦ୍ୱିପଞ୍ଚାଶତ୍-ବିଂ. ଦୁଇ ଅଧିକ ପଞ୍ଚାଶତ୍, ୫୨ ।
ଦ୍ୱିପଦ-ବି. (ଦ୍ୱି-ପଦ) ମନୁଷ୍ୟ; ପକ୍ଷୀ; ବିଂ. ପଦ-
ଦ୍ୱିରଦ-ବି. (ଦ୍ୱି-ରଦ) ହସ୍ତୀ । [ଦ୍ୱୟ ବିଶିଷ୍ଟ ।
ଦ୍ୱିରୁକ୍ତ-ବିଂ. (ଦ୍ୱିଃ-ଉକ୍ତ) ଦୁଇଥର କଥିତ ।
ଦ୍ୱିରୁକ୍ତି-ବି. (ଦ୍ୱିଃ-ଉକ୍ତି) ଦୁଇଥର କଥିତକଥା ।
ଦ୍ୱିରେଫ-ବି. (ଦ୍ୱି-ରେଫ) ଭ୍ରମର; ମଧୁକର ।
ଦ୍ୱିବଚନ-ବି. ବ୍ୟାକରଣର ଦ୍ୱିତ୍ୱ ବୋଧକ ବିଭକ୍ତି ।

ଦ୍ୱିବିଧ-ବି. (ଦ୍ୱି-ବିଧ) ଦୁଇପ୍ରକାର ।

ଦ୍ୱିଷତ୍-ବି. (ଦ୍ୱିଷ୍-ଅତ୍) ଶତ୍ରୁ ।

ଦ୍ୱୀପ ବି. (ଦ୍ୱି-ଅପ୍-ଅ) ଚତୁର୍ଦ୍ଦିଗରେ ଜଳ-
ବେଷ୍ଟିତ ସ୍ଥଳ ; ବ୍ୟାଘ୍ରଚର୍ମ ।

ଦ୍ୱୀପୀ-ବି. (ଦ୍ୱୀପ-ଇନ୍) ବ୍ୟାଘ୍ର ।

ଦ୍ୱେଷ ବି. (ଦ୍ୱିଷ୍-ଅ) ଶତ୍ରୁତା ; ଈର୍ଷା ।

ଦ୍ୱେଷୀ-ବି. (ଦ୍ୱିଷ୍-ଇନ୍) ଦ୍ୱେଷଯୁକ୍ତ ।

ଦ୍ୱେଷ୍ଟା-ବି. (ଦ୍ୱିଷ-ତୃ) ଦ୍ୱେଷକର୍ତ୍ତା ।

ଦ୍ୱୈତବାଦ ବି. (ଦ୍ୱୈତ-ବଦ୍-ଅ) ଯେ ମତରେ
ଜୀବାତ୍ମା ଓ ପରମାତ୍ମା ଭିନ୍ନ ।

ଦ୍ୱୈଧ-ବି. (ଦ୍ୱିଧ-ଅ) ଦ୍ୱିଧାର ଭାବ; ମତଭେଦ ;
ସନ୍ଦେହ ।

ଦ୍ୱୈପାୟନ-ବି. (ଦ୍ୱୀପ-ଅୟନ) ଦ୍ୱୀପ ଯାହାର
ଜନ୍ମସ୍ଥାନ ; ବ୍ୟାସଦେବ ।

ଦ୍ୱୈମାତୁର-ବି. (ଦ୍ୱିମାତୃ-ଅ) ଦୁଇ ମାତାର
ସନ୍ତାନ ; ଗଣେଶ ।

ଦ୍ୱୈମାତୃକ ବି. (ଦ୍ୱି-ମାତୃ-କ) ବୃଷ୍ଟିଜଳ ଓ
ନଦୀଜଳ ଦ୍ୱାରା ପାଳିତ । [ ସମଷ୍ଟି ।

ଦ୍ୱ୍ୟଣୁକ ବି. (ଦ୍ୱି-ଅଣୁ-କ) ଦୁଇ ପରମାଣୁର

ଦ୍ୱ୍ୟର୍ଥ-ବି. (ଦ୍ୱି-ଅର୍ଥ) ଦ୍ୱିବିଧ ଅର୍ଥବୋଧକ ।

---

# ଧ

ବ୍ୟଞ୍ଜନବର୍ଣ୍ଣର ଊନବିଂଶ ବର୍ଣ୍ଣ ।

ଧଇଁ-ବି. ବାଣଦ୍ୱେଗ ବିଶେଷ ।

ଧକ୍‌ଧକ୍-ବି. ବେଦନା-ବିଶେଷ ।

ଧକ୍କା-ବି. ଠେଲା ; ଅଘାତ ।

ଧକାଇବା-କ୍ରି. ଶରଣାର୍ଥ ପଳାଇବା ।

ଧଟୀ-ବି. ଲୁଗାଧଡ଼ି ।

ଧଡ଼ ବି. ଶରୀର ।

ଧଡ଼ପଡ଼-କ୍ରି. ବି. ଶୀଘ୍ର ।

ଧଡ଼ା ବି. (ଧଟଶବ୍ଦଜ) ତତ୍ତ୍ୱ ; ଅର୍ଗଳକାଠ ।

ଧଡ଼ୀ-ବି. (ଧଟୀଶବ୍ଦଜ) ବସ୍ତ୍ରର ଧାର ସ ।

ଧଡ଼ିଆ-ବି. କୃଶ ।

ଧଣ୍ଡ-ବି. (ତୁଣ୍ଡିଭଶବ୍ଦଜ) ସର୍ପବିଶେଷ ।

ଧଣ୍ଡା-ବି. ପୁଷ୍ପର ବଡମାଳା ।

ଧନ-ବି. (ଧନ୍-ଅ) ସମ୍ପତ୍ତି; ସ୍ନେହାଦରପଦ ବି ।

ଧନଞ୍ଜୟ-ବି. (ଧନ-ଜି-ଅ) ଯେ ଧନ ଜୟ କରେ;
ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ । [କୁବେର ।

ଧନଦ-ବି. (ଧନ-ଦା-ଅ) ଧନଦାତା ; ବି.

ଧନବାନ୍-ବି. (ଧନ-ବତ୍) ବିତ୍ତଶାଳୀ ।

ଧନାଗମ-ବି. (ଧନ-ଆଗମ) ଅର୍ଥାଗମ; ଆୟ ।

ଧନିଆ-ବି. (ଧନ୍ୟାଶବ୍ଦଜ) କୋଥମିର ଫଳ ।

ଧନିକ-ବି. ଧନାଢ୍ୟ ।

ଧନିଷ୍ଠା-ବି. (ଧନ-ଇଷ୍ଠ-ଆ) ନକ୍ଷତ୍ରବିଶେଷ ।

ଧନୀ-ବି. (ଧନ-ଇନ୍) ଧନଶାଳୀ ।

ଧନୀ-ବି. ଯୁବତୀ ।

ଧନୁ } ବି. (ଧନ-ଉ, ଉସ୍) କାର୍ମ୍ମୁକ; ଚାରିହସ୍ତ
ଧନୁଃ } ପରିମାଣ; ନକ୍ଷତ୍ରପୁଞ୍ଜ ବିଶେଷ ।

ଧନୁର୍ଗୁଣ-ବି. (ଧନୁଃ-ଗୁଣ) ଧନୁର ଜ୍ୟା ।

ଧନୁର୍ଦ୍ଧର-ବି. (ଧନୁଃ-ଧୃ-ଅ) ଧନୁର୍ଦ୍ଧାରୀ; ଧନ୍ୱୀ ।

ଧନୁର୍ବେଦ-ବି. (ଧନୁଃ-ବେଦ) ଧନୁର୍ବିଦ୍ୟା ।

ଧନୁଷ୍ଟଙ୍କାର-ବି. ( ଧନୁଃ-ଟଙ୍କାର ) ଧନୁଃଶବ୍ଦ ; ସେଗବିଶେଷ ।

ଧନୁଷ୍ପାଣି-ବିଂ. (ଧନୁଃ-ପାଣି) ଧନୁର୍ଦ୍ଧର ।

ଧନେଶ-ବିଂ. ( ଧନ-ଈଶ ) ଧନସ୍ୱାମୀ; ବି. [କୁବେର ।

ଧନ୍ଦା-ବି. ବ୍ୟବସାୟ ।

ଧନ୍ଦାକୁଳହେବା-କ୍ରି. ବ୍ୟସ୍ତ ହେବା ।

ଧନ୍ଦହେବା-କ୍ରି. ବ୍ୟସ୍ତ ହେବା ।

ଧନ୍ୟ-ବିଂ. (ଧନ-ଯ) କୃତାର୍ଥ; ପ୍ରଶଂସନୀୟ; ସୌଭାଗ୍ୟଶାଳୀ ।

ଧନ୍ୟବାଦ-ବି. ଧନ୍ୟ ଧନ୍ୟ ବୋଲି ପ୍ରଶଂସା; ସାଧୁବାଦ ।

ଧନ୍ୱନ୍ତରି-ବି. ଦେବଚିକିତ୍ସକ ।

ଧନ୍ୱୀ-ବିଂ. (ଧନ୍ୱ-ଇନ୍) ଧନୁର୍ଦ୍ଧାରୀ ।

ଧପା-ବି. ଭଣ୍ଡାଇବା; ଠକିବା ।

ଧମକ-ବି. ( ଧ୍ମା-ଅକ ) ଭସ୍ତ୍ରାଚାଳକ କମାର ।

ଧମକ-ବି. ଭୟ-ପ୍ରଦର୍ଶନ ।

ଧମକାଇବା-କ୍ରି. ଭୟ ଦେଖାଇବା ।

ଧମନୀ-ବି. ( ଧ୍ମା-ଅନ-ଈ ) ନାଡ଼ୀ; ଶିରା ।

ଧମ୍ମିଲ୍ଲ-ବି. ଅଳଙ୍କୃତ କେଶପାଶ ।

ଧର-ବିଂ. ( ଧୃ-ଅ ) ଧାରଣକର୍ତ୍ତା ( ଶବ୍ଦାନ୍ତେ ପ୍ରଯୁକ୍ତ ) ।

ଧରଣ-ବି. (ଧୃ-ଅନ) ପ୍ରଣାଳୀ; ପଦ୍ଧତି; ଧାରଣ ।

ଧରଣା-ବି. ଅଧ୍ୟାପଡ଼ିବା ।

ଧରଣୀ-ବି. ( ଧୃ-ଅନ-ଈ ) ପୃଥିବୀ ।

ଧରଣୀ-ଧର-ବି. ପର୍ବତ; ପରମେଶ ।

ଧରା-ବି. ( ଧୃ-ଅ ) ପୃଥିବୀ ।

ଧରାତଳ-ବି. ପୃଥିବୀର ଉପରିଭାଗ ।

ଧରାଧର-ବି. ( ଧରା-ଧର ) ପର୍ବତ ।

ଧରିତ୍ରୀ-ବି. (ଧୃ-ଇତ୍ର-ଈ ) ପୃଥିବୀ ।

ଧରିବା-କ୍ରି. (ଧୃ-ଧାତୁରୁ) ଧାରଣ କରିବା ; ପେନ୍ଦିବା । [କର୍ତ୍ତବ୍ୟ ।

ଧର୍ତ୍ତବ୍ୟ-ବି. ( ଧୃ-ତବ୍ୟ ) ଧରିବାଯୋଗ୍ୟ ;

ଧର୍ମ-ବି. ( ଧୃ-ମ ) ଯେ ଜଣଧାରଣ ବା ରକ୍ଷା କରେ ; ଜୀବାତ୍ମାର ଈଶ୍ୱର-ବିଶ୍ୱାସ ; ବିଶ୍ୱାସ ଓ ପୂଜା ସମ୍ବନ୍ଧୀୟ ଭିନ୍ନ ଭିନ୍ନ ପ୍ରଣାଳୀ; ନ୍ୟାୟ ; ପୁଣ୍ୟ ; କର୍ତ୍ତବ୍ୟ କର୍ମ, ଗୁଣ ।

ଧର୍ମ-କ୍ଷେତ୍ର-ବି. ତୀର୍ଥ; କୁରୁକ୍ଷେତ୍ର ।

ଧର୍ମ-ଘଟ-ବି. ବୈଶାଖ ମାସରେ ପ୍ରତ୍ୟହ ଦାତବ୍ୟ ଭୋଜ୍ୟପାନୀୟ ପୂର୍ଣ୍ଣ କଳସ; ସମବେତ ହୋଇ କାର୍ଯ୍ୟ ନ କରିବାର ପ୍ରତିଜ୍ଞା ।

ଧର୍ମ-ଚାରିଣୀ-ବିଂ. ସାଧ୍ୱୀ; ଧାର୍ମିକା ।

ଧର୍ମତଃ-ଅ. ( ଧର୍ମ-ତସ୍ ) ଧର୍ମାନୁସାରେ ।

ଧର୍ମ-ଧ୍ୱଜୀ-ବିଂ. ( ଧର୍ମ-ଧ୍ୱଜ-ଇନ୍ ) ଯେ ଧର୍ମର ବାହ୍ୟଚିହ୍ନ ଧାରଣ କରେ, କିନ୍ତୁ ବାସ୍ତବରେ ଧାର୍ମିକ ନୁହେ ।

ଧର୍ମନିଷ୍ଠ-ବିଂ. ( ଧର୍ମ-ନିଷ୍ଠା ) ଧର୍ମପରାୟଣ ।

ଧର୍ମ-ନୀତି-ବି. କର୍ତ୍ତବ୍ୟାକର୍ତ୍ତବ୍ୟବିଷୟକ ବୁଦ୍ଧି ।

ଧର୍ମ-ପତ୍ନୀ-ବି. ସହଧର୍ମିଣୀ ; ଭାର୍ଯ୍ୟା ।

ଧର୍ମ-ପ୍ରବୃତ୍ତି-ବି. (ଧର୍ମ-ପ୍ରବୃତ୍ତି) ଯଥୋଚିତ; ଧର୍ମାନୁସାରେ କୃତ ପ୍ରବୃତ୍ତି ।

ଧର୍ମ-ବକ-ବି. କପଟଧାର୍ମିକ ଲୋକ ।

ଧର୍ମ-ଭୟ-ବି. ଅଧର୍ମ କଲେ ଦଣ୍ଡ ଭୋଗ କରିବାକୁ ହେବ, ଏହି ବିଶ୍ୱାସ ।

ଧର୍ମ-ଧ୍ୱଜ-ବି. (ଧର୍ମ-ଧ୍ୱଜା) ଯମ; ଯୁଧିଷ୍ଠିର ।

ଧର୍ମ-ଲକ୍ଷଣ-ବି. ଧୃତି, କ୍ଷମା, ଦମ, ଅସ୍ତେୟ, ଶୌଚ, ଇନ୍ଦ୍ରିୟନିଗ୍ରହ, ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ ଏହି ଦଶ ଧର୍ମଲକ୍ଷଣ ।

ଧର୍ମ-ବୃଦ୍ଧ-ବିଂ. ଧର୍ମ ବିଷୟରେ ଶ୍ରେଷ୍ଠ ।

ଧର୍ମ ଶାଳା-ବି. ଧର୍ମାର୍ଥ ଗୃହ ।

ଧର୍ମ-ଶୀଳ-ବିଂ. ଧାର୍ମିକ ।

ଧର୍ମାଧିକରଣ-ବି. (ଧର୍ମ-ଅଧି-କୃ-ଅନ) ନ୍ୟାୟ ଅନ୍ୟାୟର ବିଚାରସ୍ଥଳ; ଅଦାଲତ; ବିଚାରକ ।

ଧର୍ମାଧିକାରୀ-ବି. (ଧର୍ମ-ଅଧିକାରୀ) ଯାହା ହାତରେ ନ୍ୟାୟ ଅନ୍ୟାୟ ବିଚାରର ଭାର ନ୍ୟସ୍ତ ଥାଏ ।

ଧର୍ମାଧ୍ୟକ୍ଷ-ବି. (ଧର୍ମ-ଅଧ୍ୟକ୍ଷ) ବିଚାରପତି ।

ଧର୍ମାବତାର-ବି. (ଧର୍ମ-ଅବତାର) ମୂର୍ତ୍ତିମାନ୍ ଧର୍ମ ।

ଧର୍ମାବହ-ବିଂ. (ଧର୍ମ-ଅବହ) ଧର୍ମର ରକ୍ଷକ ।

ଧର୍ମାସନ-ବି. (ଧର୍ମ-ଅସନ) ବିଚାରାସନ ।

ଧର୍ମିଷ୍ଠ-ବିଂ. (ଧର୍ମ-ଇଷ୍ଠ ଅତିଧାର୍ମିକ ।

ଧର୍ମୀ-ବିଂ. (ଧର୍ମ-ଇନ୍) ଗୁଣବିଶିଷ୍ଟ ।

ଧର୍ମ୍ୟ-ବିଂ. (ଧର୍ମ-ଯ) ଧର୍ମର ଅନୁଯାୟୀ ।

ଧର୍ଷ } ବି. (ଧୃଷ୍-ଅ, ଅନ) ସ୍ପର୍ଦ୍ଧା; ପରାଭବ;
ଧର୍ଷଣ } ଅବମାନନା ।

ଧର୍ଷିତ-ବିଂ. (ଧୃଷ୍-ଣିଚ୍-ତ) ଅବମାନିତ; ପରାଭବପ୍ରାପ୍ତ ।

ଧଳା-ବିଂ. (ଧବଳଶବ୍ଦଜ) ଶ୍ୱେତ, ଶୁକ୍ଳ ।

ଧବ-ବି. (ଧୂ-ଅ) ପତି; ବୃକ୍ଷବିଶେଷ ।

ଧବଳ-ବିଂ. (ଧବ-ଅଳ) ଶୁକ୍ଳ ବି. ଶ୍ୱେତକୁଷ୍ଠ ।

ଧବଳିତ-ବିଂ. (ଧବଳ-ଇତ) ଶୁକ୍ଳୀକୃତ ।

ଧବଳିମା-ବି. (ଧବଳ-ଇମନ୍) ଶୁକ୍ଳତା ।

ଧାଇଁବା-କ୍ରି. (ଧାବ୍‌ଧାତୁଜ) ଦୌଡିବା; ଧାବମାନ ହେବା ।

ଧାଇ-ବି. (ଧାତ୍ରୀଶବ୍ଦଜ) ଉପମାତା; ଦାଈ ।

ଧାଡ଼ି-ବି. (ଧାରାଶବ୍ଦଜ) ଶ୍ରେଣୀ ।

ଧାତକୀ-ବି. ପୁଷ୍ପବୃକ୍ଷବିଶେଷ ।

ଧାତା-ବି. (ଧା-ତୃ) ବିଧାତା; ବିଂ. ଧାରଣକର୍ତ୍ତା; ରକ୍ଷାକର୍ତ୍ତା ।

ଧାତୁ-ବି. (ଧା-ତୁ) ଦେହ ଧାରକବସ୍ତୁ; ଯଥା ବାତ, ପିତ୍ତ, କଫ, ଶୋଣିତ, ମାଂସ, ମେଦଃ, ମଜ୍ଜା, ଅସ୍ଥି, ଶୁକ୍ର ପ୍ରଭୃତି; ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ, ତାମ୍ର, ସୀସା, ରଙ୍ଗ, ଲୌହ ଏହି ଅଷ୍ଟବିଧ ତୈଜସ ପଦାର୍ଥ; ବ୍ୟାକରଣରେ ଭୂ. କୃ ପ୍ରଭୃତି କ୍ରିୟାବାଚକ ପ୍ରକୃତି; ସ୍ୱଭାବ; ଉପାଦାନ ।

ଧାତୁ-ଦ୍ରାବକ-ବି. ସୋହାଗା ।

ଧାତୁ-ମୟ-ବିଂ. ଧାତୁନିର୍ମିତ ।

ଧାତ୍ରୀ-ବି. (ଧା-ତୃ-ଈ) ମାତା ନ ହୋଇ ଯେ ସ୍ତନ୍ୟ ପିଆଏ; ଅମଳା ।

ଧାନ-ବି. (ଧାନ୍ୟଶବ୍ଦଜ) ଧାନ୍ୟ ।

ଧାମ-ବି. (ଧା-ମନ-ଇ) ଅଧାର ; ସ୍ଥାନ ; (ଶବ୍ଦାନ୍ତେ) ।

ଧାନୁଷ୍କ-ବିଂ. (ଧନୁଷ୍-ଅ) ଧନୁର୍ଦ୍ଧର ।

ଧାନ୍ୟ-ବି. (ଧା-ଅନ୍-ଯ) ଧାନ; ଔଷଧବିଶେଷ ।

ଧାନ୍ୟକ-ବି. ଧନିଆ; ଧଣିଅ ।

ଧାମ-ବି. (ଧା-ମନ୍) ଗୃହ ; ଆଧାର ; ତେଜ ;
ଶରୀର ; ଅସ୍ପଦ । [ଶାସ୍ତ୍ରାଂଶ ।

ଧାର-ବି. (ଧୃ-ଅ) ଋଣ ; ପ୍ରାନ୍ତଭାଗ ; ଅସ୍ତ୍ରର

ଧାରକ-ବିଂ. (ଧୃ-ଅକ) ଧାରଣକର୍ତ୍ତା ; ଝାଡ଼ା
ବନ୍ଦକାରକ । [ସଂବରଣ ।

ଧାରଣ-ବି. (ଧୃ-ଣିଚ୍-ଅନ) ଗ୍ରହଣ ; ପରିଧାନ ;

ଧାରଣା-ବି. (ଧୃ-ଣିଚ୍-ଅନ-ଆ) ବୁଦ୍ଧିର ଏକା-
ଗ୍ରତା ; ବିଶ୍ୱାସ ।

ଧାରା-ବି. (ଧୃ-ଆ) ତରଳ ପଦାର୍ଥର ନିରନ୍ତର
କ୍ଷରଣ ; ଜଳବର୍ଷଣ ; ରୀତି ; ନିୟମ ; ଅସ୍ତ୍ରର
ତୀକ୍ଷ୍ଣଭାଗ । [ଯନ୍ତ୍ର ଗୃହ ।

ଧାରା-ଗୃହ-ବି. ଯନ୍ତ୍ରଦ୍ୱାରା ଉତ୍କ୍ଷେପିତ ଜଳଧାରା-

ଧାରା ଧର-ବି. ମେଘ । [ହୁଏ ।

ଧାରା ଯନ୍ତ୍ର-ବିଂ ଯେଉଁ ଯନ୍ତ୍ରରୁ ଜଳଧାରା ନିର୍ଗତ

ଧାରାବାହିକ } ବିଂ. (ଧାରା-ବହ-ଇକ, ଇନ୍)
ଧାରାବାହୀ } ଯାହା କ୍ରମାଗତ ଓ ଅସୂ-
ପୂର୍ଣ୍ଣ, ଅବଚ୍ଛିନ୍ନ ।

ଧାରା-ସମ୍ପାତ-ବି. ବେଗେ ଜଳବର୍ଷଣ ।

ଧାରୀ-ବିଂ. (ଧୃ-ଣିଚ୍-ଇନ୍) ଧାରଣକର୍ତ୍ତା (ଶବ୍ଦାନ୍ତେ

ଧାରୁଆ-ବିଂ. ଋଣୀ । [ପ୍ରଯୁକ୍ତ ।

ଧାର୍ମିକ-ବିଂ. (ଧର୍ମ-ଇକ) ଧର୍ମଶୀଳ ।

ଧାର୍ଯ୍ୟ-ବିଂ. (ଧୃ-ଯ) ଅବଧାରଣୀୟ ; ସ୍ଥିରୀକୃତ ।

ଧାବକ-ବିଂ. (ଧାବ୍-ଅକ) ଦ୍ରୁତଗାମୀ ; ବି.
ରଜକ, ଧୋବା । [ଡ଼ିବା ।

ଧାବନ-ବି. (ଧାବ୍-ଅନ) ଧୌତକରଣ ; ଦୌ-

ଧାବମାନ-ବିଂ. (ଧାବ୍-ଅନ) ଯେ ଦୌଡ଼ୁଅଛି ।

ଧାବିତ-ବିଂ. (ଧାବ୍-ତ) ଦ୍ରୁତ-ଚଳିତ ।

ଧାସ-ବି. (ଧର୍ଷଶବ୍ଦଜ) ଉତ୍ତାପ ।

ଧିକ୍-ଅଂ. ଭର୍ତ୍ସନା । [ବୋଲିବା ।

ଧିକ୍କାର-ବି. (ଧିକ୍-କାର) ଭର୍ତ୍ସନା ; ଧିକ୍

ଧିକ୍କୃତ-ବିଂ. (ଧିକ୍-କୃ-ତ) ନିନ୍ଦିତ ।

ଧିଠ-ବିଂ. (ଧୃଷ୍ଟଶବ୍ଦଜ) ଉଦ୍ଧତ ; ନିର୍ଲ୍ଲଜ ।

ଧିମା-ବିଂ. ମନ୍ଥର ; ବିଳମ୍ବଶୀଳ ।

ଧିଷଣା-ବି. ବୁଦ୍ଧି ।

ଧୀ-ବି. (ଧ୍ୟୈ-କ୍ୱିପ୍) ବୁଦ୍ଧି ; ମତି ।

ଧୀମାନ୍-ବିଂ. (ଧୀ-ମତ୍) ବୁଦ୍ଧିମାନ୍ ; ଜ୍ଞାନୀ ।

ଧୀର-ବିଂ (ଧୀ-ରା-ଅ) ସ୍ଥିରଚିତ୍ତ ; ଧୈର୍ଯ୍ୟଶାଳୀ ;
ଗମ୍ଭୀରସ୍ୱଭାବ ।

ଧୀରତା } ବି. (ଧୀର-ତା, ତ୍ୱ) ଧୈର୍ଯ୍ୟ ;
ଧୀରତ୍ୱ } ଗାମ୍ଭୀର୍ଯ୍ୟ ।

ଧୀବର-ବି. (ଧୀ-ବର) କେଉଟ ।

ଧୁକେଇବା-କ୍ରି. ଧୁକ୍ଧୁକ୍ ହେବା ।

ଧୁର } ବି. ଭାର ; ଶଗଡ଼ର ଅଗ୍ରଭାଗ ; ଯୁଆ ।
ଧୁରା }

ଧୁରନ୍ଧର }
ଧୁରୀଣ } ବିଂ. (ଧୁରଂ-ଧର, ଧୁର୍-ଈନ, ଧୁର୍-ଯ,
ଧୁର୍ଯ୍ୟ } ଧୁର୍-ବହ-ଅ) ଭାରବାହକ ;
ଧୁର୍ବହ } କାର୍ଯ୍ୟଦକ୍ଷ ; ଅଗ୍ରଣୀ ।

ଧୁରୀୟ-ବିଂ. (ଧୁର୍-ଈୟ) କାର୍ଯ୍ୟଦକ୍ଷ ।

ଧୁବନ-ବିଂ. (ଧୁ-ଅନ) ପରିଚାଳକ ; ବି. ଅଗ୍ନି ;
କମ୍ପନ ।

ଧୁଆଁ-ବି. (ଧୂମଶବ୍ଦଜ) ଧୂମ ।

ଧୂଅଁପଥ-ବି. (ଧୂମପଥ) ତମାଶୁ ପଥ ।
ଧୂତ ବିଂ. (ଧୂ-ତ) କମ୍ପିତ ।
ଧୂନକ-ବି. (ଧୂନ୍-ଅକ) ଝୁଣା ।
ଧୂନନ-ବି. (ଧୂ-ଣିଚ୍-ଅନ) କମ୍ପନ ।
ଧୂପ-ବି. (ଧୂପ୍-ଅ) ଗନ୍ଧଦ୍ରବ୍ୟ ବିଶେଷର ଧୂମ ।
ଧୂପିତ ବିଂ. (ଧୂପ୍-ତ) ଧୂପଦ୍ୱାରା ସୁଗନ୍ଧୀକୃତ ।
ଧୂମ-ବି. (ଧୂ-ମ) ଧୂଆଁ ।
ଧୂମ-କେତୁ-ବି. ଲଞ୍ଜାତାରା ।
ଧୂମପ-ବିଂ. (ଧୂମ-ପା-ଅ) ଧୂମପାନକାରୀ ।
ଧୂମପାୟୀ-ବିଂ. (ଧୂମ-ପା-ଇନ୍) ଧୂମପାନକାରୀ ।
ଧୂମଳ-ବିଂ. (ଧୂମ-ଲ) ଧୂମଯୁକ୍ତ; କୃଷ୍ଣଲୋହିତ ।
ଧୂମିକା-ବି. (ଧୂମ-ଇକ-ଆ) କୁଜ୍ଝଟିକା; କୁହୁଡ଼ି ।
ଧୂମ୍ର-ବିଂ. (ଧୂମ-ର-ଅ) କୃଷ୍ଣଲୋହିତ ବର୍ଣ୍ଣ ।
ଧୂର୍ଜଟି-ବି. (ଧୂର୍-ଜଟ୍-ଇ) ଶିବ ।
ଧୂର୍ତ୍ତ-ବିଂ. (ଧୂର୍-ତ) ଶଠ; ପ୍ରବଞ୍ଚକ ।
ଧୂଳି-ବି. ଶୁଷ୍କରେଣୁ ।
ଧୂଳି-ପଟଳ-ବି. ଧୂଳିରାଶି । [ବର୍ଣ୍ଣ ।
ଧୂସର-ବିଂ. (ଧୂ-ସର) ଧୂଳିଆବର୍ଣ୍ଣ; ଈଷତ୍ ପାଣ୍ଡୁ-
ଧୂସରିତ-ବିଂ. (ଧୂସର-ଇତ) ଈଷତ୍ ପାଣ୍ଡୁବର୍ଣ୍ଣ-
ବିଶିଷ୍ଟ । [ରୁଦ୍ଧ ।
ଧୃତ-ବିଂ. (ଧୃ-ତ) ଗୃହୀତ; ଅବଲମ୍ବିତ; ସ୍ଥାପିତ;
ଧୃତ-ରାଷ୍ଟ୍ର-ବି. ମହାଭାରତୋକ୍ତ ଜନ୍ମାନ୍ଧ ରାଜା ।
ଧୃତି-ବି. (ଧୃ-ତି) ଧୈର୍ଯ୍ୟ ।
ଧୃତିମାନ୍ ବିଂ. (ଧୃତି-ମତ୍) ଧୈର୍ଯ୍ୟଶାଳୀ ।
ଧୃଷ୍ଟ-ବିଂ. (ଧୃଷ୍-ତ) ନିର୍ଲଜ୍ଜ; ଉଦ୍ଧତ ।
ଧୃଷ୍ଟ-ତା-ବି. ଉଦ୍ଧତଭାବ ।
ଧେଡ୍ର-ବିଂ. ମାଛଜାତିବିଶେଷ ।
ଧେଣ୍ଡୁରା-ବି. ନାଗରା ବାଦ୍ୟଦ୍ୱାରା ଘୋଷଣା ।
ଧେନୁ-ବି. (ଧେ-ନୁ) ସବତ୍ସା ଗୋ ।
ଧୈର୍ଯ୍ୟ-ବି. (ଧୀର-ଯ) ଧୀରତା; ସହିଷ୍ଣୁତା ।
ଧୈବତ-ବି. ସ୍ୱରବିଶେଷ ।
ଧୋଇବା-କ୍ରି. (ଧୂଧାତୁରୁ) ଧୌତ କରିବା ।
ଧୋକା-ବି. ସନ୍ଦେହ; ସଂଶୟ ।
ଧୋତି-ବି. ପିନ୍ଧିବା ବସ୍ତ୍ର ।
ଧୋବ-ବିଂ. ଶୁଭ୍ର; ଧବଳ । [ଧୋବଣୀ ।
ଧୋବା-ବି. (ଧାବ୍-ଧାତୁଜ) ରଜକ; ସ୍ତ୍ରୀ-
ଧୌତ-ବି. (ଧାବ୍-ତ) ପରିଷ୍କୃତ; କ୍ଷାଳିତ ।
ଧୌରେୟ-ବିଂ. (ଧୁର-ଏୟ) ଭାରବାହୀ;
ଧ୍ମାତ-ବି. (ଧ୍ମା-ତ) ଶବ୍ଦିତ । [ଅଗ୍ରଣୀ ।
ଧ୍ୟାତ-ବିଂ. (ଧ୍ୟୈ-ତ) ଗଭୀରରୂପେ ଚିନ୍ତିତ ।
ଧ୍ୟାତବ୍ୟ-ବିଂ. (ଧ୍ୟୈ-ତବ୍ୟ) ଗଭୀରରୂପେ
ଚିନ୍ତନୀୟ ।
ଧ୍ୟାନ-ବି. (ଧ୍ୟୈ-ଅନ) ଗଭୀର ଚିନ୍ତନ ।
ଧ୍ୟେୟ-ବିଂ. (ଧ୍ୟୈ-ଯ) ଧ୍ୟାନର ଯୋଗ୍ୟ ।
ଧ୍ରୁବ-ବିଂ. (ଧ୍ରୁ-ଅ) ସ୍ଥିର; ନିଶ୍ଚିତ, ବି. ଧ୍ରୁବ-
ତାରା; ଅଶ୍ୱ ଗଛ, ପୁରାଣୋକ୍ତ ବାଳକ ତପସ୍ୱୀ
ବିଶେଷ ।
ଧ୍ରୁବ-ପଦ, ଧ୍ରୁପଦ } ବି. ଏକପ୍ରକାର ଗମ୍ଭୀର ସଂଗୀତ; ଗାନର ପୁନଃ ପୁନଃ ଗେୟ ଅଂଶ ।
ଧ୍ରୁବରେଖା-ବି. ବିଷୁବରେଖା ।

ଧ୍ରୁବ-ଶ୍ଳୋକ-ବି. ସ୍ୱର୍ଗ-ବିଶେଷ।
ଧ୍ୱଂସ-ବି. (ଧ୍ୱନ୍ସ୍-ଅ) ନାଶ; କ୍ଷୟ।
ଧ୍ୱଂସନ-ବି. (ଧ୍ୱନ୍ସ୍-ଅନ) ନାଶ; କ୍ଷୟ; ପତନ।
ଧ୍ୱଜ-ବି. (ଧ୍ୱଜ-ଅ) ପତାକା; ଚିହ୍ନ।
ଧ୍ୱଜ-ଭଙ୍ଗ-ବି. କ୍ଲୀବତ୍ୱଜନକ ରୋଗବିଶେଷ।
ଧ୍ୱଜା-ବି. (ଧ୍ୱଜ୍-ଅ) କେତନ; ପତାକା।
ଧ୍ୱନି-ବି. (ଧ୍ୱନ୍-ଇ) ଶବ୍ଦ; ବ୍ୟଙ୍ଗ୍ୟାର୍ଥ।
ଧ୍ୱନିତ-ବିଂ. (ଧ୍ୱନ୍-ତ) ନାଦିତ; ଶବ୍ଦିତ।
ଧ୍ୱସ୍ତ-ବିଂ. (ଧ୍ୱନ୍ସ୍-ତ) ବିନଷ୍ଟ।
ଧ୍ୱାନ-ବି. (ଧ୍ୱନ୍-ଅ) ଶବ୍ଦ।
ଧ୍ୱାନ୍ତ-ବି. (ଧ୍ୱନ୍-ତ) ଅନ୍ଧକାର।
ଧ୍ୱାନ୍ତାରି-ବି. (ଧ୍ୱାନ୍ତ-ଅରି) ସୂର୍ଯ୍ୟ; ଅଗ୍ନି।

---

ନ ବ୍ୟଞ୍ଜନ ବର୍ଣ୍ଣର ବିଂଶବର୍ଣ୍ଣ. ଅ. ନିଷେଧ ବୋଧକ ବା ଅଭାବ ବୋଧକ ଅବ୍ୟୟ।

ନଅର-ବି. (ନଗର ଶବ୍ଦଜ) ରାଜାର ଉଆସ; ରାଜଭବନ।
ନଇଁବା-କ୍ରି. (ନମ୍ରଧାତୁଜ) ନତହେବା।
ନଈ-ବି. (ନଦୀଶବ୍ଦଜ) ନଦୀ।
ନଉଡ଼ି-ବି. (ଲଗୁଡ଼ଶବ୍ଦଜ) ବାଡ଼ି।
ନଉତି-ବି. ପରିମାପକ ବିଶେଷ; ବଡ ହାଣ୍ଡି।
ନଉରୁଣି-ବି. (ନଖରଞ୍ଜନୀ) ନଖକାଟିବାର ଶସ୍ତ୍ର।
ନକଲ-ବି. ପ୍ରତିରୂପ; ଅନୁକରଣ; କୌତୁକ।
ନକ୍ସା-ବି. ଅଙ୍କିତ ରେଖା-ଚିତ୍ର।
ନକୁଳ-ବି. ନେଉଳ।
ନକ୍ତ-ବି. (ନଜ=ଲଜ୍ଜିତ ହେବା=ତ) ରାତି।
ନକ୍ତଚର-ବି. (ନକ୍ତ-ଚର୍-ଅ) ନିଶାଚର; ରାକ୍ଷସ।
ନକ୍ତମାଳ-ବି. (ନକ୍ତ-ଅ-ଅଲ୍-ଅ) କରଞ୍ଜବୃକ୍ଷ।
ନକ୍ର-ବି. (ନ-କ୍ରମ୍-ଅ) କୁମ୍ଭୀର।
ନକ୍ଷତ୍ର-ବି. (ନ-କ୍ଷି-ଅତ୍ର) ତାରା; ଅଶ୍ୱିନ୍ୟାଦି ସପ୍ତବିଂଶତି ତାରା [ବିଶେଷ।
ନଖ-ବି. (ନ-ଖନ୍-ଅ) ଅଙ୍ଗୁଳିର ଅଗ୍ରସ୍ଥିତ ଅସ୍ଥି-
ନଖର-ବି. (ନଖ-ରା-ଅ) ନଖ; ପଶୁର ନଖ।
ନଖରାୟୁଧ-ବି. (ନଖର-ଆୟୁଧ) ସିଂହ, ବ୍ୟାଘ୍ର ପ୍ରଭୃତି ଯେଉଁ ଜନ୍ତୁମାନେ ନଖଦ୍ୱାରା ଅସ୍ତ୍ରକାର୍ଯ୍ୟ ନିର୍ବାହ କରନ୍ତି।
ନଖୀ-ବିଂ. (ନଖ-ଇନ୍) ନଖବିଶିଷ୍ଟ; ସେତାର ପ୍ରଭୃତି ବଜାଇବାରେ ବ୍ୟବହୃତ ମୋଡ଼ା ତାର।
ନଗ-ବି. (ନ-ଗମ୍-ଅ) ପର୍ବତ।
ନଗଦ-ବିଂ. କ୍ରୟକ୍ଷଣେ ମୂଲ୍ୟଦାନ।
ନଗ-ପତି-ବି. ହିମାଳୟ।
ନଗର, ନଗରୀ } ବି. (ନଗ-ର,ଈ) ଅଟ୍ଟାଳିକାପୂର୍ଣ୍ଣ ସ୍ଥାନ; ବଡସହର।
ନଗର-ପାଳ-ବି. ନଗର ରକ୍ଷକ; କୋଟୁଆଳ।
ନଗ୍ନ-ବିଂ. (ନଜ୍-ତ) ବିବସ୍ତ୍ର; ଲଙ୍ଗଳା।
ନଗ୍ନକ-ବିଂ. (ନଗ୍ନ-କ) ବିବସ୍ତ୍ର।

ନଗ୍ନିକା-ବି. ( ନଗ୍ନ-କ-ଆ ) ଅପ୍ରାପ୍ତବୟସ୍କା ନାରୀ; ବିବସ୍ତ୍ରା ସ୍ତ୍ରୀ ।

ନଚେତ୍-ଅଂ. (ନ-ଚେତ୍) ନତୁବା ।

ନଜର-ବି. ( ଆରବୀ ) ଦୃଷ୍ଟି; ତତ୍ତ୍ୱାବଧାନ; ଉପହାର ।

ନଜୀର-ବି. (ଆରବୀ) ଉଦାହରଣ ।

ନଟ-ବି. (ନଟ୍-ଅ) ନର୍ତ୍ତକ; ଅଭିନୟକାରୀ ।

ନଟନ-ବି. (ନଟ୍-ଅନ) ନୃତ୍ୟ ।

ନଟୀ-ବି. (ନଟ୍-ଈ) ନର୍ତ୍ତକୀ; ଅଭିନୟକାରିଣୀ ।

ନଡ଼ା-ବି. (ନଳଶବ୍ଦଜ) ତୃଣ ।

ନଡ଼ିଆ-ବି. (ନାରିକେଳଶବ୍ଦଜ) ନାରିକେଳ ।

ନଣନ୍ଦ-ବି. (ନନାନ୍ଦୃଶବ୍ଦଜ) ପତିର ଭଗିନୀ ।

ନଣନ୍ଦୋଇ-ବି. ନଣନ୍ଦର ପତି ।

ନଣ୍ଡା-ବିଂ. ଶିଖାଶୂନ୍ୟ ।

ନତ-ବିଂ. (ନମ୍-ତ) ପ୍ରଣତ; ନମ୍ର ।

ନତି-ବି. (ନମ୍-ତି) ନମସ୍କାର; ନଇଁବା ।

ନତୁବା-ଅଂ. (ନ-ତୁ-ବା) ନଚେତ୍; ଅଥବା ।

ନଥ-ବି. ( ନସ୍ତଶବ୍ଦଜ ) ନାକର ଅଳଙ୍କାର-ବିଶେଷ ।

ନଥା-ବି. ବସ୍ତ୍ରର ବା କାଗଜର ତାଳି ।

ନଥି-ବି. (ପାର୍ଶୀ) ଏକତ୍ର ଗୁନ୍ଥା କାଗଜ ।

ନଦ-ବି. (ନଦ୍-ଅ) ନଦୀ ବା ହ୍ରଦରୁ ଉତ୍ପନ୍ନ ଜଳ ପ୍ରବାହ ।

ନଦୀ-ବି. (ନଦ୍-ଈ) ନଦୀ ବା ହ୍ରଦରୁ ଉତ୍ପନ୍ନ । ଜଳସ୍ରୋତ; ତଟିନୀ; ସରିତ୍ ।

ନଦୀକୂଳବକ-ବି. ପକ୍ଷି-ବିଶେଷ ।

ନଦୀଜ-ବିଂ. (ନଦୀ-ଜ) ନଦୀରୁ ଜାତ ।

ନଦୀମାତୃକ-ବିଂ. (ନଦୀ-ମାତୃ-କ) ନଦୀଜଳ ଦ୍ୱାରା ଉତ୍ପନ୍ନ ଶସ୍ୟରେ ପାଳିତ (ଦେଶ) ।

ନଦ୍ଧ-ବିଂ. (ନହ୍-ତ) ବଦ୍ଧ; ବ୍ୟାପ୍ତ ।

ନନ୍ଦ-ବି. (ନନ୍ଦ୍-ଅ) ଆନନ୍ଦ; କୃଷ୍ଣଙ୍କ ପାଳକ ପିତା; କୂପକନ ।

ନନ୍ଦକ-ବିଂ. (ନନ୍ଦ୍-ଅକ) ଆନନ୍ଦଜନକ

ନନ୍ଦନ-ବି. (ନନ୍ଦ-ଅନ) ପୁତ୍ର ।

ନନ୍ଦ ନନ୍ଦନ-ବି. କୃଷ୍ଣ ।

ନନ୍ଦା-ବି. (ନନ୍ଦ୍-ଆ) ଜଳାଧାର; ପ୍ରତିପଦ୍, ଷଷ୍ଠୀ ଓ ଏକାଦଶୀ ଏହି ତିନି ତିଥି ।

ନନ୍ଦିଆ-ବି. ବଡ଼ ଜଳକୁଣ୍ଡ । [ନ୍ନାଥରଥ ।

ନନ୍ଦିଘୋଷ-ବି. ଅର୍ଜ୍ଜୁନଙ୍କର ରଥ; ପୁଣି ଜଗ-

ନନ୍ଦିତ-ବିଂ. (ନନ୍ଦ-ତ) ଆନନ୍ଦିତ; ତୋଷିତ ।

ନନ୍ଦିନୀ-ବି. (ନନ୍ଦନ୍-ଈ) କନ୍ୟା; ଧେନୁବିଶେଷ ।

ନନ୍ଦୀ-ବି. (ନନ୍ଦ୍-ଇନ୍) ଶିବଙ୍କର ପ୍ରଧାନ ଅନୁଚର ।

ନପୁଂସକ-ବି. (ନ-ପୁଂସ୍କ) କ୍ଳୀବ । [ପୁତ୍ର ।

ନପ୍ତା-ବି. (ନ-ପତ୍-ତୃ) ନାତି; ପୁତ୍ର ବା କନ୍ୟାର

ନପ୍ତ୍ରୀ-ବି. (ନପତ୍-ତୃ-ଈ) ନାତୁଣୀ; ପୌତ୍ରୀ; ଦୌହିତ୍ରୀ ।

ନବସୀନା-ବି. ଲେଖକ ।

ନଭ } ବି. ଆକାଶ ।
ନଭଃ }

ନଭଶ୍ଚର ବିଂ. (ନଭସ୍-ଚର-ଅ) ଆକାଶ-ବିହାରୀ; ବାୟୁ; ପକ୍ଷୀ; ମେଘ ।

ନଭସ୍ତଳ-ବି. (ନଭସ୍-ତଳ) ଆକାଶଦେଶ ।

ନଭୋମଣି-ବ. (ନଭସ୍-ମଣି) ସୂର୍ଯ୍ୟ ।

ନଭୋମଣ୍ଡଳ-ବ. (ନଭସ୍-ମଣ୍ଡଳ) ଆକାଶ-ମଣ୍ଡଳ ।

ନମଃ-ଅ. (ନମ୍-ଅସ୍) ନମସ୍କାର ।

ନମନ-ବ. (ନମ୍-ଅନ) ନତ ହେବା; ପ୍ରଣାମ ।

ନମନୀୟ-ବି. (ନମ୍-ଅନୀୟ) ନମନଯୋଗ୍ୟ ।

ନମସ୍କାର-ବ. (ନମଃ-କୃ-ଅ) ଉକ୍ତିପୂର୍ବକ ମସ୍ତକର ନମନ । [ସ୍କାର କରାଯାଇଅଛି ।

ନମସ୍କୃତ-ବି. (ନମସ୍-କୃ-ତ) ଯାହାକୁ ନମ-

ନମସ୍ୟ-ବି. (ନମସ୍-ଯ) ପ୍ରଣମ୍ୟ; ନମସ୍କାର-ଯୋଗ୍ୟ । [ଉଣବଚନ ।

ନମାଜ-ବ. ( ଆରବୀ ) ମୁସଲମାନମାନଙ୍କର

ନମିତ-ବି. (ନମି-ତ) ବଙ୍କୀକୃତ; ନମସ୍କୃତ ।

ନମୁଚି-ବ. (ନ-ମୁଚ-ଇ) ଅସୁରବିଶେଷ ।

ନମୁଚି-ସୂଦନ-ବ. ଇନ୍ଦ୍ର ।

ନମୁନା-ବ. (ପାର୍ଶୀ) ଆଦର୍ଶ ।

ନମେରୁ-ବ. ପୁନ୍ନାଗବୃକ୍ଷ ।

ନମ୍ୟ-ବି. (ନମ୍-ଯ) ନମନୀୟ ।

ନମ୍ର-ବି. (ନମ୍-ର) ବିନୀତ; ଅବନତ ।

ନମ୍ରତା-ବ. (ନମ୍ର-ତା) ବିନୀତଭାବ ।

ନୟ-ବ. (ନୀ-ଅ) ଉପଦେଶ; ନୀତି; ନୀତିଶାସ୍ତ୍ର; କ୍ରୀଡ଼ାବିଶେଷ ।

ନୟନ-ବ. (ନୀ-ଅନ) ଚକ୍ଷୁ; ପ୍ରାପଣ ।

ନୟବିଦ୍-ବି. (ନୟ-ବିଦ୍-କ୍ୱିପ୍) ନୀତିଶାସ୍ତ୍ରବିଦ୍ ।

ନର-ବ. (ନୃ-ଅ) ମନୁଷ୍ୟ; ପୁରୁଷ; ଅବତାର-ବିଶେଷ ।

ନରକ-ବ. (ନୃ-ଅକ) ପରଲୋକରେ ପାପୀର ଦୁଃଖଭୋଗର ସ୍ଥାନ; ଦୈତ୍ୟବିଶେଷ ।

ନରକାନ୍ତକ-ବ. ( ନରକ-ଅନ୍ତକ ) ବିଷ୍ଣୁ; ନାରାୟଣ । [ଶ୍ରେଷ୍ଠପୁରୁଷ ।

ନରଦେବ-ବ. ( ନର-ଦେବ ) ନରମଧ୍ୟରେ

ନର-ପତି-ବ. ରାଜା ।

ନର-ପୁଙ୍ଗବ-ବ. ନରଶ୍ରେଷ୍ଠ ।

ନରମ-ବି. (ନମ୍ରଶବ୍ଦଜ ?) କୋମଳ ।

ନରଲୋକ-ବ. (ନର-ଲୋକ) ମନୁଷ୍ୟଲୋକ; ମର୍ତ୍ତ୍ୟଲୋକ । [ବିହନୀୟ ଯାନ ।

ନରବାହନ-ବ. (ନର-ବାହନ) ମନୁଷ୍ୟଦ୍ୱାରା

ନର-ସିଂହ-ବ. ପୁରାଣୋକ୍ତ ନୃସିଂହ ଅବତାର ।

ନର-ହରି-ବ. ପୁରାଣୋକ୍ତ ନୃସିଂହ ଅବତାର ।

ନରାଧମ-ବ. (ନର-ଅଧମ) ମନୁଷ୍ୟମଧ୍ୟରେ ଅତି ହେୟ ।

ନରୋତ୍ତମ-ବ. (ନର-ଉତ୍ତମ) ପୁରୁଷୋତ୍ତମ ।

ନର୍ତ୍ତକ-ବ. (ନୃତ୍-ଅକ) ନଟ; ନୃତ୍ୟକାରକ ।

ନର୍ତ୍ତନ-ବ. (ନୃତ୍-ଅନ) ନୃତ୍ୟ; ନାଚ ।

ନର୍ତ୍ତିତ-ବି. (ନୃତ୍-ତ) ଦୋଳିତ ।

ନର୍ଦ୍ଦମା-ବ. ପାଣି ବହିଯିବାର ନଳା ।

ନର୍ଦ୍ଦିତ-ବି. (ନର୍ଦ୍-ତ) ଶବ୍ଦିତ ।

ନର୍ମ୍ମ-ବ. (ନୃ-ମନ) କ୍ରୀଡ଼ା; କୌତୁକ ।

ନର୍ମ୍ମଦ-ବ. (ନର୍ମ୍ମନ୍-ଦା-ଅ) କ୍ରୀଡ଼ାସହଚର ।

ନର୍ମ୍ମଦା-ବ. (ନର୍ମ୍ମ୍ୟ-ଦା-ଅ-ଆ) ବିନ୍ଧ୍ୟାଚଳରୁ ନିର୍ଗତ ନଦୀବିଶେଷ ।

ନଳ-ବ. (ନଳ୍-ଅ) ଟଙ୍ଗୀ; ଉଦ୍ଭିଦ-ବିଶେଷ; ମାପ-ପଦକା; ପୁରାଣୋକ୍ତ ନୃପବିଶେଷ ।

ନଳା-ବି. (ନାଳଶବ୍ଦଜ) ନର୍ଦ୍ଦମା ; ପ୍ରଣାଳୀ ।
ନଳିକା-ବି. (ନଳି-କ-ଅ) ନଳ; ଚୁଙ୍ଗା; ତୂଣ ।
ନଳିତା-ବି. (ନଳ-ତ-ଅ) ବୃକ୍ଷବିଶେଷ; ନଳିତା ପତ୍ର; ଏ ଗଛରୁ ଝୋଟ ଉତ୍ପନ୍ନ ହୁଏ ।
ନଳିନ-ବି. (ନଳ-ଇନ୍) ପଦ୍ମ ।
ନଳିନୀ ବି. (ନଳ-ଇନ୍-ଈ) ପଦ୍ମିନୀ କମଳ-ସମୂହ । [ସରୁ ।
ନଳୀ-ବି. (ନଳଶବ୍ଦଜ) ନଳ; ବନ୍ଧୁକ; ବି°.
ନବ-ବି°. (ନୁ-ଅ) ନୂଆ, ନୂତନ ।
ନବ-ବି°. (ନବନ୍‌ଶବ୍ଦଜ) ୯ ସଂଖ୍ୟା ।
ନବ-ଗ୍ରହ-ବି. ପ୍ରାଚୀନ ଜ୍ୟୋତିଃଶାସ୍ତ୍ର ଅନୁସାରେ ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ. ବୃହସ୍ପତି, ଶୁକ୍ର, ଶନି, ରାହୁ, କେତୁ ଏହି ନବଗ୍ରହ ।
ନବତି-ବି°. (ନବନ୍-ତି) ୯୦ ସଂଖ୍ୟା ।
ନବ-ଦଳ-ବି. ନୂତନପତ୍ର ।
ନବ-ଦ୍ୱାର-ବି. କର୍ଣ୍ଣଦ୍ୱୟ, ଚକ୍ଷୁଦ୍ୱୟ, ନାସାଦ୍ୱୟ, ମୁଖ, ପାୟୁ ଓ ଉପସ୍ଥ, ଶରୀରର ଏହି ନବ-ଦ୍ୱାର ।
ନବଧା-କ୍ରି.ବି°. (ନବନ୍-ଧା) ନବପ୍ରକାର ।
ନବ-ନବତି-ବି°. ୯୯, ସଂଖ୍ୟା ।
ନବନୀତ-ବି. ଲହୁଣୀ; ଲବଣୀ ।
ନବ-ବଧୂ-ବି. ନୂତନ ବିବାହିତାସ୍ତ୍ରୀ ।
ନବମ-ବି°. (ନବନ୍-ମ) ୯ ସଂଖ୍ୟାର ପୂରଣ ।
ନବ-ମଲ୍ଲିକା } ବି. ନଅଳୀ ଫୁଲ ।
ନବ-ମାଳିକା }
ନବମୀ-ବି°. ତିଥିବିଶେଷ ।

ନବରଙ୍ଗ-ବି. ସଜାର ଉତ୍ସବ ।
ନବ-ରଙ୍ଗ-ବି. ନାନା ଭଙ୍ଗୀ ବା ଛଟା ।
ନବରତ୍ନ-ବି. ମୁକ୍ତା, ମାଣିକ୍ୟ, ବୈଦୁର୍ଯ୍ୟ, ଗୋମେଦ, ହୀରକ ବିଦ୍ରୁମ, ପଦ୍ମରାଗ, ମରକତ, ନୀଳକାନ୍ତ ଏହି ନବରତ୍ନ । ବିକ୍ରମାଦିତ୍ୟ ରାଜାଙ୍କର ନଅଜଣ ସଭାପଣ୍ଡିତ ଯଥା ;—ଧନ୍ୱନ୍ତରି, କ୍ଷପଣକ, ଅମରସିଂହ, ଶଙ୍କୁ, ବେତାଳଭଟ୍ଟ, ଘଟକର୍ପର, କାଳିଦାସ, ବରାହମିହିର, ବରରୁଚି ।
ନବରସ-ବି. ଅଳଙ୍କାର ଶାସ୍ତ୍ରର ନବବିଧରସ, ଯଥା ;—ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ବୀଭତ୍ସ, ରୌଦ୍ର, ଶାନ୍ତ ଏହି ନବରସ ।
ନବାତ-ବି. କନ୍ଦ ।
ନବାନ୍ନ-ବି. (ନବ-ଅନ୍ନ) ନୂତନ ଅନ୍ନ ।
ନବାବ-ବି. କୌଣସି ପ୍ରଦେଶର ଶାସନକର୍ତ୍ତା ; ରାଜଦତ୍ତ ଉପାଧି ବିଶେଷ ।
ନବୀକରଣ-ବି. (ନବ-ଈ-କରଣ) ପୁନର୍ବାର ନୂତନ କରିବା ।
ନବୀନ-ବି°. (ନବ-ଈନ) ନୂତନ, ତରୁଣ ।
ନବୀଭୂତ-ବି°. (ନବ-ଈ-ଭୂ-ତ) ନୂତନତ୍ୱପ୍ରାପ୍ତ ।
ନବୋଢ଼ା-ବି. (ନବ-ଊଢ଼ା) ନୂତନ ବିବାହିତା [ସ୍ତ୍ରୀ ।
ନବ୍ୟ-ବି°. (ନବ-ଯ) ନୂତନ ।
ନଶ୍ୱର-ବି°. (ନଶ୍-ବର) ନାଶଶୀଳ; ଅନିତ୍ୟ; ଅସ୍ଥାୟୀ । [ଦୁଷ୍ଟ ।
ନଷ୍ଟ-ବି°. (ନଶ-ତ) ନାଶପ୍ରାପ୍ତ; ପଳାୟିତ ;
ନଷ୍ଟ-ଚେତନ-ବି°. ହତଚେତନ; ଅଚେତନ ;

ନଷ୍ଟା-ବି. ଦୁଶ୍ଚରିତ୍ର ।
ନସିବ୍-ବି. (ଆରବୀ) ଅଦୃଷ୍ଟ ।
ନସ୍ୟ-ବି. (ନସ୍=ନାସା-ଯ) ନାସ (ନାସାରେ ଗୃହୀତ ତମାଖୁ ଗୁଣ୍ଡି) ।
ନସ୍ୟଧାନୀ-ବି. ନସ୍ୟାଧାର ।
ନହୁଣି-ବି. (ନବନୀତଶବ୍ଦଜ) ଲବଣୀ ।
ନହୁଷ-ବି. ଯଯାତିଙ୍କର ପିତା ।
ନା-ଅ. ନିଷେଧବାଚକ ଅବ୍ୟୟ ।
ନାକ-ବି. ( ନ-ଅକ ) ସ୍ୱର୍ଗ; ( ନାସିକାଶବ୍ଦଜ ) ଘ୍ରାଣେନ୍ଦ୍ରିୟ ।
ନାକଚଣା-ବି. ନାସିକାର ଅଳଙ୍କାରବିଶେଷ ।
ନାକଣ୍ଠ-ବି. ମନ । [ବାର ଶସ୍ତ୍ର ।
ନାକୁଆସୀ-ବି. ନାକରୁ ବାଳ ବାହାର କର-
ନାକ୍ଷତ୍ରିକ-ବି. (ନକ୍ଷତ୍ର-ଇକ) ନକ୍ଷତ୍ରସମ୍ବନ୍ଧୀୟ ।
ନାଗ-ବି. ସର୍ପ; ହସ୍ତୀ । [ଶର ବୃକ୍ଷ ।
ନାଗ କେଶର-ବି. ପୁଷ୍ପବୃକ୍ଷବିଶେଷ; ନାଗେ-
ନାଗ-ଚୂଡ଼-ବି. (ନାଗ-ଚୂଡ଼ା) ମହାଦେବ ।
ନାଗ-ଦନ୍ତ-ବି. କାନ୍ଥରେ ପୋତା କୀଳ ।
ନାଗ-ପାଶ-ବି. ବରୁଣଙ୍କର ଅସ୍ତ୍ର; ସର୍ପରୂପ ପାଶ; ଦୁର୍ମୋଚ୍ୟ ଗ୍ରନ୍ଥିବିଶେଷ ।
ନାଗର-ବି. (ନଗର-ଅ) ନଗରଜାତ ; ବି. ରସିକ; ଦେବନାଗର ଅକ୍ଷର ।
ନାଗରଙ୍ଗ-ବି. ନାରଙ୍ଗୀ ।
ନାଗରାଜ-ବି. (ନାଗ-ରାଜନ୍) ଅନନ୍ତ; ସର୍ପରାଜ; ଐରାବତ ହସ୍ତୀ ।
ନାଗରିକ-ବି. (ନଗର-ଇକ) ନଗରସମ୍ବନ୍ଧୀୟ ।
ନାଗରୀ-ବି. ରସିକା; କୁଳଟା ସ୍ତ୍ରୀ ।
ନାଗବଲ୍ଲୀ-ବି. ତାମ୍ବୂଲଲତା; ପାନଗଛ ।
ନାଗ-ଲୋକ-ବି. ପାତାଳ ।
ନାଗା-ବି. ସନ୍ନ୍ୟାସୀବିଶେଷ; ପାର୍ବତୀୟ ଅସଭ୍ୟ ଜାତିବିଶେଷ । [ସିଂହ ।
ନାଗାନ୍ତକ-ବି. (ନାଗ-ଅନ୍ତକ) ଗରୁଡ଼; ମୟୂର
ନାଗେଶ୍ୱର-ବି. (ନାଗ-ଈଶ୍ୱର) ପୁଷ୍ପବିଶେଷ ।
ନାଚ-ବି. (ନୃତ୍ୟଶବ୍ଦଜ) ନର୍ତ୍ତନ ।
ନାଚାର-ବି. (ପାର୍ଶୀ) ଅସହାୟ, ନିରୁପାୟ ।
ନାଚ୍ଛିବା-କ୍ରି. (ଲକ୍ଷଧାତୁରୁ) ଲକ୍ଷ୍ୟ କରିବା ।
ନାଟ-ବି. (ନଟ୍-ଧାତୁରୁ) ନୃତ୍ୟ, ଅଭିନୟ ।
ନାଟକ-ବି. (ନଟ୍-ଅକ) ଦୃଶ୍ୟକାବ୍ୟ ।
ନାଟକୀୟ-ବି. (ନାଟକ-ଈୟ) ନାଟକସଂକ୍ରାନ୍ତ ।
ନାଟମନ୍ଦିର-ବି. ଦେବମନ୍ଦିରସମ୍ମୁଖସ୍ଥ ପ୍ରାସାଦ ।
ନାଟିକା-ବି. ( ନଟ୍-ଅକ-ଆ ) କ୍ଷୁଦ୍ର ନାଟକ-ବିଶେଷ । [ କ୍ରିୟା; ନୃତ୍ୟକ୍ରିୟା ।
ନାଟ୍ୟ-ବି. ( ନଟ୍-ଯ ) ନୃତ୍ୟ, ଗୀତ, ବାଦ୍ୟ ଏହି
ନାଟ୍ୟ-ଶାଳା-ବି. ନାଟଘର, ନାଟମନ୍ଦିର ; ରଙ୍ଗଭୂମି ।
ନାଡ଼ୀ-ବି. (ନଡ଼୍-ଇ ) ରକ୍ତଧମନୀ ।
ନାଡ଼ୀନକ୍ଷତ୍ର-ବି. (ନାଡ଼ୀ-ନକ୍ଷତ୍ର) ଜନ୍ମନକ୍ଷତ୍ର ।
ନାଡ଼ୀ-ବ୍ରଣ-ବି. ନାଳୀଘା ।
ନାଡ଼-ବି. ବୋଡରେ ପ୍ରହାର ।
ନାତି-ବି. (ନପ୍ତୃଶବ୍ଦଜ) ପୁତ୍ର ବା କନ୍ୟାର ପୁତ୍ର ।
ନାତୁଣୀ-ବି. (ନପ୍ତ୍ରୀଶବ୍ଦଜ) ପୁତ୍ର ବା କନ୍ୟାର ଝିଅ ।

ନାଥ-ବି. (ନାଥ୍-ଅ) ସ୍ୱାମୀ; ପ୍ରଭୁ ।

ନାଦ-ବି. (ନଦ୍-ଅ) ଧ୍ୱନି; ଶବ୍ଦ ।

ନାଦିତ-ବିଂ. (ନାଦ-ଇତ) ଶବ୍ଦିତ; ଧ୍ୱନିତ ।

ନାଦୀ-ବିଂ. (ନଦ୍-ଇନ୍) ଯେ ଶବ୍ଦକରେ (ଶବ୍ଦାନ୍ତେ ପ୍ରଯୁକ୍ତ) ।

ନାଦେୟ-ବିଂ. (ନଦୀ-ଏୟ) ନଦୀସମ୍ବନ୍ଧୀୟ ।

ନାନା-ଅଂ. ବହୁବିଧ ।

ନାନୀ-ବି. ବଡ଼ଭଉଣୀ ।

ନାନ୍ଦୀ-ବି. (ନନ୍ଦ୍-ଇ) ନାଟକାଦି ପ୍ରାରମ୍ଭରେ ଦେବତାଙ୍କର ସ୍ତୁତି ବା ବନ୍ଦନା; ମଙ୍ଗଳାଚରଣ ।

ନାନ୍ଦୀ-ମୁଖ-ବି. ବିବାହାଦି ଶୁଭକର୍ମରେ ଶ୍ରାଦ୍ଧ ।

ନାପିତ-ବି. ଜାତିବିଶେଷ; ଭଣ୍ଡାରି ।

ନାଭି-ବି. (ନହ୍-ଇ) ଉଦରର ମଧ୍ୟବର୍ତ୍ତୀ ସ୍ଥାନ; ନାହି । [ବ୍ରହ୍ମା ।

ନାଭିଜନ୍ମା-ବି. (ନାଭି-ଜନ୍ମନ୍) ପଦ୍ମଯୋନି;

ନାଭିସ୍ଥଳ-ବି. ମଧ୍ୟସ୍ଥଳ ।

ନାମ-ବି. ଅଖ୍ୟା; ଯଶ ।

ନାମକରଣ-ବି. (ନାମନ୍-କୃ-ଅନ) ବିଧିପୂର୍ବକ ସନ୍ତାନର ନାମଦେବା । [ଅଖ୍ୟା ।

ନାମଧେୟ-ବି. (ନାମନ୍-ଧେୟ) ନାମ; ସଂଜ୍ଞା;

ନାମ-ମୁଦ୍ରିକା-ବି. ନାମାଙ୍କିତ ମୁଦି ।

ନାମାବଳୀ-ବି. (ନାମ-ଅବଳୀ) ଦେବତାନାମାଙ୍କିତ ଉତ୍ତରୀୟ ।

ନାୟକ-ବି. (ନୀ-ଅକ) ଗ୍ରନ୍ଥର ପ୍ରଧାନ ବର୍ଣ୍ଣନୀୟ ବ୍ୟକ୍ତି; ସେନାପତି; ପ୍ରଣୟୀପୁରୁଷ; ନେତା ।

ନାୟିକା-ବି. (ନୀ-ଅକ-ଆ) ଗ୍ରନ୍ଥର ପ୍ରଧାନ ବର୍ଣ୍ଣନୀୟା ସ୍ତ୍ରୀ; ପ୍ରଣୟିନୀ ସ୍ତ୍ରୀ ।

ନାୟେବ-ବି. (ଆରବୀ) ଜମୀଦାରର ପ୍ରତିନିଧି ।

ନାରକୀ-ବିଂ. (ନରକ-ଇନ୍) ନରକଭୋଗୀ; ପାପିଷ୍ଠ ।

ନାରଖାର-ବି. ଛାରଖାର; ନଷ୍ଟ ।

ନାରଙ୍ଗ-ବି. ନାଗରଙ୍ଗ ଲେମ୍ବୁ ।

ନାରଦ-ବି. ଦେବର୍ଷିବିଶେଷ ।

ନାରାଚ-ବି. ଲୌହମୟ ବାଣ; ଦୁର୍ଦ୍ଦିନ; ମେଘାଚ୍ଛନ୍ନ ଦିବସ; ଛନ୍ଦୋବିଶେଷ ।

ନାରାୟଣ-ବି. (ନାର=ନରସମୂହ-ଅୟନ=ଆଶ୍ରୟ) ପରମେଶ୍ୱର; ବିଷ୍ଣୁ ।

ନାରିକେଳ-ବି. ନଡ଼ିଆ ।

ନାରୀ-ବି. (ନର-ଅ-ଈ) ସ୍ତ୍ରୀଲୋକ ।

ନାଳ-ବି. (ନଲ୍-ଅ) ମୃଣାଳ; ଜଳନିର୍ଗମ ପଥ; (ଗ୍ରାମ୍ୟଶବ୍ଦ) ମୁଖନିଃସୃତଜଳ ।

ନାଳି-ବି. ପଇଡର କୋମଳ ଶସ୍ୟ ।

ନାଲିଶ-ବି. (ଫାର୍ସୀ) ଅଭିଯୋଗ ।

ନାଳୀ-ବି. ପାଣି ଯିବାର ମାର୍ଗ ।

ନାଳୀକ-ବି. (ନାଳୀ-କୈ-ଅ) ଶର; ଶଲ୍ୟାସ୍ତ୍ର ।

ନାବ-ବି. (ନୌ-ଅ) ନୌକା ।

ନାବିକ ବି. (ନୌ-ଇକ) ନୌକାଚାଳକ; ମାଝି ।

ନାବୀ-ବି. ଶ୍ରେଣୀବଦ୍ଧ ନୌକା; ଜାହାଜପ୍ରଭୃତି ।

ନାବ୍ୟ-ବିଂ. (ନୌ-ଯ) ନୌକାଦ୍ୱାରା ଗମନଯୋଗ୍ୟ ।

ନାଶ-ବ. (ନଶ୍-ଅ) ଧ୍ୱଂସ; ମୃତ୍ୟୁ ।
ନାଶକ-ବିଂ. (ନଶ୍-ଅକ) ନାଶକର୍ତ୍ତା ।
ନାଶନ-ବ. (ନଶ୍-ଅନ) ଉଚ୍ଛେଦନ; ବିଲୋପନ ।
ନାଶିତ-ବିଂ. (ନଶ୍-ଣିଚ୍-ତ) ବିନାଶିତ; ନିହତ ।
ନାସ-ବ. (ନସ୍ୟ-ଶବ୍ଦଜ) ଧୂଁଆପତ୍ର ଚୂର୍ଣ୍ଣ ।
ନାସତ୍ୟ-ବ. ଅଶ୍ୱିନୀକୁମାର ଦ୍ୱୟ ।
ନାସା / ନାସିକା } ବ. ନାକ; ଘ୍ରାଣେନ୍ଦ୍ରିୟ ।
ନାସ୍ତି-ଅଂ. (ନ-ଅସ୍ତି) ନାହିଁ ।
ନାସ୍ତିକ-ବିଂ. (ନାସ୍ତି-କ) ଯେଉଁ ଲୋକ ଈଶ୍ୱର-ଙ୍କର ଅସ୍ତିତ୍ୱ କିମ୍ବା ପରଲୋକ ସ୍ୱୀକାର କରେ ନାହିଁ ।
ନାସ୍ତିକତା / ନାସ୍ତିକ୍ୟ } ବ. (ନାସ୍ତିକ-ତା, ଯ) ଈଶ୍ୱର ବା ପରଲୋକରେ ଅବିଶ୍ୱାସ ।
ନାହା-ବ. (ନାଥଶବ୍ଦଜ) ସ୍ୱାମୀ; ପ୍ରଭୁ ।
ନାହା-ବ. (ନାବଶବ୍ଦଜ) ନୌକା ।
ନାହିଁ-ଅଂ. (ନିଷେଧାର୍ଥକ) ନାସ୍ତି ।
ନି-(ଉପସର୍ଗ ଅବ୍ୟୟ) ଅନ୍ତର୍ଭାବ; ଆଶ୍ରୟ; ଅଧୋଭାଗ; ନିବେଶ; ନିଷେଧ-ପ୍ରଭୃତି ଭାବକୁ ବୁଝାଏ ।
ନିର୍ / ନିଃ } (ଉପସର୍ଗ ଅବ୍ୟୟ) ଅଭାବ; ନିଷେଧ; ନିତାନ୍ତ; ବହିଷ୍କରଣ ପ୍ରଭୃତି ଭାବକୁ ବୁଝାଏ ।
ନିଃକ୍ଷତ୍ରିୟ-ବିଂ. (ନିର୍-କ୍ଷତ୍ରିୟ) କ୍ଷତ୍ରିୟ ରହିତ ।
ନିଃଶଙ୍କ-ବିଂ. (ନିର୍-ଶଙ୍କା) ନିର୍ଭୟ ।
ନିଃଶବ୍ଦ-ବିଂ. (ନିର୍-ଶବ୍ଦ) ନୀରବ । [ସମ୍ପୂର୍ଣ୍ଣ ।
ନିଃଶେଷ-ବିଂ. (ନିର୍-ଶେଷ) ଶେଷରହିତ;

ନିଃଶେଷିତ-ବିଂ. (ନିଃଶେଷ-ଇତ) ସମ୍ପୂର୍ଣ୍ଣରୂପେ ବ୍ୟୟିତ ବା ସମାପିତ ।
ନିଃଶ୍ରେଣୀ-ବ. (ନିଃ-ଶ୍ରେଣୀ) ନିଶୁଣୀ; ହିଡି ।
ନିଃଶ୍ୱସନ / ନିଶ୍ୱାସ } ବ. (ନିର୍-ଶ୍ୱସ-ଅନ, ଅ) ପ୍ରାଣ ବାୟୁର ନିଃସରଣ ।
ନିଃସଙ୍ଗ-ବିଂ. (ନିର୍-ସଙ୍ଗ) ସଙ୍ଗରହିତ; ସମ୍ପର୍କଶୂନ୍ୟ ।
ନିଃସନ୍ଧି-ବିଂ. (ନିର୍-ସନ୍ଧି) ସନ୍ଧିରହିତ ।
ନିଃ-ସମ୍ବଳ-ବିଂ. ସଙ୍ଗତିହୀନ । [ଷ୍କରଣ ।
ନିଃସାରଣ-ବିଂ. (ନିର୍-ସର୍-ଣିଚ୍-ଅନ) ବହିଂ
ନିଃସାରିତ-ବିଂ. (ନିର୍-ସର୍-ଣିଚ୍-ତ) ବହିଷ୍କୃତ ।
ନିଃସୀମା-ବିଂ. ସୀମାରହିତ ।
ନିଃସୃତ-ବିଂ. (ନିର୍-ସୃ-ତ) ନିର୍ଗତ; ବହିର୍ଗତ ।
ନିଃସ୍ପୃହ-ବିଂ. ସ୍ପୃହାରହିତ; ନିଷ୍କାମ ।
ନିଃସ୍ରବ-ବ. (ନିର୍-ସ୍ରୁ-ଅ) କ୍ଷରଣ; ତରଳ ପଦାର୍ଥର ନିର୍ଗମନ ।
ନିଃସ୍ୱ-ବିଂ. (ନିର୍-ସ୍ୱ) ଦରିଦ୍ର; ଅସହାୟ ।
ନିଅାଁ-ବ. ଅଗ୍ନି ।
ନିଅାଁଳୀ-ବ. (ନବମାଲିକାଶବ୍ଦଜ) ପୁଷ୍ପବିଶେଷ ।
ନିଉଁଛାଇବା-କ୍ରି. (ନି-ଉଞ୍ଛନ-ଶବ୍ଦଜ) ବନ୍ଦାଇବା ।
ନିଉଁଛାଳି-ବ. (ନି-ଉଞ୍ଛନ-ଶବ୍ଦଜ) ବନ୍ଦାପନା
ନିକ-ବିଂ. ସରୁ; ପରିଷ୍କାର । [କରିବା ।
ନିକଟ-ବିଂ. (ନି-କଟ୍-ଅ) ସମୀପ; ଅଦୂର ।
ନିକଟବର୍ତ୍ତୀ-ବିଂ. (ନିକଟ-ବୃତ୍-ଇନ୍) ସମୀପସ୍ଥିତ । [ନିଷ୍ଟେତ ।
ନିକର-ବ. (ନି-କୃ-ଅ) ସମୂହ; ରାଶି; ବିଂ.

ନିକଷ ବ. ( ନି-କଷ୍-ଅ) କଷ୍ଟିପଥର ।
ନିକଷଣ-ବ. (ନି-କଷ୍ ଅନ)ଘର୍ଷଣ; ଉଲ୍ଲେଖନ ।
ନିକଷା-ବ. ରାକ୍ଷସୀବିଶେଷ ।
ନିକଷାତ୍ମଜ-ବ. (ନିକଷା-ଆତ୍ମଜ) ରାବଣ ।
ନିକା ବ. (ଆରବୀ) ମୁସଲମାନମାନଙ୍କ ମଧ୍ୟରେ ଅନ୍ୟଭୁକ୍ତା ବା ବିଧବା ସ୍ତ୍ରୀର ବିବାହ ।
ନିକାୟ-ବ. (ନି-ଚି-ଅ) ସମୂହ ; ଆଳୟ ।
ନିକାର ବ. (ନି-କୃ-ଅ) ପରାଭବ; ଅପମାନ ।
ନିକାଶ-ବ. (ନି-କାଶ୍-ଅ) ପ୍ରକାଶ ।
ନିକାଷ-ବ. (ନି-କଷ-ଅ) କର୍ଷଣ; ଘର୍ଷଣ ।
ନିକାସ ବ. (ପାର୍ଶୀ) ହିସାବ ନିସ୍ପତ୍ତିକରଣ; ଜଳ-ନିର୍ଗମନ । [ଯନ୍ତ୍ର ।
ନିକ୍ତି-ବ. ସୁନା ରୁପା ପ୍ରଭୃତି ଓଜନ କରିବାର
ନିକୁଞ୍ଜ-ବ. ଲତାମଣ୍ଡପ; ଲତାଗୃହ ।
ନିକୁମ୍ଭ ବ. କୁମ୍ଭକର୍ଣ୍ଣ-ରାକ୍ଷସର ପୁତ୍ର ।
ନିକୁରମ୍ବ-ବ. ନିଚୟ; ସମୂହ ।
ନିକୃତି-ବ. (ନି-କୃ-ତି) ତିରସ୍କାର; ଅପକାର ।
ନିକୃତ୍ତ-ବଂ. (ନି-କୃତ-ତ) ଛିନ୍ନ; ଖଣ୍ଡିତ ।
ନିକୃଷ୍ଟ-ବଂ. (ନି-କୃଷ୍-ତ) ଅପକୃଷ୍ଟ; ନୀଚ ।
ନିକେତ, ନିକେତନ } ବ. ( ନି-କିତ-ଅ, ଅନ ) ଗୃହ; ଆଳୟ ।
ନିକ୍ୱଣ-ବ. (ନି-କ୍ୱଣ୍-ଅ) ଧ୍ୱନି; ବୀଣାଦିର ଧ୍ୱନି ।
ନିକ୍ଷିପ୍ତ-ବଂ. (ନି-କ୍ଷିପ୍-ତ) ଫୋପଡ଼ା ତ୍ୟକ୍ତ ; ନ୍ୟସ୍ତ । [ନ୍ୟାସ ।
ନିକ୍ଷେପ-ବ. (ନି-କ୍ଷିପ୍-ଅ) କ୍ଷେପଣ; ନ୍ୟାସ;
ନିଙ୍-ବ. (ନିକ୍ଷଶବ୍ଦଜ) କ୍ଷୁଦ୍ର କେଶକୀଟ ।

ନିଖଟ୍ଟୁ-ବଂ. ଯେ ଖଟେ ନାହିଁ; ଅଳସୁଆ ।
ନିଖର୍ବ-ବଂ. ବାମନ । ବ. ଦଶସହସ୍ରକୋଟି ସଂଖ୍ୟା ।
ନିଖାତ-ବଂ. (ନି-ଖନ୍-ତ) ଖନିତ; ପ୍ରୋଥିତ ।
ନିଖିଳ-ବ. (ନି-ଖିଲ) ସମସ୍ତ; ଅଖଣ୍ଡ ।
ନିଖୁଣ-ବଂ. ନାହିଁ ଖୁଣ ଯାହାର; ନିର୍ଦ୍ଦୋଷ ।
ନିଗଡ଼-ବ. (ନି-ଗଡ଼-ଅ) ବେଡ଼ି; ଲୌହ-
ନିଗଡ଼ିତ-ବଂ. ଶୃଙ୍ଖଳ-ବଦ୍ଧ । [ଶୃଙ୍ଖଳ ।
ନିଗଦିତ-ବଂ. (ନି-ଗଦ୍-ତ) କଥିତ; ଉକ୍ତ ।
ନିଗମ-ବ. (ନି-ଗମ୍-ଅ) ବେଦ; ନ୍ୟାୟଶାସ୍ତ୍ର ।
ନିଗାଡ଼ିବା-କ୍ରି. (ନି-ଗଲ୍-ଣିଚ୍=ନିଗାଳି) ଗାଳିବା, ଝରାଇବା ।
ନିଗୂଢ଼-ବଂ. (ନି-ଗୁହ୍-ତ) ଗୁପ୍ତ; ଅପ୍ରକାଶିତ ।
ନିଗୃହୀତ-ବଂ. ( ନି-ଗ୍ରହ୍-ତ ) ଦଣ୍ଡିତ; ଉତ୍ପୀଡ଼ିତ ।
ନିଗ୍ରହ-ବ. (ନି-ଗ୍ରହ୍-ଅ) ଅନୁଗ୍ରହର ବିପରୀତ ; ତାଡ଼ନା; ପୀଡ଼ନ; ତିରସ୍କାର; ଦଣ୍ଡ ।
ନିଚୟ-ବ. (ନି-ଚି-ଅ) ସମୂହ ।
ନିଚୁଳ-ବ. ବେତଗଛ ।
ନିଚୋଳ-ବ. (ନି-ଚୁଲ୍-ଅ) କଞ୍ଚୁକ; ସ୍ତ୍ରୀମାନଙ୍କର ଅଙ୍ଗରଖା ।
ନିଛାଟିଆ-ବଂ. ନିର୍ଜ୍ଜନ ।
ନିଜ-ବଂ. (ନି-ଜନ୍-ଅ) ଆପଣାର ।
ନିଟ୍-ବ. ନିଶ୍ଚୟ ।
ନିଟଳ-ବ. କପାଳ ।
ନିଟୋଇବା-କ୍ରି. ମଟୋଇବା ।

ନିତମ୍ବ-ବି. (ନି-ତମ୍-ବ) ପିଣ୍ଡ; କଟି; ପର୍ବତର ପାର୍ଶ୍ୱଦେଶ । [ମ୍ବବତୀ ସ୍ତ୍ରୀ ।

ନିତମ୍ବିନୀ-ବି. (ନିତମ୍ବ-ଇନ୍-ଈ) ପ୍ରଶସ୍ତ ନିତ-

ନିତଳ-ବି. (ନି-ତଳ) ପାତାଳବିଶେଷ ।

ନିତାନ୍ତ-ବିଂ. (ନି-ତମ୍-ତ) ଅତ୍ୟନ୍ତ; ଅତିଶୟ ।

ନିତି-କ୍ରି. ବିଂ. (ନିତ୍ୟଶବ୍ଦଜ) ପ୍ରତିଦିନ ।

ନିତ୍ୟ-ବିଂ. (ନି-ତ୍ୟ) ସର୍ବଦା ବର୍ତ୍ତମାନ, ଶାଶ୍ୱତ; କ୍ରି. ବି. ପ୍ରତିଦିନ ।

ନିଦ-ବି. (ନିଦ୍ରାଶବ୍ଦଜ) ନିଦ୍ରା ।

ନିଦର୍ଶନ-ବି. (ନି-ଦୃଶ୍-ଅନ) ଉଦାହରଣ; ଚିହ୍ନ; ଦୃଷ୍ଟାନ୍ତ ।

ନିଦା-ବିଂ. ଦୃଢ଼; ଅଚ୍ଛିଦ୍ର ।

ନିଦାଘ-ବି. (ନି-ଦହ୍-ଅ) ଗ୍ରୀଷ୍ମକାଳ ଉତ୍ତାପ ।

ନିଦାନ-ବି. (ନି-ଦା-ଅନ) ମୂଳକାରଣ; ଅନ୍ତ ।

ନିଦାରୁଣ-ବିଂ. (ନି-ଦାରୁଣ) ନିର୍ଦ୍ଦୟ ।

ନିଦିଧ୍ୟାସନ-ବି. (ନି-ଧ୍ୟୈ-ସନ୍-ଅନ) ପ୍ରଗାଢ଼ ଧ୍ୟାନ । [ସମୀପ ।

ନିଦେଶ-ବି. (ନି-ଦିଶ୍-ଅ) ଆଜ୍ଞା, ଅନୁମତି;

ନିଦେଶ-ବର୍ତ୍ତୀ-ବିଂ. ଆଜ୍ଞାବହ ।

ନିଦ୍ରା-ବି. (ନି-ଦ୍ରା-ଅ) ନିଦ; ଅଚେତନଭାବ ।

ନିଦ୍ରାଳୁ-ବିଂ. (ନିଦ୍ରା-ଆଳୁ) ନିଦ୍ରାଶୀଳ; [ଅଳସ ।

ନିଦ୍ରିତ-ବିଂ. ସୁପ୍ତ; ଅଚେତନ ।

ନିଧନ-ବି. (ନି-ଧନ୍-ଅ) ମୃତ୍ୟୁ; ବିନାଶ ।

ନିଧାନ-ବି. (ନି-ଧା-ଅନ) ଆଧାର; ଭୂଗର୍ଭସ୍ଥ ରତ୍ନାଦି ।

ନିଧି-ବି. (ନି-ଧା-ଇ) ଆଧାର; ରତ୍ନ ।

ନିଧୁବନ-ବି. (ନି-ଧୂ-ଅନ) କମ୍ପନ; ରମଣ; କ୍ରୀଡ଼ାକୌତୁକ ।

ନିନାଦ-ବି. (ନି-ନଦ୍-ଅ) ଧ୍ୱନି; ଶବ୍ଦ ।

ନିନାଦିତ-ବିଂ. (ନି-ନଦ୍-ଣିଚ୍-ତ) ଶବ୍ଦିତ; ଧ୍ୱନିତ ।

ନିନୀଷା-ବି. (ନୀ-ସନ୍-ଆ) ନେବାର ଇଚ୍ଛା ।

ନିନ୍ଦକ-ବିଂ. (ନିନ୍ଦ-ଅକ) ନିନ୍ଦାକାରୀ ।

ନିନ୍ଦା-ବି. (ନିନ୍ଦ୍-ଆ) ଅପବାଦ; କୁତ୍ସା ।

ନିନ୍ଦନୀୟ-ବିଂ. (ନିନ୍ଦ୍-ଅନୀୟ) ନିନ୍ଦା-ଯୋଗ୍ୟ; ଦୂଷଣୀୟ ।

ନିନ୍ଦିତ-ବିଂ. ନିନ୍ଦ୍-ତ) ଦୂଷିତ; ଗର୍ହିତ ।

ନିନ୍ଦ୍ୟ-ବିଂ. (ନିନ୍ଦ୍-ଯ) ନିନ୍ଦନୀୟ ।

ନିପଟେ-ବିଂ. ଅତ୍ୟନ୍ତ ।

ନିପତିତ-ବିଂ. (ନି-ପତ୍-ତ) ଅଧଃପତିତ ।

ନିପାତ-ବି, (ନି-ପତ୍-ଅ) ମୃତ୍ୟୁ; ନିଧନ; ଅଧଃ-ପତନ ।

ନିପାତନ-ବି.(ନି-ପତ୍-ଣିଚ୍-ଅନ)ତଳେକ୍ଷେପଣ; ବିନାଶନ; ବ୍ୟାକରଣ-କଥିବରୁଦ୍ଧ ପଦସାଧନ ।

ନିପାତିତ-(ନି-ପତ୍-ଣିଚ୍-ତ) ତଳକୁ ନିକ୍ଷିପ୍ତ; ବିନାଶିତ । [କୁଣ୍ଡ ।

ନିପାନ-(ନି-ପା-ଅନ) କୂପାଦିର ନିକଟସ୍ଥ ଜଳ-

ନିପୀଡ଼ନ-(ନି-ପୀଡ୍-ଅନ) ମର୍ଦ୍ଦନ; କ୍ଲେଶଦାନ ।

ନିପୀଡ଼ିତ-(ନି-ପୀଡ୍-ତ) ନିଗୃହୀତ; ମର୍ଦ୍ଦିତ ।

ନିପୁଣ-ବିଂ. (ନି-ପୁଣ୍-ଅ) କାର୍ଯ୍ୟଦକ୍ଷ; ସମର୍ଥ ।

ନିବଦ୍ଧ-ବିଂ. (ନି-ବନ୍ଧ୍-ତ) ଗ୍ରଥିତ; ବଦ୍ଧ; ନିବେଶିତ ।

ନିବନ୍ଧ-ବି. (ନି-ବନ୍ଧ୍-ଅ) ରଚନା; ପ୍ରସ୍ତାବ ।

ନିବନ୍ଧନ-ବି. (ନି-ବନ୍ଧ୍-ଅନ) କାରଣ; ହେତୁ; ଅବଲମ୍ବନ ।

ନିବର୍ହଣ-ବି. (ନି-ବର୍ହ୍-ଅନ) ଉଚ୍ଛେଦ; ବଧ ।

ନିବିଡ଼-ବି°. ଗାଢ଼; ଘନ ।

ନିଭ୍-ବି°. (ନି-ଭା-ଅ) ସଦୃଶ; ତୁଲ୍ୟ ।

ନିଭୃତ-ବି°. (ନି-ଭୃ-ତ) ଗୁପ୍ତ, ନିର୍ଜନ ।

ନିମ ବି. (ନିମ୍ବଶବ୍ଦଜ) ନିମ୍ବବୃକ୍ଷ ।

ନିମକ୍-ବି. (ପାର୍ଶୀ) ଲବଣ ।

ନିମକ୍-ହାରାମ-ବି°. କୃତଘ୍ନ ।

ନିମଗ୍ନ-ବି°. ( ନି-ମସ୍ଜ୍-ତ ) ବୁଡ଼ିରହିଥିବା ; ଏକାନ୍ତ ଚିତ୍ତେ ଅବସ୍ଥ ।

ନିମଜ୍ଜନ-ବି.(ନି-ମସ୍ଜ୍-ଅନ)ଜଳରେ ବୁଡ଼ିବା ; ଅବଗାହନ ।

ନିମନ୍ତ୍ରଣ-ବି. (ନି-ମନ୍ତ୍ର-ଅନ) ସାଦର ଅହ୍ୱାନ; ଭୋଜନାର୍ଥ ଅହ୍ୱାନ ।

ନିମନ୍ତ୍ରିତ-ବି°. (ନି-ମନ୍ତ୍ର-ତ) ସାଦରେ ଅହୂତ ।

ନିମିତ୍ତ୍-ବି. (ନି-ମିଦ୍-ତ) କାରଣ ; ପ୍ରୟୋଜନ: ଲକ୍ଷଣ ।

ନିମିଷ } ବି.- { ନି-ମିଷ୍-ଅ } ପଲକ;ପକ୍ଷ୍ମ-
ନିମେଷ } { ନି-ମିଷ୍-ଘଞ୍ } ପାତ ।

ନିମୀଳନ-ବି. ( ନି-ମୀଲ୍-ଅନ ) ଅଖିବୁଜିବା; ସଙ୍କୋଚକରଣ ।

ନିମ୍ନ-ବି°. ନୀଚ; ଅଧଃସ୍ଥିତ ।

ନିମ୍ନ-ଗା-ବି. ନଦୀ ।

ନିମ୍ନ-ବି. ନିମ୍ନଗତ । [ବି°. ସର୍ବଦା ।

ନିୟତ-ବି°. (ନି-ଯମ୍-ତ) ସଂଯତ ; ସ୍ଥିର । କ୍ରି.

ନିୟତି-ବି. (ନି-ଯମ୍-ତି) ଐଶିକ ନିୟମ; ଭାଗ୍ୟ ।

ନିୟନ୍ତା-ବି°. (ନି-ଯମ୍-ତୃ) ଚାଳକ; ଶାସକ ।

ନିୟନ୍ତ୍ରିତ-ବି°. (ନି-ଯନ୍ତ୍ର-ତ) ଦମିତ ।

ନିୟମ-ବି. ( ନି-ଯମ୍-ଅ ) ବନ୍ଧ ; ବ୍ରତାଦି ; ଇନ୍ଦ୍ରିୟଦମନ ।

ନିୟମ-ତନ୍ତ୍ର-ବି°. ନିୟମାଧୀନ ।

ନିୟମନ-ବି. ( ନି-ଯମ୍-ଅନ ) ନିୟମଦ୍ୱାରା ଶାସନ । [ଶାସିତ ।

ନିୟମିତ-ବି°. ( ନି-ଯମ୍-ତ ) ନିୟମ-ବଦ୍ଧ ;

ନିୟାମକ-ବି°. (ନି-ଯମ୍-ଅକ) ଯେ ନିୟମ ବା ବ୍ୟବସ୍ଥା କରେ; ନିୟମକର୍ତ୍ତା; ନିୟନ୍ତା ।

ନିୟୁକ୍ତ-ବି°. (ନି-ଯୁଜ୍-ତ) କର୍ମ କରିବା ନିମିତ୍ତ ଅଦିଷ୍ଟ; ବ୍ୟାପୃତ ।

ନିୟୁତ-ବି. (ନି-ଯୁ-ତ) ଦଶଲକ୍ଷ ସଂଖ୍ୟା ।

ନିୟୋକ୍ତା-ବି°. (ନି-ଯୁଜ୍-ତୃ) ନିୟୋଗକର୍ତ୍ତା; ପ୍ରବର୍ତ୍ତକ ।

ନିୟୋଗ-ବି. (ନି-ଯୁଜ୍-ଅ) ଶାସନ; ଅଜ୍ଞା; ସମର୍ପଣ । [କର୍ତ୍ତା ।

ନିୟୋଜକ-ବି°. (ନି-ଯୁଜ୍-ଅକ) ନିୟୋଗ-

ନିୟୋଜନ-ବି. ( ନି-ଯୁଜ୍-ଅନ ) ପ୍ରେରଣ; ପ୍ରବର୍ତ୍ତନ । [ପ୍ରବର୍ତ୍ତିତ ।

ନିୟୋଜିତ-ବି°. (ନି-ଯୁଜ୍-ଇ-ତ) ବ୍ୟାପାରିତ;

ନିୟୋଜ୍ୟ-ବି°. (ନି-ଯୁଜ୍-ଯ) ନିଯୁକ୍ତ ହେବାର ଯୋଗ୍ୟ ।

ନିରଂଶ-ବି°. (ନିଃ-ଅଂଶ) ଅଂଶରହିତ, ସମ୍ପତ୍ତି ଅଧିକାରହୀନ ।

ନିରକ୍ଷରେଖା, ନିରକ୍ଷବୃତ୍ତ — ବି. (ନିଃ-ଅକ୍ଷ) ବିଷୁବରେଖା; ଯେଉଁ ରେଖା ଦ୍ୱାରା ପୃଥିବୀକୁ ଉତ୍ତରାର୍ଦ୍ଧ ଓ ଦକ୍ଷିଣାର୍ଦ୍ଧ ଏହି ଦୁଇ ଭାଗରେ ବିଭକ୍ତ କରାଯାଏ ।

ନିରଙ୍କୁଶ ବିଂ. (ନିର୍-ଅଙ୍କୁଶ) ସ୍ୱେଚ୍ଛାଚାରୀ; ଦଣ୍ଡ-ଭୟ-ରହିତ ।

ନିରଖ-ବି. (ଫାର୍ଶୀ) ସରକାରୀ ବା ନିର୍ଦ୍ଧାରିତ ମୂଲ୍ୟ ।

ନିରଞ୍ଜନ-ବିଂ. ( ନିର୍-ଅଞ୍ଜନ ) ନିର୍ମଳ; ବି. ପରଂବ୍ରହ୍ମ ।

ନିରତ-ବିଂ. ( ନି-ରମ୍-ତ ) ଆସକ୍ତ; ବ୍ୟାପୃତ ।

ନିରତେ-କ୍ରି. ବିଂ. ସର୍ବଦା ।

ନିରତିଶୟ-ବିଂ. ( ନିର୍-ଅତିଶୟ ) ଯାହା ଅପେକ୍ଷା ଅଧିକ ନାହିଁ; ଅତ୍ୟଧିକ ।

ନିରନ୍ତର-ବିଂ. (ନିର୍-ଅନ୍ତର) ନିବିଡ଼; ଘନ; କ୍ରି.ବିଂ. ଅନବରତ; ସର୍ବଦା ।

ନିରନ୍ନ-ବିଂ. (ନିର୍-ଅନ୍ନ) ଅନ୍ନାଭାବେ କ୍ଳିଷ୍ଟ ।

ନିରନ୍ୱୟ-ବିଂ. ( ନିର୍-ଅନ୍ୱୟ ) ନିଃସମ୍ପର୍କ; ନିର୍ବଂଶ ।

ନିରପତ୍ୟ-ବିଂ. (ନିର୍-ଅପତ୍ୟ) ନିଃସନ୍ତାନ ।

ନିରପତ୍ରପ-ବିଂ. (ନିର୍-ଅପତ୍ରପା) ନିର୍ଲ୍ଲଜ୍ଜ ।

ନିରପରାଧ-ବିଂ. (ନିର୍-ଅପରାଧ) ଅପରାଧଶୂନ୍ୟ; ନିର୍ଦ୍ଦୋଷ । [ରହିତ; ସ୍ୱାଧୀନ ।

ନିରପେକ୍ଷ-ବିଂ. ( ନିର୍-ଅପେକ୍ଷା ) ଅପେକ୍ଷା

ନିରମ୍ବୁ-ବିଂ. (ନିର୍-ଅମ୍ବୁ) ନିର୍ଜଳ ।

ନିରର୍ଘ୍ୟ-ବି. (ନିର୍-ଅର୍ଘ୍ୟ) ନରକ ।

ନିରର୍ଥକ-ବିଂ. (ନିର୍-ଅର୍ଥ-କ) ବ୍ୟର୍ଥ; ବିଫଳ; ନିଷ୍ପ୍ରୟୋଜନ ।

ନିରବଚ୍ଛିନ୍ନ-ବିଂ. (ନିର୍-ଅବ-ଛିଦ୍-ତ) ଅନବଚ୍ଛିନ୍ନ; ନିରନ୍ତର; କେବଳ ।

ନିରବଧି-ବିଂ. ( ନିର୍-ଅବଧି ) ନିରନ୍ତର; ଅସୀମ । [ଶୂନ୍ୟ; ନିରାକାର ।

ନିରବୟବ-ବିଂ. ( ନିର୍-ଅବୟବ ) ଅବୟବ-

ନିରଶନ-ବିଂ. (ନିର-ଅଶନ) ଭୋଜନ-ରହିତ ।

ନିରସନ-ବି. (ନିର୍-ଅସ୍-ଅନ) ନିରାକରଣ ।

ନିରସ୍ତ-ବି. (ନିର୍-ଅସ୍-ତ) ନିକ୍ଷିପ୍ତ; ନିରାକୃତ; ନିବୃତ୍ତ ।

ନିରାକରଣ-ବି. (ନିର୍-ଆ-କୃ-ଅନ) ନିବାରଣ; ଦୂରୀକରଣ; ଖଣ୍ଡନ । [ରହିତ ।

ନିରାକାଙ୍କ୍ଷ ବିଂ. (ନିର୍-ଆକାଙ୍କ୍ଷା) ଆକାଙ୍କ୍ଷା-

ନିରାକାର-ବିଂ. (ନିର୍-ଆ କୃ-ଅ' ଆକାରଶୂନ୍ୟ; ବି. ପରମେଶ୍ୱର; ଆକାଶ । [ଅତ୍ୟାକୁଳ ।

ନିରାକୁଳ-ବିଂ. (ନିର୍-ଆକୁଳ) ଅତ୍ୟନ୍ତ ଆକୁଳ;

ନିରାକୃତ-ବିଂ. (ନିର୍-ଆ-କୃ-ତ) ଦୂରୀକୃତ ।

ନିରାଟ-ବିଂ. ନିଦା; ପ୍ରଚଣ୍ଡ ।

ନିରାତଙ୍କ-ବିଂ. (ନିର୍ ଆତଙ୍କ) ନିର୍ଭୟ ।

ନିରାନନ୍ଦ-ବିଂ. (ନିର୍ ଆନନ୍ଦ) ଆନନ୍ଦ ରହିତ ।

ନିରାପଦ-ବିଂ. (ନିର୍-ଆପଦ) ଆପଦ୍ ରହିତ; ନିର୍ବିଘ୍ନ ।

ନିରାମୟ-ବିଂ. (ନିର୍-ଆମୟ) ନୀରୋଗ; ସୁସ୍ଥ ।

ନିରାମିଷ-ବିଂ. (ନିର୍-ଆମିଷ) ମାଂସାଦି ଆମିଷ ରହିତ ।

ନିରାଲମ୍ବ-ବିଂ. (ନିର-ଆଲମ୍ବ) ଅବଲମ୍ବନଶୂନ୍ୟ ।

ନିରାଶ-ବିଂ. (ନିର୍-ଆଶା) ଆଶାରହିତ ।

ନିରାଶ୍ରୟ-ବି. ( ନିର୍-ଆଶ୍ରୟ ) ଅସହାୟ ; ଅଶରଣ ।

ନିରାସ-ବି. (ନିର୍-ଅସ୍-ଅ)ନିରସନ; ନିରାକରଣ।

ନିରାହାର-ବି. (ନିର୍-ଆହାର) ଆହାରରହିତ।

ନିରୀକ୍ଷକ-ବି. (ନିର୍-ଈକ୍ଷ୍-ଅକ) ଦର୍ଶକ; ଯେ ନିରୀକ୍ଷଣ କରେ।

ନିରୀକ୍ଷଣ-ବି. (ନିର୍-ଈକ୍ଷ୍-ଅନ) ଦର୍ଶନ।

ନିରୀକ୍ଷିତ-ବି. ( ନିର୍ ଈକ୍ଷ୍-ତ ) ଦୃଷ୍ଟ; ଅବ- ଲୋକିତ।

ନିରୀଶ୍ୱର-ବି. (ନିର୍-ଈଶ୍ୱର) ନାସ୍ତିକ।

ନିରୀହ ବି. (ନିର୍-ଈହ) ନିଃସ୍ପୃହ; ଯେ କାହାର ବିଷୟରେ ହସ୍ତକ୍ଷେପ କରେ ନାହିଁ।

ନିରୁକ୍ତ-ବି. ( ନିର୍-ବଚ୍-ତ ) ବେଦାଙ୍ଗଗ୍ରନ୍ଥ- ବିଶେଷ। [ମୀମାଂସା।

ନିରୁକ୍ତି-ବି. (ନିର୍-ବଚ୍-ତି) ନିଃଶେଷ କଥନ;

ନିରୁତ୍ତର-ବି. (ନିର୍-ଉତ୍ତର) ଉତ୍ତରଦାନରେ ଅସମର୍ଥ।

ନିରୁଦ୍ଧ-ବି. (ନି-ରୁଧ୍-ତ) ନିବାରିତ; ସ୍ତମ୍ଭିତ।

ନିରୁପମ-ବି. (ନିର୍-ଉପମା) ଅତୁଲ୍ୟ।

ନିରୂପଣ ବି. (ନି-ରୂପ୍-ଅନ) ନିର୍ଣ୍ଣୟ କରିବା।

ନିରେଖିବା-କ୍ରି. (ନିଃ-ଈକ୍ଷ୍ଧାତୁରୁ) ଦେଖିବା; ଅନାଇବା।

ନିରୋଧ-ବି. (ନି-ରୁଧ୍-ଅ) ବାରଣ ; ନିଗ୍ରହ।

ନିରୋଧକ-ବି. (ନି-ରୁଧ୍-ଅକ) ନିରୋଧକାରୀ।

ନିରୋଳା-ବି. ନିର୍ମଳ; ନିର୍ଜନ।

ନିଋତି ବି. ଦକ୍ଷିଣ-ପଶ୍ଚିମ କୋଣର ପୁରାଣୋକ୍ତ ଅଧିପତି।

ନିର୍ଗତ-ବି. (ନିର୍-ଗମ୍-ତ) ବହିର୍ଗତ; ନିଃସୃତ।

ନିର୍ଗମ, ନିର୍ଗମନ — ବି. (ନିର୍-ଗମ୍-ଅ, ଅନ) ବହିର୍ଗମନ।

ନିର୍ଗୁଣ-ବି. (ନିର୍-ଗୁଣ) ଗୁଣହୀନ; ବି. ସତ୍ତ୍ୱ- ରଜସ୍ତମୋଗୁଣରହିତ; ପରମେଶ୍ୱର।

ନିର୍ଘଣ୍ଟ ବି. (ନିର୍-ଘଣ୍ଟ-ଅ) ସୂଚୀପତ୍ର; ନିର୍ଣ୍ଣୟ; ନିରୂପଣ; ସିଦ୍ଧାନ୍ତ।

ନିର୍ଘାତ-ବି. (ନିର୍-ହନ-ଅ) ବାୟୁଦ୍ୱୟର ଅଭି- ଘାତ ଶବ୍ଦ; ବି. ନିଷ୍ଠୁର।

ନିର୍ଘୃଣ-ବି. (ନିର୍-ଘୃଣା) ନିର୍ଦ୍ଦୟ; ଘୃଣାରହିତ

ନିର୍ଘୋଷ ବି. (ନିର୍-ଘୁଷ୍-ଅ) ଗମ୍ଭୀର ଧ୍ୱନି।

ନିର୍ଜନ-ବି. (ନିର୍-ଜନ) ଜନଶୂନ୍ୟ।

ନିର୍ଜର-ବି. (ନିର୍-ଜରା) ଦେବତା; ତ୍ରିଦଶ।

ନିର୍ଜିତ-ବି. (ନିର୍-ଜି-ତ) ପରାଜିତ।

ନିର୍ଜୀବ-ବି. ( ନିର୍-ଜୀବ ) ଜୀବନଶୂନ୍ୟ ; ନିର୍ବୀର୍ଯ୍ୟ।

ନିର୍ଝର-ବି. (ନିର୍-ଝର) ଝରଣା, ବାରିପ୍ରବାହ।

ନିର୍ଝରିଣୀ-ବି. (ନିର୍-ଝର୍-ଇନ୍-ଈ) ନଦୀ; ଗିରିନଦୀ।

ନିର୍ଣ୍ଣୟ-ବି. (ନିର୍-ନୀ-ଅ) ନିରୂପଣ; ନିଶ୍ଚୟ।

ନିର୍ଣ୍ଣାୟକ-ବି. (ନିର୍-ନୀ-ଅକ) ଯେ ନିର୍ଣ୍ଣୟ କରେ, ସିଦ୍ଧାନ୍ତକାରୀ।

ନିର୍ଣିକ୍ତ-ବି. (ନିର୍ ନିଜ୍-ତ) ପରିଷ୍କୃତ; ମୁକ୍ତ।

ନିର୍ଣ୍ଣୀତ ବି. (ନିର୍-ନୀ-ତ) ନିରୂପିତ।

ନିର୍ଣ୍ଣେୟ-ବି. ( ନିର୍-ନୀ-ଯ ) ନିର୍ଣ୍ଣୟ କରିବା- ଯୋଗ୍ୟ।

ନିର୍ଦ୍ଦୟ-ବଂ. ( ନିର୍-ଦୟା ) ନିଷ୍ଠୁର ।
ନିର୍ଦ୍ଦିଷ୍ଟ ବଂ. (ନିର୍-ଦିଶ୍-ତ) ନିର୍ଦ୍ଧାରିତ ।
ନିର୍ଦ୍ଦେଶ-ବ. (ନିର୍-ଦିଶ୍-ଅ) ଆଜ୍ଞା, ଅବଧାରଣ।
ନିର୍ଦ୍ଦୋଷ-ବଂ. (ନିର୍-ଦୋଷ) ଅପରାଧଶୂନ୍ୟ ।
ନିର୍ଧନ-ବଂ. (ନିର-ଧନ) ଦରିଦ୍ର ।
ନିର୍ଦ୍ଧାରକ-ବଂ. (ନିର୍-ଧାର୍-ଅକ) ଯେ ନିର୍ଦ୍ଧା-
ରଣ କରେ । [ମୀମାଂସା ।
ନିର୍ଦ୍ଧାରଣ-ବ. ( ନିର୍-ଧାର୍-ଅନ ) ନିଶ୍ଚୟ ;
ନିର୍ଦ୍ଧାରିତ-ବଂ. (ନିର୍-ଧାରି-ତ ) ସ୍ଥିରୀକୃତ ।
ନିର୍ଦ୍ଧାର୍ଯ୍ୟ-ବଂ. (ନିର୍-ଧାରି-ଯ) ନିରୂପଣୀୟ ।
ନିର୍ଦ୍ଧୂତ-ବଂ. (ନିର୍-ଧୂ-ତ) ଦୂରୀକୃତ; ବର୍ଜିତ ।
ନିର୍ବନ୍ଧ-ବ. (ନିର୍-ବନ୍ଧ୍-ଅ) ନିୟମ; ଆଗ୍ରହ ।
ନିର୍ବଳ-ବଂ. (ନିର୍-ବଳ) ବଳହୀନ, କ୍ଷୀଣ ।
ନିର୍ଭର-ବ. ( ନିର୍-ଭୃ-ଅ ) ଆତ୍ମସମର୍ପଣ; ଭରସା;
ବଂ. ପୂର୍ଣ୍ଣ । [ରହିତ ।
ନିର୍ଭୀକ-ବଂ. ( ନିର୍-ଭୀ-କ ) ନିର୍ଭୟ; ଭୟ-
ନିର୍ମକ୍ଷିକ-ବଂ. (ନିର୍-ମକ୍ଷିକା) ମକ୍ଷିକାଶୂନ୍ୟ;
ନିଭୃତ । [ ବନାପନା ।
ନିର୍ମଞ୍ଜନ-ବ. ( ନିର୍-ମଞ୍ଜ୍-ଅନ ) ମାର୍ଜନା;
ନିର୍ମତ୍ସର ବଂ. (ନିର-ମତ୍ସର) ଗର୍ବଶୂନ୍ୟ ନିର-
ହଂକାର ।
ନିର୍ମମ-ବଂ. (ନିର୍-ମମ) ମମତାଶୂନ୍ୟ; ବାସନା-
ରହିତ; ସ୍ନେହଶୂନ୍ୟ; ନିର୍ଦ୍ଦୟ ।
ନିର୍ମଳ ବଂ. ( ନିର୍-ମଳ) ଶୁଦ୍ଧ; ସ୍ୱଚ୍ଛ ।
ନିର୍ମାଖୀ-ବଂ. (ନିର୍ମକ୍ଷିକ) ନିରାଶ୍ରୟ ।
ନିର୍ମାଣ-ବ. (ନିର୍-ମା-ଅନ) ଗଠନ; ରଚନା;
ତିଆରି କରିବା କାର୍ଯ୍ୟ ।

ନିର୍ମାତା-ବଂ. ( ନିର୍-ମା-ତୃ ) ନିର୍ମାଣକର୍ତ୍ତା ।
ନିର୍ମାଲ୍ୟ-ବ. ( ନିର୍ମଳ-ଯ, ଅଥବା ନିର୍-ମାଲ୍ୟ )
ନିର୍ମଳତା; ଦେବତାଙ୍କୁ ନିବେଦିତ ପୁଷ୍ପାଦି; ଦେବ-
ତାର ଭୋଗ ।
ନିର୍ମିତ-ବଂ (ନିର୍-ମା-ତ) ରଚିତ; ଗଠିତ ।
ନିର୍ମୁକ୍ତ-ବଂ. (ନିର୍ ମୁଚ୍-ତ) ଖୋଳଛଡ଼ା ସାପ ;
ବଂ. ବନ୍ଧନ ମୁକ୍ତ ।
ନିର୍ମୂଳ-ବଂ. (ନିର୍ ମୂଳ) ଛିନ୍ନମୂଳ; ବିଲୁପ୍ତ ।
ନିର୍ମୂଳିତ-ବଂ. ଉତ୍ପାଟିତ ।
ନିର୍ମୃଷ୍ଟ-ବଂ. (ନିର୍-ମୃଜ୍-ତ) ମାର୍ଜିତ ।
ନିର୍ମୋକ-ବ. (ନିର୍ ମୁଚ୍-ଅ) ସାପଖୋଳ ।
ନିର୍ଯ୍ୟାତ-ବଂ. (ନିର-ଯା-ତ) ନିଃସୃତ; ନିର୍ଗତ ।
ନିର୍ଯ୍ୟାତନ-ବ. (ନିର୍ ଯତ୍-ଣିଚ୍-ଅନ) ପ୍ରତିହିଂସା
ନିର୍ଯ୍ୟାସ-ବ. (ନିର୍-ଯସ୍-ଅ) ନିସ୍ୟନ୍ଦ; ଆଠା ;
ସାରକଥା ।
ନିର୍ଲଜ୍ଜ-ବଂ. (ନିର୍-ଲଜ୍ଜା) ଲଜ୍ଜାହୀନ ।
ନିର୍ଲିପ୍ତ-ବଂ. (ନିର୍-ଲିପ୍-ତ) ସମ୍ପର୍କଶୂନ୍ୟ ।
ନିର୍ବପଣ-ବ. ( ନିର୍-ବପ୍-ଅନ ) ପିତୃଲୋକଙ୍କ
ଉଦ୍ଦେଶରେ ଦାନ; ଅନ୍ନାଦି ପରିବେଷଣ ।
ନିର୍ବହଣ-ବ. ( ନିର୍-ବହ୍-ଅନ ) ନିର୍ବାହ ।
ନିର୍ବାଚନ-ବ. ( ନିର୍-ବାଚି-ଅନ ) ବାଛି ସ୍ଥିର
କରିବା । [ ନାର ନିବୃତ୍ତି ।
ନିର୍ବାଣ-ବ. (ନିର୍-ବା-ଅନ) ନିଭିଯିବା; ବାସ-
ନିର୍ବାତ-ବଂ. ( ନିର୍-ବା-ତ) ବାୟୁଶୂନ୍ୟ; ସ୍ଥିର ।
ନିର୍ବାପଣ-ବ. ( ନିର୍-ବା-ଣିଚ୍-ଅ ) ନିଭାଇବା ।
ନିର୍ବାପିତ-ବଂ. (ନିର୍-ବାପି-ତ) ନିର୍ବାଣପ୍ରାପିତ ।

ନିର୍ବାସନ-ବି. (ନିର୍-ବସ୍-ଣିଚ୍-ଅନ) ଦେଶରୁ ବହିଷ୍କରଣ ।

ନିର୍ବାସିତ-ବିଂ. ଦେଶରୁ ବହିଷ୍କୃତ ।

ନିର୍ବାହ ବି. (ନିର୍-ବହ୍-ଅ) ସମ୍ପାଦନ; ଜୀବିକା-ସମ୍ପାଦନ ।

ନିର୍ବାହିତ-ବିଂ. (ନିର୍-ବାହି-ତ) ସମ୍ପାଦିତ ।

ନିର୍ବିକଳ୍ପ-ବିଂ. (ନିର୍-ବିକଳ୍ପ) ବିକଳ୍ପରହିତ; ନିଃସଂଶୟ ।

ନିର୍ବିକାର-ବିଂ. (ନିର୍-ବିକାର) ବିକାରଶୂନ୍ୟ ।

ନିର୍ବିଘ୍ନ-ବିଂ. (ନିର୍-ବିଘ୍ନ) ବିଘ୍ନଶୂନ୍ୟ ।

ନିର୍ବିବେକ-ବିଂ. (ନିର୍-ବିବେକ) ଅବିବେକୀ ।

ନିର୍ବିଶେଷ-ବିଂ. (ନିର୍-ବିଶେଷ) ଭେଦରହିତ; ଅଭିନ୍ନ । [ଭୁକ୍ତ ।

ନିର୍ବିଷ୍ଟ-ବିଂ. (ନିର୍-ବିଶ୍-ତ) ଲବ୍ଧ; ଅନୁଭୂତ;

ନିର୍ବୀର୍ଯ୍ୟ-ବିଂ. (ନିର୍-ବୀର୍ଯ୍ୟ) ବୀର୍ଯ୍ୟହୀନ; ନିସ୍ତେଜ ।

ନିର୍ବୁଦ୍ଧି-ବିଂ. (ନିର୍-ବୁଦ୍ଧି) ବୁଦ୍ଧିଶୂନ୍ୟ; ନିର୍ବୋଧ; ବୋକା ।

ନିର୍ବୃତି-ବି. (ନିର୍-ବୃ-ତି) ମୁକ୍ତି; ଶାନ୍ତି ।

ନିର୍ବୃତ୍ତ-ବିଂ. (ନିର୍-ବୃତ୍-ତ) ନିଷ୍ପନ୍ନ; ସମ୍ପନ୍ନ ।

ନିର୍ବେଦ-ବି. (ନିର୍-ବିଦ୍-ଅ) ବୈରାଗ୍ୟ; ଔଦାସୀନ୍ୟ ।

ନିର୍ବେଶ-ବି. (ନିର୍-ବିଶ୍-ଅ) ବେତନ; ଭୋଗ ।

ନିର୍ବ୍ୟୂଢ଼-ବିଂ. (ନିର୍-ବି-ବହ୍-ତ) ନିଷ୍ଠିତ; ସମାପ୍ତ ।

ନିର୍ହ୍ରାଦ-ବି. (ନିର୍-ହ୍ରାଦ୍-ଅ) ନିନାଦ; ଧ୍ୱନି ।

ନିଳୟ-ବି. (ନି-ଲୀ-ଅ) ଆଳୟ; ବାସସ୍ଥାନ ।

ନିଲାମ-ବି. (ପୋର୍ତ୍ତଗୀଜ ଭାଷା) ଯେ ବେଶି ଦାମ୍ ଡାକେ, ତାହାକୁ ବିକ୍ରୟ ।

ନିଲୀନ-ବିଂ. (ନି-ଲୀ-ତ) ନିମଗ୍ନ; ସଂଲଗ୍ନ ।

ନିବର୍ତ୍ତ-ବିଂ. (ନି-ବୃତ୍-ଅ) ନିବୃତ୍ତ; କ୍ଷାନ୍ତ ।

ନିବର୍ତ୍ତନ-ବି. (ନି-ବୃତ୍-ଅନ) ନିବାରଣ; ଲେଉଟିବା ।

ନିବର୍ତ୍ତିତ-ବିଂ. (ନି-ବୃତ୍-ଣିଚ୍-ତ) ନିବାରିତ ।

ନିବର୍ହଣ-ବି. (ନି-ବର୍ହ୍-ଅନ) ବିନାଶ; ଉଚ୍ଛେଦ ।

ନିବର୍ହିତ-ବିଂ. (ନି-ବର୍ହ୍-ତ) ବିନାଶିତ ।

ନିବସଥ ବି. (ନି-ବସ୍-ଅଥ) ଜନପଦ; ଗ୍ରାମ ।

ନିବହ-ବି. (ନି-ବହ୍-ଅ) ସମୂହ ।

ନିବାଡ଼ି-ବିଂ. (ନିବିଡ଼ଶବ୍ଦଜ) ଦୃଢ଼; ମଜବୁତ ।

ନିବାତ-ବିଂ. (ନି-ବାତ) ନିର୍ବାତ; ବାତଶୂନ୍ୟ ।

ନିବାପ-ବି. (ନି-ବପ୍-ଅ) ପିତୃଲୋକ ଉଦ୍ଦେଶରେ ଦାନ । [ବାରଣ ।

ନିବାରଣ-ବି. (ନି-ବୃ-ଣିଚ୍-ଅନ) ନିଷେଧ;

ନିବାରିତ-ବିଂ. (ନି-ବୃ-ଣିଚ୍-ତ) ନିଷିଦ୍ଧ ।

ନିବାସ-ବି. (ନି-ବସ୍-ଅ) ବାସସ୍ଥାନ ।

ନିବାସୀ-ବିଂ. (ନି-ବସ୍-ଇନ୍) ବାସକାରୀ ।

ନିବିଡ଼-ବିଂ. (ନି-ବିଡ଼) ଗାଢ଼; ଘନ ।

ନିବିଦ୍-ବି. (ନି-ବିଦ୍) ବେଦ ଅପେକ୍ଷା ପୁସ୍ତଭନ ବାକ୍ୟ । [ଯୋଗୀ ।

ନିବିଷ୍ଟ-ବିଂ. (ନି-ବିଶ୍-ତ) ଆବିଷ୍ଟ; ମନୋ-

ନିବୀତ-ବି. (ନି-ବ୍ୟେ-ତ) ଗଳାରେ ମାଳାପରି ପରିହିତ ପଇତା; ଉତ୍ତରୀୟ ।

ନିବୃତ୍ତ-ବିଂ. (ନି-ବୃତ୍-ତ) ବିରତ; କ୍ଷାନ୍ତ ।

ନିବୃତ୍ତି-ବି. (ନି-ବୃତ୍-ତି) ବିରତି; ପ୍ରବୃତ୍ତିର ବିପରୀତ ।

ନିବେଦନ-ବି. (ନି-ବଦ-ଅନ) ସମର୍ପଣ; ଅବେ-
ଦନ ।
ନିବେଦିତ-ବିଂ. ( ନି-ବେଦ-ତ ) ସମର୍ପିତ;
ଜ୍ଞାପିତ । [ଣୀୟ ।
ନିବେଦ୍ୟ-ବିଂ. (ନି-ବଦ୍-ଯ) ଜ୍ଞାପନୀୟ; ସମର୍ପ-
ନିବେଶ-ବି. ( ନି-ବଶ୍-ଅ ) ସ୍ଥାନ; ସ୍ଥାପନ;
ଶିବିର । [ବିନ୍ୟସ୍ତ ।
ନିବେଶିତ ବିଂ. (ନି-ବଶ୍-ଣିଚ୍-ତ) ସ୍ଥାପିତ;
ନିଶ ବି. ମୁଛ ।
ନିଶା-ବି. (ନିଶ୍-ଅ) ରାତ୍ରି ।
ନିଶାକର-ବି. (ନିଶା-କୃ-ଅ) ଚନ୍ଦ୍ର; ହରିଦ୍ରା ।
ନିଶାଚର-ବି. (ନିଶା-ଚର) ରାତ୍ରିଚର, ପିଶାଚ;
ନିଶାଣ-ବି. ପତାକା; ଚିହ୍ନ । [ରାକ୍ଷସ ।
ନିଶାନ୍ତ ବି. (ନିଶା-ଅନ୍ତ) ରାତ୍ରିଶେଷ; ପ୍ରାତଃ-
ନିଶା-ପତି ବି. ଚନ୍ଦ୍ର । [କାଳ ।
ନିଶାମନ-ବି. (ନି-ଶମ୍-ଅନ) ଶ୍ରବଣ; ଆଲୋ-
ନିଶି-ବି. (ନିଶ୍ଧାତୁରୁ) ରାତ୍ରି । [ଚନା ।
ନିଶିତ-ବିଂ. (ନି-ଶୋ-ତ) ଶାଣିତ; ତୀକ୍ଷ୍ଣ ।
ନିଶୀଥ-ବି. (ନି-ଶୀ-ଥ) ଅର୍ଦ୍ଧରାତ୍ର; ରାତ୍ରି ।
ନିଶୀଥିନୀ-ବି. (ନିଶୀଥ-ଇନ୍-ଈ) ରାତ୍ର; ରଜନୀ ।
ନିଶ୍ରେଣୀ-ବି. (ନିଃଶ୍ରେଣୀଶବ୍ଦଜ) କାଷ୍ଠ ବା ବାଂଶ
ନିର୍ମିତ ସିଢି ।
ନିଶ୍ଚୟ-ବି. (ନିର୍-ଚି-ଅ) ନିର୍ଣ୍ଣୟ; ସଂଶୟ-
ଶୂନ୍ୟଜ୍ଞାନ ।
ନିଶ୍ଚଳ-ବିଂ. (ନିର-ଚଲ୍-ଅ) ସ୍ଥିର ।
ନିଶ୍ଚାୟକ-ବି (ନିଃ-ଚି-ଅକ) ନିଶ୍ଚୟକାରକ ।

ନିଶ୍ଚିତ-ବିଂ. (ନିର୍-ଚି-ତ) ନିଃସଂଶୟ; ନିର୍ଣ୍ଣୀତ ।
ନିଶ୍ଚିନ୍ତ-ବିଂ. (ନିର୍-ଚିନ୍ତା) ଚିନ୍ତାଶୂନ୍ୟ ।
ନିଶ୍ଚେଷ୍ଟ-ବିଂ. (ନିର୍-ଚେଷ୍ଟା) ଚେଷ୍ଟାରହିତ;
ଅଳସ ।
ନିଶ୍ୱସିତ-ବି. (ନି-ଶ୍ୱସ୍-ତ) ନିଶ୍ୱାସ ।
ନିଶ୍ୱାସ-ବି. (ନି-ଶ୍ୱସ୍-ଅ) ନାସାଦ୍ୱାର ଭିତରକୁ
ବାୟୁକୁ ଟାଣିବା ।
ନିଷକ୍ତ-ବିଂ. (ନି-ସନ୍ଜ୍-ତ) ସଂଲଗ୍ନ; ସଂଯୁକ୍ତ ।
ନିଷଙ୍ଗ-ବିଂ. (ନି-ସଞ୍ଜ୍-ଅ) ବାଣାଧାର, ତୂଣୀର ।
ନିଷଣ୍ଣ-ବିଂ. (ନି-ସଦ୍-ତ) ଉପବିଷ୍ଟ; ସ୍ଥିତ ।
ନିଷାଦ-ବି. (ନି-ସଦ୍-ଅ) ଚଣ୍ଡାଳ; ବ୍ୟାଧ ।
ନିଷାଦୀ-ବି. ( ନି-ସଦ୍-ଇନ୍ ) ଗଜାରୋହୀ;
ମାହୁନ୍ତ ।
ନିଷିକ୍ତ-ବିଂ. (ନି-ସିଚ-ତ) ସିକ୍ତ; କ୍ଷରିତ ।
ନିଷିଦ୍ଧ-ବିଂ. (ନି-ସିଧ୍-ତ) ନିବାରିତ ।
ନିଷେକ-ବି. (ନି-ସିଚ୍-ଅ) କ୍ଷରଣ ।
ନିଷେଧ-ବି. (ନି-ସିଧ୍-ଅ) ନିବାରଣ; ମନା ।
ନିଷେଧକ-ବିଂ. ନିବାରକ ।
ନିଷେବିତ-ବିଂ. ( ନି-ସେବ୍-ତ ) ସେବିତ;
ଅନୁସୃତ ।
ନିଷ୍କ-ବି. ସ୍ୱର୍ଣ୍ଣମୁଦ୍ରା; ମୋହର ।
ନିଷ୍କର୍ମା-ବି. (ନିର-କର୍ମନ୍) ନିକମା ।
ନିଷ୍କଣ୍ଟକ-ବିଂ. ( ନିର୍-କଣ୍ଟକ ) କଣ୍ଟକରହିତ;
ନିରାପଦ ।
ନିଷ୍କମ୍ପ-ବିଂ. (ନିର୍-କମ୍ପ) ନିଶ୍ଚଳ; ସ୍ଥିର ।
ନିଷ୍କରୁଣ-ବିଂ. (ନିର୍-କରୁଣା) ନିଷ୍ଠୁର ।

ନିଷ୍କର୍ଷ-ବି. (ନିର୍-କୃଷ୍-ଅ) ସାର ।

ନିଷ୍କଷଣ-ବି. (ନିର୍-କୃଷ୍-ଅନ) ନିଶ୍ଚୟ କରିବା; ଉଦ୍ଧରଣ ।

ନିଷ୍କଳ-ବିଂ. (ନିର୍-କଳା) କଳାଶୂନ୍ୟ; ନିରଂଶ; ବି. ପରଂବ୍ରହ୍ମ । [ନିଃସ୍ପୃହ ।

ନିଷ୍କାମ ବିଂ. (ନିର୍-କାମ) କାମନାରହିତ ;

ନିଷ୍କାସନ-ବି. (ନିର୍-କସ୍-ଣିଚ୍-ଅନ)ବହିଷ୍କରଣ;

ନିଷ୍କାସିତ-ବିଂ. (ନିର୍-କସ୍-ଣିଚ୍-ତ) ବହିଷ୍କୃତ, ତାଡ଼ିତ ।

ନିଷ୍କୃତି-ବି. (ନିର୍-କୃ-ତି) ଉଦ୍ଧାର; ପ୍ରତିଶୋଧ ।

ନିଷ୍କୋଷଣ-ବି. (ନିଃ-କୁଷ୍-ଅନ) କୋଷରୁ ନିଃସାରଣ ।

ନିଷ୍କୋଷିତ ବିଂ. କୋଷରୁ ନିଃସାରିତ ।

ନିଷ୍କ୍ରମଣ-ବି. (ନିଃ-କ୍ରମ୍-ଅନ) ବହିର୍ଗମନ ।

ନିଷ୍କ୍ରୟ-ବି. (ନିଃ-କ୍ରୀ-ଅ) ମୂଲ୍ୟ; ପ୍ରତିଶୋଧ; ବିକ୍ରୟ ।

ନିଷ୍କ୍ରାନ୍ତ ବିଂ. (ନିଃ-କ୍ରମ୍-ତ) ବହିର୍ଗତ ।

ନିଷ୍କ୍ରିୟ-ବିଂ. (ନିଃ-କ୍ରିୟା) କ୍ରିୟାଶୂନ୍ୟ ।

ନିଷ୍ଠା-ବି. (ନିର୍-ସ୍ଥା) ନିଶ୍ଚିତସ୍ଥିତି, ପ୍ରଗାଢ଼ଶ୍ରଦ୍ଧା ।

ନିଷ୍ଠିତ-ବିଂ. ନିଷ୍ଠାଯୁକ୍ତ ।

ନିଷ୍ଠୀବନ ବି. (ନି-ଷ୍ଠିବ୍-ଅନ) ଛେପ ।

ନିଷ୍ଠୁର-ବିଂ. (ନି-ସ୍ଥା-ଉର) କ୍ରୂର; ନିର୍ଦ୍ଦୟ ।

ନିଷ୍ଣାତ ବିଂ. (ନି-ସ୍ନା-ତ) ପ୍ରବୀଣ ।

ନିଷ୍ପତ୍ତି ବି. (ନିର୍ ପଦ୍-ତି) ଅବଧାରଣ; ମୀମାଂସା । [ସମ୍ପନ୍ନ ।

ନିଷ୍ପନ୍ନ ବିଂ. (ନିର୍-ପଦ୍-ତ) ସିଦ୍ଧ; ସମାପ୍ତ;

ନିଷ୍ପାଦନ-ବି. (ନିର୍-ପାଦ-ଅନ)ନିଷ୍ପତ୍ତିକରଣ ।

ନିଷ୍ପାଦିତ-ବିଂ. (ନିର୍-ପାଦ-ତ) ସମ୍ପାଦିତ; ନିର୍ବାହିତ । (ଚିପୁଡ଼ିବା ।

ନିଷ୍ପୀଡ଼ନ-ବି. (ନିର୍-ପୀଡ଼୍-ଅନ) ନିଗାଡ଼ିବା ।

ନିଷ୍ପେଷଣ-ବି. (ନିର୍-ପିଷ୍-ଅନ) ପେଷଣ; ଚୂର୍ଣ୍ଣନ ।

ନିଷ୍ପ୍ରଭ-ବିଂ. (ନିର୍-ପ୍ରଭା) ପ୍ରଭାଶୂନ୍ୟ; ନିସ୍ତେଜ ।

ନିଷ୍ପ୍ରୟୋଜନ-ବିଂ. (ନିର୍-ପ୍ର-ଯୁଜ୍-ଅନ) ପ୍ରୟୋଜନଶୂନ୍ୟ ।

ନିଷ୍ଫଳ-ବିଂ. (ନିର ଫଳ) ଫଳଶୂନ୍ୟ; ନିରର୍ଥକ ।

ନିଃ-(ଉପସର୍ଗ) ନିଷେଧ, ନିଶ୍ଚୟ, ଅତ୍ୟନ୍ତ; ଅଭାବ ପ୍ରଭୃତି-ବୋଧକ ।

ନିସର୍ଗ-ବି. (ନି-ସୃଜ୍-ଅ) ସୃଷ୍ଟି, ପ୍ରକୃତି ।

ନିସାପ-ବି. ବଉର । [ବିନାଶକାରୀ ।

ନିସୂଦନ-ବି. (ନି-ସୂଦ୍-ଅନ) ବିନାଶନ; ବିଂ.

ନିସୃଷ୍ଟ-ବିଂ. (ନି-ସୃଜ୍-ତ) ପ୍ରେରିତ; ନ୍ୟସ୍ତ ।

ନିସ୍ତବ୍ଧ ବିଂ. (ନି-ସ୍ତମ୍ଭ୍-ତ) ସ୍ତମ୍ଭିତ, ବସ୍ତୁପ୍ରରେ ଜଡ଼ୀଭୂତ । [ପାରିବା ।

ନିସ୍ତରିବା-କ୍ରି. (ନିର୍-ତୃ-ଧାତୁରୁ) ଉଦ୍ଧାର

ନିସ୍ତଳ-ବିଂ. (ନିଃ-ତଲ୍-ଅ) ବର୍ତ୍ତୁଳ ।

ନିସ୍ତାର-ବି. (ନିର-ତୃ-ଅ) ଉଦ୍ଧାର ।

ନିସ୍ତାରଣ-ବି. (ନିର୍-ତୃ ଣିଚ୍-ଅନ) ଉଦ୍ଧାର, ମୁକ୍ତି ।

ନିସ୍ତେଜ ବିଂ. (ନିର୍-ତେଜ୍-ଅ) ତେଜୋହୀନ ।

ନିସ୍ପନ୍ଦ-ବିଂ. (ନି-ସ୍ପନ୍ଦ୍-ଅ) ସ୍ପନ୍ଦନରହିତ; ସ୍ଥିର ।

ନିସ୍ପୃହ-ବିଂ. (ନି-ସ୍ପୃହା) ଆକାଂକ୍ଷାରହିତ ;

ନିସ୍ୟନ୍ଦ-ବି. (ନି-ସ୍ୟନ୍ଦ୍-ଅ) କ୍ଷରଣ ।

ନିସ୍ୟନ୍ଦିତ-ବିଂ. କ୍ଷରିତ ।

ନିସ୍ରବ-ବି. (ନି-ସ୍ରୁ-ଅ) କ୍ଷରଣ; କ୍ଷରିତରସ ।

ନିଃସ୍ୱ ବିଂ. (ନିର୍-ସ୍ୱ) ନିର୍ଦ୍ଧନ ।

ନିସ୍ୱନ-ବି. (ନି-ସ୍ୱନ୍-ଅ) ଧ୍ୱନି; ଶବ୍ଦ ।

ନିହତ-ବିଂ. (ନି-ହନ୍-ତ) ହତ; ବିନାଶିତ ।

ନିହାଣ ବି. ବଢେଇ ବା ପଥୁରିଆର ଅସ୍ତ୍ରବିଶେଷ ।

ନିହାତି-ବିଂ. ନିତାନ୍ତ (ମନ୍ଦ ଅର୍ଥରେ) ।

ନିହିତ-ବିଂ. (ନି-ଧା-ତ) ସ୍ଥାପିତ; ଅର୍ପିତ ।

ନିହ୍ନବ } ବି. (ନି-ହ୍ନୁ-ଅ, ତ) ଅପହ୍ନବ; ପ୍ରତାରଣା ।
ନିହ୍ନୁତ }

ନୀଚ-ବିଂ. ନିମ୍ନ; ନିକୃଷ୍ଟ ।

ନୀଚତା-ବି. ଅଧମତା; ଅପକୃଷ୍ଟତା ।

ନୀଚାଶୟ-ବିଂ. (ନୀଚ-ଆଶୟ) ନୀଚମନା ।

ନୀଚୈଃ-ଅଂ. ନୀଚ ।

ନୀଡ଼-ବି. (ନି-ଇଡ଼୍-ଅ) ପକ୍ଷୀର ବସା; କୁଲାୟ ।

ନୀତ-ବିଂ. (ନୀ-ତ) ସ୍ୱୀକୃତ ।

ନୀତି ବି. (ନୀ-ତି) ଉଚିତାନୁଚିତ ଜ୍ଞାନ; ସୁଯୁକ୍ତ; ନ୍ୟାୟଅନୁଯାୟୀ-କର୍ମ ।

ନୀତିଜ୍ଞ ବିଂ. (ନୀତି-ଜ୍ଞା-ଅ) ନୀତିଶାସ୍ତ୍ରବିତ୍ ।

ନୀପ ବି. (ନୀ-ପ) କଦମ୍ବଗଛ ।

ନୀବାର-ବି. ତୃଣଧାନ୍ୟ; ବାଲୁଙ୍ଗାଧାନ ।

ନୀବି-ବି. (ନୀବ୍-ଇ) ସ୍ତ୍ରୀମାନଙ୍କର କଟୀବନ୍ଧନ ବସ୍ତ୍ର ।

ନୀୟମାନ-ବିଂ. (ନୀ-ଅନ) ଗୃହ୍ୟମାଣ ।

ନୀର-ବି. (ନୀ-ର) ଜଳ, ରସ ।

ନୀରକ୍ଷ-ବିଂ. (ନିଃ-ରକ୍ଷା) ଅରକ୍ଷ, ଅନାଥ ।

ନୀରଜ-ବି. (ନୀର-ଜନ୍-ଅ) ଜଳଜ; ପଦ୍ମ ।

ନୀରଦ-ବି. (ନୀର୍-ଦା-ଅ) ମେଘ ।

ନୀରନ୍ଧ୍ର-ବିଂ. (ନିର୍-ରନ୍ଧ୍ର) ଘନ; ନିବିଡ଼ ।

ନୀରବ-ବିଂ. (ନିର୍-ରବ) ଶବ୍ଦଶୂନ୍ୟ; ବାକ୍ୟରହିତ ।

ନୀରସ-ବିଂ. (ନିର୍-ରସ) ରସହୀନ; ଶୁଷ୍କ ।

ନୀରାଜନା-ବି. (ନୀର୍-ଅଜ୍-ଅନ୍-ଆ) ଆରତି ।

ନୀର୍ବେଗ ବିଂ. (ନିର୍-ବେଗ) ବେଗଶୂନ୍ୟ; ଦୃଷ୍ଟ ।

ନୀଳ-ବି. ବର୍ଣ୍ଣବିଶେଷ; ବିଂ. ନୀଳବର୍ଣ୍ଣଯୁକ୍ତ ।

ନୀଳ-କଣ୍ଠ-ବି. ଶିବ; ମୟୂର ।

ନୀଳ-କାନ୍ତ-ବି. ଇନ୍ଦ୍ରନୀଳମଣି ।

ନୀଳା-ବି. ନୀଳକାନ୍ତମଣି ।

ନୀଳାଚଳ-ବି. (ନୀଳ-ଅଚଳ) ନୀଳଗିରି; ପୁରୁଷୋତ୍ତମ କ୍ଷେତ୍ର ।

ନୀଳାମ୍ବୁ-ବି. (ନୀଳ-ଅମ୍ବୁ-ଯାହାର) ସମୁଦ୍ର ।

ନୀଳିମା-ବି. (ନୀଳ-ଇମନ୍) ନୀଳତ୍ୱ; ନୀଳବର୍ଣ୍ଣ ।

ନୀଳୋତ୍ପଳ-ବି. (ନୀଳ-ଉତ୍ପଳ) ନୀଳକଇଁ; ଇନ୍ଦୀବର ।

ନୀଶାର-ବି. ହିମନିବାରକ ଆବରଣ ବସ୍ତ୍ର ।

ନୀହାର-ବି. ହିମ ।

ନୀହାରିକା-ବି. ଚକ୍ଷୁର ଅଗୋଚର ନକ୍ଷତ୍ରପୁଞ୍ଜ ।

ନୁଆଁଇବା-କ୍ରି. (ନମ୍‌ଧାତୁଜ) ନତ କରିବା ।

ନୁଲୁକ୍ଷଣୀ-ବିଂ. (ନିଃ-ଲକ୍ଷଣ) ସୁଲକ୍ଷଣହୀନ; ଲକ୍ଷ୍ମୀଛଡ଼ା ।

ନୁଖୁରୁ-ବିଂ. ମାଂଶଳ; ଅତିକ୍ଷୀଣ ।
ନୁଣ୍ଡ୍ରା-ବି. ଜଳନ୍ତା ତୃଣପିଣ୍ଡ ।
ନୁତି-ବି. (ନୁ-ତି) ସ୍ତୁତି; ପ୍ରଣାମ ।
ନୂଆ-ବିଂ. (ନୂତନଶବ୍ଦଜ) ନୂତନ ।
ନୂତନ-ବିଂ. (ନୁ-ତନ) ନବୀନ; ନୂଆ ।
ନୂପୁର-ବି. (ନୂ-ପୃ-ଅ) ପଦଭୂଷଣ; ନେପୁର ।
ନୃ-ବି. (ନୀ-ଋ) ନର; ପୁରୁଷ । [ଜାତି ।
ନୃତ୍ୟ-ବି. (ନୃତ୍-ଯ) ସବିଳାସ ଅଙ୍ଗବିକ୍ଷେପ;
ନୃପ, ନୃପତି } ବି. (ନୃ-ପା-ଅ; ନୃ-ପତି) ରଜା; ନରପତି ।
ନୃଶଂସ-ବିଂ. ନୃ-ଶନ୍ସ୍-ଅ) ମନୁଷ୍ୟ ପ୍ରତି ହିଂସ୍ରକ; କ୍ରୂର । [ବିଶେଷ ।
ନୃସିଂହ-ବି. (ନୃ-ସିଂହ) ବିଷ୍ଣୁଙ୍କର ଅବତାର-
ନେଉଟିଆ-ବି. ଶାକବିଶେଷ ।
ନେଉଟିବା-କ୍ରି. (ନି-ବୃତ୍ଧାତୁରୁ) ଫେରିବା ।
ନେଉଳ-ବି. (ନକୁଳଶବ୍ଦଜ) ଜନ୍ତୁବିଶେଷ ;
ନେଙ୍ଗଡ଼ା-ବିଂ. ଖୋଟା । [ସର୍ପ ଶତ୍ରୁ ।
ନେଡ଼ି-ବି. କରତଳ ।
ନେତ-ବି. (ନେତ୍ରଶବ୍ଦଜ)ବସ୍ତ୍ରବିଶେଷ; ପତାକା ।
ନେତା-ବି. (ନୀ-ତୃ) ନାୟକ; ଦଳପତି; ପ୍ରଭୁ ।
ନେତୃତ୍ୱ-ବି. (ନୀ-ତୃ-ତ୍ୱ) ଅଧ୍ୟକ୍ଷତା ।
ନେଞ୍ଜୁଳି-ବି. ପଳିଅ; ଆଖିର ମଇଳା ।
ନେତ୍ର-ବି. (ନୀ-ତ୍ର) ଚକ୍ଷୁ; ବସ୍ତ୍ରବିଶେଷ ।
ନେତ୍ରାମ୍ବୁ-ବି. (ନେତ୍ର-ଅମ୍ବୁ) ଅଶ୍ରୁ ।
ନେଦିଷ୍ଠ ବିଂ. (ଅନ୍ତିକ-ଇଷ୍ଠ) ଅତିନିକଟ ।
ନେପଥ୍ୟ-ବି. ସଜ୍ଜାଗୃହ; ବେଶ; ଅଳଙ୍କାର ।
ନେପୁର-ବି. ( ନୂପୁରଶବ୍ଦଜ ) ପାଦଭୂଷଣ-
ନେଫଡ଼ା-ବି. ଫଳବିଶେଷ । [ବିଶେଷ ।
ନେମି-ବି. (ନୀ-ମି) ଚକ୍ରର ପ୍ରାନ୍ତ; ଚକ୍ରଧାର ।
ନେଳୀ-ବି. (ନୀଳଶବ୍ଦଜ) ନୀଳବର୍ଣ୍ଣ ।
ନେବା-କ୍ରି.ବି. (ନୀଧାତୁଜ) ଘେନିବାର ।
ନେସିବା-କ୍ରି. ଲେପିବା ।
ନୈକଟ୍ୟ-ବି. (ନିକଟ-ଯ) ସାମୀପ୍ୟ; ନିକଟତ୍ୱ ।
ନୈପୁଣ୍ୟ-ବି. (ନିପୁଣ-ଯ) ଦକ୍ଷତା;ନିପୁଣତା ।
ନୈମିତ୍ତିକ-ବିଂ. (ନିମିତ୍ତ-ଇକ) ପ୍ରୟୋଜନାର୍ଥକ ।
ନୈମିଷ-ବି. ନୈମିଷ ଅରଣ୍ୟ ନାମକ ପୁଣ୍ୟତୀର୍ଥ ।
ନୈୟାୟିକ-ବିଂ. (ନ୍ୟାୟ-ଇକ) ନ୍ୟାୟଶାସ୍ତ୍ରଜ୍ଞ; ତାର୍କିକ ।
ନୈରାଶ୍ୟ-ବି. (ନିରାଶ-ଯ) ଆଶାଶୂନ୍ୟତା ।
ନୈଋତ-ବି.(ନିଋତି-ଅ)ଦକ୍ଷିଣ-ପଶ୍ଚିମ କୋଣ, ରାକ୍ଷସ । [ନିବେଦନୀୟ ଦ୍ରବ୍ୟ ।
ନୈବେଦ୍ୟ-ବି. (ନିବେଦ-ଯ) ଦେବୋଦ୍ଦେଶ
ନୈଶ-ବିଂ. (ନିଶା-ଅ) ରାତ୍ରିକାଳୀନ; ରାତ୍ରି-ସମ୍ବନ୍ଧୀୟ ।
ନୈଷ୍ଠିକ-ବିଂ. (ନିଷ୍ଠା-ଇକ) ନିଷ୍ଠାପର ।
ନୈଷ୍ଠୁର୍ଯ୍ୟ-ବି. (ନିଷ୍ଠୁର-ଯ) ନିଷ୍ଠୁରତା ।
ନୈସର୍ଗିକ-ବିଂ. ( ନିସର୍ଗ-ଇକ ) ସ୍ୱାଭାବିକ; ପ୍ରାକୃତିକ ।

ନୋ-ଅ°. ନା; ନାହିଁ; ନିଷେଧ ।

ନୋଠା-ବି. ପିତ୍ତଳ ଥାଳ ।

ନୋଦନ-ବି. (ନୁଦ୍-ଅନ) ପ୍ରେରଣ; ନିବାରଣ ।

ନୋଳି-ବି. କର୍ଣ୍ଣାଭରଣବିଶେଷ ।

ନୋହିଲେ-ଅ°. ନଚେତ୍ ।

ନୌ } ବି. ( ନୁଦ୍ ଔ; କ-ଅ ) ତରଣୀ;
ନୌକା } ଜଳଯାନ ।

ନୌ-ବିଦ୍ୟା-ବି. ନାବିକ-ବିଦ୍ୟା ।

ନ୍ୟକ୍କାର-ବି. (ନ୍ୟକ୍-କାର) ଘୃଣା ।

ନ୍ୟଗ୍ରୋଧ-ବି. (ନ୍ୟକ୍-ରୋଧ) ବଟବୃକ୍ଷ ।

ନ୍ୟସ୍ତ-ବି°. ( ନି-ଅସ୍-ତ ) ନିକ୍ଷିପ୍ତ ; ତ୍ୟକ୍ତ ;
ଅର୍ପିତ । [ଶାସ୍ତ୍ର ।

ନ୍ୟାୟ-ବି. (ନି-ଇ-ଅ) ଯାଥାର୍ଥ୍ୟ; ଯୁକ୍ତି; ତର୍କ-

ନ୍ୟାୟ-ପର-ବି°. ନ୍ୟାୟବାନ୍ ।

ନ୍ୟାଯ୍ୟ-ବି°. (ନ୍ୟାୟ-ଯ) ଯଥାର୍ଥ; ଉଚିତ ।

ନ୍ୟାୟୀ-ବି°. (ନ୍ୟାୟ-ଇନ୍) ନ୍ୟାୟବାନ୍; ନ୍ୟାୟ-
ପରାୟଣ ।

ନ୍ୟାସ-ବି. (ନି-ଅସ୍-ଅ) ନିକ୍ଷେପ; ଅର୍ପଣ ।
ତ୍ୟାଗ; ଗଚ୍ଛିତ ବସ୍ତୁ; ନାସିକାକୁ ଧରି
ନିଶ୍ୱାସର ଗ୍ରହଣ ଓ ତ୍ୟାଗ ସହିତ ମନ୍ତ୍ର-
ପ୍ରୟୋଗ ।

ନ୍ୟୁବ୍ଜ-ବି°. (ନି-ଉବ୍ଜ) ବକ୍ର; ବୃହଦଣ୍ଡ ବା ଧନୁର
ଉତରଅଡ଼; ଉଦରାକାର ।

ନ୍ୟୂନ-ବି°. (ନି-ଊନ) ଅଳ୍ପ; ଊଣା ।

ନ୍ୟୂନତା-ବି. (ନ୍ୟୂନ-ତା) ଅଳ୍ପତା; କ୍ଷୁଦ୍ରତା ।

# ପ

ବ୍ୟଞ୍ଜନ ବର୍ଣ୍ଣର ଏକବିଂଶ ବର୍ଣ୍ଣ ।

ପ-(ପା-ଅ) ପାନକାରୀ; ପାଳନକର୍ତ୍ତା; ରକ୍ଷା
(ଶବ୍ଦାନ୍ତେ ପ୍ରଯୁକ୍ତ) ।

ପଁଅଚି-ବି. ଛୁଞ୍ଚୁଣୀ ।

ପଇ-ବି. କ୍ଷୁଦ୍ର ଜାଲୀ ।

ପଇଞ୍ଚି-ବି. ହସ୍ତାଭରଣ ବିଶେଷ ।

ପଇଠାଇବା-କ୍ରି. ମନରେ ପ୍ରବେଶ କରାଇବା ;
ଅଭ୍ୟାସ କରିବା ।

ପଇଠ-ବି. (ପ୍ରବିଷ୍ଟ-ଶବ୍ଦଜ) ପ୍ରବେଶ କରାଇବା;
କିସ୍ତିବନ୍ଦୀ ଅନୁସାରେ ଦେବା ।

ପଇଡ଼-ବି. (ପ୍ରୟୋଦଶବ୍ଦଜ) କଞ୍ଚି ନଡ଼ିଆ ।

ପଇତା-ବି. (ପବିତ୍ରଶବ୍ଦଜ) ଯଜ୍ଞୋପବୀତ ।

ପଇଡ଼-ବି. ରକ୍ଷାଡାଲି ।

ପଇଁତିରିଶି-ବି°. ସଂଖ୍ୟାବିଶେଷ; ୩୫ ।

ପଇସା-ବି. ତାମ୍ରମୁଦ୍ରା ।

ପକାଇବା-କ୍ରି. ନିକ୍ଷେପ କରିବା । [ଗରା ।

ପକ୍କା-ବି°. (ପକ୍ୱଶବ୍ଦଜ,ଦୃଢ; ପଥର ବା ଇଟାରେ

ପକ୍ତା-ବି. (ପଚ୍-ତୃ) ଯେ ପାକ କରେ; ପାଚକ ।

ପକ୍ୱ-ବି°. (ପଚ୍-ତ) ପରିଣତ; ପାଚିଲା ।

ପକ୍ଷ-ବି. (ପକ୍ଷ୍-ଅ) ପକ୍ଷୀର ଡେଣା; ବାଣର
ପୁଙ୍ଖ; ପଞ୍ଚଦଶ ଦିନ ପରିମିତ କାଳ; ପ୍ରତି-
ପଦ୍‌ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୁକ୍ଳପକ୍ଷ; ପ୍ରତିପଦ୍-
ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ କୃଷ୍ଣପକ୍ଷ ।

ପକ୍ଷ-ଦ୍ୱାର-ବି. ପାର୍ଶ୍ୱଦ୍ୱାର; ଖିଡ଼କିଦ୍ୱାର ।

ପକ୍ଷପାତ-ବି. ( ପକ୍ଷ-ପାତ ) ଏକପକ୍ଷ ପ୍ରତି
ଅନୁରାଗ ।

ପକ୍ଷପାତିତା-ବି. ( ପକ୍ଷପାତିନ୍-ତା ) ଏକପକ୍ଷ ପ୍ରତି ଅନୁଗ୍ରହ । [ ଅନୁଗ୍ରହକାରୀ ।

ପକ୍ଷପାତୀ ବିଂ. ( ପକ୍ଷ-ପତ୍-ଇନ୍ ) ଏକପକ୍ଷ ପ୍ରତି

ପକ୍ଷାଘାତ-ବି. (ପକ୍ଷ-ଆଘାତ) ରୋଗବିଶେଷ ।

ପକ୍ଷାନ୍ତର-ବି. (ପକ୍ଷ-ଅନ୍ତର) ଅନ୍ୟପକ୍ଷ ।

ପକ୍ଷିଣୀ-ବି. (ପକ୍ଷ-ଇନ୍-ଈ) ବିହଗୀ; ସ୍ତ୍ରୀପକ୍ଷୀ ।

ପକ୍ଷିରାଜ ବି. (ପକ୍ଷିନ୍-ରାଜନ୍) ଗରୁଡ଼ ।

ପକ୍ଷୀ-ବି. (ପକ୍ଷ-ଇନ୍) ଚଢ଼େଇ; ବିହଙ୍ଗ ।

ପକ୍ଷୀନ୍ଦ୍ର-ବି. (ପକ୍ଷିନ୍-ଇନ୍ଦ୍ର) ଗରୁଡ଼; ଖଗେଶ୍ୱର ।

ପକ୍ଷ୍ମ-ବି. ନେତ୍ରଲୋମ ।

ପଖା-ବି. (ପକ୍ଷଶବ୍ଦଜ) ଡେଣା; ଚୁଲ୍ଲୀର ହିଙ୍କା ।

ପଖାଳ ବି. (ପ୍ର-କ୍ଷାଲ୍‌ଧାତୁରୁ) ଜଳରେ ପ୍ରକ୍ଷାଳିତ ଭାତ ।

ପଖାଳିବା-କ୍ରି. (କ୍ଷାଲ୍‌ଧାତୁରୁ) ଧୋଇବା ।

ପଖିଆ-ବି. ତାଳପତ୍ରର ଆଚ୍ଛାଦନୀବିଶେଷ ।

ପଖୁଆଜ-ବି. ବାଦ୍ୟଯନ୍ତ୍ର-ବିଶେଷ ।

ପଗଡ଼ି-ବି. ଉଷ୍ଣୀଷ ।

ପଗାର-ବି. ପୋସ୍ତାସହିତ ବାଡ଼ାବନ୍ଦ ।

ପଘା-ବି. ଗୋରୁ ଓ ବାଛୁର ବାନ୍ଧିବାର ଦଉଡ଼ି ।

ପଙ୍କ-ବି. (ପନ୍ଚ୍-ଅ) କର୍ଦ୍ଦମ; ପାପ । [ଜାତ ।

ପଙ୍କଜ-ବି. (ପଙ୍କ-ଜନ୍-ଅ) ପଦ୍ମ; ବିଂ. ପଙ୍କରୁ

ପଙ୍କଜିନୀ-ବି. (ପଙ୍କଜ-ଇନ୍ ଈ ) ପଦ୍ମିନୀ; ପଦ୍ମ-ପୁଷ୍କରଣୀ ।

ପଙ୍କିଳ-ବିଂ. (ପଙ୍କ-ଇଲ) ପଙ୍କଯୁକ୍ତ; କର୍ଦ୍ଦମଯୁକ୍ତ ।

ପଂକ୍ତି-ବି. ( ପନ୍ଚ୍ ତି) ଶ୍ରେଣୀ, ପନ୍ତି; ଧାଡ଼ି ।

ପଙ୍ଗତ-ବି. (ପଂକ୍ତିଶବ୍ଦଜ) ଏକ ପଂକ୍ତିରେ ବସି ଆହାର ।

ପଙ୍ଗୁ-ବିଂ. ବିକଳପାଦ, ଛୋଟା ।

ପଚନ-ବି. (ପଚ୍-ଅନ) ପାକ; ରନ୍ଧନ ।

ପଚ୍ରି-ବିଂ. (ପଚ୍‌ଧାତୁରୁ) ସଢ଼ା ।

ପଚ୍ରିବା-କ୍ରି. ପୁଚ୍ଛିବା, ପ୍ରଶ୍ନ କରିବା ।

ପଚାଶ-ବିଂ. ପଞ୍ଚବିଂଶତି; ୨୫ ।

ପଚେଳିମ-ବିଂ. (ପଚ୍-କେଳିମ) ସ୍ୱୟଂ ପକ୍ୱ ।

ପଛ-ବି. (ପଶ୍ଚାତ୍‌ଶବ୍ଦଜ) ପୃଷ୍ଠଦେଶ ।

ପଜାଇବା-କ୍ରି. ଦାତକରିବା ।

ପଞ୍ଝା ବି. (ପ୍ରା) ସେମନ୍ତ୍ର; ପାକୁଳି କରିବା; ଚର୍ବିତ ଚର୍ବଣ ।

ପଞ୍ଚ-ବିଂ. (ପନ୍ଚ୍-ଅ) ପାଞ୍ଚ; ୫ ।

ପଞ୍ଚକ-ବି. ( ପଞ୍ଚନ୍-କ ) ପଞ୍ଚର ସମୂହ; କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ।

ପଞ୍ଚକୋଷ-ବି. ବେଦାନ୍ତ ମତରେ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦ-ମୟ, ଏମାନେ ଏହି ପଞ୍ଚକୋଷ ।

ପଞ୍ଚଗବ୍ୟ-ବି. ଦଧି, ଦୁଗ୍ଧ, ଘୃତ, ଗୋମୟ ଏବଂ ଗୋମୂତ୍ର ଏହି ପାଞ୍ଚ ।

ପଞ୍ଚ-ତତ୍ତ୍ୱ-ବି. ସାଂଖ୍ୟମତରେ କ୍ଷିତି, ତେଜ, ଜଳ, ବାୟୁ ଓ ଆକାଶ ଏହି ପଞ୍ଚତତ୍ତ୍ୱ ।

ପଞ୍ଚ-ତନ୍ମାତ୍ର-ବି. ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଏହି ପାଞ୍ଚ ।

ପଞ୍ଚତା } ପଞ୍ଚତ୍ୱ } ବି. ( ପଞ୍ଚନ୍-ତା, ତ୍ୱ ) ଶରୀରର ପଞ୍ଚ-ତତ୍ତ୍ୱର ପୃଥକ୍‌ଭାବେ ପଞ୍ଚଭୂତ ସଙ୍ଗେ ମିଳନ; ମରଣ ।

ପଞ୍ଚଦଶ-ବି. (ପଞ୍ଚନ୍-ଦଶନ୍-ଅ) ପନ୍ଦର ସଂଖ୍ୟାର ପୂରକ । [ପୂର୍ଣ୍ଣିମା ।

ପଞ୍ଚଦଶୀ-ବି. (ପଞ୍ଚଦଶ-ଈ) ଅମାବାସ୍ୟା ;

ପଞ୍ଚଧା-କ୍ରି. ବି. (ପଞ୍ଚନ୍-ଧା) ପାଞ୍ଚପ୍ରକାର ।

ପଞ୍ଚନଦ-ବି. (ପଞ୍ଚନ୍-ନଦୀ) ଶତଦ୍ରୁ, ବିପାଶା, ଇରାବତୀ, ଚନ୍ଦ୍ରଭାଗା ଓ ବିତସ୍ତା ଏହି ପଞ୍ଚନଦୀ-ଯୁକ୍ତ ଦେଶ; ପଞ୍ଜାବ ।

ପଞ୍ଚନିମ୍ବ-ବି. (ପଞ୍ଚନ୍-ନିମ୍ବ) ନିମ୍ବବୃକ୍ଷର ପତ୍ର, ତ୍ୱକ୍, ପୁଷ୍ପ, ଫଳ ଓ ମୂଳ ।

ପଞ୍ଚପ୍ରାଣ-ବି. ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ, ଶରୀରସ୍ଥ ଏହି ପଞ୍ଚବାୟୁ ।

ପଞ୍ଚଭୂତ-ବି. (ପଞ୍ଚନ୍-ଭୂତ) କ୍ଷିତି, ଜଳ, ତେଜଃ, ମରୁତ୍ ଓ ବ୍ୟୋମ ଏହି ପଞ୍ଚ ମହାଭୂତ ।

ପଞ୍ଚମ-ବିଂ. (ପଞ୍ଚନ୍-ମ) ପାଞ୍ଚର ପୂରଣ; ବି. ସ୍ୱର-ବିଶେଷ; କୋକିଳର ରବ ।

ପଞ୍ଚମହାଯଜ୍ଞ-ବି. ମନୁସଂହିତା ମତରେ ଦେବ-ଯଜ୍ଞ, ଭୂତଯଜ୍ଞ, ପିତୃଯଜ୍ଞ, ବ୍ରହ୍ମଯଜ୍ଞ ଓ ନୃଯଜ୍ଞ ଗୃହସ୍ଥର ଏହି ପଞ୍ଚଯଜ୍ଞ ବା ନିତ୍ୟ କର୍ତ୍ତବ୍ୟ କର୍ମ ।

ପଞ୍ଚମୀ-ବି. (ପଞ୍ଚମ-ଈ) ତିଥିବିଶେଷ ।

ପଞ୍ଚମୁଖ-ବି. (ପଞ୍ଚନ୍ ମୁଖ) ଶିବ; ସିଂହ ।

ପଞ୍ଚଯଜ୍ଞ-ବି. (ପଞ୍ଚନ୍-ଯଜ୍ଞ) ବ୍ରହ୍ମଯଜ୍ଞ, ନୃଯଜ୍ଞ, ଦୈବଯଜ୍ଞ, ପିତୃଯଜ୍ଞ, ଭୂତଯଜ୍ଞ ।

ପଞ୍ଚରତ୍ନ-ବି. (ପଞ୍ଚନ୍-ରତ୍ନ) କନକ, ହୀରକ, ମୁକ୍ତା, ନୀଳକାନ୍ତ ଓ ପଦ୍ମରାଗ ଏହି ପାଞ୍ଚ ।

ପଞ୍ଚଲୌହ-ବି. ( ପଞ୍ଚନ୍-ଲୌହ ) ସୁବର୍ଣ୍ଣ, ରଜତ, ତାମ୍ର, ରଙ୍ଗ ଓ ସୀସକ ଏହି ପଞ୍ଚ-ଧାତୁ ।

ପଞ୍ଚବଟୀ-ବି. ଦଣ୍ଡକାରଣ୍ୟସ୍ଥ ବନବିଶେଷ ।

ପଞ୍ଚବାଣ } ବି. (ପଞ୍ଚନ୍-ବାଣ, ଶର) କନ୍ଦର୍ପର
ପଞ୍ଚଶର } ପଞ୍ଚବାଣ ଯଥା, ଅଶୋକ, ଅରବିନ୍ଦ, ଚୂତ, ନବମାଳିକା, ନୀଳୋତ୍ପଳ ।

ପଞ୍ଚାଙ୍ଗ-ବି. (ପଞ୍ଚନ-ଅଙ୍ଗ) ତିଥି, ବାର, ନକ୍ଷତ୍ର, ଯୋଗ ଓ କରଣ, ଜ୍ୟୋତିଷିକକାଳର ଏହି ପାଞ୍ଚଅଙ୍ଗ; ପଞ୍ଜିକା ।

ପଞ୍ଚାନନ-ବି. (ପଞ୍ଚନ୍-ଆନନ) ଶିବ; ସିଂହ ।

ପଞ୍ଚାମୃତ-ବି. (ପଞ୍ଚନ୍-ଅମୃତ) ଦଧି, ଦୁଗ୍ଧ, ଘୃତ, ମଧୁ ଓ ଶର୍କରା ଏହି ପାଞ୍ଚ । [ବିଶେଷ ।

ପଞ୍ଚାୟତ-ବି. କୌଣସି ବିଷୟ ନିଷ୍ପତ୍ତି କରିବା-ପାଇଁ ପାଞ୍ଚଜଣଙ୍କର ସଭା । [ବିଶେଷ ।

ପଞ୍ଚାଳ-ବି. ପ୍ରାଚୀନ ଭାରତବର୍ଷର ପ୍ରଦେଶ-

ପଞ୍ଚାଶତ୍-ବିଂ. ପଚାଶ ସଂଖ୍ୟା, ୫୦ ।

ପଞ୍ଚାଶୀତି-ବିଂ. (ପଞ୍ଚ-ଅଶୀତି) ୮୫ ସଂଖ୍ୟା ।

ପଞ୍ଚେନ୍ଦ୍ରିୟ-ବି. ( ପଞ୍ଚନ୍-ଇନ୍ଦ୍ରିୟ ) ଚକ୍ଷୁ, କର୍ଣ୍ଣ, ନାସିକା, ତ୍ୱକ୍ ଓ ଜିହ୍ୱା ଏହି ପାଞ୍ଚ ଇନ୍ଦ୍ରିୟ ।

ପଞ୍ଚେଷୁ-ବି. ( ପଞ୍ଚନ୍-ଇଷୁ ) ପଞ୍ଚଶର; କନ୍ଦର୍ପ ।

ପଞ୍ଜର-ବି. (ପଜ୍-ଅର) ପିଞ୍ଜର; କଙ୍କାଳ ।

ପଞ୍ଜିକା } ବି. ପାଞ୍ଜି; ତିଥିନକ୍ଷତ୍ରାଦି କାଳଜ୍ଞାପକ
ପଞ୍ଜୀ } ଗ୍ରନ୍ଥ ।

ପଞ୍ଜୀକର-ବି. ଯେ ପାଞ୍ଜି ପ୍ରସ୍ତୁତ କରେ ।

ପଞ୍ଜୁରି-ବି. (ପଞ୍ଜରଶବ୍ଦଜ) ପଞ୍ଜର ।

ପଞ୍ଝା-ବି. ଦଳ ; ସମୂହ ।

ପଟ-ବି. (ପଟ୍-ଅ) ବସ୍ତ୍ର ; ଚିତ୍ରପଟ; ଯବନିକା ।

ପଟ-ବି. ଯୋଡାକ ମଧ୍ୟରୁ ଏକ ଖୋଡା ।

ପଟକା-ବ. ବାରୁଦ-ପୂରିତ ତାଲପତ୍ର-ବନ୍ଧ ।
ପଟଣା-ବ. (ପଟ୍ଟନଶବ୍ଦଜ) ଗ୍ରାମପୁଞ୍ଜ ।
ପଟ-ମଣ୍ଡପ-ବ. ତମ୍ବୁ ।
ପଟଳ-ବ. (ପଟ୍-ଅଳ) ଚାଳ; ସମୂହ; ଚକ୍ଷୁ-ରୋଗବିଶେଷ ।
ପଟହ-ବ. (ପଟ-ହା-ଅ) ନାଗରା; ରଣଢକ୍କା ।
ପଟା-ବ. ତକ୍ତା ।
ପଟାନ୍ତର-ବ. (ପଟ-ଅନ୍ତର) ତୁଳନା; ଉପମା ।
ପଟିକା, ପଟୀ-ବ. ବସ୍ତ୍ରବିଶେଷ; ପଲ୍ଲୀ; ଖଜୁରିପତ୍ରର ଚଟାଇ; କ୍ଷତବନ୍ଧନ କନା ।
ପଟିମା-ବ. (ପଟୁ-ଇମନ୍) ପଟୁତା; ଦକ୍ଷତା ।
ପଟୁ-ବିଂ. ନିପୁଣ; ଚତୁର ।
ପଟୁଆର-ବ. ଜମି ମାପିବାର କର୍ମଚାରୀ ।
ପଟୋଳ-ବ. ଲତାବିଶେଷ ଓ ତାହାର ଫଳ ।
ପଟ୍ଟ-ବ. (ପଟ୍-ତ) ରାଜାସନ; ଫଳକ; ପଟ; ପାଟଲୁଗା; ବିଂ. ପ୍ରଧାନ ।
ପଟ୍ଟ-ଗୃହ-ବ. ତମ୍ବୁ; ବସ୍ତ୍ରନିର୍ମିତ ଗୃହ ।
ପଟ୍ଟଦେବୀ, ପଟ୍ଟମହିଷୀ-ବ. ପାଟ-ରାଣୀ; ରାଜାର ପ୍ରଧାନ ମହିଷୀ ।
ପଟ୍ଟା-ବ. ଜମି ଭୋଗ କରିବାର ଅନୁମତି-ପତ୍ର ।
ପଟ୍ଟିଶ-ବ. ଯୁଦ୍ଧର ଅସ୍ତ୍ରବିଶେଷ ।
ପଠନ-ବ. (ପଠ୍-ଅନ) ପାଠ; ଅଧ୍ୟୟନ ।
ପଠନୀୟ-ବିଂ. (ପଠ୍-ଅନୀୟ) ପାଠଯୋଗ୍ୟ ।
ପଠା-ବ. ପୁଷ୍ଟବୃଷ; ଗ୍ରାମମଧ୍ୟସ୍ଥ ଗୋଚରସ୍ଥାନ ।
ପଠାଇବା-କ୍ରି. ପ୍ରେରଣ କରିବା ।
ପଠାଣ-ବ. ମୁସଲମାନମାନଙ୍କର ଏକବର୍ଗ ।
ପଠିତ-ବିଂ. (ପଠ୍-ତ) ଅଧୀତ; ଉଚ୍ଚାରିତ ।
ପଠ୍ୟମାନ-ବିଂ. (ପଠ୍-ଯ-ଆନ) ଯାହା ପଢା-ଯାଉଅଛି ।
ପଡା-ବ. ସାହି; ଗ୍ରାମ ବା ନଗରର ଅଂଶ ।
ପଡି-ବ. କୌଣସି ଲୋକର ଭରଣପୋଷଣାର୍ଥ ଦତ୍ତ ନିର୍ଦ୍ଦିଷ୍ଟ ସାହାଯ୍ୟ ।
ପଡିଆ-ବ. (ପତିତଶବ୍ଦଜ) ଅକୃଷ୍ଟ ଭୂମି; ପଦା-ଭୂମି ।
ପଡିବା-କ୍ରି. (ପତ୍ଧାତୁରୁ) ପତିତ ହେବା ।
ପଡିହାରୀ-ବିଂ. (ପ୍ରତିହାରୀଶବ୍ଦଜ) ଦ୍ୱାରପାଳ; ଦେବପୂଜକ ବିଶେଷ ।
ପଡୋଶୀ-ବ. (ପ୍ରତିବାସୀଶବ୍ଦଜ) ପ୍ରତିବାସୀ ।
ପଢା-ବିଂ. ପଠିତ ।
ପଢିବା-କ୍ରି. (ପଠ୍-ଧାତୁରୁ) ପାଠ କରିବା; ଅଧ୍ୟୟନ କରିବା ।
ପଢୁଆ-ବ. (ପଠ୍ଧାତୁରୁ) ଛାତ୍ର; ପାଠକ ।
ପଣ-ବ. (ପଣ୍-ଅ) ପ୍ରତିଜ୍ଞା, ବାଜିମାରିବା; ମୂଲ୍ୟ; ୨୦ ଗଣ୍ଡା ପରିମାଣ ।
ପଣ-ବ. ଭାବ, ଅବସ୍ଥା (ଓଡିଆ ପ୍ରତ୍ୟୟରୂପେ ବ୍ୟବହୃତ ।
ପଣକିଆ-ବ. କାହାଣ ପଣଯୁକ୍ତ ଗୁଣମାଳା ।
ପଣନ୍ତ-ବ. ଶାଢୀର ନାମ ।
ପଣବ-ବ. ବାଦ୍ୟଯନ୍ତ୍ରବିଶେଷ ।
ପଣସ-ବ. ଫଳବିଶେଷ ।
ପଣା-ବ. (ପ୍ରପାନକଶବ୍ଦଜ) ଶର୍କରାମିଶ୍ରିତ ଜଳ ।
ପଣାଙ୍ଗନା-ବ. (ପଣ-ଅଙ୍ଗନା) ବେଶ୍ୟା ।
ପଣାସଂକ୍ରାନ୍ତି-ବ. ମହାବିଷୁବ ସଂକ୍ରାନ୍ତି ।

ପଣୀତ-ବିଂ. ( ପଣ୍-ତ) କ୍ରୀତ; କୀତ ।

ପଣ୍ଡ-ବି. (ପଣ୍ଡ୍-ଅ) ନପୁଂସକ ; ନିଷ୍ଫଳ ।

ପଣ୍ଡା-ବି. (ପଣ୍ଡ୍-ଆ ) ତୀକ୍ଷ୍ଣବୁଦ୍ଧି; ଶାସ୍ତ୍ରଜ୍ଞାନ ; ବ୍ରାହ୍ମଣ-ପଦବୀବିଶେଷ ।

ପଣ୍ଡା-ବି. ପଣ୍ଡିତମନ୍ଦିଷ ।

ପଣ୍ଡିତ-ବିଂ. ( ପଣ୍ଡା-ଇତ ) ଶାସ୍ତ୍ରଜ୍ଞ; ବିଦ୍ୱାନ ; ନିପୁଣ; ଦକ୍ଷ ; ମେଧାବୀ ।

ପଣ୍ଡିତମ୍ମନ୍ୟ-ବିଂ. ଯେ ପଣ୍ଡିତ ବୋଲି ଅଭିମାନ କରେ ।

ପଣ୍ୟ-ବିଂ. ( ପଣ-ଯ) କ୍ରେତବ୍ୟ ; ବ୍ୟବହାର୍ଯ୍ୟ ।

ପଣ୍ୟ-ବୀଥି-ବି. ବିପଣି; ଶ୍ରେଣୀବଦ୍ଧ ଦୋକାନ ।

ପଣ୍ୟ-ଶାଳା-ବି. ଦୋକାନ ; ହାଟ ।

ପଣ୍ୟସ୍ତ୍ରୀ-ବି. ବେଶ୍ୟା ।

ପତଙ୍ଗ } ବି. (ପତ୍-ଗମ୍-ଅ) ଶଲଭ; ଝିଣ୍ଟିକା;
ପତଙ୍ଗମ } ସୂର୍ଯ୍ୟ; ପକ୍ଷି ।

ପତତ୍ର-ବି. (ପତ୍-ତ୍ରୈ-ଅ) ପକ୍ଷୀର ଡେଣା ।

ପତତ୍ରୀ-ବି. ( ପତତ୍ର-ଇନ୍ ) ପକ୍ଷୀ ।

ପତନ-ବି. (ପତ୍-ଅନ) ପଡ଼ିବା; ସ୍ଖଳନ; ପାପ ।

ପତନୀ-ବିଂ. ସରୁ ; ଯଥା, ପତନୀଶାଢୀ ।

ପତରଶଉରୁଣୀ ବି. ପ.ବଙ୍ଗୀୟ ସ୍ତ୍ରୀଜାତିବିଶେଷ ।

ପତାକା-ବି. (ପତ୍-ଅକ-ଆ) ବାନା; ଧ୍ୱଜପଟ ।

ପତାକୀ-ବିଂ. ( ପତାକା-ଇନ୍ ) ପତାକାଧାରୀ ; ପଦାତି ।

ପତି-ବି. ( ପା-ଅତି ) ଭର୍ତ୍ତା ; ପ୍ରଭୁ ।

ପତି-ବି. ( ପତ୍ରଶବ୍ଦରୁ । ଉତ୍କଳେ ପତର, ପତ୍ର ।

ପତିତ-ବିଂ. ( ପତ୍-ତ ) ସ୍ଖଳିତ; ଭ୍ରଷ୍ଟ; ପାପୀ ।

ପତି-ଦେବତା-ବି. ପତି ଦେବତା ଯାହାର ; ସତୀ ।

ପତିତ-ପାବନ-ବି. ପତିତର ତ୍ରାଣକାରୀ ।

ପତି-ପ୍ରାଣା-ବି. ପତିପ୍ରାଣ ଯାହାର ; ସତୀ ।

ପତିମ୍ବରା-ବି. ( ପତି-ବୃ-ଅ ) ସ୍ୱୟଂମ୍ବରା ।

ପତିବ୍ରତା-ବି. ପତି ବ୍ରତ ଯାହାର ; ପତି-ପରାୟଣା ।

ପତ୍ତନ ବି. ( ପତ୍-ତନ ) ପାଟଣା; ନଗର ।

ପତ୍ନୀ-ବି. ( ପତି-ଈ ) ପରିଣୀତା ସ୍ତ୍ରୀ ।

ପତ୍ର-ବି. (ପତ୍-ର ) ପତର ; ପର୍ଣ୍ଣ ; ପୁସ୍ତକାଦିର ପୃଷ୍ଠା; ଚିଠାଉ; ପକ୍ଷ ।

ପତ୍ରିକା } ବି. ( ପତ୍ର-କ-ଆ; ପତ୍ର-ଇନ୍ ) ଲିପି;
ପତ୍ରୀ } ଚିଠି ।

ପତ୍ରୀ-ବି. (ପତ୍ର-ଇନ୍ ) ପକ୍ଷୀ; ବାଣ; ବିଂ. ପତ୍ର-ବିଶିଷ୍ଟ । [ଉପାୟ ।

ପଥ-ବି. ( ପଥ-ଅ ) ରାସ୍ତା ; ମାର୍ଗ ; ବାଟ,

ପଥର-ବି. (ପ୍ରସ୍ତରଶବ୍ଦଜ) ପାଷାଣ ।

ପଥି-ବି. ( ପଥୀଶବ୍ଦଜ ) ରୋଗୀର ବିହିତ ଆହାର ।

ପଥିକ-ବି. (ପଥିନ୍-କ) ବାଟୋଇ ; ଭ୍ରମଣକାରୀ ।

ପଥିକୀ-ବି. ପଥିକ ।

ପଥୁରି-ବି. ପଥର-ମାଟିଆ ।

ପଥୁରିଆ-ବି. ପଥରକାମ ଯେ କରେ ।

ପଥ୍ୟ-ବିଂ. (ପଥି-ଯ) ହିତଜନକ ; ବି. ରୋଗୀର ଯୋଗ୍ୟ ଆହାର ।

ପଥ୍ୟାଶୀ–ବି. (ପଥ୍ୟ-ଅଶ୍-ଇନ୍) ପଥ୍ୟଭୋଜୀ ।

ପଦ–ବି. ( ପଦ୍-ଅ ) ଚରଣ; ଚରଣଚିହ୍ନ ; କାରକଶବ୍ଦ; ସ୍ଥାନ; ପଦବୀ; ପଦ୍ୟାଂଶ ।

ପଦକ–ବି. (ପଦ-କ) କଣ୍ଠଭୂଷଣ ।

ପଦବୀ–ବି. ( ପଦ୍-ଅବ୍-ଈ ) ପଥ ; ଉପାଧି;

ପଦା–ବି. ପଡିଆ । [ବ୍ୟବସାୟ ।

ପଦାଙ୍କ–ବି. (ପଦ-ଅଙ୍କ) ପଦଚିହ୍ନ ।

ପଦାତି } ବି. (ପଦ-ଅତ୍-ଇ-କ) ପାଦଗାମୀ
ପଦାତିକ } ସୈନ୍ୟ; ପାଇକ ।

ପଦାରବିନ୍ଦ–ବି. (ପଦ-ଅରବିନ୍ଦ) ପାଦପଦ୍ମ ।

ପଦାର୍ଥ–ବି. (ପଦ-ଅର୍ଥ) ପଦର ଅର୍ଥ; ବସ୍ତୁ ।

ପର୍ଦ୍ଦିକା–ବି. ଭୂମିପରିମାପକ ଦଣ୍ଡ ।

ପଦ୍ଧତି–ବି. (ପଦ୍-ହନ୍-ତି) ପଥ; ଶ୍ରେଣୀ; ପ୍ରଣାଳୀ; ପଦବୀ ।

ପଦ୍ମ–ବି. (ପଦ୍-ମ) କମଳ; ସଂଖ୍ୟାବିଶେଷ ।

ପଦ୍ମକ–ବି. ଗଜ ଦେହରେ ରକ୍ତବର୍ଣ୍ଣ ବିନ୍ଦୁ ବିନ୍ଦୁ

ପଦ୍ମନାଭ–ବି. (ପଦ୍ମ-ନାଭି) ବିଷ୍ଣୁ । [ଚିହ୍ନ ।

ପଦ୍ମ-ବନ୍ଧୁ–ବି. ସୂର୍ଯ୍ୟ; ଭ୍ରମର ।

ପଦ୍ମଭୂ } ବି. (ପଦ୍ମ-ଭୂ, ଯୋନି) ବ୍ରହ୍ମା ।
ପଦ୍ମଯୋନି }

ପଦ୍ମ-ରାଗ–ବି. ରକ୍ତବର୍ଣ୍ଣ ମଣିବିଶେଷ ।

ପଦ୍ମା–ବି. (ପଦ୍ମ-ଅ) ଲକ୍ଷ୍ମୀ । [ଶୟ ।

ପଦ୍ମାକର–ବି. (ପଦ୍ମ-ଆକର) ପଦ୍ମଯୁକ୍ତ ଜଳା-

ପଦ୍ମାଳୟା–ବି. (ପଦ୍ମ-ଆଳୟ) ଲକ୍ଷ୍ମୀ ।

ପଦ୍ମାସନ–ବି. ( ପଦ୍ମ-ଆସନ ) ବାମ ପାଦକୁ ଦକ୍ଷିଣ ପାଦୋପରି ଓ ଦକ୍ଷିଣ ପାଦକୁ ବାମ ପାଦୋପରି ନ୍ୟାସପୂର୍ବକ ଉପବେଶନ ।

ପଦ୍ମିନୀ–ବି. (ପଦ୍ମ-ଇନ୍-ଈ) କମଳିନୀ; ପଦ୍ମ-ସମୂହ; ସୁଲକ୍ଷଣା ସ୍ତ୍ରୀ ।

ପଦ୍ମିନୀ-ବଲ୍ଲଭ–ବି. (ପଦ୍ମିନୀ-ବଲ୍ଲଭ) ସୂର୍ଯ୍ୟ ।

ପଦ୍ୟ–ବି. (ପଦ୍-ଯ) ଛନ୍ଦୋବଦ୍ଧ ପଦ ।

ପଧାନ–ବି. (ପ୍ରଧାନଶବ୍ଦଜ) ଗ୍ରାମର ପ୍ରଧାନବ୍ୟକ୍ତି; ଉପାଧିବିଶେଷ ।

ପନସ–ବି.(ପଣ୍-ଅସ) ପଣସଗଛ; ପଣସଫଳ ।

ପନି–ବି. ଚିତ୍ରକରର ପଦାର୍ଥବିଶେଷ ।

ପନ୍ଥା–ବି. (ପଥିନ୍‌ଶବ୍ଦଜ) ପଥ; ଉପାୟ ।

ପନ୍ନାରି–ବି. ଓଳି ।

ପନ୍ନଗ–ବି. (ପଦ୍-ନ-ଗମ୍-ଅ) ସର୍ପ; ଭୁଜଙ୍ଗ ।

ପନ୍ନଗାରି } ବି. ( ପନ୍ନଗ-ଅରି, ଅଶନ )
ପନ୍ନଗାଶନ } ଗରୁଡ଼ ।

ପୟଃ–ବି. (ପା-ଅସ୍) ଦୁଗ୍ଧ; ଜଳ ।

ପୟସ୍ୱିନୀ–ବି. (ପୟସ୍-ବିନ୍-ଈ) ଦୁଗ୍ଧବତୀ ।

ପୟୋଦ–ବି. (ପୟସ୍-ଦା-ଅ) ମେଘ; ନାରି-କେଳ ।

ପୟୋଧର–ବି. ପୟସ୍-ଧୃ-ଅ) ମେଘ; ସ୍ତନ ।

ପୟୋଧି } ବି. ପୟସ୍-ଧି, ନିଧି) ସମୁଦ୍ର;
ପୟୋନିଧି } ସାଗର ।

ପର–ବି. (ପୃ-ଅ) ଅସକ୍ତ; ଶ୍ରେଷ୍ଠ; ପ୍ରଧାନ; ଅନ୍ୟ; ପଶ୍ଚାତ୍; ଅଧିକ; ବି. ଶତ୍ରୁ ।

ପର–ବି. (ଫାର୍ଶୀ) ପକ୍ଷୀର ପକ୍ଷ ।

ପର-କାଳ-ବି. ଉତ୍ତରକାଳ ; ଇହଜୀବନର ପରବର୍ତ୍ତୀ କାଳ ।

ପରକୀୟ-ବି°. (ପର-କ-ଈୟ) ଅନ୍ୟ ସମ୍ବନ୍ଧୀୟ ।

ପରଖ-ବି. (ପରୀକ୍ଷାଶବ୍ଦଜ) ପରୀକ୍ଷା ।

ପରଗଣା-ବି. (ଫାର୍ଶୀ) ଦେଶର ଏକ ଅଂଶ ।

ପରଚ-ବି. (ପରିଚୟଶବ୍ଦଜ) ପରିଚୟ; ଚିହ୍ନା ।

ପରଚ୍ଛନ୍ଦାନୁବର୍ତ୍ତୀ-ବି°. (ପର-ଛନ୍ଦ-ଅନୁବର୍ତ୍ତୀ) ଅନ୍ୟ ଲୋକର ଅଭିଳାଷର ଅଧୀନ ।

ପର-ତନ୍ତ୍ର-ବି°. ପରାଧୀନ ।

ପରତେ-ବି.(ପ୍ରତ୍ୟୟଶବ୍ଦଜ)ପ୍ରତ୍ୟୟ; ବିଶ୍ୱାସ ।

ପରନ୍ତ-ଅ°. (ପର-ନ୍ତ) ପରକାଳରେ ।

ପରଦା-ବି. (ଫାର୍ଶୀ) ଯବନିକା; ଆବରଣ ।

ପରଦା-ନଶିନ୍-ବି.(ଫାର୍ଶୀ) ଅବରୋଧବାସିନୀ ।

ପର-ଦାର-ବି. ପରସ୍ତ୍ରୀ; ପରସ୍ତ୍ରୀଗମନ ।

ପରନ୍ତପ-ବି°. (ପରଂ-ତପ) ଶତ୍ରୁର ପୀଡ଼ାଦାୟକ ।

ପରନ୍ତୁ-ଅ°. (ପରମ୍-ତୁ) କିନ୍ତୁ; ଅଥବା ।

ପର-ପୁଷ୍ଟ-ବି. କୋକିଳ; ବି°. ଅନ୍ୟଦ୍ୱାରା ପାଳିତ ।        [ଅନ୍ୟପକ୍ଷ ଗ୍ରହଣ କରେ ।

ପର-ପୂର୍ବା-ବି. ଯେ ସ୍ତ୍ରୀ ପୂର୍ବପତି ତ୍ୟାଗ କରି

ପର-ବଶ-ବି°. ପରାଧୀନ ।

ପର-ବ୍ରହ୍ମ ବି. ପରମେଶ୍ୱର; ପରମ ପୁରୁଷ ।

ପରବାନା-ବି. (ଫାର୍ଶୀ) ତଲବ୍ ଚିଠି ।

ପରଭାଗ୍ୟୋପଜୀବୀ-ବି°. (ପର-ଭାଗ୍ୟ-ଉପ-ଜୀବ୍-ଇନ୍) ଯେ ପରଭାଗ୍ୟ ଉପରେ ନିର୍ଭର କରି ଜୀବିକା ନିର୍ବାହ କରେ ।

ପରମ-ବି°. ( ପର-ମା-ଅ ) ଶ୍ରେଷ୍ଠ; ପ୍ରଧାନ; ଅତ୍ୟନ୍ତ; ଶେଷ ।

ପରମ-ପଦ-ବି. ମୁକ୍ତି; ଶ୍ରେଷ୍ଠ ଆଶ୍ରୟ ।

ପରମ ହଂସ-ବି.ମହାଯୋଗୀ; ଶ୍ରେଷ୍ଠସନ୍ନ୍ୟାସୀ ।

ପରମାଣୁ-ବି. (ପରମ-ଅଣୁ) ପଦାର୍ଥର କ୍ଷୁଦ୍ରତମ ଅବିଭାଜ୍ୟ ଅଂଶ ।

ପରମାତ୍ମା-ବି. (ପରମ-ଆତ୍ମନ୍) ପରମେଶ୍ୱର ।

ପରମାୟୁଃ-ବି. (ପରମ-ଆୟୁଃ) ଶେଷପର୍ଯ୍ୟନ୍ତ ଜୀବିତକାଳ ।

ପରମାର୍ଥ-ବି. (ପରମ-ଅର୍ଥ) ଧର୍ମ; ଶ୍ରେଷ୍ଠତତ୍ତ୍ୱ ।

ପରମେଶ୍ୱର-ବି. (ପରମ-ଈଶ୍ୱର) ପରମାତ୍ମା ।

ପରମେଷ୍ଠୀ-ବି. (ପରମ-ସ୍ଥା-ଇନ୍) ବ୍ରହ୍ମା; ପରମେଶ୍ୱର ।        [ଅନୁକ୍ରମ; ବଂଶ ।

ପରମ୍ପରା-ବି. (ପର-ପର-ଅ) ଧାରା; ଶ୍ରେଣୀ;

ପରଲ-ବି. କେନ୍ଦୁ ଫଳବିଶେଷ ।        [ମୃତ୍ୟୁ ।

ପର-ଲୋକ-ବି. ଇହଲୋକର ଅତୀତ ଲୋକ;

ପରବାନ୍-ବି°. (ପର-ବତ୍) ପରାଧୀନ ।

ପରଶ-ପଥର-ବି. ( ସ୍ପର୍ଶପ୍ରସ୍ତର ) ସ୍ପର୍ଶମଣି; ଯାହାର ସ୍ପର୍ଶରେ ଲୁହା ସୁବର୍ଣ୍ଣ ହୋଇଯାଏ ।

ପରଶୁ-ବି. (ପର-ଶୃ-ଉ) କୁଠାର; କୁରାଢ଼ୀ ।

ପରଶୁ-ରାମ-ବି. ପୁରାଣୋକ୍ତ କ୍ଷତ୍ରିୟ ଶତ୍ରୁ ଓ ବ୍ରାହ୍ମଣବୀର । ସେ ପିତାଜ୍ଞାନୁସାରେ ମାତୃହତ୍ୟା କରିଥିଲେ ଓ ପୃଥିବୀକୁ କ୍ଷତ୍ରିୟଶୂନ୍ୟ କରିଥିଲେ ।        [ତାହାର ପରଦିନ; ପରଦିନ ।

ପରଶ୍ୱଃ-ଅ°. ( ପର-ଶ୍ୱଃ=ଆସନ୍ତାକାଲି )

ପରସ୍ପର-ବି°. ଅନ୍ୟୋନ୍ୟ; ଏକକୁ ଅନେକ ।

ପରଷ୍ଟଳ-ବି. ପ୍ରାଚୀର କାନ୍ଥ ।

ପରା-ବି. (ପର-ଆ) ଶ୍ରେଷ୍ଠା ।

ପରା-ଅ. ଉପସର୍ଗ (ଧୃ-ଅ) ଧର୍ଷଣ, ତିରସ୍କାର, କ୍ଷତ, ଗତି, ଅତିକ୍ରମ ପ୍ରଭୃତି ଭାବର ବୋଧକ ।

ପରା-ଅ. ( ପ୍ରାୟ୍ ଶବ୍ଦଜ ) ବିକଳ୍ପସୂଚକ ପ୍ରଶ୍ନରେ ବ୍ୟବହୃତ । [ବିମୁଖ ।

ପରାକ୍-ଅ. (ପରା-ଅଞ୍ଚ୍-କ୍ୱିପ୍) କୁଟିଳ; ନିବୃତ୍ତ;

ପରା-କାଷ୍ଠା-ବି. ଏକଶେଷ ।

ପରାକ୍ରମ-ବି. (ପରା-କ୍ରମ୍-ଅ) ଶକ୍ତି; ବଳ ।

ପରାକ୍ରାନ୍ତ-ବି. (ପରା କ୍ରମ୍-ତ) ଶକ୍ତିଶାଳୀ ।

ପରାଗ ବି. (ପରା-ଗ) ଧୂଳି; ପୁଷ୍ପରେଣୁ ।

ପରାଙ୍ମୁଖ-ବି. (ପରାକ୍-ମୁଖ) ବିମୁଖ ; ନିବୃତ୍ତ-ମୁଖ ।

ପରାଜୟ-ବି. (ପରା-ଜି-ଅ) ପରାଭବ ।

ପରାଜିତ-ବି. (ପରା-ଜି-ତ) ବଞ୍ଚିତ; ପରାଭୂତ ।

ପରାଧୀନ ବି. (ପର-ଅଧୀନ) ପରବଶ ।

ପରାଭବ-ବି. ( ପରା-ଭୂ-ଅ ) ପରାଜୟ; ତିରସ୍କାର ।

ପରାମର୍ଶ-ବି. (ପରା-ମୃଶ୍-ଅ) ମନ୍ତ୍ରଣା; ବିଚାର ।

ପରାୟଣ-ବି. ( ପର-ଅୟନ ) ତତ୍ପର; ବି. ଶ୍ରେଷ୍ଠ ଅବଲମ୍ବନ ।

ପରାର୍ଥ ବି. (ପର-ଅର୍ଥ) ଅନ୍ୟର ପ୍ରୟୋଜନ ।

ପରାର୍ଦ୍ଧ ବି. (ପରା-ଅର୍ଦ୍ଧ)୧୦୦୦୦୦୦୦୦୦୦୦୦୦ ୦୦୦୦୦ ଏହି ସଂଖ୍ୟା । [ବର୍ତ୍ତିତ ।

ପରାବର୍ତ୍ତିତ-ବି. (ପରା-ବୃତ୍-ଣିଚ୍-ତ) ପ୍ରତ୍ୟା-

ପରାବୃତ୍ତ-ବି. (ପରା-ବୃତ୍-ଅ) ପ୍ରତ୍ୟାବୃତ୍ତ ।

ପରାଶର-ବି. ସ୍ମୃତିଶାସ୍ତ୍ରପ୍ରଣେତା ଋଷିବିଶେଷ ।

ପରାସ୍କନ୍ଦୀ-ବି. (ପର-ଆ-ସ୍କନ୍ଦ୍-ଇନ୍) ଚୋର ।

ପରାସ୍ତ-ବି. (ପରା-ଅସ୍-ତ) ପରାଜିତ ।

ପରାହତ-ବି. ( ପରା-ହନ୍-ତ ) ପରାଭୂତ; ବ୍ୟାହତ । [ଓଲି ।

ପରାହ୍ନ-ବି. (ପର-ଅହନ୍-ଅ) ଅପରାହ୍ନ; ଉପର-

ପରି-ଅ. ଉପସର୍ଗ, ସର୍ବତଃ, ଅତିଶୟ, ସଂପୂର୍ଣ୍ଣତା, ବ୍ୟାପ୍ତି; ପ୍ରଭୃତି ଭାବବୋଧକ ।

ପରି-ଅ. ତୁଲ୍ୟ ।

ପରିକର-ବି. (ପରି-କୃ-ଅ) କଟିବନ୍ଧ, ସହଚର ।

ପରି-କର୍ମ-ବି. ପ୍ରସାଧନ; ଅଲଙ୍କାରଦ୍ୱାରା ସଜ୍ଜୀକରଣ । [ନିର୍ଦ୍ଦିଷ୍ଟ, ରଚିତ ।

ପରିକଳ୍ପିତ-ବି ( ପରି-କ୍ଳୃପ୍-ତ ) ଅନୁଷ୍ଠିତ;

ପରିକୀର୍ତ୍ତିତ-ବି. (ପରି-କୀର୍ତ୍ତିତ) ପ୍ରଶଂସିତ ।

ପରିକ୍ରମଣ-ବି. (ପରି-କ୍ରମ୍-ଅନ) ଗମନ; ପ୍ରଦକ୍ଷିଣ କରିବା । [ବେଷ୍ଟନ; ସଂସ୍କରଣ ।

ପରିକ୍ରିୟା-ବି. ( ପରି-କ୍ରିୟା ) ପରିଖାଦ୍ୱାରା

ପରିଖା-ବି. (ପରି-ଖନ୍-ଅ) ଗଡ଼ଖାଇ; ଖାତ-

ପରିଗତ-ବି. ବେଷ୍ଟିତ । [ଦ୍ୱାରା ବେଷ୍ଟନ ।

ପରିଗ୍ରହ-ବି. (ପରି-ଗ୍ରହ୍-ଅ) ପତ୍ନୀ; ପରିଜନ; ଦାନଗ୍ରହଣ ।

ପରିଘ-ବି. (ପରି-ହନ୍-ଅ) ଲୌହମୁଦ୍ଗର ।

ପରିଚୟ-ବି. (ପରି-ଚି-ଅ) ଚିହ୍ନିବା; ଆଳାପ ।

ପରିଚର-ବି. (ପରି-ଚର୍-ଅ) ରକ୍ଷୀ ସୈନ୍ୟ; ଅନୁଚର । [ଉପାସନା ।

ପରିଚର୍ଯ୍ୟା-ବି. (ପରି-ଚର୍-ଯ-ଅ) ସେବ

ପରିଚାରକ-ବି. ( ପରି-ଚର୍-ଅକ୍ ) ଦାସ ;
ସେବକ ।

ପରିଚାଳକ-ବି. (ପରି-ଚଲ୍-ଅକ)ଚାଳନାକାରୀ ।

ପରିଚାରିକା-ବି. (ପରି-ଚର୍-ଅକ-ଆ) ଦାସୀ;
ଚାକରାଣୀ ।

ପରିଚିତ-ବିଂ. (ପରି-ଚି-ତ) ଜ୍ଞାତ; ଚିହ୍ନିତ ।

ପରିଚ୍ଛଦ-ବି. (ପରି-ଛଦ୍-ଅ) ବେଶ; ପୋଷାକ ।

ପରିଚ୍ଛନ୍ନ-ବିଂ. (ପରି-ଛଦ୍-ତ) ପରିଷ୍କୃତ; ଭୂଷିତ,
ଆଚ୍ଛାଦିତ ।

ପରିଚ୍ଛିନ୍ନ-ବିଂ. ( ପରି-ଛିଦ୍-ତ ) ସୀମାବଦ୍ଧ ;
ନିର୍ଣ୍ଣୀତ; ବିଭକ୍ତ । [ଧାରକ ।

ପରିଛା-ବି. (ପଶ୍ଚକଶବଦ) ଅଧ୍ୟକ୍ଷ; ତତ୍ତ୍ୱାବ-

ପରିଚ୍ଛେଦ-ବି, (ପରି-ଛିଦ୍-ଅ) ଭାଗ; ସୀମା ;
ନିର୍ଦ୍ଦିଷ୍ଟ ପୁସ୍ତକର ବିଭାଗ ।

ପରିଚ୍ଛେଦ୍ୟ-ବିଂ. ( ପରି-ଛିଦ୍-ଯ ) ବିଭାଜ୍ୟ;
ନିର୍ଣ୍ଣେୟ । [ବର୍ଗ; ପରିଚାରକ ।

ପରିଜନ-ବି. (ପରି-ଜନ) ପରିବାର; ପୋଷ୍ୟ-

ପରିଡ଼ା-ବି.ଶୂଦ୍ରଜାତି ବିଶେଷର ଉପାଧିବିଶେଷ ।

ପରିଣତ-ବିଂ. (ପରି ନମ୍-ତ) ପକ୍ୱ; ଅବସ୍ଥାନ୍ତର
ପ୍ରାପ୍ତ । [ସ୍ଥାନର ପ୍ରାପ୍ତି; ଶେଷ ।

ପରିଣତି-ବି. (ପରି-ନମ୍-ତି) ପରିପାକ; ଅବ-

ପରିଣଦ୍ଧ-ବିଂ. (ପରି-ନହ୍-ତ) ବଦ୍ଧ; ପରିହିତ ।

ପରିଣୟ-ବି. (ପରି-ନୀ-ଅ) ବିବାହ ।

ପରିଣାମ-ବି. (ପରି-ନମ୍-ଅ) ଶେଷ;ପରିପକ୍ୱତା।
ଅବସ୍ଥାନ୍ତର ପ୍ରାପ୍ତି । [ସୂକ୍ଷ୍ମଦର୍ଶୀ; ବିଜ୍ଞ ।

ପରିଣାମଦର୍ଶୀ-ବିଂ. ( ପରିଣାମ-ଦୃଶ୍-ଇନ୍ )

ପରିଣାହ-ବି. (ପରି-ନହ୍-ଅ)ବିସ୍ତାର;ଓସାର ।

ପରିଣୀତ-ବିଂ. (ପରି-ନୀ-ତ) ବିବାହିତ ।

ପରିଣେତା-ବି. (ପରି-ନୀ-ତୃ) ବିବାହକର୍ତ୍ତା ।

ପରିଣେୟ-ବିଂ. (ପରି-ନୀ-ଯ) ବିବାହଯୋଗ୍ୟ ।

ପରିତଃ-କ୍ରି. ବିଂ. ( ପରି-ତସ୍ ) ଚାରିଆଡ଼େ;
ସର୍ବତୋଭାବରେ ।

ପରିତାପ-ବି. (ପରି-ତପ୍-ଅ) ମନସ୍ତାପ ।

ପରିତୁଷ୍ଟ-ବିଂ. (ପରି-ତୁଷ୍-ତ) ସନ୍ତୁଷ୍ଟ ।

ପରିତୋଷ-ବି. ( ପରି-ତୁଷ୍-ଅ ) ସନ୍ତୋଷ;
ତୃପ୍ତି । ,, [ତ୍ୟକ୍ତ ।

ପରିତ୍ୟକ୍ତ-ବିଂ. ( ପରି-ତ୍ୟଜ୍-ତ ) ବର୍ଜିତ,

ପରିତ୍ୟାଗ-ବି.(ପରି-ତ୍ୟଜ୍-ଅ) ବର୍ଜନ, ତ୍ୟାଗ ।

ପରିତ୍ରାଣ-ବି.(ପରି ତ୍ରୈ-ଅନ)ରକ୍ଷା; ଉଦ୍ଧାର ।

ପରିତ୍ରାତା-ବି. (ପରି-ତ୍ରୈ-ତୃ) ପରିତ୍ରାଣକର୍ତ୍ତା ।

ପରିଦେବନ-ବି. (ପରି-ଦେବ-ଅନ) ବିଳାପ;
ଅନୁତାପ । [ପିନ୍ଧିବା ।

ପରିଧାନ-ବି. (ପରି-ଧା-ଅନ) ପରିଧେୟବସ୍ତ୍ର

ପରିଧି-ବି. (ପରି-ଧା-ଇ) ବୃତ୍ତର ବେଡ଼; ପରି-
ବେଷ୍ଟନ । [ଯୁକ୍ତ; ପିନ୍ଧିବାଯୋଗ୍ୟ ।

ପରିଧେୟ-ବିଂ. (ପରି-ଧା-ଯ) ପିନ୍ଧିବାର ଉପ-

ପରିପକ୍ୱ-ବିଂ. (ପରି-ପଚ୍-ତ) ପରିଣତ;ସୁଜୀର୍ଣ୍ଣ;
ପକ୍ୱ; ବହୁଦର୍ଶୀ ।

ପରିପାକ-ବି. (ପରି-ପଚ୍-ଅ) ପରିଣାମ;ପକ୍ୱତା ।

ପରିପାଟୀ-ବିଂ. (ପରି-ପଟ୍-ଇନ୍) ସୁଶୃଙ୍ଖଳା;
ଅନୁକ୍ରମ ।

ପରିପୂର୍ଣ୍ଣ-ବିଂ. (ପରି-ପୃ-ତ) ସମ୍ପୂର୍ଣ୍ଣ; ବ୍ୟାପ୍ତ ।

ପରିପ୍ରେକ୍ଷିତ-ବିଂ. ( ପରି-ପ୍ର-ଈକ୍ଷ ତ ) ବସ୍ତୁ ଚକ୍ଷୁକୁ ଯେପରି ଦିଶେ, ଛବିରେ ତାହାର ସେହିପ୍ରକାର ବିନ୍ୟାସ-ନିୟାମକ ବିଦ୍ୟା ।

ପରିପ୍ଳବ-ବିଂ. ( ପରି-ପ୍ଳୁ-ଅ ) ଚଞ୍ଚଳ ।

ପରିପ୍ଳୁତ-ବିଂ. (ପରି-ପ୍ଳୁ-ତ) ସିକ୍ତ; ପ୍ଲାବିତ ।

ପରିବର୍ହ-ବି. (ପରି-ବର୍ହ୍-ଅ) ପରିଚ୍ଛଦ; ଉପକରଣ ।

ପରିଭବ-ବି. (ପରି-ଭୂ-ଅ) ପରାଭବ; ଅବଜ୍ଞା ।

ପରିଭାଷା-ବି. ( ପରି-ଭାଷ-ଆ ) ଭିନ୍ନ ଶାସ୍ତ୍ରର ଭିନ୍ନ ସଙ୍କେତ ବା ସଂଜ୍ଞା । [ଅବଜ୍ଞାତ ।

ପରିଭୂତ-ବିଂ. ( ପରି-ଭୂ-ତ ) ପରାଭୂତ ;

ପରିମଳ-ବି. ( ପରି-ମଳ ) ସୁଗନ୍ଧ ।

ପରିମାଣ-ବି. ( ପରି-ମା-ଅନ ) ମାପ, ଓଜନ ; ସଂଖ୍ୟାକରଣ । [ପରିମାଣଯୁକ୍ତ ।

ପରିମିତ-ବିଂ. ( ପରି-ମା-ତ ) ଯଥାଯୋଗ୍ୟ

ପରିମିତି-ବି. (ପରି-ମା-ତି) ପରିମାଣ ।

ପରିମେୟ- ବିଂ. ( ପରି-ମା-ଯ ) ପରିମାଣଯୋଗ୍ୟ; ପରିମିତ ।

ପରିରବ୍ଧ-ବିଂ. (ପରି-ରଭ୍-ତ ) ଆଲିଙ୍ଗିତ ।

ପରିରମ୍ଭ-ବି. ( ପରି-ରଭ୍-ଅ ) ଆଲିଙ୍ଗନ ।

ପରିବର୍ତ୍ତ } ବି. (ପରି-ବୃତ୍-ଅ, ଅନ) ବଦଳ;
ପରିବର୍ତ୍ତନ } ବିନିମୟ ।

ପରିବର୍ତ୍ତିତ-ବିଂ. (ପରି-ବର୍ତ୍ତି-ତ) ଯାହା ବଦଳ କରା ହୋଇଅଛି ।

ପରିବା-ବି. କଞ୍ଚା ତରକାରି ।

ପରିବାଦ-ବି. (ପରି-ବଦ୍-ଅ) ଅପବାଦ; ନିନ୍ଦା ।

ପରିବାଦିନୀ-ବି. (ପରି-ବଦ୍-ଇନ୍-ଈ) ସପ୍ତତନ୍ତ୍ରୀବିଶିଷ୍ଟ ବୀଣା । [ବାଦକ ।

ପରିବାଦୀ-ବିଂ. (ପରି-ବଦ୍-ଇନ୍) ନିନ୍ଦୁକ; ଅପ-

ପରିବାର-ବି. (ପରି-ବୃ-ଅ) ପରିଜନ ପୋଷ୍ୟ ।

ପରିବାରିତ-ବିଂ. (ପରି-ବାରି-ତ) ବେଷ୍ଟିତ ।

ପରିବାହ-ବି. ( ପରି-ବହ୍-ଅ ) ଜଳପ୍ରବାହ ; ମୁହାଣ ।

ପରିବୃତି-ବି. ( ପରି-ବୃ-ତି ) ବେଷ୍ଟନ ।

ପରିବେଶ-ବି. (ପରି-ବିଶ୍-ଅ) ପରିଧି; ଚନ୍ଦ୍ର ବା ସୂର୍ଯ୍ୟର ମଣ୍ଡଳ । [ବିଭାଗପୂର୍ବକ ଅର୍ପଣ ।

ପରିବେଷଣ-ବି. ( ପରି-ବିଷ୍-ଅନ୍ ) ଭକ୍ଷବସ୍ତୁର

ପରିବେଷ୍ଟନ-ବି. ( ପରି-ବେଷ୍ଟ-ଅନ ) ଚାରିଆଡରେ ବେଷ୍ଟନ । [ଭ୍ରମଣକାରୀ ।

ପରିବ୍ରାଜକ-ବି. ( ପରି-ବ୍ରଜ-ଅକ ) ସନ୍ନ୍ୟାସୀ ;

ପରିବ୍ରାଜକା-ବି. (ପରି-ବ୍ରଜ-ଅକ-ଆ) ସନ୍ନ୍ୟାସିନୀ; ଭ୍ରମଣକାରିଣୀ ।

ପରିଶିଷ୍ଟ-ବିଂ. ( ପରି-ଶିଷ୍-ତ) ଅବଶିଷ୍ଟ; ଗ୍ରନ୍ଥସମାପ୍ତିପରେ ସଂଯୁକ୍ତ ଅଂଶ । [ପରିଷ୍କୃତ ।

ପରିଶୁଦ୍ଧ-ବିଂ. ( ପରି-ଶୁଧ୍-ତ ) ସଂଶୋଧିତ ;

ପରିଶୁଷ୍କ-ବିଂ. (ପରି-ଶୁଷ୍-ତ ) ଅତିଶୟ ଶୁଷ୍କ ।

ପରିଶେଷ-ବି. (ପରି-ଶିଷ୍-ଅ) ଅବଶେଷ ।

ପରିଶୋଧ-ବି. (ପରି-ଶୁଧ୍-ଅ) ଋଣଶୋଧ ।

ପରିଶ୍ରମ-ବି. ( ପରି-ଶ୍ରମ୍-ଅ ) ଅଭ୍ୟାସ; କର୍ମର ଶ୍ରମ ।

ପରିଶ୍ରମୀ-ବିଂ. ( ପରିଶ୍ରମ ଇନ ) ପରିଶ୍ରମକାରୀ ।

ପରିଶ୍ରାନ୍ତ-ବିଂ. ( ପରି-ଶ୍ରମ୍-ତ ) କ୍ଳାନ୍ତ ।

ପରିଷଦ୍-ବି. (ପରି-ସଦ୍-•) ସଭା ସମାଜ ।

ପରିଷ୍କାର-ବି. (ପରି-କୃ-ଅ) ସ୍ୱଚ୍ଛତା; ଶୋଧନ; ନିର୍ମଳୀକରଣ ।

ପରିଷ୍କୃତ-ବିଂ. (ପରି-କୃ-ତ) ନିର୍ମଳ ଶୋଧିତ; ଭୂଷିତ ।

ପରିଷ୍ୱଙ୍ଗ-ବି. (ପରି-ସ୍ୱଞ୍ଜ୍-ଅ) ଆଲିଙ୍ଗନ ।

ପରିସର-ବି. (ପରି-ସୃ-ଅ) ପ୍ରଦେଶ; ଓସାର; ବିସ୍ତାର ।

ପରିସୀମା-ବି. ( ପରି-ସୀମନ୍ ) ଇୟତ୍ତା ।

ପରିସ୍ରୁତ-ବିଂ. (ପରି-ସ୍ରୁ-ତ) କ୍ଷରିତ; ଚ୍ୟାବିତ ।

ପରିହାର-ବି. ( ପରି-ହୃ-ଅ ) ପରିତ୍ୟାଗ ; ଉପେକ୍ଷା ।

ପରିହାର୍ଯ୍ୟ-ବିଂ. (ପରି-ହୃ-ଯ) ପରିତ୍ୟାଜ୍ୟ ।

ପରିହାସ-ବି. ( ପରି-ହସ୍-ଅ) କୌତୁକ ଥଟ୍ଟା ।

ପରିହାସ୍ୟ-ବିଂ. (ପରି-ହସ୍-ଯ) ପରିହାସ କରିବାର ଯୋଗ୍ୟ ।

ପରିହିତ-ବିଂ. (ପରି-ଧା-ତ) ଆଚ୍ଛାଦିତ; ସ୍ଥାପିତ ।

ପରୀକ୍ଷକ-ବିଂ. (ପରି-ଈକ୍ଷ୍-ଅକ) ପରୀକ୍ଷାକାରକ ।

ପରୀକ୍ଷା-ବି. (ପରି-ଈକ୍ଷ୍-ଅ) ଦୋଷଗୁଣ ବିବେଚନା; ବସ୍ତୁର ତତ୍ତ୍ୱାବଧାରଣ ।

ପରୀକ୍ଷିତ-ବିଂ. (ପରି-ଈକ୍ଷ୍-ତ) ଯାହା ପରୀକ୍ଷା କରା ହୋଇଛି; ବି. ଅର୍ଜୁନଙ୍କର ନାତି, ଅଭିମନ୍ୟୁଙ୍କର ପୁତ୍ର ।

ପରୁଷ-ବିଂ. (ପୃ-ଉଷନ୍) କର୍କଶ; କଠୋର ।

ପରେ-ଅ. ଉତ୍ତରେ; ଶେଷରେ ।

ପରେତ-ବିଂ. (ପରା-ଇ-ତ) ମୃତ; ପ୍ରେତ ।

ପରୋକ୍ଷ-ବିଂ. (ପରସ୍-ଅକ୍ଷି-ଅ) ଅପ୍ରତ୍ୟକ୍ଷ; ଅସାକ୍ଷାତ ।

ପରୋଷ୍ଣୀ-ବି. ଅସ୍ରୁପା ।

ପର୍କଟୀ-ବି. ଅଶ୍ୱତ୍ଥ ବୃକ୍ଷ ।

ପର୍ଜନ୍ୟ-ବି. (ପୃଷ୍-ଅନ୍ୟ) ଶବ୍ଦକାରୀ ମେଘ ।

ପର୍ଣ୍ଣ-ବି. (ପର୍ଣ୍-ଅ) ପତ୍ର; ପକ୍ଷ ।

ପର୍ଣ୍ଣ-ଶାଳା-ବି. ପର୍ଣ୍ଣକୁଟୀର; ପତ୍ରକୁଡ଼ିଆ ।

ପର୍ଣ୍ଣୀ-ବି. (ପର୍ଣ୍ଣ-ଇନ୍) ବୃକ୍ଷ; ବିଂ. ପତ୍ରଯୁକ୍ତ ।

ପର୍ଣ୍ଣୋଟଜ-ବି. (ପର୍ଣ୍ଣ-ଉଟଜ) ପର୍ଣ୍ଣଶାଳା ।

ପର୍ଦ୍ଦା-ବି. (ଫାର୍ଶୀ) ଯବନିକା ।

ପର୍ପଟ-ବି. ମିଷ୍ଟାନ୍ନବିଶେଷ ।

ପର୍ଯ୍ୟଙ୍କ-ବି. (ପରି-ଅଙ୍କ୍-ଅ) ପଲଙ୍କ; ଖଟ ।

ପର୍ଯ୍ୟଟକ-ବି. (ପରି-ଅଟ୍-ଅକ) ଭ୍ରମଣକାରୀ ।

ପର୍ଯ୍ୟଟନ-ବି. (ପରି-ଅଟ୍-ଅନ) ଭ୍ରମଣ ।

ପର୍ଯ୍ୟନ୍ତ-ବି. ( ପରି-ଅନ୍ତ ) ପ୍ରାନ୍ତ; ନିକଟ ; ଶେଷସୀମା ।

ପର୍ଯ୍ୟବସାନ-ବି. (ପରି-ଅବ-ସୋ-ଅନ) ସମାପନ ।

ପର୍ଯ୍ୟବସିତ-ବିଂ. (ପରି-ଅବ-ସୋ-ତ) ସମାପ୍ତ; ନିଃଶେଷିତ ।

ପର୍ଯ୍ୟବେକ୍ଷଣ-ବି. ( ପରି-ଅବ-ଈକ୍ଷ-ଅନ ) ମନୋନିବେଶପୂର୍ବକ ଦର୍ଶନ; ତତ୍ତ୍ୱାବଧାନ ।

ପର୍ଯ୍ୟସ୍ତ-ବିଂ. (ପରି-ଅସ୍-ତ) କ୍ଷିପ୍ତ; ପ୍ରସାରିତ ।

ପର୍ଯ୍ୟାଣ-ବି. (ପରି-ଯା-ଅନ) ପଲାଣ; ପଶୁପୃଷ୍ଠାସନ ।

ପର୍ଯ୍ୟାପ୍ତ-ବିଂ. (ପରି-ଆପ୍-ତ) ପ୍ରଚୁର; ଯଥେଷ୍ଟ ।

ପର୍ଯ୍ୟାପ୍ତି-ବି. (ପରି ଆପ୍-ତି) ପ୍ରାଚୁର୍ଯ୍ୟ; ପ୍ରାପ୍ତି ।

ପର୍ଯ୍ୟାୟ-ବି. ( ପରି-ଇ-ଅ ) ଅନୁକ୍ରମ ; ପାଳି ; ସମାନାର୍ଥବୋଧକ ଶବ୍ଦ ।

ପର୍ଯ୍ୟାଲୋଚନା-ବି. (ପରି-ଆ-ଲୁଚ୍-ଣିଚ୍-ଅନ-ଆ ) ଅନୁଶୀଳନ; ସମାଲୋଚନା ।

ପର୍ଯ୍ୟୁଦସ୍ତ-ବିଂ. (ପରି-ଉଦ୍-ଅସ୍-ତ) ପରାଭୂତ ।
ପର୍ଯ୍ୟୁଷିତ-ବିଂ. (ପରି-ବସ୍-ତ) ପୂର୍ବଦିବସୀୟ; ବାସି ।
ପର୍ବ-ବି. (ପୃ-ବନ୍) ପବ; ଉତ୍ସବ; ଅଧ୍ୟାୟ ।
ପର୍ବତ-ବି. (ପର୍ବନ୍-ତ) ଗିରି; ଶୈଳ ।
ପର୍ବତାରି-ବି. (ପର୍ବତ-ଅରି) ଇନ୍ଦ୍ର ।
ପର୍ଶୁ-ବି. (ପର-ଶୃ-ଉ) ପରଶୁ; କୁଠାର ।
ପର୍ଷିବା-କ୍ରି. ପରିବେଷଣ କରିବା ।
ପଲ-ବି. (ପଲ୍-ଅ) ଓଜନବିଶେଷ; ସୂକ୍ଷ୍ମକାଳ; [ମାଂସ ।
ପଲ୍-ବି. ସମୂହ; ଦଳ ।
ପଲ୍‌କ-ବି. ଅକ୍ଷିପତ୍ର ।
ପଲ୍‌ଙ୍କ-ବି. ଖଟ ।
ପଲ୍‌ଟନ-ବି. ସେନାଦଳ ।
ପଲଲ-ବି. ମାଂସ; ପଙ୍କ । [ଦ୍ରବ୍ୟ ।
ପଲସ୍ତରା-(ଇଂ plaster ଶବ୍ଦରୁ) ଲେପନୀୟ
ପଲମ-ବି. ମାଟିନିର୍ମିତ ବରେଇ ।
ପଲା-ବି. ତୈଳାଦିଉଦ୍ଧରଣାର୍ଥ ଲୌହଦର୍ବୀ ।
ପଲାଇବା-କ୍ରି. ବି. (ପଲାୟନଶବ୍ଦଜ) ପଲାୟନ କରିବା । [ପିଠିର ଗଦି ।
ପଲାଣ ବି. (ପର୍ଯ୍ୟାଣଶବ୍ଦଜ) ଘୋଡ଼ା ବଳଦ-
ପଲାଣ୍ଡୁ-ବି. ପିଆଜ । [ପଲାଉ ।
ପଲାନ୍ନ-ବି. ( ପଲ-ଅନ୍ନ ) ମାଂସଯୁକ୍ତ ଅନ୍ନ;
ପଲାୟନ-ବି. (ପରା-ଅୟ୍-ଅନ) ଭୟରେ ଦ୍ରୁତ ପ୍ରସ୍ଥାନ ।
ପଲାୟମାନ-ବିଂ. ଯେ ପଲାଉଅଛି ।
ପଲାୟିତ-ବିଂ, ଭୟରେ ଦ୍ରୁତ ପ୍ରସ୍ଥିତ ।
ପଲାଳ-ବି. ପାଳ; ପୁଆଳ; ଶୁଷ୍କତୃଣ ।
ପଲାଶ-ବି. ପତ୍ର; କିଂଶୁକ ବୃକ୍ଷ ।
ପଳିତ ବିଂ. (ପଲ୍-ତ) ଶୁକ୍ଳୀକୃତ-କେଶ ।
ପଲ୍ଲବ ବି. (ପଲ୍-ଲୂ-ଅ) ନୂତନପତ୍ର; କିଶଳୟ ।
ପଲ୍ଲବଗ୍ରାହୀ ବିଂ. ଯେ ଯାହା ବିଷୟରେ ଅଳ୍ପ ଜ୍ଞାନ ଲଭିଅଛି । [ବିସ୍ତୃତ ।
ପଲ୍ଲବିତ-ବିଂ. ( ପଲ୍ଲବ-ଇତ ) ପଲ୍ଲବଯୁକ୍ତ;
ପଲ୍ଲୀ-ବି. (ପଲ୍ଲ-ଇ-ଈ)ଗ୍ରାମ; ପଡ଼ା; ଝିଟିପିଟି ।
ପଲ୍ୱଲ-ବି.(ପଲ୍-ବଲ) କ୍ଷୁଦ୍ରଜଳାଶୟ;ଗାଡ଼ିଆ ।
ପବ-ବି. (ପର୍ବଶବ୍ଦଜ) ଗଣ୍ଠି ।
ପବନ-ବି. (ପୂ-ଅନ) ବାୟୁ ।
ପବନ-ନନ୍ଦନ-ବି. ଭୀମ; ହନୁମାନ୍ ।
ପବମାନ-ବି. (ପ-ଅନ) ବାୟୁ; ପବନ ।
ପବନାଶନ-ବି. (ପବନ-ଅଶନ) ସର୍ପ ।
ପବାକା-ବି. (ପୂ-ଅକ-ଅ) ବାତ୍ୟା; ଚକ୍ରବାତ ।
ପବି-ବି. (ପୂ-ଇ) ଅଶନି; ବଜ୍ର ।
ପବିତା-ବିଂ. (ପୂ-ତ) ଯେ ପବିତ୍ର କରେ ।
ପବିତ୍ର-ବିଂ. (ପୂ-ଇତ୍ର) ପୂତ; ବିଶୁଦ୍ଧ; ବି. କୁଶ ; ପଇତା । [ପରିଷ୍କୃତ ।
ପବିତ୍ରିତ-ବିଂ. ( ପବିତ୍ର-ଇତ ) ସଂଶୋଧିତ;
ପଶମ-ବି. (ଫାର୍ଶୀ) ଉର୍ଣ୍ଣା ; ଲୋମ ।
ପଶା-ବି. (ପାଶକଶବ୍ଦଜ) ଅକ୍ଷ ; ଚଉପାର ।
ପଶୁ-ବି. (ପଶ୍-ଉ) ଲାଙ୍ଗୁଲବିଶିଷ୍ଟ ଚତୁଷ୍ପଦ-ଜନ୍ତୁ ; ମୂର୍ଖ ।
ପଶୁ-ପତି-ବି. ଶିବ । [ରଖୁଆଳ ।
ପଶୁପାଳ-ବି. ( ପଶୁ-ପାଲ ) ପଶୁରକ୍ଷକ;

ପଶୁ-ରାଜ-ବି. ସିଂହ; ମୃଗେନ୍ଦ୍ର ।
ପଶ୍ଚ-ବି. ପଛ ।
ପଶ୍ଚାତ୍-ଅ. ପଛେ; ପରେ ।
ପଶ୍ଚାତ୍ତାପ-ବି. (ପଶ୍ଚାତ୍-ତାପ) ଅନୁତାପ ।
ପଶ୍ଚାର୍ଦ୍ଧ-ବି. ଅପରାର୍ଦ୍ଧ; ପାଦଠାରୁ ନାଭି ପର୍ଯ୍ୟନ୍ତ ।
ପଶ୍ଚିମ-ବି. (ପଶ୍ଚାତ୍-ଇମ) ସୂର୍ଯ୍ୟାସ୍ତ ଗମନର ଦିଗ, ପଶ୍ଚାରୀ; ବିଂ. ଚରମ ।
ପସନ୍ଦ-ବି. ଅନୁମାନ; ଅନୁମୋଦନ ।
ପସରା-ବି. ବିକ୍ରେୟ ଦ୍ରବ୍ୟସମୂହର ପାତ୍ର ।
ପସାରୀ-ବି. ଦୋକାନୀ; ବିକ୍ରୟକାରୀ ।
ପସାରୁଣୀ-ବି. ( ପ୍ରସାରଣୀଶବ୍ଦଜ ) ସ୍ୱନାମପ୍ରସିଦ୍ଧ ଲତାବିଶେଷ ।
ପସୁରି-ବି. (ପଞ୍ଚ-ସୁରି) ପାଞ୍ଚସେର ।
ପହଣ୍ଡ-ବି. ପଦ-କ୍ଷେପ ।
ପହଣ୍ଡି-ବି. ଧୀରଗମନ ।
ପହଲି-ବି. (ପ୍ରହେଳିଶବ୍ଦଜ) ଠଗ ।
ପହି-ବି. ବଡ଼ ହାଡ଼ ।
ପହିଆ-ବି. ଶଗଡ଼ ଚକ ।
ପହିଲା-ବି. (ପ୍ରା. ଶୀ) ପ୍ରଥମ; ଆଦ୍ୟ ।
ପହୁଡ଼-ବି. ଶୋଇବା ।
ପହଁରା-ବି. ସନ୍ତରଣୀ; ସନ୍ତରଣ । [କରିବା ।
ପହଁରିବା-କ୍ରି.ବି. ପରିଷ୍କାର କରିବା; ସନ୍ତରଣ
ପହ୍ଲା-ବି. ଗବାଦି ପଶୁର ସ୍ତନ ।
ପାଇକ-ବି.(ପାଦାତିକଶବ୍ଦଜ) ପଦାତିକ; ସୈନିକ ।
ପାଇଖାନା-ବି. ମଳ ତ୍ୟାଗ କରିବାର ସ୍ଥାନ ।
ପାଇଜାମା-ବି. ନିମ୍ନାଙ୍ଗର ପରିଚ୍ଛଦବିଶେଷ ।
ପାଇଟି-ବି. ଗୃହାଦିର କାର୍ଯ୍ୟ ।
ପାଉଣା-ବି. (ପ୍ରାପଣଶବ୍ଦଜ) ପ୍ରାପ୍ୟ ।
ପାଉତି-ବି. ( ପ୍ରାପ୍ତିଶବ୍ଦଜ ) ପ୍ରାପ୍ତିସ୍ୱୀକାରପତ୍ର, ରସିଦ । [ଧୂଳି; ପାପ ।
ପାଉଁଶ-ବି. (ପାଂଶୁଶବ୍ଦଜ) ପାଂଶୁ; ଭସ୍ମ;
ପାଏଡ଼ା-ବି. ଅଭ୍ୟର୍ଥିତ ବ୍ୟକ୍ତିର ପାଦପ୍ରକ୍ଷେପ ନିମିତ୍ତ ବସ୍ତ୍ର ।
ପାଂଶୁଳ-ବିଂ. (ପାଂଶୁ-ଳ) ଧୂଳିଯୁକ୍ତ; ପାପିଷ୍ଠ ।
ପାଂଶୁଳା-ବି. (ପାଂଶୁଳ-ଆ) ଅସତୀ ସ୍ତ୍ରୀ ।
ପାକ-ବି.(ପଚ୍-ଅ) ରନ୍ଧନ, ପରିପାକ; ପରିଣତି ।
ପାକଳ-ବିଂ. (ପାକ-ଳ) ପରିଣତି-ପ୍ରାପ୍ତ ।
ପାକଲା-ବିଂ. ପାଚିଲା; ପରିପକ୍ୱ ।
ପାକ-ଶାଳା-ବି. ରନ୍ଧନାର୍ଥଘର । [ଇନ୍ଦ୍ର ।
ପାକ-ଶାସନ-ବି. ପାକନାମକ ଅସୁରର ହନ୍ତା;
ପାକ-ଶାସନି-ବି. ଇନ୍ଦ୍ରପୁତ୍ର; ଜୟନ୍ତ ।
ପାକସ୍ଥଳୀ-ବି. (ପାକ-ସ୍ଥଳୀ) ଉଦରର ଯେଉଁ ଅଂଶରେ ଭୁକ୍ତ ପଦାର୍ଥ ଜୀର୍ଣ୍ଣ ହୁଏ ।
ପାକୁଆ-ବିଂ. ଦନ୍ତହୀନ ।
ପାକୁଳି-ବି. ଶେମନ୍ତ । [ସମ୍ବନ୍ଧୀୟ ।
ପାକ୍ଷିକ-ବିଂ. (ପକ୍ଷ-ଇକ) ପକ୍ଷ ବା ଅର୍ଦ୍ଧମାସ-
ପାଖ-ବି. (ପାର୍ଶ୍ୱଶବ୍ଦଜ) ନିକଟ; ସମୀପ ।
ପାଖଣ୍ଡ-ବିଂ. ନାସ୍ତିକ; ଦୁଷ୍ଟ ।
ପାଖୁଡ଼ା-ବି. ପୁଷ୍ପର ଅଂଶ ।
ପାଖେଇବା-କ୍ରି. ଏକ ପାଖକୁ ଯିବା ।
ପାଗ-ବି. ପଗଡ଼ି, ରସ; ମେଘ ଓ ପବନର ଅବସ୍ଥା ।

ପାଗଳ-ବି. ବାତୁଳ; ଉନ୍ମତ୍ତ ।

ପାଙ୍କ୍ତେୟ-ବି. (ପଙ୍କ୍ତି-ଏୟ) ଏକ ପଙ୍କ୍ତିରେ ଭୋଜନାର୍ହ । [ବର୍ଣ୍ଣ ।

ପାଚକ-ବି. (ପଚ୍-ଅକ) ରାନ୍ଧିବାରକ; ପାକ-

ପାଚନ-ବି. (ପଚ୍-ଣିଚ୍-ଅନ) ଔଷଧ ଦ୍ରବ୍ୟର କ୍ୱାଥ ।

ପାଚେରି-ବି. (ପ୍ରାଚୀରଶବ୍ଦଜ) ବେଢ଼ାକାନ୍ଥ ।

ପାଛୁଡ଼ା-ବି. (ପ୍ରଚ୍ଛଦଶବ୍ଦଜ) ଉତ୍ତରୀୟ ବସ୍ତ୍ର ।

ପାଛୁଡ଼ିବା-କ୍ରି. ଲୁଗାରେ ଘଷିବା ।

ପାଛୋଟିବା-ବି. ଆଗବଢ଼ି ଆଣିବା ।

ପାଞ୍ଚ-ବି. ୫ ସଂଖ୍ୟା; ବି. ବିଚାର, ଆଲୋଚନା ।

ପାଞ୍ଚଜନ୍ୟ-ବି. (ପଞ୍ଚଜନ-ଯ) ବିଷ୍ଣୁଙ୍କର ଶଙ୍ଖ; ଅଗ୍ନି । [ଦଣ୍ଡ ।

ପାଞ୍ଚଣ-ବି. (ପ୍ରାଜନଶବ୍ଦଜ) ଗବାଦି-ତାଡ଼ନ-

ପାଞ୍ଚାଳ-ବି. (ପଞ୍ଚାଳ-ଅ) ଦେଶବିଶେଷ ।

ପାଞ୍ଚାଳୀ-ବି. (ପଞ୍ଚାଳ ଈ) ଦ୍ରୌପଦୀ; କାଷ୍ଠାଦିର ପୁତ୍ତଳିକା ।

ପାଞ୍ଚିବା-କ୍ରି. ବିଚାର କରିବା ।

ପାଞ୍ଜି-ବି. (ପଞ୍ଜିଶବ୍ଦଜ) ଦିନାଦିର ନିର୍ଦ୍ଧାରଣ ପୁସ୍ତକ; ହିସାବଖାତା ।

ପାଟ-ବି. (ପଟ୍ଟଶବ୍ଦଜ) ରେଶମ ଲୁଗା ।

ପାଟ-ବି. ପ୍ରାନ୍ତର; ଯଥା, ବେଣାପାଟ ।

ପାଟକି-ବି. ଜାତିର ଅନ୍ତର୍ଗତ ଦଳ ।

ପାଟନ-ବି. (ପଟ୍-ଣିଚ୍-ଅନ) ଛେଦନ ।

ପାଟମହାଦେଈ-ବି. (ପଟ୍ଟମହାଦେବୀଶବ୍ଦଜ) ପ୍ରଧାନ ରାଣୀ ।

ପାଟରି-ବି. ସୂତ୍ରବ୍ୟବସାୟୀ; କାପେଡ଼ି ।

ପାଟୁଆଣୀ-ବି. (ପାଟୁଆ-ଅଣୀ) ପାଟୁଆର ଭାର୍ଯ୍ୟା ।

ପାଟ-ରାଣୀ-ବି. (ପଟ୍ଟ-ରାଜ୍ଞୀ) ପ୍ରଧାନ ରାଣୀ ।

ପାଟଳ-ବି. (ପାଟଳା-ଅ) ଶ୍ୱେତରକ୍ତବର୍ଣ୍ଣ ବୃକ୍ଷ ଓ ପୁଷ୍ପବିଶେଷ ।

ପାଟଳି ବି (ପାଟଳା-ଇ) ପାଟଳୀବୃକ୍ଷ ।

ପାଟଳିତ-ବି. ପାଟଳବର୍ଣ୍ଣପ୍ରାପ୍ତ ।

ପାଟବ ବି. (ପଟୁ-ଅ) ପଟୁତା, ନୈପୁଣ୍ୟ ।

ପାଟ-ହାତୀ-ବି. (ପଟ୍ଟ-ହସ୍ତୀ) ରାଜାଙ୍କର ପ୍ରଧାନ [ହସ୍ତୀ ।

ପାଟି-ବି. ତୁଣ୍ଡ, ଉଚ୍ଚଶବ୍ଦ ।

ପାଟିତ-ବି. (ପଟ୍-ଣିଚ୍-ତ) ଭଗ୍ନ; ଛେଦିତ ।

ପାଟୀ-ବି. (ପାଟି-ଈ) ଶୃଙ୍ଖଳା, ଅଙ୍କଶ୍ରେଣୀ ।

ପାଟୀ-ଗଣିତ-ବି. ଅଙ୍କବିଦ୍ୟା ।

ପାଠ-ବି. (ପଠ୍-ଅ) ଆବୃତ୍ତି, ଅଧ୍ୟୟନ ।

ପାଠକ-ବି. (ପଠ୍-ଅକ) ପାଠକର୍ତ୍ତା, ଛାତ୍ର; (ପଠ୍-ଣିଚ୍-ଅକ) ଅଧ୍ୟାପକ ।

ପାଠନା-ବି. (ପଠ୍-ଣିଚ୍-ଅନ-ଆ) ଅଧ୍ୟାପନା ।

ପାଠିତ-ବି. ଅଧ୍ୟାପିତ ।

ପାଠୀ-ବି. (ପଠ୍-ଇନ୍) ପାଠକ ।

ପାଠ୍ୟ-ବି. (ପଠ୍-ଯ) ପାଠଯୋଗ୍ୟ ।

ପାଡ଼ି-ବି. ଗୃହ୍ୟପବନ । [ହାଣ୍ଡି ।

ପାଡ଼ୁଆ-ବି. ଯେ ଧାର ନେଇ ପରିଶୋଧ କରେ

ପାଣ-ବି. ନୀଚ ଜାତିବିଶେଷ ।

ପାଣି-ବି. (ପଣ୍-ଇ) ହସ୍ତ ।

ପାଣି-ବି. (ପାନୀୟଶବ୍ଦଜ) ଜଳ ।

ପାଣିଆ-ବି. ଜଳୀୟ ।

ପାଣିଗ୍ରହଣ } ବି. ( ପାଣି-ଗ୍ରହଣ, -ପୀଡନ )
ପାଣିପୀଡନ } ବିବାହ ।

ପାଣିନି-ବି. ବ୍ୟାକରଣ ସୂତ୍ରକର୍ତ୍ତା ମୁନିବିଶେଷ ।

ପାଣି-ଫୋଟକା-ବି. ଜଳବୁଦ୍‌ବୁଦ୍ ।

ପାଣ୍ଠି ବି. ଜମାପୁଞ୍ଜି । [ ଶୁକ୍ଳବର୍ଣ୍ଣ ।

ପାଣ୍ଡର-ବି. ( ପାଣ୍ଡୁ-ଅର ) ପୀତ-ଶୁକ୍ଳବର୍ଣ୍ଣ ;

ପାଣ୍ଡବ-ବି. (ପାଣ୍ଡୁ-ଅ) ପାଣ୍ଡୁଙ୍କର ପୁତ୍ର ।

ପାଣ୍ଡିତ୍ୟ-ବି. ( ପଣ୍ଡିତ-ଯ ) ପଣ୍ଡିତର ଭାବ ;
ବିଦ୍ବତ୍ତ୍ୱ । [ ଙ୍କର ପିତା ।

ପାଣ୍ଡୁ-ବି. ଶ୍ୱେତବର୍ଣ୍ଣ; ପିଙ୍ଗ; ବି. ପାଣ୍ଡବମାନ-

ପାଣ୍ଡୁର-ବି. (ପାଣ୍ଡୁ-ର) ଶୁକ୍ଳପୀତ; ଶୁକ୍ଳବର୍ଣ୍ଣ ।

ପାଣ୍ଡୁଲିପି } ବି.(ପାଣ୍ଡୁ-ଲିପି,ଲେଖ୍ୟ) ଖସଡ଼ା
ପାଣ୍ଡୁଲେଖା } ଅଥବା ଟିପା ।

ପାଣ୍ଡୋରି-ବି. (ଉପାନଦ୍‌ଶବ୍ଦଜ) ଜୋତା ।

ପାତ-ବି. (ପତ୍-ଅ) ପତନ; ଭ୍ରଂଶ ।

ପାତକ-ବି. (ପତ୍-ଣିଚ୍-ଅକ) ଯାହା ଲୋକକୁ
ପତିତ ବା ଭ୍ରଷ୍ଟ କରଏ; ପାପ ।

ପାତକୀ-ବି. ( ପାତକ-ଇନ୍ ) ପାପୀ ।

ପାତଞ୍ଜଳ-ବି. ପାତଞ୍ଜଳିପ୍ରଣୀତ ଦର୍ଶନଶାସ୍ତ୍ର ।

ପାତନ ବି. (ପାତି-ଅନ) ଅଧଃକ୍ଷେପଣ; ବିନ୍ୟାସ,

ପାତଳ-ବି. ସରୁ ; କ୍ଷୀଣ । [ ବିସ୍ତାରଣ ।

ପାତା-ବି. ( ପା-ତୃ ) ରକ୍ଷାକର୍ତ୍ତା ।

ପାତାଳ-ବି. (ପତ୍-ଆଲ) ଅଧୋଭୁବନ; ତଳ,
ଅତଳ, ବିତଳ, ସୁତଳ, ତଳାତଳ, ମହାତଳ
ଓ ରସାତଳ ଏହି ସପ୍ତପାତାଳ ।

ପାତାଳ-ଫୁଟି-ବି. ପାତାଳଭେଦୀ ।

ପାତି-ବି. ବାନରବିଶେଷ । [ ଗ୍ରନ୍ଥିସ୍ଥ ।

ପାତିଆ-ବି. ସୁନା ରୂପାର ସରୁପଟି; ବାଉଁସର

ପାତିତ-ବି. (ପତ୍-ଣିଚ୍-ତ) ତଳକୁ ନିକ୍ଷିପ୍ତ ।

ପାତିବ୍ରତ୍ୟ-ବି. ( ପତିବ୍ରତା-ଯ ) ସତୀତ୍ୱ ।

ପାତ୍ର-ବି. (ପା-ତ୍ର) ଆଧାର ; ବର ; ଯୋଗ୍ୟ-

ପାତ୍ରତା-ବି. ଯୋଗ୍ୟତା । [ ବ୍ୟକ୍ତି ।

ପାତ୍ରୀ-ବି. (ପା-ତ୍ର-ଈ) କନ୍ୟା; ଯୋଗ୍ୟା ସ୍ତ୍ରୀ ।

ପାଥଃ-ବି. ଜଳ । [ ବାଟଖର୍ଚ୍ଚ ।

ପାଥେୟ-ବି. (ପଥିନ୍-ଏୟ ) ପଥର ସମ୍ବଳ,

ପାଥୋନିଧି-ବି. (ପାଥଃ-ନିଧି ) ସମୁଦ୍ର ।

ପାଦ-ବି. (ପଦ୍-ଅ ) ଚରଣ, ରଶ୍ମି ; ବୃକ୍ଷମୂଳ ;
ଚତୁର୍ଥାଂଶ ।

ପାଦ-ଚାର-ବି. ପାଦଦ୍ୱାରା ଭ୍ରମଣ ।

ପାଦପ-ବି. (ପାଦ-ପା-ଅ ) ବୃକ୍ଷ ।

ପାଦ-ପୀଠ-ବି. ପାଦସ୍ଥାପନାର୍ଥ ଆସନ ।

ପାଦ-ଶୈଳ-ବି. ପର୍ବତର ନିକଟସ୍ଥ କ୍ଷୁଦ୍ରଶୈଳ ।

ପାଦୁକ-ବି. (ପାଦୋଦକଶବ୍ଦଜ) ପାଦୋଦକ ।

ପାଦୁକା-ବି.(ପାଦ-ଉକ-ଆ)କଠାଉ; ଯୋତା ।

ପାଦ୍ୟ-ବି. (ପାଦ୍-ଯ) ପାଦପ୍ରକ୍ଷାଳନାର୍ଥ ଜଳ ।

ପାନ-ବି. ( ପା-ଅନ ) ପିଇବା ।

ପାନ-ବି. (ପର୍ଣ୍ଣଶବ୍ଦଜ) ତାମ୍ବୁଲ ।

ପାନସି-ବି. ତାମ୍ବୁଲ ବ୍ୟବସାୟୀ ।

ପାନ-ବଟା-ବି. ତାମ୍ବୁଲାଧାର ।

ପାନିଆ-ବି. ମୁଣ୍ଡ କୁଣ୍ଡେଇବାର କଙ୍କତିକା ।

ପାମୀୟୂ-ବ. ( ପା-ଅମୀୟୂ ) ଜଳ; ବଂ. ପାନର
ପାନ୍ଥ-ବ. (ପଥିନ୍-ଅ) ପଥିକ । [ଯୋଗ୍ୟ ।
ପାନ୍ଥନିବାସ-ବ. (ପାନ୍ଥ-ନିବାସ) ପଥିକମାନଙ୍କ
ରହିବା ସ୍ଥାନ ।
ପାପ-ବ. (ପା-ପ) ଅଧର୍ମ, ଦୁଷ୍କୃତ ।
ପାପଘ୍ନ-ବଂ. (ପାପ-ହନ୍-ଅ) ପାପନାଶକ ।
ପାପଡ଼-ବ. ପିଷ୍ଟକବିଶେଷ ।
ପାପାତ୍ମା-ବଂ. ( ପାପ-ଆତ୍ମନ ) ପାପୀ ।
ପାପିଷ୍ଠ-ବଂ. (ପାପ-ଇଷ୍ଠ) ଅତି ପାପୀ ।
ପାପୀ-ବଂ. ( ପାପ-ଇନ୍ ) ପାପଯୁକ୍ତ, ପାତକୀ ।
ପାପୀୟସୀ-ବଂ. ( ପାପ-ଈୟସ୍-ଈ ) ପାପିଷ୍ଠା ।
ପାପୀୟାନ୍ ବଂ. (ପାପ-ଈୟସ୍) ପାପିଷ୍ଠ ।
ପାପୁଲି-ବ. ହାତତଳ ।
ପାମର-ବଂ. ଅଧମ ; ନୀଚ ; ମୂର୍ଖ ।
ପାୟସ-ବ. (ପୟସ୍-ଅ ) କ୍ଷୀରି ।
ପାୟା-ବ. (ଫାର୍ଶୀ) ଚୌକିର ଗୋଡ଼ ।
ପାୟୁ ବ. (ପା-ଉ) ମଳଦ୍ୱାର । [ପ୍ରାନ୍ତ ।
ପାର-ବ. (ପର-ଅ) ନଦୀର ପରତୀର; ଉଦ୍ଧାର;
ପାରଗ-ବଂ. ( ପାର-ଗମ୍-ଅ ) ପାରଗାମୀ ;
ସମର୍ଥ । [ପ୍ରଥମ ଭୋଜନ ।
ପାରଣା-ବ. (ପାରି-ଅନ-ଆ) ଉପବାସ ପରେ
ପାରତନ୍ତ୍ର୍ୟ-ବ. (ପରତନ୍ତ୍ର-ଯ) ପରାଧୀନତା ।
ପାରତ୍ରିକ-ବ . (ପରତ୍ର-ଇକ) ପାରଲୌକିକ ;
ପରଲୋକ ସମ୍ବନ୍ଧୀୟ । [ବିଶେଷ ।
ପାରଦ-ବ. ( ପାର-ଦା-ଅ ) ପାରା, ଧାତୁ-

ପାରଦର୍ଶୀ-ବଂ. (ପାର-ଦୃଶ୍-ଇନ୍) ପରିଣାମ-
ଦର୍ଶୀ; ବିଜ୍ଞ । [ଗାମୀ ।
ପାରଦାରିକ-ବଂ. (ପରଦାର-ଇକ) ପରସ୍ତ୍ରୀ-
ପାରମାର୍ଥିକ-ବଂ. (ପରମାର୍ଥ-ଇକ) ଧର୍ମସମ୍ବ-
ନ୍ଧୀୟ । [ବାହକ ।
ପାରମ୍ପରୀଣ-ବଂ. ( ପରମ୍ପର-ଈନ ) ଧାର-
ପାରମ୍ପର୍ଯ୍ୟ-ବ. ( ପରମ୍ପର-ଯ ) ପରମ୍ପରାଗତ ;
ଅନୁକ୍ରମ । [ଲୋକ ସମ୍ବନ୍ଧୀୟ ।
ପାରଲୌକିକ-ବଂ. (ପରଲୋକ-ଇକ) ପର-
ପାରଶୀକ }
ପାରସୀକ } ବ. ପାରସ୍ୟଦେଶ ସମ୍ବନ୍ଧୀୟ ।
ପାରା ବ. (ପାରାବତଶବ୍ଦଜ) ପାରାପକ୍ଷୀ ।
ପାରା ବ. (ପାରଦଶବ୍ଦଜ) ପାରଧାତୁ ।
ପାରାବତ-ବ. ପାରାପକ୍ଷୀ ।
ପାରାବାର-ବ. (ପାର-ଅବାର) ସମୁଦ୍ର ।
ପାରାୟଣ-ବ. (ପାର-ଅୟନ) ସମାପ୍ତି; ଶାସ୍ତ୍ରର
ପାରି-ବ. ପାର; ଜଳପାତ୍ର । [ସମ୍ପୂର୍ଣ୍ଣପାଠ ।
ପାରିଜାତ }
ପାରିଜାତକ } ବ. ( ପାରି-ଜାତ-କ ) ସୁପ୍ରସିଦ୍ଧ ଶୋକ୍ତ ସ୍ୱର୍ଗୀୟ ତରୁ ଓ ତାହାର ପୁଷ୍ପ ।
ପାରିତୋଷିକ-ବ. (ପରିତୋଷ-ଇକ) ପରି-
ତୋଷ-ଜନକ ପୁରସ୍କାର ।
ପାରିଧି-ବ. ମୃଗୟା; ଶିକାର ।
ପାରିପାଟ୍ୟ-ବ. (ପରିପାଟୀ-ଯ) ସୁଶୃଙ୍ଖଳା ।
ପାରିପାର୍ଶ୍ୱିକ-ବଂ. (ପରି-ପାର୍ଶ୍ୱ-ଇକ)ପାରିଷଦ;
ଉପଗତ ।
ପାରିପ୍ଳବ-ବଂ. (ପରିପ୍ଳବ-ଅ) ଚଞ୍ଚଳ ।

ପାରିବା କ୍ରି. ସମର୍ଥ ହେବା ।

ପାରିବା କ୍ରି. ପାଡ଼ିବା; ବସ୍ତ୍ରାଇବା ।

ପାରିଭାଷିକ–ବିଂ. (ପରିଭାଷା-ଇକ) ପରିଭାଷା-
ସମ୍ବନ୍ଧୀୟ ।

ପାରିଷଦ–ବି. (ପରିଷଦ-ଅ) ସଭାସଦ୍ ।

ପାରୀନ୍ଦ୍ର-ବି. ସିଂହ ।

ପାରୁଷ୍ୟ–ବି. (ପରୁଷ-ଯ) କର୍କଶତା ।

ପାର୍ଥ–ବି. (ପୃଥା-ଅ) ପୃଥା-ପୁତ୍ର, ଅର୍ଜୁନ ।

ପାର୍ଥକ୍ୟ–ବି. (ପୃଥକ୍-ଯ) ପୃଥକତ୍ୱ, ଭିନ୍ନତା ।

ପାର୍ଥିବ-ବିଂ. (ପୃଥିବୀ-ଅ) ପୃଥିବୀ ସମ୍ବନ୍ଧୀୟ ।

ପାର୍ବଣ ବିଂ. (ପର୍ବନ୍-ଅ) ଅମାବାସ୍ୟାଦି ପର୍ବରେ
ବିହିତ ।

ପାର୍ବତୀ–ବି. (ପର୍ବତ-ଅ-ଈ) ଉମା, ଦୁର୍ଗା ।

ପାର୍ବତୀୟ–ବିଂ. (ପର୍ବତ-ଈୟ) ପର୍ବତ ସମ୍-

ପାର୍ଶ୍ୱ–ବି. ପ୍ରାନ୍ତ, ଏକଦେଶ, ପାଖ । [ବନ୍ଧୀୟ ।

ପାର୍ଷ୍ଣି–ବି. ଗୋଇଠି ।

ପାଲ–ବିଂ. (ପାଲ୍-ଅ) ରକ୍ଷକ (ଶବ୍ଦାନ୍ତେ) ।

ପାଲ–ବି. ପୁଆଲ, କୁଟା ।

ପାଲ–ବି. ନୌକାର ଅଞ୍ଚଳ ।

ପାଲକ–ବିଂ. (ପାଲି-ଅକ) ରକ୍ଷକ

ପାଲଙ୍ଗ–ବି. ଶାକବିଶେଷ ।

ପାଲଟି–ବିଂ. (ପର୍ଯ୍ୟସ୍ତଶବ୍ଦଜ) ପରିବର୍ତ୍ତନ ।

ପାଲଟିବା–କ୍ରି. ବଦଳିବା ।

ପାଲନ–ବି. (ପାଲ୍-ଣିଚ୍-ଅନ) ରକ୍ଷଣ, ପୋଷଣ ।

ପାଲୟିତା–ବି. (ପାଲ୍-ଣିଚ୍-ତୃ) ପାଳନକର୍ତ୍ତା ।

ପାଲା–ବି. ପୌରାଣିକ କଥାର ଗାୟନାଦି ।

ପାଳି }
ପାଳୀ } ବି. (ପାଲ-ଇ-ଈ) ବାର, ପର୍ଯ୍ୟାୟ, ପଂକ୍ତି ।

ପାଳି–ବି. ପ୍ରାଚୀନ ମାଗଧୀଭାଷା ।

ପାଳିତ–ବିଂ. (ପାଲି-ତ) ରକ୍ଷିତ, ପୋଷିତ ।

ପାଳୁଅ–ବି. ଏହି ନାମ ପ୍ରସିଦ୍ଧ ଚୂର୍ଣ୍ଣ ବିଶେଷ, ଯହିଁରେ
ପାୟସ ହୁଏ ।

ପାଳୁଣୀ–ବି. ପାଣ ଜାତୀୟ ସ୍ତ୍ରୀ ।

ପାବକ–ବି. (ପୂ-ଅକ) ଅଗ୍ନି ।

ପାବନ–ବିଂ. (ପୂ ଅନ) ପବିତ୍ରକାରୀ ।

ପାବନି–ବି. (ପବନ-ଇ) ପବନପୁତ୍ର, ହନୁମାନ୍ ।

ପାବନୀ–ବିଂ. (ପୂ-ଣିଚ-ଅନ୍-ଈ) ପବିତ୍ରକାରିଣୀ;
ବି. ଗଙ୍ଗା । [ (କେଶଶବ୍ଦର ଅନ୍ତେ ।)

ପାଶ–ବି. ( ପାଶି-ଅ ) ରଜ୍ଜୁନିର୍ମିତ ଫାନ୍ଦ; ବନ୍ଧ

ପାଶ–ବି. ( ପାର୍ଶ୍ୱଶବ୍ଦଜ ) ପାର୍ଶ୍ୱ ( ତଉଶବ୍ଦର
ଅନ୍ତେ । )

ପାଶକ–ବିଂ. (ପାଶି-ଅକ) ପଶା, ଚଉପାର ।

ପାଶବ–ବିଂ. ପଶୁ ସମ୍ବନ୍ଧୀୟ ।

ପାଶୀ–ବି. ( ପାଶ-ଇନ୍ ) ବରୁଣ; ବ୍ୟାଧ ।

ପାଶୁପତ–ବି. (ପଶୁପତି-ଅ) ପଶୁପତିର ଉପା-
ସକ; ପଶୁପତିର ଅସ୍ତ୍ର । [କର୍ମ ।

ପାଶୁପାଲ୍ୟ–ବି. (ପଶୁପାଲ-ଯ) ପଶୁପାଳନ

ପାଶ୍ଚାତ୍ୟ ବିଂ. (ପଶ୍ଚାତ୍-ଯ) ପଶ୍ଚିମ ଦେଶୀୟ ।

ପାଷଣ୍ଡ–ବି. ଧର୍ମଦ୍ରୋହୀ; ପାମର ।

ପାଷାଣ–ବି. (ପେଷ୍-ଅନ) ପ୍ରସ୍ତର; ଶିଳା ।

ପାସୋର–ବି. ( ବି-ସ୍ମୃ ଧାତୁରୁ ) ବିସ୍ମରଣ ।

ପାସୋରିବା–କ୍ରି. ଭୁଲିଯିବା, ବିସ୍ମୃତ ହେବା ।

ପାହାଚ-ବ. (ପାଦକ୍ଷଶବ୍ଦଜ) ସୋପାନ ।
ପାହାଡ଼ ବ. ଶ୍ରେଷ୍ଠ ପର୍ବତ ।
ପାହାଡ଼ିଆ-ବି. ପାର୍ବତୀୟ ।
ପାହାର-ବ. (ପ୍ରହାରଶବ୍ଦଜ) ମାଡ଼, ଅଘାତ ।
ପାହି-ବ. ପାହୁଲା; ପଇସା ।
ପାହି-ବି. ଅସ୍ଥାୟୀ (ରଇତ ସମ୍ବନ୍ଧରେ) ।
ପାହୁଡ଼-ବ. ପାଦର ଅଳଙ୍କାର ।
ପାହୁଲା-ବ. ପଇସାର ଚତୁର୍ଥାଂଶ; ପାହି ।
ପିଅର-ବ. (ପିତୃ=ପିତର) ପିତା, ତାତ ।
ପିଆଜ-ବ. ପଳାଣ୍ଡୁ ।
ପିଅଶାଳ-ବ. ବୃକ୍ଷବିଶେଷ ଓ ତାହାର କାଠ ।
ପିଇବା-କ୍ରି. (ପାଧାତୁ=ପିବ,) ପାନ କରିବା ।
ପିଉସା-ବ. ପିଉସୀର ପତି ।
ପିଉସୀ-ବ. (ପିତୃଷ୍ୱସୃଶବ୍ଦଜ) ପିତାର ଭଉଣୀ ।
ପିକ-ବ. କୋକିଳ ।
ପିକ-ବ. ତାମ୍ବୂଳଚର୍ବଣଜନିତ ଛେପ ।
ପିକଦାନୀ-ବ. ପିକ ପକାଇବାର ପାତ୍ର ।
ପିକା, ପିଙ୍କା-ବ. ଧୂମପାନାର୍ଥ ଧୂଆଁପତ୍ରର ବତି ।
ପିଙ୍ଗ, ପିଙ୍ଗଳ-ବ. (ପିଜ-ଅ,ଳ) ପିଙ୍ଗଳବର୍ଣ୍ଣ; ନୀଳ-ପୀତମିଶ୍ରିତ ବର୍ଣ୍ଣ ।
ପିଚ୍-ବ. (ଷ୍ଟିଚଶବ୍ଦଜ) ଦେଶବିଶେଷ ।
ପିଚ୍ଛୁଣୀ-ବ. (ପିଶାଚୀଶବ୍ଦଜ) ଡାହାଣୀ ।
ପିଚୁମର୍ଦ୍ଦ-ବ. ନିମ୍ବବୃକ୍ଷ ।
ପିଚ୍ଛ-ବ. (ପିଚ୍ଛ-ଅ) ମୟୂରପୁଚ୍ଛ; ଚୂଡା; ଲାଙ୍ଗୁଳ ।
ପିଚ୍ଛିଳ-ବି. ପିଚ୍ଛଳ ।
ପିଚ୍ଛିଳ-ବି. ପଙ୍କସମ୍ବନ୍ଧୀୟ ।
ପିଞ୍ଜର-ବ. (ପିନ୍ଜ୍-ଅର) ପିଞ୍ଜରା ।
ପିଞ୍ଜା-ବ. ମଞ୍ଜିଛଡ଼ା (ତୁଳା) ।
ପିଞ୍ଜିବା-କ୍ରି. ତୁଳାର ମଞ୍ଜି ଛଡାଇବା ।
ପିଟକ-ବ. (ପିଟ୍-ଅକ) ପେଟରା ।
ପିଟା-ବ. ମାଡ଼ ।
ପିଟିବା-କ୍ରି. ମାରିବା ।
ପିଠା-ବ. (ପିଷ୍ଟକଶବ୍ଦଜ) ପୂପ ।
ପିଠି-ବ. (ପୃଷ୍ଠଶବ୍ଦଜ) ପୃଷ୍ଠ । [ଗୁଡ଼ଲ ।
ପିଠୋଉ-ବ. ପିଠା ନିମନ୍ତେ ବଟା ଚାଉଳ ଓ
ପିଢ଼-ବ. (ପିଠଶବ୍ଦଜ) ବେଦି; ଚଉତରା ।
ପିଢ଼ା-ବ. (ପିଠଶବ୍ଦଜ) କାଷ୍ଠାସନ; ଘରର ଚୂଲ ।
ପିଣ୍ଡ-ବ. (ପିନ୍ଡ୍-ଅ) ଗୋଲବସ୍ତୁ; ଶ୍ରାଦ୍ଧରେ ପିତୃଲୋକଙ୍କୁ ଦେୟ ଗୋଲାକାର ଭକ୍ଷ୍ୟବସ୍ତୁ; ଶରୀର ।
ପିଣ୍ଡଦ-ବ. (ପିଣ୍ଡ-ଦା-ଅ) ଯେ ପିଣ୍ଡ ଦିଏ; ଅନ୍ନ-
ପିଣ୍ଡା-ବ. ପାଭାଗ; ବାରଣ୍ଡା । [ଦାତା ।
ପିଣ୍ଡିକା-ବ. ପିଣ୍ଡ ।
ପିତା-ବ. (ପା-ତୃ) ବାପ; ପିତୃତୁଲ୍ୟ ଗୁରୁ ।
ପିତା-ବି. (ତିକ୍ତଶବ୍ଦଜ) ତିକ୍ତ ।
ପିତାମହ-ବ. (ପିତା-ଅମହ) ପିତାର ପିତା ।
ପିତାମହୀ-ବି. (ପିତୃମହ-ଈ) ପିତାର ମାତା ।
ପିତୁଳା-ବ.(ପୁତ୍ତଳିଶବ୍ଦଜ) ମୂର୍ତ୍ତି; ଚକ୍ଷୁର ତାରା ।
ପିତୃ-ପକ୍ଷ-ବ. ପିତୃଶ୍ରାଦ୍ଧ କରିବାର ପକ୍ଷ; ଆଶ୍ୱିନ
ପିତୃ-ପତି-ବ. ଯମ । [କୃଷ୍ଣପକ୍ଷ ।

ପିତୃବ୍ୟ-ବି. (ପିତୃ-ବ୍ୟ) ପିତାର ଭ୍ରାତା ।

ପିତୃଷ୍ୱସା-ବି. (ପିତୃ-ସ୍ୱସା) ପିଉସୀ, ପିତାର ଭଗିନୀ । [ପ୍ରଭୃ ।

ପିତୃଷ୍ୱସ୍ରୀୟ-ବି. ( ପିତୃ-ସ୍ୱସୃ-ଈୟ ) ପିଉସୀର

ପିତ୍ତ ବି.(ଅପି-ଦୋ-ତ)ଶରୀରସ୍ଥ ଧାତୁବିଶେଷ ।

ପିତ୍ତଳ ବି. (ପିତ୍ତ-ଲା-ଅ) ତାମ୍ର ଓ ଦସ୍ତାର ମିଶ୍ରିତ ଧାତୁବିଶେଷ ।

ପିତ୍ର୍ୟ ବିଂ. (ପିତୃ-ଯ) ପିତୃସମ୍ବନ୍ଧୀୟ ।

ପିଦୁଡ଼ି }
ପିଜୁଳି } ବି. ପିଉଳିଅ, ପିଜୁଳି ।

ପିଧାନ-ବି. (ଅପି-ଧା-ଅନ) ଆଚ୍ଛାଦନ,ଆବରଣ ।

ପିନଦ୍ଧ-ବିଂ. (ଅପି-ନହ୍-ତ) ପରିହିତ; ଆବୃତ ।

ପିନାକ-ବି. (ପା-ଅକ) ଶିବଙ୍କର ଧନୁ ଓ ବାଦ୍ୟ-

ପିନାକୀ-ବି. (ପିନାକ-ଇନ୍) ଶିବ । [ଯନ୍ତ୍ର ।

ପିପାସା-ବି. (ପା-ସନ୍-ଅ) ପିଇବାର ଇଚ୍ଛା ।

ପିପାସିତ-ବିଂ. (ପା-ସନ୍-ତ) ପାନେଚ୍ଛୁ, ତୃଷିତ ।

ପିପାସୁ-ବିଂ. (ପା-ସନ୍-ଉ) ପାନେଚ୍ଛୁ, ତୃଷାର୍ତ୍ତ ।

ପିପୀଲିକା-ବି. ପିମ୍ପୁଡ଼ି ।

ପିପ୍ପଳ-ବି. ଅଶ୍ୱତ୍ଥବୃକ୍ଷ ।

ପିପ୍ପଳୀ-ବି. ପିମ୍ପଳୀଗଛ ଓ ତାହାର ଫଳ ।

ପିଲା-ବି. ବାଳକ ।

ପିଲସଜ-ବି. ପିତ୍ତଳନିର୍ମିତ ଦୀପାଧାର ।

ପିଶଙ୍ଗ-ବି. (ପିଶ୍-ଅଙ୍ଗ) ପିଙ୍ଗଳବର୍ଣ୍ଣ ।

ପିଶାଚ-ବି. (ପିଶିତ-ଅଶ୍-ଅ)ଏକପ୍ରକାର ଭୂତ ।

ପିଶିତ-ବି. (ପିଶ୍-ତ) ମାଂସ ।

ପୈଶୁନ-ବିଂ. (ପିଶ୍-ଉନ) ଖଳ; କ୍ରୂର ।

ପିଷ୍ଟ-ବିଂ. (ପିଷ୍-ତ) ମର୍ଦ୍ଦିତ; ଚୂର୍ଣ୍ଣିତ ।

ପିଷ୍ଟକ-ବି. (ପିଷ୍ଟ-କ) ପିଠା ।

ପିଷ୍ଟପ-ବି. ଭୁବନ ।

ପିହିତ-ବିଂ.(ଅପି-ଧା-ତ) ଆଚ୍ଛାଦିତ, ଅବରୁଦ୍ଧ ।

ପୀଠ-ବି. ( ପିଠ୍-ଅ ) ବସିବାର ଚୌକି ବା ପିଢ଼ା । [ଦେବା ।

ପୀଡ଼ନ-ବି. (ପୀଡ୍-ଅନ) ଦୁଃଖଦେବା ଯାତ-

ପୀଡ଼ା-ବି. (ପୀଡ୍-ଅ) ବ୍ୟଥା, ଦୁଃଖ, ରୋଗ; ଯନ୍ତ୍ରଣା । [ରୋଗୀ ।

ପୀଡ଼ିତ-ବିଂ. (ପୀଡା-ଇତ) ବ୍ୟଥିତ; ଦୁଃଖିତ;

ପୀତ-ବି. (ପା-ତ) ହରିଦ୍ରାବର୍ଣ୍ଣ, ହଳଦିଆବର୍ଣ୍ଣ; ବିଂ. ଯାହା ପାନ କରାଯାଇଅଛି ।

ପୀତା-ବି. (ପୀତ-ଆ)ହରିଦ୍ରା; ଗୋରୋଚନା ।

ପୀତାମ୍ବର-ବି. (ପୀତ-ଅମ୍ବର) କୃଷ୍ଣ ।

ପୀନ-ବିଂ. ସ୍ଥୂଳ ; ମୋଟା ।

ପୀନସ-ବି. ନାସିକାର ରୋଗବିଶେଷ ।

ପୀନୋଧ୍ନୀ-ବି. ( ପୀନ-ଊଧସ୍-ଈ ) ସ୍ଥୂଳସ୍ତନୀ-

ପୀୟୂଷ-ବି. (ପୀୟୂ-ଊଷ) ଅମୃତ । [ଗାଭୀ ।

ପୀବର-ବିଂ. (ପ୍ୟାୟ୍-ବର) ସ୍ଥୂଳ; ବଳିଷ୍ଠ ।

ପୁଂଲିଙ୍ଗ-ବି. (ପୁମସ୍-ଲିନ୍ଗ୍-ଅ) ପୁରୁଷବାଚକ ଶବ୍ଦ । [ବେଶ୍ୟା ।

ପୁଂଶ୍ଚଳୀ-ବି. (ପୁମସ୍ ଚଲ୍-ଈ) ଭ୍ରଷ୍ଟା; ଅସତୀ,

ପୁଂସବନ-ବି. (ପୁମସ୍-ସୂ-ଅନ) ଗର୍ଭାଧାନ ସମ୍ବନ୍ଧୀୟ ସଂସ୍କାର । [କୋକିଲ ।

ପୁଂସ୍କୋକିଲ-ବି. ( ପୁମସ୍-କୋକିଲ ) ଅଣ୍ଡିରା

ପୁଂସ୍ତ୍ୱ-ବ. (ପୁମସ୍-ତ୍ୱ) ପୁରୁଷତ୍ୱ, ଶୁକ୍ର ।
ପୁଅ-ବ. (ପୁତ୍ରଶବ୍ଦଜ) ତନୟ, ନନ୍ଦନ ।
ପୁଆ-ବ. (ପୁତ୍ରଶବ୍ଦଜ) କ୍ଷୁଦ୍ରବୃକ୍ଷ ।
ପୁଙ୍ଖ-ବ. (ପୁମସ୍-ଖନ୍-ଅ) ବାଣର ପକ୍ଷଯୁକ୍ତ ସ୍ଥାନ; ପର ।
ପୁଙ୍ଖାନୁପୁଙ୍ଖ-ବିଂ. (ପୁଙ୍ଖ-ଅନୁପୁଙ୍ଖ) ସୂକ୍ଷ୍ମାନୁ-[ସୂକ୍ଷ୍ମ ।
ପୁଙ୍ଗ ବ. (ପୁମସ୍-ଗମ୍-ଅ) ରାଶି, ସମୂହ ।
ପୁଙ୍ଗବ-ବ. (ପୁମସ୍-ଗୋ-ଅ) ବୃଷ; (ଶବ୍ଦାନ୍ତେ) ଶ୍ରେଷ୍ଠ ।
ପୁଚ୍ଛ-ବ. (ପିଚ୍ଛ୍-ଅ) ଲାଙ୍ଗୁଳ; ପଶ୍ଚାଦ୍‌ଭାଗ ।
ପୁଞ୍ଜ-ବ. ରାଶି, ସମୂହ ।
ପୁଞ୍ଜି-ବ. ପାଣ୍ଠି, ମୂଳଧନ ।
ପୁଞ୍ଜିତ-ବିଂ. ରାଶୀକୃତ ।
ପୁଟ-ବ. (ପୁଟ୍-ଅ) ଆବରଣ; ଅଞ୍ଜଳି; ପାତ୍ର ।
ପୁଟୁଳି-ବ. ପୁଡ଼ିଆ ।
ପୁଡ଼ା ବ. (ପୁଟଶବ୍ଦଜ) ପୋଟଳା ।
ପୁଢ଼ା-ବ. (ପୃଷ୍ଠଶବ୍ଦଜ) ପୁସ୍ତକର ପତ୍ର ।
ପୁଣି-ଅଂ. (ପୁନରଶବ୍ଦଜ) ପୁନର୍ବାର ।
ପୁଣ୍ଡରୀକ-ବ. (ପୁଣ୍ଡ-ଅରୀକ) ଶ୍ୱେତପଦ୍ମ ।
ପୁଣ୍ଡରୀକାକ୍ଷ-ବ. (ପୁଣ୍ଡରୀକ-ଅକ୍ଷି) ପଦ୍ମନେତ୍ର; ବିଷ୍ଣୁ ।
ପୁଣ୍ଡ୍ର, ପୁଣ୍ଡ୍ରକ } ବ. (ପୁଣ୍ଡ-ର-କ) ଚିହ୍ନ; ତିଳକ ।
ପୁଣ୍ୟ-ବ. (ପୁଣ୍-ଯ) ଧର୍ମ, ସୁକୃତ; ବିଂ. ପବିତ୍ର, ନିର୍ମଳ ।
ପୁଣ୍ୟବାନ୍-ବିଂ. (ପୁଣ୍ୟ-ବତୁ) ଧାର୍ମିକ ।
ପୁଣ୍ୟ-ଶ୍ଳୋକ-ବିଂ. ପବିତ୍ରଯଶା; ପବିତ୍ରଚରିତ୍ର ।
ପୁତୁରା-ବ. ଝିଅର ପୁତ୍ର ।
ପୁତ୍ତଳି-, ପୁତ୍ତଳିକା } ବ. ପିତୁଳା ।
ପୁତ୍ତିକା-ବ. ଉଇପୋକ ।
ପୁତ୍ର, ପୁତ୍ର } ବ. (ପୁତ୍-ତ୍ରୈ-ଅ) (ପୁ-ତ୍ର) ସୁତ, ତନୟ ।
ପୁତ୍ରୀ, ପୁତ୍ରିକା } ବ. କନ୍ୟା ।
ପୁନଃ-ଅଂ. ପୁଣି ।
ପୁନଃ-ପୁନଃ-ଅଂ. (ପୁନର୍-ପୁନର୍) ବାରମ୍ବାର ।
ପୁନରୁକ୍ତି-ବ. (ପୁନଃ-ଉକ୍ତି) ଉକ୍ତିର ପୁନଃକଥନ ।
ପୁନର୍ଜନ୍ମ-ବ. (ପୁନଃ-ଜନ୍ମନ୍) ପୁନର୍ବାର ସଂସାରରେ ଜନ୍ମଗ୍ରହଣ ।
ପୁନର୍ବସୁ ବ. (ପୁନର୍-ବସୁ) ନକ୍ଷତ୍ରବିଶେଷ ।
ପୁନର୍ଭୂ-ବ. ବିଧବା ହୋଇ ବିବାହିତା ।
ପୁନଶ୍ଚ-ଅଂ. ପୁଣି; ପୁନର୍ବାର ।
ପୁନ୍ନାଗ-ବ. ପୋଲାଙ୍ଗ ଗଛ ।
ପୁମାନ୍-ବ. ପୁଂସ; ପୁରୁଷ ।
ପୁର-ବ. (ପୃ-ଅ) ଗୃହ; ନଗର ।
ପୁରଃ-ଅଂ. ସମ୍ମୁଖରେ; ପୂର୍ବେ ।
ପୁରଃସର-ବ. (ପୁରସ୍-ସୃ-ଅ) ପୂର୍ବକ; ଅଗ୍ରସର ।
ପୁରତଃ-ଅଂ. ( ପୁର-ତସ୍ ) ଅଗ୍ରେ ; ସମ୍ମୁଖେ, ଅଭିମୁଖରେ ।

ପୁରନ୍ଦର-ବ. (ପୁର ଦୃ-ଅ) ଇନ୍ଦ୍ର ।

ପୁରନ୍ଧ୍ରୀ-ବ. (ପୁର-ଧୃ-ଅ-ଈ) ପତି-ପୁତ୍ରବତୀ ସ୍ତ୍ରୀ,

ପୁର-ପାଳ-ବ. ନଗରରକ୍ଷକ । [ଗୃହିଣୀ ।

ପୁରଶ୍ଚରଣ-ବ. (ପୁରଃ-ଚରଣ) ମନ୍ତ୍ର, ଜପ, ହୋମ ପ୍ରଭୃତି ଦ୍ୱାରା ଦେବତାର ପୂଜା ।

ପୁରସ୍କାର-ବ. (ପୁରସ୍-କୃ-ଅ) ସମାଦର ; ପାରିତୋଷିକଦାନ । [ସମ୍ମାନିତ ।

ପୁରସ୍କୃତ-ବି. (ପୁରସ୍-କୃ-ତ) ପୁରସ୍କାରପ୍ରାପ୍ତ;

ପୁରା-ଅ. (ପୃ-ଅ) ପୂର୍ବକାଳରେ ।

ପୁରାଣ-ବି. (ପୁରା-ନ) ପ୍ରାଚୀନ; ବ, ପ୍ରାଚୀନ କାଳର ନାନା ଚରିତପୂର୍ଣ୍ଣ ଧର୍ମ୍ମ-ଗ୍ରନ୍ଥ । ପୁରାଣ ଅଷ୍ଟାଦଶ; ଯଥା, ବ୍ରହ୍ମ, ପଦ୍ମ, ବିଷ୍ଣୁ, ଶିବ, ଭାଗବତ, ନାରଦ, ମାର୍କଣ୍ଡ ଅଗ୍ନି, ଭବିଷ୍ୟ, ବ୍ରହ୍ମ-ବୈବର୍ତ୍ତ, ଲିଙ୍ଗ, ବରାହ, ସ୍କନ୍ଦ, ବାମନ, କୂର୍ମ୍ମ, ମତ୍ସ୍ୟ, ଗରୁଡ଼ ଓ ବ୍ରହ୍ମାଣ୍ଡପୁରାଣ ।

ପୁରାଣ-ପୁରୁଷ-ବ. ଆଦିପୁରୁଷ, ପରମେଶ ।

ପୁରା-ତତ୍ତ୍ୱ-ବ. ପ୍ରାଚୀନକାଳର ତଥ୍ୟ ।

ପୁରାତନ-ବି. (ପୁରା-ତନ) ପ୍ରାଚୀନ ।

ପୁରାବୃତ୍ତ-ବ. ( ପୁରା-ବୃତ୍-ତ ) ପୂର୍ବବୃତ୍ତାନ୍ତ, ଇତିହାସ ।

ପୁରାସାହ-ବ. (ପୁରା-ସହ୍-ଅ) ଇନ୍ଦ୍ର ।

ପୁରି-ବ. ଗହମପିଠା ଓ ଘିଅରେ ପ୍ରସ୍ତୁତ ପିଷ୍ଟକ-ବିଶେଷ । [ତୀର୍ଥ ପୁରୁଷୋତ୍ତମ ।

ପୁରୀ-ବ. (ପୁର-ଈ) ନଗରୀ ; ଭବନ ; ପ୍ରସିଦ୍ଧ-

ପୁରୀଷ-ବ. (ପୃ-ଈଷ) ବିଷ୍ଠା, ମଳ ।

ପୁରୁ-ବି. (ପୃ-ଉ) ପ୍ରଚୁର; ବ. ପ୍ରାଚୀନକାଳର ନୃପବିଶେଷ ।

ପୁରୁଖା-ବି. ପ୍ରବୀଣ ।

ପୁରୁଣା-ବି. (ପୁରାଣଶବ୍ଦଜ) ପ୍ରାଚୀନ, ପୁରାତନ ।

ପୁରୁଣି-ବ. ଶାକବିଶେଷ ।

ପୁରୁଷ-ବ. (ପୃ-ଉଷ) ପୁମାନ୍, ମନୁଷ୍ୟ; ଆତ୍ମା ।

ପୁରୁଷ-କାର-ବ. ପୌରୁଷ; ଉଦ୍ୟମ ।

ପୁରୁଷତ୍ୱ-ବ. (ପୁରୁଷ-ତ୍ୱ) ମନୁଷ୍ୟତ୍ୱ, ପୌରୁଷ; ବୀର୍ଯ୍ୟ, ଉତ୍ସାହ ।

ପୁରୁଷର୍ଷଭ-ବି. (ପୁରୁଷ-ଋଷଭ) ପୁରୁଷଶ୍ରେଷ୍ଠ ।

ପୁରୁଷ-ସିଂହ-ବି. ନରଶ୍ରେଷ୍ଠ ।

ପୁରୁଷାର୍ଥ-ବ. (ପୁରୁଷ-ଅର୍ଥ) ପୁରୁଷର ଧର୍ମ, ଅର୍ଥ, କାମ ମୋକ୍ଷରୂପ ପ୍ରୟୋଜନ; ମୁକ୍ତି ।

ପୁରୁଷୋତ୍ତମ-ବ. (ପୁରୁଷ-ଉତ୍ତମ) ପରମାତ୍ମା; ପୁଣ୍ୟତୀର୍ଥ ।

ପୁରୁହୂତ-ବ. (ପୁରୁ-ହୂ-ତ) ଇନ୍ଦ୍ର । [ଗାମୀ ।

ପୁରୋଗାମୀ-ବି. ( ପୁରଃ ଗମ୍-ଇନ୍ ) ଅଗ୍ର-

ପୁରୋଧା-ବ. (ପୁରସ୍-ଧା-ଅସ୍) ପୁରୋହିତ ।

ପୁରୋହିତ-ବ. (ପୁରସ୍-ଧା-ତ) ଶ୍ରାଦ୍ଧାଦିକର୍ମ କରିବା ବ୍ରାହ୍ମଣ ।

ପୁଲକ-ବ. (ପୁଲ୍-ଅକ) ରୋମାଞ୍ଚ; ହର୍ଷ ।

ପୁଲକିତ-ବି. (ପୁଲକ-ଇତ) ହୃଷ୍ଟ; ରୋମାଞ୍ଚିତ । [ମଧ୍ୟରୁ ଏକ ଋଷି ।

ପୁଲସ୍ତ୍ୟ-ବ. (ପୁଲ-ସ୍ତୈ-ଅ) ସପ୍ତର୍ଷିମାନଙ୍କ

ପୁଲହ-ବ. (ପୁଲ-ହା-ଅ) ସପ୍ତର୍ଷିମାନଙ୍କ ମଧ୍ୟରୁ

ପୁଳାଏ-କ୍ରି. ବ. ମୁଠାଏ । [ଏକ ଋଷି ।

ପୁଳି-ବ. ଏକପ୍ରକାର ପିଠା ।

ପୁଳିନ-ବ. (ପୁଲ୍-ଇନ) ତଟ ।

ପୁଳିନ୍ଦ-ବ. ଶବର ।
ପୁଳିନ୍ଦା-ବ. (ଫାର୍ଶୀ) ଲଫାଫା ।
ପୁଲୋମଜା-ବ. (ପୁଲୋମନ୍-ଜନ୍-ଅ-ଆ) ଶଚୀ, ଇନ୍ଦ୍ରାଣୀ ।
ପୁଷ୍କର-ବ. (ପୁଷ୍-କର) ପଦ୍ମ; ଜଳ ।
ପୁଷ୍କରଣୀ ବ. ( ପୁଷ୍କର-ଇନ୍-ଈ ) ପୋଖରୀ, ପଦ୍ମିନୀ ।
ପୁଷ୍କଳ-ବ°. (ପୁଷ୍-କଲ) ବହୁ; ପ୍ରଚୁର ।
ପୁଷ୍ଟ-ବ°. (ପୁଷ୍-ତ) ପ୍ରତିପାଳିତ; ବୃଦ୍ଧିପ୍ରାପ୍ତ ।
ପୁଷ୍ଟି-ବ. (ପୁଷ୍-ତି) ପୋଷଣ; ବୃଦ୍ଧି ।
ପୁଷ୍ଟିକର-ବ°. (ପୁଷ୍ଟି-କର) ବୃଦ୍ଧିକାରକ, ବଳକାରକ ।
ପୁଷ୍ପ-ବ. ( ପୁଷ୍ପ-ଅ) ଫୁଲ, କୁସୁମ ।
ପୁଷ୍ପକ-ବ. (ପୁଷ୍ପ-କ) କୁବେର-ରଥ ।
ପୁଷ୍ପଧନ୍ୱା-ବ. (ପୁଷ୍ପ-ଧନୁଃ) କନ୍ଦର୍ପ ।
ପୁଷ୍ପମାସ-ବ. ବସନ୍ତକାଳ ।
ପୁଷ୍ପରସ-ବ. (ପୁଷ୍ପ-ରସ) ଫୁଲର ମଧୁ ।
ପୁଷ୍ପ-ରାଗ-ବ. ପୋଖରାଜ ନାମକ ମଣିବିଶେଷ ।
ପୁଷ୍ପ-ବାଟିକା-ବ. ଫୁଲବଗିଚା ।
ପୁଷ୍ପିତ-ବ°. (ପୁଷ୍ପ-ଇତ ) କୁସୁମିତ ପ୍ରକାଶିତ ।
ପୁଷ୍ପେଷୁ-ବ. (ପୁଷ୍ପ-ଇଷୁ) କନ୍ଦର୍ପ ।
ପୁଷ୍ୟା-ବ. (ପୁଷ୍-ଯ-ଆ) ନକ୍ଷତ୍ରବିଶେଷ ।
ପୁସ୍ତକ-ବ. (ପୁସ୍ତ-ଅକ) ଗ୍ରନ୍ଥ, ପୋଥି ।
ପୁସ୍ତକାଗାର-ବ.(ପୁସ୍ତକ-ଅଗାର) ପୁସ୍ତକାଳୟ ।
ପୁହାଇବା-କ୍ରି. ପ୍ରଭାତ କରାଇବା ।
ପୂଗ-ବ. (ପୂ-ଗ) ଗୁବାକ, ଗୁଆ ।
ପୂଜକ-ବ. (ପୂଜ-ଅକ) ଉପାସକ, ସେବକ ।
ପୂଜନ-ବ. (ପୂଜ-ଅନ) ପୂଜା, ଅର୍ଚ୍ଚନା ।
ପୂଜନୀୟ-ବ°. (ପୂଜ-ଅନୀୟ) ପୂଜାର ଯୋଗ୍ୟ, ପୂଜ୍ୟ । [ସେବା; ସ୍ତୁତି ।
ପୂଜା-ବ. ( ପୂଜ୍-ଅ ) ଅର୍ଚ୍ଚନା, ଉପାସନା,
ପୂଜାର୍ହ-ବ°. (ପୂଜା-ଅର୍ହ) ପୂଜାର ଯୋଗ୍ୟ ।
ପୂଜାହାରୀ-ବ. (ପୂଜା-ଅହାରୀ) ଦେବପୂଜକ ବ୍ରାହ୍ମଣ ।
ପୂଜିତ-ବ°. (ପୂଜ୍-ତ) ଅର୍ଚ୍ଚିତ, ସେବିତ ।
ପୂଜ୍ୟ-ବ°. (ପୂଜ୍-ଯ) ପୂଜାର ଯୋଗ୍ୟ ।
ପୂଜ୍ୟମାନ-ବ. ସେବ୍ୟମାନ ।
ପୂତ-ବ°. (ପୂ-ତ) ନିର୍ମଳ, ପବିତ୍ର ।
ପୂତନା-ବ. ପୁରାଣୋକ୍ତ ରାକ୍ଷସୀବିଶେଷ ।
ପୂତି-ବ. (ପୂୟ୍-ତି) ଦୁର୍ଗନ୍ଧ ।
ପୂତିକା-ବ. (ପୂୟ୍-ତି-କ-ଆ) ପୋଇଶାଗ ।
ପୂତିଗନ୍ଧ-ବ. (ପୂତି-ଗନ୍ଧ) ଦୁର୍ଗନ୍ଧ ।
ପୂପ-ବ. (ପୂ-ପକ୍) ପଷ୍ଟକ, ପିଠା ।
ପୂୟ-ବ. (ପୂୟ୍-ଅ) ବକ୍ତଚରକ୍ତ, ପୂଜ ।
ପୂର-ବ. (ପୂର୍-ଅ) ଜଳବୃଦ୍ଧି; ପ୍ରବାହ; ପିଠାଭିତରେ ପୂରିତ ମିଷ୍ଟଦ୍ରବ୍ୟ ।
ପୂରଣ-ବ.(ପୂର୍-ଅନ) ପୂର୍ଣ୍ଣ ହେବା ବା କରିବା ।
ପୂରୟିତା-ବ°. (ପୂର୍-ଣିଚ୍-ତୃ) ଯେ ପୂର୍ଣ୍ଣ କରେ ।
ପୂର୍ଣ୍ଣ-ବ°. (ପୄ-ତ) ସମ୍ପୂର୍ଣ୍ଣ ।
ପୂର୍ଣ୍ଣିମା } ବ. (ପୂର୍ଣ୍ଣ-ମା, ମାସୀ) ପୂର୍ଣ୍ଣିମାତିଥି ।
ପୂର୍ଣ୍ଣିମାସୀ }

ପୂର୍ଣ୍ଣାୟୁ-ବି. ( ପୂର୍ଣ୍ଣ-ଆୟୁସ୍ ) ଶତବର୍ଷପରିମିତ ଜୀବିତକାଳ । [ଦଶୀ ତିଥି ।

ପୂର୍ଣ୍ଣିମା-ବି. (ପୂର୍ଣ୍ଣ-ଇମ-ଆ) ଶୁକ୍ଳପକ୍ଷର ପଞ୍ଚ-

ପୂର୍ତ୍ତ-ବି. ( ପୃ-ତ ) ସାଧାରଣର ଉପକାରାର୍ଥ ଜଳାଶୟାଦି ଖନନ ।

ପୂର୍ତ୍ତି-ବି. (ପୂର୍-ତି) ପୂରଣ । [ପ୍ରାଚୀନ ।

ପୂର୍ବ-ବି. (ପୂର୍ବ୍-ଅ) ଅଗ୍ର; ପ୍ରାଚୀଦିକ୍; ବିଂ.

ପୂର୍ବ-ପୁରୁଷ-ବି. ପିତୃ ପିତାମହାଦି ।

ପୂର୍ବଫାଲ୍ଗୁନୀ-ବି. ନକ୍ଷତ୍ରବିଶେଷ ।

ପୂର୍ବ-ଭାଦ୍ରପଦ-ବି. ନକ୍ଷତ୍ରବିଶେଷ ।

ପୂର୍ବ-ରାଗ-ବି. ନାୟକ ନାୟିକାର ପରସ୍ପର ପ୍ରଥ ପ୍ରଥମାନୁରାଗ ।

ପୂର୍ବାଷାଢା-ବି.(ପୂର୍ବ-ଆଷାଢା) ନକ୍ଷତ୍ରବିଶେଷ ।

ପୂର୍ବାହ୍ନ-ବି. ( ପୂର୍ବ-ଅହନ୍ ) ଦିବସର ପ୍ରଥମ-ଭାଗ ।

ପୂର୍ବୋକ୍ତ-ବିଂ. (ପୂର୍ବ-ଉକ୍ତ) ପୂର୍ବକଥିତ ।

ପୂଷା-ବି. ( ପୂଷ୍-ଅନ୍ ) ସୂର୍ଯ୍ୟ ।

ପୃକ୍ତ-ବିଂ. (ପୃଚ୍-ତ) ମିଶ୍ରିତ; ସଂଲଗ୍ନ ।

ପୃଚ୍ଛା-ବି. ( ପୃଚ୍ଛ୍-ଅ-ଆ ) ପ୍ରଶ୍ନ, ଜିଜ୍ଞାସା ।

ପୃତନା-ବି. ସେନା, ସୈନ୍ୟଦଳ ।

ପୃଥକ୍-ଅଂ. (ପୃଥ୍-ଅକ୍) ଭିନ୍ନ । [ପତ୍ନୀ ।

ପୃଥା-ବି. ( ପୃଥ୍-ଅ-ଆ ) କୁନ୍ତୀ, ପାଣ୍ଡୁରାଜାଙ୍କ

ପୃଥିବୀ / ପୃଥ୍ୱୀ } ବି. (ପ୍ରଥ୍-ଇବୀ,) ଭୂମି, ଧରା ।

ପୃଥୁ-ବିଂ. ( ପ୍ରଥ୍-ଉ ) ବିସ୍ତୃତ ; ବିଶାଳ ; ସ୍ଥୂଳ; ବି. ପ୍ରାଚୀନକାଳର ନୃପବିଶେଷ ।

ପୃଥୁକ-ବି. ଚୂଡ଼ା ।

ପୃଥୁଳ-ବିଂ. (ପୃଥୁ-ଲ) ବୃହତ୍, ବିସ୍ତୃତ; ସ୍ଥୂଳ ।

ପୃଷତ୍-ବି. ପୃଷ୍-ଅତ୍) ଜଳବିନ୍ଦୁ ।

ପୃଷୋଦର-ବି. ( ପୃଷତ୍-ଉଦର ) ବାୟୁ ।

ପୃଷ୍ଟ-ବିଂ. ( ପ୍ରଚ୍ଛ୍-ତ ) ଜିଜ୍ଞାସିତ ।

ପୃଷ୍ଠ-ବି. ( ପୃଷ୍-ଥ ) ପଶ୍ଚାଦ୍‌ଭାଗ, ପିଠି; ପଦା-ର୍ଥର ଏକ ପାର୍ଶ୍ୱ ।

ପୃଷ୍ଠ-ବଂଶ-ବି. ପିଠିର ମଝିହାଡ଼ ।

ପୃଷ୍ଠଭଙ୍ଗ-ବି. ( ପୃଷ୍ଠ-ଭନ୍ଜ୍-ଅ ) ପଳାୟନ, ଯୁଦ୍ଧରେ ହାରି ପଳାଇବା ।

ପେଚ-ବି. କଳ ।

ପେଚକ-ବି. (ପେଚ୍-ଅକ) ପେଚା ।

ପେଜ-ବି. ଭାତର ମଣ୍ଡଜଳ ।

ପେଟ-ବି. ଉଦର,ଗର୍ଭ ।

ପେଟକ-ବି. ପେଟରା ।

ପେଟିକା-ବି. ପେଟରା ।

ପେଟରା-ବି. ପେଡ଼ି ।

ପେଟୁ-ବିଂ. ଉଦରମ୍ଭରି ।

ପେଠୀ-ବି. ବାଘର ସ୍ତ୍ରୀ ।

ପେଡ଼ା-ବି. ମିଷ୍ଟାନ୍ନବିଶେଷ ; ପେଟରା ।

ପେଡ଼ି-ବି. (ପେଟୀଶବ୍ଦଜ) ପେଟରାବିଶେଷ ।

ପେଡ଼ିବା-କ୍ରି. (ପୀଡ଼୍‌ଧାତୁରୁ) ରସ ବା ତେଲ ବାହାର କରିବା ।

ପେଣ୍ଠ-ବି. ଗଞ୍ଜ, ହାଟ ।

ପେଣ୍ଠୀ-ବିଂ. ସ୍ଥଳ ଓ ବାଗସ୍ଥ ।
ପେଣ୍ଡ୍ରା-ବି. ଗଚ୍ଛ, କାଣ୍ଡ ।
ପେୟ-ବିଂ. (ପା-ଯ) ପାନୀୟ, ପାନର ଯୋଗ୍ୟ ।
ପେଲ-ବି. ଅଣ୍ଡକୋଷ ।
ପେଲବ-ବିଂ. କୋମଳ, ମୃଦୁ ।
ପେଲିବା-କ୍ରି. ଠେଲିବା ।   [କର ।
ପେଶକସ-ବି. (ପାର୍ଶୀ) ସାମନ୍ତନୃପ-ପ୍ରଦତ୍ତ-
ପେଶକାର-ବି. (ପାର୍ଶୀ) ।
ପେଶଲ-ବିଂ. ସୁନ୍ଦର; କୋମଳ ।
ପେଶା-ବି. (ପାର୍ଶୀ) ବ୍ୟବସାୟ ।
ପେଶୀ-ବି. ମାଂସପିଣ୍ଡ ।
ପେଷଣ-ବି. (ପିଷ୍-ଅନ) ଚୂର୍ଣ୍ଣନ ।
ପେଷଣୀ-ବି. ପେଷଣଯନ୍ତ୍ର ।
ପେଷିବା-କ୍ରି. (ପିଷ୍ଧାତୁରୁ) ଚୂର୍ଣ୍ଣ କରିବା ।
ପେଷିବା-କ୍ରି. (ପ୍ର-ଇଷ୍ଧାତୁରୁ) ପ୍ରେରଣ କରିବା (ପଦ୍ୟେ ବ୍ୟବହୃତ) ।
ପୈତା-ବି. (ପବିତ୍ରଶବ୍ଦଜ) ଯଜ୍ଞୋପବୀତ ।
ପୈତୃକ-ବିଂ. (ପିତୃ-କ) ପିତୃପିତାମହାଦି ସମ୍ବନ୍ଧୀୟ ।
ପୈଶାଚ / ପୈଶାଚିକ } ବିଂ.(ପିଶାଚ-ଅ, ଇକ) ପିଶାଚ-ସମ୍ବନ୍ଧୀୟ; ଅସୁରିକ ।
ପୋଇ-ବି. ପୁଇକା ଶାକ ।
ପୋଇଲି-ବି. ଦାସୀ ।
ପୋକ-ବି. କୀଟ ।
ପୋକରା-ବିଂ. ପୋକ-ଖିଆ ।
ପୋଖତ-ବିଂ. (ପାର୍ଶୀ) ପକ୍ୱ; ଦୃଢ଼ ।

ପୋଆତି-ବି. (ପ୍ରସୂତଶବ୍ଦଜ) ନବପ୍ରସୂତା ସ୍ତ୍ରୀ ।
ପୋଖରୀ-ବି. (ପୁଷ୍କରିଣୀଶବ୍ଦଜ) ପୁଷ୍କରିଣୀ ।
ପୋଗଣ୍ଡ-ବି. ଅପୋଗଣ୍ଡ ବାଳକ ।
ପୋଛିବା-କ୍ରି.(ପ୍ର-ଉଞ୍ଛ୍ଧାତୁରୁ) ମାର୍ଜନ କରିବା,
ପୋଡ଼ା-ବିଂ. ଦଗ୍ଧ ।  [ପରିଷ୍କାର କରିବା ।
ପୋଡ଼ିବା-କ୍ରି. ଅଗ୍ନିରେ ଦଗ୍ଧ କରିବା ।
ପୋଢୁଆଁ-ବିଂ. (ପ୍ରଥମଶବ୍ଦଜ) ପ୍ରଥମଜାତ ।
ପୋତ-ବି. ଶାବକ; ଜାହାଜ ।
ପୋତକ-ବିଂ ଗ୍ରହବିଶେଷ ।
ପୋତା-ବିଂ. ପ୍ରୋଥିତ ।
ପୋତାଧ୍ୟକ୍ଷ-ବି. (ପୋତ-ଅଧ୍ୟକ୍ଷ) ଜାହାଜର କାପ୍ତାନ, ଜାହାଜରକ୍ଷକ ।
ପୋତାଶ୍ରୟ-ବି. (ପୋତ-ଆଶ୍ରୟ) ଜାହାଜର ନଙ୍ଗରପଡ଼ସ୍ଥାନ ।
ପୋତିବା-କ୍ରି. ପ୍ରୋଥିତ କରିବା ।
ପୋତ୍ରୀ-ବି. ଶୂକରର ମୁଖାଗ୍ର ।
ପୋଥି-ବି. ( ପୁସ୍ତକଶବ୍ଦର-ଅପଭ୍ରଂଶ ) ପୁସ୍ତକ ।
ପୋଦ୍ଦାର-ବି. (ପାର୍ଶୀ) ଟଙ୍କା ପରୀକ୍ଷକ ।
ପୋପରା-ବିଂ. ପୋକଖିଆ, ଘୁଣଖିଆ ।
ପୋବାର-ବି. (ପାବରଶବ୍ଦଜ) ପଶାର ଏକ-ପ୍ରକାର ପତନ ।
ପୋରିଆ-ବିଂ. ଅତି ପୁରୁଣା, ଜୀର୍ଣ୍ଣ ।
ପୋଲ-ବି. ସେତୁ; ଶୂନ୍ୟ-ମଧ୍ୟ ।
ପୋଲି-ବିଂ. ମାଉଣା; ଫମ୍ପା ।
ପୋଷ-ବି. ଅର୍ଦ୍ଧଅଞ୍ଜଳି ।
ପୋଷଣ-ବି. (ପୁଷ୍-ଅନ) ପାଳନ ।

ପୋଷା-ବିଂ. (ପୁଷ୍‌ଧାତୁରୁ) ପାଳିତ ।
ପୋଷାକ-ବି. (ପାର୍ଶୀ) ପରିଚ୍ଛଦ ।
ପୋଷ୍ଟା-ବିଂ. (ପୁଷ୍-ତୃ) ପୋଷଣକର୍ତ୍ତା ।
ପୋଷ୍ୟ-ବିଂ. ( ପୁଷ୍-ଯ ) ପୋଷଣୀୟ, ପ୍ରତି
ପୋଷ୍ୟ-ପୁତ୍ର-ବି. ଦତ୍ତକପୁତ୍ର । [ପାଳନୀୟ ।
ପୋସ୍ତ-ବି. (ପାର୍ଶୀ) ଅଫିମ ଫଳ ।
ପୋହଳା-ବି. (ପ୍ରବାଳଶବ୍ଦଜ) ପ୍ରବାଳ ।
ପୌଗଣ୍ଡ-ବି. (ପୋଗଣ୍ଡ-ଅ) ବାଲ୍ୟକାଳ ।
ପୌତ୍ତଳିକ-ବିଂ. (ପୁତ୍ତଳି-କ) ପ୍ରତିମାପୂଜକ ।
ପୌତ୍ର-ବି. (ପୁତ୍ର-ଅ) ପୁତ୍ରର ପୁତ୍ର, ନାତି ।
ପୌତ୍ରୀ-ବି. ( ପୁତ୍ର-ଅ-ଈ ) ପୁତ୍ରର କନ୍ୟା, ନାତୁଣୀ । [ପୁନଃ ଜାତ ।
ପୌନଃପୁନିକ-ବିଂ. (ପୁନଃପୁନଃ-ଇକ) ପୁନଃ-
ପୌର-ବିଂ. ( ପୁର-ଅ ) ନଗରସମ୍ବନ୍ଧୀୟ; ବି. ନଗରବାସୀ ।
ପୌରବ-ବିଂ. (ପୁରୁ-ଅ) ପୁରୁବଂଶୀୟ (ରାଜା) ।
ପୌରସ୍ତ୍ୟ-ବିଂ, (ପୁରସ୍-ତ୍ୟ) ପ୍ରାଚ୍ୟ; ପ୍ରାଥମିକ
ପୌରାଣିକ-ବିଂ. ( ପୁରାଣ-ଇକ ) ପୁରାଣ ସମ୍ବନ୍ଧୀୟ; ବି. ପୁରାଣଶାସ୍ତ୍ରରେ ପଣ୍ଡିତ ।
ପୌରୁଷ-ବି. (ପୁରୁଷ-ଅ) ପୁରୁଷତ୍ୱ, ପରାକ୍ରମ; ତେଜଃ । [ମନୁଷ୍ୟରଚିତ ।
ପୌରୁଷେୟ-ବିଂ. (ପୁରୁଷ-ଏୟ) ପୁରୁଷକୃତ,
ପୌରୋହିତ୍ୟ-ବି. (ପୁରୋହିତ-ଯ) ପୁରୋହିତର କର୍ମ ।
ପୌର୍ଣ୍ଣମାସୀ-ବି.(ପୂର୍ଣ୍ଣମାସ-ଅ-ଈ) ପୂର୍ଣ୍ଣିମାତିଥି ।
ପୌର୍ବାପର୍ଯ୍ୟ-ବି. (ପୂର୍ବାପର-ଯ) ପୂର୍ବାପରତ୍ୱ, ଅନୁକ୍ରମ ।
ପୌଲସ୍ତ୍ୟ-ବି. (ପୁଲସ୍ତ୍ୟ-ଅ) ପୁଲସ୍ତ୍ୟ-ସନ୍ତାନ, କୁବେର; ରାବଣ । [ଶଚୀ ।
ପୌଲୋମୀ-ବି. (ପୁଲୋମନ୍-ଅ-ଈ) ଇନ୍ଦ୍ରାଣୀ,
ପୌଷ-ବି. (ପୁଷ୍ୟା-ଅ) ଯେଉଁ ମାସର ପୂର୍ଣ୍ଣିମାରେ ପୁଷ୍ୟାନକ୍ଷତ୍ର ହୁଏ ।
ପୌଷ୍ଟିକ-ବିଂ. (ପୁଷ୍ଟି-କ) ପୁଷ୍ଟିକାରକ ।
ପ୍ର-ଉପସର୍ଗ, ଅଂ. ଆରମ୍ଭ, ଉତ୍କର୍ଷ, ଖ୍ୟାତି, ଆଧିକ୍ୟ ପ୍ରଭୃତି ଭାବର ବୋଧକ ।
ପ୍ରକଟ-ବିଂ. ବ୍ୟକ୍ତ ।
ପ୍ରକଟନ-ବି. (ପ୍ର-କଟ୍-ଅନ) ପ୍ରକାଶନ ।
ପ୍ରକଟିତ-ବିଂ. (ପ୍ର-କଟ୍-ତ) ପ୍ରକାଶିତ ।
ପ୍ରକର-ବି. (ପ୍ର-କୃ-ଅ) ସମୂହ, ପୁଷ୍ପାଦିର ସ୍ତବକ ।
ପ୍ରକରଣ-ବି. ( ପ୍ର-କୃ-ଅନ ) ପ୍ରସ୍ତାବ; ପ୍ରସଙ୍ଗ; ଅଧ୍ୟାୟ ।
ପ୍ରକର୍ଷ ବି. (ପ୍ର-କୃଷ୍-ଅ) ଉତ୍କର୍ଷ, ଆଧିକ୍ୟ ।
ପ୍ରକାଣ୍ଡ-ବିଂ. (ପ୍ର-କାଣ୍ଡ) ଅତି ବୃହତ୍ ।
ପ୍ରକାର-ବି. ( ପ୍ର-କୃ-ଅ ) ପ୍ରଭେଦ; ଜାତି; ଶ୍ରେଣୀ; ରୀତି ।
ପ୍ରକାରାନ୍ତର-ବି. ( ପ୍ରକାର-ଅନ୍ତର ) ଅନ୍ୟ-ପ୍ରକାର । [ପ୍ରକଟ; ବିକସିତ, ସ୍ପଷ୍ଟ ।
ପ୍ରକାଶ-ବି. ( ପ୍ର-କାଶ୍-ଅ ) ଦୀପ୍ତି; ବିଂ. ପ୍ରସିଦ୍ଧ ;
ପ୍ରକାଶକ-ବିଂ. (ପ୍ର-କାଶ୍-ଅକ) ପ୍ରକାଶକାରୀ ।
ପ୍ରକାଶନ-ବି. ( ପ୍ର-କାଶ୍-ଅନ ) ପ୍ରକଟନ ।
ପ୍ରକାଶିତ-ବିଂ. ( ପ୍ର-କାଶ୍-ତ ) ପ୍ରକଟିତ ; ଦୀପିତ ; ବିଜ୍ଞାତ ।
ପ୍ରକାଶ୍ୟ-ବିଂ. (ପ୍ର-କାଶ୍-ଯ) ପ୍ରକାଶଯୋଗ୍ୟ ।
ପ୍ରକୀର୍ଣ୍ଣ-ବିଂ. ( ପ୍ର-କୃ-ତ ) ବିକ୍ଷିପ୍ତ ।

ପ୍ରକୀର୍ତ୍ତିତ-ବିଂ. (ପ୍ର-କୃତ୍-ତ) ବର୍ଣ୍ଣିତ; ବିଖ୍ୟାତ ।

ପ୍ରକୁପିତ-ବିଂ. (ପ୍ର-କୁପ୍-ତ) ଅତିଶୟ କ୍ରୁଦ୍ଧ ।

ପ୍ରକୃତ-ବିଂ. (ପ୍ର-କୃ-ତ) ଯଥାର୍ଥ; ପ୍ରସ୍ତାବିତ ।

ପ୍ରକୃତି-ବି. (ପ୍ର-କୃ-ତି) ସୃଷ୍ଟି; ସ୍ୱଭାବ ; ପ୍ରଜା ;
ମୂଳ ଶବ୍ଦ ବା ଧାତୁ । (ସୁସ୍ଥ ।

ପ୍ରକୃତିସ୍ଥ-ବିଂ. (ପ୍ରକୃତି-ସ୍ଥା-ଅ) ନିଜ ଭାବାପନ୍ନ;

ପ୍ରକୃଷ୍ଟ-ବିଂ. ( ପ୍ର-କୃଷ୍-ତ ) ଶ୍ରେଷ୍ଠ, ପ୍ରଶସ୍ତ,
ଉତ୍କୃଷ୍ଟ । [ବେଗର ଉତ୍କଟତା ।

ପ୍ରକୋପ-ବି. (ପ୍ର-କୁପ୍-ଅ) ଅତିଶୟ କୋପ;

ପ୍ରକୋଷ୍ଠ-ବି. (ପ୍ର-କୁଶ୍-ଠ) କୋଠରି; କହୁଣି-
ଠାରୁ ମଣିବନ୍ଧ ପର୍ଯ୍ୟନ୍ତ ବାହୁ-ଭାଗ ।

ପ୍ରକ୍ରମ-ବି. (ପ୍ର-କ୍ରମ-ଅ) ପ୍ରଥମାରମ୍ଭ; ଉପକ୍ରମ ।

ପ୍ରକ୍ରିୟା-ବି. (ପ୍ର-କୃ-ଯ-ଆ) ବିଶିଷ୍ଟକ୍ରିୟା;
ପ୍ରୟୋଗ ।

ପ୍ରକ୍ୱଣ-ବି. (ପ୍ର-କ୍ୱଣ୍-ଅ) ବୀଣାଧ୍ୱନି; ଧ୍ୱନି ।

ପ୍ରକ୍ଷାଳନ-ବି. (ପ୍ର-କ୍ଷାଳି-ଅନ) ଧୌତକରଣ;
ପରିଷ୍କରଣ ।

ପ୍ରକ୍ଷେପ୍ତ-ବିଂ. (ପ୍ର-କ୍ଷିପ୍-ତ) ନିକ୍ଷିପ୍ତ; ଅନ୍ତର୍ନିବେଶିତ ।

ପ୍ରକ୍ଷେପ-ବି. (ପ୍ର-କ୍ଷିପ୍-ଅ) ନିକ୍ଷେପ ।

ପ୍ରକ୍ଷ୍ୱେଡ଼ନ-ବି. ଲୌହମୟ ବାଣ ।

ପ୍ରଖର-ବିଂ. (ପ୍ର-ଖର) ତୀକ୍ଷ୍ଣ; ତୀବ୍ର ।

ପ୍ରଖ୍ୟାତ-ବିଂ. (ପ୍ର-ଖ୍ୟା-ତ) ପ୍ରସିଦ୍ଧ; ବିଖ୍ୟାତ ।

ପ୍ରଗତ-ବି. (ପ୍ର-ଗମ୍-ତ) ପୃଥଗ୍‌ଗତ; ଉନ୍ନତ ।

ପ୍ରଗଲ୍ଭ-ବିଂ. (ପ୍ର-ଗଲ୍ଭ୍-ଅ) ଉଦ୍ଧତ; ଲଜ୍ଜାଶୂନ୍ୟ;
ସାହସୀ । [ନିବଡ଼; ଗମ୍ଭୀର ।

ପ୍ରଗାଢ଼-ବିଂ. (ପ୍ର-ଗାହ୍-ତ) ଅତିଶୟ ଦୃଢ଼,

ପ୍ରଗ୍ରହ-ବି. ଲଗାମ ।

ପ୍ରଚକ୍ଷୁ-ବି. ଚଷମା ।

ପ୍ରଚଣ୍ଡ-ବିଂ. (ପ୍ର-ଚଣ୍ଡ) ପ୍ରଖର, ଦୁଃସହ; ଭୀଷଣ ।

ପ୍ରଚଳନ-ବି. (ପ୍ର-ଚଲ୍-ଅନ) ପ୍ରଚାର, ଚଳନ ।

ପ୍ରଚଳିତ-ବିଂ. (ପ୍ର-ଚଲ୍-ତ) ପ୍ରବର୍ତ୍ତିତ; ଯାହା
ଚାଲୁଅଛି । [ପ୍ରକାଶ ।

ପ୍ରଚାର-ବି. (ପ୍ର-ଚର୍-ଅ) ଚଳନ; ପ୍ରସିଦ୍ଧି;

ପ୍ରଚାରକ-ବିଂ. (ପ୍ର-ଚର୍-ଣିଚ୍-ଅକ) ଯେ ପ୍ରଚାର
କରେ । [ପ୍ରକାଶିତ ।

ପ୍ରଚାରିତ-ବିଂ. (ପ୍ର-ଚର-ଣିଚ୍-ତ) ବିଜ୍ଞାପିତ,

ପ୍ରଚୁର-ବିଂ. (ପ୍ର-ଚୁର୍-ଅ) ପ୍ରଭୂତ, ବହୁଳ ।

ପ୍ରଚେତାଃ-ବି. (ପ୍ର-ଚେତସ୍) ବରୁଣ; ମୁନି-
ବିଶେଷ । [ନିୟୋଜିତ ।

ପ୍ରଚୋଦିତ-ବିଂ. (ପ୍ର-ଚୁଦ୍-ଣିଚ୍-ତ) ପ୍ରେରିତ;

ପ୍ରଚ୍ଛନ୍ନ-ବିଂ. (ପ୍ର-ଛଦ୍-ତ) ଆଚ୍ଛାଦିତ, ଗୁପ୍ତ ।

ପ୍ରଚ୍ଛର୍ଦ୍ଦନ-ବି. (ପ୍ର ଛର୍ଦ୍-ଅନ) ବମନ ।

ପ୍ରଚ୍ଛାଦନ-ବି. (ପ୍ର-ଛଦ୍-ଣିଚ୍-ଅନ) ଆଚ୍ଛାଦନ ।

ପ୍ରଜା-ବି. (ପ୍ର-ଜନ୍-ଅ-ଆ) ସନ୍ତାନ, ରାଜାର
ଅଧୀନସ୍ଥ ଜନ ।

ପ୍ରଜାଗର-ବି. (ପ୍ର-ଜାଗୃ-ଅ) ଜାଗରଣ ।

ପ୍ରଜା-ତନ୍ତ୍ର-ବି. ପ୍ରଜାମାନଙ୍କର ହସ୍ତଗତ ରାଜ୍ୟ-
ଶାସନ । [ଯାଜଜ୍ଞ-ପତଙ୍ଗ ।

ପ୍ରଜାପତି-ବି. ( ପ୍ରଜା-ପତି ) ବ୍ରହ୍ମା ; ରାଜା ;

ପ୍ରଜ୍ଞ-ବିଂ. (ପ୍ର-ଜ୍ଞା-ଅ): ଜ୍ଞାନୀ, ବିଚକ୍ଷଣ, ପଣ୍ଡିତ ।

ପ୍ରଜ୍ଞା-ବି. (ପ୍ର-ଜ୍ଞା-ଆ) ବୁଦ୍ଧି; ସୂକ୍ଷ୍ମମତି ।

ପ୍ରଜ୍ୱଳିତ-ବିଂ. ( ପ୍ର-ଜ୍ୱଲ୍-ତ ) ଜ୍ୱଳନଯୁକ୍ତ ;
ଜ୍ୱଳନ୍ତ ।

ପ୍ରଣତ-ବିଂ. (ପ୍ର-ନମ୍-ତ) କୃତପ୍ରଣାମ ।
ପ୍ରଣତି-ବି. (ପ୍ର-ନମ୍-ତି) ପ୍ରଣାମ ।
ପ୍ରଣୟ-ବି. (ପ୍ର-ନୀ-ଅ) ପ୍ରୀତି; ପରିଚୟ ।
ପ୍ରଣୟନ-ବି. (ପ୍ର-ନୀ-ଅନ) ନିର୍ମ୍ମାଣ; ରଚନା ।
ପ୍ରଣୟୀ-ବି. (ପ୍ରଣୟ-ଇନ୍) ଅନୁରକ୍ତ ନାୟକ ।
ପ୍ରଣୟିନୀ-ବି. (ପ୍ରଣୟ-ଇନ୍-ଈ) ଅନୁରକ୍ତା ନାୟିକା । [ଓଁକାର ।
ପ୍ରଣବ-ବି. (ପ୍ର-ନୁ-ଅ) ବେଦର ଆଦ୍ୟବୀଜ;
ପ୍ରଣାମ-ବି. (ପ୍ର-ନମ୍-ଅ) ପ୍ରଣତି; ନମସ୍କାର ।
ପ୍ରଣାଳୀ-ବି. (ପ୍ର-ନାଳୀ) ଜଳ ନିର୍ଗମ ପଥ, ଖାତ, ଧାର । [ନିବେଶ ।
ପ୍ରଣିଧାନ-ବି. (ପ୍ର-ନି-ଧା-ଅନ) ଧ୍ୟାନ; ମନୋ-
ପ୍ରଣିଧି-ବି. (ପ୍ର-ନି-ଧା-ଇ) ଦୂତ ।
ପ୍ରଣିପାତ-ବି. (ପ୍ର-ନି-ପତ୍-ଅ) ପ୍ରଣାମ ।
ପ୍ରଣୀତ-ବିଂ. (ପ୍ର-ନୀ-ତ) ରଚିତ ।
ପ୍ରଣେତା-ବିଂ. (ପ୍ର-ନୀ-ତୃ) ରଚୟିତା ।
ପ୍ରଣୋଦିତ-ବିଂ. (ପ୍ର-ନୁଦ୍-ଣିଚ୍-ତ) ପ୍ରେରିତ; ଚାଳିତ ।
ପ୍ର-ତନୁ-ବିଂ. ସରୁ. କୃଶ । [ତନ୍ତୁ ।
ପ୍ରତାନ-ବି. (ପ୍ର-ତନ୍-ଅ) ବିସ୍ତାର; ଲତାର
ପ୍ରତାପ-ବି. (ପ୍ର-ତପ୍-ଅ) ପ୍ରଭାବ; ତେଜଃ ।
ପ୍ରତାରକ-ବିଂ. (ପ୍ର-ତୃ-ଅକ) ବଞ୍ଚକ ।
ପ୍ରତାରଣା-ବି. (ପ୍ର-ତୃ-ଅନ-ଆ) ପ୍ରବଞ୍ଚନା ।
ପ୍ରତାରିତ-ବିଂ. (ପ୍ର-ତୃ-ଣିଚ୍-ତ) ପ୍ରବଞ୍ଚିତ ।
ପ୍ରତି-ଅଂ. ଉପସର୍ଗ-ପ୍ରତିନିଧି, ବିପରୀତ, ପ୍ରତ୍ୟେକ, ଲକ୍ଷ୍ୟ, ପରିବର୍ତ୍ତ ପ୍ରଭୃତିଭାବର ବୋଧକ ।

ପ୍ରତିକାର, ପ୍ରତୀକାର-ବି. (ପ୍ରତି-କୃ-ଅ) ପ୍ରତିବିଧାନ; ଉପାୟାନୁଷ୍ଠାନ; ଚିକିତ୍ସା ।
ପ୍ରତିକୂଳ-ବିଂ. (ପ୍ରତି-କୂଳ) ପ୍ରତିପକ୍ଷ; ବିରୁଦ୍ଧ ।
ପ୍ରତିକୃତି-ବି. (ପ୍ରତି-କୃ-ତି) ପ୍ରତିମୂର୍ତ୍ତି; ସାଦୃଶ୍ୟ ।
ପ୍ରତିକ୍ରିୟା-ବି. (ପ୍ରତି-କ୍ରିୟା) ପ୍ରତୀକାର; କ୍ରିୟାର ପ୍ରତିଯୋଗରେ କ୍ରିୟା ।
ପ୍ରତିକ୍ଷଣ-କ୍ରି. ବିଂ. (ପ୍ରତି-କ୍ଷଣ) କ୍ଷଣେ କ୍ଷଣେ ।
ପ୍ରତିଗ୍ରହ-ବି. (ପ୍ରତି-ଗ୍ରହ-ଅ) ଦାନଗ୍ରହଣ; ଦେୟବସ୍ତୁ ।
ପ୍ରତିଘାତ-ବି. (ପ୍ରତି-ହନ୍-ଅ) ଗୋଟିଏ ପଦାର୍ଥ ଅନ୍ୟ ଗୋଟିଏ ପଦାର୍ଥକୁ ଆଘାତ କଲେ ଆହତ ପଦାର୍ଥ ପୁନର୍ବାର ତାହାକୁ ଯେ ଆଘାତ କରେ ।
ପ୍ରତି-ଜିହ୍ୱା-ବି. ଜିହ୍ୱା ମୂଳରେ ଥିବା ଘଣ୍ଟିକା ।
ପ୍ରତିଜ୍ଞା-ବି. (ପ୍ରତି-ଜ୍ଞା-ଅ) ସଂକଳ୍ପ, ଅଙ୍ଗୀକାର;
ପ୍ରତିଜ୍ଞାତ-ବିଂ. ଅଙ୍ଗୀକୃତ । [ପଣ; ପ୍ରସ୍ତାବ ।
ପ୍ରତିଦାନ-ବି. (ପ୍ରତି-ଦା-ଅନ) ବିନିମୟ ।
ପ୍ରତିଦିନ-କ୍ରି. ବିଂ. ପ୍ରତ୍ୟହ । [ଶତ୍ରୁ ।
ପ୍ରତିଦ୍ୱନ୍ଦ୍ୱୀ-ବିଂ. (ପ୍ରତି ଦ୍ୱନ୍ଦ୍ୱ-ଇନ୍) ପ୍ରତିପକ୍ଷ,
ପ୍ରତି-ଧ୍ୱନି, ପ୍ରତି-ଧ୍ୱାନ-ବି. ପ୍ରତିଶବ୍ଦ ।
ପ୍ରତିନିଧି-ବି. (ପ୍ରତି-ନି-ଧା-ଇ) ଜଣକର ପରିବର୍ତ୍ତରେ ଅନ୍ୟ; ପ୍ରତିଭୂ ।
ପ୍ରତି-ନିବୃତ୍ତ-ବିଂ. ପ୍ରତ୍ୟାଗତ ।
ପ୍ରତିପକ୍ଷ-ବି. (ପ୍ରତି-ପକ୍ଷ) ବିପକ୍ଷ, ଶତ୍ରୁ ।

ପ୍ରତିପତ୍ତି-ବି. (ପ୍ରତି-ପଦ୍-ତି) ସମ୍ମାନ; ସୁଖ୍ୟାତି, ପଦପ୍ରାପ୍ତି ।

ପ୍ରତିପଦ୍-ବି. ଶୁକ୍ଳ ବା କୃଷ୍ଣପକ୍ଷର ପ୍ରଥମ ତିଥି ।

ପ୍ରତିପନ୍ନ-ବିଂ. (ପ୍ରତି-ପଦ୍-ତ) ଉପଲବ୍ଧ; ପ୍ରମାଣିତ । [ବୋଧକ; ନିର୍ଣ୍ଣାୟକ ।

ପ୍ରତିପାଦକ-ବିଂ. (ପ୍ରତି-ପଦ୍-ଣିଚ-ଅକ)

ପ୍ରତିପାଦନ-ବି. (ପ୍ରତି-ପଦ୍-ଣିଚ୍-ଅନ) ନିର୍ବାହ; ଜ୍ଞାପନ; ସ୍ପଷ୍ଟୀକରଣ ।

ପ୍ରତିପାଳକ-ବିଂ. ରକ୍ଷକ । [ପୋଷଣ ।

ପ୍ରତିପାଳନ-ବି. (ପ୍ରତି-ପାଳ୍-ଅନ) ରକ୍ଷଣ,

ପ୍ରତି ଫଳ-ବି. ପ୍ରତିଶୋଧ; ପ୍ରତ୍ୟୁପକାର; ପ୍ରତ୍ୟପକାର ।

ପ୍ରତିଫଳନ-ବି. (ପ୍ରତି-ଫଳ୍-ଅନ) ପ୍ରତିବିମ୍ବନ ।

ପ୍ରତିଫଳିତ-ବିଂ. ପ୍ରତିବିମ୍ବିତ ।

ପ୍ରତିବନ୍ଧକ-ବି. (ପ୍ରତି-ବନ୍ଧ୍-ଅକ) ବାଧା; ବିଘ୍ନ, ବ୍ୟାଘାତ । [ଧୀଶକ୍ତି ।

ପ୍ରତିଭା-ବି. (ପ୍ରତି-ଭା-ଅ) ଦୀପ୍ତି; ଅସାଧାରଣ

ପ୍ରତିଭାତ-ବିଂ. (ପ୍ରତି-ଭା-ତ) ପ୍ରକାଶିତ; ପ୍ରଘଟ ।

ପ୍ରତିଭାସିତ-ବିଂ. (ପ୍ରତି-ଭାସ୍-ତ) ପ୍ରଦୀପ୍ତ; ଶୋଭିତ ।

ପ୍ରତିଭୂ-ବି. (ପ୍ରତି-ଭୂ-୦) ପ୍ରତିନିଧି ।

ପ୍ରତିମ ବିଂ. (ପ୍ରତି-ମା-ଅ) ସଦୃଶ (ଶବ୍ଦାନ୍ତେ) ।

ପ୍ରତିମା-ବି. (ପ୍ରତି-ମା-ଅ-ଆ) ସାଦୃଶ୍ୟ; ପ୍ରତିମୂର୍ତ୍ତି, ପ୍ରତିବିମ୍ବ ।

ପ୍ରତିମୂର୍ତ୍ତି-ବି. (ପ୍ରତି-ମୂର୍ତ୍ତି) ପ୍ରତିମା, ପ୍ରତିକୃତି ।

ପ୍ରତିଯୋଗୀ-ବି. (ପ୍ରତି-ଯୁଜ୍-ଇନ୍) ପ୍ରତିଦ୍ୱନ୍ଦୀ ।

ପ୍ରତିରୂପ-ବି. ପ୍ରତିକୃତି ।

ପ୍ରତିରୋଧ-ବି. (ପ୍ରତି-ରୁଧ୍-ଅ) ବାରଣ ।

ପ୍ରତିଲୋମ-ବିଂ. ପ୍ରତିକୂଳ ।

ପ୍ରତିବାଦ-ବି. (ପ୍ରତି-ବଦ୍-ଅ) ବିରୁଦ୍ଧରେ କହିବା, ଆପତ୍ତି । [ଆସାମୀ ।

ପ୍ରତିବାଦୀ-ବିଂ. (ପ୍ରତି-ବଦ୍-ଇନ୍) ପ୍ରତିପକ୍ଷ;

ପ୍ରତିବାସୀ-ବି. (ପ୍ରତି-ବସ୍-ଇନ୍) ପଡ଼ୋଶୀ ।

ପ୍ରତିବିଧାନ ବି. ପ୍ରତିକାର ।

ପ୍ରତିବିଧିତ୍ସା-ବି. (ପ୍ରତି-ବି-ଧା-ସନ୍-ଅ) ପ୍ରତିକାର

ପ୍ରତିବିମ୍ବ ବି. ପ୍ରତିଚ୍ଛାୟା । [କରିବାର ଇଚ୍ଛା ।

ପ୍ରତିବିମ୍ବିତ-ବିଂ. ପ୍ରତିଫଳିତ ।

ପ୍ରତିବେଶୀ ବି. (ପ୍ରତି-ବିଶ୍-ଇନ୍) ପ୍ରତିବାସୀ ।

ପ୍ରତିଶବ୍ଦ-ବି. ପ୍ରତିଧ୍ୱନି; ତୁଲ୍ୟାର୍ଥ ଶବ୍ଦ ।

ପ୍ରତିଶ୍ରୁତ-ବିଂ. ଅଙ୍ଗୀକୃତ ।

ପ୍ରତିଶ୍ରୁତି-ବି. ଅଙ୍ଗୀକାର ।

ପ୍ରତିଷେଧ-ବି. (ପ୍ରତି-ସିଧ୍-ଅ) ନିଷେଧ ।

ପ୍ରତିଷେଧକ-ବିଂ. ନିଷେଧକ; ନିବାରକ ।

ପ୍ରତିଷ୍ଟମ୍ଭ-ବି. (ପ୍ରତି-ସ୍ତମ୍ଭ୍-ଅ) ବାଧା ।

ପ୍ରତିଷ୍ଠା-ବି. (ପ୍ରତି-ସ୍ଥା-ଅ) ସୁଖ୍ୟାତି; ସ୍ଥାପନା; ନୂତନ ଗୃହାଦିର ଉତ୍ସର୍ଗ ।

ପ୍ରତିଷ୍ଠିତ ବିଂ. (ପ୍ରତି-ସ୍ଥା-ତ) ସ୍ଥାପିତ ବିଖ୍ୟାତ ।

ପ୍ରତିସୂର୍ଯ୍ୟ ବି. ସୂର୍ଯ୍ୟମଣ୍ଡଳ; ବହୁରୂପୀ ଏଣ୍ଡୁଅ ।

ପ୍ରତିହତ-ବିଂ. (ପ୍ରତି-ହନ୍-ତ) ବ୍ୟାହତ ।

ପ୍ରତିହାରୀ-ବି. (ପ୍ରତି-ହୃ-ଅ-ଇନ୍) ଦ୍ୱାରପାଳ ।

ପ୍ରତି-ହିଂସା-ବି. ବୈରସାଧନ ।

ପ୍ରତୀକ୍ଷା-ବି. (ପ୍ରତି-ଈକ୍ଷ-ଅ) ଅପେକ୍ଷା ।

ପ୍ରତୀଚୀ-ବି. ପଶ୍ଚିମଦିଗ୍ ।

ପ୍ରତୀଚୀନ } ବିଂ. ପଶ୍ଚିମଦେଶ ସମ୍ବନ୍ଧୀୟ ।
ପ୍ରତୀଚ୍ୟ

ପ୍ରତୀତ-ବିଂ. (ପ୍ରତି-ଇ-ତ) ଜ୍ଞାତ; ପ୍ରତିଭାତ ।

ପ୍ରତୀତି-ବି. (ପ୍ରତି-ଇ-ତି) ଜ୍ଞାନ, ବିଶ୍ୱାସ ।

ପ୍ରତୀପ-ବିଂ. (ପ୍ରତି-ଅପ୍-ଅ) ପ୍ରତିକୂଳ, ବିପରୀତ ।

ପ୍ରତୀୟମାନ-ବିଂ. (ପ୍ରତି-ଇ-ଅନ) ଜ୍ଞାୟମାନ; ଯାହା ଜଣାଯାଉଅଛି ।

ପ୍ରତୋଦ-ବି. (ପ୍ର-ତୁଦ୍-ଅ) ଚାବୁକ; ପାଞ୍ଚଣ ।

ପ୍ରତ୍ନ-ବିଂ. ପୁରାତନ । [ ଗୋଚର ।

ପ୍ରତ୍ୟକ୍ଷ-ବିଂ.(ପ୍ରତି-ଅକ୍ଷ) ଚକ୍ଷୁର୍ଗୋଚର; ଇନ୍ଦ୍ରିୟ-

ପ୍ରତ୍ୟଗ୍ର-ବି. ସଦ୍ୟୋଜାତ, ନବ ।

ପ୍ରତ୍ୟଙ୍ଗ-ବି ଅଙ୍ଗର ଅଙ୍ଗ ।

ପ୍ରତ୍ୟନ୍ତ-ବିଂ. ପ୍ରାନ୍ତସ୍ଥିତ । [ ଜ୍ଞାନ; ଚିହ୍ନିବା ।

ପ୍ରତ୍ୟଭିଜ୍ଞାନ-ବି. 'ଏହି ସେହି' ଇତ୍ୟାକାର-

ପ୍ରତ୍ୟୟ-ବି ବିଶ୍ୱାସ; ଜ୍ଞାନ; ବ୍ୟାକରଣରେ ପ୍ରକୃତି ପରେ ବିଭକ୍ତି । [ ବାଧା ।

ପ୍ରତ୍ୟର୍ଥୀ-ବି, (ପ୍ରତି-ଅର୍ଥ-ଇନ୍) ପ୍ରତିପକ୍ଷ; ପ୍ରତି-

ପ୍ରତ୍ୟର୍ପଣ-ବି. (ପ୍ରତି ଅର୍ପଣ) ପ୍ରତିଦାନ; ଫେରାଇ-

ପ୍ରତ୍ୟର୍ପିତ-ବିଂ. ପ୍ରତିଦତ୍ତ । [ ଦେବା ।

ପ୍ରତ୍ୟବାୟ-ବି. (ପ୍ରତି-ଅବ-ଇ-ଅ) ଅନିଷ୍ଟ; ପାପ; ବିପରୀତ ଆଚରଣ ।

ପ୍ରତ୍ୟହ-ବି. (ପ୍ରତି-ଅହ) ପ୍ରତିଦିନ ।

ପ୍ରତ୍ୟାଖ୍ୟାତ-ବିଂ. (ପ୍ରତି-ଆ-ଖ୍ୟା-ତ) ଅସ୍ୱୀକୃତ, ନିରାକୃତ । [ କରଣ ଦୂରୀକରଣ ।

ପ୍ରତ୍ୟାଖ୍ୟାନ-ବି. (ପ୍ରତି-ଆ-ଖ୍ୟା-ଅନ) ନିରା-

ପ୍ରତ୍ୟାଗତ-ବିଂ. ପ୍ରତିନିବୃତ୍ତ ।

ପ୍ରତ୍ୟାଗମନ-ବି. ଫେରିଆସିବା ।

ପ୍ରତ୍ୟାବର୍ତ୍ତନ ବି. ପୁନରାବର୍ତ୍ତନ; ଫେରିଆସିବା ।

ପ୍ରତ୍ୟାଶା-ବି (ପ୍ରତି-ଆଶା) ଭରସା ।

ପ୍ରତ୍ୟାଶୀ-ବି. (ପ୍ରତ୍ୟାଶା-ଇନ୍) ଯେ ପ୍ରତ୍ୟାଶା କରେ ।

ପ୍ରତ୍ୟୁକ୍ତି-ବି. (ପ୍ରତି-ବଚ୍-ତି) ପ୍ରତ୍ୟୁତ୍ତର ।

ପ୍ରତ୍ୟୁତ୍ପନ୍ନ-ବିଂ. (ପ୍ରତି-ଉତ୍ପନ୍ନ) ଉପସ୍ଥିତ ବିଷୟରେ ଉତ୍ପନ୍ନ; କାର୍ଯ୍ୟକାଳରେ ଉଦିତ । [ ବୁଦ୍ଧି ।

ପ୍ରତ୍ୟୁତ୍ପନ୍ନ-ମତି-ବିଂ. କାର୍ଯ୍ୟକାଳରେ ଉପସ୍ଥିତ

ପ୍ରତ୍ୟୁଦ୍ଗମନ-ବି. (ପ୍ରତି-ଉତ୍-ଗମ୍-ଅନ) ମାନ୍ୟ ବ୍ୟକ୍ତି ଆସିଲେ ଆଗକୁ ଯାଇ ପାଛୋଟି ଆଣିବା ।

ପ୍ରତ୍ୟୁପକାର-ବି. (ପ୍ରତି-ଉପକାର) ଉପକର୍ତ୍ତା ପ୍ରତି ଉପକାର ।

ପ୍ରତ୍ୟୁଷ } ବି. (ପ୍ରତି-ଉଷ, ଉଷ) ପ୍ରାତଃ, ପ୍ରାତଃକାଳ ।
ପ୍ରତ୍ୟୂଷ

ପ୍ରତ୍ୟୂହ-ବି. (ପ୍ରତି ଉହ-ଅ) ବିଘ୍ନ, ବାଧା ।

ପ୍ରତ୍ୟେକ-କ୍ରି. ବିଂ. (ପ୍ରତି-ଏକ) ଏକ ଏକ କରି ସମୁଦାୟ ।

ପ୍ରଥମ-ବିଂ. (ପ୍ରଥ୍-ଅମ୍) ଆଦ୍ୟ; ମୁଖ୍ୟ ।

ପ୍ରଥମତଃ-ଅଂ. (ପ୍ରଥମ-ତସ୍) ପ୍ରଥମେ; ଅଗ୍ରେ ।

ପ୍ରଥା-ବିଂ (ପ୍ରଥ୍-ଅ-ଆ) ରୀତି; ଧାରା ।

ପ୍ରଥିତ-ବିଂ. (ପ୍ରଥ-ତ) ପ୍ରସିଦ୍ଧ, ଖ୍ୟାତ ।

ପ୍ରଥିମ -ବି (ପୃଥୁ-ଇମନ୍) ସ୍ଥୂଳତା; ବିସ୍ତାର ।

ପ୍ରଦ-ବିଂ. (ପ୍ର-ଦା-ଅ) ଦାନକାରୀ (ଶବ୍ଦାନ୍ତେ) ।

ପ୍ରଦକ୍ଷିଣ-ବି. (ପ୍ର-ଦକ୍ଷିଣ) ପୂଜ୍ୟ ବ୍ୟକ୍ତିର ଦକ୍ଷିଣ ଦିଗରୁ ଘେରଅଡ଼େ ବୁଲିବା; ବନ୍ଦନା ।

ପ୍ରଦତ୍ତ ବିଂ. (ପ୍ର-ଦା-ତ) ସମର୍ପିତ, ଯାହା ଦିଆଯାଇଅଛି ।

ପ୍ରଦର-ବି. (ପ୍ର ଦୃ-ଅ) ସ୍ତ୍ରୀ ରୋଗବିଶେଷ ।

ପ୍ରଦର୍ଶକ-ବିଂ.(ପ୍ର-ଦୃଶ୍-ଣିଚ୍-ଅକ)ପ୍ରଦର୍ଶନକାରୀ ।

ପ୍ରଦର୍ଶନ-ବି.(ପ୍ର-ଦୃଶ୍-ଣିଚ୍-ଅନ) ଦେଖାଇବା ।

ପ୍ରଦର୍ଶିତ-ବିଂ. ( ପ୍ର-ଦୃଶ୍-ଣିଚ୍-ତ ) ଯାହା ଦେଖାଇ ଦିଆଯାଇଅଛି; ଉଲ୍ଲିଖିତ ।

ପ୍ରଦାନ-ବି. (ପ୍ର-ଦା-ଅନ) ଦାନ, ବିତରଣ ।

ପ୍ରଦୀପ-ବି. (ପ୍ର-ଦୀପ୍-ଅ) ଦୀପ; ଆଲୋକସ୍ୱରୂପ ।

ପ୍ରଦୀପ୍ତ-ବିଂ. (ପ୍ର-ଦୀପ୍-ତ) ପ୍ରକାଶିତ; ଉଜ୍ଜ୍ୱଳ ।

ପ୍ରଦେୟ-ବିଂ. (ପ୍ର-ଦା-ଯ) ପ୍ରଦାନର ଯୋଗ୍ୟ ।

ପ୍ରଦେଶ ବି. (ପ୍ର-ଦେଶ) ସ୍ଥାନ; ଦେଶ; ଦେଶର ବିଭାଗ ।

ପ୍ରଦୋଷ-ବି. (ପ୍ର-ଦୋଷ) ସାୟଂକାଳ ।

ପ୍ରଦ୍ୟୁମ୍ନ-ବି. (ପ୍ର-ଦ୍ୟୁମ୍ନ) କନ୍ଦର୍ପ । [ଦୀପ୍ତି ।

ପ୍ରଦ୍ୟୋତ-ବି. ( ପ୍ର ଦ୍ୟୁତ-ଅ ) ଆଲୋକ;

ପ୍ରଦ୍ୟୋତିତ-ବିଂ. ପ୍ରଦୀପ୍ତ ।

ପ୍ରଧନ-ବି. ଯୁଦ୍ଧ; ନିଧନ । [ମେଶ୍ୱର ।

ପ୍ରଧାନ-ବିଂ. (ପ୍ର-ଧା-ଅନ) ଶ୍ରେଷ୍ଠ ; ବି. ପର-

ପ୍ରଧ୍ମାତ-ବିଂ. (ପ୍ର-ଧ୍ମା-ତ ଶବ୍ଦିତ । [ଭ୍ରାନ୍ତି ।

ପ୍ରପଞ୍ଚ-ବି. ( ପ୍ର-ପଞ୍ଚ୍-ଅ ) ସଂସାର ; ମାୟା ;

ପ୍ରପଦ-ବି. ପାଦାଗ୍ର; ଚରଣପ୍ରାନ୍ତ ।

ପ୍ରପନ୍ନ-ବିଂ. (ପ୍ର-ପଦ୍-ତ) ପ୍ରାପ୍ତ; ଶରଣାଗତ ।

ପ୍ରପା / ପ୍ରପାନ } ବି. ( ପ୍ର-ପା, ଅନ ) ପାନୀୟଶାଳା ; ଜଳଛତ୍ର ।

ପ୍ରପାତ-ବି. (ପ୍ର-ପତ୍-ଅ) ଉଚ୍ଚସ୍ଥାନରୁ ନିର୍ଝର-ପତନ । [ପିତା ।

ପ୍ରପିତାମହ-ବି. ( ପ୍ର-ପିତାମହ ) ପିତାମହର

ପ୍ରପୌତ୍ର-ବି. (ପ୍ର-ପୌତ୍ର) ପୌତ୍ରର ସନ୍ତାନ, ଅଣନାତି ।

ପ୍ରଫୁଲ୍ଲ-ବିଂ. (ପ୍ର-ଫୁଲ୍ଲ) ପ୍ରସ୍ଫୁଟିତ; ପ୍ରସନ୍ନ ।

ପ୍ରବନ୍ଧ-ବି. (ପ୍ର-ବନ୍ଧ୍-ଅ) ରଚନା ; ପରସ୍ପରସମ୍ବନ୍ଧ ବାକ୍ୟାବଳୀ ।

ପ୍ରବଳ ବିଂ. (ପ୍ର-ବଳ) ଅତ୍ୟନ୍ତ ବଳବାନ୍ ।

ପ୍ରବାଳ-ବି. (ପ୍ର-ବଳ୍-ଅ) ପୋହଳା, ବିଦ୍ରୁମ ।

ପ୍ରବୋଧ-ବି. (ପ୍ର-ବୁଧ୍-ଅ) ଜାଗରଣ; ସାନ୍ତ୍ୱନା ।

ପ୍ରବୋଧନ-ବି. ( ପ୍ର-ବୋଧି-ଅନ ) ଜାଗରିତ କରିବା; ସାନ୍ତ୍ୱନା କରିବା । [କାରୀ ।

ପ୍ରଭଞ୍ଜନ-ବି. (ପ୍ର-ଭଞ୍ଜ୍-ଅନ) ବାୟୁ, ବିଂ. ଭଞ୍ଜନ-

ପ୍ରଭବିଷ୍ଣୁ-ବି. (ପ୍ର-ଭୂ-ଇଷ୍ଣୁ) ପ୍ରଭୁ ।

ପ୍ରଭା-ବି. (ପ୍ର-ଭା-ଅ) ଦୀପ୍ତି; ତେଜଃ; ପ୍ରକାଶ ।

ପ୍ରଭାକର-ବି. (ପ୍ରଭା-କୃ-ଅ) ସୂର୍ଯ୍ୟ ।

ପ୍ରଭାତ-ବି. (ପ୍ର-ଭା-ତ) ପ୍ରାତଃକାଳ, ପ୍ରତ୍ୟୁଷ ।

ପ୍ରଭବ-ବି (ପ୍ର-ଭୂ-ଅ) ଉତ୍ପତ୍ତି; କାରଣ ।

ପ୍ରଭାବ-ବି. ( ପ୍ର-ଭୂ-ଅ ) ତେଜଃ; ପ୍ରତାପ; ମହିମା; ସାମର୍ଥ୍ୟ ।

ପ୍ରଭୁ-ବି. (ପ୍ର-ଭୂ-ଉ) ସ୍ୱାମୀ; ରାଜା, ବିଷ୍ଣୁ ।

ପ୍ରଭୁତା / ପ୍ରଭୁତ୍ୱ } ବି. ( ପ୍ରଭୁ-ତା, ତ୍ୱ ) ଆଧିପତ୍ୟ; ପ୍ରାଧାନ୍ୟ ।

ପ୍ରଭୂତ-ବି. (ପ୍ର-ଭୂ-ତ) ପ୍ରଚୁର, ବହୁଳ ।

ପ୍ରଭୃତି-ବ୍ୟ. (ପ୍ର-ଭୃ-ତି) ଇତ୍ୟାଦି (ଶବ୍ଦାନ୍ତେ ପ୍ରଯୁକ୍ତ) ।

ପ୍ରଭେଦ-ବି. (ପ୍ର-ଭିଦ୍-ଅ) ପ୍ରକାର; ବିଭିନ୍ନତା ।

ପ୍ରମତ୍ତ-ବି. (ପ୍ର-ମଦ୍-ତ) ପ୍ରମାଦଯୁକ୍ତ; ଅତି-ମତ୍ତ; ଅସାବଧାନ ।

ପ୍ରମଥ-ବି. (ପ୍ର-ମଥ୍-ଅ) ଶିବାନୁଚର ।

ପ୍ରମଥାଧିପ-ବି. ପ୍ରମଥମାନଙ୍କର ପ୍ରଭୁ, ଶିବ ।

ପ୍ରମଦା-ବି. (ପ୍ର-ମଦ-ଆ) ରୂପ-ଗର୍ବିତା ନାରୀ; ସୁନ୍ଦରୀ ନାରୀ ।

ପ୍ରମା-ବି. (ପ୍ର-ମା-ଅ-ଆ) ନିଶ୍ଚୟାତ୍ମକ ବୋଧ ।

ପ୍ରମାଣ-ବି. (ପ୍ର-ମା-ଅନ) ନିଶ୍ଚୟର ହେତୁ; ଯୁକ୍ତି ଦ୍ୱାରା ସ୍ଥିରୀକରଣ ।

ପ୍ରମାଣୀକୃତ-ବି. ପ୍ରମାଣରୂପେ ନିଶ୍ଚିତ ।

ପ୍ରମାଥୀ-ବି. (ପ୍ର-ମଥ୍-ଇନ୍) ପୀଡାଦାୟକ ।

ପ୍ରମାଦ-ବି. (ପ୍ର-ମଦ୍-ଅ) ଅନବଧାନତା, ଭ୍ରମ ।

ପ୍ରମାୟୁକ-ବି. (ପ୍ର-ମୀ-ଉକ) ମରଣଶୀଳ ।

ପ୍ରମିତ-ବି. (ପ୍ର-ମା-ତ) ନିଶ୍ଚିତ ।

ପ୍ରମିତି-ବି. (ପ୍ର-ମା-ତି) ନିଶ୍ଚିତ ଜ୍ଞାନ ।

ପ୍ରମୀତ-ବି. (ପ୍ର-ମୀ-ତ) ହତ, ମୃତ ।

ପ୍ରମୁଖ-ବି. ପ୍ରଥମ; ପ୍ରଧାନ ।

ପ୍ରମୁଖାତ୍-ବି. ମୁଖରୁ ।

ପ୍ରମୁଦିତ-ବି. (ପ୍ର-ମୁଦ୍-ତ) ଆହ୍ଲାଦିତ ।

ପ୍ରମେୟ-ବି. ଅବଧାର୍ଯ୍ୟ ।

ପ୍ରମେହ-ବି. ମୂତ୍ରରୋଗ ବିଶେଷ ।

ପ୍ରମୋଦ-ବି. (ପ୍ର-ମୁଦ୍-ଅ) ଆମୋଦ, ହର୍ଷ ।

ପ୍ରମୋଦିତ-ବି. (ପ୍ର-ମୁଦ୍-ତ) ଆମୋଦିତ ।

ପ୍ରଯତ୍ନ-ବି. ପ୍ରୟାସ, ଉଦ୍ୟୋଗ ।

ପ୍ରୟାଗ-ବି. ଗଙ୍ଗାଯମୁନାର ସଙ୍ଗମସ୍ଥାନ ।

ପ୍ରୟାଣ-ବି. (ପ୍ର-ଯା-ଅନ) ଗମନ, ପ୍ରସ୍ଥାନ ।

ପ୍ରୟାସ-ବି. (ପ୍ର-ଯସ୍-ଅ) ଶ୍ରମ, ଯତ୍ନ ।

ପ୍ରଯୁକ୍ତ-ବି. (ପ୍ର-ଯୁଜ୍-ତ) ନିଯୁକ୍ତ; ଉଦାହୃତ; ପ୍ରେରିତ; ହେତୁଯୁକ୍ତ । [ପ୍ରବର୍ତ୍ତକ ।

ପ୍ରଯୋକ୍ତା-ବି. (ପ୍ର-ଯୁଜ୍-ତୃ) ପ୍ରୟୋଗକର୍ତ୍ତା;

ପ୍ରୟୋଗ-ବି. (ପ୍ର-ଯୁଜ୍-ଅ) ପ୍ରବର୍ତ୍ତନ; ଲଗାଇବା; ଅଭିନୟ; ଅନୁଷ୍ଠାନ ।

ପ୍ରୟୋଜକ-ବି. ପ୍ରବର୍ତ୍ତକ; ପ୍ରେରକ ।

ପ୍ରୟୋଜନ-ବି. (ପ୍ର-ଯୁଜ୍-ଅନ) ହେତୁ; ଉଦ୍ଦେଶ୍ୟ; ଫଳ; ଆବଶ୍ୟକତା ।

ପ୍ରୟୋଜନୀୟ-ବି. (ପ୍ର-ଯୁଜ୍-ଅନୀୟ) ଆବଶ୍ୟକ କାର୍ଯ୍ୟୋପଯୋଗୀ । [ଅନୁଷ୍ଠେୟ ।

ପ୍ରୟୋଜ୍ୟ-ବି. (ପ୍ର-ଯୁଜ୍-ଯ) ବ୍ୟବହାର୍ଯ୍ୟ;

ପ୍ରରୋଚନା-ବି. (ପ୍ର-ରୁଚ୍-ଅନ-ଆ) ଉତ୍ତେଜନା ।

ପ୍ରରୋହ-ବି. (ପ୍ର-ରୁହ୍-ଅ) ଅଙ୍କୁର; ବରଗଛର ଓହଳ ।

ପ୍ରଲମ୍ବ-ବି. ଦୀର୍ଘ; ବି. ଅଙ୍କୁର; ହାର ।

ପ୍ରଳୟ-ବି. (ପ୍ର-ଲୀ-ଅ) ବ୍ରହ୍ମାଣ୍ଡର ବିନାଶ; ବିନାଶ । [ଭିନ୍ନଭିନ୍ନ କହିବା ।

ପ୍ରଳାପ-ବି. (ପ୍ର-ଲପ୍-ଅ) ଅନର୍ଥକ ବାକ୍ୟ;

ପ୍ରଲେପ-ବି. (ପ୍ର-ଲିପ୍-ଅ) ଔଷଧାଦି ଲେପନ ।

ପ୍ରଲୋଭନ-ବି. (ପ୍ର-ଲୁଭ୍-ଅନ) ଲୋଭ ପ୍ରଦର୍ଶନ ।

ପ୍ରବଚନ-ବି. ଉତ୍କୃଷ୍ଟ ବଚନ; ଶାସ୍ତ୍ରବଚନ ।

ପ୍ରବଞ୍ଚକ-ବି. (ପ୍ର-ବଞ୍ଚ୍-ଅକ) ପ୍ରତାରକ ।

ପ୍ରବଞ୍ଚିତ-ବିଂ. ପ୍ରତାରିତ । [ଉନ୍ମୁଖ ।

ପ୍ରବଣ-ବିଂ. (ପ୍ର-ବନ୍-ଅ) ନତ; କ୍ରମନିମ୍ନ;

ପ୍ରବର-ବି. (ପ୍ର-ବର) ଗୋତ୍ର; ସନ୍ତତି; ବିଂ. ଶ୍ରେଷ୍ଠ । [ପ୍ରଯୋକ୍ତା ।

ପ୍ରବର୍ତ୍ତକ-ବିଂ. (ପ୍ର-ବୃତ୍-ଅକ) ପ୍ରବୃତ୍ତିଦାୟକ;

ପ୍ରବର୍ତ୍ତନ-ବି. (ପ୍ର-ବୃତ୍-ଅନ) ଆରମ୍ଭ; ପ୍ରବୃତ୍ତିଦାନ । [ପ୍ରେରଣ ।

ପ୍ରବର୍ତ୍ତନା-ବି. (ପ୍ର-ବୃତ୍-ଅନ-ଆ) ଉତ୍ତେଜନା;

ପ୍ରବର୍ତ୍ତିତ-ବିଂ. (ପ୍ର-ବୃତ୍-ଣିଚ୍-ତ) ଚାଳିତ; ଆରବ୍ଧ ।

ପ୍ରବହ-ବି. (ପ୍ର-ବହ୍-ଅ) ବାୟୁବିଶେଷ ।

ପ୍ରବାତ-ବିଂ. ବାତଯୁକ୍ତ, ବାୟୁଯୁକ୍ତ ।

ପ୍ରବାଦ-ବି. (ପ୍ର-ବଦ୍-ଅ) ଜନରବ; ପରମ୍ପର-ଗତ ବାକ୍ୟ ।

ପ୍ରବାର-ବି. (ପ୍ର-ବୃ-ଅ) ଆଚ୍ଛାଦନ ବସ୍ତ୍ର ।

ପ୍ରବାସ-ବି. (ପ୍ର-ବସ୍-ଅ) ବିଦେଶରେ ବାସ ।

ପ୍ରବାସୀ-ବିଂ. (ପ୍ରବାସ-ଇନ) ବିଦେଶବାସୀ ।

ପ୍ରବାହ-ବି. (ପ୍ର-ବହ୍-ଅ) ସ୍ରୋତ; କ୍ରମାଗତ ଚଳନ । [ଚଳିତ ।

ପ୍ରବାହିତ-ବିଂ. (ପ୍ର-ବହ୍-ଣିଚ୍-ତ) ସ୍ରୋତରୂପେ

ପ୍ରବାହିନୀ-ବି.(ପ୍ରବାହ-ଇନ୍-ଈ)ସ୍ରୋତସ୍ୱତୀ ନଦୀ।

ପ୍ରବିଷ୍ଟ-ବିଂ. (ପ୍ର-ବିଶ୍-ତ) ଅନ୍ତର୍ନିବିଷ୍ଟ; ଉପସ୍ଥିତ ।

ପ୍ରବୀଣ-ବିଂ. (ପ୍ର-ବୀଣା-ଅ) ବିଜ୍ଞ; ନିପୁଣ ।

ପ୍ରବୃତ୍ତ-ବିଂ. (ପ୍ର-ବୃତ୍-ତ) ରତ; ଉଦ୍ୟତ; ନିଯୁକ୍ତ ।

ପ୍ରବୃତ୍ତି-ବି. (ପ୍ର-ବୃତ୍ ତି) ଇଚ୍ଛା; ବାର୍ତ୍ତା; ଗତି ।

ପ୍ରବୃଦ୍ଧ-ବିଂ. (ପ୍ର-ବୃଧ-ତ) ଅତି ବୃଦ୍ଧିଯୁକ୍ତ ।

ପ୍ରବେଶ-ବି. (ପ୍ର-ବିଶ୍-ଅ) ଅନ୍ତର୍ନିବେଶ; ଭିତରକୁ ଯିବାର ।

ପ୍ରବେଶିକା-ବିଂ. ପ୍ରବେଶ-କାରିକା ।

ପ୍ରବେଶ୍ୟ-ବିଂ. ପ୍ରବେଶଯୋଗ୍ୟ ।

ପ୍ରବେଷ୍ଟା-ବିଂ. (ପ୍ର-ବିଶ୍-ତୃ) ପ୍ରବେଶକାରୀ ।

ପ୍ରବ୍ରଜିତ-ବିଂ. (ପ୍ର-ବ୍ରଜ୍-ତ) ଗୃହତ୍ୟାଗ ପୂର୍ବକ ଗତ; ବି. ସନ୍ନ୍ୟାସୀ ।

ପ୍ରବ୍ରଜ୍ୟା-ବି. (ପ୍ର-ବ୍ରଜ୍-ଯ-ଆ) ସନ୍ନ୍ୟାସାଶ୍ରମ ।

ପ୍ରଶଂସନୀୟ-ବିଂ. (ପ୍ର-ଶଂସ୍-ଅନୀୟ) ପ୍ରଶଂସାର ଯୋଗ୍ୟ ।

ପ୍ରଶଂସା-ବି. (ପ୍ର-ଶଂସ୍-ଅ) ସ୍ତୁତି; ଗୁଣକୀର୍ତ୍ତନ ।

ପ୍ରଶଂସିତ-ବିଂ. (ପ୍ର-ଶଂସ୍-ତ) ପ୍ରଶଂସାପ୍ରାପ୍ତ ।

ପ୍ରଶମନ-ବି. (ପ୍ର-ଶମ୍-ଅନ) ଶାନ୍ତ କରିବା; ନିବାରଣ ।

ପ୍ରଶମିତ ବିଂ. (ପ୍ର-ଶମି-ତ) ନିବାରିତ ।

ପ୍ରଶସ୍ତ-ବିଂ. (ପ୍ର ଶଂସ୍-ତ) ଶ୍ରେଷ୍ଠ; ପ୍ରଶଂସନୀୟ; ବୃହତ୍ ଓ ସୁନ୍ଦର ।

ପ୍ରଶସ୍ତି-ବି. (ପ୍ର ଶଂସ୍-ତି ପ୍ରଶଂସା ।

ପ୍ରଶାନ୍ତ-ବିଂ. (ପ୍ର-ଶମ୍-ତ) ସ୍ଥିର; ସ୍ଥିରଚିତ୍ତ ।

ପ୍ରଶିଷ୍ୟ ବି. ଶିଷ୍ୟର ଶିଷ୍ୟ ।

ପ୍ରଶ୍ନ-ବି. (ପ୍ରଚ୍ଛ୍ ନ) ପୃଚ୍ଛା; ଜିଜ୍ଞାସା ।

ପ୍ରଶ୍ରୟ-ବି. (ପ୍ର-ଶ୍ରି ଅ) ସ୍ନେହ; ବିନୟ; ଆଦର ।

ପ୍ରଶ୍ୱାସ-ବି. (ପ୍ର-ଶ୍ୱସ୍ ଅ) ନାସିକାଗତ ବାୟୁର ନିର୍ଗମନ ।

ପ୍ରଷ୍ଟବ୍ୟ–ବିଂ. (ପ୍ରଚ୍ଛ୍-ତବ୍ୟ) ଜିଜ୍ଞାସ୍ୟ ।
ପ୍ରଷ୍ଟା–ବିଂ. (ପ୍ରଚ୍ଛ୍-ତୃ) ପ୍ରଶ୍ନକର୍ତ୍ତା ।
ପ୍ରସଂଖ୍ୟାନ–ବି. (ପ୍ର-ସମ୍ ଖ୍ୟା-ଅନ) ଧ୍ୟାନ ।
ପ୍ରସଙ୍ଗ–ବି. (ପ୍ର-ସନ୍ଜ୍-ଅ) ସମ୍ପର୍କ ; ପ୍ରସ୍ତାବ ।
ପ୍ରସନ୍ନ–ବିଂ. (ପ୍ର-ସଦ୍-ତ) ସନ୍ତୁଷ୍ଟ ; ପ୍ରଫୁଲ୍ଲ ; ସ୍ୱଚ୍ଛ ।
ପ୍ରସନ୍ନତା–ବି. (ପ୍ରସନ୍ନ-ତା) ଅନୁଗ୍ରହ ; ସନ୍ତୋଷ ; [ନିର୍ମଳତା ।
ପ୍ରସର–ବି. (ପ୍ର-ସୃ-ଅ) ଗତି ।
ପ୍ରସରଣ–ବି. (ପ୍ର-ସୃପ୍-ଅନ) ଗମନ ; ବିସ୍ତାର ।
ପ୍ରସବ–ବି. (ପ୍ର-ସୂ-ଅ) ଉତ୍ପାଦନ ; ଜନ୍ମ ।
ପ୍ରସବିତା–ବି. (ପ୍ର ସୂ-ତୃ) ଜନକ ।
ପ୍ରସବିତ୍ରୀ–ବି. ଜନନୀ ।
ପ୍ରସାଦ–ବି. (ପ୍ର-ସଦ୍-ଅ) ପ୍ରସନ୍ନତା ; ଅନୁଗ୍ରହ ; ରଚନାର ସୁବୋଧ୍ୟତା ; ଦେବତାନିବେଦିତ ଦ୍ରବ୍ୟ ଗୁରୁଜନଭୁକ୍ତାବଶିଷ୍ଟ ।
ପ୍ରସାଦନ–ବି. (ପ୍ର-ସଦ୍-ଣିଚ୍-ଅନ) ପ୍ରସନ୍ନତା-ସମ୍ପାଦନ । [ସଜାଇବା ।
ପ୍ରସାଧନ–ବି. (ପ୍ର-ସାଧ୍-ଅନ) ଅଳଙ୍କରଣ ;
ପ୍ରସାଧନୀ–ବି. (ପ୍ର-ସାଧ୍-ଅନ-ଈ) ପାନିଅ, କଙ୍କତିକା ।
ପ୍ରସାଧିତ–ବି. (ପ୍ର-ସାଧ୍-ତ) ଅଳଙ୍କୃତ ; ସଜ୍ଜିତ ।
ପ୍ରସାର–ବି. (ପ୍ର-ସୃ-ଅ) ବିସ୍ତାର ।
ପ୍ରସାରଣ–ବି. (ପ୍ର-ସୃ ଣିଚ୍-ଅନ) ବିସ୍ତାରକରଣ ।
ପ୍ରସାରିତ–ବିଂ. (ପ୍ର-ସାରି-ତ) ବିସ୍ତାରିତ ।
ପ୍ରସିଦ୍ଧ–ବିଂ. (ପ୍ର-ସିଧ୍-ତ) ବିଖ୍ୟାତ ।
ପ୍ରସିଦ୍ଧି–ବି. (ପ୍ର-ସିଧ୍-ତି) ଖ୍ୟାତି ; ପ୍ରତିପତ୍ତି ।
ପ୍ରସୁପ୍ତ–ବିଂ. (ପ୍ର-ସ୍ୱପ୍ ତ) ଗାଢ଼ନିଦ୍ରାଭିଭୂତ ।
ପ୍ରସୂ–ବି. (ପ୍ର-ସୂ-କ୍ୱିପ୍) ମାତା ।
ପ୍ରସୂତ–ବିଂ. (ପ୍ର-ସୂ-ତ) ଉତ୍ପନ୍ନ ; ଜାତ ।
ପ୍ରସୂତି–ବି. (ପ୍ର-ସୂ-ତି) ନବସନ୍ତାନବତୀ ; ମାତା ।
ପ୍ରସୂନ–ବି. (ପ୍ର-ସୂ-ନ) ପୁଷ୍ପ ; ମୁକୁଳ ।
ପ୍ରସେକ–ବି. (ପ୍ର-ସିଚ୍-ଅ) ସିଞ୍ଚନ ; କ୍ଷରଣ ।
ପ୍ରସ୍ତର–ବି. (ପ୍ର-ସ୍ତୃ-ଅ) ପାଷାଣ, ପଥର ।
ପ୍ରସ୍ତାବ–ବି. (ପ୍ର-ସ୍ତୁ-ଅ) ପ୍ରସଙ୍ଗ ; ପ୍ରକରଣ ।
ପ୍ରସ୍ତାବନା–ବି. (ପ୍ର-ସ୍ତୁ-ଣିଚ୍-ଅନ-ଆ) ଆରମ୍ଭ ; ନାଟକର ଆରମ୍ଭ କଥା । [ସ୍ଥାପିତ ।
ପ୍ରସ୍ତାବିତ–ବିଂ. (ପ୍ରସ୍ତାବ-ଇତ) ବିଚାରାର୍ଥ ଉପ-
ପ୍ରସ୍ତୁତ–ବିଂ. (ପ୍ର-ସ୍ତୁ-ତ) ଉପସ୍ଥିତ ; ଉଲ୍ଲିଖିତ ; ନିର୍ମିତ ; ନିଷ୍ପନ୍ନ ।
ପ୍ରସ୍ଥ–ବି. (ପ୍ର-ସ୍ଥା-ଅ) ପର୍ବତର ସାନୁ ; ବିସ୍ତାର ।
ପ୍ରସ୍ଥାନ–ବି. (ପ୍ର-ସ୍ଥା ଅନ) ଗମନ ; ଯାତ୍ରା ।
ପ୍ରସ୍ଥିତ–ବିଂ. (ପ୍ର-ସ୍ଥା-ତ) ଗତ ; ପ୍ରୟାତ ।
ପ୍ରସ୍ନବ–ବି. (ପ୍ର-ସ୍ନୁ-ଅ) କ୍ଷରଣ ।
ପ୍ରସ୍ଫୁଟ, ପ୍ରସ୍ଫୁଟିତ–ବିଂ. (ପ୍ର-ସ୍ଫୁଟ୍-ଅ,ତ) ପ୍ରକାଶିତ ; ବିକଶିତ ।
ପ୍ରସ୍ରବ–ବି. (ପ୍ର ସ୍ରୁ-ଅ) କ୍ଷରଣ ।
ପ୍ରସ୍ରବଣ–ବି. (ପ୍ର-ସ୍ରୁ-ଅନ) ଉତ୍ସନିର୍ଝର ।
ପ୍ରସ୍ରାବ–ବି. (ପ୍ର-ସ୍ରୁ-ଅ) ମୂତ୍ର ।
ପ୍ରସ୍ରୁତ–ବିଂ. (ପ୍ର-ସ୍ରୁ-ତ) କ୍ଷରିତ ।
ପ୍ରସ୍ୱାପନ–ବି. (ପ୍ର-ସ୍ୱପ୍-ଣିଚ୍-ଅନ) ନିଦ୍ରାଜନକ ।
ପ୍ରହତ–ବିଂ. (ପ୍ର-ହନ୍-ତ) ଆହତ ; ତାଡ଼ିତ, ଧୁନିତ ।

ପ୍ରହର-ବି. (ପ୍ର-ହୃ-ଅ) ଦିବାରାତ୍ରିର ଅଷ୍ଟମଭାଗ ।

ପ୍ରହରଣ-ବି. (ପ୍ର-ହୃ-ଅନ) ଅସ୍ତ୍ର; ପ୍ରହାର ।

ପ୍ରହରୀ-ବି. (ପ୍ରହର-ଇନ୍) ଚୌକିଦାର ।

ପ୍ରହର୍ତ୍ତା-ବିଂ. (ପ୍ର-ହୃ-ତୃ) ପ୍ରହାରକର୍ତ୍ତା ।

ପ୍ରହସନ-ବି. (ପ୍ର-ହସ୍-ଅନ) ଅତିରିକ୍ତ ହାସ୍ୟ; ହାସ୍ୟରସପ୍ରଧାନ ନାଟକ ।

ପ୍ରହାର-ବି. (ପ୍ର-ହୃ-ଅ) ଆଘାତ; ଯୁଦ୍ଧ ।

ପ୍ରହୃତ-ବିଂ. (ପ୍ର-ହୃ-ତ) ପ୍ରହାରପ୍ରାପ୍ତ ; ଆଘାତ-ପ୍ରାପ୍ତ ।

ପ୍ରହୃଷ୍ଟ-ବିଂ. (ପ୍ର-ହୃଷ୍-ତ) ଅତିଶୟ ହୃଷ୍ଟ ।

ପ୍ରହେଳିକା } ବି. (ପ୍ର-ହିଲ୍-ଅକ-ଆ) କୂଟପ୍ରଶ୍ନ;
ପ୍ରହେଳୀ } ପହଲ ।

ପ୍ରହ୍ଲାଦ-ବି. (ପ୍ର-ହ୍ଲାଦ୍-ଅ) ଆହ୍ଲାଦ; ହିରଣ୍ୟ-କଶିପୁର ପୁତ୍ର । [ବି. ଆନନ୍ଦଜନକ ।

ପ୍ରହ୍ଲାଦନ-ବିଂ. (ପ୍ର-ହ୍ଲାଦ୍-ଅନ) ଆନନ୍ଦଜନକ;

ପ୍ରାଂଶୁ-ବିଂ. ଉଚ୍ଚ; ଡେଙ୍ଗା । [ପ୍ରଥମେ ।

ପ୍ରାକ୍-ଅଂ. (ପ୍ର-ଅନ୍ଚ୍-କ୍ୱିପ୍) ପୂର୍ବେ; ଅଗ୍ରେ;

ପ୍ରାକାର-ବି. (ପ୍ର-ଆ-କୃ-ଅ) ପ୍ରାଚୀର; ବେଢ଼ା ।

ପ୍ରାକୃତ-ବିଂ. ( ପ୍ର-ଆ-କୃ-ତ ) ସାଧାରଣ, ସାମାନ୍ୟ; ପ୍ରକୃତିସମ୍ବନ୍ଧୀୟ; ସଂସ୍କୃତଭାଷାରୁ ସମ୍ଭୂତ ଭାଷା ।

ପ୍ରାକୃତିକ-ବିଂ. ( ପ୍ରକୃତି ଇକ ) ସ୍ୱାଭାବିକ; ପ୍ରକୃତିସମ୍ବନ୍ଧୀୟ । [ଅଦୃଷ୍ଟ, ଭାଗ୍ୟ ।

ପ୍ରାକ୍ତନ-ବିଂ. (ପ୍ରାକ୍-ତନ) ପୂର୍ବକାଳୀନ; ବି.

ପ୍ରାଖର୍ଯ୍ୟ-ବି. (ପ୍ରଖର-ଯ) ପ୍ରଖରତା, ତୀକ୍ଷ୍ଣତା ।

ପ୍ରାଗଲ୍ଭ୍ୟ-ବି. (ପ୍ରଗଲ୍ଭ-ଯ) ପ୍ରଗଲ୍ଭତା ।

ପ୍ରାଗୁକ୍ତ-ବିଂ. (ପ୍ରାକ୍-ଉକ୍ତ) ପୂର୍ବୋକ୍ତ ।

ପ୍ରାଗ୍‌ଜ୍ୟୋତିଷ-ବି. ଆସାମର ଅନ୍ତର୍ଗତ ପ୍ରଦେଶ ବିଶେଷ ।

ପ୍ରାଙ୍ଗଣ-ବି. (ପ୍ର-ଅଙ୍ଗ୍-ଅନ) ଅଗଣା ।

ପ୍ରାଙ୍ମୁଖ-ବି. (ପ୍ରାକ୍-ମୁଖ ପୂର୍ବମୁଖ ।

ପ୍ରାଚୀ-ବି. (ପ୍ରାଚ୍-ଈ) ପୂର୍ବଦିଗ ।

ପ୍ରାଚୀନ-ବିଂ. (ପ୍ରାଚ୍-ଈନ) ପୂର୍ବକାଳୀନ, ପୁରା-ତନ, ବୃଦ୍ଧ ।

ପ୍ରାଚୀର-ବି. (ପ୍ର-ଆ-ଚୀ-ର) ପାଚେରି ।

ପ୍ରାଚୁର୍ଯ୍ୟ-ବି. (ପ୍ରଚୁର-ଯ) ପ୍ରଚୁରତା, ଆଧିକ୍ୟ ।

ପ୍ରାଚ୍ୟ-ବିଂ. (ପ୍ରାଚ୍-ଯ) ପୂର୍ବଦିଗ୍‌ଦେଶୀୟ ।

ପ୍ରାଜନ-ବି. ( ପ୍ର-ଅଜ୍-ଣିଚ୍-ଅନ ) ପାଞ୍ଚଣ; ଗବାଦିତାଡ଼ନ-ଦଣ୍ଡ ।

ପ୍ରାଜ୍ଞ-ବିଂ. (ପ୍ର-ଆ-ଜ୍ଞା-ଅ) ବିଜ୍ଞ, ପଣ୍ଡିତ ।

ପ୍ରାଜ୍ୟ-ବିଂ. ପ୍ରଭୂତ, ପ୍ରଚୁର ।

ପ୍ରାଞ୍ଜଳ-ବିଂ. (ପ୍ର-ଅନ୍ଜ୍-ଅଲ) ସରଳ; ସୁଖ-ବୋଧ୍ୟ; ନିର୍ମଳ ।

ପ୍ରାଞ୍ଜଳି-ବିଂ. (ପ୍ର-ଅଞ୍ଜଳି) କୃତାଞ୍ଜଳି ।

ପ୍ରାଡ୍‌ବିବାକ-ବି. ( ପ୍ରାଟ୍-ବିବାକ୍-ଅ ) ପ୍ରଧାନ ବିଚାରକ ।

ପ୍ରାଣ-ବି. (ପ୍ର-ଅନ୍-ଅ) ହୃଦୟସ୍ଥବାୟୁ ; ଜୀବନ ।

ପ୍ରାଣ-ଯାତ୍ରା-ବି. ଜୀବିକା-ନିର୍ବାହ ।

ପ୍ରାଣାୟାମ-ବି. ଶ୍ୱାସର ଆକର୍ଷଣ-ରୋଧ-ବିସ-ର୍ଜନାତ୍ମକ ପ୍ରକ୍ରିୟା ।

ପ୍ରାଣୀ-ବି. (ପ୍ରାଣ-ଇନ୍) ଜୀବଜନ୍ତୁ । [ଧର୍ମକର୍ମ ।

ପ୍ରାତଃକୃତ୍ୟ-ବି. (ପ୍ରାତର୍-କୃତ୍ୟ) ପ୍ରାତଃକାଳୀନ

ପ୍ରାତଃ—ଅ. (ପ୍ର-ଅତ୍-ଅର୍) ପ୍ରଭାତ ।

ପ୍ରାତରାଶ—ବ. (ପ୍ରାତର୍-ଅଶ୍-ଅ) ପ୍ରାତଃକାଳୀନ ଭୋଜନ;

ପ୍ରାତକୂଲ୍ୟ—ବ. (ପ୍ରତକୂଳ-ଯ) ପ୍ରତିକୂଳ ଭାବ ।

ପ୍ରାଥମିକ—ବ. (ପ୍ରଥମ-ଇକ) ଆଦ୍ୟ; ପ୍ରଥମ-ସମ୍ବନ୍ଧୀୟ । [ପ୍ରବଳପ୍ରକାଶ ।

ପ୍ରାଦୁର୍ଭାବ—ବ. ( ପ୍ରାଦୁସ୍-ଭୂ-ଅ ) ଆବିର୍ଭାବ;

ପ୍ରାଦୁର୍ଭୂତ—ବ. ( ପ୍ରାଦୁସ୍-ଭୂ-ତ ) ପ୍ରକାଶିତ; ଆବିର୍ଭୂତ । [ସମ୍ବନ୍ଧୀୟ; ସଂକୀର୍ଣ୍ଣ ।

ପ୍ରାଦେଶିକ—ବ. ( ପ୍ରଦେଶ—ଇକ ) ପ୍ରଦେଶ-

ପ୍ରାଧାନ୍ୟ—ବ. (ପ୍ରଧାନ-ଯ) ଶ୍ରେଷ୍ଠତ୍ୱ; ପ୍ରଧାନତ୍ୱ ।

ପ୍ରାନ୍ତ—ବ. (ପ୍ର-ଅନ୍ତ) ପ୍ରାନ୍ତଭାଗ; ଶେଷସୀମା ।

ପ୍ରାନ୍ତର—ବ. (ପ୍ର-ଅନ୍ତର) ଦୂରବସ୍ତୃତ ପଡିଆ ।

ପ୍ରାପିତ—ବ. ( ପ୍ର-ଅପ୍-ଣିଚ୍-ତ ) ଅଧିଗମିତ, ଗ୍ରାହିତ ।

ପ୍ରାପ୍ତ—ବ. (ପ୍ର-ଅପ୍-ତ) ଲବ୍ଧ; ଉପସ୍ଥିତ ।

ପ୍ରାପ୍ତି—ବ. (ପ୍ର-ଅପ୍-ତି) ଲାଭ; ପାଇବା; ଉପସ୍ଥିତ ।

ପ୍ରାପ୍ୟ—ବ. (ପ୍ର-ଅପ୍-ଯ) ପ୍ରାପ୍ତିର ଯୋଗ୍ୟ ।

ପ୍ରାବଲ୍ୟ—ବ. (ପ୍ରବଳ-ଯ) ପ୍ରବଳତା ।

ପ୍ରାଭାତିକ—ବ. (ପ୍ରଭାତ-ଇକ) ପ୍ରଭାତକାଳୀନ ।

ପ୍ରାମାଣିକ ବ. (ପ୍ରମାଣ-ଇକ) ପ୍ରମାଣ୍ୟ ।

ପ୍ରାୟ—ବ. ( ପ୍ର-ଇ-ଅ ) ଇଚ୍ଛାପୂର୍ବକ ଅନଶନ-ମୃତ୍ୟୁ; ବ. ସଦୃଶ, ତୁଲ୍ୟ, ଭୂୟିଷ୍ଠରୂପେ ।

ପ୍ରାୟଶଃ—ଅ. (ପ୍ରାୟ-ଶସ୍) ଭୂୟିଷ୍ଠରୂପେ ।

ପ୍ରାୟଶ୍ଚିତ୍ତ—ବ. (ପ୍ରାୟସ୍-ଚିତ୍-ତ) ପାପକ୍ଷୟାର୍ଥ ପୁଣ୍ୟକର୍ମ ।

ପ୍ରାୟଃ—ବ. ( ପ୍ର-ଅୟ୍-ଅସ୍ ) ତପସ୍ୟା; ଅ. ଭୂୟିଷ୍ଠରୂପେ ।

ପ୍ରାୟୋଦ୍ୱୀପ—ବ. (ପ୍ରାୟଃ-ଦ୍ୱୀପ) ଯେଉଁ ଭୂଖଣ୍ଡର ପ୍ରାୟ ଚତୁର୍ଦ୍ଦିଗରେ ଜଳ ।

ପ୍ରାୟୋପବେଶନ—ବ. ( ପ୍ରାୟ-ଉପବେଶନ ) ଇଚ୍ଛାପୂର୍ବକ-ଅନଶନମରଣାର୍ଥ ବସିରହିବା ।

ପ୍ରାରବ୍ଧ—ବ. ( ପ୍ର-ଆ-ରଭ୍-ତ ) ପ୍ରବର୍ତ୍ତିତ; ବ. ଅଦୃଷ୍ଟ ।

ପ୍ରାରମ୍ଭ—ବ. (ପ୍ର-ଆରମ୍ଭ) ଉପକ୍ରମ, ଆରମ୍ଭ ।

ପ୍ରାର୍ଥନା—ବ. ( ପ୍ର-ଅର୍ଥ୍-ଅନ-ଆ ) ଯାଚ୍ଞା; ମାଗୁଣି ।

ପ୍ରାର୍ଥିତ—ବ. (ପ୍ର-ଅର୍ଥ୍-ତ) ଯାଚିତ; ଅଭିଲଷିତ ।

ପ୍ରାଲେୟ—ବ. (ପ୍ରଲୟ-ଅ) ହିମ, ଶିଶିର ।

ପ୍ରାବରଣ } ବ. (ପ୍ର-ଆ-ବୃ ଅନ, ଅ) ଆବରଣ-
ପ୍ରାବାର } ବସ୍ତ୍ର ।

ପ୍ରାବୀଣ୍ୟ—ବ. (ପ୍ରବୀଣ-ଯ) ଦକ୍ଷତା ।

ପ୍ରାବୃଟ୍—ବ. (ପ୍ର-ଆ-ବୃଷ୍-•-କ୍ୱିପ) ବର୍ଷାକାଳ ।

ପ୍ରାଶନ—ବ. (ପ୍ର-ଅଶ୍-ଅନ) ଭୋଜନ, ଆହାର ।

ପ୍ରାସ }
ପ୍ରାସ } ବ. ବ୍ୟଥା ।

ପ୍ରାସଙ୍ଗିକ—ବ. ( ପ୍ରସଙ୍ଗ—ଇକ ) ପ୍ରସଙ୍ଗକ୍ରମେ ଉତ୍ଥିତ ।

ପ୍ରାସାଦ—ବ.(ପ୍ର-ଆ-ସଦ୍-ଅ) ବୃହତ୍ ଅଟ୍ଟାଳିକା ।

ପ୍ରାହ୍ଣ—ବ. (ପ୍ର-ଅହନ୍) ପୂର୍ବାହ୍ଣ; ଦିନର ପ୍ରଥମ ଭାଗ । [ପଣ୍ଡ ।

ପ୍ରିୟ—ବ. (ପ୍ରୀ-ଅ) ପ୍ରୀତିର ପାତ୍ର, ରମ୍ୟ; ବ.

ପ୍ରିୟଙ୍ଗୁ–ବି. ଲତାବିଶେଷ ।
ପ୍ରିୟଦର୍ଶନ–ବିଂ. ସୁଦୃଶ୍ୟ, ସୁନ୍ଦର ।
ପ୍ରିୟମ୍ବଦ–ବିଂ. ( ପ୍ରିୟମ୍-ବଦ ) ଯେ ପ୍ରିୟବାକ୍ୟ
ପ୍ରିୟା–ବି. (ପ୍ରୀ-ଅ-ଆ) ପତ୍ନୀ । [କହେ ।
ପ୍ରୀଣନ–ବି. (ପ୍ରୀ ଣିଚ୍-ଅନ) ତୋଷଣ ।
ପ୍ରୀତ–ବିଂ. (ପ୍ରୀ-ତ) ତୃପ୍ତ; ସନ୍ତୁଷ୍ଟ; ଆହ୍ଲାଦିତ ।
ପ୍ରୀତି–ବି. (ପ୍ରୀ-ତି) ପ୍ରେମ; ଅନୁରାଗ; ସନ୍ତୋଷ ।
ପ୍ରେକ୍ଷଣ–ବି. (ପ୍ର-ଈକ୍ଷ୍-ଅନ) ଦର୍ଶନ ।
ପ୍ରେକ୍ଷା–ବି. (ପ୍ର-ଈକ୍ଷ୍-ଅ-ଆ) ପ୍ରଜ୍ଞା; ଦୃଷ୍ଟି ।
ପ୍ରେତ–ବି. ( ପ୍ର-ଇ-ତ ) ମୃତ ବ୍ୟକ୍ତିର ଆତ୍ମା; ବିଂ. ମୃତ ।
ପ୍ରେତପତି, ପ୍ରେତରାଜ–ବି. (ପ୍ରେତ-ପତି, ରାଜା ) ଯମ ।
ପ୍ରେତପୁର–ବି. ଯମାଳୟ । [ଇଚ୍ଛୁକ ।
ପ୍ରେପ୍ସୁ–ବିଂ. ( ପ୍ର-ଆପ୍-ସ-ଉ ) ପାଇବାକୁ
ପ୍ରେମ–ବି. ( ପ୍ରିୟ-ଇମନ୍ ) ଅନୁରାଗ ; ପ୍ରୀତି ।
ପ୍ରେମିକ–ବିଂ. (ପ୍ରେମନ୍-ଇକ) ପ୍ରଣୟୀ ; ସ୍ନେହୀ ।
ପ୍ରେମୀ–ବିଂ. (ପ୍ରେମନ୍-ଇନ୍) ପ୍ରଣୟୀ; ଅନୁରକ୍ତ ।
ପ୍ରେୟସୀ–ବିଂ. (ପ୍ରିୟ-ଈୟସ୍-ଈ ପ୍ରିୟତମା ।
ପ୍ରେୟାନ୍–ବିଂ. (ପ୍ରିୟ-ଈୟସ୍=ପ୍ରେୟସ୍) ପ୍ରିୟତମ ।
ପ୍ରେରଣ, ପ୍ରେରଣା–ବି. (ପ୍ର-ଈର୍-ଅନ, ଆ) ପ୍ରେଷଣ, ପଠାଇବା ; ପ୍ରଣୋଦନ ।
ପ୍ରେରିତ–ବିଂ. ପ୍ରେଷିତ; ପ୍ରଣୋଦିତ ।
ପ୍ରେଷ୍ୟ–ବିଂ. (ପ୍ର-ଇଷ୍-ଯ) ଭୃତ୍ୟ ।
ପ୍ରେଷ୍ଠ–ବିଂ. (ପ୍ରିୟ-ଇଷ୍ଠ) ପ୍ରିୟତମ ।
ପ୍ରୋକ୍ତ–ବିଂ. (ପ୍ର-ବଚ୍-ତ) ପ୍ରକୃଷ୍ଟରୂପେ କଥିତ ।
ପ୍ରୋକ୍ଷଣ–ବି. (ପ୍ର-ଉକ୍ଷ୍-ଅନ) ଶୁଦ୍ଧିନିମିତ୍ତ ଜଳସେଚନ । [ବିସ୍ତୃତ; କଥିତ ।
ପ୍ରୋତ–ବି. (ପ୍ର-ବେ-ତ) ସ୍ୟୂତ; ଲମ୍ବଭାବରେ
ପ୍ରୋଥିତ–ବିଂ. ( ପ୍ରୋଥ୍-ତ ) ଭୂଗର୍ଭନିହିତ, ପୋତା । [ଗତ ।
ପ୍ରୋଷିତ–ବିଂ. (ପ୍ର-ବସ୍-ତ) ବିଦେଶସ୍ଥ, ବିଦେଶ-
ପ୍ରୋଷିତଭର୍ତ୍ତୃକା–ବି. ( ପ୍ରୋଷିତ-ଭର୍ତ୍ତୃ ) ଯେ ନାୟିକାର ସ୍ୱାମୀ ବିଦେଶସ୍ଥ । [ବୟସ୍କ ।
ପ୍ରୌଢ଼–ବିଂ. ( ପ୍ର-ଊଢ଼ ) ବିବାହିତ; ପରିଣତ-
ପ୍ରୌଢ଼ି–ବି. (ପ୍ର-ବହ୍-ତି) ସାମର୍ଥ୍ୟ; ଉଦ୍ଧତ ।
ପ୍ଲକ୍ଷ–ବି. ଅଶ୍ୱତ୍ଥ ବୃକ୍ଷ । [ରଣ ; ଭେଳା ।
ପ୍ଲବ–ବି. ( ପ୍ଲୁ-ଅ) କୁଦ କୁଦ ଚାଲିବା; ସନ୍ତ-
ପ୍ଲବଗ, ପ୍ଲବଙ୍ଗମ–ବି. (ପ୍ଲବ-ଗମ୍-ଅ) ବାନର; ଭେକ ।
ପ୍ଲବମାନ–ବିଂ. ( ପ୍ଲୁ-ଆନ ) ଭାସମାନ ।
ପ୍ଲାବନ–ବି. (ପ୍ଲୁ-ଣିଚ୍-ଅନ) ଜଳଦ୍ୱାରା ବ୍ୟାପ୍ତି ; ବନ୍ୟା ।
ପ୍ଲାବିତ–ବିଂ. (ପ୍ଲାବ-ତ) ଜଳଦ୍ୱାରା ବ୍ୟାପ୍ତ ।
ପ୍ଲୀହା–ବି. ଉଦରମଧ୍ୟସ୍ଥ ଯନ୍ତ୍ରବିଶେଷ; ପିଲେଇ ।
ପ୍ଲୁତ–ବି. (ପ୍ଲୁ-ତ ) ଲମ୍ଫ, ଅଶ୍ୱର ଗତିବିଶେଷ ;
ପ୍ଲୁଷ୍ଟ–ବିଂ. (ପ୍ଲୁଷ୍-ତ) ଦଗ୍ଧ । [ତ୍ରିମାତ୍ରସ୍ୱର ।

# ଫ

ଫ ବ୍ୟଞ୍ଜନବର୍ଣ୍ଣର ଦ୍ୱାବିଂଶବର୍ଣ୍ଣ ।

ଫକା, ଫିକା } ବିଂ. ପାଣ୍ଡୁର ବର୍ଣ୍ଣ ।

ଫକାସୀ-ବି. ଦମ୍ ।

ଫକ୍କିକା-ବି. କୂଟ ପ୍ରଶ୍ନ ।

ଫକୀର-ବି. ମୁସଲମାନ୍ ସନ୍ନ୍ୟାସୀ; ଭିକ୍ଷୁକ ।

ଫଗୁ-ବି. (ଫଲ୍ଗୁ ଶବ୍ଦର–ଅପଭ୍ରଂଶ) ଅବିର ।

ଫଗୁଣ-ବି. (ଫାଲ୍ଗୁନର ଅପଭ୍ରଂଶ) କୁମ୍ଭମାସ ।

ଫଟକା-ବି. ଅଗ୍ନିବାଣ ।

ଫଟା-ବିଂ. ଫାଟଯୁକ୍ତ; ଭଙ୍ଗା ।

ଫଟାଇବା-କ୍ରି. ବିଦୀର୍ଣ୍ଣ କରିବା ।

ଫଡ୍‌ଫଡ୍-ଅଂ. ଶବ୍ଦବିଶେଷ ।

ଫଡ଼ିକା-ବି. ପତାକା ।

ଫଡ଼ା-ବି. କାଷ୍ଠ ଚିରିବାର ଖଣ୍ଡ; ବିଂ. ଚିରା ।

ଫଡ଼ିଆ, ଫରିଆ } ବି. ଅଶ୍ୱାଦିର କଟିଠାରୁ ସମସ୍ତ ଚରଣ; ଗୋଡ଼ର ସମୁଦାୟ ଅଂଶ ।

ଫଣ, ଫଣା } ବି. ( ଫଣ୍-ଅ, ଆ ) ସର୍ପର ବିସ୍ତାରିତ ମସ୍ତକ ।

ଫଣଫଣା-ବି. ବୃକ୍ଷବିଶେଷ ।

ଫଣୀ-ବି. (ଫଣିନ୍) ସର୍ପ; ଫଣାଧର ସର୍ପ ।

ଫଣୀନ୍ଦ୍ର-ବି. (ଫଣିନ୍-ଇନ୍ଦ୍ର) ସର୍ପରାଜ; ବାସୁକି ।

ଫତେ-ବି. (ଫାର୍ଶୀ) ଜୟ ।

ଫନ୍ଦ-ବି. ପାଶାଦିର ପ୍ରାନ୍ତଭାଗ ।

ଫନ୍ଦା-ବି. ଅନ୍ତରାୟ, ଅବଲମ୍ବନ, ଜାବଡ଼ା ।

ଫନ୍ଦୀ-ବି. ଫିକର, ଉପାୟ ।

ଫମ୍ପା-ବିଂ. ଫୋମ୍ପା; ଅନ୍ତଃସାର-ଶୂନ୍ୟ ।

ଫଇସଲା-ବି. (ଫାର୍ଶୀ) ମୋକଦ୍ଦମାର ନିଷ୍ପତ୍ତି-ପତ୍ର । [ବାର ଶବ୍ଦ ।

ଫର୍ଫର-ବିଂ ଅତିଚଞ୍ଚଳ; ଅଂ. ପତାକାଦି ଉଡ଼ି-

ଫରମାଣ-ବି. (ଫାର୍ଶୀ) ଆଦେଶ ।

ଫରି-ବି. ଫଳକ, ଚର୍ମ ଆଡ଼େଣୀ ।

ଫରୁଆ-ବି. ସମ୍ପୁଟକ, ସିନ୍ଦୁର ପ୍ରଭୃତି ରଖିବା ନିମନ୍ତେ କାଷ୍ଠନିର୍ମିତ ପାତ୍ର ।

ଫର୍ଚ୍ଛା-ବିଂ. ଚୌଡ଼ା; ଉଜ୍ଜ୍ୱଳ ।

ଫର୍ଦ୍ଦ-ବି. କାଗଜଖଣ୍ଡ; ହିସାବ କାଗଜ ।

ଫଳ-ବି. (ଫଳ୍-ଅ) ବୃକ୍ଷଲତାରୁ ଜାତ ଶସ୍ୟ; ଉତ୍ପନ୍ନ ବସ୍ତୁ; କାର୍ଯ୍ୟସିଦ୍ଧି; କର୍ମର ପରିଣାମ ।

ଫଳକ-ବି. (ଫଳ୍-ଅକ) ଢାଲ; ପଟ୍ଟ ।

ଫଳତଃ-ଅଂ. ( ଫଳ-ତସ୍ ) ଏହି ହେତୁରୁ; ବସ୍ତୁତଃ ।

ଫଳନ୍ତା, ଫଳନ୍ତି } ବିଂ. ଫଳବିଶିଷ୍ଟ, ଯାହା ଫଳୁଅଛି ।

ଫଳପାକାନ୍ତ-ବି. ଫଳ ପାଚିଲେ ଯେଉଁ ବୃକ୍ଷମାନ ମରିଯାଏ । [ପ୍ରଦାନ କରେ ।

ଫଳପ୍ରଦ-ବିଂ. ( ଫଳ-ପ୍ର-ଦା-ଅ ) ଯେ ଫଳ

ଫଳଶ୍ରୁତି-ବି. (ଫଳ-ଶ୍ରୁ-ତି) କର୍ମର ଫଳଶ୍ରବଣ ।

ଫଳାଫଳ-ବି. ( ଫଳ-ଅଫଳ ) ହାନିଲାଭ ।

ଫଳିତ-ବିଂ. ( ଫଳ-ଇତ ) ଫଳଯୁକ୍ତ; ସଫଳ ।

ଫଳୋପଧାୟକ-ବିଂ. ( ଫଳ-ଉପ-ଧା-ଅକ )
ଫଳଦାୟକ । [ର୍ଥକ ।

ଫଲ୍ଗୁ-ବି. (ଫଲ୍‌-ଗୁ) ଫଗୁ ; ବିଂ. ଅସାର; ନିର-

ଫଲ୍ଗୁନ }
ଫାଲ୍ଗୁନ } ବି. ଫାଲ୍ଗୁନ ମାସ ।

ଫସଲ-ବି. (ଫାର୍ସୀ) କୃଷି, କୃଷିଜାତ ଶସ୍ୟାଦି ।

ଫସ୍କା-ବିଂ. ହାଲୁକା, ଯେ ଟାଣ ବା ଶକ୍ତ ନୁହେ ।

ଫାଉ-ବି. (ସ୍ଫାୟ୍‌ଧାତୁଜ) ଅତିରିକ୍ତ ଲାଭ ।

ଫାଙ୍କ-ବି. ଛିଦ୍ର; ଅନ୍ତର ।

ଫାଟ-ବି. (ସ୍ଫାଟ୍‌ଧାତୁଜ) ଛିଦ୍ର ।

ଫାଟକ-ବି. ବହିର୍ଦ୍ୱାର ।

ଫାଟିବା-କ୍ରି. (ସ୍ଫାଂଟ୍ ଧାତୁରୁ) ବିଦୀର୍ଣ୍ଣ ହେବା ।

ଫାଟିଆ-ବି. ଗୋମେଷାଦିର ରୋଗବିଶେଷ ।

ଫାଡ଼ିବା-କ୍ରି. ଚିରିବା; ଖଣ୍ଡ ଖଣ୍ଡ କରିବା ।

ଫାଣ୍ଟ-ବି. ଉଷ୍ଣଜଳରେ ନିକ୍ଷିପ୍ତ ଔଷଧର କଷାୟ ।

ଫାଣ୍ଡି-ବି. ପୁଲିସ କର୍ମଚାରୀଙ୍କର ରହିବାର ସ୍ଥାନ ।

ଫାନସ୍-ବି. (ଫାର୍ସୀ) କାଗଜରେ ନିର୍ମିତ ଦୀପ;

ଫାନ୍ଦ-ବି. ପାଶ । [ଚାଲିବାର ପାଦବିଶେଷ ।

ଫାଳ-ବି. ଲଙ୍ଗଳଲୁହା; ଚୁଲିଘର ଏକଭାଗ ।

ଫାଳିଆ-ବିଂ. ବିସ୍ତୃତ; ବି. ଖଣ୍ଡ ।

ଫାଲ୍ଗୁନ-ବି. (ଫଲ୍ଗୁନ-ଅ) ଫଗୁଣ ମାସ ।

ଫାଶ-ବି. (ପାଶଶବ୍ଦଜ) ପାଶ, ରଜ୍ଜୁ ।

ଫାଶୀ-ବି. (ପାଶଶବ୍ଦଜ) ଉଦ୍‌ବନ୍ଧନ; ଗଳାରେ ଫାଶ ଦେଇ ପ୍ରାଣନାଶନ । [ବିଶେଷ ।

ଫାସିଆ-ବି. କର୍ଣ୍ଣ ଓ ନାସିକାର ଅଭରଣ-

ଫିକର-ବି. କୌଶଳ ।

ଫିଙ୍ଗିବା-କ୍ରି. ନିକ୍ଷେପ କରିବା ।

ଫିଟାଇବା-କ୍ରି. ମୋଚନ କରିବା ।

ଫିଡା-ବି. ସରୁବସ୍ତ୍ର-ପଟୀ । [ପଥ ।

ଫୁଙ୍କାର-ବି. ଜଳ ଓ ବାୟୁ ଯିବାର ସଂକୀର୍ଣ୍ଣ

ଫୁଙ୍କିବା-କ୍ରି. ( ଫୁତ୍କାରଶବ୍ଦଜ ) ଫୁ ଶବ୍ଦପୂର୍ବକ ମୁଖରୁ ବାୟୁ ନିର୍ଗତ କରିବା; ମନ୍ତ୍ର ପଢ଼ି ଝାଡ଼ିବା ।

ଫୁଟ୍-ବି. (ଇଂରେଜ) ୧୨ ଅଙ୍ଗୁଳ ପରିମାଣ ।

ଫୁଟା-ବିଂ. ପ୍ରସ୍ଫୁଟିତ ।

ଫୁଟି-ବି. ଫଳବିଶେଷ ।

ଫୁଟିବା-କ୍ରି. (ସ୍ଫୁଟ୍‌ଧାତୁଜ) ବିକଶିତ ହେବା ।

ଫୁଟୁକି-ବି. (ସ୍ଫୋଟିକ ଶବ୍ଦଜ) ଦୁଇ ଅଙ୍ଗୁଳିଦ୍ୱାରା କୃତ ଶବ୍ଦ ।

ଫୁତ୍କାର-ବି. (ଫୁତ୍-କାର) ଫୁ ଫୁ କରିବା ।

ଫୁରୁଣା-ବି. ଆନନ୍ଦ; ଅହ୍ଲାଦ ।

ଫୁଲ-ବି. (ଫୁଲ୍ଲଶବ୍ଦଜ) ପୁଷ୍ପ ।

ଫୁଲଖଡ଼ି-ବି. ଦୁଧଖଡ଼ି ।

ଫୁଲିଗୁଣା-ବି. ନାସିକାର ଅଳଙ୍କାରବିଶେଷ ।

ଫୁଲା-ବି. ଚକ୍ଷୁଃ ରୋଗବିଶେଷ; ଶୋଥ ରୋଗ ।

ଫୁଲାଇବା-କ୍ରି. ସ୍ଫୀତ କରାଇବା ।

ଫୁଲ୍ଲ-ବିଂ. (ଫୁଲ୍‌-ତ) ବିକଶିତ, ପ୍ରସ୍ଫୁଟିତ ।

ଫୁଲ୍ଲୀ-ବି. ( ଫୁଲ୍ଲଶବ୍ଦଜ ) ସୁବର୍ଣ୍ଣନିର୍ମିତ ପୁଷ୍ପାକାର ଗୁଚ୍ଛବିଶେଷ ।

ଫୁସ୍‌ଫୁସ୍-ବି. କାନରେ ଲୁଚାଇ କହିବାର ଶବ୍ଦ ।

ଫୁସ୍‌ଫୁସ୍-ବି. ଶରୀରସ୍ଥ ଶ୍ୱାସଯନ୍ତ୍ର ।

ଫୁସଲାଇବା-କ୍ରି. ଭୁଲାଇବା ।
ଫେଟା-ବି. ଯୋଡ ।
ଫେଡ଼ାଙ୍କ-ବି. ବ୍ୟବକଳନ, ବିୟୋଗ ।
ଫେଡ଼ିବା / ଫେଇବା } କ୍ରି. ଖିଞ୍ଚାଇବା ; ମୋଚନ କରିବା; ବ୍ୟବକଳନ କରିବା ।
ଫେଣ / ଫେନ } ବି. ଜଳାଦି ଉପରେ ଭାସୁଥିବା ବୁଦ୍‌ବୁଦ୍ ।
ଫେଣା-ବି. ବତାସା ନାମକ ମିଷ୍ଟାନ୍ନ ।
ଫେଣ୍ଟିବା-କ୍ରି. (ଫାଣ୍ଟଶବ୍ଦଜ) ଫେଣେଇବା ।
ଫେନିଲ-ବିଂ. ଫେନଯୁକ୍ତ ।
ଫେର-ବି. ବସ୍ତ୍ରର ବେଷ୍ଟନ; ବିପର୍ଯ୍ୟୟ ।
ଫେରଫାର-ବି. ବଦଳାବଦଳି ।
ଫେରବ / ଫେରଣ୍ଡ / ଫେରୁ } ବି. ଶୃଗାଳ ।
ଫେଣବା-ବି. ଲେଉଟିବା । [ବୁଦ୍‌ବୁଦ୍ ।
ଫୋଟକା-ବି. ( ସ୍ଫୋଟକଶବ୍ଦଜ ) ସ୍ଫୋଟକ;
ଫୋଡ-ବି. କ୍ଷୁଦ୍ର ରନ୍ଧ୍ର ।
ଫୋଡଣୀ-ବି. ଫୋଡ କରିବାର ଯନ୍ତ୍ର ।
ଫୋଡ଼ିବା-କ୍ରି. (ସ୍ଫୋଟ୍‌ଧାତୁଜ) ଛିଦ୍ର କରିବା ।
ଫୋପାଡ଼ିବା-କ୍ରି. ନିକ୍ଷେପ କରିବା ।
ଫୌଜ / ଫଉଜ } ବି. (ଆରବୀ) ସେନା ।
ଫୌଜଦାରୀ-ବି. ଲୋକଙ୍କ ମଧ୍ୟରେ ଶାନ୍ତିଭଙ୍ଗ-ଅପରାଧ ସମ୍ବନ୍ଧୀୟ ।

ବ (ବର୍ଗୀୟ ବ) ତ୍ରୟୋବିଂଶ ବ୍ୟଞ୍ଜନବର୍ଣ୍ଣ ।

ବଉଳ-ବି. ( ବକୁଳଶବ୍ଦଜ ) ବକୁଳ ବୃକ୍ଷ ବା ତାହାର ଫୁଲ; ଆମ୍ରମୁକୁଳ ।
ବଉଳିବା-କ୍ରି. ମୁକୁଳିତ ହେବା ।
ବକ-ବି, ବଗ (ପକ୍ଷୀ) ।
ବକ-ଯନ୍ତ୍ର-ବି. ଅରକ-କାଢିବାର ଯନ୍ତ୍ର; ମଦ୍ୟା-
ବକୁଳ-ବି. ବଉଳ । [ଦିର ନିଷ୍କର୍ମ-ଫଳ ।
ବଟୁ-ବି. ବାଳକ ବ୍ରହ୍ମଚାରୀ ।
ବଡବାଗ୍ନି-ବି. ସମୁଦ୍ର ମଧ୍ୟସ୍ଥ ଅଗ୍ନି ।
ବଡ଼ିଶ-ବି. ମାଛ ଧରିବା କଣ୍ଟା, ବନଶିକଣ୍ଟା ।
ବଡ଼ୁ-ବି. (ବଟୁଶବ୍ଦଜ) ଉପନୟନ ସଂସ୍କାର ପ୍ରାପ୍ତ ବ୍ରାହ୍ମଣ ବାଳକ ।
ବଦର / ବଦରୀ } ବି. ବରକୋଳି ଗଛ ବା ତାହାର ଫଳ ।
ବଦ୍ଧ-ବିଂ. (ବନ୍ଧ-ତ) ବନ୍ଧା; ଯୁକ୍ତ; ଏକତ୍ରିତ; ନିବନ୍ଧ; କୃତ । [କୃତାଞ୍ଜଳି ।
ବଦ୍ଧାଞ୍ଜଳି-ବିଂ. ( ବଦ୍ଧ-ଅଞ୍ଜଳି ) ଯୁକ୍ତାଞ୍ଜଳି,
ବଦ୍ଧ-ପରିକର-ବିଂ. ପରିହିତ-କଟିବନ୍ଧ; କାର୍ଯ୍ୟ-ସାଧନ ନିମିତ୍ତ ଅଗ୍ରସର ।
ବଦ୍ଧ-ମୁଷ୍ଟି-ବିଂ. ଦୃଢମୁଷ୍ଟି; କୃପଣ ।
ବଦ୍ଧ-ମୂଳ-ବିଂ. ଦୃଢରୂପେ ନିବଦ୍ଧମୂଳ ଯାହାର ।
ବଧିର-ବିଂ. ବହିରା, କାଲ ।
ବଧିରିତ-ବିଂ. ବଧିରୀକୃତ; ଘୋରଶବ୍ଦ ଦ୍ୱାରା କାନ ଅଚଳ ଯାହାର ।
ବନ୍ଦୀ-ବି. କଏଦୀ, କାରାରୁଦ୍ଧ ଲୋକ ।

ବନ୍ଧ-ବି. (ବନ୍ଧ୍-ଅ) ବନ୍ଧନ; ରୋଧ; ବନ୍ଦ୍ୟାସ; ରତିନାବଶେଷ; ଆସକ୍ତି ।

ବନ୍ଧକ-ବି. ଋଣନିମିତ୍ତ ଗଚ୍ଛିତ ସମ୍ପତ୍ତି ।

ବନ୍ଧନ-ବି. (ବନ୍ଧ୍-ଅନ) ବାନ୍ଧିବା; ଅବରୋଧ; ବନ୍ଧନାର୍ଥ ରଜ୍ଜୁ ବା ଶୃଙ୍ଖଳ ।

ବନ୍ଧନୀ-ବି. (ବନ୍ଧ୍-ଅନ-ଈ) ବନ୍ଧନାର୍ଥ ସୂତ୍ର ବା ରଜ୍ଜୁ; ଗଣିତରେ ଅନେକଗୁଡ଼ିଏ ରାଶିକୁ ଅନ୍ତର୍ଗତ କରିବାର ଯୁଗ୍ମ ଚିହ୍ନ ।

ବନ୍ଧୁ-ବି. (ବନ୍ଧ୍-ଉ) ଯେ ସ୍ନେହ ଦ୍ୱାରା ବନ୍ଧନ କରେ; ମିତ୍ର; ଜ୍ଞାତି ।

ବନ୍ଧୁଜୀବ
ବନ୍ଧୁଳ — ବି. ବନ୍ଧୁଳି ଗଛ ଓ ତାହାର ରକ୍ତବର୍ଣ୍ଣ ଫୁଲ ।

ବନ୍ଧୁତା
ବନ୍ଧୁତ୍ୱ — ବି. ବନ୍ଧୁ-ପଣ, ମିତ୍ରତା ।

ବନ୍ଧୁର-ବି॰. (ବନ୍ଧ୍-ଉର) ଉନ୍ନତାନତ ।

ବନ୍ଧ୍ୟ-ବି॰. (ବନ୍ଧ୍-ଯ) ଫଳ-ଶୂନ୍ୟ; ନିଷ୍ଫଳ ।

ବନ୍ଧ୍ୟା-ବି. ଯେ ସ୍ତ୍ରୀ ସନ୍ତାନ ପ୍ରସବ କରି ନାହିଁ, (ବାଞ୍ଝ ।

ବଭ୍ରୁ-ବି॰. ପିଙ୍ଗଳ ବର୍ଣ୍ଣ ।

ବର୍ବଟୀ-ବି. ବରଗୁଡ଼ି ଶସ୍ୟ ।

ବର୍ବର-ବି॰. ମ୍ଲେଚ୍ଛ; ମୂର୍ଖ ।

ବର୍ବୁର-ବି. ବବୁରଗଛ ।

ବର୍ହ-ବି. ମୟୂରପିଚ୍ଛ; ପତ୍ର ।

ବର୍ହୀ-ବି. (ବର୍ହ-ଇନ୍) ମୟୂର ।

ବଳ-ବି. (ବଳ୍-ଅ) ଶକ୍ତି; ସୈନ୍ୟ ।

ବଳକ୍ଷ-ବି॰. ଶ୍ୱେତବର୍ଣ୍ଣ ।

ବଳଦେବ
ବଳଭଦ୍ର
ବଳରାମ — ବି. ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠ ଭ୍ରାତା ।

ବଳବାନ୍-ବି॰. (ବଳ-ବତ୍) ବଳଶାଳୀ, ସମର୍ଥ ।

ବଳାକା-ବି. ବକ-ଶ୍ରେଣୀ ।

ବଳାତ୍କାର-ବି. (ବଳାତ୍-କାର) ଜୋର ଦ୍ୱାରା କରିବା; ଅତ୍ୟାଚାର । [ମର୍ଥ୍ୟ ।

ବଳାବଳ-ବି. (ବଳ-ଅବଳ) ସାମର୍ଥ୍ୟ ଓ ଅସା-

ବଳାହକ-ବି. ମେଘ ।

ବଳି-ବି. ପୂଜାର ସାମଗ୍ରୀ; ଦେବତାଙ୍କୁ ଦତ୍ତ ସାମଗ୍ରୀ; ଭୂତଯଜ୍ଞ ବା ଜୀବମାନଙ୍କୁ ଖାଦ୍ୟଦାନ ।

ବଳିଷ୍ଠ
ବଳୀୟାନ୍ — ବି. ଅତ୍ୟନ୍ତ ବଳବାନ୍ ।

ବଳି-ସଦ୍ମ-ବି. ବଳି ନାମକ ଦୈତ୍ୟର ଗୃହ; ପାତାଳ ।

ବଳୀ-ବି॰. ( ବଳ-ଇନ୍ ) ବଳଶାଳୀ ।

ବଳୀବର୍ଦ୍ଦ-ବି. ବୃଷ; ବଳଦ ।

ବଲ୍ଲବ-ବି. ଗୋପାଳ, ଗଉଡ଼ ।

ବଲ୍ଲବୀ-ବି. ଗଉଡ଼ୁଣୀ । [ବଭ୍ରଗ ।

ବବ-କରଣ-ବି. ଏବଂସର ଜ୍ୟୋତିଷିକ ପ୍ରଥମ

ବହଳ-ବି॰. ଘନ; ସାନ୍ଦ୍ର; ଦୃଢ଼ ।

ବହିଃ-ଅ॰. ବାହାରେ ।

ବହିଷ୍କୃତ-ବି॰. ନିଷ୍କାସିତ ।

ବହିର୍ଗତ-ବି॰. ନିର୍ଗତ; ନିଷ୍କ୍ରାନ୍ତ ।

ବହିର୍ଦ୍ଦେଶ-ବି. ଗ୍ରାମ ବା ନଗରର ଉପାନ୍ତ ।

ବହୁ-ବି. ଅନେକ; ଅଧିକ ।

ବହୁତ-ବି. ଅନେକ; ଅଧିକ ।

ବହୁଧା-କ୍ରି. ବି. ନ ନାପ୍ରକାର ।

ବହୁମୂତ୍ର-ବି. ଅଧିକ ପ୍ରସ୍ରାବ-ରୂପ ରୋଗ ।

ବହୁମୂଲ୍ୟ-ବି. ମହାର୍ଘ; ବି. ଅଧିକମୂଲ୍ୟ ।

ବହୁବିଧ-ବି. ନାନାପ୍ରକାର । [ଏଣ୍ଡୁଅ ।

ବହୁରୂପୀ-ବି. ନାନାରୂପଧାରୀ; ନାନାବର୍ଣ୍ଣଧାରୀ

ବହୁଳ-ବି. ଅନେକ, ଅଧିକ; ବି. କୃଷ୍ଣପକ୍ଷ ।

ବହୁଳତା-ବି. ବାହୁଲ୍ୟ, ଆଧିକ୍ୟ ।

ବହୁଳୀକୃତ-ବି. (ବହୁଳ-ଈ-କୃତ) ବିସ୍ତାରିତ ।

ବହୁବ୍ରୀହି-ବି. ବହୁଧାନ୍ୟ ବିଶିଷ୍ଟ; ବି. ବ୍ୟାକରଣ ସମାସବିଶେଷ । [ସମୟରେ ।

ବହୁଶଃ-କ୍ରି. ବି. ବହୁଳଭାବରେ ; ଅନେକ

ବାଡବ-ବି. ସାମୁଦ୍ରିକ ଅଗ୍ନି ।

ବାଡଙ୍ଗଣ-ବି. ବାଇଗଣ, ବାର୍ତ୍ତାକୀ ।

ବାଣ-ବି. ଶର; ଦୈତ୍ୟବିଶେଷ; ୫ ସଂଖ୍ୟା ।

ବାଣ-ସିଦ୍ଧି-ବି. ବାଣଦ୍ୱାରା ଲକ୍ଷ୍ୟଭେଦ କରିବାରେ ସିଦ୍ଧତା ।

ବାଦରାୟଣ-ବି. ବ୍ୟାସମୁନି ।

ବାଦରାୟଣି-ବି. ବ୍ୟାସମୁନିଙ୍କ ପୁତ୍ର ଶୁକ ।

ବାଧକ ବି. ( ବାଧ୍-ଅକ ) ବାଧାଜନକ ; ନିବାରକ ।

ବାଧା-ବି. (ବାଧ୍-ଅ) ବ୍ୟଥା; ପ୍ରତିବନ୍ଧକ ।

ବାଧିତ-ବି. ( ବାଧ୍-ତ ) ପୀଡ଼ିତ; ନିବାରିତ;

ବାଧିବା-କ୍ରି. ପୀଡ଼ା ଦେବା । [ବଶୀଭୂତ ।

ବାର୍ଦ୍ଧକ୍ୟ-ବି. (ବୃଦ୍ଧର ଯ) ବୃଦ୍ଧତା ।

ବାଧ୍ୟ-ବି. (ବାଧ୍-ଯ) ନିବାରଣଯୋଗ୍ୟ; ବଶ୍ୟ ।

ବାନ୍ଧବ-ବି. ( ବନ୍ଧୁ ଅ-ସ୍ୱାର୍ଥେ ) ବନ୍ଧୁ; ଆତ୍ମୀୟ ।

ବାଳ-ବି. ( ବଲ୍-ଅ ) ଅଳ୍ପବିକସିତ; ନୂତନ; ଅଜ୍ଞାନ; ବି. କେଶ; ବାଳକ ।

ବାଳକ-ବି. ଅଳ୍ପ ବୟସ୍କ ପୁତ୍ର ।

ବାଳବ-ବି. ଦିବସର ଜ୍ୟୋତିଷୋକ୍ତ ଦ୍ୱିତୀୟବିଭାଗ ।

ବାଳା-ବି. ତରୁଣୀନାରୀ ।

ବାଳିକା-ବି. ଅଳ୍ପ ବୟସ୍କା କନ୍ୟା ।

ବାଳିଶ-ବି. ମୂର୍ଖ ।

ବାଲିଶ-ବି. ( ବାଲ-ଇନ୍-ଶୀ-ଅ ) ଉପାଧାନ ।

ବାଲୁକା-ବି. ସିକତା, ବାଲି ।

ବାଲୁକାମୟ-ବି. ବାଲୁକାପୂର୍ଣ୍ଣ ।

ବାଲୁକା-ଯନ୍ତ୍ର-ବି. ଔଷଧ-ପାକାର୍ଥ ଯନ୍ତ୍ରବିଶେଷ । [ନିଃସାରଣ ।

ବାଲୁକା-ସ୍ୱେଦ-ବି. ତପ୍ତବାଲୁକା ଦ୍ୱାରା ସ୍ୱେଦ

ବାଲେୟ-ବି. (ବଲି-ଏୟ) ବଳି ବା ଉପକାର-

ବାଲ୍ୟ-ବି.ବାଳକ-ଅବସ୍ଥା । [ଯୋଗ୍ୟ ।

ବାଷ୍ପ-ବି. ଅଶ୍ରୁ; ବାମ୍ଫ ।

ବାଷ୍ପ-ଯନ୍ତ୍ର-ବି. ଧୂଆଁକଳ ।

ବାହା-ବି. ଭୁଜ ।

ବାହୁ-ବି. ଭୁଜ; ତ୍ରିକୋଣକ୍ଷେତ୍ରର ପାର୍ଶ୍ୱରେଖା ।

ବାହୁ-ବଳ-ବି. ଭୁଜରବଳ; ଦୈହିକବଳ ।

ବାହୁ-ମୂଳ-ବି. କାଖ ।

ବାହୁ-ଯୁଦ୍ଧ-ବି. ହାତକୁ ହାତ ଯୁଝିବା; ମଲ୍ଲ-

ବାହୁଲ୍ୟ-ବି. (ବହୁଳ-ଯ) ଆଧିକ୍ୟ । [ଯୁଦ୍ଧ ।

ବାହ୍ୟ-ବି. (ବହିସ୍-ଯ) ବହିଃସ୍ଥିତ ।

ବଡ଼ାଳ-ବ. ବଳେଇ ।

ବିନ୍ଦୁ-ବ. ଟୋପା ; ଅନୁସ୍ୱାର; କ୍ଷୁଦ୍ର ଚିହ୍ନ ।

ବିମ୍ବ-ବ. ପ୍ରତିବିମ୍ବ; ମଣ୍ଡଳ ; ଜଳବୁଦ୍ବୁଦ ; କଣ୍ଟ- [କାକୁଡ଼ି ଫଳ ।

ବିମ୍ବିତ-ବି. ପ୍ରତିଫଳିତ ।

ବିଲ-ବ. ଗର୍ତ୍ତ । [ ଶଶକ ।

ବିଲେଶୟ-ବ. ( ବିଲେ-ଶୀ-ଅ ) ସର୍ପ ; ମୂଷିକ;

ବିଲ୍ୱ-ବ. ବେଲଗଛ ବା ତାହାର ଫଳ ।

ବିସ ବ. ମୃଣାଳ ।

ବୀଜ-ବ. ମଞ୍ଜି; କାରଣ; ଶୁକ୍ର ।

ବୀଜକ-ବ. ଲେମ୍ବୁ ଗଛ ।

ବୀଜ-କୋଷ-ବ. ବୀଜ-ଧାରକ ଛୁଇଁ ବା ପାଦ୍ମ ।

ବୀଜାଙ୍କୁର-ବ. ( ବୀଜ-ଅଙ୍କୁର ) ବୀଜର ପ୍ରଥମ ଅଙ୍କୁର । [ ଘୃଣ୍ୟ ।

ବୀଭତ୍ସ-ବି. ( ବଧ୍-ସନ୍-ଅ ) କଦର୍ଯ୍ୟ; ଜଘନ୍ୟ;

ବୁକ୍କ-ବ. ବୁକୁ, ବକ୍ଷ ; ହୃତ ।

ବୁଦ୍ବୁଦ-ବ. ପାଣିଫୋଟକା ।

ବୁଦ୍ଧ-ବି. ( ବୁଧ୍-ତ ) ଜ୍ଞାନ-ପ୍ରାପ୍ତ ; ଜାଗ୍ରତ; ବ. ବୌଦ୍ଧଧର୍ମ-ପ୍ରବର୍ତ୍ତକ ।

ବୁଦ୍ଧି-ବ. ( ବୁଧ୍-ତି ) ବୁଝିବା ଶକ୍ତି; ବିଚାରଶକ୍ତି ।

ବୁଦ୍ଧିମାନ୍ }
ବୁଦ୍ଧିମନ୍ତ } ବି. ( ବୁଦ୍ଧି-ମତ୍ ) ତୀକ୍ଷ୍ଣବୁଦ୍ଧି ।

ବୁଦ୍ଧିମତୀ-ବ. ( ବୁଦ୍ଧିମତ୍-ତା ) ଧୀମତ୍ତ୍ୱ ।

ବୁଧ-ବ. ପଣ୍ଡିତ; ଗ୍ରହ-ବିଶେଷ ।

ବୁଭୁକ୍ଷା-ବ. ( ଭୁଜ୍-ସନ୍-ଅ-ଆ ) ଭୋଜନେଚ୍ଛା;

ବୁଭୁକ୍ଷିତ-ବି. କ୍ଷୁଧିତ । [ କ୍ଷୁଧା ।

ବୁଭୁକ୍ଷୁ-ବି. ଭୋଜନେଚ୍ଛୁ ।

ବୃହତ୍-ବି. ବଡ଼, ପ୍ରକାଣ୍ଡ ।

ବୃହଦ୍ଭାନୁ ବ. ଅଗ୍ନି ।

ବୃହସ୍ପତି-ବ. ଗ୍ରହବିଶେଷ; ଦେବଗୁରୁ ।

ବୈଜିକ-ବି. (ବୀଜ-ଇକ) ବୀଜସମ୍ବନ୍ଧୀୟ ।

ବୋଦ୍ଧା-ବି. ( ବୁଧ୍-ତୃ ) ଜ୍ଞାନୀ ।

ବୋଧ-ବ. (ବୁଧ୍-ଅ) ଜ୍ଞାନ । [ ଜ୍ଞାନପ୍ରଦ ।

ବୋଧକ-ବି. ( ବୁଧ୍-ଅକ ) ଜ୍ଞାପକ, ସୂଚକ ;

ବୋଧନ-ବ. (ବୁଧ୍-ଅନ) ଜ୍ଞାପନ ; ଜାଗରଣ ।

ବୋଧି-ବ. ଅଶ୍ୱତ୍ଥବୃକ୍ଷ; ବୋଦ୍ଧା ।

ବୋଧିତ-ବି. ଜ୍ଞାପିତ; ଜାଗରିତ ।

ବୋଧିସତ୍ତ୍ୱ-ବ. ବୌଦ୍ଧ ତପସ୍ୱୀ ।

ବୌଦ୍ଧ-ବ. ବୌଦ୍ଧଧର୍ମାବଲମ୍ବୀ ; ବି. ବୁଦ୍ଧି-ସମ୍ବନ୍ଧୀୟ ।

ବ୍ରହ୍ମ-ବ. ପରମ ବ୍ରହ୍ମ ; ବେଦ ; ବ୍ରାହ୍ମଣ ।

ବ୍ରହ୍ମଚର୍ଯ୍ୟ-ବ. ବ୍ରହ୍ମଚାରୀର ବ୍ରତ ।

ବ୍ରହ୍ମଚାରୀ-ବ. ( ବ୍ରହ୍ମ-ଚର୍-ଇନ୍ ) ଉପନୟନ ଉତ୍ତାରେ ଯେ ଗୁରୁଗୃହରେ ଧର୍ମଶିକ୍ଷା କରେ ।

ବ୍ରହ୍ମ-ତାଳୁ-ବ. ମନୁଷ୍ୟ ମସ୍ତକର-ବ୍ରହ୍ମରନ୍ଧ୍ର ।

ବ୍ରହ୍ମଦୈତ୍ୟ-ବ. ପ୍ରେତବିଶେଷ ।

ବ୍ରହ୍ମପୁତ୍ର-ବ. ସ୍ୱନାମ ଖ୍ୟାତ ନଦ ।

ବ୍ରହ୍ମ-ବନ୍ଧୁ-ବ. ନିକୃଷ୍ଟ ବ୍ରାହ୍ମଣ ।

ବ୍ରହ୍ମ-ଯଜ୍ଞ-ବ. ବେଦାଧ୍ୟୟନ ।

ବ୍ରହ୍ମର୍ଷି-ବ. ବ୍ରାହ୍ମଣ-ଋଷି ; କୁରୁକ୍ଷେତ୍ରନିକଟସ୍ଥ

ବ୍ରହ୍ମ-ବର୍ଚ୍ଚସ-ବ. ବ୍ରହ୍ମତେଜଃ । [ ପ୍ରଦେଶ ।

ବ୍ରହ୍ମବାଦୀ-ବି. ବ୍ରହ୍ମଜ୍ଞାନୀ, ବ୍ରାହ୍ମ ।

ବ୍ରହ୍ମ-ବିଦ୍ୟା-ବି. ବ୍ରହ୍ମଜ୍ଞାନ ।

ବ୍ରହ୍ମ-ସୂତ୍ର-ବି. ଯଜ୍ଞୋପବୀତ ।

ବ୍ରହ୍ମା-ବି. ସୃଷ୍ଟିକର୍ତ୍ତା; ଋତ୍ୱିକ୍ ବିଶେଷ ।

ବ୍ରହ୍ମାଣ୍ଡ-ବି. (ବ୍ରହ୍ମ-ଅଣ୍ଡ) ଜଗତ୍ ।

ବ୍ରହ୍ମାବର୍ତ୍ତ-ବି. ହସ୍ତିନାପୁର-ନିକଟସ୍ଥ ପ୍ରଦେଶ-ବିଶେଷ । [ଅସ୍ତ୍ର ।

ବ୍ରହ୍ମାସ୍ତ୍ର-ବି. ( ବ୍ରହ୍ମ-ଅସ୍ତ୍ର ) ପବିତ୍ର ଅସ୍ତ୍ର; ଅମୋଘ

ବ୍ରହ୍ମୋତ୍ତର-ବିଂ. ବ୍ରାହ୍ମଣଙ୍କୁ ଦତ୍ତ (ଭୂମି) ।

ବ୍ରାହ୍ମ-ବିଂ. (ବ୍ରହ୍ମନ୍-ଅ) ବ୍ରହ୍ମସମ୍ବନ୍ଧୀୟ; ପବିତ୍ର; ବି. ବ୍ରାହ୍ମଧର୍ମାବଲମ୍ବୀ ।

ବ୍ରାହ୍ମଣ-ବି. ( ବ୍ରହ୍ମନ୍-ଅଣ୍ ) ବ୍ରହ୍ମଜ୍ଞ; ଚତୁର୍ବର୍ଣ୍ଣ ମଧ୍ୟରେ ଶ୍ରେଷ୍ଠ ବୋଲି ଗଣିତ ବର୍ଣ୍ଣ ବା ଜାତି; ବେଦର ଅଂଶବିଶେଷ । [ପତ୍ନୀ ।

ବ୍ରାହ୍ମଣୀ-ବି. ବ୍ରାହ୍ମଣଜାତୀୟା ସ୍ତ୍ରୀ; ବ୍ରାହ୍ମଣ-

ବ୍ରାହ୍ମ-ମୁହୂର୍ତ୍ତ-ବି. ଶେଷ ରାତିର ଦୁଇଦଣ୍ଡ ।

ବ୍ରାହ୍ମ-ବିବାହ-ହିନ୍ଦୁଶାସ୍ତ୍ରରେ ଅଷ୍ଟପ୍ରକାର ବିବାହ ମଧ୍ୟରେ ପ୍ରଥମ ଓ ଶ୍ରେଷ୍ଠ ପ୍ରକାର ।

---

## ଭ

ବ୍ୟଞ୍ଜନବର୍ଣ୍ଣର ଚତୁର୍ବିଂଶବର୍ଣ୍ଣ; ନକ୍ଷତ୍ର ।

ଭଅଁର-ବି. (ଭ୍ରମରଶବ୍ଦଜ) ଭ୍ରମର, ଭୃଙ୍ଗ ।

ଭଉଁରିଆ- ବି. ଭ୍ରମିସଂଯୁକ୍ତ ବାୟୁବିଶେଷ ।

ଭଉଁରୀ-ବି. ( ଭ୍ରମରୀଶବ୍ଦଜ ) ଜଳଭଉଁରୀ, ଆବର୍ତ୍ତ ।

ଭଉଣୀ-ବି. ( ଭଗିନୀଶବ୍ଦଜ ) ଭଗିନୀ, ସ୍ୱସା ।

ଭକୁଆ-ବିଂ. ଓଲୁ । [ଉପାସକ ; ଭକ୍ତ ।

ଭକ୍ତ-ବିଂ. (ଭଜ୍-ତ) ବିଭକ୍ତ ; ବି. ଅନୁରକ୍ତ

ଭକ୍ତ-ବତ୍ସଳ-ବିଂ. ଭକ୍ତ ପ୍ରତି ସ୍ନେହଯୁକ୍ତ ।

ଭକ୍ତି-ବି. (ଭଜ୍-ତି) ପୂଜ୍ୟ ବ୍ୟକ୍ତି ପ୍ରତି ଅନୁରାଗ; ବିଭକ୍ତି ; ରଚନା ।

ଭକ୍ତିମାନ୍-ବିଂ. ( ଭକ୍ତି-ମତ୍ ) ଭକ୍ତିଯୁକ୍ତ ।

ଭକ୍ଷକ-ବିଂ. (ଭକ୍ଷ୍-ଅକ) ଭକ୍ଷଣକାରୀ ।

ଭକ୍ଷଣ-ବି. ( ଭକ୍ଷ୍-ଅନ ) ଭୋଜନ ।

ଭକ୍ଷ୍ୟ-ବିଂ. ( ଭକ୍ଷ୍-ଯ ) ଭକ୍ଷଣୀୟ, ଭକ୍ଷଣ-

ଭକ୍ଷିତ-ବିଂ. (ଭକ୍ଷ-ତ ) ଖାଦିତ । [ଯୋଗ୍ୟ ।

ଭଗ-ବି. ( ଭଜ୍-ଅ ) ଐଶ୍ୱର୍ଯ୍ୟ; ସର୍ବଶକ୍ତିମତ୍ତା; ସୌଭାଗ୍ୟ ; ଯୋନି ; ଗୁହ୍ୟଦେଶ ।

ଭଗନ୍ଦର-ବି. ( ଭଗ-ଦୃ-ଅ ) ଗୁହ୍ୟବ୍ରଣ ।

ଭଗବତୀ-ବିଂ. ( ଭଗ-ବତ୍-ଈ ) ପୂଜ୍ୟା ; ବି. ଦୁର୍ଗା । [ମେଶ୍ୱର ।

ଭଗବାନ୍-ବିଂ. (ଭଗ-ବତ୍) ପୂଜ୍ୟ; ବି. ପର-

ଭଗାରି-ବି. ( ଭଗ-ଅରି ) ସୌଭାଗ୍ୟ-ଦ୍ୱେଷୀ,

ଭଗାରୁଣୀ-ବି. ସ୍ତ୍ରୀରୋଗ । [ବୈରୀ ।

ଭଗିନୀ, ଭଗ୍ନୀ — ବି. (ଭଗ-ଇନ୍-ଈ) ଭଉଣୀ, ସହୋଦରା ।

ଭଗୀରଥ-ବି. ସୂର୍ଯ୍ୟବଂଶୀୟ ନୃପବିଶେଷ ।

ଭଗ୍ନ-ବିଂ. (ଭଞ୍ଜ୍-ତ) ଭଙ୍ଗା ; ପରାସ୍ତ; ଖଣ୍ଡିତ ।

ଭଗ୍ନାଂଶ-ବି. ( ଭଗ୍ନ-ଅଂଶ ) ଯେଉଁ ରାଶି ଦ୍ୱାରା ଏକର ଅଂଶ ବ୍ୟକ୍ତ କରାଯାଏ ।

ଭଙ୍କ୍ତା-ବିଂ. ( ଭଞ୍ଜ୍-ତୃ ) ଭଙ୍ଗକାରୀ ।

ଭଙ୍ଗ-ବି. (ଭଞ୍ଜ୍-ଅ) ଖଣ୍ଡନ; ଭଗ୍ନ ହେବା, ଲଙ୍ଘନ ।
ଭଙ୍ଗ-ପ୍ରବଣ-ବିଂ. ଯାହା ସହଜରେ ଭାଙ୍ଗିଯାଏ ।
ଭଙ୍ଗା-ବିଂ. (ଭଗ୍ନଶବ୍ଦଜ) ଭଗ୍ନ, ଭୁଟା ।
ଭଙ୍ଗିମା-ବି. (ଭଙ୍ଗ-ଇମନ) ଭଙ୍ଗୀ; ବକ୍ରଭାବ ।
ଭଙ୍ଗୀ-ବି. (ଭଞ୍ଜ୍-ଇ) ପ୍ରକାର ; ଶୋଭା ।
ଭଙ୍ଗୁର ବିଂ. (ଭଞ୍ଜ୍-ଉର) ଭଙ୍ଗପ୍ରବଣ, ବକ୍ର ।
ଭ-ଚକ୍ର-ବି. ରାଶିଚକ୍ର ।
ଭଜନ-ବି. (ଭଜ୍-ଅନ) ସେବାସାଧନା; ଭକ୍ତି-ସଂଗୀତ ।
ଭଜନା-ବି. ପୂଜା ।
ଭଜା-ବି. ଭୃଷ୍ଟବ୍ୟଞ୍ଜନ ।
ଭଜିବା-କ୍ରି. ପୂଜା କରିବା । [ଯେ ଭାଙ୍ଗେ ।
ଭଞ୍ଜନ-ବି. (ଭଞ୍ଜ୍-ଅନ) ଖଣ୍ଡନ; ଭାଙ୍ଗିବା; ବିଂ.
ଭଟ-ବି. (ଭଟ୍-ଅ) ଯୋଦ୍ଧା ।
ଭଟଭଟ୍-ଅଂ. ବକ୍‌ବକ୍ ।
ଭଟା-ବି. କୂଅର ଗାଡ଼ିସିବା ।
ଭଟ୍ଟ-ବି. ପଣ୍ଡିତ; ଭାଟ, ସ୍ତୁତି-ପାଠକ ।
ଭଟ୍ଟାରକ-ବି. ପୂଜ୍ୟ ଜନ ।
ଭଟ୍ଟାରିକା-ବି. ମାନନୀୟା ସ୍ତ୍ରୀ ।
ଭଡ଼ା-ବି. (ଭାଟକଶବ୍ଦଜ) ପରର ଗୃହାଦିପଦାର୍ଥ ବ୍ୟବହାର ନିମନ୍ତେ ଦେୟ ମୂଲ୍ୟ ।
ଭଡୁଆ-ବି. ବେଶ୍ୟା-ନୃତ୍ୟର ସହାୟ ବାଦକ ।
ଭଣଜା-ବି. (ଭଗ୍ନୀ-ଜ) ଭଉଣୀର ପୁତ୍ର ।
ଭଣଭଣ-ବି. ମାଛି ପ୍ରଭୃତିର ଶବ୍ଦବିଶେଷ ।
ଭଣିତ ବିଂ. (ଭଣ୍-ତ) କଥିତ; ରଚିତ ।
ଭଣିତା-ବି. ଗ୍ରନ୍ଥ ବା ଅଧ୍ୟାୟ ଶେଷରେ ଲେଖକର ନାମପ୍ରକାଶ ।
ଭଣିବା-କ୍ରି. (ଭଣ୍‌ଧାତୁରୁ) ରଚିବା; କହିବା ।
ଭଣ୍ଡ-ବି. (ଭଣ୍ଡ୍-ଅ) ମସ୍ଖରା, ଭାଣ୍ଡ; କପଟାଚାରୀ ।
ଭଣ୍ଡତପସ୍ୱୀ-ବି. (ଭଣ୍ଡ-ତପସ୍ୱୀ) କପଟତପସ୍ୱୀ, ବକଧର୍ମ ।
ଭଣ୍ଡା-ବି. ଗୋଡର ପେଣ୍ଡା ; କଦଳୀ ଭଣ୍ଡା ।
ଭଣ୍ଡାଇବା-କ୍ରି. ଠକିବା ।
ଭଣ୍ଡାର-ବି. (ଭାଣ୍ଡଶବ୍ଦଜ) କୋଷ ।
ଭଣ୍ଡାରି-ବି. ବାରିକ, ନାପିତ ; କୋଷାଧ୍ୟକ୍ଷ ।
ଭଣ୍ଡାରୁଣୀ-ବି. ନାପିତ ସ୍ତ୍ରୀ ।
ଭଣ୍ଡୁର } ବି. ଖରାପ, ନାଶ ।
ଭଣ୍ଡୋର }
ଭଦଭଦଳିଆ-ବି. ଭରଦ୍ୱାଜ ପକ୍ଷୀ ।
ଭଦ୍ର-ବିଂ. (ଭଦ୍-ର) ମଙ୍ଗଳଜନକ; ସାଧୁ; ବି. ମଙ୍ଗଳ ।
ଭଦ୍ରା-ବି. ମଙ୍ଗଳଯୁକ୍ତା; ସୁଭଦ୍ରା ।
ଭଦ୍ରାସନ-ବି. (ଭଦ୍ର-ଆସନ) ସିଂହାସନ; ଯୋଗାସନ ।
ଭମ୍ବରାଳୀ ବି. ବୃହତ୍ ମକ୍ଷିକା ।
ଭୟ-ବି. (ଭୀ-ଅ) ତ୍ରାସ, ଶଙ୍କା; ଭୟହେତୁ ।
ଭୟଙ୍କର-ବିଂ. (ଭୟ-କୃ-ଅ) ଭୀଷଣ ।
ଭୟାନକ-ବିଂ. (ଭୀ-ଆନକ) ଭୟଙ୍କର ।
ଭୟାଳୁ-ବିଂ. (ଭୟ-ଆଳୁ) ଭୀରୁ, ହୀନ-ସାହସ ।
ଭୟାବହ-ବିଂ. (ଭୟ-ଆ-ବହ୍-ଅ) ଭୟଜନକ ।
ଭର-ବି. (ଭୃ-ଅ) ଅତିଶୟ ; ଭାର ।

ଭରଣ-ବ. ( ଭୃ-ଅନ ) ପୂରଣ; ପୋଷଣ; ଧାରଣ ; ବେତନ; ୮° ଶ୍ରୋଣି ।

ଭରଣୀ ବ. ନକ୍ଷତ୍ରବିଶେଷ ।

ଭରତ-ବ. ( ଭୃ-ଅତ ) ନାଟ୍ୟ-ଶାସ୍ତ୍ର-ପ୍ରଣେତା ମୁନି; ନୃପବିଶେଷ, ଯାହାଙ୍କର ନାମରୁ ଦେଶର ନାମ ଭାରତବର୍ଷ ହୋଇଅଛି ।

ଭରତିଅ-ବ. ପକ୍ଷିବିଶେଷ ।

ଭରଦ୍ୱାଜ ବ. ( ଭର-ଦ୍ୱା-ଜ ) ମୁନିବିଶେଷ ; ପକ୍ଷିବିଶେଷ, ଭଦଭଦଳିଆ ଚଢେଇ ।

ଭରସା-ବ. ଆଶା; ବିଶ୍ୱାସ; ସାହସ ।

ଭରା-ବ. (ଭୃଧାତୁଜ) ଭାର, ବୋଝ ; ବି°. ପୂର୍ଣ୍ଣ ।

ଭରାଣ୍ଡି-ବ. ଧାନ୍ୟାଦି କୁଟିବାର ଗର୍ତ୍ତ ।

ଭରି-ବ. ( ଭୃଧାତୁଜ ) ଦଶମାସା ଓଜନ ।

ଭରିତ-ବି°. (ଭୃ-ଇତ) ପୂରିତ ।

ଭରିବା-କ୍ରି. (ଭୃଧାତୁଜ) ପୂର୍ଣ୍ଣ କରିବା ।

ଭର୍ଗ-ବ. (ଭ୍ରସ୍ଜ-ଅ) ଐଶ ତେଜଃ ।

ଭର୍ଜନ ବ. (ଭ୍ରସ୍ଜ-ଅନ) ଭାଜିବା ।

ଭର୍ଜିତ-ବି°. ( ଭ୍ରସ୍ଜ-ଣିଚ-ତ ) ଭଜା ।

ଭର୍ତ୍ତବ୍ୟ-ବି°. ( ଭୃ-ତବ୍ୟ ) ପୋଷଣୀୟ ।

ଭର୍ତ୍ତା-ବ. ( ଭୃ-ତୃ ) ପତି ; ରାଜା ; ବି°. ପାଳକ [କର୍ତ୍ତା ।

ଭର୍ତ୍ତି ବ. ( ଭୃଧାତୁଜ) ପ୍ରବେଶ ।

ଭର୍ତ୍ତୃଦାରକ-ବ. ( ଭର୍ତ୍ତୃ-ଦାରକ ) ଭର୍ତ୍ତାଙ୍କର ପୁତ୍ର, ରାଜପୁତ୍ର ।

ଭର୍ତ୍ତୃଦାରିକା-ବ. ରାଜକନ୍ୟା ।

ଭର୍ତ୍ତ୍ରୀ ବି°. ପାଳନକର୍ତ୍ତ୍ରୀ ।

ଭର୍ତ୍ସନା-ବ. (ଭର୍ତ୍ସ୍-ଅନ-ଆ) ନିନ୍ଦା; ତିରସ୍କାର ।

ଭର୍ତ୍ସିତ-ବି°. (ଭର୍ତ୍ସ୍-ତ) ନିନ୍ଦିତ; ତିରସ୍କୃତ ।

ଭଲ-ବି°. (ଭଦ୍ରଶବ୍ଦଜ) ଉତ୍ତମ, ଅଚ୍ଛା, ବ- [ମଙ୍ଗଳ ।

ଭଲା-କ୍ରି.ବି°. ଅଚ୍ଛା (ବିରକ୍ତିରେ) ।

ଭଳି-ବ. ପ୍ରକାର ।

ଭଲେ-କ୍ରି.ବି°. ସହଜେ ।

ଭଲ୍ଲ-ବ, (ଭଲ୍ଲ୍-ଅ) ଭାଲୁ ; ବର୍ଚ୍ଛା ।

ଭଲ୍ଲାତକ-ବ. ଭାଲିଆଗଛ ।

ଭଲ୍ଲୁକ } ବ. ଭାଲୁ ।
ଭଲ୍ଲୂକ }

ଭବ-ବ. ( ଭୂ-ଅ ) ଉତ୍ପତ୍ତି; ସଂସାର; ଶିବ ।

ଭବଦୀୟ-ବି°. (ଭବତ୍-ଈୟ) ଆପଣଙ୍କର ।

ଭବନ-ବ. (ଭୂ-ଅନ) ଆଲୟ; ଗୃହ ।

ଭବ-ଭୂତି-ବ. ସ୍ୱନାମପ୍ରସିଦ୍ଧ କବି ।

ଭବାଦୃଶ-ବି°. ( ଭବତ୍-ଦୃଶ୍-ଅ ) ଆପଣଙ୍କ ତୁଲ୍ୟ ।

ଭବାନ୍-ବି°. (ଭବତ୍ଶବ୍ଦଜ) ଆପଣ ।

ଭବାନୀ-ବ. ( ଭବ-ଆନୀ ) ଶିବଙ୍କର ପତ୍ନୀ, ପାର୍ବତୀ ।

ଭବାବ୍ଧି-ବ. (ଭବ-ଅବ୍ଧି) ସଂସାରରୂପ ସମୁଦ୍ର ।

ଭବିତବ୍ୟ-ବି°. (ଭୂ-ତବ୍ୟ) ଭାବୀ;ଭବିଷ୍ୟତ୍‌ରେ ଯାହା ଘଟିବ ।

ଭବିତବ୍ୟତା ବ. ଅବଶ୍ୟମ୍ଭାବିତା ।

ଭବିଷ୍ୟତ୍ } ବି°. ଯାହାପରେ
ଭବିଷ୍ୟ }

ଭବିଷ୍ୟବାଣୀ-ବି. ( ଭବିଷ୍ୟତ୍-ବାଣୀ ) ଯାହା
ପରେ ଘଟିବ, ସେହିସମ୍ବନ୍ଧରେ ବାଣୀ ।

ଭବ୍ୟ-ବି°. ( ଭୂ-ଯ ) ଶୁଭଯୁକ୍ତ; ଶିଷ୍ଟ, ସାଧୁ ;
ଭସ୍ମ-ବି. ( ଭସ୍-ମନ୍ ) ପାଉଁଶ । (ଭବିଷ୍ୟ ।
ଭସ୍ମସାତ୍-ଅ°. ( ଭସ୍ମନ୍-ସାତ୍ ) ଭସ୍ମରୂପରେ
ପରିଣତ । [ପରିଣତ ।
ଭସ୍ମୀଭୂତ-ବି°. ( ଭସ୍ମ-ଈ-ଭୂ-ତ ) ଭସ୍ମରୂପେ
ଭା-ବି. (ଭା-ଅ) ପ୍ରଭା ।
ଭାଇ-ବି. (ଭ୍ରାତୃଶବ୍ଦଜ) ଭ୍ରାତା ।
ଭାଇବୋହୂ-ବି. (ଭ୍ରାତୃବଧୂଶବ୍ଦଜ) ସାନ ଭାଇର
ଭାଉ-ବି. ଦର, ମୂଲ୍ୟ । [ସ୍ତ୍ରୀ ।
ଭାଉଜ-ବି.।(ଭ୍ରାତୃଜାୟାଶବ୍ଦଜ)ବଡ଼ଭାଇର ସ୍ତ୍ରୀ।
ଭାକ୍-ବି°. (ଭଜ୍‌ଧାତୁରୁ) ଅଂଶୀ (ଶବ୍ଦାନ୍ତେ) ।
ଭାକୁଟ-ବି. (ଭକୁଟଶବ୍ଦଜ) ମତ୍ସ୍ୟବିଶେଷ ।
ଭାଗ-ବି. ( ଭଜ୍-ଅ ) ଅଂଶ, ଖଣ୍ଡ, ଭାଗ୍ୟ,
ପ୍ରଦେଶ । [ଭାଗ୍ୟ ।
ଭାଗଧେୟ-ବି. ( ଭାଗ-ଧେୟ ) ରାଜସ୍ୱ, ଅଂଶ,
ଭାଗବତ-ବି. ( ଭଗବତ୍-ଅ ) ପ୍ରସିଦ୍ଧ ପୁରାଣ-
ବିଶେଷ ।
ଭାଗ-ହାର-ବି. ଯେଉଁ ଉପାୟରେ କୌଣସି
ନିର୍ଦ୍ଦିଷ୍ଟ ରାଶିକୁ ନିର୍ଦ୍ଦିଷ୍ଟ ସଂଖ୍ୟା ଦ୍ୱାରା ସମାନ
ଅଂଶରେ ବିଭାଗ କରିବାକୁ ହୁଏ ।
ଭାଗିନେୟ-ବି (ଭଗିନୀ-ଏୟ) ଭଗିନୀର ପୁତ୍ର ।
ଭାଗୀ-ବି°. ( ଭାଗ-ଇନ୍ ) ଅଂଶୀ ।
ଭାଗୀରଥୀ-ବି. ( ଭଗୀରଥ-ଅ-ଈ ) ଗଙ୍ଗା,
ଭଗୀରଥଙ୍କ ଦ୍ୱାରା ଆନୀତ ନଦୀ (ପୁରାଣ-କଥା)।

ଭାଗ୍ୟ-ବି. (ଭଜ୍-ଯ) ଅଦୃଷ୍ଟ । [ଶାଳୀ ।
ଭାଗ୍ୟବାନ୍-ବି°. ( ଭାଗ୍ୟ-ବତ୍ ) ସୌଭାଗ୍ୟ-
ଭାଙ୍ଗ-ବି. ( ଭଙ୍ଗଶବ୍ଦଜ ) ବସ୍ତ୍ରାଦିର ଭଙ୍ଗ ;
ଗଞ୍ଜେଇପରି ମତ୍ତତା ମିଶ୍ରିତ ଜଳ ।
ଭାଙ୍ଗିବା-କ୍ରି. (ଭଞ୍ଜ୍-ଧାତୁରୁ) ଭଗ୍ନ କରିବା ।
ଭାଜକ-ବି°. ( ଭଜ୍-ଣିଚ୍-ଅକ ) ଭାଗକାରକ;
ଯେଉଁ ରାଶିଦ୍ୱାରା ଭାଗ କରାଯାଏ ।
ଭାଜନ-ବି. (ଭାଜ୍-ଅନ) ଆଧାର ; ଯୋଗ୍ୟପାତ୍ର ।
ଭାଜିତ-ବି°. ବିଭକ୍ତ । [କରାଯାଏ ।
ଭାଜ୍ୟ-ବି°. (ଭଜ୍-ଯ) ଭାଗାର୍ହ, ଯାହା ଭାଗ
ଭାଟ-ବି. ( ଭଟ୍ଟଶବ୍ଦଜ ) ଜାତିବିଶେଷ; ସ୍ତୁତି-
ଭାଟକ-ବି. ଭଡ଼ା, ମୂଲ୍ୟ । [ପାଠକ ।
ଭାଟୀ-ବି. ଇଟା ପୋଡିବାର ସ୍ଥାନ; ମଦ୍ୟ ଚୂଆ-
ଇବାର ଚୁଲ୍ଲୀ ।
ଭାଡ଼ି-ବି. କାଷ୍ଠାଦି ରଖିବାର ମଞ୍ଚା ।
ଭାଣ-ବି. ଏକପ୍ରକାର ନାଟକ ।
ଭାଣିଜୀ-ବି. (ଭଗ୍ନୀ-ଜା) ଭଗିନୀର କନ୍ୟା ।
ଭାଣ୍ଡ-ବି. (ଭଣ୍-ଡ) ପାତ୍ର; ହାଣ୍ଡି; ଧନ ।
ଭାଣ୍ଡାଗାର-ବି. (ଭାଣ୍ଡ-ଆଗାର) ଭଣ୍ଡାର ।
ଭାଣ୍ଡୀର-ବି. ବୃକ୍ଷବିଶେଷ ।
ଭାତ-ବି. (ଭକ୍ତଶବ୍ଦଜ) ରନ୍ଧା ତଣ୍ଡୁଳ, ଅନ୍ନ ।
ଭାତି-ବି. (ଭା-ତି) ଦୀପ୍ତି; ପ୍ରଭାତ ।
ଭାତୁଆ-ବି°. ଅନ୍ନଦାସ ।
ଭାତୁଡ଼ି-ବି. ବ୍ରଣାକାର କ୍ଷୁଦ୍ର ମାଂସ-ପିଣ୍ଡ ।
ଭାଦ୍ର-ବି. ମାସବିଶେଷ ।
ଭାଦ୍ର-ପଦ-ବି. (ଭାଦ୍ର-ପଦ) ଭାଦ୍ରମାସ ।

ଭାନ-ବି. (ଭା-ଅନ) ବସ୍ତୁପ୍ରକାଶ; ଦୀପ୍ତି; ବୋଧ ।
ଭାନୁ-ବି. ( ଭା-ନୁ ) ସୂର୍ଯ୍ୟ; କିରଣ ।
ଭାମିନୀ-ବି.(ଭାମ୍-ଇନ୍-ଈ) ନାରୀ; କୋପନା ସ୍ତ୍ରୀ ।
ଭାର-ବି. ( ଭୃ-ଅ ) ଗୁରୁତ୍ୱ, ବୋଝ, କାର୍ଯ୍ୟର
ନ୍ୟାସ ।
ଭାରକେନ୍ଦ୍ର-ବି. ପଦାର୍ଥ ମଧ୍ୟରେ ନିର୍ଦ୍ଦିଷ୍ଟ ବିନ୍ଦୁ,
ଯେଉଁଠାରେ ଭାରର ସମତା ହୁଏ ।
ଭାରତ-ବି. ( ଭରତ-ଅ ) ଭାରତବର୍ଷ; ମହା-
ଭାରତ ।
ଭାରତବର୍ଷ-ବି. (ଭାରତ-ବର୍ଷ )ଦେଶବିଶେଷ ।
ଭାରତୀ-ବି. ବାଣୀ; ସରସ୍ୱତୀ ।
ଭାରଦ୍ୱାଜ-ବି. ( ଭରଦ୍ୱାଜ-ଅ ) ଋଷିବିଶେଷ,
ପକ୍ଷିବିଶେଷ ।
ଭାରୀ-ବିଂ. (ଭାରଶବ୍ଦଜ) ଗୁରୁ; ବଡ ।
ଭାରୁଆ-ବିଂ. ଭାରବାହକ ।
ଭାର୍ଗବ-ବି. (ଭୃଗୁ-ଅ) ଶୁକ୍ର; ପରଶୁରାମ ।
ଭାର୍ଯ୍ୟା-ବି. (ଭୃ-ଯ-ଆ) ପତ୍ନୀ, ଜାୟା ।
ଭାଲ-ବି. (ଭା-ଲ) ଲଲାଟ ।
ଭାଳିବା-କ୍ରି. ଭାବିବା ।
ଭାଲୁ-ବି. (ଭଲ୍ଲୁକଶବ୍ଦଜ) ଭାଲୁକ, ଋକ୍ଷ ।
ଭାବ-ବି. ( ଭୂ-ଅ ) ସ୍ଥିତି; ଅଭିପ୍ରାୟ; ଅନୁରାଗ;
କଥାର ମର୍ମ ।
ଭାବକ-ବିଂ. (ଭୂ-ଣିଚ୍-ଅକ) ଉତ୍ପାଦକ ।
ଭାବନା-ବି. (ଭୂ-ଣିଚ୍-ଅନ-ଆ) ଚିନ୍ତା; ଧ୍ୟାନ;
ଉତ୍କଣ୍ଠା । [ସିକ୍ତ ।
ଭାବିତ-ବିଂ. (ଭାବ-ତ) ଚିନ୍ତିତ, ମିଶ୍ରିତ; ବାସିତ;

ଭାବିନୀ-ବି. (ଭାବ-ଇନ୍-ଈ) ପ୍ରଶସ୍ତଚରିତ୍ରା ସ୍ତ୍ରୀ ।
ଭାବୀ-ବିଂ. (ଭୂ-ଇନ୍) ଭବିଷ୍ୟତ୍; ସଭାବସମ୍ପନ୍ନ ।
ଭାବୁକ-ବିଂ. ( ଭୂ-ଉକ ) ଭାବନାଶୀଳ; ଭାବ-
ଭାବ୍ୟ-ବିଂ. ଭବିତବ୍ୟ । [ଗ୍ରାହକ ।
ଭାଷଣ-ବି. (ଭାଷ୍-ଅନ) କଥନ, କହିବା ।
ଭାଷା-ବି.(ଭାଷ୍-ଅ-ଆ)ଉକ୍ତି, ଭିନ୍ନ ଭିନ୍ନ ଦେଶରେ
ଭାବ ପ୍ରକାଶର ଭିନ୍ନ ଭିନ୍ନ ପ୍ରକାର ବୋଲି ।
ଭାଷାନ୍ତର ବି. ( ଭାଷା-ଅନ୍ତର ) ଅନ୍ୟ ଭାଷା;
ଅନ୍ୟ ଭାଷାରେ ଅନୁବାଦ ।
ଭାଷାନ୍ତରିତ-ବିଂ. ଅନ୍ୟ ଭାଷାରେ ଅନୁବାଦିତ ।
ଭାଷିତ-ବିଂ. (ଭାଷ୍-ତ) କଥିତ; ବି. ବଚନ ।
ଭାଷୀ-ବିଂ. (ଭାଷ୍-ଇନ୍) କଥକ (ଶବ୍ଦାନ୍ତେ) ।
ଭାଷ୍ୟ-ବି. (ଭାଷ୍-ଯ) ବ୍ୟାଖ୍ୟାନ; ବିଂ. କଥନୀୟ ।
ଭାସମାନ-ବିଂ. ପ୍ଲବମାନ । [ହେବା ।
ଭାସିବା-କ୍ରି. ( ଭାସ୍ଧାତୁରୁ ) ଜଳରେ ପ୍ଲବମାନ
ଭାସୁର-ବିଂ. ( ଭାସ୍-ଉର ) ଦୀପ୍ତିମାନ୍; ବି.
ଭାସ୍କର-ବି. (ଭାସ୍-କର) ସୂର୍ଯ୍ୟ । [ସ୍ଫଟିକ ।
ଭାସ୍ୱର-ବିଂ. (ଭାସ୍-ବର) ଦୀପ୍ତିମାନ୍ ।
ଭାସ୍ୱାନ୍-ବି. (ଭାସ୍-ବତ୍) ସୂର୍ଯ୍ୟ; ଦୀପ୍ତି ।
ଭିଆଣ-ବି. (ବିଧାନଶବ୍ଦଜ) ନିର୍ମାଣ; ଜମିଦାରର
ଜମାବନ୍ଦୀ କାଗଜ । [ପ୍ରାର୍ଥିତ ବସ୍ତୁ ।
ଭିକ୍ଷା-ବି. ( ଭିକ୍ଷ୍-ଅ-ଆ ) ଯାଚ୍ଞା, ପ୍ରାର୍ଥନା;
ଭିକ୍ଷୁ-ବି. (ଭିକ୍ଷ୍-ଉ) ପରିବ୍ରାଜକ, ଭିକ୍ଷୋପଜୀବୀ,
ଚତୁର୍ଥାଶ୍ରମୀ ।
ଭିକ୍ଷୁକ-ବିଂ. (ଭିକ୍ଷୁ-କ) ଯାଚକ, ଭିକ୍ଷାଜୀବୀ ।

ଭଙ୍କେଇବା-କ୍ରି. ଅର୍ଦ୍ର କରିବା, ଜଳଯୁକ୍ତ [କରିବା ।
ଭଡ଼-ବି. ଲୋକସମୂହ, ଜନତା ।
ଭଡ଼ିବା-କ୍ରି. ଦୃଢରୂପେ ଟାଣିବା; ଛନ୍ଦିବା ।
ଭଣିବା-କ୍ରି. ପିଞ୍ଜିବା, ବଦାଇବା ।
ଭଣୋଇ-ବି. ଭଉଣୀପତି । [ମଧ୍ୟ ।
ଭିତର-ବି. (ଅଭ୍ୟନ୍ତରଶବ୍ଦଜ) ଅଭ୍ୟନ୍ତର ;
ଭିତ୍ତି-ବି. ( ଭିଦ୍-ତି ) କାନ୍ଥ ।
ଭିଦ୍-ବି. ( ଭିଦ୍-କ୍ୱିପ୍ ) ବିଦାରଣ, ଭେଦନ ; ଛେଦନକର୍ତ୍ତା ; (ଶବ୍ଦାନ୍ତେ) ।
ଭିଦୁର-ବିଂ. (ଭିଦ୍-ଉର) ଭେଦଶୀଳ, ଭଙ୍ଗୁର ।
ଭିନ୍ଦିପାଳ-ବି. କ୍ଷେପଣୀୟ ଅସ୍ତ୍ରବିଶେଷ ।
ଭିନ୍ନ-ବିଂ. ( ଭିଦ୍-ତ ) ପୃଥକ୍ ; ଅନ୍ୟ ; ବିଦୀର୍ଣ୍ଣ; ଖଣ୍ଡିତ ।
ଭିଲ୍ଲ-ବି. ଅସଭ୍ୟ ଜାତିବିଶେଷ, ଭିଲ ।
ଭିଷକ୍-ବି. ( ଭିଷ୍-ଅକ୍ ) ବୈଦ୍ୟ, ଚିକିତ୍ସକ ।
ଭୀ } ଭୀତି } ବି. (ଭୀ-ତି) ଭୟ, ତ୍ରାସ, ଶଙ୍କା ।
ଭୀତ-ବିଂ. ( ଭୀ-ତ ) ଭୟଯୁକ୍ତ, ଶଙ୍କିତ ; ବି. ଭୟ ।
ଭୀମ ବିଂ. (ଭୀ-ମ) ଭୀଷଣ; ବି. ଦ୍ୱିତୀୟ ପାଣ୍ଡବ ।
ଭୀରୁ-ବିଂ. (ଭୀ-ରୁ) ଭୀତସ୍ୱଭାବ ।
ଭୀଷଣ-ବିଂ. ( ଭୀ-ଣିଚ୍-ଅନ ) ଭୟଙ୍କର ।
ଭୀଷ୍ମ-ବିଂ. ( ଭୀ-ମ) ଭୟଙ୍କର; ବି. ମହାଭାରତର [ପ୍ରସିଦ୍ଧ ବୀର ।
ଭୁଅ-ବି. ଅଗ୍ନିର ବସତି ।
ଭୁଅସୁଣୀ-ବି. କୁଳବଧୂ । [(ଶବ୍ଦାନ୍ତେ) ।
ଭୁକ୍-ବିଂ. (ଭୁଜ୍-୦) ଭୋକ୍ତା, ଯେ ଭୋଜନ କରେ

ଭୁକ୍ତ-ବିଂ. ( ଭୁଜ୍-ତ ) ଭକ୍ଷିତ; ଉପଭୁକ୍ତ ; ଅନ୍ତର୍ଗତ ।
ଭୁକ୍ତଭୋଗୀ-ବିଂ. ବାରମ୍ବାର ଅନୁଭବକାରୀ ।
ଭୁକ୍ତାବଶିଷ୍ଟ-ବିଂ. (ଭୁକ୍ତ-ଅବଶିଷ୍ଟ) ଅଇଁଠା ।
ଭୁକ୍ତି-ବି. ( ଭୁଜ୍-ତି ) ଭୋଜନ; ଭୋଗ ।
ଭୁଜ-ବି. ( ଭୁଜ୍-ଅ ) ବାହୁ ; ହସ୍ତ; ଭୂର୍ଜପତ୍ର ; ତ୍ରିକୋଣର ରେଖା ।
ଭୁଜ-କୋଟର-ବି. କାଖ ।
ଭୁଜଗ } ଭୁଜଙ୍ଗ } ଭୁଜଙ୍ଗମ } ବି. (ଭୁଜ-ଗମ୍-ଅ) ସର୍ପ ।
ଭୁଜା-ବି. ଚୂଡ଼ା ମୁଢି ପ୍ରଭୃତି ଖାଦ୍ୟଦ୍ରବ୍ୟ ।
ଭୁଞ୍ଜିବା-କ୍ରି. ( ଭୁଜ୍ଧାତୁରୁ ) ଭୋଗ କରିବା ; [ଭୋଜନ କରିବା ;
ଭୁଡଙ୍ଗ-ବି. ଗୁମ୍ଫ ।
ଭୁଣ୍ଡି-ବି. ଅଗ୍ରଭାଗ ।
ଭୁନି ବି. ବଧବାର ବସ୍ତ୍ରବିଶେଷ ।
ଭୁଲ-ବି. (ଭ୍ରମ୍ଧାତୁରୁ) ବିସ୍ମୃତ, ଭ୍ରମ ।
ଭୁଲତା-ବି. ( ଭ୍ରୂ-ଲତା ) ଭ୍ରୂ ।
ଭୁଲିବା-କ୍ରି. ଭୁଲ କରିବା ; ପାସୋରିବା ।
ଭୁଲାଇବା-କ୍ରି. ଭ୍ରମଯୁକ୍ତ କରାଇବା ।
ଭୁବନ-ବି. (ଭୂ-ବନ୍-କର୍ତ୍ତୃବାଚ୍ୟ) ଜଗତ୍ ।
ଭୁବନେଶ୍ୱର-ବି. ( ଭୁବନ-ଈଶ୍ୱର ) ଜଗଦୀଶ୍ୱର ; ପୁରୀଜିଲ୍ଲାସ୍ଥ ଶିବକ୍ଷେତ୍ରବିଶେଷ ।
ଭୁବଃ-ବି. (ଭୂ-ଅସ୍ ) ଅନ୍ତରୀକ୍ଷ ।
ଭୁବର୍ଲୋକ-ବି. ( ଭୁବସ୍ ଲୋକ ) ପୃଥ୍ୱୀ ଓ ସୂର୍ଯ୍ୟର ମଧ୍ୟପ୍ରଦେଶ ।

ଭୁସିବା-କ୍ରି. ବକ୍ଷିବା, ବେଷ୍ଟିବା । [ପଡ଼ିବା ।
ଭୁସୁଡ଼ିବା-କ୍ରି. ହଠାତ୍ ବସାଣ୍ଡି ହେବା ବା ଧସି-
ଭୁସୀ-ବି. ଯବ ଗୋଧୂମାଦର ଚୋପା ।
ଭୂ-ବି. ( ଭୂ-କ୍ୱିପ୍ ) ପୃଥିବୀ, ଭୂମି ।
ଭୂଇଁ-ବି. ( ଭୂମିଶବ୍ଦଜ ) ଭୂମି ।
ଭୂ-ଗର୍ଭ-ବି. ପୃଥିବୀର ଅଭ୍ୟନ୍ତର ।
ଭୂଗୋଳ-ବି. ( ଭୂ-ଗୋଲ ) ଭୂମଣ୍ଡଳ ।
ଭୂଚର-ବିଂ. ( ଭୂ-ଚର ) ସ୍ଥଳଚର ।
ଭୂତ-ବିଂ. ( ଭୂ-ତ ) ଅତୀତ ; ସତ୍ୟ ; ସ୍ୱରୂପ ; ବି. ମୂଳ ପଦାର୍ଥ ; ପ୍ରାଣ ।
ଭୂତ-ଧାତ୍ରୀ-ବି. ପୃଥିବୀ ।
ଭୂତ-ପତି-ନୃ. ଶିବ ।
ଭୂତପୂର୍ବ-ବିଂ. ଯାହା ପୂର୍ବରେ ଥିଲା ।
ଭୂତଭାବନ-ବି. ( ଭୂ-ତ-ଭୂ-ଣିଚ୍-ଅନ ) ସୃଷ୍ଟିକର୍ତ୍ତା ।
ଭୂତି-ବି. ( ଭୂ-ତି ) ବିଭୂତି ; ମହିମା ।
ଭୂ-ଦେବ-ବି. ବ୍ରାହ୍ମଣ ।
ଭୂଧର-ବି. ( ଭୂ-ଧୃ-ଅ ) ପର୍ବତ ; ବାସୁକି ।
ଭୂପ, ଭୂପତି, ଭୂପାଳ } ବି. ( ଭୂ-ପ, ପତି, ପାଳ ) ରାଜା ।
ଭୂମା-ବିଂ. ( ବହୁ-ଇମନ୍ ) ମହାନ୍ ; ଭୂୟିଷ୍ଠ ; ବି. ସର୍ବବ୍ୟାପୀ ପୁରୁଷ ।
ଭୂମି-ବି. ( ଭୂ-ମି ) ପୃଥିବୀ ; ଜମି ।
ଭୂମିକା-ବି. ( ଭୂମି-କ-ଆ ) ଗ୍ରନ୍ଥର ମୁଖବନ୍ଧ ; ବକ୍ତବ୍ୟ ବିଷୟର ସୂଚନା ।
ଭୂମିଷ୍ଠ-ବିଂ. ( ଭୂମି-ସ୍ଥା-ଅ- ) ଭୂମିରେ ପତିତ, ଜାତ ; ପ୍ରଣତ ।
ଭୂୟଃ-ବିଂ. ( ବହୁ-ଇୟସ୍ ) ଅଧିକ ।
ଭୂୟିଷ୍ଠ-ବିଂ. ( ବହୁ-ଇଷ୍ଠ ) ବହୁଳ ; ଅଧିକ ।
ଭୂୟୋଭୂୟଃ-ଅ. ( ଭୂୟଃ-ଭୂୟଃ ) ପୁନଃ-
ଭୂରି-ଅ. ଅଧିକ ; ଅନେକ । [ପୁନଃ ।
ଭୂରୁହ-ବି. ( ଭୂ-ରୁହ୍-ଅ ) ବୃକ୍ଷ, ଗଛ ।
ଭୂଷଣ, ଭୂଷା } ବି. ( ଭୂଷ୍-ଅନ, ଅ ) ଅଳଙ୍କାର ; ଶୋଭା ।
ଭୂଷିତ-ବିଂ. ( ଭୂଷ୍-ତ ) ଅଳଙ୍କୃତ ; ଶୋଭିତ ।
ଭୂସ୍ୱାମୀ-ବି. ( ଭୂ-ସ୍ୱାମିନ୍ ) ରାଜା ; ଜମିଦାର ।
ଭୃଗୁ-ବି. ମୁନିବିଶେଷ ; ଶୁକ୍ର ; ପର୍ବତାଦିର ଢାଲୁ ପ୍ରଦେଶ ।
ଭୃଙ୍ଗ-ବି. ( ଭୃ-ଗ ) ଭ୍ରମର ।
ଭୃଙ୍ଗାର-ବି. ଜଳପାତ୍ର । [(ପଦାନ୍ତେ) ।
ଭୃତ୍-ବିଂ. ( ଭୃ-କ୍ୱିପ୍ ) ପାଳନକର୍ତ୍ତା ; ଧାରଣକର୍ତ୍ତା
ଭୃତ-ବିଂ. ( ଭୃ-ତ ) ପାଳିତ ; ପୁଷ୍ଟ ।
ଭୃତକ-ବିଂ. ( ଭୃ-ତ-କ ) ବେତନଭୋଗୀ, ଭୃତ୍ୟ ।
ଭୃତି-ବି. ବେତନ ।
ଭୃତ୍ୟ-ବି. ( ଭୃ-ଯ ) ଦାସ ।
ଭୃଷ୍ଟ-ବିଂ. ( ଭ୍ରସ୍ଜ୍-ତ ) ଭର୍ଜ୍ଜିତ, ଭଜା ।
ଭେକ-ବି. ( ଭୀ-କ ) ମଣ୍ଡୂକ, ବେଙ୍ଗ ।
ଭେଖ-ବି. ବେଶ ; ବୈଷ୍ଣବ ପନ୍ଥଙ୍କର କୌପୀ-
ଭେଟ-ବି. ସାକ୍ଷାତ୍, ଦେଖା । [ନାଦ ।

ଭେଟିବା-କ୍ରି. ସାକ୍ଷାତ୍ କରିବା ।

ଭେଟୀ-ବି. ଉପଢୌକନ ।

ଭେଡ଼ା-ବି. ମେଣ୍ଢା, ଗାରଡ଼, ପଡ଼ିଆ ଭୂମି ।

ଭେଣ୍ଡା-ବି. ଯୁବାପୁରୁଷ ।

ଭେଣ୍ଡି-ବି. ପରିବା-ଫଳବିଶେଷ ।

ଭେଦ-ବି. ( ଭିଦ୍-ଅ ) ବେଧନ, ବିଦ୍ଧ କରିବା; ଅନୈକ୍ୟ; ବୈଲକ୍ଷଣ୍ୟ; ଭଙ୍ଗ; ରେଚନ ।

ଭେଦକ-ବିଂ. (ଭିଦ୍-ଅକ) ବିଦାରକ; ପୃଥକ୍-କାରକ ।

ଭେଦନ-ବି. (ଭିଦ୍-ଅନ) ବିଦାରଣ; ବେଧନ ।

ଭେଦା-ବି. ଗୁନା । [ପୃଥକ୍‌କୃତ ।

ଭେଦିତ-ବିଂ. ( ଭିଦ୍-ଣିଚ୍-ତ ) ବିଦାରିତ;

ଭେଦୀ-ବିଂ. ( ଭିଦ୍-ଇନ୍ ) ଭେଦକାରୀ ।

ଭେଦ୍ୟ-ବିଂ.(ଭିଦ୍-ଯ)ଭେଦଯୋଗ୍ୟ,ବେଧନୀୟ ।

ଭେରଣ୍ଡା-ବି. ଗଛବିଶେଷ ।

ଭେରୀ-ବି. ଢକ୍କା, ବାଦ୍ୟଯନ୍ତ୍ରବିଶେଷ ।

ଭେଲ୍କି-ବି. କୁହୁକ । [ଯନ୍ତ୍ର; ଉଡୁପ ।

ଭେଳା-ବି.(ଭେଳକଶବ୍ଦଜ) ପାଣିରେ ଭାସିବାର

ଭେଷଜ-ବି. (ଭେଷ-ଜ-ଅ) ଔଷଧ ।

ଭେଷଡ଼ା-ବିଂ. କଦର୍ଯ୍ୟ ।

ଭୈକ୍ଷ-ବି: (ଭିକ୍ଷା-ଅ) ଭିକ୍ଷାଲବ୍ଧ ବସ୍ତୁ ।

ଭୈକ୍ଷାଶୀ-ବିଂ.(ଭୈକ୍ଷ-ଅଶ୍-ଇନ୍) ଭିକ୍ଷାଜୀବୀ ।

ଭୈରବ-ବିଂ. (ଭୀରୁ-ଅ) ଭୀଷଣ; ବି. ସଂଗୀତର ରାଗବିଶେଷ; ରୁଦ୍ରମୂର୍ତ୍ତି, ଶିବ ।

ଭୈରବୀ-ବି. ଦୁର୍ଗା, ରୁଦ୍ରରୂପ-ଶିବ-ପୂଜକା ।

ଭୈଷଜ୍ୟ-ବି. (ଭେଷଜ-ଯ) ଔଷଧ ।

ଭୋ-ଅଂ. ସମ୍ବୋଧନସୂଚକ ।

ଭୋଇ-ବି. ଗ୍ରାମର ଜମିଜମା ପ୍ରଭୃତିର କାଗଜାଦି ଯାହାଠାରେ ଥାଏ; ବାଉରି ।

ଭୋକ-ବି. (ବୁଭୁକ୍ଷାଶବ୍ଦଜ) କ୍ଷୁଧା ।

ଭୋକିଲା }
ଭୋକୀ } ବିଂ. କ୍ଷୁଧାର୍ତ୍ତ ।

ଭୋକ୍ତବ୍ୟ-ବିଂ. (ଭୁଜ୍-ତବ୍ୟ) ଭୋଜନଯୋଗ୍ୟ ।

ଭୋକ୍ତା-ବିଂ. (ଭୁଜ୍-ତୃ) ଭୋଜନକର୍ତ୍ତା; ଭୋଗୀ ।

ଭୋଗ-ବି. (ଭୁଜ୍-ଅ) ସୁଖ ଦୁଃଖାନୁଭବ; ସର୍ପ-ଫଣା । [ଗଙ୍ଗା ।

ଭୋଗବତୀ-ବି. ( ଭୋଗ-ବତ୍-ଈ ) ପାତାଳ-

ଭୋଗୀ-ବିଂ. ( ଭୋଗ-ଇନ୍ ) ସୁଖଭୋଗକାରୀ; ବି. ସର୍ପ ।

ଭୋଗେଇ-ବି. କ୍ଷୁଦ୍ରପାଚିଆ ।

ଭୋଗ୍ୟ-ବିଂ. (ଭୁଜ୍-ଯ) ଭୋଗର ଯୋଗ୍ୟ ।

ଭୋଜ-ବି. ପୂର୍ବକାଳର ପ୍ରସିଦ୍ଧ ନୃପବିଶେଷ ।

ଭୋଜନ-ବି. (ଭୁଜ୍-ଅନ) ଭକ୍ଷଣ ।

ଭୋଜବିଦ୍ୟା-ବି. ଐନ୍ଦ୍ରଜାଲିକ ବିଦ୍ୟା; ଭେଲ୍କି ।

ଭୋଜ୍ୟ-ବି. ( ଭୁଜ୍-ଯ ) ଭକ୍ଷଣୀୟ; ପିତୃପୁରୁଷଙ୍କ ଅନ୍ନରୂପେ ଦେୟ ।

ଭୋପା-ବି. ଦେଉଳର ପୂଜକବିଶେଷ, ବିଂ. ନିର୍ବୁଦ୍ଧି, ବିବେକଶୂନ୍ୟ ।

ଭୋଳ-ବିଂ. (ବିହ୍ୱଳଶବ୍ଦଜ) ବିହ୍ୱଳ; ଭ୍ରାନ୍ତ ।

ଭୌତିକ-ବିଂ. ( ଭୂତ-ଇକ ) ଭୂତସମ୍ବନ୍ଧୀୟ; ବହିର୍ଜଗତସମ୍ବନ୍ଧୀୟ । [ମଙ୍ଗଳଗ୍ରହ ।

ଭୌମ-ବିଂ. ( ଭୂମି-ଅ ) ଭୂମିସମ୍ବନ୍ଧୀୟ; ବି.

ଭୌମିକ-ବିଂ. (ଭୂମି-ଇକ) ଭୂମିସ୍ଥିତ ।

ଭ୍ରଂଶ-ବି. (ଭ୍ରନ୍‌ଶ୍‌-ଅ) ପତନ, ଚ୍ୟୁତି, ନାଶ ।

ଭ୍ରମ-ବି. (ଭ୍ରମ୍‌-ଅ) ମିଥ୍ୟାଜ୍ଞାନ; ଭ୍ରାନ୍ତି; ଭ୍ରମଣ ।

ଭ୍ରମଣ-ବି. (ଭ୍ରମ୍‌-ଅନ) ପର୍ଯ୍ୟଟନ, ବୁଲିବା ।

ଭ୍ରମମାଣ-ବିଂ. ( ଭ୍ରମ୍‌-ଅନ ) ଯେ ବା ଯାହା ବୁଲୁଅଛି ।

ଭ୍ରମର-ବି. (ଭ୍ରମ୍‌-ଅର) ଭଅଁର, ଭୃଙ୍ଗ ।

ଭ୍ରମି-ବି. (ଭ୍ରମ୍‌-ଇ) ଘୂର୍ଣ୍ଣିଜଳ, ଆବର୍ତ୍ତ ।

ଭ୍ରଷ୍ଟ-ବିଂ. ( ଭ୍ରନ୍ଶ୍‌-ତ ) ଚ୍ୟୁତ, ଅଧଃପତିତ; ଅଧାର୍ମିକ ।

ଭ୍ରଷ୍ଟା-ବିଂ. ବ୍ୟଭିଚାରିଣୀ ।

ଭ୍ରାଜକ ବିଂ. (ଭ୍ରାଜ୍‌-ଅକ) ଦୀପ୍ତିକାରକ ।

ଭ୍ରାତା-ବି. (ଭ୍ରାଜ୍‌-ତୃ) ଭାଇ ।

ଭ୍ରାତୁଷ୍ପୁତ୍ର-ବି. (ଭ୍ରାତୁଃ-ପୁତ୍ର) ଭ୍ରାତାର ପୁତ୍ର ।

ଭ୍ରାତୃ-ଜାୟା-ବି. ଭାଉଜ ।

ଭ୍ରାତୃବ୍ୟ-ବି. ଭ୍ରାତୁଷ୍ପୁତ୍ର, ପୁତୁରା ।

ଭ୍ରାନ୍ତ-ବିଂ. (ଭ୍ରମ୍‌-ତ) ଘୂର୍ଣ୍ଣାୟମାନ, ଭ୍ରାନ୍ତିଯୁକ୍ତ ।

ଭ୍ରାନ୍ତି-ବି. (ଭ୍ରମ୍‌-ତି) ମିଥ୍ୟାଜ୍ଞାନ, ଭ୍ରମ ।

ଭ୍ରାନ୍ତିମାନ୍‌-ବିଂ. (ଭ୍ରାନ୍ତି-ମତ୍‌) ଭ୍ରାନ୍ତିଯୁକ୍ତ ।

ଭ୍ରାମକ-ବିଂ. (ଭ୍ରମ୍‌-ଅକ) ଭ୍ରମଜନକ ।

ଭ୍ରାମ୍ୟମାଣ-ବିଂ. (ଭ୍ରମ୍‌-ଣିଚ-ଅନ) ଯାହା ଘୂର୍ଣ୍ଣିତ ହେଉଅଛି ।

ଭ୍ରୂ-ବି. ଚକ୍ଷୁର ଊର୍ଦ୍ଧ୍ୱ ଓ ଲଲାଟର ନିମ୍ନସ୍ଥିତ ଲୋମ ପଙ୍କ୍ତି ।

ଭ୍ରୂକୁଟି, ଭ୍ରୂକୁଟୀ — ବି. ( ଭ୍ରୂ-କୁଟ୍‌-ଇ ) ଭ୍ରୂଭଙ୍ଗୀ, କ୍ରୋଧାଦି ଦ୍ୱାରା ଭ୍ରୂର ବକ୍ରତା ।

ଭ୍ରୂକ୍ଷେପ-ବି. (ଭ୍ରୂ-କ୍ଷେପ) ଭ୍ରୂଭଙ୍ଗ, ଭ୍ରୂଚାଳନ ।

ଭ୍ରୂଣ-ବି. (ଭ୍ରୂଣ୍‌-ଅ) ଗର୍ଭସ୍ଥ ସନ୍ତାନ ।

ଭ୍ରୂଣହତ୍ୟା-ବି. ଗର୍ଭସ୍ଥ ସନ୍ତାନର ବିନାଶ ।

ଭ୍ରୂ-ବିଳାସ-ବି. ଭ୍ରୂର ନର୍ତ୍ତନ ।

ଭ୍ରୂଭଙ୍ଗ, ଭ୍ରୂଭଙ୍ଗୀ — ବି. ଭ୍ରୂକୁଟି ।

ଭ୍ରୂଲତା-ବି. ଚକ୍ଷୁର ଉପରିସ୍ଥ ଲୋମ ଶ୍ରେଣୀ, ଭୂଲତା ।

---

## ମ

ବ୍ୟଞ୍ଜନବର୍ଣ୍ଣର ପଞ୍ଚବିଂଶ ବର୍ଣ୍ଣ ।

ମଇ-ବି. କ୍ଷେତର ଟେକା ଭାଙ୍ଗିବା ନିମିତ୍ତ ବ୍ୟବହୃତ କାଠ ବା ବାଂଶ ନିର୍ମିତ ଯନ୍ତ୍ର ।

ମଇଦା-ବି. ପରିଷ୍କୃତ ଗୋଧୂମ-ଚୂର୍ଣ୍ଣ ।

ମଇନା-ବି. ଶାରୀପକ୍ଷୀ ।

ମଇଲା-ବିଂ. ଅପରିଷ୍କୃତ ।

ମଇଁଷି-ବି. (ମହିଷଶବ୍ଦର ଅପଭ୍ରଂଶ) ଗୋଜାତୀୟ ପଶୁବିଶେଷ ।

ମଉଡ଼, ମହୁଡ଼-ବି. (ମୁକୁଟଶବ୍ଦଜ) ମୁକୁଟ ।

ମଉନ-ବିଂ. (ମୌନଶବ୍ଦଜ) ତୁନି ।

ମଉଳା-ବି. (ମାତୁଳଶବ୍ଦଜ) ମାତୁଳ, ମାମୁ ।

ମଉଳିବା-କ୍ରି. ମ୍ଳୈ ଧାତୁରୁ) ଝାଉଁଳିବା ।

ମଉସା-ବି. ମାଉସୀର ପତି ।

ମକର-ବି. (ମ-କୃ-ଅ) ମଗରମାଛ; ଜ୍ୟୋତିଷିକ ରାଶିବିଶେଷ ।

ମକର-କୁଣ୍ଡଳ-ବି. ମକରାକୃତି କୁଣ୍ଡଳ ।

ମକରକେତନ }
ମକରକେତୁ } ବି. କନ୍ଦର୍ପ ।
ମକରଧ୍ୱଜ }

ମକରକ୍ରାନ୍ତି-ବି. ନିରକ୍ଷରେଖାର ୨୩½ ଅଂଶ ଦକ୍ଷିଣରେ ଅବସ୍ଥିତ ରେଖା ।

ମକଚିବା-କ୍ରି. ଦଳିବା ।

ମକଦମ-ବି. (ଆରବୀ) ଏକପ୍ରକାର ଭୂସ୍ୱାମୀ ।

ମକଦ୍ଦମା-ବି. (ଆରବୀ) ରାଜଦ୍ୱାରରେ ଅଭି-

ମକରନ୍ଦ-ବି. ପୁଷ୍ପର ମଧୁ । [ଯୋଗ ।

ମକରାଳୟ-ବି. (ମକର-ଆଳୟ) ସମୁଦ୍ର ।

ମକା-ବି. ଫଳବିଶେଷ ।

ମକୁଟ-ବି. (ମକ୍-ଉଟ) ମୁକୁଟ, ଶିରୋଭୂଷଣ ।

ମକୁଟା-ବି. ରେଶମୀ ବସ୍ତ୍ରବିଶେଷ ।

ମକ୍ଷିକା-ବି. (ମକ୍ଷ୍-ଇକ-ଆ) କୀଟବିଶେଷ, ମାଛି ।

ମଖ-ବି. (ମଖ୍-ଅ) ଯାଗ, ଯଜ୍ଞ ।

ମଖନ-ବି. ଦୁଗ୍ଧଜ ନବନୀତ ।

ମଖମଲ୍-ବି. ଏକପ୍ରକାର ବସ୍ତ୍ର ।

ମଗଜ-ବି. (ଫାର୍ସୀ) ମସ୍ତିଷ୍କ ।

ମଗଧ-ବି. ବିହାର ପ୍ରଦେଶ ।

ମଗର-ବି. (ମକରଶବ୍ଦଜ) ମକର, ଜଳଜନ୍ତୁ

ମଗରି-ବିଂ. ଅବାଧ୍ୟ । [ବିଶେଷ ।

ମଗ୍ନ-ବିଂ. (ମସ୍ଜ୍-ତ) ଅନ୍ତଃପ୍ରବିଷ୍ଟ, ବୁଡିଯାଇଥିବା ।

ମଘବା-ବି. (ମହ୍-ବନ୍) ଇନ୍ଦ୍ର ।

ମଘା-ବି. (ମହ୍-ଅ) ନକ୍ଷତ୍ରବିଶେଷ ।

ମଙ୍ଗ-ବି. (ମଙ୍ଗ୍-ଅ) ନୌକାର ଶିରୋଭାଗ ।

ମଙ୍ଗନ-ବି. (ମଙ୍ଗଳଶବ୍ଦଜ) ବିବାହର ପୂର୍ବଦିବସ ।

ମଙ୍ଗଳ-ବି. (ମଙ୍ଗ୍-ଅଳ) ଶୁଭ, କୁଶଳ; ମଙ୍ଗଳଗ୍ରହ; ବିଂ. ଶୁଭଜନକ ।

ମଙ୍ଗଳବାର-ବି. ଭୂମିସୁତବାର, ଭୌମବାସର ।

ମଙ୍ଗଳା-ବି. (ମଙ୍ଗଳ-ଆ) ଦେବୀବିଶେଷ ।

ମଙ୍ଗଳାଚରଣ-ବି. (ମଙ୍ଗଳ-ଆଚରଣ) କର୍ମ-ଆରମ୍ଭରେ ଶୁଭଜନକ କ୍ରିୟା । [ସୁଖଦ ।

ମଙ୍ଗଳ୍ୟ-ବିଂ. (ମଙ୍ଗଳ-ଯ) ଶୁଭଜନକ, ସୁନ୍ଦର,

ମଙ୍ଗିବା-କ୍ରି. ବି. ସମ୍ମତ ହେବା ।

ମଚକିବା-କ୍ରି. ବି. ମୋଡି ହୋଇଯିବା, ଈଷତ୍

ମଚଳା-ବି. କର୍ଣ୍ଣରୋଗ ବିଶେଷ । [ଭାଙ୍ଗିବା ।

ମଚ୍ଛ-ବି. (ମଦ୍-ଶ) ମତ୍ସ୍ୟ, ମାଛ ।

ମଜଲିସ-ବି. ସମାବେଶ, ସଭା ।

ମଜା-ବି. ଆମୋଦ; ତାମାସା ।

ମଜୁରି-ବି. ପରିଶୋଧ ।

ମଜୁରୀ-ବି. ପରିଶ୍ରମର ମୂଲ୍ୟ ।

ମଜ୍ଜନ-ବି. (ମସ୍ଜ୍-ଅନ) ଅବଗାହନ, ବୁଡିଯିବା ।

ମଜ୍ଜା-ବି. (ମସ୍ଜ୍-ଆ) ଅସ୍ଥି ଓ ମାଂସର ମଧ୍ୟସ୍ଥ ସ୍ନେହବିଶେଷ; ବୃକ୍ଷର ସାର ।

ମଝି-ବି. (ମଧ୍ୟଶବ୍ଦଜ) ମଧ୍ୟଭାଗ । [ମଞ୍ଚା ।

ମଞ୍ଚ-ବି. (ମନ୍ଚ୍-ଅ) ଉନ୍ନତ ମଣ୍ଡପ, ବେଦି,

ମଞ୍ଜି-ବି. (ମଜ୍ଜାଶବ୍ଦଜ) ବୃକ୍ଷାଦିର ଓ କାଷ୍ଠାଦିର

ମଞ୍ଜରିତ-ବିଂ. ମୁକୁଳିତ । [ସାରଭାଗ ।

ମଞ୍ଜରୀ-ବି. ମୁକୁଳ ।

ମଞ୍ଜା-ବି. କଦଳୀ ବୃକ୍ଷର ମଞ୍ଜ ।

ମଞ୍ଜାର-ବି. (ମାର୍ଜ୍ଜାରଶବ୍ଦଜ) ବିରାଡ଼ି, ମାର୍ଜ୍ଜାର ।
ମଞ୍ଜି<br>ମଞ୍ଜୀ } ବି. (ମନ୍ଜ୍-ଇ) ବୀଜ ।
ମଞ୍ଜିଷ୍ଠା-ବି. ରକ୍ତବର୍ଣ୍ଣ ଲତାବିଶେଷ ।
ମଞ୍ଜୀର-ବି. ନୂପୁର ।
ମଞ୍ଜୁ-ବିଂ. (ମନ୍ଜ୍-ଉ) ମନୋହର ।
ମଞ୍ଜୁର-ବି. (ପାର୍ସୀ) ଅଙ୍ଗୀକାର, ଅନୁଜ୍ଞା ।
ମଞ୍ଜୁଳ-ବିଂ. ( ମଞ୍ଜୁ-ଳ ) ମନୋହର; ସୁନ୍ଦର;
ମଞ୍ଜୁଷା-ବି. ପେଡ଼ି; ସିନ୍ଦୁକ । [ମଧୁର ।
ମଟର-ବି. ଏକପ୍ରକାର ଡାଲି ।
ମଟାମ-ବି. ସମକୋଣବିଶିଷ୍ଟ ଯନ୍ତ୍ର ।
ମଠକା-ବିଂ. ଭଙ୍ଗୁର, ଯାହା ସହଜରେ ଭାଙ୍ଗି-
ମଠାଳି-ବିଂ. କଠିନ । [ଯାଏ ।
ମଠ-ବି. (ମଠ୍-ଅ) ମନ୍ଦିର; ବୈରାଗୀମାନଙ୍କର
ମଠ-ବି. ଢିଲମ; ଅଳସ୍ୟ । [ଆଶ୍ରମ ।
ମଠା-ବି. ତସର ବସ୍ତ୍ରବିଶେଷ ।
ମଠୁଆ-ବିଂ. ଅଳସୁଆ ।
ମଡ଼କ-ବି. (ମରକଶବ୍ଦଜ) ମାରିଭୟ ।
ମଡ଼ା-ବି. ( ମୃତଶବ୍ଦଜ ) ମନୁଷ୍ୟର ମୃତଦେହ,
ମଡ଼ି-ବି. ପଶୁର ମୃତଦେହ । [ଶବ ।
ମଡ଼ୁଆଶାଙ୍କୁଳି-ବି. ଚଟଶାଳୀରେ ଅବାଧ୍ୟ ଛାତ୍ର-ମାନଙ୍କ ନିମିତ୍ତ ତାଳପତ୍ର-ନିର୍ମିତ ବନ୍ଧନ ।
ମଣ-ବି. ଅଭ୍ୟାସ । [ବିଶେଷ ।
ମଣାଇବା-କ୍ରି. (ମଣ୍ଧାତୁଜ) ବୁଝାଇବା ।
ମଣି-ବି. ରତ୍ନ (ବହୁମୂଲ୍ୟ ପ୍ରସ୍ତର ଓ ମୁକ୍ତା) ।

ମଣିକର୍ଣ୍ଣିକା-ବି. କର୍ଣ୍ଣଭୂଷଣ; କାଶୀସ୍ଥ ତୀର୍ଥ-ବିଶେଷ । [ମଣିପରୀକ୍ଷକ ।
ମଣିକାର-ବି. ( ମଣି-କୃ-ଅ ) ମଣିପରିଷ୍କାରକ;
ମଣିବନ୍ଧ-ବି. (ମଣି-ବନ୍ଧ) ହାତର କବ୍ଜା ।
ମଣିବା-କ୍ରି. (ମନ୍ଧାତୁଜ) ମନେ କରିବା, ବୋଧ କରିବା । [ସମ୍ବୋଧନ ପଦ ।
ମଣିମା-ବି. ରଜା ଓ ରାଣୀଙ୍କ ପ୍ରତି ପ୍ରଯୋଜ୍ୟ
ମଣୋହି-ବି. ରଜାଙ୍କର ଭୋଜନ ।
ମଣ୍ଡ-ବି. (ମଣ୍ଡ୍-ଅ) ପେଜ; ସାର ।
ମଣ୍ଡଣି-ବି. (ମଣ୍ଡ୍ଧାତୁଜ) ସଜ୍ଜା, ଭୂଷଣ ।
ମଣ୍ଡନ-ବି. (ମଣ୍ଡ୍-ଅନ) ଭୂଷଣ, ଅଳଙ୍କାର ।
ମଣ୍ଡପ-ବି. ( ମଣ୍ଡ୍-ପା-ଅ ) ମେଳ ବୈଠକଘର; ଦେବୋଦ୍ଦେଶେ ବା ସଭାନିମିତ୍ତ ପ୍ରସ୍ତୁତ ମେଳ ଘର ।
ମଣ୍ଡଳ-ବି. (ମଣ୍ଡ୍-ଅଳ) ବୃତ୍ତ; ବିମ୍ବ; ଗୋଲାକାର ବେଷ୍ଟନ; ସମୂହ; ଦେଶ; ପ୍ରଦେଶ ।
ମଣ୍ଡଳୀ-ବି. ସମୂହ; ସର୍ପ । [ସମ୍ରାଟ୍ ।
ମଣ୍ଡଳେଶ୍ୱର-ବି. ( ମଣ୍ଡଳ-ଈଶ୍ୱର ) ରଜା;
ମଣ୍ଡା-ବି. ପିଷ୍ଟକବିଶେଷ ।
ମଣ୍ଡିତ-ବିଂ. (ମଣ୍ଡ୍-ତ) ଭୂଷିତ, ସଜ୍ଜିତ ।
ମଣ୍ଡିବା-କ୍ରି. (ମଣ୍ଡ୍ଧାତୁଜ) ଭୂଷିତ କରିବା ।
ମଣ୍ଡୁକ<br>ମଣ୍ଡୂକ } ବି. (ମଣ୍ଡ-ଉକ, ଊକ) ଭେକ, ବେଙ୍ଗ ।
ମଣ୍ଡୁର-ବି. ଲୁହାର ଗୁଣ୍ଡି ।
ମତ-ବିଂ. ( ମନ୍-ତ ) ଅଭିପ୍ରେତ, ସମ୍ମତ; ବି. ସମ୍ମତି; ଅଭିପ୍ରାୟ ।

ମତଙ୍ଗଜ-ବି. ମାତଙ୍ଗ, ହସ୍ତୀ ।

ମତି-ବି. (ମନ୍-ତି) ବୁଦ୍ଧି; ମନଃ; ଅନ୍ତଃକରଣ; ପ୍ରବୃତ୍ତି ; ଇଚ୍ଛା ।

ମତିମାନ୍-ବି॰. (ମତି-ମତୁ) ସୁଧୀ, ବୁଦ୍ଧିମାନ୍ ।

ମତୁଆଲା-ବି॰. ପ୍ରମତ୍ତ ; ଉନ୍ମତ୍ତ ।

ମତି-ସ୍ତ୍ରୀ॰. ମୋହର (ଅନ୍ୟ ଶବ୍ଦସଙ୍ଗେ) ।

ମତିକୁଣି-ବି. ସ୍ଥିରପୋକ ।

ମତ୍ତ-ବି॰. (ମଦ୍-ତ) ବିହ୍ୱଳ; ଉନ୍ମତ୍ତ । ସ୍ତ୍ରୀ ।

ମତ୍ତକାଶିନୀ-ବି. (ମତ୍ତ-କାଶ୍-ଇନ୍-ଈ) ଉତ୍ତମା-

ମତଲବ-ବି. (ଆରବୀ) ଅଭିପ୍ରାୟ ।

ମତ୍ସ
ମତ୍ସ୍ୟ } ବି. (ମଦ୍-ସ, ସ୍ୟ) ମାଛ ।

ମତ୍ସର-ବି. (ମଦ୍-ସର) ଦ୍ୱେଷ; ଈର୍ଷା; ବି॰.- ପରଶ୍ରୀକାତର ।

ମତ୍ସ୍ୟ-ଜୀବୀ-ବି. ଧୀବର, କେଉଟ ।

ମତ୍ସ୍ୟ-ରାଜ-ବି. ସେହ୍ନମାଛ ।

ମତ୍ସ୍ୟବେଧନୀ-ବି. ( ମତ୍ସ୍ୟ-ବିଧ୍-ଅନ-ଈ ) ବଡଶ, ବଡ଼ଶୀ । [ ମୌହିଁବା ।

ମଥନ-ବି. (ମଥ୍-ଅନ ) ମନ୍ଥନ ; ବିନାଶନ ;

ମଥା-ବି. ( ମସ୍ତକଶବ୍ଦଜ ) ମସ୍ତକ, ମୁଣ୍ଡ ।

ମଥିତ-ବି॰. (ମଥ୍-ତ) ବିଲୋଡିତ; ବିନାଶିତ ।

ମଥୁରା-ବି. ପ୍ରସିଦ୍ଧ ନଗରୀବିଶେଷ ।

ମଥ୍ୟମାନ-ବି॰. (ମଥ୍-ଯ-ଅନ) ଆଲୋଡ଼୍ୟମାନ ।

ମଦ-ବି. (ମଦ-ଅ) ମତ୍ତତା ; ଗର୍ବ ; ମୋହ ; ହସ୍ତୀର ଗଣ୍ଡ-ସ୍ଥଳରୁ କ୍ଷରିତ ଜଳ; ମଦ୍ୟ ।

ମଦ-କଳ-ବି॰. ମତ୍ତତାବଶରେ ଅସ୍ଫୁଟ ଶବ୍ଦକାରୀ ।

ମଦଡ଼ି-ବି. ମାଦକ-ଦ୍ରବ୍ୟବିଶେଷ ।

ମଦନ-ବି. (ମଦ୍-ଅନ) କନ୍ଦର୍ପ ; ବସନ୍ତକାଳ ।

ମଦନ-ମୋହନ-ବି. (ମଦନ-ମୋହନ) ଶ୍ରୀକୃଷ୍ଣ; ବି॰. ଅତି ସୁନ୍ଦର ।

ମଦନ-ଲେଖ-ବି. ପ୍ରଣୟ-ପତ୍ରିକା ।

ମଦାନ୍ଧ-ବି॰. (ମଦ-ଅନ୍ଧ) ମତ୍ତତାଯୋଗୁଁ ହିତା-ହିତ-ବୋଧଶୂନ୍ୟ ।

ମଦାଳସା-ବି. କାମୁକୀ ।

ମଦିର-ବି॰. (ମଦ୍-ଇର) ମତ୍ତ ।

ମଦିରା-ବି. ( ମଦ୍-ଇର-ଆ ) ସୁରା ।

ମଦିରାକ୍ଷୀ-ବି॰. (ମଦିର-ଅକ୍ଷି) ମତ୍ତଲୋଚନା ।

ମଦୀୟ-ବି॰. (ଅସ୍ମଦ୍-ଈୟ ) ମତ୍ସମ୍ବନ୍ଧୀୟ, ମୋହର ।

ମଦୁଆ-ବି॰. ମଦ୍ୟପାୟୀ, ମଦୁଆଲା ।

ମଦୋତ୍କଟ-ବି॰. ( ମଦ-ଉତ୍କଟ ) ମଦ ମତ୍ତ ; [ମଦୋଦ୍ଧତ ।

ମଦ୍ଗୁର-ବି. ମାଗୁର ମାଛ ।

ମଦ୍ୟ-ବି. (ମଦ୍-ଯ) ସୁରା, ମଦିରା ।

ମଦ୍ୟପ-ବି॰. ( ମଦ୍ୟ-ପା-ଅ ) ସୁରାପାୟୀ, ଯେ ମଦ୍ୟ ପାନ କରେ ।

ମଦ୍ର-ବି. ପଞ୍ଜାବର ପ୍ରାଚୀନ ପ୍ରଦେଶ ।

ମଧୁ-ବି. ( ମଦ୍-ଉ ) ମହୁ; ପୁଷ୍ପରସ ; ମଧୁରରସ; ସୁରା ; ବସନ୍ତକାଳ ; ଚୈତ୍ରମାସ ; ବି॰. ସ୍ୱାଦୁ, [ ମଧୁର ।

ମଧୁକ-ବି. ମହୁଲ ଗଛ ।

ମଧୁ-କଣ୍ଠ-ବି. କୋକିଳ ।

ମଧୁକର-ବି. ଭ୍ରମର, ଭୃଙ୍ଗ ।

ମଧୁକୋଷ-ବି. ମହୁଫେଣା ।

ମଧୁ-କ୍ରମ-ବି. ମହୁଫେଣା ।

ମଧୁପ-ବି. (ମଧୁ-ପା-ଅ) ଭ୍ରମର, ମଧୁକର ।

ମଧୁପଟଳ-ବି. ମହୁଫେଣା ।

ମଧୁପର୍କ-ବି. (ମଧୁ-ପୃଚ୍-ଅ) ଘୃତ, ଶର୍କରା, ଜଳ, ଦଧି ଓ ମଧୁଯୁକ୍ତ ଭକ୍ଷ୍ୟବିଶେଷ ।

ମଧୁମୟ-ବିଂ. ମାଧୁର୍ଯ୍ୟମୟ ।

ମଧୁମାନ୍-ବିଂ. (ମଧୁ-ମତ୍) ମାଧୁର୍ଯ୍ୟଯୁକ୍ତ ।

ମଧୁର-ବି. (ମଧୁ-ର-ଅ) ମିଷ୍ଟରସ; ବିଂ. ମିଷ୍ଟରସ-ଯୁକ୍ତ; ମନୋହର ।

ମଧୁସୂଦନ-ବି. (ମଧୁ-ସୂଦ୍-ଅନ) ବିଷ୍ଣୁ ।

ମଧୂତ୍ଥ-ବି, (ମଧୁ-ଉତ୍-ସ୍ଥା-ଅ) ମହମ ।

ମଧ୍ୟ-ବିଂ. ମଧ୍ୟ; କଟିଦେଶ; ଅଭ୍ୟନ୍ତର ।

ମଧ୍ୟଦେଶ-ବି. ପ୍ରୟାଗର ପଶ୍ଚିମସ୍ଥ ଦେଶ ।

ମଧ୍ୟନ୍ଦିନ-ବି. ( ମଧ୍ୟ-ଦିନ ) ଦିନର ମଧ୍ୟଭାଗ ; ମଧ୍ୟାହ୍ନ । [ତର ସ୍ୱରବିଶେଷ ।

ମଧ୍ୟମ-ବିଂ. ( ମଧ୍ୟ-ମ) ମଧ୍ୟବର୍ତ୍ତୀ ; ବି. ସଂଗୀ-

ମଧ୍ୟମ-ଲୋକ-ବି. ସ୍ୱର୍ଗ ଓ ପାତାଳର ମଧ୍ୟ-ସ୍ଥିତ ପୃଥିବୀ ।

ମଧ୍ୟ-ରାତ୍ର-ବି. ଅର୍ଦ୍ଧରାତ୍ର । [ସ୍ଥିତ ।

ମଧ୍ୟବର୍ତ୍ତୀ-ବିଂ. ( ମଧ୍ୟ-ବୃତ୍-ଇନ୍ ) ମଧ୍ୟରେ-

ମଧ୍ୟ-ବିତ୍ତ-ବିଂ. ଯେ ଧନୀ ବା ଦରିଦ୍ର ନୁହେ ।

ମଧ୍ୟସ୍ଥ-ବିଂ. (ମଧ୍ୟ-ସ୍ଥା-ଅ) ମଧ୍ୟବର୍ତ୍ତୀ; ଯେ କୌଣସି ପକ୍ଷରେ ଲିପ୍ତ ନୁହେ; ଉଦାସୀନ ।

ମଧ୍ୟାହ୍ନ-ବି. (ମଧ୍ୟ-ଅହ୍ନ) ଦିନର ମଧ୍ୟଭାଗ ।

ମନଃ-ବି. ( ମନ୍-ଅସ୍ ) ଚିତ୍ତ, ଅନ୍ତଃକରଣ ; ଅଭିଳାଷ । [ବିଶେଷ ।

ମନଃଶିଳା-ବି. ରକ୍ତବର୍ଣ୍ଣ ପାଷାଣମୟ ଧାତୁ-

ମନଃସ୍ଥ-ବିଂ. ମନରେ ସ୍ଥିତ ; ବି. ଅଭିପ୍ରାୟ ।

ମନନ-ବି. ( ମନ୍-ଅନ ) ଚିନ୍ତନ ବାରମ୍ବାର ଚିନ୍ତନ ।

ମନସିଜ-ବି. (ମନସି-ଜନ୍-ଅ) କନ୍ଦର୍ପ ।

ମନସ୍କାମ-ବି. ମନର ଅଭିଳାଷ ।

ମନସ୍ତାପ-ବି. ମନର କ୍ଲେଶ ; ଅନୁତାପ ।

ମନସ୍ୱିନୀ-ବିଂ. ମନସ୍ୱୀ ପଦର ସ୍ତ୍ରୀଲିଙ୍ଗ ।

ମନସ୍ୱୀ-ବିଂ. (ମନସ୍-ବିନ୍) ପ୍ରଶସ୍ତ ଅନ୍ତଃକରଣ-ବିଶିଷ୍ଟ, ମହାମନା ।

ମନା-ବି. ନିଷେଧ, ବାରଣ ।

ମନାଇବା-କ୍ରି. ପୋଷାଇବା; ସମ୍ମତ କରାଇବା ।

ମନାସ-ବି. ( ମାନସଶବ୍ଦଜ ) ବାଞ୍ଛା, ଇଚ୍ଛା,

ମନାସିବା-କ୍ରି. ବାଞ୍ଛା କରିବା । [ମନୋରଥ ।

ମନୀଷା-ବି. (ମନସ୍-ଈଷା) ବୁଦ୍ଧି, ପ୍ରଜ୍ଞା ।

ମନୀଷୀ-ବିଂ. (ମନୀଷା-ଇନ୍) ବୁଦ୍ଧିମାନ୍, ବିଦ୍ୱାନ୍ ।

ମନୁ-ବି. (ମନ୍-ଉ) ବ୍ରହ୍ମାଙ୍କର ପୁତ୍ର, ଆଦି ମନୁଷ୍ୟ; ଧର୍ମଶାସ୍ତ୍ରପ୍ରଣେତା ମୁନିବିଶେଷ ।

ମନୁଜ, ମନୁଷ୍ୟ – ବି. ( ମନୁ-ଜ,ଷ୍ୟ ) ମନୁର ଅପତ୍ୟ ; ନର, ମାନବ ।

ମନୁଷ୍ୟତା, ମନୁଷ୍ୟତ୍ୱ – ବି. ମନୁଷ୍ୟର ଭାବ; ମନୁଷ୍ୟୋଚିତ ସଦ୍‌ଗୁଣ ।

ମନୋଗତ-ବିଂ.(ମନସ୍-ଗମ୍-ତ) ମନରେ ସ୍ଥିତ ।

ମନୋଜ-ବି. (ମନସ୍-ଜ) କନ୍ଦର୍ପ; ବିଂ. ମନୋଜାତ ।
ମନୋଜ୍ଞ-ବିଂ. (ମନଃ-ଜ୍ଞା-ଅ) ମନୋହର ।
ମନୋନୀତ-ବିଂ. ( ମନସ୍-ନୀ-ତ ) ମନୋମତ, ମନର ଅଭିଲଷିତ, ପସନ୍ଦ ।
ମନୋରଞ୍ଜନ-ବି. ଚିତ୍ତର ପ୍ରଫୁଲ୍ଲତା-ବିଧାନ ।
ମନୋରଥ-ବି. (ମନଃ-ରଥ) ବାଞ୍ଛା, କାମନା ।
ମନୋରମ-ବିଂ. (ମନଃ-ରମ୍-ଅ) ମନୋହର, ସୁନ୍ଦର ।
ମନୋବୃତ୍ତି-ବି. (ମନସ୍-ବୃତ୍ତି) ଚିତ୍ତବୃତ୍ତି ।
ମନୋହର-ବିଂ. ( ମନଃ-ହୃ-ଅ ) ସୁନ୍ଦର, ରମଣୀୟ ।
ମନ୍ତବ୍ୟ-ବିଂ. (ମନ୍-ତବ୍ୟ) ଚିନ୍ତନୀୟ, ବକ୍ତବ୍ୟ; [ବି. ବକ୍ତୃସନ୍ନୁଗତ ମତ ।
ମନ୍ତା-ବି. (ମନ୍-ତୃ) ମନନକର୍ତ୍ତା ।
ମନ୍ତ୍ର-ବି. ( ମନ୍ତ୍ର-ଅ ) ବେଦର ଅଂଶବିଶେଷ; ପୂଜାର ବାକ୍ୟ ବା ଶ୍ଳୋକ; ଗୁରୁଦତ୍ତ ଦୀକ୍ଷାପଦ; ମନ୍ତ୍ରଣା ।
ମନ୍ତ୍ର-ଗୃହ-ବି. ମନ୍ତ୍ରଣା କରିବାର ସ୍ଥାନ ।
ମନ୍ତ୍ରଣା-ବି.(ମନ୍ତ୍ର-ଅନ-ଆ) ଗୋପନରେ ବିଚାର ।
ମନ୍ତ୍ର-ଦାତା-ବି. ଦୀକ୍ଷାଗୁରୁ; ବିଂ. ପରାମର୍ଶଦାତା ।
ମନ୍ତ୍ରୀ-ବି. (ମନ୍ତ୍ର-ଇନ୍ ) ଅମାତ୍ୟ, ସଚିବ; ବିଂ. ପରାମର୍ଶ ଦାତା ।
ମନ୍ଥ-ବି. (ମନ୍ଥ୍-ଅ) ମନ୍ଥନଦଣ୍ଡ; ମନ୍ଥନ
ମନ୍ଥନ-ବି. (ମନ୍ଥ୍-ଅନ) ବିଲୋଡନ; ମୋହିଁବା ।
ମନ୍ଥର-ବିଂ. ( ମନ୍ଥ୍-ଅର ) ମନ୍ଦଗାମୀ; ଅଳସ; [ଜଡ ।
ମନ୍ଥାନ-ବି. ମନ୍ଥନଦଣ୍ଡ ।
ମନ୍ଦ-ବିଂ. ( ମନ୍ଦ୍-ଅ ) ଖରାପ; ଖଳ; ଅପଟୁ; ଅପକୃଷ୍ଟ; ଜଡ; ମନ୍ଥର; ମୃଦୁ; ଅଳ୍ପ ।

ମନ୍ଦ-ଗାମୀ-ବିଂ. ମୃଦୁଗମନଶୀଳ ।
ମନ୍ଦର-ବି. ଯେଉଁ ପର୍ବତକୁ ମନ୍ଥନଦଣ୍ଡ କରି ଦେବାସୁରମାନେ ସମୁଦ୍ର ମନ୍ଥନ କରିଥିଲେ (ପୌରାଣିକ କଥା) ।
ମନ୍ଦା-ବି. ମଳା ।
ମନ୍ଦାଏ-ବିଂ. ଅଳ୍ପ-ପରିମାଣ (ପାଣି) ।
ମନ୍ଦାକିନୀ-ବି. (ମନ୍ଦ-ଅକ-ଇନ୍-ଈ) ସ୍ୱର୍ଗଗଙ୍ଗା ।
ମନ୍ଦାକ୍ଷ-ବି. (ମନ୍ଦ-ଅକ୍ଷି) ଲଜ୍ଜା, ତ୍ରପା ।
ମନ୍ଦାଗ୍ନି-ବି. (ମନ୍ଦ-ଅଗ୍ନି) କ୍ଷୁଧାର ଅତ୍ୟଳ୍ପତା ।
ମନ୍ଦାର-ବି. (ମନ୍ଦ୍-ଅର) କଳ୍ପିତ ସ୍ୱର୍ଗପୁଷ୍ପ; ଜବାପୁଷ୍ପ ।
ମନ୍ଦିର-ବି. (ମନ୍ଦ୍-ଇର) ଗୃହ; ଦେବାଳୟ ।
ମନ୍ଦିରା-ବି. କାଂସ୍ୟନିର୍ମିତ ବାଦ୍ୟଯନ୍ତ୍ରବିଶେଷ ।
ମନ୍ଦୀଭୂତ-ବିଂ. (ମନ୍ଦ-ଈ (ଚ୍ୱି) ଅଗମ-ଭୂ-ତ) ଅଳ୍ପୀଭୂତ, କମ୍ ହୋଇଯିବା; ଜଡୀଭୂତ ।
ମନ୍ଦୁରା-ବି. (ମନ୍ଦ୍-ଉର-ଆ) ଅଶ୍ୱଶାଳା ।
ମନ୍ଦୁରୀ-ବି. ହେଁସ ।
ମନ୍ଦୋଦରୀ-ବି.(ମନ୍ଦ-ଉଦର-ଈ) ରାବଣର ସ୍ତ୍ରୀ; କ୍ଷୀଣୋଦରୀ ସ୍ତ୍ରୀ ।
ମନ୍ଦ୍ର-ବିଂ. ( ମନ୍ଦ୍-ର ) ଗମ୍ଭୀର; ବି. ବାଦ୍ୟଯନ୍ତ୍ର- [ବିଶେଷ ।
ମନ୍ମଥ-ବି. (ମନସ୍-ମଥ୍-ଅ) କାମଦେବ, କନ୍ଦର୍ପ, ମଦନ ।
ମନ୍ୟୁ-ବି. ( ମନ୍-ଯୁ ) ଶୋକ; କ୍ରୋଧ; ଯଜ୍ଞ ।
ମନ୍ୱନ୍ତର-ବି. (ମନୁ-ଅନ୍ତର) ମନୁଙ୍କର ସର୍ବ୍ବ-ଶାସନ କାଳ ।
ମମ-ସଂ. (ଅସ୍ମଦ୍ ଶବ୍ଦଜ) ଆମ୍ଭର, ମୋହର ।

ମମତା } ବ. (ମମ-ତା, ତ୍ୱ) ମାୟା; ଅହଙ୍କାର;
ମମତ୍ୱ } ସ୍ନେହ ।

ମୟ-ବ. ଦାନବମାନଙ୍କର ଶିଳ୍ପୀ; ବ୍ୟାକରଣର ପ୍ରତ୍ୟୟ ବିଶେଷ ।

ମୟୂଖ-ବ. (ମା-ଊଖ) କିରଣ; କାନ୍ତି ।

ମୟୂଖ-ମାଳୀ-ବ. ସୂର୍ଯ୍ୟ ।

ମୟୂର-ବ. ପକ୍ଷିବିଶେଷ, ଶିଖୀ ।

ମର-ବ. (ମୃ-ଅ) ମରଣ; ବଂ. ମରଣାଧୀନ ।

ମରକ-ବ. (ମୃ-ଅକ) ମାରୀ, ମଡ଼କ ।

ମରକତ-ବ. ହରିଦ୍ୱର୍ଣ୍ଣ ମଣିବିଶେଷ ।

ମରଣ-ବ. (ମୃ-ଅନ) ମୃତ୍ୟୁ ।

ମରନ୍ଦ-ବ. ମକରନ୍ଦ ।

ମରାମର-ବ. (ମର-ଅମର) ମନୁଷ୍ୟ ଓ ଦେବତା ।

ମରାଳ-ବ. ରାଜହଂସ ।

ମରିଚ } ମରୀଚ } ବ. ଗୋଲମରିଚ ।

ମରୀଚି-ବ. କିରଣ, ଉଷ୍ଣ; ମୁନିବିଶେଷ ।

ମରୀଚିକା-ବ. (ମରୀଚି-କି-ଆ) ମୃଗତୃଷ୍ଣା, ସୂର୍ଯ୍ୟ-କିରଣୋଦ୍ଭାସିତ ବାଲୁକାରେ ଜଳଭ୍ରମ ।

ମରୀଚି-ମାଳୀ-ବ. ସୂର୍ଯ୍ୟ ।

ମରୁ-ବ. (ମୃ-ଉ) ଜଳ-ତୃଣାଦି-ଶୂନ୍ୟ ପ୍ରଦେଶ ।

ମରୁଆ-ବ. ସୁଗନ୍ଧି ପୁଷ୍ପବିଶେଷ ।

ମରୁଡ଼ି-ବ. ଅନାବୃଷ୍ଟି ।

ମରୁତ } ମରୁତ୍ } ବ. ବାୟୁ; ଦେବତା ।

ମରୁତ୍ୱାନ୍-ବ. (ମରୁତ୍-ବତ୍) ଇନ୍ଦ୍ର; ମେଘ ।

ମରୁତ୍ସଖ-ବ. (ମରୁତ୍-ସଖା) ବାୟୁସଖ, ଅଗ୍ନି ।

ମରୁଭୂ } ମରୁଭୂମି } ବ. (ମରୁ-ଭୂ, ଭୂମି) ଜଳ-ତୃଣାଦି-ବର୍ଜିତ ବାଲୁକାପୂର୍ଣ୍ଣ ଭୂମି ।

ମରେଇ-ବ. ଏକପ୍ରକାର ଧାନ୍ୟାଧାର ।

ମର୍କଟ-ବ. (ମର୍କ-ଅଟ୍-ଅ) ବାନର, ମାଙ୍କଡ଼ ।

ମର୍ତ୍ତ୍ୟ-ବ. (ମୃ-ତ-ଯ) ପୃଥିବୀ; ବଂ. ମରଣାଧୀନ ।

ମର୍ତ୍ତ୍ୟ-ଲୋକ-ବ. ପୃଥିବୀ ।

ମର୍ଦ୍ଦନ-ବ. (ମୃଦ୍-ଅନ) ପେଷଣ, ଦଳନ, ଚୂର୍ଣ୍ଣନ, ଅଙ୍ଗମର୍ଦ୍ଦନ ।

ମର୍ଦ୍ଦଳ-ବ. ବାଦ୍ୟଯନ୍ତ୍ରବିଶେଷ, ମାଦଳ ।

ମର୍ଦ୍ଦିତ-ବଂ. (ମୃଦ୍-ଣିଚ୍-ତ) ଦଳିତ ।

ମର୍ମ-ବ. (ମୃ-ମନ୍) ଶରୀର-ସନ୍ଧିସ୍ଥାନ; ହୃଦୟର ଅନ୍ତସ୍ତଳ; ତାତ୍ପର୍ଯ୍ୟ, ଗୂଢ଼କଥା ।

ମର୍ମଭେଦୀ-ବଂ. ଅନ୍ତରକୁ ବ୍ୟଥାଦାୟକ ।

ମର୍ମର-ବ. (ମୃ-ଅର) ଶୁଷ୍କ ପତ୍ରାଦିର ଅବ୍ୟକ୍ତ ଶବ୍ଦ ।

ମର୍ମାନ୍ତିକ-ବଂ. (ମର୍ମ-ଅନ୍ତିକ) ଅନ୍ତରକ ।

ମର୍ଯ୍ୟାଦା-ବ. ସୀମା; ଗୌରବ, ସମ୍ମାନ ।

ମର୍ଶଣ-ବ. (ମୃଶ୍-ଅନ) ପରାମର୍ଶଦାନ ।

ମର୍ଷଣ-ବ. (ମୃଷ୍-ଅନ) କ୍ଷମା; ସହନ; ନାଶନ ।

ମଳ-ବ. (ମଳ୍-ଅ) ବିଷ୍ଠା, ମୂତ୍ର, ଶ୍ଲେଷ୍ମା, ରକ୍ତ, ପୂଯପ୍ରଭୃତି ଶରୀରର ମଇଳା; ପାପ, କଳଙ୍କ ।

ମଲମ-ବ. (ଫାର୍ସୀ) ଲେପନୀୟ ଔଷଧବିଶେଷ ।

ମଳମାସ-ବ. ଅଧିମାସ, ମାସ ବୃଦ୍ଧି ।

ମଲମ୍ବା-ବ. ତାମ୍ର ଉପରେ ଗିଲ୍ଟି ।

ମଳୟ-ବ. ( ମଳ-ଇ-ଅ ) ଦାକ୍ଷିଣାତ୍ୟର ମାଳ-
ଗିରି ପର୍ବତ ଓ ତତ୍ସନ୍ନିହିତ ପ୍ରଦେଶ ।

ମଳୟଜ-ବ. ଚନ୍ଦନ ।

ମଳୟାନିଳ-ବ. ( ମଳୟ-ଅନିଳ ) ମଳୟ-
ଦେଶରୁ ପ୍ରବାହିତ ବସନ୍ତକାଳୀନ ବାୟୁ ।

ମଳା-ବ. ମନା ।

ମଳି-ବ. ( ମଳଶବ୍ଦଜ) ମଇଳା ।

ମଳିନ-ବ. ( ମଳ-ଇନ ) ମଳଯୁକ୍ତ ; ମ୍ଳାନ ।

ମଳିନିମା-ବ. (ମଳିନ-ଇମନ୍) ମଳିନତା ।

ମଲ୍ଲ-ବ. ( ମଲ୍ଲ-ଅ ) ବାହୁଯୋଦ୍ଧା, ମାଲ ।

ମଲ୍ଲ-ଯୁଦ୍ଧ-ବ. ବାହୁଯୁଦ୍ଧ ।

ମଲ୍ଲାର-ବ. ସଂଗୀତର ରାଗବିଶେଷ ।

ମଲ୍ଲିକା-ବ. ମଲ୍ଲୀଫୁଲ ।

ମଶକ-ବ. ମଶା । [ ବରଣ ।

ମଶାହରୀ-ବ. ମଶାରି, ମଶକନିବାରକ ବସ୍ତ୍ରା-

ମଶାଣି-ବ. (ଶ୍ମଶାନଶବ୍ଦଜ) ଶ୍ମଶାନ, ଶବଦାହ-

ମଶାଲ-ବ. ଦହୁଡ଼ି । [ ସ୍ଥାନ ।

ମସଲା-ବ. ସୁଗନ୍ଧିଦ୍ରବ୍ୟ ; ଉପକରଣ ।

ମସି }
ମସୀ } ବ. ଲେଖିବାର କାଳୀ ।

ମସି-ଜୀବୀ-ବ. ଯେ ଲେଖିବା ଦ୍ୱାରା ଜୀବିକା

ମସିଣା-ବ. ଚଟେଇ । [ ଅର୍ଜନ କରେ ।

ମସୁରି-ବ. ଡାଲିବିଶେଷ ।

ମସୂରିକା-ବ. ବସନ୍ତରୋଗ ।

ମସୃଣ-ବ. (ମସ୍-ଋଣ) କୋମଳ ; ସ୍ନିଗ୍ଧ ।

ମସ୍କରା-ବ. ପରିହାସକ, ଭଣ୍ଡ । [ ଲାଗିଥାଏ ।

ମସ୍କା-ବ. ମଟକା, ଯାହା ଅଳ୍ପ ଆଘାତରେ

ମସ୍ତକ-ବ. (ମସ୍ତ-କ) ଶିରଃ, ମୁଣ୍ଡ ; ଅଗ୍ରଭାଗ ।

ମସ୍ତିଷ୍କ-ବ. (ମସ୍-ତି-ଅ) ମସ୍ତକର ଘିଅ, ମଗଜ ।

ମସ୍ତୁ-ବ. ଦଧି ପ୍ରଭୃତିର ଜଳୀୟ ଅଂଶ ।

ମହ }
ମହଃ } ବ. ( ମହ୍-ଅ, ଅସ୍ ) ଉତ୍ସବ ; ଯଜ୍ଞ ; ତେଜଃ ।

ମହକ-ବ. ବହୁସ୍ଥାନବ୍ୟାପୀ ସୁଗନ୍ଧ ।

ମହଣ-ବ. ଓଜନର ପରିମାଣବିଶେଷ, ଚାଳିଶ
ସେର ; ମହମ । [ ଉଦାର ।

ମହତ୍-ବ. (ମହ୍-ଅତ୍) ବୃହତ୍, ବଡ଼, ପ୍ରଧାନ;

ମହତ୍ତତ୍ତ୍ୱ-ବ. ( ମହତ୍-ତତ୍ତ୍ୱ ) ବୁଦ୍ଧି ( ସାଂଖ୍ୟ-
ମତରେ ) ।

ମହତ୍ତ୍ୱ-ବ. (ମହତ୍-ତ୍ୱ) ବୃହତ୍ତ୍ୱ ; ଉଦାରତା ।

ମହନୀୟ-ବ. (ମହ୍-ଅନୀୟ) ପୂଜନୀୟ; ମାନ୍ୟ ।

ମହନ୍ତ-ବ. ମଠାଧିପତି ।

ମହର୍ଲୋକ-ବ. ( ମହଃ-ଲୋକ ) କଳ୍ପିତ ସପ୍ତ-
ଲୋକ ମଧ୍ୟରେ ଚତୁର୍ଥ ଲୋକ ।

ମହର୍ଷି-ବ. ( ମହା-ଋଷି ) ପ୍ରଧାନ ଋଷି ।

ମହଲ-ବ. ଘର; ପ୍ରକୋଷ୍ଠ ।

ମହଲତି-ବ. ଅବକାଶ ।

ମହଲା-ବ. ତଲ (ଏକ ବା ଦୁଇମହଲା) ।

ମହା-ବ. ବଡ଼ । [ଅନନ୍ତକାଳ]

ମହାକାଳ-ବ. (ମହତ୍-କାଳ) ରୁଦ୍ର, ଶିବ,

ମହାକାବ୍ୟ-ବ. କୌଣସି ଶ୍ରେଷ୍ଠ ନାୟକ ବା
ବଂଶ ସମ୍ବନ୍ଧୀୟ ବୃହତ୍ କାବ୍ୟ ।

ମହାଗ୍ରୀବ-ବ. (ମହତ୍‌-ଗ୍ରୀବା) ଉଷ୍ଟ୍ର ।

ମହାଚ୍ଛାୟ-ବ. (ମହତ୍‌-ଛାୟା) ବଟବୃକ୍ଷ ।

ମହାଜନ-ବ. (ମହତ୍‌-ଜନ) ଶ୍ରେଷ୍ଠ ସାଧୁପୁରୁଷ; ବଣିକ୍‌ ; ଉତ୍ତମର୍ଣ୍ଣ ।

ମହାଜନୀ-ବ. ଟଙ୍କା କରଜ ଦେବା କାରବାର ।

ମହାତ୍ମା-ବ.(ମହତ୍‌-ଆତ୍ମନ୍‌) ଶ୍ରେଷ୍ଠ ସାଧୁପୁରୁଷ ।

ମହାଦେଈ-ବ. (ମହାଦେବୀଶବ୍ଦରୁ) ପାଟରାଣୀ ।

ମହାଦେବ-ବ. ଶିବ ; ପରମେଶ୍ୱର ।

ମହାଦେବୀ-ବ. ଦୁର୍ଗା ; ପଟ୍ଟରାଜ୍ଞୀ ।

ମହାଦେଶ-ବ. ଅନେକ ଦେଶଯୁକ୍ତ ବିସ୍ତୀର୍ଣ୍ଣ [ଭୂଭାଗ ।

ମହାଧାତୁ-ବ. ସୁବର୍ଣ୍ଣ ।

ମହାନଦୀ-ବ. ଓଡ଼ିଶାର ବୃହତ୍ତମ ନଦୀ ।

ମହାନସ ବ. (ମହତ୍‌-ଅନସ) ରନ୍ଧନଗୃହ ।

ମହାନିଦ୍ରା-ବ. ମୃତ୍ୟୁ ।

ମହାନୁଭବ } ବ. (ମହତ୍‌-ଅନୁଭବ, ଅନୁଭାବ)
ମହାନୁଭାବ } ଉଦାରସ୍ୱଭାବ ।

ମହାପଦ୍ମ-ବ. ଲକ୍ଷକୋଟି ସଂଖ୍ୟା ।

ମହାପୁରୁଷ ବ. ଶ୍ରେଷ୍ଠ ସାଧୁପୁରୁଷ ।

ମହାଭାଗ-ବ. (ମହତ୍‌-ଭାଗ) ଅତିଶୟ ସୌଭାଗ୍ୟ-ଶାଳୀ; ମହାଶୟ ।

ମହାଭାରତ-ବ. (ମହତ୍‌-ଭାରତ) ଭାରତର ଇତିହାସାତ୍ମକ ମହାକାବ୍ୟ । [ଶାଳୀ ।

ମହାଭୁଜ-ବ. (ମହତ୍‌-ଭୁଜ) ପ୍ରଚୁର ପରାକ୍ରମ

ମହାଭୂତ-ବ. ପଞ୍ଚଭୂତ (କ୍ଷିତ୍ୟପ୍‌ତେଜୋମରୁଦ୍‌ବ୍ୟୋମ) ।

ମହାମନା-ବ. (ମହତ୍‌-ମନସ) ଉଦାରଚିତ୍ତ ।

ମହାମହିମ-ବ. (ମହତ୍‌-ମହିମନ) ଅତି ମହିମା-

ମହାମାଂସ-ବ. ନରମାଂସ । [ନ୍ୱିତ ।

ମହାମାତ୍ୟ-ବ. (ମହତ୍‌-ଅମାତ୍ୟ) ସଜମନ୍ତ୍ରୀ ।

ମହାମାୟା-ବ. ଦୁର୍ଗା ।

ମହାମାରୀ-ବ. ସାଂକ୍ରାମିକ ମଡ଼କ ।

ମହାରଥ-ବ. (ମହତ୍‌-ରଥ) ମହାଯୋଦ୍ଧା ।

ମହାରାଜ-ବ. (ମହତ୍‌-ରାଜନ୍‌) ପ୍ରଧାନ ରାଜା ।

ମହାରାଜାଧିରାଜ-ବ. (ମହାରାଜା-ଅଧିରାଜ) ସର୍ବପ୍ରଧାନ ରାଜା ।

ମହାର୍ଘ-ବ. (ମହତ୍‌-ଅର୍ଘ) ମହାମୂଲ୍ୟ ।

ମହାଳୟା-ବ. ଆଶ୍ୱିନ ପିତୃପକ୍ଷର ଅମାବାସ୍ୟା ।

ମହାବାହୁ-ବ. ପରାକ୍ରାନ୍ତ; ବଳୀୟାନ୍‌ଭୁଜ; ଜଗନ୍ନାଥ ।

ମହାବିଦ୍ୟା-ବ. କାଳୀ ପ୍ରଭୃତି ଦଶଗୋଟି

ମହାବିଷୁବ-ବ. ମେଷ ସଂକ୍ରାନ୍ତି । [ଦେବୀ ।

ମହାବୀର-ବ. ପ୍ରଧାନ ବୀର; ହନୁମାନ୍‌ ।

ମହାବ୍ୟାଧି-ବ. କୁଷ୍ଠ ପ୍ରଭୃତି ରୋଗ ।

ମହାବ୍ରାହ୍ମଣ-ବ. ପତିତ ବ୍ରାହ୍ମଣ ।

ମହାଶଙ୍ଖ-ବ. ଲଲାଟର ଅସ୍ଥି; ଦଶ ନିଖର୍ବ ସଂଖ୍ୟା ।

ମହାଶୟ-ବ. (ମହତ୍‌-ଆଶୟ) ମହାମନା ।

ମହାଶ୍ୱେତା-ବ. ସରସ୍ୱତୀ ।

ମହାଷ୍ଟମୀ-ବ. ଆଶ୍ୱିନ ଶୁକ୍ଳପକ୍ଷର ଅଷ୍ଟମୀ ।

ମହା-ସାନ୍ତପନ-ବ. ଅତି କଷ୍ଟସାଧ୍ୟ ବ୍ରତବିଶେଷ ।

ମହାସେନ-ବ. (ମହତ୍‌-ସେନା) କାର୍ତ୍ତିକେୟ ।

ମହିତ-ବି. (ମହ୍-ତ-ପୂଜିତ) ।

ମହିମା-ବ. (ମହତ୍-ଇମନ୍) ଗୌରବ; ମାହାତ୍ମ୍ୟ; ଐଶ୍ୱର୍ଯ୍ୟ ।

ମହିଳା-ବ. (ମହ-ଇଲ-ଅ) ମାନନୀୟା ନାରୀ ।

ମହିଷ-ବ. (ମହ୍-ଇଷ) ପଶୁବିଶେଷ ; ଅସୁର-ବିଶେଷ ।

ମହିଷ-ବାହନ-ବ. ଯମ ।

ମହିଷ-ମର୍ଦ୍ଦିନୀ-ବ. ଦୁର୍ଗା ।

ମହିଷୀ-ବ. (ମହିଷ-ଈ) ସ୍ତ୍ରୀ ମହିଷ ; ରାଣୀ ।

ମହିଷ୍ଠ-ବି. (ମହତ୍-ଇଷ୍ଠ) ଅତିମହତ୍ ।

ମହୀ ବ. (ମହ୍-ଈ) ପୃଥିବୀ, କ୍ଷିତି ।

ମହୀଧର-ବ. (ମହୀ-ଧୃ-ଅ) ପର୍ବତ ।

ମହୀ-ପତି<br>
ମହୀ-ପାଳ } ବ. ରାଜା, ଭୂପତି ।

ମହୀୟସୀ-ବି. (ମହୀୟସ୍-ଈ) ଅତିମହତୀ ।

ମହୀୟାନ୍-ବି. (ମହତ୍-ଈୟସ୍) ଅତିମହତ୍, ମହାତ୍ମା, ଉତ୍ତମ ।

ମହୀରୁହ-ବ. (ମହୀ-ରୁହ୍-ଅ) ବୃକ୍ଷ ।

ମହୀଲତା-ବ. ଜିଅ । [ଶିରୋଦେଶ ।

ମହୁଡ଼-ବ. (ମୁକୁଟଶବ୍ଦଜ) ମୁକୁଟ, ଚୂଡ଼ା ;

ମହୁର-ବ. ବ୍ୟଞ୍ଜନବିଶେଷ ।

ମହୁରି ବ. ପେଁ-କାହାଳି, ଭୁରି ।

ମହୁଲ ବ. ମଧୂକ ବୃକ୍ଷ ଓ ତାହାର ମିଷ୍ଟ ଫଳ ।

ମହେନ୍ଦ୍ର-ବ. (ମହତ୍-ଇନ୍ଦ୍ର) ଇନ୍ଦ୍ର, ସ୍ୱର୍ଗର ରାଜା; ପର୍ବତବିଶେଷ ।

ମହେଶ<br>
ମହେଶ୍ୱର } ବ. (ମହତ୍-ଈଶ, ଈଶ୍ୱର) ଶିବ; ପରମେଶ୍ୱର ।

ମହେଷ୍ୱାସ-ବି. (ମହତ୍-ଇଷୁ-ଅସ) ମହାଧନୁର୍ଦ୍ଧର; ବ. ବୃହତ୍ ଧନୁ ।

ମହୋକ୍ଷ-ବ. (ମହତ୍-ଉକ୍ଷନ୍) ବୃହତ୍ ବୃଷ ।

ମହୋତ୍ସବ-ବ. (ମହତ୍-ଉତ୍ସବ) ମହାଆନନ୍ଦଜନକ ବ୍ୟାପାର । [ସମୁଦ୍ର ।

ମହୋଦଧି-ବ. (ମହତ୍-ଉଦଧି) ସମୁଦ୍ର, ମହା-

ମହୋଦୟ-ବି. (ମହତ୍-ଉଦୟ) ମହାମହିମ, [ମହାଶୟ ।

ମା-ବ. ମାତା ; ଲକ୍ଷ୍ମୀ ।

ମାଇକିନିଆ-ବ. ନାରୀ (ଗ୍ରାମ୍ୟପ୍ରୟୋଗ) ।

ମାଇପ-ବ. ଭାର୍ଯ୍ୟା, ସ୍ତ୍ରୀ (ଗ୍ରାମ୍ୟ) ।

ମାଇଁ-ବ. ମାମୁଁର ଭାର୍ଯ୍ୟା ।

ମାଈ-ବି. ସ୍ତ୍ରୀଜାତୀୟା ।

ମାଉଁସ-ବ. ମାଂସ ।

ମାଉସୀ-ବ. (ମାତୃସ୍ୱସୃଶବ୍ଦଜ) ମାତାର ଭଗିନୀ ।

ମାଂସ-ବ. (ମନ୍-ସ) ଦେହର ମାଉଁସ ।

ମାଂସ-ପେଶୀ-ବ. ଯେଉଁ ମାଂସ-ପିଣ୍ଡ ଦ୍ୱାରା ଇଚ୍ଛାମାତ୍ର ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଞ୍ଚାଳିତ ହୁଏ ।

ମାଂସଳ-ବି. (ମାଂସ-ଳ) ମାଂସଯୋଗୁଁ ସ୍ଥୂଳ ।

ମାଂସାଶୀ-ବି. (ମାଂସ-ଅଶ୍-ଇନ୍) ମାଂସ-ଭକ୍ଷକ ।

ମାକଡ଼<br>
ମାଙ୍କଡ଼ } ବ. (ମର୍କଟଶବ୍ଦଜ) ବାନର, କପି ।

ମାକଡ଼ସା-ବ. ଲୂତା, ଊର୍ଣ୍ଣନାଭ ।

ମାକନ୍ଦ-ବ. ଆମ୍ରଗଛ ; ଆମ୍ବ ।

ମାଖନ୍-ବି. ନୃଶଂସ ।

ମାଖୁନା-ବି. ଶୁଣ୍ଡଗୁମ୍ଫ ଶୂନ୍ୟ-ମୁଖବିଶିଷ୍ଟ ଲୋକ ।

ମାଗଣି-ବି. ଭେଦା ; ଗୁନା ।

ମାଗଣା-ଦେ. ଫୋଙ୍କା ।

ମାଗଧ-ବି. (ମଗଧ-ଅ) ସ୍ତୁତିପାଠକ, ଭାଟ ।

ମାଗିଖିଆ-ଦେ. ଫୋଙ୍କଖିଆ ।

ମାଗିବା-କ୍ରି. ଭିକ୍ଷାକରିବା ।

ମାଗୁଣି ବି. ପ୍ରାର୍ଥନା ।

ମାଗୁର-ବି. (ମଦ୍ଗୁରଶବ୍ଦଜ) ମତ୍ସ୍ୟବିଶେଷ ।

ମାଘ ବି. (ମଘା-ଅ) ଦଶମ ମାସ ।

ମାଙ୍ଗ-ବି. ସୀମାନ୍ତ ।

ମାଙ୍ଗଲ୍ୟ-ବି. (ମଙ୍ଗଲ-ଯ) ମଙ୍ଗଳଜନକ ।

ମାଛ-ବି. (ମତ୍ସ୍ୟଶବ୍ଦଜ) ମୀନ, ମତ୍ସ୍ୟ ।

ମାଛରଙ୍କା-ବି. (ମତ୍ସ୍ୟରଙ୍କଶବ୍ଦଜ) ପକ୍ଷୀବିଶେଷ ।

ମାଛି-ବି. (ମକ୍ଷିକାଶବ୍ଦଜ) ପତଙ୍ଗ ବିଶେଷ ।

ମାଜଣା-ବି. (ମାର୍ଜ୍ଜନାଶବ୍ଦଜ) ସ୍ନାନ ।

ମାଜିବା-କ୍ରି. (ମାର୍ଜ୍ଜନାଶବ୍ଦଜ) ଘଷିବା; ପରିଷ୍କାର କରିବା ।

ମାଝି-ବି. ନାଉରିଆ, ନାବିକ ।

ମାଟି ବି. (ମୃତ୍ତିକାଶବ୍ଦଜ) ଭୂମି ।

ମାଟିଆ-ଦେ. ମୃତ୍ତିକାବର୍ଣ୍ଣ ବିଶିଷ୍ଟ ।

ମାଠ-ବି. ଅତି ମୋଟା ଚଦର ।

ମାଠିଆ-ବି. ଘଟ, ମୃତ୍ତିକାପାତ୍ର ବିଶେଷ ।

ମାଠିବା-କ୍ରି. ଚିକ୍କଣ କରିବା ।

ମାଡ଼-ବି. ( ମାରଶବ୍ଦରୁ ) ପ୍ରହାର ।

ମାଡିବା କ୍ରି. (ମୃଦ୍‌ଧାତୁରୁ) ଚପିବା; ଦାବିବା; ଲଙ୍ଘେଇବା ।

ମାଡ଼ୁଆ-ଦେ. ମାଡ଼ ଖାଇବାରେ ଅଭ୍ୟସ୍ତ ।

ମାଢ଼ି-ବି. ପରିମାଣ ବିଶେଷ, ଦଶଗଣ୍ଡା ।

ମାଣ-ବି. କୁଣ୍ଡା; ୨୫ ଗୁଣ୍ଠ ଭୂମି । [ବାଳକ ।

ମାଣବକ-ବି. (ମନୁ-ଅ-କ) ବାଳକ ; ବ୍ରାହ୍ମଣ

ମାଣିକ୍ୟ-ବି. ( ମଣି-କୈ-ଯ ) ମାଣିକ; ରତ୍ନବିଶେଷ ।

ମାଣି-ବି. ଚକିପିହାଣି ଉପରେ ପଡ଼ିବା କାଠ ।

ମାଣ୍ଡବୀ-ବି. କୁଶଧ୍ୱଜଙ୍କ କନ୍ୟା, ଭରତଙ୍କର

ମାଣ୍ଡି-ବି. ଭକ୍ଷଅ । [ପତ୍ନୀ ।

ମାଣ୍ଡିଆ-ବି. ଶସ୍ୟବିଶେଷ । [ଲୌହାଦ ।

ମାଣ୍ଡୁ-ବି. (ହସ୍ତରେ ଧରି ନିର୍ମ୍ମ କରିବାର ଉପ୍ତ

ମାଣ୍ଡୁଅ-ବି. ପିଷ୍ଟକବିଶେଷ ।

ମାତଙ୍ଗ-ବି. (ମତଙ୍ଗ-ଅ) ହସ୍ତୀ; ଚଣ୍ଡାଳ ।

ମାତଙ୍ଗୀ-ବି. ହସ୍ତିନୀ ।

ମାତରିଶ୍ୱା-ବି. ( ମାତରି-ଶ୍ୱି-ଅନ୍ ) ବାୟୁ ।

ମାତଳି-ବି. ଇନ୍ଦ୍ର ସାରଥି ।

ମାତବ୍ବର-ଦେ. ( ପାର୍ଶୀ ) ପ୍ରଧାନ ।

ମାତା-ବି. ( ମା-ତୃ ) ଜନନୀ; ପୃଥିବୀ ।

ମାତାମହ-ବି. ( ମାତୃ-ଅମହ ) ମାତାର ପିତା, ଅଜା । [ଅଈ ।

ମାତାମହୀ-ବି. (ମାତାମହ-ଈ) ମାତାର ମାତା,

ମାତିବା-କ୍ରି. ଉନ୍ମତ୍ତ ହେବା । [ମାମୁଁ ।

ମାତୁଳ-ବି. ( ମାତୃ-ଉଲ ) ମାତାର ଭ୍ରାତା ;

ମାତୁଳାନୀ }
ମାତୁଳୀ } ବି. ମାତୁଳର ସ୍ତ୍ରୀ, ମାଇଁ ।

ମାତୁଳୁଙ୍ଗ-ବି. ଡାଳିମ୍ବ; ଏକପ୍ରକାର ଲେମ୍ବୁ ।
ମାତୃକା-ବି. (ମାତୃ-କ-ଆ) ମାତା, ଧାତ୍ରୀ ।
ମାତୃଷ୍ୱସା-ବି. (ମାତୃ-ସ୍ୱସା) ମାତାର ଭଗିନୀ, ମାଉସୀ ।
ମାତ୍ର-ଅ. (ମା-ତ୍ର) କେବଳ; କିନ୍ତୁ; ପୁଣି ।
ମାତ୍ରା-ବି. (ମା-ତ୍ର-ଆ) ଅଳ୍ପ ପରିମାଣ; ବର୍ଣ୍ଣର ଉଚ୍ଚାରଣକାଳ; ଅକ୍ଷରର ଉପରରେଖା ।
ମାତ୍ସର୍ଯ୍ୟ-ବି. (ମତ୍ସର-ଯ) ପରଶ୍ରୀକାତରତା ।
ମାଦକ-ବି. ( ମଦ୍-ଅକ ) ମତ୍ତତାଜନକ ; ବି. ନିଶାଦ୍ରବ୍ୟ ।
ମାଦଳ-ବି. ( ମର୍ଦ୍ଦଳଶବ୍ଦଜ ) ମୃଦଙ୍ଗବିଶେଷ ; ହସ୍ତପଦ-ରହିତ ଜୀବନ୍ତ ଶରୀର ।
ମାଦୃଶ-ବି. (ଅସ୍ମଦ୍-ଦୃଶ୍-ଅ) ମତ୍ତୁଲ୍ୟ, ମୋପରି ।
ମାଧବ-ବି. (ମା-ଧବ) ଲକ୍ଷ୍ମୀପତି, ବିଷ୍ଣୁ ।
ମାଧବ-ବି. (ମଧୁ-ଅ) ବସନ୍ତକାଳ ; ବୈଶାଖ-
ମାଧବୀ-ବି. ଲତାବିଶେଷ । [ମାସ ।
ମାଧୁକରୀ-ବି. (ମଧୁକର-ଅ-ଈ) ଭିକ୍ଷା-ଆହରଣ ବୃତ୍ତି । [ସୌନ୍ଦର୍ଯ୍ୟ ।
ମାଧୁରୀ-ବି. ( ମଧୁର-ଅ-ଈ ) ମଧୁରତା ;
ମାଧୁର୍ଯ୍ୟ-ବି. ( ମଧୁର-ଯ ) ମଧୁରତା ; ହୃଦୟ-ଗ୍ରାହିତା । [ସୀନ୍ୟ ।
ମାଧ୍ୟସ୍ଥ୍ୟ-( ମଧ୍ୟସ୍ଥ-ଯ ) ମଧ୍ୟସ୍ଥତା; ଔଦା-
ମାଧ୍ୟାକର୍ଷଣ-ବି. କେନ୍ଦ୍ର ଆଡକୁ ଆକର୍ଷଣ କରିବାର ଶକ୍ତି ।
ମାଧ୍ୱୀ-ବି. (ମଧୁ-ଅ-ଈ) ମଧୁଦ୍ୱାରା ପ୍ରସ୍ତୁତ ସୁରା ।
ମାନ-ବି. (ମା-ଅନ) ପରିମାଣ, ମାପ ।

ମାନ-ବି. (ମନ୍-ଅ) ସମ୍ମାନ; ଅଭିମାନ ।
ମାନତ-ବି. ମାନସିକ ବ୍ରତ ।
ମାନଦ-ବି. (ମାନ-ଦା-ଅ) ସମ୍ମାନ-ପ୍ରଦ ।
ମାନ-ଦଣ୍ଡ-ବି. ପରିମାଣଦଣ୍ଡ, ମାପବାଡ଼ି ।
ମାନନା-ବି. (ମାନ୍-ଅନ-ଆ) ସମ୍ମାନକରଣ ।
ମାନନୀୟ-ବି. ( ମାନ୍-ଅନୀୟ ) ପୂଜନୀୟ ; ମାନ୍ୟ ।
ମାନ-ମନ୍ଦିର-ବି. ଯେଉଁ ସ୍ଥାନରୁ ଗ୍ରହ ନକ୍ଷତ୍ରାଦିର ପର୍ଯ୍ୟବେକ୍ଷଣ କରାଯାଏ ।
ମାନବ-ବି. (ମନୁ-ଅ) ମନୁଷ୍ୟ, ପୁରୁଷ ।
ମାନସ-ବି. (ମନସ୍-ଅ) ମନ; ଅଭିପ୍ରାୟ ।
ମାନସିକ-ବି. (ମନସ୍-ଇକ) ଆନ୍ତରିକ, ମନୋଗତ । [ମାନଯୁକ୍ତା ।
ମାନିନୀ-ବି. (ମାନ-ଇନ୍-ଈ) ମାନବତୀ, ଅଭି-
ମାନିବା-କ୍ରି. ସମ୍ମାନ କରିବା; ଭକ୍ତିପୂର୍ବକ ଗ୍ରହଣ କରିବା ।
ମାନୀ-ବି. ( ମାନ-ଇନ୍ ) ଅଭିମାନୀ ।
ମାନୁଷ-ବି. (ମନୁ-ଷ) ମନୁଷ୍ୟ ।
ମାନୁଷିକ-ବି. ମନୁଷ୍ୟସମ୍ବନ୍ଧୀୟ ।
ମାନୁଷୀ-ବି. ନାରୀ ।
ମାନ୍ଦ୍ୟ-ବି. ( ମନ୍ଦ-ଯ ) ମନ୍ଦତା; ଜଡତା; ଅଳ୍ପତା ।
ମାନ୍ଧାତା-ବି. ଅତି ପୁରାତନ ନୃପତିବିଶେଷ ।
ମାନ୍ୟ-ବି. (ମାନ୍-ଯ) ମାନନୀୟ; ଆଦରଣୀୟ ।
ମାପ-ବି. (ମାଧାତୁଜ) ପରିମାଣ ।
ମାପୁଣି-ବି. ପରିମାପକ, ପରିମାଣକାଠି ।

ମାଫ-ବି. (ଫାର୍ଶୀ) କ୍ଷମା ।

ମାମଲା-ବି. ମୋକଦ୍ଦମା ।

ମାମୁ-ବି. ମାତାର ଭାଇ ।

ମାମୁଲି-ବିଂ. (ଫାର୍ଶୀ) ଚିରପ୍ରଚଳିତ ।

ମାୟା-ବି. ( ମା-ଯ-ଅ ) ଇନ୍ଦ୍ରଜାଲ; ମୋହ; ଚାତୁରୀ; ଛଦ୍ମବେଶ; ସ୍ନେହ; ଦୟା ।

ମାୟାବୀ } ବିଂ. ( ମାୟା-ବିନ୍, ଇନ୍ ) କପଟାଚାରୀ; ଐନ୍ଦ୍ରଜାଲିକ ।
ମାୟୀ }

ମାର-ବି. (ମୃ-ଅ) ମୃତ୍ୟୁ; କନ୍ଦର୍ପ; ବିନାଶ ।

ମାରକ-ବିଂ. ( ମୃ-ଣିଚ୍-ଅକ ) ବିନାଶକ; ବିଂ. ଅଶୁଭ ଗ୍ରହ ।

ମାରଣ-ବି. (ମୃ-ଣିଚ୍-ଅନ) ହନନ, ବଧ ।

ମାରଣା-ବି. ହତ୍ୟାକାରୀ ଗଣ୍ଡ; ବର୍ଣ୍ଣାଶ୍ରୟଘାତକ ।

ମାରଫତ୍-ଅ. (ଫାର୍ଶୀ) ଜମା, ଜବତ ।

ମାରାତ୍ମକ-ବିଂ. ( ମାର-ଆତ୍ମନ୍-କ ) ସାଂଘାତିକ. ପ୍ରାଣନାଶକ ।

ମାରିବା-କ୍ରି. (ମୃଧାତୁଜ ) ପ୍ରହାର କରିବା; ଆଘାତ କରିବା । [ବ୍ୟକ୍ତି ।

ମାରିଷ-ବି. ( ମୃଷ-ଅ ) ନାଟ୍ୟୋକ୍ତିରେ ମାନ୍ୟ

ମାରୀ-ବି. (ମାର-ଈ) ମଡ଼କ, କିନ୍ନିଷ୍ଟି ।

ମାରୁ-ବିଂ. ଜଣ୍ଟ; ଅପବାଦ ।

ମାରୁତ-ବି. (ମରୁତ୍-ଅ) ପବନ, ବାୟୁ ।

ମାରୁତି-ବି. (ମରୁତ୍-ଇ) ହନୁମାନ; ଭୀମ ।

ମାର୍କଣ୍ଡ } ବି.(ମୃକଣ୍ଡୁ-ଅ,ଏୟ)ମୁନିବିଶେଷ ।
ମାର୍କଣ୍ଡେୟ }

ମାର୍ଗ-ବି. (ମାର୍ଗ୍-ଅ) ପଥ । [ଶର ।

ମାର୍ଗଣ-ବି. ( ମାର୍ଗ୍-ଅନ ) ଅନୁସନ୍ଧାନ; ବାଣ,

ମାର୍ଗଶିର } ବି. ଅଗ୍ରହାୟଣ ମାସ ।
ମାର୍ଗଶୀର୍ଷ }

ମାର୍ଜନ } ବି. ( ମୃଜ୍ ଅନ-ଅ ) ପରିଷ୍କରଣ; ପ୍ରକ୍ଷାଳନ; କ୍ଷମା ।
ମାର୍ଜନା }

ମାର୍ଜନୀ-ବି. ( ମୃଜ୍-ଅନ-ଈ ) ଯାହା ଦ୍ୱାରା ମାର୍ଜନା କରାଯାଏ: (ଝାମୁଣ୍ଡ ପ୍ରଭୃତି) ।

ମାର୍ଜନୀୟ-ବିଂ. ( ମୃଜ୍-ଅନୀୟ ) କ୍ଷମାଯୋଗ୍ୟ ।

ମାର୍ଜାର-ବି. ବିରାଡ଼ି ।

ମାର୍ଜିତ-ବିଂ. (ମୃଜ୍-ତ) ପରିଷ୍କୃତ; ପ୍ରକ୍ଷାଳିତ ।

ମାର୍ତ୍ତଣ୍ଡ-ବି. (ମୃତଣ୍ଡ-ଅ) ସୂର୍ଯ୍ୟ ।

ମାର୍ଦ୍ଦଙ୍ଗିକ-ବିଂ. (ମୃଦଙ୍ଗ-ଇକ) ମୃଦଙ୍ଗବାଦକ ।

ମାର୍ଦ୍ଦବ-ବି. (ମୃଦୁ-ଅ) ମୃଦୁଭାବ, କୋମଳତା ।

ମାଳ-ବି. ଉନ୍ନତ ଭୂମି ।

ମାଲ୍-ବି. (ଆରବୀ) ସମ୍ପତ୍ତି, ଧନ, ବାଣିଜ୍ୟଦ୍ରବ୍ୟ

ମାଲ-ବି. (ମଲ୍ଲଶବ୍ଦଜ) ଯୋଦ୍ଧା ।

ମାଲଖାନା-ବି. ଖଜଣାଖାନା ।

ମାଲତୀ-ବି. ମାଲତୀଲତା ଓ ପୁଷ୍ପ ।

ମାଲପା-ବି. ତେଲ, ମଥାଦଣ୍ଡ ।

ମାଳା } ବି. ପୁଷ୍ପମାଲ୍ୟ; ହାର; ଶ୍ରେଣୀ । ସମୂହ ।
ମାଳିକା }

ମାଳି-ବି. ମାଳା ।

ମାଲିକ-ବି. (ଆରବୀ) ପ୍ରଭୁ, ସ୍ୱାମୀ ।

ମାଲିକାନା-ବି. (ଆରବୀ) ଖଜଣା ।

ମାଳିନ୍ୟ-ବ. (ମଳିନ-ଯ) ମଳିନତା ।
ମାଲୀ-ବ. ମାଳାକାର; ଉଦ୍ୟାନପାଳ ।
ମାଲୁଣୀ-ବ. ମାଲିକାଜାତୀୟା ସ୍ତ୍ରୀ ।
ମାଲ୍ୟ-ବ. ପୁଷ୍ପମାଳା ।
ମାଶୁଲ-ବ. (ଅଂରବୀ) ଶୁଲ୍କ; କର ।
ମାଷ-ବ. ବ୍ରୁହୁ ।
ମାଷକ-ବ. ଏକ ମଷା (ଓଜନ) ।
ମାସ-ବ. (ମା-ଅସ୍-ଅ) ବର୍ଷର ବାର ଭାଗର ଏକ ଭାଗ; ଚନ୍ଦ୍ରମାସ ଦ୍ୱିପକ୍ଷାତ୍ମକ କାଳ; ସୌର-ମାସ ସଂକ୍ରାନ୍ତି ଦ୍ୱାରା ପରିମିତ କାଳ ।
ମାସାନ୍ତ-ବ. (ମାସ ଅନ୍ତ) ସଂକ୍ରାନ୍ତିର ପୂର୍ବଦିନ ।
ମାସିକ-ବି. ମାସେ ମାସେ ଦେୟ ବା କର୍ତ୍ତବ୍ୟ ।
ମାସ୍ତୁଲ-ବ. (ଇଉରୋପୀୟ ଭାଷାରୁ) ଜାହା-ଜର ଉପରସ୍ଥ ଉଚ୍ଚ ସ୍ତମ୍ଭ । [ମହିମା ।
ମାହାତ୍ମ୍ୟ-ବ. (ମହାତ୍ମନ୍-ଯ) ପ୍ରଭାବ; ଗୌରବ;
ମାହାନ୍ତି-ବ. ଦେବାଳୟର କର୍ତ୍ତା ।
ମାହାଲି-ବ. ବୃକ୍ଷବିଶେଷ ।
ମାହାଳିଆ-ବି. ଅକାରଣ; ଫୋକଟ ।
ମାହୁନ୍ତ-ବ. ହସ୍ତୀର ଚାଳକ ।
ମାହେନ୍ଦ୍ର-କ୍ଷଣ-ବ. ଶୁଭକ୍ଷଣ ।
ମାହେଶ୍ୱର ବ. (ମହେଶ୍ୱର-ଅ) ଶୈବୋପାସକ ।
ମିଛ-ବ. (ମିଥ୍ୟାଶବ୍ଦଜ) ଅସତ୍ୟ ।
ମିଛୁଆ-ବି. ମିଥ୍ୟାବାଦୀ ।
ମିଟାଇବା-କ୍ରି. ଶେଷ କରିବା; ନିଷ୍ପତ୍ତି କରିବା ।
ମିଠା-ବି. (ମିଷ୍ଟଶବ୍ଦଜ) ମିଷ୍ଟ, ସୁସ୍ୱାଦୁ, ମଧୁର ।
ମିଠାଇ-ବ. ମିଷ୍ଟାନ୍ନ; ମିଷ୍ଟଦ୍ରବ୍ୟ ।

ମିଣିପ-ବ. ପୁରୁଷ ।
ମିତ-ବ. (ମିତ୍ରଶବ୍ଦଜ) ମିତ୍ର, ବନ୍ଧୁ ।
ମିତ-ବି. (ମା-ତ) ପରିମିତ; ଅଳ୍ପ ।
ମିତ-ଭାଷୀ-ବି. ଅଳ୍ପଭାଷୀ ।
ମିତ-ବ୍ୟୟୀ-ବି. ଅଳ୍ପ-ବ୍ୟୟୀ ।
ମିତି-ବ. ପରିମାଣ ।
ମିତ୍ର-ବ. (ମିଦ୍-ତ୍ର) ବନ୍ଧୁ, ସଖା ।
ମିତ୍ରତା-ବ. ବନ୍ଧୁତା, ସୌହାର୍ଦ୍ଦ ।
ମିତ୍ରାକ୍ଷର-ବ. ପଦ୍ୟର ଚରଣେ ଚରଣେ ଶେଷା-କ୍ଷରର ମେଳ ।
ମିଥୁନ-ବ. (ମିଥ୍-ଉନ) ସ୍ତ୍ରୀ ପୁରୁଷର ଯୁଗଳ ଜ୍ୟୋତିଷରେ ରାଶିବିଶେଷ ।
ମିଥ୍ୟା-ଅ. (ମିଥ୍-ଯ-ଆ) ମିଛ, ଅସତ୍ୟ; ନିର-
ମିଥ୍ୟାବାଦୀ-ବି. ଯେ ମିଥ୍ୟା କହେ । [ର୍ଥକ ।
ମିନତି-ବ. (ବିନତିଶବ୍ଦଜ) ବିନୀତ ପ୍ରାର୍ଥନା ।
ମିଳନ-ବ. (ମିଲ୍-ଅନ) ମିଶ୍ରଣ, ସଂଯୋଗ; ସାଦୃଶ୍ୟ ।
ମିଳାଇବା-କ୍ରି. (ମିଲ୍ଧାତୁ) ତୁଳନା ଦ୍ୱାରା ନିର୍ଣ୍ଣୟ କରିବା ।
ମିଳିତ-ବି. (ମିଲ୍-ତ) ସଂଯୁକ୍ତ, ମିଶ୍ରିତ; ପ୍ରାପ୍ତ ।
ମିଳିନ୍ଦ-ବ. ଭ୍ରମର ।
ମିଳିମିଳା-ବ. ରୋଗବିଶେଷ ।
ମିଳିବା-କ୍ରି. ଏକତ୍ର ହେବା; ପହୁଞ୍ଚିବା ।
ମିଶା-ବି. (ମିଶ୍ରଶବ୍ଦଜ) ମିଶ୍ର ।
ମିଶାଣି-ବ. (ମିଶ୍ରଣଶବ୍ଦଜ) ଏକତ୍ରୀକରଣ ।
ମିଶିବା-କ୍ରି. (ମିଶ୍ରଧାତୁରୁ) ଏକତ୍ର ହେବା ।

ମିଶ୍ର-ବିଂ. (ମିଶ୍ର-ଅ) ମିଳିତ; ମିଶା; ବି. ଉପା- [ଧିବିଶେଷ ।
ମିଶ୍ରଣ ବି. ମିଳନ, ଯୋଗ ।
ମିଶ୍ରିତ ବିଂ. (ମିଶ୍ର-ତ) ମିଳିତ, ଯୁକ୍ତ ।
ମିଷ-ବି. (ମିଷ୍-ଅ) ଛଳ । [ବି. ମିଷ୍ଟାନ୍ନ ।
ମିଷ୍ଟ-ବିଂ. (ମିଷ-ତ) ମଧୁର, ସୁସ୍ୱାଦୁ, ସୁମଧୁର;
ମିଷ୍ଟାନ୍ନ-ବି.(ମିଷ୍ଟ-ଅନ୍ନ) ମଧୁର ଖାଦ୍ୟ; ମିଠେଇ ।
ମିସଲ୍-ବି. (ଆରବୀ) ମକଦ୍ଦମା ବିଚାରସ୍ଥଳ ।
ମିସି-ବି. ଦନ୍ତମାର୍ଜନାର୍ଥ ଦ୍ରବ୍ୟବିଶେଷ ।
ମିସ୍ରି-ବି. ଏକପ୍ରକାର ପରିଷ୍କୃତ ଶର୍କରା ।
ମିହିର-ବି. (ମିହ୍-ଇର) ସୂର୍ଯ୍ୟ ।
ମୀନ-ବି. ( ମୀ-ନ ) ମତ୍ସ୍ୟ; ଜ୍ୟୋତିଷିକ ରାଶି- [ବିଶେଷ ।
ମୀନ-କେତନ-ବି. କନ୍ଦର୍ପ ।
ମୀମାଂସା-ବି. (ମାନ୍-ସନ୍-ଅ) ସିଦ୍ଧାନ୍ତ, ନିଷ୍ପତ୍ତି; ଦର୍ଶନଶାସ୍ତ୍ରବିଶେଷ ।
ମୀଲନ-ବି. ଚକ୍ଷୁ ବୁଜିବା ବା ସଂକୋଚନ ।
ମୀଳିତ-ବିଂ. (ମୀଲ୍-ତ) ମୁଦ୍ରିତ, ଅବିକଶିତ ।
ମୁଁ-ସଂ. (ଅସ୍ମଦ୍ ଶବ୍ଦଜ) ଅମ୍ଭେ, ମୁହିଁ ।
ମୁଁଆ-ବି. ଗୁଡ଼ କିମ୍ବା ମୁଢ଼ିରେ ପ୍ରସ୍ତୁତ ମିଷ୍ଟାନ୍ନବିଶେଷ ।
ମୁକୁଟ-ବି. (ମକ୍-ଉଟ) କିରୀଟ; ଶିରୋଭୂଷଣ ।
ମୁକୁନ୍ଦ-ବି. (ମୁକୁ-ଦା) ମୁକ୍ତିଦାତା ; ବିଷ୍ଣୁ ।
ମୁକୁର-ବି. (ମକ୍-ଉର) ଦର୍ପଣ, ଆର୍ଶି ।
ମୁକୁଳ-ବି. (ମୁକ୍-ଉଲ) କଳିକା, କଢ଼ି ।
ମୁକୁଲା-ବିଂ. ମେଲା, ଖୋଲା ।
ମୁକୁଳିତ-ବିଂ. ଈଷତ୍ ବିକଶିତ ।
ମୁକ୍ତ-ବିଂ. (ମୁଚ୍-ତ) ଉଦ୍ଧାରପ୍ରାପ୍ତ, ବନ୍ଧନରୁ ଉନ୍ମୁକ୍ତ ; ତ୍ୟକ୍ତ ।
ମୁକ୍ତ-କଣ୍ଠ-ବି. ଉଚ୍ଚୈଃସ୍ୱର
ମୁକ୍ତ-ହସ୍ତ-ବିଂ. ଦାନଶୀଳ
ମୁକ୍ତା-ବି. ମୌକ୍ତିକ, ମୋତି
ମୁକ୍ତା-ଫଳ-ବି. ମୋତି
ମୁକ୍ତି-ବି. (ମୁଚ୍-ତି) ସଂସାର-ବନ୍ଧନରୁ ଉଦ୍ଧାର; ପରିତ୍ରାଣ
ମୁଖ ବି. ଆନନ, ବଦନ
ମୁଖର-ବିଂ. (ମୁଖ-ର) ବାଚାଳ; ଶବ୍ଦିତ ।
ମୁଖରିତ-ବିଂ. ( ମୁଖର-ଇତ ) ଶବ୍ଦାୟମାନ, ଧ୍ୱନିତ
ମୁଖ-ଚୋରା-ବିଂ. କଥା କହିବାରେ ଲଜ୍ଜାଶୀଳ ।
ମୁଖାଗ୍ନି-ବି. (ମୁଖ-ଅଗ୍ନି) ଶବମୁଖରେ ପ୍ରଦତ୍ତ ଅଗ୍ନି ।
ମୁଖାପେକ୍ଷା-ବି. (ମୁଖ-ଅପେକ୍ଷା) ପକ୍ଷପାତ ।
ମୁଖ୍ୟ-ବିଂ. (ମୁଖ-ଯ) ପ୍ରଧାନ, ଶ୍ରେଷ୍ଠ ।
ମୁଗ-ବି. (ମୁଦ୍ଗଶବ୍ଦଜ) ଡାଲିବିଶେଷ ।
ମୁଗୁନି-ବି. କୃଷ୍ଣବର୍ଣ୍ଣ ପ୍ରସ୍ତରବିଶେଷ ।
ମୁଗୁରି-ବି. (ମୁଦ୍ଗରଶବ୍ଦଜ) କଦ୍ଦାଣ ବାଡ଼େଇବାର ମୁଦ୍ଗରାକାର କାଷ୍ଠଯନ୍ତ୍ର ।
ମୁଗ୍ଧ-ବିଂ. (ମୁହ୍-ତ) ମୂଢ଼; ସୁନ୍ଦର; ମୋହିତ ।
ମୁଗ୍ଧା-ବିଂ. ସରଳସ୍ୱଭାବା ନାୟିକା; ନବୋଢ଼ା ।
ମୁଚୁଳିକା-ବି. ଏକରାର-ପତ୍ର ।
ମୁଚୁଲା-ବି. ମାଣ୍ଡି, ତଡ଼ଅ ।
ମୁଠା-ବି. ( ମୁଷ୍ଟିଶବ୍ଦଜ ) କୁଞ୍ଚିତ କରତଳ; ଗଣ୍ଡାଦର ବେଣ୍ଟ ।

ମୁଠି-ବ. (ମୁଷ୍ଟିଶବ୍ଦଜ) ମୁଷ୍ଟିମେୟ ଦ୍ରବ୍ୟ; ଜାପି-ଭର ଛୁରାଦ ରଖିବାର ଥଳୀ ।

ମୁଠୁଣି-ବ. (ମୁଷ୍ଟିଶବ୍ଦଜ) କହୁଣୀଠାରୁ ମୁଠା-ପର୍ଯ୍ୟନ୍ତ ।

ମୁଡ଼ି-ବ. ଭୃଷ୍ଟତଣ୍ଡୁଲ, ଭଜାଚାଉଳ ।

ମୁଣି-ବ. ଥଳୀ ।

ମୁଣ୍ଡୁହୁ-ଅ. ଠଲେ, ଅବୋ ।

ମୁଣ୍ଡ-ବ. (ମୁଣ୍ଡ୍-ଅ) ଶିରଃ, ମସ୍ତକ ।

ମୁଣ୍ଡନ-ବ. (ମୁଣ୍ଡ୍-ଅନ) ମସ୍ତକ ଲଣ୍ଡା କରିବା ।

ମୁଣ୍ଡା-ବ. ଗୋଲାକୃତ ମୂଳ ।

ମୁଣ୍ଡି-ବ. କାଷ୍ଠଗଣ୍ଡି ।

ମୁଣ୍ଡିତ-ବି. କେଶ-ଶୂନ୍ୟକୃତ ।

ମୁଥ-ବ. (ମୁଷ୍ଟିଶବ୍ଦଜ) ମୁଣି, ଗଦା ।

ମୁଥା-(ମୁସ୍ତାଶବ୍ଦଜ) ଘାସମୂଳବିଶେଷ ।

ମୁଦ-ବ. (ମୁଦ୍-ଅ) ପ୍ରୀତ, ହର୍ଷ ।

ମୁଦ-ବ. (ମୁଦ୍ଧାତୁରୁ) ମୁଦ୍ରଣ, ମୁଦ୍ରା ।

ମୁଦି-ବ. ମୁଦ୍ରିକା, ଅଙ୍ଗୁରୀୟକ ।

ମୁଦିତ-ବି. (ମୁଦ୍-ତ) ହୃଷ୍ଟ, ପ୍ରୀତ, ଅହ୍ଲାଦିତ ।

ମୁଦିବା-କ୍ରି. ବନ୍ଦ କରିବା ।

ମୁଦିର-ବ. (ମୁଦ୍-ଇର) ମେଘ ।

ମୁଦ୍ଗ-ବ. (ମୁଦ୍-ଗ) ମୁଗ ।

ମୁଦ୍ଗର-ବ. (ମୁଦ୍-ଗୃ-ଅ) ଗଦା, ମୁଗୁର ।

ମୁଦ୍ରଣ-ବ. (ମୁଦ୍ର୍-ଅନ) ମୁଦ୍ରିତକରଣ; ଅଙ୍ଗୁଳି-ମୁଦ୍ରା ।

ମୁଦ୍ରା-ବ. (ମୁଦ୍-ର-ଆ) ମୋହର; ଛାପା; ମୋହର ଟଙ୍କା ପଇସା ପ୍ରଭୃତି; ପୂଜାଦି ସମୟରେ ହସ୍ତ ମୁଖାଦିର ଭଙ୍ଗୀ ।

ମୁଦ୍ରାଙ୍କନ-ବ. (ମୁଦ୍ରା-ଅଙ୍କନ) ଛାପା କରିବା ।

ମୁଦ୍ରା-ଯନ୍ତ୍ର-ବ. ମୁଦ୍ରା କରିବାର ଯନ୍ତ୍ର; ଛାପା କରିବାର କଳ । [ଯୁକ୍ତ; ମୁଦ୍ରିତ ଲିପି ।

ମୁଦ୍ରିକା-ବ. ମୁଦି; ଖୋଦିତ ଲିପିଯୁକ୍ତ ଅଙ୍ଗୁରୀ-

ମୁଦ୍ରିତ-ବି. ମୁଦ୍ରାଦ୍ୱାରା ଚିହ୍ନିତ; ଛାପା; ନିମୀଳିତ ।

ମୁନି-ବ. ଅସ୍ତ୍ରାଦିର ତୀକ୍ଷ୍ଣ ଅଗ୍ରଭାଗ ।

ମୁନିଫା-ବ. (ଆରବୀ) ଲାଭ ।

ମୁନି-ବ. (ମନ୍-ଇ) ଋଷି, ତପସ୍ୱୀ; ମୌନବ୍ରତୀ ।

ମୁନି-ପୁଙ୍ଗବ-ବ. ମୁନିଶ୍ରେଷ୍ଠ । [ଇଚ୍ଛା ।

ମୁମୁକ୍ଷା-ବ. (ମୁଚ୍-ସନ୍-ଅ) ମୁକ୍ତି ପାଇବାର

ମୁମୁକ୍ଷୁ-ବି. (ମୁଚ୍-ସନ୍-ଉ) ମୋକ୍ଷେଚ୍ଛୁ; ବ. ଯତି, ଭିକ୍ଷୁ ।

ମୁମୂର୍ଷା-ବ. (ମୃ-ସନ୍-ଅ) ମରଣେଚ୍ଛା ।

ମୁମୂର୍ଷୁ-ବି. (ମୃ-ସନ୍-ଉ) ଆସନ୍ନମୃତ୍ୟୁ, ମର-

ମୁରଜ-ବ. ମୃଦଙ୍ଗ । [ଣେଚ୍ଛୁ ।

ମୁରଲୀ-ବ. (ମୁର୍-ଲା-ଅ-ଈ) ବଂଶୀ, ବେଣୁ ।

ମୁରାରି-ବ. (ମୁର-ଅରି) ଶ୍ରୀକୃଷ୍ଣ ।

ମୁରୁଜ-ବ. ଚାଉଳ ଓ ଗଡ଼ମିଶ୍ରିତ ଚୂର୍ଣ୍ଣ ।

ମୁର୍ମୁର-ବ. ତୁଷାନଳ । [ଦର କରିବା ।

ମୁଲାଇବା-କ୍ରି. (ମୂଲ୍ୟଶବ୍ଦଜ) ଭାଉ କରିବା,

ମୁଷଳ-ବ. ଟିକିପାହାର; ମୁଦ୍ଗର ।

ମୁଷଳୀ-ବ. (ମୁଷଳ-ଇନ୍) କୃଷ୍ଣଭ୍ରାତା ବଳରାମ ।

ମୁଷିତ-ବିଂ. (ମୁଷ୍-ତ) ଚୋରିତ, ଅପହୃତ ; ବଞ୍ଚିତ ।

ମୁଷ୍କ-ବି. ଅଣ୍ଡକୋଷ । [ଧର ବେଣ୍ଟ ।

ମୁଷ୍ଟି-ବି. (ମୁଷ୍-ତି) କୁଞ୍ଚିତ ହସ୍ତ, ମୁଠା ; ଖଣ୍ଡା-

ମୁଷ୍ଟିମେୟ-ବିଂ. (ମୁଷ୍ଟି-ମେୟ) ମୁଷ୍ଟିଦ୍ୱାରା ପରି-ମେୟ, ଅଳ୍ପପରିମାଣ, ଅଳ୍ପସଂଖ୍ୟକ ।

ମୁସଲମାନ-ବି. ମହମ୍ମଦୀୟ-ଧର୍ମାବଲମ୍ବୀ ।

ମୁସାଫେର୍-ବି. (ଆରବୀ) ଭ୍ରମଣକାରୀ ।

ମୁସ୍କିଲ୍-ବିଂ. (ଆରବୀ) କଷ୍ଟଜନକ ।

ମୁହଁ-ବି. (ମୁଖଶବ୍ଦଜ) ମୁଖ ।

ମୁହିଁ-ସ୍ବ. (ଅସ୍ମଦ୍ଶବ୍ଦଜ) ମୁଁ ।

ମୁହୁଃ-ଅଂ. ପୁନଃପୁନଃ, ବାରମ୍ବାର ।

ମୁହୂର୍ତ୍ତ-ବି. କ୍ଷଣକାଳ ; ଦିବାରାତ୍ରିର ୩୦ ଭାଗର ଏକ ଭାଗ ।

ମୁହ୍ୟମାନ-ବି. (ମୁହ୍-ଯ-ଆନ) ବିକଳଚିତ୍ତ ।

ମୂକ-ବିଂ. (ମୂ-କ) ବାକ୍ଶକ୍ତିରହିତ, ବୋବା ।

ମୂକତା-ବି. ବାକ୍ଶକ୍ତିହୀନତା ।

ମୂଢ଼-ବିଂ. (ମୁହ୍-ତ) ମୂର୍ଖ, ଅଜ୍ଞାନ ।

ମୂଢ଼-ଗର୍ଭ-ବି. ମୃତ ଭ୍ରୂଣ, ଗର୍ଭରେ ମୃତ ଶିଶୁ ।

ମୂତ-ବି. ମୂତ୍ର ।

ମୂତ୍ର-ବି. (ମୂ-ତ୍ର) ପ୍ରସ୍ରାବ । [ସ୍ଥାନ ।

ମୂତ୍ରାଶୟ-ବି. (ମୂତ୍ର-ଆଶୟ) ତଳପେଟ, ମୂତ୍ର-

ମୂର୍ଖ-ବିଂ. (ମୁହ୍-ଖ) ଅଜ୍ଞ, ମୂଢ଼ ।

ମୂର୍ଚ୍ଛନା-ବି. (ମୂର୍ଚ୍ଛ-ଅନ-ଆ) ମୂର୍ଚ୍ଛା ; ସଂଗୀତରେ ସ୍ୱରର ଆରୋହ ଓ ଅବରୋହ ।

ମୂର୍ଚ୍ଛା-ବି. (ମୂର୍ଚ୍ଛ୍-ଆ) ମୋହ, ଅଚୈତନ୍ୟ ।

ମୂର୍ଚ୍ଛିତ-ବିଂ. ମୂର୍ଚ୍ଛାଗତ । [ଘଟିବା ।

ମୂର୍ଚ୍ଛିବା-କ୍ରି. (ମୂର୍ଚ୍ଛ ଧାତୁଜ) ସ୍ନେହ କମ୍ବା ମାୟା

ମୂର୍ତ୍ତ-ବିଂ. (ମୂର୍ଚ୍ଛ୍-ତ) ମୂର୍ତ୍ତିମାନ୍ ।

ମୂର୍ତ୍ତି-ବି. (ମୂର୍ଚ୍ଛ୍-ତି) ଆକୃତି; ପ୍ରତିମା ; ଶରୀର ।

ମୂର୍ତ୍ତିମାନ୍-ବିଂ. (ମୂର୍ତ୍ତି-ମତ୍) ମୂର୍ତ୍ତି, ଶରୀରଧାରୀ ।

ମୂର୍ଦ୍ଧଜ-ବି. (ମୂର୍ଦ୍ଧନ୍-ଜ) କେଶ ।

ମୂର୍ଦ୍ଧନ୍ୟ-ବିଂ. (ମୂର୍ଦ୍ଧନ୍-ଯ) ମୂର୍ଦ୍ଧାରୁ ଉଚ୍ଚାରିତ ।

ମୂର୍ଦ୍ଧା-ବି. ମସ୍ତକ ।

ମୂର୍ବା-ବି. (ମୂର୍ବ୍-ଅ-ଆ) ମୁରୁବାଗଛ ।

ମୂଳ-ବି. (ମୂଳ୍-ଅ) ଗଛର ଚେର; ଆଦିକାରଣ;

ମୂଳକ-ବି. (ମୂଳ-କ) ମୂଳା । [ଅସଲ ।

ମୂଳୀଭୂତ-ବିଂ. (ମୂଳ-ଭୂତ) ହେତୁଭୂତ, ନିଦାନ,

ମୂଲ୍ୟ-ବି. (ମୂଳ-ଯ) ଦାମ, ଭାଉ । [ସ୍ୱରୂପ ।

ମୂଷା-ବି. (ମୂଷିକଶବ୍ଦଜ) ଇନ୍ଦୁର ।

ମୂଷା-ବି. ସ୍ୱର୍ଣ୍ଣାଦି ଦ୍ରବ କରିବାର ପାତ୍ର, କୋଇ ।

ମୂଷିକ-ବି. ମୂଷା, ଇନ୍ଦୁର ।

ମୃଗ-ବି. (ମୃଗ୍-ଅ) ହରିଣ; ପଶୁ ।

ମୃଗତୃଷ୍ଣା, ମୃଗତୃଷ୍ଣିକା } ବି. ମରୀଚିକା, ପ୍ରଖର ସୂର୍ଯ୍ୟକିରଣରେ ବାଲୁକାରେ ଜଳ-ଭ୍ରମ; ତୃଷାର୍ତ୍ତ ମୃଗମାନଙ୍କର ଜଳଭ୍ରାନ୍ତି ।

ମୃଗନାଭି-ବି. (ମୃଗ-ନାଭି) ମୃଗମଦ, କସ୍ତୁରୀ

ମୃଗୟା-ବି. (ମୃଗ-ଯ-ଆ) ବନ ପର୍ଯ୍ୟଟନପୂର୍ବକ ମୃଗବଧ; ପଶୁ-ଶିକାର ।

ମୃଗ-ରାଜ-ବି. ସିଂହ ।
ମୃଗ-ବାହନ-ବି. ପବନ ।
ମୃଗଶିରାଃ } ବି. (ମୃଗ-ଶିରସ୍, ଶୀର୍ଷ) ନକ୍ଷତ୍ର-
ମୃଗଶୀର୍ଷ } ବିଶେଷ ।
ମୃଗାଙ୍କ-ବି. (ମୃଗ-ଅଙ୍କ) ଚନ୍ଦ୍ର । [ବାଘ ।
ମୃଗାଦନ-ବି. (ମୃଗ-ଅଦ୍-ଅନ) ତରକ୍ଷୁ, ଚିତା-
ମୃଗେନ୍ଦ୍ର-ବି. (ମୃଗ-ଇନ୍ଦ୍ର) ପଶୁରାଜ ।
ମୃଗ୍ୟ-ବିଂ. (ମୃଗ୍-ଯ) ଅନ୍ୱେଷଣୀୟ ।
ମୃଡ଼-ବି. (ମୃଡ୍-ଅ) ଶିବ, ମହାଦେବ ।
ମୃଡ଼ାନୀ-ବି. ଦୁର୍ଗା ।
ମୃଣାଳ-ବି. (ମୃଣ୍-ଅଳ) ପଦ୍ମନାଡ଼ ।
ମୃଣାଳିନୀ-ବି. (ମୃଣାଳ-ଇନ୍-ଈ) ପଦ୍ମିନୀ ।
ମୃଣ୍ମୟ-ବିଂ. (ମୃତ୍-ମୟ) ମୃତ୍ତିକାନିର୍ମିତ ।
ମୃତ-ବିଂ. (ମୃ-ତ) ମୃତ୍ୟୁପ୍ରାପ୍ତ, ଗତପ୍ରାଣ ।
ମୃତକ-ବି. ମରଣାଶୌଚ ।
ମୃତ-କଳ୍ପ-ବିଂ. ମୃତପ୍ରାୟ ।
ମୃତ-ବତ୍ସା-ବିଂ. ଯେ ସ୍ତ୍ରୀର ସନ୍ତାନ ବଞ୍ଚେ ନାହି ।
ମୃତି-ବି. (ମୃ-ତି) ମୃତ୍ୟୁ ।
ମୃତ୍ତିକା-ବି. (ମୃଦ୍-ତିକ-ଆ) ମାଟି; ଭୂମି ।
ମୃତ୍ୟୁ-ବି. (ମୃ-ତ୍ୟୁ) ପ୍ରାଣବିୟୋଗ, ମରଣ ।
ମୃତ୍ୟୁଞ୍ଜୟ-ବି. (ମୃତ୍ୟୁ-ଜି-ଅ) ଯେ ମୃତ୍ୟୁକୁ ଜିଣେ, ପରମେଶ୍ୱର ।
ମୃଦଙ୍ଗ-ବି. (ମୃଦୁ-ଅଙ୍ଗ) ମୁରଜ; ପଖାଉଜ ।
ମୃଦଙ୍ଗାର-ବି. (ମୃଦୁ-ଅଙ୍ଗାର) ପଥରକୋଇଲା ।
ମୃଦୁ-ବିଂ. (ମୃଦ୍-ଉ) କୋମଳ, ନରମ; ମନ୍ଦ ।

ମୃଦୁଳ-ବିଂ. (ମୃଦୁ-ଳ) କୋମଳ, ନରମ ।
ମୃଦ୍ୱୀ-ବିଂ. (ମୃଦୁ-ଈ) କୋମଳାଙ୍ଗୀ ।
ମୃଷା-ଅଂ. ମିଥ୍ୟା ।
ମୃଷ୍ଟ-ବିଂ. (ମୃଷ୍-ତ) ମାର୍ଜିତ ।
ମେକଲ-କନ୍ୟକା-ବି. ନର୍ମଦା ନଦୀ ।
ମେକାପ-ବି. ରାଜଗୃହରେ ବସ୍ତ୍ର-ରକ୍ଷାକାରୀ ।
ମେଖଳା-ବି. (ମି-ଖଲ-ଅ) କଟିସୂତ୍ର, କଟି-ଭୂଷଣ ।
ମେଘ-ବି. (ମିହ୍-ଅ) ବାଦଲ, ପୟୋଦ ।
ମେଘ-ନାଦ-ବି. ମେଘଧ୍ୱନି; ରାବଣପୁତ୍ର ଇନ୍ଦ୍ରଜିତ ।
ମେଘାଗମ-ବି. (ମେଘ-ଆଗମ) ବର୍ଷାର ଆରମ୍ଭ ।
ମେଘୁଆ-ବିଂ. ମେଘାଚ୍ଛନ୍ନ ।
ମେଚକ-ବିଂ. (ମେଚ୍-ଅକ) ଶ୍ୟାମବର୍ଣ୍ଣ, ଶ୍ୟାମଳ ।
ମେଜ-ବି. (ଆରବୀ) ଦ୍ରବ୍ୟ ରଖିବାର କାଷ୍ଠୋ-
ମେଞ୍ଚା-ବି. ପୁଳା । [ପକରଣ ।
ମେଟ-ବି. ପ୍ରତିମା ରଖିବାର ସଜ୍ଜିତ ସ୍ଥାନ ।
ମେଣ୍ଟା, ମେଣ୍ଟି-ବି. ଡମାଖୁର ବଡ଼ା ; ଅନେକ ଗୁଡ଼ଏ ଧାନ-କେଣ୍ଡାର ସମଷ୍ଟି ।
ମେଣ୍ଟିବା-କ୍ରି. ଖଣ୍ଡିତ ହେବା; ମୀମାଂସିତ ହେବା ।
ମେଣ୍ଢା-ବି. (ମେଢ୍ରଶବ୍ଦଜ) ମେଷ, ପଶୁବିଶେଷ ।
ମେଥି }
ମେଥିକା } ବି. ମେଥିଶାଗ, ମେଥିଫଳ ।
ମେଦ } ବି. (ମିଦ୍-ଅ,-ଅସ୍) ଅସ୍ଥିର ମଜ୍ଜା ;
ମେଦଃ } ବସା, ଚର୍ବି ।

ମେଦିନୀ-ବି. (ମେଦ-ଇନ୍-ଈ) ପୃଥିବୀ ।

ମେଦୁର-ବିଂ. (ମିଦ୍-ଉର) ଚିକ୍କଣ ; ସ୍ନିଗ୍ଧ ; ଶ୍ୟାମଳ ।

ମେଧ-ବି. (ମେଧ୍-ଅ) ଯଜ୍ଞ, ଯାଗ । [ଶକ୍ତି ।

ମେଧା-ବି. (ମେଧ୍-ଆ) ଧାରଣାବତୀ ବୁଦ୍ଧି; ସ୍ମୃତି-

ମେଧାବୀ-ବିଂ. (ମେଧା-ବିନ୍) ମେଧାବିଶିଷ୍ଟ ; ଧୀମାନ୍ ।

ମେଧ୍ୟ-ବିଂ. (ମେଧ-ଯ) ଶୁଦ୍ଧ, ପବିତ୍ର ; ଯଜ୍ଞୀୟ ।

ମେନକା, ମେନା } ବି. ହିମାଳୟପତ୍ନୀ ; ସ୍ୱର୍ବେଶ୍ୟାବିଶେଷ ।

ମେୟ-ବିଂ. (ମା-ଯ) ପରିମେୟ; ଅନୁମେୟ ।

ମେରିଆ-ବି. ନର-ବଳି ।

ମେରୁ-ବି. (ମି-ରୁ) ପୁରାଣୋକ୍ତ ସୁମେରୁ ପର୍ବତ; ପୃଥିବୀର ଉତ୍ତର ଓ ଦକ୍ଷିଣ ପ୍ରାନ୍ତ; ପୃଷ୍ଠବଂଶ ; ଜପମାଳାର ଉପରସ୍ଥ ପ୍ରଧାନ ବୀଜ ।

ମେରୁ-ଦଣ୍ଡ-ବି. ପିଠିର ମଧ୍ୟସ୍ଥିତ ଅସ୍ଥି; ଭୂଗୋଳରେ କେନ୍ଦ୍ରଭେଦୀ ସରଳରେଖା ।

ମେଳ-ବି. (ମିଳ୍-ଅ) ଐକ୍ୟ, ମିଳନ । [ମିଶିବା ।

ମେଳନ-ବି. (ମିଳ୍-ଅନ) ଏକତ୍ର ହେବା ;

ମେଳା-ବି. ଉତ୍ସବ ବା ବାଣିଜ୍ୟାର୍ଥ ଲୋକ-ସମାଗମ ।

ମେଲ୍ଲ-ବି, ପ୍ରଶସ୍ତ ସ୍ଥାନ ; କାନ୍ଥ ନ ଥିବା ଘର ;

ମେଲ୍ଲାଣି-ବି. ବିଦାୟ । [ବିଂ. ଖୋଲା ।

ମେଳିଆ-ବିଂ. ଅନେକ ଲୋକଙ୍କୁ ମିଳାଇ ଆନ୍ଦୋଳନ କରିବା ବ୍ୟକ୍ତି ।

ମେଲିବା-କ୍ରି. ପ୍ରକାଶ କରିବା; ବିସ୍ତାର କରିବା ।

ମେଷ-ବି. (ମିଷ୍-ଅ) ମେଣ୍ଢା; ଜ୍ୟୋତିଷର ରାଶିବିଶେଷ ; ଲଗ୍ନବିଶେଷ ।

ମେହ-ବି. (ମିହ୍-ଅ) ଶୁକ୍ରକ୍ଷୟ ରୋଗବିଶେଷ ।

ମେହନତି-ବି. (ଆରବୀ) ପରିଶ୍ରମ ।

ମେହନ୍ତର-ବି. (ଆରବୀ) ମାହାର ; ଯେ ମଇଳା ସଫାକରେ ।

ମେହେରବି-ବି. ଚୋରଣ, ଖିଲଣ ।

ମୈତ୍ର-ବି. (ମିତ୍ର-ଅ) ମିତ୍ରତା, ସୌହାର୍ଦ୍ଦ ।

ମୈତ୍ରୀ, ମୈତ୍ର୍ୟ } ବି. (ମିତ୍ର-ଅ-ଈ, ଯ) ମିତ୍ରତା, ସୌହାର୍ଦ୍ଦ

ମୈଥିଲୀ-ବି. (ମିଥିଲା-ଅ-ଈ) ସୀତା, ଜାନକୀ ।

ମୈଥୁନ-ବି. (ମିଥୁନ-ଅ) ରତିକ୍ରିୟା ।

ମୈଦାନ-ବି. ପଡିଆ, ବଲ; ମଳତ୍ୟାଗ ।

ମୈନା-ବି. ଶାରି ।

ମୈନାକ-ବି. (ମେନକା-ଅ) ପର୍ବତବିଶେଷ ।

ମୈରଚିରିଆ-ବି. ଗୁଡିଆ ।

ମୈଳା-ବି. ବିଷ୍ଠା ; ବିଂ. ମଳିଆ । [ବର୍ଣ୍ଣ ।

ମୋକ୍ତା-ବିଂ. (ମୁଚ୍-ତୃ) ମୋଚନକର୍ତ୍ତା ; ଦାଣ-

ମୋକ୍ତାର-ବି. ବାଦୀ ବା ପ୍ରତିବାଦୀ ପକ୍ଷର ଜବାବ ଦେବା ଲୋକ ।

ମୋକ୍ଷ-ବି. (ମୋକ୍ଷ୍-ଅ) ମୁକ୍ତି । [କରଣ ।

ମୋକ୍ଷଣ-ବି. (ମୋକ୍ଷ୍-ଅନ) ମୋଚନ, ଉଦ୍ଧାର-

ମୋଗଲ-ବି. ମୁସଲମାନ ଜାତିବିଶେଷ ।

ମୋଘ-ବିଂ. (ମୁହ୍-ଅ) ବ୍ୟର୍ଥ ।

ମୋଚ-ବି. କଦଳୀଭଣ୍ଡା ।

ମୋଚନ-ବି. (ମୁଚ୍-ଅନ) ମୁକ୍ତି, ପରିତ୍ରାଣ ।

ମୋଚ-ବ. ଯନ୍ତା-ନିର୍ମିତା ।
ମୋଚ୍ୟ-ବିଂ. ମୋଚନ-ଯୋଗ୍ୟ ।
ମୋଟ-ବି. ସମୁଦାୟ; ବିଂ. ସ୍ଥୁଳ ।
ମୋଟକ-ବି. (ମୁଟ୍-ଅକ) ଶ୍ରାଦ୍ଧାଦିରେ ପ୍ରୟୋ-
ମୋଟା-ବିଂ. ସ୍ଥୂଳ । [ଜନୀୟ ଉପ କୁଶଦ୍ରବ୍ୟ ।
ମୋଢ଼-ବି. ବାଙ୍କ । [ବିଶେଷ; ଘଷା ।
ମୋଢ଼ା-ବି. ବାଂଶ ଓ ବେତ ନିର୍ମିତ ଆସନ-
ମୋଢ଼ିବା-କ୍ରି. ବକ୍ର କରିବା ।
ମୋଦ-ବି. (ମୁଦ୍-ଅ) ଆମୋଦ, ହର୍ଷ ।
ମୋଦକ-ବି. ( ମୁଦ୍-ଣିଚ୍-ଅକ ) ମିଷ୍ଟ ଔଷଧ-
ବିଶେଷ ।
ମୋଦିତ-ବିଂ. (ମୁଦ୍-ଣିଚ୍-ତ) ଆହ୍ଲାଦିତ ।
ମୋଦୀ-ବି. ଚାଉଳ ଡାଲି ପ୍ରଭୃତି ବ୍ୟବସାୟୀ ।
ମୋଷ } ବି. (ମୁଷ୍-ଅ, ଅନ) ଅପହରଣ ।
ମୋଷଣ }
ମୋହ-ବି. (ମୁହ୍-ଅ) ମୂର୍ଚ୍ଛା, ଅଜ୍ଞାନ, ମୂଢ଼ତା ।
ମୋହନ-ବି. ( ମୁହ୍-ଣିଚ୍-ଅନ ) ମୁଗ୍ଧକରଣ;
ବିଂ. ମୁଗ୍ଧକାରୀ; ମୋହଜନକ ।
ମୋହର-ବି. ସ୍ୱର୍ଣ୍ଣମୁଦ୍ରା । [ମୁଗ୍ଧ ।
ମୋହିତ-ବିଂ. ( ମୋହ-ଇତ ) ମୋହପ୍ରାପ୍ତ ;
ମୋହିନୀ-ବିଂ. (ମୋହ-ଇନ୍-ଈ) ମୁଗ୍ଧକାରିଣୀ ।
ମୋହିବା-କ୍ରି. ମୋହିତ କରିବା ।
ମୌକୁଳି-ବି. ବାୟସ, କାକ ।
ମୌକ୍ତିକ-ବି. ମୁକ୍ତା, ମୋତି । [ବାହ୍ୟ ।
ମୌଖିକ-ବିଂ. ( ମୁଖ-ଇକ ) ମୁଖସମ୍ବନ୍ଧୀୟ;

ମୌଜ-ବି. ଆମୋଦ ପ୍ରମୋଦ ।
ମୌଜା-ବି. (ଆରବୀ) ଗ୍ରାମ ।
ମୌଞ୍ଜୀ-ବି. (ମୁଞ୍ଜ-ଅ-ଈ) ମୁଞ୍ଜତୃଣର ମେଖଳା ।
ମୌଢ୍ୟ-ବି. (ମୂଢ଼-ଯ) ମୂଢ଼ତା, ମୂର୍ଖତା ।
ମୌନ-ବି. (ମୁନି-ଅ) ତୂଷ୍ଣୀମ୍ଭାବ, ନୀରବତା ।
ମୌନୀ-ବିଂ. (ମୌନ-ଇନ୍) ମୌନବ୍ରତଧାରୀ ।
ମୌରସୀ-ବିଂ. ପୁରୁଷାନୁକ୍ରମେ ଦଖଲି ।
ମୌର୍ବୀ-ବି. (ମୂର୍ବା-ଅ-ଈ) ଧନୁର୍ଗୁଣ ।
ମୌଲବୀ-ବି, ମୁସଲମାନ୍ ପଣ୍ଡିତ ।
ମୌଲା-ବି. (ମାତୁଲଶବ୍ଦଜ) ମାମୁଁ ।
ମୌଳି-ବି. ଶିଖା, ଚୂଡ଼ା; ମୁକୁଟ; ମସ୍ତକ ।
ମୌଳିକ-ବିଂ. (ମୂଳ-ଇକ) ମୂଳସମ୍ବନ୍ଧୀୟ ।
ମୌଳିବା-କ୍ରି. ଝାଉଁଳିବା, ମ୍ଳାନ ହେବା ।
ମ୍ରକ୍ଷଣ-ବି. (ମ୍ରକ୍ଷ୍-ଅନ) ଲେପନ ।
ମ୍ରଦିମା-ବି. (ମୃଦୁ-ଇମନ୍) ମୃଦୁତା ।
ମ୍ରିୟମାଣ-ବିଂ. (ମୃ-ଅନ) ମୃତପ୍ରାୟ; ଅବସନ୍ନ ।
ମ୍ଳାନ-ବିଂ. (ମ୍ଳୈ-ତ) ମଳିନ; ବିଷଣ୍ଣ ।
ମ୍ଳାନି-ବି. (ମ୍ଳୈ-ତି) ବିଷାଦ; ମାଳିନ୍ୟ ।
ମ୍ଳେଚ୍ଛ-ବି. (ମ୍ଳେଚ୍ଛ୍-ଅ) ଅସଭ୍ୟ ଜାତି ।

---

## ଯ ବ୍ୟଞ୍ଜନବର୍ଣ୍ଣର ଷଡ଼ବିଂଶ ବର୍ଣ୍ଣ ।

ଯକୃତ୍-ବି. (ଯ-କୃ-•-କ୍ୱିପ୍) ପିତ୍ତାଶୟ ।
ଯକ୍ଷ-ବି.(ଯକ୍ଷ-ଅ)କୁବେରଦେବତାର ଅନୁଚର ।

ଯକ୍ଷ୍ମା-ବ. ( ଯକ୍ଷ-ମନ୍ ) କ୍ଷୟରୋଗ, ମାରାତ୍ମକ କାସରୋଗ ।

ଯଜନ-ବ. (ଯଜ୍-ଅନ) ଯଜ୍ଞକରଣ, ପୂଜନ ।

ଯଜମାନ-ବ. ( ଯଜ୍-ଅନ ) ଯଜ୍ଞକାରକ; ଯେ ବ୍ୟକ୍ତି ଦକ୍ଷିଣା ଦେଇ କର୍ମ କରାଏ ।

ଯଜୁଃ-ବ. ( ଯଜ୍-ଉସ୍ ) ଯଜୁର୍ବେଦ ।

ଯଜୁର୍ବେଦୀ-ବ.ଯଜୁର୍ବେଦଅନୁସାରେ କର୍ମକାରୀ ।

ଯଜ୍ଞ-ବ. (ଯଜ୍-ନ) ଯାଗ, କ୍ରତୁ; ହୋମ ।

ଯଜ୍ଞ-ପଶୁ-ବ. ଯଜ୍ଞରେ ଉତ୍ସୃଷ୍ଟ ଅଶ୍ୱ ବା

ଯଜ୍ଞ-ବାଟ-ବ. ଯଜ୍ଞଭୂମି । [ଛାଗ ।

ଯଜ୍ଞସୂତ୍ର-ବ.(ଯଜ୍ଞ-ସୂତ୍ର)ଯଜ୍ଞୋପବୀତ, ପୈତା ।

ଯଜ୍ଞାରି-ବ. (ଯଜ୍ଞ-ଅରି) ରାକ୍ଷସ ।

ଯଜ୍ୱା-ବ. (ଯଜ୍-ବନ୍) ବିଧିପୂର୍ବକ ଯାଗକର୍ତ୍ତା ।

ଯତ-ବଂ. (ଯମ୍-ତ) ସଂଯତ; ବଦ୍ଧ; ନିୟମିତ; ନିଗୃହୀତ ।

ଯତମାନ-ବଂ. (ଯତ୍-ଅନ) ଯତ୍ନକାରୀ ।

ଯତାତ୍ମ-ବଂ. (ଯତ-ଆତ୍ମ) ସଂଯତଚିତ୍ତ ।

ଯତି-ବ. (ଯତ୍-ଇ) ତପସ୍ୱୀ, ସନ୍ନ୍ୟାସୀ; ଶ୍ଳୋକାଦିର ସ୍ୱରବିଚ୍ଛେଦ-ସ୍ଥାନ । [ମାଣ; କଷ୍ଟ ।

ଯତ୍କିଞ୍ଚିତ୍-ଅଂ. ( ଯତ୍-କିଞ୍ଚିତ୍ ) କିଞ୍ଚିତ୍ ପରି-

ଯତ୍ନ-ବ. (ଯତ୍-ନ) ଆଗ୍ରହ; ପରିଶ୍ରମ; ଉଦ୍ୟମ ।

ଯତ୍ର-ଅଂ. ( ଯଦ୍-ତ୍ର ) ଯେଉଁଠାରେ, ଯେଉଁ ସ୍ଥାନରେ । [ଯୋଗ୍ୟତା ।

ଯଥା-ଅଂ. ( ଯଦ୍-ଥା ) ଯେଉଁପରି, ସାଦୃଶ୍ୟ;

ଯଥାକଥଞ୍ଚିତ୍-ଅଂ. ଯେ କୌଣସି ପ୍ରକାରେ ।

ଯଥାକ୍ରମ-କ୍ରି. ବଂ. (ଯଥା-କ୍ରମ) କ୍ରମାନୁରୂପେ ।

ଯଥାତଥ-ବଂ. ( ଯଥା-ତଥା ) ଯଥାଯୋଗ୍ୟ; ଯଥାର୍ଥ ।

ଯଥାଯଥ-ବଂ. (ଯଥା-ଯଥା) ଯଥାଯୋଗ୍ୟ ।

ଯଥାର୍ଥ-ବଂ. (ଯଥା-ଅର୍ଥ) ସତ୍ୟ, ପ୍ରକୃତ ।

ଯଥା-ବିଧି-କ୍ରି. ବଂ. ବିଧିଅନୁସାରେ ।

ଯଥା-ଶକ୍ତି-କ୍ରି. ବଂ. ଶକ୍ତିଅନୁସାରେ, ଯଥାସାଧ୍ୟ । [ସ୍ୱେଚ୍ଛାଚାର ।

ଯଥେଚ୍ଛାଚାର-ବ. ( ଯଥା-ଇଚ୍ଛା-ଆଚାର )

ଯଥେଷ୍ଟ-କ୍ରି. ବଂ. (ଯଥା-ଇଷ୍ଟ) ଯଥାଭିଲଷିତ, ଇଚ୍ଛାନୁରୂପ; ପ୍ରଚୁର । [ଯଥୋପଯୁକ୍ତ ।

ଯଥୋଚିତ-ବଂ.(ଯଥା-ଉଚିତ) ଯଥାଯୋଗ୍ୟ;

ଯଦା-ଅଂ. (ଯଦ୍-ଦା) ଯେତେବେଳେ ।

ଯଦି-ଅଂ. ସମ୍ଭାବନା ବା ସଂଶୟ-ସୂଚକ ଅବ୍ୟୟ ।

ଯଦ୍ୱା-ଅଂ. ଯଦିଚ, ଯଦ୍ୟପି ।

ଯଦୁ-ବ. ପୁରାଣୋକ୍ତ ନୃପବିଶେଷ ।

ଯଦୁ-ନାଥ-ବ. ଯଦୁବଂଶର ନାଥ, ଶ୍ରୀକୃଷ୍ଣ ।

ଯଦୃଚ୍ଛା-ବ. (ଯଦ୍-ଋଚ୍ଛ୍-ଅ) ସ୍ୱେଚ୍ଛା ।

ଯଦ୍ୟପି-ଅଂ. (ଯଦ-ଅପି) ଯଦିଚ ।

ଯନ୍ତା-ବ. (ଯମ୍-ତୃ)ସାରଥି; ବଂ. ଦମନକାରକ ।

ଯନ୍ତ୍ର-ବ. ( ଯନ୍ତ୍ର-ଅ ) କଳ, କାର୍ଯ୍ୟ-ସାଧନାର୍ଥ କୌଶଳରେ ନିର୍ମିତ ଉପାୟ ।

ଯନ୍ତ୍ରଣା-ବ. (ଯନ୍ତ୍ର-ଅନ-ଆ) ଯାତନା, କ୍ଲେଶ ।

ଯନ୍ତ୍ରିତ-ବଂ. (ଯନ୍ତ୍ର-ତ) ଶାସିତ, ଦମିତ ।

ଯନ୍ତ୍ରୀ-ବ. (ଯନ୍ତ୍ର-ଇନ୍) ଶିଳ୍ପକାରଃ ଷଡ଼ଯନ୍ତ୍ରକାରୀ ।

ଯମ-ବ. ( ଯମ୍-ଅ ) ମୃତ୍ୟୁଦେବତା, କୃତାନ୍ତ, ଶମନ; ଚିତ୍ତବୃତ୍ତିର ନିରୋଧ ।

ଯମକ-ବ. (ଯମ-କ) ଶବ୍ଦାଲଙ୍କାର ବିଶେଷ ।

ଯମଜ-ବି. (ଯମ-ଜ) ଯୁଗ୍ମଜାତ, ଯାଁଅଳା, ଏକ ଗର୍ଭରୁ ଏକ ସମୟରେ ଉତ୍ପନ୍ନ ସନ୍ତାନଦ୍ୱୟ ।

ଯମ-ଦ୍ରୁମ-ବ. ଶାଲ୍ମଳୀବୃକ୍ଷ, ଶିମିଳୀଗଛ ।

ଯମଦ୍ୱିତୀୟା-ବ. କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା; ଭ୍ରାତୃ ଦ୍ୱିତୀୟା ।

ଯମନ-ବ. (ଯମ୍-ଅନ) ସଂଯମନ; ବନ୍ଧନ ।

ଯମରାଟ୍-ବ. ( ଯମ-ରାଜ୍-ଃ-କ୍ୱିପ୍ ) ଶମନ, [କୃତାନ୍ତ ।

ଯମଳ-ବ. ଯୁଗ୍ମ, ଯାଁଅଳା ।

ଯମାନୀ-ବ. ଯୁଆଣି ।

ଯମୀ-ବି. (ଯମ୍-ଇନ୍) ଜିତେନ୍ଦ୍ରିୟ ।

ଯମୁନା-ବ. ( ଯମ୍-ଉନ୍-ଅ ) କାଳିନ୍ଦୀନଦୀ; ଯମଭଗିନୀ ।

ଯଯାତି-ବ. ପୁରାଣୋକ୍ତ ନୃପବିଶେଷ ।

ଯବ-ବ. ( ଯୁ-ଅ ) ଶସ୍ୟବିଶେଷ; ଷଡ଼ଧାନ ପରିମାଣ; ଅଙ୍ଗୁଳିସ୍ଥ ଯବରେଖା ।

ଯବକ୍ଷାର-(ଯବ-କ୍ଷାର) ଯବଖାର ।

ଯବନ-ବ. (ଯୁ-ଅନ୍) ଅରବ, ତୁରସ୍କ ଓ ଗ୍ରୀସ୍ ଦେଶର ଲୋକ; ମୁସଲମାନ । [ପର୍ଦ୍ଦା ।

ଯବନିକା-ବ. ( ଯବନ-କ-ଅ ) ତିରସ୍କରଣୀ;

ଯବାଗୂ-ବ. ( ଯୁ-ଆଗୂ ) ଯବମଣ୍ଡ; ଯାଉ ।

ଯବିଷ୍ଠ } ବି. (ଯୁବନ୍-ଇଷ୍ଠ, ଇୟସ୍) ଅତି-
ଯବୀୟାନ୍ } ଯୁବା; କନିଷ୍ଠ ।

ଯଶଃ-ବ. ସୁଖ୍ୟାତି, କୀର୍ତ୍ତି ।

ଯଶଦ-ବ. ଦସ୍ତାଧାତୁ ।

ଯଶସ୍କର-ବି. (ଯଶଃ-କୃ-ଅ) ଖ୍ୟାତିଜନକ ।

ଯଶସ୍ୱାନ୍-ବି. (ଯଶସ୍-ବତୁ) କୀର୍ତ୍ତିମାନ୍ ।

ଯଶସ୍ୱୀ-ବି. (ଯଶସ୍-ବିନ୍) କୀର୍ତ୍ତିମାନ୍, ବିଖ୍ୟାତ ।

ଯଶୋଧନ-ବି. (ଯଶଃ-ଧନ) ଯଶସ୍ୱୀ ।

ଯଷ୍ଟା-ବ. (ଯଜ୍-ତୃ) ଯାଗକର୍ତ୍ତା, ପୁରୋହିତ ।

ଯଷ୍ଟି-ବ. ବାଡ଼ି, ଧ୍ୱଜାଦି ଦଣ୍ଡ ।

ଯଷ୍ଟି-ମଧୁ-ବ. ମିଷ୍ଟ ମୂଳବିଶେଷ ।

ଯା-ବ. (ଯାତୃଶବ୍ଦଜ) ପତିର ଭ୍ରାତୃଜାୟା ।

ଯାଁଅଳା-ବି. ( ଯାମଳଶବ୍ଦଜ ) ଯମଜ, ଯୁଗ୍ମଜାତ । [ସିଦ୍ଧ ଯବ ଓ ତଣ୍ଡୁଳ ।

ଯାଉ-ବ. ( ଯବାଗୂଶବ୍ଦଜ ) ଦୁଗ୍ଧ ଓ ଜଳରେ

ଯାଉଁଳି-ବ. (ଯାମଳଶବ୍ଦଜ) ଯୁଗ୍ମ ।

ଯାକ-ବ. ସମୁଦାୟ, ବି. ଇତ୍ର ।

ଯାକିବା-କ୍ରି. ଚିପି ଧରିବା ।

ଯାଗ-ବ. (ଯଜ୍-ଅ) ଯଜ୍ଞ, ହୋମ । [ପ୍ରାର୍ଥୀ ।

ଯାଚକ-ବ. (ଯାଚ୍-ଅକ) ଭିକ୍ଷୁ, ଯାଚଞ୍ଜାକାରୀ,

ଯାଚନା } ବ. (ଯାଚ୍-ଅନ୍-ଆ, ନ-ଆ) ଭିକ୍ଷା,
ଯାଚ୍ଞା } ପ୍ରାର୍ଥନା ।

ଯାଚନୀୟ-ବି. (ଯଚ୍-ଅନୀୟ) ପ୍ରାର୍ଥନୀୟ ।

ଯାଚିତ-ବି. (ଯାଚ୍-ତ) ପ୍ରାର୍ଥିତ ।

ଯାଜକ-ବ. (ଯଜ୍-ଅକ) ପୁରୋହିତ ।

ଯାଜନ-ବ. ( ଯାଜି-ଅନ ) ଯାଗ କରାଇବା ।

ଯାଜୀ-ବ. (ଯଜ୍-ଇନ୍) ଯାଜକ ।

ଯାଜ୍ଞବଲ୍କ୍ୟ-ବ. ( ଯଜ୍ଞ-ବଲ୍କ-ଯ ) ଧର୍ମଶାସ୍ତ୍ରପ୍ରଣେତା ମୁନିବିଶେଷ ।

ଯାଜ୍ଞସେନୀ-ବି. (ଯଜ୍ଞସେନ-ଅ-ଈ) ଦ୍ରୌପଦୀ ।
ଯାଜ୍ଞିକ-ବି. (ଯଜ୍ଞ-ଇକ) ଯଜ୍ଞକର୍ତ୍ତା; ପୁରୋହିତ ।
ଯାତ-ବିଂ. (ଯା-ତ) ଗତ ।
ଯାତ-ବି. (ଯାତ୍ରାଶବ୍ଦଜ) ଯାତ୍ରା, ପଥ ।
ଯାତନା-ବି. (ଯତ୍-ଣିଚ୍-ଅନ-ଆ) ତୀବ୍ରବେଦନା, ଯନ୍ତ୍ରଣା ।
ଯାତା-ବି. (ଯାତୃଶବ୍ଦଜ) ଯା, ପତିର ଭ୍ରାତୃଜାୟା ।
ଯାତାୟାତ-ବି. (ଯାତ-ଆୟାତ) ଗମନାଗମନ ।
ଯାତୁଧାନ-ବି. (ଯା-ତୁ-ଧା-ଅନ) ରାକ୍ଷସ, ନିଶାଚର ।
ଯାତ୍ରା-ବି. (ଯା-ତ୍ର-ଆ) ପ୍ରସ୍ଥାନ, ଗମନ; ପଥ ।
ଯାତ୍ରୀ-ବିଂ. (ଯାତ୍ରା-ଇନ୍) ଯାତ୍ରାକାରୀ ।
ଯାଥାତଥ୍ୟ-ବି. (ଯଥା-ତଥା-ଯ) ଯଥାର୍ଥତା, ସତ୍ୟତା । [ସତ୍ୟତା ।
ଯାଥାର୍ଥ୍ୟ-ବି. (ଯଥାର୍ଥ-ଯ) ଯଥାର୍ଥତା,
ଯାଦଃ-ବି. (ଯା-ଅସ୍-ଦ, ଅଗମ) ଜଳଚର ଜନ୍ତୁ ।
ଯାଦଃପତି-ବି. (ଯାଦସ୍-ପତି) ସମୁଦ୍ର; ବରୁଣ ।
ଯାଦବ-ବି. (ଯଦୁ-ଅ) ଶ୍ରୀକୃଷ୍ଣ, ଯଦୁନନ୍ଦନ; ବିଂ. ଯଦୁବଂଶୀୟ ।
ଯାଦୁ-ବି. ବଶୀକରଣବିଦ୍ୟା; ଭେଳକିବାଜି ।
ଯାଦୃଚ୍ଛିକ-ବିଂ. (ଯଦୃଚ୍ଛା-ଇକ) ସ୍ୱେଚ୍ଛାକୃତ ।
ଯାଦୃଶ-ବିଂ. (ଯଦ୍-ଦୃଶ୍-ଅ) ଯେପରି, ଯେରୂପ ।
ଯାନ-ବି. (ଯା-ଅନ) ବାହନ; ଶକଟ, ନୌକାଦି ।
ଯାପନ-ବି. (ଯା-ଣିଚ୍-ଅନ) କାଳକ୍ଷେପଣ ।
ଯାପିତ-ବିଂ. (ଯା-ଣିଚ୍-ତ) ଅତିବାହିତ ।
ଯାପ୍ୟ-ବିଂ. (ଯା-ଣିଚ୍-ଯ) ଯାପନୀୟ ।
ଯାମ-ବି. (ଯା-ମ, କିମ୍ବା ଯମ୍-ଅ) ପ୍ରହର ।
ଯାମ-ଘୋଷ-ବି. କୁକ୍କୁଟ; ଶୃଗାଳ ।
ଯାମଳ-ବି. (ଯମଳ-ଅ) ଯୁଗ୍ମ, ଯାଁଅଳା ।
ଯାମାତା-ବି. (ଜାୟା-ମା-ତୃ) ଦୁହିତୃପତି, ଜାମାତା, ଜୁଆଇଁ ।
ଯାମି-ବି. ଭଗିନୀ; ଦୁହିତା; କୁଳବଧୂ ।
ଯାମିନୀ-ବି. (ଯାମ-ଇନ୍-ଈ) ରାତ୍ରି ।
ଯାମୀ-ବି. (ଯାମ-ଅ-ଈ) ଦକ୍ଷିଣଦିଗ୍ ।
ଯାମ୍ୟ-ବିଂ. (ଯାମୀ-ଯ) ଦକ୍ଷିଣଦିଗ୍-ସମ୍ବନ୍ଧୀୟ ।
ଯାଯାବର-ବିଂ. (ଯା-ଯଙ୍-ବର) ସଦାଭ୍ରମଣ-
ଯାବ-ବି. ଏକତ୍ର ରୁଦ୍ଧଭାବ । [କାରୀ ।
ଯାବକ-ବି. (ଯୁ-ଅ-କ) ଅଳକ୍ତକ, ଅଳତା ।
ଯାବଜ୍ଜୀବନ-ବି. (ଯାବତ୍-ଜୀବନ) ଜୀବିତକାଳ ପର୍ଯ୍ୟନ୍ତ । [ଯେପର୍ଯ୍ୟନ୍ତ ।
ଯାବତ୍-ଅ. (ଯଦ୍-ବତୁ) ଯେତେ ପରିମାଣ;
ଯାବତୀୟ-ବିଂ. (ଯାବତ୍-ଈୟ) ସମୁଦାୟ; ଯେତେ ଅଛି ।
ଯିଯକ୍ଷୁ-ବିଂ. (ଯଜ୍-ସନ୍-ଉ) ଯଜ୍ଞକରଣେଚ୍ଛୁ ।
ଯିଯାସୁ-ବିଂ. (ଯା-ସନ୍-ଉ) ଗମନେଚ୍ଛୁ ।
ଯୁଆନ-ବିଂ. (ଯୁବନ୍ଶବ୍ଦଜ) ଯୁବା ।
ଯୁଆଳି-ବି. (ଯୁଗଶବ୍ଦଜ) ଯୁଗ, ଶକଟ ବା ଲଙ୍ଗଳ ପ୍ରଭୃତିର ଅଙ୍ଗ ।
ଯୁକ୍ତ-ବିଂ. (ଯୁଜ୍-ତ) ନ୍ୟାଯ୍ୟ, ଉପଯୁକ୍ତ; ମିଳିତ, ସଂଲଗ୍ନ । [କାରଣ ।
ଯୁକ୍ତି-ବି. (ଯୁଜ୍-ତି) ନ୍ୟାୟ; ବିଚାର; ମନ୍ତ୍ରଣା;

ଯୁଗ-ବି. ( ଯୁ-ଗ ) ଯୁଗ୍ମ, ଯୋଡ଼ା ; ଯୁଆଳି ; ସତ୍ୟ, ତ୍ରେତା, ଦ୍ୱାପର, କଳି ଏହି ଚତୁର୍ଯୁଗକାଳ ।

ଯୁଗପତ୍-ଅ°. ( ଯୁଗ-ପଦ୍ ) ଏକଦା, ଏକ ସମୟରେ ।

ଯୁଗଳ-ବି. (ଯୁଗ-ଲ) ଯୁଗ୍ମ, ଯୋଡ଼ା ।

ଯୁଗାନ୍ତ-ବି. (ଯୁଗ-ଅନ୍ତ) ପ୍ରଳୟକାଳ, ୪ଯୁଗର ଅବସାନ ।

ଯୁଗ୍ମ-ବି. (ଯୁଜ୍-ମ) ଯୁଗଳ, ଯୋଡ଼ା ।

ଯୁଗ୍ୟ-ବି°. (ଯୁଗ-ଯ) ଯୁଗବାହୀ ( ପଶୁ ) ।

ଯୁତ-ବି°. ( ଯୁ-ତ ) ଯୁକ୍ତ, ମିଳିତ ।

ଯୁତି-ବି. (ଯୁ-ତି) ଯୋଗ, ମିଳନ ।

ଯୁଦ୍ଧ-ବି. (ଯୁଧ୍-ତ) ସଂଗ୍ରାମ, ରଣ ।

ଯୁଧିଷ୍ଠିର-ବି. ( ଯୁଧି-ସ୍ଥିର ) ପଞ୍ଚପାଣ୍ଡବଙ୍କର ଜ୍ୟେଷ୍ଠ, ଧର୍ମପୁତ୍ର ।

ଯୁଧ୍ୟମାନ-ବି°. (ଯୁଧ୍-ଅନ) ଯୁଝୁଥିବା ।

ଯୁଯୁଧାନ-ବି. ଯୋଦ୍ଧା ।

ଯୁର-ବି°. ନଷ୍ଟ; ଲୁଣ୍ଠିତ । [ଯୌବନ ।

ଯୁବକ-ବି. (ଯୁବନ୍-କ) ଯୁବା, ତରୁଣ, ପ୍ରାପ୍ତ-

ଯୁବଜାନି-ବି. (ଯୁବତୀ-ଜାୟା ) ଯୁବତୀ ଯାହାର ଜାୟା, ଯୁବତୀ ପତି ।

ଯୁବତି } ବି. ( ଯୁବନ୍-ତି, ଈ ) ପ୍ରାପ୍ତଯୌବନା
ଯୁବତୀ } ତରୁଣୀ ।

ଯୁବରାଜ-ବି. ( ଯୁବନ୍-ରାଜା ) ରାଜ୍ୟର ଉତ୍ତରାଧିକାରୀ ରାଜପୁତ୍ର ।

ଯୁବା-ବି°. ( ଯୁ-ଅନ୍ ) ତରୁଣ, ୧୬ ଠାରୁ ୩୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ।

ଯୁଷ୍ମଦ୍-ସ°. (ଯୁଷ୍-ମଦ୍) ତୁମ୍ଭେ, ମଧ୍ୟମ ପୁରୁଷ ।

ଯୁଷ୍ମଦୀୟ-ବି°. (ଯୁଷ୍ମଦ୍-ଈୟ) ତୁମ୍ଭମାନଙ୍କ-ସମ୍ବନ୍ଧୀୟ ।

ଯୂଈ-ବି. (ଯୂଥୀଶବ୍ଦଜ) ଫୁଲବିଶେଷ ।

ଯୂକା-ବି. କେଶକୀଟ ।

ଯୂଥ-ବି. (ଯୁ-ଥ) ବନ୍ୟ ପଶୁର ଦଳ ।

ଯୂଥ-ପତି-ବି. ବନ୍ୟ-ଗଜମାନଙ୍କର ପ୍ରଧାନ ।

ଯୂଥିକା }
ଯୂଥୀ } ବି. ଯୂଈଫୁଲ ।

ଯୂନୀ-ବି. (ଯୁବନ୍-ଈ) ତରୁଣୀ, ଯୁବତୀ ।

ଯୂପ-ବି. ( ଯୁ-ପ ) ଯଜ୍ଞୀୟ-ପଶୁବନ୍ଧନାର୍ଥ କାଷ୍ଠ-

ଯୂଷ-ବି. ଝୋଲ, ଯଣ, ରସ । [ସ୍ତମ୍ଭ ।

ଯେ } ସ°. (ଯଦ୍ଶବ୍ଦଜ) ବିଶିଷ୍ଟରୂପେବୋଧ୍ୟ
ଯେଉଁ } ବ୍ୟକ୍ତି ବା ବସ୍ତୁ ।

ଯେଉଠି-ବି. ଫଳବିଶେଷ ।

ଯେଉଁଠାରେ-କ୍ରି. ବି°. ଯେ ସ୍ଥାନରେ ।

ଯେଡ଼େ-କ୍ରି. ବି°. ( ଯଦ୍ଶବ୍ଦଜ ) ଯେଉଁ ପରି-

ଯେଣିକି-ଅ°. ଯେଉଁ ଆଡ଼କୁ । [ମାଣରେ ।

ଯେତେ-ବି°. ଯତପରିମାଣ, ଯତସଂଖ୍ୟକ ।

ଯେତେବେଳେ-କ୍ରି. ବି°. ଯେଉଁ ସମୟରେ ।

ଯେମନ୍ତ-କ୍ରି. ବି°. ( ଯଦ୍ଶବ୍ଦଜ ) ଯେପରି, ଯେ

ଯେବଣି-ଅ°. ଯେଉଁ ଯେଉଁ । [ପ୍ରକାର ।

ଯେବେ-ଅ°. ଯଦି । କ୍ରି. ବି°. ଯେତେବେଳେ ।

ଯେସନ-ଅ°. ଯେପରି ।

ଯେହୁ-ସ°. ଯେଉଁ ।

ଯେମନ୍ତେ-ଅ°. ଯେମନ୍ତେ ।

ଯୋକା-ବି. ଜଳୌକା ।

ଯୋକ୍ତା-ବି°. (ଯୁଜ୍-ତୃ) ଯୋଗକର୍ତ୍ତା ।

ଯୋକ୍ତ୍ର-ବି. (ଯୁଜ୍-ତ୍ର) ହଳବନ୍ଧନ ରଜ୍ଜୁ, ଯୋତ ।

ଯୋଖିବା-କ୍ରି. ଯୋଡିଦେବା । [ଦେଉଳ ।

ଯୋଗ-ବି. (ଯୁଜ୍-ଅ) ମିଳନ, ଧ୍ୟାନ; ଶୁଭ କାଳ; ଜୀବାତ୍ମା ଓ ପରମଅତ୍ମାର ସଂଯୋଗ; ଉପାୟ ।

ଯୋଗ-ଆକର୍ଷଣ-ବି. ଯେଉଁ ଆକର୍ଷଣ ହେତୁରୁ ପରମାଣୁ ସବୁ ଏକତ୍ରିତ ହୁଏ ।

ଯୋଗ-କ୍ଷେମ ବି. ଅଲବ୍ଧ ବସ୍ତୁର ଲାଭ ଓ ଲବ୍ଧ ବସ୍ତୁର ରକ୍ଷା । [ ନିଦ୍ରା ।

ଯୋଗ-ନିଦ୍ରା-ବି. ଚିତ୍ତର ବିଷୟ-ନିବୃତ୍ତିରୂପ

ଯୋଗମାୟା-ବି. ଦୁର୍ଗା; ସଂସାର ମାୟା ।

ଯୋଗ-ରୂଢ଼ ବି°. ବିଶିଷ୍ଟ ଅର୍ଥରେ ପ୍ରଯୁକ୍ତ ।

ଯୋଗ-ବାହ-ବି. ଅନୁସ୍ୱାର ଓ ବିସର୍ଗ ।

ଯୋଗାଡ଼-ବି. ( ଯୋଗଟନ୍ଦଜ ) କର୍ମନିର୍ବାହର ଉପାୟ ।

ଯୋଗାସନ-ବି. ( ଯୋଗ-ଅସନ ) ଧ୍ୟାନର ଅସନ । [ସଂଖ୍ୟକ ଦେବୀବିଶେଷ ।

ଯୋଗିନୀ-ବି. ଯୋଗକାରିଣୀ ନାରୀ; ୬୪

ଯୋଗୀ-ବି. (ଯୁଜ୍-ଇନ୍) ତପସ୍ୱୀ, ସନ୍ନ୍ୟାସୀ ।

ଯୋଗ୍ୟ-ବି°. ( ଯୁଜ୍-ଯ ) ସମର୍ଥ; ଉପଯୁକ୍ତ; ନିପୁଣ ।

ଯୋଗ୍ୟ-ତା-ବି. ଉପଯୁକ୍ତତା; କ୍ଷମତା ।

ଯୋଜକ-ବି. (ଯୁଜ୍-ଣିଚ୍-ଅକ) ମିଳନକାରକ; ଦୁଇ ବୃହତ୍ ଭୂଖଣ୍ଡର ମିଳନକାରକ ।

ଯୋଜନ-ବି.(ଯୁଜ୍-ଅନ) ଚାରିକୋଶ ପରିମାଣ ।

ଯୋଜନା-ବି. ( ଯୁଜ୍-ଅନ-ଆ ) ଏକତ୍ରକରଣ; ସଂଘଟନ ।

ଯୋଜିତ-ବି°. (ଯୁଜ୍-ଣିଚ୍-ତ) ମିଳିତ ; ବଦ୍ଧିତ ।

ଯୋଡ଼-ବି. ଯୁଗ୍ମ, ମିଳନ ।

ଯୋଡ଼ା-ବି. ଯୁଗ୍ମ, ଦୁଇ ।

ଯୋଡ଼ିବା-କ୍ରି. ଏକତ୍ର କରିବା ।

ଯୋତ-ବି. ( ଯୋକ୍ତ୍ରଶବ୍ଦଜ ) ଯୁଗାଦି ବନ୍ଧନ ରଜ୍ଜୁ, ଯୋତ ଦଉଡ଼ି ।

ଯୋତା-ବି. ଚର୍ମପାଦୁକା ।

ଯୋଦ୍ଧା-ବି°. (ଯୁଧ୍-ତୃ) ଯୁଦ୍ଧକାରକ; ବୀର ।

ଯୋଧ-ବି. (ଯୁଧ୍-ଅ) ଯୋଦ୍ଧା ।

ଯୋନି-ବି. ( ଯୁ-ନି ) ଉତ୍ପତ୍ତିସ୍ଥାନ ; କାରଣ । ସ୍ତ୍ରୀ ଚିହ୍ନ ।

ଯୋଷା
ଯୋଷିତ୍ } ବି. (ଯୁଷ୍-ଆ,ଇତ୍) ନାରୀ ।

ଯୌକ୍ତିକ-ବି°. (ଯୁକ୍ତି-ଇକ)ଯୁକ୍ତିସିଦ୍ଧ, ଯୁକ୍ତିପକ୍ତ ।

ଯୌଗିକ-ବି°. ( ଯୋଗ-ଇକ ) ଯୋଗଜାତ; ବ୍ୟାକରଣରେ ପ୍ରକୃତି ଓ ପ୍ରତ୍ୟୟ ଦ୍ୱାରା ଅର୍ଥ-ବାଚକ । [ ଧନ ।

ଯୌତୁକ-(ଯୁ-ତୁ-କ) ବିବାହକାଳରେ ଲବ୍ଧ

ଯୌନ-ବି. ( ଯୋନି-ଅ ) ଯୋନିସମ୍ବନ୍ଧୀୟ ; ବିବାହସମ୍ବନ୍ଧୀୟ । [ ବସ୍ଥା ।

ଯୌବନ-ବି. ( ଯୁବନ୍-ଅ ) ତାରୁଣ୍ୟ, ତରୁଣା-

ଯୌବରାଜ୍ୟ-ବି. ( ଯୁବରାଜ-ଯ ) ଯୁବରାଜର ପଦ ।

# ର

ବ୍ୟଞ୍ଜନବର୍ଣ୍ଣର ସପ୍ତବିଂଶ ବର୍ଣ୍ଣ ।

ରଂହଃ-ବି. (ରମ୍‌-ଅସ) ବେଗ, ଶୀଘ୍ରତା ।
ରକମ-ବି. (ଅରବୀ) ପ୍ରକାର ।
ରକା-ବି. ବାଲରୋଗବିଶେଷ ।
ରକ୍ତ-ବି. (ରଞ୍ଜ୍‌-ତ) ଶୋଣିତ, ରୁଧିର; ବିଂ. ରଞ୍ଜିତ; ଲୋହିତ; ମଧୁର ।
ରକ୍ତ-କଣ୍ଠ-ବି. ମଧୁରସ୍ୱରଯୁକ୍ତ ।
ରକ୍ତ-ଚନ୍ଦନ-ବି. ରକ୍ତବର୍ଣ୍ଣ ଚନ୍ଦନବୃକ୍ଷ ଓ କାଷ୍ଠ ।
ରକ୍ତପିତ୍ତ-ବି. ରକ୍ତବମନ-ବିଶିଷ୍ଟ ରୋଗ ।
ରକ୍ତ-ବୀଜ-ବି. ରାକ୍ଷସବିଶେଷ ।
ରକ୍ତାକ୍ତ-ବିଂ. (ରକ୍ତ-ଅକ୍ତ) ଶୋଣିତ-ଲିପ୍ତ ।
ରକ୍ତିମା-ବି. (ରକ୍ତ-ଇମନ୍‌) ଶୋଣିତବର୍ଣ୍ଣ, ଲାଲ ରଙ୍ଗ । [କର୍ତ୍ତା ।
ରକ୍ଷକ-ବିଂ. (ରକ୍ଷ୍‌-ଅକ) ରକ୍ଷାକର୍ତ୍ତା, ପାଳନ-
ରକ୍ଷଣ-ବି. (ରକ୍ଷ୍‌-ଅନ) ପାଳନ, ପରିତ୍ରାଣ ।
ରକ୍ଷଣୀୟ-ବିଂ. (ରକ୍ଷ୍‌-ଅନୀୟ) ରକ୍ଷା କରିବାର
ରକ୍ଷଃ-ବି. (ରକ୍ଷ-ଅସ୍‌) ରାକ୍ଷସ । [ଯୋଗ୍ୟ ।
ରକ୍ଷା-ବି. (ରକ୍ଷ୍‌-ଅ-ଆ) ପାଳନ ।
ରକ୍ଷିତ-ବିଂ. ପାଳିତ ।
ରକ୍ଷୀ-ବିଂ. (ରକ୍ଷ୍‌-ଇନ୍‌) ରକ୍ଷାକାରୀ ।
ରଖିବା-କ୍ରି. (ରକ୍ଷ୍‌ଧାତୁରୁ) ଥୋଇବା; ରକ୍ଷା କରିବା ।
ରଗ-ବି. କପାଳ ପାର୍ଶ୍ୱଦ୍ୱୟର ଶିର ।
ରଗଡ଼ିବା-କ୍ରି. ଶିଳ ବା ଚକଦ୍ୱାରା ଦଳିବା ।

ରଘୁ-ବି. (ରଙ୍ଘ୍‌-ଉ) ସୂର୍ଯ୍ୟବଂଶୀୟ ଦିଲୀପ ରାଜାଙ୍କର ପୁତ୍ର ।
ରଘୁ-ନାଥ, ରଘୁପତି } ବି. ଦଶରଥ ପୁତ୍ର ରାମଚନ୍ଦ୍ର ।
ରଙ୍କ-ବିଂ. (ରଙ୍କ୍‌-ଅ) କୃପଣ; ଦରିଦ୍ର; ଲୋଭୀ ।
ରଙ୍କୁ-ବି. (ରମ୍‌-ଉ) ମୃଗବିଶେଷ । [ଦ୍ରାଣୀ ।
ରଙ୍କୁଣୀ-ବି. (ରଙ୍କ୍‌-ଉଣୀ) କୃପଣା ସ୍ତ୍ରୀ; ଦରି-
ରଙ୍ଗ-ବି. ( ରଞ୍ଜ୍‌-ଅ ) ଧାତୁବିଶେଷ; ବର୍ଣ୍ଣ; ନାଟ୍ୟଶାଳା; ଅଭିନୟ; ବିଳାସ ।
ରଙ୍ଗଣୀ-ବି. ପୁଷ୍ପବିଶେଷ; ଭଲୁକାୟ ଜାତି-
ରଙ୍ଗ-ଭୂମି-ବି. ନାଟ୍ୟଶାଳା । [ବିଶେଷ ।
ରଙ୍ଗା-ବିଂ. ଲାଲ; ରଞ୍ଜିତ ।
ରଙ୍ଗାଜୀବ-ବି. ( ରଙ୍ଗ-ଆଜୀବ ) ଚିତ୍ରକାର; ନାଟ୍ୟକାରକ ।
ରଙ୍ଗିଣୀ-ବିଂ. (ରଙ୍ଗ-ଇନ୍‌-ଈ) ବିଳାସିନୀ ।
ରଙ୍ଗିଲା-ବିଂ. ନାନାବିଧ ଅଭିନୟକାରୀ ।
ରଚକ-ବିଂ (ରଚ୍‌-ଅକ) ରଚନାକାରକ, ରଚୟିତା । [ବାକ୍ୟବିନ୍ୟାସ; ଗୁନ୍ଥିବା ।
ରଚନା-ବି. (ରଚ୍‌-ଅନ-ଆ) ନିର୍ମାଣ; ବିନ୍ୟାସ,
ରଚୟିତା-ବିଂ. ( ରଚ୍‌-ଣିଚ୍‌-ତୃ ) ରଚନାକର୍ତ୍ତା; ନିର୍ମାତା ।
ରଚୟିତ୍ରୀ-ବି. (ରଚୟିତୃ-ଈ) ରଚନାକର୍ତ୍ତ୍ରୀ ।
ରଚିତ-ବିଂ. ( ରଚ୍‌-ଣିଚ୍‌-ତ ) କୃତ; ନିର୍ମିତ; ଗଠିତ ।
ରଜ, ରଜଃ } ବି. (ରଞ୍ଜ୍‌-ଅ, ଅସ୍‌) ଧୂଳି; ପୁଷ୍ପରେଣୁ; ସ୍ତ୍ରୀମାନଙ୍କର ଋତୁ; ଅହଙ୍କାରାଦି-ଜନକ ଗୁଣବିଶେଷ ।

ରଜକ-ବ. ( ରଞ୍ଜ୍-ଅକ ) ଧୋବା ।

ରଜକୀ-ବ. (ରଜକ-ଈ) ଧୋବଣୀ । [ ବର୍ଣ ।

ରଜତ-କ୍ଲୀ. (ରଞ୍ଜ୍-ଅତ) ରୌପ୍ୟ; ବି. ଶୁଭ୍ର-

ରଜନ } ବ. (ରଞ୍ଜ୍-ଅନ, ଅନୀ) ନିଶା, ରାତ୍ରି;
ରଜନୀ } ହରିଦ୍ରା ।

ରଜନୀ-ଗନ୍ଧା-ବ. ଶ୍ୱେତବର୍ଣ ପୁଷ୍ପବିଶେଷ ।

ରଜନୀ-ମୁଖ-ବ. ପ୍ରଦୋଷ, ସନ୍ଧ୍ୟାକାଳ ।

ରଜସ୍ୱଲା-ବି. ( ରଜସ୍-ବଲ୍-ଅ ) ଋତୁମତୀ ।

ରଜ୍ଜୁ-ବ. ବନ୍ଧନୀ; ଦଉଡି । [ କାରକ ।

ରଞ୍ଜକ-ବି. (ରଞ୍ଜ୍-ଅକ) ରଙ୍ଗକାରକ; ପ୍ରୀତି-

ରଞ୍ଜନ-ବ. (ରଞ୍ଜ୍-ଅନ) ରଙ୍ଗ କରିବା ; ସନ୍ତୁଷ୍ଟ କରଣ; ବି. ପ୍ରୀତିଜନକ । ସନ୍ତୋଷିତ ।

ରଞ୍ଜିତ-ବି. ( ରଞ୍ଜ୍-ତ ) ରଙ୍ଗା, ରଙ୍ଗଦିଆ ;

ରଟନ } ବ.(ରଟ୍-ଅନ-ଆ) ଘୋଷଣା, ପ୍ରଚାର,
ରଟନା } କଥନ ।

ରଟିତ-ବି. ଘୋଷିତ ।

ରଟିବା-କ୍ରି. (ରଟ୍ଧାତୁଜ) ପକ୍ଷ୍ୟାଦିଶବ୍ଦ କରିବା ।

ରଡ଼-ବି. ଜ୍ୱଳନ୍ତ, ବି. ଅତ୍ୟନ୍ତ ।

ରଡ଼ି-ବ. (ରଟ୍ଧାତୁଜ) ଡାକ । [ କରିବା ।

ରଡ଼ିବା-କ୍ରି. କ୍ରନ୍ଦନ କରିବା, ଉଚ୍ଚସ୍ୱରରେ ଶବ୍ଦ

ରଣ-ବ. ( ରଣ୍-ଅ ) ଯୁଦ୍ଧ, ସମର ।

ରଣପା-ବ. ଗୋଡ଼ରେ ବାନ୍ଧି ଚାଲିବାର କାଷ୍ଠ-ବିଶେଷ ।

ରଣ-ଭଙ୍ଗ-ବ. ରଣରେ ପରାଭବ ଓ ପଳାୟନ ।

ରଣାଙ୍ଗନ-ବ. (ରଣ-ଅଙ୍ଗନ) ଯୁଦ୍ଧଭୂମି ।

ରଣିତ-ବି. ଶବ୍ଦିତ ।

ରଣ୍ଡା-ବ. ବିଧବା; ବେଶ୍ୟା ।

ରତ-ବି. (ରମ୍-ତ) ଆସକ୍ତ; ବ. ରମଣ ।

ରତି-ବ. (ରମ୍-ତି) କାମପତ୍ନୀ ; ଆସକ୍ତି; କ୍ରୀଡ଼ା; ରମଣ; ପ୍ରୀତି; ୪ ଧାନ ପରିମାଣ ।

ରତ୍ନ-ବ. ( ରମ୍-ନ ) ମଣିମୁକ୍ତା ପ୍ରବାଳାଦି ବହୁ-ମୂଲ୍ୟ ଉତ୍କୃଷ୍ଟ ବସ୍ତୁ । [ ବଣି ଜାତି ।

ରତ୍ନଗର୍ଭା-ବ (ରତ୍ନ-ଗର୍ଭ-ଆ) ପୃଥିବୀ; ସୁଘ୍ରୁନ-

ରତ୍ନାକର ବ. ( ରତ୍ନ-ଆକର ) ସମୁଦ୍ର; ରତ୍ନ-ଖଣି ।

ରତ୍ନାବଳୀ-ବ. (ରତ୍ନ-ଆବଳୀ) ରତ୍ନର ହାର ।

ରଥ-ବ. (ରମ୍-ଥ) ସ୍ୟନ୍ଦନ, ଶକଟାଦିବାହନ ।

ରଥ-ଯାତ୍ରା-ବ. ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ପ୍ରସିଦ୍ଧ ଉତ୍ସବ । [ ପକ୍ଷୀ ।

ରଥାଙ୍ଗ-ବ. ( ରଥ-ଅଙ୍ଗ ) ଚକ୍ର; ଚକ୍ରବାକ

ରଥୀ-ବ. ( ରଥ-ଇନ୍ ) ରଥାରୂଢବ୍ୟକ୍ତି; ରଥସ୍ଥ

ରଥ୍ୟା-ବ. ପଥ, ବର୍ତ୍ମ । [ ଯୋଦ୍ଧା ।

ରଦ } ବ. ( ରଦ୍-ଅ-ଅନ ) ଦନ୍ତ, ଦାନ୍ତ ;
ରଦନ } ଖନନ ।

ରଦି-ବି. ଅନାବଶ୍ୟକ ବୋଲି ନିକ୍ଷିପ୍ତ ବା ନିରାକୃତ ।

ରନ୍ଧନ-ବ. ( ରଧ୍-ଅନ ) ପାକ, ରାନ୍ଧଣା ।

ରନ୍ଧ୍ର-ବ. (ରମ୍-ଧ୍ର-ଅ) ଛିଦ୍ର । [ ରନ୍ଧଣ ।

ରପ୍ତାନି-ବ. ( ଫାର୍ସୀ ) ବିଦେଶକୁ ଜନିସର

ରଫା-ବ. ( ଫାର୍ସୀ ) ଆପୋଷରେ ନିଷ୍ପତ୍ତି ।

ରଭସ-ବ. ( ରଭ୍-ଅସ ) ବେଗ; ହର୍ଷ ।

ରମ-ବିଂ. ( ରମ୍-ଣିଚ୍-ଅ ) ଆନନ୍ଦଜନକ ।

ରମଠ-ବି. ହିଙ୍ଗୁ ।

ରମଣ-ବି. (ରମ୍-ଣିଚ୍-ଅନ ) ପତି; ବିଂ. ପ୍ରିୟ ।

ରମଣୀ-ବି. ସୁନ୍ଦରୀ ସ୍ତ୍ରୀ; ପତ୍ନୀ ।

ରମଣୀୟ-ବିଂ. ( ରମ୍-ଣିଚ୍-ଅନୀୟ ) ସୁନ୍ଦର, ମନୋରମ ।

ରମା-ବି. (ରମ୍-ଣିଚ୍-ଅ-ଆ) ଲକ୍ଷ୍ମୀ ।

ରମା-ଧବ-ବି. ବିଷ୍ଣୁ ।

ରମ୍ଭା-ବି. କଦଳୀ; ଅପ୍ସରାବିଶେଷ ।

ରମ୍ୟ-ବିଂ. ( ରମ୍-ଯ) ସୁନ୍ଦର, ମନୋହର ।

ରୟ-ବି. (ରୟ୍-ଅ) ବେଗ; ସ୍ରୋତଃ ।

ରବ-ବି. ( ରୁ-ଅ ) ଶବ୍ଦ, ଧ୍ୱନି ।

ରବାବ-ବି. ଏକପ୍ରକାର ବୀଣା ।

ରବି-ବି. ସୂର୍ଯ୍ୟ; ବୃଷ୍ଟି ବିନା ସୂର୍ଯ୍ୟତାପ ଦ୍ୱାରା ବର୍ଦ୍ଧିତ ଶସ୍ୟ; ଶୀତକାଳର ଶସ୍ୟ ।

ରବିଜ-ବି. (ରବି-ଜନ୍-ଅ) ଯମ; ଶନି ।

ରବି-ବାର-ଆଦିତ୍ୟବାର, ଆଦିତ୍ୟ-ବାସର ।

ରଶନା-ବି. (ରଶ୍-ଅନ୍-ଆ) ନାରୀର କଟିଭୂଷଣ; ମେଖଳା ।

ରଶ୍ମି-ବି. କିରଣ; ରଜ୍ଜୁ; ଲଗାମ ।

ରସ-ବି. ( ରସ୍-ଅ ) ରସନେନ୍ଦ୍ରିୟ-ଗ୍ରାହ୍ୟ ବସ୍ତୁ ; ଆସ୍ୱାଦ; ଚିତ୍ତର ଆନନ୍ଦ; ଅନୁରାଗ; ଯୂଷ ; ଦ୍ରବବସ୍ତୁ ; ପାରଦ ।

ରସଜ୍ଞ-ବିଂ. ( ରସ-ଜ୍ଞା-ଅ) ସ୍ୱାଦଗ୍ରାହୀ; ରସିକ; ଭାବୁକ ।

ରସନା-ବି. (ରସ-ଅନ-ଆ) ଜିହ୍ୱା ।

ରସନେନ୍ଦ୍ରିୟ-ବି. (ରସନା-ଇନ୍ଦ୍ରିୟ) ଜିହ୍ୱା ।

ରସ-ମୟ-ବିଂ. ରସପୂର୍ଣ୍ଣ; ରସାତ୍ମକ ।

ରସା-ବି. ପୃଥିବୀ ।

ରସାଞ୍ଜନ-ବି. ଏକପ୍ରକାର କଜ୍ଜ୍ୱଳ, ସୁର୍ମା ।

ରସାଣିବା-କ୍ରି. ମାର୍ଜନା ଦ୍ୱାରା ଉଜ୍ଜ୍ୱଳ କରିବା ।

ରସା-ତଳ-ବି. ପାତାଳ ।

ରସାୟନ-ବି. (ରସ-ଅୟନ) ଜରାନାଶକ ଦୀର୍ଘ-ଜୀବନ-ପ୍ରଦ ଔଷଧ; ପଦାର୍ଥମାନଙ୍କର ସଂଯୋଗ ଦ୍ୱାରା ଉତ୍ପତ୍ତିତ ପଦାର୍ଥର ଗୁଣାନ୍ତର ବା ରସାନ୍ତର ପ୍ରାପ୍ତ । ଯେଉଁ ବିଦ୍ୟା ଦ୍ୱାରା ରସାୟନ ବିଷୟର ଜ୍ଞାନ ଲବ୍ଧ ହୁଏ, ତାହାକୁ ରସାୟନ-ବିଦ୍ୟା ବୋଲାଯାଏ ।

ରସାଳ-ବି. ଆମ୍ର, ବିଂ. ରସଯୁକ୍ତ ।

ରସିକ-ବିଂ. (ରସ-ଇକ) ରସଜ୍ଞ, ଲମ୍ପଟ; ସ୍ତ୍ରୀ-[ ରସିକା ।

ରସିକତା-ବି. ରସବୋଧ ।

ରସିତ-ବିଂ. (ରସ୍-ତ) ସ୍ୱାଦିତ; ଗର୍ଜିତ; ଶବ୍ଦିତ ।

ରସୁନ, ରସୋନ-ବି. ରସୁଣ ।

ରସେନ୍ଦ୍ର-ବି. (ରସ-ଇନ୍ଦ୍ର) ପାରଦ ।

ରହଃ-ବି. ଗୁପ୍ତଭାବ ।

ରହସ୍ୟ-ବି. (ରହସ୍-ଯ) ଗୂଢ଼ତତ୍ତ୍ୱ; ବିଂ. ଗୁପ୍ତ-[ ବିଷୟ ।

ରହିତ-ବିଂ. ( ରହ-ତ ) ବର୍ଜିତ, ବର୍ଜ୍ଜନ ।

ରହିବା-କ୍ରି. ଅବସ୍ଥାନ କରିବା ।

ରାଇବା-କ୍ରି. ଡାକିବା ।

ରାକା-ବି. ପୂର୍ଣ୍ଣିମା ତିଥି ।

ରାକ୍ଷସ-ବି. ଅସୁର, ନିଶାଚର ।

ରାକ୍ଷସ-ବିବାହ-ବି. ବଳପୂର୍ବକ ବିବାହ ।

ରକ୍ଷସୀ-ବି. ଅସ୍ୱସ୍ଥ ।
ରାକ୍ଷା-ବି. ଲାକ୍ଷା ।   [ପ୍ରକାର ସ୍ୱର ।
ରାଗ-ବି. ଅନୁରାଗ; କ୍ରୋଧ; ସଂଗୀତରେ ଛଅ-
ରାଗିଣୀ-ବି. ସଂଗୀତରେ ୩୬ ପ୍ରକାର ସ୍ୱର ।
ରାଗୀ-ବି. ( ରାଗ-ଇନ୍ ) କ୍ରୋଧୀ ।
ରାଘବ-ବି. ( ରଘୁ-ଅ) ରାମଚନ୍ଦ୍ର ।
ରାଙ୍କବ-ବିଂ. ( ରଙ୍କୁ-ଅ ) ମୃଗଲୋମ-ନିର୍ମିତ ।
ରାଜକ-ବି. (ରାଜନ୍-କ) ରାଜସମୂହ ।
ରାଜକୀୟ-ବିଂ. ( ରାଜନ୍-ଈୟ) ରାଜ-ସମ୍ବନ୍ଧୀୟ ।
ରାଜତ-ବିଂ. (ରଜତ-ଅ) ରୌପ୍ୟସମ୍ବନ୍ଧୀୟ ।
ରାଜ-ତ୍ୱ-ବି. ରାଜପଦ, ରାଜ-ପଣ ।
ରାଜ-ଦ୍ରୋହୀ-ବିଂ. ରାଜାର ବିରୁଦ୍ଧରେ ଦ୍ରୋହ-
ରାଜ-ଧର୍ମ-ବି. ପ୍ରଜାପାଳନ-କର୍ମ ।   [କାରୀ ।
ରାଜ-ଧାନୀ-ବି. ( ରାଜନ୍-ଧା-ଅନ-ଈ ) ରାଜାର ପ୍ରଧାନ ନଗରୀ ।
ରାଜ-ନୀତି-ବି. ରାଜ୍ୟ-ଶାସନ ସମ୍ବନ୍ଧୀୟ ନୀତି ।
ରାଜନ୍ୟ-ବି. ( ରାଜନ୍-ଯ ) ରାଜପୁତ୍ର; ସାମନ୍ତ-ନୃପତି ।
ରାଜ-ପଥ-ବି, ରାଜମାର୍ଗ; ପ୍ରଶସ୍ତ ମାର୍ଗ ।
ରାଜ-ପୁରୁଷ-ବି. ରାଜ-କର୍ମଚାରୀ ।
ରାଜ-ଯକ୍ଷ୍ମା-ବି. ମହାକ୍ଷୟରୋଗ ।
ରାଜର୍ଷି-ବି. ( ରାଜନ୍-ଋଷି ) ରାଜା ଅଥଚ ଋଷି ।
ରାଜସ, ରାଜସିକ-ବିଂ. ( ରଜସ୍-ଅ, ଇକ ) ରଜୋଗୁଣପ୍ରଧାନ ।   [ଯଜ୍ଞ-ବିଶେଷ ।
ରାଜସୂୟ-ବି. (ରାଜନ୍-ସୂ-ଯ) ସମ୍ରାଟଙ୍କ ସମ୍ପାଦ୍ୟ
ରାଜସ୍ୱ-ବି. ରାଜ-ପ୍ରାପ୍ୟ ଧନ ; ରାଜ-କର ।

ରାଜ-ହଂସ-ବି. ଶୁକ୍ଳବର୍ଣ୍ଣ ହଂସବିଶେଷ; କଳ-
ରାଜା-ବି. (ରାଜ୍-ଅନ) ନୃପତି ।   [ହଂସ ।
ରାଜାଧିରାଜ-ବି. ( ରାଜନ୍-ଅଧିରାଜ) ସମ୍ରାଟ୍ ।
ରାଜି ବି. ଶ୍ରେଣୀ; ସମୂହ ।
ରାଜି-ବିଂ. (ଅରବୀ) ସମ୍ମତ ।
ରାଜିତ-ବିଂ. ( ରାଜ୍-ତ ) ଶୋଭିତ ।
ରାଜିଲ-ବି. ଧଣ୍ଡସାପ ।
ରାଜୀବ-ବି. ପଦ୍ମ ।
ରାଜ୍ଞୀ-ବି. (ରାଜନ୍-ଈ) ରାଣୀ, ରାଜ-ମହିଷୀ ।
ରାଜ୍ୟ-ବି. (ରାଜନ୍-ଯ) ରାଜ-ଶାସିତ ଦେଶ ।
ରାଜ୍ୟ-ତନ୍ତ୍ର-ବି. ରାଜ୍ୟ-ଶାସନ-ପ୍ରଣାଳୀ ।
ରାଜ୍ୟାଙ୍ଗ-ବି. (ରାଜ୍ୟ-ଅଙ୍ଗ) ରାଜା, ମନ୍ତ୍ରୀ, ମିତ୍ର, ଧନ, ଦେଶ, ଦୁର୍ଗ, ସୈନ୍ୟ, ପ୍ରଜା ଏହି ୮ ଅଙ୍ଗ ।
ରାଢ଼-ବିଂ. କୃପଣ ।
ରାଢ଼ି-ବି. ଏକ ପ୍ରକାର କୈବର୍ତ୍ତ ।
ରାଣ-ବି. ଶପଥ ।
ରାଣା-ବି. (ରାଜନ୍ଶବ୍ଦଜ) ରାଜା ।
ରାଣୀ-ବି. (ରାଜ୍ଞୀଶବ୍ଦଜ) ରାଜମହିଷୀ ।
ରାଣ୍ଡୀ-ବି. (ରଣ୍ଡାଶବ୍ଦଜ) ବିଧବା ।
ରାତି-ବି. (ରାତ୍ରିଶବ୍ଦଜ) ରାତ୍ରି, ନିଶା ।
ରାତ୍ରି-ବି. ରାତି, ନିଶା ।
ରାଧା, ରାଧିକା-ବି. (ରାଧ୍-ଅ, ଇକ-ଆ) ନକ୍ଷତ୍ର-ବିଶେଷ; ଗୋପୀବିଶେଷ ।
ରାଧେୟ-ବି. ରାଧାନାମ୍ନୀ ନାରୀ ଦ୍ୱାରା ପାଳିତ କର୍ଣ୍ଣ ନାମକ ବୀର ।

ରାନ୍ଧିବା–କ୍ରି. ରନ୍ଧନ କରିବା ।

ରାମ–ବିଂ. (ରମ୍-ଣିଚ୍-ଅ) ସୁନ୍ଦର; ବି. ଦାଶରଥି ରାମଚନ୍ଦ୍ର; ପରଶୁରାମ; କୃଷ୍ଣଭ୍ରାତା ବଳରାମ ।

ରାମଣୀୟକ–ବି. (ରମଣୀୟ-କ) ଶୋଭା ।

ରାମା–ବି. ସୁନ୍ଦରୀ ନାରୀ ।

ରାମାୟଣ–ବି. ( ରାମ–ଅୟନ ) ବାଲ୍ମୀକିପ୍ରଣୀତ ରାମ-ସମ୍ବନ୍ଧୀୟ ମହାକାବ୍ୟ ।

ରାମ୍ପିବା–କ୍ରି. ବିଦାରିବା ।

ରାଳ–ବି. ଝୁଣା; ଅଳକାତରା ।

ରାବ–ବି. (ରୁ-ଅ) ରବ, ଧ୍ୱନି ।

ରାବଣ–ବି. ରାମଶତ୍ରୁ ଲଙ୍କାପତି ।

ରାବଣି–ବି. (ରାବଣ-ଇ) ରାବଣ-ପୁତ୍ର ଇନ୍ଦ୍ରଜିତ୍ ।

ରାଶ୍–ବି. (ରଶ୍ମି ଶବ୍ଦଜ) ଲଗାମ ।

ରାଶି–ବି. ନକ୍ଷତ୍ରପୁଞ୍ଜ; ସ୍ତୂପ ।

ରାଶି–ବି. ଖସା, ଛଳ ।

ରାଶି-ଚକ୍ର–ବି. ମେଷାଦି ଦ୍ୱାଦଶ ରାଶିଯୁକ୍ତ ବୃତ୍ତ ।

ରାଶୀକୃତ–ବିଂ. ସ୍ତୂପୀକୃତ ।

ରାଷ୍ଟ୍ର–ବି. (ରାଜ୍-ତ୍ର) ରାଜ୍ୟ; ଜନ-ପଦ ।

ରାଷ୍ଟ୍ର-ବିପ୍ଳବ–ବି. ରାଜ-ବିଦ୍ରୋହ; ରାଜ୍ୟଶାସନର ପରିବର୍ତ୍ତନ । [ବିଶେଷ ।

ରାସ–ବି. (ରସ୍-ଅ) କାର୍ତ୍ତିକ ପୂର୍ଣ୍ଣିମାରେ ପର୍ବ-

ରାସଭ–ବି. ଗର୍ଦ୍ଦଭ, ଗଧ ।

ରାସାୟନିକ–ବିଂ. (ରସାୟନ-ଇକ) ରସାୟନ

ରାସ୍ତା–ବି. ମାର୍ଗ । [ବିଦ୍ୟା ସମ୍ବନ୍ଧୀୟ ।

ରାସ୍ନା–ବି. ଔଷଧ ଦ୍ରବ୍ୟ-ବିଶେଷ, ରାସଣା ।

ରାହା–ବି. (ଫାର୍ସୀ) ମାର୍ଗ ।

ରାହାଜାନୀ–ବି. (ଫାର୍ସୀ) ଡକାଇତି ।

ରାହୁ–ବି. ଚନ୍ଦ୍ର-ସୂର୍ଯ୍ୟାବରକ ଛାୟା । (ଅଷ୍ଟମ ଗ୍ରହ ବୋଲି ହିନ୍ଦୁ ଶାସ୍ତ୍ରରେ କଥିତ) ।

ରାହୁ-ଗ୍ରାସ–ବି. ଚନ୍ଦ୍ର-ସୂର୍ଯ୍ୟ-ଗ୍ରହଣ ।

ରିକ୍ତ–ବିଂ. (ରିଚ୍-ତ) ଶୂନ୍ୟ; କାଙ୍ଗାଳ ।

ରିକ୍ତା–ବି. ଚତୁର୍ଥୀ, ନବମୀ ଓ ଚତୁର୍ଦ୍ଦଶୀ ତିଥି ।

ରିକ୍ଥ–ବି. ଧନ । [ବିଶେଷ ।

ରିଠା–ବି. ବସ୍ତ୍ର-ପରିଷ୍କରଣାର୍ଥ ବ୍ୟବହୃତ ଫଳ-

ରିପୁ–ବି. ଶତ୍ରୁ; କାମ-କ୍ରୋଧ-ଲୋଭ ମୋହ-ମଦ-ମାତ୍ସର୍ଯ୍ୟ ମନୁଷ୍ୟର ଏହି ଷଡ଼ରିପୁ ।

ରିଷ୍ଟ–ବି. ଅଶୁଭ; ଶୁଭ ।

ରୀତି–ବି. ( ରୀ-ତି ) ଧାରା; ପଦ୍ଧତି; ଅଗ୍ର-

ରୁକ୍ମ–ବି. ସ୍ୱର୍ଣ୍ଣ । [ବ୍ୟବହାର ।

ରୁକ୍ମିଣୀ–ବି. ଶ୍ରୀକୃଷ୍ଣପତ୍ନୀ ।

ରୁକ୍ଷ–ବିଂ. କର୍କଶ; ତୀବ୍ର; କଠୋର ।

ରୁଗ୍ଣ–ବିଂ. (ରୁଜ୍-ତ) ରୋଗାକ୍ରାନ୍ତ; ପୀଡ଼ିତ ।

ରୁଚି–ବି. (ରୁଚ୍-ଇ) ପ୍ରୀତି; ଅଭିଳାଷ; ଦୀପ୍ତି ।

ରୁଚିର–ବିଂ. ( ରୁଚ୍-ଇର ) ସୁନ୍ଦର; ମଧୁର; ଉଜ୍ଜ୍ୱଳ ।

ରୁଚିବା–କ୍ରି. ସ୍ୱାଦୁ ଲାଗିବା; ପ୍ରୀତିକର ହେବା ।

ରୁଚ୍ୟ–ବିଂ. (ରୁଚ୍-ଯ) ରୁଚିକାରକ ।

ରୁଟି, ରୋଟି–ବି. (ରୋଟିକା ଶବ୍ଦଜ) ଗୋଧୂମାଦି ଚୂର୍ଣ୍ଣର ପିଷ୍ଟକବିଶେଷ ।

ରୁଣ୍ଡ–ବିଂ. ଏକତ୍ରିତ ।

ରୁତ–ବି. (ରୁ-ତ) ପଶୁ ପକ୍ଷୀର ଶବ୍ଦ; ରବ ।

ରୁଦିତ–ବି. (ରୁଦ୍-ତ) ରୋଦନ; କ୍ରନ୍ଦନ ।

ରୁଦ୍ଧ-ବିଂ. ( ରୁଧ୍-ତ ) ବେଷ୍ଟିତ ; ବାଧିତ ; ପ୍ରତିବନ୍ଧ । [ଦେବତା; ବିଂ. ଭୟାନକ ।
ରୁଦ୍ର-ବି. ( ରୁଦ୍-ର ) ଶିବ ; ଏକାଦଶ ଗଣ-
ରୁଦ୍ରାକ୍ଷ-ବି. ( ରୁଦ୍ର-ଅକ୍ଷି ) ବୃକ୍ଷବିଶେଷର ଫଳ, ଏହି ଫଳରେ ଜପମାଳା ପ୍ରସ୍ତୁତ ହୁଏ ।
ରୁଦ୍ରାଣୀ-ବି. ଦୁର୍ଗା ।
ରୁଧିର-ବି. (ରୁଧ୍-ଇର) ରକ୍ତ, ଶୋଣିତ ।
ରୁମାଲ୍-ବି. (ଫାର୍ଶୀ) ମୁଖମାର୍ଜନ ବସ୍ତ୍ରଖଣ୍ଡ ।
ରୁରୁ-ବି. କୃଷ୍ଣସାର; ମୃଗବିଶେଷ ।
ରୁଷିତ, ରୁଷ୍ଟ-ବିଂ. (ରୁଷ୍-ତ) କୁପିତ ।
ରୁଷିବା-କ୍ରି. କୋପ କରିବା; ଅଭିମାନ କରିବା ।
ରୁଷ୍ଟି-ବି. (ରୁଷ୍-ତି) ରୋଷ, କ୍ରୋଧ ।
ରୂଢ଼-ବିଂ. ( ରୁହ୍-ତ ) ଉତ୍ପନ୍ନ; ପ୍ରସିଦ୍ଧ; ଧାତୁ ପ୍ରତ୍ୟୟର ଅପେକ୍ଷା ନ କରି ପଦାର୍ଥ ପ୍ରକାଶକ ।
ରୂଢ଼ମୂଳ-ବିଂ. ବଦ୍ଧମୂଳ ।
ରୂଢ଼ବାକ୍ୟ-ବି. କର୍କଶ କଥା ।
ରୂଢ଼ି-ବି. ପ୍ରସିଦ୍ଧି ।
ରୂପ-ବି. ( ରୂପ୍-ଅ ) ସୌନ୍ଦର୍ଯ୍ୟ ; ଆକୃତି ; ପ୍ରକାର; ଚେହେରା ।
ରୂପକ-ବି. ବାକ୍ୟର ଅଳଙ୍କାରବିଶେଷ, ଯଥା- ଉପମାନ ସହିତ ଉପମେୟର ଅଭେଦବୋଧ ।
ରୂପବତୀ-ବିଂ. ସୁନ୍ଦରୀ ।
ରୂପବାନ୍-ବିଂ. (ରୂପ-ବତ୍) ସୁନ୍ଦର ।
ରୂପାଜୀବା-ବି. (ରୂପ-ଆଜୀବ) ବେଶ୍ୟା ।
ରୂପାନ୍ତର-ବି. ( ରୂପ-ଅନ୍ତର ) ଭିନ୍ନ ରୂପ ; ପରିବର୍ତ୍ତନ ।

ରୂପାସ୍ତ୍ର-ବି. (ରୂପ-ଅସ୍ତ୍ର) କନ୍ଦର୍ପ ।
ରୂପ୍ୟ, ରୌପ୍ୟ-ବି. ରଜତ, ରୂପା ।
ରେ-ଅଂ. ନୀଚ ସମ୍ବୋଧନ । [ଶ୍ରେଣୀ ।
ରେଖା-ବି. ( ଲିଖ୍-ଅ-ଆ ) ଗାର ; ଅଳ୍ପମାତ୍ର;
ରେଖା-ଗଣିତ-ବି. କ୍ଷେତ୍ରତତ୍ତ୍ୱ ।
ରେଚକ-ବିଂ. (ରିଚ୍-ଣିଚ୍-ଅକ) ଭେଦକାରକ; ନିଃସାରକ ।
ରେଚନ-ବି. ବିରେଚନ, ଭେଦ ।
ରେଜକି-ବି. ସିକି ଅଧୁଲି ପ୍ରଭୃତି ।
ରେଣୁ-ବି. ଧୂଳି; ପରାଗ ।
ରେଣୁକା-ବି. ପରଶୁରାମଙ୍କର ମାତା ।
ରେତଃ-ବି. ଶୁକ୍ର, ବୀର୍ଯ୍ୟ ।
ରେଫ- ବି. ର, ଏହି ବର୍ଣ୍ଣ ।
ରେବତୀ-ବି. ନକ୍ଷତ୍ରବିଶେଷ ।
ରେବା-ବି. ନର୍ମଦାନଦୀ ।
ରେସମ-ବି. (ଫାର୍ଶୀ) କୌଶେୟ ବସ୍ତ୍ର ।
ରୈଖିକ-ବିଂ. (ରେଖା-ଇକ) ରେଖାସମ୍ବନ୍ଧୀୟ ।
ରୋଇବା-କ୍ରି. (ରୋପିଧାତୁରୁ) ରୋପଣ କରିବା, ଛୋଟ ଗଛ ପୋତିବା ।
ରୋକଡ଼-ବି. (ଫାର୍ଶୀ) ଜମା ଖରଚ ।
ରୋଗ-ବି. (ରୁଜ୍-ଅ) ବ୍ୟାଧି ।
ରୋଗଘ୍ନ-ବିଂ. (ରୋଗ-ହନ୍-ଅ) ରୋଗନାଶକ ।
ରୋଗୀ-ବି. (ରୋଗ-ଇନ୍) ପୀଡିତ ବ୍ୟକ୍ତି, ମଲୁ ।
ରୋଚକ-ବିଂ. (ରୁଚ୍-ଣିଚ୍-ଅକ) ରୁଚିକାରକ ।
ରୋଚନ-ବିଂ. ( ରୁଚ୍-ଣିଚ୍-ଅନ ) ରୁଚିକାରକ;
ରୋଚନା-ବି. ଗୋରୋଚନା । [କାନ୍ତି-ପ୍ରଦ ।

ରୋଚିଷ୍ଣୁ-ବି., କାନ୍ତି-ଯୁକ୍ତ ।

ରୋଜଗାର-ବି. (ଫାର୍ସୀ) ଉପାର୍ଜନ ।

ରୋଟେ-ବି. ମୋଟ ।

ରୋଦନ-ବି. ( ରୁଦ୍-ଅନ ) କ୍ରନ୍ଦନ ।

ରୋଦ୍ଧା-ବି. ( ରୁଧ୍-ତୃ ) ରୋଧକର୍ତ୍ତା ।

ରୋଧଃ-ବି. ତଟ, କୂଳ ।

ରୋଧ-ବି. ( ରୁଧ୍-ଅ) ବାଧା; ଅବରୋଧ ।

ରୋପଣ-ବି. ( ରୁହ୍-ଣିଚ୍-ଅନ ) କ୍ଷୁଦ୍ର ବୃକ୍ଷ ପୋତିବା; ସ୍ଥାପନ; ଅର୍ପଣ ।

ରୋପିତ-ବି. ( ରୁହ୍-ଣିଚ୍-ତ ) ସ୍ଥାପିତ; [ ଅର୍ପିତ ।

ରୋମ-ବି. ଲୋମ, ରୁମ ।

ରୋମ-କୂପ-ବି. ରୋମମୂଳ ।

ରୋମନ୍ଥ, ରୋମନ୍ଥନ-ବି. ପାକୁଳି ।

ରୋମନ୍ଥକ-ବି. ରୋମନ୍ଥକାରୀ ।

ରୋମଶ-ବି. ଅଧିକ ରୋମଯୁକ୍ତ ।

ରୋମ-ହର୍ଷଣ-ବି. ରୋମ ଠାକୁରିବା ; ବି. ରୋମାଞ୍ଚକାରୀ ।

ରୋମାଞ୍ଚ-ବି. ପୁଲକ, ହର୍ଷରେ ରୋମ ଠାକୁରିବା ।

ରୋମାଞ୍ଚିତ-ବି. ପୁଲକିତ, ରୋମାଞ୍ଚଯୁକ୍ତ ।

ରୋମୋଦ୍ଗମ-ବି. ( ରୋମ-ଉଦ୍ଗମ ) ରୋମାଞ୍ଚ ।

ରୋରୁଦ୍ୟମାନ-ବି. (ରୁଦ୍-ଯଙ୍-ଅନ) ଅତ୍ୟନ୍ତ

ରୋଲ-ବି. ଅବ୍ୟକ୍ତ ଶବ୍ଦ । [ ରୋଦନଶୀଳ ।

ରୋଲମ୍ବ-ବି. ଭ୍ରମର ।

ରୋଶ୍‌ନି-ବି. ( ଫାର୍ସୀ ) ଆଲୁଅ ।

ରୋଷ-ବି. (ରୁଷ୍-ଅ) କ୍ରୋଧ ।

ରୋସେଇ-ବି. ରନ୍ଧନ । [ କନ୍ୟା ।

ରୋହିଣୀ-ବି. ନକ୍ଷତ୍ରବିଶେଷ ; ନବବର୍ଷବୟସ୍କା

ରୋହିଣୀ-ପତି-ବି. ଚନ୍ଦ୍ର ।

ରୋହିତ-ବି. ରୋହିମାଛ ।

ରୌଦ୍ର-ବି. ( ରୁଦ୍ର-ଅ ) ଆତପ; ବି. ପ୍ରଚଣ୍ଡ ।

ରୌପ୍ୟ-ବି. ରଜତ, ରୂପା ।

ରୌରବ-ବି. ନରକ-ବିଶେଷ; ବି. ଭୟଙ୍କର ।

---

## ଲ, ଳ

ବ୍ୟଞ୍ଜନବର୍ଣ୍ଣର ଅଷ୍ଟାବିଂଶ ବର୍ଣ୍ଣ । ଳ ଶବ୍ଦର ଆରମ୍ଭରେ ବସେ ନାହିଁ ।

ଲଉଡ଼ି-ବି. ( ଲଗୁଡ଼ଶବ୍ଦଜ ) ଯଷ୍ଟି ।

ଲକ୍ଷ-ବି. (ଲକ୍ଷ୍-ଅ) ଶତସହସ୍ର ସଂଖ୍ୟା ।

ଲକ୍ଷକ-ବି. (ଲକ୍ଷ୍-ଅକ) ଲକ୍ଷଣା ଦ୍ୱାରା ଅର୍ଥବୋଧକ ।

ଲକ୍ଷଣ-ବି. (ଲକ୍ଷ୍-ଅନ) ଚିହ୍ନ; ପରିଚୟ ।

ଲକ୍ଷଣା-ବି. ପ୍ରକୃତ ଅର୍ଥ ପରିବର୍ତ୍ତରେ ଅନ୍ୟାର୍ଥବୋଧନୀ ଶକ୍ତି ।

ଲକ୍ଷଣୀୟ-ବି. ଦର୍ଶନୀୟ ; ଅନୁଭବନୀୟ ।

ଲକ୍ଷିତ-ବି. ଦୃଷ୍ଟ; ଅନୁଭୂତ ।

ଲକ୍ଷ୍ମ-ବି. ( ଲକ୍ଷ୍-ମନ୍ ) ଚିହ୍ନ । [ ଭ୍ରାତା ।

ଲକ୍ଷ୍ମଣ-ବି. ସୌଭାଗ୍ୟଶାଳୀ ; ବି. ରାମ-

ଲକ୍ଷ୍ମୀ-ବି. ( ଲକ୍ଷ୍-ଈ ) ଭାଗ୍ୟଦେବୀ ; ବିଷ୍ଣୁପତ୍ନୀ, ସିନ୍ଧୁସୁତା ; ଶୋଭା; ରାଜଶ୍ରୀ ।

ଲକ୍ଷ୍ୟ-ବି. (ଲକ୍ଷ୍-ଯ) ଉଦ୍ଦେଶ୍ୟ; ବି. ବେଧନାର୍ଥ ଲକ୍ଷିତ ବସ୍ତୁ; ଚିହ୍ନ ।

ଲଗାଇବା-କ୍ରି. (ଲଗ୍‌ଧାତୁରୁ) ସଂଲଗ୍ନ କରିବା; ପିନ୍ଧିବା; ରୋପଣ କରିବା । [ବୃକ୍ଷ ।

ଲଗାଣି-ବି. ଏକ; ଏକାଧିକ ଧନ ଅନବରତ

ଲଗାମ-ବି. (ଫାର୍ସୀ) ଘୋଡାର ବାଗ ।

ଲଗୀ-ବି. ବଗୀ, ଅଙ୍କୁଶି ।

ଲଗୁଡ଼-ବି. ଯଷ୍ଟି ।

ଲଗ୍ନ-ବିଂ. ( ଲଗ୍-ତ ) ସଂଯୁକ୍ତ ; ବି. ମେଷାଦି ରାଶିର ଉଦୟକାଳ ; ବିବାହର ଶୁଭକାଳ ।

ଲଘିମା-ବି. (ଲଘୁ-ଇମନ୍) ଲଘୁତା, ହାଲୁକା-ପଣ; ଅଗୌରବ ।

ଲଘିଷ୍ଠ-ବିଂ. ( ଲଘୁ-ଇଷ୍ଠ ) ଅତ୍ୟନ୍ତ ଲଘୁ ।

ଲଘୀୟାନ୍-ବିଂ. (ଲଘୁ-ଈୟସ୍) ଅତ୍ୟନ୍ତ ଲଘୁ ।

ଲଘୁ-ବିଂ. ହାଲୁକା ; ଅଳ୍ପ ; ସାମାନ୍ୟ ; ସହଜରେ ଜୀର୍ଣ୍ଣ । [ବସ୍ତୁ; ହାଲୁକାପଣ ।

ଲଘୁତା, ଲଘୁତ୍ୱ, ଲାଘବ-ବି. ଅଳ୍ପ ଭାର-

ଲଘୁ-ହସ୍ତ-ବିଂ. କ୍ଷିପ୍ରହସ୍ତ ।

ଲଘୁକରଣ-ବି. ଗଣିତରେ ଉଚ୍ଚଶ୍ରେଣୀର ରାଶିକୁ ନିମ୍ନଶ୍ରେଣୀରେ ଓ ନିମ୍ନଶ୍ରେଣୀସ୍ଥ ରାଶିକୁ ଉଚ୍ଚଶ୍ରେଣୀରେ ପରିବର୍ତ୍ତନ ।

ଲଙ୍କା-ବି. ସିଂହଳ ଦ୍ୱୀପ ।

ଲଙ୍ଗଳ-ବି. ଲାଙ୍ଗଳ, ହଳ ।

ଲଙ୍ଗଳା-ବିଂ. (ନଗ୍ନଶବ୍ଦଜ) ନଙ୍ଗଳା ; ନଗ୍ନ ।

ଲଙ୍ଘନ-ବି. (ଲଙ୍ଘ୍-ଅନ) ଅତିକ୍ରମଣ ; ଉପ-

ଲଙ୍ଘିତ-ବିଂ. ଅତିକ୍ରାନ୍ତ । [ବାସ ।

ଲଜ୍ଜା-ବି. (ଲସ୍ଜ୍-ଅ-ଆ) ଲାଜ, ତ୍ରପା, ବ୍ରୀଡ଼ା ।

ଲଜ୍ଜାଳୁ-ବିଂ. ଲଜ୍ଜାଶୀଳ ।

ଲଜ୍ଜିତ-ବିଂ. ଲଜ୍ଜାଯୁକ୍ତ ।

ଲଞ୍ଜା-ବି. ଲାଙ୍ଗୁଳ, ପୁଚ୍ଛ ।

ଲଠ-ବି. ପ୍ରମାଦବଚନ; ଦୋଷ ।

ଲଠକାଇବା-କ୍ରି. ଟଙ୍ଗାଇବା ।

ଲଠା-ବି. ଲତା ; ଜଙ୍ଗଲ ।

ଲଠାଇବା-କ୍ରି. ଲତାପରି ମାଡ଼ିବା ।

ଲଠୁ-ବି. ଲଟୁ, ଗୋଲାକାର ଖେଳଣାବିଶେଷ ।

ଲଡ଼ୁ-ବି. ଗୋଲାକୃତି ମିଷ୍ଟାନ୍ନ ।

ଲଢ଼ାଇ-ବି. ଯୁଦ୍ଧ ।

ଲଢ଼ାଇବା-କ୍ରି. ଯୁଦ୍ଧ କରାଇବା ।

ଲଣ୍ଠନ-କାଚନିର୍ମିତ ଦୀପାଧାର ।

ଲଣ୍ଡଭଣ୍ଡ-ବିଂ. ବ୍ୟତିବ୍ୟସ୍ତ, ବିପର୍ଯ୍ୟସ୍ତ ।

ଲଣ୍ଡା-ବିଂ. କେଶହୀନ ( ମୁଣ୍ଡ ) ; ଶାଖାପତ୍ରହୀନ ( ବୃକ୍ଷ ) ।

ଲତା-ବି. ଲଠା, ଲଟକା, ବ୍ରତତି ।

ଲଦନ-ବି. ବୋଝ; ଲଦା ହୋଇଥିବା ବୋଝ ।

ଲଦିବା-କ୍ରି. ବୋଝାଇ କରିବା, ବୋଝ ଚଢା-ଇବା ।

ଲପନ-ବି. ( ଲପ୍ ଅନ ) ମୁଖ, ବଦନ ।

ଲବ୍ଧ-ବିଂ. (ଲଭ୍-ତ) ପ୍ରାପ୍ତ ; ଉପାର୍ଜିତ ।

ଲବ୍ଧ-ବର୍ଣ୍ଣ-ବିଂ. ପ୍ରସିଦ୍ଧ ; ବିଚକ୍ଷଣ ।

ଲବ୍ଧି-ବି. (ଲଭ୍-ତି) ପ୍ରାପ୍ତି ।

ଲଭିବା-କ୍ରି. ( ଲଭ୍‌ଧାତୁରୁ ) ପାଇବା ।

ଲଭ୍ୟ-ବିଂ. (ଲଭ୍-ଯ) ପ୍ରାପ୍ୟ ।

ଲମ୍ପଟ-ବି. ( ରମ୍-ଅଟ ) କାମୁକ ।

ଲମ୍ପା-ବ. (ଲମ୍ପ୍-ଅ) ଲୁଚା ।

ଲମ୍ବ-ବି. ଲମ୍ବା, ଦୀର୍ଘ; ଦୋଲାୟମାନ; ବ. ଲମ୍ବମାନ ରେଖା । [ ଦ୍ୱାର ।

ଲମ୍ବନ-ବ. ( ଲମ୍ବ୍-ଅନ ) ଦୋଳନ; ଅବଲମ୍ବନ;

ଲମ୍ବମାନ-ବି. (ଲମ୍ବ୍-ଅନ) ଦୋଲାୟମାନ ।

ଲମ୍ବିତ-ବି. ( ଲମ୍ବ୍-ତ ) ଦୋଳିତ ।

ଲମ୍ବିବା-କ୍ରି. ଝୁଲିବା ; ଲମ୍ବାଇବା ; ଝୁଲାଇବା ; ମେଲାଇବା ।

ଲମ୍ବୋଦର-ବ. (ଲମ୍ବ-ଉଦର) ଗଣେଶ ।

ଲମ୍ଭନ-ବ. (ଲଭ୍-ଅନ) ପ୍ରାପଣ ।

ଲମ୍ଭିତ-ବି. ପ୍ରାପିତ ।

ଲୟ-ବ. (ଲୀ-ଅ) ଲୀନ ହେବା; ଧ୍ୟାନ; ପ୍ରଳୟ; ଗୀତ ବାଦ୍ୟାଦର ସମାନ କାଳ ।

ଲଲତ୍-ବି. (ଲଡ୍-ଅତ୍) ଦୋଲାୟମାନ ।

ଲଲନ-ବ. (ଲଲ୍-ଅନ) କ୍ରୀଡ଼ା; ପାଳନ ।

ଲଲନା-ବ. (ଲଲ୍-ଅ-ଅନ) ସ୍ତ୍ରୀ; ଉତ୍ତମା ନାରୀ ।

ଲଲନ୍ତିକା-ବ. ନାଭି-ଲମ୍ବିତ ହାର ।

ଲଲାଟ-ବ. କପାଳ, ଭାଲ । [ ତିଳକ ।

ଲଲାଟିକା-ବ. ଲଲାଟର ଭୂଷଣ; ଲଲାଟସ୍ଥ

ଲଲାମ-ବ. ଭୂଷଣ ; ଲଲାଟ-ଭୂଷଣ ।

ଲଳିତ-ବି. (ଲଲ-ତ) ସୁନ୍ଦର; ପ୍ରିୟ; ବ. ବିଳାସ ।

ଲଳିତା-ବ. ଗୋପୀବିଶେଷ; ସୁନ୍ଦରୀ ନାରୀ ।

ଲବ-ବ. ( ଲୂ-ଅ) କଣିକା; ବିନ୍ଦୁ; ଲେଶ; ଅଳ୍ପମାତ୍ର ।

ଲବଙ୍ଗ-ବ. ଏକପ୍ରକାର ବୃକ୍ଷର ସୁଗନ୍ଧ ପୁଷ୍ପ ।

ଲବଣ-ବ. ( ଲୂ-ଅନ ) ଲୁଣ ; ଦୀପ୍ତି ।

ଲବଣୀ-ବ. ( ନବନୀତଶବ୍ଦଜ ) ଲହୁଣୀ ।

ଲସା-ବ. (ରସଶବ୍ଦଜ) ଘାର ପୂଯପାଣି ।

ଲସି-ବ. ଜାଲ, ଦେଖିବୁ ବାହାରବା ଉଁସ ।

ଲସୁନ-ବ. ରସୁଣ ।

ଲସ୍କର-ବ. (ପାର୍ଶୀ) ସୈନ୍ୟ; ଜାହାଜ-ଖଲାସି ।

ଲହକା-ବି. ସହଜରେ ନମନୀୟ, ଯାହା ସହଜରେ ନଇଁଯାଏ ।

ଲହରୀ-ବ. ଲହଡ଼ୀ, ତରଙ୍ଗ ।

ଲାଉ-ବ. (ଅଲାବୁଶବ୍ଦଜ) ଅଲାବୁ ଫଳ ।

ଲାକ୍ଷଣିକ-ବି. ଲକ୍ଷଣସମ୍ବନ୍ଧୀୟ ; ଲକ୍ଷଣାଦ୍ୱାରା [ ଅର୍ଥବୋଧକ ।

ଲାକ୍ଷା-ବ. ଲାଖ, ଜଉ ।

ଲାକ୍ଷା-ତରୁ-ବ. ପଳାଶ ବୃକ୍ଷ ।

ଲାକ୍ଷାରସ-ବ. ଅଳତା ।

ଲାଖରାଜ-ବି. (ପାର୍ଶୀ) ନିଷ୍କର ।

ଲାଗି-ଅ. ନିମିତ୍ତ; ବି. ଭୋଗ କରଯାଇଥିବା ।

ଲାଗିବା-କ୍ରି. ସଂଲଗ୍ନ ହେବା ; ମିଳିବା; ଅନୁବଦ୍ଧ ହେବା ; ଶତ୍ରୁତା କରିବା ।

ଲାଘବ-ବ. (ଲଘୁ-ଅ) ଲଘୁତା; ନ୍ୟୁନତା ।

ଲାଙ୍ଗଳ-ବ. ହଳ ।

ଲାଙ୍ଗୁଳ, ଲାଙ୍ଗୂଳ-ବ. ଲାଙ୍ଗୁଡ଼, ଲାଞ୍ଜ ।

ଲାଜ-ବ. ଲଜ୍ଜା; ଖଇ ।

ଲାଜା-ବ. ଲିୟା, ଖଇ ।

ଲାଞ୍ଚ-ବ. ଉତ୍କୋଚ, ଉତ୍କୋଚ ।

ଲାଞ୍ଛନ-ବ. ( ଲାଞ୍ଛ-ଅନ ) ଚିହ୍ନ; ଧ୍ୱଜ ।

ଲାଞ୍ଛିତ-ବି. ଚିହ୍ନିତ ।

ଲାଞ୍ଜି ବି. ଲାଙ୍ଗୁଳ, ପୁଚ୍ଛ ।

ଲାଠେ·ବିଂ. ପୃଷ୍ଠଭଙ୍ଗ; ମଳିନ । [ହାକିମ ।

ଲାଟ୍‌-ବି. (ଇଂରାଜୀ ଲର୍ଡଶବ୍ଦରୁ) ପ୍ରଭୁ; ଶ୍ରେଷ୍ଠ

ଲାଭ-ବି. (ଲଭ୍‌-ଅ) ପ୍ରାପ୍ତି; ଉପଲବ୍ଧି; ଧନ ।

ଲାମ୍ପଟ୍ୟ-ବି. ଲମ୍ପଟତା ।

ଲାଳ-ବି. ଲାଳା, ମୁଖଜାତ ଜଳ ।

ଲାଳନ-ବି. (ଲଲ୍‌-ଣିଚ୍‌-ଅନ) ସ୍ନେହପୂର୍ବକ ପାଳନ ।

ଲାଳସା-ବି. (ଲସ୍‌-ଯଙ୍‌-ଅ) ବାସନା; ସ୍ପୃହା ।

ଲାଲ୍‌-ବି. ରକ୍ତବର୍ଣ୍ଣ । [ପାଳିତ ।

ଲାଳିତ-ବିଂ. (ଲଲ୍‌-ଣିଚ୍‌-ତ) ଅତି ସ୍ନେହେ

ଲାଳିତ୍ୟ-ବି. (ଲଳିତ-ଯ) କୋମଳତା; ସୌନ୍ଦର୍ଯ୍ୟ; ମାଧୁର୍ଯ୍ୟ ।

ଲାବଣ୍ୟ-ବି. (ଲବଣ-ଯ) ଲବଣତ୍ୱ; ସୌନ୍ଦର୍ଯ୍ୟ ।

ଲାସ-ବି. (ଲସ୍‌-ଅ) ନୃତ୍ୟ ।

ଲାସକ-ବି. (ଲସ୍‌-ଣିଚ୍‌-ଅକ) ନର୍ତ୍ତକ ।

ଲାସିକା-ବି. (ଲସ୍‌-ଣିଚ-ଅକ-ଆ) ନର୍ତ୍ତକୀ ।

ଲାସ୍ୟ-ବି. (ଲସ୍‌-ଯ) ସ୍ତ୍ରୀନୃତ୍ୟ ।

ଲିଆଁ-ବି. (ଲାଜାଶବ୍ଦଜ) ଖଇ ।

ଲିଖନ-ବି. (ଲିଖ୍‌-ଅନ) ଅକ୍ଷର ବିନ୍ୟାସ ।

ଲିଖିତ-ବି. (ଲିଖ୍‌-ତ) ଅକ୍ଷରରେ ବିନ୍ୟସ୍ତ; ଲେଖା ହୋଇଥିବା । [ଶିବଲିଙ୍ଗ ।

ଲିଙ୍ଗ-ବି. (ଲିନ୍‌ଗ-ଅ) ଚିହ୍ନ; ପୁରୁଷ ଚିହ୍ନ;

ଲିଙ୍ଗ-ବୃତ୍ତି-ବି. ଜୀବିକାର୍ଥ ଧର୍ମ-ଚିହ୍ନଧାରୀ ।

ଲିପି-ବି. (ଲିପି-ଇ) ଅକ୍ଷର; ପତ୍ର ।

ଲିପି-କାର-ବି. ଲେଖକ ।

ଲିପି-ବଦ୍ଧ-ବିଂ. ଅକ୍ଷରରେ ବିନ୍ୟସ୍ତ; ଲିଖିତ ।

ଲିପିବା, ଲେପିବା-କ୍ରି. ଲେପନ କରିବା ।

ଲିପ୍ତ-ବିଂ. (ଲିପ୍‌-ତ) ଚର୍ଚ୍ଚିତ; ଯୁକ୍ତ; ମିଳିତ ।

ଲିପ୍ସା-ବି. (ଲଭ୍‌-ସନ୍‌-ଆ) ଲାଭେଚ୍ଛା, ସ୍ପୃହା ।

ଲିପ୍ସୁ-ବିଂ. ଲାଭେଚ୍ଛୁ ।

ଲିହିବା-କ୍ରି. (ଲିଖଧାତୁରୁ) ଲେଖିବା ।

ଲୀଢ଼-ବିଂ. (ଲିହ୍‌-ତ) ଚାଟିବା ଦ୍ୱାରା ଆସ୍ୱାଦିତ ।

ଲୀନ-ବିଂ. (ଲୀ-ତ) ଲୟ-ପ୍ରାପ୍ତ; ମିଳିତ ।

ଲୀଳା-ବି. (ଲୀ-ଲା) ବିଳାସ; କ୍ରୀଡ଼ା; ଦୈବ-ବିଧାନ ।

ଲୁକ୍କାୟିତ-ବିଂ. ଗୋପନେ ରକ୍ଷିତ; ପ୍ରଚ୍ଛନ୍ନ ।

ଲୁଗା-ବି. ବସ୍ତ୍ର ।

ଲୁଚାଇବା-କ୍ରି. ଗୁପ୍ତ ରଖିବା; ଘୋଡ଼ାଇବା ।

ଲୁଚ୍ଚିଏ-ବି. ଗୁଡ଼ାଏ ।

ଲୁଚିବା-କ୍ରି. ଲୁଚି ରହିବା । [କରିବା ।

ଲୁଟିବା-କ୍ରି. (ଲୁଣ୍ଠ୍‌ଧାତୁରୁ) ବଳପୂର୍ବକ ହରଣ

ଲୁଣ-ବି. ଲବଣ ।

ଲୁଣିଆ-ବିଂ. ଲବଣ ସ୍ୱାଦଯୁକ୍ତ ।

ଲୁଣ୍ଠନ-ବି. (ଲୁନ୍ଠ୍‌-ଅନ) ଅପହରଣ ।

ଲୁଣ୍ଠନ-ବି. (ଲୁଣ୍ଠ୍‌-ଅନ) ଭୂମିରେ ଲୋଟିବା; ପରଦ୍ରବ୍ୟହରଣ । [ଗଡ଼ାଗଡ଼ି; ଅପହୃତ ।

ଲୁଣ୍ଠିତ-ବିଂ. (ଲୁଣ୍ଠ୍‌-ତ) ଭୂମିରେ ଘୂର୍ଣ୍ଣିତ ବା

ଲୁଣ୍ଡା-ବି. କୁଟାବଣ୍ଡା । ଅନ୍ତର୍ହିତ ।

ଲୁପ୍ତ-ବିଂ. (ଲୁପ୍‌-ତ) ଲୋପ-ପ୍ରାପ୍ତ; ନଷ୍ଟ;

ଲୁଳିତ-ବିଂ. ଦୋଳିତ ।

ଲୁବ୍ଧ-ବିଂ. (ଲୁଭ୍-ତ) ଲୋଭୀ ।

ଲୁବ୍ଧକ-ବି. ବ୍ୟାଧ ।

ଲୁହ-ବି. ଅଶ୍ରୁ, ଲୋତକ ।

ଲୁହା-ବି. ଲୌହ ।

ଲୂତା-ବି. ମାକଡ଼ସା

ଲୂତା-ତନ୍ତୁ-ବି. ମାକଡ଼ସାର ଜାଲ ।

ଲୂନ-ବିଂ. (ଲୂ-ତ) ଛିନ୍ନ । [ବାହୁଡ଼ିବା ।

ଲେଉଟିବା-କ୍ରି. (ନି-ବୃତ-ଧାତୁରୁ) ଫେରିବା,

ଲେଖକ-ବି. (ଲିଖ୍-ଅକ) ଲିପିକର; ରଚକ ।

ଲେଖନ-ବି. (ଲିଖ୍-ଅନ) ତାଳପତ୍ରରେ ଲେଖି-ବାର ଲୁହାକଲମ; ଲେଖିବା ।

ଲେଖନୀ-ବି. କଲମ । [ଲିଖିତ ରଚନା ।

ଲେଖା-ବି. ( ଲିଖ୍-ଅ-ଆ ) ରେଖା; ଲିଖନ;

ଲେଖ୍ୟ-ବିଂ. ଲିଖନ-ଯୋଗ୍ୟ ; ବି. ଲିଖିତ ପତ୍ରାଦି ; ଦଲିଲ ଦସ୍ତାବିଜ ।

ଲେଙ୍ଗଡ଼ା-ବିଂ. ଖୋଣ୍ଡା ।

ଲେଞ୍ଜୁରି-ବି. ଅଳିଆ; ଚକ୍ଷୁର କ୍ଳେଦ ।

ଲେପ-ବି. ( ଲିପ୍-ଅ ) ଲେପନ-ସାମଗ୍ରୀ ; ପ୍ରଲେପ ; ତୂଳାପୂର୍ଣ୍ଣ ଶୀତବସ୍ତ୍ର ।

ଲେପନ-ବି. (ଲିପ୍-ଅନ) ଲେପିବା ।

ଲେମ୍ବୁ-ବି. ନାରଙ୍ଗ, ଟଭା, କାଗଜିପ୍ରଭୃତି ଫଳ ।

ଲେଲିହାନ-ବିଂ. (ଲିହ୍-ଯଙ୍-ଅନ) ବାରମ୍ବାର ଲେହନକାରୀ ।

ଲେଶ-ବି କଣା, ଅଳ୍ପ; ଅଳ୍ପମାତ୍ର ।

ଲେହ-ବି. (ଲିହ୍-ଅ) ଚାଟିବା ଦ୍ରବ୍ୟ ।

ଲେହନ-ବି. (ଲିହ୍-ଅନ) ଚାଟିବା ।

ଲେହି-ବି. ମଣ୍ଡଅଠା ।

ଲେହ୍ୟ-ବିଂ. (ଲିହ୍-ଯ) ଚାଟିବାଯୋଗ୍ୟ ।

ଲୋକ-ବି. (ଲୋକ୍-ଅ) ମନୁଷ୍ୟ; ଭୁବନ ।

ଲୋକ-ଚକ୍ଷୁ-ବି. ସୂର୍ଯ୍ୟ ।

ଲୋକନ-ବି. (ଲୋକ୍-ଅନ) ଦର୍ଶନ ।

ଲୋକ-ପାଳ-ବି. ପୁରାଣୋକ୍ତ ଅଷ୍ଟ ଦିକ୍‌ପାଳ ।

ଲୋକାନ୍ତରିତ-ବିଂ. ପରଲୋକଗତ, ମୃତ ।

ଲୋକାରଣ୍ୟ-ବି.(ଲୋକ-ଅରଣ୍ୟ)ବହୁଜନତା ।

ଲୋକୋତ୍ତର-ବିଂ. (ଲୋକ-ଉତ୍ତର) ଅଲୌ-କିକ; ଅସାମାନ୍ୟ ।

ଲୋଚନ-ବି. ( ଲୋଚ୍-ଅନ ) ନୟନ, ଚକ୍ଷୁ; ଦର୍ଶନ; ଆଲୋଚନା ।

ଲୋଛା-ବିଂ. ଲମ୍ପଟ ।

ଲୋଟା-ବି. ଗାଲ ।

ଲୋଟିବା-କ୍ରି. (ଲୁଠ୍ ଧାତୁରୁ) ଗଡ଼ିବା ।

ଲୋଡ଼ା-ବିଂ. ପ୍ରୟୋଜନୀୟ ।

ଲୋଡିବା-କ୍ରି. ଖୋଜିବା ।

ଲୋତକ-ବି. ଅଶ୍ରୁ ।

ଲୋପ-ବି. (ଲୁପ୍-ଅ) ତିରୋଧାନ; ନାଶ ।

ଲୋଭ-ବି. (ଲୁଭ୍-ଅ) ଲାଳସା; ଆକାଂକ୍ଷା ।

ଲୋଭନ-ବିଂ. ଲୋଭଜନକ ।

ଲୋଭନୀୟ-ବିଂ. ଲୋଭଜନକ; ସ୍ପୃହଣୀୟ ।

ଲୋଭୀ-ବିଂ. ଲୋଲୁପ, ଲୁବ୍ଧ ।

ଲୋମ-ବି. ଦେହର ରୋମ ।

ଲୋମଶ-ବିଂ. ବହୁଲୋମବିଶିଷ୍ଟ ।

ଲୋମ-ହର୍ଷଣ-ବି. ରୋମାଞ୍ଚକାରୀ ।
ଲୋମାଞ୍ଚ-ବି. ରୋମାଞ୍ଚ ।
ଲୋଲ-ବି. ଚଞ୍ଚଳ; ଶିଥିଳ; ସତୃଷ୍ଣ ।
ଲୋଲୁପ-ବି. (ଲୁପ୍-ଯଙ୍-ଅ) ଅତି ଲୋଭୀ ।
ଲୋଷ୍ଟ, ଲୋଷ୍ଟ୍ର-ବି. ଢେଲା ।
ଲୋହ-ବି. ଲୌହ; ଶୋଣିତ ।
ଲୋହ-କାର-ବି. କମାର ।
ଲୋହି-ବି. ଲୋମ-ନିର୍ମିତ ବସ୍ତ୍ର ।
ଲୋହିତ-ବି. ରକ୍ତବର୍ଣ୍ଣ, ଲାଲଯୁକ୍ତ ।
ଲୌକିକ-ବି. (ଲୋକ-ଇକ) ଲୋକସମ୍ବନ୍ଧୀୟ; ସାଂସାରିକ; ଲୋକ-ବ୍ୟବହାର-ସିଦ୍ଧ ।
ଲୌଲ୍ୟ-ବି. (ଲୋଲ-ଯ) ଚଞ୍ଚଳତା; ଲୋଭ ।
ଲୌହ-ବି. ଲୁହା । [ନଦ ।
ଲୌହିତ୍ୟ-ବି. (ଲୋହିତ-ଯ) ଲାଲ; ବ୍ରହ୍ମପୁତ୍ର

---

# ବ ( ଅନ୍ତଃସ୍ଥ )

ବ-ବ୍ୟଞ୍ଜନବର୍ଣ୍ଣର ଊନତ୍ରିଂଶ ଅକ୍ଷର ।
ବଂଶ-ବି. କୁଳ; ବାଉଁଶ; ବଂଶୀ ।
ବଂଶ-ଧର-ବି. (ବଂଶ-ଧୃ-ଅ) କୁଳରକ୍ଷକ ।
ବଂଶ-ଲୋଚନ-ବି. ବଂଶର ପର୍ବରୁ ଉତ୍ପନ୍ନ ଔଷଧବିଶେଷ ।
ବଂଶାନୁକ୍ରମ-ବି. ପୁରୁଷାନୁକ୍ରମ ।
ବଂଶାନୁଚରିତ-ବି. ବଂଶର ବିବରଣ ।
ବଂଶାବଳୀ-ପୂର୍ବପୁରୁଷଙ୍କର ନାମାବଳୀ ।

ବଂଶୀ-ବି. ବେଣୁ, ମୁରଲୀ ।
ବଂଶୀ-ଧର-ବି. ଶ୍ରୀକୃଷ୍ଣ ।
ବକ-ବି. ବଗପକ୍ଷୀ ।
ବକ-ବୃତ୍ତି-ବି. ବକପରି କପଟଭାବରେ ଯେ ଜୀବିକା ନିର୍ବାହ କରେ; ବଞ୍ଚକ ।
ବକମ-ବି. ଏକ ପ୍ରକାର ରକ୍ତବର୍ଣ୍ଣ କାଠ ।
ବକରା-ବି. ଛାଗ ।
ବକରୀ-ବି. ଛାଗୀ ।
ବକଲ-ବି. (ବଲ୍କଲଶବ୍ଦଜ) ଗଛର ଛାଲି ।
ବକିବା-କ୍ରି. ଅନର୍ଥକ କହିବା ।
ବକୁଆ-ବି. ବାଚାଳ ।
ବକୁଳ-ବି. ବଉଳଗଛ ।
ବକ୍ତବ୍ୟ-ବି. (ବଚ୍-ତବ୍ୟ) କହିବାର ଯୋଗ୍ୟ ।
ବକ୍ତା-ବି. (ବଚ୍-ତୃ) ବାକ୍‌ପଟୁ ଲୋକ ।
ବକ୍ତୃତା-ବି. ( ବକ୍ତୃ-ତା ) ଭାଷଣ; ମୌଖିକ
ବକ୍ତ୍ର-ବି. ମୁଖ, ବଦନ । [ବ୍ୟାଖ୍ୟାନ ।
ବକ୍ର-ବି. (ବନ୍କ୍-ର) ବଙ୍କା, କୁଟିଳ ।
ବକ୍ରୋକ୍ତି-ବି. ( ବକ୍ର-ଉକ୍ତି ) ଶ୍ଳେଷବାକ୍ୟ; ବ୍ୟଙ୍ଗୋକ୍ତି ।
ବକଶିସ୍-ବି. (ପାର୍ଶୀ) ପାରିତୋଷିକ ।
ବକ୍ଷଃ-ବି. ଉରଃସ୍ଥଳ ।
ବକ୍ଷୋଜ-ବି. (ବକ୍ଷଃ-ଜନ୍-ଅ) ସ୍ତ୍ରୀସ୍ତନ ।
ବକ୍ଷ୍ୟମାଣ-ବି. (ବଚ୍-ସ୍ୟମାନ) ଯାହା ବୋଲି-
ବଖରା-ବି. ବାଣ୍ଟ; କୋଠରୀ । [ଯିବ ।
ବଖାଣିବା-କ୍ରି. ବ୍ୟାଖ୍ୟାନ କରିବା; ପ୍ରଶଂସା
ବଗଡ଼-ବି. ଜାରଜ; ଅଶ୍ଳୀଲ । [କରିବା ।

ବଗଡ଼ା–ବି°. ମୋଟା (ଘୂଉଳ ବା ସ୍ଥୂଳ) ।
ବଗଳା–ବି. ଦେବୀବିଶେଷ ।
ବଗିଚ୍–ବି. (ଫାର୍ଶୀ) ଭୋଠା, ଉଦ୍ୟାନ ।
ବଗୀ–ବି. ଏକପ୍ରକାର ଘୋଡ଼ାଗାଡ଼ି ।
ବଗୁଲି–ବି. ମାଈବଗ ।
ବଘାର–ବି. ବ୍ୟଞ୍ଜନରେ ଘୃତ ମସଲାଦି ନିକ୍ଷେପ ।
ବଙ୍କା–ବି°. ବକ୍ର ।
ବଙ୍କ୍ଷଣ–ବି. ଉରୁସନ୍ଧି ।
ବଙ୍ଗ–ବି. ବଙ୍ଗଳାପ୍ରଦେଶ; ରଙ୍ଗନାମକ ଧାତୁ ।
ବଙ୍ଗଳା–ବି. ପ୍ରଦେଶବିଶେଷ; ଏକପ୍ରକାର ଘର ।
ବଚ–ବି. ଔଷଧବିଶେଷ ।
ବଚନ, ବଚଃ–ବି. କଥା, ଉକ୍ତି । [ନାସ୍ ।
ବଚନୀୟ–ବି°. (ବଚ୍-ଅନୀୟ) କଥନୀୟ ; ନିନ୍ଦ-
ବଚସ୍କର–ବି°. (ବଚଃ-କୃ-ଅ) ଆଜ୍ଞାବହ ।
ବଞ୍ଛ–ବି°. ବାଞ୍ଛିବା ଦ୍ୱାରା ଗୃହୀତ ।
ବଜର୍‌–ବି. ଏକପ୍ରକାର ବଡ଼ ନୌକା ।
ବଜାର–ବି. ପଣ୍ୟ-ବିକ୍ରୟ-ସ୍ଥାନ ।
ବଜାରୀ–ବି°. ଅଶିଷ୍ଟ, ଅଭଦ୍ର । [କଠିନ ।
ବଜ୍ର–ବି. (ବଜ୍-ର) କୁଳିଶ; ହୀରା; ବି°. ଅତି
ବଜ୍ରୀ–ବି. ( ବଜ୍ର-ଇନ୍ ) ଇନ୍ଦ୍ର । [ଶୃଗାଳ ।
ବଞ୍ଚକ–ବି°. ( ବଞ୍ଚ୍-ଅକ ) ପ୍ରତାରକ; ବି.
ବଞ୍ଚନା–ବି. (ବଞ୍ଚ୍-ଅନ-ଆ) ପ୍ରତାରଣା ।
ବଞ୍ଚିତ–ବି°. ପ୍ରତାରିତ ।
ବଞ୍ଚିବା–କ୍ରି. ଜୀଇବା ।
ବଞ୍ଜୁଳ–ବି. ଅଶୋକବୃକ୍ଷ; ବେତଗଛ ।

ବଟ–ବି. ବରଗଛ । [ଶଣ୍ଡାଦି ।
ବଟଖରା–ବି. ତୌଲର ପରିମାପକ ପ୍ରସ୍ତର-
ବଟା–ବି. ଟଙ୍କା ପ୍ରଭୃତି ଭଙ୍ଗାଇବା ପାଇଁ ଦେୟ ପଇସା; କଳଙ୍କ; ପାନବଟା ।
ବଟାଇବା–କ୍ରି. ପଠାଇବା ।
ବଟାଳି–ବି. ବଢ଼େଇଙ୍କର ଶସ୍ତ୍ରବିଶେଷ ।
ବଟିକା, ବଟୀ–ବି. ଔଷଧ-ବଡ଼ୀ ।
ବଟୁ–ବି. ଉପନୟନ-ସଂସ୍କାରପ୍ରାପ୍ତ ବ୍ରାହ୍ମଣ-ବାଳକ ।
ବଟୁଆ–ବି. ପାନ ଗୁଆ ପ୍ରଭୃତି ରଖିବାର ଛୋଟ ଥଳୀ । [ଛୋଟ ।
ବର୍ତ୍ତୁଳ–ବି. (ବର୍ତ୍ତୁଳଶବ୍ଦଜ) ବର୍ତ୍ତୁଳାକାର ପଥର
ବଡ଼–ବି°. ବୃହତ୍, ଶ୍ରେଷ୍ଠ, ଅତ୍ୟନ୍ତ ।
ବଡ଼ବା–ବି. ଘୋଟକୀ; ସମୁଦ୍ରଘୋଟକୀ ।
ବଡ଼ଭି–ବି. ଚନ୍ଦ୍ରଶାଳା ।
ବଡ଼ା–ବି. ଘୋଳକାର ପିଷ୍ଟକବିଶେଷ ।
ବଡ଼ାଇ–ବି. ବଡ଼ପଣ; ଗର୍ବ ।
ବଡ଼ି–ବି. (ବଟୀ-ଶବ୍ଦଜ) ଗୋଳି ।
ବଡ଼ିଶ–ବି ବନ୍ଶୀ । [ବ୍ରତକର୍ମ ।
ବଡ଼ୁ–ବି. ( ବଟୁଶବ୍ଦଜ ) ଉପନୟନ-ସଂସ୍କାର,
ବଢ଼ା–ବି. ମୃତ୍ତିକା ପାତ୍ର-ବିଶେଷ ।
ବଢ଼ି–ବି. ଜଳ-ପ୍ଲାବନ, ବନ୍ୟା ।
ବଢ଼ିବା–କ୍ରି. ବୃଦ୍ଧି ପାଇବା; ସମ୍ପନ୍ନ ହେବା ।
ବଣ–ବି. ଅରଣ୍ୟ ।
ବଣା–ବି°. ଭ୍ରାନ୍ତ; ବି. ଗୁଡ଼ ରଖିବାର ମାଠିଆ ।
ବଣି–ବି. ପକ୍ଷିବିଶେଷ ।

ବଣୁଆ-ବି. ବନବାସୀ ।

ବଣ୍ଟନ-ବି. (ବଣ୍ଟ୍-ଅନ) ବାଣ୍ଟିବାକାର୍ଯ୍ୟ; ବଣ୍ଟା ।

ବତକ-ବି. କଳହଂସ ।

ବତା-ବି. ଚିରା ବାଉଁଶ ।

ବତାଇବା-କ୍ରି. ଶିଖାଇଦେବା; କହିଦେବା ।

ବତାସ-ବି. (ବାତଶବ୍ଦଜ) ପ୍ରବଳ ପବନ ।

ବତି-ବି. (ବର୍ତ୍ତିଶବ୍ଦଜ) ସଳିତା; ମହମବତି ।

ବତିଶ-ବି. ଦ୍ୱାତ୍ରିଂଶତ୍ ସଂଖ୍ୟା ।

ବତୁରିବା-କ୍ରି. ଜଳସିକ୍ତ ହେବା ।

ବତ୍-ଅ. ତୁଲ୍ୟ, ସଦୃଶ (ଶବ୍ଦାନ୍ତେ ପ୍ରଯୋଜ୍ୟ) ।

ବତ୍ସ-ବି. ସନ୍ତାନ (ସ୍ନେହସୂଚକ); ବାଛୁରି ।

ବତ୍ସ-ତରୀ-ବି. ବାଛୁରି ।

ବତ୍ସର-ବି. (ବସ୍-ସର) ବାରମାସ, ବର୍ଷ ।

ବତ୍ସଳ-ବି. (ବତ୍ସ-ଲ) ସ୍ନେହ-ଯୁକ୍ତ ।

ବଥ-ବି. ବ୍ରଣ-ବିଶେଷ ।

ବଥା-ବି. (ବ୍ୟଥାଶବ୍ଦଜ) ପୀଡ଼ା, ବେଦନା ।

ବଦ୍-ବି. (ପାର୍ଶୀ) ମନ୍ଦ ।

ବଦନ-ବି. (ବଦ୍-ଅନ) ମୁଖ ।

ବଦର-ବି. ବରକୋଳି ।

ବଦଳ-ବି. (ଆରବୀରୁ) ପରିବର୍ତ୍ତ, ପରିବର୍ତ୍ତେ ।

ବଦଳାଇବା-କ୍ରି. ପରିବର୍ତ୍ତିତ କରାଇବା ।

ବଦଳି-ବି. ପରିବର୍ତ୍ତନ ।

ବଦଳିବା-କ୍ରି. ପରିବର୍ତ୍ତିତ ହେବା ।

ବଦାନ୍ୟ-ବି. (ବଦ୍-ଅନ୍ୟ) ଦାନଶୀଳ ।

ବଦି-ବି. (ପାର୍ଶୀ) ଅପବାଦ ।

ବଧ-ବି. (ବଧ୍-ଅ) ନାଶ, ଘାତ, ହନନ ।

ବଧାଇ<br>ବଧେଇ } ବି. ପାରିତୋଷିକ ।

ବଧୂ-ବି. (ବନ୍ଧ୍-ଊ) ନବବିବାହିତା ସ୍ତ୍ରୀ; ପତ୍ନୀ; [ପୁତ୍ରବଧୂ ।

ବଧୂଟୀ-ବି. ବାଳିକା ବଧୂ ।

ବଧ୍ୟ-ବି. (ବଧ୍-ଯ) ବଧଯୋଗ୍ୟ ।

ବନ-ବି. (ବନ୍-ଅ) ଅରଣ୍ୟ; କୁଞ୍ଜ ।

ବନ-ଚର-ବି. ବନବାସୀ, ଅରଣ୍ୟସ୍ଥ ।

ବନଜ-ବି. (ବନ-ଜନ୍-ଅ) ବନଜାତ ।

ବନ-ଦେବତା-ବି. ବନର ଅଧିଷ୍ଠାତ୍ରୀ ଦେବତା ।

ବନ-ମାଳା-ବି. ଆଜାନୁଲମ୍ବିତ ମାଳା ।

ବନମାଳୀ-ବି. (ବନ-ମାଳା-ଇନ୍) ଶ୍ରୀକୃଷ୍ଣ ।

ବନସ୍ତ-ବି. ବନ, ଅରଣ୍ୟ ।

ବନସ୍ପତି-ବି. (ବନ-ପତି) ବୃହତ୍ ବୃକ୍ଷ ।

ବନା<br>ବନାନ } ବି. ( ବର୍ଣ୍ଣନଶବ୍ଦଜ ) ଶବ୍ଦର ଅକ୍ଷରଗୁଡ଼ିକ ଶୃଙ୍ଖଳରୂପେ କହିବା; ବ୍ୟଞ୍ଜନ ବର୍ଣ୍ଣରେ ସ୍ୱରବର୍ଣ୍ଣର ଯୋଗ ।

ବନାଇବା-କ୍ରି. ନିର୍ମାଣ କରିବା. ଗଢ଼ିବା କାଟିବା ।

ବନାତ-ବି. ଊର୍ଣ୍ଣାନିର୍ମିତ ବସ୍ତ୍ରବିଶେଷ ।

ବନିତା-ବି. ନାରୀ; ପତ୍ନୀ ।

ବନିବା-କ୍ରି. ବ୍ୟଞ୍ଜନ ର ସ୍ୱର ଯୋଗ କରିବା । [ପାଠିଆସିବା ।

ବନୀ-ବି. ବନ ।

ବନ୍ଦ-ବି. ଅଟକ; ମୁଦା ।

ବନ୍ଦନ<br>ବନ୍ଦନା } ବି. (ବନ୍ଦ୍-ଅନ, ଆ) ପ୍ରଣାମ; ସ୍ତୁତିଗାନ; ମଙ୍ଗଳାଚରଣ ।

ବନ୍ଦନୀୟ-ବଂ. (ବନ୍ଦ୍-ଅନୀୟ) ସ୍ତବନୀୟ, ପୂଜନୀୟ ।

ବନ୍ଦର-ବ. ସମୁଦ୍ରକୂଳସ୍ଥ ଜାହାଜମାନଙ୍କର ଅଶ୍ରୟ ସ୍ଥାନ ; ଜାହାଜ ଦ୍ୱାରା ବାଣିଜ୍ୟ କରିବାର ସ୍ଥାନ । [ କରିବା ।

ବନ୍ଦାଇବା-କ୍ରି. (ବନ୍ଦ୍‌ଧାତୁଜ) ମଙ୍ଗଳାଚରଣ

ବନ୍ଦାପନା-ବ. (ବନ୍ଦ୍‌ଧାତୁଜ) ମଙ୍ଗଳାର୍ଚ୍ଚନା ।

ବନ୍ଦାରୁ-ବ. (ବନ୍ଦ୍-ଅରୁ) ସ୍ତୁତିପାଠକ ।

ବନ୍ଦୀ-ବ. (ବନ୍ଦ୍-ଈ) ସ୍ତୁତିପାଠକ ; କଏଦୀ ।

ବନ୍ଦୀ-ଶାଳା-ବ. କାରାଗାର ।

ବନ୍ଦୋବସ୍ତ-ବ. ( ପାର୍ଶୀ ) ବ୍ୟବସ୍ଥା ।

ବନ୍ଦ୍ୟ-ବଂ. (ବନ୍ଦ୍-ଯ) ବନ୍ଦନୀୟ । [ଶୟ

ବନ୍ଧ-ବ. (ବନ୍ଧ୍-ଅ) ସେତୁ; ବଡ଼ହୁଡ଼; ଜଳା·

ବନ୍ଧନ-ବ. ( ବନ୍ଧ୍-ଅନ ) ବାନ୍ଧିବା ।

ବନ୍ଧା }
ବନ୍ଧକ } ବ. ଋଣାର୍ଥ ଗଚ୍ଛିତ ସମ୍ପତ୍ତି ।

ବନ୍ଧୁକ-ବ. ଅଗ୍ନେୟାସ୍ତ୍ର, କମାଣ ।

ବନ୍ୟ-ବଂ. (ବନ-ଯ) ଜଙ୍ଗଲି ; ଅରଣ୍ୟ ।

ବନ୍ୟା-ବ. (ବନ-ଯ-ଆ) ନଦୀବନ୍ତୀ; ଜଳପ୍ଲାବନ ।

ବପନ-ବ. ( ବପ୍-ଅନ ) ବୀଜବୁଣିବା କାର୍ଯ୍ୟ ; କ୍ଷୌରକାର୍ଯ୍ୟ ; ବୟନ ବା ଲୁଗାବୁଣିବା ।

ବପୁ-ବ. ଦେହର ବଳ ।

ବପୁଃ-ବ. (ବପ୍-ଉସ୍) ଶରୀର ; ପ୍ରଶସ୍ତ ଅକୃତି ।

ବପୁଷ୍ମାନ୍-ବଂ. (ବପୁଃ-ମତ୍) ପ୍ରଶସ୍ତଶରୀର ।

ବପ୍ତା-ବ. (ବପ୍-ତୃ) ବପନକାରୀ, ବପ୍ରା; କୃଷକ ।

ବପ୍ର-ବ. ( ବପ୍-ର ) କ୍ଷେତ୍ର ; ତଟ ; ସାନୁ ; ପ୍ରାଚୀର । [ମୃତ୍ତିକା ଖନନ ।

ବପ୍ର-କ୍ରୀଡ଼ା-ବ. ବୃଷଭାଦିଙ୍କର ଶୃଙ୍ଗାଦି ଦ୍ୱାରା

ବମନ-ବ. (ବମ୍-ଅନ) ଉଦ୍ଗିରଣ, ବାନ୍ତି ।

ବମନୀୟ-ବଂ. (ବମ୍-ଅନୀୟ) ବମନଯୋଗ୍ୟ ।

ବୟଃ-ବ. ବୟସ, ଗତଜୀବନକାଳ; ଯୌବନ;

ବୟଃ-ସନ୍ଧି-ବ. ଯୌବନାବସ୍ଥା । [ପକ୍ଷୀ ।

ବୟସ୍ୟ-ବ. (ବୟସ୍-ଯ) ସମବୟସ୍କ; ସଖା ।

ବୟସ୍ୟା-ବ. ସଖୀ ।

ବର-ବ. (ବୃ-ଅ) ଦେବତା ନିକଟରେ ପ୍ରାର୍ଥିତ ଇଷ୍ଟ; ବିବାହକର୍ତ୍ତା; ପତି; ବଂ. ଶ୍ରେଷ୍ଠ ।

ବରଖାସ୍ତ-ବଂ. ପଦଚ୍ୟୁତ । [କାଠ ।

ବରଗା-ବ. କୋଠା ଘରର କଡ଼ିମଧ୍ୟସ୍ଥ ସରୁ-

ବରଗିବା-କ୍ରି. ପଠାଇବା; ନିଯୁକ୍ତ କରିବା ।

ବରଜ-ବ. ପାନ କ୍ଷେତ ।

ବରଜୀ-ବ. ତାମ୍ବୂଲ-ବ୍ୟବସାୟୀ ।

ବରଟ-ବ. ରାଜହଂସ ।

ବରଟା-ବ. ରାଜହଂସୀ ।

ବରଡ଼ା-ଡାଳ-ବାହୁଙ୍ଗା । [ବେଷ୍ଟନ ।

ବରଣ-ବ. (ବୃ-ଅନ) ବିବାହନିମନ୍ତ ଅଭ୍ୟର୍ଥନା;

ବରଣୀୟ-ବଂ. ( ବୃ-ଅନୀୟ ) ବରଣଯୋଗ୍ୟ ; ପ୍ରାର୍ଥନୀୟ; ଶ୍ରେଷ୍ଠ ।

ବରଣ୍ଡ-ବ. (ବୃ-ଅଣ୍ଡନ୍ ) ବରଣ୍ଡା । [ ପ୍ରଦ ।

ବରଦ-ବଂ. (ବର-ଦା-ଅ ) ବରପ୍ରଦ, ଅଭୀଷ୍ଟ-

ବରଦା-ବଂ. ଅଭୀଷ୍ଟ ଦାୟିନୀ ।

ବରଫ-ବି. ତୁଷାର; ଶୀତରେ ଘନୀଭୂତ ଜଳ ।
ବରବର୍ଣ୍ଣିନୀ-ବିଂ. (ବର-ବର୍ଣ୍ଣ-ଇନ୍-ଈ) ସୁନ୍ଦରୀ ।
ବରଷ-ବି. ବର୍ଷ ।
ବରାକ-ବିଂ. ଦରିଦ୍ର, ଦୀନ ।
ବରାଟକ, ବରାଟିକା-ବି. କଉଡ଼ି ।
ବରାତ-ବି. (ଫାର୍ସୀ) ମାନବ ବୃତ୍ତି; କର୍ମଫଳ-ଭୋଗ ।
ବରାରୋହା-ବି. (ବର-ଆରୋହ-ଆ) ସୁନ୍ଦରୀ ସ୍ତ୍ରୀ ।
ବରାହ-ବି. ବାରହା; ବନ୍ୟଶୂକର ।
ବରିଷ୍ଠ-ବିଂ. (ଉରୁ-ଇଷ୍ଠ) ଶ୍ରେଷ୍ଠତମ ।
ବରୀୟାନ୍-ବିଂ. (ଉରୁ-ଇୟସ୍) ଶ୍ରେଷ୍ଠତର ।
ବରୁଣ-ବି. (ବୃ-ଅନ) ଜଳରାଶିର ଅଧିଦେବତା; ପଶ୍ଚିମଦିକ୍ପାଳ ।
ବରୁଣାନୀ-ସ୍ତ୍ରୀ. ବରୁଣ-ପତ୍ନୀ ।
ବରୂଥ-ବି. (ବୃ-ଊଥ) ବର୍ମ, ସାଞ୍ଜୁ ।
ବରୂଥିନୀ-ବି. (ବରୂଥ-ଇନ୍-ଈ) ସେନା ।
ବରେଣ୍ୟ-ବିଂ. (ବୃ-ଏନ୍ୟ) ବରଣୀୟ; ଶ୍ରେଷ୍ଠ ।
ବର୍କର-ବି. ବକରା, ଛାଗଳ ।
ବର୍ଗ-ବି. (ବୃଜ୍-ଅ) ଶ୍ରେଣୀ; ସଜାତୀୟ ଦଳ; ଗଣ; ପ୍ରକରଣ; ଦୁଇ ସମରାଶିର ଗୁଣଫଳ ।
ବର୍ଗ କ୍ଷେତ୍ର-ବି. ସମାନ ଦୈର୍ଘ୍ୟ ପ୍ରସ୍ଥ ବିଶିଷ୍ଟ ଭୂମି ।
ବର୍ଗମୂଳ-ବି. ଆପଣାଦ୍ୱାରା ଗୁଣିତ ରାଶିର ମୂଳ ବା ସେହି ରାଶି । ୩×୩ ର ବର୍ଗମୂଳ ୩ ।
ବର୍ଗୀୟ-ବିଂ. ବର୍ଗ ସମ୍ବନ୍ଧୀୟ ।
ବର୍ଚ୍ଚଃ-ବି. ତେଜଃ; କାନ୍ତି ।
ବର୍ଚ୍ଛା-ବି. ଅସ୍ତ୍ରବିଶେଷ; ଫାର୍ସୀ ।
ବର୍ଜନ-ବି. (ବୃଜ୍-ଅନ) ତ୍ୟାଗ ।
ବର୍ଜନୀୟ-ବିଂ. (ବୃଜ୍-ଅନୀୟ) ତ୍ୟାଗଯୋଗ୍ୟ ।
ବର୍ଜିତ-ବିଂ. (ବୃଜ୍-ତ) ତ୍ୟକ୍ତ; ରହିତ ।
ବର୍ଣ୍ଣ-ବି. (ବର୍ଣ୍ଣ୍-ଅ) ବ୍ରାହ୍ମଣାଦି ଜାତି; ରଙ୍ଗ; ରୂପ; ଯଶଃ; ଅକ୍ଷର ।
ବର୍ଣ୍ଣକ-ବି. ଅଙ୍ଗରାଗ ।
ବର୍ଣ୍ଣନ, ବର୍ଣ୍ଣନା-ବି. (ବର୍ଣ୍ଣ୍-ଅନ, ଆ) ବିବରଣ; ଗୁଣକଥନ ।
ବର୍ଣ୍ଣ-ମାଳା-ବି. କ୍ରମିକ ଅକ୍ଷର-ସମୂହ ।
ବର୍ଣ୍ଣ-ସଙ୍କର-ବି. ମିଶ୍ରଜାତି; ଭିନ୍ନ ଭିନ୍ନ ବର୍ଣ୍ଣର ବିବାହ ବା ସଙ୍ଗମରୁ ଉତ୍ପନ୍ନ ଜାତି ।
ବର୍ଣ୍ଣିତ-ବିଂ. କଥିତ, ବ୍ୟାଖ୍ୟାତ; ପ୍ରଶଂସିତ ।
ବର୍ତ୍ତନ-ବି. (ବୃତ୍-ଅନ) ବୃତ୍ତି, ଜୀବିକା; ସ୍ଥିତି ।
ବର୍ତ୍ତମାନ-ବିଂ. (ବୃତ୍-ଅନ) ବିଦ୍ୟମାନ; ଉପସ୍ଥିତ ।
ବର୍ତ୍ତି-ବି, ବତି, ସଳିତା ।
ବର୍ତ୍ତିତ-ବିଂ. (ବୃତ୍-ଣିଚ୍-ତ) ସମ୍ପାଦିତ ।
ବର୍ତ୍ତିଷ୍ଣୁ-ବିଂ. (ବୃତ୍-ଇଷ୍ଣୁ) ସ୍ଥିତିଶୀଳ ।
ବର୍ତ୍ତୀ-ବିଂ. ବିଦ୍ୟମାନ (ଶବ୍ଦାନ୍ତେ) ।
ବର୍ତ୍ତୁଳ-ବିଂ. ଗୋଲାକାର, ବୃତ୍ତ ।
ବର୍ତ୍ମ-ବି. ପଥ, ମାର୍ଗ ।
ବର୍ଦ୍ଧକ-ବିଂ. (ବୃଧ୍-ଅକ) ବୃଦ୍ଧିକାରକ ।
ବର୍ଦ୍ଧକି-ବି. (ବର୍ଦ୍ଧ-କି) ବଢ଼େଇ, ସୂତ୍ରଧର ।
ବର୍ଦ୍ଧନ-ବି. (ବୃଧ୍-ଅନ) ବୃଦ୍ଧି; ଉନ୍ନତି; ବ ବର୍ଦ୍ଧକ ।

ବର୍ଦ୍ଧମାନ-ବିଂ. (ବୃଧ୍-ଅନ) ବୃଦ୍ଧିଶୀଳ ।
ବର୍ଦ୍ଧିତ-ବିଂ. ( ବୃଧ୍-ଣିଚ୍-ତ ) ବୃଦ୍ଧପ୍ରାପିତ ; ପୋଷିତ ।
ବର୍ଦ୍ଧିଷ୍ଣୁ-ବିଂ. ( ବୃଧ୍-ଇଷ୍ଣୁ ) ବର୍ଦ୍ଧନ-ଶୀଳ ।
ବର୍ମ-ବି. ( ବୃ-ମନ୍ ) କବଚ, ସାଞ୍ଜୁ ; କ୍ଷତ୍ରିୟର
ବର୍ଯ୍ୟ-ବିଂ. ( ବୃ-ଯ ) ଶ୍ରେଷ୍ଠ । [ଉପାଧି ।
ବର୍ବର-ବି. ଅତି ଅସଭ୍ୟ ଲୋକ; ନୀଚଜାତି ।
ବର୍ବୁର-ବି. ବବୁର ଗଛ ।
ବର୍ଷ-ବି. (ବୃଷ୍-ଅ) ବତ୍ସର; ଦେଶ; ବୃଷ୍ଟି ।
ବର୍ଷଣ-ବି. (ବୃଷ୍-ଅନ) ବୃଷ୍ଟି ।
ବର୍ଷା-ବି. (ବୃଷ୍-ଅ-ଆ) ବୃଷ୍ଟି କାଳ, ପ୍ରାବୃଟ ।
ବର୍ଷାଭୂ-ବି. (ବର୍ଷା-ଭୂ-କ୍ୱିପ୍) ଭେକ ।
ବର୍ଷିଷ୍ଠ, ବର୍ଷୀୟାନ୍-ବିଂ. (ବୃଦ୍ଧ-ଇଷ୍ଠ, ଈୟସ୍) ଜ୍ୟେଷ୍ଠ, ଅତି ବୃଦ୍ଧ । [ପଥର ।
ବର୍ଷୋପଲ-ବି. (ବର୍ଷ-ଉପଲ) କରକା, କୁଆ-
ବର୍ହ-ବି. (ବର୍ହ୍-ଅ) ମୟୂର-ପୁଚ୍ଛ ।
ବର୍ହି-ବାହନ-ବି. କାର୍ତ୍ତିକେୟ ।
ବର୍ହୀ-ବି. (ବର୍ହ-ଇନ୍) ମୟୂର, ଶିଖୀ ।
ବଳ-ବି. (ବଳ୍-ଅ) ଶକ୍ତି; ସୈନ୍ୟ ।
ବଳକ୍ଷ-ବିଂ. ଶୁକ୍ଳ, ଶ୍ୱେତ ।
ବଳକା-ବିଂ. ପ୍ରୟୋଜନାଧିକ, ଅତିରିକ୍ତ,
ବଳଦ-ବି. ବୃଷ, ଦାମୁଡ଼ି । [ଫାଜଲ ।
ବଳଭଦ୍ର-ବି. ବଳରାମ, ଶ୍ରୀକୃଷ୍ଣ-ଭ୍ରାତା ।
ବଳଭି-ବି. ଚନ୍ଦ୍ରଶାଳା, ଗୃହ-ଉପରସ୍ଥ ଘର ।
ବଳମ-ବି. ବର୍ଚ୍ଛା, ଶୂଳ ।

ବଳୟ-ବି. ହାତବଳା, କଙ୍କଣ; ମଣ୍ଡଳ ।
ବଳୟିତ-ବିଂ. ବେଷ୍ଟିତ ।
ବଳବତ୍ତା-ବି. (ବଳ-ବତ୍-ତା) ଶକ୍ତି, ସାମର୍ଥ୍ୟ ।
ବଳବାନ୍-ବିଂ. (ବଳ-ବତ୍) ସମର୍ଥ, ଶକ୍ତିଶାଳୀ ।
ବଳା-ବି. ବଳୟ ।
ବଳାଇ-ବି. ବିପଦ; ଅଶୁଭ ।
ବଳାଇବା-କ୍ରି. ବଳପୂର୍ବକ ସମ୍ମତ କରାଇବା ।
ବଳାକା-ବି. ବକଶ୍ରେଣୀ ।
ବଳାହକ-ବି. ମେଘ; ପର୍ବତ ।
ବଳି-(ବର୍ଗ୍ୟ ବ ଦେଖ) ।
ବଳିବା-କ୍ରି. ଅଧିକ ହେବା ; ଅତିକ୍ରମ କରିବା ।
ବଳିଶ-ବି. ବଡ଼ିଶ, ବନ୍‌ଶୀ ।
ବଳିଷ୍ଠ-ବିଂ. ଅତି ବଳବାନ୍ ।
ବଳୀ-ବିଂ. ( ବଳ-ଇନ୍ ) ବଳବାନ୍ ।
ବଳୀକ-ବି. ଘରର ଓଳି ।
ବଲ୍କ, ବଲ୍କଲ-ବି. ବକଳ, ବୃକ୍ଷଛାଲ ।
ବଲ୍ଗନ-ବି. (ବଲ୍ଗ୍-ଅନ) ପ୍ଳୁତଗମନ, ଡେଇଁ
ବଲ୍ଗା-ବି. ଲଗାମ; ରଶି । [ଡେଇଁ ଯିବା ।
ବଲ୍ଗିତ-ବି. ଅଶ୍ୱର ପ୍ଳୁତଗତି ।
ବଲ୍ଗୁ-ବିଂ. ସୁନ୍ଦର ।
ବଲ୍ମୀକ-ବି. ଉଇହୁଙ୍କା ।
ବଲ୍ଲକୀ-ବି. ବୀଣା । [ପତି ।
ବଲ୍ଲଭ-ବିଂ. ( ବଲ୍ଲ୍-ଅଭ ) ପ୍ରିୟ, ଦୟିତ; ବି.
ବଲ୍ଲଭା-ବି. ପ୍ରିୟା ।
ବଲ୍ଲରୀ-ବି. ଲତା; ମଞ୍ଜରୀ ।

ବଲ୍ଲବ-ବ. ଗଉଡ, ଗୋପାଳ ।
ବଲ୍ଲୀ-ବ. ଲତା ।
ବଲ୍ଲୁର-ବ. ପତିତ ଭୂମି, ପଡ଼ିଆ ଭୂଇଁ ।
ବବ-ବ. ଜ୍ୟୋତିଷିକ କରଣବିଶେଷ ।
ବଶ-ବି. ( ବଶ୍-ଅ) ଅଧୀନ ; ବ. ଅଧୀନତା ।
ବଶତଃ-ଅ. ଅଧୀନତା ହେତୁରୁ ।
ବଶତା-ବ. ଅଧୀନତା ।
ବଶବର୍ତ୍ତୀ-ବି. ଅଧୀନ । [ବଶୀଭୂତ ।
ବଶମ୍ବଦ-ବି. ( ବଶଂ-ବଦ୍-ଅ ) ପ୍ରିୟବାଦୀ ;
ବଶିଷ୍ଠ-ବ. ମୁନିବିଶେଷ, ରଘୁକୁଳ-ଗୁରୁ ।
ବଶୀ-ବି. (ବଶ-ଇନ୍) ଜିତେନ୍ଦ୍ରିୟ ।
ବଶୀକରଣ-ବ. ଅୟତ୍ତୀକରଣ ।
ବଶୀକୃତ-ବି. ଅୟତ୍ତୀକୃତ ।
ବଶୀଭୂତ-ବି. ଅଧୀନତାପ୍ରାପ୍ତ ।
ବଶ୍ୟ-ବି. ( ବଶ୍-ଯ ) ଅଧୀନ ।
ବଶ୍ୟତା-ବ. ଅଧୀନତା ।
ବଷଟ୍-ବ. ଅଗ୍ନିରେ ଆହୁତିଦାନର ମନ୍ତ୍ର ।
ବଷଟ୍କାର-ବ. ଅଗ୍ନିରେ ଆହୁତିପ୍ରଦାନ ।
ବସଣି-ବ. ନାସିକାର ଅଳଙ୍କାର ବିଶେଷ ।
ବସତି-ବ. ( ବସ-ଅତି ) ବାସସ୍ଥାନ ।
ବସନ-ବ. ( ବସ୍-ଅନ ) ବସ୍ତ୍ର ।
ବସନ୍ତ-ବ. ( ବସ୍-ଅନ୍ତ ) ମଧୁଋତୁ ।
ବସନ୍ତ-ଦୂତ-ବ. କୋକିଳ ।
ବସା-ବ. ମେଦଃ, ଚର୍ବି । [ମଧ୍ୟ ଦେବା ।
ବସାଇବା-କ୍ରି. ଉପବେଶନ କରାଇବା ; ଭୂଧରେ

ବସିବା-କ୍ରି. ଉପବେଶନ କରିବା ; ସଂହତ ହେବା । [ଅଷ୍ଟଦେବତା ।
ବସୁ-ବ. (ବସ୍-ଉ) ଧନ ; ରତ୍ନ ; ଧ୍ରୁବ ସୋମାଦ
ବସୁଦେବ-ବ. କୃଷ୍ଣଙ୍କ ପିତା ।
ବସୁଧା-ବ. ( ବସୁ-ଧା-କ୍ୱିପ୍ ) ପୃଥିବୀ ।
ବସୁ-ଧାରା-ବ. ଶ୍ରାଦ୍ଧବିଶେଷରେ ଭିତ୍ତିରେ ଦତ୍ତ ଘୃତ-ଧାରା ।
ବସୁନ୍ଧରା-ବ. ( ବସୁ-ଧୃ-ଅ-ଆ ) ପୃଥିବୀ ।
ବସୁମତୀ-ବ. ( ବସୁ-ମତ୍-ଈ ) ପୃଥିବୀ ।
ବସ୍ତା-ବ. ଗଣ୍ଠିଲ ; ଅଖାର ବଡ଼ ଥଳୀ ।
ବସ୍ତି-ବ. ତଳପେଟ ; ଗ୍ରାମ ।
ବସ୍ତୁ-ବ. (ବସ୍-ତୁ) ପଦାର୍ଥ ; ସତ୍ୟ ।
ବସ୍ତୁତଃ-ଅ. ଯଥାର୍ଥରୂପେ ।
ବସ୍ତ୍ର-ବ. ( ବସ୍-ତ୍ର ) ବସନ, ଲୁଗା ।
ବସ୍ତ୍ର-ଗୃହ-ବ. ତମ୍ବୁ ।
ବହ-ବି. (ବହ୍-ଅ ) ବହନକାରୀ (ଶବ୍ଦାନ୍ତେ) ।
ବହନ-ବ. ( ବହ୍-ଅନ ) ବହିବା ; ଧାରଣ ।
ବହନ-କ୍ରି. ବି. ବେଗେ, ଶୀଘ୍ର ।
ବହନି-ବ. ପ୍ରଥମ ବୟସ ।
ବହନୀୟ-ବି. (ବହ୍-ଅନୀୟ) ବହନଯୋଗ୍ୟ ।
ବହମାନ-ବି. (ବହ୍-ଆନ) ବହନ୍ତା ।
ବହଳ-ବି. ଗାଢ଼, ମୋଟା ।
ବହିଃ-ଅ. ବାହାରେ ।
ବହିଃସ୍ଥ-ବି. ବାହାରେ ସ୍ଥିତ ।
ବହି-ବ. ( ଫାର୍ସୀ) ପୁସ୍ତକ ।

ବହିବା-କ୍ରି. ବୋହିବା, ବାୟୁ ବା ସ୍ରୋତର ଗମନ କରିବା । [ପଞ୍ଚେନ୍ଦ୍ରିୟ ।
ବହିରିନ୍ଦ୍ରିୟ-ବି. (ବହିଃ-ଇନ୍ଦ୍ରିୟ) ଚକ୍ଷୁ ପ୍ରଭୃତି
ବହିର୍ଭୂତ-ବିଂ. (ବହିଃ-ଭୂ-ତ) ବହିର୍ଗତ ।
ବହିଷ୍କୃତ-ବିଂ. (ବହିଃ-କୃ-ତ) ଦୂରୀକୃତ ।
ବହୁ-ବିଂ. ଅନେକ ।
ବହୁତ-ବିଂ. ଅନେକ ।
ବହ୍ନି-ବି. (ବହ୍-ନି) ଅଗ୍ନି । [ପବନ ।
ବା-ଅଂ. ବିତର୍କ, ନିଶ୍ଚୟ, ବିକଳ୍ପସୂଚକ; ବି.
ବାଇ-ବି. (ବାୟୁ ଶବ୍ଦଜ) ବାୟୁବେଗ ।
ବାଇ-ବି. ଅର୍ଦ୍ଧା; ମାନଗାୟୀ ସ୍ତ୍ରୀ; ନର୍ତ୍ତକୀ-ବିଶେଷ ।
ବାଇଗଣ-ବି. (ବାତିଙ୍ଗଣଶବ୍ଦଜ) ବାର୍ତ୍ତାକୁ ।
ବାଇଗବା-ବି. ବୃକ୍ଷବିଶେଷ ।
ବାଇଶ-ବିଂ. ଦ୍ୱାବିଂଶତି ।
ବାଇଶି-ବି. ଅଶ୍ଳୀଳ ଗାଳି । [ଖେଳ ।
ବାଉଳା-ବିଂ. ( ବାତୁଲଶବ୍ଦଜ ) ବାତୁଳ ;
ବାଉଁଶ-ବି. ବେଣୁ, ବଂଶ ।
ବାଁ-ବିଂ. ବାମ, ସବ୍ୟ । [ସ୍ତୁତି ।
ବାକ୍-ବି. (ବଚ୍-କ୍ୱିପ୍) ବାଣୀ; ଶବ୍ଦ; ସର-
ବାକୀ-ବିଂ. (ଅରବୀ) ଅବଶିଷ୍ଟ ।
ବାକୁଳି-ବି ଯୁଅଳି ଖେଳା ।
ବାକ୍ୟ-ବି. (ବଚ୍-ଯ) ବଚନ; କର୍ତ୍ତୃକ୍ରିୟାପଦ-ଯୁକ୍ତ ପଦସମୂହ ।
ବାଖର-ବି. ମଦ୍ୟର ଉପାଦାନବିଶେଷ ।

ବାଗ-ବି. ଘୋଡ଼ାମୁଖର ରଜ୍ଜୁ; ଅଶ୍ୱବଲ୍ଗ ।
ବାଗୀଶ-ବିଂ. (ବାକ୍-ଈଶ) ବୃହସ୍ପତି; ଉତ୍ତମ-
ବାଗୁଡ଼ି-ବି. ଏକପ୍ରକାର ଖେଳ । [ବକ୍ତା ।
ବାଗୁରା-ବି. ମୃଗ ଧରିବା ଜାଲ, ଫାଶ ।
ବାଗୁଲି-ବି. ରଜାଙ୍କର ତାମ୍ବୂଳ-ବାହକ ।
ବାଗ୍ଦଣ୍ଡ-ବି. (ବାକ୍-ଦଣ୍ଡ) ତିରସ୍କାର; ବଚନ-ସଂଯମ ।
ବାଗ୍ଦେବୀ-ବି. (ବାକ୍-ଦେବୀ) ସରସ୍ୱତୀ, ଭାରତୀ ।
ବାଗ୍ମୀ-ବିଂ. (ବାକ୍-ମିନ୍) ବକ୍ତା; ବାକ୍ପଟୁ ।
ବାଗ୍ଯୁଦ୍ଧ-ବି. (ବାକ୍-ଯୁଦ୍ଧ) କଳହ ।
ବାଘ-ବି. (ବ୍ୟାଘ୍ରଶବ୍ଦଜ) ଶାର୍ଦ୍ଦୂଳ ।
ବାଘି-ବି. ଜଙ୍ଘଉପରସ୍ଥ ରୋଗବିଶେଷ ।
ବାଘୁଣୀ-ବି. ବ୍ୟାଘ୍ରୀ ।
ବାଙ୍କ-ବି. ମୋଡ଼; ବିଂ. ବକ୍ର ।
ବାଙ୍ଗର-ବିଂ. ଗେଡ଼ା । [ସାଦୃଶ୍ୟ ।
ବାଙ୍ମୟ-ବିଂ. ( ବାକ୍-ମୟ ) ବାକ୍ୟମୟ; ବା
ବାଚଂଯମ-ବିଂ. (ବାଚଂ-ଯମ୍-ଅ) ମୌନଭାଷୀ ।
ବାଚକ-ବିଂ. ( ବଚ୍-ଅକ ) ଅର୍ଥପ୍ରକାଶକ; ବୋଧକ ।
ବାଚନ-ବି. (ବଚ୍-ଣିଚ୍-ଅନ) କଥନ; ପଠନ ।
ବାଚନିକ-ବିଂ. ( ବଚନ-ଇକ ) ବଚନନିଷ୍ପନ୍ନ । ମୌଖିକ । [ବୃହସ୍ପତି ।
ବାଚସ୍ପତି-ବି.(ବାଚସ୍-ପତି) ବାଗ୍ମୀ; ଦେବଗୁରୁ;
ବାଚାଳ-ବିଂ. (ବାଚ୍-ଅଲ) ବାଗ୍ଧୃଷ୍ଟ; ଯେ ବେଶୀ ବକେ; ଅସମ୍ବଦ୍ଧ ପ୍ରଳାପୀ ।
ବାଚିକ-ବିଂ. (ବାଚ୍-ଇକ) ବଚନସମ୍ବନ୍ଧୀୟ ।

ବାଚ୍ୟ-ବିଂ. ( ବଚ୍-ଯ ) ବକ୍ତବ୍ୟ; କଥନୀୟ, ଧାତୁର ଉତ୍ତର ବିଶେଷ ବିଶେଷ ଅର୍ଥରେ ଯେ ବିଶେଷ ବିଶେଷ ପ୍ରତ୍ୟୟ ହୁଏ ।

ବାଛୁରି-ବି. ( ବତ୍ସଶବ୍ଦଜ ) ବାଳରୋଗବିଶେଷ; ଘୋଟକଶିଶୁ । [କରିବା ।

ବାଛିବା-କ୍ରି. ପୃଥକ୍ କରି ନେବା, ନିର୍ବାଚନ

ବାଛୁରି-ବି. (ବତ୍ସତରୀଶବ୍ଦଜ) ଗୋବତ୍ସ ।

ବାଜ-ବି. (ବାଜ୍-ଅ) ଶ୍ୟେନପକ୍ଷୀ ।

ବାଜଣା-ବି. ବାଜା, ବାଦ୍ୟ ।

ବାଜ-ପେୟ-ବି. ବୈଦିକ ଯାଗବିଶେଷ ।

ବାଜପେୟୀ-ବିଂ. ( ବାଜପେୟ-ଇନ୍ ) ବାଜପେୟ-ଯାଗକାରୀ ।

ବାଜି-ବି. କୌତୁକ; ହୁଡ଼ ।

ବାଜିବା-କ୍ରି. ଶବ୍ଦିତ ହେବା ।

ବାଜୀ-ବି. (ବାଜ୍-ଇନ୍) ଅଶ୍ୱ ।

ବାଜୁ-ବି. ହସ୍ତାଭରଣବିଶେଷ ।

ବାଟିଜ-ବିଂ. ଗୁଟ୍ରସ; ଇତର ।

ବାଂଟିଜିଣି-ଶବ୍ଦକାରୀ ଅଳଙ୍କାର ।

ବାଞ୍ଛନୀୟ-ବିଂ. (ବାଞ୍ଛ୍-ଅନୀୟ) ଅଭିଲଷଣୀୟ ।

ବାଞ୍ଛା-ବି. (ବାଞ୍ଛ୍-ଅ) କାମନା, ସ୍ପୃହା ।

ବାଞ୍ଛିତ-ବିଂ. (ବାଞ୍ଛ୍-ତ) ଅଭୀଷ୍ଟ, ଅଭିଲଷିତ ।

ବାଟ-ବି. (ବଟ୍-ଅ) ପଥ; ଭୂମି ।

ବାଟିବା-କ୍ରି. ଶିଳରେ ପେଷିବା ।

ବାଟିକା-ବି. କ୍ଷୁଦ୍ର ବଗିଚା ।

ବାଟୀ-ବି. ଗୃହ; ୨୦ ମାଣ ଭୂମି ।

ବାଟୁଳି-ବି. ମାଟିର ଗୁଳି ।

ବାଟୋଇ-ବି. (ବାଟଶବ୍ଦଜ) ପଥିକ ।

ବାଡ଼-ବି. ( ବୃତିଶବ୍ଦଜ ) କ୍ଷେତ୍ରରକ୍ଷାର୍ଥ ବୃତି-ବନ୍ଧନ । [ବାଡ଼ବାନଳ ।

ବାଡ଼ବ-ବି. ( ବାଡ଼ବା-ଅ ) ସମୁଦ୍ରସ୍ଥ ଅଗ୍ନି;

ବାଡ଼ି-ବି. ଯଷ୍ଟି; ଗୃହସଂଲଗ୍ନ କ୍ଷୁଦ୍ର ବଗିଚା ।

ବାଡୁଅ-ବିଂ. ଅବିବାହିତ ।

ବାଡ଼େଇବା-କ୍ରି. ପ୍ରହାର କରିବା ।

ବାଢ଼ିବା-କ୍ରି. ଅନ୍ନ ବ୍ୟଞ୍ଜନ ପାତ୍ରରେ ଥୋଇବା; ପରଷିବା ।

ବାଣ-ବି. (ବାଣ୍-ଅ) ଶର, ତୀର ।

ବାଣି-ବି. ହେଁସବୁଣିବା ଦଉଡ଼ି । [ବାର ।

ବାଣିଜ୍ୟ-ବି. ( ବଣିଜ୍-ଯ ) ବଣିଗ୍‌ବୃତ୍ତି; କାର-

ବାଣୀ-ବି. (ବଣ୍-ଇ-ଈ) ବାକ୍ୟ; ସରସ୍ୱତୀ ।

ବାତ-ବି. (ବା-ତ) ବାୟୁ; ରୋଗବିଶେଷ ।

ବାତ ପ୍ରମୀ-ବି. ବାୟୁପରି ଦ୍ରୁତଗାମୀ ମୃଗ ।

ବାତାପି-ବି. ଅସୁରବିଶେଷ; ଅମ୍ଳଫଳବିଶେଷ ।

ବାତାୟନ-ବି. (ବାତ-ଅୟନ) ଗବାକ୍ଷ, ଅଶ୍ୱ ।

ବାତୁଳ-ବି. (ବାତ ଉଳ) ପାଗଳ ।

ବାତ୍ୟା-ବି. ( ବାତ-ଯ-ଆ ) ବଳବାନ୍ ବାୟୁ, ତୋଫାନ । [ଗୁରୁଜନର ସ୍ନେହ ।

ବାତ୍ସଲ୍ୟ-ବି. (ବତ୍ସଳ-ଯ) ସାନ ପ୍ରତି ବଡ଼ ବା

ବାଦ-ବି. ( ବଦ୍-ଅ ) ତର୍କ; ବିଚାର; କଥନ; କଳହ; ଦ୍ୱେଷ । [ବକ୍ତା ।

ବାଦକ-ବିଂ. ( ବଦ୍-ଣିଚ୍-ଅକ ) ବାଦ୍ୟକର;

ବାଦନ-ବି. (ବାଦ-ଅନ) ବଜାଇବା ।

ବାଦରାୟଣ-ବି. ବଦରିକାଶ୍ରମର ମୁନି-ବ୍ୟାସ ।

ବାଦସା-ବ. ( ଫାର୍ଶୀ ) ରଜା ।

ବାଦାନୁବାଦ-ବ. ( ବାଦ-ଅନୁବାଦ ) ବାଗ୍-ବିତଣ୍ଡା ।

ବାଦାମ-ବ. ବୃକ୍ଷବିଶେଷ ଓ ତାହାର ଫଳ ।

ବାଦିତ-ବି. (ବଦ୍-ଣିଚ୍-ତ) ଶବ୍ଦିତ ।

ବାଦିତ୍ର-ବ. (ବାଦ-ଇତ୍ର) ବାଦ୍ୟଯନ୍ତ୍ର, ବାଜଣା ।

ବାଦୀ-ବି. (ବଦ୍-ଇନ) ବକ୍ତା, ଫରିଆଦ ।

ବାଦୁଆ-ବି. ଦ୍ୱେଷୀ, ବିରୋଧୀ ।

ବାଦୁଡ଼ି-ବ. ଉଡ଼ନ୍ତା ପ୍ରାଣିବିଶେଷ ।

ବାଦ୍ୟ-ବ. (ବାଦ-ଯ) ବାଜଣା, ବାଜା ।

ବାନପ୍ରସ୍ଥ-ବ. ( ବନ-ପ୍ର-ସ୍ଥ ) ଗୃହସ୍ଥାଶ୍ରମର ପରବର୍ତ୍ତୀ ବନପ୍ରସ୍ଥାନ ବୃତ୍ତି ।

ବାନର-ବ. (ବନ-ରମ୍-ଅ) ମର୍କଟ, ଶାଖାମୃଗ ।

ବାନା-ବ. ପତାକା ।

ବାନୀର-ବ. ବେତଗଛ ।

ବାନ୍ତ-ବି. (ବମ୍-ତ) ଉଦ୍ଗୀର୍ଣ୍ଣ ।

ବାନ୍ତି-ବ. ( ବମ୍-ତି ) ବମନ, ଉଦ୍ଗୀରଣ ।

ବାଫ-ବ. ( ବପ୍-ଅ ) କ୍ଷୀର ; (ବପ୍ରଶବ୍ଦଜ) ଜନକ । [ଚୁଣା ।

ବାପିତ-ବି. ( ବପ୍-ଣିଚ୍-ତ ) ମୁଣ୍ଡିତ ; ବୁଣା,

ବାପୀ-ବ. ବାମ୍ଫା, ବୃହତ୍ କୂପ ।

ବାବା-ବ. ପିତା । [ସମ୍ବୋଧନ ।

ବାବୁ-ବ. ଭଦ୍ରଲୋକର ଉପାଧି ; ବାତ୍ସଲ୍ୟ-

ବାମ-ବି. (ବମ୍-ଅ) ବା, ଦକ୍ଷିଣେତର ; ପ୍ରତିକୂଳ; ସୁନ୍ଦର ।

ବାମ-ଦେବ-ବ. ଶିବ, ମହାଦେବ ।

ବାମା-ବ. ନାରୀ, ସୁନ୍ଦରୀ ସ୍ତ୍ରୀ ।

ବାମନ-ବି. (ବାମ-ଇ-ଅନ ) ଖର୍ବ; ବ. ଖର୍ବାକୃତି ଲୋକ; ବିଷ୍ଣୁଙ୍କର ଅବତାରବିଶେଷ ।

ବାମେତର-ବି. (ବାମ-ଇତର) ଦକ୍ଷିଣ ।

ବାମ୍ଫ-ବ. ବାଷ୍ପ ।

ବାୟବୀୟ-ବି. ବାୟୁସମ୍ବନ୍ଧୀୟ ।

ବାୟବ୍ୟ-ବି. (ବାୟୁ-ଯ) ବାୟୁକୋଣ; ବାୟୁସମ୍ବନ୍ଧୀୟ ।

ବାୟସ-ବ. ( ବୟ୍-ଅସ ) କାକ ।

ବାୟୁ-ବ. ( ବା-ଉ ) ବାତ, ପବନ ।

ବାୟୁ-ଭକ୍ଷ-ବ. ସର୍ପ ।

ବାୟୁ-ସଖ-ବ. ଅଗ୍ନି ।

ବାର-ବ. ବାସର; ସମୂହ; ପାଳି; ୧୨ ସଂଖ୍ୟା ।

ବାରଣ-ବ. (ବୃ-ଣିଚ୍-ଅନ) ହସ୍ତୀ; ନିଷେଧ ।

ବାରନାରୀ-ବ. ବାରବିଳାସିନୀ, ବେଶ୍ୟା ।

ବାରବେଳା-ନ. ଅଶୁଭ ସମୟ ଜ୍ୟୋତିଷୋକ୍ତ ସମୟବିଶେଷ-

ବାରମ୍ବାର-ଅ. ପୁନଃପୁନଃ । [ମତେ ।

ବାରାଙ୍ଗନା-ବ. (ବାର-ଅଙ୍ଗନା) ବେଶ୍ୟା ।

ବାରାଣସୀ-ବ. (ବରଣା-ଅସୀ) କାଶୀ ।

ବାରାନ୍ତର-ବ. ( ବାର-ଅନ୍ତର ) ଅନ୍ୟ ସମୟ ; [ଅନ୍ୟ ବାର ।

ବାରି-ବ. ଜଳ ।

ବାରିଜ-ବ. ( ବାରି-ଜନ-ଅ ) ପଦ୍ମ; ଶଙ୍ଖ ।

ବାରିଦ-ବ. ( ବାରି-ଦା-ଅ ) ଜଳଦ, ମେଘ ।

ବାରିଧି
ବାରିନିଧି } ବ. (ବାରି-ଧି, ନିଧି) ସମୁଦ୍ର, ଜଳଧି ।

ବାରି-ବାହ-ବି. ମେଘ ।
ବାରୀନ୍ଦ୍ର-ବି. (ବାରି-ଇନ୍ଦ୍ର) ସମୁଦ୍ର ; ବରୁଣ ।
ବାରୁଣୀ-ବି. (ବରୁଣ-ଅ-ଈ) ପଶ୍ଚିମଦିଗ ; ବରୁଣଙ୍କର ସ୍ତ୍ରୀ ।
ବାରୁଦ-ବି. ସୋରାଗନ୍ଧକ ମିଶ୍ରିତ ଚୂର୍ଣ୍ଣବିଶେଷ ।
ବାର୍ତ୍ତା-ବି. (ବୃତ୍-ଅ-ଆ) ବୃତ୍ତାନ୍ତ, ସମ୍ବାଦ ।
ବାର୍ତ୍ତା-ବହ-ବି. ଦୂତ ।
ବାର୍ଦ୍ଦଲ-ବି. ବାଦଲ; ମେଘ ।
ବାର୍ଦ୍ଧକ୍ୟ-ବି. (ବୃଦ୍ଧ-ଷ-ଯ) ବୃଦ୍ଧାବସ୍ଥା ।
ବାର୍ଦ୍ଧୁଷିକ-ବି. (ବୃଦ୍ଧି-ଇ-କ) କୁଷୀଦଜୀବୀ ।
ବାର୍ଯ୍ୟ-ବିଂ. (ବାରି-ଯ) ବାରଣୀୟ, ବାରଣଯୋଗ୍ୟ ।
ବାର୍ଷିକ-ବିଂ. (ବର୍ଷ-ଇକ) ବାତ୍ସରିକ ।
ବାର୍ସି-ବି. ବଢ଼େଇର କାଠ ଚାଞ୍ଛିବା ଶସ୍ତ୍ର ।
ବାଲିଶ୍-ବି. (ଫାର୍ଶୀ) ଉପାଧାନ, ତକିଆ ।
ବାଲ୍ମୀକି-ବି. (ବଲ୍ମୀକ-ଇ) ମୁନିବିଶେଷ ।
ବାବଦୂକ-ବିଂ. (ବଦ୍-ଯଙ୍-ଊକ) ବାଚାଳ ।
ବାଷ୍ପ } ବାଷ୍ପ } ବି. (ବା-ସୃକ୍-ପ) ବାଫ ; ଅଶ୍ରୁ ।
ବାସ-ବି. (ବସ୍-ଅ) ଗୃହ; ବସ୍ତ୍ର; ସୁଗନ୍ଧ ।
ବାସକ-ବି. ବାସଙ୍ଗ ଗଛ ।
ବାସକ-ସଜ୍ଜା-ବି. ବେଶଭୂଷାଯୁକ୍ତା ନାୟିକା ।
ବାସନ-ବି. (ବସ୍-ଣିଚ୍ ଅନ) ସୁଗନ୍ଧୀକରଣ ; ପାତ୍ର । [ସୁଗନ୍ଧ ।
ବାସନା-ବି. (ବସ୍-ଣିଚ୍-ଅନ-ଆ) ବାଞ୍ଛା; ଆଶା;

ବାସନ୍ତ-ବିଂ. (ବସନ୍ତ-ଅ) ବସନ୍ତ ଋତୁ ସମ୍ବନ୍ଧୀୟ ।
ବାସନ୍ତୀ-ବି. (ବସନ୍ତ-ଅ-ଈ) ନବମଲ୍ଲିକା ; ଦୁର୍ଗା ।
ବାସର-ବି. (ବସ୍-ଣିଚ୍-ଅର) ଦିବସ; ବିବାହ-ରାତ୍ରିର ଶୟନଗୃହ ।
ବାସବ-ବି. (ବସୁ-ଅ) ଇନ୍ଦ୍ର ।
ବାସି-ବିଂ. ପର୍ଯ୍ୟୁଷିତ । [ବସ୍ତ୍ରାବୃତ ।
ବାସିତ-ବିଂ. (ବସ୍-ଣିଚ୍-ତ) ସୁଗନ୍ଧୀକୃତ ;
ବାସିନ୍ଦା-ବିଂ. (ଫାର୍ଶୀ) ବାସକାରୀ ।
ବାସୀ-ବିଂ. (ବସ-ଇନ୍; ବାସକାରୀ ଶବ୍ଦାନ୍ତେ) ।
ବାସୁ-ବି. (ବସ୍ ଉ) ସର୍ବଭୂତବାସୀ ବିଷ୍ଣୁ ।
ବାସୁକି-ବି. (ବସୁ-କ-ଇ) ସର୍ପରାଜ ।
ବାସୁଙ୍ଗା-ବି. କଦଳୀ-ବାହୁଙ୍ଗା ।
ବାସୁଦେବ-ବି. (ବସୁଦେବ-ଅ) ଶ୍ରୀକୃଷ୍ଣ ।
ବାସ୍ତୁରି-ବିଂ. ଦ୍ୱିସପ୍ତତି ।
ବାସ୍ତବ } ବାସ୍ତବିକ } ବିଂ. (ବସ୍ତୁ-ଅ, ଇକ) ପ୍ରକୃତ, ଯଥାର୍ଥ ।
ବାସ୍ତବ୍ୟ-ବିଂ. (ବସ୍-ଣିଚ୍-ତବ୍ୟ) ବାସଯୋଗ୍ୟ ।
ବାସ୍ତୁ-ବି. (ବସ-ତୁ) ଗୃହ ।
ବାସ୍ତୁରୀ-ବିଂ. ବାରକୁଳୀ । [ବହୁବର୍ଣ୍ଣ ।
ବାହକ-ବି. (ବହ-ଣିଚ୍-ଅକ) ସାରଥି; ବିଂ.
ବାହନ-ବି. (ବହ-ଣିଚ୍-ଅନ) ଯାନ; ହସ୍ତୀ, ଅଶ୍ୱ, ନୌକା ପ୍ରଭୃତି ।
ବାହା-ବି. (ବାହୁଶବ୍ଦଜ) ଭୁଜ ।
ବାହା-ବି. (ବିବାହଶବ୍ଦଜ) ବିବାହ ।
ବାହାଡ଼ା-ବି. ଫଳବିଶେଷ ।

ବାହାନା–ବି. ଛଳନା ।

ବାହାପିଆ–ବିଂ. ଦୁଃସାହସୀ ।

ବାହାର–ବିଂ. ବହିର୍ଗତ ।

ବାହାର–ବି. ସୌନ୍ଦର୍ଯ୍ୟ ।

ବାହାରିବା–କ୍ରି. ବହିର୍ଗତ ହେବା । [ହିତ ।

ବାହିତ–ବିଂ. (ବହ୍-ଣିଚ୍-ତ) ଚାଳିତ ; ପ୍ରବା-

ବାହିନୀ–ବି. (ବାହ୍-ଇନ୍-ଈ) ସେନା ; ନଦୀ ।

ବାହିବା–କ୍ରି. ନୌକା ଚଳାଇବା ।

ବାହୁ–ବି. (ବହ୍-ଉ) ଭୁଜ ; ତ୍ରିଭୁଜର ଭୁଜ ।

ବାହୁଙ୍ଗା–ବି. ତାଳ ଓ ନଡ଼ିଆ ଗଛ ପ୍ରଭୃତିର

ବାହୁଙ୍ଗୀ–ବି. ଖରଦଣ୍ଡ । [ଶାଖା ।

ବାହୁଟିଆ–ବି. ହରଣବିଶେଷ ।

ବାହୁଟୀ–ବି. ହସ୍ତାଭରଣବିଶେଷ ।

ବାହୁଡ଼ା–ବି. (ବ୍ୟାବୃତ୍ତଶବ୍ଦଜ) ପ୍ରତ୍ୟାବର୍ତ୍ତନ ।

ବାହୁଡ଼ିବା–କ୍ରି. ଲେଉଟିବା ।

ବାହ୍ୟ–ବିଂ. (ବହ୍ ଯ) ବହିର୍ଭୂତ ; ବହିଃସ୍ଥ ।

ବି– ଉପସର୍ଗ ( ବା-ଇ ) ବିପରୀତ, ବିଶେଷ, ପ୍ରଭେଦ, ବିରୋଧ ପ୍ରଭୃତିର ସୂଚକ ।

ବିଂଶ–ବି. (ବିଂଶତି-ଅ) ବିଂଶତିର ପୂରଣ ।

ବିଂଶତି–ବି. କୋଡ଼ିଏ ସଂଖ୍ୟା ୨୦ ।

ବିଂଶତିତମ–ବିଂ. ବିଂଶତିର ପୂରଣ ।

ବିଆଣ–ବି. ପ୍ରସବ ।

ବିଆଳି–ବି. ଧାନ୍ୟବିଶେଷ । [ବିଶେଷ ।

ବିଉଁଶି–ବି. ( ବିଚର୍ଚ୍ଚିକାଶବ୍ଦଜ ) ଚର୍ମରୋଗ-

ବିକଚ–ବି. (ବି-କଚ୍-ଅ) ବିକଶିତ, ପ୍ରସ୍ଫୁଟିତ ।

ବିକଟ–ବିଂ. (ବି-କଟ୍-ଅ) ଭୟଙ୍କର; ବିକୃତ ।

ବିକତ୍ଥନ–ବି. (ବି-କତ୍ଥ୍-ଅନ) ମିଥ୍ୟାଶ୍ଳାଘା ।

ବିକର୍ତ୍ତନ–ବି. (ବି-କୃତ୍-ଅନ) ସୂର୍ଯ୍ୟ ।

ବିକଳ–ବିଂ. (ବି-କଳା) ଅବଶ; ବିହ୍ୱଳ; ଅସ-ମର୍ଥ; ଅସମ୍ପୂର୍ଣ୍ଣ ।

ବିକଳା–ବି. କଳାର ଷୋଡ଼ଶାଂଶ ।

ବିକଳାଙ୍ଗ–ବିଂ. (ବିକଳ-ଅଙ୍ଗ) ହୀନାଙ୍ଗ, ଖଞ୍ଜ ପ୍ରଭୃତି । [କଳ୍ପ ।

ବିକଳ୍ପ–ବି. (ବି-କଳ୍ପ) ସନ୍ଦେହ; ଭ୍ରମ; ବିପରୀତ

ବିକଶିତ } ବିଂ ( ବି-କଶ୍, କସ୍-ତ ) ପ୍ରଫୁଲ୍ଲ,
ବିକସିତ } ପ୍ରସ୍ଫୁଟିତ ।

ବିକସ୍ୱର–ବିଂ. (ବି-କସ୍-ବର) ବିକାଶ-ଶୀଳ ।

ବିକା–ବି. (ବିକ୍ରୟଶବ୍ଦଜ) ବିକ୍ରୟ ।

ବିକାର–ବି. ( ବି-କୃ-ଅ ) ପ୍ରକୃତିର ଅନ୍ୟଥା-ଭାବ, ବିକୃତ ରୋଗ ।

ବିକାଶ–ବି. (ବି-କାଶ୍-ଅ) ପ୍ରକାଶ; ଉଲ୍ଲାସ ।

ବିକାଶନ–ବି. ପ୍ରସ୍ଫୁଟନ ।

ବିକିରଣ–ବି. (ବି-କୄ-ଅନ) ବିକ୍ଷେପଣ ।

ବିକୀର୍ଣ୍ଣ–ବିଂ. (ବି-କୄ-ତ) ବିକ୍ଷିପ୍ତ; ବିସ୍ତୃତ ।

ବିକୃତ–ବିଂ. ( ବି-କୃ-ତ ) ବିକାରପ୍ରାପ୍ତ । ଘୃଣିତ ।

ବିକୃତି–ବି. (ବି-କୃ-ତି) ପ୍ରକୃତିର ଅନ୍ୟଥାଭାବ ।

ବିକ୍ରମ–ବି. (ବି-କ୍ରମ୍-ଅ) ପରାକ୍ରମ, ଶୌର୍ଯ୍ୟ; ଆରମ୍ଭ; ପଦକ୍ଷେପ ।

ବିକ୍ରୟ–ବି. (ବି-କ୍ରୀ-ଅ) ବିକିବା । [ଶାଳୀ ।

ବିକ୍ରାନ୍ତ–ବିଂ. (ବି-କ୍ରମ୍-ତ) ପରାକ୍ରାନ୍ତ, ବିକ୍ରମ-

ବିକ୍ରିୟା-ବି. ବିକାର, ବିକୃତି।
ବିକ୍ରେତା-ବି. (ବି-କ୍ରୀ-ତୃ) ବିକ୍ରୟ-କାରକ।
ବିକ୍ରେୟ-ବି. (ବି-କ୍ରୀ-ଯ) ବିକ୍ରୟ-ଯୋଗ୍ୟ।
ବିକ୍ଳବ-ବି. (ବି-କ୍ଳବ୍-ଅ) ବିହ୍ୱଳ; କାତର।
ବିକ୍ଷିପ୍ତ-ବି. (ବି-କ୍ଷିପ୍-ତ) ଏଣେତେଣେ ନିକ୍ଷିପ୍ତ; ଉଦ୍‌ଭ୍ରାନ୍ତଚିତ୍ତ।
ବିକ୍ଷେପ-ବି. (ବି-କ୍ଷିପ୍-ଅ) ଅନିର୍ଦ୍ଦିଷ୍ଟ ନିକ୍ଷେପ; ଦୁଃଖ; ଭୟ; ବିଶୃଙ୍ଖଳ।
ବିକ୍ଷୋଭ-ବି. (ବି-କ୍ଷୁଭ୍-ଅ) ଦୁଃଖ; ବିଶୃଙ୍ଖଳ।
ବିଖ୍ୟାତ-ବି. (ବି-ଖ୍ୟା-ତ) ପ୍ରସିଦ୍ଧ।
ବିଗତ-ବି. (ବି-ଗମ୍-ତ) ଅତୀତ; ପ୍ରସ୍ଥିତ।
ବିଗମ-ବି. (ବି-ଗମ୍-ଅ) ଅପଗମ; ନିବୃତ୍ତି।
ବିଗର୍ହଣ-ବି. (ବି-ଗର୍ହ୍-ଅନ) ନିନ୍ଦା, ଅପବାଦ।
ବିଗର୍ହିତ-ବି. (ବି-ଗର୍ହ୍-ତ) ନିନ୍ଦିତ।
ବିଗଳିତ-ବି. (ବି-ଗଲ୍-ତ) ସ୍ଖଳିତ; କ୍ଷରିତ।
ବିଗିଡ଼ିବା-କ୍ରି. ବିକୃତ ହେବା, ଖରାପ ହେବା।
ବିଗୁଣୀ-ବି. (ବି-ଗୁଣ) ଗୁଣରହିତ।
ବିଗ୍ନ-ବି. (ବିଜ୍-ତ) ଉତ୍କଣ୍ଠିତ; କାତର।
ବିଗ୍ରହ-ବି. (ବି-ଗ୍ରହ୍-ଅ) ଶରୀର; ମୂର୍ତ୍ତି; ଯୁଦ୍ଧ; କଳହ।
ବିଘଟନ-ବି. (ବି-ଘଟ୍-ଅନ) ବିଶ୍ଳେଷ; ବିରୋଧ।
ବିଘଟିତ-ବି. (ବି-ଘଟ୍-ତ) ବିଶ୍ଳେଷିତ, ବ୍ୟାହତ।
ବିଘାତ-ବି. (ବି-ହନ୍-ଅ) ବିଘ୍ନ; ଆଘାତ।
ବିଘ୍ନ-ବି. (ବି-ହନ୍-ଅ) ବ୍ୟାଘାତ, ବାଧା।
ବିଘ୍ନ-ନାୟକ, ବିଘ୍ନେଶ-ବି. ଗଣେଶ।

ବିଘ୍ନିତ-ବି. ବ୍ୟାହତ।
ବିଚକ୍ଷଣ-ବି. (ବି-ଚକ୍ଷ୍-ଅନ) ଜ୍ଞାନୀ; ଦକ୍ଷ; ବିଦ୍ୱାନ୍।
ବିଚର୍ଚ୍ଚିକା-ବି. କଣ୍ଡୁରୋଗ; କାଛୁରୋଗ।
ବିଚଳିତ-ବି. (ବି-ଚଲ୍-ତ) ସ୍ଖଳିତ; ଭ୍ରଷ୍ଟ; ଅସ୍ଥିର। [ନିରୂପଣ।
ବିଚାର-ବି. (ବି-ଚର୍-ଅ) ବିବେଚନା; ଯାଥାର୍ଥ୍ୟ-
ବିଚାରକ-ବି. (ବି-ଚର୍-ଣିଚ୍-ଅକ) ବିଚାର-କର୍ତ୍ତା; ମୀମାଂସାକାରକ।
ବିଚାରଣୀ-ବି. (ବି-ଚର୍-ଣିଚ୍-ଅନ-ଈ) ବିଚାର, ବିବେଚନା। [ବିଚାରଯୋଗ୍ୟ।
ବିଚାରଣୀୟ-ବି. (ବି-ଚର-ଅନୀୟ) ବିଚାର୍ଯ୍ୟ,
ବିଚାରିତ-ବି. (ବି-ଚର-ତ) ବିବେଚିତ, ମୀମାଂସିତ। [ଯୋଗ୍ୟ।
ବିଚାର୍ଯ୍ୟ-ବି. (ବି-ଚର-ଯ) ବିବେଚ୍ୟ; ବିଚାର-
ବିଚିତ୍ର-ବି. (ବି-ଚିତ୍ର ଅ) ନାନାବର୍ଣ୍ଣ-ବିଶିଷ୍ଟ; ଆଶ୍ଚର୍ଯ୍ୟଜନକ; ସୁନ୍ଦର।
ବିଚିତ୍ରିତ-ବି. (ବିଚିତ୍ର-ଇତ) ନାନାବର୍ଣ୍ଣ-ବିଶିଷ୍ଟ।
ବିଚେତନ-ବି. (ବି-ଚେତନା) ଅଚେତନ।
ବିଚେୟ-ବି. (ବି-ଚି-ଯ) ଅନ୍ୱେଷଣୀୟ।
ବିଚେଷ୍ଟିତ-ବି. (ବି-ଚେଷ୍ଟ-ତ) ଅଙ୍ଗପରିବର୍ତ୍ତନ-
ବିଚ୍ୟୁତି-ବି. ଭ୍ରଂଶ, ସ୍ଖଳନ। [କ୍ରିୟା।
ବିଚ୍ଛିନ୍ନ-ବି. (ବି-ଛିଦ୍-ତ) ବିଯୁକ୍ତ; ବିଭିନ୍ନ।
ବିଚ୍ଛେଦ-ବି. (ବି-ଛିଦ୍-ଅ) ବିୟୋଗ; ବିରହ;
ବିଛା-ବି. (ବୃଶ୍ଚିକଶବ୍ଦଜ) ବୃଶ୍ଚିକ। [ପାର୍ଥକ୍ୟ।
ବିଛୁଆଟି-ବି. କଣ୍ଡୂ-କାରୀ ଲତାବିଶେଷ।

ବି-ଜନ-ବି. ନିର୍ଜନ ।

ବିଜୟ-ବି. (ବି-ଜି-ଅ) ଜୟ ।

ବିଜୟା-ବି. ଘଣ୍ଟେଉର; ଦୁର୍ଗା ।

ବିଜୟୀ-ବି. (ବି-ଜି-ଇନ୍) ଜୟଯୁକ୍ତ, ଜୟ- [ପ୍ରାପ୍ତ ।

ବିଜାତୀୟ-ବି. (ବି-ଜାତି-ଈୟ) ଭିନ୍ନଧର୍ମାକ୍ରାନ୍ତ ।

ବିଜିତ-(ବି-ଜି-ତ) ପରାଭୂତ, ପରାଜିତ ।

ବିଜୁଳି-ବି. (ବିଦ୍ୟୁତ୍‌ଶବ୍ଦଜ) ବିଦ୍ୟୁତ, ତଡ଼ିତ ।

ବିଜୃମ୍ଭଣ-ବି. (ବି-ଜୃମ୍ଭ-ଅନ) ହାଇମାରିବା ।

ବିଜେତା-ବି. (ବି-ଜି-ତୃ) ଜୟୀ ।

ବିଜେୟ ବି. (ବି-ଜି-ଯ) ଜୟ କରିବାର ଯୋଗ୍ୟ ।

ବିଜ୍ଞ-ବି. (ବି-ଜ୍ଞା-ଅ) ବିଶେଷଜ୍ଞ, ଜ୍ଞାନୀ ।

ବିଜ୍ଞପ୍ତି-ବି. (ବି-ଜ୍ଞା-ଣିଚ୍ ତି) ବିଜ୍ଞାପନ ।

ବିଜ୍ଞାନ-ବି. (ବି-ଜ୍ଞା-ଅନ) ପଦାର୍ଥର ତତ୍ତ୍ୱନିର୍ଣ୍ଣାୟକ ଶାସ୍ତ୍ର, ଆତ୍ମତତ୍ତ୍ୱଜ୍ଞାନ ।

ବିଜ୍ଞାପନ-ବି. (ବି-ଜ୍ଞା-ଣିଚ୍-ଅନ) ନିବେଦନ, ବିଶେଷରୂପେ ଜଣାଇବା ।

ବିଜ୍ଞାପିତ-ବି. ନିବେଦିତ ।

ବିଞ୍ଚଣା-ବି. (ବ୍ୟଜନଶବ୍ଦଜ) ବ୍ୟଜନ, ପଙ୍ଖା ।

ବିଟ-ବି. (ବିଟ୍-ଅ) ଧୂର୍ତ୍ତ; ଲମ୍ପଟ; ଲବଣବିଶେଷ ।

ବିଟଙ୍କ-ବି. ପାରାବାଡ଼ି ।

ବିଟପ-ବି. (ବିଟ୍-ଅପ) ଶାଖା, ଡାଳ; ଲମ୍ପଟ ।

ବିଟପୀ-ବି. (ବିଟପ-ଇନ୍) ତରୁ, ବୃକ୍ଷ; ବ୍ୟଭି- [ଚାରିଣୀ ।

ବିଟୋଲି-ବି. ଦୁଷ୍ଟ ।

ବିଡ଼ଙ୍ଗ-ବି. (ବିଡ୍ ଅଙ୍ଗ) ଔଷଧବିଶେଷ ।

ବିଡ଼ମ୍ବନ, ବିଡ଼ମ୍ବନା-ବି. (ବି-ଡମ୍ବ୍-ଅନ, ଆ) ଅନୁକରଣ; ପ୍ରବଞ୍ଚନା; ଉପହାସନୀୟ ବ୍ୟାପାର ।

ବିଡ଼ମ୍ବିତ-ବି. (ବି-ଡମ୍ବ୍-ତ) ପ୍ରବଞ୍ଚିତ; [ଉପହସିତ ।

ବିଡ଼ା-ବି. ଗୋଛା ।

ବିଡ଼ାଲ-ବି. ବିଲେଇ ।

ବିଡ଼ିଆ-ବି. (ବାଟିକାଶବ୍ଦଜ) ପାନଖିଲ ।

ବିଡ଼ିବା-କ୍ରି. ପରଖିବା ।

ବିଡୌଜାଃ-ବି. (ବିଟ୍-ଓଜସ୍) ଇନ୍ଦ୍ର ।

ବିଣ୍ଡା-ବି. ବସ୍ତ୍ର ବା ପାଳ ପ୍ରଭୃତିର ମୋଟା ।

ବିତଂସ-ବି. ପକ୍ଷୀ ଧରିବା ଜାଲ ।

ବିତଣ୍ଡା-ବି. (ବି-ତଣ୍ଡ୍-ଅ-ଆ) ବିତର୍କ; ବାଗ୍‌ଯୁଦ୍ଧ ।

ବିତତ-ବି. (ବି-ତନ୍-ତ) ବିସ୍ତୃତ ।

ବିତଥ-ବି. (ବି-ତଥା-ଅ) ବିଫଳ; ମିଥ୍ୟା ।

ବିତରଣ-ବି. (ବି-ତୃ-ଅନ) ଦାନ; ବଣ୍ଟନ ।

ବିତର୍କ-ବି. (ବି-ତର୍କ୍-ଅ) ବାଦାନୁବାଦ; ଅନୁମାନ ।

ବିତଳ-ବି. ସପ୍ତ ପାତାଳର ଦ୍ୱିତୀୟ ପାତାଳ ।

ବିତସ୍ତି-ବି. ଏକ ବିଘତ, ବାର ଅଙ୍ଗୁଳି ପରିମାଣ ।

ବିତାନ-ବି. (ବି-ତନ୍-ଅ) ଚାନ୍ଦୁଆ; ପଟମଣ୍ଡପ; ବିସ୍ତାର ।

ବିତିବା-କ୍ରି. ବିଗତ ହେବା, ଯାପିତ ହେବା ।

ବିତୃଷ୍ଣା-ବି. ଅନିଚ୍ଛା; ଅରୁଚି ।

ବିତ୍ତ-ବି. (ବିଦ୍-ତ) ଧନ, ସମ୍ପତ୍ତି ।

ବିଦ୍-ବି. (ବିଦ୍-କ୍ୱିପ୍) ଯେ ଜାଣେ (ଶବ୍ଦାନ୍ତେ)

ବିଦ-ବି. ସ୍ତ୍ରୀମାନଙ୍କର ବାମ ବାହୁର ଅଳଙ୍କାର-ବିଶେଷ । [ଚତୁର; ନିପୁଣ ।

ବିଦଗ୍ଧ ବିଂ. (ବି-ଦହ୍-ତ) ରସଜ୍ଞ; ପଣ୍ଡିତ;

ବିଦର୍ଭ-ବି. ବେରର ପ୍ରଦେଶ ।

ବିଦାକୀ-ବି. (ଦାଧାତୁଜ) ମେଲାଣି ଧନାଦ ।

ବିଦାୟ-ବି. (ବି-ଦା-ଯ)ଗମନାନୁମତି; ମେଲାଣି ।

ବିଦାରକ-ବିଂ. (ବି-ଦୃ-ଅକ) ବିଦୀର୍ଣ୍ଣକାରୀ ।

ବିଦାରଣ-ବି.(ବି-ଦୃ-ଣିଚ୍-ଅନ) ବିଦୀର୍ଣ୍ଣ-କରଣ, ଭେଦନ, ମାରଣ ।

ବିଦାରିତ ବିଂ. (ବି-ଦୃ-ଣିଚ୍-ତ) ଭେଦିତ ।

ବିଦିକ୍-ବି. ଦୁଇ ଦିଗର ମଧ୍ୟବର୍ତ୍ତୀ କୋଣ ।

ବିଦିତ-ବିଂ. (ବିଦ୍-ତ) ଅବଗତ, ଜ୍ଞାତ ।

ବିଦୀର୍ଣ୍ଣ-ବିଂ. (ବି-ଦୃ-ତ) ଚିରା; ଭିନ୍ନ ।

ବିଦୁର-ବିଂ ଯୁଧିଷ୍ଠିରଙ୍କ ପିତୃବ୍ୟ ।

ବିଦୁଷୀ-ବି.(ବିଦ୍ୱସ୍-ଈ) ବିଦ୍ୟାବତୀସ୍ତ୍ରୀ, ପଣ୍ଡିତା ।

ବିଦୂଷକ-ବି. (ବି-ଦୂଷ ଅକ) ନାଟକ-ନାୟକର ପରିହାସ-କାରୀ ସହାୟ ।

ବି-ଦେଶ-ବି. ଦେଶାନ୍ତର, ଭିନ୍ନ ଦେଶ ।

ବିଦେଶୀ, ବିଦେଶୀୟ-ବିଂ. (ବିଦେଶ-ଇନ୍, ଈୟ) ଭିନ୍ନଦେଶବାସୀ ।

ବି-ଦେହ-ବି. ମିଥିଳା; ବିଂ- ଦେହରହିତ ।

ବିଦ୍ଧ-ବିଂ. (ବି-ଧ୍-ତ) ଛିଦ୍ରିତ; ସମ୍ମୁଖୀଣ୍ଣ; ଅଭିହତ । [ସ୍ଥିତ ।

ବିଦ୍ୟମାନ-ବିଂ. (ବିଦ୍-ଆନ) ବର୍ତ୍ତମାନ, ଉପ-

ବିଦ୍ୟା-ବି. (ବିଦ୍-ଯ-ଅ) ଅଧ୍ୟୟନ ଜନିତ-ଜ୍ଞାନ ।

ବିଦ୍ୟା-ଧର-ବି. ଗନ୍ଧର୍ବ; କିନ୍ନର ।

ବିଦ୍ୟାର୍ଥୀ-ବି.(ବିଦ୍ୟା-ଅର୍ଥ-ଇନ୍) ଛାତ୍ର, ଶିଷ୍ୟ ।

ବିଦ୍ୟାଳୟ-ବି. (ବିଦ୍ୟା-ଆଳୟ) ବିଦ୍ୟାଶିକ୍ଷାର ସ୍ଥାନ ।

ବିଦ୍ୟାବାନ୍-ବିଂ. (ବିଦ୍ୟା-ବତ୍ ପଣ୍ଡିତ, ବିଦ୍ୱାନ୍ ।

ବିଦ୍ୟୁତ୍-ବି. (ବି-ଦ୍ୟୁତ୍-କ୍ୱିପ୍) ବିଜୁଳି, ସୌଦାମିନୀ ।

ବିଦ୍ୟୁଲ୍ଲତା-ବି. (ବିଦ୍ୟୁତ୍-ଲତା) ବିଜୁଳି ।

ବିଦ୍ରଧି-ବି. ( ବିଦ୍ର ଧା-ଇ ) ବ୍ରଣବିଶେଷ ।

ବିଦ୍ରୁତ-ବିଂ.(ବି-ଦ୍ରୁ-ତ) ଦ୍ରବୀଭୂତ, ପଳାୟିତ; ଭୀତ ।

ବିଦ୍ରୁମ-ବି. ପଦ୍ମରାଗ-ମଣି; ପ୍ରବାଳ, ପୋହଳା ।

ବିଦ୍ରୋହ-ବି. (ବି-ଦ୍ରୁହ-ଅ) ବିରୁଦ୍ଧାଚରଣ ।

ବିଦ୍ରୋହୀ-ବିଂ. (ବିଦ୍ରୋହ-ଇନ) ବିରୁଦ୍ଧାଚାରୀ, ବିଦ୍ରୋହକାରୀ ।

ବିଦ୍ୱାନ୍-ବିଂ. (ବିଦ୍-ବସ) ପଣ୍ଡିତ, ବିଦ୍ୟାବାନ୍ ।

ବିଦ୍ୱିଷ୍ଟ-ବିଂ. (ବି-ଦ୍ୱିଷ୍-ତ) ଦ୍ୱେଷ ଭବରେ ଘୃଣିତ ।

ବିଦ୍ୱେଷ-ବି. (ବି-ଦ୍ୱିଷ୍-ଅ) ଶତ୍ରୁତା, ଦ୍ୱେଷ ।

ବିଦ୍ୱେଷୀ-ବିଂ. (ବି-ଦ୍ୱିଷ୍-ଇନ) ଦ୍ୱେଷକାରୀ ।

ବିଧ-ବି. ( ବି-ଧା-ଅ ) ପ୍ରକାର ।

ବିଧବା-ବି. (ବି-ଧବ) ପତିହୀନା, ମୃତପତିକା ।

ବିଧା-ବି. ହସ୍ତ-ମୁଷ୍ଟି ଦ୍ୱାରା ମାଡ଼ ।

ବିଧାତା-ବି. (ବି-ଧା-ତୃ) ସୃଷ୍ଟିକର୍ତ୍ତା ।

ବିଧାନ-ବି.(ବି-ଧା-ଅନ) ନିୟମ, ବିଧି; ନିର୍ମାଣ ।

ବିଧି-ବି. (ବି-ଧା-ଇ) ବିଧାତା; ନିୟମ; ଅନୁ-

ବିଧି-ଜ୍ଞ-ବିଂ. ବିଧାନଜ୍ଞ; ଶାସ୍ତ୍ରଜ୍ଞ । [ଷ୍ଠାନ ।

ବିଧି-ପୂର୍ବକ-କ୍ରି. ବିଂ. ବିଧାନଅନୁସାରେ ।

ବିଧି-ବହିଃ-ଅ°. ଯଥାବିଧି ।

ବିଧୁ-ବି. (ବି-ଧେ-ଉ) ଚନ୍ଦ୍ର; କର୍ପୂର ।

ବିଧୂନନ-ବି. (ବି-ଧୂ-ଣିଚ୍-ଅନ) କମ୍ପନ ।

ବିଧୂନିତ-ବି°. କମ୍ପିତ ।

ବିଧୁନ୍ତୁଦ-ବି. (ବିଧୁ-ତୁଦ୍-ଅ) ସହିଂଗ୍ରହ ।

ବିଧୁର-ବି°. ( ବି-ଧୁର୍-ଅ ) ଅର୍ତ୍ତ; କାତର; ଦୁଃଖିତ ।

ବିଧୃତ-ବି°. (ବି-ଧୃ-ତ) ଧୃତ; ଅବଲମ୍ବିତ ।

ବିଧେୟ-ବି°. (ବି-ଧା-ଯ) କର୍ତ୍ତବ୍ୟ; ଉଚିତ ।

ବିଧ୍ୱଂସ-ବି. (ବି-ଧ୍ୱନ୍ସ୍-ଅ) ବିନାଶ ।

ବିଧ୍ୱସ୍ତ-ବି°. (ବି-ଧ୍ୱନ୍ସ୍-ତ) ବିନଷ୍ଟ ।

ବିନତ ବି°. (ବି-ନମ୍-ତ) ଅବନତ; ପ୍ରଣତ ।

ବିନତା-ବି ( ବି-ନମ୍-ତ-ଅ ) କଶ୍ୟପ-ମୁନି-ପତ୍ନୀ, ଅରୁଣ ଓ ଗରୁଡ଼ର ମାତା ।

ବିନୟ-ବି. (ବି-ନୀ-ଅ) ନମ୍ରତା, ଶିଷ୍ଟତା ।

ବିନୟନ-ବି. (ବି-ନୀ-ଅନ) ଶିକ୍ଷା ।

ବିନୟୀ-ବି°. (ବି-ନୀ-ଇନ୍) ନମ୍ର, ବିନୀତ ।

ବିନଶ୍ୱର-ବି°. (ବି-ନଶ୍-ବର) ଅନିତ୍ୟ, ଧ୍ୱଂସ-ଶୀଳ ।

ବିନଷ୍ଟ-ବି°. (ବି-ନଶ୍-ତ) ବିଧ୍ୱସ୍ତ, ନାଶପ୍ରାପ୍ତ ।

ବିନା-ଅ°. ବ୍ୟତିରେକେ ।

ବିନାୟକ-ବି. (ବି-ନୀ-ଅକ) ଗଣେଶ ।

ବିନାଶ-ବି. (ବି-ନଶ୍-ଅ) ଧ୍ୱଂସ; ସଂହାର ।

ବିନାଶିତ-ବି°. (ବି ନଶ୍-ଣିଚ୍-ତ) ନଷ୍ଟ ।

ବିନିଃସୃତ-ବି°. ( ବି-ନିର୍-ସୃ-ତ ) ବହିର୍ଗତ, ନିର୍ଗତ ।

ବିନିଦ୍ର-ବି°. (ବି-ନିଦ୍ରା) ଜାଗରିତ, ନିଦ୍ରାରହିତ ।

ବିନିମୟ-ବି. (ବି ନି-ମୀ-ଅ) ପରିବର୍ତ୍ତ, ବଦଳ ।

ବିନୀତ-ବି°. (ବି-ନୀ-ତ) ନମ୍ର, ଶାନ୍ତ; ଶିକ୍ଷିତ; ଶାସିତ ।

ବିନୁ-ଅ°. (ବିନାଶବ୍ଦଜ) ବ୍ୟତିରେକେ ।

ବିନେତା-ବି°. (ବି-ନୀ-ତୃ) ଶିକ୍ଷକ, ନିୟମ-କର୍ତ୍ତା ।

ବିନେୟ-ବି°. (ବି-ନୀ ଯ) ଶିକ୍ଷଣୀୟ; ଶାସନୀୟ ।

ବିନୋଦ, ବିନୋଦନ-ବି. (ବି-ନୁଦ୍-ଅ, ଅନ) ପ୍ରବୋଧ; ଆମୋଦ । [ଅନୁସ ର ।

ବିନ୍ଦୁ-ବି. (ବିନ୍ଦ୍-ଉ) ଟୋପା, ଦ୍ରବଦ୍ରବ୍ୟର କଣା;

ବିନ୍ଧି-ବି. (ବ୍ୟଧ୍-ଧାତୁଜ) ଛିଦ୍ର, ରନ୍ଧ୍ର ।

ବିନ୍ଧାଣି-ବି. ବାଉଗର । [କରିବା ।

ବିନ୍ଧିବା-କ୍ରି. ବି. ଫୋଡିବା; ଶୃଙ୍ଗଦ୍ୱାରା ଆଘାତ

ବିନ୍ଧ୍ୟ-ବି. ପର୍ବତବିଶେଷ । [କ୍ରମେ ଅର୍ପିତ ।

ବିନ୍ୟସ୍ତ-ବି. (ବି-ନି-ଅସ୍-ତ) ସ୍ଥାପିତ; ଯଥା-

ବିନ୍ୟାସ-ବି. (ବି-ନି-ଅସ୍-ଅ) ସ୍ଥାପନ; ରଚନା;

ବିପକ୍ଷ-ବି. ବିରୁଦ୍ଧ ପକ୍ଷ, ଶତ୍ରୁ । [ସଜ୍ଜା ।

ବିପକ୍ଷତା-ବି. ଶତ୍ରୁତା, ପ୍ରତିକୂଳତା ।

ବିପଞ୍ଚୀ-ବି. ବୀଣା ।

ବିପଣି-ବି. (ବି-ପଣ୍-ଇ) ଦୋକାନ; ବଜାର ।

ବିପତ୍ତି-ବି. (ବି-ପଦ୍-ତି) ଆପଦ୍; ଦୁର୍ଭାଗ୍ୟ ।

ବିପଥ-ବି. କୁପଥ ।

ବିପଦ୍-ବି. (ବି-ପଦ୍-କ୍ୱିପ୍) ଆପଦ୍; ଦୁର୍ଭାଗ୍ୟ ।

ବିପନ୍ନ-ବି°. (ବି-ପଦ୍-ତ) ଦୁରବସ୍ଥାପନ୍ନ ।

ବିପରୀତ-ବି°. ( ବି-ପରି-ଇ-ତ ) ବିରୁଦ୍ଧ; ଓଲଟା ।

ବିପର୍ଯ୍ୟୟ-ବି. (ବି-ପରି-ଇ-ଅ) ବୈପରୀତ୍ୟ ।
ବିପର୍ଯ୍ୟସ୍ତ-ବିଂ. (ବି-ପରି-ଅସ୍-ତ) ବ୍ୟତିକ୍ରାନ୍ତ, ଓଲଟ ପାଲଟ ।
ବିପର୍ଯ୍ୟାସ-ବି. (ବି-ପରି-ଅସ୍-ଅ) ବିପର୍ଯ୍ୟୟ ।
ବିପଳ-ବି. କାଳର ସୂକ୍ଷ୍ମ ଅଂଶ ।
ବିପଶ୍ଚିତ୍-ବି. ବିଦ୍ୱାନ୍ ।
ବିପାକ-ବି. (ବି-ପଚ୍-ଅ) ପରିଣାମ; କର୍ମଫଳ ।
ବିପାଟନ-ବି. (ବି-ପଟ୍-ଣିଚ୍-ଅନ) ବିଦାରଣ ।
ବିପିନ-ବି. କାନନ, ବନ ।
ବିପୁଳ-ବିଂ. (ବି-ପୁଲ୍-ଅ) ବୃହତ୍, ମହତ୍ତ୍ୱ ।
ବିପ୍ର-ବି. (ବି-ପ୍ରା-ଅ) ବ୍ରାହ୍ମଣ ।
ବିପ୍ରକର୍ଷଣ-ବି. (ବି-ପ୍ର-କୃଷ୍-ଅନ) ଦୂରଗମନ ।
ବିପ୍ରକୃଷ୍ଟ-ବିଂ. ଦୂରବର୍ତ୍ତୀ ।
ବିପ୍ରଲବ୍ଧ-ବିଂ. (ବି-ପ୍ର-ଲଭ୍-ତ) ବଞ୍ଚିତ, ପ୍ରତାରିତ ।
ବିପ୍ରଲମ୍ଭ-ବି. ( ବି-ପ୍ର-ଲଭ୍-ଅ ) ପ୍ରତାରଣା; ବିବାଦ; ବିରହ ।
ବି-ପ୍ରିୟ-ବିଂ. ଅପ୍ରିୟ; ବି. ଅନିଷ୍ଟ ।
ବିପ୍ଳବ-ବି. (ବି-ପ୍ଳୁ-ଅ) ବିଦ୍ରୋହ; ଉପଦ୍ରବ ।
ବିପ୍ଳୁତ-ବିଂ. (ବି-ପ୍ଳୁ-ତ) ଆର୍ତ୍ତ; ଉପଦ୍ରୁତ ।
ବିଫଳ-ବିଂ. (ବି-ଫଳ) ନିଷ୍ଫଳ, ନିରର୍ଥକ ।
ବିବନ୍ଧ-ବି. ମୂତ୍ର-ପୁରୀଷର ଅବରୋଧ ।
ବିବୁଧ-ବି. (ବି-ବୁଧ-ଅ) ଦେବତା; ପଣ୍ଡିତ ।
ବି-ବୋଧ-ବି. ଜାଗରଣ; ଜ୍ଞାନ ।
ବିଭକ୍ତ-ବିଂ. (ବି-ଭଜ୍-ତ) ପୃଥକ୍‌କୃତ ।
ବିଭକ୍ତି-ବି. (ବି-ଭଜ୍-ତି) ବିଭାଗ; ବ୍ୟାକରଣରେ ଶବ୍ଦ ବା କ୍ରିୟାର ପ୍ରତ୍ୟୟ ।
ବିଭବ-ବି. (ବି-ଭୂ-ଅ) ଧନ, ଐଶ୍ୱର୍ଯ୍ୟ ।
ବିଭା-ବି. (ବି-ଭା-ଅ-ଆ) ପ୍ରଭା, ଦୀପ୍ତି ।
ବିଭା-ବି. (ଦେଶୀୟଶବ୍ଦ) ବିବାହ ।
ବିଭାକର-ବି. ସୂର୍ଯ୍ୟ
ବିଭାଗ-ବି. (ବି-ଭଜ୍-ଅ) ଅଂଶ, ଭାଗ ।
ବିଭାଜକ-ବିଂ. (ବି-ଭଜ୍-ଅକ) ବିଭାଗକର୍ତ୍ତା ।
ବିଭାଜ୍ୟ-ବିଂ. (ବି-ଭଜ୍-ଯ) ବିଭାଗଯୋଗ୍ୟ ।
ବିଭାତ-ବି. (ବି-ଭା-ତ) ପ୍ରଭାତ ।
ବିଭାବ-ବି. (ବି-ଭୂ-ଅ) ଶୋକ, କ୍ରୋଧ, ଉତ୍ସାହାଦି ଭାବ ।
ବିଭାବ୍ୟ-ବିଂ. ( ବି-ଭୂ-ଣିଚ୍-ଯ ) ବିଭାବନୀୟ, ଚିନ୍ତନୀୟ, ଭାବ୍ୟ ।
ବିଭାବରୀ-ବି. (ବି-ଭା-ବନ୍) ରାତ୍ରି, ରଜନୀ ।
ବିଭା-ବସୁ-ବି. ସୂର୍ଯ୍ୟ; ଅଗ୍ନି ।
ବିଭାସିତ-ବିଂ. (ବି-ଭାସ୍-ତ) ଦୀପିତ; ପ୍ରକାଶିତ ।
ବିଭିନ୍ନ-ବିଂ. (ବି-ଭିଦ୍-ତ) ପୃଥକ୍‌ଭୂତ; ଅନ୍ୟ-ବିଧ; ବିଦୀର୍ଣ୍ଣ ।
ବିଭୀତକ-ବି. ବାହାଡା ଗଛ ।
ବିଭୀଷଣ-ବି. ( ବି-ଭୀଷ୍-ଅନ ) ରାବଣର କନିଷ୍ଠ ଭ୍ରାତା; ବିଂ. ଭୟଙ୍କର ।
ବିଭୀଷିକା-ବି. ( ବି-ଭୀଷ୍-ଅକ-ଆ ) ଭୟପ୍ରଦର୍ଶନ ।
ବିଭୁ-ବି. (ବି-ଭୂ-ଉ) ପ୍ରଭୁ, ପରମେଶ୍ୱର ।
ବିଭୂତି-ବି. (ବି-ଭୂ-ତି) ସମ୍ପତ୍ତି, ଐଶ୍ୱର୍ଯ୍ୟ; ଭସ୍ମ ।
ବିଭୂଷିତ-ବିଂ. ( ବି-ଭୂଷ୍-ତ ) ଅଳଙ୍କୃତ, ଶୋଭିତ ।
ବିଭେଦ-ବି. ପ୍ରଭେଦ ।
ବିଭୋଳ-ବିଂ. ବିହ୍ୱଳ, ମତ୍ତ । [ସଂଶୟ ।
ବିଭ୍ରମ-ବି. ( ବି-ଭ୍ରମ୍-ଅ ) ବିଳାସ; ଭ୍ରମ;

ବିଭ୍ରାଟ୍—ବିଂ. ( ବି-ଭ୍ରାଜ୍-କ୍ୱିପ୍ ) ଶୋଭମାନ ; ବି. ଅପଦ୍ । [ମନସ୍କ ବିଷଣ୍ଣ ।

ବିମନାଃ, ବିମନସ୍କ—ବିଂ. (ବି-ମନସ୍-କ) ଅନ୍ୟ-

ବିମନାୟମାନ—ବିଂ (ବି-ମନଃ-ଯ-ଅନ) ବିଷଣ୍ଣ ।

ବିମର୍ଶ—ବି. (ବି-ମୃଶ୍-ଅ) ବିଚାର, ବିତର୍କ ।

ବିମର୍ଷ—ବି. (ବି-ମୃଷ୍-ଅ) ବିଷାଦ ।

ବିମଳ—ବିଂ. ନିର୍ମଳ ; ଶୁଭ୍ର ।

ବିମାତା—ବି. ସାବତ ମା ।

ବିମାନ—ବି. (ବି-ମା-ଅନ) ବ୍ୟୋମଯାନ; ମଣ୍ଡପ ।

ବି-ମିଶ୍ର—ବିଂ. ମିଶ୍ରିତ । [ତ୍ୟକ୍ତ ।

ବିମୁକ୍ତ—ବିଂ. ( ବି-ମୁଚ୍ ତ ) ମୁକ୍ତିପ୍ରାପ୍ତ; ପରି-

ବିମୁଖ—ବିଂ. ପରାଙ୍ମୁଖ; ଅପ୍ରସନ୍ନ ।

ବିମୂଢ଼—ବିଂ. (ବି-ମୁହ୍-ତ) ନିର୍ବୋଧ, ମୂର୍ଖ ।

ବିମୃଶ୍ୟକାରୀ, ବିମୃଷ୍ୟକାରୀ—ବିଂ. ( ବି-ମୃଶ୍ୟ, ମୃଷ୍ୟ—କୃ-ଇନ) ଯେ ବ୍ୟକ୍ତି ବିବେଚନା କରି କର୍ମ କରେ ।

ବିମୋଚନ—ବି. (ବି-ମୁଚ୍-ଅନ) ମୁକ୍ତି; ଉଦ୍ଧାର ।

ବିମୋହନ—ବିଂ. (ବି-ମୁହ-ଣିଚ୍-ଅନ) ମୋହ-ଜନକ ।

ବିମ୍ବ—ବି. (ବିମ୍-ଅ) ମଣ୍ଡଳ; ଛାୟା, ପ୍ରତିବିମ୍ବ ; କଇଁଚିକାକୃତ ଫଳ । [ବିମ୍ବିତ ।

ବିମ୍ବିତ—ବିଂ. ( ବିମ୍ବ-ଇତ ) ପ୍ରତିଫଳିତ, ପ୍ରତି-

ବିମ୍ବୋଷ୍ଠ—ବିଂ. (ବିମ୍ବ-ଓଷ୍ଠ) ପକ୍ୱବିମ୍ବପରି ରକ୍ତ-

ବିୟତ୍—ବି. ଆକାଶ । [ବର୍ଣ୍ଣ ଓଷ୍ଠ-ବିଶିଷ୍ଟ ।

ବିଯୁକ୍ତ—ବିଂ. ( ବି-ଯୁଜ୍-ତ) ବିଚ୍ଛିନ୍ନ ।

ବିୟୋଗ—ବି. ( ବି-ଯୁଜ୍-ଅ ) ବିଚ୍ଛେଦ ; ମୃତ୍ୟୁ ; ଗଣିତରେ ବ୍ୟବକଳନ ।

ବିୟୋଜିତ—ବିଂ. (ବି-ଯୁଜ୍-ଣିଚ୍-ତ) ପୃଥକ୍‌କୃତ ।

ବିୟୋଦ୍ଧା—ବିଂ. ଅଯୁଦ୍ଧ । [ଉଦାସୀନ ।

ବିରକ୍ତ—ବିଂ. (ବି-ରନ୍ଜ୍-ତ) ବିମୁଖ ଅସନ୍ତୁଷ୍ଟ;

ବିରକ୍ତି—ବି. ( ବି-ରନ୍ଜ୍-ତି ) ଅସନ୍ତୋଷ ; ବୈରାଗ୍ୟ ।

ବିରଞ୍ଚି, ବିରିଞ୍ଚି—ବି. ବ୍ରହ୍ମା ।

ବିରତ—ବିଂ. (ବି-ରମ୍-ତ) ନିବୃତ୍ତ, କ୍ଷାନ୍ତ ।

ବିରତି—ବି. (ବି-ରମ୍-ତି) ନିବୃତ୍ତି ।

ବିରଳ—ବିଂ. ଅନିବଡ଼, ଛଡ଼ାଛଡ଼ା; ଅଳ୍ପ ;

ବି-ରସ—ବିଂ ରସହୀନ; ମଳିନ । [ନିର୍ଜନ ।

ବିରହ—ବି. (ବି-ରହ-ଅ) ବିଚ୍ଛେଦ; ଅଭାବ ।

ବିରହିତ—ବିଂ. ବର୍ଜିତ, ରହିତ ।

ବିରହିଣୀ—ବିଂ. ବିଚ୍ଛେଦ-କ୍ଲେଶ ଯୁକ୍ତା ।

ବିରହୀ—ବିଂ ବିଚ୍ଛେଦ-କ୍ଲେଶ-ଯୁକ୍ତ ।

ବିରାଗ—ବି. (ବି-ରନ୍ଜ୍-ଅ) ବୈରାଗ୍ୟ, ବିରକ୍ତି ।

ବିରାଗୀ—ବିଂ. ବୈରାଗ୍ୟଯୁକ୍ତ । [ଶୋଭମାନ ।

ବିରାଜମାନ—ବିଂ. (ବି-ରାଜ୍-ଅନ) ଦୀପ୍ତିବିଶିଷ୍ଟ,

ବିରାଜିତ—ବିଂ.(ବି-ରାଜ୍-ତ)ଶୋଭିତ, ପ୍ରକାଶିତ ।

ବିରାଟ୍—ବିଂ. (ବି-ରାଜ୍-କ୍ୱିପ୍) ବ୍ୟାପକ; ଅତି ବୃହତ୍; ବି. ସର୍ବବ୍ୟାପୀ ପୁରୁଷ ।

ବିରାମ—ବିଂ. (ବି-ରମ୍-ଅ) ବିଶ୍ରାମ; ନିବୃତ୍ତି ।

ବିରୁଡ଼ି—ବି. ଦଂଶନକାରୀ ପତଙ୍ଗବିଶେଷ ।

ବିରୁତ—ବି. (ବି-ରୁ-ତ) କୂଜିତ ।

ବିରୁଦ୍ଧ—ବିଂ. (ବି-ରୁଧ୍-ତ) ବିପରୀତ; ବିପକ୍ଷ; ପ୍ରତିକୂଳ ।

ବିରୂପ—ବିଂ. (ବି ରୂପ) କୁରୂପ ।

ବିରୂପାକ୍ଷ-ବି. (ବିରୂପ-ଅକ୍ଷି) ଶିବ, ତ୍ରିଲୋଚନ।
ବିରେଚନ-ବି. (ବି-ରିଚ୍-ଣିଚ୍-ଅନ) ମଳ-ନିଃସାରଣ। [ନିଃସାରକ।
ବିରେଚକ-ବିଂ. (ବି-ରିଚ୍-ଣିଚ୍-ଅକ) ମଳ-
ବିରୋଧ-ବି. (ବି-ରୁଧ-ଅ) ବିପକ୍ଷତା; ବୈର।
ବିରୋଧୀ-ବିଂ. ପ୍ରତିକୂଳ; ବି. ଶତ୍ରୁ।
ବିଲ-ବି. ବିବର; ଗର୍ତ୍ତ।
ବିଲ୍-ବି. କ୍ଷେତ।
ବିଲକ୍ଷଣ-ବିଂ. ଅସାଧାରଣ; ଭିନ୍ନ।
ବିଳପନ, ବିଳପିତ-ବି. (ବି-ଲପ୍-ଅନ, ତ) ବିଳାପ। .
ବିଳପମାନ-ବିଂ. (ବି-ଲପ୍-ଅନ) ବିଳାପକାରୀ।
ବିଳମ୍ବ-ବି. (ବି-ଲମ୍ବ-ଅ) ଡେରି; ଅଶୀଘ୍ରତା।
ବିଳମ୍ବିତ-ବିଂ. (ବିଲମ୍ବ-ଇତ) ଲମ୍ବମାନ, ଦୋଳାୟିତ।
ବିଳୟ-ବି. (ବି-ଲୀ-ଅ) ବିନାଶ, ଲୟ।
ବିଳସନ, ବିଳସିତ-ବି. (ବି-ଲସ୍-ଅନ, ତ)
ବିଳେଇ-ବି. ବିରାଡ଼ି। [ବିଳାସଶୀଳା।
ବିଳାପ-ବି. (ବି-ଲପ୍-ଅ) ଖେଦୋକ୍ତି।
ବିଳାସ-ବି. (ବି ଲସ୍-ଅ) ଭାବ ପ୍ରକାଶକ-ଅଙ୍ଗଭଙ୍ଗୀ; କ୍ରୀଡ଼ା ଆମୋଦ ପ୍ରମୋଦ।
ବିଳାସୀ ବିଂ. (ବି-ଲସ୍-ଇନ) ଆମୋଦ ପ୍ରମୋ-ଦରେ ରତ।
ବିଳିବିଳେଇବା କ୍ରି ଦେବାଉଳାରେ ବକିବା।
ବିଲୀନ-ବିଂ. (ବି-ଲୀ ତ) ଲୟପ୍ରାପ୍ତ; ଅନ୍ତର୍ହିତ।
ବିଲୁଆ-ବି. ଶୃଗାଳ। [ରଣ।
ବିଲେଖନ-ବି. (ବି ଲିଖ୍-ଅନ) ଖନନ; ବିଦା-

ବିଲୋକନ-ବି. (ବି-ଲୁକ୍-ଅନ) ଦର୍ଶନ।
ବିଲୋଚନ-ବି. (ବି-ଲୋଚ୍-ଅନ) ଲୋଚନ, ଚକ୍ଷୁ। [ମନ୍ଥିତ।
ବିଲୋଡ଼ିତ-ବି. (ବି-ଲୁଡ୍-ଣିଚ୍-ତ) ଆଲୋଡ଼ିତ,
ବିଲୋପ-ବି. (ବି-ଲୁପ୍-ଅ) ନିଃସ୍ୱଭାବ ବିନାଶ।
ବିଲୋମ-ବିଂ. (ବି-ଲୋମ) ବିପରୀତ।
ବିଲୋମ-ବର୍ଣ୍ଣ-ବର୍ଣ୍ଣସଙ୍କର ଜାତି।
ବିଲ୍ୱ-ବି. ବେଲ, ଶ୍ରୀଫଳ। [ଇଚ୍ଛା।
ବିବକ୍ଷା-ବି. (ବି-ବଚ୍-ସନ୍-ଅ) ବୋଲିବାର
ବିବକ୍ଷିତ-ବିଂ. (ବି-ବଚ୍-ସନ୍-ତ) ଯାହା କହି-ବାକୁ ଇଚ୍ଛା କରାଯାଇଅଛି।
ବିବଦମାନ-ବିଂ. (ବି-ବଦ୍-ଅନ) ବିବାଦୀ, ବିରୋଧୀ।
ବିବର-ବି. (ବି-ବୃ-ଅ) ଗର୍ତ୍ତ; ରନ୍ଧ୍ର।
ବିବରଣ-ବି. (ବି-ବୃ-ଅନ) ବର୍ଣ୍ଣନ; ବ୍ୟାଖ୍ୟା।
ବି-ବର୍ଣ୍ଣ-ବିଂ. ମଳିନ। [ପରିଣାମ।
ବିବର୍ତ୍ତ-ବି (ବି-ବୃତ୍-ଅ) ପରିବର୍ତ୍ତ; ଘୂର୍ଣ୍ଣନ;
ବିବର୍ତ୍ତନ-ବି. (ବି-ବୃତ୍-ଅନ) ଘୂର୍ଣ୍ଣନ; ପାର୍ଶ୍ୱ-ପରିବର୍ତ୍ତନ; ନୃତ୍ୟ। [ବର୍ତ୍ତିତ।
ବିବର୍ତ୍ତିତ-ବିଂ. (ବି-ବୃତ୍-ତ) ଘୂର୍ଣ୍ଣିତ; ପରି-
ବିବଶ-ବିଂ. (ବି-ବଶ୍-ଅ) ଅବଶ; ବିହ୍ୱଳ।
ବିବସ୍ୱାନ୍-ବି. (ବି-ବସ୍-ବତୁ) ସୂର୍ଯ୍ୟ।
ବିବାକ୍-ବିଂ. ସମ୍ପଦ ଯୁ।
ବିବାକ-ବି. (ବି-ବଚ୍-ଅ-କ) ବିଚାରକର୍ତ୍ତା।
ବିବାଦ-ବି. (ବି-ବଦ୍-ଅ) ବିରୋଧ, କଳହ।
ବିବାଦୀ-ବିଂ. (ବିବାଦ-ଇନ୍) ବିରୋଧୀ।

ବିବାସନ–ବି. (ବି-ବସ୍-ଣିଚ୍-ଅନ) ନିର୍ବାସନ; ସ୍ୱଦେଶରୁ ଦୂରୀକରଣ ।
ବିବାସିତ–ବିଂ. (ବି-ବସ୍-ଣିଚ୍-ତ) ନିର୍ବାସିତ ।
ବିବାହ–ବି. (ବି-ବହ୍-ଅ) ପରିଣୟ ।
ବିବାହିତ–ବିଂ. (ବି-ବହ୍-ଣିଚ୍-ତ) ପରିଣୀତ ।
ବିବିକ୍ତ–ବିଂ. (ବି-ବିଚ୍-ତ) ନିର୍ଜନ; ପୃଥକ୍କୃତ; ଅସଂପୃକ୍ତ ।
ବିବିଧ–ବିଂ. (ବି-ବିଧା-ଅ) ନାନାପ୍ରକାର ।
ବିବି–ବି. ମାନ୍ୟା ମୁସଲମାନ ସ୍ତ୍ରୀ; ମାନ୍ୟା ସ୍ତ୍ରୀ ।
ବିବୃତ–ବିଂ. (ବି-ବୃ-ତ) ବର୍ଣ୍ଣିତ; ବ୍ୟାଖ୍ୟାତ; ପ୍ରକାଶିତ ।
ବିବୃତି–ବି. (ବି-ବୃ-ତି) ବ୍ୟାଖ୍ୟା । [ଚଳିତ ।
ବିବୃତ୍ତ–ବିଂ. (ବି-ବୃତ୍-ତ) ଘୂର୍ଣ୍ଣିତ; ତିର୍ଯ୍ୟକ୍
ବିବୃଦ୍ଧ–ବିଂ. (ବି-ବୃଧ୍-ତ) ବୃଦ୍ଧିପ୍ରାପ୍ତ ।
ବିବେକ–ବି. (ବି-ବିଚ୍-ଅ) ଭଲମନ୍ଦ ପୃଥକ୍ କରି ବିଚାର କରିବାର ଶକ୍ତି; ସୁବିବେଚନା ।
ବିବେକୀ–ବିଂ. (ବିବେକ-ଇନ୍) ସୁବିବେଚକ ।
ବିବେଚକ–ବିଂ. (ବି-ବିଚ୍-ଅକ) ସୁବିଚାରକାରୀ ।
ବିବେଚନା–ବି. (ବି-ବିଚ-ଅନ-ଆ) ବିଚାର, ବିଶେଷରୂପେ ଆଲୋଚନା ।
ବିବେଚିତ–ବିଂ. (ବି-ବିଚ୍-ଣିଚ୍-ତ) ବିଚାରିତ ।
ବିବେଚ୍ୟ–ବିଂ. (ବି-ବିଚ୍-ଯ) ବିବେଚନାଯୋଗ୍ୟ ।
ବିଶଙ୍କ–ବିଂ. (ବି ଶଙ୍କା) ନିର୍ଭୟ ।
ବିଶଦ, ବିଷଦ–ବିଂ. (ବି-ଶଦ୍, ସଦ୍-ଅ) ଶୁଭ୍ର, ନିର୍ମଳ; ସ୍ପଷ୍ଟ । [ଶୂନ୍ୟ ।
ବିଶଲ୍ୟ–ବିଂ. (ବି-ଶଲ୍ୟ) ଶଲ୍ୟ-ରହିତ; ଯାତନା-

ବିଶଲ୍ୟକରଣୀ–ବି. ସଂଜୀବକ ଔଷଧ; ଔଷଧ-ଗୁଳ୍ମବିଶେଷ । [ଫଳ ।
ବିଶା–ବି. ଓଜନ ବିଶେଷ; ୧୮, ୨୦ ବା ୨୨
ବିଶାଖା–ବି. ନକ୍ଷତ୍ରବିଶେଷ । [ବିଦ୍ୱାନ୍ ।
ବିଶାରଦ–ବିଂ. (ବିଶାଳ-ଦା-ଅ) ନିପୁଣ;
ବିଶାଳ–ବିଂ. (ବି-ଶାଳ) ବୃହତ୍; ବିସ୍ତୀର୍ଣ୍ଣ ।
ବିଶିଖ–ବି (ବି-ଶିଖା) ବାଣ, ଶର ।
ବିଶିଷ୍ଟ–ବିଂ (ବି-ଶିଷ୍-ତ) ଯୁକ୍ତ; ଶ୍ରେଷ୍ଠ; ବିଲକ୍ଷଣ; ପ୍ରସିଦ୍ଧ ।
ବିଶୁଦ୍ଧ–ବିଂ. (ବି-ଶୁଧ୍-ତ) ନିର୍ମଳ; ପବିତ୍ର ।
ବିଶୁଦ୍ଧି–ବି. (ବି-ଶୁଧ୍-ତି) ନିର୍ମଳତା; ପବିତ୍ରତା ।
ବିଶୃଙ୍ଖଳ–ବିଂ. (ବି-ଶୃଙ୍ଖଳା) ଶୃଙ୍ଖଳାହୀନ, ଅନିୟମିତ । [ଅବ୍ୟୟ; ବିଂ. ଅଧିକ ।
ବିଶେଷ–ବି. (ବି-ଶିଷ୍-ଅ) ପ୍ରଭେଦ; ପ୍ରକାର;
ବିଶେଷଜ୍ଞ–ବିଂ. ବିଜ୍ଞ ।
ବିଶେଷଣ–ବି. (ବି-ଶିଷ୍-ଅନ) ପ୍ରଭେଦ କାରକ ଗୁଣକ୍ରିୟାଦି । [ରୂପେ ।
ବିଶେଷତଃ–ଅ. (ବିଶେଷ-ତସ୍) ବିଶେଷ-
ବିଶେଷିତ–ବିଂ. (ବି ଶିଷ୍-ଣିଚ୍-ତ) ପ୍ରଭେଦିତ; ବିଶେଷଣଦ୍ୱାରା ଚିହ୍ନିତ ।
ବିଶେଷ୍ୟ–ବି. ବ୍ୟାକରଣରେ ବ୍ୟକ୍ତି ବା ବସ୍ତୁର ନାମବାଚକ ଶବ୍ଦ । [ନିକାଶି ପାଉଢ ।
ବିଶୋଧନ–ବି. (ବି-ଶୁଧ୍-ଅନ) ସଂଶୋଧନ;
ବିଶ୍ରବ୍ଧ–ବିଂ. (ବି-ଶ୍ରମ୍ଭ୍-ତ) ବିଶ୍ୱସ୍ତ; ଧୀର ।
ବିଶ୍ରମ୍ଭ–ବି. (ବି-ଶ୍ରମ୍ଭ୍-ଅ) ବିଶ୍ୱାସ; ପ୍ରଣୟ ।
ବିଶ୍ରାନ୍ତ–ବିଂ. (ବି-ଶ୍ରମ୍-ତ) ବିଗତଶ୍ରମ ।

ବିଶ୍ରାମ-ବି. (ବି-ଶ୍ରମ୍-ଅ) ଶ୍ରମର ବିରାମ; ବିରାମ ।
ବି-ଶ୍ରୀ-ବିଂ. ଶ୍ରୀହୀନ, କୁତ୍ସିତ ।
ବିଶ୍ରୁତ-ବିଂ. (ବି-ଶ୍ରୁ-ତ) ବିଖ୍ୟାତ ।
ବିଶ୍ଳିଷ୍ଟ-ବିଂ. (ବି-ଶ୍ଳିଷ୍-ତ) ବିଚ୍ଛିନ୍ନ; ଶିଥିଳ ।
ବିଶ୍ଳେଷ-ବି. ( ବି-ଶ୍ଳିଷ୍-ଅ ) ଅସଂଯୋଗ; ବିଚ୍ଛେଦ ।
ବିଶ୍ୱ-ବି. (ବିଶ୍-ବ) ଜଗତ୍, ବ୍ରହ୍ମାଣ୍ଡ; ବିଂ. ସମସ୍ତ ।
ବିଶ୍ୱ-କର୍ମା-ବି. ଦେବ-ଶିଳ୍ପୀ; ଜଗତ୍କର୍ତ୍ତା ।
ବିଶ୍ୱ-ଜନୀନ-ବିଂ. (ବିଶ୍ୱଜନ-ଈନ) ସର୍ବଲୋକର ହିତକାରୀ; ସାର୍ବଲୌକିକ । [ବିଧାତା ।
ବିଶ୍ୱମ୍ଭର-ବି. ( ବିଶ୍ୱଂ-ଭୃ-ଅ ) ବିଶ୍ୱପାଳକ;
ବିଶ୍ୱମ୍ଭରା-ବି. ପୃଥିବୀ । [ତକାର ସ୍ଥଳ ।
ବିଶ୍ୱବିଦ୍ୟାଳୟ-ବି. ସକଳ ବିଦ୍ୟାର ଅଧ୍ୟେ-
ବିଶ୍ୱସ୍ତ-ବିଂ. ( ବି-ଶ୍ୱସ୍-ତ ) ବିଶ୍ୱାସ-ପାତ୍ର; ବିଶ୍ୱାସୀ । [ଶାଂଶ ।
ବିଶ୍ୱା-ବି. ଭୂମିପରିମାଣ (ଏକ ଗୁଣ୍ଠର ଷୋଡ-
ବିଶ୍ୱାମିତ୍ର-ବି. (ବିଶ୍ୱ-ମିତ୍ର) ମୁନିବିଶେଷ ।
ବିଶ୍ୱାସ-ବି. (ବି-ଶ୍ୱସ୍-ଅ) ଶ୍ରଦ୍ଧା; ପ୍ରତ୍ୟୟ ।
ବିଶ୍ୱାସୀ-ବିଂ. (ବିଶ୍ୱାସ-ଇନ୍) ଯେ ବିଶ୍ୱାସ କରେ; ବିଶ୍ୱାସ-ପାତ୍ର । [ଯୋଗ୍ୟ ।
ବିଶ୍ୱାସ୍ୟ-ବିଂ. (ବି-ଶ୍ୱସ୍-ଯ) ବିଶ୍ୱସନୀୟ, ବିଶ୍ୱାସ-
ବିଷ-ବି. (ବିଷ୍-ଅ) ଗରଳ ।
ବିଷଘ୍ନ-ବିଂ. (ବିଷ-ହନ୍-ଅ) ବିଷ-ନାଶକ ।
ବିଷଣ୍ଣ-ବିଂ. (ବି-ସଦ୍-ତ) ବିଷାଦଯୁକ୍ତ; ମ୍ଳାନ ।
ବିଷ-ଧର-ବି. ସର୍ପ ।
ବିଷମ-ବିଂ. ( ବି-ସମ ) ଅଯୁଗ୍ମ; ଉଚ୍ଚନୀଚ; ଦୁର୍ଗମ; କ୍ଳେଶକର ।

ବିଷୟ-ବି. ( ବି-ସି-ଅ ) ଇନ୍ଦ୍ରିୟଗ୍ରାହ୍ୟ ପଦାର୍ଥ; ଦେଶ; ବର୍ଣ୍ଣିତ ପଦାର୍ଥ; ଧନ; ଭୋଗ୍ୟବସ୍ତୁ ।
ବିଷୟୀ-ବିଂ. ( ବିଷୟ-ଇନ୍ ) ବିଷୟାସକ୍ତ; ବି. ଧନୀ ।
ବିଷାକ୍ତ-ବିଂ. (ବିଷ-ଅକ୍ତ) ବିଷ-ମିଶ୍ରିତ ।
ବିଷାଣ-ବି. ଶୃଙ୍ଗ; ପଶୁ-ଦଂଷ୍ଟ୍ରା ।
ବିଷାଦ-ବି. (ବି-ସଦ୍-ଅ) ଖେଦ, ଦୁଃଖ ।
ବିଷୁବ-ବି. ସମରାତ୍ରିନ୍ଦିବକାଳ; ମେଷ ସଂକ୍ରାନ୍ତି ।
ବିଷୁବରେଖା-ବି. ଉଭୟ ମେରୁର ସମଦୂରବର୍ତ୍ତୀ ମଣ୍ଡଳାକାର କଳ୍ପିତ ରେଖା ।
ବିଷ୍କିର-ବି. (ବି-କୃ-ଅ) ପକ୍ଷୀ ।
ବିଷ୍ଟପ ବିଂ. (ବିଶ୍-ତପ) ଭୁବନ ।
ବିଷ୍ଟମ୍ଭ-ବି. (ବି-ସ୍ତମ୍ଭ-ଅ) ରୋଧ, ପ୍ରତିବନ୍ଧ ।
ବିଷ୍ଟର-ବି. (ବି-ସ୍ତୃ-ଅ) ଆସନ ।
ବିଷ୍ଠା-ବି. (ବି-ସ୍ଥା-ଅ) ମଳ, ପୁରୀଷ ।
ବିଷ୍ଣୁ-ବି. (ବିଷ-ନୁ) ସର୍ବବ୍ୟାପୀଦେବତା, ନାରାୟଣ ।
ବିଷ୍ଣୁ-ପଦ-ବି. ଆକାଶ । [ୟଣ ।
ବିଷ୍ଣୁ-ପଦୀ-ବି. ଗଙ୍ଗାନଦୀ ।
ବିସ-ବି. ମୃଣାଳ ।
ବିସଦୃଶ-ବିଂ. ବିପରୀତ; ବିରୁଦ୍ଧ ।
ବିସମ୍ବାଦ-ବି. ( ବି-ସଂ,-ବଦ୍-ଅ ) ବିରୋଧ, ଅମେଳ ।
ବିସମ୍ବାଦୀ-ବିଂ. ବିରୁଦ୍ଧ । [ଅମେଳ ।
ବିସର୍ଗ-ବି. (ବି-ସୃଜ୍-ଅ) ତ୍ୟାଗ; ଦାନ; ଃ ।
ବିସର୍ଜ୍ଜନ-ବି. (ବି-ସୃଜ୍-ଅନ) ତ୍ୟାଗ; ଦାନ ।
ବିସର୍ପ, ବିସର୍ପଣ-ବି. (ବି-ସୃପ୍-ଅ,-ଅନ) ପ୍ରସରଣ ।
ବିସୂଚିକା-ବି. ଓଲାଉଠା ରୋଗ । [ରଣ ।

ବିସୃଷ୍ଟ ବିଂ. (ବି-ସୃଜ୍-ତ) ତ୍ୟକ୍ତ, ନିକ୍ଷିପ୍ତ ।

ବିସ୍ତର-ବି. (ବି-ସ୍ତୃ-ଅ) ବହୁସଂଖ୍ୟା ; ବିଶେଷ-ବର୍ଣ୍ଣନ ; ଅସଙ୍କ ।

ବିସ୍ତାର, ବିସ୍ତୃତି-ବି. (ବି-ସ୍ତୃ-ଅ,ତି) ବ୍ୟାପ୍ତି ; ଓସାର; ବିଶାଳତା ।

ବିସ୍ତାରିତ-ବିଂ. (ବି-ସ୍ତୃ-ଣିଚ୍-ତ) ପସାରିତ ।

ବିସ୍ତୀର୍ଣ୍ଣ-ବିଂ, (ବି-ସ୍ତୃ-ତ) ବିସ୍ତୃତ; ବିଶାଳ ।

ବିସ୍ଫାରିତ-ବିଂ. (ବି-ସ୍ଫୁର୍-ଣିଚ୍-ତ) ବିସ୍ଫୁରିତ ; ବିସ୍ତାରିତ, ସ୍ଫୁର୍ତ୍ତିଯୁକ୍ତ ।

ବିସ୍ଫୁଲିଙ୍ଗ-ବି. ଅଗ୍ନିକଣା ।

ବିସ୍ଫୋଟ, ବିସ୍ଫୋଟକ-ବି. (ବି-ସ୍ଫୁଟ୍-ଅ, କ) ବ୍ରଣ, ବଥ ।

ବିସ୍ମୟ-ବି. (ବି-ସ୍ମି-ଅ) ଆଶ୍ଚର୍ଯ୍ୟ ।

ବିସ୍ମରଣ-ବି. (ବି-ସ୍ମୃ-ଅନ) ବିସ୍ମୃତି, ପାସୋର ।

ବିସ୍ମିତ-ବିଂ. (ବି-ସ୍ମି-ତ) ଆଶ୍ଚର୍ଯ୍ୟାନ୍ୱିତ ।

ବିସ୍ମୃତ-ବିଂ. (ବି-ସ୍ମୃ-ତ) ପାସୋର ଯାଇଥିବା ।

ବିସ୍ମୃତି-ବି. ବିସ୍ମରଣ ।

ବିସ୍ରସ୍ତ-ବିଂ. (ବି-ସ୍ରନ୍ସ୍-ତ) ଚ୍ୟୁତ ; ପତିତ ।

ବିହଗ, ବିହଙ୍ଗ, ବିହଙ୍ଗମ-ବି. (ବିହାୟସ୍-ଗମ୍-ଅ) ପକ୍ଷୀ ।

ବିହନ-ବି. ଧାନ୍ୟ-ବୀଜ ; ମାଛଜମ୍ମ ।

ବିହାୟସ-ବି. ଆକାଶ ।

ବିହାର-ବି. (ବି-ହୃ-ଅ) କ୍ରୀଡ଼ା ; ଭ୍ରମଣ ; ବୌଦ୍ଧ ମଠ ।

ବିହାରୀ-ବିଂ. (ବିହାର-ଇନ୍) ଭ୍ରମଣକାରୀ ।

ବିହିତ-ବିଂ. (ବି-ଧା-ତ) କୃତ ; କର୍ତ୍ତବ୍ୟ ।

ବିହୀନ-ବିଂ. (ବି-ହା-ତ) ବିରହିତ ବର୍ଜିତ ।

ବିହ୍ୱଳ-ବିଂ. (ବି-ହ୍ୱଲ୍-ଅ) ଶୋକାଦି ଦ୍ୱାରା ଅଭି-ଭୂତ; ବିବଶ ।

ବୀକ୍ଷଣ-ବି. (ବି-ଈକ୍ଷ୍-ଅନ) ଦର୍ଶନ, ନିରୀକ୍ଷଣ ।

ବୀଚି-ବି. ତରଙ୍ଗ ।

ବୀଜ-ବି. ମଞ୍ଜି ; କାରଣ ; ଅବ୍ୟକ୍ତ ଗଣିତ ।

ବୀଜନ, ବ୍ୟଜନ-ବି. (ବି-ଅଜ-ଅନ) ପଙ୍ଖା ; ପଙ୍ଖାର ସଞ୍ଚାଳନ ।

ବୀଟିକା-ବି. ବିଡ଼ିଆ, ପାନଖିଲ ।

ବୀଣା-ବି. ସପ୍ତତନ୍ତ୍ରୀଯୁକ୍ତ ବାଦ୍ୟ ।

ବୀଣା-ପାଣି-ବି. ସରସ୍ୱତୀ ।

ବୀତ-ବିଂ. (ବି-ଇ-ତ) ବିଗତ ।

ବୀତଂସ-ବି. ମୃଗାଦି ବନ୍ଧନାର୍ଥ ଜାଲ ; ଫାନ୍ଦ ।

ବୀଥି, ବୀଥିକା-ବି. ଶ୍ରେଣୀ ; ଉଭୟ ପାର୍ଶ୍ୱରେ ବୃକ୍ଷଶ୍ରେଣୀଯୁକ୍ତ ପଥ ।

ବୀପ୍ସା-ବି. ପୁନରୁକ୍ତି ।

ବୀଭତ୍ସ-ବିଂ. ଅତ୍ୟନ୍ତ କଦର୍ଯ୍ୟ ।

ବୀର-ବି. (ବୀର-ଅ) ଶୂର ; କାବ୍ୟର ରସ-ବିଶେଷ ; ବିଂ. ବିକ୍ରମଶାଳୀ ।

ବୀରାସନ-ବି. ଉରୁ ଉପରେ ପାଦସ୍ଥାପନପୂର୍ବକ ଉପବେଶନ ।

ବୀର୍ଯ୍ୟ-ବି. (ବୀର-ଯ) ଶୌର୍ଯ୍ୟ; ବିକ୍ରମ; ତେଜଃ

ବୁଜା-ବିଂ. ମୁଦା; ପୋତା ।

ବୁଜିବା-କ୍ରି. ମୁଦିବା ।

ବୁଝିବା-କ୍ରି. ବୁଦ୍ଧିଗତ କରିବା ; ସମଝିବା ।

ବୁଟି, ବୁଣ୍ଟା-ବି. ଶସ୍ୟବିଶେଷ ।

ବୁଟା-ବି. ବସ୍ତ୍ରର ନକ୍ସା ବା ଚିହ୍ନ ।

ବୁଡ଼ି-ବି. ଜଳରେ ମଜ୍ଜନ ।

ବୁଡ଼ିବା-କ୍ରି. ବୁଡ଼ିବା ; ପାଣିରେ ମଗ୍ନ ହେବା ।

ବୁଢ଼ା-ବି. ବୃଦ୍ଧଲୋକ; ସ୍ତ୍ରୀ-ବୁଢ଼ୀ ।

ବୁଢ଼ୀଆଣି-ସ୍ତ୍ରୀ. ମାକଡ଼ସା ।

ବୁଣା-ବିଂ. ବପିତ; ତନ୍ତରେ ପ୍ରସ୍ତୁତ ।

ବୁଣିବା-କ୍ରି. ବପନ କରିବା; ବସ୍ତ୍ର ନିର୍ମାଣ କରିବା ।

ବୁଦା-ବି. ଗୁଳ୍ମ ।

ବୁଲାଇବା-କ୍ରି. ଭ୍ରମଣ କରାଇବା; ଘୂରାଇବା ।

ବୁଲିବା-କ୍ରି. ଭ୍ରମଣ କରିବା ।

ବୃଂହିତ-ବି. ହସ୍ତୀର ଶବ୍ଦ ।

ବୃକ-ବି. ହେଟାବାଘ ।

ବୃକୋଦର-ବି. ଭୀମନାମକ ପାଣ୍ଡବ ।

ବୃକ୍ଷ-ବି. ଗଛ, ତରୁ ।

ବୃକ୍ଷ-ବାଟିକା-ବି. ଉପବନ ।

ବୃଜିନ-ବି. ପାପ ।

ବୃତ-ବିଂ. ( ବୃ-ତ ) ପ୍ରାର୍ଥିତ ; ଆଚ୍ଛାଦିତ ।

ବୃତି-ବି. ( ବୃ-ତି ) ବେଷ୍ଟନ; ବାଡ଼ ।

ବୃତ୍ତ-ବିଂ. ( ବୃତ-ତ ) ଜାତ ; ଅତୀତ ; ବି. ଚରିତ; ଚକ୍ରାକାରକ୍ଷେତ୍ର; ଗୀତର ସ୍ୱର ।

ବୃତ୍ତାନ୍ତ-ବି. ( ବୃତ୍ତ-ଅନ୍ତ ) ବାର୍ତ୍ତା; ବିବରଣ ।

ବୃତ୍ତି-ବି. ( ବୃତ-ତି ) ଜୀବିକା ; ମନୋବୃତ୍ତି ; [ବ୍ୟାଖ୍ୟା ।

ବୃତ୍ର-ବି. ଅସୁର ବିଶେଷ ।

ବୃତ୍ରାରି-ବି. ( ବୃତ୍ର-ଅରି ) ଇନ୍ଦ୍ର ।

ବୃଥା-ଅ. ନିରର୍ଥକ ।

ବୃଦ୍ଧ-ବିଂ. (ବୃଧ୍-ତ ) ବୁଢ଼ା ।

ବୃଦ୍ଧ-ପ୍ରପିତାମହ-ବି. ପିତାମହର ପିତାମହ ।

ବୃଦ୍ଧ-ପ୍ରମାତାମହ-ବି.ମାତାମହର ମାତାମହ ।

ବୃଦ୍ଧି-ବି. (ବୃଧ୍-ତି ) ବର୍ଦ୍ଧନ; ଉନ୍ନତି ; ଆଧିକ୍ୟ ; [କୁସୀଦ ।

ବୃନ୍ତ-ବି. ଫଳ ପୁଷ୍ପାଦିର ଡେମ୍ଫ ।

ବୃନ୍ଦ-ବି. ସମୂହ; ଦଶଅର୍ବୁଦ ସଂଖ୍ୟା ।

ବୃନ୍ଦା-ବି. ତୁଳସୀ ବୃକ୍ଷ । [ଲୋକ ।

ବୃନ୍ଦାରକ-ବି. (ବୃନ୍ଦ-ଆର-କ) ଦେବତା ; ଶ୍ରେଷ୍ଠ

ବୃନ୍ଦା-ବନ-ବି. ହିନ୍ଦୁତୀର୍ଥ-ବିଶେଷ ।

ବୃଶ୍ଚିକ-ବି. ବିଛା । [ବିଶେଷ ।

ବୃଷ-ବି. ( ବୃଷ୍-ଅ ) ଷଣ୍ଢ ; ଦ୍ୱାଦଶଙ୍କ ରାଶି-

ବୃଷଣ-ବି. ( ବୃଷ୍-ଅନ ) ଅଣ୍ଡକୋଷ ।

ବୃଷଭ-ବି. ବୃଷ , ଶ୍ରେଷ୍ଠ ( ଶବ୍ଦାନ୍ତେ ) ।

ବୃଷଳ-ବି. ଶୂଦ୍ର ।

ବୃଷା-ବି. ( ବୃଷ-ଅନ ) ଇନ୍ଦ୍ର ।

ବୃଷ୍ଟି-ବି. ( ବୃଷ୍ ତି ) ବର୍ଷା ।

ବୃଷ୍ୟ-ବିଂ. ( ବୃଷ୍-ଯ ) ବୀର୍ଯ୍ୟକର, ବଳକର ।

ବୃହତ୍-ବିଂ. (ବୃହ୍-ଅତ୍ ) ବଡ଼, ବିପୁଳ ।

ବୃହସ୍ପତି-ବି. (ବୃହତ୍-ପତି) ଦେବଗୁରୁ ; ଗ୍ରହ-ବିଶେଷ ।

ବେଉରିବା-କ୍ରି ବେଉରା କରିବା; ବାଣ୍ଟିଦେବା ।

ବେଉରା-ବି. ବାର୍ତ୍ତା ।

ବେଉସା-ବି. ବ୍ୟବସାୟ ।

ବେକ-ବି. ଗଳାର ପଶ୍ଚାଦ୍ଭାଗ ।

ବେଗ-ବି. (ବିଜ-ଅ) ତ୍ୱରା, ଶୀଘ୍ରତା; ମୂତ୍ରାଦିର ନିର୍ଗମପ୍ରବଣତା; ପ୍ରବାହ ।

ବେଗୁନିଆ-ବି. ବୃକ୍ଷବିଶେଷ ।

ବେଗେ-କ୍ରି. ଶୀଘ୍ର ।
ବେଙ୍ଗ-ବି. (ବ୍ୟଙ୍ଗଶବ୍ଦଜ) ଭେକ ।
ବେଙ୍ଗଲା-ବି. ଧାନ ଉପରେ ବଳଦ ବୁଲାଇବା ।
ବେଠି-ବି. (ବିଷ୍ଟିଶବ୍ଦଜ) ବିନା ମୂଲରେ ପରିଶ୍ରମ ।
ବେଡ଼-ବି. ଶୃଙ୍ଖଳ ।
ବେଢ଼-ବି. (ବେଷ୍ଟଶବ୍ଦଜ) ବେଷ୍ଟନ, ପରିଧି ।
ବେଢ଼ା-ବି. ଘରଅଡ଼ର ପାଚେରି ।
ବେଢ଼ିବା-କ୍ରି. (ବେଷ୍ଟଧାତୁରୁ) ଘେରିବା ।
ବେଣା-ବି. ଉଶୀର, ତୃଣବିଶେଷ ।
ବେଣୀ-ବି. କେଶପାଶ; ଜଳପ୍ରବାହ ।
ବେଣୁ-ବି. ବାଉଁଶ; ବଂଶୀ ।
ବେଣ୍ଟ-ବି. (ବୃନ୍ତଶବ୍ଦଜ) ଅସ୍ତ୍ରାଦିର ମୁଠା ।
ବେତ-ବି. ବେନ୍ତ, ବେତସ । [ଶ୍ରମିକ ।
ବେତନ-ବି. ପରିଶ୍ରମର ମୂଲ୍ୟ; ମାସିକ ପାରି-
ବେତସ-ବି. ବେତ ।
ବେତା-ବି. ବଡ଼ ଚୋକେଇ । [ଭାଲୁଆକ ।
ବେତାଳ-ବି. ଭୂତ; ପିଶାଚ; ବିଂ. ସଂଗୀତରେ
ବେତ୍ତା-ବିଂ. (ବିଦ୍-ତୃ) ଜ୍ଞାତା ।
ବେତ୍ର-ବି. ବେତଗଛ, ବେତବାଡ଼ି ।
ବେଦ-ବି. (ବିଦ୍-ଅ) ଋକ୍, ଯଜୁଃ, ସାମ, ଅଥର୍ବ ଏହି ଚାରିବେଦ; ଧର୍ମଶାସ୍ତ୍ର; ଚାରିସଂଖ୍ୟା ।
ବେଦନା-ବି. ( ବିଦ୍-ଅନ-ଆ ) କ୍ଲେଶବୋଧ; କ୍ଲେଶ; ଅନୁଭବ ।
ବେଦାଙ୍ଗ-ବି. ( ବେଦ-ଅଙ୍ଗ ) ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ ବେଦର ଏହି ଛଅ ଅଙ୍ଗ । [ଦର୍ଶନଶାସ୍ତ୍ର ।
ବେଦାନ୍ତ-ବି. ( ବେଦ-ଅନ୍ତ ) ବ୍ରହ୍ମସମ୍ବନ୍ଧୀୟ

ବେଦି, ବେଦିକା-ବି. ଯଜ୍ଞଭୂମି; ପୂଜାର୍ଥ ବା ଧର୍ମନିଷ୍ଠାଙ୍କ ନିମନ୍ତେ ଚତୁରସ୍ର ଉଚ୍ଚଭୂମି ।
ବେଦ୍ୟ-ବିଂ. (ବିଦ୍-ଯ) ଜ୍ଞେୟ ।
ବେଧ-ବି. ( ବିଧ୍-ଅ ) ଛିଦ୍ରକରଣ; ସ୍ଥୂଳତାର ପରିମାଣ ।
ବେଧ-ବି. ପରପୁରୁଷ ସମ୍ପର୍କରୁ ଜାତ ଶିଶୁ ।
ବେଧକ-ବିଂ. ( ବିଧ୍-ଅକ ) ଭେଦକ, ଯେ ବିନ୍ଧ କରେ ।
ବେଧନ-ବି. (ବିଧ-ଅନ) ଛିଦ୍ରକରଣ ।
ବେଧନୀ-ବି. ଫୋଡ଼ିବାର ଅସ୍ତ୍ର ।
ବେଧ୍ୟ-ବିଂ. ( ବିଧ୍-ଯ ) ବିନ୍ଧିବାର ଯୋଗ୍ୟ, [ଶରବ୍ୟ ।
ବେନି-ବିଂ. ଦୁଇ, ଯୁଗ୍ମ ।
ବେପଥୁ-ବି. (ବେପ୍-ଅଥୁ) କମ୍ପ ।
ବେପମାନ-ବିଂ. (ବେପ୍-ଆନ) କମ୍ପମାନ ।
ବେପାର-ବି. ବ୍ୟାପାର, ବାଣିଜ୍ୟ ।
ବେପାରୀ-ବି. ବ୍ୟାପାରୀ, ବ୍ୟବସାୟୀ ।
ବେଭାର-ବି. ବ୍ୟବହାର; ଆଚରଣ; ମଙ୍ଗଳାଦି କୃତ୍ୟରେ ଉପହାର ।
ବେଭାରୀ-ବିଂ. ବ୍ୟାପାରୀ, କାରବାରୀ ।
ବେର-ବି. ଶରୀର ।
ବେଳ-ବି. ବେଳା, ସମୟ ।
ବେଲ-ବି. ବିଲ୍ୱ, ଶ୍ରୀଫଳ ।
ବେଲଣା-ବି. ( ବେଲ୍ଲନଶବ୍ଦଜ ) ରୋଟି ବେଲି-ବାର ବର୍ତ୍ତୁଳକାଷ୍ଠ । [ଜୁଆର ।
ବେଳା-ବି. (ବେଲ୍-ଅ-ଆ) ସମୟ; ସମୁଦ୍ରତଟ;
ବେଲା-ବି. କଂସାର ପାତ୍ରବିଶେଷ ।
ବେଶ-ବି. (ବିଶ୍-ଅ) ସଜ୍ଜା ।

ବେଶ୍-ବି. ଉତ୍ତମ, ଅଚ୍ଛା ।
ବେଶର-ବି. (ବେଶବାରଶବ୍ଦଜ)ବଟା ଶୋରିଷ ।
ବେଶୀ-ବି. (ଫାର୍ଶୀ) ଅଧିକ ।
ବେଶ୍ମ-ବି. (ବିଶ୍-ମନ୍) ଗୃହ, ଭବନ ।
ବେଶ୍ୟା-ବି. (ବିଶ୍-ଯ-ଆ) ବାରାଙ୍ଗନା ।
ବେଷ୍ଟନ-ବି. (ବେଷ୍ଟ୍-ଅନ) ଚତୁର୍ଦ୍ଦିଗରେ ଆବରଣ; ବେଢ଼ ।
ବେଷ୍ଟିତ-ବି. (ବେଷ୍ଟ୍-ତ) ଆବୃତ, ଘେର ।
ବେସନ-ବି. ବୁଟ୍ଟ ଅଟା ।
ବେହୟା-ବି. (ଫାର୍ଶୀରୁ) ନିର୍ଲଜ୍ଜ ।
ବେହେରା-ବି. ଗଉଡ଼ ପ୍ରଭୃତି ଜାତିଙ୍କର ଉପାଧି; ପ୍ରଧାନ ।
ବେହେରାଣିଆ-ବି. ରକ୍ଷିତା ସ୍ତ୍ରୀ ।
ବେହେଲା-ବି. ତନ୍ତ୍ରୀବିଶିଷ୍ଟ ଏକପ୍ରକାର ବାଦ୍ୟଯନ୍ତ୍ର ।
ବୈକଲ୍ୟ-ବି. (ବିକଳ-ଯ) କାତରତା; ଅଙ୍ଗହୀନତା ।
ବୈକୁଣ୍ଠ-ବି. (ବି-କୁଣ୍ଠା-ଅ) ସ୍ୱର୍ଗ ।
ବୈଖାନସ-ବି. ବାନପ୍ରସ୍ଥ ।
ବୈଗୁଣ୍ୟ-ବି. ( ବି-ଗୁଣ-ଯ ) ଗୁଣହୀନତା, ଦୋଷ ।
ବୈଚିତ୍ର୍ୟ-ବି. (ବିଚିତ୍ର-ଯ) ଚମତ୍କାରତ୍ୱ; ନାନାବିଧ ସୌନ୍ଦର୍ଯ୍ୟ ।
ବୈଜୟନ୍ତ-ବି. (ବି-ଜି-ଅନ୍ତ) ଇନ୍ଦ୍ରପୁର ।
ବୈଜୟନ୍ତୀ-ବି. ପତାକା ।
ବୈଜିକ-ବି. (ବୀଜ-ଇକ) ବୀଜସମ୍ବନ୍ଧୀୟ ।
ବୈଜ୍ଞାନିକ-ବି. ( ବିଜ୍ଞାନ-ଇକ ) ବିଜ୍ଞାନସମ୍ବନ୍ଧୀୟ; ବି. ବିଜ୍ଞାନରେ ସୁପଣ୍ଡିତ ।
ବୈଠକ-ବି. ସଭା ।
ବୈଠା-ବି. ପ୍ରହାର ।
ବୈତରଣୀ-ବି.(ବିତରଣ-ଅ-ଈ) ନଦୀବିଶେଷ ।
ବୈତସ-ବି.(ବେତସ-ଅ) ବେତପରି ନମନୀୟ ।
ବୈତାଳିକ-ବି. (ବି-ତାଳ-ଇକ) ସ୍ତୁତିପାଠକ ।
ବୈଦାନ୍ତିକ-ବି. (ବେଦାନ୍ତ-ଇକ) ବେଦାନ୍ତସମ୍ବନ୍ଧୀୟ ।
ବୈଦିକ-ବି. ( ବେଦ-ଇକ ) ବେଦସମ୍ବନ୍ଧୀୟ; ବି. ବେଦଜ୍ଞ ବ୍ରାହ୍ମଣ ।
ବୈଦୂର୍ଯ୍ୟ-ବି. ଈଷତ୍‌ପୀତବର୍ଣ୍ଣ ମଣିବିଶେଷ ।
ବୈଦେଶିକ-ବି. ( ବିଦେଶ-ଇକ ) ଅନ୍ୟଦେଶୀୟ ।
ବୈଦ୍ୟ-ବି. ବିଦ୍ୟା-ଅ) ଚିକିତ୍ସକ ।
ବୈଦ୍ୟକ-ବି. ଚିକିତ୍ସାଶାସ୍ତ୍ର ।
ବୈଦ୍ୟୁତ-ବି (ବିଦ୍ୟୁତ୍-ଅ) ବିଦ୍ୟୁତ୍‌ସମ୍ବନ୍ଧୀୟ ।
ବୈଧ-ବି. (ବିଧି-ଅ) ବିଧି-ସିଦ୍ଧ ।
ବୈଧବ୍ୟ-ବି. (ବିଧବା-ଯ) ପତିହୀନତା ।
ବୈନତେୟ-ବି. ( ବିନତା-ଏୟ ) ଗରୁଡ଼; ଅରୁଣ ।
ବୈପରୀତ୍ୟ-ବି. (ବିପରୀତ-ଯ) ବିପର୍ଯ୍ୟୟ ।
ବୈଭବ-ବି. (ବିଭୁ-ଅ) ଐଶ୍ୱର୍ଯ୍ୟ, ବିଭବ ।
ବୈମାତ୍ର, ବୈମାତ୍ରେୟ-ବି.(ବିମାତୃ-ଅ,ଏୟ) ବିମାତାଠାରୁ ଜାତ ।
ବୈୟାକରଣ-ବି.(ବ୍ୟାକରଣ-ଅ) ବ୍ୟାକରଣବେତ୍ତା ।
ବୈୟାସିକ-ବି. ( ବ୍ୟାସ-ଇକ ) ବ୍ୟାସମୁନିସମ୍ବନ୍ଧୀୟ ।
ବୈର-ବି. (ବୀର-ଅ) ଶତ୍ରୁତା ।
ବୈର-ନିର୍ଯାତନ-ବି. ବୈର-ଶୋଧନ ।

ବୈରାଗୀ-ବି. (ବିରାଗ-ଇନ୍) ସଂସାରତ୍ୟାଗୀ ।

ବୈରାଗ୍ୟ-ବି. (ବିରାଗ-ଯ) ଆସକ୍ତିଶୂନ୍ୟତା ; ସଂସାର ପ୍ରତି ଔଦାସ୍ୟ ।

ବୈରୀ-ବି. (ବୈର-ଇନ୍) ଶତ୍ରୁ ।

ବୈଲକ୍ଷଣ୍ୟ-ବି. (ବିଲକ୍ଷଣ-ଯ) ପ୍ରଭେଦ ।

ବୈବାହିକ-ବିଂ. (ବିବାହ-ଇକ) ବିବାହ-ସମ୍ବନ୍ଧୀୟ ।

ବୈଶାଖ-ବି. (ବିଶାଖା-ଅ) ମାସ ବିଶେଷ ।

ବୈଶ୍ୟ-ବି. (ବିଶ୍-ଯ) ବର୍ଣ୍ଣ ବା ଜାତିବିଶେଷ, ବଣିକ୍ ପ୍ରଭୃତି ।

ବୈଶ୍ରବଣ-ବି. (ବିଶ୍ରବସ୍-ଅ) ରାବଣ; କୁବେର ।

ବୈଶ୍ୱାନର-ବି. ଅଗ୍ନି ।

ବୈଷମ୍ୟ-ବି. (ବିଷମ-ଯ) ଅସମତା; ବିଭିନ୍ନତା ।

ବୈଷୟିକ-ବିଂ. (ବିଷୟ-ଇକ) ବିଷୟ ସମ୍ବନ୍ଧୀୟ ।

ବୈଷ୍ଣବ-ବିଂ. (ବିଷ୍ଣୁ-ଅ) ବିଷ୍ଣୁ-ସମ୍ବନ୍ଧୀୟ ; ବି. ବିଷ୍ଣୁଭକ୍ତ ।

ବୈସାଦୃଶ୍ୟ-ବି. (ବିସଦୃଶ-ଯ) ବୈଷମ୍ୟ ।

ବୋଇତ-ବି. (ବହିତ୍ରଶବ୍ଦଜ) ଜାହାଜ ।

ବୋକ-ବି. ଚୁମ୍ବ ।

ବୋଝ-ବି. ଭର ; ମୁଣ୍ଡରେ ନିଆଯିବା ଭାର ।

ବୋଝିଆ-ବି. ମୁଣ୍ଡରେ ଭାରବାହୀ ।

ବୋଡ଼ା-ବି. ସର୍ପବିଶେଷ ।

ବୋଡ଼ି-ବି. ପାଖିଗଣ୍ଡା ।

ବୋଢ଼ା-ବି. (ବହ୍-ତୃ) ବହନକର୍ତ୍ତା; ବିବାହକର୍ତ୍ତା ।

ବୋତଲ-ବି. (ଇଂରାଜୀରୁ) ବଡ଼ସିସି ।

ବୋଦା-ବି. ବଳି ।

ବୋଧ-ବି. (ବୁଧ୍-ଅ) ଜ୍ଞାନ ।

ବୋଧକ-ବିଂ. (ବୁଧ୍-ଣିଚ୍-ଅକ) ଜ୍ଞାପକ; ସୂଚକ ।

ବୋବାଳି-ବି. ଡାକ; କ୍ରନ୍ଦନର ଉଚ୍ଚରବ ।

ବୋରଝାଞ୍ଜି-ବି. ଜଳଜ ଦଳ ।

ବୋରା-ବି. ଅଖାର ବଡ଼ଥଳି ।

ବୋଲ୍-ବି. ବଚନ ।

ବୋଳ-ବି. ଲେପ ; ତାମ୍ବୁଳ-ରସ ।

ବୋଲି-ବି. ଭାଷା ।

ବୋଲିବା-କ୍ରି. କହିବା; ସ୍ୱରଅନୁସାରେଗାଇବା ।

ବୋଳିବା-କ୍ରି. ଲେପିବା । [ସମ୍ବନ୍ଧେ) ।

ବୋବେଇବା-କ୍ରି. ଶବ୍ଦ କରିବା (ପଶୁପକ୍ଷି-

ବୋହୂ-ବି. (ବଧୂଶବ୍ଦଜ) ବଧୂ; ପୁତ୍ରବଧୂ ।

ବ୍ୟକ୍ତ-ବିଂ. (ବି-ଅନ୍ଜ୍-ତ) ସ୍ପଷ୍ଟ; ପ୍ରକଟ, ପ୍ରକାଶିତ ।

ବ୍ୟକ୍ତି-ବି. (ବି-ଅନଜ୍-ତି) ଲୋକ ; ପ୍ରକାଶ ।

ବ୍ୟଗ୍ର-ବିଂ. (ବି-ଅଗ୍ର) ଆଗ୍ରହବାନ୍ ; ତ୍ୱରିତ ।

ବ୍ୟଙ୍ଗ-ବିଂ. (ବି-ଅଙ୍ଗ) ବିକଳାଙ୍ଗ ; ବକ୍ର ; ବି. ବେଙ୍ଗ ।

ବ୍ୟଙ୍ଗୋକ୍ତି-ବି. ବକ୍ରୋକ୍ତି ଶ୍ଳେଷ-ବାକ୍ୟ ।

ବ୍ୟଞ୍ଜକ-ବିଂ. (ବି-ଅନ୍ଜ୍-ଅକ) ପ୍ରକାଶକ ।

ବ୍ୟଞ୍ଜନ-ବି. (ବି-ଅନ୍ଜ୍-ଅନ) ହଲବର୍ଣ୍ଣ ; ତରକାରୀ ।

ବ୍ୟତିକର-ବି. (ବି-ଅତି-କୃ-ଅ) ମିଶ୍ରଣ; ସମ୍ପର୍କ ।

ବ୍ୟତିକ୍ରମ-ବି. (ବି-ଅତି-କ୍ରମ୍-ଅ) କ୍ରମବିପର୍ଯ୍ୟୟ; ଉଲ୍ଲଙ୍ଘନ । [ରିକ୍ତ ।

ବ୍ୟତିରିକ୍ତ-ବିଂ. (ବି-ଅତି-ରିଚ୍-ତ) ଅତି—

ବ୍ୟତିରେକ-ବି. (ବି-ଅତି-ରିଚ୍-ଅ) ଅଭାବ ।

ବ୍ୟତୀତ-ବିଂ. ( ବି-ଅତି-ଇ-ତ ) ଅତିକ୍ରାନ୍ତ ଛଡ଼ା ।

ବ୍ୟଥା-ବି. (ବ୍ୟଥ-ଅ-ଆ) ପୀଡ଼ା, କ୍ଲେଶ ।

ବ୍ୟଥିତ-ବିଂ. (ବ୍ୟଥ୍-ତ) ପୀଡ଼ିତ; ଦୁଃଖିତ ।

ବ୍ୟପଦେଶ-ବି. (ବି-ଅପ-ଦିଶ-ଅ) ଛଳ, ବ୍ୟାଜ ।

ବ୍ୟଭିଚାର-ବି. ( ବି-ଅଭି-ଚର୍-ଅ ) ନିୟମ-ଲଙ୍ଘନ, ପରପୁରୁଷ ବା ପରସ୍ତ୍ରୀ ସହିତ କୁକ୍ରିୟା ।

ବ୍ୟଭିଚାରିଣୀ-ବିଂ. (ବ୍ୟଭିଚାରିନ୍-ଈ) ଅସତୀ ।

ବ୍ୟଭିଚାରୀ-ବିଂ. ( ବ୍ୟଭିଚାର-ଇନ୍ ) ନିୟମ-ଲଙ୍ଘନକାରୀ; ପରସ୍ତ୍ରୀଗାମୀ ।

ବ୍ୟୟ-ବି. (ବି-ଇ-ଅ) ଖରଚ; ଅପଗମ ।

ବ୍ୟୟିତ-ବିଂ. ଯାହା ବ୍ୟୟ କରା ହୋଇଅଛି ।

ବ୍ୟର୍ଥ-ବିଂ. (ବି-ଅର୍ଥ) ବିଫଳ, ନିରର୍ଥକ ।

ବ୍ୟବକଳନ-ବି. (ବି-ଅବ-କଲ୍-ଅନ) ବିୟୋଗ, ଫେଡ଼ିବା । [ଖଣ୍ଡ ।

ବ୍ୟବଚ୍ଛେଦ-ବି. ( ବି-ଅବ-ଛିଦ୍-ଅ ) ଛେଦନ;

ବ୍ୟବଧାନ-ବି. ( ବି-ଅବ-ଧା-ଅନ ) ଅନ୍ତର, ଅନ୍ତରାଳ । [ବ୍ୟାପାର ; ବୃତ୍ତି ।

ବ୍ୟବସାୟ-ବି. ( ବି-ଅବ-ସୋ-ଅ ) ଉଦ୍ୟମ ;

ବ୍ୟବସାୟୀ-ବିଂ. (ବ୍ୟବସାୟ-ଇନ୍) ଉଦ୍ୟୋଗୀ; ବ୍ୟାପାରୀ । [ନିର୍ଦ୍ଧାରଣ ।

ବ୍ୟବସ୍ଥା-ବି. (ବି-ଅବ-ସ୍ଥା-ଅ-ଆ) ବନ୍ଦୋବସ୍ତ; ବିଧାନ;

ବ୍ୟବସ୍ଥାପକ-ବିଂ. (ବି-ଅବ-ସ୍ଥା-ଣିଚ୍-ଅକ) ବ୍ୟବସ୍ଥା-ଦାୟକ । [ରୀତି; ମୋକଦ୍ଦମା ।

ବ୍ୟବହାର-ବି. ( ବି-ଅବ-ହୃ-ଅ ) ଆଚରଣ ;

ବ୍ୟବହାର-ଶାସ୍ତ୍ର-ବି. ବ୍ୟବସ୍ଥାଶାସ୍ତ୍ର, ଆଇନ ।

ବ୍ୟବହାରାଜୀବ-ବି. ( ବ୍ୟବହାର-ଆଜୀବ ) ମୋକଦ୍ଦମା ଦ୍ୱାରା ଯେଉଁମାନଙ୍କର ଜୀବିକା ଚଳେ; ଓକିଲ ପ୍ରଭୃତି । [ଯୋଗ୍ୟ ।

ବ୍ୟବହାର୍ଯ୍ୟ-ବିଂ. (ବି-ଅବ-ହୃ-ଯ) ବ୍ୟବହାର-

ବ୍ୟବହୃତ-ବିଂ. ( ବି-ଅବ-ହୃ-ତ ) କାର୍ଯ୍ୟରେ ପ୍ରଯୁକ୍ତ; ଉପଭୁକ୍ତ ।

ବ୍ୟଷ୍ଟି-ବି. (ବି-ଅଶ-ତି) ପୃଥକ୍‌ଭାବ ।

ବ୍ୟସନ-ବି. ( ବି-ଅସ୍-ଅନ ) ଦୁଃଖ; ମନ୍ଦ-କାର୍ଯ୍ୟରେ ଆସକ୍ତି ।

ବ୍ୟସ୍ତ-ବିଂ. (ବି-ଅସ୍-ତ) ବ୍ୟାକୁଳ; ବିପରୀତ ।

ବ୍ୟାକରଣ-ବି. ( ବି-ଆ-କୃ-ଅନ ) ଶବ୍ଦବ୍ୟୁତ୍ପାଦକ ଶାସ୍ତ୍ର । [କାତର ।

ବ୍ୟାକୁଳ-ବିଂ. (ବି ଆକୁଳ) ଅତି ଉତ୍କଣ୍ଠିତ;

ବ୍ୟାଖ୍ୟା, ବ୍ୟାଖ୍ୟାନ-ବି. (ବି-ଆ-ଖ୍ୟା-ଅ-ଆ; ଅନ) ଅର୍ଥପ୍ରକାଶନ; ବର୍ଣ୍ଣନ, ବକ୍ତୃତା ।

ବ୍ୟାଖ୍ୟାତ-ବିଂ. ବର୍ଣ୍ଣିତ; କଥିତ ।

ବ୍ୟାଘାତ-ବି. (ବି-ଆ-ହନ୍-ଅ) ବିଘ୍ନ ।

ବ୍ୟାଘ୍ର-ବି. (ବି-ଆ-ଘ୍ରା-ଅ) ବାଘ; ଶ୍ରେଷ୍ଠ ।

ବ୍ୟାଜ-ବି. (ବି-ଅଜ୍-ଅ) ଛଳ; ଟଙ୍କାର ସୁଧ ।

ବ୍ୟାଦାନ-ବି. ( ବି-ଆ-ଦା-ଅନ ) ବିସ୍ତାର, ଉଦ୍ଘାଟନ ।

ବ୍ୟାଧ-ବି. (ବ୍ୟଧ୍-ଅ) ମୃଗାଦି-ବଧ-ବ୍ୟବସାୟୀ ।

ବ୍ୟାଧି-ବି. (ବି-ଆ-ଧା-ଇ) ରୋଗ ।

ବ୍ୟାପକ-ବିଂ. (ବି-ଆପ୍-ଅକ) ଆଚ୍ଛାଦକ ।

ବ୍ୟାପାଦନ-ବି. (ବି-ଆ-ପଦ୍-ଣିଚ୍-ଅନ) ମାରଣ ବଧ । [କର୍ମ ।

ବ୍ୟାପାର-ବି. ( ବି-ଆ-ପୃ-ଅ ) ବ୍ୟବସାୟ;

ବ୍ୟାପୀ–ବି. (ବି-ଅପ୍-ଇନ୍) ବ୍ୟାପକ ।

ବ୍ୟାପୃତ–ବି. ( ବି-ଆ-ପୃ-ତ ) ନିଯୁକ୍ତ; କର୍ମ-ରତ । [ସର୍ବତ୍ର ସ୍ଥିତ ।

ବ୍ୟାପ୍ତ–ବି. (ବି-ଅପ୍-ତ) ଆଚ୍ଛାଦିତ; ବିସ୍ତାରିତ;

ବ୍ୟାପ୍ତି–ବି. ( ବି-ଅପ୍-ତି ) ସର୍ବତ୍ର ଅବସ୍ଥିତି; ବିସ୍ତାର ।

ବ୍ୟାୟାମ–ବି. (ବି-ଆ-ଯମ୍-ଅ) ଶରୀରକୁ ସମର୍ଥ କରିବା ନିମିତ୍ତ ଶ୍ରମ, ଦଣ୍ଡ, କୁସ୍ତୀ ପ୍ରଭୃତି ।

ବ୍ୟାଳି–ବି. ସର୍ପ; ସ୍ତ୍ରୀଲିଙ୍ଗେ ବ୍ୟାଳୀ ।

ବ୍ୟାବହାରିକ–ବି. (ବ୍ୟବହାର-ଇକ) ବ୍ୟବ-ହାର-ସିଦ୍ଧ । [ବ୍ୟୁ ସମ୍ପନ୍ନ ।

ବ୍ୟାସ–ବି. (ବି-ଅସ୍-ଅ) ବୃତ୍ତର ମଧ୍ୟରେଖା;

ବ୍ୟାହତ–ବି. ( ବି-ଆ-ହନ୍-ତ ) ନିବାରିତ; ହତାଶ ।

ବ୍ୟାହାର–ବି. (ବି-ଆ-ହୃ-ଅ) ଉକ୍ତି ।

ବ୍ୟୁତ୍ପତ୍ତି–ବି. (ବି-ଉତ୍-ପଦ୍-ତି) ଶବ୍ଦର ଉତ୍ପତ୍ତି, ବିଶେଷ ଜ୍ଞାନ ।

ବ୍ୟୁତ୍ପନ୍ନ–ବି. (ବି-ଉତ୍-ପଦ୍-ତ) ଜ୍ଞାନବାନ୍ ।

ବ୍ୟୂଢ଼–ବି. (ବି-ବହ୍-ତ) ବିପୁଳ; ପ୍ରଶସ୍ତ ।

ବ୍ୟୂହ–ବି. (ବି-ଊହ୍-ଅ) ସୈନ୍ୟବିନ୍ୟାସ, ସୈନ୍ୟ-ସମୂହ; ସମୂହ ।

ବ୍ୟୋମ–ବି. ( ବ୍ୟେ-ମନ୍ ) ଆକାଶ ।

ବ୍ୟୋମକେଶ–ବି. ଶିବ, ମହାଦେବ ।

ବ୍ରଜ–ବି. (ବ୍ରଜ୍-ଅ) ସମୂହ; ଗୋଷ୍ଠ; ଗୋକୁଳ ।

ବ୍ରଜେନ୍ଦ୍ର–ବି. (ବ୍ରଜ-ଇନ୍ଦ୍ର) ଶ୍ରୀକୃଷ୍ଣ ।

ବ୍ରଜ୍ୟା–ବି. ( ବ୍ରଜ୍-ଯ-ଅ ) ପର୍ଯ୍ୟଟନ ।

ବ୍ରଣ–ବି. ( ବ୍ରଣ୍-ଅ ) ସ୍ଫୋଟକ; କ୍ଷତ ।

ବ୍ରତ–ବି. (ବ୍ରୂ-ଅତ) ନିୟମ; ପୁଣ୍ୟଜନକ କର୍ମ

ବ୍ରତତି–ବି. ଲତା, ବଲ୍ଲୀ ।

ବ୍ରତୀ–ବି. (ବ୍ରତ-ଇନ୍) ବ୍ରତାନୁଷ୍ଠାନ; ନିୟମସ୍ଥ ।

ବ୍ରାତ୍ୟ–ବି. ସଂସ୍କାରହୀନ, ...

ବ୍ରୀଡ଼ା–ବି. ( ବ୍ରୀଡ୍-ଅ-ଆ ) ଲଜ୍ଜା ।

ବ୍ରୀହି–ବି. ଧାନ୍ୟାଦି ଶସ୍ୟ, ବରୁ୍ହି ।

---

# ଶ

ବ୍ୟଞ୍ଜନବର୍ଣ୍ଣର ତିଂଶବର୍ଣ୍ଣ ।

ଶଂସିତ–ବି. (ଶଂସ୍-ତ) କଥିତ; ପ୍ରଶଂସିତ ।

ଶଂସୀ–ବି. (ଶଂସ୍-ଇନ୍) ସୂଚକ (ଶବ୍ଦାନ୍ତେ) ।

ଶଏ–ବି. (ଶତଶବ୍ଦଜ) ଏକଶତ ।

ଶକ–ବି. ଶକଦେଶୀୟ ଲୋକ; ଅବ୍ଦ-ବିଶେଷ ।

ଶକଟ–ବି. (ଶକ୍-ଅଟ) ଶଗଡ଼ ।

ଶକଳ–ବି. ଖଣ୍ଡ, ଅଂଶ । [ସମ୍ବତ୍ସର ।

ଶକାବ୍ଦ–ବି. (ଶକ-ଅବ୍ଦ) ଶକ-ରାଜ-ପ୍ରଚଳିତ

ଶକାରି–ବି. (ଶକ-ଅରି) ବିକ୍ରମାଦିତ୍ୟ ।

ଶକୁନ–ବି. ପକ୍ଷୀ; ଶୁଭାଶୁଭ ଚିହ୍ନ ।

ଶକୁନି–ବି. ଶାଗୁଣା, ଗୃଧ୍ର ।

ଶକୁନ୍ତ–ବି. ପକ୍ଷୀ ।

ଶକୁନ୍ତଳା–ବି. ଭରତ ରାଜାର ମାତା ।

ଶକ୍ତ–ବି. (ଶକ୍-ତ) ଶକ୍ତିଯୁକ୍ତ; ସମର୍ଥ ।

ଶକ୍ତି–ବି. ( ଶକ୍-ତି ) ସାମର୍ଥ୍ୟ, ବଳ; ଅସ୍ତ୍ର-

ଶକ୍ତୁ–ବି. ଯବାଦିଚୂର୍ଣ୍ଣ, ଛତୁ । [ବିଶେଷ ।

ଶକ୍ୟ–ବି. (ଶକ୍-ଯ) ଶକ୍ତି-ସାଧ୍ୟ ।

ଶକ୍ର-ବି. (ଶକ-ର) ଇନ୍ଦ୍ର ।
ଶଗଡ଼-ବି. (ଶକଟଶବ୍ଦଜ) ଶକଟ ।
ଶଗଡ଼ିଆ-ବି. ଶଗଡ଼-ଚାଳକ ।
ଶଙ୍କର-ବି. (ଶଂ-କୃ-ଅ) ଶିବ ।
ଶଙ୍କା-ବି. (ଶଙ୍କ୍-ଅ-ଆ) ଭୟ; ସଂଶୟ ।
ଶଙ୍କିତ-ବିଂ. (ଶଙ୍କ୍-ତ) ଭୀତ; ସନ୍ଦିଗ୍ଧ ।
ଶଙ୍କୁ-ବି. ଶଲ୍ୟ; ଖିଲ; କାଳ-ମାପକ ଯନ୍ତ୍ର-ବିଶେଷ ।
ଶଙ୍ଖ-ବି. କମ୍ବୁ; ଲକ୍ଷକୋଟି ସଂଖ୍ୟା ।
ଶଚ, ଶଚୀ-ବି. ଇନ୍ଦ୍ରାଣୀ ।
ଶଜାରୁ-ବି. ପଶୁବିଶେଷ, ଝିଙ୍କ ।
ଶଠ-ବିଂ. ଧୂର୍ତ୍ତ, ଖଳ, ଠକ ।
ଶଠ-ତା-ବି. ଖଳତା, ଧୂର୍ତ୍ତତା ।
ଶଣ-ବି. ତୃଣପଟ୍ଟ ଗଛ ।
ଶତୁଆସୀ-ବି. ଚିମ୍ପୁଟାବିଶେଷ ।
ଶତ-ବି. ଶହ, ଦଶଗୁଣିତ ଦଶ । [କାବ୍ୟ ।
ଶତକ-ବି. ଶତସଂଖ୍ୟା ; ଶତଶ୍ଳୋକ-ବିଶିଷ୍ଟ
ଶତ-କ୍ରତୁ-ବି. ଶତଯାଗକାରୀ ଇନ୍ଦ୍ର ।
ଶତ-ଧା-ଅଂ. ଶତ ପ୍ରକାରେ ।
ଶତଭିଷା-ବି. ନକ୍ଷତ୍ରବିଶେଷ ।
ଶତାବରୀ-ବି. ଔଷଧୀୟ ଗଛ । [କାଳ ।
ଶତାବ୍ଦୀ-ବି. ( ଶତ-ଅବ୍ଦ ) ଶତବର୍ଷବ୍ୟାପୀ-
ଶତ୍ରୁ-ବି. ବୈରୀ, ବିପକ୍ଷ ।
ଶତ୍ରୁ-ତା-ବି. ବିପକ୍ଷତା, ବୈରଭାବ ।
ଶନି-ବି. ଗ୍ରହ-ବିଶେଷ ।
ଶନୈଃ-ଅଂ. ଅଳ୍ପେ, କ୍ରମେ ।

ଶପଥ-ବି. (ଶପ୍-ଅଥ) ପଣ, ନିୟମ; ପ୍ରତିଜ୍ଞା ।
ଶପ୍ତ-ବିଂ. (ଶପ୍-ତ) ଶାପଗ୍ରସ୍ତ ।
ଶଫ-ବି. ପଶ୍ୱାଦିର ଖୁର ।
ଶଫରୀ-ବି. କ୍ଷୁଦ୍ର ମତ୍ସ୍ୟବିଶେଷ ।
ଶବଳ-ବିଂ. ନାନାବର୍ଣ୍ଣଯୁକ୍ତ ।
ଶବ୍ଦ-ବି. (ଶବ୍ଦ୍-ଅ) ଧ୍ୱନି ।
ଶବ୍ଦ-କୋଷ-ବି. ଅଭିଧାନ ।
ଶବ୍ଦ-ଭେଦୀ-ବିଂ. ଶବ୍ଦାନୁସାରେ ବିଦ୍ଧକାରୀ ।
ଶବ୍ଦାୟମାନ-ବିଂ. (ଶବ୍ଦ-ଯ-ଆନ) ଶବ୍ଦକାରୀ ।
ଶବ୍ଦିତ-ବିଂ. (ଶବ୍ଦ୍-ତ) ଧ୍ୱନିତ ।
ଶମ-ବି. (ଶମ୍-ଅ) ଶାନ୍ତି; ସ୍ଥିରଭାବ ।
ଶମନ-ବି. (ଶମ୍-ଣିଚ୍-ଅନ) ଶାନ୍ତିକରଣ; ଯମ ।
ଶମୟିତା-ବିଂ. (ଶମ୍-ଣିଚ୍-ତୃ) ଶାନ୍ତିକାରକ, ଦମନକାରୀ ।
ଶମିତ-ବିଂ. (ଶମ୍-ଣିଚ୍-ତ) ଦମିତ; ବିନାଶିତ ।
ଶମୀ-ବିଂ. (ଶମ୍-ଇନ୍) ସଂଯମୀ ।
ଶମୀ-ବି. ବୃକ୍ଷବିଶେଷ ।
ଶମ୍ବର-ବି. ମୃଗବିଶେଷ; ଅସୁର-ବିଶେଷ ।
ଶମ୍ବରାରି-ବି. କନ୍ଦର୍ପ ।
ଶମ୍ବୁକ, ଶମ୍ବୂକ-ବି. ଶାମୁକା ।
ଶମ୍ଭୁ-ବି. (ଶଂ-ଭୂ-ଉ) ଶିବ, ମହାଦେବ ।
ଶୟନ-ବି. (ଶୀ-ଅନ) ନିଦ୍ରା; ଶଯ୍ୟା ।
ଶୟନୀୟ-ବି. ( ଶୀ-ଅନୀୟ ) ଶଯ୍ୟା; ବିଂ. ଶୟନ-ଯୋଗ୍ୟ ।
ଶୟାନ-ବିଂ. (ଶୀ-ଆନ) ନିଦ୍ରିତ ।
ଶଯ୍ୟା-ବି. (ଶୀ-ଯ-ଆ) ଶେଜ, ବିଛଣା ।

ଶର-ବି. (ଶୃ-ଅ) ବାଣ-ତୃଣ; ବାଣ, କାଣ୍ଡ ।

ଶରଣ-ବି. (ଶୃ-ଅନ) ଆଶ୍ରୟ; ରକ୍ଷକ ।

ଶରଣାଗତ-ବିଂ. ଶରଣାପନ୍ନ; ଆଶ୍ରୟ-ପ୍ରାର୍ଥୀ ।

ଶରତ୍-ବି. (ଶୃ-ଅଦ୍) ଋତୁ-ବିଶେଷ (ଆଶ୍ୱିନ ଓ କାର୍ତ୍ତିକ) ।

ଶରଧି-ବି. (ଶର-ଧା-ଇ) ଶରାଧାର, ତୂଣୀର ।

ଶରଭ-ବି. ମୃଗ-ବିଶେଷ; ହସ୍ତି-ଶାବକ ।

ଶରବ୍ୟ-ବି. ଶରର ଲକ୍ଷ୍ୟ ।

ଶରାଳି-ବି. ପକ୍ଷି-ବିଶେଷ ।

ଶରାସନ-ବି. (ଶର-ଅସ୍-ଅନ) ଧନୁ ।

ଶରୀର-ବି. (ଶୃ-ଈର) ଦେହ ।

ଶରୀରୀ-ବି. (ଶରୀର-ଇନ୍) ପ୍ରାଣୀ; ଆତ୍ମା ।

ଶର୍କରା-ବି. ଶାକର; ଚିନି ।

ଶର୍ମ-ବି. ମଙ୍ଗଳ ।

ଶର୍ମା-ବି. ବ୍ରାହ୍ମଣମାନଙ୍କର ଉପନାମ ।

ଶର୍ବ-ବି. ଶିବ, ମହାଦେବ ।

ଶର୍ବରୀ-ବି. ରାତ୍ରି ।

ଶର୍ବାଣୀ-ବି. ପାର୍ବତୀ, ଭବାନୀ ।

ଶଲଭ-ବି. ପତଙ୍ଗ-ବିଶେଷ ।

ଶଲାକା-ବି. କ୍ଷୁଦ୍ରକାଠି, ଶଲାକାର କ୍ଷୁଦ୍ରଦଣ୍ଡ ।

ଶଲ୍କ-ବି. ମାଛକାତି ।

ଶଲ୍ୟ-ବି. କୀଲକ; ବାଣ-ବିଶେଷ; କଣ୍ଟକ ।

ଶଳା-ବି. (ଶାଳକ-ଶବ୍ଦଜ) ସ୍ତ୍ରୀର ଭାଇ ।

ଶବ-ବି. ଶବ୍-ଅ) ମୃତଶରୀର, ମଡ଼ା ।

ଶବର-ବି. କିରାତ, ବ୍ୟାଧ; ଅନାର୍ଯ୍ୟ ଜାତି-ବିଶେଷ ।

ଶଶ, ଶଶକ-ବି. ଶଶା, ଠେକୁଆ; ଚନ୍ଦ୍ରର ଲାଞ୍ଛନ ।

ଶଶ-ଧର-ବି. ଚନ୍ଦ୍ର ।

ଶଶ-ବିଷାଣ-ବି. ଶଶକର ଶୃଙ୍ଗପରି ଅଲୀକ ବ୍ୟାପାର ।

ଶଷ୍କୁଲି-ବି. ଚକୁଲି ପିଠା ।

ଶଷ୍ପ-ବି. ତୃଣ ।

ଶସ୍ତ୍ର-ବି. (ଶସ୍-ତ୍ର) ଅସ୍ତ୍ର ।

ଶସ୍ତ୍ରୀ-ବିଂ. (ଶସ୍ତ୍ର-ଇନ୍) ଶସ୍ତ୍ରଧାରୀ ।

ଶସ୍ୟ-ବି. (ଶସ୍-ଯ) କୃଷିଦ୍ୱାରା ଉତ୍ପନ୍ନ ଧାନ୍ୟାଦି ।

ଶହର-ବି. (ପାର୍ଶୀ) ନଗର ।

ଶାଉଁଳା-ବିଂ. (ଶ୍ୟାମଳଶବ୍ଦଜ) ଶ୍ୟାମଳ ।

ଶାକ-ବି. ଶବାଦ; ଶାଗ ।

ଶାକର-ବି. (ଶର୍କରାଶବ୍ଦଜ) ଚିନି, ନବାତ; ଶାକର-ଯୁକ୍ତ ବ୍ୟଞ୍ଜନ ।

ଶାକୁନିକ-ବି. (ଶକୁନ-ଇକ) ବ୍ୟାଧ; ନିମିତ୍ତଜ୍ଞ ।

ଶାକୋଟକ-ବି. ଶାହାଡ଼ାଗଛ ।

ଶାକ୍ତ-ବି. (ଶକ୍ତି-ଅ) ଶକ୍ତିର ଉପାସକ, ତାନ୍ତ୍ରିକ ।

ଶାକ୍ୟମୁନି, ଶାକ୍ୟସିଂହ-ବି. ବୁଦ୍ଧଦେବ ।

ଶାଖା-ବି. ବୃକ୍ଷର ଡାଳ; ଅଂଶ; ପରିଚ୍ଛେଦ ।

ଶାଖା-ମୃଗ-ବି. ବାନର ।

ଶାଖୀ-ବି. (ଶାଖା-ଇନ୍) ବୃକ୍ଷ ।

ଶାଗ-ବି. (ଶାକଶବ୍ଦଜ) ଖାଦ୍ୟରୂପେ ବ୍ୟବହୃତ ବୃକ୍ଷପତ୍ରାଦି ।

ଶାଗୁଆ-ବିଂ. ଶାଗପରି ବର୍ଣ୍ଣ-ବିଶିଷ୍ଟ ।

ଶାଙ୍ଖୋଳି-ବି. (ଶୃଙ୍ଖଳଶବ୍ଦଜ) ବନ୍ଧନ ।

ଶାଠୀ-ବି. ଶାଢ଼ୀ ।

ଶାଠ୍ୟ-ବି. (ଶଠ-ଯ) ଶଠତା, ଧୂର୍ତ୍ତତା ।

ଶାଣ-ବି. ( ଶୋ-ଣ ) ଘର୍ଷଣ-ପ୍ରସ୍ତର ।
ଶାଣିତ-ବିଂ. ତୀକ୍ଷ୍ଣୀକୃତ ।
ଶାତନ-ବି. ପାତନ; ଛେଦନ ।
ଶାଦା-ବିଂ. ଶ୍ୱେତ ।
ଶାଦ୍ୱଲ-ବିଂ. ତୃଣଦ୍ୱାରା ହରିଦ୍ୱର୍ଣ୍ଣ (ସ୍ଥଳୀ) ।
ଶାନ୍ତ-ବିଂ. ( ଶମ୍-ତ) ସ୍ଥିର-ଚିତ୍ତ ; ନିରୁପଦ୍ରବ ।
ଶାନ୍ତନବ-ବି. ( ଶାନ୍ତନୁ-ଅ ) ଭୀଷ୍ମ ।
ଶାନ୍ତନୁ-ବି. ପୁରାଣୋକ୍ତ ନୃପବିଶେଷ ।
ଶାନ୍ତି-ବି. (ଶମ୍-ତି) ଚିତ୍ତର ସ୍ଥିରତା ।
ଶାପ-ବି. (ଶପ୍-ଅ) ଅଭିଶାପ; ପରର ଅମଙ୍ଗଳ-ମନାସ ।
ଶାବଳ-ବି.(ଶବଳାଶବ୍ଦଜ) ଖନନାସ୍ତ୍ର-ବିଶେଷ ।
ଶାବ୍ଦ-ବିଂ. ( ଶବ୍ଦ-ଅ ) ଶବ୍ଦ-ସମ୍ବନ୍ଧୀୟ; ବେଦ-ସମ୍ଭୂତ ।
ଶାବ୍ଦିକ-ବି. (ଶବ୍ଦ-ଇକ) ଶବ୍ଦ-ଶାସ୍ତ୍ର-ବେତ୍ତା ।
ଶାମୁକା-ବି. (ଶମ୍ବୁକଶବ୍ଦଜ) ଶୁକ୍ତି ।
ଶାମ୍ଭବ-ବିଂ. ( ଶମ୍ଭୁ-ଅ) ଶମ୍ଭୁସମ୍ବନ୍ଧୀୟ ।
ଶାୟକ-ବି. (ଶୋ-ଅକ) ଶର, ବାଣ ; ଖଡ୍ଗ ।
ଶାୟିତ-ବିଂ.(ଶୀ-ଣିଚ୍-ତ) ପାତିତ; ନିଦ୍ରାପିତ ।
ଶାରଦ-ବିଂ. ( ଶରଦ୍-ଅ ) ଶରତ୍କାଳୀନ ; ବି. ଧାନ୍ୟବିଶେଷ ।
ଶାରଦା-ବି. ସରସ୍ୱତୀ, ବାଗ୍ଦେବୀ ।
ଶାରଦୀୟ-ବିଂ. (ଶରଦ୍-ଈୟ ଶରତ୍କାଳୀନ ।
ଶାରୀରିକ-ବିଂ. (ଶରୀର-ଇକ) ଦେହସମ୍ବନ୍ଧୀୟ ।
ଶାର୍ଙ୍ଗ-ବି. ( ଶୃଙ୍ଗ-ଅ ) ଶୃଙ୍ଗନିର୍ମିତ ଧନୁ ।
ଶାର୍ଙ୍ଗୀ-ବି. ( ଶାର୍ଙ୍ଗ-ଇନ୍ ) ଧନୁର୍ଦ୍ଧାରୀ; ବିଷ୍ଣୁ ।
ଶାର୍ଦ୍ଦୂଳ-ବି. ବ୍ୟାଘ୍ର ।
ଶାଳ-ବି, ସର୍ଜ୍ଜବୃକ୍ଷ ; ପ୍ରାଚୀର; ଗୃହ ।
ଶାଳ-ଗ୍ରାମ-ବି. ବିଷ୍ଣୁରୂପେ ପୂଜିତ ଶିଳା-ଖଣ୍ଡ-ବିଶେଷ ।
ଶାଳ-ଭଞ୍ଜିକା-ବି. କାଠ-ପିତୁଳା ।
ଶାଳା-ବି. ଗୃହ ।
ଶାଳି-ବି. ଧାନ୍ୟ-ବିଶେଷ ।   [ବିଶେଷ ।
ଶାଳି-ବାହନ-ବି. ଶକାବ୍ଦ-ପ୍ରବର୍ତ୍ତକ ନୃପ-
ଶାଳୀ-ବିଂ. ( ଶାଲ୍-ଇନ୍ ) ବିଶିଷ୍ଟ ଯୁକ୍ତ (ଶବ୍ଦାନ୍ତେ) ।
ଶାଳୀ-ବି. ( ଶ୍ୟାଳୀଶବ୍ଦଜ ) ସ୍ତ୍ରୀର ଭଗିନୀ ।
ଶାଳୀନ-ବିଂ. ଲଜ୍ଜାଶୀଳ ।
ଶାଳ୍ମଳୀ-ବି. ଶିମିଳି ଗଛ ।
ଶାବ, ଶାବକ-ବି. ଛୁଆ ।
ଶାସନ-ବି. ( ଶାସ୍-ଅନ ) ଦମନ; ଆଜ୍ଞା; ଦଣ୍ଡ ।
ଶାସନ-ତନ୍ତ୍ର-ବି. ରାଜ୍ୟଶାସନ-ପ୍ରଣାଳୀ ।
ଶାସିତ-ବିଂ. ( ଶାସ୍-ତ ) ଦଣ୍ଡିତ ପ୍ରତିପାଳିତ ।
ଶାସ୍ତା-ବିଂ.(ଶାସ୍-ତୃ) ଶାସନ-କର୍ତ୍ତା; ଉପଦେଷ୍ଟା ।
ଶାସ୍ତି-ବି. (ଶାସ-ତି) ଶାସନ; ଦଣ୍ଡ ।
ଶାସ୍ତ୍ର-ବି. ( ଶାସ୍-ତ୍ର ) ଶାସନ ; ଧର୍ମପୁସ୍ତକ ; ତତ୍ତ୍ୱ-ଗ୍ରନ୍ଥ ।
ଶାସ୍ତ୍ରୀୟ-ବିଂ. ( ଶାସ୍ତ୍ର-ଈୟ) ଶାସ୍ତ୍ର-ସମ୍ମତ ।
ଶିଆଳ-ବି. ( ଶୃଗାଳଶବ୍ଦଜ) ବିଲୁଆ ।
ଶିଉଳି-ବି. ( ଶୈବାଳଶବ୍ଦଜ ) ଶୈବାଳ ।
ଶିକା-ବି. ( ଶିକ୍ୟଶବ୍ଦଜ ) ରଜ୍ଜୁ-ନିର୍ମିତ ଦ୍ରବ୍ୟା-
ଶିକାର-ବି. ମୃଗୟା ।   ଧାର

ଶିକୁଳି-ବି. (ଶୃଙ୍ଖଳଶବ୍ଦଜ) ଶୃଙ୍ଖଳ, ଜଞ୍ଜିର ।
ଶିକ୍ଷକ-ବିଂ. ( ଶିକ୍ଷ୍-ଣିଚ୍-ଅକ ) ଶିକ୍ଷାଦାୟକ;
ବି. ଅଧ୍ୟାପକ । [ଯୋଗ୍ୟ ।
ଶିକ୍ଷଣୀୟ-ବିଂ. (ଶିକ୍ଷ-ଅନୀୟ) ଶିକ୍ଷା କରିବାର
ଶିକ୍ଷା-ବି. (ଶିକ୍ଷ୍-ଅ-ଆ) ଅଭ୍ୟାସ; ଅଧ୍ୟୟନ;
ଉପଦେଶ ।
ଶିକ୍ଷିତ-ବିଂ. (ଶିକ୍ଷ୍-ତ) ଶିକ୍ଷାପ୍ରାପ୍ତ, କୃତବିଦ୍ୟ ।
ଶିଖଣ୍ଡ-ବି. ମୟୂରପୁଚ୍ଛ । [କେଶ ।
ଶିଖଣ୍ଡିବାହନ-ବି. ( ଶିଖଣ୍ଡୀ-ବାହନ ) କାର୍ତ୍ତି-
ଶିଖଣ୍ଡୀ-ବି. (ଶିଖଣ୍ଡ-ଇନ୍) ମୟୂର, ମୟୂରପୁଚ୍ଛ ।
ଶିଖର-ବି. (ଶିଖା-ର) ପର୍ବତର ଶୃଙ୍ଗ; ଅଗ୍ର-
ଶିଖରୀ-ବି. ପର୍ବତ । [ଭାଗ ।
ଶିଖା-ବି. ଅଗ୍ରଭାଗ; ମସ୍ତକର ଚୁଟି; ଅଗ୍ନିର
ଶିଖିବା-କ୍ରି. ଅଭ୍ୟାସ କରିବା । [ଜ୍ୱାଳା ।
ଶିଖୀ-ବି. (ଶିଖା-ଇନ୍) ମୟୂର ।
ଶିଙ୍ଗଡ଼ା-ବି. (ଶୃଙ୍ଗାଟଶବ୍ଦଜ) ଜଳଜାତ କଣ୍ଟକ-
ଫଳବିଶେଷ ।
ଶିଙ୍ଗା-ବି (ଶୃଙ୍ଗଶବ୍ଦଜ) ଶୃଙ୍ଗ-ବାଦ୍ୟ ।
ଶିଙ୍ଗାରହାର-ବି. ଗଙ୍ଗଶିଉଳି ।
ଶିଜୁ-ବି. ଧଳାକ୍ଷୀରବିଶିଷ୍ଟ ବୃକ୍ଷବିଶେଷ ।
ଶିଞ୍ଜିତ-ବି. ଅଳଙ୍କାରର ଶବ୍ଦ ।
ଶିଞ୍ଜିନୀ-ବି. ନୂପୁର; ଧନୁର୍ଗୁଣ ।
ଶିଢ଼ି-ବି. ପାହାଚ; ନିଶୁଣୀ ।
ଶିତି-କଣ୍ଠ-ବି. ନୀଳକଣ୍ଠ, ଶିବ ।
ଶିଥିଳ-ବିଂ. (ଶ୍ଲଥ୍-ଇଲ) ଢିଲା, ଶ୍ଲଥ; ଅବ-
ଶିମ୍ବ-ବି. ଶିମଗଛ । [ସନ୍ନ; ଅଳସ ।
ଶିର-ବି. (ଶିରାଶବ୍ଦଜ) ରକ୍ତବହା ନାଡ଼ୀ ।
ଶିରଃ-ବି. (ଶ୍ରି-ଅସ୍) ମସ୍ତକ; ଅଗ୍ରଭାଗ ।
ଶିରପା-ବି. ମସ୍ତକାବରକ ବସ୍ତ୍ର । [ପଗଡ଼ି ।
ଶିରସ୍ତ୍ରାଣ-ବି. ( ଶିରସ୍-ତ୍ରୈ-ଅନ ) ଉଷ୍ଣୀଷ,
ଶିରା-ବି. (ଶୃ-ଅ-ଆ) ରକ୍ତବହା ନାଡ଼ୀ ।
ଶିରାଳ-ବିଂ. ଶିରାଯୁକ୍ତ ।
ଶିରୀଷ-ବି. ବୃକ୍ଷବିଶେଷ; ଶିରୀଷ ବୃକ୍ଷର ପୁଷ୍ପ ।
ଶିରୋଧାର୍ଯ୍ୟ-ବିଂ. ( ଶିରସ୍-ଧାର୍ଯ୍ୟ ) ମସ୍ତକରେ
ଧାରଣୀୟ, ଅତିମାନ୍ୟ ।
ଶିରୋମଣି-ବି. ମସ୍ତକର ରତ୍ନ; ଶ୍ରେଷ୍ଠ (ପଦାନ୍ତେ) ।
ଶିଳା-ବି. (ଶିଲ୍-ଅ-ଆ) ପ୍ରସ୍ତର, ପଥର ।
ଶିଲୀନ୍ଧ୍ର-ବି. ଛତୁଗଛ ।
ଶିଲୀମୁଖ-ବି. (ଶିଲୀ-ମୁଖ) ଭ୍ରମର ।
ଶିଳ୍ପ-ବି. ବସ୍ତୁ ନିର୍ମାଣାଦି କର୍ମ, କାରିଗରି ।
ଶିଳ୍ପକାର-ବି. (ଶିଳ୍ପ-କାର) ଶିଳ୍ପୀ, କାରିଗର ।
ଶିବ-ବି. (ଶିବ୍-ଅ) ମହାଦେବ; ମଙ୍ଗଳ ।
ଶିବଚତୁର୍ଦ୍ଦଶୀ-ବି. ଶିବପର୍ବ, ଫାଲ୍ଗୁନ କୃଷ୍ଣ-
ଚତୁର୍ଦ୍ଦଶୀ ।
ଶିବା-ବି. (ଶିବ-ଆ) ଶୃଗାଳୀ; ପାର୍ବତୀ ।
ଶିବିକା-ବି. ଯାନବିଶେଷ; ପାଲିଙ୍କି ।
ଶିବିର-ବି. (ଶୀ-ଇର) ସୈନ୍ୟନିବେଶ, ଛାଉଣି ।
ଶିଶିର-ବି. ହିମ; ଶୀତ-ଋତୁ ।
ଶିଶି-ବି. କାଚନିର୍ମିତ କ୍ଷୁଦ୍ର ପାତ୍ରବିଶେଷ ।
ଶିଶୁ-ବି. (ଶିଶ୍-ଉ) କ୍ଷୁଦ୍ର ବାଳକ ବାଳିକା,
ଶିଶୁମାର-ବି. ଜଳଜନ୍ତୁବିଶେଷ । [ପିଲା ।
ଶିଶ୍ନ-ବି. ପୁରୁଷର ଉପସ୍ଥ ।

ଶିଷା–ବି. ଧାନ୍ୟାଦିର ଶୀର୍ଷ ।

ଶିଷ୍ଟ-ବିଂ. ସୁଶୀଳ; ବିନୀତ; ଭଦ୍ର ।

ଶିଷ୍ଟତା–ବି. ବିନୟ ।

ଶିଷ୍ୟ–ବି. (ଶାସ୍-ଯ) ଛାତ୍ର ।

ଶିସୁ–ବି. ବୃକ୍ଷ-ବିଶେଷ ।

ଶୀକର–ବି. ଜଳକଣା; ସୂକ୍ଷ୍ମବୃଷ୍ଟି ।

ଶୀଘ୍ର–କ୍ରି. ବିଂ. ଅବିଳମ୍ବେ, ସତ୍ୱର ।

ଶୀତ–ବିଂ. ଶୀତଳ; ବି. ଜାଡ଼ ।

ଶୀତଳ–ବିଂ. ଶୈତ୍ୟଯୁକ୍ତ, ଥଣ୍ଡା ।

ଶୀତ୍କାର–ବି. ଶୀତେଇପଡ଼ିବା; ହାଇ ।

ଶୀର୍ଣ୍ଣ–ବିଂ. (ଶୄ-ତ) କ୍ଷୀଣ; ଶୁଷ୍କ; ପତିତ ।

ଶୀର୍ଷ–ବି. ଶିରଃ, ମସ୍ତକ ।

ଶୀର୍ଷକ–ବି. (ଶୀର୍ଷ-କ) ଟୋପି; ପଗଡ଼ି, ମସ୍ତକ ।

ଶୀଳ-ବି. (ଶୀଲ୍-ଅ) ସ୍ୱଭାବ; ସଚ୍ଚରିତ୍ର ।

ଶୀଳନ–ବି. (ଶୀଲ୍-ଅନ) ଆଲୋଚନା; ଅଭ୍ୟାସ

ଶୁକ–ବି. ଶୁଆପକ୍ଷୀ ।

ଶୁକୁଆ–ବି. ଶୁଖିଲା ମାଛ ।

ଶୁକ୍ତି-ବି. (ଶୁଚ୍-ତି) ଶାମୁକା; ଶଙ୍ଖ ।

ଶୁକ୍ତିଜ–ବି. (ଶୁକ୍ତି-ଜନ୍-ଅ) ମୁକ୍ତା ।

ଶୁକ୍ର–ବି. ( ଶୁଚ୍-ରକ୍ ) ଗ୍ରହବିଶେଷ; ଦୈତ୍ୟ-ଗୁରୁ; ରେତଃ ।

ଶୁକ୍ର-ବାର-ବି. ସପ୍ତାହର ପଞ୍ଚମଦିନ ।

ଶୁକ୍ଳ–ବିଂ. ( ଶୁଚ୍-ଲକ୍ ) ଶ୍ୱେତ ।

ଶୁକ୍ଳ-ପକ୍ଷ–ବି. ଚନ୍ଦ୍ରର ବୃଦ୍ଧି-ପକ୍ଷ ।

ଶୁଙ୍ଘିବା–କ୍ରି. ଆଘ୍ରାଣ କରିବା ।

ଶୁଚି–ବି. (ଶୁଚ୍-ଇ) ପବିତ୍ର; ନିର୍ମଳ; ଶୁଭ୍ର ।

ଶୁଝିବା–କ୍ରି. ପରିଶୋଧ କରିବା ।

ଶୁଣ୍ଠି–ବି. ଶୁଷ୍କ ଆର୍ଦ୍ରକ ।

ଶୁଣ୍ଡ–ବି. (ଶୁଣ୍-ଡ) ହସ୍ତି-କର ।

ଶୁଣ୍ଡୀ–ବି. ଶୁଣ୍ଡା ବା ମଦ୍ୟର ପ୍ରସ୍ତୁତ କାରକ ।

ଶୁଦ୍ଧ–ବିଂ. (ଶୁଧ୍-ତ) ନିର୍ଦ୍ଦୋଷ, ପବିତ୍ର ।

ଶୁଦ୍ଧାନ୍ତ–ବି. (ଶୁଦ୍ଧ-ଅନ୍ତ) ଅନ୍ତଃପୁର ।

ଶୁଦ୍ଧି–ବି. (ଶୁଧ୍-ତି) ଶୋଧନ, ଶୁଦ୍ଧତା ।

ଶୁଧୁରିବା–କ୍ରି. ମନ୍ଦରୁ ଭଲ ହେବା ।

ଶୁଭ–ବି. (ଶୁଭ୍-ଅ) ମଙ୍ଗଳ; ବିଂ. ମଙ୍ଗଳଜନକ ।

ଶୁଭଦ–ବିଂ. (ଶୁଭ-ଦା-ଅ) ଶୁଭକର, ଶୁଭ-ଜନକ ।

ଶୁଭିବା–କ୍ରି. ଶ୍ରୁତିଗୋଚର ହେବା ।

ଶୁଭ୍ର–ବିଂ. (ଶୁଭ୍-ର) ଶୁକ୍ଳ; ନିର୍ମଳ ।

ଶୁଳ୍କ–ବି. କର, ମାସୁଲ ।

ଶୁଶ୍ରୂଷା–ବି. (ଶ୍ରୁ-ସନ୍-ଅ-ଆ) ଶ୍ରବଣେଚ୍ଛା; ସେବା ।

ଶୁଷ୍କ–ବିଂ, (ଶୁଷ୍-ତ) ନୀରସ, ଶୁଖିଲା ।

ଶୂକର–ବି. (ଶୂକ୍-ର) ବରାହ; ଘୁଷୁରି ।

ଶୂଦ୍ର–ବି. ( ଶୁଚ୍-ରକ୍ ) ବ୍ରାହ୍ମଣାଦି ଚତୁର୍ବର୍ଣ୍ଣର ଅନ୍ତର୍ଗତ ଚତୁର୍ଥବର୍ଣ୍ଣ ।

ଶୂନ୍ୟ–ବି. ଆକାଶ; '୦' ଅଭାବାର୍ଥକ ଚିହ୍ନ; ବିଂ. ଖାଲି; ନିର୍ଜନ ।

ଶୂନ୍ୟ-ଗର୍ଭ–ବିଂ. ସାରଶୂନ୍ୟ ।

ଶୂର–ବି. (ଶୂର୍-ଅ) ବୀର; ସାହସୀ ।

ଶୂଳ–ବି. ( ଶୂଲ୍–ଅ ) ଶସ୍ତ୍ରବିଶେଷ; ଉଦର-ରୋଗବିଶେଷ ।

ଶୂଳ-ପାଣି-ବି. ତ୍ରିଶୂଳଧାରୀ ଶିବ ।

ଶୃଗାଳ-ବି. ବିଲୁଆ, ଶିବା ।

ଶୃଙ୍ଖଳ-ବି. ଶିକୁଳି, ନିଗଡ଼ ।

ଶୃଙ୍ଖଳିତ-ବିଂ. ଶୃଙ୍ଖଳବଦ୍ଧ ।

ଶୃଙ୍ଗ-ବି. ଶିଖର, ଅଗ୍ରଭାଗ; ଶିଙ୍ଗ ।

ଶୃଙ୍ଗାଟ-ବି. ଚତୁଷ୍ପଥ, ଚୌରାସ୍ତା; ଶିଙ୍ଗଡ଼ା ।

ଶୃଙ୍ଗାର-ବି. ଆଦିରସ; ସ୍ତ୍ରୀପୁରୁଷର ପ୍ରଣୟ; ସଜ୍ଜା, ବେଶ ।

ଶେଉଳ-ବି. (ଶକୁଳଶବ୍ଦଜ) ମତ୍ସ୍ୟବିଶେଷ ।

ଶେଖର-ବି. ଚୂଡ଼ା; ଶିରୋଭୂଷଣ ।

ଶେଠ-ବି. (ଶ୍ରେଷ୍ଠଶବ୍ଦଜ) ବଣିକ୍‌ବିଶେଷ ।

ଶେଫାଳିକା-ବି. ଗଙ୍ଗଶିଉଳି, ଶଙ୍ଗାରିହାର ।

ଶେଯ-ବି. (ଶଯ୍ୟାଶବ୍ଦଜ) ଶଯ୍ୟା ।

ଶେଷ-ବି. (ଶିଷ୍-ଅ) ଅନ୍ତ; ଅବଶେଷ; ବିନାଶ; ବାସୁକି; ବିଂ. ଅବଶିଷ୍ଟ ।

ଶୈତ୍ୟ-ବି. (ଶୀତ-ଯ) ଶୀତଳତା ।

ଶୈଥିଲ୍ୟ-ବି. (ଶିଥିଳ-ଯ) ଶିଥିଳତା; ଢିଲା; [ଅଳସ୍ୟ ।

ଶୈଳ-ବି. (ଶିଳା-ଅ) ପର୍ବତ ।

ଶୈଳ-ସୁତା-ବି. ପାର୍ବତୀ ।

ଶୈଳୀ-ବି. (ଶୀଳ-ଅ-ଈ) ପଦ୍ଧତି, ପ୍ରଣାଳୀ ।

ଶୈଳେୟ-ବିଂ. (ଶୈଳ-ଏୟ) ଶୈଳ-ଜାତ ।

ଶୈବ-ବି. (ଶିବ-ଅ) ଶିବଭକ୍ତ; ବିଂ. ଶିବ-ସମ୍ବନ୍ଧୀୟ ।

ଶୈବଳ, ଶୈବାଳ-ବି. ଶିଉଳି ।

ଶୈବଳିନୀ-ବି. (ଶୈବଳ-ଇନ୍-ଈ) ନଦୀ ।

ଶୈଶବ-ବି. (ଶିଶୁ-ଅ) ଶିଶୁତ୍ୱ, ବାଲ୍ୟାବସ୍ଥା ।

ଶୋଇବା-କ୍ରି. (ଶୀଧାତୁରୁ) ଶୟନ କରିବା ।

ଶୋକ-ବି. (ଶୁଚ୍-ଅ) ପ୍ରିୟ-ବିୟୋଗ-ଜନିତ ଦୁଃଖ ।

ଶୋଚନା-ବି. (ଶୁଚ୍-ଅନ-ଆ) ଶୋକ କରିବା ।

ଶୋଚ୍ୟ, ଶୋଚନୀୟ-ବିଂ. (ଶୁଚ୍-ଯ, ଅନୀୟ) ଦୁଃଖ କରିବାର ଯୋଗ୍ୟ ।

ଶୋଣ-ବିଂ. ରକ୍ତ-ବର୍ଣ୍ଣ, ଲୋହିତ ।

ଶୋଣିତ-ବି. ରୁଧିର, ରକ୍ତ; ବିଂ. ଲୋହିତ ।

ଶୋଣିମା-ବି. (ଶୋଣ-ଇମନ୍) ରକ୍ତିମା ।

ଶୋଥ-ବି. (ଶ୍ୱି-ଥ) ସ୍ଫୀତ ରୋଗ ।

ଶୋଧନ-ବି. (ଶୁଧ୍-ଅନ୍) ନିର୍ଦ୍ଦୋଷକରଣ; ପରିଷ୍କରଣ; ପ୍ରତିଦାନ ।

ଶୋଧି-ବି. ଅଙ୍କପାଠ ବିଶେଷ ।

ଶୋଧିତ-ବିଂ. (ଶୁଧ୍-ଇ-ତ) ପରିଷ୍କୃତ ।

ଶୋଧିବା-କ୍ରି. ନିର୍ଦ୍ଦୋଷ କରିବା; ଖାଲିଦେବା ।

ଶୋଭନ-ବିଂ. (ଶୁଭ୍-ଣିଚ୍-ଅନ୍) ଶୋଭାଯୁକ୍ତ ।

ଶୋଭା-ବି. (ଶୁଭ୍-ଅ) ସୌନ୍ଦର୍ଯ୍ୟ ।

ଶୋଭିତ-ବିଂ. (ଶୁଭ୍-ଣିଚ୍-ତ) ଭୂଷିତ ।

ଶୋଷ-ବି. (ଶୁଷ୍-ଅ) ଶୁଷ୍କତା, ରସାକର୍ଷଣ; ପିପାସା ।

ଶୋଷଣ-ବି. (ଶୁଷ୍-ଇ-ଅନ) ରସାକର୍ଷଣ ।

ଶୋହିବା-କ୍ରି. ଶୋଭାପାଇବା (ପଦ୍ୟ) ।

ଶୌଚ-ବି. (ଶୁଚି-ଅ) ଶୁଦ୍ଧ, ଶୁଚିତା ।

ଶୌଣ୍ଡିକ-ବି. (ଶୁଣ୍ଡା-ଇକ) ଶୁଣ୍ଢୀ ।

ଶୌର୍ଯ୍ୟ-ବି. (ଶୂର-ଯ) ବୀରତ୍ୱ ।

ଶ୍ମଶାନ-ବି. (ଶବ-ଶ୍ମନ୍-ଶୀ-ଅନ) ମଶାଣି ।

ଶ୍ମଶ୍ରୁ-ବି. କଶ; ଦାଢ଼ୀ ।

ଶ୍ମଶ୍ରୁଳ-ବିଂ. (ଶ୍ମଶ୍ରୁ-ଲ) ଶ୍ମଶ୍ରୁବିଶିଷ୍ଟ ।

ଶ୍ୟାମ } ବି. ଶାଗୁଆ; ଈଷତ୍ କୃଷ୍ଣ; ଈଷତ୍
ଶ୍ୟାମଳ } ହରିତ୍ ।

ଶ୍ୟାଲ, ଶ୍ୟାଲକ-ବି. ପତ୍ନୀର ଭାଇ ।

ଶ୍ୟାଲୀ, ଶ୍ୟାଲିକା-ବି. ପତ୍ନୀର ଭଉଣୀ ।

ଶ୍ୟେନ-ବି. ବାଜପକ୍ଷୀ ।

ଶ୍ରଦ୍ଧାନ-ବିଂ. (ଶ୍ରତ୍-ଧା-ଅନ) ଶ୍ରଦ୍ଧାଯୁକ୍ତ ।

ଶ୍ରଦ୍ଧା-ବି. (ଶ୍ରତ୍-ଧା-ଆ) ଭକ୍ତି; ବିଶ୍ୱାସ; ଆଦର ।

ଶ୍ରଦ୍ଧାବାନ୍-ବିଂ. (ଶ୍ରଦ୍ଧା-ବତ୍) ଶ୍ରଦ୍ଧାଯୁକ୍ତ ।

ଶ୍ରମ-ବି. (ଶ୍ରମ୍-ଅ) ପରିଶ୍ରମ; ଅଭ୍ୟାସ; ଶ୍ରାନ୍ତି ।

ଶ୍ରମଣ-ବି. ବୌଦ୍ଧ ସନ୍ନ୍ୟାସୀ ।

ଶ୍ରମ-ବାରି-ବି. ଘର୍ମ ।

ଶ୍ରମୀ-ବିଂ. (ଶ୍ରମ୍-ଇନ୍) ପରିଶ୍ରମକାରୀ ।

ଶ୍ରବଣ-ବି. (ଶ୍ରୁ-ଅନ) ଶୁଣିବା; କର୍ଣ୍ଣ ।

ଶ୍ରବଣେନ୍ଦ୍ରିୟ-ବି. (ଶ୍ରବଣ-ଇନ୍ଦ୍ରିୟ) କର୍ଣ୍ଣ, କାନ ।

ଶ୍ରାଦ୍ଧ-ବି. (ଶ୍ରଦ୍ଧା-ଅ) ପିତୃ-ତର୍ପଣ; ଶ୍ରଦ୍ଧାର୍ପଣ ।

ଶ୍ରାନ୍ତ-ବିଂ. (ଶ୍ରମ୍-ତ) କ୍ଲାନ୍ତ ।

ଶ୍ରାନ୍ତି-ବି. (ଶ୍ରମ୍-ତି) କ୍ଲାନ୍ତି ।

ଶ୍ରାବକ-ବିଂ. (ଶ୍ରୁ-ଅକ) ଶ୍ରୋତା, ଶ୍ରବଣକର୍ତ୍ତା ।

ଶ୍ରାବଣ-ବି. (ଶ୍ରବଣା-ଅ) ମାସ-ବିଶେଷ ।

ଶ୍ରାବ୍ୟ-ବିଂ. (ଶ୍ରୁ-ଯ) ଶ୍ରବଣଯୋଗ୍ୟ ।

ଶ୍ରୀ-ବି. (ଶ୍ରି-ଈ) ଲକ୍ଷ୍ମୀ, ଶୋଭା; ସୌଭାଗ୍ୟ ।

ଶ୍ରୀକଣ୍ଠ-ବି. ଶିବ ।

ଶ୍ରୀଧର-ବି. ବିଷ୍ଣୁ ।

ଶ୍ରୀପଞ୍ଚମୀ-ବି. ମାଘଶୁକ୍ଳ ପଞ୍ଚମୀ ।

ଶ୍ରୀଫଳ-ବି. ବେଲ । [ଯୁକ୍ତ; ସୁନ୍ଦର ।

ଶ୍ରୀମାନ୍-ବିଂ. (ଶ୍ରୀ-ମତ୍) ଐଶ୍ୱର୍ଯ୍ୟଶାଳୀ; ଶୋଭା-

ଶ୍ରୀ-ଯୁତ, ଶ୍ରୀ-ଯୁକ୍ତ-ବିଂ. ଶ୍ରୀମାନ୍ ।

ଶ୍ରୀଳ-ବିଂ. (ଶ୍ରୀ-ଲ) ଶ୍ରୀଯୁକ୍ତ ।

ଶ୍ରୀଶ-ବି. (ଶ୍ରୀ-ଈଶ) ବିଷ୍ଣୁ । [ଶାସ୍ତ୍ର ।

ଶ୍ରୁତ-ବିଂ. (ଶ୍ରୁ-ତ) ଯାହା ଶୁଣାଯାଇଅଛି; ବି.

ଶ୍ରୁତି-ବି. (ଶ୍ରୁ-ତି) କର୍ଣ୍ଣ; ବେଦ ।

ଶ୍ରୁତି-ଧର-ବିଂ. ଯେ ଶୁଣିଲାକ୍ଷଣି ମନେରଖେ ।

ଶ୍ରୁବ-ବି. ହୋମରେ ଘୃତ-କ୍ଷେପଣପାତ୍ର ।

ଶ୍ରେଢ଼ୀ-ବି. ସମପରିମାଣରେ ବର୍ଦ୍ଧିତ ଅଙ୍କ ଶ୍ରେଣୀ ।

ଶ୍ରେଣୀ-ବି. (ଶ୍ରି-ନି) ପଂକ୍ତି; ଧାଡ଼ି ।

ଶ୍ରେୟଃ-ବି. ଧର୍ମ; ମଙ୍ଗଳ ।

ଶ୍ରେୟସ୍କର-ବିଂ. ମଙ୍ଗଳକର ।

ଶ୍ରେଷ୍ଠ-ବିଂ. (ପ୍ରଶସ୍ୟ-ଇଷ୍ଠ) ଅତି ପ୍ରଶସ୍ତ, ପ୍ରଧାନ ।

ଶ୍ରେଷ୍ଠତା-ବି. ପ୍ରାଧାନ୍ୟ, ଉତ୍କର୍ଷ ।

ଶ୍ରେଷ୍ଠୀ-ବି. ( ଶ୍ରେଷ୍ଠ-ଇନ୍ ) ବଣିକ୍‌ବିଶେଷ,

ଶ୍ରୋଣି-ବି. କଟିଦେଶ, ନିତମ୍ବ । [ଶେଠ ।

ଶ୍ରୋତବ୍ୟ-ବିଂ. (ଶ୍ରୁ-ତବ୍ୟ) ଶ୍ରବଣଯୋଗ୍ୟ ।

ଶ୍ରୋତା-ବିଂ. (ଶ୍ରୁ-ତୃ) ଶ୍ରବଣକର୍ତ୍ତା; ଯେ ଶୁଣେ ।

ଶ୍ରୋତ୍ର-ବି. (ଶ୍ରୁ-ତ୍ର) କର୍ଣ୍ଣ ।

ଶ୍ରୋତ୍ରିୟ-ବି. (ଶ୍ରୋତ୍ର-ଇୟ) ବେଦଜ୍ଞ ବ୍ରାହ୍ମଣ ।

ଶ୍ଳଥ-ବିଂ. (ଶ୍ଳଥ୍-ଅ) ଶିଥିଳ । [ପ୍ରଶଂସା ।

ଶ୍ଳାଘା-ବି. ( ଶ୍ଳାଘ୍-ଅ-ଆ ) ପ୍ରଶଂସା; ନିଜ-

ଶ୍ଳାଘ୍ୟ } ବିଂ. (ଶ୍ଳାଘ୍-ଯ, ଅନୀୟ) ପ୍ରଶଂସ-
ଶ୍ଳାଘନୀୟ } ନୀୟ ।

ଶ୍ଳିଷ୍ଟ-ବି. ( ଶ୍ଳିଷ୍-ତ ) ଶ୍ଳେଷଯୁକ୍ତ; ସଂଯୁକ୍ତ ।
ଶ୍ଳୀପଦ-ବି. ଗୋଦର ।
ଶ୍ଳୀଳ-ବି. ( ଶ୍ରୀ-ଳ ) ଶ୍ରୀଯୁକ୍ତ, ଶୋଭନ ।
ଶ୍ଳେଷ ବି. ଶ୍ଳିଷ୍-ଅ) ଯୋଗ; ବ୍ୟଙ୍ଗୋକ୍ତି ।
ଶ୍ଳେଷ୍ମା-ବି. (ଶ୍ଳିଷ୍-ମନ୍) କଫ । [ପଦ୍ୟ ।
ଶ୍ଳୋକ-ବି. (ଶ୍ଳୋକ୍-ଅ) ଚତୁଷ୍ଚରଣଯୁକ୍ତ ପଦ୍ୟ;
ଶ୍ୱଦନ୍ତ-ବି. (ଶ୍ୱନ୍-ଦନ୍ତ) କୁକ୍କୁରର ମୁନିଅଦନ୍ତ ।
ଶ୍ୱପଚ-ବି. ଚଣ୍ଡାଳ ।
ଶ୍ୱଶୁର-ବି. ଶଶୁର, ଭର୍ତ୍ତା କିମ୍ବା ପତ୍ନୀର ପିତା ।
ଶ୍ୱଶ୍ରୂ-ବି. ଶାଶୁ, ଭର୍ତ୍ତା କିମ୍ବା, ପତ୍ନୀର ମାତା ।
ଶ୍ୱସନ-ବି. (ଶ୍ୱସ୍-ଅନ) ନିଶ୍ୱାସ ।
ଶ୍ୱାନ-ବି. (ଶ୍ୱନ୍-ଅଁ) କୁକୁର ।
ଶ୍ୱାପଦ-ବି, (ଶ୍ୱନ୍-ଅ-ପଦ୍-ଅ) ଶିକାରି ଜନ୍ତୁ ; ବ୍ୟାଘ୍ର ଭଲ୍ଲୁକାଦି ।
ଶ୍ୱାସ-ବି. (ଶ୍ୱସ୍-ଅ) ନିଶ୍ୱାସ; ରୋଗବିଶେଷ ।
ଶ୍ୱିତ୍ର-ବି. ଧବଳ ରୋଗ ।
ଶ୍ୱେତ-ବି. ( ଶ୍ୱିତ୍-ଅ) ଶୁକ୍ଳବର୍ଣ୍ଣ ।
ଶ୍ୱେତ ରକ୍ତ-ବି. ଗୋଲାପିରଙ୍ଗ, ପାଟଳ ।
ଶ୍ୱେତ-ସାର-ବି. ଗୋଧୂମାଦିର ଶ୍ୱେତ ଉପାଦାନବିଶେଷ ।

---

# ଷ

ବ୍ୟଞ୍ଜନବର୍ଣ୍ଣର ଏକତ୍ରିଂଶ ବର୍ଣ୍ଣ ।

ଷଟ୍-ବି. ଛଅ ସଂଖ୍ୟା ।
ଷଟ୍କର୍ମ-ବି. (ଷଷ୍-କର୍ମନ୍) ବ୍ରାହ୍ମଣର ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ ।
ଷଟ୍କୋଣ-ବି. ଷଡ଼୍ଭୁଜ କ୍ଷେତ୍ର ।
ଷଟ୍ପଦ-ବି. (ଷଟ୍-ପଦ) ଭ୍ରମର ।
ଷଠିଘର-ବି. ବାଳକ ଜନ୍ମର ଷଷ୍ଠ ଦିବସର ଅନୁଷ୍ଠାନବିଶେଷ ।
ଷଡ଼ଶୀତି-ବି. ଷଟ୍-ଅଶୀତି) ଛୟାଅଶୀ ।
ଷଡ଼ାନନ-ବି. (ଷଟ୍-ଆନନ) କାର୍ତ୍ତିକେୟ ।
ଷଡ଼୍ଜ-ବି. ( ଷଷ୍-ଜ ) ତନ୍ତ୍ରୀକଣ୍ଠୋତ୍ଥିତ ସ୍ୱରବିଶେଷ ।
ଷଡ଼୍ଦର୍ଶନ-ବି. ପୂର୍ବମୀମାଂସା, ବେଦାନ୍ତ, ସାଂଖ୍ୟ, ପାତଞ୍ଜଳ. ନ୍ୟାୟ ଓ ବୈଶେଷିକ ।
ଷଡ଼୍ରସ-ବି (ଷଟ୍-ରସ) ମଧୁର, ଅମ୍ଳ, ଲବଣ, କଟୁ, କଷାୟ ଓ ତିକ୍ତ ।
ଷଡ଼୍ରିପୁ-ବି. କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ।
ଷଣ୍ଡ-ବି. ଷଣ୍ଢ, ବୃଷ ।
ଷଷ୍ଟି-ବି. (ଷଷ-ତି) ଷାଠିଏ ।
ଷଷ୍ଟିକ-ବି. ଷଠିଆ ଧାନ ।
ଷଷ୍ଟିତମ-ବି. ଷାଠିଏର ପୂରଣ ।
ଷଷ୍ଠ-ବି. (ଷଷ୍-ଥ) ଛଅର ପୂରଣ ।
ଷଷ୍ଠୀ-ବି. ତିଥିବିଶେଷ; ଦେବୀ-ବିଶେଷ ।
ଷାଣ୍ମାସିକ-ବି. (ଷଟ୍-ମାସ-ଇକ) ଛଅମାସରେ ଥରେ ଅନୁଷ୍ଠେୟ ।
ଷୋଡ଼ଶ-ବି. (ଷଷ୍-ଦଶନ୍) ଷୋଳ ସଂଖ୍ୟା ।
ଷୋଡ଼ଶୀ-ବି. ଷୋଡ଼ଶବର୍ଷୀୟ ସ୍ତ୍ରୀ ।

**ସ** ବ୍ୟଞ୍ଜନ ବର୍ଣ୍ଣର ଦ୍ୱାବିଂଶ ବର୍ଣ୍ଣ ।

ସଉରସ-ବି. (ଆରବୀ) ଅଣ୍ଡପାଳ ।

ସଉତୁଣୀ-ବି. (ସପତ୍ନୀଶବ୍ଦଜ) ସପତ୍ନୀ ।

ସଉଦା-ବି, (ପାର୍ଶୀ) ବାଣିଜ୍ୟ ଦ୍ରବ୍ୟ ।

ସଉଦାଗର-ବି. ବଣିକ୍ ।

ସଂକଟ-ବିଂ. ( ସମ୍-କଟ) ସଂକୀର୍ଣ୍ଣ ; ବିପଦପୂର୍ଣ୍ଣ; ବି. ବିପଦ୍ ।

ସଂକର-ବି. (ସମ୍-କୃ-ଅ) ମିଶ୍ରଣ [ସମ ।

ସଂକର୍ଷଣ-ବି. (ସମ୍-କୃଷ୍-ଅନ) ଆକର୍ଷଣ; ବଳ-

ସଂକଳନ-ବି. (ସମ୍-କଳ୍-ଅନ) ଯୋଗ ।

ସଂକଳିତ-ବି. ( ସମ୍-କଳ୍-ତ ) ସଂଗୃହୀତ ; ଏକତ୍ରିତ ।

ସଂକଳ୍ପ-ବି.(ସମ୍-କୃପ୍-ଅ)ମନୋରଥ; ପ୍ରତିଜ୍ଞା ।

ସଂକଳ୍ପିତ-ବିଂ. ବାଞ୍ଛିତ; ସ୍ଥିରୀକୃତ ।

ସଂକାଶ-ବିଂ. (ସମ୍ କାଶ୍-ଅ) ସଦୃଶ ।

ସଂକୀର୍ଣ୍ଣ-ବିଂ. (ସମ୍-କୄ-ତ) ଅପ୍ରଶସ୍ତ ।

ସଂକୀର୍ତ୍ତନ-ବି. (ସମ୍-କୃତ୍-ଅନ) ଗୁଣାଦି କଥନ, ପ୍ରମତ୍ତଭାବେ ଦେବ-ଗୁଣ-ଗାନ ।

ସଂକୁଚିତ-ବିଂ. (ସମ୍-କୁଚ୍-ତ) ସଂକୀର୍ଣ୍ଣୀକୃତ; କୁଣ୍ଠିତ ।

ସଂକୁଳ-ବିଂ.(ସମ୍-କୁଳ୍-ଅ)ସମାକୀର୍ଣ୍ଣ; ବ୍ୟାପ୍ତ ।

ସଂକେତ-ବି. (ସମ୍-କିତ୍-ଅ) ଇଙ୍ଗିତ, ଇସାରା; ଚିହ୍ନ ।

ସଂକୋଚ-ବି. ( ସମ୍-କୁଚ୍-ଅ ) ସଂକ୍ଷେପ ; ଚିପିବାଦ୍ୱାରା ଅଳ୍ପୀକରଣ ।

ସଂକ୍ରମଣ-ବି.(ସମ୍-କ୍ରମ୍-ଅନ)ଗମନ; ପ୍ରବେଶ; ସଂକ୍ରାନ୍ତି । [ପ୍ରବିଷ୍ଟ ।

ସଂକ୍ରାନ୍ତ ବିଂ.(ସମ୍-କ୍ରମ୍-ତ)ବର୍ତ୍ତିତ; ସମ୍ବନ୍ଧୀୟ;

ସଂକ୍ରାନ୍ତି-ବି.(ସମ୍-କ୍ରମ୍-ତି) ସୂର୍ଯ୍ୟର ରାଶ୍ୟନ୍ତରେ ପ୍ରବେଶ । [ଭିଅଁ (ମେଷ) ।

ସଂକ୍ରାମକ-ବିଂ. (ସମ୍-କ୍ରମ୍-ଅକ) ପ୍ରବେଶକାରୀ;

ସଂକ୍ରାମିତ ବିଂ.(ସମ୍-କ୍ରମ୍-ଣିଚ୍-ତ) ପ୍ରବେଶିତ; ସଞ୍ଚାରିତ ।

ସଂକ୍ଷିପ୍ତ-ବିଂ. ସମ୍-କ୍ଷିପ୍-ତ) ଅଳ୍ପୀକୃତ ।

ସଂକ୍ଷେପ-ବି.(ସମ୍-କ୍ଷିପ୍-ଅ)ଅଳ୍ପୀକରଣ; ଚୁମ୍ବକ ।

ସଂଖ୍ୟା-ବି. (ସମ୍-ଖ୍ୟା-ଅ-ଆ) ୧, ୨ ପ୍ରଭୃତି

ସଂଖ୍ୟାତ-ବିଂ. ଗଣିତ । [ଗଣନା ।

ସଂଗୃହୀତ-ବିଂ. (ସମ୍-ଗ୍ରହ୍-ତ) ସଙ୍କଳିତ ।

ସଂଗ୍ରହ-ବି. (ସମ୍-ଗ୍ରହ-ଅ) ସଂକଳନ ; ଏକତ୍ରୀକରଣ ।

ସଂଗ୍ରହୀତା, ସଂଗ୍ରାହକ } ବି. (ସମ୍-ଗ୍ରହ୍-ତୃ, ଅକ) ସଂଗ୍ରହକାରୀ ।

ସଂଗ୍ରାମ-ବି. ଯୁଦ୍ଧ; ସମର ।

ସଂଘ-ବି. (ସମ୍-ହନ୍-ଅ) ସମୂହ; ଦଳ ।

ସଂଘଟନ-ବି. ସମ୍-ଘଟ୍-ଅନ) ମେଳନ; ଗଠନ; ଘଟଣା ।

ସଂଘର୍ଷ, ସଂଘର୍ଷଣ } ବି. ( ସମ୍-ଘୃଷ୍-ଅ,ଅନ ) ଘର୍ଷଣ; ବିରୋଧ ।

ସଂଘାତ-ବି. ସମଷ୍ଟି, ନିବଡ଼ ସଂଯୋଗ ।

ସଂଜ୍ଞା-ବି. ( ସମ୍-ଜ୍ଞା-ଅ ) ଚୈତନ୍ୟ ; ଆଖ୍ୟା ; ପାରିଭାଷିକ ଶବ୍ଦର ଅର୍ଥ-ସୂଚନା ।

ସଂଯତ–ବିଂ. (ସମ୍-ଯମ୍-ତ) ନିୟମିତ; ଦମିତ ।
ସଂଯମନ–ବି. (ସମ୍-ଯମ୍-ଅନ) ବନ୍ଧନ; ଇନ୍ଦ୍ରିୟ-ନିଗ୍ରହ ।
ସଂଯମୀ–ବିଂ. (ସମ୍-ଯମ୍-ଇନ୍) ଜିତେନ୍ଦ୍ରିୟ ।
ସଂଯୁକ୍ତ–ବିଂ. (ସମ୍-ଯୁଜ୍-ତ) ସଂଲଗ୍ନ; ମିଶ୍ରିତ ।
ସଂଯୁଗ–ବି. ଯୁଦ୍ଧ ।
ସଂଯୋଗ–ବି. (ସମ୍-ଯୁଜ୍-ଅ) ମିଳନ, ମିଶ୍ରଣ ।
ସଂଯୋଜନ–ବି. (ସମ୍-ଯୁଜ୍-ଅନ) ସଂଯୋଗ-କରଣ ।
ସଂରମ୍ଭ–ବି. (ସମ୍-ରନ୍ଭ୍-ଅ) କ୍ରୋଧ; ବେଗ ।
ସଂଲଗ୍ନ–ବିଂ. (ସମ୍-ଲଗ୍-ତ) ମିଳିତ, ସଂଯୁକ୍ତ ।
ସଂଲାପ–ବି. (ସମ୍-ଲପ୍-ଅ) କଥୋପକଥନ ।
ସଂବର୍ତ୍ତ–ବି. ( ସମ୍-ବୃତ୍-କ୍ୱିପ୍ ) ବୈଦ୍ୟାଦିତ୍ୟ-ପ୍ରଚଳିତ ଅବ୍ଦ ।
ସଂବତ୍ସର–ବି. (ସମ୍-ବସ୍-ସର) ବତ୍ସର, ବର୍ଷ ।
ସଂବଳିତ ବିଂ. (ସମ୍-ବଳ୍-ତ) ମିଳିତ; ସହିତ ।
ସଂବାଦ–ବି. (ସମ୍-ବଦ୍-ଅ) ସମାଚାର; ବୃତ୍ତାନ୍ତ; କଥାବାର୍ତ୍ତା ।
ସଂବାହନ–ବି. (ସମ୍-ବହ୍-ଣିଚ୍-ଅନ) ଅଙ୍ଗମର୍ଦ୍ଦନ
ସଂବିତ୍–ବି. (ସମ୍-ବିଦ୍-କ୍ୱିପ୍) ଅଙ୍ଗୀକାର ।
ସଂବିଧାନ–ବି. (ସମ୍-ବି-ଧା-ଅନ) ଅନୁଷ୍ଠାନ; ଉପକରଣସାମଗ୍ରୀ ।
ସଂବୃତ–ବିଂ. (ସମ୍-ବୃ-ତ) ଗୁପ୍ତ ।
ସଂବେଦନ–ବି. (ସମ୍-ବିଦ୍-ଅନ) ଅନୁଭବ ।
ସଂବେଶ–ବି. (ସମ୍-ବିଶ୍-ଅ) ନିଦ୍ରା ।
ସଂଶୟ–ବି. (ସମ୍-ଶୀ-ଅ) ସନ୍ଦେହ ।
ସଂଶୋଧନ–ବି. (ସମ୍-ଶୁଧ୍-ଣିଚ୍-ଅନ) ଶୁଦ୍ଧକରଣ ।
ସଂଶ୍ଳିଷ୍ଟ–ବି. (ସମ୍-ଶ୍ଳିଷ୍-ତ) ମିଳିତ, ସମ୍ବନ୍ଧ ।
ସଂସର୍ଗ–ବି. (ସମ୍-ସୃଜ୍-ଅ) ସହବାସ, ସମ୍ପର୍କ ।
ସଂସାର–ବି. ( ସମ୍-ସୃ-ଅ ) ଜଗତ୍; ଜନ୍ମାଦି ବ୍ୟାପାର । [ସଂସାରାସକ୍ତ ।
ସଂସାରୀ–ବିଂ. ( ସଂସାର–ଇନ୍ ) ସଂସାରସ୍ଥ;
ସଂସୃଷ୍ଟ–ବିଂ. (ସମ୍-ସୃଜ୍-ତ) ସମ୍ପୃକ୍ତ, ସମ୍ବନ୍ଧ ।
ସଂସ୍କାର–ବି. ( ସମ୍-କୃ-ଅ ) ଶୁଦ୍ଧି, ମସମନ୍ଦ; ମନର ଧାରଣା; ବିବାହାଦି କର୍ମ ।
ସଂସ୍କାରକ–ବିଂ. (ସମ୍-କୃ-ଣିଚ୍-ଅକ) ସଂଶୋଧନକାରୀ ।
ସଂସ୍କୃତ–ବିଂ. ( ସମ୍–କୃ–ତ ) ଶୋଧିତ; ବି. ଭାରତୀୟ ପ୍ରାଚୀନ ଆର୍ଯ୍ୟଭାଷା ।
ସଂସ୍ଥା–ବି. (ସମ୍-ସ୍ଥା-ଅ) ବ୍ୟବସ୍ଥା; ସଭା; ସ୍ଥାପିତ ବିଦ୍ୟାଳୟାଦି । [ବେଶ ।
ସଂସ୍ଥାନ–ବି. ( ସମ୍-ସ୍ଥା-ଅନ ) ଅବୟବ-ସନ୍ନି-
ସଂସ୍ପର୍ଶ–ବି. ସମ୍ୟକ୍ ସ୍ପର୍ଶ ।
ସଂସ୍ପୃଷ୍ଟ–ବିଂ. (ସମ୍-ସ୍ପୃଶ୍-ତ) ସଂଯୁକ୍ତ ।
ସଂସ୍ରବ–ବି. (ସମ୍-ସ୍ରୁ-ଅ) ସମ୍ବନ୍ଧ, ସମ୍ପର୍କ ।
ସଂହତ–ବିଂ. (ସମ୍-ହନ୍-ତ) ଦୃଢ଼; ନିବିଡ଼ ।
ସଂହତି–ବି. ( ସମ୍-ହନ୍-ତି ) ସମୂହ; ନିବିଡ଼; [ଯୋଗ ।
ସଂହନନ–ବି. ଦେହ ।
ସଂହାର–ବି. (ସମ୍-ହୃ-ଅ) ଧ୍ୱଂସ । [ଶାସ୍ତ୍ର ।
ସଂହିତା–ବି. (ସମ୍-ଧା-ତ-ଆ) ସଂଗ୍ରହ; ସ୍ମୃତି-
ସକଳ–ବିଂ. (ସ-କଳା) ସମୁଦାୟ ।

ସକାମ-ବିଂ. କାମନା-ସହିତ ।

ସକାଲ-ବି. ପ୍ରାତଃକାଳ ।

ସକାଶ-ବି. ନିକଟ; ନିମିତ୍ତ ।

ସକ୍ତୁ-ବି. ଯବାଦିର ଛତୁ ।

ସଖା-ବି. ମିତ୍ର ।

ସଖୀ-ବି. ସହଚରୀ, ବୟସ୍ୟା ।

ସଖ୍ୟ-ବି. (ସଖି-ଯ) ମିତ୍ରତା ।

ସଗର-ବି. (ସହ-ଗର) ନୃପତିବିଶେଷ ।

ସ-ଗୋତ୍ର-ବିଂ. ଜ୍ଞାତି, ଏକ-ବଂଶୋତ୍ପନ୍ନ ।

ସଙ୍ଖା-ବି. କାଚ ଚୁଡ଼ି ।

ସଙ୍ଖାଳି-ବି. ସର୍ବସ୍ୱଧନ ।

ସଙ୍ଖୋଳିବା-କ୍ରି. ଅପଦ-ସମୟରେ ବନ୍ଧୁ ନିକ-ଟକୁ ଯାଇ ସାନ୍ତ୍ୱନା ଦେବା ।

ସଙ୍ଗ-ବି. (ସନ୍ଜ୍-ଅ) ସଂସର୍ଗ; ଆସକ୍ତି ।

ସଙ୍ଗତ-ବିଂ. (ସମ୍-ଗମ୍-ତ) ଯୁକ୍ତିଯୁକ୍ତ, ମିଳିତ ।

ସଙ୍ଗତି-ବି. (ସମ୍-ଗମ୍-ତି) ମିଳନ; ଯୌକ୍ତିକତା ।

ସଙ୍ଗମ-ବି. (ସମ୍-ଗମ୍-ଅ) ମିଳନ ।

ସଙ୍ଗର-ବି. ଯୁଦ୍ଧ; ପ୍ରତିଜ୍ଞା ।

ସଙ୍ଗାତ-ବି. (ସଂଗତଶବ୍ଦଜ) ମିତ୍ର ।

ସଙ୍ଗିନୀ-ବି. (ସଙ୍ଗ-ଇନ୍-ଈ) ସହଚାରିଣୀ ।

ସଙ୍ଗୀ-ବିଂ. (ସଙ୍ଗ୍-ଇନ୍) ସହଚର । [ବାଦ୍ୟ ।

ସଙ୍ଗୀତ-ବି. (ସମ୍-ଗୈ-ତ) ଗାନ; ନୃତ୍ୟ ଗୀତ-

ସଚରାଚର-ବିଂ. ( ସ-ଚର-ଅଚର ) ସ୍ଥାବର-ଜଙ୍ଗମ; ସର୍ବସାଧାରଣ ।

ସଚିବ-ବି. ଅମାତ୍ୟ, ମନ୍ତ୍ରୀ ।

ସଚେତନ-ବିଂ. (ସ-ଚେତନା) ଚେତନାଯୁକ୍ତ ।

ସଚେଷ୍ଟ-ବିଂ. (ସ-ଚେଷ୍ଟା)ଚେଷ୍ଟିତ, ଉଦ୍ୟୋଗୀ ।

ସଚ୍ଚା-ବିଂ. ପ୍ରକୃତ, ଅକୃତ୍ରିମ ।

ସଚ୍ଚିଦାନନ୍ଦ-ବି. ( ସତ୍-ଚିତ୍-ଆନନ୍ଦ ) ନିତ୍ୟ-ଜ୍ଞାନ ଆନନ୍ଦ-ସ୍ୱରୂପ ବ୍ରହ୍ମ । [ଭଟ୍ଟକା ।

ସଜ-ବିଂ. ( ସଦ୍ୟଃଶବ୍ଦଜ ) ବର୍ତ୍ତମାନ ସମୟର,

ସଜନା-ବି. (ଶୋଭାଞ୍ଜନଶବ୍ଦଜ) ବୃକ୍ଷବିଶେଷ ।

ସଜନୀ-ବି. (ସ୍ୱଜନୀଶବ୍ଦଜ) ସହଚାରିଣୀ; ସଖୀ ।

ସଞ୍ଚାର-ବି. (ସମ୍-ଚର୍-ଅ) ଗତି; ସଂକ୍ରମଣ; ବିସ୍ତାର ।

ସଞ୍ଚାରିତ-ବିଂ. (ସମ୍-ଚର୍-ଣିଚ୍-ତ) ସଞ୍ଚାଳିତ ।

ସଞ୍ଚାରୀ-ବିଂ. (ସମ୍-ଚର୍-ଇନ୍) ଗମନଶୀଳ; ଅସ୍ଥାୟୀ ।

ସଞ୍ଚିତ-ବିଂ. (ସମ୍-ଚି-ତ) ସଂଗୃହୀତ ।

ସଞ୍ଜ-ବି. ସନ୍ଧ୍ୟା । [ଦାୟିନୀ ।

ସଞ୍ଜୀବନୀ-ବିଂ. ( ସମ୍-ଜୀବ୍-ଅନ-ଈ ) ଜୀବନ-

ସଟା-ବି. ସିଂହାଦିର କେଶର ।

ସଟୀକ-ବିଂ. (ସ-ଟୀକା) ଟୀକା-ସମେତ ।

ସଡ଼କ-ବି. ପଥ, ରାସ୍ତା ।

ସଡ଼ା-ବିଂ. ପଚା ।

ସଡ଼ିବା, ସଢ଼ିବା-କ୍ରି. ପଚିବା ।

ସଢେଇ-ବି. କଡ଼ିଆ-ଖୋଳପା ।

ସତତ-କ୍ରି. ବିଂ. ନିରନ୍ତର, ସର୍ବଦା ।

ସତରଞ୍ଜି-ବି. ରଞ୍ଜିତସୂତ୍ରର ଆସନ ।

ସତର୍କ-ବିଂ. ସାବଧାନ ।

ସତୀ-ବି. (ସତ୍-ଈ) ସାଧ୍ୱୀ, ପତିବ୍ରତା ।

ସତୀତ୍ୱ-ବି. ପାତିବ୍ରତ୍ୟ ।

ସ-ତୀର୍ଥ-ବ. ଏକ ଗୁରୁର ଶିଷ୍ୟ ।
ସତୃଷ୍ଣ-ବିଂ. (ସ-ତୃଷ୍ଣା) ପିପାସିତ; ଆକାଙ୍କ୍ଷା-ପୂର୍ଣ୍ଣ ।
ସତେଜ-ବିଂ. (ସ-ତେଜଃ) ତେଜସ୍ୱୀ; ବଳବାନ୍ ।
ସତ୍-ବିଂ. (ଅସ୍-ଅତ୍) ସତ୍ୟ; ସାଧୁ ।
ସତ୍କାର, ସତ୍କ୍ରିୟା-ବ. ସମାଦର ।
ସତ୍ତା-ବ. (ସତ୍-ତା) ସ୍ଥିତ; ସାଧୁତା ।
ସତ୍ତ୍ୱ-ବ. ( ସତ୍-ତ୍ୱ ) ଦୟା ଭକ୍ତି ପ୍ରଭୃତି ସଦ୍-ଗୁଣ; ପ୍ରାଣୀ; ବଳ; ସାର ।
ସତ୍ୟ-ବିଂ. (ସତ୍-ଯ) ନିତ୍ୟ ଯଥାର୍ଥ; ବ ଯଥାର୍ଥ କଥା; ପ୍ରତିଜ୍ଞା ।
ସତ୍ୟସନ୍ଧ-ବିଂ. (ସତ୍ୟ-ସନ୍ଧା) ସତ୍ୟ-ପ୍ରତିଜ୍ଞ ।
ସତ୍ର-ବ. ଯଜ୍ଞ; ସଦାବ୍ରତ ।
ସତ୍ୱର-କ୍ରି.ବିଂ. ( ସ-ତ୍ୱର ) ଶୀଘ୍ର, ଅବିଳମ୍ୱେ ।
ସଦନ-ବ. (ସଦ୍-ଅନ) ନିଳୟ, ଗୃହ, ଘର ।
ସଦୟ-ବିଂ. (ସ-ଦୟା) ଦୟାଳୁ ।
ସଦସ୍ୟ-ବିଂ. (ସଦସ୍-ଯ) ସଭାସଦ୍ ।
ସଦା-ଅଂ. (ସ-ଦା) ସର୍ବଦା ।
ସଦାଚାର-ବ. (ସତ୍-ଆଚାର) ଉତ୍ତମ ଆଚାର ।
ସଦା-ଶିବ-ବ. ମହାଦେବ ।
ସଦୃଶ-ବିଂ. (ସ-ଦୃଶ୍-ଅ) ସମାନ, ତୁଲ୍ୟ ।
ସଦ୍ଗତି-ବ. ଉତ୍ତମ ଗତି ।
ସଦ୍ଭାବ-ବ. ସାଧୁଭାବ ; ବନ୍ଧୁତା ।
ସଦ୍ମ-ବ. (ସଦ୍-ମନ୍) ଗୃହ, ନିକେତନ ।
ସଦ୍ୟଃ-ଅଂ. (ସ-ଦ୍ୟସ୍) ବର୍ତ୍ତମାନ ସମୟରେ ।
ସଦ୍ୟୋଜାତ-ବିଂ. (ସଦ୍ୟଃ-ଜାତ) ତତ୍‌କ୍ଷଣେ ଉତ୍ପନ୍ନ ।
ସଦ୍‌ବୃତ୍ତ-ବ. ସଦ୍‌ବ୍ୟବହାର । [ପଦ୍ନୀ ।
ସଧର୍ମିଣୀ-ବ. ( ସ-ଧର୍ମ-ଇନ୍-ଈ ) ସହଧର୍ମିଣୀ,
ସଧବା-ବ. (ସ-ଧବ) ସଭର୍ତ୍ତୃକା ।
ସନ-ବ. ସାଲ୍ ବର୍ଷ ।
ସନନ୍ଦ-ବ. ପ୍ରମାଣସ୍ୱରୂପ ଲିଖିତ ସମ୍ବାଦ ।
ସନାତନ-ବିଂ. ନିତ୍ୟ, ଚିରସ୍ଥାୟୀ ।
ସନ୍ତକ-ବିଂ ସ୍ୱାକ୍ଷର-ପରିବର୍ତ୍ତେ ଚିହ୍ନବିଶେଷର ଅଙ୍କନ । [କନ୍ୟା ।
ସନ୍ତତି-ବ. (ସମ୍-ତନ୍-ତି) ସନ୍ତାନ, ପୁତ୍ର ବା
ସନ୍ତପ୍ତ-ବିଂ.(ସମ୍-ତପ୍-ତ) ଉତ୍ତପ୍ତ; ସନ୍ତାପଯୁକ୍ତ; କ୍ଳିଷ୍ଟ ।
ସନ୍ତରଣ-ବ. (ସମ୍-ତୃ-ଅନ) ପହଁରିବା ।
ସନ୍ତର୍ପଣ-ବିଂ. ( ସମ୍-ତୃପ୍-ଅନ ) ତୃପ୍ତିକର ; ବ. ତୃପ୍ତିକରଣ ।
ସନ୍ତସନ୍ତିଆ-ବିଂ. ଓଦା (ଭୂମି) ।
ସନ୍ତାନ-ବ. (ସମ୍-ତନ୍-ଅ) ପୁତ୍ରକନ୍ୟା, ଅପତ୍ୟ ।
ସନ୍ତାପ-ବ. ( ସମ୍-ତପ୍-ଅ ) ଉତ୍ତାପ; ମନସ୍ତାପ, ଅନ୍ତର୍ଦ୍ଦାହ ।
ସନ୍ତାପିତ-ବିଂ. ସନ୍ତାପ-ଯୁକ୍ତ ।
ସନ୍ତୁଳିବା-କ୍ରି. ହେନା ତରକାରୀକୁ ଅଳ୍ପ ଭାଜିବା ।
ସନ୍ତୁଷ୍ଟ-ବିଂ. ( ସମ୍-ତୁଷ୍-ତ ) ସନ୍ତୋଷଯୁକ୍ତ, ତୃପ୍ତ ।
ସନ୍ତୋଷ-ବ. (ସମ୍-ତୁଷ୍-ଅ) ତୃପ୍ତି, ଆହ୍ଲାଦ ।
ସନ୍ଥ-ବିଂ. ସାଧୁ ; ବୈରାଗୀ ।
ସନ୍ଦର୍ଭ-ବ. (ସମ୍-ଦୃଭ୍-ଅ) ବିସ୍ତରପୂର୍ଣ୍ଣ ପ୍ରବନ୍ଧ ।
ସନ୍ଦିଗ୍ଧ-ବିଂ. (ସମ୍-ଦିହ୍-ତ) ସଂଶୟଯୁକ୍ତ ।

ସନ୍ଦିହାନ-ବି.. (ସମ୍-ଦିହ୍-ଆନ) ସଂଶୟଯୁକ୍ତ ।

ସନ୍ଦେଶ-ବି. (ସମ୍-ଦିଶ୍-ଅ) ବାର୍ତ୍ତା; ମିଷ୍ଟାନ୍ନ-ବିଶେଷ ।

ସନ୍ଦେହ-ବି. (ସମ୍-ଦିହ୍-ଅ) ସଂଶୟ ।

ସନ୍ଦୋହ-ବି. ସମୂହ ।

ସନ୍ଧା-ବି. (ସମ୍-ଧା-ଅ-ଆ) ପ୍ରତିଜ୍ଞା । [ଜନ ।

ସନ୍ଧାନ-ବି. (ସମ-ଧା-ଅନ) ଅନ୍ୱେଷଣ; ସଂଯୋ-

ସନ୍ଧି-ବି. ( ସମ୍-ଧା-ଇ ) ମିଳନ; ମିଳନସ୍ଥାନ ; ଦୁଇ ଶବ୍ଦର ମିଳନ ।

ସନ୍ଧିତ୍ସୁ-ବିଂ. ( ସମ୍-ଧା-ସନ୍-ଉ) ସନ୍ଧି ଇଚ୍ଛୁ ।

ସନ୍ଧେୟ-ବିଂ. (ସମ୍-ଧା-ଯ) ସନ୍ଧାନ-ଯୋଗ୍ୟ ।

ସନ୍ଧ୍ୟା-ବି. ( ସନ୍ଧି-ଆ, କିମ୍ବା ସମ୍-ଧ୍ୟୈ-ଅ-ଆ ) ଦିବାରାତ୍ରିର ସନ୍ଧିକାଳ; ଧ୍ୟାନ; ଉପାସନା ।

ସନ୍ନଦ୍ଧ-ବିଂ. (ସମ୍-ନହ୍-ତ) ଅସ୍ତ୍ର-ସଜ୍ଜିତ ।

ସନ୍ନିକର୍ଷ-ବି. (ସମ୍-ନି କୃଷ୍-ଅ) ନୈକଟ୍ୟ ।

ସନ୍ନିଧାନ } ବି. (ସମ୍-ନି-ଧା-ଅନ,ଇ) ସାମୀପ୍ୟ,
ସନ୍ନିଧି } ନୈକଟ୍ୟ ।

ସନ୍ନିପାତ-ବି. ( ସମ୍-ନି-ପତ୍-ଅ ) ବାତ-ପିତ୍ତ-କଫର ମିଳନ ।

ସନ୍ନିବିଷ୍ଟ-ବିଂ. (ସମ୍-ନି-ବିଶ୍-ତ) ପ୍ରବିଷ୍ଟ ।

ସନ୍ନିହିତ-ବିଂ. ( ସମ୍-ନି ଧା-ତ ) ନିକଟବର୍ତ୍ତୀ, ସମୀପସ୍ଥ । [ତ୍ୟାଗ ।

ସନ୍ନ୍ୟାସ-ବି.(ସମ୍-ନି-ଅସ୍-ଅ)ସଂସାର କାମନା-

ସନ୍ନ୍ୟାସୀ-ବି. ( ସମ୍-ନି-ଅସ୍-ଇନ୍ ) ତ୍ୟାଗୀ, ବୈରାଗୀ ।

ସପକ୍ଷ-ବିଂ. ସହାୟ, ଅନୁକୂଳ ।

ସପତ୍ନ-ବି. ବୈରୀ, ଶତ୍ରୁ ।

ସପତ୍ନୀ-ବି. ସତୁରୁଣୀ ।

ସପର୍ଯ୍ୟା-ବି. ପୂଜା, ଅର୍ଚ୍ଚନା ।

ସ-ପିଣ୍ଡ-ବି. ଜ୍ଞାତି ।

ସପ୍ତ-ବିଂ. ସାତସଂଖ୍ୟ ।

ସପ୍ତକ-ବି . (ସପ୍ତନ୍-କ) ସପ୍ତସଂଖ୍ୟାବିଶିଷ୍ଟ ।

ସପ୍ତଚତ୍ୱାରିଂଶତ୍-ବି . ସତଚାଳିଶ ।

ସପ୍ତତି-ବିଂ. (ସପ୍ତନ୍-ତି) ସତୁରି ।

ସପ୍ତଦଶ-ବିଂ. (ସପ୍ତନ୍-ଦଶନ୍) ସତର ସଂଖ୍ୟା ।

ସପ୍ତ-ପଦୀ-ବି. ହିନ୍ଦୁଙ୍କର ବିବାହକାଳେ ଗନ୍ତବ୍ୟ ସପ୍ତପଦ ।

ସପ୍ତମ-ବିଂ. ( ସପ୍ତନ୍-ମ ) ସାତର ପୂରଣ ।

ସପ୍ତମୀ-ବି. (ସପ୍ତମ-ଈ) ତିଥିବିଶେଷ ।

ସପ୍ତର୍ଷି-ବି. (ସପ୍ତନ୍-ଋଷି) ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ ଏହି ସାତଋଷି ।

ସପ୍ତସାଗର-ବି. ଲବଣ, ଇକ୍ଷୁ, ସୁରା, ସର୍ପି, ଦଧି, ଦୁଗ୍ଧ, ଜଳ ଏହି ସାତ ପଦାର୍ଥର କଳ୍ପିତ ସାତସମୁଦ୍ର ।

ସପ୍ତାହ-ବି. ( ସପ୍ତନ୍-ଅହନ୍ ) ସାତଦିନ, ହପ୍ତା ।

ସଫରୀ-ବି. ମହୁରଲିମାଛ ।

ସଫଳ-ବିଂ. ( ସ-ଫଳ ) ଫଳବିଶିଷ୍ଟ; ସୁସିଦ୍ଧ ।

ସଫା।ବି. (ଫାର୍ସୀ) ନିର୍ମଳ ।

ସଭା-ବି. ( ସ-ଭା-କ୍ୱିପ୍-ଆ) ସମାଜ ।

ସଭାଜନ-ବି. ( ସଭଜ୍-ଅନ) ଅଭ୍ୟର୍ଥନା ।

ସଭା-ସଦ୍-ବି. ସଭ୍ୟ, ସଭାଜନ ।

ସଭ୍ୟ-ବି. ( ସଭା-ଯ ) ସାମାଜିକ; ଭଦ୍ର; ବି. ସଭାସଦ୍ ।

ସମ୍-ଅ. ସମ୍ୟକ୍, ସମୂହ, ମିଳନାଦି ବୋଧକ ।

ସମ-ବି. (ସମ୍-ଅ) ସମାନ; ଯୁଗ୍ମ; ଅବକ୍ରୁର ।

ସମକକ୍ଷ-ବି. ତୁଲ୍ୟ; ପ୍ରତିଯୋଗୀ ।

ସମକ୍ଷ-ବି. (ସମ୍-ଅକ୍ଷି) ସମ୍ମୁଖ; ପ୍ରତ୍ୟକ୍ଷ ।

ସମଗ୍ର-ବି. (ସମ୍-ଗ୍ରହ୍-ଅ) ସମୁଦାୟ, ସମ୍ପୂର୍ଣ୍ଣ ।

ସମଝିବା-କ୍ରି. (ଫାର୍ଶୀ) ବୁଝିବା ।

ସମଞ୍ଜସ-ବି. ( ସମ୍-ଅଞ୍ଜସ୍-ଅ ) ଉପଯୁକ୍ତ; ସଦୃଶ ।

ସମ-ତଳ-ବି. ସମଦେଶ, ସମାନଭୂମି ।

ସମତା-ବି. (ସମ-ତା) ତୁଲ୍ୟତା, ସାଦୃଶ୍ୟ ।

ସମୁଧୀ-ବି. ( ସମ୍ବନ୍ଧୀ-ପଦଜ ) ପୁତ୍ର ଓ କନ୍ୟାର ଶ୍ୱଶୁର । [ଶାଶୁ ।

ସମୁଧୁଣୀ-ବି. (ସମ୍ବନ୍ଧୀ ଶବ୍ଦଜ) ପୁତ୍ର ଓ କନ୍ୟାର

ସମଧିକ-ବି. ( ସମ୍-ଅଧିକ ) ବହୁ, ପ୍ରଚୁର, ଅତ୍ୟଧିକ । [ଶ୍ରେଷ୍ଠ ।

ସମନ୍ୱୟ-ବି. (ସମ୍-ଅନୁ-ଇ-ଅ) ମିଳନ; ଅବି-

ସମଭିବ୍ୟାହାର-ବି. (ସମ୍-ଅଭି-ବି-ଆ-ହୃ-ଅ) ସଙ୍ଗ ।

ସମୟ-ବି. (ସମ୍-ଇ-ଅ) କାଳ; ଅବସର ।

ସମର-ବି. (ସମ୍-ଋ-ଅ) ସଂଗ୍ରାମ, ଯୁଦ୍ଧ ।

ସମର୍ଥ-ବି. (ସମ୍-ଅର୍ଥ-ଅ) ବଳବାନ୍; ଯୋଗ୍ୟ ।

ସମର୍ଥନ-ବି. (ସମ୍-ଅର୍ଥ-ଅନ) ଦୃଢ଼ୀକରଣ ।

ସମର୍ପଣ-ବି. (ସମ୍-ଅର୍ପଣ) ଅର୍ପଣ; ସ୍ଥାପନ ।

ସମବାୟ-ବି. (ସମ୍-ଅବ-ଇ-ଅ) ନିତ୍ୟ ସମ୍ବନ୍ଧ; ସମୂହ ।

ସମବେତ-ବି. (ସମ୍-ଅବ-ଇ-ତ) ମିଳିତ ।

ସମଷ୍ଟି-ବି. (ସମ୍ ଅସ୍-ତି) ସମସ୍ତତା; ଯୋଗଫଳ ।

ସମସ୍ତ-ବି. (ସମ୍-ଅସ୍-ତ) ସମୁଦାୟ ।

ସମସ୍ୟା-ବି. (ସମ୍-ଅସ୍-ଯ-ଆ) ପ୍ରଶ୍ନ ।

ସମାଗମ-ବି. (ସମ୍-ଆଗମ) ମିଳନ ।

ସମାଚାର-ବି. (ସମ-ଆଚାର) ସମ୍ବାଦ ।

ସମାଜ-ବି. (ସମ୍-ଅଜ୍-ଅ) ଦଳ; ସଭା ।

ସମାଦର-ବି. (ସମ୍-ଆଦର) ସମ୍ମାନ ।

ସମାଧା } ବି. (ସମ୍-ଆ-ଧା-ଅ-ଆ, ଅନ) ନିଷ୍ପତ୍ତି,
ସମାଧାନ } ସିଦ୍ଧାନ୍ତ ।

ସମାଧି-ବି. (ସମ୍-ଆ-ଧା-ଇ) ଗଭୀର ଧ୍ୟାନ; ଭୂଗର୍ଭରେ ମୃତ ଦେହର ନିଧାନ ।

ସମାନ-ବି. (ସ-ମାନ) ତୁଲ୍ୟ, ଏକରୂପ ।

ସମାନ୍ତରାଳ-ବି. ସମଦୂରବର୍ତ୍ତୀ ।

ସମାପନ-ବି. (ସମ୍-ଆପ୍-ଅନ) ସମାପ୍ତି ।

ସମାପିକା-ବି. ସମାପ୍ତି-ବିଧାୟିନୀ ।

ସମାପିତ-ବି. (ସମ୍-ଆପ୍-ଣିଚ୍-ତ) ନିଷ୍ପନ୍ନ ।

ସମାପ୍ତ-ବି. (ସମ୍-ଆପ୍-ତ) ସମ୍ପୂର୍ଣ୍ଣ ।

ସମାପ୍ତି-ବି. (ସମ୍-ଆପ୍-ତି) ଶେଷ ।

ସମାରୋହ-ବି. (ସମ୍-ଆ-ରୁହ୍-ଅ) ଆଡ଼ମ୍ବର ।

ସମାବର୍ତ୍ତନ-ବି. ବ୍ରହ୍ମଚର୍ଯ୍ୟ ପରେ ଗୃହସ୍ଥାଶ୍ରମ-ପ୍ରବେଶ । [ଏକାଗ୍ରଚିତ୍ତ ।

ସମାବିଷ୍ଟ-ବି. (ସମ୍-ଆ-ବିଶ୍-ତ) ଅଭିନିବିଷ୍ଟ,

ସମାବେଶ-ବି. ( ସମ୍-ଆ-ବିଶ୍-ଅ ) ଏକତ୍ର ଅବସ୍ଥାନ । [ଏକପଦୀକରଣ ।

ସମାସ-ବି. (ସମ୍-ଅସ୍-ଅ) ସଂକ୍ଷେପ, ବହୁ ପଦର

ସମାହାର-ବି.(ସମ୍-ଆ-ହୃ-ଅ) ମିଳନ; ସଂଗ୍ରହ ।
ସମାହୃତ-ବିଂ. (ସମ୍-ଆ-ହୃ-ତ) ସଂଗୃହୀତ ।
ସମିତି-ବି. (ସମ୍-ଇ-ତି) ସଭା; ସଙ୍ଗ ।
ସମିଧ-ବି. (ସମ୍-ଇନ୍ଧ୍-ଅ) ହୋମକାଷ୍ଠ, ଜାଳିବା
କାଠ ।
ସମୀକ୍ଷ୍ୟକାରୀ-ବିଂ. ( ସମ୍-ଈକ୍ଷ୍-ଯ-କୃ-ଇନ୍ )
ସୁବିବେଚନାପୂର୍ବକ କାର୍ଯ୍ୟକର୍ତ୍ତା ।
ସମୀଚୀନ-ବିଂ. (ସମ୍-ଅଞ୍ଚ୍-ଈନ) ଉତ୍ତମ; ଯଥାର୍ଥ ।
ସମୀପ-ବିଂ. (ସମ୍-ଅପ-ଅ) ସନ୍ନିହିତ, ନିକଟ ।
ସମୀର, ସମୀରଣ-ବି. (ସମ୍-ଈର୍-ଅ, ଅନ)
ବାୟୁ ।
ସମୀରିତ-ବିଂ. (ସମ୍-ଈର୍-ତ) ଉଚ୍ଚାରିତ ।
ସମୁଚିତ-ବିଂ. (ସମ୍-ଉଚିତ) ସୁବିହିତ ।
ସମୁଚ୍ଚୟ-ବି. (ସମ୍-ଉତ୍-ଚି-ଅ) ସମୂହ ।
ସମୁଦୟ, ସମୁଦାୟ-ବିଂ. (ସମ୍-ଉତ୍-ଇ-ଅ)
ସମୁଦ୍ର-ବି. ସାଗର । [ସକଳ ।
ସମୂଳକ-ବିଂ. (ସ-ମୂଳ-କ) ସହେତୁକ ।
ସମୂହ-ବି. (ସମ୍-ଊହ୍-ଅ) ଗଣ, ସଙ୍ଘ ।
ସମୃଦ୍ଧି-ବି. (ସମ୍-ଋଧ୍-ତି) ଐଶ୍ୱର୍ଯ୍ୟ ।
ସମେତ-ବିଂ. (ସମ୍-ଆ-ଇ-ତ) ସଂଯୁକ୍ତ ।
ସମ୍ପତ୍ତି, ସମ୍ପଦ-ବି. (ସମ୍-ପଦ-ତି,-କ୍ୱିପ) ଧନ ।
ସମ୍ପନ୍ନ-ବିଂ. (ସମ୍-ପଦ୍-ତ) ଯୁକ୍ତ; ନିଷ୍ପନ୍ନ ।
ସମ୍ପର୍କ-ବି. (ସମ୍-ପୃଚ୍-ଅ) ସମ୍ବନ୍ଧ ।
ସମ୍ପା-ବି. ବିଦ୍ୟୁତ ।
ସମ୍ପାତ-ବି. (ସମ୍-ପତ୍-ଅ) ପତନ ।
ସମ୍ପାଦକ-ବିଂ. (ସମ୍-ପଦ୍-ଣିଚ୍-ଅକ) କାର୍ଯ୍ୟ-
ନିର୍ବାହକ ।

ସମ୍ପାଦନ-ବି. (ସମ୍-ପଦ୍ ଣିଚ୍ ଅନ). ନିର୍ବାହ;
ସମ୍ପାଦିତ-ବିଂ. ନିର୍ବାହିତ । [ସାଧନ ।
ସମ୍ପାଦିବା-କ୍ରି. ଯତ୍ନପୂର୍ବକ ରକ୍ଷିବା ।
ସମ୍ପାଦ୍ୟ-ବିଂ. (ସମ୍ ପଦ୍-ଣିଚ୍-ଯ) ସାଧ୍ୟ; କର-
ସମ୍ପୁଟକ-ବି. ପେଡ଼ୁଆ । [ଣୀୟ ।
ସମ୍ପୂର୍ଣ୍ଣ-ବିଂ. (ସମ୍-ପୂ୍-ତ) ପରିପୂର୍ଣ୍ଣ; ସମଗ୍ର ।
ସମ୍ପୃକ୍ତ-ବିଂ.(ସମ୍-ପୃଚ୍-ତ)ଏକତ୍ର ଘଟିତ; ମିଳିତ।
ସମ୍ପ୍ରତି-ଅ. ଅଧୁନା, ଏବେ ।
ସମ୍ପ୍ରଦାନ-ବି. (ସମ-ପ୍ର-ଦା-ଅନ) ଦାନ; କନ୍ୟା-
ଦାନ । [ଦଳ ।
ସମ୍ପ୍ରଦାୟ-ବି. (ସମ୍-ପ୍ର-ଦା-ଅ) ଧର୍ମ-ସମାଜ,
ସମ୍ପ୍ରୀତି-ବି. (ସମ୍-ପ୍ରୀତି) ସମ୍ୟକ୍ ପ୍ରଣୟ ।
ସମ୍ବଦ୍ଧ-ବିଂ. (ସମ୍-ବନ୍ଧ୍-ତ) ସମ୍ବନ୍ଧଯୁକ୍ତ; ମିଳିତ ।
ସମ୍ବନ୍ଧ-ବି. (ସମ୍-ବନ୍ଧ୍-ଅ) ସମ୍ପର୍କ; କୁଟୁମ୍ବିତା ।
ସମ୍ବରଣ-ବି. ( ସମ୍-ବୃ-ଅନ ) ସଙ୍ଗୋପନ;
ସମ୍ବରାରି-ବି. କନ୍ଦର୍ପ । [ଦମନ ।
ସମ୍ବଳ-ବି. ପଥ-ଖରଚ; ସର୍ବସ୍ୱ ।
ସମ୍ବୋଧନ-ବି. (ସମ୍-ବୁଧ୍-ଅନ) ଆହ୍ୱାନ ।
ସମ୍ଭବ-ବି. ( ସମ୍-ଭୂ-ଅ ) ଜନ୍ମ; ସମ୍ଭାବନା;
ବିଂ. ସମ୍ଭବ-ପର ।
ସମ୍ଭାର-ବି. (ସମ୍-ଭୃ-ଅ) ସଞ୍ଚି; ସଂଗ୍ରହ ।
ସମ୍ଭାଳିବା-କ୍ରି. ସମ୍ଭାଳିବା, ଅଟକ କରିବା ।
ସମ୍ଭାବନା-ବି.(ସମ୍-ଭୂ-ଣିଚ୍-ଅନ-ଆ) ହେବାର
ଯୋଗ୍ୟତା; ପୂଜା ।
ସମ୍ଭାବ୍ୟ-ବିଂ. ( ସମ୍-ଭୂ-ଣିଚ୍-ଯ ) ହେବା
ଯୋଗ୍ୟ; ପ୍ରଶଂସ୍ୟ ।

ସମ୍ଭାଷଣ-ବି. (ସମ୍-ଭାଷ୍-ଅନ) ଆଲାପ; ଉକ୍ତି ।
ସମ୍ଭୂତ-ବିଂ. (ସମ୍-ଭୂ-ତ) ଉତ୍ପନ୍ନ, ଜାତ ।
ସମ୍ଭୃତ-ବିଂ. (ସମ୍-ଭୃ-ତ) ସଞ୍ଚିତ ; ପାଳିତ ।
ସମ୍ଭୋଗ-ବି. (ସମ୍-ଭୋଗ) ଉପଭୋଗ; ସୁଖ ଭୁଞ୍ଜିବା । [ବିଂସ୍ତ୍ରତା ।
ସମ୍ଭ୍ରମ-ବି. (ସମ୍-ଭ୍ରମ୍-ଅ) ସମ୍ମାନ; ଭୟ-ଜନିତ
ସମ୍ଭ୍ରାନ୍ତ-ବିଂ. (ସମ୍-ଭ୍ରମ୍-ତ) ମାନନୀୟ; ଭୟ-ବ୍ୟସ୍ତ ।
ସମ୍ମତ-ବିଂ. (ସମ୍-ମନ୍-ତ) ରାଜି, ସ୍ୱୀକୃତ ।
ସମ୍ମତି-ବି. ( ସମ୍-ମନ୍-ତି ) ଅନୁକୂଳ ମତ ; ସ୍ୱୀକାର ।
ସମ୍ମାନ-ବି. (ସମ୍-ମାନ୍-ଅ) ସମାଦର ।
ସମ୍ମାନିତ-ବିଂ. ସମାଦୃତ ।
ସମ୍ମିଳନ-ବି. (ସମ୍-ମିଲ୍-ଅନ) ମିଳନ ।
ସମ୍ମୁଖ-ବିଂ. ଅଗ୍ରମୁଖ, ସମକ୍ଷ ।
ସମ୍ମୁଖୀନ-ବିଂ. (ସମ୍ମୁଖ-ଈନ) ସମ୍ମୁଖବର୍ତ୍ତୀ ।
ସମ୍ୟକ୍-ଅଂ. ଉତ୍ତମରୂପେ ।
ସମ୍ରାଟ୍-ବି. (ସମ୍-ରାଜ୍-କ୍ୱିପ) ରାଜାଧିରାଜ ।
ସର-ବି. (ସୃ-ଅ) ଦୁଗ୍ଧ ଦଧିର ସାର; ତୀର; ସରୋବର ।
ସରଃ-ବି. ( ସୃ-ଅସ୍ ) ପୁଷ୍କରଣୀ ।
ସରଘା-ବି. ମହୁମାଛି ।
ସରଣୀ-ବି. (ସୃ-ଅନ-ଈ) ପଥ ।
ସରଦାର-ବି. ( ଫାର୍ସୀ ) ପ୍ରଧାନ ।
ସର୍-ପୁଲ-ବି. ପିଷ୍ଟକବିଶେଷ ।
ସରମ-ବି. ଲଜ୍ଜା ।
ସରଳ-ବିଂ. ( ସୃ-ଅଲ ) ସିଧା ; ଅକପଟ ; ବି. ବୃକ୍ଷବିଶେଷ ।
ସ-ରସ-ବିଂ. ରସ-ଯୁକ୍ତ ; ମଧୁର ।
ସରସୀ-ବି. ( ସୃ-ଅସ-ଈ ) ସରୋବର ।
ସରସ୍ୱତୀ-ବି. ( ସରସ୍-ବତୁ-ଈ ) ବାଗ୍ଦେବୀ ; ବାଣୀ ।
ସରାଇ-ବି. ( ଫାର୍ସୀ ) ପାନ୍ଥଶାଳା ।
ସରାବ-ବି. ସୁରା, ମୃତ୍ପାତ୍ର ବିଶେଷ ।
ସରି-ବିଂ. (ସଂଦୃଶଶବ୍ଦଜ)ତୁଲ୍ୟ ।
ସରିକି-ଅଂ. ପର୍ଯ୍ୟନ୍ତ ।
ସରିତ୍-ବି. ( ସୃ-ଇତ୍ ) ନଦୀ ।
ସରୀସୃପ-ବି. (ସୃପ୍-ଯଙ୍-ଅ) ଯେଉଁ ପ୍ରାଣୀ ବକ୍ଷ ଦ୍ୱାରା ଘୁସୁରି ଚାଲନ୍ତି, ସର୍ପାଦି ।
ସରୁ-ବିଂ. (ସୃ-ଉ) ପତଳା; ସୂକ୍ଷ୍ମ ।
ସ-ରୂପ-ବିଂ. ତୁଲ୍ୟ ।
ସରୋଜ-ବି. (ସରଃ-ଜନ୍-ଅ) ପଦ୍ମ ।
ସରୋଜିନୀ-ବି. ପଦ୍ମ-ବହୁଳ ପୁଷ୍କରଣୀ ।
ସରୋବର-ବି. (ସରଃ-ବର) ପୁଷ୍କରଣୀ ।
ସର୍ଗ-ବି. ( ସୃଜ୍-ଅ ) ସୃଷ୍ଟି, ଅଧ୍ୟାୟ ।
ସର୍ଜ୍ଜ-ବି. ଶାଳଗଛ ।
ସର୍ଜନ-ବି. ( ସୃଜ୍-ଅନ ) ସୃଷ୍ଟି ।
ସର୍ପ-ବି. ( ସୃପ୍-ଅ ) ସାପ ।
ସର୍ପଣ-ବି. ( ସୃପ୍-ଅନ ) ଗମନ ।
ସର୍ବ-ବିଂ. ସକଳ ।
ସର୍ବଂସହା-ବି. ପୃଥିବୀ ।
ସର୍ବ-ଜ୍ଞ-ବିଂ. ସକଳବିଷୟ-ଜ୍ଞାତା

ସର୍ବତୋଭାବେ-କ୍ରି. ବି. ( ସର୍ବ-ତସ୍-ଭାବେ ) ସକଳପ୍ରକାରେ ।

ସର୍ବତ୍ର-ଅ. ସବୁ ସ୍ଥାନରେ ।

ସର୍ବଥା-ଅ. ସର୍ବପ୍ରକାରେ ।

ସର୍ବଦା-ଅ. ସଦା, ସର୍ବସମୟରେ ।

ସର୍ବନାମ-ବି. ବ୍ୟାକରଣରେ ବିଶେଷ୍ୟ ପଦ-ବଦଳରେ ବ୍ୟବହୃତ ପଦ ।

ସର୍ବସ୍ୱ-ବି. ସକଳ ସମ୍ପତ୍ତି ।

ସର୍ଷପ-ବି. ସୋରିଷ ।

ସଲଖ-ବି. ସିଧା ।

ସଲିଳ-ବି. ଜଳ ।

ସବନ-ବି. (ସୁ-ଅନ) ଯଜ୍ଞ; ସବିତା, ସୂର୍ଯ୍ୟ ।

ସବର୍ଣ୍ଣ-ବି. ସମାନ-ଜାତି ।

ସବଳ-ବି. ବଳବାନ୍ ।

ସବିତା-ବି. ( ସୁ-ତୃ ) ସୂର୍ଯ୍ୟ ; ବି. ଜନୟିତା ।

ସବୁ-ବି. (ସର୍ବଶବ୍ଦଜ) ସମସ୍ତ ।

ସବ୍ୟ-ବି. ବାମ ।

ସବ୍ୟସାଚୀ-ବି. (ସବ୍ୟ-ସଚ୍-ଇନ୍) ବାମହସ୍ତରେ ବାଣ-କ୍ଷେପକ; ଅର୍ଜୁନ ।

ସଶଙ୍କ-ବି. (ସ-ଶଙ୍କା) ଶଙ୍କାଯୁକ୍ତ, ଭୀତ ।

ସସତ୍ତ୍ୱା-ବି. (ସ-ସତ୍ତ୍ୱ-ଆ) ସତ୍ତ୍ୱସହିତା; ଗର୍ଭ-

ସ-ସ୍ତ୍ରୀକ-ବି. ପତ୍ନୀ-ସହିତ । [ ବତୀ ।

ସହ-ଅ. ସହିତଭାବବୋଧକ; ବି. ସହିଷ୍ଣୁ ।

ସହକାର-ବି. ସୁଗନ୍ଧ ଆମ୍ରବୃକ୍ଷ । [ କାରିଣୀ ।

ସହ-କାରୀ-ବି. ସାହାଯ୍ୟକାରୀ; ସ୍ତ୍ରୀ. ସହ-

ସହ-ଚର-ବି. ସଙ୍ଗୀ; ସ୍ତ୍ରୀ. ସହଚରୀ ।

ସହଜ-ବି. ( ସହ-ଜନ୍-ଅ ) ସହଜାତ; ଅନାୟାସସାଧ୍ୟ ।

ସହନ-ବି. (ସହ୍-ଅନ) ସହିବା । [ୟାସସାଧ୍ୟ ।

ସହନୀୟ-ବି. (ସହ୍-ଅନୀୟ) ସହନଯୋଗ୍ୟ ।

ସହ-ମରଣ-ବି. ମୃତପତି-ସହମରଣ ।

ସହଯୋଗୀ-ବି. ସଙ୍ଗେ ଯୋଗକାରୀ ।

ସହ-ବାସ-ବି. ସଙ୍ଗ, ସଂସର୍ଗ ।

ସହସା-ଅ. ହଠାତ୍ ।

ସହସ୍ୟ-ବି. ପୌଷମାସ ।

ସହସ୍ର-ବି. ଦଶଶତ ସଂଖ୍ୟା ।

ସହସ୍ରାଂଶୁ-ବି. (ସହସ୍ର-ଅଂଶୁ) ସୂର୍ଯ୍ୟ [ପାଠୀ ।

ସହାଧ୍ୟାୟୀ-ବି. ( ସହ-ଅଧି-ଇ-ଇନ ) ସହ-

ସହାନୁଭୂତି-ବି. ( ସହ-ଅନୁ-ଭୂ-ତି ) ଅନ୍ୟର ସୁଖଦୁଃଖରେ ତାଦୃଶ ଅନୁଭବ ।

ସହାୟ-ବି. (ସହ-ଇ-ଅ ) ସାହାଯ୍ୟକାରୀ ।

ସହିତ-ବି. ସଂଯୁକ୍ତ ।

ସ-ହିତ-ବି. ହିତଯୁକ୍ତ ।

ସହିଷ୍ଣୁ-ବି. ( ସହ-ଇଷ୍ଣୁ ) ସହନଶୀଳ ।

ସହୃଦୟ-ବି. ଉଦାର-ଚିତ୍ତ ।

ସହୋଦର, ସୋଦର-ବି.(ସହ, ସ-ଉଦର) ଏକମାତୃ ଗର୍ଭଜାତ । ସ୍ତ୍ରୀ. ସହୋଦରା ।

ସହ୍ୟ-ବି. (ସହ-ଯ) ସହନୀୟ ।

ସାଂବତ୍ସରିକ-ବି.(ସଂବତ୍ସର-ଇକ)ବାର୍ଷିକ ।

ସାଂସାରିକ-ବି. ( ସଂସାର-ଇକ ) ସଂସାର-

ସାକଲ୍ୟ-ବି. (ସକଳ-ଯ) ସମଷ୍ଟି । [ସମ୍ବନ୍ଧୀୟ ।

ସାକାର-ବି. (ସ-ଆକାର) ଆକୃତି-ବିଶିଷ୍ଟ ।

ସାକାର-ପୂଜା-ବି. ନିରାକାର ଈଶ୍ୱରଙ୍କର ଆକାରକଳ୍ପନାପୂର୍ବକ ପ୍ରତିମା-ପୂଜା ।

ସାକେତ-ବି. ଅଯୋଧ୍ୟା ନଗର ।

ସାକ୍ଷାତ-ବି. ସମ୍ମୁଖ ।        [ରୂପେ ।

ସାକ୍ଷାତ୍-ଅ. ( ସ-ଅକ୍ଷି-ଅତ୍ କ୍ୱିପ୍ ) ପ୍ରତ୍ୟକ୍ଷ-

ସାକ୍ଷାତ୍କାର-ବି. ଦେଖା କରିବା ।

ସାକ୍ଷୀ-ବି. (ସ-ଅକ୍ଷି-ଇନ୍) ସାକ୍ଷାତ୍‌ଦ୍ରଷ୍ଟା ।

ସାକ୍ଷ୍ୟ-ବି.(ସାକ୍ଷିନ୍-ଯ)ସାକ୍ଷୀର କର୍ମ ବା ବକ୍ତବ୍ୟ ।

ସାଗର-ବି. ସମୁଦ୍ର ।        [ସୂଚକ ।

ସାଙ୍କେତିକ-ବିଂ. (ସଂକେତ-ଇକ) ସଙ୍କେତ-

ସାଙ୍ଖ୍ୟ-ବି. (ସଂଖ୍ୟା-ଯ) ଦର୍ଶନଶାସ୍ତ୍ରବିଶେଷ ।

ସାଙ୍ଗ-ବିଂ. (ସ-ଅଙ୍ଗ) ସଂପୂର୍ଣ୍ଣ ।

ସାଙ୍ଘାତିକ-ବିଂ. (ସଙ୍ଘାତ-ଇକ) ମାରାତ୍ମକ ।

ସାଟୋପ-ବିଂ. (ସ-ଆଟୋପ) ସାଡ଼ମ୍ବର; ସଗର୍ବ

ସାତିଶୟ-ବିଂ. (ସ-ଅତିଶୟ) ଅତ୍ୟନ୍ତ ।

ସାତ୍ତ୍ୱିକ-ବିଂ.(ସତ୍ତ୍ୱ-ଇକ) ସତ୍ତ୍ୱଗୁଣଯୁକ୍ତ; ପବିତ୍ର ।

ସାଦରେ-କ୍ରି. ବିଂ. ଆଦରସହିତ ।

ସାଦୀ-ବି. (ସାଦ୍-ଇନ୍) ଅଶ୍ୱାରୋହୀ; ଗଜାରୋହୀ ।

ସାଦୃଶ୍ୟ-ବି. (ସଦୃଶ-ଯ) ତୁଲ୍ୟତା ।

ସାଧକ-ବିଂ. (ସାଧ୍-ଅକ) ସାଧନକର୍ତ୍ତା ।

ସାଧନ, ସାଧନା-ବି. ସମ୍ପାଦନ ; ଆରାଧନା;
ଉପାୟ ।        [ନ୍ଧୀୟ ।

ସାଧାରଣ-ବିଂ. ସାମାନ୍ୟ ; ଅଧିକାଂଶ-ସମ୍ବ-

ସାଧିତ-ବିଂ. ନିଷ୍ପାଦିତ; ପ୍ରମାଣଦ୍ୱାରା ନିରୂପିତ ।

ସାଧୁ-ବିଂ. ( ସାଧ୍-ଉ ) ସତ୍; ଧାର୍ମିକ; ଭଲ;

ସାଧୁ-ବାଦ-ବି. ପ୍ରଶଂସା ।      [ବି. ବଣିକ୍ ।

ସାଧ୍ୟ-ବିଂ.(ସାଧ୍-ଯ) ସାଧନୀୟ; ନିଷ୍ପାଦ୍ୟ; ଶକ୍ୟ ।

ସାଧ୍ୱସ-ବି. ଭୟ ।

ସାଧ୍ୱୀ-ବି. (ସାଧୁ-ଈ) ସାଧୁଶୀଳା; ସତୀ ।

ସାନୁ-ବି. ପର୍ବତ-ପୃଷ୍ଠ ; ପର୍ବତର ଉପରିସ୍ଥ
ସମାନ ଭୂମି ।

ସାନୁନୟ-ବିଂ. (ସ-ଅନୁନୟ) ସବିନୟ ।

ସାନ୍ତ-ବିଂ. (ସ-ଅନ୍ତ) ସସୀମ ।     [ପ୍ରବୋଧ ।

ସାନ୍ତ୍ୱନ, ସାନ୍ତ୍ୱନା-ବି.(ସାନ୍ତ୍ୱ-ଅନ,ଆ) ଆଶ୍ୱାସ,

ସାନ୍ଦ୍ର-ବିଂ. ନିବିଡ଼, ଘନ ।

ସାନ୍ଧ୍ୟ-ବିଂ. (ସନ୍ଧ୍ୟା-ଯ) ସନ୍ଧ୍ୟାକାଳୀନ ।

ସାନ୍ନିଧ୍ୟ-ବି. (ସନ୍ନିଧି-ଯ) ନୈକଟ୍ୟ ।

ସାନ୍ନିପାତିକ-ବିଂ. ସନ୍ନିପାତ ସମ୍ବନ୍ଧୀୟ ।

ସାପେକ୍ଷ-ବିଂ. (ସ-ଅପେକ୍ଷା) ଅପେକ୍ଷାଯୁକ୍ତ ।

ସାଫଲ୍ୟ-ବି. (ସଫଲ-ଯ) ସଫଳତା, ସିଦ୍ଧି ।

ସାମ-ବି. ବେଦବିଶେଷ; ସନ୍ଧି ।

ସାମଞ୍ଜସ୍ୟ-ବି. (ସମଞ୍ଜସ-ଯ) ମେଳ ।

ସାମନ୍ତ-ବି. ଅଧୀନ ଭୂପତି; ଶ୍ରେଷ୍ଠ ଲୋକ ।

ସାମୟିକ-ବିଂ. (ସମୟ-ଇକ) ସମୟାନୁସାରେ ।

ସାମରିକ-ବିଂ. ସମର-ସମ୍ବନ୍ଧୀୟ ।

ସାମର୍ଥ୍ୟ-ବି. (ସମର୍ଥ-ଯ) ବଳ, ଶକ୍ତି ।

ସାମାଜିକ-ବିଂ. ( ସମାଜ-ଇକ ) ସମାଜସମ୍ବ-
ନ୍ଧୀୟ; ସଭ୍ୟଭବ୍ୟ ।

ସାମାନ୍ୟ-ବିଂ. (ସମାନ-ଯ) ସାଧାରଣ ।

ସାମୀପ୍ୟ-ବି. (ସମୀପ-ଯ) ନୈକଟ୍ୟ ।

ସାମ୍ୟ-ବି. (ସମ-ଯ) ସମତା, ତୁଲ୍ୟତା ।

ସାମ୍ରାଜ୍ୟ-ବି. ( ସମ୍ରାଜ-ଯ ) ସାର୍ବଭୌମତ୍ୱ;
ସମ୍ରାଟର ଅଧୀନ ବିସ୍ତୃତ ରାଜ୍ୟ ।

ସାୟଂକାଳ-ବି. ସନ୍ଧ୍ୟାକାଳ ।

ସାୟନ୍ତନ-ବିଂ. ସନ୍ଧ୍ୟାକାଳୀନ ।

ସାୟାହ୍ନ-ବି. (ସାୟ୍-ଅହନ୍) ସନ୍ଧ୍ୟାକାଳ ।

ସାଯୁଜ୍ୟ-ବି. ( ସ-ଯୁଜ୍-ଯ ) ସହଯୋଗ; ଏକତ୍ୱ । [ବିଂ. ଉତ୍କୃଷ୍ଟ ।

ସାର-ବି. ( ସୃ-ଅ ) ଶ୍ରେଷ୍ଠ ଅଂଶ; ମଜ୍ଜା;

ସାରକ-ବିଂ. (ସୃ-ଣିଚ୍-ଅକ) ରେଚକ ।

ସାରଙ୍ଗ-ବି. ମୃଗ; ଚାତକ; ଧନୁ ।

ସାରଥି-ବି. ( ସୃ-ଣିଚ୍-ଅଥିନ୍ ) ରଥ-ଚାଳକ ।

ସାରଥ୍ୟ-ବି. ସାରଥିର କର୍ମ ।

ସାର-ଦା-ବି. ସରସ୍ୱତୀ, ବାଗ୍ଦେବୀ ।

ସାରମେୟ-ବି. କୁକୁର; ସ୍ତ୍ରୀ. ସାରମେୟୀ ।

ସାରଲ୍ୟ-ବି. (ସରଳ-ଯ) ସରଳତା ।

ସାରବତ୍ତା-ବି. (ସାର-ବତ୍-ତା) ସାର-ପୂର୍ଣ୍ଣ-ତା, ଉତ୍କୃଷ୍ଟତା । [ବିଶେଷ; ପଦ୍ମ ।

ସାରସ-ବି. (ସରସ୍-ଅ) ଜଳଚର ବୃହତ୍ ପକ୍ଷୀ-

ସାରସ୍ୱତ-ବିଂ. (ସରସ୍ୱତୀ-ଅ) ସରସ୍ୱତୀ-ସମ୍ବନ୍ଧୀୟ; ବିଦ୍ୟା-ସମ୍ବନ୍ଧୀୟ; ସରସ୍ୱତୀ-ନଦୀ-ସମ୍ପର୍କୀୟ ।

ସାରୀ-ବି. ମଇନାପକ୍ଷୀ ।

ସାର୍ଥକ-ବିଂ. (ସ-ଅର୍ଥ-କ) ଅର୍ଥଯୁକ୍ତ; ସଫଳ ।

ସାର୍ଥକତା-ସମ୍ପାଦନ-ବି. ସାଫଲ୍ୟ-ସାଧନ ।

ସାର୍ଥକ-ନାମା-ବିଂ. ସତ୍ୟକାର୍ଯ୍ୟଦ୍ୱାରା ପ୍ରଥିତ-

ସାର୍ଦ୍ଧ-ବିଂ. ଅର୍ଦ୍ଧସହିତ । [ନାମା ।

ସାର୍ବଜନୀନ-ବିଂ. (ସର୍ବଜନ-ଈନ) ସାର୍ବଲୌକିକ; ସର୍ବଜନ-ସମ୍ବନ୍ଧୀୟ ।

ସାର୍ବଭୌମ-ବି. (ସର୍ବଭୂମି-ଅ) ରାଜଚକ୍ରବର୍ତ୍ତୀ ।

ସାଲୋକ୍ୟ-ବି. (ସ-ଲୋକ-ଯ) ସମାନଲୋକରେ ବାସ । [ମନୋଯୋଗୀ ।

ସାବଧାନ-ବିଂ. ( ସ-ଅବ-ଧା-ଅନ ) ସତର୍କ;

ସାବନ-ବିଂ. (ସବନ-ଅ) ଯଜ୍ଞସମ୍ବନ୍ଧୀୟ; ସୂର୍ଯ୍ୟ-ସମ୍ବନ୍ଧୀୟ । [ସତୀ ।

ସାବିତ୍ରୀ-ବି. ଗାୟତ୍ରୀ; ପୁରାଣ କଥିତା ମହା-

ସାଶ୍ରୁ-ବିଂ. ( ସ-ଅଶ୍ରୁ ) ଅଶ୍ରୁ-ଯୁକ୍ତ । [ଯୁବତୀ ।

ସାହଚର୍ଯ୍ୟ-ବି. ( ସହଚର-ଯ ) ସଙ୍ଗ; ସହା-

ସାହସ-ବି. (ସହସ୍-ଅ) ଉତ୍ସାହ; ନିର୍ଭୟଭାବ ।

ସାହସିକ, ସାହସୀ-ବିଂ. ସାହସପୂର୍ବକ କର୍ମ-କାରୀ । [କୂଲ୍ୟ ।

ସାହାଯ୍ୟ-ବି. (ସହାୟ-ଯ) ସହାୟତା; ଅନୁ-

ସାହିତ୍ୟ-ବି. (ସହିତ-ଯ) ସଂଯୋଗ; ବାଙ୍ମୟ ଶାସ୍ତ୍ର ସମୁଦାୟ । [ପ୍ରଣେତା ।

ସାହିତ୍ୟକ-ବି. ସାହିତ୍ୟ-ସେବକ; ବାଙ୍ମୟସନ୍ଦର୍ଭ-

ସିଁଇବା-କ୍ରି. ( ସୀବ୍ଧାତୁରୁ ) ସୂଚିଦ୍ୱାରା କର୍ମ କରିବା । [ସ୍ତ୍ରୀ. ସିଂହୀ ।

ସିଂହ-ବି. ( ହିନ୍ସ୍-ଅ ) କେଶରୀ, ମୃଗରାଜ;

ସିଂହଳ-ବି. ଲଙ୍କା । [ଦୁର୍ଗା ।

ସିଂହ-ବାହିନୀ-ବି. ସିଂହରୂପ ବାହନ-ଯୁକ୍ତା,

ସିଂହାସନ-ବି. ସିଂହ-ଚିହ୍ନିତ ଆସନ, ରାଜାସନ ।

ସିକତା-ବି. ବାଲୁକା ।

ସିକତିଲ-ବିଂ. ସିକତାମୟ ।

ସିକ୍ତ-ବିଂ. (ସିଚ୍-ତ) ଆର୍ଦ୍ରୀକୃତ ।

ସିକ୍ଥ-ବି. ମହମ; ସିଠା ।

ସିଞ୍ଚନ-ବି. (ସିଚ୍-ଅନ) ଜଳସେଚନ ।

ସିଠା-ବି. (ସିକ୍ଥଶବ୍ଦଜ) ଅସାର ଅଂଶ ।
ସିତ ବିଂ. ଶୁକ୍ଳ ।
ସିତା-ବି. ଶର୍କରା ।
ସିତାଂଶୁ-ବି. (ସିତ-ଅଂଶୁ) ଚନ୍ଦ୍ର ।
ସିତାର-ବି. ତନ୍ତ୍ରୀଯୁକ୍ତ ବାଦ୍ୟ-ଯନ୍ତ୍ର ।
ସିଦ୍ଧ-ବିଂ. (ସିଧ୍-ତ) ଫଳିତ; ମୁକ୍ତ; ସାଧ୍ୟ ସମ୍ପନ୍ନ ।
ସିଦ୍ଧାନ୍ତ-ବି. (ସିଦ୍ଧ-ଅନ୍ତ) ମୀମାଂସା ।
ସିଦ୍ଧାର୍ଥ-ବିଂ. ସିଦ୍ଧମନୋରଥ; ବି. ବୁଦ୍ଧଦେବ ।
ସିଦ୍ଧି-ବି. ସଫଳତା; ଜୟଲାଭ ।
ସିଧା-ବିଂ. ସଳଖ ।
ସିନ୍ଦୁକ-ବି. କାଷ୍ଠମଞ୍ଜୁଷା ।
ସିନ୍ଦୂର-ବି. ସୀସକ-ଘଟିତ ରକ୍ତବର୍ଣ୍ଣ ଚୂର୍ଣ୍ଣ ।
ସିନ୍ଧି-ବି. ଘର କାନ୍ଥରେ ଚୋର-ନିର୍ମିତ ଗର୍ତ୍ତ ।
ସିନ୍ଧୁ-ବି. ସମୁଦ୍ର; ନଦବିଶେଷ; ଦେଶବିଶେଷ ।
ସିନ୍ଧୁ-ସୁତା-ବି. ଲକ୍ଷ୍ମୀ ।
ସିପାହି-ବି. ସୈନିକ । [ଇଚ୍ଛା ।
ସିସୃକ୍ଷା-ବି. ( ସୃଜ-ସନ୍-ଅ-ଆ ) ସୃଷ୍ଟି କରିବାର
ସୀତା-ବି. ଲାଙ୍ଗଳପଦ୍ଧତି; ଜାନକୀ ।
ସୀଧୁ ବି. ମଦ୍ୟ ।
ସୀମନ୍ତ-ବି. ସିନ୍ଥା; କେଶବୀଥୀ ।
ସୀମନ୍ତିନୀ-ବି. (ସୀମନ୍ତ-ଇନ୍-ଈ) ନାରୀ ।
ସୀମା-ବି. ଅବଧି, ଅନ୍ତ ।
ସୀମାନ୍ତ-ବି. (ସୀମା-ଅନ୍ତ) ଶେଷ ସୀମା ।
ସୀମାବଦ୍ଧ-ବିଂ. ସୀମାବିଶିଷ୍ଟ ।
ସୀବନ-ବି. (ସିବ୍-ଅନ) ସୂଚୀକର୍ମ ।
ସୀସକ-ବି. ସୀସା, ଧାତୁ-ବିଶେଷ ।

ସୁ-ଅଂ. ଉତ୍ତମ; ଅତିଶୟ; ଅନାୟାସ ।
ସୁଆଗ-ବି. ( ସୁଭଗଶବ୍ଦରୁ ) ଅତ୍ୟନ୍ତ ସ୍ନେହା-
ସୁ-କର-ବିଂ. ( ସୁ-କୃ-ଅ) ସୁସାଧ୍ୟ । [ଦର ।
ସୁ-କୁମାର-ବିଂ. ଅତିକୋମଳ ।
ସୁ-କୁମାରୀ-ବିଂ. ଅତିକୋମଳା ।
ସୁ-କୃତ-ବି. ପୁଣ୍ୟ ; ଧର୍ମକାର୍ଯ୍ୟ ।
ସୁ-କୃତି-ବି. ସତ୍‌କର୍ମ । [ଭାଗ୍ୟବାନ୍ ।
ସୁ-କୃତୀ-ବିଂ. ( ସୁ-କୃତ-ଇନ୍ ) ପୁଣ୍ୟବାନ୍,
ସୁଖ-ବି. ଆନନ୍ଦ, ହର୍ଷ ।
ସୁଖୀ-ବିଂ. (ସୁଖ-ଇନ) ସୁଖଯୁକ୍ତ, ଆନନ୍ଦିତ ।
ସୁଗତ-ବି. ବୁଦ୍ଧଦେବ । [ବିଶିଷ୍ଟ ।
ସୁ-ଗନ୍ଧ-ବିଂ. ଉତ୍ତମ ଗନ୍ଧ ; ବିଂ. ଉତ୍ତମଗନ୍ଧ-
ସୁ-ଗନ୍ଧି ବି. ସୁରଭି ।
ସୁ-ଗମ-ବିଂ. ଅନାୟାସଲଭ୍ୟ ; ସହଜ ।
ସୁ-ଚାରୁ-ବିଂ. ଅତିସୁନ୍ଦର ।
ସୁ-ଚିର-ବି-. ଦୀର୍ଘକାଳସ୍ଥାୟୀ ।
ସୁ-ଜନ-ବି. ସଜ୍ଜନ ।
ସୁଝିବା-କ୍ରି. (ଶୁଧ୍ଧାତୁରୁ) ପରିଶୋଧ କରିବା ।
ସୁଡ଼ଙ୍ଗ-ବି. ମାଟିଭିତରେ ନିର୍ମିତ ପଥ ।
ସୁତ-ବି. ( ସୁ-ତ ) ପୁତ୍ର ।
ସୁତକ-ବି. ସନ୍ତାନଜନ୍ମ ହେତୁରୁ ଅଶୌଚ ।
ସୁତା-ବି, କନ୍ୟା ।
ସୁଦର୍ଶନ-ବି. ବିଷ୍ଣୁଙ୍କର ଚକ୍ର; ବିଂ. ପ୍ରିୟଦର୍ଶନ ।
ସୁଧର୍ମା-ବି. ଦେବସଭା ।
ସୁଧା-ବି. ( ସୁ-ଧେ-ଅ-ଆ) ଅମୃତ; ଚୂନ ।

ସୁଧାଂଶୁ-ବି. (ସୁଧା-ଅଂଶୁ) ସୁଧାକର, ଚନ୍ଦ୍ର ।
ସୁଧୀ-ବି. (ସୁ-ଧୀ) ପଣ୍ଡିତ, ବିଦ୍ୱାନ୍ ।
ସୁନା-ବି. (ସ୍ୱର୍ଣ୍ଣଶବ୍ଦଜ) ସ୍ୱର୍ଣ୍ଣ । [ ବିଶେଷ ।
ସୁନାରୀ-ବି. (ସ୍ୱର୍ଣ୍ଣକାରଶବ୍ଦଜ) ସ୍ୱର୍ଣ୍ଣକାର ; ବୃକ୍ଷ-
ସୁନାସୀର-ବି. ଇନ୍ଦ୍ର ।
ସୁନିଆ-ବି. ଭାଦ୍ରମାସର ଶୁକ୍ଳ ଦ୍ୱାଦଶୀ; ଓଡ଼ିଶା
ରାଜାଙ୍କର ଅଙ୍କପରିବର୍ତ୍ତନର ପ୍ରଥମ ଦିବସ ।
ସୁନ୍ଦର ବି°. (ସୁନ୍ଦ-ଅର) ସୁରୂପ; ଶୋଭନ,
ସୁ-ପର୍ଣ୍ଣ-ବି. ଗରୁଡ଼; ପକ୍ଷୀ । [ ସ୍ତ୍ରୀ°ସୁନ୍ଦରୀ ।
ସୁପ୍ତ-ବି°. (ସ୍ୱପ୍-ତ) ନିଦ୍ରିତ ।
ସୁପ୍ତି-ବି. (ସ୍ୱପ୍-ତି) ନିଦ୍ରା ।
ସୁମ-ବି. କୁସୁମ, ପୁଷ୍ପ । [ ସୁଯୋଗ ।
ସୁବିଧା-ବି. (ସୁ-ବିଧା) ଉତ୍ତମ ପ୍ରକାର,
ସୁ ବୁଦ୍ଧି, ସୁ-ବୋଧ-ବି°. ଉତ୍ତମ ବୁଦ୍ଧିଶାଳୀ ।
ସୁବୋଧ୍ୟ-ବି°. (ସୁ-ବୋଧ୍ୟ ଅନାୟାସବୋଧ୍ୟ ।
ସୁ-ଭଗ ବି°. ସୁନ୍ଦର; ଭାଗ୍ୟବାନ୍; ପ୍ରିୟ ।
ସୁଭଦ୍ରା-ବି. ଅର୍ଜ୍ଜୁନପତ୍ନୀ ।
ସୁଭିକ୍ଷ-ବି. ପ୍ରଚୁର ଭିକ୍ଷ୍ୟବିଶିଷ୍ଟ କାଳ ।
ସୁ ଭ୍ରୂ-ବି°. ସୁନ୍ଦର ଭ୍ରୂବିଶିଷ୍ଟ ।
ସୁ-ମତି-ବି°. ସୁନ୍ଦର ମତିଯୁକ୍ତ ; ବି. ଉତ୍ତମ ମତି ।
ସୁ-ମଧ୍ୟମା ବି°. ଉତ୍ତମ-କଟିବିଶିଷ୍ଟ ।
ସୁ-ମନ-ବି. ପୁଷ୍ପ ଦେବତା ।
ସୁମରିବା-କ୍ରି. (ସ୍ମୃ-ଧାତୁରୁ) ସ୍ମରଣ କରିବା ।
ସୁ-ମେରୁ-ବି. କଳ୍ପିତ ମହାପର୍ବତବିଶେଷ; ପୃଥି-
ସୁଯୋଗ-ବି. ସୁବିଧା । [ ବୀର ଉତ୍ତର ପ୍ରାନ୍ତ ।
ସୁର-ବି. ଦେବ; ସୂର୍ଯ୍ୟ; ପଣ୍ଡିତ ।

ସୁର-ଗୁରୁ-ବି. ବୃହସ୍ପତି ।
ସୁ-ରତ-ବି°. ଅଭିବ୍ୟକ୍ତ ଅନୁରକ୍ତ; ବି. ରମଣ ।
ସୁର-ଧୁନୀ-ବି. ଗଙ୍ଗା ।
ସୁରଭି-ବି°. ସୁଗନ୍ଧ; ବି. ଦେବଗାଈ ।
ସୁରଭିତ-ବି°. ସୁଗନ୍ଧିତ ।
ସୁ-ରସ-ବି°. ସୁସ୍ୱାଦୁ, ମିଷ୍ଟ ।
ସୁରା-ବି. ମଦ୍ୟ, ମଦିରା ।
ସୁରେନ୍ଦ୍ର-ବି. ଦେବରାଜ, ଇନ୍ଦ୍ର ।
ସୁଲଭ-ବି°. ଅନାୟାସଲଭ୍ୟ ।
ସୁ-ବର୍ଣ୍ଣ-ବି° ସୁନ୍ଦରବର୍ଣ୍ଣଯୁକ୍ତ; ବି. ସ୍ୱର୍ଣ୍ଣ, ସୁନା ।
ସୁ-ବାସ-ବି. ସୌରଭ; ଉତ୍ତମ ବାସସ୍ଥାନ ।
ସୁ-ବାସିତ-ବି°. (ସୁବାସ-ଇତ) ସୁଗନ୍ଧଯୁକ୍ତ ।
ସୁ-ବାସିନୀ-ବି. ସୁବାସଯୁକ୍ତା ସ୍ତ୍ରୀ; ସଧବା ସ୍ତ୍ରୀ ।
ସୁବେଦାର-ବି. (ପାର୍ଶୀ) ଉଚ୍ଚ ରାଜକର୍ମଚାରୀ ।
ସୁଶୀଳ-ବି°. ସତ୍ସ୍ୱଭାବ ।
ସୁଶ୍ରାବ୍ୟ-ବି°. (ସୁ-ଶ୍ରୁ-ଯ) ଶ୍ରୁତିମଧୁର ।
ସୁ-ଶ୍ରୀ-ବି°. ସୁରୂପ, ସୁନ୍ଦର ।
ସୁଷମ-ବି°. (ସୁ-ସମ) ସୁନ୍ଦର ।
ସୁଷମା-ବି. ସାତିଶୟ ଶୋଭା ।
ସୁଷିର-ବି. ବିବର ।
ସୁଷୁପ୍ତି-ବି. (ସୁ-ସ୍ୱପ୍-ତି) ଗାଢ଼ର ନିଦ୍ରା ।
ସୁଷୁମ୍ନା-ବି. ମେରୁଦଣ୍ଡବର୍ତ୍ତୀ ନାଡ଼ୀ ।
ସୁ-ସଙ୍କେତ-ବି°. ଉତ୍ତମରୂପେ ସଙ୍କେତ ।
ସୁ-ସାର-ବି°. ସହଜ; ସୁବିଧାଯୁକ୍ତ ।
ସୁସ୍ଥ-ବି°. (ସୁ-ସ୍ଥା-ଅ) ନୀରୋଗ; ସ୍ୱଚ୍ଛନ୍ଦ ।
ସୁହୃତ୍-ବି. (ସୁ-ହୃଦ୍) ସଖା, ମିତ୍ର ।

ସୂକ୍ତି-ବ. (ସୁ-ଉକ୍ତି) ଉତ୍ତମ ବଚନ । [ଅଳ୍ପ ।
ସୂକ୍ଷ୍ମ-ବି. (ସୂଚ୍-ସ୍ମନ୍) ସରୁ; ତୀକ୍ଷ୍ଣ; ଅତୀନ୍ଦ୍ରିୟ;
ସୂକ୍ଷ୍ମଦର୍ଶୀ-ବି. ସୂକ୍ଷ୍ମଦର୍ଶନ ।
ସୂଚକ-ବି. (ସୂଚ୍-ଅକ) ଜ୍ଞାପକ । [ଜ୍ଞାପନ ।
ସୂଚନା-ବ. ( ସୂଚ-ଅନ-ଆ ) ସଙ୍କେତ ଦ୍ୱାରା
ସୂଚ, ସୂଚୀ-ବ. ଛୁଞ୍ଚି ।
ସୂଚକ-ବ. ଦରଜି ।
ସୂଚିତ-ବି. ସଙ୍କେତ ଦ୍ୱାରା ଜ୍ଞାପିତ ।
ସୂଚୀ-ପତ୍ର-ବ. ନିର୍ଘଣ୍ଟ ।
ସୂତ-ବି. (ସୂ-ତ) ପ୍ରସୂତ, ଜାତ ।
ସୂତା-ବ. ସୂତ୍ର ।
ସୂତିକା-ବ. ନବପ୍ରସୂତା ସ୍ତ୍ରୀ ।
ସୂତିକାଗାର-ବ. ପ୍ରସବଗୃହ । [ନିୟମବାକ୍ୟ ।
ସୂତ୍ର-ବ. ( ସୂତ୍ର-ଅ ) ସୂତା; ଶାସ୍ତ୍ରର ସଂକ୍ଷିପ୍ତ
ସୂତ୍ରଧର } ବ. (ସୂତ୍ର-ଧୃ-ଅ) ନାଟ୍ୟପ୍ରସ୍ତାବକ;
ସୂତ୍ରଧାର } ବଢ଼େଇ ।
ସୂତ୍ର-ପାତ-ବ. ସୂତାପକାଇବା; କାର୍ଯ୍ୟର ସୂଚନା ।
ସୂଦନ-ବି. (ସୂଦ୍-ଅନ) ବଧ କରୁ ।
ସୂନା-ବ. କସେଇଶାଳା ।
ସୂନୁ-ବ. (ସୂ-ନୁ) ପୁତ୍ର ।
ସୂନୃତ-ବ. ସତ୍ୟ ଓ ପ୍ରିୟ-ବାକ୍ୟ ।
ସୂପ-ବ. ଝୋଳ ।
ସୂପକାର-ବ. ସୁଆର; ରନ୍ଧନକର୍ତ୍ତା, ପାଚକ ।
ସୂର-ବ. ସୂର୍ଯ୍ୟ; ପଣ୍ଡିତ ।
ସୂରି-ବ. କବି; ପଣ୍ଡିତ ।
ସୂର୍ପ-ବ. କୁଲା ।
ସୂର୍ଯ୍ୟ-ବ. (ସୃ-ଯ) ଦିବାକର ।
ସୂର୍ଯ୍ୟ-କାନ୍ତ-ବ. ମଣିବିଶେଷ ।
ସୂର୍ଯ୍ୟ-ମୁଖୀ-ବ. ପୁଷ୍ପବିଶେଷ ।
ସୃଜନ-ବ. (ସୃଜ୍-ଅନ) ସୃଷ୍ଟି ।
ସୃଷ୍ଟ-ବି. (ସୃଜ୍-ତ) ନିର୍ମିତ, ରଚିତ ।
ସୃଷ୍ଟି-ବ. (ସୃଜ୍-ତି) ନିର୍ମାଣ, ରଚନା ।
ସେ-ସ. ସେହି ।
ସେକ-ବ. (ସିଚ୍-ଅ) ସେଚନ ।
ସେକିବା-କ୍ରି. ତାପ ଦେବା । [ଇବା ।
ସେଚନ-ବ (ସିଚ୍-ଅନ) ସିଞ୍ଚନ; ପାଣି ମଡ଼େ-
ସେଣା-ବ. କ୍ଷେତକୁ ପାଣି ବହିବାର ଯନ୍ତ୍ର ।
ସେତୁ-ବ. ଜଲବନ୍ଧ ।
ସେନା-ବ. ସୈନ୍ୟଦଳ ।
ସେନା-ନିବେଶ-ବ. ଶିବିର, ଛାଉଣୀ ।
ସେନାନୀ-ବ. ସେନାପତି । [ଛଟାକି) ।
ସେର-ବ. ଓଜନ ଓ ପରିମାଣବିଶେଷ (୧୬
ସେବକ-ବ. (ସେବ୍-ଅକ) ପରିଚାରକ ।
ସେବନ-ବ. (ସେବ୍-ଅନ) ସେବା; ଉପଭୋଗ ।
ସେବା-ବ. (ସେବ୍-ଅ-ଆ) ପରିଚର୍ଯ୍ୟା, ସେବନ ।
ସେବିତ-ବି. (ସେବ୍-ତ) ଆଶ୍ରିତ, ଭୁକ୍ତ ।
ସେବ୍ୟ-ବି. (ସେବ୍-ଯ) ସେବନୀୟ; ପରିଚର୍ଯ୍ୟା-
ଯୋଗ୍ୟ ।
ସୈକତ-ବ. ( ସିକତା-ଅ ) ବାଲୁକାମୟ ତଟ,
ପୁଳିନ । [କାର୍ଯ୍ୟ ।
ସୈନାପତ୍ୟ-ବ. (ସେନାପତି-ଯ) ସେନାପତିର
ସୈନିକ-ବି. (ସେନା-ଇକ) ସେନାଦଳଭୁକ୍ତ ।

ସୈନ୍ଧବ-ବି. ( ସିନ୍ଧୁ-ଅ ) ସିନ୍ଧୁସମ୍ବନ୍ଧୀୟ; ବି.
ସମୁଦ୍ରଜାତ ଲବଣ ।

ସୈନ୍ୟ-ବି. (ସେନା-ଯ) ସେନା ।

ସୈରନ୍ଧ୍ରୀ-ବି. ପରଗୃହସ୍ଥିତା ସ୍ୱାଧୀନା ଶିଳ୍ପ-
[କାରିଣୀ ।

ସୋଠା-ବି. ମୋଟ ଯଷ୍ଟି ।

ସୋଡ଼ୁଅ-ବି. ପାଣି ବୋହିବାର ନୌକାକାର
[ପାତ୍ର ।

ସୋପାନ-ବି. ଅବରୋହଣୀ, ସଢ଼ି ।

ସୋମ-ବି. ଚନ୍ଦ୍ର; ସୋମଲତାର ରସ ।

ସୋରିଷ-ବି. ସର୍ଷପ ।

ସୋହାଗା-ବି. ଟାଙ୍ଗଣ ।

ସୌକର୍ଯ୍ୟ-ବି. (ସୁକର-ଯ) ସୁସାଧ୍ୟତା ।

ସୌକୁମାର୍ଯ୍ୟ-ବି.(ସୁକୁମାର-ଯ) କୋମଳତା ।

ସୌଖୀନ-ବି. (ସୁଖ-ଈନ) ବିଳାସୀ ।

ସୌଖ୍ୟ-ବି. (ସୁଖ-ଯ) ସୁଖସମୂହ ।

ସୌଗନ୍ଧିକ-ବି. (ସୁଗନ୍ଧ-ଇକ) ନୀଳବର୍ଣ୍ଣ ।

ସୌଜନ୍ୟ-ବି. (ସୁଜନ-ଯ) ସାଧୁତା, ଭଦ୍ରତା ।

ସୌଦାମିନୀ-ବି. ବିଦ୍ୟୁତ ।
[ପ୍ରାସାଦ ।

ସୌଧ-ବି. ( ସୁଧା-ଅ ) ସୁଧା-ଧବଳିତ ଗୃହ,

ସୌନିକ-ବି. (ସୂନା-ଇକ) କସାଇ ।

ସୌନ୍ଦର୍ଯ୍ୟ-ବି. (ସୁନ୍ଦର-ଯ) ଶୋଭା ।
[ଭାଗ୍ୟ ।

ସୌଭାଗ୍ୟ-ବି. ( ସୁଭଗ-ଯ ) ସୁ-ଦଶା; ଶୁଭ

ସୌଭ୍ରାତ୍ର-ବି. (ସୁଭ୍ରାତୃ-ଅ) ଭାଇଙ୍କର ପରସ୍ପର
[ପ୍ରୀତି ।

ସୌମିତ୍ର-ବି. (ସୁମିତ୍ରା-ଇ) ଲକ୍ଷ୍ମଣ ।

ସୌମ୍ୟ-ବିଂ. (ସୋମ-ଯ) ସୁନ୍ଦର; ଶାନ୍ତମୂର୍ତ୍ତି ।

ସୌର-ବିଂ. (ସୁର-ଅ) ସୂର୍ଯ୍ୟସମ୍ବନ୍ଧୀୟ ।

ସୌରଭ-ବି. (ସୁରଭି-ଅ) ସୁଗନ୍ଧ ।

ସୌରାଜ୍ୟ-ବି. (ସୁରାଜ-ନ୍-ଯ) ଉତ୍ତମ-ରାଜତ୍ୱ ।

ସୌଷ୍ଠବ-ବି. (ସୁଷ୍ଠୁ-ଅ) ସୌନ୍ଦର୍ଯ୍ୟ-ଉତ୍କର୍ଷ ।

ସୌସାଦୃଶ୍ୟ-ବି. (ସୁସଦୃଶ-ଯ) ଉତ୍ତମସାଦୃଶ୍ୟ ।

ସୌହାର୍ଦ୍ଦ, ସୌହୃଦ୍ୟ-ବି. (ସୁହୃଦ୍-ଅ,-ଯ)
[ବନ୍ଧୁତା, ପ୍ରଣୟ ।

ସ୍କନ୍ଦ-ବି. କାର୍ତ୍ତିକେୟ ।

ସ୍କନ୍ଧ-ବି. କାନ୍ଧ; ବୃକ୍ଷ-କାଣ୍ଡ; ସୈନ୍ୟ ।

ସ୍କନ୍ଧାବାର-ବି. ସୈନ୍ୟ-ଶିବିର ।

ସ୍ଖଳନ-ବି. (ସ୍ଖଲ୍-ଅନ) ବିଚ୍ୟୁତି; ଭ୍ରଂଶ; ଭ୍ରାନ୍ତି ।

ସ୍ଖଳିତ-ବିଂ. ବିଚ୍ୟୁତ; ଭ୍ରଷ୍ଟ ।

ସ୍ତନ-ବି. ନାରୀର ବକ୍ଷୋଜ ।

ସ୍ତନନ୍ଧୟ-ବି. (ସ୍ତନ-ଧେ-ଅ) ସ୍ତନ୍ୟପାୟୀ ଶିଶୁ ।

ସ୍ତନୟିତ୍ନୁ-ବି. ମେଘ ।

ସ୍ତନିତ-ବି. ମେଘଧ୍ୱନି ।

ସ୍ତନ୍ୟ-ବି. ସ୍ତନ-ଦୁଗ୍ଧ ।
[ଜୀବ ।

ସ୍ତନ୍ୟ-ପାୟୀ-ବି. ମନୁଷ୍ୟାଦି ସ୍ତନ୍ୟପାନକାରୀ

ସ୍ତବ୍ଧ-ବିଂ. (ସ୍ତମ୍ଭ୍-ତ) ଜଡ଼ତ୍ୱ-ପ୍ରାପ୍ତ, ସ୍ପନ୍ଦହୀନ ।

ସ୍ତମ୍ଭ-ବି. ଜଡ଼ଭାବ; ଖମ୍ବ ।

ସ୍ତମ୍ଭିତ-ବିଂ. (ସ୍ତମ୍ଭ୍-ଣିଚ-ତ) ଜଡ଼ତ୍ୱ-ପ୍ରାପିତ ।

ସ୍ତର-ବି. (ସ୍ତୃ-ଅ) ଭୂମିର ପରସ୍ତ; ଶଯ୍ୟା ।

ସ୍ତବ-ବି. (ସ୍ତୁ-ଅ) ସ୍ତୁତି, ପ୍ରଶଂସା ।

ସ୍ତବକ-ବି. ଗୁଚ୍ଛ, ପେଣ୍ଡା ।
[କାରୀ ।

ସ୍ତାବକ-ବି. (ସ୍ତୁ-ଅକ) ସ୍ତୁତିକାରକ; ଗୁଣଗାନ-

ସ୍ତିମିତ-ବିଂ. ନିଶ୍ଚଳ, ସ୍ଥିର ।

ସ୍ତୁତ-ବିଂ. ପ୍ରଶଂସିତ ।

ସ୍ତୁତି-ବି. ପ୍ରଶଂସା, ସ୍ତବ ।

ସ୍ତୁତ୍ୟ-ବିଂ. (ସ୍ତୁ-ଯ) ପ୍ରଶଂସା-ଯୋଗ୍ୟ ।
ସ୍ତୂପ-ବି. ରାଶି, ଗଦା ।
ସ୍ତୂପୀକୃତ-ବିଂ. ରାଶୀକୃତ ।
ସ୍ତେୟ-ବି. ଚୌର୍ଯ୍ୟ ।
ସ୍ତୋକ-ବିଂ. ଅଳ୍ପ; ପ୍ରବୋଧଯୁକ୍ତ ।
ସ୍ତୋତା-ବିଂ. (ସ୍ତୁ-ତୃ) ସ୍ତବ-କାରକ ।
ସ୍ତୋତ୍ର-ବି. (ସ୍ତୁ-ତ୍ର) ସ୍ତବ ।
ସ୍ତୋମ-ବି. ରାଶି, ସମୂହ; ସ୍ତବ ।
ସ୍ତ୍ରୀ-ବି. ନାରୀ, ପତ୍ନୀ ।
ସ୍ତ୍ରୈଣ-ବି. (ସ୍ତ୍ରୀ-ଣ) ସ୍ତ୍ରୀର ବଶୀଭୂତ ପୁରୁଷ ।
ସ୍ଥ-ବିଂ. (ସ୍ଥା-ଅ) ସ୍ଥିତ । [ନିବର୍ତ୍ତିତ ।
ସ୍ଥଗିତ-ବିଂ. (ସ୍ଥଗ୍-ତ) କିଛୁକାଳ ନିମିତ୍ତ ବନ୍ଦ ;
ସ୍ଥପତି-ବି. ଗୃହନିର୍ମାଣ-ଶିଳ୍ପୀ, ସୂତ୍ରଧର ।
ସ୍ଥଳ, ସ୍ଥଳୀ-ବି. ଭୂମି, ସ୍ଥାନ, ଥଳୀ ।
ସ୍ଥବିର-ବିଂ. ବୃଦ୍ଧ ।
ସ୍ଥାଣୁ-ବି. ଶିବ; ଥୁଣ୍ଟାଗଛ ।
ସ୍ଥାନ-ବି. (ସ୍ଥା-ଅନ) ସ୍ଥଳ; ଆଧାର; ସ୍ଥିତି ।
ସ୍ଥାନୀୟ-ବିଂ. (ସ୍ଥାନ-ଈୟ) ସ୍ଥାନ-ସମ୍ବନ୍ଧୀୟ ।
ସ୍ଥାପକ-ବିଂ. (ସ୍ଥା-ଣିଚ୍-ଅକ) ସ୍ଥାପନକାରୀ ।
ସ୍ଥାପତ୍ୟ-ବି. (ସ୍ଥପତି-ଯ) ଗୃହନିର୍ମାଣ-ଶିଳ୍ପ ।
ସ୍ଥାପନ, ସ୍ଥାପନା-ବି. ( ସ୍ଥା-ଣିଚ୍-ଅନ, ଆ ) ସ୍ଥିତିବିଧାନ; ଆରୋପଣ ।
ସ୍ଥାପିତ-ବିଂ. ( ସ୍ଥା-ଣିଚ୍-ତ) ନିବେଶିତ ।
ସ୍ଥାୟିତା-ବି. ସ୍ଥିରତା ।
ସ୍ଥାୟୀ ବିଂ. (ସ୍ଥା-ଇନ୍) ସ୍ଥିତିଶୀଳ; ସ୍ଥିର ।
ସ୍ଥାଲୀ-ବି. ଥାଳୀ ।

ସ୍ଥାବର-ବିଂ. (ସ୍ଥା-ବର) ଅଚଳ ।
ସ୍ଥିତ-ବିଂ. ( ସ୍ଥା-ତ ) ସ୍ଥାନଗତ; ସ୍ଥିର ।
ସ୍ଥିତି-ବି. (ସ୍ଥା-ତି) ଅବସ୍ଥାନ ରହିବା; ଅବସ୍ଥା ।
ସ୍ଥିତି-ସ୍ଥାପକ-ବିଂ. ପୂର୍ବସ୍ଥାନେ ସ୍ଥାପନକାରୀ ।
ସ୍ଥିର-ବିଂ. (ସ୍ଥା-ଇର) ସ୍ଥାୟୀ; ନିଶ୍ଚଳ; ଦୃଢ଼ ।
ସ୍ଥିରୀକୃତ-ବିଂ. ( ସ୍ଥିର-ଈ-କୃ-ତ ) ଅବଧାରିତ;
ସ୍ଥୂରୀ-ବି. ଭାରବାହକ ବୃଷ । [ ଦୃଢ଼ୀକୃତ ।
ସ୍ଥୂଳ-ବିଂ. ମୋଟ ; ଇନ୍ଦ୍ରିୟ-ଗ୍ରାହ୍ୟ ।
ସ୍ଥୈର୍ଯ୍ୟ-ବି. ( ସ୍ଥିର-ଯ ) ସ୍ଥିରତା ।
ସ୍ଥୌଲ୍ୟ-ବି. (ସ୍ଥୂଳ-ଯ ) ସ୍ଥୂଳତା ।
ସ୍ନାତ-ବିଂ. (ସ୍ନା-ତ) ଜଳଦ୍ୱାରା ଅଭିଷିକ୍ତ ।
ସ୍ନାନ-ବି.(ସ୍ନା-ଅନ) ଅବଗାହନ; ସର୍ବାଙ୍ଗକ୍ଷାଳନ ।
ସ୍ନାୟୁ-ବି. ମାଂସ ଓ ଅସ୍ଥିର ବନ୍ଧନୀ ଶିରା ।
ସ୍ନିଗ୍ଧ-ବିଂ. ( ସ୍ନିହ୍-ତ ) ସ୍ନେହଯୁକ୍ତ ; କୋମଳ ; ଚିକ୍କଣ ; ଶୀତଳ ।
ସ୍ନୁଷା-ବି. ପୁତ୍ରବଧୂ । [ଘୃତାଦି ସ୍ନିଗ୍ଧ ବସ୍ତୁ ।
ସ୍ନେହ-ବି. (ସ୍ନିହ୍-ଅ) ପ୍ରୀତି, ବାତ୍ସଲ୍ୟ; ତୈଳ-
ସ୍ପନ୍ଦ, ସ୍ପନ୍ଦନ-ବି. (ସ୍ପନ୍ଦ୍-ଅ, ଅନ) ଈଷତ୍ କମ୍ପନ, ଚଳନ ।
ସ୍ପନ୍ଦିତ-ବିଂ. (ସ୍ପନ୍ଦ୍-ତ) ଈଷତ୍ ଚଳିତ, ସ୍ଫୁରିତ ।
ସ୍ପର୍ଦ୍ଧା-ବି. ( ସ୍ପର୍ଦ୍ଧ୍-ଅ-ଆ) ଗର୍ବ ; ପ୍ରତିଯୋଗିତା;
ସ୍ପର୍ଦ୍ଧିତ-ବିଂ. ସ୍ପର୍ଦ୍ଧାଯୁକ୍ତ । [ମାତ୍ସର୍ଯ୍ୟ ।
ସ୍ପର୍ଦ୍ଧୀ-ବିଂ. ସ୍ପର୍ଦ୍ଧାକାରୀ ।
ସ୍ପର୍ଶ-ବି.(ସ୍ପୃଶ୍-ଅ) ତ୍ୱଗିନ୍ଦ୍ରିୟଗ୍ରାହ୍ୟ ଗୁଣ; ଛୁଇଁବା ।
ସ୍ପର୍ଶ-ମଣି-ବି. ଯେଉଁ ମଣିର ସ୍ପର୍ଶ ମାତ୍ରକେ ଲୌହାଦି ସ୍ୱର୍ଣ୍ଣ ହୋଇଯାଏ, ପରଶ-ପଥର ।

ସ୍ପର୍ଶୀ-ବିଂ ସ୍ପର୍ଶକାରୀ ।
ସ୍ପର୍ଶେନ୍ଦ୍ରିୟ-ବି. ତ୍ୱଗେନ୍ଦ୍ରିୟ ।
ସ୍ପଷ୍ଟ ବିଂ. ( ସ୍ପଶ୍-ତ ) ସୁପ୍ରକାଶିତ, ବ୍ୟକ୍ତ ।
ସ୍ପର୍ଶ୍ୟ ବିଂ. (ସ୍ପୃଶ୍-ଯ) ସ୍ପର୍ଶଯୋଗ୍ୟ ।
ସ୍ପୃଷ୍ଟ-ବିଂ. (ସ୍ପୃଶ୍-ତ) ଛୁଁଆ । [ଶ୍ଲାଘ୍ୟ ।
ସ୍ପୃହଣୀୟ-ବିଂ. ( ସ୍ପୃହ-ଅନୀୟ ) ବାଞ୍ଛନୀୟ ।
ସ୍ପୃହା-ବି. ( ସ୍ପୃହ୍-ଅ-ଆ ) ବାଞ୍ଛା; ଲୋଭ ।
ସ୍ଫଟିକ-ବି. ଶୁଭ୍ର ସ୍ୱଚ୍ଛ ପ୍ରସ୍ତର-ବିଶେଷ ।
ସ୍ଫାଟିକ-ବିଂ. (ସ୍ଫଟିକ-ଅ) ସ୍ଫଟିକମୟ ।
ସ୍ଫୀତ ବିଂ. (ସ୍ଫାୟ୍-ତ) ଫୁଲା; ବର୍ଦ୍ଧିତ ।
ସ୍ଫୀତି-ବି. (ସ୍ଫାୟ୍-ତି) ପ୍ରବୃଦ୍ଧି ; ଫୁଲିଉଠିବା ।
ସ୍ଫୁଟ-ବିଂ. ( ସ୍ଫୁଟ୍-ଅ ) ଫୁଟା; ସ୍ପଷ୍ଟ; ପ୍ରଫୁଲ୍ଲ ।
ସ୍ଫୁଟନ-ବି. ବିକାଶ-ପ୍ରାପ୍ତି ।
ସ୍ଫୁଟିତ-ବିଂ. ବିକଶିତ ।
ସ୍ଫୁରଣ-ବି. (ସ୍ଫୁର୍-ଅନ) ସ୍ପନ୍ଦନ; ଦୀପ୍ତି; ପ୍ରକାଶ;
ସ୍ଫୁରିତ-ବିଂ. ସ୍ପନ୍ଦିତ; ଦୀପ୍ତ ।
ସ୍ଫୁଲିଙ୍ଗ-ବି. ଅଗ୍ନି-କଣା ।
ସ୍ଫୂର୍ତ୍ତି-ବି. (ସ୍ଫୁର୍-ତି) ହର୍ଷ; ବିକାଶ ।
ସ୍ଫୋଟକ-ବି. ବ୍ରଣ, ଫୋଡ଼ା ।
ସ୍ମୟ-ବି. (ସ୍ମି-ଅ) ଗର୍ବ; ଆଶ୍ଚର୍ଯ୍ୟ ।
ସ୍ମର-ବି. (ସ୍ମୃ-ଅ) କନ୍ଦର୍ପ । [ସ୍ମୃତ ।
ସ୍ମରଣ-ବି. (ସ୍ମୃ-ଅନ) ପୂର୍ବକଥା ମନେ କରିବା,
ସ୍ମରଣୀୟ-ବିଂ. (ସ୍ମୃ-ଅନୀୟ) ସ୍ମର୍ତ୍ତବ୍ୟ; ସ୍ମରଣ-
ସ୍ମର-ପ୍ରିୟା-ବି. ରତି । [ଯୋଗ୍ୟ ।
ସ୍ମର-ବୈରୀ-ବି. ମହାଦେବ ।

ସ୍ମାରକ-ବିଂ. (ସ୍ମୃ-ଣିଚ୍-ଅକ) ସ୍ମରଣକାରକ ।
ସ୍ମାର୍ତ୍ତ-ବି.(ସ୍ମୃତି-ଅ) ସ୍ମୃତିଶାସ୍ତ୍ର-ବେତ୍ତା ।
ସ୍ମିତ-ବି. ଈଷତ୍ ହାସ୍ୟ; ବିଂ. ଈଷତ୍ ହାସ୍ୟ-
ସ୍ମୃତ-ବିଂ. ସ୍ମୃତି ଦ୍ୱାରା ଉପଲବ୍ଧ । [ଯୁକ୍ତ ।
ସ୍ମୃତି-ବି. ସ୍ମରଣଶକ୍ତି ; ମନ୍ୱାଦିପ୍ରଣୀତ ଧର୍ମ-
ସ୍ମେର-ବିଂ. ଈଷତ୍ ହାସ୍ୟଯୁକ୍ତ । [ଶାସ୍ତ୍ର ।
ସ୍ୟନ୍ଦନ-ବି. ( ସ୍ୟନ୍ଦ୍-ଅନ ) ରଥ ।
ସ୍ୟମନ୍ତକ-ବି. କୃଷ୍ଣଙ୍କର ଭୂଷଣ ମଣି ।
ସ୍ୟୂତ-ବିଂ. ( ସିବ୍-ତ ) ଗ୍ରଥିତ ।
ସ୍ରକ୍-ବି. ମାଳା ।
ସ୍ରବ-ବି. ( ସ୍ରୁ-ଅ ) କ୍ଷରଣ ।
ସ୍ରଷ୍ଟା-ବି. (ସୃଜ୍-ତୃ) ସୃଷ୍ଟିକର୍ତ୍ତା ।
ସ୍ରସ୍ତ-ବିଂ. (ସ୍ରନ୍ସ-ତ) ଚ୍ୟୁତ, ଭ୍ରଷ୍ଟ ।
ସ୍ରାବ-ବି. ( ସ୍ରୁ-ଅ ) କ୍ଷରଣ ।
ସ୍ରୁତ-ବିଂ. ( ସ୍ରୁ-ତ ) କ୍ଷରିତ ।
ସ୍ରୋତଃ-ବି. (ସ୍ରୁ-ଅସ) ଜଳପ୍ରବାହ ।
ସ୍ରୋତସ୍ୱତୀ-ବି. ( ସ୍ରୋତସ୍-ବତୁ-ଈ ) ନଦୀ ।
ସ୍ୱ-ବି. ଆତ୍ମ; ଆପେ; ଧନ ।
ସ୍ୱକୀୟ ସ୍ୱୀୟ-ବିଂ. ନିଜ ସମ୍ବନ୍ଧୀୟ ।
ସ୍ୱ-ଗତ-ବିଂ. ମନୋଗତ ; ବି. ମନେ ମନେ
କହିବା । [ଧାରଣକ୍ଷମ ।
ସ୍ୱଚ୍ଛ-ବିଂ. ( ସୁ-ଅଚ୍ଛ ) ଅତି ନିର୍ମଳ ; ପ୍ରତିବିମ୍ବ-
ସ୍ୱ-ଚ୍ଛନ୍ଦ-ବିଂ. ସ୍ୱାଧୀନ ; ସୁସ୍ଥ ।
ସ୍ୱ-ଜନ-ବି. ଆତ୍ମୀୟ ।
ସ୍ୱତଃ-ଅ. (ସ୍ୱ-ତସ) ସ୍ୱୟଂ ।
ସ୍ୱ-ତନ୍ତ୍ର-ବିଂ. ସ୍ୱାଧୀନ ।

ସ୍ୱ-ତ୍ୱ-ବି. ଅଧିକାର; ଧନାଦିରେ ସ୍ୱାମିତ୍ୱ ।

ସ୍ୱଧା-ଅ°. ପିତୃ-ତର୍ପଣର ମନ୍ତ୍ର ।

ସ୍ୱନ-ବି. ( ସ୍ୱନ୍-ଅ ) ଶବ୍ଦ, ଧ୍ୱନି ।

ସ୍ୱନିତ-ବି°. ଧ୍ୱନିତ । [ଅନୁଭବ ।

ସ୍ୱପ୍ନ-ବି. ( ସ୍ୱପ୍-ନ ) ନିଦ୍ରାବସ୍ଥାରେ ଅଲୀକ

ସ୍ୱ-ଭାବ-ବି. ପ୍ରକୃତି ; ସ୍ୱକୀୟ ଭାବ ।

ସ୍ୱଭାବ-ତଃ-ଅ°. ପ୍ରକୃତି-ବଶତଃ ।

ସ୍ୱୟଂ-ଅ°. ଆପେ, ନିଜେ ।

ସ୍ୱୟମ୍ବର-ବି. (ସ୍ୱୟଂ-ବୃ-ଅ) ସ୍ୱୟଂ ପତିବରଣ ।

ସ୍ୱୟମ୍ବରା-ବି. ସ୍ୱୟଂ ପତିବରଣ-କାରିଣୀ ସ୍ତ୍ରୀ ।

ସ୍ୱୟମ୍ଭୂ-ବି. (ସ୍ୱୟଂ-ଭୂ-କ୍ୱିପ୍) ପରମେଶ୍ୱର ।

ସ୍ୱର୍-ବି ସ୍ୱର୍ଗ, ଦ୍ୟୁଲୋକ ।

ସ୍ୱର-ବି. ବର୍ଣ୍ଣଧ୍ୱନି ।

ସ୍ୱ-ରୂପ-ବି. ପ୍ରକୃତରୂପ ; ସ୍ୱଭାବ । [ଲୋକ ।

ସ୍ୱର୍ଗ-ବି. ( ସ୍ୱର୍-ଗୈ-ଅ ) ଦେବଲୋକ, ଅନନ୍ତ

ସ୍ୱର୍ଗୀୟ-ବି°. ସ୍ୱର୍ଗ-ସମ୍ବନ୍ଧୀୟ ।

ସ୍ୱର୍ଣ୍ଣ-ବି. ସୁନା, ସୁବର୍ଣ୍ଣ ।

ସ୍ୱଳ୍ପ-ବି°. ( ସୁ-ଅଳ୍ପ ) ଅତିଅଳ୍ପ ।

ସ୍ୱସା-ବି. (ସ୍ୱସୃ ଶବ୍ଦଜ) ଭଗିନୀ ।

ସ୍ୱସ୍ତି-ବି. (ସୁ-ଅସ୍ତି) ଆଶୀର୍ବାଦ ; ଶୁଭ ।

ସ୍ୱସ୍ତ୍ୟୟନ-( ସ୍ୱସ୍ତି-ଅୟନ ) ମଙ୍ଗଳପ୍ରାପ୍ତି ନିମିତ୍ତ ପୂଜାନୁଷ୍ଠାନ । [ଭଗିନୀ-ସମ୍ବନ୍ଧୀୟ ।

ସ୍ୱସ୍ରୀୟ-ବି. ( ସ୍ୱସୃ-ଈୟ ) ଭଗିନେୟ ; ବି°

ସ୍ୱାକ୍ଷର-ବି. ( ସ୍ୱ-ଅକ୍ଷର ) ଦସ୍ତଖତ ।

ସ୍ୱାଗତ-ବି. ( ସୁ-ଆଗତ ) ଶୁଭାଗମନ ।

ସ୍ୱାତନ୍ତ୍ର୍ୟ-ବି. ( ସ୍ୱତନ୍ତ୍ର-ଯ ) ସ୍ୱାଧୀନତା ।

ସ୍ୱାତୀ-ବି. ନକ୍ଷତ୍ର-ବିଶେଷ ।

ସ୍ୱାଦ-ବି. (ସ୍ୱଦ୍-ଅ) ରସ; ଆସ୍ୱାଦ ।

ସ୍ୱାଦୁ ବି°. ମଧୁର, ମିଷ୍ଟ ।

ସ୍ୱାଧୀନ-ବି°. (ସ୍ୱ-ଅଧୀନ) ସ୍ୱତନ୍ତ୍ର ।

ସ୍ୱାଧ୍ୟାୟ-ବି.(ସୁ-ଆ ଅଧି-ଇ-ଅ) ବେଦ-ପାଠ ।

ସ୍ୱାଭାବିକ-ବି°. (ସ୍ୱଭାବ ଇକ) ସ୍ୱଭାବ ସିଦ୍ଧ ।

ସ୍ୱାମିତ୍ୱ-ବି (ସ୍ୱାମିନ୍ ତ୍ୱ) ସ୍ୱତ୍ୱ; ପ୍ରଭୁତ୍ୱ ।

ସ୍ୱାମୀ-ବି. ପତି; ପ୍ରଭୁ ; ସନ୍ନ୍ୟାସୀ ।

ସ୍ୱାୟତ୍ତ-ବି°. (ସ୍ୱ-ଆୟତ୍ତ) ନିଜର ଅଧୀନ ।

ସ୍ୱାରାଜ୍ୟ-ବି. (ସ୍ୱରାଜ୍-ଯ) ସ୍ୱର୍ଗ ଅର୍ଥାତ୍ ପରମେଶ୍ୱରଙ୍କ ରାଜ୍ୟ ।

ସ୍ୱାର୍ଥ-ବି. (ସ୍ୱ-ଅର୍ଥ) ଆତ୍ମ-ପ୍ରୟୋଜନ ।

ସ୍ୱାର୍ଥ-ପର-ବି°.ନିଜପ୍ରୟୋଜନସାଧନରେ ତତ୍ପର, ଅନ୍ୟର ପ୍ରୟୋଜନପ୍ରତି ଉପେକ୍ଷା-କାରୀ ।

ସ୍ୱାସ୍ଥ୍ୟ-ବି. (ସ୍ୱସ୍ଥ-ଯ) ସୁସ୍ଥତା ।

ସ୍ୱାହା-ଅ°. ହୋମ-ମନ୍ତ୍ର; ବି. ଅଗ୍ନି-ପତ୍ନୀ ।

ସ୍ୱିନ୍ନ-ବି°. (ସ୍ୱିଦ୍-କ୍ତ) ସ୍ୱେଦଯୁକ୍ତ ।

ସ୍ୱୀକାର-ବି.(ସ୍ୱ-ଈ-କୃ-ଅ) ଅଙ୍ଗୀକାର; ଗ୍ରହଣ ।

ସ୍ୱୀକୃତ-ବି°. ଅଙ୍ଗୀକୃତ । [ଚାରୀ ।

ସ୍ୱେଚ୍ଛାଚାରୀ-ବି°.(ସ୍ୱ ଇଚ୍ଛା-ଚର୍-ଇନ୍)ଯଥେଚ୍ଛା-

ସ୍ୱେଦ-ବି. (ସ୍ୱିଦ୍-ଅ) ଘର୍ମ, ଝାଳ ।

ସ୍ୱେଦନ-ବି. ( ସ୍ୱିଦ୍-ଅନ ) ଘର୍ମ-ନିଃସାରଣ ।

ସ୍ୱୈର-ବି°. ସ୍ୱଚ୍ଛନ୍ଦ ।

ସ୍ୱୈର-ଚାରୀ-ବି°. ଯଥେଚ୍ଛାଚାରୀ ।

ସ୍ୱୈରିଣୀ-ବି°. ସ୍ୱେଚ୍ଛାଚାରିଣୀ, ବ୍ୟଭିଚାରିଣୀ ।

ହ ବ୍ୟଞ୍ଜନବର୍ଣ୍ଣର ତ୍ରୟସ୍ତ୍ରିଂଶଦ୍‌ବର୍ଣ୍ଣ ।
ହଂସ-ବି. ପକ୍ଷୀବିଶେଷ ; ଅଶ୍ୱ ; ସ୍ତ୍ରୀ. ହଂସୀ ।
ହଂସଗଲି-ବି. ପକ୍ଷିବିଶେଷ ।
ହଁ, ହଇ-ଅ. ସମ୍ମତି-ସୂଚକ ଶବ୍ଦ । [କାର ।
ହକ-ବିଂ. (ଆରବୀ) ନ୍ୟାଯ୍ୟ; ବି. ନ୍ୟାଯ୍ୟ ଅଧି-
ହକରା ବି. ଡାକରା ।
ହଜମ୍-ବି. (ଆରବୀ) ପରିପାକ ।
ହଠ-ବି. କୌତୁକ; ତାମସା ।
ହଠହଠା-ବି. ବିଡ଼ମ୍ବନା ।
ହଟିବା-କ୍ରି. ପଛକୁ ପଳାଇବା ।
ହଁଟ-ବି. ହାଟ ।
ହଟ-ବିଳାସିନୀ-ବି. ବେଶ୍ୟା ।
ହଠ-ବି.-ବଳାତ୍କାର ।
ହଠାତ୍-ଅ. ସହସା, ଅକସ୍ମାତ୍ ।
ହଣ୍ଡିକା-ବି. ହାଣ୍ଡି ।
ହତ-ବିଂ. (ହନ୍ ତ) ନଷ୍ଟ; ବ୍ୟାହତ ।
ହତ-ଭଗିନୀ-ବିଂ. ଭାଗ୍ୟହୀନା ।
ହତ-ଭାଗ୍ୟ-ବିଂ. ଭାଗ୍ୟହୀନ ।
ହତ-ଶ୍ରୀ-ବିଂ. ଶ୍ରୀହୀନ ।
ହତାଶ-ବିଂ. ଆଶାଶୂନ୍ୟ, ନିରାଶ ।
ହତିଆର-ବି. (ଫାର୍ସୀ) ଶସ୍ତ୍ର ।
ହତ୍ୟା-ବି. (ହନ୍-ଯ-ଅ) ବଧ, ମାରଣ ।
ହନନ-ବି. (ହନ୍ ଅନ) ବଧ ।
ହନୁ-ବି. ଗଣ୍ଡସ୍ଥଳର ଉପରିଭାଗ; କପି ।
ହନୁମାନ୍-ବି.(ହନୁ-ମତ୍) କପି; ମହାକପି-ବୀର ।

ହନ୍ତବ୍ୟ-ବିଂ. (ହନ୍-ତବ୍ୟ) ବଧଯୋଗ୍ୟ ।
ହନ୍ତା-ବିଂ. (ହନ୍-ତୃ) ଘାତକ, ବଧକାରକ ।
ହପ୍ତା-ବି. (ଫାର୍ସୀ) ସପ୍ତାହ ।
ହମ୍ବା-ବି. ଗୋରୁର ଶବ୍ଦ ।
ହୟ-ବି, ଅଶ୍ୱ । [ଭାଜକଅଙ୍କ ।
ହର-ବିଂ. (ହୃ-ଅ) ହରଣକର୍ତ୍ତା; ବି. ମହାଦେବ;
ହରଣ-ବି. (ହୃ-ଅନ) ଚୋରି; ନାଶନ; ଭାଗ-
ହରି-ବି. (ହୃ-ଇ) ବିଷ୍ଣୁ; ସିଂହ । [କରଣ ।
ହରି-କାଠ-ବି. ମନୁଷ୍ୟବନ୍ଧନାର୍ଥ ଅର୍ଗଳ-
ହରିଣ-ବି, ମୃଗ, କୁରଙ୍ଗ । [ବିଶେଷ ।
ହରିତ୍, ହରିତ-ବିଂ. ସବୁଜ-ବର୍ଣ୍ଣ ।
ହରିତାଳ-ବି. ଧାତୁବିଶେଷ ।
ହରିତକୀ-ବି. ହରଡ଼ା ।
ହରିଦଶ୍ୱ-ବି. (ହରିତ୍-ଅଶ୍ୱ) ସୂର୍ଯ୍ୟ ।
ହରିଦ୍ରା-ବି. ହଳଦୀ ।
ହର୍ତ୍ତା-ବିଂ. (ହୃ-ତୃ) ହରଣକର୍ତ୍ତା ।
ହର୍ମ୍ମ୍ୟ-କ୍ଲୀ. ପ୍ରାସାଦ ।
ହର୍ଯ୍ୟକ୍ଷ-ପୁଂ. (ହରି-ଅକ୍ଷି-ଅ) ସିଂହ ।
ହର୍ଷ-ବି. (ହୃଷ୍-ଅ) ସୁଖ, ଆହ୍ଲାଦ ।
ହର୍ଷଣ-ବିଂ. (ହୃଷ୍-ଅନ) ହର୍ଷଜନକ ।
ହଳ-ବି ଲଙ୍ଗଳ ।
ହଳଦୀ-ବି. ହରିଦ୍ରା ।
ହଳଦୀବସନ୍ତ-ବି. ପକ୍ଷୀବିଶେଷ ।
ହଳ-ଧର-ବି. ବଳଦେବ, କୃଷକ ।
ହଲନ୍ତ-ବି. (ହଲ୍-ଅନ୍ତ) ବ୍ୟଞ୍ଜନବର୍ଣ୍ଣ ।
ହଳାହଳ-ବି. କାଳକୂଟ, ବିଷ ।

ହଳଆ-ବି. ହଳ-କର୍ଷକ; କୃଷକ । [ନୃତ୍ୟ ।
ହଲ୍ଲୀଷକ-ବି. ମଣ୍ଡଳାକାରେ ସ୍ତ୍ରୀମାନଙ୍କର
ହବନ-ବି (ହୁ-ଅନ) ଯଜ୍ଞ, ହୋମ ।
ହବିଃ ହବ୍ୟ-ବି. ହୋମାର୍ଥଘୃତ ।
ହବିଷ୍ୟ-ବି. (ହବିସ୍-ଯ) ଘୃତାନ୍ନ ।
ହସ-ବି. (ହସ୍-ଅ) ହାସ୍ୟ ।
ହସନ୍ତୀ-ବି. ଉହ୍ମେଇ ।
ହସ୍ତ-ବି. ହାତ, କର; ଶୁଣ୍ଢ ।
ହସ୍ତି-ପକ-ବି. ମାହୁନ୍ତ । [ହସ୍ତିନୀ ।
ହସ୍ତୀ-ବି ( ହସ୍ତ-ଇନ୍ ) ହାତୀ, କରୀ; ସ୍ତ୍ରୀ-
ହାଇ-ବି. ଜୃମ୍ଭଣ ।
ହାଉଦା-ବି. (ପାର୍ଶୀ) ହସ୍ତିପୃଷ୍ଠର ଅମାରି ।
ହାଙ୍ଗର-ବି. ହିଂସ୍ର ଜଳଜନ୍ତୁ ବିଶେଷ ।
ହାଟ-ବି. ବଜାର ।
ହାଟକ-ବି. ସ୍ୱର୍ଣ୍ଣ ।
ହାଡ଼-ବି. ଅସ୍ଥି ।
ହାଡ଼ି-ବି. ମେହେନ୍ତର ।
ହାଣ୍ଡି-ବି. ମୃତ୍ପାତ୍ରବିଶେଷ ।
ହାତ-ବି. (ହସ୍ତଶବ୍ଦଜ) ହସ୍ତ ।
ହାତୀ-ବି. (ହସ୍ତିନ୍ଶବ୍ଦଜ) ହସ୍ତୀ ।
ହାନି-ବି. (ହା-ତି) କ୍ଷତି; ନାଶ ।
ହାୟ-ଅଂ. ଖେଦସୂଚକ ଶବ୍ଦ ।
ହାୟନ-ବି. ବର୍ଷ ।
ହାର-ବି ମୁକ୍ତାଦିର ମାଳା; ହରଣ ।
ହାରକ, ହାରୀ-ବିଂ. (ହୃ-ଅକ, ଇନ୍) ହରଣ-
ହାରିବା-କ୍ରି. ପରାଜିତ ହେବା । [କର୍ତ୍ତା ।

ହାର୍ଯ୍ୟ-ବିଂ. (ହୃ-ଯ) ହରଣଯୋଗ୍ୟ, ଗ୍ରହଣୀୟ ।
ହାଲୁକା-ବିଂ. ଲଘୁ ।
ହାବ-ବି. ସ୍ତ୍ରୀଲୋକର ଅଙ୍ଗଭଙ୍ଗୀବିଶେଷ ।
ହାବୁଡ଼ିବା-କ୍ରି. ହଠାତ୍ ଭେଟିବା; ଧକ୍କାଖାଇବ
ହାବେଲି-ବି. ବାଣବିଶେଷ । [ଉତ୍ସବବିଶେଷ ।
ହାସ, ହାସ୍ୟ-ବି. (ହସ୍-ଅ,ଯ) ହସ; କାବ୍ୟର
ହାହା-କାର-ବି. ଦୁଃଖରେ ହାହାଧ୍ୱନି ।
ହିଂସା-ବି. (ହିନସ୍-ଅ-ଆ) ପରର ଅନିଷ୍ଟ-ସାଧ-
ନେଚ୍ଛା । [ହିଂସ ଘାତୀ ।
ହିଂସ୍ର-ବିଂ. ( ହିନ୍ସ୍-ର ) ହିଂସକ, ହିଂସ୍ରକ,
ହିକ୍କା-ବି. ରୋଗଜନିତ ଢେକାର ।
ହିଙ୍ଗୁ-ବି. ହେଙ୍ଗୁ ।
ହିଙ୍ଗୁଳ-ବି. ହେଙ୍ଗୁଳ ।
ହିଞ୍ଜଳ-ବି. ହିଞ୍ଜଳଗଛ ।
ହିଡ଼-ବି. ବିଲର ସେଣ୍ଠ ବନ୍ଧ ।
ହିଣ୍ଡିର-ବି. ସମୁଦ୍ରାଦିର ଫେଣ ।
ହିତ-ବିଂ. ଉପକାରକ; ବି. ମଙ୍ଗଳ; ଉପକାର ।
ହିତୈଷଣା-ବି. ମଙ୍ଗଳସାଧନେଚ୍ଛା ।
ହିତୈଷୀ-ବିଂ. (ହିତ-ଇଷ୍-ଇନ୍) ମଙ୍ଗଳାକାଙ୍କ୍ଷୀ ।
ହିନ୍ତାଳ-ବି. ହେନ୍ତାଳଗଛ ।
ହିନ୍ଦୁ-ବି. ହିନ୍ଦୁଧର୍ମାବଲମ୍ବୀ ।
ହିନ୍ଦୋଳା-ବି. ଦୋଳା ।
ହିମ-ବି. ତୁଷାର; ବିଂ. ଶୀତଳ ।
ହିମାଂଶୁ-ବି. ଚନ୍ଦ୍ର ।
ହିମାଦ୍ରି-ବି. ହିମାଳୟ ପର୍ବତ ।
ହିମାନୀ-ବି. ହିମସଂହତି ।

ହିୟା-ବି. (ହୃଦୟ୍‌ଟଙ୍କ) ହୃଦୟ
ହିରଣ୍ମୟ-ବିଂ. (ହିରଣ୍ୟ-ମୟ) ସ୍ୱର୍ଣ୍ଣମୟ ।
ହିରଣ୍ୟ-ବି. ସ୍ୱର୍ଣ୍ଣ ।
ହିରଣ୍ୟ-ଗର୍ଭ-ବି. ବ୍ରହ୍ମା ।
ହିଲ୍ଲୋଳ-ବି. ତରଙ୍ଗ ।
ହିସାବ-ବି. (ପାର୍ଶୀ) ଅଙ୍କ-ଗଣନା ।
ହୀନ-ବିଂ. (ହା-ତ) ରହିତ; ଶୂନ୍ୟ; ଅଧମ ।
ହୀରକ-ବି. ହୀରା; ରତ୍ନବିଶେଷ ।
ହୁକୁମ-ବି. (ଆରବୀ) ଆଜ୍ଞା ।
ହୁଙ୍କା-ବି. ବଲ୍ମୀକ ।
ହୁଡ଼ିବା-କ୍ରି. ଭ୍ରମରେ ପଡ଼ିବା ।
ହୁଡ଼ୁମ୍ବ-ବି. ଚୂଡ଼ାଭଜା ।
ହୁଣ୍ଡା-ବିଂ. ନିର୍ବୋଧ ।
ହୁଣ୍ଡୀ-ବି. ଟଙ୍କାର ବଦଳ ଚିଠି ।
ହୁତାଶନ-ବି. (ହୁତ-ଅଶନ) ଅଗ୍ନି ।
ହୁଳହୁଳି-ବି. ମଙ୍ଗଳସୂଚକ ସ୍ତ୍ରୀଲୋକଙ୍କ ମୁଖଶବ୍ଦ ।
ହୂତ-ବିଂ. (ହ୍ୱେ-ତ) ଆହୂତ ।
ହୃତ୍‌-ବି. ହୃଦୟ ।
ହୃତ-ବିଂ. (ହୃ-ତ) ଅପହୃତ ।
ହୃଦୟ-ଗ୍ରାହୀ-ବିଂ. ଚିତ୍ତାକର୍ଷକ ।
ହୃଦୟଙ୍ଗମ-ବିଂ. ହୃଦ୍‌ଗତ, ମନୋଗତ ।
ହୃଦ୍ୟ-ବିଂ. (ହୃଦ୍‌-ଯ) ହୃଦୟଗ୍ରାହୀ ।
ହୃଷୀକ-ବି. ଜ୍ଞାନେନ୍ଦ୍ରିୟ ।
ହୃଷୀକେଶ-ବି. (ହୃଷୀକ-ଈଶ) କୃଷ୍ଣ ।
ହୃଷ୍ଟ-ବିଂ. (ହୃଷ୍‌ ତ) ଆହ୍ଲାଦିତ ।
ହେ-ଅଂ. ସମ୍ବୋଧନଶବ୍ଦ ।
ହେଜିବା-କ୍ରି. ସ୍ମରଣ କରିବା; ଭାଳିବା ।
ହେଠା-ବି. ଗର୍ଭଆବାସ ।
ହେଡ଼ା-ବି. ହାଡ଼ଯୁକ୍ତ ମାଂସ ।
ହେତୁ-ବି. କାରଣ; ମୂଳ; ପ୍ରୟୋଜନ; ଯୁକ୍ତି ।
ହେମ-ବି. ସ୍ୱର୍ଣ୍ଣ ।
ହେମନ୍ତ-ବି. ହିମଋତୁ (କାର୍ତ୍ତିକ ଓ ମାର୍ଗଶିର- [ମାସ) ।
ହେୟ-ବିଂ. ତୁଚ୍ଛ, ତ୍ୟାଜ୍ୟ ।
ହେରିକା-ବି. ପ୍ରଚ୍ଛନ୍ନ ।
ହେଳା-ବି. (ହେଳ୍‌-ଅ-ଆ) ଅବହେଳା, [ଅବଜ୍ଞା
ହୈମ-ବିଂ. ହିମ-ସମ୍ବନ୍ଧୀୟ; ସ୍ୱର୍ଣ୍ଣ-ସମ୍ବନ୍ଧୀୟ ।
ହୈମବତୀ-ବି. (ହିମବତ୍‌ ଅ-ଈ) ପାର୍ବତୀ ।
ହୋତା-ବି. (ହୁ-ତୃ) ଯଜ୍ଞକର୍ତ୍ତା ।
ହୋତ୍ର-ବି. (ହୁ-ତ୍ର) ହୋମ, ଯାଗ ।
ହୋମ-ବି. (ହୁ-ମ) ମନ୍ତ୍ରପାଠପୂର୍ବକ ଅଗ୍ନିରେ ଘୃତକ୍ଷେପ ।
ହୋରା-ବି. ଏକଘଣ୍ଟାକାଳ ।
ହ୍ରଦ-ବି. ଅଳ୍ପବିସ୍ତୃତ ବୃହତ ଜଳାଶୟ ।
ହ୍ରସ୍ୱ-ବିଂ. (ହ୍ରସ୍‌-ବ) କ୍ଷୁଦ୍ର, ଲଘୁ ।
ହ୍ରାସ-ବି. (ହ୍ରସ୍‌-ଅ) କ୍ଷୟ ।
ହ୍ରୀ-ବି. ଲଜ୍ଜା ।
ହ୍ରେଷା-ବି. ଅଶ୍ୱଧ୍ୱନି ।
ହ୍ଲାଦିନୀ-ବିଂ. ଆହ୍ଲାଦଦାୟିନୀ ।

ORISSA MISSION PRESS,—S. F. ROBINSON, SUPT.